'oaob.nitrkl.ac.in' images reprocessed

ଶ୍ରୀମା

ଜନ୍ମଗ୍ରହଣ

ଫେବୃଆରୀ ୨୧, ୧୮୭୮

ଭାରତବର୍ଷରେ ପଦାର୍ପଣ

ମାର୍ଚ୍ଚ ୨୯, ୧୯୧୪

ମହାପ୍ରୟାଣ

ନଭେମ୍ବର ୧୭, ୧୯୭୩

ଜନ୍ମଶତବାର୍ଷିକୀ

ଫେବୃଆରୀ ୧୯୭୮

'oaob.nitrkl.ac.in' images reprocessed



ମାତୃ-ରଚନାବଳୀ

ଦ୍ୱିତୀୟ ଖଣ୍ଡ

ବହୁପୂର୍ବର କଥା

'oaob.nitrkl.ac.in' images reprocessed

ମାତୃରଚନାବଳୀ : ଦ୍ୱିତୀୟଖଣ୍ଡ

ଶ୍ରୀମା'ଙ୍କ "Words of Long Ago" ଗ୍ରନ୍ଥର ଓଡ଼ିଆ ଅନୁବାଦ

ଅନୁବାଦ :

ଶ୍ରୀ ଚିତ୍ତରଞ୍ଜନ ଦାସ

ପ୍ରଥମ ମୁଦ୍ରଣ : ୧୫ ଅଗଷ୍ଟ ୧୯୯୧

ସର୍ବସ୍ୱତ୍ୱ ସଂରକ୍ଷିତ

© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ପଣ୍ଡିଚେରୀ-୬୦୫୦୦୨

ପ୍ରକାଶକ :

ନବଜ୍ୟୋତି କାର୍ଯ୍ୟାଳୟ, ପ୍ରକାଶନ ବିଭାଗ

ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୬୦୫୦୦୨

Printed at Navajyoti Press, Sri Aurobindo Ashram,
Pondicherry-605002, India.

'oaob.nitrkl.ac.in' images reprocessed

ପ୍ରକାଶକଙ୍କ ଟିପ୍‌ପଣୀ

ରଚନାବଳୀର ଏହି ଖଣ୍ଡଟିରେ କେବଳ ପ୍ରାର୍ଥନା ଓ ଧ୍ୟାନମାଳାକୁ ଛାଡ଼ିଦେଲେ ୧୯୭୦ ମସିହା ପୂର୍ବରୁ ମାଆଙ୍କର ଲିଖିତ ସମସ୍ତ ରଚନାକୁ ସଂଗୃହୀତ କରାଯାଇଛି । ୧୯୨୦ରେହିଁ ମାଆ ସ୍ଥାୟୀଭାବରେ ପଣ୍ଡିଚେରୀରେ ରହିବାକୁ ଆସିଥିଲେ । ଏହି ଖଣ୍ଡଟିକୁ ସାତ ଭାଗରେ ବିଭକ୍ତ କରାଯାଇଛି, ବିଷୟବସ୍ତୁର ପ୍ରକୃତି ଓ ତାରିଖ ଅନୁସାରେ ଏହି ବିଭାଜନଟି କରାଯାଇଛି ।

ପ୍ରଥମ ଦୁଇ ଭାଗରେ, ସର୍ବପ୍ରଥମେ ୧୯୪୬ରେ ପ୍ରକାଶିତ ହୋଇଥିବା ମାଆଙ୍କର ପ୍ରଥମକାଳୀନ ଲେଖାଗୁଡ଼ିକର ଏକ ଚୟନ ବହୁପୂର୍ବର କଥାର ସମୁଦାୟ ଅଂଶଟିକୁ ଅନ୍ତର୍ଭୁକ୍ତ କରାଯାଇଛି । ସେହି ବର୍ଷ Paroles d' autre-fois ନାମରେ ଯେଉଁ ଫରାସୀ ପୁସ୍ତକଟି ପ୍ରକାଶିତ ହୋଇଥିଲା, ବହୁ ପୂର୍ବର କଥା ହେଉଛି ତାହାର ଇଂରାଜୀ ଅନୁବାଦ । ଫରାସୀ ପୁସ୍ତକଟି ୧୯୫୫ରେ ପୁନଃମୁଦ୍ରିତ ହୋଇଥିଲା ଏବଂ ୧୯୫୬ ଓ ୧୯୭୪ରେ ଇଂରାଜୀ ଅନୁବାଦଟିର ମଧ୍ୟ ପୁନଃମୁଦ୍ରଣ ହୋଇଥିଲା । ବର୍ତ୍ତମାନର ସଂସ୍କରଣଟିରେ ପ୍ରଥମ ଭାଗର ବିଷୟଗୁଡ଼ିକୁ ତାରିଖ ଅନୁସାରେ ପୁନର୍ବାର ସଜାଇ ଦିଆଯାଇଛି । Conte saphirinର ଏକ ସଂଶୋଧିତ ଇଂରାଜୀ ଅନୁବାଦ (A Saphire Tale)କୁ ସେଥିରେ ଆଣି ମିଶାଇ ଦିଆଯାଇଛି । ଏହି ଗଳ୍ପଟିର ମୂଳ ଏବଂ ଅନୁବାଦ ସର୍ବପ୍ରଥମେ ୧୯୫୭ ମସିହା ଫେବୃଆରୀ ମାସରେ ମାସିକ ପତ୍ରିକା Mother Indiaରେ ବାହାରିଥିଲା । ସେତେବେଳେ ମାଆ ପତ୍ରିକାଟିର ସମ୍ପାଦକଙ୍କୁ ମନ୍ତବ୍ୟ ପ୍ରକାଶ କରି କହିଥିଲେ ଯେ ସେହି ଗଳ୍ପଟିରେ "ଅଧିମାନସ ସୃଷ୍ଟିର ଆଦର୍ଶ"ଟିକୁହିଁ ଅଭିବ୍ୟକ୍ତ କରାଯାଇଛି । ପ୍ରଥମ ଖଣ୍ଡରେ ଆଉ ଗୋଟିଏ ଅଧିକା ବିଷୟ ମଧ୍ୟ ରହିଛି : "ଭାବନା ସମ୍ବନ୍ଧରେ" ବିଷୟଟି ସହିତ ସମ୍ବନ୍ଧିତ ଏକ ଅପ୍ରକାଶିତ ଟିପ୍ପଣୀକୁ ସେହି ପ୍ରବଚନଟି ସହିତ ଆଣି ଗୁନ୍ଥି ଦିଆଯାଇଛି । ୧୯୧୨ ମସିହାରେ "ଏକ କ୍ଷୁଦ୍ର ସାଧକଗୋଷ୍ଠୀ"ଙ୍କର ବୈଠକଗୁଡ଼ିକ ଲାଗି ମାଆ ଲେଖିଥିବା ପ୍ରବନ୍ଧଗୁଡ଼ିକୁ ଦ୍ୱିତୀୟ ଭାଗରେ ଆଣି ରଖାଯାଇଛି । ଏହି ଭାଗର ପ୍ରଥମ ପ୍ରବନ୍ଧଟି (ମଇ ୭,୧୯୧୨) ପ୍ରଥମେ ଫରାସୀ ଭାଷାରେ Quelques paroles, quelques prières (୧୯୩୧) ନାମରେ ପ୍ରକାଶିତ ହୋଇଥିଲା । ଏବଂ, ଇଂରାଜୀ ଅନୁବାଦରେ Words of the Motherର ୧୯୪୦ ସଂସ୍କରଣର (ଯାହା ପରେ Conversations ନାମରେ ପ୍ରକାଶିତ ହେଲା) ମୁଖବନ୍ଧ ରୂପେ ପ୍ରକାଶିତ ହୋଇଥିଲା । ସେହି ପ୍ରବନ୍ଧଟିକୁ ପ୍ରସ୍ତୁତ ସଂସ୍କରଣଟିରେ ତାହାର ପୂର୍ବର ସେହି ସ୍ଥାନରେ ଆଣି ରଖା-ଯାଇଛି । ମଇ ୭, ୧୯୧୨ରେ ହୋଇଥିବା ବୈଠକର ପ୍ରଶ୍ନଟି ବର୍ତ୍ତମାନର

'oaob.nitrkl.ac.in' images reprocessed

ସଂସ୍କରଣରେ ପ୍ରଥମ ଥର ପାଇଁ ପ୍ରକାଶିତ ହୋଇଛି ଏବଂ ସେଇଟିକୁ ମାଆଙ୍କର ହସ୍ତଲିଖିତ ପାଣ୍ଡୁଲିପିରୁ ଗ୍ରହଣ କରାଯାଇଛି । ପ୍ରଥମ ଓ ଦ୍ୱିତୀୟ ଭାଗର ଅନୁବାଦଗୁଡ଼ିକୁ ଏହି ସଂସ୍କରଣଟି ସକାଶେ ପୁରାପୁରି ସଂଶୋଧିତ କରିଦିଆଯାଇଛି ।

୧୯୧୧ ଏବଂ ୧୯୧୩ ମଧ୍ୟରେ ମାଆ ପାରିସ୍‌ର ବିଭିନ୍ନ ଗୋଷ୍ଠୀରେ ବହୁ ସଂଖ୍ୟକ ପ୍ରବଚନ ଦେଇଥିଲେ । ଏଥିମଧ୍ୟରୁ ଦୁଇଟି, "ଭାବନା ବିଷୟରେ" ଓ "ସ୍ୱପ୍ନ ବିଷୟରେ", ପ୍ରସ୍ତୁତ ଗ୍ରନ୍ଥଟିର ପ୍ରଥମ ଭାଗରେ ପ୍ରକାଶିତ ହୋଇଛି । ଆଗରୁ ତାହା ଫରାସୀ paroles d' autrefois (୧୯୪୬) ଏବଂ ଇଂରାଜୀ Words of Long Ago (୧୯୪୬)ରେ ପ୍ରକାଶ ପାଇଥିଲା । ଆଉ କେତୋଟି ପ୍ରବଚନ ମାଆଙ୍କର ଜୀବଦ୍ଦଶାରେ ଫରାସୀ ବା ଇଂରାଜୀ କୌଣସି ଭାଷାରେ କେବେ ପ୍ରକାଶ ପାଇ ନଥିଲା; ଏହି ଗ୍ରନ୍ଥର ତୃତୀୟ ଭାଗ ରୂପେ ତାହା ସର୍ବପ୍ରଥମ ଥର ସକାଶେ ଇଂରାଜୀ ଭାଷାରେ ଅନୂଦିତ ହୋଇ ପ୍ରକାଶ ପାଉଛି । ମାଆ ଅନେକ ସମୟରେ ବିଭିନ୍ନ ଗୋଷ୍ଠୀ ଆଗରେ ସେହି ଗୋଟିଏ ପ୍ରବଚନକୁ ଦେଇଛନ୍ତି, ଅବଶ୍ୟ ସେଥିରେ ସେ କେତେକ ଆବଶ୍ୟକ ମିଶ୍ରଣ ଓ ପରିବର୍ତ୍ତନ ମଧ୍ୟ କରିଛନ୍ତି । ଯେଉଁଠି ସେଗୁଡ଼ିକର ଏକ ବିଶେଷ ତାତ୍ପର୍ଯ୍ୟ ରହିଛି ଓ କେବଳ ପୁନରାବୃତ୍ତି କରାହୋଇ ନାହିଁ ସେଗୁଡ଼ିକୁ ଏହି ପୁସ୍ତକରେ ପାଦଟିପ୍ପଣୀ ରୂପେ ରଖାଯାଇଛି । ମାଆଙ୍କର ପ୍ରବଚନଗୁଡ଼ିକ ସହିତ ସମ୍ବନ୍ଧ ରଖୁଥିବା ଗୋଟିଏ ଟିପ୍ପଣୀ ତାଙ୍କର ପାଣ୍ଡୁଲିପିଗୁଡ଼ିକ ଭିତରୁ ଏବେ ଆମକୁ ମିଳିଛି; ସେହି ଟିପ୍ପଣୀଟିର ଏକ ଅନୁବାଦ ଏହି ଭାଗଟିର ଅନ୍ୟାନ୍ୟ ଅଂଶଗୁଡ଼ିକର ପୂର୍ବରୁ ପ୍ରକାଶିତ କରିଦିଆଯାଇଛି ।

ପ୍ରାର୍ଥନା ଓ ଧ୍ୟାନମାଳାର ସମାନଧର୍ମୀ କେତେକ ରଚନା ଚତୁର୍ଥ ଭାଗରେ ରହିଛି, ଏଗୁଡ଼ିକ ଆଗରୁ କେବେ ପ୍ରକାଶିତ ହୋଇ ନଥିଲା । ଏଥିରୁ କେତେକଟିରେ ଆଗରୁ ତାରିଖ ଦିଆ ହୋଇଥିଲା ବା ସେଗୁଡ଼ିକର ତାରିଖକୁ ସହଜରେ ନିର୍ଦ୍ଧିଷ୍ଟ କରାଯାଇ ପାରିବ । ବାକିଗୁଡ଼ିକ ଯେ ୧୯୨୦ ପୂର୍ବରୁ ଲେଖାଯାଇଛି, ତାହା ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଛି । ସବୁଗୁଡ଼ିକୁ ଫରାସୀ ଭାଷାରୁହିଁ ଅନୁବାଦ କରାଯାଇଛି ।

ମାଆ "ଟିପ୍ପଣୀ ଓ ବିଚାର" ବୋଲି ଶୀର୍ଷକ ଦେଇଥିବା କେତେକ କ୍ଷୁଦ୍ର ପ୍ରବନ୍ଧ ଓ ଟିପ୍ପଣୀ ଏବେ ଆମର ଗୋଚରକୁ ଆସିଛି । ଏଗୁଡ଼ିକର ଇଂରାଜୀ ଅନୁବାଦ କରାଯାଇ ସମ୍ପୃକ୍ତ ଆଉ କେତୋଟି ଲେଖାକୁ ସେଥିରେ ଗୁନ୍ଥି ସେଗୁଡ଼ିକୁ ଠିକ୍ ସେହି ଶୀର୍ଷକରେହିଁ ଏଠାରେ ପଞ୍ଚମ ଭାଗରେ ସନ୍ନିବେଶିତ କରାଯାଇଛି ।

ଷଷ୍ଠ ଭାଗରେ ରହିଥିବା ପତ୍ର ଏବଂ ପ୍ରବନ୍ଧାଦି ୧୯୧୬ ଏବଂ ୧୯୨୦ ମଧ୍ୟରେ ଜାପାନରେ ଲିଖିତ ହୋଇଥିଲା । ପ୍ରଥମେ ଫରାସୀ ଭାଷାରେ ଲିଖିତ "ନାସ୍ତିକାତ

'oaob.nitrkl.ac.in' images reprocessed

ଓ ଯୁଦ୍ଧ" ଶୀର୍ଷକ ବକ୍ତୃତାଟି ୧୯୧୬ ମସିହା ଜୁଲାଇ ୭ ତାରିଖରେ ଏକ ଜାପାନୀ ପତ୍ରିକା ଫୁକୋଓଶିମ୍ପୁନ୍‌ରେ ଅନୂଦିତ ହୋଇ ପ୍ରକାଶ ପାଇଥିଲା ଓ ମାଆ ସେଇଟିକୁ ଦେଖି ସଂଶୋଧନ କରି ଦେଇଥିଲେ।" "ସ୍ତ୍ରୀ ଓ ପୁରୁଷ" ବକ୍ତୃତାଟି ପ୍ରାୟ ସେହି ସମୟରେ ଫରାସୀ ଭାଷାରେ ଲେଖା ହୋଇଥିଲା; ସେଇଟିକୁ ମାଆ ନିଜେ ଇଂରାଜୀରେ ଅନୁବାଦ କରିଥିଲେ। ମାତ୍ର ସେଇଟି କେବେ ପ୍ରକାଶିତ ହୋଇ ନଥିଲା; "ପ୍ରଣତି-ଜ୍ଞାପନ" ବକ୍ତୃତାଟି ମଧ୍ୟ ପ୍ରଥମେ ଫରାସୀ ଭାଷାରେ ଲେଖା ହୋଇ ପରେ ଇଂରାଜୀରେ ଅନୁବାଦ କରାଯାଇଛି ବୋଲି ବୋଧ ହେଉଛି; ସମ୍ଭବତଃ ମାଆ ନିଜେ ଏହି ଅନୁବାଦ କରିଛନ୍ତି। ଏହି ଭାଗର ଅନ୍ୟ ବକ୍ତୃତାଗୁଡ଼ିକ ପ୍ରଥମେ ଇଂରାଜୀରେ ଲେଖା ହୋଇଥିବା ପରି ମନେ ହେଉଛି। ଏଗୁଡ଼ିକୁ ଆମେ ମାଆଙ୍କର ସର୍ବପ୍ରଥମ ଇଂରାଜୀ ଲେଖାଗୁଡ଼ିକ ମଧ୍ୟରୁ କେତୋଟି ବୋଲି କହିପାରିବା। ୧୯୧୭ ଜୁଲାଇ ନଅ ତାରିଖର "ଜାପାନର ଅନୁଭୂତି" ବକ୍ତୃତାଟି ଆକାବୃଗଠାରେ କଥିତ ହୋଇଥିଲା। ୧୯୧୮ ମସିହା ଜାନୁଆରୀ ସଂଖ୍ୟା Modern Review (କଲିକତା) ପତ୍ରିକାରେ ତାହା ସର୍ବପ୍ରଥମେ ପ୍ରକାଶିତ ହେଲା ଓ ଏଠାରେ ସେଇଟିକୁ ଅବିକଳ ଠିକ୍ ସେହି ଆକାରରେ ପ୍ରକାଶ କରାଯାଇଛି। "ଜାପାନର ଅନୁଭୂତି" ଲେଖା ହେବାର ଅଳ୍ପଦିନ ପରେ ଗୋଟିଏ ଅସମ୍ପୂର୍ଣ୍ଣ ଚିଠି "ଜାପାନର ପିଲା" ଲେଖା ହୋଇଥିଲା। "ଜାପାନର ନାରୀମାନଙ୍କୁ" ଲେଖାଟିର କୌଣସି ତାରିଖ ଲେଖା ହୋଇ ନାହିଁ। ଏହି ଲେଖାଟିର ଏକାଧିକ ପାଠ ରହିଛି ଏବଂ ଆମର ପ୍ରଧାନ ପ୍ରକରଣଟି ଲାଗି ସେଇଥିରୁ ଗୋଟିଏକୁ ବାଛି ନିଆଯାଇଛି। ଅନ୍ୟ ପାଠଗୁଡ଼ିକର ଅଂଶଗୁଡ଼ିକୁ ମଧ୍ୟ ଏଇଟି ସହିତ ଗୁନ୍ଥି ଦିଆଯାଇଛି। ୧୯୪୭ ମସିହାର Sri Aurobindo Circle Annualରେ ଏହି ପ୍ରବଚନଟିର କେତେକ ଅଂଶ "ପୃଥିବୀର ନାରୀଜାତି ପ୍ରତି" ଶୀର୍ଷକରେ ପ୍ରକାଶିତ ହୋଇଥିଲା। ସେହି ପ୍ରକାଶନଟି ସକାଶେ ମାଆ ସେଥିରେ ଯେଉଁ କେତୋଟି ସଂଶୋଧନ କରି ଦେଇଥିଲେ, ସେଗୁଡ଼ିକୁ ପ୍ରସ୍ତୁତ ପୁସ୍ତକଟିରେ ଆଣି ଅନ୍ତର୍ଭୁକ୍ତ କରାଯାଇଛି। ଏହି ପ୍ରବଚନର ଏକ ବୃହତ୍ତର ଅଂଶ ୧୯୬୭ ମସିହାରେ "ଜାପାନର ନାରୀମାନଙ୍କୁ ପ୍ରବଚନ" ଶୀର୍ଷକରେ ପ୍ରକାଶିତ ହୋଇଥିଲା। ତାହାକୁ ସର୍ବପ୍ରଥମ ଥର ପାଇଁ ଏହି ଗ୍ରନ୍ଥଟିରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ସେଥିରେ ଶ୍ରୀଅରବିନ୍ଦଙ୍କର ମାନବ-ଯୁଗଚକ୍ର ଓ ଯୋଗ ସମନ୍ୱୟ ପ୍ରଭୃତି ଗ୍ରନ୍ଥର ଉଦ୍ଧୃତିମାନ ମଧ୍ୟ ରହିଛି।

F. J. Gould ତାଙ୍କ Youth's Noble Path ବହିରେ ୧୯୧୧ରେ ପ୍ରକାଶିତ କରିଥିବା ଗଳ୍ପଗୁଡ଼ିକରୁ ମାଆ ଜାପାନରେ ଥିବା ସମୟରେ କେତୋଟିର ଅନୁବାଦ କରିଥିଲେ ଓ ସେଗୁଡ଼ିକର ପାଠରେ କିଛିକିଛି ପରିବର୍ତ୍ତନ ମଧ୍ୟ କରିଥିଲେ।

'oaob.nitrkl.ac.in' images reprocessed

ପ୍ରଥମେ ଫରାସୀ ଭାଷାରେ ଲେଖା ହୋଇଥିବା ମାଆଙ୍କର ଏହି ରଚନାଗୁଡ଼ିକ ୧୯୪୭ ମସିହାରେ Belles Histoires ନାମରେ ଏକ ପୁସ୍ତକରୂପେ ପ୍ରକାଶିତ ହୋଇଥିଲା । Tales Of All Times ନାମରେ ଏହାର ଏକ ଇଂରାଜୀ ଅନୁବାଦ ୧୯୫୧ ମସିହାରେ ବାହାରିଲା । ବର୍ତ୍ତମାନ ସଂସ୍କରଣର ସପ୍ତମ ଭାଗରେ ସେହି ଗଳ୍ପଗୁଡ଼ିକୁ ଆଣି ରଖିବା ପୂର୍ବରୁ ସେଗୁଡ଼ିକରେ ଆବଶ୍ୟକ ସଂଶୋଧନ କରି ଦିଆଯାଇଛି । ଏପର୍ଯ୍ୟନ୍ତ ଅପ୍ରକାଶିତ ରହିଥିବା କେତେକ କାହାଣୀକୁ ମଧ୍ୟ ଅନୁବାଦ କରାଯାଇଛି ଏବଂ ସେଗୁଡ଼ିକୁ ଏକ ପରିଶିଷ୍ଟ ରୂପେ ଯୋଡ଼ି ଦିଆଯାଇଛି । ଏଥିରେ ବିଭିନ୍ନ ସ୍ଥାନରେ ପାଦଟୀକାମାନଙ୍କରେ ପ୍ରଦତ୍ତ ହୋଇଥିବା ପୃଷ୍ଠାଙ୍କସବୁ ଇଂରେଜୀ ପୁସ୍ତକର ପୃଷ୍ଠାଙ୍କ ବୋଲି ବୁଝିବାକୁ ହେବ ।

'oaob.nitrkl.ac.in' images reprocessed

ସୂଚୀପତ୍ର

ପ୍ରଥମ ଭାଗ

‘ପରେ ଭଗବ’ର ବାଟ	୧
ସଦ୍‌ଗୁଣରସ୍ୟ	୮
ଏକ ନୀଳକାନ୍ତ କାହାଣୀ	୧୨
ନେତା	୨୧
ଦୁଃଖକୁ ସହ୍ୟ କରି ଜାଣିବା	୩୨
ଭାବନା ବିଷୟରେ	୩୫
ସ୍ୱପ୍ନ ବିଷୟରେ	୫୦
ସର୍ବଶ୍ରେଷ୍ଠ ଆବିଷ୍କାର	୬୩

ଦ୍ୱିତୀୟ ଭାଗ

ବୈଠକଗୁଡ଼ିକର ବିବରଣୀ

୭ ମଇ ୧୯୧୨	୭୭
୧୪ ମଇ ୧୯୧୨	୭୯
୨୧ ମଇ ୧୯୧୨	୮୪
୨୮ ମଇ ୧୯୧୨	୮୯
୪ ଜୁନ୍ ୧୯୧୨	୯୫
୧୧ ଜୁନ୍ ୧୯୧୨	୯୯
୧୮ ଜୁନ୍ ୧୯୧୨	୧୦୧
୨୫ ଜୁନ୍ ୧୯୧୨	୧୦୫
୨ ଜୁଲାଇ ୧୯୧୨	୧୦୭

ତୃତୀୟ ଭାଗ

ଯିଏ ଏସବୁ କଥା କହୁଛି	୧୧୪

'oaob.nitrkl.ac.in' images reprocessed

ସାଧନା ବିଷୟରେ—ଉପକ୍ରମଣିକା ୧୧୫
ସାଧନା ବିଷୟରେ—୨ ୧୧୬
ସାଧନା ବିଷୟରେ—୩ ୧୨୯
ସର୍ବପ୍ରଧାନ ସାଧନା ୧୪୬
ଦାନଶୀଳତା—ଉଦାରତା ୧୪୮
ଭିତରେ ଯେଉଁ ଭଗବାନ୍ ଅଛନ୍ତି ୧୬୧
ମାଆ ଓ ଅବଦୁଲ୍ ବାବା ୧୬୩

ଚତୁର୍ଥ ଭାଗ

ପ୍ରାର୍ଥନା ଓ ଧ୍ୟାନମାଳା ୧୭୬

ପଞ୍ଚମ ଭାଗ

ଟିପ୍ପଣୀ ଓ ଚିନ୍ତନ
ଈଶ୍ୱରଙ୍କ ଆଡ଼କୁ ଆରୋହଣ କରିବାର ରହସ୍ୟ ୧୮୮
ଦୁଇଟି ସମାନ୍ତର ଗତିପଥ ୧୯୩
ପରମ ଆଲୋକର ଅଭିମୁଖରେ ୧୯୬
ଢନୋଟି ସ୍ୱପ୍ନ ୧୯୮
ଯୁଦ୍ଧ ୨୦୬

ଷଷ୍ଠ ଭାଗ

ନାରୀସମାଜ ଓ ଯୁଦ୍ଧ ୨୧୪
ନାରୀ ଓ ପୁରୁଷ ୨୨୦
ଜାପାନର ଅନୁଭୂତି ୨୨୨
ଜାପାନର ପିଲା ୨୨୬
ଜାପାନର ନାରୀମାନଙ୍କୁ ୨୩୦
ପ୍ରଣତି-ଜ୍ଞାପନ ୨୪୯
ମୁଁ ଓ ମୋ'ର ଧର୍ମବିଶ୍ୱାସ ୨୫୧

'oaob.nitrkl.ac.in' images reprocessed

ସପ୍ତମ ଭାଗ

ସର୍ବକାଳର କାହାଣୀ

ଆତ୍ମନିୟନ୍ତ୍ରଣ	୨୫୪
ସାହସ	୨୬୩
ପ୍ରଫୁଲ୍ଲତା	୨୭୬
ଆତ୍ମନିର୍ଭରତା	୨୮୯
ଧୈର୍ଯ୍ୟ ଓ ଅଧ୍ୟବସାୟ	୨୮୮
ସରଳ ଜୀବନ	୨୯୫
ବିବେକିତା	୩୦୪
ନିଷ୍ଠା	୩୧୦
ସମ୍ୟକ୍ ଉତ୍ତର	୩୨୮
ଶୃଙ୍ଖଳା	୩୩୬
ଗଢ଼ିବା ଓ ଭାଙ୍ଗିବା	୩୪୪

ପରିଶିଷ୍ଟ

ଦାତା	୩୫୩
ଜ୍ଞାନ ଉପରେ ବିଜୟ	୩୫୯
ବିନୟ	୩୬୬
ପରିବାର	୩୭୯
ସହାନୁଭୂତି	୩୯୭

'oaob.nitrkl.ac.in' images reprocessed

ପ୍ରଥମ ଭାଗ

'oaob.nitrkl.ac.in' images reprocessed

ଶ୍ରୀମା — ଟୋକିଓ ୧୯୧୭

'oaob.nitrkl.ac.in' images reprocessed

'ପରେ କରିବ'ର ବାଟ

"'ପରେ କରିବ'ର ବାଟ ଏବଂ 'କାଲି କରିବ'ର ବାଟ ଆମକୁ କେବଳ 'ନିଷ୍ଫଳତାର ଦୁର୍ଗ'ଟି ମଧ୍ୟକୁ ବାଟଦେଖାଇ ନେଇ ଯାଇଥାଏ ।"

ରାସ୍ତାଟିର କଡ଼େ କଡ଼େ ଫୁଟିଥିବା ବହୁରଙ୍ଗର ଫୁଲଗୁଡ଼ିକ ଆଖିକୁ କେଡ଼େ ମନୋହର ଦେଖାଯାଉଛନ୍ତି । ଗଣ୍ଠିଆ ଗଣ୍ଠିଆ ଡାଳଥିବା ସାନସାନ ଗଛରେ ପାଚିଥିବା କୋଳିଗୁଡ଼ିକ କେଡ଼େ ସୁନ୍ଦର ନାଲିଟହଟହ ଦିଶୁଛନ୍ତି । ଏବଂ ଦୂର ଚକ୍ରବାଳ ତଳେ ପାଚିଲା ଶସ୍ୟକ୍ଷେତ ଉପରେ ସୂର୍ଯ୍ୟଦେବ ତାଙ୍କ ଉଜ୍ଜ୍ୱଳ କିରଣକୁ ବିଛାଇ ଦେବାରେ ଲାଗିଛନ୍ତି ।

ଜଣେ ତରୁଣ ବାଟୋଇ ସେହି ବାଟଟି ଦେଇ ତର ଭର ହୋଇ ଚାଲି ଯାଉଛି । ସକାଳର ଶୁଦ୍ଧ ପବନକୁ ନିଃଶ୍ୱାସ ଦ୍ୱାରା ଦେହ ଭିତରକୁ ଭରିନେବାକୁ ତାକୁ କେଡ଼େ ଆନନ୍ଦ ଲାଗୁଛି । ସିଏ ଖୁବ ଖୁସି ହୋଇ ବାଟ ଚାଲୁଥିବା ପରି ମନେ ହେଉଛି, ଭବିଷ୍ୟତ ବିଷୟରେ ତା' ମନରେ ଆଦୌ କୌଣସି ଚିନ୍ତା ବି ନ ଥିଲା ପରି ଲାଗୁଛି । ଏହିପରି ବାଟ ଚାଲୁ ଚାଲୁ ସିଏ ଗୋଟିଏ ଛକ ଜାଗାରେ ଆସି ପହଞ୍ଚିଲା, ସେହି ଛକ ଜାଗାରୁ ଅଗଣିତ ଅନେକ ବାଟ କେଉଁଠି କୁଆଡ଼େ ଚାଲିଯାଇ ଥିବାର ସେ ଦେଖିବାକୁ ପାଇଲା ।

ରାସ୍ତାଗୁଡ଼ିକ ଉପରେ କେତେ ମଣିଷଙ୍କର ଖୋଜ ପଡ଼ିଛି ; ଯିବାର ଖୋଜ ପଡ଼ିଛି, ପୁଣି ଆସିବାର ବି ଖୋଜ ପଡ଼ିଛି । ଆକାଶରେ ସୂର୍ଯ୍ୟ କେଡ଼େ ଉଜ୍ଜ୍ୱଳ ହୋଇ କିରଣ ଦେଉଛନ୍ତି । ଗଛ ଡାଳରେ କେତେକେତେ ଚଢ଼େଇ ଗୀତ ଗାଇବାରେ ଲାଗିଛନ୍ତି । ଆଜି ଦିନଯାକ ପାଗ ଭଲ ରହିବ ବୋଲି ପ୍ରତୀତ ହେଉଥାଏ । ବାଟୋଇଟି କିଛି ନ ଭାବି ତା'ର ଗୋଡ଼ର ସବୁଠାରୁ ପାଖରେ ଯେଉଁ ବାଟଟି ପଡ଼ିଥିଲା, ସେହି ବାଟଟିକୁ ଧରି ଚାଲିବାକୁ ଲାଗିଲା । ବାସ୍ତବବୁଦ୍ଧି ରହିଥିବା ଯେକୌଣସି ମଣିଷ ଠିକ୍ ତାହାହିଁ କରିଥାନ୍ତା । ଏହି ବାଟଟିରେ ନ ଯାଇ ତା'ର ଆଉଗୋଟିଏ ବାଟରେ ଯିବା ଉଚିତ ଥିଲା ବୋଲି ସିଏ କ୍ଷଣିକ ପାଇଁ ଟିକିଏ

'oaob.nitrkl.ac.in' images reprocessed

ଯାଉଥିଲା । କିନ୍ତୁ ସେଥିରେ ପୁଣି ଚିନ୍ତା କରିବାର କ'ଣ ଅଛି ? —ଏହି ବାଟଟି ଧରି ଯଦି ସିଏ କୌଣସି ଗନ୍ତବ୍ୟ ସ୍ଥଳରେ ଯାଇ ପହଞ୍ଚି ନ ପାରିବ, ତେବେ ଫେରିଆସି ପ୍ରକୃତ ବାଟଟିରେ ଯିବା ଲାଗି ତ ତା' ପାଖରେ ସବୁବେଳେ ସମୟ ରହିଥିବ ! ତା' ଭିତରୁ ସଙ୍କେତଯେପରି କିଏ କହୁଥିବାର ସିଏ ଶୁଣିବାକୁ ପାଇଲା, "ତୁ ଫେରି-ଯା', ତୁ ଫେରିଯା', ଏଇଟା ଠିକ୍ ବାଟ ନୁହେଁ ।" କିନ୍ତୁ ତା' ଚତୁର୍ଦ୍ଦିଗରେ ସବୁକିଛି ତା'ର ମନକୁ ଭାରି ଆକୃଷ୍ଟ କରି ନେଉଥାଏ, ତାକୁ କେତେ ଭଲ ଲାଗୁଥାଏ । ତେବେ ସିଏ ବର୍ତ୍ତମାନ କ'ଣ କରିବ ? ସିଏ କିଛି ଠିକ୍ କରି ପାରିଲା ନାହିଁ । ତେଣୁ କୌଣସି ନିଷ୍ପତ୍ତି ନ କରି ସିଏ ଯେଉଁ ବାଟରେ ଯାଉଥିଲା, ସେହି ବାଟଟିକୁ ଧରି ଯିବାକୁ ଲାଗିଲା । ସେହି ମୁହୂର୍ତ୍ତର ସବୁକିଛି ତାକୁ ମନୋରମ ମନେ ହେଉଥାଏ । ଭିତରରୁ ଶୁଣି ପାରିଥିବା ସେହି ବାଣୀଟି ଉଦ୍ଦେଶ୍ୟରେ ଉତ୍ତର ଦେଇ ବାଳକଟି କହିଲା, "ଏହି ବିଷୟରେ ଟିକିଏ ପରେ ଭାବିଲେ ବି ଚଳିବ । ଏକଥା ଭାବିବା ଲାଗି ମୋ ପାଖରେ ଯଥେଷ୍ଟ ସମୟ ରହିଛି ।" ତା' ଗୋଡ଼ପାଖରେ ବଢ଼ିଥିବା ଅନାବନା ଘାସଗୁଡ଼ାକ ବି ତା' କାନ ପାଖରେ ଫୁସ୍‌ଫୁସ୍ କଲାପରି 'ହଁ, ପରେ' ବୋଲି କହିବାକୁ ଲାଗିଲେ । ପରେ; ହଁ, ପରେ । ଏହି ସୁବାସିତ ଧୀର ପବନଟିକୁ ନିଃଶ୍ୱାସରେ ଗ୍ରହଣ କରିବାକୁ ପ୍ରକୃତରେ କେତେ ସୁଖଦାୟକ ମନେ ନ ହେଉଛି ! ତେଣେ ସୂର୍ଯ୍ୟ ଆପଣାର ଅଗ୍ନିରଶ୍ମିଗୁଡ଼ିକ ଦ୍ୱାରା ଚତୁର୍ଦ୍ଦିଗର ପବନକୁ କେତେ ଆନନ୍ଦଦାୟକ ଭାବରେ ଉଷ୍ମ କରି ରଖିଛି । ହଁ, ପରେ, ପରେ । ଏହିପରି ଭାବ ପଥିକଟି ଅଗ୍ରସର ହେବାରେ ଲାଗିଥାଏ । ରାସ୍ତାଟି କ୍ରମେ ଚଉଡ଼ା ହୋଇ ହୋଇ ଯାଉଛି । ଅନେକ ଦୂରରୁ ସଙ୍କେତଅବା କେତେ କେତେ ବର୍ଣ୍ଣ ତାକୁ ଉଦ୍ଦେଶ୍ୟ କରି କହିବାରେ ଲାଗିଛନ୍ତି, "ତୁ କୋଉଠିକି ଯିବାରେ ଲାଗିଛୁ କହିଲୁ ? ହଇରେ ନିର୍ବୋଧ, ଏବାଟରେ ଗଲେ ତୋର ଯେ ସବୁ ନଷ୍ଟ ହୋଇଯିବ, ସେକଥା କ'ଣ ତୁ ମୋଟେ ବୁଝିପାରୁ ନାହୁଁ ? ତୁ ତ ଜଣେ ତରୁଣ ମଣିଷ ; ତୁ ଆ', ଆମ ପାଖକୁ ଆ', ସୁନ୍ଦର ପାଖକୁ ଆ', ଶିବ ପାଖକୁ ଆ', ସତ୍ୟ ପାଖକୁ ଆ' । ତୋର ଅଳସପଣ ଏବଂ ଦୁର୍ବଳ ମନ ତୋତେ ଯେପରି ଭୁଲ୍ ବାଟରେ ପରିଚାଳିତ କରି ନେଇ ନ ଯାଆନ୍ତୁ ! ବର୍ତ୍ତମାନର ଜୋଡ଼ଟି ଉପରେ ଶୋଇ ନ ପଡ଼ି ତୁ ଭବିଷ୍ୟ ଆଡ଼କୁ ଚାଲ !" ଏହିସବୁ ଅଯାଚିତକର କଣ୍ଠକୁ ପଥିକଟି 'ପରେ, ପରେ' ବୋଲି ଜବାବ ଦେଉଥାଏ । ତା'ର ସେହି କଥାକୁ ଶୁଣି ଫୁଲଗୁଡ଼ିକ ମୁରୁକି ମୁରୁକି ହସୁଥାନ୍ତି ଏବଂ 'ପରେ, ପରେ' ବୋଲି ପ୍ରତିଧ୍ୱନି କରିବାରେ ଲାଗିଥାନ୍ତି । ରାସ୍ତା କ୍ରମେ ଅଧିକରୁ ଅଧିକ ଚଉଡ଼ା ହୋଇ ଯାଉଥାଏ । ସୂର୍ଯ୍ୟ ସେତେବେଳକୁ ଯାଇ ମୁଣ୍ଡ ଉପରେ ହେଲେଣି । ଦିନଟା ଭାରି ଉଜ୍ଜ୍ୱଳ ଦେଖାଯାଉଛି । ସାନ ରାସ୍ତାଟି କ୍ରମେ ଏକ ବଡ଼ ମାର୍ଗରେ ପରିଣତ ହୋଇ ଗଲାଣି ।

'oaob.nitrkl.ac.in' images reprocessed

‘ପରେ କରିବ’ର ବାଟ

ମାର୍ଗଟି ଧୂଳିର ରଙ୍ଗରେ ଧବଳ ହୋଇ ଦିଶୁଛି, ରାସ୍ତାର ଦୁଇପାଖରେ ଭୂର୍ଜ ଗଛଗୁଡ଼ିକର ଧାଡ଼ି ଲାଗିଛି । କେଉଁଠି ଗୋଟିଏ ଅଜଣାକଣ ସ୍ଥାନରୁ ସାନ ଝରଣାଟିଏ ବହି ଯାଉଥିବାର କୁଳୁକୁଳୁ ଶବ୍ଦ ଶୁଣାଯାଉଛି । କିନ୍ତୁ ବାଟୋଇଟି ବୃଥା ଖାଲି ଏଣେତେଣେ ଅନାଇବାରେ ଲାଗିଥାଏ । ଏହି ରାସ୍ତାଟି ଯେ ପ୍ରକୃତରେ କେଉଁଠି ଯାଇ ଶେଷ ହୋଇଛି, ସିଏ ସେହି କଥାଟିର ଆଦୌ କୌଣସି ଅନ୍ତ ପାଉ ନ ଥାଏ ।

ନିଜ ଭିତରର କୌଣସି ଏକ ନିଭୃତ ପ୍ରଦେଶରେ ତରୁଣ ପଥିକଟି ହଠାତ୍ ଏକ ଅସ୍ୱସ୍ତି ଅନୁଭବ କରିବାକୁ ଲାଗିଲା ଏବଂ ଚିତ୍କାର କରି କହିଲା, “ମୁଁ ଆସି କେଉଁଠି ପହଞ୍ଚିଲିଣି, କୁଆଡ଼କୁ ବା ଯାଉଛି ? ··· କିନ୍ତୁ ସେଥିରେ କ’ଣ ବା ଆସେ ଯାଏ ? ଏତେ ଭାବିବାରେ ବା କି ଲାଭ, ଏଇଟା ନ କରି ସେଇଟା କରିବାରେ ବି କି ଲାଭ ? ବର୍ତ୍ତମାନ ଚାଲ, ଏହି ଅଶେଷ ପଥଟିକୁ ଧରିକି ଆଗକୁ ଆଗକୁ ଚାଲିଯିବା, ଆଦୌ କିଛି ଭାବିବା ନାହିଁ । ଭାବିବା ସକାଶେ କାଲି ବି ତ କେତେ ସମୟ ମିଳିବ ।”

ସାନ ଗଛଗୁଡ଼ିକ କେତେବେଳୁ ଅଦୃଶ୍ୟ ହୋଇଗଲେଣି । ରାସ୍ତାର ଦୁଇ-କଡ଼ରେ ବଡ଼ ବଡ଼ ଓକ ଗଛର ଧାଡ଼ି ଲାଗିଛି । ରାସ୍ତାର ଦୁଇପାଖରେ ଦୁଇଟା ନାଳ । ପଥିକଟିକୁ ଆଦୌ କ୍ଳାନ୍ତ ଲାଗୁ ନ ଥାଏ, ସତେଯେପରି ଏକ ଉନ୍ମାଦ-ଅବସ୍ଥା ଭିତରେ ରହିଥିବା ପରି ସିଏ ଟାଣି ହୋଇ ଆଗକୁ ଚାଲିଯାଉଥାଏ ।

ନାଳ ଅଧିକ ଗଭୀର ହେଲା, ଓକ୍ ଗଛ ଯାଇ ରାସ୍ତାର ଦୁଇକଡ଼ରେ ଏଣିକି ଆଉ ଏକ ଜାତିର ଗଛ ଦେଖିବାକୁ ମିଳୁଥାଏ । ସୂର୍ଯ୍ୟ ବି ତାଳୁ ଉପରୁ ତଳକୁ ଖସିଲେ । ଏକାବେଳେକେ ସ୍ତବ୍ଧ ହୋଇ ଯାଇଥିଲା ପରି ପଥିକଟି ଚାରିଆଡ଼କୁ ଅନାଇ ଦେଖିଲା । ସିଏ ଦେଖିବାକୁ ପାଇଲା, କେତେକେତେ ମନୁଷ୍ୟମୂର୍ତ୍ତି ଗଡ଼ି ଗଡ଼ି ସେହି ଖାମଗଣ୍ଡି ନାଳଟି ଭିତରେ ଯାଇ ପଡ଼ିବାକୁ ଆରମ୍ଭ କରିଛନ୍ତି । ସେମାନେ ବିକଳ ହୋଇ ରାସ୍ତାକଡ଼ର ଗଛଗୁଡ଼ିକୁ ଜାବୁଡ଼ି ଧରି ବଞ୍ଚିଯିବାର ଚେଷ୍ଟା କରୁଛନ୍ତି । ସେମାନେ ଲଙ୍ଗଳା ହୋଇ ଠିଆ ହୋଇ ରହିଥିବା ପଥରଗୁଡ଼ାକୁ ଧରିବାକୁ ଚେଷ୍ଟା କରୁଛନ୍ତି । ଭୂଇଁ ଉପରେ ମାଡ଼ିକରି ରହିଥିବା ଗଛସିଅଗୁଡ଼ାକୁ ଧରି ବଞ୍ଚିବାକୁ ଚେଷ୍ଟା କରୁଛନ୍ତି । କେତେ ମଣିଷ ଉପରକୁ ଉଠି ଆସିବାର ପ୍ରବଳ ଚେଷ୍ଟା ବି କରୁଛନ୍ତି ; ମାତ୍ର, ଦାଢ଼ପାଖକୁ ଆସିବା ମାତ୍ରକେ ପୁଣି ସେମାନଙ୍କର ମୁଣ୍ଡ ପଛଆଡ଼କୁ ବୁଲିଯାଉଛି ଓ ସେମାନେ ଗଡ଼ଗଡ଼ା ଦେଇ ସେହି ନାଳ ଭିତରେ ଯାଇ ପଡ଼ୁଛନ୍ତି ।

'oaob.nitrkl.ac.in' images reprocessed

ସତେଅବା ଶୂନ୍ୟରୁ କେତେକେତେ କଣ୍ଠ ଏତେ ବଡ଼ ପାଟିରେ ପଥିକଟିକୁ ସତର୍କ କରଦେଇ କହୁଥାନ୍ତି, "ତୁମେ ଏହି ସ୍ଥାନରୁ ଶୀଘ୍ର ପଳାଇଯାଅ । ଯେଉଁ ଛକ ଜାଗାଟିରୁ ବାଟ ଛାଡ଼ି ଏଠାକୁ ଚାଲିଆସିଛ, ସେହି ସ୍ଥାନକୁ ଫେରଯାଅ । ବର୍ତ୍ତମାନ ମଧ୍ୟ ବେଳ ଅଛି ।" ପଥିକଟି କୁଣ୍ଠାପ୍ରକାଶ କଲା ଏବଂ ଉତ୍ତର ଦେଲା, "ସେକଥା କାଲି ହେବ ।" ଦାନ୍ତ ଭିତରକୁ ଗଳିଗଳି ଯାଇ ପଡ଼ିଥିବା ଶରୀରଗୁଡ଼ିକୁ ସେ ଯେପରି ଦେଖି ନ ପାରିବ, ସେଥିଲାଗି ସେ ନିଜ ମୁହଁ ଉପରେ ନିଜର ଦୁଇ ହାତକୁ ନେଇ ଘୋଡ଼ାଇ ରଖିଲା ଏବଂ ଆହୁରି ଆଗକୁ ଯିବା ସକାଶେ ସତେଅବା ଏକ ଅପ୍ରତିରୋଧ୍ୟ ଆବଶ୍ୟକତା ଅନୁଭବ କରୁଥିବା ଭଳି ସେହି ରାସ୍ତା ଉପରେ ଆଗକୁ ଆଗକୁ ଦଉଡ଼ିବାକୁ ଲାଗିଲା । ଆଗକୁ ପ୍ରକୃତରେ ବାଟ ରହିଛି କି ନାହିଁ, ଏବେ ସେ ବିଷୟରେ ଭାବିବାକୁ ମଧ୍ୟ ତା'ର ମନ ହେଉ ନ ଥାଏ । ତା'ର ଆଖିପତା କୁଞ୍ଚିତ ହୋଇ ଆସିଥାଏ, ଦେହ ଉପରର ବସନ ଭାରି ଅବିନ୍ୟସ୍ତ ହୋଇ ଯାଇଥାଏ, ସିଏ କେବଳ ଅତି ବ୍ୟାକୁଳ ଭାବରେ ଦଉଡ଼ିବାରେହିଁ ଲାଗିଥାଏ । ତା'ପରେ, ସେହି ଅଭିଶପ୍ତ ସ୍ଥାନଟି ପାଖରୁ ସିଏ ବର୍ତ୍ତମାନ ଅନେକ ଦୂରକୁ ଚାଲି ଆସିଲାଣି ବୋଲି ମନରେ ବୁଝିକରି ସେ ଆଖି ଫିଟାଇ ଚାରଆଡ଼କୁ ଅନାଇଲା ;— ଦେଖିଲା, ରାସ୍ତାକଡ଼ର ସେଇ ଗଛଗୁଡ଼ିକ ଆଉ ଦେଖିବାକୁ ମିଳୁ ନାହିଁ । ଚାରଆଡ଼େ ଖାଲି ଲଙ୍ଗଳା ପଥରଗୁଡ଼ିକ ଦୃଷ୍ଟିଗୋଚର ହେଉଛନ୍ତି, ରାସ୍ତା ଉପରେ ଖାଲି ଧୂସର ରଙ୍ଗର ଧୂଳି । ସୂର୍ଯ୍ୟ ଅସ୍ତ ହୋଇ ଚକ୍ରବାଳର ସେପାଖରେ ଅଦୃଶ୍ୟ ହୋଇ ଗଲେଣି । ରାତି ଆସିଲା ବୋଲି ଜାଣ । ରାସ୍ତାଟି ଆସି ଗୋଟାଏ ଅସରନ୍ତି ମରୁଭୂମି ଭିତରେ ଏପରି କୁଆଡ଼େ ହଜିଯାଇଛି ଯେ ଆଗକୁ ଆଉ କିଛି ବାରି ହେଉ ନାହିଁ । ଦୀର୍ଘ ଧାବନରେ ଅବଶ ଓ ଅତ୍ୟାକୁଳ ହୋଇ ପଡ଼ିଥିବା ସେହି ପଥିକ ଏଥର ଟିକିଏ ଅଟକି ଠିଆହେବାକୁ ମନ କଲା । କିନ୍ତୁ ଅଟକିବାକୁ ବେଳ କାହିଁ ? ତା'କୁ ଚାଲିଯିବାକୁହିଁ ପଡ଼ିବ । ତା'ର ଚତୁର୍ଦ୍ଦିଗରେ ସିଏ କେବଳ ଧ୍ୱଂସଗୁଡ଼ାକୁହିଁ ଦେଖିବାକୁ ପାଉଥାଏ । କୁଆଡ଼ୁ କେତେକେତେ ବିକଳ ଓ ଅବଦମିତ ଆର୍ତ୍ତନାଦମାନ ଶୁଣିବାକୁ ମିଳୁଥାଏ । ଝୁଙ୍କି ତଳକୁ ଅନାଇ ଦେଲା ବେଳକୁ ସେ କେବଳ କଙ୍କାଳଗୁଡ଼ାଏ ପଡ଼ିଥିବାର ଦେଖି ପାରୁଥାଏ । ଦୂରରେ ଘୋଟି ରହିଥିବା ଘନ କୁହୁଡ଼ି କେତେ ଭୟାନକ ରୂପାକୃତିମାନ ଧାରଣ କରିବାରେ ଲାଗିଥାଏ । କଳାରଙ୍ଗର କେତେ କେତେ ଆକାର ଆବିର୍ଭୂତ ହେବାରେ ଲାଗିଥାନ୍ତି । ସେଗୁଡ଼ାକୁ ଦେଖି ସତେଅବା ବିରାଟ ଓ କଦାକୃତ ହୋଇ କ'ଣ ଗୋଟାଏ ପରି ମନେ ହେଉଥାଏ । ଆଗରେ କେଉଁଠି ଗୋଟିଏ ଲକ୍ଷ୍ୟସ୍ଥଳ ଅଛି ବୋଲି ଅନୁମାନ କରି ପଥିକ ଏଥର ଆଉ ନ ଚାଲି ବିକଳ ହୋଇ ସତେଅବା ଉଡ଼ିଯିବାରେ ଲାଗିଥାଏ । କିନ୍ତୁ ସେହି ଲକ୍ଷ୍ୟ ସ୍ଥଳଟି ମଧ୍ୟ ତା'ପାଖରୁ ସତେଅବା

'oaob.nitrkl.ac.in' images reprocessed

ଆହୁରି ଦୂରକୁ ଦୂରକୁ ଚାଲିଯାଉଥିବା ପରି ବି ଲାଗୁଥାଏ । ବୀଭତ୍ସ ଚିତ୍କାରମାନ ସତେଅବା ତା'ର ଗତିପଥଟିକୁ ନିର୍ଣ୍ଣିତ କରି ଦେଉଥା'ନ୍ତି । ତା' ଦେହ ଉପରେ କେତେକେତେ ଅଶରୀରୀ ମୂର୍ତ୍ତି ସତେଅବା ଘଷିହୋଇ ଚାଲି ଯା'ଉଥାନ୍ତି ।

ଏମିତି କେତେ ବାଟ ଧାଇଁଲା ପରେ ସିଏ ଆପଣା ଆଗରେ ଏକ ଭୀମ ଅଟ୍ଟାଳିକା ଦେଖିବାକୁ ପାଇଥିଲା । ଅଟ୍ଟାଳିକାଟି ତା' ଆଡ଼କୁ ଏତେବଡ଼ ଆଁ କରି ଅନାଇଥାଏ, ତା' ଭିତରଟା ଖାଲି ଅତ୍ୟନ୍ତ ଭୟଙ୍କର ଭାବରେ ଅନ୍ଧାରୁଆ ହୋଇ ଦିଶୁଥାଏ । ତାହା ସତେଅବା ଏପରି ଏକ ନିର୍ଜନ ଦୁର୍ଗପରି ଦେଖାଯାଉଥାଏ, ଯାହାକୁ ଦେଖିଲେ କି ଭୟରେ 'ଏହି ଦୁର୍ଗ ଭିତରେ ଭୂତ ଅଛନ୍ତି' ବୋଲି କହିବାକୁ ମନ ହେବ । ମାତ୍ର ଆମ ତରୁଣ ପଥିକଟି ସେହି ଭୟଙ୍କରତାଟି ଆଡ଼କୁ ଆଦୌ କୌଣସି ଦୃଷ୍ଟିପାତ କଲା ନାହିଁ, ସେହି ବିଶାଳ କଳାକଳା ପାଚେରିଗୁଡ଼ାକ ତା'ର ମନ ଉପରେ ଆଦୌ କୌଣସି ଭାବନାର ଉଦ୍ରେକ କଲା ନାହିଁ । ଧୂଳିପୂର୍ଣ୍ଣ ସେହି ଭୂମି ଉପରେ ଠିଆହୋଇ ଏହିସବୁ ଅନ୍ଧକାରମୟ ଦୁର୍ଗଶିଖର ଆଡ଼କୁ ଅନାଇ ସିଏ ପ୍ରାୟ ମୋଟେ କୌଣସି ପ୍ରକାରେ ଭୟଭୀତ ହୋଇ ପଡ଼ି ନ ଥିଲା । ସିଏ କେବଳ ଏତିକି ଭାବୁଥିଲା ଯେ ସିଏ ବର୍ତ୍ତମାନ ତା'ର ଲକ୍ଷ୍ୟସ୍ଥଳରେ ଆସି ପହଞ୍ଚି ଗଲାଣି, ଏବଂ ସେହି ଭାବନା ତା'ର ସମସ୍ତ କ୍ଳାନ୍ତି ଏବଂ ଅବସାଦକୁ ଦୂର କରି ଦେଉଥିଲା । ଦୁଇଟିର ସମୀପବର୍ତ୍ତୀ ହୋଇ ସିଏ ଯାଇ ଗୋଟିଏ କାନ୍ଥ ଦେହରେ ବାଡ଼େଇ ହୋଇଗଲା ଏବଂ ସେହି ଧକ୍କାରେ କାନ୍ଥଟି ଦୁଲ୍‌କରି ତଳେ ଭୁଷୁଡ଼ି ପଡ଼ିଗଲା । ତତ୍‌କ୍ଷଣାତ୍ ତା' ଚାରିପାଖରେ ଥିବା ସବୁକିଛୁ ଦୁଲ୍‌ଦାଲ୍ ଭୁଷୁଡ଼ି ପଡ଼ି ଧୂଳିସାତ୍ ହୋଇଗଲେ ; ସେହି ଦୁର୍ଗଶିଖର, ଦୁର୍ଗପ୍ରାଚୀର ଏବଂ କାନ୍ଥଗୁଡ଼ିକ ଭାଙ୍ଗି କୁଆଡ଼େ ଅଦୃଶ୍ୟ ହୋଇଗଲେ । ସବୁକିଛୁ ଧୂଳିସାତ୍ ହୋଇଗଲା ଏବଂ ଆଗରୁ ଭୂମିକୁ ଆଚ୍ଛାଦିତ କରି ରଖିଥିବା ଧୂଳି ସହିତ ଏକାକାର ହୋଇଗଲା ।

ପେଚା, କାଉ ଓ ବାଦୁଡ଼ିଗୁଡ଼ାକ ଫଡ଼ଫଡ଼ ହୋଇ ଚାରିଆଡ଼କୁ ଉଡ଼ି ଯାଉଥାନ୍ତି, ଭୀମ ଚିତ୍କାର କରି ବାରମ୍ବାର ସେହି ପଥିକଟିର ମୁଣ୍ଡ ଉପରେ ବୃତ୍ତ କାଟି ବୁଲିବାରେ ଲାଗିଥାନ୍ତି । ପଥିକଟି ସ୍ତବ୍ଧ, ଅବଶ ଏବଂ କିଂକର୍ତ୍ତବ୍ୟବିମୂଢ଼ ଭାବରେ ଯେଉଁଠିଥାଏ, ସେଇଠି କାଠପରି ଠିଆ ହୋଇ ରହିଥାଏ । ସେଠାରୁ ଏତେଟିକିଏ କୁଆଡ଼କୁ ଘୁଞ୍ଚିବା ଲାଗି ମଧ୍ୟ ତା'ର କୌଣସି ଶକ୍ତି ନ ଥାଏ । ଏତିକିବେଳେ, ତାହାକୁ ଅନେକଗୁଣ ଭୟଭୀତ କରାଇ ତା'ର ଚକ୍ଷୁ ସମ୍ମୁଖରେ ସେ ଭୟଙ୍କର ଅଶରୀରୀ ମୂର୍ତ୍ତିମାନ ଆସି ଆବିର୍ଭୂତ ହେଉଥିବାର ଦେଖିବାକୁ ପାଇଲା । ସେହି ମୂର୍ତ୍ତିଗୁଡ଼ିକ ଉପରେ ଧ୍ୱଂସ, ନୈରାଶ୍ୟ ଓ ଜୀବନ ପ୍ରତି ବିତୃଷ୍ଣା ପ୍ରଭୃତି ନାମ ଲେଖାହୋଇ ରହିଥାଏ ଏବଂ ସେହି ଧ୍ୱଂସାବଶେଷ ମଧ୍ୟରେ ସେ ଗୋଟିକ ଉପରେ 'ଆତ୍ମହତ୍ୟା' ବୋଲି ଲେଖାହୋଇଥିବାର ବି ବେଶ୍ ଦେଖିବାକୁ ପାଉଥାଏ ।

'oaob.nitrkl.ac.in' images reprocessed

ଏକ ଜଳହୀନ ଗର୍ତ୍ତ ଉପରେ ସେହି ମୂର୍ତ୍ତିଟି ଘୋର ପାଣ୍ଡୁର ଏବଂ ବିମର୍ଷ ହୋଇ ଦେଖା ଯାଉଥାଏ । ଏହିସବୁ ଅନିଷ୍ଟକାରୀ ପ୍ରେତମାନେ ତାକୁ ଚତୁର୍ଦ୍ଦିଗରୁ ଘେରି କରି ରହିଥାନ୍ତି, ତାକୁ ଜାବୁଡ଼ି କରି ଧରିବାକୁ ଆସୁଥାନ୍ତି ଓ ସେହି ଭୀମ ଗର୍ତ୍ତଟି ଭିତରେ ନେଇ ଫୋପାଡ଼ି ଦେବାକୁ ଚେଷ୍ଟା କରୁଥାନ୍ତି । ବିବଶ ତରୁଣ ପଥିକ ଏହି ଅପ୍ରତିରୋଧ ଶକ୍ତିଟିର ପ୍ରତିରୋଧ କରିବା ଲାଗି ଯଥାସାଧ୍ୟ ଚେଷ୍ଟା କରୁଥାଏ, ପଛକୁ ପଳାଇ ଆସିବାକୁ ଓ ପଳାୟନ କରିବାକୁ ଚେଷ୍ଟା ବି କରୁଥାଏ; ତା' ଚାରିପାଖରେ ଗୁଡ଼ାଇ ହୋଇ ତାକୁ ଜାବୁଡ଼ି ଧରିଥିବା ସେହି ଅଦୃଶ୍ୟ ବାହୁଗୁଡ଼ିକର କବଳରୁ ନିଜକୁ ମୁକ୍ତ କରି ପଳାଇ ଯିବାକୁ ଚେଷ୍ଟା କରୁଥାଏ ମାତ୍ର ସେଥିଲାଗି ଆଉ କୌଣସି ସମୃଦ୍ଧି ନ ଥାଏ ଏବଂ ସେହି ମରଣାନ୍ତକ ଗର୍ତ୍ତଟି ଆଡ଼କୁ ଅଗ୍ରସର ହୋଇ ଯିବା ବ୍ୟତୀତ ତା' ଲାଗି ଆଉ ଉପାୟାନ୍ତର ନ ଥାଏ । ସତେଅବା ସମ୍ମୋହିତ ହୋଇଥିବା ପରି ସିଏ ସେଇଆଡ଼କୁ ଟାଣି ହୋଇ ଚାଲି ଯାଉଥାଏ । ସିଏ ଏତେ ବଡ଼ ପାଟିରେ ଚିତ୍କାର କରିବାକୁ ଲାଗିଲା, କିନ୍ତୁ କେହିହେଲେ ତା' ଚିତ୍କାରର ଜବାବ ଦେଲେ ନାହିଁ । ସେହି ଅଶରୀରୀ ରୂପଗୁଡ଼ିକୁ ସିଏ ଧରିବା ପାଇଁ ବି ଚେଷ୍ଟା କଲା, କିନ୍ତୁ ତା' ଗୋଡ଼ ତଳୁ ସତେଅବା ସବୁକିଛୁ ଖସି ଖସି ଚାଲି ଯାଉଥିବା ପରି ଅନୁଭବ କରିବାକୁ ଲାଗିଲା । ଆପଣାର ବିବଶ ଉନ୍ମତ୍ତ ଡୋଳାଗୁଡ଼ାକୁ ବୁଲାଇ ସେ ଶୂନ୍ୟ ଭିତରକୁ ଅନାଇ ଦେଖିଲା, ଚିତ୍କାର କରି ଡାକିଲା, କେତେ ଅନୁନୟ ହୋଇ ଡାକିବାକୁ ଲାଗିଲା । ଏବଂ ସର୍ବଶେଷରେ ସଇତାନର ବିକଟାଳ ହାସ୍ୟଧ୍ୱନିହିଁ ତା'ର କାନକୁ ଫଟାଇ ଧ୍ୱନିତ ହୋଇ ଉଠିଲା ।

ସେତେବେଳକୁ ପଥିକ ସେହି ଭୟଙ୍କର ଅତଡ଼ାଟିର ଦାଢ଼ ପାଖରେ ଯାଇ ପହଞ୍ଚି ଯାଇଥାଏ । ତା'ର ଯାବତୀୟ ଚେଷ୍ଟା କେବଳ ବୃଥା ଚେଷ୍ଟାରେ ପରିଣତ ହୋଇଥାଏ । ପାରୁପର୍ଯ୍ୟନ୍ତ ସଂଗ୍ରାମ କରିସାରିବା ପରେ ଶେଷକୁ ସିଏ ଗଛ ପଡ଼ିଲା ପରି ତଳେ ପଡ଼ିଗଲା । ···ପ୍ରକୃତରେ ନିଜ ବିଛଣାରୁ ସିଏ ଭୂଇଁ ଉପରେ ଯାଇ ପଡ଼ିଲା ।

ଜଣେ ଅଳ୍ପ ବୟସ୍କ ଗ୍ରନ୍ଥକାର ତହିଁ ଆରଦିନ ସକାଳ ପାଇଁ ଗୋଟିଏ ବଡ଼ ପ୍ରବନ୍ଧ ଲେଖିବାକୁ ରହିଥିଲା । ଦିନମାନର କାମ ପରେ ଟିକିଏ ହାଲିଆ ଲାଗୁଥିବାରୁ ଘରକୁ ଆସି ସିଏ ଆପଣାକୁ ସାନ୍ତ୍ୱନା ଦେଇ ମନକୁ ମନ କହୁଥିଲା, "ଏହି କାମଟିକୁ ମୁଁ ପରେ ବି କରିଦେଇ ପାରିବି ।" ତା'ର ଅଳ୍ପ ସମୟ ପରେ ସେ ପୁଣି ଚିନ୍ତା କରିବାକୁ ଲାଗିଲା ଯେ ଯଦି ସିଏ ଆଜି ରାତିରେ ଚଞ୍ଚଳ ଶୋଇ ପଡ଼ିବ, ତେବେ ସକାଳେ ଚଞ୍ଚଳ ବି ଉଠି ପାରିବ ଏବଂ ଶୀଘ୍ର ଶୀଘ୍ର ବାକି ରହିଥିବା କାମଟିକୁ ବି ସାରି ଦେବ । "ତେବେ ବର୍ତ୍ତମାନ ମୁଁ ଶୋଇବାକୁ ଯାଏଁ," —ସିଏ

'oaob.nitrkl.ac.in' images reprocessed

ମନେ ମନେ ଭାବିଲା, “କାଲି ମୁଁ ଏହି କାର୍ଯ୍ୟଟିକୁ ନିଶ୍ଚୟ ଅଧିକ ଭଲ ଭାବରେ କରି ପାରିବି । ତେଣୁ ବର୍ତ୍ତମାନ ଏହି କାମଟି ଥାଉ ।” ତେବେ ଯଥାର୍ଥ ଭାବରେ ଯେ ସେ ଏହି କଥାଟିକୁ କହୁଥିଲା, ସେକଥା ସିଏ ନିଜେ ମଧ୍ୟ ଜାଣି ନ ଥିଲା । ଆମେ ଉପରେ ଯେଉଁ ଭୟଙ୍କର ସ୍ୱପ୍ନଟିକୁ ବର୍ଣ୍ଣନା କଲୁ, ନିଦରେ ସେ ସେହି ସ୍ୱପ୍ନଟିକୁ ଦେଖିଥିଲା । ଏବଂ, ବିଛଣାରୁ ଏହିପରି ଭାବରେ ତଳକୁ ପଡ଼ିଯାଇ ତା’ର ନିଦ ଗୁଉଁକିଡ଼ି ଭାଙ୍ଗିଗଲା । ନିଜର ସ୍ୱପ୍ନ କଥାଟିକୁ ଚିନ୍ତା କରି ସିଏ ବଡ଼ ପାଟିରେ କହିବାକୁ ଲାଗିଲା, “ଏଥିରେ ନ ବୁଝି ପାରିବାର ଆଦୌ କିଛି ନାହିଁ । ସେହି ବାଟଟିର ନାମ ହେଉଛି, ‘ପରେ କରିବି’ର ବାଟ, ସେହି ମାର୍ଗଟିର ନାମ ହେଉଛି ‘କାଲି କରିବି’ର ମାର୍ଗ । ଏବଂ ସେହି ବଡ଼ ଅଟ୍ଟାଳିକାଟି ହେଉଛି ‘ନିଷ୍ଫଳତା’ରହିଁ ଦୁର୍ଗ ।” ଆପଣାର ଏହି ବୁଦ୍ଧିମତ୍ତାରେ ପୁଲକିତ ହୋଇ ସିଏ ସଙ୍ଗେ ସଙ୍ଗେ କାମଟିକୁ କରି ବସିଲା ଏବଂ ଆପଣା ପାଖରେ ପ୍ରତିଜ୍ଞା କଲା ଯେ, ଯେଉଁ “କାମଟିକୁ ସିଏ ଆଜି ଶେଷ କରିପାରିବ, ସିଏ ତାହାକୁ କାଲି ପର୍ଯ୍ୟନ୍ତ କଦାପି ଗଡ଼ାଇ ରଖିବ ନାହିଁ ।

୧୮୯୩

'oaob.nitrkl.ac.in' images reprocessed

ସଦ୍‌ଗୁଣଚୟ

[ସାନ ଓ ବଡ଼ ଉଭୟଙ୍କ ପାଇଁ ଗୋଟିଏ ଗପ]

ଏକଦା ଗୋଟିଏ ରାଜପ୍ରାସାଦ ଥିଲା। ରାଜପ୍ରାସାଦ ଭିତରେ ଏପରି ଗୋଟିଏ ଗୁପ୍ତ ମନ୍ଦିର ଥିଲା, ଯାହାର ଦୁଆରବନ୍ଧ ଡେଇଁ କେହି ଭିତରକୁ ଯାଇ ନ ଥିଲେ। ପୁନଶ୍ଚ ସେହି ମନ୍ଦିରର ସବା ବାହାର ପଟକୁ ଥିବା ଗ୍ୟାଲେରିଗୁଡ଼ିକ ଭିତରେ ମଧ୍ୟ କୌଣସି ମର ପ୍ରାଣୀ ପ୍ରବେଶ କରି ନ ଥିଲେ, କାରଣ ଗୋଟିଏ ଅତ୍ୟନ୍ତ ଉଚ୍ଚ ମେଘଖଣ୍ଡ ଉପରେହିଁ ସେହି ପ୍ରାସାଦଟି ଅବସ୍ଥିତ ରହିଥିଲା, ଏବଂ ଯେକୌଣସି ଯୁଗରେ ମଧ୍ୟ, ଖୁବ୍ କମ୍ ଲୋକ ସେଠାକୁ ଯିବାର ବାଟ ପାଇ ପାରିଥିଲେ।

ଏହି ପ୍ରାସାଦଟିର ନାମ ହେଉଛି ସତ୍ୟର ପ୍ରାସାଦ।

ଥରେ ସେହି ପ୍ରାସାଦରେ ଉତ୍ସବଟି ଅନୁଷ୍ଠିତ ହେଉଥିଲା। ମଣିଷମାନଙ୍କ ସକାଶେ ନୁହେଁ, ମାତ୍ର ଏକାନ୍ତ ଭିନ୍ନ ଅନ୍ୟ ସତ୍ତ୍ୱମାନଙ୍କ ସକାଶେ, ବଡ଼ ଓ ସାନ ଦେବତା ଓ ଦେବୀମାନଙ୍କ ସକାଶେ ସେଠାରେ ଗୋଟିଏ ଉତ୍ସବ ଅନୁଷ୍ଠିତ ହେଉଥିଲା। ଯେଉଁଗୁଡ଼ିକୁ ଏହି ପୃଥିବୀରେ ସଦ୍‌ଗୁଣ ବୋଲି କହି ସମ୍ମାନ କରାଯାଏ, ସେହିମାନଙ୍କ ସକାଶେ ଏହି ଉତ୍ସବଟି ଅନୁଷ୍ଠିତ ହେଉଥିଲା।

ପ୍ରାସାଦର ସାମନାପଟ ପ୍ରକୋଷ୍ଠଟି ଗୋଟିଏ ବଡ଼ କକ୍ଷ ପରି ହୋଇ ତିଆରି ହୋଇଥିଲା। ସେଇ ପ୍ରକୋଷ୍ଠର ଜ୍ୟୋତିର୍ମୟ କାନ୍ଥଗୁଡ଼ିକ, ଚଟାଣ ଓ କାନ୍ଥ ଅଗଣିତ କେତେ ଆଲୋକ ଦ୍ୱାରା ଦୀପ୍ତିମନ୍ତ ହୋଇ ରହିଥିଲେ।

ଏହି ପ୍ରକୋଷ୍ଠଟି ହେଉଛି ବୁଦ୍ଧିର ପ୍ରକୋଷ୍ଠ। ଭୂମି ପାଖରେ ସେଥିରେ ଉଦ୍‌ଭାସିତ ହୋଇ ଉଠୁଥିବା ଆଲୋକଟି ଅତ୍ୟନ୍ତ ମୃଦୁ ହୋଇ ପଡୁଥିଲା ଏବଂ ଏକ ଅତି ସୁନ୍ଦର ଗାଢ଼ ନୀଳବର୍ଣ୍ଣର ଶୋଭାଧାରଣ କରି ରହିଥିଲା। ମାତ୍ର ଛାତ ଆଡ଼କୁ ତାହା କ୍ରମଶଃ ଅଧିକ ଶୁଭ୍ର ହୋଇ ଆସିଥିଲା। ସ୍ୱଚ୍ଛରେ ତିଆରି ଦୀପବୃକ୍ଷମାନ ଛାତରୁ ଝୁଲୁଥିବା ଝାଡ଼ ପରି ଝଲମଲ ହୋଇ ରହିଥିଲେ, ସେଗୁଡ଼ିକର ଅସଂଖ୍ୟ ବସ୍ତୁରୁ ଖର ପରି ଛୁଟି ଆସୁଥିବା ରଶ୍ମିରେଖାଗୁଡ଼ିକ ଆଖିକୁ ଝଲସାଇ ପକାଉଥିଲେ।

ସେହି ସଦ୍‌ଗୁଣଗୁଡ଼ିକ ଅଲଗା ଅଲଗା ହୋଇ ଆସିଥିଲେ ସତ, ମାତ୍ର ଖୁବ୍ ଶୀଘ୍ର ଗୋଟିଏ ଗୋଟିଏ ଅନୁକୂଳ ଗୋଷ୍ଠୀରେ ଏକତ୍ର ହୋଇଯିବାକୁ ଲାଗିଲେ।

'oaob.nitrkl.ac.in' images reprocessed

ଅନ୍ତତଃ ଅରକ ପାଇଁ ଆପଣା ଆପଣାକୁ ଏକକ ହୋଇ ରହିଥିବାର ଦେଖି ସେମାନେ ଭାରି ପୁଲକିତ ହୋଇ ଉଠୁଥିଲେ । କାରଣ, ଏହି ପୃଥିବୀରେ ଏବଂ ଯାବତୀୟ ପୃଥିବୀରେ ସେଗୁଡ଼ିକ ସାଧାରଣତଃ ଭାରି ବିକ୍ଷିପ୍ତ ଭାବରେ ଅବସ୍ଥାନ କରୁଥାନ୍ତି । ବିଜାତୀୟ କେତେକେତେ ସତ୍ତ୍ୱ ମଧ୍ୟରେ ସାଧାରଣତଃ ଅତ୍ୟନ୍ତ ବିଚ୍ଛିନ୍ନ ହୋଇ ରହିଥାନ୍ତି ।

ଉକ୍ତ ସବୁ ମଧ୍ୟରେ ନିଷ୍ଠାରୂପୀ ସଦ୍‌ଗୁଣଟିହିଁ ଅଗ୍ରଣୀ ହୋଇ ରହିଥିଲା । ସ୍ୱଚ୍ଛ ଜଳ ପରି ଦିଶୁଥିବା ଏକ ସ୍ୱଚ୍ଛ ବସନରେ ନିଷ୍ଠା ଆପଣାର ଅଙ୍ଗକୁ ଆବୃତ କରି ରଖିଥିଲା ଏବଂ ଶ୍ରେଷ୍ଠ ସ୍ୱଚ୍ଛତମ ସ୍ଫଟିକକୁ ତାହା ଆପଣା ହାତରେ ଧରିଥିଲା । ପ୍ରତ୍ୟେକ ବସ୍ତୁ ପ୍ରକୃତରେ ଯେମିତି, ସେହି ସ୍ଫଟିକଟି ସାହାଯ୍ୟରେ ସେଗୁଡ଼ିକୁ ଠିକ୍ ସେହିପରି ଦେଖି ହେଉଥିଲା । ସେଗୁଡ଼ିକ ସାଧାରଣତଃ ବାହାରୁ ଯେପରି ବୋଲି ପ୍ରତୀତ ହୁଅନ୍ତି, ସ୍ଫଟିକଟି ଦେଇ ଦେଖିଲେ ସେଗୁଡ଼ିକ ଆଦୌ ସେପରି ଦେଖା ଯାଉ ନ ଥିଲେ । କାରଣ ସେହି ସ୍ଫଟିକଟି ମଧ୍ୟଦେଇ ସେଗୁଡ଼ିକର ରୂପଟି ଆଦୌ କୌଣସି ପ୍ରକାରେ ବିକୃତ ନ ହୋଇ ଅବିକଳ ପ୍ରତିଫଳିତ ହୋଇ ପାରୁଥିଲା ।

ନିଷ୍ଠାର ନିକଟବର୍ତ୍ତୀ ହୋଇ ଦୁଇ ବିଶ୍ୱସ୍ତ ସଂରକ୍ଷକ ପରି ନମ୍ରତା ଏବଂ ସାହସ ଠିଆ ହୋଇଥିଲେ । ନମ୍ରତା ଏକାଧାରରେ ସମ୍ମାନାସ୍ପଦ ଏବଂ ସଗର୍ବ ହୋଇ ରହିଥିଲା । ଏବଂ, ଆପଣାର ଭୁରୁକୁ ଉଚ୍ଚ କରି ସାହସ ସ୍ପଷ୍ଟ ଭାବରେ ଚତୁର୍ଦ୍ଦିଗକୁ ଦୃଷ୍ଟିପାତ କରୁଥିଲା, ତାହାର ଓଠ ଦୁଇଟି ଦୃଢ଼ ଓ ସମ୍ପୃକ୍ତ ହୋଇ ରହିଥିଲା, ସିଏ ଏକ ସ୍ଥିର ଏବଂ ସଂକଳ୍ପମୟ ମୁଦ୍ରାରେ ଦଣ୍ଡାୟମାନ ରହିଥିଲା ।

ସାହସର ପାଖକୁ ଲାଗି କରି, ତା'ର ହାତକୁ ଆପଣାର ହାତରେ ଧରି ମୁଣ୍ଡରେ ସମ୍ପୂର୍ଣ୍ଣ ଓଢ଼ଣା ଦେଇ ଗୋଟିଏ ନାରୀମୂର୍ତ୍ତି ବି ଠିଆ ହୋଇଥିଲା । ତାହାର ଉଜ୍ଜ୍ୱଳ ଆଖିଦୁଇଟି ବ୍ୟତୀତ ଆଉ କିଛିହେଲେ ଦୃଷ୍ଟିଗୋଚର ହେଉ ନ ଥିଲା । ସେହି ଓଢ଼ଣା ଭିତରୁ ମଧ୍ୟ ଆଖିଦୁଇଟି ଜକଜକ ହୋଇ ଦିଶୁଥିଲା । ସେଇଟି ହେଉଛି ବିବେକର ମୂର୍ତ୍ତି ।

ଏବଂ ସେମାନଙ୍କ ସମସ୍ତଙ୍କ ଉପରରେ, ଜଣକ ପାଖରୁ ସତତ ଆଉ ଜଣକ ପାଖକୁ ଯାଉଥିବା ଅଥଚ ପ୍ରତ୍ୟେକଙ୍କର ନିକଟରେ ରହିଥିବା ପରି ମନେ ହେଉଥିବା ଆଉ ଯେଉଁଜଣକ ଠିଆ ହୋଇଥିଲେ, ସିଏ ହେଉଛନ୍ତି ଉଦାରତା । ଉଦାରତା ସଦାସଜାଗ ଏବଂ ଶାନ୍ତ ହୋଇ ରହିଥିଲେ, ସଦା ସକ୍ରିୟ ହୋଇ ରହିଥିଲେ ମଧ୍ୟ ତଥାପି ସମସ୍ତଙ୍କଠାରୁ ବିଲଗ ହୋଇ ବି ରହିଥିଲେ । ସମସ୍ତଙ୍କର ମଧ୍ୟଦେଇ ଗଲି ଯାଉଥିବା ବେଳେ ଆପଣା ପଛରେ ମୃଦୁ ଶୁଭ୍ର ଆଲୋକର ଏକ ସ୍ରୋତ ବୁହାଇଦେଇ ଯାଉଥିଲେ । ଯେଉଁ ଆଲୋକଟିକୁ ସିଏ ଏହିପରି ଭାବରେ ପରିବ୍ୟାପ୍ତ ଏବଂ ପ୍ରସାରିତ କରି ଦେଉଥିଲେ, ତାହା ଏକ ଔଜ୍ଜ୍ୱଲ୍ୟର ରୂପ ଧାରଣ

'oaob.nitrkl.ac.in' images reprocessed

କଲ ତାଙ୍କ ପାଖକୁ ତାଙ୍କର ସମଜା ଭଗନୀ ତଥା ତାଙ୍କର ସବୁଠାରୁ ଅଧିକ ଅନ୍ତରଙ୍ଗ ବନ୍ଧୁ ଏବଂ ଅବଚ୍ଛେଦ୍ୟ ସହଚର 'ନ୍ୟାୟ'ଙ୍କଠାରୁ ଆସୁଥିଲା ଏବଂ ତାହା ଅଧିକଙ୍କର ଆଖିକୁ ଦୃଷ୍ଟିଗୋଚର ହେଉ ନ ଥିଲା ।

ଏବଂ, ଉଦାରତାଙ୍କ ଗୃହପାଖରେ ଯେଉଁମାନେ ଘେର ରହି ବାଟ ଦେଖାଇବାରେ ଲାଗିଥିଲେ, ସେମାନେ ହେଉଛନ୍ତି ଦୟା, ଧୃତି, ଶାନ୍ତତା, ସହ-ଗୃହତା ଏବଂ ଆହୁରି ଅନେକ ଅନ୍ୟମାନେ ।

ସେମାନେ ସମସ୍ତେ ସେଠାରେ ଉପସ୍ଥିତ ରହିଥାନ୍ତି, ବା ଅନ୍ତତଃ ଉପସ୍ଥିତ ଅଛନ୍ତି ବୋଲି ଭାବୁଥାନ୍ତି ।

ମାତ୍ର ତା'ପରେ ହଠାତ୍ ସେହି ସୁବର୍ଣ୍ଣନିର୍ମିତ ପ୍ରବେଶଦ୍ୱାରରେ ଜଣେ ନବାଗତାଙ୍କର ଆବିର୍ଭାବ ଘଟିଲା ।

ଫାଟକ ପାଖରେ ଜଗି ରହିଥିବା ପ୍ରହରୀମାନେ ଅନେକ କୁଣ୍ଠାର ସହିତ ତାଙ୍କୁ ଭିତରେ ପ୍ରବେଶ କରିବା ଲାଗି ଅନୁମତି ଦେଇଛନ୍ତି । ସେମାନେ ତାଙ୍କୁ ଏଥିପୂର୍ବରୁ ଆଉ କେବେହେଲେ ଦେଖି ନ ଥିଲେ, ଏବଂ ସେମାନଙ୍କ ଉପରେ ଏକ ପ୍ରଭାବ ପକାଇବା ଲାଗି ତାଙ୍କ ଚେହେରା ଭିତରେ ମଧ୍ୟ ଆଦୌ ସେପରି କିଛି ନ ଥିଲା ।

ସିଏ ବୟସରେ ଅତ୍ୟନ୍ତ କନିଷ୍ଠ ଥିଲେ, ଖୁବ୍ କୃଶ ହୋଇ ଦିଶୁଥିଲେ । ଦେହରେ ଏକ ସାଧାରଣ ଶୁଭ୍ରବସନ ପିନ୍ଧିଥିଲେ, ତାଙ୍କୁ ଦେଖିଲେ ପ୍ରାୟ ଦରିଦ୍ର ପରି ମନେ ହେଉଥିଲା । ଖୁବ୍ ଲଜ୍ଜାଶୀଳ ଏବଂ ସଚକିତ ଭାବରେ ସିଏ ଆଗକୁ କେତେ ଖୋଜ ପକାଇଲେ । ଏବଂ, ଏପରି ଗୋଟିଏ ବୃହତ୍ ଏବଂ ଚକମକ ଗୋଷ୍ଠୀ ଭିତରେ ଆପଣାକୁ ଦେଖି ସତେଅବା ଅସ୍ୱସ୍ତି ବୋଧ କରୁଥିବା ପରି ସିଏ ପୁଣି ଅଟକି ଠିଆ ହୋଇଗଲେ ; ସିଏ ଯେ କାହା ପାଖକୁ ଯିବେ, ସେକଥା ଆଦୌ ଠିକ୍ କରି ପାରିଲେ ନାହିଁ ।

ନିଜର ଅନ୍ୟ ଭଗିନୀମାନଙ୍କ ସହିତ କିଛିସମୟ ସକାଶେ କ'ଣ କଥାବାର୍ତ୍ତା କରି ସେମାନଙ୍କର ଅନୁରୋଧରେ ବିବେକ ସେହି ନବାଗତାଙ୍କ ଆଡ଼କୁ ଅଗ୍ରସର ହେଲା । ତା'ପରେ, ଅସ୍ୱସ୍ତିବୋଧ କରୁଥିବା ଲୋକମାନଙ୍କ ପରି, ସତେଅବା ଚିନ୍ତା କରିବା ଲାଗି ଗୋଟିଏ କ୍ଷଣ ସମୟ ପାଇବା ସକାଶେ ଆପଣାର ଗଳା ପରିଷ୍କାର କରି ସିଏ ତାଙ୍କୁ ଉଦ୍ଦେଶ୍ୟ କରି କହିଲା,

"ଆମେ ଯୋଉମାନେ ଏଠାରେ ଏକାଠି ହୋଇ ଠିଆ ହୋଇଛୁ, ସେମାନେ ପରସ୍ପରକୁ ଜାଣିଛୁ, ପରସ୍ପରର ନାମକୁ ଜାଣିଛୁ, ଏବଂ ଗୁଣଗୁଡ଼ିକୁ ମଧ୍ୟ ଜାଣିଛୁ । ତୁମକୁ ଦେଖି ଆମେ ସମସ୍ତେ ପ୍ରକୃତରେ ଖୁବ୍ ଆଶ୍ଚର୍ଯ୍ୟ ହୋଇ ଯାଇଛୁ,

'oaob.nitrkl.ac.in' images reprocessed

କାରଣ ଆମର ତୁମ ସହିତ ଆଗରୁ କୌଣସି ପରିଚୟ ହୋଇଥିବା ପରି ମୋତେ ଲାଗୁ ନାହିଁ, ବା ଅନ୍ତତଃ ଆମେ ତୁମକୁ ଆଗରୁ କେବେ ଦେଖିଥିଲୁ ପରି ବି ମନେ ହେଉ ନାହିଁ । ତୁମେ କିଏ, ଆମକୁ ଅନୁଗ୍ରହ କରି ଥରେ କହିବ କି ?"

ନବାଗତା ଦୀର୍ଘଶ୍ୱାସଟିଏ ପକାଇ ଉତ୍ତର ଦେଲେ :

"ହାୟ ହାୟ ! କିନ୍ତୁ, ଏହି ପ୍ରାସାଦରେ ମୁଁ ଯେ ସମସ୍ତଙ୍କୁ ଜଣେ ଅପରିଚିତ ପରି ଦେଖାଯାଉଛି, ତାହା ମୋତେ ଆଦୌ ଆଶ୍ଚର୍ଯ୍ୟ ଲାଗୁ ନାହିଁ । କାରଣ ମୋତେ ଅତ୍ୟନ୍ତ କ୍ୱଚିତ୍‌ହିଁ କେହି ନିମନ୍ତ୍ରଣ କରିଥାନ୍ତି, କ୍ୱଚିତ୍ ଆପଣା ପାଖକୁ ଡାକିଥାନ୍ତି ।

"ମୋ ନାଆଁ ହେଉଛି କୃତଜ୍ଞତା ।"

୧୯୦୪

'oaob.nitrkl.ac.in' images reprocessed

ଏକ ନୀଳକାନ୍ତ କାହାଣୀ

ଏକଦା, ସୁଦୂର ପ୍ରାଚ୍ୟ ଅଞ୍ଚଳରେ ଗୋଟିଏ ସାନ ଦେଶ ଥିଲା, ଯେଉଁଠାରେ ଶାନ୍ତି ଏବଂ ଶୃଙ୍ଖଳା ବିରାଜି ରହିଥିଲା, ଯେଉଁଠାରେ କି ପ୍ରତ୍ୟେକ ବ୍ୟକ୍ତି ସମସ୍ତଙ୍କର ସର୍ବାଧିକ କଲ୍ୟାଣ ଲାଗି ଯେଉଁ କାର୍ଯ୍ୟ ଲାଗି ଅଭିପ୍ରେତ ହୋଇ ରହିଥିଲେ, ସେମାନେ ଆପଣା ଆପଣା ସ୍ଥାନଟିରେ ରହି ସେହି କାର୍ଯ୍ୟଟିକୁ ସମ୍ପନ୍ନ କରୁଥିଲେ ।

କୃଷକ, କାରିଗର, ଶ୍ରମିକ ଏବଂ ବଣିକମାନେ, — ସେଠି ସମସ୍ତଙ୍କର କେବଳ ଗୋଟିଏ ଅଭିଳାଷ ଓ ଗୋଟିଏ ଚିନ୍ତା ରହିଥିଲା,—ଆପଣାର କାର୍ଯ୍ୟଟିକୁ ଯଥାସମ୍ଭବ ସର୍ବୋତ୍ତମ ଭାବେ କରିବା ଲାଗି ସେମାନେ ସର୍ବଦା ଚେଷ୍ଟିତ ଥିଲେ । ଏଥିରେ ସେମାନଙ୍କର ନିଜ ଭଲ ବି ହେଉଥିଲା, — କାରଣ, ପ୍ରଥମତଃ, ପ୍ରତ୍ୟେକ ବ୍ୟକ୍ତି ସ୍ୱେଚ୍ଛାରେହିଁ ଆପଣା ଆପଣାର କାର୍ଯ୍ୟଟିକୁ ନିର୍ବାଚିତ କରି ନେଇଥିବାରୁ, ସେହି କାର୍ଯ୍ୟ ତା' ସ୍ୱଭାବର ଅନୁରୂପ ହୋଇ ପାରୁଥିଲା ଏବଂ ସେହି କାର୍ଯ୍ୟଟି କରିବା ଦ୍ୱାରା ତାକୁ ଭାରି ଆନନ୍ଦ ବି ମିଳୁଥିଲା । ଦ୍ୱିତୀୟତଃ, ଯାବତୀୟ ଉତ୍ତମ କାର୍ଯ୍ୟ ଯେ ସମୁଚିତ ଭାବରେ ତାହାର ପୁରସ୍କାର ବି ପାଇବ, ଏବଂ ତଦ୍ୱାରା ଯେ ସେମାନେ ନିଜେ ଏବଂ ସେମାନଙ୍କର ସ୍ତ୍ରୀ ଓ ପିଲାମାନେ ଶାନ୍ତି ଏବଂ ଆରାମରେ ଜୀବନଯାପନ କରିପାରିବେ, ସେମାନଙ୍କର ଜୀବନରେ ଅନାବଶ୍ୟକ କୌଣସି ବିଳାସବ୍ୟସନ ନ ଥିବ, ଅଥଚ ସେମାନଙ୍କର ଅତ୍ୟାବଶ୍ୟକତାଗୁଡ଼ିକର ପୂରଣ ଦିଗରେ କେଉଁଠି କୌଣସି କାର୍ପଣ୍ୟ ଯେ ନ ଥିବ ଏବଂ ଯାହାଫଳରେ କି ସେମାନେ ଜୀବନରେ ଯଥେଷ୍ଟ ପରିତୃପ୍ତି ସର୍ବଦା ପାଇ ପାରୁଥିବେ, ସେମାନେ ଏହି କଥାଟିକୁ ସମସ୍ତେ ଭାରି ଭଲ କରି ଜାଣିଥିଲେ ।

ସେହି ଦେଶରେ କଳାକାର ଏବଂ ବୈଜ୍ଞାନିକମାନଙ୍କର ସଂଖ୍ୟା ଆଦୌ ଖୁବ୍ ବେଶୀ ନ ଥିଲା ସତ, ମାତ୍ର ପ୍ରତ୍ୟେକେ ଆପଣା ଆପଣାର ବିଜ୍ଞାନ ବା କଳା ପ୍ରତି,—ଆପଣାର ଜୀବନ ଲକ୍ଷ୍ୟଟି ପ୍ରତି—ଅନୁଗତ ଓ ଉତ୍ସର୍ଗୀକୃତ ହୋଇ ରହିଥିଲେ । ସେମାନଙ୍କଠାରେ କୃତଜ୍ଞ ସମଗ୍ର ଜାତିହିଁ ସେମାନଙ୍କର ପରିପୋଷଣ କରୁଥିଲା । କାରଣ ସର୍ବପ୍ରଥମେ ସେହି ଜାତିହିଁ ସେମାନଙ୍କର ଅତ୍ୟୁପଯୋଗୀ ଆବିଷ୍କାରଗୁଡ଼ିକ ଦ୍ୱାରା ଉପକୃତ ହେଉଥିଲା ଏବଂ ସେମାନେ ସୃଷ୍ଟି କରୁଥିବା ଉଦାତ୍ତ କୃତିଗୁଡ଼ିକୁ ଉପଭୋଗ ବି କରୁଥିଲା । ଏହିପରି ଭାବରେ ଜୀବନ ସଂଗ୍ରାମର

'oaob.nitrkl.ac.in' images reprocessed

ଯାବତୀୟ ଚିନ୍ତା ଓ ଉଦ୍‌ବେଗରୁ ମୁକ୍ତ ହୋଇ ରହିଥିବାରୁ ଏହି ବୈଜ୍ଞାନିକମାନଙ୍କ ସମ୍ମୁଖରେ କେବଳ ଗୋଟିଏ ମାତ୍ର ଲକ୍ଷ୍ୟ ରହିଥିଲା : ସେମାନଙ୍କର ସମସ୍ତ ପ୍ରୟୋଗ ଏବଂ ଗବେଷଣା ତଥା ନିଷ୍ଠାପର ଅଧ୍ୟୟନ ଯେ ମନୁଷ୍ୟ ସମାଜର ଦୁଃଖଗୁଡ଼ିକୁ ହରଣ କରିନେବାରେ ସହାୟକ ହେବ, ସମାଜର ନାନା ଅନ୍ଧବିଶ୍ୱାସ ଓ ଭୟକୁ ଯଥାସମ୍ଭବ ଦୂରୀଭୂତ କରି ଏବଂ ସୁଖ ଓ ସମ୍ମାପନ ଆଣି ଦେଉଥିବା ଜ୍ଞାନର ପ୍ରସାର ଦ୍ୱାରା ସମାଜର ଶକ୍ତି ଏବଂ ମଙ୍ଗଳର ଯେ ଅଭିବୃଦ୍ଧି ଘଟାଇବ, ସେମାନେ କେବଳ ତାହାକୁହିଁ ଆପଣାର ଲକ୍ଷ୍ୟ କରି ରଖିଥିଲେ । କଳାକାରମାନେ ସମ୍ପୂର୍ଣ୍ଣ ବନ୍ଧନମୁକ୍ତ ଭାବରେ ଆପଣାର କଳାନୁଶୀଳନ ଉପରେ ଅଭିନିବେଶ କରି ପାରୁଥିଲେ ଏବଂ ସେମାନଙ୍କର ମଧ୍ୟ କେବଳ ମାତ୍ର ଗୋଟିଏ ଅଭିଳାଷ ରହିଥିଲା : ଆପଣା ଆପଣାର ସର୍ବୋଚ୍ଚ ଓ ସର୍ବୋତ୍ତମ କଳ୍ପନାଶକ୍ତିକୁ ଖଟାଇ ସୌନ୍ଦର୍ଯ୍ୟର ଅଭିବ୍ୟକ୍ତି ଘଟାଇବାହିଁ ସେମାନଙ୍କର ଏକମାତ୍ର ଅଭିଳାଷ ଥିଲା ।

ସେମାନଙ୍କ ମଧ୍ୟରେ ସେମାନଙ୍କର ବନ୍ଧୁ ଓ ମାର୍ଗଦର୍ଶକ ରୂପେ ଗୁରିଜଣ ଦାର୍ଶନିକ ମଧ୍ୟ ରହିଥିଲେ । ଏହି ଦାର୍ଶନିକମାନଙ୍କର ସମଗ୍ର ଜୀବନ ଗଭୀର ଅଧ୍ୟୟନ ଏବଂ ଆଲୋଚନାକାଶ୍ମ ସ୍ଥିର ମନନରେ ଅତିବାହିତ ହେବାରେ ଲାଗିଥିଲା । ସେମାନେ ମନୁଷ୍ୟଂଜ୍ଞାନର କ୍ଷେତ୍ରରେ ସତତ ଅଭିବୃଦ୍ଧି ସାଧନ କରିବାକୁ ଚେଷ୍ଟା କରୁଥିଲେ ଏବଂ, ଯାହାକିଛି ଏବେ ମଧ୍ୟ ରହସ୍ୟ ଦ୍ୱାରା ଆବୃତ ହୋଇ ରହିଛି, ସେମାନେ ଗୋଟି ଗୋଟି କରି ସେଗୁଡ଼ିକର ରହସ୍ୟକୁ ଉଦ୍‌ଘାଟିତ କରିଦେବାରେ ଲାଗିଥିଲେ ।

ସେମାନେ ସମସ୍ତେ ଅତ୍ୟନ୍ତ ସନ୍ତୋଷରେ ଜୀବନଯାପନ କରୁଥିଲେ, ସେମାନଙ୍କ ଭିତରେ ଆଦୌ କୌଣସି ପ୍ରକାରର ତିକ୍ତ ପ୍ରତିଦ୍ୱନ୍ଦ୍ୱିତା ନ ଥିଲା ଏବଂ ପ୍ରତ୍ୟେକେ ଆପଣାର ରୁଚି ଓ ଆଗ୍ରହ ଅନୁସାରେ ନିଜନିଜର କାର୍ଯ୍ୟ ତଥା ଅଧ୍ୟୟନରେ ମନୋନିବେଶ କରି ପାରୁଥିଲେ । ସମସ୍ତେ ସୁଖି ହୋଇ ରହିଥିବାରୁ ଅତିରିକ୍ତ ଭାବରେ ଗୁଡ଼ାଏ ଆଇନକାନୁନ ତିଆରି କରିବା ଲାଗି ମଧ୍ୟ ସେମାନଙ୍କର ଆଦୌ କୌଣସି ପ୍ରୟୋଜନ ନ ଥିଲା । ନିୟମ କହିଲେ ସେମାନଙ୍କ ଭିତରେ କେବଳ ଏତିକ ରହିଥିଲା : "ତୁମେ ପ୍ରକୃତରେ ଯାହା, ତୁମେ କେବଳ ତାହାହିଁ ହୁଅ" ବୋଲି ସମସ୍ତଙ୍କୁ ଖାଲି ଏତିକ ପରାମର୍ଶ ଦିଆ ଯାଉଥିଲା । ସମସ୍ତେ କେବଳ ଗୋଟିଏ ନିୟମକୁ, ଉଦାରତାର ସହିତ ଜୀବନ ବଞ୍ଚିବାର ନିୟମକୁ ଦୃଢ଼ଭାବରେ ପାଳନ କରୁଥିଲେ । ନ୍ୟାୟବିଗ୍ରହିଁ ସେହି ଉଦାରତାର ସର୍ବପ୍ରଧାନ ଅଙ୍ଗ ହୋଇ ରହିଥିଲା । ସେହି ଉଦାରତା କୌଣସି ପ୍ରକାର ବରବାଦ ବା ବୃଥା କ୍ଷତିକୁ କୌଣସି ପ୍ରଶ୍ରୟ ଦେଉ ନ ଥିଲା । ପ୍ରତ୍ୟେକର ମୁକ୍ତ ବିକାଶ ଏବଂ ଅଭ୍ୟୁଦୟରେ ବାଧା ସୃଷ୍ଟି କରୁଥିବା କୌଣସି ଉଦାରତାକୁ ବି ପ୍ରଶ୍ରୟ ଦିଆଯାଉ ନ ଥିଲା । ଏହିପରି ଅତ୍ୟନ୍ତ

'oaob.nitrkl.ac.in' images reprocessed

ସ୍ୱାଭାବିକ ଭାବରେ, ପ୍ରତ୍ୟେକ ବ୍ୟକ୍ତି ନିଜର କଲ୍ୟାଣ ଓ ଅଭିବୃଦ୍ଧି ଲାଗି କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ସମସ୍ତଙ୍କର କଲ୍ୟାଣ ଏବଂ ଅଭିବୃଦ୍ଧି ଲାଗି ମଧ୍ୟ କାର୍ଯ୍ୟ କରୁଥିଲେ ।

ଶାନ୍ତି ଓ ଶୃଙ୍ଖଳା ବିରାଜମାନ କରୁଥିବା ଏହି ଦେଶଟିରେ ଜଣେ ରାଜା ଥିଲେ । ଦେଶରେ ସମସ୍ତଙ୍କ ଭିତରେ ଅଧିକ ବୁଦ୍ଧିମାନ୍ ଏବଂ ବିଜ୍ଞ ହୋଇଥିବାରୁହିଁ ସିଏ ଦେଶର ରାଜା ହୋଇ ରହିଥିଲେ । କେବଳ ସେଇ ସମସ୍ତଙ୍କର ଆବଶ୍ୟକତାକୁ ପରିପୂରଣ କରିବା ଲାଗି ସମର୍ଥ ଥିଲେ, କେବଳ ସେଇ ଦାର୍ଶନିକମାନଙ୍କୁ ମଧ୍ୟ ସେମାନଙ୍କର ସର୍ବୋଚ୍ଚ ବିଚାର ଓ କଳ୍ପନାରେ ମାର୍ଗଦର୍ଶନ ଦେଇପାରିବାର ଉପଯୁକ୍ତ ଥିଲେ, ଏବଂ ଅପର ପକ୍ଷରେ ରାଜ୍ୟର ପ୍ରଜାମାନଙ୍କର ଯାବତୀୟ ସଂଗଠନ ଏବଂ ସୁଖସୁବିଧା ବିଷୟରେ ଯଥାର୍ଥରେ ସତର୍କ ଓ ସଚେତନ ହୋଇ ରହିବାର ବାସ୍ତବ ବୁଦ୍ଧି ବି ତାଙ୍କଠାରେ ଯଥେଷ୍ଟ ପରିମାଣରେ ରହିଥିଲା । ଜନସାଧାରଣଙ୍କର ଯାବତୀୟ ପ୍ରୟୋଜନ ବିଷୟରେ ସେ ସୁବିଦିତ ରହିଥିଲେ ।

ଆମେ ଏଠାରେ ଯେଉଁ ସମୟର ପ୍ରସଙ୍ଗଟିର ଆଲୋଚନା କରିବାକୁ ଯାଉଛୁ, ଏହି ମହିମାନ୍ୱିତ ରାଜା ସେତେବେଳକୁ ଦୀର୍ଘ ଅନେକ ବର୍ଷ ବଞ୍ଚି ସାରିଥିଲେ । ତାଙ୍କର ବୟସ ଦୁଇଶହରୁ ଅଧିକ ହୋଇ ସାରିଥିଲା । ଏବଂ ତଥାପି, ଏତେ ଅଧିକ ବୟସରେ ମଧ୍ୟ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ, ତାଙ୍କର ଯାବତୀୟ ଶକ୍ତି ଅକ୍ଷୁଣ୍ଣ ରହିଥିଲା । କିନ୍ତୁ ଏଥର ତାଙ୍କର ପ୍ରକୃତିରେ ଅବସର ଗ୍ରହଣ କରିବା ଉଚିତ ବୋଲି ସିଏ ଚିନ୍ତା ମଧ୍ୟ କରୁଥିଲେ । ଏତେ ଦୀର୍ଘ କାଳ ଧରି ନାନା ଗୁରୁ ଦାୟିତ୍ୱ ବହନ କରି ଆସିଥିବାରୁ ସେ କିଞ୍ଚିତ୍ କ୍ଳାନ୍ତି ବି ଅନୁଭବ କରୁଥିଲେ । ସେ ଆପଣାର ତରୁଣ ପୁତ୍ର ମେର୍ଓଆଙ୍କୁ ସିଏ ପାଖକୁ ଡାକିଲେ । ଯୁବରାଜ ବୟସରେ ତରୁଣ ଥିଲେ, ନାନା ବିଷୟ ବିଦ୍ୟା ଓ କୀର୍ତ୍ତିର ଅଧିକାରୀ ବି ହୋଇ ସାରିଥିଲେ । ସାଧାରଣ ପୁରୁଷଙ୍କଠାରୁ ସିଏ ଦେଖିବାକୁ ଅଧିକ ସୁନ୍ଦର ଥିଲେ; ତାଙ୍କର ବଦାନ୍ୟତା ଏପରି ସମ୍ପୂର୍ଣ୍ଣ ଭାବରେ ସମଭାବାପନ୍ନତାର ଅଧିକାରୀ ହୋଇ ପାରିଥିଲା ଯେ ସେଥିରେ ସମ୍ପୂର୍ଣ୍ଣ ନ୍ୟାୟବତ୍ତା ମଧ୍ୟ ବିଦ୍ୟମାନ ଥିଲା । ତାଙ୍କର ବୁଦ୍ଧିମତ୍ତା ସୂର୍ଯ୍ୟ ପରି କିରଣ ବିତରଣ କରିବାରେ ଲାଗିଥିଲା ଏବଂ ତାଙ୍କର ବିଜ୍ଞତାର ଆଦୌ କୌଣସି ତୁଳନା ନ ଥିଲା । କାରଣ ସେ ନିଜ ଯୌବନ କାଳର କେତେକ ବର୍ଷ ଶ୍ରମିକ ଏବଂ କାରିଗରମାନଙ୍କ ସହିତ ରହି ଅତିବାହିତ କରିଥିଲେ ଏବଂ ସେହି ବ୍ୟକ୍ତିଗତ ଅଭିଜ୍ଞତା ସେମାନଙ୍କ ଜୀବନର ପ୍ରୟୋଜନ ତଥା ଆବଶ୍ୟକତାଗୁଡ଼ିକ ବିଷୟରେ ଯଥେଷ୍ଟ ଜ୍ଞାନ ଲାଭ କରିଥିଲେ । ଆପଣା ସମୟର ଅବଶିଷ୍ଟାଂଶ ସେ ଏକାକୀ ଅତିବାହିତ କରିଥିଲେ, ବା ତାଙ୍କର ଗୁରୁରୂପେ ନିଯୁକ୍ତ ହୋଇଥିବା କୌଣସି ଜଣେ ଦାର୍ଶନିକଙ୍କ ସହିତ ରହି କଟାଇଥିଲେ । ଅଧ୍ୟୟନ ଏବଂ ଶାନ୍ତି

'oaob.nitrkl.ac.in' images reprocessed

ମନନରେ ରାଜପ୍ରାସାଦ ମଧ୍ୟରେ ଅବସ୍ଥିତ ବର୍ଗାକାର ମିନାରଟି ମଧ୍ୟରେ ସେ ନିର୍ବାସନ ଭାବରେ କେତେ ସମୟ କଟାଇଥିଲେ ।

ମେର୍ଓଥା ପିତାଙ୍କର ସମୀପକୁ ଆସି ସମ୍ମାନ ଦେଖାଇ ନତମସ୍ତକ ହୋଇ ପ୍ରଣାମ କଲା । ରାଜା ତାଙ୍କୁ ପାଖରେ ଆସି ବସିବାକୁ ଆଦେଶ ଦେଲେ ଏବଂ ତାଙ୍କୁ ନିମ୍ନଲିଖିତ କଥାଗୁଡ଼ିକ କହିଲେ :

"ବତ୍ସ, ମୁଁ ଶତେ ସତୁରି ବର୍ଷରୁ ଅଧିକ କାଳ ଏହି ରାଜ୍ୟର ଶାସନ କଲିଣି, ଏବଂ, ସଦିଚ୍ଛାସମ୍ପନ୍ନ ସକଳ ବ୍ୟକ୍ତି ଏପର୍ଯ୍ୟନ୍ତ ମୋର ରାଜ୍ୟ ପରିଚାଳନାରେ ସନ୍ତୋଷ ପ୍ରକାଶ କରି ଆସିଥିବା ପରି ପ୍ରମାଣ ମିଳିଥିଲେ ହେଁ, ମୋର ଭାରି ଆଶଙ୍କା ହେଉଛି ଯେ ଏହି ବୃଦ୍ଧ ବୟସରେ ମୁଁ ରାଜ୍ୟରେ ଶୃଙ୍ଖଳାରକ୍ଷା କରିବାର ଏବଂ ସମସ୍ତଙ୍କର କଲ୍ୟାଣବିଧାନ ଲାଗି ଯଥାର୍ଥ ଦୃଷ୍ଟି ରଖିବାର ଗୁରୁଭାରଟିକୁ ଆଉ ଆଦୌ ଏତେ ସହଜ ଭାବରେ ବହନ କରିପାରିବି ନାହିଁ । ବତ୍ସ, ମୋ'ର ତୋ' ଉପରେ ଅନେକ ଆଶା ରହିଛି, ତୁ ମୋ'ର ଆନନ୍ଦର କାରଣ ହୋଇ ରହିଛୁ । ପ୍ରକୃତି ତୋ' ପ୍ରତି ଅତ୍ୟନ୍ତ ବଦାନ୍ୟ ହୋଇ ଆସିଛି । ସିଏ ଆପଣାର ସମସ୍ତ ଦାନକୁ ତୋ' ଉପରେ ଆଣି ଅଜାଡ଼ି ଦେଇଛି ଏବଂ ଏକ ସୁବିଜ୍ଞ ତଥା ଆଦର୍ଶ ଶିକ୍ଷା ଦ୍ୱାରା ତୁ ସେହିସବୁ ପ୍ରକୃତିଦତ୍ତ ଗୁଣଗୁଡ଼ିକର ସର୍ବୋତ୍ତମ ବିକାଶସାଧନ କରିପାରିଛୁ । ନିମ୍ନତମ ଯେକୌଣସି କୃଷକଠାରୁ ଆରମ୍ଭ କରି ଆମର ମହାନ୍ ଦାର୍ଶନିକମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ତୋ' ଉପରେ ସମ୍ପୂର୍ଣ୍ଣ ଓ ଶ୍ରଦ୍ଧାପୂର୍ଣ୍ଣ ଆସ୍ଥା ରହିଛି । ଆପଣାର ଦୟାଳୁତା ବଳରେ ତୁ ସେମାନଙ୍କର ସ୍ନେହଭାଜନ ହୋଇପାରିଛୁ ଏବଂ ଆପଣାର ନ୍ୟାୟବିଚାର ସକାଶେ ସେମାନଙ୍କର ସମ୍ମାନର ବି ଅଧିକାରୀ ହୋଇଛୁ । ତେଣୁ ଅତ୍ୟନ୍ତ ସ୍ୱାଭାବିକ କଥା ଯେ ସେମାନେ ତୋ'ତେହିଁ ଏହି ରାଜ୍ୟର ଭବିଷ୍ୟତ୍ ଉତ୍ତରାଧିକାରୀ ରୂପେ ଗ୍ରହଣ କରିନେବେ । ଏବଂ, ତେବେ, ଏକ ସୁ-ଉପାର୍ଜିତ ବିଶ୍ରାମର ଜୀବନ ଉପଭୋଗ କରିବା ଲାଗି ମୁଁ ସେମାନଙ୍କର ଅନୁମତି ପ୍ରାର୍ଥୀ ହୋଇ ପାରିବି । କିନ୍ତୁ ତୁ ତ ଜାଣିଛୁ, ଆବହମାନ କାଳରୁ ଏହି ରାଜ୍ୟରେ ଯେଉଁ ପରମ୍ପରା ଚାଲିଆସିଛି, ଏକରୁ ଦୁଇହାତ ନ ହେଲେ ଏହି ରାଜ୍ୟର ସିଂହାସନରେ କେହି ଆରୋହଣ କରିପାରିବେ ନାହିଁ । ଅର୍ଥାତ୍, ରୁଚି ତଥା ସମର୍ଥତାର ପରିପୂର୍ଣ୍ଣ ସହଯୋଗିତା ଦ୍ୱାରା ସିଏ ତାଙ୍କ ଲାଗି ସମତାମୟ ଜୀବନର ଶାନ୍ତି ଆଣିଦେଇ ପାରିବ, ସେହିପରି ଜଣେ ବ୍ୟକ୍ତି ସହିତ ସମଗ୍ର ମିଳନରେ ଏକତ୍ର ଆବଦ୍ଧ ନ ହୋଇ ପାରିବା ପର୍ଯ୍ୟନ୍ତ ସେ କଦାପି ରାଜପଦରେ ଅଭିଷିକ୍ତ ହୋଇପାରିବ ନାହିଁ । ଏହି ବିଧିଟି ବିଷୟରେ ତୋତେ ସ୍ମରଣ କରାଇ ଦେବା ଲାଗିହିଁ ମୁଁ ତୋତେ ଡକାଇ ପଠାଇଥିଲି । ତୁ ଏପରି କୌଣସି ତରୁଣୀ କନ୍ୟାର ପରିଚୟ ଲାଭ କରିଛୁ, ଯିଏକି ପ୍ରକୃତରେ ତୋ'ର ଉପଯୁକ୍ତ ହୋଇ ପାରିବ ଏବଂ ଆମର ଇଚ୍ଛାନୁସାରେ ତୋ'

'oaob.nitrkl.ac.in' images reprocessed

ଜୀବନଟି ସହିତ ଆପଣାର ଜୀବନଟିକୁ ମିଶାଇ ଦେବା ଲାଗି ସମ୍ମତ ହେବ, ତୋତେ ସେହିକଥା ପଚ୍ଛରିବାକୁହିଁ ମୁଁ ତୋତେ ଏଠାକୁ ଡାକିଥିଲି ।"

"ପିତଃ, 'ମୋର ସମଗ୍ର ଜୀବନ ଯାହାର ପ୍ରତୀକ୍ଷା କରୁଥିଲି, ମୁଁ ତାହାର ସନ୍ଧାନ ପାଇସାରିଛି' ବୋଲି ଆପଣଙ୍କୁ ଉତ୍ତର ଦେଇ ପାରିଥିଲେ ମୁଁ ପ୍ରକୃତରେ କେତେ ଆନନ୍ଦ ଅନୁଭବ କରିଥାନ୍ତି । ମାତ୍ର ଅତ୍ୟନ୍ତ ଦୁଃଖର କଥା ଯେ ମୁଁ ଏପର୍ଯ୍ୟନ୍ତ ତାହାର ସନ୍ଧାନ ପାଇ ନାହିଁ । ଏହି ରାଜ୍ୟର ସବୁଠାରୁ ଅଧିକ ଗୁଣସମ୍ପନ୍ନା କନ୍ୟାମାନଙ୍କୁ ମୁଁ ଉତ୍ତମରୂପେ ଜାଣିଛି । ସେମାନଙ୍କ ମଧ୍ୟରେ କେତେକଙ୍କ ଲାଗି ମୋର ଅବଶ୍ୟ ଏକ ଆକର୍ଷଣ ରହିଛି, ପ୍ରକୃତରେ ଏକ ଶ୍ଳାଘାଭାବ ମଧ୍ୟ ରହିଛି । ମାତ୍ର ସେଇଁ ପ୍ରୀତି ଯଥାର୍ଥରେ ଏକ ବନ୍ଧନରେ ପରିଣତ ହୋଇ ପାରନ୍ତା, ସେମାନଙ୍କ ଭିତରୁ କେହି ଜଣେ ହେଲେ ମୋ' ଭିତରେ ଏପର୍ଯ୍ୟନ୍ତ ସେହି ପ୍ରୀତିର ଉନ୍ମେଷ ଘଟାଇ ପାରି ନାହାନ୍ତି । ଏବଂ, କୌଣସି ଭୁଲ୍ ନ କରି ମୁଁ ବି ହୁଏତ ଏକଥା କହି ପାରିବ ଯେ ସେମାନଙ୍କ ମଧ୍ୟରୁ କାହାରି ଭିତରେ ବି ମୋ' ଲାଗି ଏକ ପ୍ରୀତିଭାବ ଜାତ ହୋଇ ନାହିଁ । ମାତ୍ର, ମୋ'ର ନିଜ ନିର୍ବାଚନ ଉପରେ ଏତେ ମୂଲ୍ୟ ଦେଇ ଆପଣ ଯେତେବେଳେ ଏଭଳି ବଦାନ୍ୟତା ପ୍ରକାଶ କରୁଛନ୍ତି, ସେତେ-ବେଳେ ମୁଁ ମଧ୍ୟ ଆପଣଙ୍କୁ ମୋ'ର ମନର କଥାଟିକୁ ନିଶ୍ଚୟ ଖୋଲି କହିବି । ମୁଁ ଭାବୁଛି ଯେ, ଅନ୍ୟାନ୍ୟ ଦେଶଗୁଡ଼ିକର ବିଧି ଓ ନିୟମଗୁଡ଼ିକ ସହିତ ସୁପରିଚିତ ହୋଇପାରିଲେ ମୁଁ ପ୍ରକୃତରେ ଆମର ଏହି କ୍ଷୁଦ୍ର ରାଜ୍ୟଟିକୁ ଶାସନ କରିବା ଲାଗି ଅଧିକ ଯୋଗ୍ୟତା ହାସଲ କରିପାରିବି । ତେଣୁ ମୋର ଇଚ୍ଛା ଯେ ମୁଁ ବର୍ତ୍ତମାନ ଗୋଟିଏ ବର୍ଷ ସକାଶେ ପୃଥିବୀର ବିଭିନ୍ନ ଦେଶ ବୁଲି ଦେଖିବି, ବିଭିନ୍ନ ଦେଶର ଚଳଣିମାନ ଶିକ୍ଷା କରିବି । ପିତଃ, ମୋତେ ଏହି ଭ୍ରମଣଟି ସକାଶେ ଆପଣ ଅନୁମତି ପ୍ରଦାନ କରନ୍ତୁ । ଏବଂ ଫେରିବା ସମୟକୁ ମୁଁ ଯେ ମୋ'ର ଜୀବନର ପ୍ରକୃତ ସଙ୍ଗିନୀଙ୍କୁ ସାଙ୍ଗରେ ନେଇ ନ ଫେରିବି, ଯାହାକୁ କି ମୁଁ ସବୁକିଛି ସୁଖ ଏବଂ ସବୁକିଛି ସୁରକ୍ଷା ପ୍ରଦାନ କରିପାରିବି, ସେକଥାକୁ କିଏ ନାହିଁ ବୋଲି କହିପାରିବ ?"

"ତୁମର ଇଚ୍ଛା ପ୍ରକୃତରେ ସୁଚିନ୍ତିତ । ତୁମେ ଯାଅ ଏବଂ ତୁମର ପିତା ଏଥିଲାଗି ତୁମକୁ ଅବଶ୍ୟ ଆଶୀର୍ବାଦ କରିବେ ।"

*
**

ପଶ୍ଚିମ ମହାସାଗର ଭିତରେ ଗୋଟିଏ କ୍ଷୁଦ୍ର ଦ୍ୱୀପ ଅଛି ଯାହାରିକି ଆପଣାର ଅତିମୂଲ୍ୟବାନ୍ ଅରଣ୍ୟାଞ୍ଚଳ ସକାଶେ ଖୁବ୍ ପ୍ରସିଦ୍ଧି ରହିଛି ।

ଅରେ, ଗ୍ରୀଷ୍ମକାଳର ଏକ ଅତ୍ୟୁଜ୍ଜ୍ୱଳ ଦିବସରେ, ଯେତେବେଳେ କି ଉଜ୍ଜ୍ୱଳ ସୂର୍ଯ୍ୟକିରଣ ଗଛଆଡ଼େ ବିସ୍ତୃତ ହୋଇ ପଡ଼ିଥାଏ, ଗୋଟିଏ ସାନଝିଅ ସେହି ଅଦ୍ଭୁତ

ଅରଣ୍ୟର ଗୁମ୍ଫା ମଧ୍ୟରେ ପଦରେ ଗୁଲ୍ ଗୁଲ୍ କୁଆଡ଼େ ଯାଉଥିଲା । ତା'ର ନାମ ହେଉଛି ଲିଆନେ ଏବଂ ନାଗାମାନଙ୍କ ଭିତରେ ସିଏ ଖୁବ ସୁନ୍ଦରୀ ବୋଲି ପ୍ରସିଦ୍ଧି ଲାଭ କରିଥିଲା । ପରିହିତ ହାଲୁକା ବସ୍ତ୍ରତଳେ ତା'ର ସାନ ଶରୀରଟି କେଡ଼େ ସୁନ୍ଦର ଭାବରେ ଦୋହଲି ଉଠୁଥିଲା । ତା' ଅଧରର ରକ୍ତିମା ତୁଳନାରେ ତା'ର କୋମଳ ମୁଖଚର୍ମ ସତେଅବା ଖୁବ ଶୀର୍ଣ୍ଣ ଦେଖାଯାଉଥିଲା ଏବଂ ସେହି ମୁଖମଣ୍ଡଳ ଉପରେ ଚକ୍ ଚକ୍ ହେଉଥିବା କେତୋଏ ଘନ ସୁନେଲି ବାଳ ମୁକୁଟ ପରି ଶୋଭା ପାଉଥିଲା । ଏବଂ, ଅସୀମ ଆକାଶ ଦେହରେ ଖୋଲା ହୋଇ ରହିଥିବା ଦୁଇଟି ଗବାକ୍ଷ ଦ୍ୱାର ପରି ତା'ର ଆଖିଦୁଇଟି ଆପଣାର ବୁଦ୍ଧିମତ୍ତା ଦ୍ୱାରା ଢଳ ଢଳ ଦୀପ୍ତି ଦ୍ୱାରା ତା'ର ଶରୀରର ଅବୟବଗୁଡ଼ିକୁ ଆଲୋକିତ କରି ରଖିଥିଲା ।

ଲିଆନେର ବାପା ମାଆ କେହି ନ ଥିଲେ, ଜୀବନରେ ସେ ଏକୁଟିଆ ବାଟ ଚାଲୁଥିଲା । ମାତ୍ର ତା'ର ଅପୂର୍ବ ସୌନ୍ଦର୍ଯ୍ୟ ଏବଂ ଅନନ୍ୟସାଧାରଣ ବୁଦ୍ଧିମତ୍ତା କେତେ ବ୍ୟକ୍ତିଙ୍କର ପ୍ରବଳ ଅଭିଳାଷ ଏବଂ ଅନ୍ତରର ପ୍ରେମକୁ ତା' ଆଡ଼କୁ ଆକୃଷ୍ଟ କରି ଆଣିଥିଲା । ମାତ୍ର ଥରେ ସେ ସ୍ୱପ୍ନରେ ଏପରି ଜଣେ ପୁରୁଷଙ୍କୁ ଦେଖିବାକୁ ପାଇଥିଲା ଯିଏକି, ସିଏ ପିନ୍ଧିଥିବା ବସ୍ତ୍ରାଦିରୁ, ବହୁଦୂରରୁ ଆସିଥିବା ପରି ମନେ ହେଉଥିଲା । ସେହି ଅପରିଚିତ ବ୍ୟକ୍ତିର ମିଷ୍ଟ ଗମ୍ଭୀର ଗୁହାଣି ବାଳିକାଟିର ହୃଦୟକୁ ଏକା-ବେଳେକେ ଜୟକରି ନେଇଥିଲା । ତା'ପରେ ସିଏ ଅନ୍ୟ କାହାରିକୁ ହେଲେ ଭଲ ପାଇପାରିଲା ନାହିଁ । ସେହିଦିନଠାରୁ ସିଏ କେବଳ ଅପେକ୍ଷାହିଁ କରି ରହିଲା, କେବଳ ଆଶା ବାନ୍ଧି ବସି ରହିଲା । ରାତିରେ ଯେଉଁ ଅନନ୍ୟ-ସୁନ୍ଦର ଯୁବାଟିକୁ ତା' ସ୍ୱପ୍ନରେ ଦେଖିଥିଲା, ମୁକ୍ତ ଭାବରେ ତାହାରି ଭାବନାରେ ମଗ୍ନ ହୋଇ ରହିବାକୁହିଁ ସେ ବର୍ତ୍ତମାନ ଘନ ଅରଣ୍ୟର ଏହି ନୀରବତା ଭିତରେ ଏକାକୀ ବିଚରଣ କରି ବୁଲୁଥିଲା ।

ବାହାରର ଉଜ୍ଜ୍ୱଳ ସୂର୍ଯ୍ୟକିରଣ ପତ୍ରବହୁଳକୁ ଭେଦ କରି ମୋଟେ ଅରଣ୍ୟ ଭିତରକୁ ପ୍ରବେଶ କରିପାରୁ ନ ଥିଲା । ବାଟଟି ଉପରେ ଚାଲିଯାଉଥିବା ବାଳିକାର ପାଦତଳେ ରହିଥିବା ଚକ୍‌କଣ ଶୁଖିଲାର ଖସ୍‌ମସ୍ ଶବ୍ଦ ବ ସେହି ନୀରବତାକୁ କ୍ୱଚିତ୍ ଭାଙ୍ଗିଦେବାକୁ ସମର୍ଥ ହେଉଥିଲା । ଗ୍ରୀଷ୍ମ ଦ୍ୱିପ୍ରହରର ତପ୍ତ ସ୍ତବ୍ଧତା ଭିତରେ ସବୁକିଛି ଯାଲେଇ କରି ପଡ଼ିରହିଥିଲା । କିନ୍ତୁ ବାଳିକାଟି ତଥାପି ଏକ ଅସ୍ପଷ୍ଟ ଅସ୍ୱସ୍ତି ଅନୁଭବ କରୁଥାଏ ; ସତେଯେପରି କେତେକ'ଣ ଅଦୃଶ୍ୟ ସତ୍ତା ସେହି ଘଞ୍ଚ ବଣ-ବୁଦାଂ ଭିତରେ ଲୁଚି ରହିଛନ୍ତି ଓ ଗଛଗୁଡ଼ିକ ପଛରେ ଆଉ ସତେଯେପରି କେତେ ଆଖି ତାକୁ ଉଙ୍କି ମାରି ଅନାଇବାରେ ଲଗିଛନ୍ତି, ସିଏ ସେହିପରି ଅନୁଭବ କରୁଥାଏ ।

'oaob.nitrkl.ac.in' images reprocessed

ହଠାତ୍ ଥାଇ ଥାଇ, ଗୋଟିଏ ଚଢ଼େଇ କୋଉଠୁ କେଡ଼େ ସ୍ପଷ୍ଟ କରି ଗୀତ ଗାଇଉଠିଲା । ସେହି ଗୀତଟିର ପୁଲକରେ ବାଲକାଟିର ସକଳ ଅସ୍ୱସ୍ତତା କୁଆଡ଼େ ଅନ୍ତର୍ହିତ ହୋଇଗଲା । ଲୁଆନେ ଭଲକରି ଜାଣିଥିଲା ଯେ ଏହି ଅରଣ୍ୟରେ ତା'ର ଭୟ କରିବାର କେଉଁଠି କିଛିହେଲେ ନାହିଁ । ଗଛମାନଙ୍କରେ ଯେତେ ଯେଉଁଠି ଭୂତ କି ପ୍ରେତ ଥିଲେ ମଧ୍ୟ ସେମାନେ କଦାପି ତା'ର କୌଣସି ଅନିଷ୍ଟ କରିବେ ନାହିଁ । ତା'ର ହୃଦୟ ହଠାତ୍ ଏକ ମଧୁର ଭାବୋଚ୍ଛ୍ୱାସରେ ଭରପୂର ହୋଇ ଉଠିଲା, ସବୁକିଛି ତାକୁ ଭାରି ସୁନ୍ଦର ଦେଖାଗଲା, ସବୁକିଛି ଭାରି ଭଲ ଲାଗିଲା ଏବଂ ଆନନ୍ଦରେ ତା'ର ଦୁଇଆଖିରୁ ଧାର ଧାର ଲୁହ ବହିଆସିବାକୁ ଲାଗିଲା । ତା'ର ଅତିପ୍ରିୟ ସେହି ଅପରିଚିତ ବ୍ୟକ୍ତିଟିର ଭାବନାରେ ତା' ଆଶା ଆଗରୁ କେବେହେଲେ ଏତେ ଉଚ୍ଛଳ ହୋଇଉଠି ନ ଥିଲା । ତାକୁ ବୋଧ ହେବାକୁ ଲାଗିଲା, ସତେଯେପରି ସେହି ଧୀର ପବନରେ କମ୍ପି ଉଠୁଥିବା ଗଛଗୁଡ଼ିକ, ତା'ର ପାଦତଳେ ଖସଖସ ହୋଇ ଶୁଭୁଥିବା ଘାସ ଓ ଶିଉଳି ଏବଂ ଆତୁର ଗୀତ ଗାଉଥିବା ସେହି ଚଢ଼େଇ,—ସମସ୍ତେ ଯେପରି ତା' କାନରେ ତାହାରି କଥା କହି ଯାଉଛନ୍ତି, ଯାହା ଲାଗି କି ସିଏ ଅପେକ୍ଷା କରି ରହିଛି । ହଠାତ୍ ସେ ଭାବିଲା, ସତେଯେପରି ସିଏ ସେହି ପ୍ରତ୍ୟାଶିତ ବ୍ୟକ୍ତିଟିକୁ ପ୍ରକୃତରେ ଭେଟିବାକୁ ଯାଉଛି ! ତା'ର ଗୋଡ଼ ଆଉ ଆଗକୁ ଚାଲିଲା ନାହିଁ । ତା'ର ଦେହ ଥରି ଥରି ହୋଇ କମ୍ପିବାରେ ଲାଗିଥାଏ, ଦପଦପ ହୋଇପଡ଼ୁଥିବା ଛାତିକୁ ସିଏ ନିଜର ଦୁଇହାତ ଦ୍ୱାରା ଦାବି କରି ରଖିଥାଏ । ଆପଣାର ଏହି ବିହ୍ୱଳ ଭାବୋଚ୍ଛ୍ୱାସଟିକୁ ଆତୁରି ପରିପୂର୍ଣ୍ଣ କରି ଆସ୍ୱାଦନ କରିବା ଲାଗି ସେ ଆପଣାର ଦୁଇ ଆଖିକୁ ବନ୍ଦ କରିଦେଲା । ତା'ର ଭାବାନୁଭୂତିଗୁଡ଼ିକ କ୍ରମେ ତୀବ୍ରରୁ ତୀବ୍ରତର ହେଲା ; ଶେଷରେ ତାହା ଏତେ ସୁନିର୍ଦ୍ଦେଶିତ ହୋଇ ଆସିଥିଲା ଯେ ସତେଯେପରି ତା'ର ଆଗରେ ପ୍ରକୃତରେ କେହି ଜଣେ ଆସି ଠିଆ ହୋଇଛନ୍ତି, ସେବିଷୟରେ ଏକାବେଳେକେ ସୁନିଶ୍ଚିତ ହୋଇ ଲୁଆନେ ତା'ର ଆଖିଦୁଇଟିକୁ ଖୋଲିଦେଲା । କି ଅଦ୍ଭୁତ କଥା ସତେ ! ସେହି ବ୍ୟକ୍ତିଟି ସତକୁ ସତ ତା' ଆଗରେ ଆସି ଠିଆ ହୋଇଥିଲେ । ନିଜର ସ୍ୱପ୍ନରେ ସିଏ ଯେପରି ଦେଖିଥିଲା, ଠିକ୍ ସେହିପରି ।···ସାଧାରଣତଃ ପୁରୁଷମାନେ ଯେପରି ସୁନ୍ଦର ଦେଖା ଯାଇଥାନ୍ତି, ତା'ଠାରୁ ସିଏ ଅଧିକ ସୁନ୍ଦର । ତା'ଆଗରେ ମେଓଥା ଠିଆ ହୋଇଥିଲା ।

ପରସ୍ପର ଆଡ଼କୁ ଅନାଇ ସେମାନେ ପରସ୍ପରକୁ ବେଶ୍ ଭଲ ଭାବରେ ଚିହ୍ନି ପାରିଥିଲେ । ସେମାନେ ଯେ ଦୀର୍ଘ ଦିନ ଧରି ପରସ୍ପର ଲାଗି କିପରି ଅପେକ୍ଷା କରି ରହିଥିଲେ ଓ ପରସ୍ପରକୁ ପୁନର୍ବାର ଭେଟି କିପରି ଆନନ୍ଦ ଲାଭ କଲେ, ଗୋଟିଏ ଚାହାଣିରେହିଁ ସେମାନେ ପରସ୍ପରକୁ ସେହି କଥା କହି ଦେଇଥିଲେ । କାରଣ

'oaob.nitrkl.ac.in' images reprocessed

ସେମାନେ ଏକ ସୁଦୂର ଅତୀତରେ ପରସ୍ପରକୁ ଭଲ କରି ଜାଣିଥିଲେ ଏବଂ ବର୍ତ୍ତମାନ ସେହି ବିଷୟରେ ସୁନିଶ୍ଚିତ ହୋଇ ଯାଇଥିଲେ ।

ମେର୍ତ୍ତଥା ପ୍ରଥମେ ହାତ ବଢ଼ାଇ ଦେଲା, ଲୁଆନେ ନିଜ ହାତକୁ ନେଇ ସେହି ହାତ ଉପରେ ରଖିଲା । ଏବଂ, ପରସ୍ପର ମଧ୍ୟରେ ବିନିମୟ ହେବାରେ ଲାଗିଥିବା ଭାବନାଗୁଡ଼ିକ ଦ୍ୱାରା ପରିପୂର୍ଣ୍ଣ ଏକ ନୀରବତା ମଧ୍ୟରେ ସମ୍ପୂର୍ଣ୍ଣ ନୀରବ ହୋଇଯାଇ ସେମାନେ ଏକାଠି ଅରଣ୍ୟର ବାଟରେ ଅଗ୍ରସର ହୋଇ ଚାଲିଗଲେ । ସେମାନେ ଏହିପରି ଆସି ସମୁଦ୍ର ପାଖରେ ପହଞ୍ଚିଲେ । ସମୁଦ୍ର ଶାନ୍ତ ହୋଇ ରହିଥାଏ, ଏକ ହର୍ଷୋଦ୍ଦୀପ୍ତ ସୂର୍ଯ୍ୟର ଅବଲୋକନ ମଧ୍ୟରେ ସବୁଜ ହୋଇ ଦେଖା ଯାଉଥାଏ । ଉପକୂଳ ପାଖରେ ଜାହାଜଟିଏ ମନ୍ଥର ଗତିରେ କୁଆଡ଼େ ଚାଲି ଯାଉଥାଏ ।

ନିର୍ବିବାଦରେ ଏବଂ ପରିପୂର୍ଣ୍ଣ ବିଶ୍ୱାସରେ ଲୁଆନେ ମେର୍ତ୍ତଥାର ଅନୁସରଣ କରୁଥିଲା । ସେମାନେ ସେମାନଙ୍କ ଲାଗି ବାଲି ଉପରେ ଅପେକ୍ଷା କରୁଥିବା ନୌକାଟି ଉପରେ ଯାଇ ପହଞ୍ଚିଲେ । ଦୁଇଜଣ କାତମରାନ ନୌକାଟିକୁ ସମୁଦ୍ର ଭିତରକୁ ଟାଣିନେଲେ ଏବଂ ଦୁହିଙ୍କୁ ଆଣି ସେଇଟି ଉପରେ ବସାଇଦେଲେ ।

ସାନ ଦ୍ୱୀପଟିକୁ ଚକ୍ରବାଳ ତଳେ ଅନ୍ତର୍ହିତ ହୋଇଯିବାର ଦେଖିବା ପରେ ଯାଇ ଝିଅଟି ଆପଣାର ସହଚରଟିକୁ କହିଲା :

"ମୁଁ ତୁମରି ସକାଶେ ଅପେକ୍ଷା କରି ରହିଥିଲି । ଶେଷରେ ତୁମେ ଯେତେବେଳେ ଆସି ପହଞ୍ଚିଗଲ, ସେତେବେଳେ କୌଣସି ପ୍ରଶ୍ନ ନ ପଚାରି ମୁଁ ତୁମର ଅନୁସରଣ କଲି । ମୁଁ ଅନୁଭବ କରୁଛି ଯେ ଆମେ ପରସ୍ପର ଲାଗିହିଁ ଉଦ୍ଦିଷ୍ଟ ହୋଇଛୁ । ସେ କଥା ମୁଁ ଭଲ କରି ଜାଣିଛି । ମୁଁ ଏକଥା ମଧ୍ୟ ଜାଣିଛି ଯେ ତୁମେ ସବୁଦିନ ପାଇଁ ମୋ'ର ସୁଖର କାରଣ ହୋଇ ରହିବ, ମୋ' ପାଖେ ପାଖେ ରହି ମୋତେ ରକ୍ଷା କରିବ । ମାତ୍ର ମୋ'ର ଜନ୍ମସ୍ଥଳୀ ଏହି ଦ୍ୱୀପଟିକୁ ମଧ୍ୟ ମୁଁ ଖୁବ ଭଲ ପାଉଥିଲି । ଏହାର ସୁନ୍ଦର ଅରଣ୍ୟଗୁଡ଼ିକୁ ଖୁବ ଭଲ ପାଉଥିଲି । ବର୍ତ୍ତମାନ ତୁମେ ମୋତେ ପୁଣି କେଉଁ ଦେଶକୁ ନେଇ ଯାଉଛ, ସେହି କଥା ଜାଣିବା ଲାଗି ମୋ'ର ଖୁବ ଇଚ୍ଛା ହେଉଛି ।"

"ତୁମକୁ ଖୋଜି ଖୋଜି ସଂସାରସାରା ବୁଲିଲିଣି । ଏବଂ, ଶେଷରେ ଯେତେବେଳେ ତୁମକୁ ଆସି ଏଠାରେ ଭେଟିଲି, ସେତେବେଳେ ତୁମକୁ ଆଦୌ କୌଣସି ପ୍ରଶ୍ନ ନ ପଚାରି ମୁଁ ତୁମର ହାତକୁ ନିଜ ହାତରେ ନେଇ ଧରିଲି । ତୁମେ ଯେ ମୋ'ପାଇଁ ଅପେକ୍ଷା କରି ବସିଥିଲ, ତୁମର ଆଖିରୁହିଁ ମୋତେ ତାହାର ପ୍ରମାଣ ମିଳିଗଲା । ଏହି ମୁହୂର୍ତ୍ତଟିଠାରୁ ଚିରଦିନ ସକାଶେ ମୋ'ର ପ୍ରାଣପ୍ରିୟାହିଁ ମୋ'

'oaob.nitrkl.ac.in' images reprocessed

ଲଗି ସବୁକାଳ ହୋଇ ରହିବ । ହଁ, ଏକଥା ସତ ଯେ ତାକୁ ମୁଁ ତା'ର ସ୍ଥାନ ଅରଣ୍ୟ ଖଚିତ ଦ୍ୱୀପଟି ପାଖରୁ ବିଚ୍ଛିନ୍ନ କରି ନେଇ ଆସିଛି; କିନ୍ତୁ ତା' ରାଜ୍ୟରେ ତାକୁ ଏକ ରାଣୀ କରି ବସାଇବା ଲଗିହିଁ ମୁଁ ଏପରି କରିଛି । କେବଳ ସେହି ରାଜ୍ୟଟିରେହିଁ ଶାନ୍ତି ଓ ସୁଖ ବିରାଜମାନ କରୁଛି, ତା'ର ଯୋଗ୍ୟ ସେହି ଗୋଟିଏ ରାଜ୍ୟହିଁ ଏହି ଧରଣୀତଳେ ରହିଛି ।"

ଅକ୍ଟୋବର, ୧୯୦୭

ନେତା

୧୯୦୭ ମସିହା ଜାନୁଆରୀ ମାସର କଥା । ରୁଷିଆରେ ଯେଉଁ ବିପ୍ଳବାତ୍ମକ ଆନ୍ଦୋଳନଟିକୁ ଅତ୍ୟନ୍ତ ନୃଶଂସ ଭାବରେ ଦମନ କରି ଦିଆ ଯାଇଥିଲା, ସେହି ଘଟନାର ମାତ୍ର ଅଳ୍ପ କେତେଦିନ ପରର କଥା ।

ଦାର୍ଶନିକ ଚର୍ଚ୍ଚା ଏବଂ ଅଧ୍ୟୟନ ଲାଗି ଗଠିତ ଏକ ଗୋଷ୍ଠୀରେ ମୁଁ ଓ ମୋ'ର ଆଉ କେତେଜଣ ବନ୍ଧୁ ଏକତ୍ର ବସିଥିଲୁ । ସେତିକିବେଳେ ଆମେ ଆଉଜଣେ ଅପରିଚିତ ନବାଗତ ମଧ୍ୟ ସେଠାରେ ଉପସ୍ଥିତ ରହିଛନ୍ତି ବୋଲି ଜାଣିବାକୁ ପାଇଲୁ । ସିଏ ମଧ୍ୟ ଆମ ଗୋଷ୍ଠୀରେ ଅନ୍ତର୍ଭୁକ୍ତ ହେବାକୁ ଇଚ୍ଛା କରୁଥିଲେ ।

ଆମେ ତାଙ୍କ ସହିତ ସାକ୍ଷାତ୍ କରିବା ଲାଗି ଉଠି ବାହାରକୁ ଗଲୁ ଏବଂ ପଛପଟେ ଥିବା କୋଠରିଟି ଭିତରେ ଜଣେ ଭଦ୍ର ବ୍ୟକ୍ତିଙ୍କୁ ଦେଖିବାକୁ ପାଇଲୁ । ସଫା ହେଲେ ମଧ୍ୟ ତାଙ୍କର ପୋଷାକ ଏକାବେଳକେ ଚିରିଗୁରି ଯାଇଥାଏ, ତାଙ୍କର ବାହୁ ଦୁଇଟା ତାଙ୍କ ଶରୀରର ଦୁଇ କଡ଼ରେ ଲଟକି କରି ରହିଥାଏ । ଶୀର୍ଣ୍ଣ ମୁହଁଟି ଭୂଇଁ ଆଡ଼କୁ ନିମ୍ନଦୃଷ୍ଟି ହୋଇ ରହିଥାଏ । ସେ ପିନ୍ଧିଥିବା କଳା ଟୋପିଟି ସକାଶେ ମୁହଁଟି ଅଧା ଆଢୁଆଳ ହୋଇ ବି ରହିଥାଏ । ସତେ ଯେପରି ତାଙ୍କ ପଛରେ କିଏ ଗୋଡ଼ାଇଛି ଓ ସେଥିଲାଗି ସିଏ ଅଣନିଃଶ୍ୱାସୀ ହୋଇ ଦଉଡ଼ୁଛନ୍ତି, ତାଙ୍କୁ ଦେଖି ଠିକ୍ ସେହିପରି ମନେ ହେଉଥାଏ ।

ଆମେ ତାଙ୍କ ପାଖରେ ଯାଇ ପହଞ୍ଚିବା ପରେ ସିଏ ପିନ୍ଧିଥିବା ଟୋପିଟିକୁ ମୁଣ୍ଡ ଉପରୁ କାଢ଼ିନେଲେ ଏବଂ ଉପରକୁ ଆଖି ଟେକି ଆମକୁ ଅଳ୍ପ କିଛି ସମୟ ଲାଗି ଉନ୍ମୁକ୍ତ ଭାବରେ ଅନାଇବାକୁ ଲାଗିଲେ ।

କକ୍ଷଟିର ଝାପ୍‌ସା ଆଲୁଅରେ ତାଙ୍କର ଶୀର୍ଣ୍ଣ ମୁଖଟିର ରେଖାଗୁଡ଼ିକୁ ଆଦୌ ସ୍ପଷ୍ଟ ଭାବରେ ବାରି ହେଉ ନ ଥିଲା । କେବଳ ତାହାର ବିମର୍ଷ ଆବେଶଟିହିଁ ସ୍ପଷ୍ଟ ଭାବରେ ଦୃଶ୍ୟ ହୋଇ ଯାଉଥିଲା ।

ଏତେଗୁଡ଼ାଏ ନୀରବତା ସମସ୍ତଙ୍କୁ ଭାରି ଅସ୍ୱସ୍ତିକର ବି ମନେ ହେଉଥାଏ । ସେହି ନୀରବତାଟିକୁ ଭଙ୍ଗ କରିବା ଲାଗି ମୁଁ ତାଙ୍କୁ ପଚାରିଲି, "ଆଜ୍ଞା, ମୁଁ ଆପଣଙ୍କୁ କୌଣସି ପ୍ରକାରେ ସାହାଯ୍ୟ କରି ପାରିବି କି ?"

'oaob.nitrkl.ac.in' images reprocessed

"ଆପଣଙ୍କୁ ସାକ୍ଷାତ୍ କରିବା ଲାଗି ହିଁ ମୁଁ ବର୍ତ୍ତମାନ କାଉ୍ ସହରରୁ ଆସି ଏଠାରେ ପହଞ୍ଚିଛି ।"

ତାଙ୍କର କଣ୍ଠସ୍ୱର କ୍ଳାନ୍ତିପ୍ରଦ ଥିଲା,—ତାଙ୍କର କଥାଗୁଡିକ ସତେଅବା କେଉଁ ଗହ୍ୱରରୁ ଉଚ୍ଚାରିତ ହୋଇ ଆସୁଥିଲା, ତଥାପି କଣ୍ଟୁନ୍ ଫମା ଫମା ବି ଶୁଭୁଥିଲା । କେତେକ ପରିମାଣରେ ଏକ ସ୍ଲାଭିକ୍ ସ୍ୱରଘାତ ତାଙ୍କ କଥାରୁ ସ୍ପଷ୍ଟ ହୋଇ ଯାଉଥିଲା ।

ଆମକୁ ଭେଟିବା ଲାଗି ସେ କାଇରୁ ଏଠାକୁ ଆସିଛନ୍ତି ! ଏହି କଥାଟାକୁ କଦାପି ସାମାନ୍ୟ ବୋଲି କୁହାଯିବ ନାହିଁ । ଆମେ ସମସ୍ତେ ଖୁବ ଆଶ୍ଚର୍ଯ୍ୟ ହୋଇଗଲୁ । ଆମର ଶଙ୍କନତାରୁ ଯିଏ ଆମେ ତାଙ୍କ ବିଷୟରେ ହୁଏତ କୌଣସି ସନ୍ଦେହ କରୁଛୁ ବୋଲି ଭାବିଲେ ଏବଂ କଣ୍ଟୁନ୍ ପରିମାଣରେ ସକ୍ରୁଣ ଭାବରେ ଧୀରେ ଧୀରେ ଆମକୁ କହିଲେ, "କାଉ୍ ସହରରେ ଦଳେ ଗୁପ୍ତ ଅଛନ୍ତି, ଯେଉଁମାନଙ୍କର କ ବଡ଼ ବଡ଼ ଦାର୍ଶନିକ ଶବ୍ଦର ବିଷୟରେ ଖୁବ ଆଗ୍ରହ ରହିଛି । ଆପଣମାନଙ୍କର ବିଷୟରୁ ବି ଆମ ପାଖରେ ଯାଇ ପହଞ୍ଚିଛି, ଏବଂ, କେବଳ ତତ୍ତ୍ୱ ମଧ୍ୟରେହିଁ ଆପଣାକୁ ସୀମାବଦ୍ଧ ରଖି ନ ଥିବା ଓ ତତ୍ତ୍ୱ ସଙ୍ଗେ ସଙ୍ଗେ କିଛି କାର୍ଯ୍ୟ କରିବାକୁ ମଧ୍ୟ ଉତ୍ସାହିତ କରୁଥିବା ଏକ ସମନ୍ୱୟାତ୍ମକ ଶବ୍ଦର ସହିତ ପରିଚିତ ହୋଇ ଆମେ ପ୍ରକୃତରେ ଖୁବ ଆନନ୍ଦ ଅନୁଭବ କରିଛୁ । ତେଣୁ ମୋ'ର ସାଥୀ ଓ ବନ୍ଧୁମାନେ ମୋତେ କହିଲେ, 'ତୁମେ ସେମାନଙ୍କ ପାଖକୁ ଯାଅ, ଏବଂ ଆମେ ଏଠାରେ ଯେଉଁସବୁ ଶବ୍ଦକୁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ମନେ କରୁଛୁ, ସେଗୁଡିକ ବିଷୟରେ ସେମାନଙ୍କଠାରୁ ପରାମର୍ଶ ଗ୍ରହଣ କର' । ମୁଁ ସେଥିପାଇଁ ଏଠାକୁ ଆସିଲି ।"

ଚମତ୍କାର ସୁଅଳଙ୍କୃତ ଭାଷାରେ ନ କହିଲେ ମଧ୍ୟ ନିର୍ଭୁଲ ଭାଷାରେ ଯିଏ ଆମକୁ ଏହି କଥା ଗୁଡ଼ିକୁ କହିଲେ, ଆମେ ବି ସଙ୍ଗେ ସଙ୍ଗେ ବେଶ୍ ଜାଣି ପାରିଲୁ ଯେ, ସାବଧାନତା ଅବଲମ୍ବନ କରୁଥିବା ହେତୁ ଯିଏ ଆମ ପାଖରୁ କୌଣସି ନା କୌଣସି କଥା ଗୋପନ କରି ରଖିଥିଲେ ମଧ୍ୟ ତଥାପି ଆମକୁ ସେ ଅନ୍ତତଃ ଯେତିକି କହିଲେ, ସେଥିରେ ଅସତ୍ୟ ବୋଲି ଆଦୌ କିଛି ନ ଥିଲା ।

ତାଙ୍କୁ ଆମେ ଭିତରକୁ ଡାକିଆଣି ବୈଠକଖାନାରେ ବସାଇଲୁ, ଏବଂ ତା'ପରେ ଯାଇ ତାଙ୍କୁ ସମ୍ପୂର୍ଣ୍ଣ ଭାବରେ ଦେଖିବାକୁ ପାଇଲୁ । ଦୀର୍ଘକାଳ ପର୍ବତ ମଧ୍ୟରେ ରହିବା ଫଳରେ ଅଥବା ବାୟୁ ଏବଂ ସୂର୍ଯ୍ୟାଲୋକର ଅଭାବରୁ ତାଙ୍କର ମୁଖ ଅତ୍ୟନ୍ତ ପାଣ୍ଡୁର ଦେଖା ଯାଉଥିଲା, ଦୁଃଖ ସହି ସହି କେତେ କ'ଣ ଖିନ୍ନଭିନ୍ନ ହୋଇ ଯାଇଥିଲା, କେତେ କ'ଣ ଚିନ୍ତାରେ ରେଖାମୟ ହୋଇ ରହିଥିଲା । ତଥାପି ଏକ ଚମତ୍କାର ବୁଦ୍ଧିମତ୍ତାର ଅଭେଦରେ ତାହା ଦୀପ୍ତ ହୋଇ ରହିଥିଲା,

'oaob.nitrkl.ac.in' images reprocessed

ଯାହାଫଳରେ କି ତାଙ୍କର ଭ୍ରୂଲତା କୁଞ୍ଚିତ ହୋଇ ଯାଉଥିଲା ଏବଂ ଚକ୍ଷୁ ଦୁଇଟି ଆଲୋକିତ ହୋଇ ଉଠୁଥିଲା । ସେହି ପାଣ୍ଡୁର ବର୍ଣ୍ଣ ଚର୍ମ ଅସ୍ଥିଗୁଡ଼ିକ ଅତିରିକ୍ତ ଶ୍ରମ ହେତୁ ବା ହୁଏତ ଅଶ୍ରୁଧାର ବହିବାର କାରଣରୁ ନୀଳ ନୀଳ ହି ଦେଖା ଯାଉଥିଲା ।

ଆମେ ସବୁ ହଠାତ୍ କିଛି ବୁଝିପାରିଲୁ ନାହିଁ, ଓ ତେଣୁ ଚୁପ୍ ହୋଇ ରହିଲୁ । କିନ୍ତୁ ସିଏ ଆମଠାରୁ ପ୍ରକୃତରେ କ'ଣ ପ୍ରତ୍ୟାଶା କରୁଛନ୍ତି, ତାହା ଜାଣିବା ଲାଗି, ସିଏ ତାଙ୍କ ଦେଶରେ କ'ଣ କାମ କରୁଛନ୍ତି, ଆମେ କିଛି ସମୟ ପରେ ତାଙ୍କୁ ସେହି କଥା ପଚାରିଥିଲୁ । ସିଏ ହଠାତ୍ ନିଜର ଭାବନାକୁ ଏକତ୍ର କରି ଆଣୁଥିବା ପରି ମନେ ହେଲେ, କିଛି କହିବା ଲାଗି ସତେଅବା ଏକ ସଙ୍କଳ୍ପ ସୃଷ୍ଟି କଲେ ଓ ତା'ପରେ ଧୀରେ ଧୀରେ କହିଲେ,

"ମୁଁ ବିପ୍ଳବ ପାଇଁ କାର୍ଯ୍ୟ କରୁଛି ।"

ସମ୍ଭ୍ରାନ୍ତତାମୟ ପ୍ରକୋଷ୍ଠଟିର ବିଳାସଗୁଡ଼ିକ ଭିତରେ ତାଙ୍କର ସେହି ଉତ୍ତର ସତେଅବା ଏକ କଣ୍ଟାପିଟି ଦେଉଥିବା ପରି ଶୁଭିଲା ।

ତଥାପି, ଆମର ମନୋଭାବଗୁଡ଼ିକୁ ଆଦୌ କୌଣସି ପ୍ରକାରେ ଧରା ପଡ଼ିବାକୁ ନ ଦେଇ ଏବଂ ତାଙ୍କ କଥାର ସାହସିକତା ସକାଶେ ଅତ୍ୟନ୍ତ ଗୌରବ ପ୍ରକାଶ କରି ଆମେ ଉତ୍ତର ଦେଲୁ :

"ଆମେ କେଉଁପରି ଭାବରେ ଆପଣଙ୍କର କାମରେ ଲାଗି ପାରିବୁ, ଆପଣ ସେକଥା ଆମକୁ କହିବେ କି ?"

ତାଙ୍କ ପ୍ରତି ଆମର ମନୋଭାବରେ ଯେ ଆଦୌ କୌଣସି ପରିବର୍ତ୍ତନ ଘଟି ନାହିଁ, ଏହା ଦେଖି ସିଏ ବିଶ୍ୱାସର ସହିତ ଆପଣାର କଥାଟିକୁ କହିବାକୁ ଆରମ୍ଭ କଲେ :

"ଏବେ ରୁଷ୍‌ଦେଶରେ ଘଟିଥିବା ଘଟଣାବଳୀ ବିଷୟରେ ଆପଣମାନେ ନିଶ୍ଚୟ ଅବଗତ ଅଛନ୍ତି । ନେଣ୍ଟୁ ସେ ବିଷୟରେ ମୁଁ ବର୍ତ୍ତମାନ ଆଦୌ କୌଣସି କଥା କହିବି ନାହିଁ । ମାତ୍ର ସମ୍ଭବତଃ ଆପଣମାନେ ଏହି କଥାଟି ମୋଟେ ଜାଣି ନାହାନ୍ତି ଯେ, ବିପ୍ଳବାତ୍ମକ ସାବତାସ୍ୟ କାର୍ଯ୍ୟକଳାପର କେନ୍ଦ୍ରରେ କେତେ ବ୍ୟକ୍ତିଙ୍କର ଏପରି କ୍ଷୁଦ୍ର ଗୋଷ୍ଠୀଟିଏ ରହିଛି, ଯେଉଁମାନେ ଆପଣାକୁ ଗୁପ୍ତ ବୋଲି କହନ୍ତି । ମୁଁ ସେଇମାନଙ୍କ ଭିତରୁ ଜଣେ । ଆମେ ବେଳେବେଳେ ଏକତ୍ର ବସୁ ଓ ଆଲୋଚନା କରି ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରିଥାଉ । ମାତ୍ର ଅଧିକାଂଶ ସମୟରେ ଆମେ ପରସ୍ପରଠାରୁ ଅଲଗା ଅଲଗା ହୋଇ ରହୁଥାଉ । ପ୍ରଥମତଃ, ଯେପରି ଆମ ଉପରେ କାହାରି ସନ୍ଦେହ ଦୃଷ୍ଟି ନ ପଡ଼ିବ ଏବଂ ଦ୍ୱିତୀୟତଃ ଆମେ ଯେପରି

'oaob.nitrkl.ac.in' images reprocessed

ପାଖରେ ରହି ବ୍ୟକ୍ତିଗତ ଭାବରେ କାର୍ଯ୍ୟକ୍ରମଟିର ତତ୍ତ୍ୱାବଧାନ ଏବଂ ପରିଚାଳନା କରିପାରିବୁ, ଆମେ ସେଇଥି ସକାଶେ ଏପରି ବିକ୍ଷିପ୍ତ ହୋଇ ରହିଆଛୁ । ମୁଁ ସେମାନଙ୍କ ଭିତରେ ଯୋଗସୂତ୍ର ରକ୍ଷା କରିବାର କାର୍ଯ୍ୟ କରେ । ପରସ୍ପର ସହିତ ପରାମର୍ଶ କରିବାକୁ ଇଚ୍ଛା କଲେ ସେମାନେ ମୋ ଘରେ ଆସି ଏକାଠି ହୁଅନ୍ତି ।

"ଆମେ ଅନେକ କାଳ ଧରି ଖୋଲାଖୋଲି ଲଢ଼ାଇ କଲୁ, ହିଂସାତ୍ମକ ସଂଗ୍ରାମ କଲୁ. ସଂସାର ଦ୍ୱାରା ବିଜୟ ହାସଲ କରିବୁ ବୋଲି ଖୁବ ଆଶା କରିଥିଲୁ । ନ୍ୟାୟ ସ୍ୱାଧୀନତା ଓ ପ୍ରେମର ପକ୍ଷଟି ଯେପରି ବିଜୟୀ ହୋଇପାରିବ, ସେହି ତୀବ୍ର ଓ ପ୍ରବଳ ଅଭିଳାଷରେ ଆମକୁ ଯାବତୀୟ ପଥହିଁ ଉଚିତ ପଥ ବୋଲି ମନେ ହୋଇଥିଲା । ମୋର ଅନ୍ତରାତ୍ମା ଭିତରେ ଯେଉଁ କୋମଳତା ଏବଂ ଦୟାର ସମ୍ପଦ ସର୍ବଦା ଅନୁଭୂତ ହେଉଛି, ତାହାହିଁ ମୋତେ ମାନବ ଜାତିର ଯାବତୀୟ ଦୁଃଖ ସନ୍ତାପର ଉପଶମ ଘଟାଇବାକୁ ବଦ୍ଧକରି ବାହାର କରିଛି । ମାନବ ଜାତିର କଷ୍ଟ-ଗୁଡ଼ାକ ସହିତ ଲଢ଼ି ତାହାର ଯାତନା ଓ ଯନ୍ତ୍ରଣାର ଉପଶମ କରାଇବାକୁହିଁ ମୁଁ ଡାକ୍ତରୀ ପାଠପଢ଼ି ଡାକ୍ତର ହୋଇଥିଲି । ମୋ ଭଳି ଗୋଟାଏ ବ୍ୟକ୍ତି କିପରି ଦୁଃଖମୟ ନାନା ପରିସ୍ଥିତି ଦ୍ୱାରା ବାଧ୍ୟ ହୋଇ ରକ୍ତାକ୍ତ ସଂଗ୍ରାମର ନେତୃତ୍ୱ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲା, ଆପଣ ସେତେବେଳେ ପାଖରେ ଥିଲେ ନିଶ୍ଚୟ ତାହା ଦେଖିବାକୁ ପାଇଥାନ୍ତେ । ଏକଥା ଶୁଣି ଆପଣ ଖୁବ ଆଶ୍ଚର୍ଯ୍ୟ ହୋଇ ଯାଉଥିବେ, ନୁହେଁ ? ମୁଁ ଯେ ସେହି କାରଣରୁ ଏତେ ଏତେ ଦୁଃଖ ଭୋଗ କରୁଥିଲି, ସେକଥା କେହି କଦାପି ବିଶ୍ୱାସ କରି ନ ଥାନ୍ତା । ତଥାପି, ତାହାହିଁ ପ୍ରକୃତ କଥା । ମାତ୍ର ଅନ୍ୟମାନେ ମୋତେ ଜୋର କରି ଆଗକୁ ଠେଲିଦେଲେ, କେତେ ଅକାଟ୍ୟ ଯୁକ୍ତି-ମାନ ଦେଖାଇ ମୋତେ ଅଭିଭୂତ କରିଦେଲେ ଏବଂ ଅନେକ ସମୟରେ ମୋ ଭିତରେ ସେଗୁଡ଼ାକ ପ୍ରତି ବିଶ୍ୱାସ ଜନ୍ମାଇବାରେ ସମର୍ଥ ବି ହୋଇଥିଲେ ।

"ତଥାପି, ସକ୍ରିୟ ହୋଇ ଲଢ଼ିବାର ସକଳ ଉତ୍ତେଜନା ମଧ୍ୟରେ ବି, ମୁଁ ଏହି ବିଷୟରେ ସର୍ବଦା ବେଶ୍ ସଚେତନ ହୋଇ ରହିଥିଲି ଯେ, କରିବା ଲାଗି ଏହା-ଠାରୁ କୌଣସି ଅଧିକ ଭଲ କାର୍ଯ୍ୟ ମଧ୍ୟ ରହିଛି । ଆମେ ଗ୍ରହଣ କରିଥିବା ବାଟ-ଗୁଡ଼ାକ ଯେ ଆଦୌ ସର୍ବୋତ୍ତମ ବାଟ ନୁହେଁ, ଆମେ ଯେ ବୃଥା ଆମର ସର୍ବୋତ୍ତମ ସାମର୍ଥ୍ୟଗୁଡ଼ିକୁ ନଷ୍ଟ କରିବାରେ ଲାଗିଛୁ, ଏବଂ ପ୍ରାୟ ଏକ ଉଗ୍ରତାର ସ୍ରୋତରେ ଯାଇ ପହଞ୍ଚିଥିବା ଆମର ସକଳ ଉତ୍ସାହ ଦ୍ୱାରା ଯେତେ ଅନୁପ୍ରେରିତ ହେବାରେ ଲାଗିଥିଲେ ମଧ୍ୟ ଆମେ ଯେ ତଥାପି ହୁଏତ ପରାଭବ ଲାଭ କରିବୁ, ଏହି ବିଷୟରେ ମୁଁ ବେଶ୍ ସଚେତନ ହୋଇ ରହିଥିଲି ।

"ଶେଷରେ ସେହି ପରାଭବହିଁ ଆସି ପହଞ୍ଚିଲା, ଫସଲ କଟା ହୋଇ କ୍ଷେତ ଉପରେ ତଳେ ପଡ଼ିଗଲା ପରି ଆମେ ପରାଭୂତ ହୋଇ ପଡ଼ିଗଲୁ । ଏବଂ, ଏହି

'oaob.nitrkl.ac.in' images reprocessed

ଦୁର୍ଭାଗ୍ୟବଶତଃ ସ୍ଥିତିଟି ଦୀର୍ଘ କାଳ ହୋଇ ଆମେ ପୁଣି ଆପଣାକୁ ଫେରି ପାଇବାକୁ ଚେଷ୍ଟାକଲୁ. ଅଧିକ ଯଥାର୍ଥ ଏକାଗ୍ରତା ସହିତ ଭାବିବାକୁ ଆରମ୍ଭ କଲୁ । ଆମ ଭିତରୁ ସର୍ବୋତ୍ତମମାନେ ସେତେବେଳକୁ ମୃତ୍ୟୁମୁଖରେ ପଡ଼ିସାରିଥିଲେ । ସବୁଠାରୁ ଅଧିକ ବୁଦ୍ଧିମାନମାନେ ଆମକୁ ବାଟଦେଖାଇ ନେବାକୁ ଏବଂ ପରିଚାଳନା କରିବା ଲାଗି ସେମାନଙ୍କର ସବୁଠାରୁ ଅଧିକ ସାମର୍ଥ୍ୟ ରହିଥିଲା. ଆପଣାର ସାହସିକ ଆତ୍ମତ୍ୟାଗ ସକାଶେ ସେମାନଙ୍କୁ ନିର୍ବାସନ ଅଥବା ମୃତ୍ୟୁବରଣ କରିବାକୁ ପଡ଼ିଥିଲା । ଆମ ସମସ୍ତଙ୍କୁ ଘେରିଥିବା ଏକ ଆତଙ୍କ ଗ୍ରାସ କରି ରହିଥିଲା । ଏବଂ ସର୍ବଶେଷରେ, ମୁଁ କ'ଣ ଭାବୁଥିଲି ଓ କ'ଣ ଅନୁଭବ କରୁଥିଲି, ସେହି କଥାଟିକୁ ସମସ୍ତଙ୍କ ଆଗରେ କହିବାକୁ ସମର୍ଥ ହେଲି ।

"ହିଂସାରେ ଯୁଦ୍ଧ ଲଢ଼ିବାକୁ ଆମ ପାଖରେ ଯଥେଷ୍ଟ ବଳ ନାହିଁ । କାରଣ ଆମେ ଯଥେଷ୍ଟ ପରିମାଣରେ ଏକତାବଦ୍ଧ ଓ ସଂଗଠିତ ହୋଇପାରି ନାହୁଁ । ପ୍ରକୃତ ମଧ୍ୟରେ କାର୍ଯ୍ୟ କରୁଥିବା କର୍ମୀବର୍ଗର ବିଧାନଗୁଡ଼ିକ ଆହୁରି ଅଧିକ ଭଲ ଭାବରେ ବୃଦ୍ଧି ପାଇବା ସକାଶେ, ସୁଶୃଙ୍ଖଳିତ ଭାବରେ ଗୋପନ କାର୍ଯ୍ୟ କରିବାକୁ ହୁଏ, ଆପଣାର ଯାବତୀୟ ପତ୍ରାଦିକୁ ଗୋପନ ସୁସମ୍ବଦ୍ଧ କରି ରଖିବାକୁ ହୁଏ, ତାହା ଆହୁରି ଭଲକରି ଜାଣିବା ସକାଶେ ଆମକୁ ବୁଦ୍ଧିର କ୍ଷେତ୍ରରେ ଆହୁରି ଅଧିକ ଲାଭ କରିବାକୁ ପଡ଼ିବ । ଆମର ଚତୁର୍ଦ୍ଦିଗରେ ବାସ କରୁଥିବା ଜନଗଣଙ୍କୁ ଯଥାର୍ଥ ଭାବରେ ଶିକ୍ଷିତ କରାଇବାକୁ ହେବ, ସେମାନେ ଯେପରି ନିଜେ ସ୍ୱାଧୀନ ଭାବରେ ଚିନ୍ତା କରିପାରିବେ ନିଜେ ସବୁକଥା ବୁଝି ପାରିବେ, ସେଥିଲାଗି ସେମାନଙ୍କୁ ଉଚିତ ଭାବରେ ପ୍ରଶିକ୍ଷିତ କରି ଆଣିବାକୁ ପଡ଼ିବ । ତେବେଯାଇ, ଆମେ ନିର୍ଦ୍ଦିଷ୍ଟ ଯେଉଁ ଲକ୍ଷ୍ୟଟିକୁ ହାସଲ କରିବାକୁ ଇଚ୍ଛା କରୁଛୁ, ସେମାନେ ସେହି ବିଷୟରେ ପ୍ରକୃତ ସଜ୍ଞାନତା ଲାଭ କରିପାରିବେ ଏବଂ ଫଳଦାୟକ ଭାବରେ ଆମର ସହାୟତା କରି ପାରିବେ । ବର୍ତ୍ତମାନ ଯେପରି ଅନେକ ସମୟରେ ସେମାନେ ଏକ ଅନ୍ଧବତ୍ ପରି କାର୍ଯ୍ୟ କରୁଛନ୍ତି, ସେତେବେଳେ ଆଉ ଆଦୌ ସେପରି ହେବେ ନାହିଁ ।

"ମୁଁ ସେମାନଙ୍କୁ ଏକଥା ମଧ୍ୟ କହିଦେଉଛି ଯେ ଯଦି କୌଣସି ଜାତିକୁ ସ୍ୱାଧୀନତା ହାସଲ କରିବାକୁ ହୁଏ, ତେବେ ସର୍ବପ୍ରଥମେ ତାହାକୁ ସେହି ସ୍ୱାଧୀନତାର ଯୋଗ୍ୟ ହେବାକୁ ପଡ଼ିବ. ଉପଯୁକ୍ତ ହେବାକୁ ପଡ଼ିବ, ସେହି ସ୍ୱାଧୀନତାକୁ ଉପଭୋଗ କରି ପାରିବା ଲାଗି ଆପଣାକୁ ପ୍ରସ୍ତୁତ ହେବାକୁ ପଡ଼ିବ । ରୁଷଦେଶରେ ଆଦୌ ଏପରି ହୋଇ ନାହିଁ; ଏବଂ ଜନସାଧାରଣ ଯେପରି ଶିକ୍ଷା ଲାଭ କରି ସେମାନଙ୍କର ଜଡ଼ତା ମଧ୍ୟରୁ ବାହାରକୁ ବାହାରି ଆସି ପାରିବେ, ସେଥି-ଲାଗି ଆମକୁ ଅନେକ କଷ୍ଟ କାର୍ଯ୍ୟ କରିବାକୁ ପଡ଼ିବ । ମାତ୍ର, ଆମେ ଯେତେ ଶୀଘ୍ର

'oaob.nitrkl.ac.in' images reprocessed

ଏହି କାର୍ଯ୍ୟଟିକୁ ଆରମ୍ଭ କରିପାରିବା, ଆମେ ସେତିକି ଶୀଘ୍ର ହିଁ ପୁନର୍ବାର ସଶସ୍ତ୍ର ବିପ୍ଳବ ଲାଗି ପ୍ରସ୍ତୁତ ମଧ୍ୟ ହୋଇପାରିବା ।

"ଏହିସବୁ କଥାକୁ ବୁଝିବା ବିଷୟରେ ମୁଁ ବନ୍ଧୁମାନଙ୍କର ହୃଦ୍‌ବୋଧ କରାଇ ପାରିଛି । ସେମାନେ ମୋ' କଥାରେ ବିଶ୍ୱାସ କଲେ ଏବଂ ଆମେ ଅଧ୍ୟୟନ ଆରମ୍ଭ କରିଦେଲୁ । ଏହିପରି ଭାବରେ ଆମେ ଆପଣମାନଙ୍କର ବହିଗୁଡ଼ିକୁ ମଧ୍ୟ ପଢ଼ିବାକୁ ପାଇଲୁ । ଆମର ବର୍ତ୍ତମାନ ପରିସ୍ଥିତିରେ ଆପଣମାନଙ୍କର ବିଚାରଗୁଡ଼ିକୁ କିପରି ଭାବରେ ପ୍ରୟୋଗ କରାଯାଇ ପାରିବ ଏବଂ ସେଗୁଡ଼ିକୁ ନେଇ ଆମେ ନିଜ ଲାଗି କିପରି ଏକ କର୍ମଯୋଜନା ତିଆରି କରିପାରିବୁ, ସେହି ବିଷୟରେ ଆପଣମାନଙ୍କର ସାହାଯ୍ୟ ଲୋଡ଼ିବାକୁ ମୁଁ ବର୍ତ୍ତମାନ ଏଠାକୁ ଆସିଛି । ଏସବୁକୁ ନେଇ ଆମେ ଏକ କ୍ଷୁଦ୍ର ପୁସ୍ତିକା ମଧ୍ୟ ପ୍ରସ୍ତୁତ କରିବୁ, ଯାହାକି ଆମର ଏକ ନୂତନ ଅସ୍ତ୍ରରୂପେ କାର୍ଯ୍ୟ କରିବ ଏବଂ, ସଂଘବଦ୍ଧତା, ସମଞ୍ଜସତା, ସ୍ୱାଧୀନତା ଏବଂ ନ୍ୟାୟର ଏହି ସୁନ୍ଦର ବିଚାରଗୁଡ଼ିକର ଲୋକମାନଙ୍କ ଭିତରେ ପ୍ରସାର ଘଟାଇ ପାରିବା ସକାଶେ ଯାହାକୁ ଆମେ କାର୍ଯ୍ୟରେ ମଧ୍ୟ ଲଗାଇ ପାରିବୁ ।"

ସିଏ କିଛି ସମୟ ନୀରବ ରହି କ'ଣସବୁ ଚିନ୍ତା କଲେ ଏବଂ ତା'ପରେ ପୁଣି ଥରଥର କହିବାକୁ ଆରମ୍ଭ କଲେ :

"ମୋର ଦାର୍ଶନିକ ସ୍ୱପ୍ନଗୁଡ଼ାକ କେବଳ ଏକ କଳ୍ପନାର ସୌଧ ହୋଇ ରହିଯିବ ନାହିଁ ତ, ଏହି ମାର୍ଗରେ ମୋ'ର ଅନ୍ୟ ଭାଇମାନଙ୍କୁ ପରିଚାଳିତ କରିବାକୁ ଯାଇ ମୁଁ କୌଣସି ଭୁଲ୍ କାର୍ଯ୍ୟ କରୁ ନାହିଁ ତ, ଏହାଦ୍ୱାରା ମୁଁ କେବଳ ଭୀରୁତାର ଏକ ପରିଚୟ ଦେଉ ନାହିଁ ତ, — ବେଳେବେଳେ ମୋର ମନରେ ଏହିଭଳି ସନ୍ଦେହମାନ ଆସି ଉପସ୍ଥିତ ହୋଇଥାଏ । ସଂକ୍ଷେପରେ କହିବାକୁ ଗଲେ, ହିଂସା ଦ୍ୱାରା ହିଂସାର ଜବାବ ଦେଲେ, ଧ୍ୱଂସ ଦ୍ୱାରା ଧ୍ୱଂସର ଏବଂ ରକ୍ତପାତ ଦ୍ୱାରା ଶେଷ କ୍ଷଣଟି ପର୍ଯ୍ୟନ୍ତ ରକ୍ତପାତର ଜବାବ ଦେଲେ ତାହାକୁ ପ୍ରକୃତରେ ଏକ ଅଧିକ ଉଚିତ ପନ୍ଥା ବୋଲି ବୁଝାଯିବ ନାହିଁ କି ?, — ଅନେକ ସମୟରେ ମୋ'ମନରେ ଏହିପରି ଏକ ସନ୍ଦେହ ଜାତ ହୋଇଥାଏ ।"

"କିନ୍ତୁ, ଆପଣମାନେ ଯେଉଁ ଲକ୍ଷ୍ୟଟିକୁ ହାସଲ କରିବା ଲାଗି ବାହାରିଛନ୍ତି, ସେଥିଲାଗି ହିଂସାକୁ ହୁଏତ କଦାପି ଏକ ଉପାଦେୟ ପନ୍ଥାରୂପେ ଗ୍ରହଣ କରାଯାଇ ପାରିବ ନାହିଁ । ଆପଣମାନେ ଅନ୍ୟାୟ ଦ୍ୱାରା କିପରି ନ୍ୟାୟ ହାସଲ କରିପାରିବେ, ଘୃଣା ଦ୍ୱାରା ସମଞ୍ଜସତା ଏବଂ ମୈତ୍ରୀ ହାସଲ କରିପାରିବେ ?"

"ହଁ । ଆମ ଭିତରୁ ପ୍ରାୟ ଅନେକଙ୍କର ଠିକ୍ ଏହିପରି ମତ ରହିଛି । ମୋ' ନିଜ ବିଷୟରେ କହିବାକୁ ଗଲେ, ରକ୍ତପାତ ଓ ସେହିଭଳି ଯାବତୀୟ କାର୍ଯ୍ୟ

'oaob.nitrkl.ac.in' images reprocessed

ପ୍ରତି ମୋ'ର ଏକ ବିଶେଷ ଘୃଣାଭାବ ରହିଛି । ସେସବୁ କାର୍ଯ୍ୟ ଦେଖିଲେ ମୁଁ ପ୍ରକୃତରେ ଖୁବ ଆତଙ୍କିତ ହୋଇପଡେ । ଯେତେଥର ଆମ ଭିତରୁ ନୂତନ କରି କାହାକୁ ଆତ୍ମବଳି ଦେବାକୁ ହୁଏ, ମୁଁ ସେତେଥର ଘୋର ଦୁଃଖ ଯନ୍ତ୍ରଣାରେ ଅବଶ ପ୍ରାୟ ହୋଇପଡେ । ଖାସ ଏହିପରି ଏକ କାର୍ଯ୍ୟାଚରଣ ଦ୍ୱାରା ଆମେ ଯେପରି ଆମର ଲକ୍ଷ୍ୟଠାରୁ ଆହୁରି ଦୂରକୁ ଦୂରକୁ ଚାଲିଯାଉଛୁ, ମୁଁ ସେହିପରି ଅନୁଭବ କରିଆଏ ।

"ମାତ୍ର ଘଟନାଚକ୍ରଗୁଡିକ ଆମକୁ ଯେତେବେଳେ ଏହିପରି ଭାବରେ ଜୋର କରି ସିଆଡକୁ ଟାଣି ନେଉଛନ୍ତି ଏବଂ ଯେତେବେଳେ ଆମେ ଏପରି ସବୁ ଶତ୍ରୁର ସମ୍ମୁଖୀନ ହେଉଛୁ, ଯେଉଁମାନେ କି ଆମ ଉପରେ ବିଜୟ ହାସଲ କରିବା ଲାଗି ଏକାବେଳକେ ସମସ୍ତଙ୍କର ବି ପ୍ରାଣ ନେବାକୁ ପଶ୍ଚାତ୍ପଦ ହେବେ ନାହିଁ, ସେତେବେଳେ ଆମେ ଆଉ ଅନ୍ୟ କଥା କ'ଣ କରିପାରନ୍ତୁ ? ମାତ୍ର ଏକଥା ମଧ୍ୟ ସତ ଯେ ସେମାନେ କଦାପି ତାହା କରିପାରିବେ ନାହିଁ । ଆମ ଭିତରୁ ସର୍ବଶେଷ ବ୍ୟକ୍ତିଟିକୁ ପ୍ରାଣପାତ କରିବାକୁ ପଡିବ ପଛକେ, ଆମ ଉପରେ ନ୍ୟସ୍ତ ହୋଇ ରହିଥିବା ଏହି ପବିତ୍ର କର୍ତ୍ତବ୍ୟଟିରୁ ଆମେ କଦାପି ବିଚ୍ୟୁତ ହେବୁ ନାହିଁ, ଜୀବନର ଶେଷ ନିଃଶ୍ୱାସ ରହିଥିବା ପର୍ଯ୍ୟନ୍ତ ସେହି ପବିତ୍ର ଲକ୍ଷ୍ୟ ସାଧନ ଲାଗି କାର୍ଯ୍ୟ କରିବାକୁ ଆମେ ଆମ ଅନ୍ତରତମ ପ୍ରଦେଶରେ ଶପଥ ଗ୍ରହଣ କରିଛୁ, ଆମେ କେବେ-ହେଲେ ତାହାପ୍ରତି ବିଶ୍ୱାସଘାତକତା କରିବୁ ନାହିଁ ।"

ଏକ ଉଦାସୀନଭାବ ଦ୍ୱାରା ଅନୁସିକ୍ତ ସଂକଳ୍ପର ମୁଦ୍ରାରେ ସେ ଏହି କଥାଗୁଡିକୁ କହୁଥିଲେ । ଏବଂ, ସେତେବେଳେ ସେହି ଅପରିଜ୍ଞାତ ସାରବଂକ୍ରଙ୍କର ମୁଖମଣ୍ଡଳ ଉପରେ ଏପରି ଏକ ଉଦାତ୍ତ ରହସ୍ୟମୟତା ସ୍ପଷ୍ଟ ରେଖାପାତ କରିବାରେ ଲାଗି ଥିଲା ଯେ, ତାଙ୍କର ଚକ୍ଷୁର ଭ୍ରୂଲତା ଉପରେ ଜଣେ ସହୃଦର କଣ୍ଟକମୁକୁଟ ଆବୋରି କରି ରହିଥିବାର ଦେଖିଥିଲେ ମୁଁ ସେଥିରେ ଆଦୌ ବିସ୍ମୟ ପ୍ରକାଶ କରି ନ ଥା'ନ୍ତି ।

ମୁଁ ତାଙ୍କୁ ଉତ୍ତର ଦେଇଥିଲି, "କିନ୍ତୁ ଆପଣ ଯେପରି ଆମକୁ ପ୍ରଥମେ କହୁଥିଲେ, ଅପଣ ନିଜେ ଏକଥା ସ୍ୱୀକାର କରିବାକୁ ବାଧ୍ୟ ହୋଇଛନ୍ତି ଯେ ଏହି ଖୋଲାଖୋଲି ଯୁଦ୍ଧ, ପ୍ରାଣ ପଣ କରି ବାହାରିଥିବା ବ୍ୟକ୍ତିମାନଙ୍କର ଏହି ସଂଗ୍ରାମରେ ନିଶ୍ଚିତ ଭାବରେ ଏକ ମହାନ୍ ଦୁର୍ବଳତା ରହିଥିଲେ ମଧ୍ୟ ତାହା ତଥାପି ଏକ ନିଷ୍ଫଳ ସଂଗ୍ରାମ ଓ ଏଥିରେ ଏପରି ଉନ୍ମତ୍ତ ହୋଇ ମାତିରହିବା ପ୍ରକୃତରେ ନିର୍ବୋଧ-ତାର କାର୍ଯ୍ୟ ହେବ । ସେଥିପାଇଁ ଆପଣ କିଛି ସମୟ ପାଇଁ ତାହାକୁ ପରିତ୍ୟାଗ କରିବାକୁ ମଧ୍ୟ ଭାବୁଥିଲେ, ଅନ୍ତରାଳକୁ ଚାଲିଯିବା ପାଇଁ ଓ ନୂଆ ଭାବରେ ନିଜକୁ ପ୍ରସ୍ତୁତ କରିବା ସକାଶେ ଭାବୁଥିଲେ; ଆପଣାର ଶକ୍ତିକୁ ଠୁଳ କରି, ଗୋଟିଏ

'oaob.nitrkl.ac.in' images reprocessed

ଗୋଟିଏ ଗୋଷ୍ଠୀରେ ସଂଗଠିତ ହୋଇ ଏବଂ ଅଧିକରୁ ଅଧିକ ଏକତାବଦ୍ଧ ହୋଇ ପରବର୍ତ୍ତୀ ଅନ୍ୟ ଏକ ଶୁଭ ଅବସରରେ ଏଥିରେ ବିଜୟ ପ୍ରାପ୍ତ କରିବେ ବୋଲି ଭାବୁଥିଲେ । ଆପଣ ଭାବୁଥିଲେ ଯେ ସେହି ସଂଗ୍ରାମରେ ଆପଣମାନଙ୍କର ସଂଗଠନକ୍ଷମ ବୁଦ୍ଧିମତ୍ତା ହିଁ ଆପଣମାନଙ୍କର ସହାୟକ ହେବ ଏବଂ ଏପରି ଏକ ସାମ୍ରାଜ୍ୟବାଦ ପରି କାର୍ଯ୍ୟ କରିବ, ଯାହାର ହିଂସା ପରି କଦାପି ପରାଭୂତ ହୋଇପାରିବ ନାହିଁ ।

"ଆପଣମାନଙ୍କର ଶତ୍ରୁମାନଙ୍କ ହାତରେ ଆପଣମାନେ ଆଉ ଅଧିକ ଅସ୍ତ୍ରଶସ୍ତ୍ର ଆଣି ଧରାଇ ଦେବାର ପ୍ରୟାସ କରନ୍ତୁ ନାହିଁ, ଆପଣମାନଙ୍କୁ ଦୋଷ ଦେବା ଲାଗି ସେମାନଙ୍କୁ ଆପଣମାନେ ଆଉ ଆଦୌ କୌଣସି ସୁଯୋଗ ଦିଅନ୍ତୁ ନାହିଁ, ଆପଣମାନେ ସାହସିକତାର ଦୃଷ୍ଟାନ୍ତ ଦେଖାନ୍ତୁ, ଧୈର୍ଯ୍ୟର ଦୃଷ୍ଟାନ୍ତ ଦେଖାନ୍ତୁ, ସାଧୁତା ଏବଂ ନ୍ୟାୟପରତାର ଦୃଷ୍ଟାନ୍ତ ଦେଖାନ୍ତୁ । ତେବେଯାଇ ବିଜୟ ଆପଣମାନଙ୍କର କରତଳଗତ ହୋଇ ଆସିବ, କାରଣ ସେତେବେଳେ, ଯାହା ହେବା ଉଚିତ, ତାହା ଆପଣମାନଙ୍କ ପକ୍ଷରେ ରହିବ, ସେତେବେଳେ ସାଧ୍ୟ ଓ ସାଧନ ଉଭୟଟି ମଧ୍ୟରେ ହିଁ ଅସଲ ଓ ସମ୍ପୂର୍ଣ୍ଣ ନ୍ୟାୟଟି ଆପଣମାନଙ୍କ ପକ୍ଷରେ ରହିବ ।"

ସିଏ ଅତ୍ୟନ୍ତ ମନୋଯୋଗ ଦେଇ ମୋ' କଥାଗୁଡ଼ିକୁ ଶୁଣୁଥିଲେ, ମୋ' କଥାରେ ରାଜି ହେଉଥିବା ପରି ମଝିରେ ମଝିରେ ମୁଣ୍ଡ ବି ହଲାଉଥିଲେ । ସିଏ ଅନେକ ସମୟ ନୀରବ ରହି ଚିନ୍ତା କରିବାକୁ ଲାଗିଲେ । ସଂସର୍ପରତ ତାଙ୍କର ସାଥୀମାନଙ୍କର ଯାବତୀୟ ଯନ୍ତ୍ରଣାମୟ ଆଶା ଏବଂ ଯାବତୀୟ ଜ୍ୱଳନ୍ତ ଆକାଂକ୍ଷାମାନ ତାଙ୍କର ଚତୁର୍ଦିଗରେ ମଣ୍ଡଳାକାର ହୋଇ ବୁଲୁଥିବା ପରି ଆମେ ସ୍ପଷ୍ଟ ଅନୁଭବ କରୁଥିଲୁ ।

ମୋ' ଅଭିନ୍ନ ଅନାଇ ସିଏ ଉତ୍ତର ଦେଇ କହିଲେ, "ଜଣେ ନାରୀ ଏହିସବୁ ବିଷୟରେ ଏତେ ଚିନ୍ତା କରୁଛନ୍ତି ବୋଲି ଦେଖି ମୋତେ ପ୍ରକୃତରେ ବଡ଼ ଆନନ୍ଦ ଲାଗୁଛି । ସଂସାରରେ ଏକ ଅଧିକ ଭଲ ସମୟ ଆହୁରି ଶୀଘ୍ର ଆସିବାରେ ନାରୀମାନେ ପ୍ରକୃତରେ କେତେ କ'ଣ କରି ନ ପାରିବେ ! ସେଠି ରୁଷଦେଶରେ ମଧ୍ୟ ସେମାନେ ଅତି ମୂଲ୍ୟବାନ୍ ଭାବରେ ଏହି କାର୍ଯ୍ୟରେ ଆମର ସହାୟତା କରିଛନ୍ତି । ସେମାନେ ଆମ ସାଥିରେ ନ ଥିଲେ ଆମେ କଦାପି ଏତେ ସାହସୀ ହୋଇପାରି ନ ଥାନ୍ତୁ, ଏତେ ଶକ୍ତିଶାଳୀ ହୋଇପାରି ନ ଥାନ୍ତୁ ବା ଆମର ଏତେ ସହବାଣକ୍ତ କଦାପି ନ ଥାନ୍ତା । ସେମାନେ ଆମ ସହିତ ସବୁ ଜାଗାକୁ ଯାଆନ୍ତି, ଗୋଟିଏ ସହରରୁ ଆଉ ଗୋଟିଏ ସହରକୁ ଯାଆନ୍ତି, ଗୋଟିଏ ଗୋଷ୍ଠୀରୁ ଆଉ ଗୋଟିଏ ଗୋଷ୍ଠୀକୁ ଯାଇ କାର୍ଯ୍ୟ କରନ୍ତି । ଆମ ସମସ୍ତଙ୍କୁ ଏକତାବଦ୍ଧ କରି ରଖନ୍ତି, ଆମ ଭିତରୁ ନିରାଶ ହୋଇ ପଡ଼ିଥିବା ଲୋକମାନଙ୍କୁ ସାନ୍ତ୍ୱନା ଦିଅନ୍ତି, ନିରୁତ୍ସାହିତମାନଙ୍କୁ ଉତ୍ସାହ ଦେଉଥାନ୍ତି, ପୀଡ଼ିତମାନଙ୍କର ଶୁଶ୍ରୂଷା କରନ୍ତି ଏବଂ ସବୁ ଜାଗାରେ ସେମାନଙ୍କ

'oaob.nitrkl.ac.in' images reprocessed

ମଧ୍ୟରେ ଏକ ଅଦମ୍ୟ ଆଶା, ଆତ୍ମ-ବିଶ୍ୱାସ ଓ ଉତ୍ସାହ ଆଣି ସଞ୍ଚାର କରି ଦେଇ ଥାନ୍ତି ।

"ଏହିପରି ଭାବରେ ଘଟଣାକ୍ରମେ ଜଣେ ନାରୀ ଥରେ ମୋ' କାର୍ଯ୍ୟରେ ସହାୟତା କରିବା ଲାଗି ମୋ'ସହିତ ଆସି ଯୋଗ ଦେଇଥିଲେ । ଅନେକ ଦିନ ଲଗାଏତ ମହମବତୀ ଆଲୁଅରେ ଦୀର୍ଘସମୟ ଚେଇଁ ରହି ଲେଖାଲେଖି କରିବା ହେତୁ ମୋ'ର ଦୃଷ୍ଟିଶକ୍ତି ଏକାବେଳେକେ ଦୁର୍ବଳ ହୋଇଯାଇଥିଲା । କାରଣ, କର୍ତ୍ତୃପକ୍ଷଙ୍କର ଦୃଷ୍ଟି ଏଡ଼ିବାକୁ ମୋତେ ଦିନବେଳେ ମଧ୍ୟ ଆଉ ଗୋଟିଏ କାର୍ଯ୍ୟ କରିବାକୁ ପଡ଼ୁଥିଲା । ତେଣୁ କେବଳ ରାତି ସମୟରେହିଁ ମୁଁ ଆମର ଯୋଜନାଗୁଡ଼ିକୁ ଠିଆରି କରିପାରୁଥିଲି, ପ୍ରଚାରପତ୍ରଗୁଡ଼ିକୁ ଲେଖୁଥିଲି ଏବଂ ତା'ପରେ ଅନେକ ସଂଖ୍ୟାରେ ସେଗୁଡ଼ିକର ନକଲ ମଧ୍ୟ କରୁଥିଲି । ସେତେବେଳେ ମୋତେ କେତେ ତାଲିକା ଠିଆରି କରିବାକୁ ପଡ଼ୁଥିଲା ଓ ସେହି ଧରଣର ଆହୁରି କେତେ କ'ଣ କାମ କରିବାକୁ ବି ପଡ଼ୁଥିଲା । ଏହିପରି ଭାବରେ ମୋ'ର ଦୃଷ୍ଟିଶକ୍ତି କ୍ରମଶଃ ଭାରି କ୍ଷୀଣ ହୋଇଆସିଥିଲା । ବର୍ତ୍ତମାନ ମୁଁ ପ୍ରାୟ ଅନ୍ଧ ହୋଇଗଲିଣି ବୋଲି କୁହାଯାଇ ପାରିବ । ସେତିକବେଳେ ଆମର ଲକ୍ଷ୍ୟ ପ୍ରତି ଅନୁରକ୍ତ ରଖିଥିବା ଜଣେ ତରୁଣୀ ମହିଳା ମୋ'ର ସହକର୍ମୀ ହୋଇ ଆସିଲେ । ମୁଁ ତାଙ୍କୁ ଡାକୁଥିବା ପର୍ଯ୍ୟନ୍ତ ସିଏ ଲେଖିବାରେ ଲାଗିଥା'ନ୍ତି । ତଥାପି ସେ ତଦ୍ଦ୍ୱାରା କେବେହେଲେ କୌଣସିପ୍ରକାରେ ଆଦୌ କ୍ଳାନ୍ତ ବା ବିରକ୍ତ ହୋଇଯାଉଥିବା ପରି ଦେଖାଯାଆନ୍ତି ନାହିଁ ।" ସେହି ବିନସ୍ୱଯୁକ୍ତ କର୍ମନିଷ୍ଠା କଥା ସ୍ମରଣ କରି, ଆତ୍ମ-ଉତ୍ସର୍ଗର ଏହି ନିଦର୍ଶନଟିର କଥା ଭାବି ତାଙ୍କର କଥାଗୁଡ଼ିକ ଅତ୍ୟନ୍ତ କୋମଳ ହୋଇଆସିଥିଲା ଏବଂ ଭାରି ମଧୁର ଶୁଭୁଥିଲା ।

"ସେହି ମହିଳା ମୋ'ସହିତ ପାରିସ୍‌କୁ ମଧ୍ୟ ଆସିଥିଲେ । ଆମେ ବର୍ତ୍ତମାନ ପ୍ରତିଦିନ ସନ୍ଧ୍ୟାରେ ଏକାଠି ହୋଇ ସବୁ କାର୍ଯ୍ୟ କରୁଛୁ । ଆମେ ବର୍ତ୍ତମାନ ଯେଉଁ ପୁସ୍ତିକାଟି ବିଷୟରେ କଥାବାର୍ତ୍ତା ହେଉଥିଲୁ, ବର୍ତ୍ତମାନ ମୁଁ ତାଙ୍କ ସହାୟତାରେହିଁ ସେଇଟିକୁ ଲେଖିପାରିବି । ଏତେ ସଙ୍କଟରେ ପୂର୍ଣ୍ଣ ହୋଇ ରହିଥିବା ମୋ' ଭଳି ଜଣେ ମଣିଷର ଭାଗ୍ୟ ସହିତ ନିଜ ଭାଗ୍ୟକୁ ଆଣି ଯୋଡ଼ିପାରିବା ପ୍ରକୃତରେ କମ୍ ସାହସର କଥା ନୁହେଁ । ଆପଣାର ସ୍ୱାଧୀନତାକୁ ରକ୍ଷା କରିବା ସକାଶେ ମୋତେ ଠିକ୍ ଜଣେ ନିର୍ବାସିତ କଏଦୀ ପରି ନିଜକୁ ଲୁଚାଇ ରଖିବାକୁ ପଡ଼ୁଛି ।"

"କିନ୍ତୁ ଅନ୍ତତଃ ପାରିସ୍‌ରେ ତ ଆପଣ ନିରାପଦ ରହୁଥିବେ !"

"ଅଛି, ପୁଣି ନାହିଁ । କାହିଁକି କେଜାଣି ସେମାନେ ଆମକୁ ନେଇ ଭାରି ଆତଙ୍କିତ ହୋଇ ରହିଛନ୍ତି । ସେମାନେ ଆମକୁ ଭୟଙ୍କର ଓ ଅନିଷ୍ଟକାରୀ

'oaob.nitrkl.ac.in' images reprocessed

ବୈପ୍ଳବୀକବାଦୀ ବୋଲି ଭାବୁଛନ୍ତି । ତେଣୁ, ଆମ ନିଜଦେଶରେ ଯେମିତି, ଦେଶ ବାହାରେ ଏଠି ମଧ୍ୟ ଆମ ପଛେ ପଛେ ରହି ଆମ ଉପରେ ସତର୍କ ଦୃଷ୍ଟି ରଖା-ଯାଉଛି । ତଥାପି, କେହି କିପରି ପରିକଳ୍ପନା କରିପାରିବ ଯେ, ଯେଉଁ ଲୋକମାନେ ନିଜର ରକ୍ତ ବି ଦେଇ ନ୍ୟାୟର ବିଜୟକୁ ଜୀବନର ଲକ୍ଷ୍ୟରୂପେ ଗ୍ରହଣ କରିଛନ୍ତି, ସେମାନେ ଦୁର୍ବଳକୁ ରକ୍ଷା କରିଆସିଥିବା ଓ ସମତାକୁ ଉଚ୍ଚ କରି ଧରିଥିବା ଫ୍ରାନ୍ସ ଭଳି ଗୋଟିଏ ଦେଶ ପ୍ରତି ଅକୃତଜ୍ଞତା ପ୍ରଦର୍ଶନ କରିବେ ? ଏବଂ, ଦାରୁଣତମ ଦୁର୍ଦ୍ଦିନରେ ସେମାନଙ୍କର ଆଶ୍ରୟସ୍ଥଳରୂପେ କାର୍ଯ୍ୟ କରୁଥିବା ଗୋଟିଏ ସହରର ଶାନ୍ତିରେ ସେମାନେ ବ୍ୟାଘାତ ସୃଷ୍ଟି କରିବାକୁ କାହିଁକି ବା ମନ କରିବେ ?"

"ତେବେ ଆପଣ ଏଠାରେ ଆଉ କିଛିଦିନ ରହିବାକୁ ଚିନ୍ତା କରୁଛନ୍ତି ?"

"ହଁ, ଯେତେଦିନ ପର୍ଯ୍ୟନ୍ତ ରହିବା ସମ୍ଭବ ହେବ, ଯେତେଦିନ ପର୍ଯ୍ୟନ୍ତ ଦେଶରେ ଥିବା ଅନ୍ୟ ବନ୍ଧୁମାନେ ସେଠାରେ ମୋ'ର ଉପସ୍ଥିତିକୁ ଆବଶ୍ୟକ ନ କରିବେ । ଆଉଥରେ ଆମ ସଙ୍ଘର୍ଷଟିକୁ ଆରମ୍ଭ କରି ପାରିବା ଲାଗି ସକଳ ଉପାଦାନଗୁଡ଼ିକୁ ଏକତ୍ର କରିବାରେ ଏଠାରେ ରହି ସେମାନଙ୍କର କୌଣସି କାର୍ଯ୍ୟ କରୁଥିବା ପର୍ଯ୍ୟନ୍ତ ହୁଏତ ମୁଁ ଏଠାରେ ରହିପାରିବି । କିନ୍ତୁ ଏଥର ଯେଉଁ ସଂଗ୍ରାମଟି ହେବ, ତାହା ଆମର ଯଥାଶକ୍ତି ଶାନ୍ତିପୂର୍ଣ୍ଣ ହେବ । ବିପ୍ଳବର ସ୍ତରରେହିଁ ହେବ ।"

"ତେବେ ଆପଣ ଆଉଥରେ ଏଠାକୁ ଆସିବେ ଓ ଆମ ସହିତ ଦେଖା କରିବେ, ନୁହେଁ ? ସେତେବେଳେ, ଆପଣଙ୍କର ପରିକଳ୍ପନା ଓ ପ୍ରସ୍ତୁତି ଲାଗି ଆପଣାର ଯୋଜନାଗୁଡ଼ିକୁ ଆପଣ ସାଙ୍ଗରେ ନେଇଆସିଥିବେ । ତେବେ ଆମେ ସେଗୁଡ଼ିକ ବିଷୟରେ ଅଧିକ ବିସ୍ତୃତ ଭାବରେ ଆଲୋଚନା କରିପାରିବା ।"

"ହଁ, ମୁଁ ପୁଣିଥରେ ଆସିବି । ମୋ କାମଟିକୁ ଆରମ୍ଭ କରିଦେବା ପରେ ଯଥାସମ୍ଭବ ଶୀଘ୍ର ମୁଁ ପୁଣିଥରେ ଆସିବି । ଆପଣଙ୍କ ସହିତ ପୁନର୍ବାର ସାକ୍ଷାତ୍ କରି ଏବଂ କଥାବାର୍ତ୍ତା ଚାଲୁ ରଖି ମୋତେ ପ୍ରକୃତରେ ଭାରି ଭଲ ଲାଗିବ ।"

ତାଙ୍କର ଦୟା ଦ୍ୟୁତିପୂର୍ଣ୍ଣ ଅଥଚ ଦୁଃଖରେ ଅନୁସିକ୍ତ ଆଖିଦୁଇଟି ଅନେକ ବିଶ୍ୱାସ ଓ ଆଶାର ସହିତ ଆମ ଆଡ଼କୁ ଅନାଇ ରହିଥାନ୍ତି । ଗଲାବେଳେ ସେ କେଡ଼େ ଉତ୍ସାହରେ ଆମମାନଙ୍କ ସହିତ କରମର୍ଦ୍ଦନ କରି ଯାଇଥିଲେ ।

ଆମେ ଦୁଆର ପର୍ଯ୍ୟନ୍ତ ତାଙ୍କୁ ପାଛୋଟି ଦେବାକୁ ଯାଇଥିଲୁ । ସିଏ ପୁଣିଥରେ ପଛକୁ ଫେରି ଚାହିଁଲେ, ଆହୁରି ଅଧିକ ଉତ୍ସାହପୂର୍ଣ୍ଣ ଭାବରେ ଆମ ସହିତ କରମର୍ଦ୍ଦନ କଲେ ଏବଂ ଆପଣାର ଗମ୍ଭୀର କଣ୍ଠରେ ଆମକୁ ଉଦ୍ଦେଶ୍ୟ କରି କହିଲେ :

'oaob.nitrkl.ac.in' images reprocessed

"ଯେଉଁମାନଙ୍କ ଉପରେ ମଣିଷ ବିଶ୍ୱାସ ରଖି ପାରିବ, ନ୍ୟାୟ ବିଷୟରେ ଯେଉଁମାନଙ୍କର ଠିକ୍ ଆମରି ପରି ସମାନ ଆଦର୍ଶଟିଏ ରହିଛି ଏବଂ ଆମେ ସେହି ନ୍ୟାୟର ବ୍ୟବସ୍ଥାଟିକୁ ଉପଲବ୍ଧି କରିବାକୁ ଇଚ୍ଛା କରୁଛୁ ବୋଲି ଯେଉଁମାନେ ଆମକୁ ଅପରାଧୀ କିଂବା ପାଗଳ ବୋଲି ଆଦୌ ଭାବୁ ନାହାନ୍ତି ସେମାନଙ୍କ ସହିତ ଆସି ସାକ୍ଷାତ୍ କରିବା ପ୍ରକୃତରେ ଆନନ୍ଦର କଥା । ଆପଣମାନଙ୍କୁ ଆଉଥରେ ପ୍ରଣାମ, ମୁଁ ଯାଉଛି ।"

ସିଏ ଆଉ କେବେହେଲେ ଆସି ନ ଥିଲେ ।

ଭାରି ତରତରରେ ଲେଖି ପଠାଇଥିବା ଖଣ୍ଡେ ପତ୍ରରେ ସେ ଆସିପାରିଲେ ନାହିଁ ବୋଲି ଦୁଃଖପ୍ରକାଶ କରି ଖବର ପଠାଇଥିଲେ । ଗୋଇନ୍ଦା ସବୁବେଳେ ତାଙ୍କର ପିଚ୍ଛା ଧରିଲେ, ତାଙ୍କୁ ଭାରି ସନ୍ଦେହ କଲେ, ବାର ବାର ଆପଣାର ରହିବା ଥାନଟିକୁ ବଦଳାଇଲେ ମଧ୍ୟ ସିଏ ତଥାପି ଜଣାପଡ଼ିଗଲେ । ଏହିପରି ଭାବରେ ସେହି ନ୍ୟାୟାକାଙ୍କ୍ଷୀ ଭଦ୍ରବ୍ୟକ୍ତିଙ୍କୁ ପୁଣି ଆପଣା ଦେଶକୁ ବାହୁଡ଼ିଯିବାକୁ ପଡ଼ିଲା । ସେହି ଭୟଙ୍କର ଦେଶରେ ସମ୍ଭବତଃ ଏକ ମର୍ମନ୍ତୁଦ ଜୀବନାବସାନ ତାଙ୍କ ଲାଗି ଅପେକ୍ଷା କରି ରହିଥିଲା ।

'oaob.nitrkl.ac.in' images reprocessed

ଦୁଃଖକୁ ସହ୍ୟ କରି ଜାଣିବା

ଯଦି କୌଣସି ସମୟରେ କୌଣସି ଗଭୀର ଦୁଃଖ, ଦଗ୍ଧ କରି ପକାଉଥିବା କୌଣସି ସଂଶୟ କିଂବା ତୀବ୍ର ଯନ୍ତ୍ରଣା ତୁମକୁ ଅଭିଭୂତ କରି ପକାଉଥିବ ଏବଂ ଘୋର ନୈରାଶ୍ୟ ମଧ୍ୟରେ ନେଇ ପକାଇ ଦେଉଥିବ, ତେବେ ଜାଣିବ ଯେ ଆପଣାର ସ୍ଥିରତା ଏବଂ ଶାନ୍ତିକୁ ପୁନର୍ବାର ଫେରି ପାଇବା ଲାଗି ତଥାପି ତୁମ ପାଖରେ ଏକ ଅମୋଘ ଉପାୟ ରହିଛି ।

ଆମ ସତ୍ତାର ଗଭୀର ତଳରେ ଏପରି ଏକ ଆଲୋକ ପ୍ରଦୀପିତ ହୋଇ ରହିଛି, ଯାହାର ଔଜ୍ଜ୍ୱଲ୍ୟ ଓ ଯାହାର ଶୁଦ୍ଧତା ପରିସ୍ଥରଠାରୁ ଆଦୌ କୌଣସି ଗୁଣରେ ଊଣା ହୋଇ ରହି ନାହାନ୍ତି । ସେହି ଆଲୋକଟିକୁ ଆମେ ଏକ ବିଶ୍ୱମୟ ଦେବସତ୍ତାର ଏକ ଜୀବନ୍ତ ଏବଂ ଚେତନ ଅଂଶ ବୋଲି ଜାଣିବା ଯାହାକି ଜଡ଼ ଭିତରେ ମଧ୍ୟ ଜୀବନର ସଞ୍ଚାର କରି ରଖିଛି, ଯାହା ଜଡ଼କୁ ପ୍ରାଣ ଯୋଗାଉଛି ଏବଂ ତାହାକୁ ଆଲୋକିତ କରି ରଖିଛି । ଯେଉଁମାନେ ତାଙ୍କର ନିର୍ଦ୍ଦେଶକୁ ଶୁଣିବାକୁ ମନ କରିବେ, ସେମାନଙ୍କ ସକାଶେ ସେ ଏକ ଶକ୍ତିଶାଳୀ ଏବଂ ସୁନିର୍ଭରଯୋଗ୍ୟ ମାର୍ଗଦର୍ଶକ ହୋଇ ରହିଛନ୍ତି; ଯେଉଁମାନେ ତାଙ୍କୁ ଦେଖିବା ଲାଗି, ତାଙ୍କର କଥା ଶୁଣିବା ଲାଗି ଏବଂ ତାଙ୍କର ନିର୍ଦ୍ଦେଶକୁ ପାଳନ କରିବା ଲାଗି ଆକାଂକ୍ଷା ରଖିଛନ୍ତି, ସିଏ ସେମାନଙ୍କୁ ସାହାଯ୍ୟ ଏବଂ ସାନ୍ତ୍ୱନା ଦେବା ଲାଗି ଶ୍ରଦ୍ଧାଶୀଳ ଧୈର୍ଯ୍ୟର ସହିତ ବିଦ୍ୟମାନ ହୋଇ ରହିଛନ୍ତି । ତାଙ୍କ ଲାଗି ପୋଷଣ କରି ଯାଉଥିବା କୌଣସି ନିଷ୍ଠାଯୁକ୍ତ ଏବଂ ସ୍ଥାୟୀ ଆକାଂକ୍ଷା କଦାପି ବ୍ୟର୍ଥ ହୋଇଯିବ ନାହିଁ; ଶକ୍ତିଶାଳୀ ଏବଂ ସମ୍ମାନାସ୍ପଦ କୌଣସି ବିଶ୍ୱାସ କଦାପି ନିରାଶ ହୋଇ ଫେରି ଆସିବ ନାହିଁ, କୌଣସି ପ୍ରତ୍ୟାଶାକୁ କଦାପି ବଞ୍ଚିତ ହେବାକୁ ପଡ଼ିବ ନାହିଁ ।

ମୋ'ର ହୃଦୟ କେତେ ଯାତନା ପାଉଛି, କେତେ ବିଳାପ କରୁଛି । ଅନେକ ସମୟରେ ଏକ ଦୁଃଖର ବୋଝ ତାକୁ ଏତେବେଶୀ ଭାରି ଲାଗିଛି ଯେ ତାହାର ତଳେ ସତେଅବା ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯିବା ପରି ଅନୁଭବ କରୁଛି; କୌଣସି ଯନ୍ତ୍ରଣା ଏତେ ତୀବ୍ର ହୋଇ ପଡ଼ୁଛି ଯେ ସିଏ ତାହାର ତଳେ ପେଷି ହୋଇ ପ୍ରାୟ ତଳତଳାନ୍ତ ହୋଇଯିବାକୁ ବସିଛି ।···ମାତ ହେ ଦିବ୍ୟ ପରମ ସାନ୍ତ୍ୱନାଦାତା, ମୁଁ ସେତିକିବେଳେ ତୁମକୁ ଯାଇ ଡାକୁଛି; ମୋ'ର ଅନ୍ତର ଭିତରୁ ମୁଁ ତୁମରି ଲାଗି ପ୍ରାର୍ଥନା କରୁଛି; ଏବଂ ସେତେବେଳେ ଆଖିକୁ ଝଲସାଇ

'oaob.nitrkl.ac.in' images reprocessed

ଦେଉଥିବା ତୁମର ଆଲୋକର ଦୀପ୍ତ ମହିମା ମୋ' ସମ୍ମୁଖରେ ଆସି ଆବିର୍ଭୂତ ହୋଇଛୁ ଏବଂ ମୋତେ ପୁନର୍ଜୀବନ ଦାନ କରିଛୁ ।

ତୁମ ପରମ ମହିମାର ଦୀପ୍ତିରଶ୍ମି ମୋ'ର ସମସ୍ତ ସତ୍ତା ମଧ୍ୟରେ ପ୍ରବେଶ କରି ତାହାକୁ ଆଲୋକିତ କରି ଦେଇଛୁ ଏବଂ ସେତିକବେଳେହିଁ ମୁଁ ମୋ'ର ଉଚିତ ବାଟଟିକୁ ପାଇପାରିଛୁ । ମୁଁ ଯେଉଁ ବାଟରେ ଯିବି, ସେଇଟିକୁ ଅତି ସ୍ପଷ୍ଟ ଭାବରେ ଦେଖିବାକୁ ପାଇଛୁ ; ମୋ'ର ଦୁଃଖକୁ ଯେ ମୁଁ କିପରି କାର୍ଯ୍ୟରେ ଲଗାଇ ପାରିବି, ସେକଥା ମଧ୍ୟ ସ୍ପଷ୍ଟ ଭାବି ଜାଣି ପାରିଛୁ । ସେତେବେଳେ ଯାଇ ମୁଁ ବୁଝିଛୁ ଯେ ଯେଉଁ ଦୁଃଖ ମୋତେ ଆପଣାର କବଳ ଭିତରେ ଧରି ରଖିଥିଲା, ତାହା ପ୍ରକୃତରେ ଏହି ବିଶ୍ୱର ଦୁଃଖଭାରର ଏକ ପ୍ରତିଫଳନ ବ୍ୟତୀତ ମୋଟେ ଆଉ କିଛୁ ନ ଥିଲା, ଦୁଃଖ ଏବଂ ଯାତନାର ଏହି ବିଶ୍ୱମୟ ପ୍ରବାହଟିର ଏକ ପ୍ରତିବିମ୍ବ ବ୍ୟତୀତ ପ୍ରକୃତରେ ଆଉ କିଛୁ ନ ଥିଲା ।

ଯେଉଁମାନେ ନିଜେ ଦୁଃଖ ସହିଛନ୍ତି, କେବଳ ସେହିମାନେହିଁ ଅନ୍ୟମାନଙ୍କର ଦୁଃଖକୁ ବୁଝିପାରିବେ । ସେମାନେ ତାହାକୁ ବୁଝିପାରିବେ, ତାହା ସହିତ ସମ୍ପର୍କସ୍ଥାପନ କରିପାରିବେ ଓ ତାହାର ନିରାକରଣ କରି ପାରିବେ । ଏବଂ, ହେ ଦିବ୍ୟ ପରମ ସାନ୍ତ୍ୱନାଦାତା, ହେ ସର୍ବଶମନକାରୀ ପରମ ବିନାଶ, ସେତେବେଳେ ଯାଇ ମୁଁ ବୁଝି ପାରିଲି ଯେ, ଆମର ଯାବତୀୟ ବିଘ୍ନ ଓ ବ୍ୟାଘାତ ସମୟରେ ଆମକୁ ତଥାପି ଅତୁଟ କରି ରଖିବାକୁ, ଆମର ଯାବତୀୟ ଯନ୍ତ୍ରଣାର ଉପଶମ କରାଇବାକୁ ଆପଣଙ୍କୁ ନିଶ୍ଚୟ ପୃଥିବୀ ତଥା ମାନବର ଯାବତୀୟ କଷ୍ଟ ଓ ଦୁଃଖକୁ ଜାଣିବାକୁ ପଡ଼ିଥିବ, ସେଗୁଡ଼ିକୁ ସେଥିମଧ୍ୟରୁ ଗୋଟିକୁ ମଧ୍ୟ ବାଦ୍ ନ ଦେଇ, ନିଶ୍ଚୟ ଅନୁଭବ କରିବାକୁ ପଡ଼ିଥିବ ।

ଏପରି କିପରି ହୋଇ ପାରୁଛି ଯେ, ଯେଉଁମାନେ ଆପଣାକୁ ଆପଣଙ୍କର ଉପାସକ ଓ ସେବକ ବୋଲି ଦାବି କରୁଛନ୍ତି, ସେମାନଙ୍କ ଭିତରୁ କେତେକ ଲୋକ ଆପଣଙ୍କୁ ଜଣେ ନିର୍ମମ ନିର୍ଯାତନକାରୀ ପରି ଦେଖୁଛନ୍ତି ; ଏପରି ଜଣେ କଠୋରହୃଦୟ ବିଚାରକରୂପେ ଦେଖୁଛନ୍ତି, ଯିଏକି ଏହିସବୁ ନିର୍ଯାତନାକୁ ଦେଖିବାରେ ଲାଗିଛନ୍ତି, ସେଥିରେ ଆଦୌ କୌଣସି ପ୍ରକାରେ ବିଚଳିତ ହୋଇ ପଡ଼ୁନାହାନ୍ତି । ଏପରି କି ଆପଣ ଇଚ୍ଛା କରି ସେହି ନିର୍ଯାତନାଗୁଡ଼ିକର ଉଦ୍ଭାବନ କରିଛନ୍ତି ବୋଲି ବିଶ୍ୱାସ କରୁଛନ୍ତି ।

ନା,—ବର୍ତ୍ତମାନ ମୁଁ ବେଶ୍ ବୁଝି ପାରୁଛି ଯେ ବିଶ୍ୱଜଡ଼ର ଅପରିପୂର୍ଣ୍ଣତାରୁହିଁ ଏହି ଯାବତୀୟ ଦୁଃଖର ଜନ୍ମ ହୋଇଛି । ଆପଣାର ବିଶୃଙ୍ଖଳା ଏବଂ ଅଶୋଧିତତା ସକାଶେହିଁ ତାହା ଅପଣଙ୍କୁ ଅଭିବ୍ୟକ୍ତ କରି ଆଣିବା ଲାଗି

'oaob.nitrkl.ac.in' images reprocessed

ଉପଯୁକ୍ତ ହୋଇ ନାହିଁ । ଏବଂ ସର୍ବପ୍ରଥମେ ଆପଣଙ୍କୁହିଁ ଏଥିଲାଗି ଦୁଃଖ ସହନ କରିବାକୁ ହେଉଛି, ଏଥିଲାଗି ବିଳାପ କରିବାକୁ ପଡ଼ୁଛି । ବିଶୃଙ୍ଖଳାକୁ ଶୃଙ୍ଖଳାରେ, ଦୁଃଖକୁ ସୁଖରେ ଏବଂ ଅସାମଞ୍ଜସ୍ୟତାକୁ ସାମଞ୍ଜସ୍ୟତାରେ ପରିଣତ କରିବା ଲାଗି ଆପଣହିଁ ସର୍ବପ୍ରଥମେ ଏକ ଶକ୍ତିଶାଳୀ ବାସନା ସହିତ କାର୍ଯ୍ୟ କରୁଛନ୍ତି ଓ ଉଦ୍ୟମ କରୁଛନ୍ତି ।

ଦୁଃଖ ସହିବା ଯେ ଏକାନ୍ତ ଅନିବାର୍ଯ୍ୟ, ସେକଥା ଆଦୌ ନୁହେଁ । ଏପରିକି ଦୁଃଖ ସହିବା କାମ୍ୟ ବି ନୁହେଁ । ମାତ୍ର ଯେତେବେଳେ ତାହା ଆମ ଜୀବନରେ ଆସି ଉପସ୍ଥିତ ହେଉଛି, ସେତେବେଳେ ତାହା ଆମ ଲାଗି ପ୍ରକୃତରେ କେତେ ସହାୟକ ହୋଇ ନ ପାରିବ !

ପ୍ରତ୍ୟେକ ସମୟରେ, ଯେତେବେଳେ କି ଆମେ ଆମର ହୃଦୟକୁ ଆଉ କଦାପି ଅଧିକ ସହ୍ୟ କରିପାରିବ ନାହିଁ ବୋଲି ଅନୁଭବ କରୁଥାଉ, ସେତେବେଳେ ଆମ ଭିତରେ ଏକ ଈଶ୍ୱରତର ଦ୍ୱାରହିଁ ସତେଅବା ଖୋଲି ଯାଇଥାଏ, ଆମକୁ ତାହା କେତେକେତେ ନୂତନ ଦିଗ୍‌ବଳୟର ସନ୍ଧାନ ଆଣିଦିଏ, ସେହିସବୁ ନୂତନ ଦିଗନ୍ତ ଆମ ଲାଗି ଲୁକ୍‌କାୟିତ ହୋଇ ରହିଥିବା କେତେ ଐଶ୍ୱର୍ଯ୍ୟରେ ସମୃଦ୍ଧ ହୋଇ ରହିଥାଏ, ଯାହାର ସ୍ୱର୍ଣ୍ଣାଭ ଆଗମନ ଆମ ଲାଗି ପୁନର୍ବାର ଏକ ନୂତନ ଏବଂ ପ୍ରଗାଢ଼ତର ଜୀବନକୁ ବହନ କରି ନେଇଆସେ, ଧ୍ୱଂସର ଦାଣ୍ଡରେ ଆସି ଠିଆ ହୋଇଥିବା ଆମ ଜୀବନ ଲାଗି ଏକ ପୁନରୁଜ୍ଜୀବନକୁ ବହନ କରି ଆଣିଥାଏ ।

ଏବଂ, ଏହିପରି ଭାବରେ କ୍ରମାବତରଣର ଏକ ପ୍ରକ୍ରିୟା ଦ୍ୱାରା ଆମେ ଯେତେବେଳେ ଏକ ଆବରଣ ପାଖରେ ଆସି ପହଞ୍ଚୁ, ଏବଂ ସେହି ଆବରଣଟି ଘୁଞ୍ଚି ଯାଇ ଆପଣଙ୍କର ସ୍ୱରୂପଟିକୁ ଆଣି ଉଦ୍‌ଘାଟିତ କରିଦିଏ, ସେତେବେଳେ ହେ ପରମପ୍ରଭୁ, ସମଗ୍ରସତ୍ତାକୁ ଭେଦ କରି ପାରୁଥିବା ସେହି ପରମଜୀବନର ଗାଢ଼ତାକୁ, ସମଗ୍ରସତ୍ତାକୁ ପ୍ଲାବିତ କରି ପକାଇଥିବା ସେହି ପରମାଲୋକର ଦୀପ୍ତିକୁ ଏବଂ ତାହା ମଧ୍ୟରେ ସର୍ବକାଳ ଲାଗି ଏକ ରୂପାନ୍ତର ଘଟାଇ ପାରୁଥିବା ସେହି ପରମପ୍ରେମର ମହାନ୍ ଐଶ୍ୱର୍ଯ୍ୟକୁ କିଏ ପ୍ରକୃତରେ ଶବ୍ଦ ଦ୍ୱାରା ବର୍ଣ୍ଣନା କରି କହିପାରିବ ?

୧୯୧୦

'oaob.nitrkl.ac.in' images reprocessed

ଭାବନା ବିଷୟରେ

[ଏକ ମହିଳାସମିତି ଉଦ୍ଦେଶ୍ୟରେ ପ୍ରଦତ୍ତ ପ୍ରବଚନ]

ଆହୁରି ଅଧିକ ଭଲକରି ଜୀବନ ବଞ୍ଚିବାକୁ ଆମେ ଆହୁରି ଅଧିକ ଭଲକରି ଭାବି ଶିଖିବା ଲାଗି ଇଚ୍ଛା କରୁଛୁ, ଏହି ଜଗତରେ ଜଣେ ଜଣେ ନାରୀ ହିସାବରେ ଆପଣାର ଉପଯୁକ୍ତ ସ୍ଥାନ ଓ ପଦଟିକୁ ପୁଣି ଫେରି ପାଇବାକୁ ହେଲେ ଆମକୁ କିପରି ଭାବିବାକୁ ପଡ଼ିବ, ଆମେ ସେହି କଥାଟିକୁ ଜାଣିବାକୁ ଚାହୁଁଛୁ । ଯେଉଁ ସହାୟକ, ପ୍ରେରଣାଦାୟକ ଏବଂ ସ୍ୱରସାମ୍ୟ-ବିଧାୟକ ଉପାଦାନଟିରେ ପରିଣତ ହୋଇ ବାସ୍ତବ ଜୀବନରେ ଆମର ଭୂମିକାଟିକୁ ଗ୍ରହଣ କରିବା ଲାଗି ଆମ ଭିତରେ ସମ୍ଭାବନା ଭରି ରହିଛି, ଆମେ ତାହାହିଁ ହେବା ଲାଗି ଇଚ୍ଛା କରୁଛୁ । ତେଣୁ, ମୁଁ ଭାବୁଛି ଯେ ଭାବନା କହିଲେ ପ୍ରକୃତରେ କ'ଣ ବୁଝାଇବା ଉଚିତ, ସର୍ବପ୍ରଥମେ ତାହାରି ଅନୁସନ୍ଧାନ କରିବା ଆମ ପକ୍ଷରେ ଏକାନ୍ତ ଅପରିହାର୍ଯ୍ୟ ।

ହଁ, ଭାବନା ।···ଏହି ବିଷୟଟି ଏକ ଅତ୍ୟନ୍ତ ବ୍ୟାପକ ବିଷୟ, ସମ୍ଭବତଃ ସବୁଠାରୁ ଅଧିକ ବ୍ୟାପକ । ତେଣୁ ଭାବନା କହିଲେ ନିର୍ଦ୍ଦିଷ୍ଟ ଭାବରେ କ'ଣ ବୁଝାଇବ, ଆପଣମାନେ ମୋତେ ସଙ୍ଗେ ସଙ୍ଗେ ତାହାର ପରିପୂର୍ଣ୍ଣ ଅର୍ଥଟିକୁ ବର୍ତ୍ତମାନ କହିଦେବେ ବୋଲି ମୁଁ କଦାପି ଆଶା କରୁ ନାହିଁ । ମାତ୍ର ବିଶ୍ଳେଷଣ କରିବାର ଏକ ପ୍ରକ୍ରିୟା ଦ୍ୱାରା ଆମେ ଏହି ବିଷୟରେ ଯଥାସମ୍ଭବ ଏକ ନିର୍ଭୁଲ ଧାରଣା ଅର୍ଜନ କରିବାକୁ ନିଶ୍ଚୟ ଚେଷ୍ଟା କରି ପାରିବା ।

ମୁଁ ଭାବୁଛି ଯେ ସର୍ବପ୍ରଥମେ ଆମେ ଦୁଇ ବିଭିନ୍ନ ପ୍ରକାରର ଭାବନା ମଧ୍ୟରେ ରହିଥିବା ପାର୍ଥକ୍ୟକୁ ଭଲଭାବରେ ଜାଣି ରଖିବାକୁ ଚେଷ୍ଟା କରିବା । ମୁଁ ଏହାକୁ ହୁଏତ ଦୁଇ ବିଭିନ୍ନ ଗୁଣାତ୍ମକ ସ୍ତରର ଭାବନା ବୋଲି ବି କହି ପାରିବି । ପ୍ରଥମତଃ, ଆମ ଭିତରେ ଏପରି ଅନେକ ଭାବନା ରହିଛି, ଯାହାକୁ ଆମେ ଆମ ଇନ୍ଦ୍ରିୟାନୁଭବଗୁଡ଼ିକର ପରିଣାମ ବା ଫଳ ବୋଲି କହିପାରିବା । ଏବଂ ଦ୍ୱିତୀୟତଃ ଆହୁରି ଏପରି ଭାବନାମାନ ରହିଛି ଯାହାକି ସତେଅବା, ଜୀବନ ଧାରଣ କରିଥିବା ପ୍ରାଣୀମାନଙ୍କ ପରି, ବାହାରୁ,— କେଉଁଠାରୁ, ଅଧିକାଂଶ ସମୟରେ

'oaob.nitrkl.ac.in' images reprocessed

ଆମକୁ ସେକଥା ଆଦୌ ଜଣା ନ ଥାଏ, ଆମ ଭିତରେ ଆସି ପ୍ରବେଶ କରିଥାନ୍ତି; ଆମେ ସେହି ଭାବନାଗୁଡ଼ିକୁ ଆମର ବାହ୍ୟ ସତ୍ତ୍ୱରେ ଗୋଟିଏ ଗୋଟିଏ ଅନୁଭବରୂପେ ପ୍ରକାଶ କରି ପାରିବା ପୂର୍ବରୁହିଁ ଆମର ମନୋଭୂମି ଉପରେ ପ୍ରତ୍ୟକ୍ଷ କରିଥାଉ ।

ଯଦି ତୁମେ ଆପଣାକୁ ଏତେ ଟିକିଏ ହେଲେ ବି ନିରୀକ୍ଷଣ କରି ଦେଖିଥାଅ, ତେବେ ତୁମେ ଏହି କଥାଟିକୁ ମଧ୍ୟ ଅବଶ୍ୟ ଦେଖିବ ଯେ, ଯାହା ଏପର୍ଯ୍ୟନ୍ତ ତୁମ ଜୀବନର ଏକ ଅଂଶରେ ପରିଣତ ହୋଇ ନାହିଁ, ସର୍ବପ୍ରଥମେ ତୁମର ଇନ୍ଦ୍ରିୟଗୁଡ଼ିକର ମାଧ୍ୟମରେହିଁ ତାହା ସହିତ ତୁମର ସମ୍ପର୍କ ସ୍ଥାପିତ ହୋଇଥାଏ,— ତୁମର ଚକ୍ଷୁ, କର୍ଣ୍ଣ, ସ୍ପର୍ଶ ଓ ନାସିକା ଇତ୍ୟାଦି ମାଧ୍ୟମରେ ତାହା ସମ୍ଭବ ହୋଇଥାଏ । ଏହି ମାଧ୍ୟମରେ ଅନୁଭୂତ ହୋଇଥିବା ପ୍ରଭାବଟି ଯେତେ ସାମାନ୍ୟ ଅଥବା ତୀବ୍ର ହୋଇଥାଉ ପଛକେ, ତାହା ସୁଖକର କିଂବା ଦୁଃଖକର ହୋଇଥାଉ ପଛକେ, ତାହା ତୁମ ଭିତରେ କୌଣସି ନା କୌଣସି ଏକ ଅନୁଭୂତିର ଉନ୍ମେଷ କରାଇ ଆଣିଥାଏ । ତୁମକୁ ତାହା ହୁଏତ ଭଲ ଲାଗେ ବା ଖରାପ ଲାଗେ, ତୁମେ ସେଥିପ୍ରତି ଏକ ଆକର୍ଷଣ ଅଥବା ବିକର୍ଷଣ ଅନୁଭବ କରିଥାଅ । ସେହି ଅନୁଭୂତି ଅନତିବିଳମ୍ବେ ଏକ ଧାରଣାରେ ପରିଣତ ହୋଇଯାଏ, ସେହି ବସ୍ତୁଟି ବିଷୟରେ ତୁମେ ଏକ ମତ ପୋଷଣ କରିବାକୁ ଆରମ୍ଭ କର । ସେହି ମତ ଯାହା ହେଉ ପଛକେ, ତାହାହିଁ ସେହି ବସ୍ତୁଟି ସହିତ ତୁମର ସଂସ୍ପର୍ଶକୁ ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ପ୍ରଦାନ କରେ ।

ମୁଁ ଗୋଟିଏ ଉଦାହରଣ ଦେଉଛି : ତୁମେ ଲୁଆଡ଼େ ବାହାରକୁ ଯାଉଛ ଏବଂ ଘରୁ ବାହାରକୁ ବାହାରି ଦେଖୁଛ ଯେ ବାହାରେ ବର୍ଷା ହେଉଛି । ସଙ୍ଗେ ସଙ୍ଗେ ତୁମେ ଏକଥା ମଧ୍ୟ ଅନୁଭବ କରୁଛ ଯେ ବାହାରର ଆର୍ଦ୍ର ଶୀତଟା ମଧ୍ୟ ତୁମର ଶରୀରକୁ ଆସି ଆକ୍ରମଣ କରୁଛି । ସ୍ଥିତିଟି ତୁମକୁ ଭାରି ଅସୁଖକର ମନେ ହେଉଛି । ବର୍ଷାଟା ବି ତୁମକୁ ଅସୁଖକର ଲାଗୁଛି, ଏବଂ, ତୁମର ଅନ୍ତର ଭିତରେ ପ୍ରାୟ ସହଜପ୍ରବୃତ୍ତ ହେଲାପରି ତୁମେ ମନେ ମନେ କହିବାକୁ ଆରମ୍ଭ କରୁଛ, "ଏହି ବର୍ଷାଟା ପ୍ରକୃତରେ ସବୁ ନଷ୍ଟ କରିଦେଲା । ମୁଁ ଗୋଟାଏ ଜାଗାକୁ ବାହାରିଥିଲି ଯେ, ସେଇଟା ମଧ୍ୟ ପଣ୍ଡ ହୋଇଗଲା । କହିବା ବାହୁଲ୍ୟ ଯେ ବାହାରକୁ ଗଲେ ମୁଁ ଗୋଟାପୁରା ଓଦା ହୋଇଯିବି । ବର୍ଷା ପାତ ହେଲେ ପାରିସ୍ ସହରଟା ଯେମିତି ଅସନା ହୋଇଯାଏ, ସେକଥା କାହାକୁ ଅଜଣା ଅଛି ? ପୁଣି ବର୍ତ୍ତମାନ ରାସ୍ତାଗୁଡ଼ାକରେ ସବୁଆଡ଼େ କେତେ ଖୋଳାଖୋଳି ହୋଇଛି, ତେଣୁ ସାଧାରଣତଃ

'oaob.nitrkl.ac.in' images reprocessed

ଯେପରି ହୋଇଥାଏ, ତା'ଠାରୁ ଅଧିକ ଅସ୍ପଷ୍ଟ ହୋଇଥିବ !" (ତୁମେ ଏହିପରି କେତେ କ'ଣ ଭାବିବ ।)…

ବାହାରେ ବର୍ଷା ହେଉଛି ଏହି ସରଳ ସତ୍ୟଟି ବିଷୟରେ ଏହିସବୁ ଓ ତଦ୍ରୂପ ଯାବତୀୟ ଭାବନା ତୁମର ମସ୍ତିଷ୍କଟିକୁ ଆକ୍ରମଣ କରିବାକୁ ମାଡ଼ି ଆସନ୍ତି, ଏବଂ, ବାହାରେ ହେଉ ଅଥବା ଭିତରେ ହେଉ, ଯଦି ଆଉ ଅନ୍ୟକିଛି ଆସି ତୁମର ଦୃଷ୍ଟିକୁ ଆକର୍ଷିତ କରି ନ ନିଏ, ତେବେ ବେଶ୍ ଦୀର୍ଘ ସମୟ ଲାଗି ଏବଂ ତୁମର ଅଜାଣତରେ ମଧ୍ୟ ତୁମର ମସ୍ତିଷ୍କ ଏହି ଅତି ସାନ ଓ ଆଦୌ କୌଣସି ତାତ୍ପର୍ଯ୍ୟ ନ ଥିବା ଅନୁଭବଟିକୁ ନେଇ କେତେ ନା କେତେ ଟିକାନିଖି ଏବଂ ଆଦୌ କୌଣସି ମୂଲ୍ୟ ଓ ମହତ୍ତ୍ୱ ନ ଥିବା ଭାବନାଗୁଡ଼ିକୁ ଜନ୍ମ ଦେବାରେ ଲାଗିଥିବ ।…

ଅଧିକାଂଶ ମଣିଷଙ୍କର ଜୀବନ ଠିକ୍ ଏହିପ୍ରକାରେ ବିତି ଯାଉଥାଏ, ଅଧିକାଂଶ ସମୟରେ ମନୁଷ୍ୟମାନେ କେବଳ ଏହାହିଁ କରୁଥାନ୍ତି ଓ ତାହାକୁ ନିଜର ଭାବନା ବୋଲି କହୁଥାନ୍ତି,—ସେମାନଙ୍କର ଏହି ମାନସିକ ସକ୍ରିୟତାଟି ପ୍ରାୟ ଏକାବେଳକେ ଯନ୍ତ୍ରବତ୍ ହୋଇ ରହିଥାଏ, ତା' ପଛରେ ଆଦୌ କୌଣସି ଚିନ୍ତନ ନ ଥାଏ ତାହା ଉପରେ ଆମର ଆଦୌ କୌଣସି ଅଖ୍ତିଆର ନ ଥାଏ,—ତାହା କେବଳ ଏକ ପ୍ରତିବିମ୍ବ ଓ ପ୍ରତିକ୍ରିୟା ସ୍ୱଭାବରେହିଁ ସଂଘଟିତ ହେଉଥାଏ । ଆମର ଏହି ପାର୍ଥିବ ଜୀବନ ଏବଂ ତାହାର ଅନେକାନେକ ପ୍ରୟୋଜନ ବିଷୟରେ ଆମେ ଯାହାକିଛି ଭାବନା ଭାବୁ, ସେଗୁଡ଼ିକ ପ୍ରାୟ ଏହି ପ୍ରକାର ହୋଇ ରହିଥାଏ ।

ଏହାହିଁ ହେଲା ସର୍ବପ୍ରଥମ ଅସୁବିଧାଟି, ଯାହାକୁକି ଆମକୁ ଅତିକ୍ରମ କରିବାକୁ ପଡ଼ିବ । ଯଦି ଆମେ ଯଥାର୍ଥ ପ୍ରକାରେ ଭାବିବା ଲାଗି ସମର୍ଥ ହେବା ପାଇଁ ଇଚ୍ଛା କରୁଥିବା, ଅର୍ଥାତ୍, ଆମେ ଯଦି ଯଥାର୍ଥ ଏବଂ ସଙ୍ଗତ ଭାବନାଗୁଡ଼ିକୁ ଗ୍ରହଣ କରିବାର, ଗଠନ କରିବାର ଏବଂ ସେଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେବାର ଉପଯୁକ୍ତ ହେବା ଲାଗି ଚାହୁଁଥିବା, ତେବେ ସର୍ବପ୍ରଥମେ ଆମକୁ ଆମ ମସ୍ତିଷ୍କ ଭିତରୁ ଏହି ଯାବତୀୟ ନିରର୍ଥକ ଏବଂ ଶୃଙ୍ଖଳାହୀନ ମାନସିକ ଉତ୍ତେଜନାକୁ ନିକାଳି ଦେଇ ମସ୍ତିଷ୍କକୁ ଖାଲି କରିଦେବାକୁ ପଡ଼ିବ । ଏବଂ ଏପରି କରିବାକୁ ଆଦୌ ସବୁଠାରୁ ସହଜ କାର୍ଯ୍ୟ ବୋଲି କୁହାଯାଇ ପାରିବ ନାହିଁ । କାରଣ ଏହି ସଂଗତିହୀନ ମସ୍ତିଷ୍କ-କ୍ରିୟାଟି ଆମକୁହିଁ ତା'ର ଅଧୀନ କରି ରଖିଥାଏ, ଆମର ତା' ଉପରେ ଆଦୌ କୌଣସି ନିୟନ୍ତ୍ରଣ ନ ଥାଏ ।

ଏଠାରେ ଆମେ ଏଥିଲାଗି କେବଳ ଗୋଟିଏ ଉପାୟ ବା ପଦ୍ଧତିର ପରାମର୍ଶ ଦେଇ ପାରିବା । ସେଇଟି ହେଉଛି ଏକାଗ୍ରତାର ଅଭ୍ୟାସ କରିବାର ପଦ୍ଧତି ।

'oaob.nitrkl.ac.in' images reprocessed

ମାତ୍ର ମୁଁ ଗଳ୍ପଥର ଯେପରି ତୁମମାନଙ୍କୁ କହୁଥିଲି, ଏକାଗ୍ର ରହିପାରିବା ଲାଗି ମଧ୍ୟ ଅନେକ ଅନେକ ଉପାୟ ରହିଛି । ସେଗୁଡ଼ିକ ମଧ୍ୟରୁ କେତେକ ଅତ୍ୟନ୍ତ ଫଳପ୍ରଦ ହୋଇଥାନ୍ତି ଓ ଆଉ କେତେକ କମ୍ ଫଳପ୍ରଦ ହୁଅନ୍ତି ।

ବିଭିନ୍ନ ଉପାୟକୁ ପ୍ରୟୋଗ କରି ଏବଂ ଭୁଲ୍ କରିହିଁ ପ୍ରତ୍ୟେକ ବ୍ୟକ୍ତିକୁ ତା'ର ନିଜ ଉପାୟଟି ବାହାର କରିବାକୁ ପଡ଼ିବ । ଅବଶ୍ୟ, ଗୋଟିଏ କଥାକୁ ସମସ୍ତଙ୍କ ସକାଶେ ପ୍ରୟୋଜନୀୟ ବୋଲି କୁହାଯାଇ ପାରିବ । ସେହି କଥାଟି ହେଉଛି ଚିନ୍ତନ, ଅର୍ଥାତ୍ ଭାବନାର ଏକାଗ୍ର ସକେନ୍ଦ୍ରଣ, ନୀରବତା ମଧ୍ୟରେ ଏକାନ୍ତ ଭାବରେ ଆତ୍ମ-ଅବଲୋକନ; ଯେଉଁସବୁ ଅର୍ଥହୀନ କ୍ଷୁଦ୍ର ଭାବନାଗୁଡ଼ାକ ଆମ ଉପରେ ଆସି ଅନେକ ସଂଖ୍ୟାରେ ସତତ ଚଢ଼ାଉ କରିବାରେ ଲାଗିଥାନ୍ତି, ଅତ୍ୟନ୍ତ ନିକଟ-ବର୍ତ୍ତୀ ଏବଂ ସମୀକ୍ଷାମୂଳକ ଭାବରେ ସେହିଗୁଡ଼ିକର ବିଶ୍ଳେଷଣ ।

ପ୍ରତ୍ୟେକ ଦିନ ଯେଉଁ ଅଳ୍ପ କେତେ କ୍ଷଣ ତୁମେ ଏକାଗ୍ର ହୋଇ ରହିବାର ଏହି ପ୍ରାଥମିକ ଅଭ୍ୟାସଟି ଲାଗି ନିୟୋଗ କରିବ, ସେତେବେଳେ ଯଦି ସମ୍ଭବ ହୁଏ, ତେବେ ଏକ ସହଜ ଆତ୍ମପରିତୋଷର ଭାବ ସହିତ ତୁମ ନିଜର ଇନ୍ଦ୍ରିୟାନୁଭବ, ସଂବେଗ ଏବଂ ମନୋଗତ ସ୍ଥିତିଗୁଡ଼ିକୁ ନେଇ ନାନା ଭାବନାରେ ବ୍ୟସ୍ତ ରହିବାର କାର୍ଯ୍ୟରୁ ଆପଣାକୁ ବିରତ ଓ ନିରସ୍ତ ରଖିବାକୁ ପଡ଼ିବ ।

ଆମ ସମସ୍ତଙ୍କ ମଧ୍ୟରେ ଯେ କେତେବେଳେ ଅସଂଯମ ରହିଛି, ତାହାର ଆଦୌ କୌଣସି ସୀମା ନାହିଁ; ଏବଂ ଅଧିକାଂଶ ସମୟରେ ଆମେ ଆମ ଭିତରର କ୍ଷୁଦ୍ର ଘଟଣାବଳୀକୁ ମିଛରେ ଅତିଗୁଡ଼ାଏ ସ୍ୱୀକୃତି ଏବଂ ସମ୍ମାନ ଦେଇଥାଉ ଏବଂ ନିତାନ୍ତ ଅହେତୁକ ଭାବରେ ସେଗୁଡ଼ିକ ଉପରେ ଅତିଗୁଡ଼ାଏ ମହତ୍ତ୍ୱର ଆରୋପ କରିଥାଉ; ଏପରିକି ଆମର ନିଜ ବିବର୍ତ୍ତନଟି ସକାଶେ ମଧ୍ୟ ସେଗୁଡ଼ିକର କୌଣସି ମହତ୍ତ୍ୱ ନ ଥାଏ ।

ସେଗୁଡ଼ିକୁ ତଟସ୍ଥ ହୋଇ ବିଶ୍ଳେଷଣ କରିବା ଲାଗି, ଏହିସବୁ ମାନସିକ ସ୍ଥିତିଗୁଡ଼ିକର ଯଥୋଚିତ ବ୍ୟବଚ୍ଛେଦ କରି ଦେଖିବାକୁ ଏବଂ, ସେଗୁଡ଼ିକର ଚକଚକ ଅଥବା ବିରସ ଦୁଃଖଦାୟକ ବାହ୍ୟରୂପଗୁଡ଼ାକୁ କାଢ଼ିଦେଇ ସେଗୁଡ଼ିକର ପ୍ରକୃତ ବାଳବନ୍ତ ତାତ୍ପର୍ଯ୍ୟହୀନତାଗୁଡ଼ିକୁ ଦେଖିପାରିବାକୁ ଯେତେବେଳେ ତୁମ ଭିତରେ ଯଥେଷ୍ଟ ପରିମାଣରେ ଆତ୍ମନିୟନ୍ତ୍ରଣର ଶକ୍ତି ଆସିଯିବ, ତେବେ ତା'ପରେ ତୁମେ ସେଗୁଡ଼ିକୁ ଅଧ୍ୟୟନ କରି ଅନେକ ପରିମାଣରେ ଲାଭବାନ୍ ବି ହୋଇପାରିବ । ମାତ୍ର କେବଳ ଅତି ଆସ୍ତେଆସ୍ତେ ଏହି ଫଳଟି ତୁମକୁ ମିଳିବ, ଏକ ସଂପୂର୍ଣ୍ଣ ତଟସ୍ଥତାର ଭାବ ନେଇ ଅନେକ ଦିନ ପର୍ଯ୍ୟନ୍ତ ଚିନ୍ତନ କରିପାରିଲେ ଯାଇ ଏକଥା ସମ୍ଭବ ହେବ । ଏହି ସକାଶେରେ ସାଧାରଣତଃ ଅନେକ ଲୋକ ଯେଉଁ ଭ୍ରାନ୍ତିରେ ପଡ଼ି

ଯାଇଥାନ୍ତି, ସେହି ଭ୍ରାନ୍ତିଟି ଯେପରି ତୁମକୁ ମଧ୍ୟ ଆସି ଗ୍ରାସ ନ କରେ, ସେଥିଲାଗି ମୁଁ ବର୍ତ୍ତମାନ ତୁମମାନଙ୍କୁ ଆଉଗୋଟିଏ ବିଷୟରେ କିଛି କହିବାକୁ ଇଚ୍ଛା କରୁଛି ।

ମୁଁ ଅଳ୍ପସମୟ ପୂର୍ବରୁ କହୁଥିଲି ଯେ ଆମେ ଅତ୍ୟନ୍ତ ଅସଂଯମ ଏବଂ ଅନୁପାତହୀନତା ସହିତହିଁ ଆମ ନିଜ ବିଷୟରେ ସବୁବେଳେ ବିଚାର କରିଥାଉ । ଏବଂ ମୁଁ ଭାବୁଛି ଯେ ଆମର ଦୋଷଗୁଡ଼ାକ ଅଧିକାଂଶ ସମୟରେ ଆମକୁ ଭାରି ଆକର୍ଷକ ହୋଇ ଦେଖାଯାଉଥାନ୍ତି ଓ ଆମେ ଆମ ଦୁର୍ବଳତାଗୁଡ଼ାକୁ ଉଚିତ ବୋଲି ସବୁବେଳେ ପ୍ରମାଣ କରିବାକୁ ଚେଷ୍ଟା କରିଥାଉ । ମାତ୍ର, ଅସଲ କଥା ହେଉଛି ଯେ, ଏସବୁ ହୁଏ, କାରଣ ଆମ ନିଜ ଉପରେ ଆମର ଯଥେଷ୍ଟ ବିଶ୍ୱାସହିଁ ନ ଥାଏ । ଏକଥା ଶୁଣି ତୁମକୁ ଭାରି ଆଶ୍ଚର୍ଯ୍ୟ ଲାଗୁଛି କି ? ହଁ, ମୁଁ ଆଉଥରେ ମଧ୍ୟ କହିବି ଯେ, ଆମ ଭିତରେ ଆତ୍ମବିଶ୍ୱାସ ନ ଥାଏ ବୋଲି ସେପରି ହୋଇଥାଏ । ଆମେ ଏହି ବର୍ତ୍ତମାନ ମୁହୂର୍ତ୍ତଟିରେ ଯାହା ହୋଇ ରହିଛୁ, ସେବିଷୟରେ ବିଶ୍ୱାସର ଅଭାବ ନୁହେଁ, ନିରନ୍ତର ବଦଳି ଯିବାରେ ଲାଗିଥିବା କ୍ଷଣିକ ବାହ୍ୟ ସତ୍ତାଟି ଉପରେ ଯେ ଆମ ବିଶ୍ୱାସର ଅଭାବ ଥାଏ, ସେକଥା ମଧ୍ୟ ନୁହେଁ,—କାରଣ ଏହି ସତ୍ତାଟି ତ ଆମ ଆଖିରେ ସବୁବେଳେ ଭାରି ପ୍ରବୀଣ ହୋଇ ଦିଶୁଥାଏ ଓ ଆମର ଅନୁରାଗ ଲାଭ କରୁଥାଏ । ମାତ୍ର, ପ୍ରୟାସ ଦ୍ୱାରା ଆମେ ଯାହା ହୋଇ ପାରନ୍ତେ, ତାହାରି ଉପରେହିଁ ଆମର ଯଥେଷ୍ଟ ବିଶ୍ୱାସ ନ ଥାଏ । ଆମର ଯଥାର୍ଥ ଆତ୍ମସତ୍ତାଟି ଲାଗି ଯେଉଁ ସମଗ୍ର ତଥା ଗଭୀର ରୂପାନ୍ତରଟି ଯଥାର୍ଥ କର୍ତ୍ତବ୍ୟରେ ପରିଣତ ହେବାକୁ ଯାଉଛି, ସକଳ ବସ୍ତୁରେ ବିରାଜିତ ହୋଇ ରହିଥିବା ସେହି ଶାଶ୍ୱତ ଦିବ୍ୟସତ୍ତା ଆମ ଭିତରେ ଯେଉଁ ରୂପାନ୍ତରଟି ଘଟାଇବାକୁ ଉଦ୍ୟମ କରୁଛନ୍ତି, ଆମେ ତାଙ୍କରି ପ୍ରଜ୍ଞସ୍ୱର ଏବଂ ବହୁ-ଦୂରଦର୍ଶୀ ମାର୍ଗଦର୍ଶନ ପାଖରେ ଆପଣାକୁ ସମର୍ପଣ କରିଦେଇ ପାରିଲେ ତାହା ଯେ ଅବଶ୍ୟ ସମ୍ଭବ ହୁଅନ୍ତା, ସେଇଟି ବିଷୟରେହିଁ ଆମ ଭିତରେ ଯଥେଷ୍ଟ ବିଶ୍ୱାସ ନ ଥାଏ ।

ତେଣୁ କୌଣସି ସହଜ ଆତ୍ମପରିତୋଷର ଭାବକୁ କଦାପି ବିଶ୍ୱାସ ବୋଲି ଭାବିବା ଉଚିତ ନୁହେଁ । ବର୍ତ୍ତମାନ ଆମେ ପୁନର୍ବାର ଆମର ଆଲୋଚ୍ୟ ବିଷୟଟିକୁ ଫେରି ଆସିବା ।

ଆମ ଉପରେ ସତତ ଆକ୍ରମଣ କରିବାରେ ଲାଗିଥିବା ଏହି ଯାବତୀୟ ଅସଂଗତିପୂର୍ଣ୍ଣ ଅବିନ୍ୟସ୍ତ ଭାବନାର ବନ୍ୟାଟିକୁ ଆମେ ଯେତେବେଳେ ବିଧିବଦ୍ଧ ଏବଂ ଅବିରାମ ଉଦ୍ୟମ ଦ୍ୱାରା ଆମ ବାହାରେ ଓ ଆମଠାରୁ କିଞ୍ଚିତ୍ ଦୂରବର୍ତ୍ତୀ ଭାବରେ ରଖି ଅବଲୋକନ କରିବାକୁ ସମର୍ଥ ହୋଇଯିବା, ସେତେବେଳେ ଆମେ ନିଶ୍ଚୟ ଏକ ନୂତନ ଘଟଣା ଘଟୁଥିବାର ଦେଖିପାରିବା ।

'oaob.nitrkl.ac.in' images reprocessed

ସେତେବେଳେ ଆମେ ଦେଖିବାକୁ ପାଇବା ଯେ, ଆମ ଭିତରେ ଏପରି କେତୋଟି ନିର୍ଦ୍ଦିଷ୍ଟ ଭାବନା ରହିଛି, ଯେଉଁଗୁଡିକ କି ଅନ୍ୟ ଭାବନାଗୁଡିକର ତୁଳନାରେ ଅଧିକ ଶକ୍ତିଶାଳୀ ଏବଂ ଅଧିକ ଦୃଢ଼ । ସେଗୁଡ଼ିକ ହେଉଛି ସାମାଜିକ ଚଳଣି ଓ ବିଧିବିଧାନଗୁଡ଼ିକ ବିଷୟରେ ଭାବନା, ନୈତିକ ନିୟମଗୁଡ଼ିକ ବିଷୟରେ ଭାବନା, ଏବଂ ଏପରିକି, ଏହି ପୃଥିବୀ ତଥା ମନୁଷ୍ୟ ଜୀବନର ନିୟନ୍ତ୍ରଣ କରୁଥିବା ବିଶ୍ୱବିଧାନଗୁଡ଼ିକ ସମ୍ବନ୍ଧରେ ଭାବନା ।

ସେଗୁଡ଼ିକ ଏହିସବୁ ବିଷୟରେ ତୁମର ଗୋଟିଏ ଗୋଟିଏ ମତ ହୋଇ ପାରନ୍ତି, କିଂବା ସେଗୁଡ଼ିକୁ ତୁମେ ଅନ୍ତତଃ ନିଜର ମତ ବୋଲି ସ୍ୱୀକାର କରୁଥାଅ ଏବଂ ସେହିଗୁଡ଼ିକ ଅନୁସାରେ କାର୍ଯ୍ୟ କରିବାକୁ ଚେଷ୍ଟା ବି କରୁଥାଅ ।

ତୁମେ ସେହିଭଳି ଗୋଟିଏ ଭାବନା ଉପରେ ଦୃଷ୍ଟିପାତ କରିବ, ତୁମ ଲାଗି ଯେଉଁଟି ସବୁଠାରୁ ଅଧିକ ପରିଚିତ ହୋଇ ରହିଥିବ, ସେଇଟି ଉପରେ ଦୃଷ୍ଟିପାତ କରିବ, ଅତ୍ୟନ୍ତ ଯତ୍ନ ଏବଂ ଏକାଗ୍ରତା ସହିତ ଦୃଷ୍ଟିପାତ କରିବ, ସଂପୂର୍ଣ୍ଣ ନିଷ୍ଠାର ସହିତ ସେଇଟି ଉପରେ ତୁମେ ଚିନ୍ତା କରିବ । ସେଥିଲାଗି ଯଥାସମ୍ଭବ ଅନ୍ୟ ଯାବତୀୟ ପୂର୍ବଗ୍ରହକୁ ବର୍ଜନ କରି ଚିନ୍ତା କରିବ ଏବଂ ସେହି ବିଷୟରେ ତୁମେ କାହିଁକି ଏହି ମତଟିକୁ ପୋଷଣ କରୁଛ ଏବଂ ଆଉ ଅନ୍ୟ କୌଣସି ମତ ପୋଷଣ କରୁ ନାହିଁ, ସେହି କଥାଟି ଉପରେ ଚିନ୍ତା କରିବ ।

ପ୍ରାୟ ସବୁସ୍ଥଳରେ ତୁମକୁ ସେହି ଗୋଟିଏ ଉତ୍ତରହିଁ ମିଳିବ, ଅଥବା ପ୍ରାୟ ଏକାଭଳି ଉତ୍ତର ମିଳିବ :

ଯେହେତୁ' ତୁମର ପରିବେଶଟିରେ ସମସ୍ତେ ସେହି ମତଟିକୁ ପୋଷଣ କରୁଛନ୍ତି, ସେହି ମତଟିକୁ ପୋଷଣ କରିବାକୁ ଯେହେତୁ ସମସ୍ତେ ଉତ୍ତମ ବୋଲି ମାନୁଛନ୍ତି । ଏବଂ ସେଇଥି ସକାଶେହିଁ ତାହା ତୁମକୁ ଯଥାସମ୍ଭବ ଅନେକ ସଂଘର୍ଷ, କଳହ ଏବଂ ସମାଲୋଚନାର ପ୍ରମାଦରୁ ବଞ୍ଚାଇ ରଖିପାରୁଛି ।

ଅଥବା, ଯେହେତୁ ତାହାହିଁ ତୁମ ପିତା ବା ମାତାଙ୍କର ବି ମତ ହୋଇ ରହିଥିଲା ଏବଂ ତୁମ ପିଲାକାଳରେ ତୁମକୁ ସେହି ମତଟିହିଁ ପ୍ରଭାବିତ କରିଥିଲା ଓ ତଦନୁରୂପ କରି ଗଢ଼ିଥିଲା ।

ଅଥବା, ଆପଣାର ଯୌବନ ସମୟରେ ତୁମେ ଧର୍ମାଚରଣ ତଥା ଅନ୍ୟାନ୍ୟ କ୍ଷେତ୍ରରେ ଯେଉଁ ଶିକ୍ଷା ଲାଭ କରିଥିଲ, ତାହାର ସ୍ୱାଭାବିକ ପରିଣାମ ସ୍ୱରୂପ ତୁମେ ସେହି ମତଟିକୁ ପୋଷଣ କରୁଛ । ତେଣୁ ତୁମର ଭାବନାଟିକୁ ପ୍ରକୃତରେ ତୁମର ଭାବନା ବୋଲି ଆଦୌ କୁହାଯିବ ନାହିଁ ।

'oaob.nitrkl.ac.in' images reprocessed

କାରଣ, ତୁମର ଧାରଣା ପ୍ରକୃତରେ ତୁମ ନିଜର ଭାବନା ହେବାକୁ ହେଲେ ତାହାକୁ ତୁମ ଜୀବନବ୍ୟାପୀ ସକଳ ମୁହୂର୍ତ୍ତ ମଧ୍ୟଦେଇ ଉପଲବ୍ଧ, ଏକ ନ୍ୟାଯ୍ୟାନୁମୋଦିତ ସମନ୍ୱୟର ଅଙ୍ଗ ହୋଇ ରହିବାକୁ ପଡ଼ିବ । ହୁଏତ ଆପଣାର ଅବଲୋକନ, ଅନୁଭବ କିଂବା ଅନୁମାନ ଦ୍ୱାରା ତୁମେ ସେଇଟିକୁ ଲାଭ କରିଥିବ ଅଥବା ହୁଏତ ଗମ୍ଭୀର ତାତ୍ତ୍ୱିକ ଏକାଗ୍ର ଚିନ୍ତନ ଦ୍ୱାରା ବି ସେଇଟିକୁ ପାଇଥିବ ।

ଏଇଟି ହେଉଛି ଆମର ଦ୍ୱିତୀୟ ଆବିଷ୍କାର ।

ସମଗ୍ର ଭାବରେ ନିଷ୍ଠାର ସହିତ ନିଜର ଜୀବନଟିକୁ ବଞ୍ଚିବା ଲାଗି ଯେତେହେତୁ ଆମ ଭିତରେ ଏକ ସଦିଚ୍ଛା ରହିଛି ଓ ଆମେ ସେଥିଲାଗି ଉଦ୍ୟମ ବି କରୁଛୁ, ଅର୍ଥାତ୍, ଆମର କାର୍ଯ୍ୟଗୁଡ଼ିକୁ ଆମ ଭାବନାର ଅନୁରୂପ କରିପାରିବା ଲାଗି ଯେତେହେତୁ ଆମର ସଦିଚ୍ଛା ଏବଂ ଉଦ୍ୟମ ରହିଛି, ସେହି କାରଣରୁ ଆମେ ବର୍ତ୍ତମାନ ଅତି ଭଲଭାବରେ ଏହି କଥାଟିକୁ ବୁଝିପାରିବା ଯେ କେବଳ ବାହାରୁ ଗ୍ରହଣ କରି ନେଇଥିବା କେତୋଟି ମନୋଗତ ନିୟମର ଅନୁସରଣ କରିହିଁ ଆମେ ଆମର ଯାବତୀୟ କାର୍ଯ୍ୟକୁ କରୁଛୁ । ଆମେ ସେଗୁଡ଼ିକ ଉପରେ ପରିପକ୍ୱ ଭାବରେ ଆଦୌ କୌଣସି ବିଚାର କରି ନାହୁଁ, ଆଦୌ ବିଶ୍ଳେଷଣ କରି ନାହୁଁ, ତେଣୁ ଆମେ ସେଗୁଡ଼ିକୁ ସ୍ୱେଚ୍ଛାପ୍ରବୃତ୍ତ ଏବଂ ସଚେତନ ଭାବରେ ଆଦୌ ଗ୍ରହଣ କରି ନାହୁଁ । ମାତ୍ର କେବଳ ପୂର୍ବ ପାରମ୍ପରିକତାର ବଶବର୍ତ୍ତୀ ହୋଇ, ଆମେ ଲାଭ କରିଥିବା ଶିକ୍ଷା ଓ ପରିପାଳନ ଦ୍ୱାରା ପ୍ରଭାବିତ ହୋଇ ଅଥବା ସର୍ବୋପରି ଅତ୍ୟନ୍ତ ଶକ୍ତିଶାଳୀ ଓ ପରାକ୍ରମସମ୍ପନ୍ନ ଏକ ସାମାଜିକ ପ୍ରଚୋଦନାର କବଳରେ ପଡ଼ିଥିବାରୁହିଁ ଆମେ ସେଗୁଡ଼ିକୁ ନିଜର ବୋଲି ସ୍ୱୀକାର କରି ନେଇଛୁ । ସମାଜ ଓ ସମୂହର ସେହି ପ୍ରଭାବଟି ପ୍ରକୃତରେ ଏତେ ପରାକ୍ରମଶାଳୀ ହୋଇ ରହିଥାଏ ଓ ଏତେ ଶକ୍ତିଶାଳୀ ଭାବରେ କାର୍ଯ୍ୟ କରିଥାଏ ଯେ ଅତି କମ୍ ସଂଖ୍ୟକ ବ୍ୟକ୍ତିହିଁ ତାହାକୁ ସମ୍ପୂର୍ଣ୍ଣରୂପେ ଏଡ଼ି ଦେବା ଲାଗି ସମର୍ଥ ହୁଅନ୍ତି ।

ମନଃକ୍ଷେତ୍ରରେ ଆମେ ଆପଣାର ଯେଉଁ ସ୍ୱତନ୍ତ୍ର ବ୍ୟକ୍ତିତ୍ୱଟିକୁ ଅର୍ଜନ କରିବାକୁ ଇଚ୍ଛା କରୁଥାଉ, ଆମେ ପ୍ରକୃତରେ ସେଇଟିଠାରୁ କେତେ ଦୂରରେ ରହି ନ ଥାଉ !

ତେଣୁ ଆମେ ନିଜକୁ ଆମର ଯାବତୀୟ ଅତୀତ ଇତିହାସ ଦ୍ୱାରା ଗଠିତ ଏବଂ ଆମର ସମସାମୟିକମାନଙ୍କର ଅନ୍ଧ ଏବଂ ସ୍ୱେଚ୍ଛାଚାରୀ ଇଚ୍ଛା ଦ୍ୱାରା ବାଧ୍ୟ ହୋଇ ତିଆରି ହୋଇଥିବା ଗୋଟିଏ ଗୋଟିଏ ପରିଣାମ ବୋଲି ଜାଣିବା ।

ଏସବୁ ଦେଖିଲା ବେଳକୁ ନିଜ ଉପରେ ପ୍ରକୃତରେ ଦୟାହିଁ ଆସିବ । ... କିନ୍ତୁ ଏଥିରେ ଆମେ କଦାପି ନିରୁତ୍ସାହିତ ହୋଇ ପଡ଼ିବା ନାହିଁ । ଆମର ବ୍ୟାଧିଟି

'oaob.nitrkl.ac.in' images reprocessed

ସେତିକି ବଡ଼ ହୋଇଥିବ ଓ ତାହାର ପ୍ରତିକାରଟି ସେତିକି ଜରୁରି ବୋଲି ସାବ୍ୟସ୍ତ ହେଉଥିବ, ଆମକୁ ସେତିକି ଅଧିକ ଶକ୍ତିର ସହିତ ସେହି ବ୍ୟାଧିଟି ସହିତ ସଂଗ୍ରାମ କରିବାକୁ ପଡ଼ିବ ।

ଏବଂ ଆମକୁ ସର୍ବଦା ସେହି ଗୋଟିଏ ଉପାୟରେହିଁ ସେହି ପ୍ରତିକାରଟି କରିବାକୁ ହେବ : ଚିନ୍ତନ, ଚିନ୍ତନ ଏବଂ ଆହୁରି ଚିନ୍ତନ ଦ୍ୱାରା ତାହା କରିବାକୁ ପଡ଼ିବ ।

ଏହିସବୁ ଭାବନାକୁ ଆମେ ଗୋଟିକ ପରେ ଗୋଟିଏ କରି ହାତକୁ ନେବା ଏବଂ ଆମର ସାଧାରଣ ବୁଦ୍ଧି ସାହାଯ୍ୟରେ ସେଗୁଡ଼ିକୁ ବିଶ୍ଳେଷଣ କରି ଦେଖିବା, ଆମେ ସେଗୁଡ଼ିକୁ ଆମର ସକଳ ବୁଦ୍ଧିଗତ ବିବେକ ଏବଂ ସମତା ବିଷୟରେ ଆମର ସର୍ବୋଚ୍ଚ ଉଚ୍ଚରୁଚି ଦ୍ୱାରା ବିଶ୍ଳେଷଣ କରିବା ; ଆମର ଉପାର୍ଜିତ ଜ୍ଞାନ ଏବଂ ସଞ୍ଚିତ ଅନୁଭବଟିର ଆଲୋକରେ ଆମେ ସେଗୁଡ଼ିକୁ ଓଜନ କରି ଦେଖିବା, ତା'ପରେ ସେଗୁଡ଼ିକୁ ପରସ୍ପର ସହିତ ସମନ୍ୱିତ କରି ଗୁନ୍ଥି ଆଣିବାକୁ ଚେଷ୍ଟା କରିବା, ସେଗୁଡ଼ିକ ମଧ୍ୟରେ ସମଞ୍ଜସତା ଆଣିବାକୁ ଚେଷ୍ଟା କରିବା । ଏହି କାର୍ଯ୍ୟଟି ଅଧିକାଂଶ ସମୟରେ କଷ୍ଟକର ଲାଗିବ, କାରଣ ଅତ୍ୟନ୍ତ ଦୁଃଖର ସହିତ କହିବାକୁ ପଡ଼ିବ ଯେ ଅତି ପରସ୍ପର ବିରୋଧୀ ଭାବନାଗୁଡ଼ିକୁ ମଧ୍ୟ ଆମ ଭିତରେ ପରସ୍ପରର ପାର୍ଶ୍ୱବର୍ତ୍ତୀ ହୋଇ ରହିବାକୁ ଦେବା ଲାଗି ଆମର ସବୁବେଳେ ଏକ ପ୍ରବୃତ୍ତି ରହିଥାଏ ।

ଆମେ ସେଗୁଡ଼ିକୁ ସବୁଗୁଡ଼ିକୁ ସେମାନଙ୍କର ଯଥୋଚିତ ସ୍ଥାନରେ ନେଇ ରଖିବା, ଏବଂ ଏହିପରି ଭାବରେ ଆମର ଅନ୍ତଃପ୍ରକୋଷ୍ଠଟି ମଧ୍ୟରେ ଏକ ଶୃଙ୍ଖଳା ଆଣିବାକୁ ଚେଷ୍ଟା କରିବା । ନିଜ ଘରଟିକୁ ଆମକୁ ଯେପରି ପ୍ରତିଦିନ ଓଳାଇ ପରିଷ୍କାର କରିବାକୁ ପଡ଼ୁଛି, ଏହି କାର୍ଯ୍ୟଟିକୁ ମଧ୍ୟ ଆମେ ସେହିପରି ପ୍ରତିଦିନହିଁ କରିବା । କାରଣ ମୁଁ ଭାବୁଛି, ଆମ ଘରଟି ପ୍ରତି ଆମକୁ ଯେତିକି ଦୃଷ୍ଟିଦେବାକୁ ପଡ଼ୁଛି, ଆମ ମନୋଗତ କ୍ଷେତ୍ରଟିକୁ ମଧ୍ୟ ଆମକୁ ସେତିକି ଦୃଷ୍ଟି ଦେବାକୁ ପଡ଼ିବ ।

ମାତ୍ର, ମୁଁ ସ୍ପଷ୍ଟ କହି ରଖୁଛି, ଏହି କାର୍ଯ୍ୟଟିକୁ ପ୍ରକୃତରେ ଫଳପ୍ରଦ ଭାବରେ କରିବାକୁ ଗଲେ, ଆମେ ଆମର ଉଚ୍ଚତମ, ଗୌରବତମ ଏବଂ ସବୁଠାରୁ ଅଧିକ ନିସ୍ବାପର ମନଃସ୍ଥିତିଟିକୁ ଆମ ଭିତରେ ସୁପ୍ରତିଷ୍ଠିତ କରି ରଖିବାକୁ ସତତ ଚେଷ୍ଟା କରୁଥିବା, ଯେପରିକି ତାହା ପ୍ରକୃତରେ ଆମ ନିଜର ହୋଇ ରହି ପାରୁଥିବ ।

ଆମେ ଆପଣାକୁ ଅତ୍ୟନ୍ତ ସ୍ୱଚ୍ଛ କରି ତିଆରି କରିବା, ଯେପରିକି ଆମ ଭିତରେ ବିଦ୍ୟମାନ୍ ଥିବା ଆଲୋକଟି ଆମ ଅବଲୋକନ, ବିଶ୍ଳେଷଣ ଏବଂ ଶ୍ରେଣୀ-

'oaob.nitrkl.ac.in' images reprocessed

ବିଭାଗ କରି ରଖିବାକୁ ଇଚ୍ଛା କରୁଥିବା ଭାବନାଗୁଡ଼ିକୁ ସମ୍ପୂର୍ଣ୍ଣଭାବରେ ଆଲୋକିତ କରିଦେଇ ପାରୁଥିବ । ଆମେ ନିଜର ଦୃଷ୍ଟିରେ ସର୍ବଦା ମୋହମୁକ୍ତ ହୋଇ ରହିଥିବା ଏବଂ ଉପଯୁକ୍ତ ସାହସଟିକୁ ମଧ୍ୟ ଧରି ରଖିଥିବା, ଯେପରିକି ଆମର ସଂକୀର୍ଣ୍ଣ କ୍ଷୁଦ୍ର, ଅନ୍ତର୍ଭୂତ ଏବଂ ତୁଚ୍ଛ ବ୍ୟକ୍ତିଗତ ସୁବିଧାଗୁଡ଼ିକର ସ୍ତରଠାରୁ ଆହୁରି ଉପରକୁ ଉଠିଯାଇ ପାରିବା । ଭିତରେ କୌଣସି ପ୍ରକାର ମୋହ ବା ପୂର୍ବାଗ୍ରହ ନ ରଖି ଆମେ ଆମ ଭାବନାଗୁଡ଼ିକ ପ୍ରକୃତରେ ଯେପରି, ସେଗୁଡ଼ିକୁ ସେହିପରି ଦେଖିବା ପାଇଁ ସମର୍ଥ ହେବା, ଆମ ଭାବନାଗୁଡ଼ିକ ସକାଶେହିଁ ସେହି ଭାବନାଗୁଡ଼ିକୁ ଦେଖିବାକୁ ସମର୍ଥ ହେବା ।

ଏହିପରି ଭାବରେ ଯଦି ଅଳ୍ପ ଅଳ୍ପ କରି ଆମେ ଆମର ଏହି ଶ୍ରେଣୀ-ବିଭାଗ କରି ଦେଖିବାର କାର୍ଯ୍ୟରେ ସଦାତତ୍ପର ହୋଇ ରହିପାରିବା, ତେବେ ଆମର ମନଭିତରେ ଶୃଙ୍ଖଳା ଏବଂ ଆଲୋକ ଆପଣା ଆପଣା ଲାଗି ଏକ ଆସ୍ଥାନ ତିଆରି କରି ନେଉଥିବାର ମଧ୍ୟ କ୍ରମେ ଦେଖିବାକୁ ପାଇବା । କାରଣ ଆମେ ଏହି କଥାଟିକୁ କଦାପି ଭୁଲିଯିବା ନାହିଁ ଯେ ଆମେ ଭବିଷ୍ୟତରେ ଯେଉଁ ଅସଲ ଶୃଙ୍ଖଳାଟିର ଉପଲବ୍ଧି କରିବାକୁ ଇଚ୍ଛା କରୁଛୁ, ତାହାର ତୁଳନାରେ ବର୍ତ୍ତମାନର ଏହି ତଥାକଥିତ ଶୃଙ୍ଖଳାଟିକୁ କେବଳ ଏକ ଅରାଜକତା ବୋଲିହିଁ କହିବାକୁ ହେବ ; ଏବଂ, କିଛିକାଳ ପରେ ଆମେ ଯେଉଁ ଅସଲ ଆଲୋକଟିକୁ ଗ୍ରହଣ କରିବା ଲାଗି ସମର୍ଥତା ଅର୍ଜନ କରିବା, ତାହାର ତୁଳନାରେ ଏହି ତଥାକଥିତ ଆଲୋକକୁ କେବଳ ଅନ୍ଧକାର ବୋଲିହିଁ କହିବାକୁ ପଡ଼ିବ ।

ଏହି ଜୀବନରେ ଏକ ସତତ ବିବର୍ତ୍ତନର ପ୍ରକ୍ରିୟା ଲାଗିରହିଛି ; ଯଦି ଆମେ ଆମର ଯଥାର୍ଥ ମନୋଗତ ଭୂମିଟି ଉପରେ ଜୀବନ ବଞ୍ଚିବାକୁ ଇଚ୍ଛା କରୁଥିବା, ତେବେ ସେଥିଲାଗି ଆମକୁ ଅବିଶ୍ରାନ୍ତ ଭାବରେ ଆଗକୁ ଯିବାକୁ ପଡ଼ିବ ।

କିନ୍ତୁ ଏହି କାର୍ଯ୍ୟଟି କେବଳ ଏକ ପ୍ରାରମ୍ଭିକ କାର୍ଯ୍ୟ । ଏଠାକୁ ଆସି ମଧ୍ୟ ଆମେ ଯଥାର୍ଥ ଭାବନାର ସ୍ତରରୁ ବହୁତ ଦୂରରେ ରହିଥିବା । ଯଥାର୍ଥ ଭାବନା ଆମକୁ ଜ୍ଞାନର ସେହି ଅନନ୍ତ ଉତ୍ସଟି ସହିତହିଁ ଆଣି ସଂଲଗ୍ନ କରିଦେଇଥାଏ ।

ଆମେ ଯେପରି କ୍ରମଶଃ ଆପଣାର ଭାବନାଗୁଡ଼ିକ ଉପରେ ଏକ ବ୍ୟକ୍ତିନିଷ୍ଠ ନିୟନ୍ତ୍ରଣ ଅର୍ଜନ କରିପାରିବା, ସେଥିରେ ପ୍ରଶିକ୍ଷିତ ହୋଇପାରିବା ଲାଗି ଏଗୁଡ଼ିକ ହେଉଛି କେବଳ ଗୋଟିଏ ଗୋଟିଏ ଅଭ୍ୟାସ । କାରଣ ଯଦି ଆମେ ଜୀବନରେ ଏକାଗ୍ର ହେବାକୁ ଇଚ୍ଛା କରୁଥିବା, ତେବେ ଆମ ମାନସିକ କ୍ରିୟାଶୀଳତା ଉପରେ ଆମକୁ ଅବଶ୍ୟ ନିୟନ୍ତ୍ରଣ ଅର୍ଜନ କରିବାକୁ ହେବ ।

'oaob.nitrkl.ac.in' images reprocessed

ଏକାଗ୍ର ହୋଇପାରିବା ବିଷୟରେ ମୁଁ ଆଜ ତୁମମାନଙ୍କୁ ବିସ୍ତୃତ ଭାବରେ ସବୁକଥା କହିପାରିବ ନାହିଁ । କେବଳ ଏତକ କହିବ ଯେ ଏକାଗ୍ରତାକୁ ଯଥାର୍ଥ ହେବାକୁ ହେଲେ, ତାହାକୁ ଆପଣାର ସମ୍ପୂର୍ଣ୍ଣ ଉଦ୍ଦେଶ୍ୟସାଧନ କରିବାକୁ ହେଲେ, ତାହାକୁ ନିଷ୍କାମଠା ହେବାକୁ ପଡ଼ିବ, ଶବ୍ଦଟିର ସମ୍ପୂର୍ଣ୍ଣ ଅର୍ଥରେ ତାହାକୁ ବ୍ୟକ୍ତସ୍ୱାର୍ଥ-ମୁକ୍ତ ହୋଇ ରହିବାକୁ ପଡ଼ିବ ।

ପ୍ରକୃତ ଏକାଗ୍ରତାକୁ କିପରି ଅର୍ଜନ କରିବାକୁ ହୁଏ । ମୁଁ ଗୋଟିଏ ପ୍ରାଚୀନ ହିନ୍ଦୁ ଗ୍ରନ୍ଥରୁ ଏଠାରେ ତାହାର ଏକ ବର୍ଣ୍ଣନା ଦେଉଛି :

"ମହାନ୍ ଓ ପ୍ରତାପଶାଳୀ ରାଜା ଅକ୍ଷୟ ଭଣ୍ଡାରର ସୋପାନଶ୍ରେଣୀକୁ ଆରୋହଣ କରି ଅଗ୍ରସର ହୋଇ ଯାଉଥିଲେ, ଏବଂ ଠିକ୍ ଦ୍ୱାରଦେଶକୁ ଆସି ସେଠାରେ ଠିଆ ହୋଇଯାଇ ତୀବ୍ର ସଂବେଗପୂର୍ଣ୍ଣ ଭାବରେ କହୁଥିଲେ :

" 'ପଳାଅ ତୁମେସବୁ ! ଆଉ ମୋଟେ ଅଗ୍ରସର ହୁଅ ନାହିଁ ! ହେ କାମନାପୂର୍ଣ୍ଣ ଭାବନାଚୟ, ତୁମେମାନେ ଏଇଠୁ ପଳାଅ ! ଅସତ୍ ଇଚ୍ଛାର ଭାବନାଚୟ, ତୁମେମାନେ ଆଉ ମୋଟେ ଅଗ୍ରସର ହୁଅ ନାହିଁ ! ଘୃଣାର ଭାବନାଚୟ, ତୁମେମାନେ ଆଉ ଗୋଟିଏ ହେଲେ ପାଦ ବି ଆଗକୁ ବଢ଼ାଅ ନାହିଁ !'

"ତା'ପରେ ପ୍ରକୋଷ୍ଠଟି ମଧ୍ୟରେ ପ୍ରବେଶ କରି ରାଜା ଗୋଟିଏ ସ୍ୱର୍ଣ୍ଣାସନ ଉପରେ ଯାଇ ବସିଲେ । ତା'ପରେ ଧର୍ମାଚରଣର ବିରୋଧୀ ହୋଇ ରହିଥିବା ଯାବତୀୟ କାମନା ଓ ବାସନାକୁ ବର୍ଜନ କରିଥିଲେ । ଏହା ଦ୍ୱାରା ସେ ତାଙ୍କର ପ୍ରଥମ ଧର୍ମଟିକୁ ହାସଲ କଲେ, ଅର୍ଥାତ୍ ନୀରବତାରୁ ମିଳୁଥିବା ଏକ କଲ୍ୟାଣ ଏବଂ ଆନନ୍ଦର ସ୍ଥିତିକୁ ପ୍ରାପ୍ତ ହେଲେ, ଚିନ୍ତନ ଏବଂ ଅନ୍ୱେଷଣର ସ୍ଥିତିଟିକୁ ପ୍ରାପ୍ତ ହୋଇଥିଲେ ।

"ତା'ପରେ ଚିନ୍ତନ ଏବଂ ଅନ୍ୱେଷଣର ସ୍ଥିତିକୁ ବର୍ଜନ କରି ରାଜା ଦ୍ୱିତୀୟ ଧର୍ମଟିର ଉପଲବ୍ଧି କରିଥିଲେ, ଅର୍ଥାତ୍ ପ୍ରଶାନ୍ତିରୁ ଉପଲବ୍ଧ ହେଉଥିବା କଲ୍ୟାଣ ଏବଂ ଆନନ୍ଦର ଏକ ସ୍ଥିତିକୁ ପ୍ରାପ୍ତ ହୋଇଥିଲେ, ସ୍ଥିରତା ଏବଂ ମାନସିକ ଉତ୍ତୋଳନର ସ୍ଥିତିଟିକୁ ପ୍ରାପ୍ତ ହୋଇଥିଲେ ।

"ଆନନ୍ଦରେ ଆନନ୍ଦ ଅନୁଭବ ନ କରି ତା'ପରେ ସେ ଉଦାସୀନ ହୋଇ ରହିଲେ, ସଚେତନ ହୋଇ ରହିଲେ, ଆତ୍ମସଂଯମର ଅବଲମ୍ବନ କଲେ । ଏହା ଦ୍ୱାରା ସେ ତାଙ୍କର ତୃତୀୟ ଧର୍ମଟିକୁ ପ୍ରାପ୍ତ ହେଲେ । ସେତେବେଳେ ସେ ମୁନିମାନେ ଘୋଷଣା କରି ଯାଇଥିବା ସେହି ଅନ୍ତଃତମ ପ୍ରଦେଶର ସନ୍ତୋଷଟିକ

'oaob.nitrkl.ac.in' images reprocessed

ଲାଭ କରିଥିଲେ । ମୁନିମାନେ ଯାହାକୁ 'ସଂଯମୀ, ଉଦାସୀନ' ବୋଲି କହୁଛନ୍ତି, 'ଅନ୍ତଃପ୍ରଦେଶରେ ଏକ କଲ୍ୟାଣର ସ୍ଥିତିକୁ ଅନୁଭବ କରେ' ବୋଲି କହୁଛନ୍ତି, ସିଏ ସେହି ଅବସ୍ଥାଟିକୁ ଲାଭ କରିଥିଲେ ।

"ଏହି କଲ୍ୟାଣର ଅବସ୍ଥାଟିକୁ ବର୍ଜନ କରି, ଦୁଃଖକୁ ବର୍ଜନ କରି, ଆନନ୍ଦ ଏବଂ ଦୁଃଖବୋଧ ଉଭୟ ପ୍ରତିହିଁ ମୃତପ୍ରାୟ ରହି ସେ ପବିତ୍ରତମ ଏବଂ ସର୍ବୋଚ୍ଚ ଆତ୍ମପ୍ରଭୁତ୍ୱ ଓ ପ୍ରଶାନ୍ତିର ସ୍ଥିତିଟିକୁ ଉପଲବ୍ଧି କରିଥିଲେ । ଏହିପରି ଭାବରେ ସେ ଚତୁର୍ଥ ଧର୍ମର ସ୍ଥିତିରେ ଯାଇ ଉପନୀତ ହେଲେ ।

"ତା'ପରେ ସେହି ମହାନ୍ ଏବଂ ପରାକ୍ରମୀ ରାଜା ସେହି ଅକ୍ଷୟ ଭଣ୍ଡାରକୁ ମଧ୍ୟ ବର୍ଜନ କରି ଚାଲି ଯାଇଥିଲେ, ଏବଂ ସ୍ୱର୍ଣ୍ଣମୟ ପ୍ରକୋଷ୍ଠଟି ମଧ୍ୟରେ ପ୍ରବେଶ କରି ଏକ ରୌପ୍ୟ ନିର୍ମିତ ଆସ୍ଥାନ ଉପରେ ଯାଇ ଉପବିଷ୍ଟ ହେଲେ । ଏକ ଶ୍ରଦ୍ଧାନୁସିକ୍ତ ଭାବନାରେ ସେ ଜଗତ୍ ଉପରେ ଦୃଷ୍ଟିପାତ କଲେ ଏବଂ ତାଙ୍କର ଶ୍ରଦ୍ଧା ଏହିପରି ଭାବରେ କ୍ରମାନ୍ୱୟରେ ଚାରୋଟିଯାକ ଲୋକରେ ବିଚରଣ କରି ଆସିଲା । ଏବଂ ତା'ପରେ, ଶ୍ରଦ୍ଧାପୂର୍ଣ୍ଣ ହୃଦୟରେ, ଅଶେଷ ଏବଂ ଅସୀମ ଶ୍ରଦ୍ଧା ଦ୍ୱାରା ପ୍ରେରିତ ହୋଇ ସିଏ ଏହି ସମଗ୍ର ବିସ୍ତୃତ ଜଗତଟି ମଧ୍ୟରେ ପ୍ରବେଶ କଲେ, ଏବଂ ସେହି ଜଗତର ଶେଷ ସୀମାଗୁଡ଼ିକ ପର୍ଯ୍ୟନ୍ତ ବି ବିଚରଣ କରି ପାରିଥିଲେ ।

"ଦୟାର୍ଦ୍ର ଭାବନାରେ ସେ ଜଗତ୍ ଉପରେ ଦୃଷ୍ଟିପାତ କରିଥିଲେ ଏବଂ ତାଙ୍କର ଦୟା ଗୋଟିଗୋଟି ହୋଇ ଚାରୋଟିଯାକ ଲୋକରେ ସଞ୍ଚରିତ ହେବାକୁ ଲାଗିଲା । ଏବଂ ତା'ପରେ, ଦୟା ଦ୍ୱାରା ପୂର୍ଣ୍ଣ ହୋଇଥିବା ତାଙ୍କର ହୃଦୟରେ, ଏକ ଅଶେଷ ଏବଂ ଅସୀମ ଦୟା ଦ୍ୱାରା ପ୍ରେରିତ ହୋଇ ସିଏ ସେହି ସମଗ୍ର ଜଗତଟିକୁ ଆଲିଙ୍ଗନ କରି ଆଣିଥିଲେ, ତାହାର ଶେଷ ସୀମାଗୁଡ଼ିକ ପର୍ଯ୍ୟନ୍ତ ବି ସେହି ଜଗତକୁ ଆଲିଙ୍ଗନ କରି ଆଣିଲେ ।

"ସିଏ ସମ୍ବେଦନାର ଭାବନାରେ ଜଗତ୍ ଉପରେ ଦୃଷ୍ଟିପାତ କରିବାକୁ ଲାଗିଲେ ଏବଂ ତାଙ୍କର ସମ୍ବେଦନା ଗୋଟି ଗୋଟି ହୋଇ ଚାରୋଟିଯାକ ଲୋକକୁ ସଞ୍ଚାରିତ ହୋଇ ଯାଇଥିଲା ; ଏବଂ ତା'ପରେ ସେହି ସମ୍ବେଦନାପୂର୍ଣ୍ଣ ହୃଦୟରେ, ଏକ ଅଶେଷ ତଥା ଅସୀମ ସମ୍ବେଦନା ଦ୍ୱାରା ପ୍ରେରିତ ହୋଇ ସିଏ ଏହି ସମଗ୍ର ଜଗତଟିକୁ ଆଲିଙ୍ଗନ କରି ଧରିଲେ, ତାହାର ଶେଷସୀମାଗୁଡ଼ିକ ପର୍ଯ୍ୟନ୍ତ ବି ସେହି ଜଗତକୁ ଆଲିଙ୍ଗନ କରି ଧରିଲେ ।

"ସିଏ ପ୍ରଶାନ୍ତିର ଭାବନାରେ ଜଗତ୍ ଉପରେ ଦୃଷ୍ଟିପାତ କରିଥିଲେ ଏବଂ ତାଙ୍କର ପ୍ରଶାନ୍ତି ଗୋଟି ଗୋଟି ହୋଇ ଚାରୋଟିଯାକ ଲୋକ ମଧ୍ୟକୁ ସଞ୍ଚାରିତ

'oaob.nitrkl.ac.in' images reprocessed

ହୋଇ ଯାଇଥିଲା ; ଏବଂ ତା'ପରେ ପ୍ରଶାନ୍ତି ଦ୍ୱାରା ପରିପୂର୍ଣ୍ଣ ଆପଣା ହୃଦୟରେ, ଏକ ଅଶେଷ ଏବଂ ଅସୀମ ପ୍ରଶାନ୍ତି ଦ୍ୱାରା ପ୍ରେରିତ ହୋଇ ସେ ଏହି ସମଗ୍ର ଜଗତଟିକୁ ଆଲିଙ୍ଗନ କରି ଧରିଲେ, ତାହାର ଶେଷସୀମାଗୁଡ଼ିକ ପର୍ଯ୍ୟନ୍ତ ବି ସେହି ଜଗତକୁ ଆଲିଙ୍ଗନ କରି ଧରିଥିଲେ ।" [ପରିଶିଷ୍ଟ ଦେଖନ୍ତୁ]

ଯେଉଁ ବ୍ୟକ୍ତି ନିଷ୍ଠାଯୁକ୍ତ ହୋଇ ସତ୍ୟର ଅନ୍ୱେଷଣ କରେ ଏବଂ ଆବଶ୍ୟକ ହେଲେ ଯିଏ ସମ୍ପୂର୍ଣ୍ଣ ସତ୍ୟଟିର ଆହୁରି ଅଧିକ ନିକଟବର୍ତ୍ତୀ ହୋଇପାରିବ ବୋଲି ଏପର୍ଯ୍ୟନ୍ତ ସତ୍ୟ ବୋଲି ବିଶ୍ୱାସ କରି ଆସିଥିବା ସବୁକିଛିକୁ ବର୍ଜନ କରି ଆସିବାକୁ ମଧ୍ୟ ପ୍ରସ୍ତୁତ ରହିଥାଏ, ସିଏ ଧୀରେ ଧୀରେ ଗଭୀରତର, ପୂର୍ଣ୍ଣତର ଏବଂ ଆହୁରି ଅଧିକ ପ୍ରଦୀପ୍ତ ଭାବନାଗୁଡ଼ିକର ପ୍ରାଚୁର୍ଯ୍ୟ ସହିତ ସମ୍ବନ୍ଧ ସ୍ଥାପନ କରିବାକୁ ସମର୍ଥ ହୁଏ । ଏଠାରେ ସମ୍ପୂର୍ଣ୍ଣ ସତ୍ୟ କହିଲେ କ୍ରମୋତ୍ତର ଭାବରେ ନିରନ୍ତର ବୃଦ୍ଧି ପାଇବାରେ ଲାଗିଥିବା ସମଗ୍ର ବିଶ୍ୱର ଜ୍ଞାନକୁହିଁ ବୁଝାଉଛୁ ।

ଅନେକ ଏକାଗ୍ରତା ଓ ଅନେକ ଚିନ୍ତନ ପରେ ସେହି ବ୍ୟକ୍ତି, ଶୁଦ୍ଧ ବୁଦ୍ଧିଶକ୍ତିର ସେହି ମହାନ୍ ବିଶ୍ୱବ୍ୟାପୀ ସ୍ରୋତଟିର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଥାଏ, ଏବଂ ତେଣୁ ତା'ଠାରୁ ଆଉ କୌଣସି ଜ୍ଞାନ ବାରିତ ହୋଇ ରହେ ନାହିଁ ।

ସେହି ମୁହୂର୍ତ୍ତିରୁହିଁ ସେ ପ୍ରଶାନ୍ତିର—ମାନସିକ ଶାନ୍ତିର— ଅଧିକାରୀ ହୁଏ । ଯାବତୀୟ ବିଶ୍ୱାସର କ୍ଷେତ୍ରରେ, ମନୁଷ୍ୟଜୀବନର ଯାବତୀୟ ଜ୍ଞାନରେ ଏବଂ ବେଳେ ବେଳେ ଅତ୍ୟନ୍ତ ପରସ୍ପରବିରୋଧୀ ବୋଲି ପ୍ରତୀତ ହେଉଥିବା ବିଭିନ୍ନ ଧର୍ମମାର୍ଗର ଯାବତୀୟ ଶିକ୍ଷାରେ ସିଏ ସେହି ଗଭୀର ସତ୍ୟରହସ୍ୟଟିର ପ୍ରତ୍ୟକ୍ଷ କରିବାକୁ ସମର୍ଥ ହୁଏ ଏବଂ ପୃଥିବୀର କୌଣସି ଶକ୍ତି ସେହି ସତ୍ୟକୁ ତା'ର ଆଖିରୁ ଆଢ଼ୁଆଳ କରି ରଖିପାରେ ନାହିଁ ।

ଏପରିକି କୌଣସି ଭୁଲ୍ କିମ୍ବା ଅଜ୍ଞାନ ତାକୁ ଆଉ କୌଣସି ପ୍ରକାରେ ବିଚଳିତ କରିପାରନ୍ତି ନାହିଁ, କାରଣ, ଜଣେ ଅନାମିତ ଗୁରୁ ଯେପରି କହିଛନ୍ତି :

"ପରମସତ୍ୟରେ ବିଚରଣ କରୁଥିବା ବ୍ୟକ୍ତି କଦାପି କୌଣସି ଭୁଲ୍ ଦ୍ୱାରା ବିଚଳିତ ହୁଏ ନାହିଁ । କାରଣ ଭୁଲ୍ ଯେ ସତ୍ୟକୁ ଉପଲବ୍ଧି କରିବା ଦିଗରେ ଜୀବନର ସର୍ବପ୍ରଥମ ଉଦ୍ୟମ, ସେଇ କଥାଟିକୁ ସେ ଭଲକରି ଜାଣିଥାଏ ।"

ମାତ୍ର, ପୂର୍ଣ୍ଣ ପ୍ରଶାନ୍ତିର ଏହି ସ୍ଥିତିଟିକୁ ପ୍ରାପ୍ତ ହେଲେ ବ୍ୟକ୍ତି ଭାବନାର ଉଚ୍ଚତମ ଶିଖରକୁ ମଧ୍ୟ ପ୍ରାପ୍ତ ହୋଇଯାଏ ।

ହଠାତ୍ ଏକାଥରକେ ଆସି ସେହି ସ୍ଥାନଟିରେ ପହଞ୍ଚି ଯିବା ପାଇଁ ପ୍ରୟାସ ନ କରି ଆମେ ଏପରି ଏକ ବ୍ୟକ୍ତିତ୍ୱସ୍ୱ ଭାବନାର ଉପଲବ୍ଧି କରିବା ଲାଗି ଉଦ୍ୟମ କରିପାରିବା, ଯାହାକି ନିଜସ୍ୱ ହୋଇଥିବ ଏବଂ ଯଥାସମ୍ଭବ ନ୍ୟାୟସଙ୍ଗତ ମଧ୍ୟ

'oaob.nitrkl.ac.in' images reprocessed

ହୋଇଥିବ । ସେତେବେଳେ ଆମର ମନ ଅନ୍ତତଃ କିଛି ସମ୍ପଦର ଅଧିକାରୀ ହୋଇ ପାରିଛି ବୋଲି ଅବଶ୍ୟ କୁହାଯିବ ଏବଂ ମାନସିକ କ୍ଷେତ୍ରର ସର୍ବୋଚ୍ଚ ଅନ୍ତର୍ଜ୍ଞାନର ସେହି ମୂଲ୍ୟବାନ୍ ଅବଦାନଟିକୁ ସମାଜ ଲାଗି ଉପଲବ୍ଧ କରାଇବାର ସାମର୍ଥ୍ୟ ଆମର ହୋଇଛି ବୋଲି ବି କୁହାଯାଇ ପାରିବ ।

ଭାବନା ହେଉଛି ଏକ ଜୀବନ୍ତ ଏବଂ ସକ୍ରିୟ ବସ୍ତୁ, ମୁଁ ଆଜି ତୁମମାନଙ୍କୁ ସେହି କଥାଟିକୁ ଏକାଧିକ ବାର କହିସାରିଛି । ଏହି କଥାଟିକୁ ଠିକଏ ଆହୁରି ଭଲକରି ବୁଝାଇ କହିଦେବା ଉଚିତ । ଆମେ ଯେତେବେଳେ ଆଉଥରେ ଏଠାରେ ଏକତ୍ର ହେବା, ସେତେବେଳେ ମୁଁ ତୁମମାନଙ୍କୁ ଭାବନାର ରସାୟନିକ ବା ଅନ୍ତର୍ଗତ ଗଢ଼ଣଟି ବିଷୟରେ କହିବି, କେଉଁ କେଉଁ ଉପାଦାନ ଦେଇ ତାହାର ଗଠନ ହୋଇଛି, ସେକଥା କହିବି । ତାହା କିପରି ଆପଣାକୁ ସଞ୍ଚାରିତ କରେ, କିପରି କ୍ରିୟା କରେ ଓ କିପରି ରୂପାନ୍ତର ସାଧନ କରେ, ସେକଥାମାନ କହିବି ।

ଏବଂ, ଆଜି, ଶେଷ କରିବା ପୂର୍ବରୁ ମୋ'ର ଏକ ଇଚ୍ଛାକୁ ତୁମମାନଙ୍କ ଆଗରେ ପ୍ରକଟ କରିବା ଲାଗି ତୁମେମାନେ ମୋତେ ଅନୁମତି ଦେବ ।

ଆମେ ପ୍ରତ୍ୟେକ ଦିନ, ସକଳ ନିଷ୍ଠା ଏବଂ ସଦିଚ୍ଛା ସହିତ, ସମସ୍ତ ବିଶ୍ୱର ମୂଳ ଏବଂ ବୁଦ୍ଧିଯୁକ୍ତ ଜୀବନ ସ୍ୱରୂପ ସେହି ପରମ ସତ୍ୟରୂପୀ ସୂର୍ଯ୍ୟ ଏବଂ ପରମ ଆଲୋକ ଆଡ଼କୁ ଏକ ସମୁଜ୍ଜ୍ୱଳ ଅଭୀପ୍ସା ଦ୍ୱାରା ଆପଣାକୁ ଉତ୍ତୋଳିତ କରି ନେଇଯିବାକୁ ଏକ ଦୃଢ଼ ସଙ୍କଳ୍ପ ଗ୍ରହଣ କରିବା । ଯେପରିକି ତାହା ଆମକୁ ସମ୍ପୂର୍ଣ୍ଣ ଭାବରେ ଆଚ୍ଛାଦିତ କରି ରଖିବ ଏବଂ ତାହାର ସେହି ମହାନ୍ ଔଜ୍ଜ୍ୱଲ୍ୟ ଦ୍ୱାରା ଆମର ମନ ଓ ହୃଦୟକୁ, ଆମର ସକଳ ଭାବନାକୁ ଏବଂ ଆମର ସକଳ କର୍ମକୁ ସନ୍ଦୀପିତ କରି ରଖିବ, ଆମେ ସେଇଥିଲାଗି ଆପଣାକୁ ପ୍ରତିଦିନ ସେହି ଆଡ଼କୁ ଉତ୍ତୋଳିତ କରି ନେଉଥିବା ।

ସେତେବେଳେ ଯାଇ ଆମେ ଅତୀତ ଯୁଗର ସେହି ମହାନ୍ ଦୀକ୍ଷାଦାତାଙ୍କର ପରାମର୍ଶଟିକୁ ପାଳନ କରିପାରିବାର ଅଧିକାର ଏବଂ ସୌଭାଗ୍ୟଟିକୁ ଅର୍ଜନ କରିପାରିବା । ସିଏ ଆମକୁ କହିଛନ୍ତି :

"କରୁଣା ଦ୍ୱାରା ପରିପୂର୍ଣ୍ଣ ଏକ ହୃଦୟ ନେଇ ତୁମେମାନେ ଦୁଃଖ ଦ୍ୱାରା ବିଦୀର୍ଣ୍ଣ ହୋଇ ରହିଥିବା ଏହି ପୃଥିବୀ ମଧ୍ୟରେ ପ୍ରବେଶ କରିବ । ତୁମ୍ଭେମାନେ ସେହି ପୃଥିବୀର ଶିକ୍ଷାଦାତା ହେବ । ଏବଂ, ଯେଉଁଯେଉଁ ଜାଗାରେ ଅଜ୍ଞାନରୂପୀ ଅନ୍ଧକାର ପ୍ରଭୁତ୍ୱ ବିସ୍ତାର କରି ରହିଥିବ, ତୁମେମାନେ ସେଠାରେ ଗୋଟିଏ ଗୋଟିଏ ଆଲୋକ ବର୍ତ୍ତିକା ଜଳାଇ ଦେବ ।"

ଡିସେମ୍ବର ୧୫, ୧୯୧୧

'oaob.nitrkl.ac.in' images reprocessed

ପରିଶିଷ୍ଟ*

ପ୍ରେମ : ସେହି ପରମ ସତ୍ତାଙ୍କ ଲାଗି, କାରଣ ସେହି ପରମସତ୍ତାହିଁ ସକଳ ଅନନ୍ତସ୍ପୃହା ଏବଂ ସବୁ ବ୍ୟକ୍ତିଙ୍କଠାରୁ ସ୍ୱତନ୍ତ୍ର ହୋଇ ରହିଛନ୍ତି ।

ଦୟା : ଯେତେବେଳେ ଆଉ ଆପଣାର ଦୁଃଖଗୁଡ଼ାକ ମୋଟେ ଦୁଃଖ ବୋଲି ଲାଗିବେ ନାହିଁ । ସେତେବେଳେ କେବଳ ଅନ୍ୟମାନଙ୍କ ଲାଗି ଦୁଃଖ ସହ୍ୟ କରାଯାଏ ।

ସମ୍ବେଦନା : ସମସ୍ତ ଜଗତର ସହିତ ଦୁଃଖ ସହିବା, ସେହି ଦୁଃଖରେ ଭାଗି ହେବା (ଦୁଃଖରେ ସହଭାଗୀ ହେବା) ।

ପ୍ରଶାନ୍ତି : ଯେଉଁ ସ୍ଥିତିକୁ ଆସି ସକଳ ଦୁଃଖବୋଧ (ବ୍ୟକ୍ତିଗତ ଅନୁଭବ) ଅନ୍ତର୍ହିତ ହୋଇଯାଏ, ସେହି ସ୍ଥିତିର ଜ୍ଞାନ ।

*

ପ୍ରେମ : ଭଲ ବା ମନ୍ଦ, ଆଲୋକ ବା ଅନ୍ଧକାର ମଧ୍ୟରେ କୌଣସି ତାରତମ୍ୟ ନ ରଖି ସମଗ୍ର ସୃଷ୍ଟି ଲାଗି ।

ଦୟା : ଯାବତୀୟ ଦୁର୍ବଳତା ଓ ମନ୍ଦ ଇଚ୍ଛା ଲାଗି ।

ସମ୍ବେଦନା : ଉଦ୍ୟମରେ, କ୍ଷମାପ୍ରଦାନ, ସହଯୋଗ ।

ପ୍ରଶାନ୍ତି : ଦୁଃଖର ଯେ ଅବସାନ ଘଟିବ ସେଥିରେ ବିଶ୍ୱାସ (ନିଜ ବ୍ୟକ୍ତିଗତ ଅନୁଭବକୁ ଜାଣିବା, ଜଣେ ନ୍ୟାୟତଃ ଅନୁମାନ କରିଥାଏ ଯେ ଏହି ଦୁଃଖକୁ ବିଶ୍ୱଦୁଃଖର ପରିପ୍ରେକ୍ଷୀରେ ଦେଖିହେବ, ଏବଂ ତାହାକୁ ସମଗ୍ରେ ଅନୁଭବ କରୁଛନ୍ତି ବୋଲି ଅନୁଭବ କରିହେବ ।)

*

* ମାଆଙ୍କର ପାଣ୍ଡୁଲିପିଗୁଡ଼ିକରୁ ଏହିସବୁ ଟିପ୍ପଣୀ ମିଳିଥିଲା । ପୂର୍ବ ଲେଖାଟିରେ ଅଙ୍କିତ ହୋଇଥିବା ଏକାଗ୍ରତା ସହିତ ଏଗୁଡ଼ିକର ଏକ ସମ୍ବନ୍ଧ ରହିଛି ବୋଲି ବୋଧ ହେଉଛି ।

'oaob.nitrkl.ac.in' images reprocessed

ପ୍ରେମ : ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ୍ ମଧ୍ୟରେ କୌଣସି ତାରତମ୍ୟ ନ ରଖି ।

ଦୟା : ଯନ୍ତ୍ରଣାମୟ ଜୀବନ ସକାଶେ ।

ସମ୍ବେଦନା : ସବୁକିଛିକୁ ବୁଝି ପାରିବା, ଏପରି କି ମନକୁ ମଧ୍ୟ ବୁଝି ପାରିବା ।

ପ୍ରଶାନ୍ତି : ଅନ୍ତିମ ବିଜୟ ବିଷୟରେ ସୁନିଶ୍ଚିତ ରହିବା ।

❋

ଗୋଟିଏ ସକ୍ରିୟ ଦୃଷ୍ଟି, ଗୋଟିଏ ଅକ୍ରିୟ ଦୃଷ୍ଟି; ସବୁକିଛିଠି ସହିତ ଗୋଟିଏ ବାହ୍ୟ ସମ୍ବନ୍ଧ ସ୍ଥାପନ, ଗୋଟିଏ ଅନ୍ତର୍ଗତ ସମ୍ବନ୍ଧ ସ୍ଥାପନ । ଏକାଗ୍ର ରହିବାର ସମଗ୍ର ଅବଧିଟି ମଧ୍ୟରେ ଯେଉଁ ଅବସ୍ଥାଟି ସର୍ବଦା ରହିଥିବ : ପ୍ରେମ, ସମ୍ବେଦନା ଏବଂ ଦୟାର ପ୍ରଶାନ୍ତି ।

'oaob.nitrkl.ac.in' images reprocessed

ସ୍ୱପ୍ନ ବିଷୟରେ

ପ୍ରଥମେ ଚିନ୍ତା କଲାମାତ୍ରକେ ହୁଏତ ମନେ ହୋଇପାରେ ଯେ ସ୍ୱପ୍ନର ବିଷୟଟି ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ଗୌଣ ବିଷୟ; ସ୍ୱପ୍ନର ଏହି କ୍ରିୟାଟିର ଆମ ଜାଗ୍ରତ୍ ଅବସ୍ଥାର ନାନା ସକ୍ରିୟତାର ତୁଳନାରେ ଅତ୍ୟନ୍ତ କମ୍ ମହତ୍ତ୍ୱ ଥିଲାପରି ସାଧାରଣତଃ ଆମର ମନେ ହୋଇଥାଏ ।

ତଥାପି, ଯଦି ଆମେ ଟିକିଏ ଅଧିକ ଗଭୀର ଭାବରେ ଏହି ପ୍ରଶ୍ନଟିର ଆଲୋଚନା କରିବା, ତେବେ ଏପରି ଅନୁମାନ ଯେ ମୋଟେ ଠିକ୍ ନୁହେଁ, ସେକଥା ସ୍ପଷ୍ଟ ଦେଖିବାକୁ ପାଇବା ।

ପ୍ରଥମତଃ, ଆମକୁ ମନେ ରଖିବାକୁ ହେବ ଯେ ଆମ ଜୀବନର ଏକ-ତୃତୀୟାଂଶ ସମୟ ଶୋଇବାରେହିଁ ଅତିବାହିତ ହୁଏ, ଏବଂ ତେଣୁ, ଶରୀରର ଏହି ନିଦ୍ରା ଲାଗି ଆମେ ଯେଉଁ ସମୟଟି ଦେଇଥାଉ, ତାହା ବିଷୟରେ ଆମକୁ ନିଶ୍ଚୟ ଦୃଷ୍ଟି ଦେବାକୁ ପଡ଼ିବ ।

ଏଠାରେ ମୁଁ ଶରୀରର ନିଦ୍ରା ବୋଲି କହିଲି; କାରଣ, ଆମ ଶରୀର ଶୋଇଥିବା ସମୟରେ ଆମ ସମଗ୍ର ସତ୍ତାଟି ଯେ ନିଦ୍ରାବସ୍ଥିତ ହୋଇ ରହିଥାଏ, ସେପରି ଭାବିବା ପ୍ରକୃତରେ ଭୁଲ୍ ହେବ ।

ବିଶୁଦ୍ଧ ବୈଜ୍ଞାନିକ ପ୍ରଣାଳୀଗୁଡ଼ିକର ଅବଲମ୍ବନ କରି କରାଯାଇଥିବା କେତୋଟି ପ୍ରୟୋଗକୁ ଭିତ୍ତିକରି ପ୍ରାୟ କୋଡ଼ିଏ ବର୍ଷ ତଳେ ଡାକ୍ତର ଭସିଡ୍ ଆପଣାର ଯେଉଁ ଅଧ୍ୟୟନଟି କରିଥିଲେ, ତାହା "ନିଦ୍ରା ଓ ସ୍ୱପ୍ନ" ନାମକ ଗୋଟିଏ ବହି ଆକାରରେ ପ୍ରକାଶିତ ହୋଇଥିଲା ।

ଏହି ପ୍ରୟୋଗଗୁଡ଼ିକୁ କରି ଦେଖିଥିବା ଡାକ୍ତରମାନେ ଏପରି ଏକ ସିଦ୍ଧାନ୍ତରେ ଆସି ଉପନୀତ ହୋଇଥିଲେ ଯେ ଆମର ନିଦ୍ରାବସ୍ଥାରେ ଆମର ମାନସିକ ସକ୍ରିୟତା ପ୍ରକୃତରେ ଆଦୌ ଏକାବେଳେକେ ବନ୍ଦ ହୋଇଯାଏ ନାହିଁ । ଏବଂ ସେହି ସକ୍ରିୟତାଟିକୁ ଆମେ ଅଳ୍ପବହୁତ ପରିମାଣରେ ଗୋଳମାଳିଆ କରିଦେଇ ଆମର ମସ୍ତିଷ୍କ ମଧ୍ୟରେ ଯାହା ଯେପରି ଭାବରେ ଲେଖି ରଖିଥାଉ, ତାହାକୁହିଁ ଆମେ ସ୍ୱପ୍ନ ବୋଲି କହୁବା । ତେଣୁ, ଆମେ ସେବିଷୟରେ ସଚେତନ ହୋଇ ରହିଥିଲେ ଅଥବା ରହି ନ ଥିଲେ ମଧ୍ୟ ଆମେ ସର୍ବଦାହିଁ ସ୍ୱପ୍ନ ଦେଖିବାରେ ଲାଗିଥାଉ ।

'oaob.nitrkl.ac.in' images reprocessed

ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଆମେ ଏହି ସକ୍ରିୟତାକୁ ସମ୍ପୂର୍ଣ୍ଣ ଭାବରେ ଦବାଇଦେଇ ରଖିପାରିବା ଏବଂ ସମ୍ପୂର୍ଣ୍ଣ ଭାବରେ ଏକ ସ୍ୱପ୍ନହୀନ ନିଦ୍ରାବସ୍ଥା ସମ୍ଭବ କରିପାରିବା । ମାତ୍ର, ଏହିପରି ଭାବରେ ଆମ ଶାରୀରସତ୍ତାର ବିଶ୍ରାମାବସ୍ଥାର ଅନୁରୂପ କରି ଆମର ମାନସିକ ସତ୍ତାଟିକୁ ଏକ ବିଶ୍ରାମାବସ୍ଥା ମଧ୍ୟରେ ନିମଗ୍ନ କରି ରଖିପାରିବା ଲାଗି ଆମକୁ ତାହା ଉପରେ ଏକ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହାସଲ କରିଥିବା ଆବଶ୍ୟକ ହେବ, ଏବଂ ତାହା କରିପାରିବା ଆଦୌ ସହଜ କଥା ନୁହେଁ ।

ଅଧିକାଂଶ କ୍ଷେତ୍ରରେ ଏହି ସକ୍ରିୟତା ବରଂ आହୁରି ଅଧିକ ହୋଇଯାଏ, କାରଣ, ଆମ ଶରୀରଟି ଯେମିତି ଶୋଇପଡ଼େ, ତା'ପରେ ଆମ ଭିତରର ସାମର୍ଥ୍ୟ-ଗୁଡ଼ିକୁ ଆମର ଶରୀର ଆଉ ମୋଟେ ନିୟନ୍ତ୍ରିତ କରିପାରେ ନାହିଁ ଅଥବା କାମରେ ବି ଲଗାଇପାରେ ନାହିଁ ।

ବେଳେବେଳେ କୁହାଯାଇଥାଏ ଯେ ମଣିଷର ଶୋଇଥିବା ଅବସ୍ଥାରେ ତା'ର ଅସଲ ପ୍ରକୃତିଟି ଧରାପଡ଼ି ଯାଇଥାଏ ।

ହଁ, ଅନେକ ସମୟରେ ପ୍ରକୃତରେ ଏହିପରି ଘଟିଥାଏ ଯେ ଇନ୍ଦ୍ରିୟାନୁ-ଭବର ସମର୍ଥ ହୋଇଥିବା ଆମର ସତ୍ତାଟି, ଯିଏକି ଦିନମାନ ଆମ ସକ୍ରିୟ ଇଚ୍ଛାଟିକୁ ନିୟନ୍ତ୍ରିତ କରି ରଖିବାରେ ବ୍ୟସ୍ତ ହୋଇ ରହିଥାଏ, ତାହା ରାତି ସମୟରେ ଆହୁରି ଅଧିକ ତୀବ୍ରଭାବରେ ଆପଣାର ପ୍ରତିକ୍ରିୟାଗୁଡ଼ିକୁ ବ୍ୟକ୍ତକରି ବାହାରେ, କାରଣ ସେତେବେଳେ ଆଉ କୌଣସି ନିୟନ୍ତ୍ରଣ କାର୍ଯ୍ୟକାରୀ ହେଉ ନ ଥାଏ ।

ଆମର ଯେଉଁସବୁ ବାସନାକୁ ଆମେ ବିଲୁପ୍ତ କରି ନ ପାରି କେବଳ ଦାବି ଦେଇ ରଖିଥାଉ, — କେବଳ ଏକ ଯଥାର୍ଥ ଏବଂ ବ୍ୟାପକ ବିଶ୍ଳେଷଣ ଫଳରେହିଁ ସେହି ବିଲୁପ୍ତ ହେବା ସମ୍ଭବ ହୋଇପାରିବ, — ଆମର ଇଚ୍ଛାଶକ୍ତି ସୁପ୍ତ ହୋଇ ରହିଥିବା ସମୟରେ ସେହି ବାସନାଗୁଡ଼ିକ ନିଜର ପରିତୃପ୍ତି ଲୋଡ଼ିବାକୁ ଆରମ୍ଭ କରନ୍ତି ।

ଏବଂ, ଏହି ବାସନାଗୁଡ଼ିକ ଆପଣାର ଯଥାର୍ଥ ଗଠନରେ ଗୋଟିଏ ଗୋଟିଏ ଗତିଶୀଳ କେନ୍ଦ୍ର ହୋଇ ରହିଥିବାରୁ ସେଗୁଡ଼ିକ ମଧ୍ୟରେ ସଗଠିତ ହେବାର ଏକ ପ୍ରବୃତ୍ତି ସର୍ବଦା ରହିଥାଏ; ଆମ ଭିତରେ ତଥା ଆମ ବାହାରେ ମଧ୍ୟ ସେମାନେ ଆପଣାକୁ ଚରିତାର୍ଥ କରିବାର ଅନୁକୂଳ ହୋଇ ରହିଥିବା ପରିସ୍ଥିତିଗୁଡ଼ିକୁ ସଗଠିତ କରିବାରେ ଲାଗିଯାଆନ୍ତି ।

ଏବଂ ଏହିପରି ଭାବରେ, ଦିନମାନ ଆପଣାର ସଚେତନ ଭାବନାଟିର ସାହାଯ୍ୟରେ ଅମେ କେତେ କେତେ ଉଦ୍ୟମ କରି ଲାଭ କରିଥିବା ଫଳଟି ରାତିର

'oaob.nitrkl.ac.in' images reprocessed

ମାତ୍ର କେତୋଟି ଘଣ୍ଟା ମଧ୍ୟରେ ନଷ୍ଟ ଓ ବ୍ୟର୍ଥ ହୋଇଯିବାର ସମ୍ଭାବନା ମଧ୍ୟ ରହିଥାଏ ।

ଆମ ଅଗ୍ରଗତି କରିବାର ଇଚ୍ଛାଟି ଆମ ନିଜ ଭିତରେ ଯେଉଁ ପ୍ରତିରୋଧର ସମ୍ମୁଖୀନ ହୋଇଥାଏ, ଏହାକୁ ଆମେ ତାହାର ଏକ ପ୍ରଧାନ କାରଣ ବୋଲି କହି ପାରିବା ; ଆମର ଯେଉଁସବୁ ଅସୁବିଧା ଆମକୁ ଅନେକ ସମୟରେ ପ୍ରାୟ ଅଲଙ୍ଘ୍ୟ ବୋଲି ମନେ ହୋଇଥାଏ ଏବଂ ଆମ ଭିତରେ ରହିଥିବା ସଦିଚ୍ଛା ଆମକୁ ଏପରି ସଂପୂର୍ଣ୍ଣ ବୋଲି ବୋଧ ହେଉଥିବାରୁ ଆମେ ସେହି ପ୍ରତିରୋଧଟିକୁ ଆଦୌ ବୁଝି ବି ପାରୁ ନାହିଁ, ଏହାକୁ ଆମେ ସେପରି ହେବାର ଏକ ପ୍ରଧାନ କାରଣ ବୋଲି କହି ପାରିବା ।

କେଣୁ ଆମେ ଆମର ସ୍ୱପ୍ନଗୁଡ଼ିକୁ ଭଲକରି ବୁଝିଶିଖିବା । ସର୍ବପ୍ରଥମେ ଆମେ ବିଭିନ୍ନ ସ୍ୱପ୍ନ ମଧ୍ୟରେ ରହିଥିବା ତାରତମ୍ୟଗୁଡ଼ିକୁ ମଧ୍ୟ ଜାଣିବାକୁ ସମର୍ଥ ହେବା, କାରଣ ସ୍ୱଭାବ ଓ ଗୁଣାତ୍ମକତା ଦୃଷ୍ଟିରୁ ଦେଖିଲେ ସେଗୁଡ଼ିକ ସର୍ବଦା ଭିନ୍ନ ଭିନ୍ନ ପ୍ରକାରର ହୋଇ ରହିଥାନ୍ତି । ସେଇ ଗୋଟିଏ ରାତିରେ ମଧ୍ୟ ଆମେ ଏକାଧିକ ଏପରି ସ୍ୱପ୍ନମାନ ଦେଖିଥାଉ, ଯେଉଁଗୁଡ଼ିକୁ ଆମେ ଭିନ୍ନ ଭିନ୍ନ ଶ୍ରେଣୀର ଅନ୍ତର୍ଭୁକ୍ତ କରିପାରିବା,—ଆମ ନିଦ୍ରାର ଗଭୀରତା ଅନୁସାରେ ସେଗୁଡ଼ିକ ପରସ୍ପରଠାରୁ ଖରି ଅଲଗା ପ୍ରକାରର ହୋଇ ରହିଥିବେ ।

ସାଧାରଣତଃ ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ରାତିରେ ଏପରି ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ରହିଥାଏ, ଯାହାକୁ କି ସ୍ୱପ୍ନ ଦେଖିବା ଦୃଷ୍ଟିରୁ ଅପେକ୍ଷାକୃତ ଅଧିକ ଅନୁକୂଳ ବୋଲି କୁହାଯାଇ ପାରିବ । ସେହି ସମୟଟିରେ ତାହାର ସଚେତନତାରେ ଅତ୍ୟନ୍ତ ଅଭିବୃଦ୍ଧି ଘଟିଥାଏ, ସେହି ସଚେତନତା ଅଧିକ ବୁଦ୍ଧିମାନ୍ ହୋଇ ଯାଇଥିବା ପରି କାର୍ଯ୍ୟ କରିଥାଏ । ଏବଂ ଜଣେ ବ୍ୟକ୍ତି ତା'ର ପରିବେଶର ଯେଉଁ ମାନସିକ ପରିସ୍ଥିତିଗୁଡ଼ିକ ମଧ୍ୟରେ ବିଚରଣ କରୁଥାଏ, ସେଗୁଡ଼ିକୁ ମଧ୍ୟ ଏହି ଦୃଷ୍ଟିରୁ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ବୋଲି କୁହାଯାଇ ପାରିବ ।

ଅଧିକାଂଶ ସ୍ୱପ୍ନର କେବଳ ଶାରୀରିକ ମସ୍ତିଷ୍କଟିର ଇଚ୍ଛା ଏକ ଯନ୍ତ୍ରବତ୍ ଓ ନିୟନ୍ତ୍ରଣ ବିହୀନ ସଚେତନତାଠାରୁ ଆଦୌ ଅନ୍ୟ କୌଣସି ମୂଲ୍ୟ ନ ଥାଏ । ସେଥିରେ ନିଦ୍ରାବସ୍ଥାରେ କେତେକ କୋଷ ତଥାପି ସଜାଗ ହୋଇ ରହିଥାନ୍ତି ଏବଂ ଇନ୍ଦ୍ରିୟସ୍ପର୍ଶାନୁଭବର କ୍ଷେତ୍ରରେ ନାନା ପ୍ରତିରୂପ ଏବଂ ଆବେଗକୁ ଉତ୍ପନ୍ନ କରିବାରେ ଲାଗିଥାନ୍ତି, ଯାହାକ ବହିର୍ଜଗତରୁ ଲବ୍ଧ ତଥ୍ୟଗୁଡ଼ିକ ସହିତ ସର୍ବଦା ସାମଞ୍ଜସ୍ୟ ରଖିଥାଏ ।

ଏହି ସ୍ୱପ୍ନଗୁଡ଼ିକ ପ୍ରାୟ ସବୁବେଳେ ବିଶୁଦ୍ଧ ଭାବରେ କେବଳ ଭୌତିକ ପରିସ୍ଥିତିରୁହିଁ ଉତ୍ପନ୍ନ ହୋଇଥାନ୍ତି, — ସ୍ୱାସ୍ଥ୍ୟର ଅବସ୍ଥା, ଖାଦ୍ୟ-ପରିପାଚନରେ

'oaob.nitrkl.ac.in' images reprocessed

ଅସୁବିଧା ଏବଂ ବିଛଣାରେ ତୁମେ କିପରି ଭଙ୍ଗୀରେ ଶୋଇଛ, ଏହିସବୁଥିରୁ ଉତ୍ପନ୍ନ ହୋଇଥାନ୍ତି ।

କିନ୍ତୁ ଆତ୍ମନିରୀକ୍ଷଣ କରିପାରିଲେ ଏବଂ କେତେକ ସାବଧାନତା ଅବଲମ୍ବନ କରିପାରିଲେ, ଏହିଭଳି ସ୍ୱପ୍ନଗୁଡ଼ିକୁ ଖୁବ ସହଜରେ ଦୂରୀଭୂତ କରାଯାଇ ପାରିବ । ଏସବୁ ସ୍ୱପ୍ନର ଆଦୌ କୌଣସି ପ୍ରୟୋଜନ ନ ଥାଏ ଏବଂ ଏହା ପ୍ରକୃତରେ ଭାରି କ୍ଲାନ୍ତ କରି ପକାଇଥାଏ । ଶାରୀରିକ କାରଣଗୁଡ଼ିକୁ ଦୂର କରି ସେହି ସ୍ୱପ୍ନଗୁଡ଼ିକର ମଧ୍ୟ ନିରାକରଣ କରିହୁଏ ।

ଆହୁରି କେତେକ ସ୍ୱପ୍ନ ରହିଛି, ଯାହାକୁ କି କେତେକ ମନୋଗତ ବୃତ୍ତିର ପ୍ରମାଦଗ୍ରସ୍ତ ନାନା ସକ୍ରିୟତାର କେବଳ ଗୋଟିଏ ଗୋଟିଏ ବ୍ୟର୍ଥ ଅଭିବ୍ୟକ୍ତି ବୋଲି କୁହାଯାଇ ପାରିବ । ଏଥିରେ କେତେ କେତେ ଧାରଣା, କଥାବାର୍ତ୍ତା ଏବଂ ସ୍ମୃତି ଖିଅକୁ ଖିଅ ଗଣ୍ଠା ହୋଇ ରହିଥାନ୍ତି ଏବଂ କୌଣସି ପ୍ରକାର ନିୟମ ନ ମାନି ସ୍ୱପ୍ନ ମଧ୍ୟରେ ଆସି ଏକାଠି ଆବିର୍ଭୂତ ହୁଅନ୍ତି ।

ଏହିସବୁ ସ୍ୱପ୍ନକୁ ତଥାପି ଅପେକ୍ଷାକୃତ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି କୁହାଯିବ, କାରଣ, ଆମର ମନ ଆମ ଇଚ୍ଛାଶକ୍ତିର ନିୟନ୍ତ୍ରଣ ବାହାରକୁ ଖସିଯିବା ମାତ୍ରକେ ଆମର ମାନସିକ ସ୍ତରରେ ଯେ କି ବିଶୃଙ୍ଖଳା ଆସି ଉପସ୍ଥିତ ହୁଏ, ଏହି ପ୍ରମାଦଗ୍ରସ୍ତ ସକ୍ରିୟତାଗୁଡ଼ିକ ତାହାକୁହିଁ ବାହାର କରି ଦେଖାଇ ଦେଇଥାନ୍ତି । ଏହି ସତ୍ତାଟି ଯେ ଆମ ଭିତରେ ଏପର୍ଯ୍ୟନ୍ତ ଉଚିତ ପ୍ରକାରେ ସଂଗଠିତ ଓ ସଂବଦ୍ଧ ହୋଇପାରି ନାହିଁ ଏବଂ ଏକ ସ୍ୱତନ୍ତ୍ରତାସମ୍ପନ୍ନ ଜୀବନଯାପନ କରିବା ଲାଗି ତାହା ଯେ ଯଥେଷ୍ଟ ପକ୍ୱତା ଲାଭକରି ନାହିଁ, ସେଗୁଡ଼ିକ ଆମକୁ ସେହି କଥାଟି ଦେଖାଇ ଦେଇଥାନ୍ତି ।

ଏମାନଙ୍କ ସହିତ ବାହ୍ୟାକୃତିରେ ପ୍ରାୟ ସମାନ, ମାତ୍ର ଆପଣାର ପରିଣାମରେ ଅଧିକ ମହତ୍ତ୍ୱପୂର୍ଣ୍ଣ ଏପରି କେତେକ ସ୍ୱପ୍ନ ରହିଛନ୍ତି, ଯେଉଁଗୁଡ଼ିକର ମୁଁ ବର୍ତ୍ତମାନ ଉଲ୍ଲେଖ କରୁଥିଲି । ଏହି ସ୍ୱପ୍ନଗୁଡ଼ିକ ଆମର ଆନ୍ତର ସତ୍ତାଟି ମଧ୍ୟରୁ ଉତ୍ଥିତ ହୋଇ ଆସିଥାନ୍ତି ଏବଂ ସେହି ସତ୍ତା କିଛି ସମୟ ଲାଗି ଆମର ନିୟନ୍ତ୍ରଣ ମଧ୍ୟରୁ ମୁକ୍ତ ହୋଇଯିବାରୁ ସେମାନେ ପ୍ରତିଶୋଧ ନେବାର ବାଟ ଖୋଜୁଥାନ୍ତି । ଏହି ସ୍ୱପ୍ନଗୁଡ଼ିକ ଆମକୁ ଅନେକ ସମୟରେ ଆମର ଏପରି ପ୍ରବୃତ୍ତି, ବିଶେଷ ବୃତ୍ତି, ଆବେଗ ତଥା ବାସନାଗୁଡ଼ିକୁ ଚିହ୍ନି ପାରିବା ଲାଗି ସମର୍ଥ କରିଥାନ୍ତି, ଆମ ଆଦର୍ଶଟିକୁ ଉପଲବ୍ଧି କରିବା ଲାଗି ଆମର ବ୍ୟଗ୍ରତା ସେଗୁଡ଼ିକୁ ଆମ ସତ୍ତାର କୌଣସି ଅନ୍ଧକାରାବୃତ ଅଂଶରେ ନେଇ ଲୁକ୍କାୟିତ କରି ରଖିଥିବାରୁ ସେହିଗୁଡ଼ିକ ସମ୍ବନ୍ଧରେ ଆମେ ଆଗରୁ ଆଦୌ ସଚେତନ ହୋଇପାରି ନ ଥିଲୁ ।

'oaob.nitrkl.ac.in' images reprocessed

ତୁମେମାନେ ଅତି ସହଜରେ ଏହି କଥାଟି ବୁଝି ପାରିବ ଯେ, ଆମଠାରୁ ଅଜ୍ଞାତ ଭାବରେ ସେମାନଙ୍କୁ ତଳେ ରହିବାକୁ ଛାଡ଼ିଦେବା ଅପେକ୍ଷା ବରଂ ସାହସର ସହିତ ସେମାନଙ୍କୁ ଆଲୋକ ମଧ୍ୟକୁ ଆଣିବା ଅଧିକ ଉଚିତ ହେବ । ତେବେ ସେମାନେ ଆମକୁ ପରିତ୍ୟାଗ କରି ଚାଲିଯିବାକୁ ଅବଶ୍ୟ ବାଧ୍ୟ ହେବେ ।

ତେଣୁ ଅତ୍ୟନ୍ତ ମନୋଯୋଗ ସହକାରେ ଆମେ ଆମର ସ୍ୱପ୍ନଗୁଡ଼ିକ ଉପରେ ଦୃଷ୍ଟିପାତ କରି ଶିଖିବା; ସେଗୁଡ଼ିକ ଆମକୁ ଅନେକ ସମୟରେ ଅନେକ ଆବଶ୍ୟକ ବିଷୟରେ ସୂଚନା ଆଣି ଦେଇପାରିବେ, ଆତ୍ମ-ବିଜୟର ପଥରେ ସେମାନେ ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ଆମର ସହାୟତା କରିପାରିବେ ।

ଯିଏ ଆପଣାର ରାତ୍ରିକାଳୀନ ଅନିୟନ୍ତ୍ରିତ କ୍ରିୟାଶୀଳତାଗୁଡ଼ିକ ବିଷୟରେ କିଛି ଜାଣି ନାହିଁ, ସିଏ ଆପଣାକୁ ଭଲ କରି କଦାପି ଜାଣି ନାହିଁ । ଏବଂ, ଜଣେ ବ୍ୟକ୍ତିର ସିଏ ରାତିରେ ଶୋଇଥିବା ସମୟରେ କରୁଥିବା ନାନା କ୍ରିୟାତ୍ମକତା ଉପରେ ଯେପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସଚେତନତା ଓ ପ୍ରଭୁତ୍ୱ ଆସି ନ ପାରିଛି, ସିଏ କଦାପି ଆପଣାକୁ ଆପଣାର ନିୟନ୍ତ୍ରଣକାରୀ ବୋଲି କହି ପାରିବ ନାହିଁ ।

ମାତ୍ର ଆମର ସ୍ୱପ୍ନଗୁଡ଼ିକ ଯେ କେବଳ ଖଳବୁଦ୍ଧି ହୋଇ ଆମ ଦୁର୍ବଳତାଗୁଡ଼ିକୁ ସୂଚାଇଦେଇ ଯାଆନ୍ତି ଅଥବା ମନ୍ଦ ଅଭିପ୍ରାୟ ରଖି କେବଳ ଯେ ଅଗ୍ରଗତି ଲାଗି ଆମ ଉଦ୍ୟମଗୁଡ଼ିକୁ ନଷ୍ଟ କରିଦେଇ ଯାଆନ୍ତି, ସେକଥା କଦାପି ନୁହେଁ ।

ଅବଶ୍ୟ ଏକଥା ସତ ଯେ ଆମର କେତେକ ସ୍ୱପ୍ନ ସହିତ ଆମକୁ ଯୁଦ୍ଧ କରିବାକୁ ପଡ଼ିବ ଅଥବା ସେଗୁଡ଼ିକୁ ବଦଳାଇ ଦେବାକୁ ପଡ଼ିବ । କିନ୍ତୁ, ଏଗୁଡ଼ିକ ଛଡ଼ା ଆହୁରି ଅନ୍ୟ ଅନେକ ସ୍ୱପ୍ନ ମଧ୍ୟ ରହିଛନ୍ତି, ଆମକୁ ଯେଉଁଗୁଡ଼ିକର ଅନୁଶୀଳନ କରିବାକୁ ପଡ଼ିବ, ଆମ ଭିତରେ ବା ଆମ ଚତୁର୍ଦ୍ଦିଗରେ ଆମେ କରୁଥିବା ଯାବତୀୟ କାର୍ଯ୍ୟରେ ସେଗୁଡ଼ିକୁ ମୂଲ୍ୟବାନ୍ ସହାୟକ ରୂପେ ବର୍ଷଣ ବି କରିବାକୁ ପଡ଼ିବ ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଅନେକ ଦୃଷ୍ଟିରୁ ବିଚାର କରି ଦେଖିଲେ ଆମର ଏହି ଅଭ୍ୟସ୍ତ ସଚେତନ ସତ୍ତାଟି ଅପେକ୍ଷା ଆମର ଅବଚେତନକୁ ପ୍ରକୃତରେ ଅନେକ ଅଧିକ କଥା ଜଣାଅଛି ବୋଲି କୁହାଯାଇ ପାରିବ ।

ଏପରି ଏକ ତତ୍ତ୍ୱବିଷୟକ, ନୈତିକ ଅଥବା ବାସ୍ତବକ୍ଷେତ୍ରୀୟ ସମସ୍ୟା ବିଷୟରେ କାହାର ଅଭିଜ୍ଞତା ନାହିଁ, ଯାହାର ସମ୍ମୁଖୀନ ହେବା ଲାଗି ଆମେ ସନ୍ଧ୍ୟା ସମୟରେ କେତେ ବ୍ୟର୍ଥ ଚେଷ୍ଟା କରିବାରେ ଲାଗିଥାଉ, ମାତ୍ର, ସେତେବେଳେ ସେଇଟିକୁ ଖୋଜି ବାହାର କରିବା ଯେତେ ଅସମ୍ଭବପ୍ରାୟ ବୋଧ ହୋଇଥିଲେ

'oaob.nitrkl.ac.in' images reprocessed

ମଧ୍ୟ, ସକାଳକୁ ଶଯ୍ୟାରୁ ଉଠିଲା ବେଳକୁ ତାହାର ସମାଧାନଟି ଆମ ଆଗରେ ଅତ୍ୟନ୍ତ ସ୍ପଷ୍ଟ ଏବଂ ନିର୍ଦ୍ଦିଷ୍ଟ ଭାବରେ ଆସି ଆବିର୍ଭୂତ ହୋଇଯାଏ ?

ଅର୍ଥାତ୍, ଆମେ ଯେତେବେଳେ ନିଦରେ ଶୋଇଥାଉ, ସେତେବେଳେ ମଧ୍ୟ ସେହି ସମାଧାନଟିର ଖୋଜା ଚାଲିଥାଏ, ଏବଂ ବାହ୍ୟ ଯାବତୀୟ କାର୍ଯ୍ୟକଳାପଠାରୁ ମୁକ୍ତ ହୋଇ ଆମର ଅନ୍ତର୍ଗତ ଶକ୍ତିଗୁଡ଼ିକ ମଧ୍ୟ ଆପଣାର ଆଗ୍ରହ ରଖିଥିବା ସେହି ବିଷୟଟି ଉପରେ ସେତେବେଳେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ସକେନ୍ଦ୍ରିତ କରି ରଖିପାରନ୍ତି ।

ଅନେକ ସମୟରେ ଖାସ୍ କ୍ରିୟାଟି ଅଚେତନ ହୋଇ ରହିଯାଏ, କେବଳ ପରିଣାମଟିକୁହିଁ ଉପଲବ୍ଧି କରି ହୁଏ ।

ମାତ୍ର ଅନ୍ୟାନ୍ୟ ସମୟରେ କୌଣସି ଗୋଟିଏ ସ୍ୱପ୍ନ ସାହାଯ୍ୟରେ ଆମେ ଆମର ଯାବତୀୟ ମାନସିକ କ୍ରିୟାତ୍ମକତାର ଟିକିନିଖି ସବୁରେ ମଧ୍ୟ ଅଂଶଗ୍ରହଣ କରିଥାଉ । କେବଳ, ଆମର ମସ୍ତିଷ୍କ ଏହି କ୍ରିୟାତ୍ମକତାଟିକୁ ଯେପରି ଭାବରେ ଟିପି ରଖେ ଓ ଯେପରି ଭାବରେ ଆମ ଆଗରେ ତାହାର ବର୍ଣ୍ଣନା ଦେଇଥାଏ, ତାହା ଆମକୁ ଏପରି ପିଲାଳିଆ ବୋଧ ହୁଏ ଯେ ଆମେ ସାଧାରଣତଃ ସେଗୁଡ଼ିକ ଉପରେ ଆଦୌ କୌଣସି ଧ୍ୟାନ ଦେଉ ନାହିଁ ।

ଏହି ଦୃଷ୍ଟିରୁ ବିଚାର କରି ଦେଖିଲେ, ଏହି କଥାଟିକୁ ଉଲ୍ଲେଖ କରିବା ଏଠାରେ ନିଶ୍ଚୟ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ହେବ ଯେ, ଆମର କୌଣସି ମାନସିକ କ୍ରିୟାତ୍ମକତା ପ୍ରକୃତରେ ଯାହା ଏବଂ ତାହା ଯେପରି ଭାବରେ ଆମକୁ ଦୃଷ୍ଟିଗୋଚର ହୋଇଥାଏ, ପ୍ରାୟ ସକଳ ସମୟରେହିଁ ଦୁଇଟି ମଧ୍ୟରେ ଅନେକ ପାର୍ଥକ୍ୟ ରହିଥାଏ । ବିଶେଷତଃ, ଏଇଟି ବିଷୟରେ ଆମେ ଯେପରି ଭାବରେ ସଚେତନ ରହିଥାଉ, ତାହା ଅତ୍ୟନ୍ତ ଭିନ୍ନ ପ୍ରକାରର ହୋଇ ରହିଥାଏ । ଆପଣା ମାଧ୍ୟମଟିର ସାହାଯ୍ୟରେ ଏହି କ୍ରିୟାତ୍ମକତା ଯେଉଁ ସ୍ପନ୍ଦନଗୁଡ଼ିକୁ ଉତ୍ପନ୍ନ କରେ ତାହା ପ୍ରତିକ୍ଷେପ ଦ୍ୱାରା ଆମ ମସ୍ତିଷ୍କାବସ୍ଥିତ କୋଷବ୍ୟବସ୍ଥାଟି ମଧ୍ୟ ସଂଗ୍ରଥିତ ହୋଇ ଚାଲିଯାଏ । କିନ୍ତୁ ଆମେ ଶୋଇବା ଅବସ୍ଥାରେ ଆମର ମସ୍ତିଷ୍କ ମଧ୍ୟ ଯେତେବେଳେ ଶୋଇଥାଏ, ଅତିସଂବେଦ୍ୟ ରାଜ୍ୟର ସୂକ୍ଷ୍ମ ସ୍ପନ୍ଦନଗୁଡ଼ିକ ସେତେବେଳେ କେବଳ ଅତି ସୀମିତ କୋଷକୁ ଅନୁସ୍ପନ୍ଦିତ କରି ପାରନ୍ତି । ମସ୍ତିଷ୍କାସ୍ଥିତନଟି ମଧ୍ୟରେ ରହିଥିବା ଅଧିକାଂଶ ଦୈହିକ ଅବଲମ୍ବନର ସେହି ଜାଡ଼୍ୟାବସ୍ଥା ସକଳ ଉପାଦାନଗୁଡ଼ିକର ସଂଖ୍ୟାରେ ଅତ୍ୟନ୍ତ ହ୍ରାସ ଘଟାଇଥାଏ, ମାନସିକ ସମନ୍ୱୟଶକ୍ତିର କ୍ଷେତ୍ରରେ ମଧ୍ୟ ହ୍ରାସ ଘଟାଏ, ଏବଂ ଅନ୍ତର୍ଗତ ସ୍ଥିତିଗୁଡ଼ିକର କ୍ରିୟାତ୍ମକତାକୁ ଲିପିବଦ୍ଧ କରିବା ଲାଗି ତାହାକୁ ପ୍ରକୃତରେ ଅକ୍ଷମ କରି ରଖେ । କେବଳ କେତୋଟି ପ୍ରତିରୂପ ସାହାଯ୍ୟରେହିଁ

'oaob.nitrkl.ac.in' images reprocessed

ସେତେବେଳେ ଏହି ଲିପିବଦ୍ଧ କରିବାର କାର୍ଯ୍ୟଟି ସମ୍ପନ୍ନ ହେଉଥାଏ ଏବଂ ସେହି ପ୍ରତିରୂପଗୁଡ଼ିକ ବି ଅନେକ ସମୟରେ ଅତ୍ୟନ୍ତ ଅସ୍ପଷ୍ଟ ଏବଂ ଅଯଥେଷ୍ଟ ହୋଇ ରହିଥାନ୍ତି ।

ଏହି ପାର୍ଥକ୍ୟଟି ବିଷୟରେ ତୁମେମାନେ ଯେପରି ଟିକିଏ ଅଧିକ ଭଲ ଧାରଣା କରି ପାରିବ, ସେଥିଲାଗି ବର୍ତ୍ତମାନ ମୁଁ ତୁମମାନଙ୍କୁ ଗୋଟିଏ ଦୃଷ୍ଟାନ୍ତ ଦେବି । ଏଭଳି ଅନେକ ଦୃଷ୍ଟାନ୍ତ ଅନେକ ସମୟରେ ମୋ'ର ଗୋଚରକୁ ଆସିଛି ।

ଅଳ୍ପ ଦିନ ତଳେ ଜଣେ ଲେଖକ ତାଙ୍କର ଅଧା ଲେଖା ହୋଇଥିବା ଅଧ୍ୟାୟଟିକୁ ନେଇ ଭାରି ବ୍ୟସ୍ତ ଥିଲେ । ସେହି ଅଧ୍ୟାୟଟିକୁ ସେ କୌଣସି ପ୍ରକାରେ ପୂର୍ଣ୍ଣ କରି ପାରୁ ନ ଥିଲେ ।

ତାଙ୍କର ମନ ସେତେବେଳେ ତାଙ୍କର ସେହି ରଚନାଟିକୁ ନେଇ ବିଶେଷ ଭାବରେ ଆଗ୍ରହୀ ହୋଇ ରହିଥିଲା ଏବଂ ରାତିରେ ସେହି ଅଧ୍ୟାୟଟିକୁ ଲେଖିବାକୁ ଆରମ୍ଭ କଲା । ବିଭିନ୍ନ ପାତ୍ରରେ ଲେଖା ହୋଇଥିବା କଥାଗୁଡ଼ିକୁ ତାହା ଯେତେପ୍ରକାର ବାରବାର ପୁନଃବିନ୍ୟସ୍ତ କରି ଦେଖିବାରେ ଲାଗିଲା, ତାହା ତଦ୍ୱାରା ସେତିକି ଅଧିକ ସଚେତ ହୋଇ ପାରିଲା ଯେ ବିଷୟଗୁଡ଼ିକୁ ମୋଟେ ଏକ ସୁଶୃଙ୍ଖଳିତ କ୍ରମରେ ବ୍ୟକ୍ତ କରାଯାଇ ନାହିଁ । ତେଣୁ, ପାତ୍ରଗୁଡ଼ିକୁ ଭାଙ୍ଗି ସେ ସବୁ ବିଷୟକୁ ନୂଆ କରି ସଜାଇ ଲେଖିବାକୁ ହେବ, ତାହା ସେକଥା ଜାଣି ପାରିଥିଲା ।

ଲେଖକ ଦେଖିଥିବା ନିମ୍ନୋକ୍ତ ଗୋଟିଏ ସ୍ୱପ୍ନରେ ତାଙ୍କର ଚେତନା ମଧ୍ୟରେ ଏହି ବିଷୟଗୁଡ଼ିକ ଲିପିବଦ୍ଧ ହୋଇ ଯାଇଥିଲା : ସିଏ ତାଙ୍କର ପଢ଼ାଘରେ ବସିଛନ୍ତି, ସେହି ଘରର କେତୋଟି ଆରାମଚୌକି ପଡ଼ିଛି । ସେଗୁଡ଼ିକ ସେ ଏବେ ଆଣି ସେହି ଘରେ ପକାଇଛନ୍ତି ଏବଂ ସେଗୁଡ଼ିକୁ କୋଠରିଟି ଭିତରେ ନାନା ଭାବରେ ସଜାଇ ଦେଖିବାରେ ଲାଗିଛନ୍ତି । ସବାଶେଷକୁ ସିଏ ସେଗୁଡ଼ିକୁ ସୁସଜ୍ଜିତ ଭାବରେ ଗୋଟି ଗୋଟି କରି ରଖି ପାରିବାରେ ସମର୍ଥ ହୋଇଗଲେ ।

ଅନେକ ବ୍ୟକ୍ତିଙ୍କର ମନ ଭିତରେ ଅନେକ ବିଷୟ ହୁଏତ ନିଶ୍ଚୟ ଏହିପରି ଭାରି ଅଯଥେଷ୍ଟ ଭାବରେ ଲିପିବଦ୍ଧ ହୋଇ ରହିଥିବ, ଏକଥା ଜାଣିଲେ ଆମେ 'ସ୍ୱପ୍ନ-ପୁସ୍ତିକା' ନାମରେ ଚଳି ଆସିଥିବା ସାଧାରଣ ଲୋକ-ବିଶ୍ୱାସଗୁଡ଼ିକର ଉତ୍ସଟିକୁ ମଧ୍ୟ ଖୋଜି ପାଇ ପାରିବା । ଏହି 'ସ୍ୱପ୍ନ-ଗ୍ରନ୍ଥ'ଗୁଡ଼ିକୁ ନେଇ କେତେ ସରଳବିଶ୍ୱାସୀ ମନୁଷ୍ୟ କେତେ ଆନନ୍ଦ ନ ପାନ୍ତି !

ମାତ୍ର ଏହି କଥାଟିକୁ ନିଶ୍ଚୟ ଭାରି ସହଜରେ ବୁଝି ହେବ ଯେ ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ଏହି ଅବିନ୍ୟସ୍ତ ଅନୁଲିଖନଟିର ମଧ୍ୟ ଗୋଟିଏ ଗୋଟିଏ ସ୍ୱତନ୍ତ୍ର

'oaob.nitrkl.ac.in' images reprocessed

ଅର୍ଥ ରହିଛି; ପ୍ରତ୍ୟେକ ବ୍ୟକ୍ତି ଏହି ଲକ୍ଷଣଗୁଡ଼ିକୁ ଆପଣାର ସ୍ୱକୀୟ ପଦ୍ଧତିରେହିଁ ବିକୃତ କରି ଦେଇଥାଏ ।

ତେଣୁ, ସ୍ୱପ୍ନର ସଙ୍କେତର ବ୍ୟାଖ୍ୟାକୁ ଯଦି ଆମେ ଅତିବେଶୀ ପରିମାଣରେ ଏକ ସାଧାରଣ ସ୍ତରରେ ପରିଣତ କରିଦେବା, ତେବେ ସେଥିରୁ କେବଳ ଅନେକ କିମ୍ଭୂତ ଏବଂ ଦୁର୍ବୋଧ ଅନ୍ଧବିଶ୍ୱାସହିଁ ଜନ୍ମଲାଭ କରିବ । ଅବଶ୍ୟ ଏ କଥା ସତ୍ୟ ଯେ ସେହି ବ୍ୟାଖ୍ୟା ହୁଏତ କୌଣସି ଜଣେ ବ୍ୟକ୍ତିର କ୍ଷେତ୍ରରେ ପ୍ରୟୋଗ କଲାବେଳେ ବେଶ୍ ନିର୍ଭୁଲ ବି ହୋଇଥିବ ।

ଉପରେ ଆମେ ଯେଉଁ ଲେଖକଙ୍କ ସ୍ୱପ୍ନ ବିଷୟରେ ଆଲୋଚନା କରୁଥିଲୁ, ଯଦି ସେ ଆପଣାର ବନ୍ଧୁ ଏବଂ ପରିଚିତ ବ୍ୟକ୍ତିମାନଙ୍କ ସ୍ୱପ୍ନର ବିଷୟଗୁଡ଼ିକୁ ଏକ ସାଧାରଣ ସତ୍ୟ ରହସ୍ୟରୂପେ ଗ୍ରହଣ କରିବାକୁ ଚାହିଁବେ, ସ୍ୱପ୍ନରେ ଆସନ ଚୌକି ସଜାଇ ରଖିଥିବାର ଦେଖିଲେ ପରବର୍ତ୍ତୀ ଦିନ ସେମାନଙ୍କୁ ନିଶ୍ଚୟ କୌଣସି ଘରରେ ଥିବା ପାତ୍ରଗୁଡ଼ିକର କ୍ରମକୁ ବଦଳାଇବାକୁ ପଡ଼ିବ ବୋଲି ଯଦି ସେ କହିବେ, ତେବେ ତାହା ପ୍ରକୃତରେ କେତେ ଦୁର୍ବୋଧତା ନ ହେବ ?

ଆମର ମସ୍ତିଷ୍କ ଆମ ନିଦ୍ରାକାଳୀନ ଚିନ୍ତାସୂତ୍ରଗୁଡ଼ିକୁ ଯେତେବେଳେ ଚିପି ରଖିଥାଏ, ସେତେବେଳେ ସେଥିରେ ଆହୁରି କେତେ କ'ଣ ଏପରି ଘୁରାଇ ଘୁରାଇ ହୋଇ ତାକୁ ଏପରି ବିକୃତ କରି ଦେଇଥାଏ ଯେ, ବିଷୟଗୁଡ଼ିକ ପ୍ରକୃତରେ ଯାହା, ଅନେକ ସମୟରେ ସେସବୁ ତାହାର ଠିକ୍ ବିପରୀତ ବୋଲି ମଧ୍ୟ ପ୍ରତୀତ ହୋଇଥାନ୍ତି ।

ଉଦାହରଣ ସ୍ୱରୂପ, ଯେତେବେଳେ ତୁମେ କୌଣସି ବ୍ୟକ୍ତି ସମ୍ବନ୍ଧରେ କୌଣସି ଏକ ମନ୍ଦ ଭାବନା ପୋଷଣ କଲ ଏବଂ ଯଦି ସେହି ମନ୍ଦ ଭାବନାଟି ପୂର୍ଣ୍ଣ ସ୍ୱତନ୍ତ୍ରତା ପାଇ ରାତିରେ ଆପଣାର ଯାବତୀୟ ଶକ୍ତିକୁ ସଂଗ୍ରହ କରି ଶକ୍ତିଶାଳୀ ହୋଇପାରିଲା, ତେବେ ତୁମେ ରାତିରେ ହୁଏତ ସ୍ୱପ୍ନ ଦେଖିବ ଯେ ସେହି ବ୍ୟକ୍ତି ଓଲଟି ତୁମକୁ ଆସି ମାଡ଼ ମାରୁଛି, ତୁମ ପ୍ରତି କୌଣସି ମନ୍ଦ ଆଚରଣ କରୁଛି, ଏପରି କି ତୁମକୁ ଆହତ କରିବାକୁ ଚାହୁଁଛି ବା ହତ୍ୟା କରିବାକୁ ଚେଷ୍ଟା କରୁଛି ।

ପୁନଶ୍ଚ, ଏକ ସାଧାରଣ ନିୟମ ହିସାବରେ, କୌଣସି ସ୍ୱପ୍ନର ବ୍ୟାଖ୍ୟା କଲାବେଳେ ଆମକୁ ବୁଦ୍ଧିର କ୍ଷେତ୍ରରେ ମଧ୍ୟ ଅନେକ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ; ଏବଂ, ସର୍ବୋପରି ନିଜର କୌଣସି ବ୍ୟାଖ୍ୟାରେ ଏକ ବାସ୍ତବ ସତ୍ୟର ମୂଲ୍ୟାରୋପଣ କରିବା ପୂର୍ବରୁ ଆମକୁ ସେହି ବ୍ୟାଖ୍ୟାଟିକୁ ଅତ୍ୟନ୍ତ ପ୍ରାଞ୍ଜଳ ଭାବରେ ପର୍ଯ୍ୟାଲୋଚନା କରି ଦେଖିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ଆପଣାର ଭାବନାଗୁଡ଼ିକୁ କେବଳ ଆପଣା ମୁଠାଁ କରି ରଖିବାର ବଦଭ୍ୟାସଟିକୁ ଯେଉଁମାନେ ଛାଡ଼ି ସାରିଲେଣି, ବିଶେଷ କରି ସେହିମାନଙ୍କ ଭିତରେ ଏପରି ଦୃଷ୍ଟାନ୍ତମାନ ଦେଖିବାକୁ ମିଳିବ, ଯେଉଁମାନେ କି ଆପଣା ଭିତରୁ ବାହାରିକୁ ଚାଲିଯାଇ ଘଟଣାଗୁଡ଼ିକ ଉପରେ ଅବଲୋକନ କରିଥାନ୍ତି । ଆମ ବ୍ୟକ୍ତିଗତ ମାନସିକ ନିର୍ମାଣଗୁଡ଼ିକର କେବଳ ଏକ ପ୍ରତିଫଳନ ହୋଇ ରହି ନ ଥିବା ଘଟଣାଗୁଡ଼ିକ ଉପରେ ସେମାନେ ଅବଲୋକନ କରି ପାରନ୍ତି । ଏବଂ ଆମର ମସ୍ତିଷ୍କ ଏହି ଘଟଣାଗୁଡ଼ିକୁ ଯେଉଁ ଅଳ୍ପ ବହୁତ ଅସ୍ପଷ୍ଟ ହୋଇ ରହିଥିବା ପ୍ରତିରୂପ ଭାବରେ ଅନୁଲିଖିତ କରି ରଖିଥାଏ, ଯଦି ସେଗୁଡ଼ିକୁ ଆମେ ବୁଦ୍ଧିଗତ ଭାଷାରେ ବ୍ୟକ୍ତ କରିବାର ଉପାୟଟିକୁ ଜାଣିଥାଉ, ତେବେ ତଦ୍ଦ୍ୱାରା ଆମେ ଏପରି ଅନେକ ବିଷୟ ଶିଖିପାରିବା, ଯାହାକୁ ବୁଝିପାରିବା ଲାଗି ଆମର ଅତିସୀମାବଦ୍ଧ ଶାରୀରିକ ସାମର୍ଥ୍ୟଗୁଡ଼ିକ ଆମକୁ ମୋଟେ ବାଟ ଛାଡ଼ି ଦିଅନ୍ତି ନାହିଁ ।

ପୁଣି ଆହୁରି କେତେକ ବ୍ୟକ୍ତି ସେମାନେ ଲାଭ କରିଥିବା ଏକ ବିଶେଷ କୃଷ୍ଟି ଏବଂ ଶିକ୍ଷା ଫଳରେ ସେମାନଙ୍କ ଅନ୍ତଃସତ୍ତାର ଅଧିକ ଗଭୀର କ୍ରିୟାତ୍ମକତାଗୁଡ଼ିକ ବିଷୟରେ ବି ସଚେତନ ହୋଇପାରନ୍ତି ଓ ସଚେତନ ରହିପାରନ୍ତି । ସେମାନଙ୍କର ମସ୍ତିଷ୍କ ସେଗୁଡ଼ିକୁ କିପରି ଲିପିବଦ୍ଧ କରି ରଖିଥାଏ, ସେମାନେ ସେଥିଲାଗି ମୋଟେ ଅପେକ୍ଷା ରଖନ୍ତି ନାହିଁ । ତେଣୁ ସେମାନେ ଆପଣାର ଜାଗ୍ରତ ଅବସ୍ଥାରେ ମଧ୍ୟ ସେଗୁଡ଼ିକର ସାମର୍ଥ୍ୟର ପରିପୂର୍ଣ୍ଣ ପରିସର ମଧ୍ୟରେ ସେଗୁଡ଼ିକୁ ଜାଗ୍ରତ କରି ଆଣିପାରନ୍ତି ଓ ସେଗୁଡ଼ିକ ବିଷୟରେ ଜ୍ଞାନ ବି ହାସଲ କରିପାରନ୍ତି ।

ଏହି ବିଷୟରେ ଆମେ ଅନେକ ଆଗ୍ରହୋଦ୍ଦୀପକ କଥା ନିଶ୍ଚୟ କହିପାରିବା । ମାତ୍ର, ଅଧିକାଂଶ ସମୟରେ, ସିଏ ନିତାନ୍ତ ଅବିକଶିତ କରିପକାଇ ରଖିଥିବା କ୍ରିୟାତ୍ମକତାର ଏକ କ୍ଷେତ୍ରରେ ତା'ର ସାଧ୍ୟ ପରିସର ମଧ୍ୟରେ କେତେ-କେତେ ସମ୍ଭାବନା ଯେ ନିହିତ ହୋଇ ରହିଛି, ପ୍ରତ୍ୟେକ ବ୍ୟକ୍ତି ତାହାକୁ ସ୍ୱୟଂ ଅନୁଭବ କରୁ ଓ ସ୍ୱୟଂ ତାହାର ସଙ୍କେତ ପାଉ, ସମ୍ଭବତଃ ଏହାହିଁ ଏକ ଅଧିକ ଭଲ ପନ୍ଥା ।

ଅକର୍ଷିତ ଜମିରେ ବାଳୁଙ୍ଗାଗୁଡ଼ାକହିଁ ଜନ୍ମିଥାନ୍ତି । ଆମ ଭିତରେ କୌଣସି ବାଳୁଙ୍ଗା ରହୁ, ଆମେ ଏକଥା ଆଦୌ ଇଚ୍ଛା କରିବା ନାହିଁ । ତେବେ ଆମ ଶକ୍ତିଗୁଡ଼ିକର ବିସ୍ତୀର୍ଣ୍ଣ କ୍ଷେତଟିକୁ ସୁକର୍ଷିତ କରିରଖିବାହିଁ ଆମର କର୍ତ୍ତବ୍ୟ ।

ତୁମ ନିଦ୍ରାର ଗଭୀରତାରେ ଏହା ଆଦୌ କୌଣସି ବାଧା ଦେବ ବୋଲି ତୁମର ଆଦୌ ଭୟ କରିବା ଉଚିତ ନୁହେଁ । ଏହା ଦ୍ୱାରା ତୁମ ବିଶ୍ରାମର ସୁଫଳଗୁଡ଼ିକ କଦାପି ବାଧାପ୍ରାପ୍ତ ହେବ ନାହିଁ । ଏହି ବିଶ୍ରାମ ତୁମ ଲାଗି ସେ

'oaob.nitrkl.ac.in' images reprocessed

କେବଳ ଅପରିହାର୍ଯ୍ୟ, କେବଳ ସେଥିକି ନୁହେଁ, ତାହା ତୁମ ଲାଗି ଅନେକ ଉପକାର ମଧ୍ୟ କରିଥାଏ । ପୁଣି, ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କର ସ୍ୱପ୍ନଗୁଡ଼ାକ ସେମାନଙ୍କ ଦିନସମସ୍ତ ଅପେକ୍ଷା ସେମାନଙ୍କୁ ପ୍ରକୃତରେ ଅଧିକ କ୍ଳାନ୍ତ କରି ରଖିଥାଏ । ଏପରି ହେବାର କାରଣଗୁଡ଼ାକ ବିଷୟରେ ସେମାନେ ସର୍ବଦା ଅଜ୍ଞ ହୋଇ ରହିଥାନ୍ତି । ସେମାନଙ୍କର ଏହିସବୁ କାରଣ ବିଷୟରେ ସବୁବେଳେ ସଚେତନ ହୋଇ ରହିବା ଉଚିତ, ଯେପରିକି ସେମାନଙ୍କର ଇଚ୍ଛାଶକ୍ତି ମଧ୍ୟ ସେହି କାରଣଗୁଡ଼ିକ ଉପରେ କ୍ରିୟା କରିପାରିବ ଏବଂ ସେଗୁଡ଼ିକର ପରିଣାମକୁ ଦୂର କରିଦେଇ ପାରିବ । ଅର୍ଥାତ୍ ଏହିସବୁ କ୍ଷେତ୍ରରେ ଯାହା କେବେହେଲେ ଆଦୌ କୌଣସି କାମରେ ଆସେ ନାହିଁ ଓ ଏପରିକି କ୍ଷତିକାରକ ମଧ୍ୟ ହୋଇଥାଏ, ସେହିସବୁ କ୍ରିୟାତ୍ମକତାକୁ ଏକାବେଳେକେ ବନ୍ଦ କରିଦେବ ।

ଆମର ସ୍ୱପ୍ନଟି ଯଦି କେତେକ ନୂତନ ଜ୍ଞାନ ଅର୍ଜନ କରିବାରେ ଆମକୁ ସମର୍ଥ କରିପାରେ, — ଯଦି ତାହା ଆମକୁ କୌଣସି ଏକ ସମସ୍ୟାର ସମାଧାନଟିକୁ ଆଣି ଦେଇଯାଏ, ପ୍ରାଣ ଅଥବା ଆଲୋକର କୌଣସି ଏକ କେନ୍ଦ୍ର ସହିତ ଯଦି ତାହା ଆମ ଅନ୍ତଃସତ୍ତାର ଏକ ସଂସ୍ପର୍ଶ ଘଟାଇପାରେ ବା ଯଦି ତାହା ଆମ ଲାଗି କୌଣସି ଏକ ପ୍ରୟୋଜନୀୟ କାର୍ଯ୍ୟର ସାଧନ କରି ଦେଇପାରେ,—ତେବେ ନିଦରୁ ଉଠିବା ସମୟରେ ଆମେ ନିଶ୍ଚୟ ଶକ୍ତି ଏବଂ ପ୍ରସନ୍ନତାର ଏକ ଅନୁଭୂତି ନେଇ ଉଠି ପାରିବା ।

ଯେଉଁସବୁ ମୁହୂର୍ତ୍ତରେ ଆମେ ଭଲ ବା ପ୍ରୟୋଜନୀୟ କିଛି କାମ ନ କରି ଘଣ୍ଟା ଘଣ୍ଟା କଟାଇଦେଉ, ତାହାହିଁ ଆମକୁ ସବୁଠାରୁ ଅଧିକ କ୍ଳାନ୍ତ କରିଦେଇ ଯାଇଥାଏ ।

ମାତ୍ର, ଏହି କ୍ରିୟାମୂଳକତାର କ୍ଷେତ୍ରଟିକୁ ଆମେ କିପରି କର୍ଷଣ କରିପାରିବା, ଆମ ରାତ୍ରିସମୟର କ୍ରିୟାଗୁଡ଼ିକ ବିଷୟରେ ଆମେ କିପରି ସଚେତନ ହୋଇ ପାରିବା ?

ଆମ ଅନ୍ତଃଜୀବନର ଅଧ୍ୟୟନ କରିଥିବା ଗୋଟିଏ ବହିରେ ଯାହା ମୋଟାମୋଟି ବ୍ୟକ୍ତ କରାଯାଇଛି, ଆମେ ସେଥିରୁହିଁ ତାହା କରିପାରିବାର ଉପାୟଟିକୁ ପାଇପାରିବା ।

"ଆମର ଜାଗ୍ରତ ଅବସ୍ଥାରେ ଆମ ଅନ୍ତର୍ଗତ କ୍ରିୟାଗୁଡ଼ିକ ବିଷୟରେ ଆଦୌ ଅଜ୍ଞ ହୋଇ ନ ରହିବା ଲାଗି ସଂକଳ୍ପର ଯେଉଁ ଅଭ୍ୟାସଟି ଆମର ସହାୟକ ହୋଇଥାଏ, ଆମ ନିଦ୍ରାକାଳୀନ ଭିନ୍ନଭିନ୍ନ ଅବସ୍ଥାର ଅନ୍ତର ଅଧିକ ସମ୍ପର୍କସମସ୍ତ

'oaob.nitrkl.ac.in' images reprocessed

କ୍ରିୟାଗୁଡ଼ିକ ବିଷୟରେ ରହିଥିବା ଆମର ଅଜ୍ଞତାଟିକୁ ବି ଦୂର କରିବାରେ ଆମକୁ ସେହି କଥାଟିହିଁ ଏକ ଉପାୟ ବତାଇ ଦେଇପାରିବ ।

"ଏହିସବୁ କ୍ରିୟାତ୍ମକତା ସାଧାରଣତଃ ଆମ ଭିତରେ କେବଳ କେତେକ ଅତି କ୍ୱଚିତ୍ ଘଟିଥିବା ଓ ଅତି ଗୋଳମାଳିଆ ହୋଇ ରହିଥିବା କେତେକ ସ୍ମୃତିରହିଁ ଅବଶେଷ ରଖିଦେଇ ଯାଇଥାନ୍ତି ।

"ତଥାପି ଏହା ଏକ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ କଥା ଯେ, କୌଣସି ଏକ ଆକସ୍ମିକ ପରିସ୍ଥିତି, ହଠାତ୍ ସ୍ପର୍ଶ କରିଥିବା ଏକ ଧାରଣା, ଉଚ୍ଚାରିତ ହୋଇଥିବା ଗୋଟିଏ ମାତ୍ର ଶବ୍ଦ ଅନେକ ସମୟରେ ଏକ ଦୀର୍ଘ ସ୍ୱପ୍ନକୁ ସଂପୂର୍ଣ୍ଣ ଭାବରେ ଆମର ଚେତନା ମଧ୍ୟକୁ ହଠାତ୍ ପୁନଃସଞ୍ଚାରିତ କରି ଆଣିବାକୁହିଁ ଯଥେଷ୍ଟ ହୋଇଥାଏ । ହୁଏତ ମାତ୍ର ମୁହୂର୍ତ୍ତକ ପୂର୍ବରୁ ସେହି ସ୍ୱପ୍ନଟି ବିଷୟରେ ଆମର ଆଦୌ କିଛିହେଲେ ମନେ ନ ଥିଲା ।

"ଏହି ସହଜ ସତ୍ୟଟିରୁ ଆମେ ଏହି କଥାଟିକୁ ଅବଶ୍ୟ ଅନୁମାନ କରିନେଇ ପାରିବା ଯେ, ନିଦ୍ରାବସ୍ଥାର ଘଟନାଗୁଡ଼ିକର କ୍ଷେତ୍ରରେ ଆମର ସଚେତନ କ୍ରିୟାଶୀଳତା କେବଳ ଏକ ଅତ୍ୟନ୍ତ ଗୌଣ ଭୂମିକାହିଁ ଗ୍ରହଣ କରିଛି ; କାରଣ ସାଧାରଣତଃ ସେଗୁଡ଼ିକ ପ୍ରକୃତରେ ଆମ ଅବଚେତନର ସ୍ମୃତିଭଣ୍ଡାର ଭିତରେ ହୁଏତ ସବୁଦିନ ଲାଗିହିଁ ବିସ୍ମୃତ ହୋଇ ରହି ଯାଇଥାନ୍ତି ।

"ତେଣୁ, ଏହି ରାଜ୍ୟରେ, ସକେନ୍ଦ୍ରଣର ଯାବତୀୟ ଅଭ୍ୟାସ ଆମର ସ୍ମୃତିଶକ୍ତି ତଥା ନିଦ୍ରାବସ୍ଥାର କ୍ରିୟାତ୍ମକତାଗୁଡ଼ିକରେ ଆମ ଚେତନାର ଅଂଶଗ୍ରହଣ, —ଏହି ଦୁଇଟିଯାକ ଲାଗି ଉଦ୍ଦିଷ୍ଟ ହୋଇ ରହିପାରିବା ଉଚିତ ।

"ଯିଏ ଭୁଲି ଯାଇଥିବା କୌଣସି ଏକ ସ୍ୱପ୍ନର ବିଷୟଗୁଡ଼ିକୁ ପୁନର୍ବାର ମନେ ପକାଇବାକୁ ଇଚ୍ଛା କରୁଛି, ତେବେ ତାହାକୁ ସର୍ବପ୍ରଥମେ ସ୍ୱପ୍ନଟିଏ ଦେଖିବା ପରେ ରହି ଯାଇଥିବା ତା'ର ଅସ୍ପଷ୍ଟ ଆବେଗଗୁଡ଼ିକ ଉପରେ ଆପଣାର ଧ୍ୟାନକୁ ନିବିଷ୍ଟ କରି ରଖିବାକୁ ପଡ଼ିବ ଏବଂ ଏହିପରି ଭାବରେ ତାହାର ଅସ୍ପଷ୍ଟ ସଙ୍କେତଗୁଡ଼ିକର ଅନୁସରଣ କରି ସିଏ ଯଥାସମ୍ଭବ ଅଧିକ ଦୂରକୁ ଯିବାକୁ ଚେଷ୍ଟା କରିବ ।

"ଏହିପରି ନିୟମିତ ଅଭ୍ୟାସ ଦ୍ୱାରା ସିଏ ପ୍ରତ୍ୟହ ତା' ଅବଚେତନର ଆଚ୍ଛନ୍ନ ଆଶ୍ରୟଗୁଡ଼ିକ ଭିତରକୁ ଯିବା ଲାଗି ସମର୍ଥ ହେବ । ତା' ନିଦ୍ରାର ବିସ୍ମୃତ ଘଟନାଗୁଡ଼ିକ ସେହି ଅବଚେତନଟି ମଧ୍ୟରେହିଁ ସୁପ୍ତ ହୋଇ ରହିଥିବେ । ଏବଂ ଏହିପରି ଭାବରେ ସେ ଚେତନାର ଏହି ଦୁଇଟି ରାଜ୍ୟ ମଧ୍ୟରେ ଏକ ସୁଗମ ପଥର ସନ୍ଧାନ ପାଇ ପାରିବ ।

'oaob.nitrkl.ac.in' images reprocessed

"ଏହି ବିଷୟରେ ଆମେ ଏଠାରେ ଏହି ପ୍ରୟୋଜନୀୟ କଥାଟିକୁ ଅବଶ୍ୟ କହି ରଖିବା ଯେ ଆମେ ଅନେକ ସମୟରେ ଯେପରି ହଠାତ୍ ଭାବରେ ନିଦ୍ରାବସ୍ଥାରୁ ଜାଗ୍ରତ୍ ଅବସ୍ଥା ମଧ୍ୟକୁ ଲେଉଟି ଚାଲି ଆସିଥାଉ, ପ୍ରାୟ ସେଇଥି ସକାଶେହିଁ ସେବିଷୟରେ ଆମର ଆଦୌ କିଛିହେଲେ ସ୍ମୃତି ରହେ ନାହିଁ । (ତେଣୁ ଆମେ କେବେହେଲେ ହଠାତ୍ ନିଦରୁ ଉଠିବା ନାହିଁ ।)

"ବସ୍ତୁତଃ, ସେହି ସମୟରେ ଆମ ଚେତନା ମଧ୍ୟକୁ ଯେଉଁ ନୂତନ କ୍ରିୟାତ୍ମକତାଗୁଡ଼ିକ ପ୍ରବେଶ କରିବାକୁ ଲାଗେ, ତାହା ଆପଣା ଲାଗି ଅପରିଚିତ ହୋଇ ରହିଥିବା ଆଉ ସବୁକିଛିକୁ ବାହାରକୁ କାଢ଼ି ବାହାର କରିଦିଏ । ଏବଂ, ଏହିପରି ଭାବରେ ବହିଷ୍କୃତ ହୋଇ ରହିଥିବା ବିଷୟଗୁଡ଼ିକୁ ପୁନର୍ବାର ଡାକି ଆଣିବାକୁ ପରେ ଆବଶ୍ୟକ ହେଉଥିବା ସଂକେନ୍ଦ୍ରଣ-କାର୍ଯ୍ୟଟିକୁ ତାହା ଆହୁରି କଷ୍ଟସାଧ୍ୟ କରି ପକାଏ । ମାତ୍ର ଅନ୍ୟ ପକ୍ଷରେ, ଯଦି ଗୋଟିଏ ସ୍ଥିତିରୁ ଆଉ ଗୋଟିଏ ସ୍ଥିତିକୁ ସ୍ଥିରତାର ସହିତ ଆସିବା ଲାଗି ଆମେ କେତେକ ମାନସିକ ତଥା ଶାରୀରିକ ସତର୍କତା ଅବଲମ୍ବନ କରିବା, ତେବେ ସେହି କାର୍ଯ୍ୟଟି ଅପେକ୍ଷାକୃତ ଅଧିକ ସହଜ ହୋଇଯିବ । (ଯଦି ସମ୍ଭବ ହୁଏ, ତେବେ ନିଦରୁ ଉଠିବା ସମୟରେ ତୁମେ କଦାପି ବିଛଣା ଉପରେ ହଠାତ୍ ଭାବରେ କୌଣସି ସ୍ଥିତି ପରିବର୍ତ୍ତନ କରିବ ନାହିଁ ।)

"ଅବଶ୍ୟ ଏକଥା ସତ ଯେ, ନିଦ୍ରା ସମୟରେ ଯେତେ କ୍ଷଣସ୍ଥାୟୀ ଭାବରେ ହେଲେ ମଧ୍ୟ ଯେଉଁ ପ୍ରସଙ୍ଗଗୁଡ଼ିକ ତଥାପି ଏକ ସଚେତନତା ଅର୍ଜନ କରିଥାଏ, ଆମ ସ୍ମୃତିଶକ୍ତିର ଏହି ବିଶେଷ ପ୍ରଶିକ୍ଷଣଟି କେବଳ ସେହିଗୁଡ଼ିକୁହିଁ ଜାଗ୍ରତ୍ ଅବସ୍ଥାର ସଚେତନ ଘଟନାରୂପେ ରୂପାନ୍ତର କରିଦେଇ ପାରିବ । କାରଣ ଯେଉଁଠାରେ ଆଦୌ ସଚେତନତା ନାହିଁ, ସେଠାରେ କୌଣସି ସ୍ମୃତି ବା ସମ୍ଭବ ହେବ କିପରି ?

"ତେଣୁ ଦ୍ୱିତୀୟତଃ, ଆମ ଚେତନାର ଏହି ଅଂଶଗ୍ରହଣ ଯେପରି ନିଦ୍ରାବସ୍ଥାର ଏକ ଅଧିକତର ସଂଖ୍ୟାର କ୍ରିୟାତ୍ମକତା ମଧ୍ୟକୁ ପ୍ରସାରିତ ହୋଇଯାଇ ପାରିବ, ଆମକୁ ସେଇଟି ସକାଶେ ଅବଶ୍ୟ କାର୍ଯ୍ୟ କରିବାକୁ ପଡ଼ିବ ।

"ରାତିରେ ଦେଖିଥିବା ବିଭିନ୍ନ ସ୍ୱପ୍ନଗୁଡ଼ିକୁ ଆମେ ଆଗ୍ରହର ସହିତ ପର୍ଯ୍ୟାଲୋଚନା କରି ରଖିବାର ପ୍ରତ୍ୟହ ଅଭ୍ୟାସ ରଖିଥିବା । ତେବେ ସେଗୁଡ଼ିକର ଇଙ୍ଗିତଗୁଡ଼ିକ କ୍ରମଶଃ ସୁନିର୍ଦ୍ଦିଷ୍ଟ ଗୋଟିଏ ଗୋଟିଏ ସ୍ମୃତିରୂପେ ରୂପାନ୍ତରିତ ହୋଇ ଯାଉଥିବ । ଏବଂ, ନିଦରୁ ଉଠିବା ମାତ୍ରକେ ଯଦି ଆମେ ଅଭ୍ୟାସ କରି ସେହି ସ୍ୱପ୍ନଗୁଡ଼ିକୁ ଟିପି ରଖୁଥିବା, ସେଇଟି ମଧ୍ୟ ଏହି ଦୃଷ୍ଟିରୁ ଆମକୁ ପ୍ରକୃତରେ ଅନେକ କାମ ଦେବ ।

'oaob.nitrkl.ac.in' images reprocessed

"ଏହିସବୁ ନିୟମିତ ଅଭ୍ୟାସ ଦ୍ୱାରା ଆମର ମାନସିକ ସାମର୍ଥ୍ୟଗୁଡ଼ିକ ଏହି ଧରଣର ଘଟଣାଗୁଡ଼ିକ ସହିତ ଆପଣାର କ୍ରିୟାପଦ୍ଧତିକୁ ଅନୁକୂଳିତ କରି ରଖିବେ, ଏବଂ ଆପଣାର ଦୃଷ୍ଟି, ଆଗ୍ରହ ତଥା ବିଶ୍ଳେଷଣଶକ୍ତିକୁ ସେଗୁଡ଼ିକ ଉପରେ ନେଇ ଖଟାଇବାକୁ ଆରମ୍ଭ କରିବେ।

"ତା'ପରେ ଆମର ସ୍ୱପ୍ନଗୁଡ଼ିକର ଏକ ବୁଦ୍ଧିପ୍ରସୂତ ତର୍ଜମା ମଧ୍ୟ ସମ୍ଭବ ହୋଇଯିବ। ଏଥିରେ ଆମର ଦୁଇଗୋଟି ଲାଭ ହେବ : ପ୍ରଥମତଃ, ନିଦ୍ରାବସ୍ଥାର ଯେଉଁ କ୍ରିୟାଶୀଳତାଗୁଡ଼ିକ ଆଗରୁ ଖାଲି ଅନିୟନ୍ତ୍ରିତ ଓ ଅସଂଗଠିତ ହୋଇ ରହିଥିଲେ, ଆମର ସଚେତନ କ୍ରିୟାଗୁଡ଼ିକ ସେଗୁଡ଼ିକର ଗତିକ୍ଷେତ୍ରରେ ଅଧିକ ନିକଟବର୍ତ୍ତୀ ହୋଇ ହସ୍ତକ୍ଷେପ କରିପାରିବେ, ଏବଂ ଦ୍ୱିତୀୟତଃ, ସେଗୁଡ଼ିକୁ ଅଧିକରୁ ଅଧିକ ବୁଦ୍ଧିସମର୍ଥିତ ଓ ଶିକ୍ଷଣୀୟ କରିଆଣି ସେଗୁଡ଼ିକର ପରିସରଟିକୁ ମଧ୍ୟ ଉତ୍ତରୋତ୍ତର ସ୍ୱଭାବରେ ବଢ଼ାଇଦେଇ ପାରୁଥିବେ।

"ତେବେ ସେତେବେଳେ ଆମର ସ୍ୱପ୍ନତତ୍ତ୍ୱ ଆମ ଲାଗି ଏକ ନିର୍ଦ୍ଦିଷ୍ଟ ବ୍ୟଞ୍ଜନା ବହନ କରୁଥିବା ଗୋଟିଏ ଗୋଟିଏ ଅନୁଭୂତିରେ ପରିଣତ ହୋଇଯିବେ, ବେଳେ-ବେଳେ, ସେମାନେ ଆମ ଲାଗି କେତେକେତେ ସତ୍ୟକୁ ଆଣି ଉଦ୍‌ଘାଟନ କରିଦେବେ; ଏବଂ, ଆମେ ତଦ୍ୱାରା ବସ୍ତୁବ୍ୟବସ୍ଥାର ଏକ ସମଗ୍ର ଓ ମହତ୍ତ୍ୱପୂର୍ଣ୍ଣ ଆୟତନର ଜ୍ଞାନଲାଭ କରିବାରେ ସମର୍ଥ ବି ହୋଇଯିବୁ।"

୨୫ ମାର୍ଚ୍ଚ ୧୯୧୨

ସର୍ବଶ୍ରେଷ୍ଠ ଆବିଷ୍କାର

ଯଦି ଆମେ ସମଗ୍ର ଭାବରେ ଅଗ୍ରଗତି କରିବାକୁ ଇଚ୍ଛା କରୁଅଛୁ, ତେବେ ସେଥିଲାଗି ଆମର ସଚେତନ ସତ୍ତାଟି ମଧ୍ୟରେ ଆମକୁ ଏପରି ଏକ ଶକ୍ତିଶାଳୀ ଓ ଶୁଦ୍ଧ ମାନସିକ ସମନ୍ୱୟଟିର ଗଠନ କରିବାକୁ ପଡ଼ିବ, ଯାହାକି ବାହାରୁ ଆସୁଥିବା ଯାବତୀୟ ପ୍ରଲୋଭନ ଲାଗି ଏକ ସୁରକ୍ଷାରୂପେ କାର୍ଯ୍ୟ କରିପାରିବ, ବିପଦରେ ହୁଡ଼ି ନ ଯିବା ଲାଗି ଆମ ପାଇଁ ଏକ ସୀମାନିର୍ଦ୍ଦେଶକ ଗାର ହୋଇ ରହିଥିବ, ଏବଂ ଯାହାକି ଏହି ଗତିଶୀଳ ଜୀବନସମୁଦ୍ରଟି ମଧ୍ୟରେ ପାର ହୋଇ ଯିବାବେଳେ ଆମ ଲାଗି ପଥ ଦେଖାଇ ନେଇ ଯାଉଥିବା ଏକ ଆଲୋକରୂପେ କାର୍ଯ୍ୟ କରିପାରିବ ।

ଏହି ମାନସିକ ସମନ୍ୱୟଟିକୁ ପ୍ରତ୍ୟେକ ବ୍ୟକ୍ତି ତା'ର ନିଜ ବୃତ୍ତି ଓ ପ୍ରବୃତ୍ତିଗୁଡ଼ିକ ଅନୁସାରେ ତିଆରି କରିବ, ତା' ନିଜର ଆଗ୍ରହ ଏବଂ ଅଭୀପ୍ସାଗୁଡ଼ିକ ଅନୁଯାୟୀ ତିଆରି କରିବ । ମାତ୍ର, ଏହି ସମନ୍ୱୟଟି ଜୀବନ୍ତ ଓ ସନ୍ଦୀପିତ ହୋଇ ରହୁ ବୋଲି ଯଦି ଆମେ ଇଚ୍ଛା କରୁଥିବା, ତେବେ ତାହା ସେହି ପ୍ରତ୍ୟୟ ବା ଭାବନାଟିକୁହିଁ କେନ୍ଦ୍ର କରିରଖିବ, ଯାହାକି ଆମର ବୁଦ୍ଧିକ୍ଷେତ୍ରରେ ଆମ ସତ୍ତାର କେନ୍ଦ୍ରସ୍ଥଳରେ ଥିବା ସେହି ପରମ ତତ୍ତ୍ୱରହିଁ ପ୍ରତୀକରୂପଟି ହୋଇ ଅବସ୍ଥିତ ରହିଛି, ଆମର ଜୀବନ ଏବଂ ଆମର ଆଲୋକରୂପେ ଅବସ୍ଥିତ ରହିଥିବା ସେହି ପରମ ସତ୍ତାଟିର ପ୍ରତୀକ ହୋଇ ରହିଛି ।

ଏହି ପ୍ରତ୍ୟୟ ବା ଭାବନାଟିକୁହିଁ ନାନା ଗମ୍ଭୀର ଭାଷାରେ ବ୍ୟକ୍ତକରି ସବୁ ଦେଶର ଏବଂ ସବୁ ଯୁଗର ମହାନ୍ ଗୁରୁମାନେ ଆମକୁ ଶିକ୍ଷାଦେଇ ଯାଇଛନ୍ତି ।

ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଯେଉଁ ଆତ୍ମା ରହିଛି ଏବଂ ସମସ୍ତ ବିଶ୍ୱଭୁବନ ମଧ୍ୟରେ ଯେଉଁ ବିରାଟ ଆତ୍ମା ଅବସ୍ଥିତ ରହିଛି, ସେହି ଦୁହେଁ ପରସ୍ପରଠାରୁ ଆଦୌ ଭିନ୍ନ ନୁହନ୍ତି, ସେମାନେ ଅଭିନ୍ନ ।

ଏହି ଜଗତରେ ଯାହାକିଛି ଅଛି, ଶାଶ୍ୱତ ଆବହମାନ କାଳରୁହିଁ ତାହା ଯେତେବେଳେ ମର୍ମତଃ ଓ ତତ୍ତ୍ୱତଃ ଅବସ୍ଥିତ ରହିଛି, ତେବେ ସତ୍ତା ଏବଂ ସେହି ସତ୍ତାର ମୂଳ ଭିତରେ ଆମେ ଆଉ କୌଣସି ପାର୍ଥକ୍ୟ ନିର୍ଣ୍ଣୟ କରିବାକୁ କାହିଁକି ଯିବା, ଆମ ନିଜ ଭିତରେ ଓ ଆମେ ସବା ମୂଳରେ ପ୍ରଥମେ ଯାହା ରହିଥିଲୁ ବୋଲି କହୁଛୁ, ତାହା ମଧ୍ୟରେ ଏକ ତାରତମ୍ୟ ଦେଖିବାକୁ ଯିବା କାହିଁକି ?

'oaob.nitrkl.ac.in' images reprocessed

ପ୍ରାଚୀନ ପରମ୍ପରାରେ ଯଥାର୍ଥରେ କୁହାଯାଇଛି :

"ଆମର ଉପ୍ତତ୍ତିସ୍ଥଳ ଓ ଆମେ, ଆମର ଭଗବାନ୍ ଓ ଆମେ ଦଳେ,— ଏହି ଦୁହେଁଯାକ ମୋଟେ ଭିନ୍ନ ନୁହନ୍ତି, ସେମାନେ ଅଭିନ୍ନ ।"

ଏବଂ, ଏହି ଅଭିନ୍ନତାକୁ ଆମେ କଦାପି କେବଳ ଅଲ୍ପବହୁତ ପରିମାଣରେ ନିବିଡ଼ ଏବଂ ଅନ୍ତରଙ୍ଗ ହୋଇ ରହିଥିବା ଏକ ସମ୍ମିଳନରହିଁ ସମ୍ବନ୍ଧ ବୋଲି ବୁଝିବା ନାହିଁ, ତାହାକୁ ଆମେ ଏକ ଯଥାର୍ଥ ଅଭିଜ୍ଞତା ବୋଲି ବୁଝିବା ।

ତେଣୁ, ପରମେଶ୍ୱରଙ୍କର ସନ୍ଧାନ କରି ଯାଉଥିବା ଜଣେ ବ୍ୟକ୍ତି ସେହି ଅଗମ୍ୟଙ୍କୁ ଲାଭ କରିବା ଲାଗି ଯଦି ପାହାଚ ପାହାଚ କରି ପୁନର୍ଗବେଷଣ କରିବାର ଉଦ୍ୟମ କରୁଥାଏ, ତେବେ ସେ ସେତେବେଳେ ଏକାବେଳେକେ ଭୁଲ ଯାଉଥାଏ ଯେ ତାହାର ଯାବତୀୟ ଜ୍ଞାନ ଏବଂ ଯାବତୀୟ ଅନ୍ତର୍ଜ୍ଞାନ ତାକୁ କଦାପି ସେହି ଅସୀମଙ୍କ ଆଡ଼କୁ ପାଦେ ମଧ୍ୟ ଆଗେଇ ନେଇପାରି ପାରିବ ନାହିଁ । ସିଏ ଏକଥାଟିକୁ ମଧ୍ୟ ଜାଣି ନ ଥାଏ ଯେ ସିଏ ଯେଉଁ ବସ୍ତୁଟିର ଉପଲବ୍ଧି କରିବାକୁ ଇଚ୍ଛା କରୁଛି ଓ ଯାହା ତା'ଠାରୁ ଅନେକ ଦୂରରେ ରହିଛି ବୋଲି ସେ ବିଶ୍ୱାସ କରିବାରେ ଲାଗିଛି, ସେହି ବସ୍ତୁଟି ପ୍ରକୃତରେ ତାହାର ଭିତରେହିଁ ରହିଛି ।

କାରଣ, ଏହି ଉପ୍ତତ୍ତିସ୍ଥଳଟି ତା' ଭିତରେହିଁ ରହିଛି ବୋଲି ସଚେତନ ହୋଇ ପାରିବା ପର୍ଯ୍ୟନ୍ତ ସେ ସେହି ଉପ୍ତତ୍ତିସ୍ଥଳ ବିଷୟରେ କପରି ଆଦୌ କିଛି ହେଲେ ବି ଜାଣି ପାରିବ ?

ତେଣୁ, ଆପଣାକୁ ବୁଝିବା ଦ୍ୱାରା ଏବଂ ଆପଣାକୁ ଜାଣି ଶିଖିବା ଦ୍ୱାରାହିଁ ସିଏ ପ୍ରକୃତରେ ସର୍ବଶ୍ରେଷ୍ଠ ଆବିଷ୍କାରଟିକୁ କରିବାକୁ ବି ସମର୍ଥ ହେବ ଏବଂ ବାଇବେଲ୍‌ର ସେହି ଧର୍ମଶିକ୍ଷକଙ୍କପରି ଚତ୍କାର କରି କହି ପାରିବ, "ପରମେଶ୍ୱରଙ୍କର ସଦନ ପ୍ରକୃତରେ ଏହିଠାରେହିଁ ରହିଛି ଏବଂ ମୁଁ ଏପର୍ଯ୍ୟନ୍ତ ସେକଥାଟିକୁ ଆଦୌ ଜାଣିପାରି ନ ଥିଲି !"

ତେଣୁ ଆମକୁ ମଧ୍ୟ ସେହି ଋଷିଙ୍କ ଘୋଷଣାଟିକୁ, ଏହି ଯାବତୀୟ ଭୌତିକ ଜଗତର ସୃଷ୍ଟିକାରିଣୀ ଶକ୍ତିକୁ ପ୍ରକାଶ କରି କହିଦେବାକୁ ପଡ଼ିବ, ସକଳ ସ୍ୱର୍ଗ ଏବଂ ମର୍ତ୍ତ୍ୟକୁ ପୂର୍ଣ୍ଣ କରି ରଖିଥିବା ସେହି ଶବ୍ଦଟିକୁ ସମସ୍ତଙ୍କ ଲାଗି ବିଦିତ କରାଇ ଦେବାକୁ ହେବ, "ମୁଁ ପ୍ରତ୍ୟେକ ବସ୍ତୁରେ ଏବଂ ପ୍ରତ୍ୟେକ ସତ୍ତା ମଧ୍ୟରେ ପରିପୂର୍ଣ୍ଣ ହୋଇ ରହିଛି ।"

ଯେତେବେଳେ ସମସ୍ତେ ଏହି ଯଥାର୍ଥ ଜ୍ଞାନଟିର ଅଧିକାରୀ ହୋଇ ପାରିବେ, ସେତେବେଳେ ଯାଇ ସେହି ମହାନ୍ ରୂପାନ୍ତରର ପ୍ରତିଶ୍ରୁତ କ୍ଷଣଟି ଆମର ଅତି

'oaob.nitrkl.ac.in' images reprocessed

ନିକଟବର୍ତ୍ତୀ ହୋଇ ଆସିବ । ଯେତେବେଳେ ମନୁଷ୍ୟମାନେ ଏହି ଜଡ଼ଜଗତର ପ୍ରତ୍ୟେକଟି ଅଣୁରେ ସେହି ପରମେଶ୍ୱର ନିବାସ କରୁଛନ୍ତି ବୋଲି ଉପଲବ୍ଧି କରିବେ, ଯେତେବେଳେ ପ୍ରତ୍ୟେକ ଜୀବମଧ୍ୟରେ ସେମାନେ ସେହି ପରମେଶ୍ୱରଙ୍କରହିଁ କୌଣସି ନା କୌଣସି ସଙ୍କେତ ପାଇପାରିବେ, ଯେତେବେଳେ ପ୍ରତ୍ୟେକ ମଣିଷ ତା'ର ଅନ୍ତଃକରଣ ଭାଇ ଭିତରେ ପରମେଶ୍ୱରଙ୍କର ପ୍ରତ୍ୟକ୍ଷ କରିବ, ସେତିକିବେଳେ ଯାଇ ରାତି ପାହିବ, ଉଷାର ଆଗମନ ହେବ ; ସେତିକିବେଳେ ସବୁ ଅନ୍ଧାର କଟିଯିବ, ବର୍ତ୍ତମାନର ପ୍ରକୃତି ଉପରେ ଏତେ ଭାର ହୋଇ ଲଦି ହୋଇ ରହିଥିବା ମିଥ୍ୟା, ଅଜ୍ଞାନ, ଭ୍ରାନ୍ତି ଏବଂ ଦୁଃଖଭୋଗର ମଧ୍ୟ ଅନ୍ତ ହେବ । କାରଣ, "ଈଶ୍ୱର-ପୁତ୍ରମାନେ ଆପଣାକୁ ଏଠାରେ ଆଣି ଉଦ୍‌ଘାଟିତ କରିଦେବେ ବୋଲିହିଁ ପ୍ରକୃତି ତା'ର ସକଳ ଦୁଃଖ ଏବଂ ଶୋକାର୍ତ୍ତିତା ମଧ୍ୟ ଦେଇ ଅପେକ୍ଷା କରି ରହିଛି ।"

ବସ୍ତୁତଃ ଏହାହିଁ ହେଉଛି ସେହି ଅସଲ ଭାବନା, ଯାହାକି ଅନ୍ୟ ଯାବତୀୟ ଭାବନାକୁ ଆପଣା ମଧ୍ୟରେ ପ୍ରତିମୂର୍ତ୍ତି କରି ରଖିଛି । ବସ୍ତୁତଃ ଏହି ଭାବନାଟିହିଁ ସକଳ ଜୀବନକୁ ଆଲୋକିତ କରି ରଖିଥିବା ସୂର୍ଯ୍ୟଟି ପରି ଆମର ସ୍ମରଣକ୍ଷେତ୍ର ମଧ୍ୟରେ ବିଦ୍ୟମାନ ରହିଥିବା ଉଚିତ ।

ସେହି କାରଣରୁ ମୁଁ ଆଜି ମଧ୍ୟ ସେହି କଥାଟି ବିଷୟରେ ତୁମକୁ ପୁଣି ମନେ ପକାଇ ଦେଉଛି । କାରଣ, ଏକ ବହୁମୂଲ୍ୟ ବିରଳ ମଣିପରି ସବୁଠାରୁ ଅଧିକ ମୂଲ୍ୟବାନ୍ ସମ୍ପଦ ପରି ଯଦି ଏହି ଭାବନାଟିକୁ ହୃଦୟ ଭିତରେ ଧାରଣ କରି ଆମେ ଆମର ମାର୍ଗରେ ଗତି କରିପାରିବା, ଯଦି ଆମେ ଆମ ଭିତରେ ସନ୍ଦୀପନ ତଥା ରୂପାନ୍ତରଣର କାର୍ଯ୍ୟଟିକୁ ସାଧନ କରିବା ଲାଗି ତାହାକୁ ବାଟ ଛାଡ଼ିଦେବା, ତେବେ ଆମେ ଏହି ସତ୍ୟଟିକୁ ମଧ୍ୟ ଜାଣିବାକୁ ନିଶ୍ଚୟ ସମର୍ଥ ହେବା ଯେ, ସକଳ ସତ୍ତା ଏବଂ ସକଳ ବସ୍ତୁର ହୃଦୟ କେନ୍ଦ୍ରରେ କେବଳ ତାହାହିଁ ବର୍ତ୍ତମାନ ରହିଛି । ଏବଂ, ତାହାରି ମଧ୍ୟରେ ଅବସ୍ଥାନ କରି ଆମେ ଏହି ସମଗ୍ର ବିଶ୍ୱଜଗତଟିର ଏକତ୍ୱଟିକୁ ମଧ୍ୟ ଅନୁଭବ କରିପାରିବା ।

ତା'ପରେ ଆମେ ଆମର ଏହି କ୍ଷୁଦ୍ର କ୍ଷୁଦ୍ର ନାନା ସନ୍ତୋଷ, ଆମର ନିର୍ବୋଧ ଯାବତୀୟ କଳହ, ଆମର ଏହି ସାନ ସାନ ବାସନା ଓ ଅନ୍ଧପ୍ରାୟ ହୋଇ ରହିଥିବା କ୍ରୋଧଗୁଡ଼ାକ ଯେ ପ୍ରକୃତରେ କେତେ ବୃଥା ଏବଂ କେତେ ବାଳୁତ, ସେହି କଥାଟିକୁ ହୃଦୟଙ୍ଗମ କରିବାକୁ ଆରମ୍ଭ କରିବା । ସେତେବେଳେ ଆମର ସାନ ସାନ ଦୋଷଗୁଡ଼ିକ କୁଆଡ଼େ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯିବ, ଆମର ଅତିସୀମାବଦ୍ଧ ବ୍ୟକ୍ତି ଜୀବନର ବିଗତ ରକ୍ଷାବ୍ୟୂହଗୁଡ଼ାକ କୁଆଡ଼େ ଭୂମିସାତ୍ ଭାଙ୍ଗି ପଡ଼ିବ, ଆମର କୁଣ୍ଠାଗ୍ରସ୍ତ ଅହଂକାର ଯାବତୀୟ ଆତ୍ମସ୍ତ କୁଆଡ଼େ ଭାଙ୍ଗି ପଡ଼ିବ । ସେତେବେଳେ

'oaob.nitrkl.ac.in' images reprocessed

ଆମେ ଯଥାର୍ଥ ଆଧ୍ୟାତ୍ମିକତାର ଏହି ଉଦାତ୍ତ ସ୍ରୋତଟି ଦ୍ୱାରା ପରିଚାଳିତ ହୋଇ ଚାଲିଯାଉଥିବା ପରି ଅନୁଭବ କରିପାରିବା ଏବଂ ସେହି ସ୍ରୋତହିଁ ଆମକୁ ଆମର ଯାବତୀୟ ସଙ୍କୀର୍ଣ୍ଣ ସୀମା ଓ ବାଡ଼ଗୁଡ଼ିକ ଭିତରୁ ବିମୋଚିତ କରି ଆଣିବ ।

ବ୍ୟକ୍ତିର ଆତ୍ମା ଓ ବିଶ୍ୱଭୁବନର ଆତ୍ମା,—ଦୁହେଁ ଆଦୌ ଭିନ୍ନ ନୁହନ୍ତି । ଏମାନେ ଅଭିନ୍ନ । ପ୍ରତ୍ୟେକ ଜଗତ୍, ପ୍ରତ୍ୟେକ ସତ୍ତା, ପ୍ରତ୍ୟେକ ବସ୍ତୁ ଓ ପ୍ରତ୍ୟେକ ପରମାଣୁ ଭିତରେ ସେହି ଦିବ୍ୟ ପରମ ଉପସ୍ଥିତିହିଁ ବିଦ୍ୟମାନ ରହିଛି । ତାହାକୁ ପ୍ରକାଶିତ କରି ଆଣିବା ହେଉଛି ମନୁଷ୍ୟର କାର୍ଯ୍ୟ ।

ସେହି କାର୍ଯ୍ୟଟିକୁ କରି ପାରିବାକୁ ହେଲେ ତାହାକୁ ଆପଣା ଭିତରେ ଥିବା ସେହି ପରମ ଉପସ୍ଥିତିଟି ବିଷୟରେ ସଚେତନ ହେବାକୁ ପଡ଼ିବ । ଏହି ଉପଲବ୍ଧିଟିକୁ ଲାଭ କରିବା ସକାଶେ କେତେକ ବ୍ୟକ୍ତିଙ୍କୁ ଏକ ଯଥାର୍ଥ ସାଧନାକ୍ରମର ମଧ୍ୟଦେଇ ଗତି କରିବାକୁ ହେବ : ସେମାନଙ୍କର ଅହଂ ଦ୍ୱାରା ପ୍ରେରିତ ସତ୍ତାଟି ପ୍ରକୃତରେ ଅତି ଅଧିକ ପରିମାଣରେ ଶକ୍ତିଶାଳୀ ହୋଇ ରହି ସେମାନଙ୍କର ସବୁକିଛିକୁ ଆତ୍ମସାତ୍ କରି ନେଉଛି । ତାହା ଅତିରିକ୍ତ ପରିମାଣରେ ରକ୍ଷଣଶୀଳ ହୋଇ ରହିଛି, ଅତ୍ୟନ୍ତ କଠିନ ହୋଇ ରହିଛି; ଏବଂ ସେମାନଙ୍କୁ ସେହି ସତ୍ତା ବିରୁଦ୍ଧରେ ଦୀର୍ଘକାଳବ୍ୟାପୀ ଏକ ଦୁଃଖଦ ସଂଗ୍ରାମ କରିବାକୁ ପଡ଼ିବ । ଅନ୍ୟପକ୍ଷରେ ଅନ୍ୟମାନେ ବି ଅଛନ୍ତି, ଯେଉଁମାନେ କି ଅପେକ୍ଷାକୃତ ଅଧିକ ଅବ୍ୟକ୍ତିକ ହୋଇ ରହିଛନ୍ତି; ସେମାନେ ଅପେକ୍ଷାକୃତ ଅଧିକ ପରିମାଣରେ ନମନୀୟ ଏବଂ ଆଧ୍ୟାତ୍ମିକତା ଦ୍ୱାରା ଅନୁସିକ୍ତ ହୋଇ ରହିଛନ୍ତି, ସେମାନେ ଅଧିକ ସହଜରେ ସେମାନଙ୍କ ସତ୍ତାର ସେହି ଅକ୍ଷୟ ଦିବ୍ୟ ଶକ୍ତିଉତ୍ସଟିର ସଂସ୍ପର୍ଶରେ ଆସିବାକୁ ସମର୍ଥ ହୋଇ ପାରୁଛନ୍ତି । ମାତ୍ର, ଆମେ ଏହି କଥାଟିକୁ କଦାପି ଭୁଲିଯିବା ନାହିଁ ଯେ ସେମାନଙ୍କୁ ମଧ୍ୟ ପ୍ରତ୍ୟହ ଏବଂ ଅବିରାମ ଭାବରେ ଯଥାର୍ଥ ଅନୁକୂଳନ ତଥା ରୂପାନ୍ତରର ଏକ ବିଧିବଦ୍ଧ ଉଦ୍ୟମ ଲାଗି ବ୍ରତୀ ହୋଇ ରହିବାକୁ ପଡ଼ିବ । ଯେପରିକି ସେମାନଙ୍କ ମଧ୍ୟରେ ରହିଥିବା କୌଣସି ପ୍ରକାର ଉପାଦାନହିଁ ସେହି ଶୁଦ୍ଧ ଆଲୋକର ପ୍ରଜ୍ଜ୍ୱଳତାକୁ ମଳିନ କରିଦେଇ ପାରିବ ନାହିଁ ।

ମାତ୍ର ଏହି ଗଭୀରତର ଚେତନାଟି ଉପଲବ୍ଧି ହୋଇଯିବା ପରେ ଆମର କାର୍ଯ୍ୟଟି ପ୍ରକୃତରେ କେଡ଼େ ଅଦ୍ଭୁତ ଭାବରେ ବଦଳି ନ ଯାଏ ! ଆମର ବୁଝିବା-ଶକ୍ତି କେଡ଼େ ପ୍ରସାରିତ ନ କରେ, ଆମର ସମ୍ବେଦନାରେ କେତେ ଅଭିବୃଦ୍ଧି ନ ଘଟେ !

ଏହି ବିଷୟରେ ଜଣେ ମୁନି କହିଛନ୍ତି :

'oaob.nitrkl.ac.in' images reprocessed

"ଆମ ଭିତରୁ ପ୍ରତ୍ୟେକ ବ୍ୟକ୍ତି ଠିକ୍ ସେହି ସ୍ଥଳକୁ ଆସୁ ବୋଲି ମୁଁ ଇଚ୍ଛା କରୁଛି, ଯେଉଁଠାରେକି ସିଏ ଅନ୍ତରସ୍ଥ ପରମେଶ୍ୱରଙ୍କୁ ଘୃଣ୍ୟତମ ମନୁଷ୍ୟଟି ଭିତରେ ବି ଦେଖିବାକୁ ଆରମ୍ଭ କରିବ; ତାହାକୁ ଅନ୍ୟ କୌଣସି ପ୍ରକାର ହୁକୁମ ନ ଦେଇ ଆମେ କହିବା, 'ହେ ଆଲୋକମୟ ପରମସତ୍ତା, ତୁମେ ଜାଗ୍ରତ୍ ହୁଅ। ଯିଏ ସବୁବେଳେ ଶୁଦ୍ଧ ହୋଇ ରହିଛନ୍ତି, ଯାହାଙ୍କର ଜନ୍ମ ନାହିଁ କି ମୃତ୍ୟୁ ନାହିଁ, ତୁମେ ଜାଗ୍ରତ୍ ହୁଅ!' ହେ ପରମଶକ୍ତିଶାଳୀ ଅଦ୍ୱିତୀୟ, ତୁମେ ଆପଣାର ପ୍ରକୃତିକୁ ପ୍ରକାଶିତ କର!' "

ଚାଲ ଆମେ ଏହି ସୁନ୍ଦର ଉକ୍ତିଟି ଅନୁସାରେ ଜୀବନ ବଞ୍ଚିବା ଏବଂ ତା'ପରେ ଆମ ଚାରିପାଖରେ ରହିଥିବା ସବୁକିଛି ସତେଅବା କୁହୁକ ପରି ବଦଳିଯିବାରେ ଲାଗିଛି ବୋଲି ଆମେ ଦେଖିବାକୁ ପାଇବା।

ଏହାହିଁ ହେଉଛି ଯଥାର୍ଥ, ଚେତନ ଏବଂ ବିବେକଯୁକ୍ତ ପ୍ରେମଶକ୍ତିର ଦୃଷ୍ଟି। ଯେଉଁ ପ୍ରେମ ଉପରର ପ୍ରତିଭାସଗୁଡ଼ିକୁ ଭେଦ କରି ଦେଖିପାରେ, ଶବ୍ଦଗତ ସକଳ ଭ୍ରାନ୍ତି ସତ୍ତ୍ୱେ ଯାହା ଯଥାର୍ଥ ଭାବରେ ବୁଝିପାରେ ଏବଂ ଯାବତୀୟ ପ୍ରତିବନ୍ଧକ ସତ୍ତ୍ୱେ ଯାହା ସକଳ ଗଭୀରତା ସହିତ ଖିଅ ଲଗାଇ ରହିଥାଏ, ସେହି ପ୍ରେମର ଦୃଷ୍ଟି।

ଆମର ଏହି ପ୍ରାଣାବେଗ ଓ ବାସନାଗୁଡ଼ିକରେ ପ୍ରକୃତରେ କି ମୂଲ୍ୟ ରହିଛି, ଆମର ଯାବତୀୟ କ୍ଷୋଭ, ହିଂସାତ୍ମକତା, ଯାବତୀୟ ଦୁଃଖଭୋଗ ଏବଂ ସଂଗ୍ରାମର ବା କି ମୂଲ୍ୟ ରହିଛି? ଆମର ଏହି ମିଥ୍ୟାଶ୍ରୟୀ କଳ୍ପନା ଯାହାକୁ ସର୍ବଦା ଅହେତୁକ ଭାବରେ ଏକ ନାଟକୀୟତା ଦେଇ ରଖିଛି, ସେହି ଅନ୍ତର୍ଗତ ଉତ୍ଥାନ-ପତନ-ଗୁଡ଼ାକର ବା କି ମୂଲ୍ୟ ରହିଛି? ଆମ ସତ୍ତାର ଅନ୍ତରତମ ଗଭୀରତାଗୁଡ଼ିକରୁ ଏହି ଯେଉଁ ଉଦାତ୍ତ ଏବଂ ଦିବ୍ୟ ପ୍ରେମ ଆମ ଉପରକୁ ଆନତ ହୋଇ ରହିଛି, ଯିଏକି ଆମର ଯାବତୀୟ ଦୁର୍ବଳତାକୁ ସହ୍ୟ କରୁଛି, ଆମର ଭୁଲ୍‌ଗୁଡ଼ିକ ସଂଶୋଧନ କରି ନେଉଛି, ଆମର କ୍ଷତଗୁଡ଼ିକୁ ଭଲ କରିଦେଉଛି, ଏବଂ ଆପଣାର ପୁନର୍ଜୀବନଦାୟୀ ନିର୍ଝରଗୁଡ଼ିକରେ ଯିଏ ଆମର ସମଗ୍ର ସତ୍ତାଟିକୁ ସ୍ନାତ କରାଇ ଆଣି ପାରୁଛି, ତାହା ସମ୍ମୁଖରେ ସେଗୁଡ଼ିକର ପ୍ରକୃତରେ କି ମୂଲ୍ୟ ରହିଛି?

କାରଣ, ଅନ୍ତରସ୍ଥ ପରମେଶ୍ୱର କଦାପି ଆପଣାକୁ ଆଣି ଲଦି ଦିଅନ୍ତି ନାହିଁ। ସିଏ ଆଦୌ କିଛି ଦାବି କରନ୍ତି ନାହିଁ, ଆଦୌ କୌଣସି ଭୟ ଦେଖାନ୍ତି ନାହିଁ। ସିଏ ଆପଣାକୁ ନିବେଦନ କରିଦିଅନ୍ତି, ଆପଣାକୁ ଦାନ କରିବାରେ ଲାଗିଥାନ୍ତି, ସକଳ ସତ୍ତା ଏବଂ ସକଳ ବସ୍ତୁର ହୃଦୟ ମଧ୍ୟରେ ଆପଣାକୁ ଲୁକ୍କାୟିତ କରି ରଖିଥାନ୍ତି, ଆପଣାକୁ ଏକାବେଳକେ ଭୁଲିଯାଇଥାନ୍ତି। ସିଏ କେବେ ଦୋଷ

'oaob.nitrkl.ac.in' images reprocessed

ଦେବାକୁ ଆସନ୍ତି ନାହିଁ, କେବେହେଲେ ବିଚାର କରି ବସନ୍ତି ନାହିଁ, ଅଭିଶାପ ଦିଅନ୍ତି ନାହିଁ, ଭର୍ତ୍ସନା ବି କରନ୍ତି ନାହିଁ । ମାତ୍ର ଅବାରିତ ଭାବରେହିଁ ଅବିରାମ ଆମକୁ ପୁରସ୍କୃତ କରିବାରେ ଲାଗିଥାନ୍ତି । ଆମକୁ କୌଣସି ଗାଳି ନ ଦେଇ ସୁଧାରି ନିଅନ୍ତି, କୌଣସି ପ୍ରକାରେ ଧୈର୍ଯ୍ୟ ନ ହରାଇ ଆମକୁ ଉତ୍ସାହ ଦେବାରେ ଲାଗିଥାନ୍ତି । ଯାହା ଭିତରେ ଯେତେ ଗ୍ରହଣକ୍ଷମତା ରହିଛି, ସେହି ଅନୁସାରେ ସିଏ ପ୍ରତ୍ୟେକ ବ୍ୟକ୍ତିକୁ ଧନସମ୍ପନ୍ନ କରିବାରେ ଲାଗିଥାନ୍ତି । ସିଏ ହେଉଛନ୍ତି ଆମର ଜନନୀ, ଯାହାଙ୍କ ପ୍ରେମ ଆମର ପ୍ରତିପାଳନ କରେ, ଆମକୁ ଜଗି ରହିଥାଏ, ଆମର ସୁରକ୍ଷା କରିବାରେ ଲାଗିଥାଏ । ଆମକୁ ପରାମର୍ଶ ଦିଏ, ସାନ୍ତ୍ୱନା ଦିଏ । କାରଣ, ସେ ସବୁକିଛି ବୁଝନ୍ତି, ସବୁକିଛି ସହ୍ୟ କରନ୍ତି, ସବୁକିଛି ଦୋଷକୁ କ୍ଷମା ଓ ମାର୍ଜନା କରନ୍ତି । ସେ ସବୁକିଛି ପାଇଁ ଆଶା ରଖିଥାନ୍ତି, ସବୁକିଛି ପାଇଁ ପ୍ରସ୍ତୁତ କରୁଥାନ୍ତି । ଆପଣା ମଧ୍ୟରେ ସବୁକିଛିକୁ ବହନ କରି ରହିଥିବାରୁ, ଯାହା ସମସ୍ତଙ୍କର ନୁହେଁ, ସେ କେବେହେଲେ ତାହାକୁ ନିଜର ସମ୍ପତ୍ତିରେ ପରିଣତ କରନ୍ତି ନାହିଁ । ଏବଂ ସିଏ ସବୁକିଛି ଉପରେହିଁ ଶାସନ କରୁଥିବାରୁ ସବୁକିଛିର ସେବକ ହୋଇ ରହିଥାନ୍ତି । ଏବଂ ସେହି କାରଣରୁହିଁ ସାନ ବା ବଡ଼ ଯିଏକେହି ବି ତାଙ୍କରି ସହିତ ରାଜା ହୋଇ ରହିବାକୁ ଏବଂ ତାଙ୍କରି ମଧ୍ୟରେ ଦେବତା ହୋଇ ରହିବାକୁ ଇଚ୍ଛା କରୁଥାନ୍ତି, ସେମାନେ. ଠିକ୍ ତାଙ୍କରି ପରି, କଦାପି ସ୍ୱେଚ୍ଛାଚାରୀ ହୁଅନ୍ତି ନାହିଁ, ସେମାନେ ଆପଣାର ଭ୍ରାତୃବର୍ଗଙ୍କ ମଧ୍ୟରେ ସେବକ ହୋଇହିଁ ରହିଥାନ୍ତି ।

ଜଣେ ସେବକ ହୋଇ ରହିବାର ଏହି ବିନମ୍ର ଭୂମିକାଟି ପ୍ରକୃତରେ କେଡ଼େ ଚମତ୍କାର ଭୂମିକା । ସମସ୍ତଙ୍କ ଭିତରେ ବିରାଜିତ ହୋଇ ରହିଥିବା ପରମେଶ୍ୱରଙ୍କର ଯେଉଁମାନେ ଉଦ୍‌ଘାଟନ ଘଟାଇଛନ୍ତି ଅଥବା ତାଙ୍କରି ବାଣୀର ବାର୍ତ୍ତାବହ ହୋଇଛନ୍ତି, ସକଳ ବସ୍ତୁକୁ ଜୀବନପ୍ରେରଣା ଦ୍ୱାରା ସଞ୍ଜୀବିତ କରି ରଖିଥିବା ସେହି ଦିବ୍ୟ ପରମପ୍ରେମକୁ ଯେଉଁମାନେ ଜଗତରେ ପ୍ରକଟ କରି ବାହାରିଛନ୍ତି, ସେମାନେ ସମସ୍ତେ ସେହି ସେବକର ଭୂମିକାଟିକୁହିଁ ଗ୍ରହଣ କରିଛନ୍ତି ।

ଏବଂ, ଆମେ ଯେତେବେଳଯାଏ ସେମାନଙ୍କର ଉଦାହରଣଟିକୁ ଅନୁସରଣ ନ କରିଛୁ ଓ ଠିକ୍ ସେହିମାନଙ୍କ ପରି ଯଥାର୍ଥ ସେବକ ନ ହୋଇ ପାରିଛୁ, ସେତେବେଳଯାଏ ଆମେ ଅନ୍ତତଃ ଆପଣାକୁ ଉନ୍ମୋଚିତ କରି ରଖିବା, ଯେପରି କି ଏହି ଦିବ୍ୟ ପରମପ୍ରେମ ଆମର ଜୀବନ ମଧ୍ୟକୁ ପ୍ରବେଶ କରି ଆମକୁ ସମ୍ପୂର୍ଣ୍ଣ ଭାବରେ ବଦଳାଇ ଦେଇ ପାରିବ । ଚାଲ ଆମେ ଆଦୌ କୌଣସି ପ୍ରକାର କୁଣ୍ଠା ନ ରଖି ଆମ ଶରୀରରୂପୀ ଚମତ୍କାର ସାଧନଟିକୁ ତାଙ୍କରି ପାଖରେ ସମର୍ପଣ

'oaob.nitrkl.ac.in' images reprocessed

କରିଦେବା । ତେବେଯାଇ ସିଏ ସକଳ କର୍ମର କ୍ଷେତ୍ରରେ ତାହାକୁ ସବୁଠାରୁ ଅଧିକ ଫଳପ୍ରଦ ଭାବରେ ବ୍ୟବହାର କରିପାରିବେ ।

ଏହି ସମ୍ପୂର୍ଣ୍ଣ ଆତ୍ମୋତ୍ସର୍ଗ ଲାଗି ସମର୍ଥ ହେବା ଲାଗି ସବୁପ୍ରକାର ମାର୍ଗ ଏକ ଉପାଦେୟ ମାର୍ଗ ପରି କାର୍ଯ୍ୟ କରି ପାରିବ । ଏହି କ୍ଷେତ୍ରରେ ଯେକୌଣସି ପଦ୍ଧତିର ମଧ୍ୟ ଅବଶ୍ୟ ମୂଲ୍ୟ ରହିବ । ଅସଲ କଥାଟି ହେଉଛି ଯେ ଆମେ ଏହି ଲକ୍ଷ୍ୟଟିକୁ ହାସଲ କରିବା ସକାଶେ ଅବିରାମ ଭାବରେ ଉଦ୍ୟମ କରୁଥିବା । ତେବେ, ସେପରି ହୋଇ ପାରିଲେ, ଆମେ ଯାହାକିଛି ଅଧ୍ୟୟନ, କାର୍ଯ୍ୟ କରିବା, ଯେତେବେଳେ ଯାହାକୁ ଭେଟିବା, ସେଗୁଡ଼ିକ ସବୁକିଛିହିଁ ଆମକୁ ଆମ ମାର୍ଗରେ ପରିଚାଳିତ କରି ନେଇଯିବାକୁ ଆମ ଲାଗି ନିଶ୍ଚୟ ଏକ ସଙ୍କେତ, ଏକ ସହାୟତା ଓ ଏକ ଆଲୋକ ମଧ୍ୟ ବହନ କରି ଆଣୁଥିବେ ।

ଯେଉଁମାନେ ଏପର୍ଯ୍ୟନ୍ତ କିଛି ଉଦ୍ୟମ କରିଛନ୍ତି, ମାତ୍ର କୌଣସି ସଫଳତା ଲାଭ କରି ନାହାନ୍ତି, ଯେଉଁମାନେ ମାର୍ଗରେ ନାନା ପତନର ସମ୍ମୁଖୀନ ହୋଇଛନ୍ତି ଏବଂ ସେମାନେ ଯେ କେଡ଼େ ଦୁର୍ବଳ, ତାହାର ପ୍ରମାଣ ପାଇଛନ୍ତି, ଯେଉଁମାନଙ୍କ ଜୀବନରେ ସକଳ ଆତ୍ମବିଶ୍ୱାସ ଏବଂ ସକଳ ସାହସ ହରାଇ ବସିବାର ସମ୍ପୂର୍ଣ୍ଣ ଆଶଙ୍କା ରହିଛି, ଶେଷ କରିବା ପୂର୍ବରୁ ମୁଁ ସେମାନଙ୍କ ସକାଶେ ଆଉ କେତୋଟି ପୃଷ୍ଠା ଅଧିକ ଲେଖିବାକୁ ଇଚ୍ଛା କରୁଛି । ଦୁଃଖ ଭୋଗ କରୁଥିବା ସେହି ବ୍ୟକ୍ତିମାନଙ୍କର ହୃଦୟରେ ପୁନର୍ବାର ଏକ ଆଶାର ସଞ୍ଚାର କରାଇବା ଉଦ୍ଦେଶ୍ୟରେ ଲେଖା ଯାଇଥିବା ଏହି ପୃଷ୍ଠାଗୁଡ଼ିକ ଜଣେ ଆଧ୍ୟାତ୍ମିକ କର୍ମୀଙ୍କ ଦ୍ୱାରା ଏପରି ଏକ ସମୟରେ ଲେଖା ହୋଇଥିଲା, ଯେତେବେଳେ କି ସେ ପାବନକାରୀ ଅଗ୍ନି ପରି ଯାବତୀୟ ପ୍ରକାରର ଭୟଙ୍କର ପରୀକ୍ଷାର ସମ୍ମୁଖୀନ ହୋଇ ଅତ୍ୟନ୍ତ ବ୍ୟାକୁଳ ହୋଇ ରହିଥିଲେ ।

ଯେତେବେଳେ ତୁମେ କ୍ଲାନ୍ତ, ନିରାଶ ଓ କ୍ଷତବିକ୍ଷତ ହୋଇ ପଡ଼ିଥିବ, ଯେତେବେଳେ ତଳେ ପଡ଼ି ଯାଉଥିବ, ପରାସ୍ତ ହୋଇଗଲ ବୋଲି ସମ୍ଭବତଃ ଭାବିବାରେ ଲାଗିଥିବ, ସେତେବେଳେ ତୁମର କୌଣସି ଜଣେ ବନ୍ଧୁର କଥା ଶୁଣିବା ପାଇଁ ତୁମେ ତା'ପାଖକୁ ଯିବ । ତୁମର ଦୁଃଖଗୁଡ଼ିକ ସିଏ ଭଲକରି ଜାଣିଛି, ତୁମର ଦୁଃଖରେ ସେ ସମଭାଗୀ ହୋଇଛି, ତୁମପରି ସିଏ ମଧ୍ୟ ସଂସାରର ଦୁଃଖଗୁଡ଼ିକୁ ଅଙ୍ଗେ ନିଭାଇଛି, ଜନମାନବ ଅବସନ୍ନକାରୀ କେତେ ପ୍ରହରରେ ସିଏ ମଧ୍ୟ ତୁମରି ପରି କେତେକେତେ ମରୁଭୂମିକୁ ଅତିକ୍ରମ କରିଛି, ଭୋକ ଓ ଶୋଷକୁ ଅଙ୍ଗେ ନିଭାଇଛି, ତାକୁ ବି ନିର୍ଜନରେ କାଳ କଟାଇବାକୁ ପଡ଼ିଛି, ତାକୁ ବି ଅନେକ ସମୟରେ ସମସ୍ତେ ଏକୁଟିଆ ଛାଡ଼ିଦେଇ ଚାଲି ଯାଇଛନ୍ତି, ଏବଂ ସକଳ ଦୁଃଖ ମଧ୍ୟରେ ଯାହାକୁ ଆମେ ସବୁଠାରୁ ଅଧିକ ନିର୍ମମ ବୋଲି କହିପାରିବା, ଆପଣାର

'oaob.nitrkl.ac.in' images reprocessed

ହୃଦୟର କ୍ଷେତ୍ରରେ ମଧ୍ୟ ତାକୁ ଅନେକ ପ୍ରକାରେ ଅସହାୟ ହୋଇ ରହିବାକୁ ପଡ଼ୁଛି । ହଁ, ତା'ର ଜୀବନରେ ମଧ୍ୟ ଫଣସୂବ କେତେ ଦୁଃସମୟ ଆସିଛି, ସିଏ କେତେ ଭୁଲ୍ କରିଛି, ଭୁଲ୍ ବାଟରେ ଯାଇଛି, ବିଫଳ ହୋଇଛି, ଯାବତୀୟ ପ୍ରକାରର ଦୁର୍ବଳତାକୁ ଅଙ୍ଗେ ନିଭାଉଛି ।

ମାତ୍ର ତୁମର କଥା ଶୁଣି ସିଏ ତୁମକୁ କହିବ : ତୁମକୁ ସାହସ ଅବଲମ୍ବନ କରିବାକୁ ହେବ । ପ୍ରତ୍ୟେକ ଦିନ ସକାଳର ସୂର୍ଯ୍ୟୋଦୟ ପୃଥିବୀକୁ ଯେଉଁ ବାଣୀଟିକୁ ବହନ କରିଆଣେ, ତୁମେ ସେହି ବାଣୀଟିକୁ କାନଡେରି ଶୁଣ । ତାହା ଆଶାର ବାଣୀକୁହିଁ ବହନ କରି ଆଣିଥାଏ, ସାନ୍ତ୍ୱନାର ବାଣୀ ବହନ କରି ଆଣିଥାଏ ।

ତୁମେ, ଯିଏକି କ୍ରନ୍ଦନ କରୁଛ, ଦୁଃଖଭୋଗ କରୁଛ ଏବଂ କାଂପିବାକୁ ଲାଗିଛ, *ତୁମ ଦୁଃଖଗୁଡ଼ାକର କେବେ କୌଣସି ଅବସାନ ଘଟିବ ଓ ଯନ୍ତ୍ରଣା-*ଗୁଡ଼ାକର ଶେଷ ହେବ ବୋଲି ସିଏ ଭାବିବାକୁ ବି ସାହସ କରିପାରୁ ନାହଁ. ତୁମେ ଥରେ ଅନାଇ ଦେଖି କହିଲ : ପ୍ରଭାତ ହେବାର ନ ଥିଲେ ରାତି କଦାପି ଆସିବ ନାହିଁ, ଅନ୍ଧାରଟା ସବୁଠାରୁ ଅଧିକ କଟିକଟି ହେଲାବେଳେ ସିନ୍ଦୂର ନିଶ୍ଚୟ ଫାଟିବ । ଏପରି କୌଣସି ବୃହତ୍ତ ନାହିଁ ଯାହାକୁ କି ସୂର୍ଯ୍ୟ ଅପସରାଇ ଦେଇ ପାରିବ ନାହିଁ । ଏପରି କୌଣସି ମେଘ ନାହିଁ ଯାହାକ ସୁନେଲି ରଙ୍ଗରେ ଝଟକି ଉଠିବ ନାହିଁ; ଏପରି କୌଣସି ଅଶ୍ରୁବିନ୍ଦୁ ନାହିଁ ଯାହାକି ଦିନେ ନା ଦିନେ ଶୁଖି ବ ଯିବ ନାହିଁ । ତୋଫାନ ବହିଯିବା ପରେ ନିଜର ବିଜୟ ଘୋଷଣା କରି ଉଜ୍ଜ୍ୱଳ ଇନ୍ଦ୍ରଧନୁଟିଏ ନିଶ୍ଚୟ ଝଟକି ଉଠିବ । ଏପରି କୌଣସି ବରଫ ନାହିଁ ଯାହାକ ତରଳି ନ ଯିବ, କୌଣସି ଶୀତଋତୁ ନାହିଁ ଯାହାଙ୍କ ଆଲୋକମୟ ବସନ୍ତ ରୂପେ ପରିବର୍ତ୍ତିତ ହୋଇ ନ ଯିବ ।

ଏବଂ, ତୁମ ଜୀବନରେ ମଧ୍ୟ, ଏପରି କୌଣସି ଦୁଃଖ ବା କଷ୍ଟ ଆଦୌ ନାହିଁ, ଯାହାକି ପରେ ତୁମ ଲାଗି ଗୌରବର କାରଣ ହେବ ନାହିଁ; ଏପରି କୌଣସି ଦୁଃସମୟ ନାହିଁ, ଯାହାକି ଆନନ୍ଦରେ କେବେ ରୂପାନ୍ତରିତ ହୋଇ ପାରିବ ନାହିଁ, ଏପରି କୌଣସି ପରାଜୟ ନାହିଁ ଯାହାକି କେବେହେଲେ ବିଜୟରେ ରୂପାନ୍ତରିତ ହେବ ନାହିଁ । ତୁମର ଯାବତୀୟ ପତନ ତୁମକୁ ଏକ ଉଚ୍ଚତର ଆରୋହଣ ଆଣିଦେବ, ଯାବତୀୟ ନିର୍ଜନତା ଏକ ଉଦ୍ଭାସିତ ଜୀବନ-କେନ୍ଦ୍ରରେ ପରିଣତ ହୋଇଯିବ, ଯାବତୀୟ ଅସାମଞ୍ଜସ୍ୟତା ସାମଞ୍ଜସ୍ୟତାରେ ପରିଣତ ହେବ । ଦୁଇଜଣ ବ୍ୟକ୍ତିଙ୍କର ମନ ମଧ୍ୟରେ ଉପସ୍ଥିତ ହେଉଥିବା ଭୁଲ୍‌ବୁଝାମଣା ଅନେକ ସମୟରେ ଦୁଇଟି ହୃଦୟକୁ ପରସ୍ପର ସହିତ ସମ୍ପର୍କ ସ୍ଥାପନ କରିବାକୁ

'oaob.nitrkl.ac.in' images reprocessed

ଉନ୍ମୋଚିତ କରି ଆଣିଥାଏ । ଏବଂ, ସର୍ବଶେଷରେ, ଏପରି କୌଣସି ଦୁର୍ବଳତା ନାହିଁ ଯାହାକି ସବୁଦିନ ସକାଶେହିଁ ଏକ ଦୁର୍ବଳତା ହୋଇ ରହିଥିବ ଏବଂ ସବଳତାରେ ପରିଣତ ହୋଇ ନ ଯିବ । ଏବଂ, ଯେଉଁଠି ସବୁଠାରୁ ଅଧିକ ଦୁର୍ବଳତା ରହିଥାଏ, ଅନେକ ସମୟରେ ସର୍ବଶକ୍ତିମନ୍ତ ଠିକ୍ ସେହିଠାରେହିଁ ଆପଣାକୁ ପ୍ରକଟ କରିବାକୁ ଆସନ୍ତି !

ମୋ କଥା ଟିକିଏ ଶୁଣ, ବାବୁ, ଆଜି ତୁମେ ଯିଏ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ପଡ଼ିଛ, ସମ୍ଭବତଃ ସମ୍ପୂର୍ଣ୍ଣ ଭାବରେ ତଳେ ଆସି ପଡ଼ିଛ, ତୁମ ପାଖରେ ଆଉ ବାକି ହୋଇ କିଛି ନାହିଁ, ତୁମ ଦୁଃଖକୁ ଘୋଡ଼ାଇ ରଖିବାକୁ ଓ ତୁମର ଗୌରବ ବୃଦ୍ଧି କରିବାକୁ ତୁମ ପାଖରେ ଆଉ କିଛି ନାହିଁ ବୋଲି ଯିଏ ଭାବୁଛ, ଆଗରୁ ପ୍ରକୃତରେ କେବେହେଲେ ବି ତୁମେ ଏତେ ବିରାଟ ହୋଇ ନ ଥିଲ । ଗଭୀରତମ ଗର୍ତ୍ତରେ ପଡ଼ିଥିବା ବେଳେ ଯିଏ ନିଦ୍ରା ଭାଙ୍ଗି ଜାଗିଉଠେ, ସିଏ ସର୍ବୋଚ୍ଚ ଶିଖରଟିର ପ୍ରକୃତରେ କେତେ ନିକଟବର୍ତ୍ତୀ ହୋଇ ରହିଥାଏ ! କାରଣ, ଗର୍ତ୍ତଟି ଯେତିକି ଅଧିକ ଗଭୀର ହୋଇଥାଏ, ସେଥିରୁ ଉଚ୍ଚତାଗୁଡ଼ାକ ମଧ୍ୟ ଆପଣାକୁ ପ୍ରକଟ କରି ଦେବାକୁ ସେତିକି ଅଧିକ ସମର୍ଥ ହୁଅନ୍ତି !

ତୁମେ କ'ଣ ଏକଥା ଜାଣି ନାହଁ ଯେ ଯାବତୀୟ ବିପୁଳତାର ଉଦାତ୍ତତମ ଶକ୍ତିଗୁଡ଼ିକ ବିଶ୍ୱଜଡ଼ର ପ୍ରଚ୍ଛନ୍ନତମ ଆବରଣଗୁଡ଼ିକ ଭିତରେହିଁ ଆପଣାକୁ ନିଯୋଜିତ କରି ରଖିଥା'ନ୍ତି ? ହଁ, ଉଚ୍ଚତମ ପ୍ରେମର ସେହି ଉଦାତ୍ତ ଭାବୋଚ୍ଛ୍ୱାସ ପ୍ରକୃତରେ ସବୁଠାରୁ ଅଧିକ ଅସ୍ପଷ୍ଟ ହୋଇ ରହିଥିବା ସୁନମନୀୟତାଗୁଡ଼ିକ ସହିତହିଁ ଲାଗି ରହିଥାଏ । କୃଷ୍ଣ ଗ୍ରୀଷ୍ମହିଁ ଅଧିରାଜ ହୋଇ ବସିଥିବା ଆଲୋକଟି ଲାଗି ଆକାଙ୍କ୍ଷିତ ହୋଇ ରହିଥାଏ ।

ଯଦି ଜୀବନର କୌଣସି କଠୋର ପରୀକ୍ଷା ଅଥବା ପ୍ରମାଦ ତୁମକୁ ଏକାବେଳେକେ ହତବଳ କରି ପକାଇଛି, ଯଦି ତୁମେ ଦୁଃଖଭୋଗର ନିମ୍ନତମ ତଳକୁ ବି ଖସି ଚାଲିଯାଇଛ, ତେବେ ସେଥିଲାଗି ଆଦୌ କୌଣସି କ୍ଷୋଭ ପ୍ରକାଶ କର ନାହିଁ; କାରଣ ବସ୍ତୁତଃ ସେହିଠାରେହିଁ ଦିବ୍ୟପ୍ରେମ ଏବଂ ପରମ ଆଶୀର୍ବାଦ ତୁମ ପାଖରେ ଯାଇ ଉପସ୍ଥିତ ହୋଇପାରିବ । ବିଶୁଦ୍ଧିକାରୀ ଯାବତୀୟ ଦୁଃଖର ଚନ୍ଦଟି ମଧ୍ୟଦେଇ ଅତିକ୍ରମ କରି ପାରିଲେହିଁ ତୁମେ ତା'ପରେ ଗୌରବମୟ ପାହାଡଗୁଡ଼ିକୁ ଆରୋହଣ କରିବାର ଅଧିକାରୀ ହୋଇପାରିବ ।

ଯଦି ତୁମେ ସତେଅବା ଅରଣ୍ୟ ମଧ୍ୟରେ ପଡ଼ି କୁଆଡ଼କୁ ହେଲେ ବାଟ ନ ପାଉଥିବା ପରି ଅନୁଭବ କରୁଥିବ, ତେବେ ସେତେବେଳେ ତୁମକୁ ନୀରବତାର ବାଣୀଟିକୁ କାନ ଡେରି ଶୁଣିବାକୁ ହେବ । ଆଗରୁ ତୋଷାମଦ

'oaob.nitrkl.ac.in' images reprocessed

ସ୍ୱରର କେତେକେତେ କଥା ଏବଂ ବାହାରର କେତେ କରତାଳି ତୁମର ଶ୍ରବଣକୁ ହୁଏତ କେତେ ଆନନ୍ଦ ଆଣି ଦେଉଥିଲା, ମାତ୍ର ବର୍ତ୍ତମାନ ଏହି ନୀରବତାର ବାଣୀଗୁଡ଼ିକହିଁ ତୁମର ଆତ୍ମାକୁ ଆନନ୍ଦ ଦେବାକୁ ଆରମ୍ଭ କରିବ ଏବଂ ତୁମ ଭିତରେ କେତେକେତେ ଗମ୍ଭୀରର ପ୍ରତିଧ୍ୱନିକୁ ଏବଂ କେତେକେତେ ଦିବ୍ୟ ସୁଷମାର ସଙ୍ଗୀତକୁ ଜାଗ୍ରତ କରି ନେଇ ଆସିବ !

ଖନିର ଗଭୀର ଅନ୍ଧକାରରେ ତୁମକୁ ଚାଲିବାକୁ ପଡ଼ୁଛି : ତେବେ ତୁମେ ଖନିର ଅମୂଲ୍ୟ ସମ୍ପଦଗୁଡ଼ିକୁ ସଂଗ୍ରହ କରିବାରେ ଲାଗିଯାଅ । ଉଜ୍ଜ୍ୱଳ ସୂର୍ଯ୍ୟକିରଣରେ ପୃଥିବୀର ମାର୍ଗଗୁଡ଼ିକ ଆଲୋକିତ ହୋଇ ରହିଥାଏ ସତ, ମାତ୍ର ଖନିର ସେହି ଶୁଭ୍ର ଜ୍ୟୋତିର୍ମୟତାଗୁଡ଼ିକ ମଧ୍ୟରେହିଁ ପରିପୂର୍ଣ୍ଣତା ଲାଭ କରିବାର ଗୁପ୍ତ ପଥଗୁଡ଼ିକ ପ୍ରଚ୍ଛନ୍ନ ହୋଇ ରହିଥାନ୍ତି, ଆଧ୍ୟାତ୍ମିକ କେତେକେତେ ଧନର ରହସ୍ୟଟି ପ୍ରଚ୍ଛନ୍ନ ହୋଇ ରହିଥାଏ ।

ତୁମେ ସବୁକିଛିରୁ ବଞ୍ଚିତ ହେବାରେ ଲାଗିଛ : ପୂର୍ଣ୍ଣ ଲାଭ କରିବା ପାଇଁ ତାହାହିଁ ହେଉଛି ପ୍ରକୃତ ମାର୍ଗ । ଯେତେବେଳେ ତୁମ ପାଖରେ ଆଉ କିଛି ହେଲେ ରହିବ ନାହିଁ, ସେତିକିବେଳେହିଁ ତୁମକୁ ସବୁକିଛି ମିଳିବ । କାରଣ ଯେଉଁମାନେ ନିଷ୍ଠାଯୁକ୍ତ ରହିଥାନ୍ତି, ସତ୍ୟାଶ୍ରୟୀ ହୋଇ ରହନ୍ତି, ସେମାନଙ୍କ ଜୀବନରେ ସବୁଠାରୁ ଅଧିକ ଖରାପ ସ୍ଥିତିରୁହିଁ ସବୁଠାରୁ ଅଧିକ ଭଲଟି ଜନ୍ମ ଲାଭ କରିଥାଏ ।

ଗୋଟିଏ ଶସ୍ୟକଣାକୁ ବୁଣିଲେ ସେଥିରୁ ହଜାରଟି ଦାନା ଉତ୍ପନ୍ନ ହୁଏ । ତୁମ ଦେହରେ ବାଜୁଥିବା ଦୁଃଖବେଦନାର ପ୍ରତ୍ୟେକଟି ଆଘାତ ତୁମ ଜୀବନରେ ଗୌରବ ଆକାଶକୁ ଉଡ଼ିଯିବା ଲାଗି ଏକ ସାଧନରୂପେ ହିଁ କାମ କରିପାରେ ।

ଯେତେବେଳେ ଶତ୍ରୁ ତୁମ ପଛରେ ଗୋଡ଼ାଇଥାଏ, କେବେହେଲେ ତୁମର ପିଛୁ ଘୁଞ୍ଚ ନାହିଁ, ସେତେବେଳେ ତାହାକୁ ଧ୍ୱଂସ କରିବା ପାଇଁ ତୁମେ ଯାହାକିଛି କର, ତାହା ତାକୁ କେବଳ ଅଧିକ ଶକ୍ତିଶାଳୀ କରିବାରେହିଁ ସାହାଯ୍ୟ କରେ ।

ଏହି ବିଶ୍ୱଭୁବନଗୁଡ଼ିକର କାହାଣୀଟିକୁ କାନ ଡେରି ଶୁଣ, ଥରେମାତ୍ର ଚାହିଁ ଦେଖ : ମନେ ହେଉଛି ଦୁର୍ଦ୍ଧର୍ଷ ଶତ୍ରୁହିଁ ବିଜୟଲାଭ କରି ଚାଲିଛି । ଆଲୋକର ସତ୍ତାଗୁଡ଼ିକୁ ଆଣି ସିଏ ଖନିର ଗର୍ତ୍ତକୁ ନିକ୍ଷେପ କରିବାରେ ଲାଗିଛି, ଏବଂ ତଦ୍ୱାରା ଖନିଟିକୁ ନକ୍ଷତ୍ରପୂର୍ଣ୍ଣ କରି ରଖିଛି । ଏହି ବିଶ୍ୱସୃଷ୍ଟିର ବିଦ୍ୟୁତଟି ବକ୍ଷରେ ଗର୍ଜନ କରି ଉଠୁଛି, ମହାଶୂନ୍ୟର ଏହି ସାମ୍ରାଜ୍ୟର ଅଖଣ୍ଡତା ଉପରେ ସିଏ ଆକ୍ରମଣ କରୁଛି, ତାହାର ସମଗ୍ରତାଟିକୁ ଚୂର୍ଣ୍ଣବିଚୂର୍ଣ୍ଣ କରିଦେଉଛି, ତାହାକୁ କେତେପ୍ରକାରେ ବିଭକ୍ତ ଏବଂ ବିଭାଜିତ କରିବାରେ ଲାଗିଛି, ତାହାର ଧୂଳିକୁ ଅନନ୍ତ ସତ୍ତାର ଘୂର

'oaob.nitrkl.ac.in' images reprocessed

ମରୁତଙ୍କ ଆଡ଼କୁ ଉତ୍କ୍ଷିପ୍ତ କରୁଛୁ ସତ, ମାତ୍ର ତାହାର ପରିଣାମ ସ୍ୱରୂପ ସେହି ଧୂଳି ଏକ ସ୍ୱର୍ଣ୍ଣାଭ ଶସ୍ୟକଣାକୁ ପରିବର୍ତ୍ତିତ ହୋଇ ଯାଉଛୁ, ଅନନ୍ତ ଜୀବନକୁ ଜନନକ୍ଷମ କରୁଛୁ ଏବଂ ଏତେ ଏତେ ଜନତାକୁ ଆଣି ଏଠି ସୃଷ୍ଟି କରି ଦେଉଛୁ, ଯାହାକି ବର୍ତ୍ତମାନ ମହାଅନ୍ତରୀକ୍ଷର ବୃତ୍ତଭର କକ୍ଷଟି ମଧ୍ୟରେ ଆପଣା ଆପଣାର ଅବଲମ୍ବନ କେନ୍ଦ୍ରଟିର ଚତୁର୍ଦ୍ଦିଗରେ ଆକର୍ଷିତ ହୋଇ ରହୁଛୁ, ସତେଅବା ଏକ ବନ୍ଧନ ମଧ୍ୟ ଅଧିକ ସମୃଦ୍ଧ ଓ ଅଧିକ ଗମ୍ଭୀର ଏକତାକୁ ଆଣି ସୃଷ୍ଟି କରିଦେଉଛୁ ଏବଂ ଏହି ଜଡ଼ ଜଗତର ସମତଳଗୁଡ଼ିକୁ ବହୁ ସଂଖ୍ୟକ କରାଇ, ଯେଉଁ ସାମାନ୍ୟଟିକୁ ତାହା ଧ୍ୱଂସ କରିଦେବ ବୋଲି ବାହାରିଥିଲା, ତାହାର ଆକାର ବୃଦ୍ଧି କରିବାରେ ଲାଗିଛୁ ।

ବିପୁଳତାର ବକ୍ଷରେ ପରିଚାଳିତ ସେହି ଆବହମାନୀନ ଭୁବନମଣ୍ଡଳଟିର ସଙ୍ଗୀତଟି ଅତ୍ୟନ୍ତ ମଧୁର ଥିଲା ସତ, ମାତ୍ର ନକ୍ଷତ୍ରପୁଞ୍ଜଗୁଡ଼ିକର ଐକ୍ୟତାନ, ଭୁବନମଣ୍ଡଳଗୁଡ଼ିକର ସଙ୍ଗୀତ ଏବଂ ସବୁପାକ ଊର୍ଦ୍ଧ୍ୱଲୋକକୁ ବିକସ୍ୱର ଏକ ଶାଶ୍ୱତ ସ୍ତୋତ୍ର ଧ୍ୱନିରେ ପରିପୂର୍ଣ୍ଣ କରି ରଖିଥିବା ସେହି ବିପୁଳ ଗାୟକମଣ୍ଡଳୀଟି ତା'ଠାରୁ ପ୍ରକୃତରେ କେତେ ଅଧିକ ସୁନ୍ଦର ଓ ଗୌରବଦୀପ୍ତ ନୁହେଁ !

ପୁନର୍ବାର କାନ ଡେରି ଶୁଣ : ଯେତେବେଳେ ମନୁଷ୍ୟ ତା'ର ଦିବ୍ୟ ଉତ୍ସମୂଳଟିରୁ ଛିନ୍ନ ହୋଇ ଯାଉଥିଲା, ସେତେବେଳର ତା'ର ସେହି ସ୍ଥିତିଟିକୁହିଁ ସବୁଠାରୁ ଦୁର୍ଭାଗ୍ୟଜନକ ବୋଲି କୁହାଯାଇ ପାରିବ । ତା'ର ଊର୍ଦ୍ଧ୍ୱଦେଶରେ ତା' ଅପହରଣ କର୍ତ୍ତାର ଗ୍ରହଂସୀମାଗୁଡ଼ିକ ବ୍ୟାପ୍ତ ହୋଇ ରହିଥିଲା ଏବଂ ତା' ଚକ୍ରବାଳର ତୋରଣଗୁଡ଼ିକରେ ତାକୁ ବନ୍ଦୀ କରି ରଖିଥିବା ବ୍ୟକ୍ତିମାନେ ଜଳନ୍ତ ତରବାରିମାନ ଧାରଣ କରି ରହିଥିଲେ । ତା'ପରେ ମନୁଷ୍ୟ ଆଉ ଜୀବନର ଉତ୍ପତ୍ତିସ୍ଥଳ ପର୍ଯ୍ୟନ୍ତ ଆରୋହଣ କରି ନ ପାରିବାରୁ, ତାହାରି ଭିତରେହିଁ ଉତ୍ପତ୍ତିସ୍ଥଳଟିର ସୃଷ୍ଟିପାତ ହୋଇଥିଲା । ସିଏ ଆଉ ଊର୍ଦ୍ଧ୍ୱରୁ ଆଲୋକଟିକୁ ଲାଭ କରି ପାରୁ ନ ଥିବାରୁ ତା' ସତ୍ତାର କେନ୍ଦ୍ରସ୍ଥଳରୁହିଁ ଆଲୋକ କିରଣ ଦେବାକୁ ଆରମ୍ଭ କଲା । ବିଶ୍ୱାତୀତ ପ୍ରେମ ସହିତ ସିଏ ଆଉ କୌଣସି ଯୋଗସୂତ୍ର ସ୍ଥାପନ କରିପାରୁ ନ ଥିବାରୁ ସେହି ପ୍ରେମ ଆପଣାକୁ ଆଣି ପୂର୍ଣ୍ଣାହୁତି ଦେଇଥିଲା ଏବଂ ଆପଣାର ନିବାସସ୍ଥଳ ଓ ସଦନ ରୂପେ ପ୍ରତ୍ୟେକ ମନୁଷ୍ୟସତ୍ତାକୁ ବାଛି ନେଇଥିଲା ।

ସେହି କାରଣରୁହିଁ ଏହି ରୁକ୍ଷ, ଶୂନ୍ୟମୟ ଅଥଚ ଫଳକ୍ଷମ ଏବଂ ଗୌରବାନ୍ୱିତ ଜଡ଼ ମଧ୍ୟରେ ପ୍ରତ୍ୟେକ ପରମାଣୁ ମଧ୍ୟରେ ଏକ ଦିବ୍ୟ ସମ୍ଭାବନା ନିହିତ ହୋଇ ରହିଛି ; ଏଠି ପ୍ରତ୍ୟେକ ସତ୍ତା ଆପଣା ଭିତରେ ଏହି ଦିବ୍ୟ ପରମ ଅଧିବାସୀଟିକୁ ବହନ କରିବାରେ ଲାଗିଛି । ଏବଂ ଏହି ବିଶ୍ୱଜଗତରେ ମନୁଷ୍ୟ ସଦୃଶ ଏତେ

'oaob.nitrkl.ac.in' images reprocessed

ଦୁର୍ବଳ ଆଉ କୌଣସି ସତ୍ତ୍ୱ ନାହିଁ ବୋଲି ଯଦି ବୁଝାଯାଏ, ତେବେ ତା'ପରି ଏତେ ଅଧିକ ପରିମାଣରେ ଦାବୀ ବି ଆଉ କେହି ନାହାନ୍ତି ବୋଲି ମଧ୍ୟ ଅବଶ୍ୟ ବୁଝାଯିବ ।

ପ୍ରକୃତରେ, ପ୍ରକୃତରେ, ଅପମାନ ମଧ୍ୟରେହିଁ ଗୌରବର ଉଦ୍‌ଗମ ନିହିତ ହୋଇ ରହିଛି ।

୨୮ ଏପ୍ରିଲ୍ ୧୯୧୨

'oaob.nitrkl.ac.in' images reprocessed

ଦ୍ୱିତୀୟ ଭାଗ

ବୈଠକଗୁଡ଼ିକର ବିବରଣୀ

୧୯୧୨ ମସିହାରେ ସାଧକମାନଙ୍କର ଏକ କ୍ଷୁଦ୍ର ଗୋଷ୍ଠୀ ନିୟମିତ ଭାବରେ ଏକାଠି ଗୋଟିଏ ଗୋଟିଏ ବୈଠକରେ ମିଳିତ ହେଉଥିଲେ । ଆତ୍ମ-ଜ୍ଞାନ ଏବଂ ଆତ୍ମ-ପ୍ରଭୁତ୍ୱ ଅର୍ଜନ କରିବା ସେମାନଙ୍କର ଏହି ମିଳିତ ହେବାର ଲକ୍ଷ୍ୟ ଥିଲା ।

ପ୍ରତ୍ୟେକ ବୈଠକର ଶେଷରେ, ଏକ ସାଧାରଣ ପ୍ରଶ୍ନ ପଚରା ଯାଉଥିଲା ଏବଂ ଉପସ୍ଥିତ ପ୍ରତ୍ୟେକ ସଭ୍ୟଙ୍କୁ ବ୍ୟକ୍ତିଗତ ଭାବରେ ସେହି ପ୍ରଶ୍ନର ଉତ୍ତର ଦେବାକୁ ହେଉଥିଲା । ପରବର୍ତ୍ତୀ ବୈଠକରେ ସେହି ଉତ୍ତରଗୁଡ଼ିକୁ ପଢ଼ି ଶୁଣାଇ ଦିଆଯାଉ ଥିଲା । ଏବଂ, ବୈଠକଟିର ଉପ-ସଂହାର କଲା ଭଳି, ଗୋଟିଏ ସାନ ପ୍ରବନ୍ଧ ବି ପାଠ କରାଯାଉଥିଲା । ସେହି ପ୍ରବନ୍ଧଗୁଡ଼ିକ ଏଠାରେ ଦିଆଯାଇଛି ।

'oaob.nitrkl.ac.in' images reprocessed

୭ ମଇ ୧୯୧୨

ବର୍ତ୍ତମାନ ସମୟରେ ସବୁଠାରୁ ଅଧିକ ଉପକାରୀ କାର୍ଯ୍ୟ କ'ଣ କରାଯାଇ ପାରିବ ?

ସମସ୍ତ ପୃଥିବୀରେ ଯେପରି ଉଚ୍ଚତରର ଅଧିକ ସ୍ତରରେ ଏକ ସମଞ୍ଜସତାର ସ୍ଥାପନ କରିବାହିଁ ସମସ୍ତଙ୍କର ଉଦ୍ଦେଶ୍ୟ ହୋଇ ରହିବ ।

ପୃଥିବୀରେ ସେହି ଉଦ୍ଦେଶ୍ୟଟିକୁ କାର୍ଯ୍ୟରେ ପରିଣତ କରିବାର ଉପାୟସ୍ୱରୂପ ମନୁଷ୍ୟସମାଜ ଭିତରେ ଏପରି ଏକ ଏକତାର ପ୍ରତିଷ୍ଠା କରିବାକୁ ହେବ ଯାହାକି ସବୁ ମଣିଷଙ୍କ ଭିତରେ ସେହି ଅଦ୍ୱିତୀୟ ଦିବ୍ୟ ଅନ୍ତଃସତ୍ତାକୁ ଜାଗ୍ରତ କରି ଆଣିବ, ସବୁ ମଣିଷଙ୍କର ଜୀବନରେ ସେହି ଦିବ୍ୟତାରହିଁ ପ୍ରକାଶ ଘଟିବ ।

ଅନ୍ୟ ଭାଷାରେ କହିଲେ, ଆମ ସମସ୍ତଙ୍କ ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥିବା ସେହି ପରମ ଭାଗବତ ସାମ୍ରାଜ୍ୟଟିକୁ ପ୍ରତିଷ୍ଠା କରିବା ଦ୍ୱାରା ସେହି ଏକତାର ସୃଷ୍ଟି କରିବାକୁ ପଡ଼ିବ ।

ତେଣୁ ଆମେ ଏହାକୁହିଁ ସବୁଠାରୁ ଅଧିକ ଆବଶ୍ୟକ କାର୍ଯ୍ୟ ବୋଲି କହିପାରିବା :

(୧) ପ୍ରତ୍ୟେକ ମନୁଷ୍ୟ ଆପଣା ଆପଣାର ବ୍ୟକ୍ତିଗତ ଜୀବନରେ ନିଜ ଭିତରେ ସେହି ପରମ ଦିବ୍ୟ ଉପସ୍ଥିତି ବିଷୟରେ ସଚେତନ ରହିବେ ଏବଂ ତାହାରି ସହିତ ଆପଣାକୁ ଏକାତ୍ମକ କରି ରଖିବେ ।

(୨) ମନୁଷ୍ୟ ଭିତରେ ଏପର୍ଯ୍ୟନ୍ତ ସଚେତନତା ଲାଭ କରି ନ ଥିବା ସତ୍ତାଗତ ଅବସ୍ଥାଗୁଡ଼ିକୁ ଗୋଟି ଗୋଟି କରି ଏକତ୍ର କରି ରଖିବା ଏବଂ ତାହାରି ସାହାଯ୍ୟରେ ଏହି ପୃଥିବୀ ଲଗି ଆଜିପର୍ଯ୍ୟନ୍ତ ବାରିତ ହୋଇ ରହିଥିବା ବିଶ୍ୱଗତ ଶକ୍ତିଉତ୍ସର ଗୋଟିଏ ବା ଅନେକ ଧାରା ସହିତ ତାକୁ ଆଣି ସଲଗ୍ନ କରି ରଖିବା ।

(୩) ଏକ ନୂତନ ଆକାରରେ ଏହି ପୃଥିବୀର ବର୍ତ୍ତମାନ ମନୋବୃତ୍ତି ସହିତ ଖାପ ଖାଉଥିବା ପରି ଏକ ଭାଷାରେ ପୃଥିବୀ ପାଖରେ ସେହି ଚିରନ୍ତନ କଥାଟିକୁ କହିବା ।

'oaob.nitrkl.ac.in' images reprocessed

ଏହାହିଁ ଯାବତୀୟ ମନୁଷ୍ୟ-ଜ୍ଞାନର ଯଥାର୍ଥ ସମନ୍ୱୟ ହୋଇ ରହିବ ।

(୪) ସମସ୍ତେ ମିଳି ଏକ ଅନୁକୂଳ ସ୍ଥାନରେ ଏପରି ଏକ ଆଦର୍ଶ ସମାଜର ନମୁନାଟିଏ ତିଆରି କରିବା, ଯେଉଁଠାରେକି ନୂତନ ମାନବଜାତି ମୁକୁଳିତ ହୋଇ ଉଠିପାରିବ, ଭଗବାନ୍ଙ୍କ ସନ୍ତାନମାନଙ୍କର ସେହି ସମୂହଟିର ଯେଉଁଠାରେ ବିକାଶ ହେବ ।

❋

ଆମେ ଦୁଇଟି ପ୍ରକ୍ରିୟା ଦ୍ୱାରା ଏହି ପୃଥିବୀର ପରିବର୍ତ୍ତନ ଘଟାଇ ପାରିବା ଓ ଏଠାରେ ସମଞ୍ଜସତାର ପ୍ରତିଷ୍ଠା କରି ପାରିବା । ଏହି ଦୁଇ ପ୍ରକ୍ରିୟା ବାହାରକୁ ଦେଖିବା ପାଇଁ ପରସ୍ପରର ବିପରୀତ ପରି ଲାଗିବେ ସତ, ମାତ୍ର ତଥାପି ଦୁଇଟିଯାକ ଏକାଠି ହେଲେ ଯାଇ ସେହି ପରିବର୍ତ୍ତନ ସମ୍ଭବ ହେବ । ସେହି ଦୁଇଟିଯାକ ପ୍ରକ୍ରିୟା ପରସ୍ପର ଉପରେ କାର୍ଯ୍ୟ କରିବେ ଏବଂ ପରସ୍ପର ପରିପୂରକ ହୋଇ ରହିବେ :

(୧) ପ୍ରତ୍ୟେକ ବ୍ୟକ୍ତି ଆପଣାର ରୂପାନ୍ତର ଘଟାଇବ, ତା'ର ଅନ୍ତର୍ଜୀବନର ବିକାଶ ତାକୁ ସେହି ପରମ ଦ୍ରବ୍ୟ ଉପସ୍ଥିତିଟି ସହିତ ନେଇ ସଂଯୁକ୍ତ କରାଇ ଦେବ ।

(୨) ସମାଜର କ୍ଷେତ୍ରରେ ମଧ୍ୟ ଏକ ରୂପାନ୍ତର ଘଟିବ, ଏପରି ଗୋଟିଏ ପରିବେଶ ପ୍ରତିଷ୍ଠିତ ହେବ ଯାହାକି ବ୍ୟକ୍ତିର ବିକାଶ ଏବଂ ଅଭିବୃଦ୍ଧି ଲାଗି ଅନୁକୂଳ ହୋଇଥିବ ।

ବ୍ୟକ୍ତିର ପରିବେଶ ବ୍ୟକ୍ତି ଉପରେ ଏକ ପ୍ରତିକ୍ରିୟା ପକାଉ ଥିବାରୁ ଏବଂ ଅନ୍ୟ ପକ୍ଷରେ ମଧ୍ୟ, ବ୍ୟକ୍ତିର ମୂଲ୍ୟ ଏବଂ ଗୁଣସମ୍ପନ୍ନତା ଉପରେ ପରିବେଶର ମୂଲ୍ୟ ଏବଂ ଗୁଣସମ୍ପନ୍ନତା ବି ନିର୍ଭର କରୁଥିବାରୁ ଦୁଇଟିଯାକ କାର୍ଯ୍ୟକୁ ପରସ୍ପରର ପାର୍ଶ୍ୱବର୍ତ୍ତୀ ଭାବରେହିଁ ଅଗ୍ରସର ହେବାକୁ ପଡ଼ିବ । ମାତ୍ର, କେବଳ ଏକ ଶ୍ରମବିଭାଜନର ପଦ୍ଧତି ଦ୍ୱାରାହିଁ ସେକଥା କରାଯାଇ ପାରିବ, ଏବଂ ସେଥିଲାଗି ଏକ ଗୋଷ୍ଠୀର ଗଠନ ଆବଶ୍ୟକ ହେବ ଓ ସମ୍ଭବ ହେଲେ ସେହି ଗୋଷ୍ଠୀରେ ଏକ ସୋପାନକ୍ରମ ମଧ୍ୟ ରହିଥିବ ।

ଗୋଷ୍ଠୀର ସଦସ୍ୟମାନଙ୍କର କରିବା ଲାଗି ତିନି ପ୍ରକାରର କାର୍ଯ୍ୟ ରହିବ :

(୧) ଈପ୍ସିତ ଆଦର୍ଶଟିକୁ ଆପଣା ମଧ୍ୟରେ ଉପଲବ୍ଧି କରିବା : ସକଳ ପ୍ରକାରେ, ସକଳ ଲକ୍ଷଣରେ ଏବଂ ସକଳ ଗୁଣରେ ସେହି ପରମ ଚନ୍ତ୍ରାଚିତଙ୍କର ପ୍ରଥମ ଅଭିବ୍ୟକ୍ତିଟିର ଏହି ପୃଥିବୀରେ ଏକ ପରିପୂର୍ଣ୍ଣ ନିଦର୍ଶନ ବା ପ୍ରତିନିଧି ହୋଇ ରହିବା ।

'oaob.nitrkl.ac.in' images reprocessed

(୨) ମୁଖର କଥାରେ, ମାତ୍ର ସର୍ବୋପରି ସ୍ପଷ୍ଟ ଏକ ଉଦାହରଣ ଦେଖାଇ ଏହି ଆଦର୍ଶଟିର ପ୍ରଚାର କରିବା, ଯେପରି କି ଯେମାନେ ଏହି ଆଦର୍ଶଟିକୁ ନିଜ ଜୀବନରେ ଉପଲବ୍ଧି କରିବା ଲାଗି ପ୍ରସ୍ତୁତ ରହିଥିବା ଅନ୍ୟମାନଙ୍କୁ ମଧ୍ୟ ଆବିଷ୍କାର କରିପାରିବେ, ସେହି ମୁକ୍ତିର ଘୋଷଣାକାରୀ ହୋଇ ବାହାରିବାକୁ ପ୍ରସ୍ତୁତ ଥିବା ଅନ୍ୟମାନଙ୍କୁ ମଧ୍ୟ ଠାବ କରି ବାହାର କରି ପାରିବେ ।

(୩) ଏକ ଆଦର୍ଶ ସମାଜର ଗଠନ କରିବା ବା ବର୍ତ୍ତମାନ ଯେଉଁସବୁ ସମାଜ ରହିଛି, ସେହି ଅନୁସାରେ ସେଗୁଡ଼ିକୁ ପୁନଃଗଠିତ କରିବା ।

❋

ପ୍ରତ୍ୟେକ ବ୍ୟକ୍ତି ନିମ୍ନୋକ୍ତ ଦୁଇଟି କାର୍ଯ୍ୟକୁ ମଧ୍ୟ ଯୁଗପତ୍ ଭାବରେ ଅବଶ୍ୟ ସମ୍ପନ୍ନ କରିବ; ଏହି ଦୁଇ କାର୍ଯ୍ୟ ମଧ୍ୟରୁ ପ୍ରତ୍ୟେକଟି ଅନ୍ୟର ସହାୟକ ଏବଂ ଅନୁପୂରକ ହୋଇ ରହିଥିବ :

(୧) ଏକ ଅନ୍ତଃବିକାଶ ଅର୍ଥାତ୍ ସେହି ଦିବ୍ୟ ପରମଜ୍ୟୋତିଙ୍କ ସହିତ ଈଶ୍ୱରେଚ୍ଛାର ଅଧିକ ପରିମାଣରେ ଏକ ସମ୍ମିଳନ ସମ୍ଭବ ହେଉଥିବ;—ଏହି ଗୋଟିଏ କଥା ହୋଇପାରିଲେ ଯାଇ ମନୁଷ୍ୟ ସର୍ବଦା ଆପଣାକୁ ବିଶ୍ୱଜୀବନର ବୃହତ୍ ଧାରାଟି ସହିତ ନିଜକୁ ସମଞ୍ଜସ କରି ରଖିପାରିବ ।

(୨) ବାହାରେ ମଧ୍ୟ ପ୍ରତ୍ୟେକ ବ୍ୟକ୍ତି ଏପରି ଏକ କାର୍ଯ୍ୟ କରିବ, ଯାହାକୁକି ସେ ନିଜର ସାମର୍ଥ୍ୟ ଓ ବ୍ୟକ୍ତିଗତ ଅଭିରୁଚିର ଏମିତି ଅନୁସାରେ ଆପଣା ଲାଗି ବାଛି ନେଇଥିବ । ସାଧାରଣତଃ କର୍ମକ୍ଷେତ୍ରର ସମୂହଟି ମଧ୍ୟରେ କେବଳ ତାହାରି ଲାଗି ଉଦ୍ଦିଷ୍ଟ ହୋଇ ରହିଥିବା ସ୍ଥାନଟିକୁ ସେ ନିରୂପଣ କରିନେବ ଏବଂ ସେହି କାର୍ଯ୍ୟଟି ପାଇଁ ସେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରି ରଖିବ । ଏହି କଥାଟିକୁ ସିଏ କେବେହେଲେ ଭୁଲିଯିବ ନାହିଁ ଯେ ବିଶ୍ୱମୟ ବ୍ୟବସ୍ଥାଟିର ଐକ୍ୟତାନ ମଧ୍ୟରେ ସିଏ କେବଳ ଗୋଟିଏ ତାରକୁହିଁ ବଜାଉଛି ଏବଂ ତଥାପି ସେହି ତାରଟିର ବାଜଣା ସମୁଦାୟ ଐକ୍ୟତାନଟି ଲାଗି ମଧ୍ୟ ପ୍ରକୃତରେ ଅପରିହାର୍ଯ୍ୟ ହୋଇ ରହିଛି । ଏବଂ ତେଣୁ, ତାହା କେତେ ଯଥାର୍ଥ ଭାବରେ ସେଇଟିକୁ ବଜାଇ ପାରୁଛି, ତାହାରି ଉପରେହିଁ ତାହାର ପ୍ରକୃତ ମୂଲ୍ୟ ନିର୍ଭର କରୁଛି ।

'oaob.nitrkl.ac.in' images reprocessed

୨୪ ମଇ ୧୯୧୬

ବିଶ୍ୱ-କାର୍ଯ୍ୟରେ ମୋ'ର ଯଥାର୍ଥ ସ୍ଥାନଟି କେଉଁଠି ?

ଆମ ସମସ୍ତଙ୍କର କୌଣସି ନା କୌଣସି କାର୍ଯ୍ୟ ସମ୍ପାଦନ କରିବାକୁ ରହିଛି, ଏକ ଭୂମିକା ଗ୍ରହଣ କରିବାକୁ ରହିଛି ; ଏପରି ଏକ ସ୍ଥାନ ଗ୍ରହଣ କରିବାକୁ ରହିଛି, ଯାହା କେବଳ ଆମରି ଦ୍ୱାରାହିଁ ପୂରଣ ହୋଇ ପାରିବ ।

ମାତ୍ର, ଏହି କାର୍ଯ୍ୟଟିକୁ ଆମେ ଆମ ସତ୍ତାର ଅନ୍ତଃତମ ଚେତନାଟିର ଅଭିବ୍ୟକ୍ତି ଓ ବହିଃପ୍ରକାଶ ରୂପେ ଗ୍ରହଣ କରି ନେଇ ଥିବାରୁ, ଆମ ଭିତରେ ଏହିପରି ଗୋଟିଏ ଗଭୀର ତଳ ରହିଛି ବୋଲି ସଚେତନ ହୋଇ ପାରିଲେ ଯାଇ ଆମେ ଏହି କାର୍ଯ୍ୟଟିର ନିର୍ଦ୍ଦିଷ୍ଟ ଆକାର ବିଷୟରେ ମଧ୍ୟ ସଚେତନ ହୋଇ ପାରିବା ।

ଏକ ଯଥାର୍ଥ ଦୀକ୍ଷାଗ୍ରହଣ ଦ୍ୱାରା ବେଳେବେଳେ ଠିକ୍ ସେହି କଥାଟିହିଁ ଘଟିଥାଏ ।

ଯେତେବେଳେ ଆମେ ସେହି ରୂପାନ୍ତରକାରୀ ଆଲୋକଟିକୁ ଦେଖିବାରେ ସମର୍ଥ ହେଉ ଏବଂ ଭିତରେ ଆଦୌ କୌଣସି କୁଣ୍ଠା ନ ରଖି ଆପଣାକୁ ନେଇ ତାହାରି ପାଖରେ ସମର୍ପଣ କରିଦେଉ, ସେତେବେଳେ ତତ୍କ୍ଷଣାତ୍ ଆମେ ଅତ୍ୟନ୍ତ ନିର୍ଭୁଲ ଭାବରେ ଆମେ ଯେ କ'ଣ ପାଇଁ ତିଆରି ହୋଇଛୁ, ସେବିଷୟରେ ମଧ୍ୟ ସଜ୍ଞାନ ହୋଇଯାଉ ; କେଉଁ ଉଦ୍ଦେଶ୍ୟରେ ଯେ ଆମେ ଏହି ପୃଥିବୀରେ ଜୀବନଧାରଣ କରୁଛୁ, ସେ ବିଷୟରେ ସଜ୍ଞାନ ହେଉ ।

କିନ୍ତୁ କେବଳ ଅଳ୍ପ କେତେଜଣଙ୍କ ଜୀବନରେହିଁ ସେହି ଆଲୋକ-ପରିଚୟଟି ଘଟିଥାଏ । ଉଦ୍ୟମ ଏବଂ ଅନ୍ତର୍ଗତ ଦୃଷ୍ଟିର ଏକ ସମଗ୍ର କ୍ରମଟି ଦ୍ୱାରାହିଁ ତାହା ଆମର ଅନ୍ତର ଭିତରେ ସମ୍ଭବ ହୋଇଥାଏ । ଏବଂ, ଏହିସବୁ ଦୃଷ୍ଟି ଓ ଅନ୍ତର୍ଗତ ସ୍ଥିତିକୁ ଆମ ଭିତରେ ସମ୍ଭବ କରିବାକୁ ହେଲେ ଓ ଜାରି ରଖିବାକୁ ହେଲେ, ତାହାର ଏକ ମୌଳିକ ଆବଶ୍ୟକତାରୂପେ ଆମକୁ ପ୍ରତ୍ୟେକ ଦିନ ଅନ୍ତତଃ କିଛି ସମୟ କୌଣସି ନା କୌଣସି ନିଃସ୍ୱାର୍ଥପର କାର୍ଯ୍ୟଲାଗିହିଁ ଅତିବାହିତ କରିବାକୁ ପଡ଼ିବ । ପ୍ରତ୍ୟେକ ଦିନ ଆମେ ଏପରି କିଛି କାର୍ଯ୍ୟ କରିବା, ଯାହାକି ଅନ୍ୟମାନଙ୍କ ଲାଗି ଉପକାରୀ ହୋଇଥିବ ।

'oaob.nitrkl.ac.in' images reprocessed

ଠିକ୍ ଯେଉଁ ଅସଲ କାର୍ଯ୍ୟଟି କରିବା ଲାଗି ଆମେ ଅଭିପ୍ରେତ ହୋଇ ଆସିଛୁ, ସେଇଟିକୁ ଯଥାର୍ଥ ଭାବରେ ଜାଣିବାକୁ ସମର୍ଥ ହେବା ପର୍ଯ୍ୟନ୍ତ ଆମକୁ ଅସ୍ଥାୟୀ ଭାବରେ ନିଜ ଲାଗି ଏପରି ଗୋଟିଏ କାର୍ଯ୍ୟ ଆଦରି ନେବାକୁ ହେବ, ଯାହାକି ଆମର ବର୍ତ୍ତମାନ ସାମର୍ଥ୍ୟ ଓ ସଦିଚ୍ଛାଗୁଡ଼ିକୁ ଯଥାସମ୍ଭବ ଅଧିକ ପ୍ରକୃଷ୍ଟ ଭାବରେ ଅଭିବ୍ୟକ୍ତ କରିଦେଇ ପାରୁଥିବ ।

ତା'ପରେ ଆମେ ଏହି କାର୍ଯ୍ୟଟିକୁ ବିବେକ ଏବଂ ଅଧ୍ୟବସାୟ ସହିତ କରିବାରେ ଲାଗିଥିବା । ଏହା ହୁଏତ କେବଳ ଏକ ମଧ୍ୟବର୍ତ୍ତୀ ସୋପାନ ମାତ୍ର, ଏବଂ ଆମର ଆଦର୍ଶ ତଥା ଆମ ଶକ୍ତିଚୟ ଅଧିକ ଅଗ୍ରଗତି କରିବା ସଙ୍ଗେସଙ୍ଗେ ଆମେ ଯେ ନିଃସନ୍ଦେହ ଭାବରେ ଆମ ଦ୍ୱାରା ସମ୍ପନ୍ନ ହେବାକୁ ରହିଥିବା କର୍ତ୍ତବ୍ୟଟିକୁ ମଧ୍ୟ ଅଧିକ ପରିଷ୍କାର ଭାବରେ ପ୍ରତ୍ୟକ୍ଷ କରିପାରିବା, ସେହି କଥାଟିକୁ ଆମେ ଭଲ କରି ମନେ ରଖିଥିବା । ନିଜଠାରୁହିଁ ସବୁକଥାର ଉତ୍ତର ଖୋଜିବାର ଅଭ୍ୟାସଟିକୁ ଆମେ ଯେତିକି ଅଧିକ ପରିମାଣରେ ପରିତ୍ୟାଗ କରିପାରିବା ଏବଂ ଅଧିକରୁ ଅଧିକ ଶ୍ରଦ୍ଧା ସହିତ ଏବଂ ଅଧିକ ପରିପୂର୍ଣ୍ଣ ଭାବରେ ଆପଣାକୁ ଏହି ପୃଥିବୀ ତଥା ଏହି ମଣିଷଙ୍କ ଲାଗି ଯେତିକି ଉତ୍ସର୍ଗ କରିଦେଇ ପାରୁଥିବା, ଆମର ଦିଗ୍‌ବଳୟଗୁଡ଼ିକ ମଧ୍ୟ ସେତିକି ସେତିକି ପ୍ରସାରିତ ହୋଇ ଯାଉଥିବ, ଆମର କର୍ତ୍ତବ୍ୟଗୁଡ଼ିକ ସେତିକି ସଂଖ୍ୟାଧିକ ଏବଂ ସ୍ପଷ୍ଟ ବି ହୋଇ ଯାଉଥିବ ।

ତା'ପରେ ଆମେ ଦେଖିବାକୁ ପାଇବା ଯେ ଆମର କାର୍ଯ୍ୟଟି ଅଗ୍ରଗତିର ଏକ ସାଧାରଣ ଧାରା ଅନୁସରଣ କରିବାରେ ଲାଗିଲାଣି ଏବଂ ଆମର ସ୍ୱକୀୟ ଏବଂ ବିଶିଷ୍ଟ ଅନ୍ତଃସ୍ଥିତି ଦ୍ୱାରା ବି ନିରୂପିତ ହେବାକୁ ଆରମ୍ଭ କଲାଣି ।

ଆମ କାର୍ଯ୍ୟଟିର ନିର୍ଦ୍ଦିଷ୍ଟ ସ୍ୱରୂପଟି ସମ୍ବନ୍ଧରେ ସଚେତନ ହେବା ପୂର୍ବରୁ ଆମେ ଯେତେବେଳେ ଯେଉଁ କାର୍ଯ୍ୟକୁ ଗ୍ରହଣ କରୁଥିବା, ସେତେବେଳେ ସେଗୁଡ଼ିକ ବସ୍ତୁତଃ ସେହି ଗୋଟିଏ ଦିଗକୁହିଁ ଗତି କରୁଥିବେ, ଏକା ପ୍ରକାରର ହୋଇଥିବେ, ଏକା ଧରଣର ବି ହୋଇଥିବେ; ଏବଂ ସେହି ଦିଗ ଏବଂ ପ୍ରକାରଟି ଆମର ଚରିତ୍ର, ଆମର ସ୍ୱଭାବ ଓ ଆମ ନିଜର ବିଶିଷ୍ଟ ସ୍ପନ୍ଦନଟିକୁ ଅବଶ୍ୟ ସୂଚାଇ ଦେଇ ଯାଉଥିବ ।

ଏହି ପ୍ରବୃତ୍ତି ଏବଂ ଏହି ବିଶେଷ ଦିଗ୍‌ବିନ୍ୟାସର ଆବିଷ୍କାରଟି ନ୍ୟାୟତଃ ବେଶ୍ ସ୍ୱାଭାବିକ ଭାବରେହିଁ ଘଟିବ; ତାହା ରୁଚି ଏବଂ ମୁକ୍ତ ନିର୍ବାଚନ ଉପରେହିଁ ସର୍ବଦା ନିର୍ଭର କରିବ, ବାହାରର ଯାବତୀୟ ସ୍ୱାର୍ଥପ୍ରଣୋଦିତ ବିଗ୍ରହ ଏଇଟିକୁ ଆଦୌ କୌଣସି ପ୍ରକାରେ ପ୍ରଭାବିତ କରୁ ନ ଥିବ ।

ଅନେକ ଲୋକ ସେମାନଙ୍କର ସାମର୍ଥ୍ୟଗୁଡ଼ିକ ସହିତ କୌଣସି ସଙ୍ଗତି ରଖୁ ନ ଥିବା ଏକ କାର୍ଯ୍ୟପନ୍ଥାକୁ ନିଜ ପାଇଁ ବାଛିବାକୁ ଯାଉଥିବାରୁ ସେମାନଙ୍କୁ

'oaob.nitrkl.ac.in' images reprocessed

ଅନେକ ସମୟରେ ଦୋଷ ଦିଆ ଯାଇଥାଏ । ମୁଁ ଭାବୁଛି, ଏହି କ୍ଷେତ୍ରରେ ବୁଦ୍ଧି-ବାଦର କିଛିଟା ଭ୍ରାନ୍ତି ବି ରହିଥାଏ ।

ଯେଉଁ ବ୍ୟକ୍ତିମାନେ ସମ୍ପୂର୍ଣ୍ଣ ମୁକ୍ତ ଭାବରେ ମନୋମତ କାର୍ଯ୍ୟଟିକୁ ସମ୍ପାଦିତ କରିବାକୁ ଯାଆନ୍ତି, ମୋ' ମତରେ ସେମାନେ କଦାପି ଭୁଲ୍ ବାଟରେ ଯାଆନ୍ତି ନାହିଁ । ସେମାନେ ଯେଉଁ କାର୍ଯ୍ୟଟିକୁ କରୁଥାନ୍ତି, ତାହା ଅବଶ୍ୟ ସେମାନଙ୍କର ସ୍ୱକୀୟ ବିଶେଷ ପ୍ରବୃତ୍ତିଟିରହିଁ ଅଭିବ୍ୟକ୍ତ ହୋଇ ରହିଥାଏ । ମାତ୍ର ସେମାନେ ହୁଏତ ଏହି ଭୁଲ୍‌ଟିକୁ କରନ୍ତି ଯେ ସେମାନେ ପ୍ରାୟ ଏକାବେଳକେହିଁ କାର୍ଯ୍ୟଟିକୁ ସମ୍ପୂର୍ଣ୍ଣ ଏବଂ ସମଗ୍ର ଭାବରେ ତାହାର ସକଳ ଗଭୀରତା ସହିତ ସମ୍ପନ୍ନ କରିନେବାକୁ ଇଚ୍ଛା କରନ୍ତି, ସର୍ବୋପରି ବାହ୍ୟ କ୍ଷେତ୍ରଟିରେ ମଧ୍ୟ ସେଇଟିକୁ ଗୋଟାସୁଦ୍ଧା ହାସଲ କରିନେବେ ବୋଲି ମନ କରିଥାନ୍ତି । ସେମାନେ ସର୍ବଦା ଏହି କଥାଟିକୁ ଭୁଲି ଯାଇଥାନ୍ତି ଯେ ସେମାନେ ସ୍ୱୟଂ ଅପୂର୍ଣ୍ଣ ହୋଇ ରହିଥିବାରୁ କାର୍ଯ୍ୟଟି ବିଷୟରେ ସେମାନଙ୍କର କଳ୍ପନା ମଧ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଥାଏ, ତେଣୁ ସେହି କ୍ଷେତ୍ରରେ ଏହାହିଁ ବିଜ୍ଞତାର କାର୍ଯ୍ୟ ହେବ ଯେ, ଯେଉଁ କାର୍ଯ୍ୟଟିକୁ ସେମାନେ କରିବା ଲାଗି ଇଚ୍ଛା କରୁଛନ୍ତି, ସେହି ବିଷୟରେ ସେମାନଙ୍କର ଯେଉଁ ଜ୍ଞାନଟି ରହିଛି, ତାହା ସହିତ, ବର୍ତ୍ତମାନ ମୁହୂର୍ତ୍ତରେ ପ୍ରକୃତରେ ଯେତିକି କରିବା ସକାଶେ ସେମାନଙ୍କର ସାମର୍ଥ୍ୟ ରହିଛି, ସେଇଟି ସହିତ ସମ୍ବନ୍ଧ ରଖିଥିବା ଅପେକ୍ଷାକୃତ ଅଧିକ ତାତ୍କାଳିକ ଏବଂ ବ୍ୟାବହାରିକ ଜ୍ଞାନଟିକୁ ମଧ୍ୟ ଯୋଗ କରି ରଖିବାକୁ ପଡ଼ିବ ।

ଏହି ଦୁଇଟିଯାକ ଦିଗକୁ ଏକାଠି ବିଚାର କରି ସେମାନେ କାର୍ଯ୍ୟଟିକୁ ଯଦି କରିବାକୁ ଯିବେ, ତେବେ ତଦ୍ୱାରା ସେମାନଙ୍କର ସମୟ ଓ ଶକ୍ତିର ଆଦୌ କୌଣସି ଅନାବଶ୍ୟକ ଅପଚୟ କଦାପି ଘଟିବ ନାହିଁ ।

ମାତ୍ର ଅତ୍ୟନ୍ତ କମ ସଂଖ୍ୟକ ବ୍ୟକ୍ତି ଏତେ ଅଧିକ ଅନ୍ତଃଦୃଷ୍ଟି ଏବଂ ବିଜ୍ଞତାର ସହିତ କୃତକୃ କାର୍ଯ୍ୟ କରିଥାନ୍ତି । ଏବଂ, ଅନେକ ସମୟରେ ଏପରି ମଧ୍ୟ ଘଟିଥାଏ ଯେ ଯିଏ ଆପଣାର ବାଟଟିକୁ ଖୋଜି ବାହାରିଥାଏ, ସିଏ ଜନ୍ମୋକ୍ତି ଦୁଇଟି ଗାତ ମଧ୍ୟରୁ ପ୍ରାୟ ଗୋଟିକ ଭିତରେ ଯାଇ ପଡ଼ିଥାଏ :

ସେ ହୁଏତ ଭ୍ରମରେ ପଡ଼ି ନିଜର ବାସନାଗୁଡ଼ାକୁହିଁ ଗୋଟାଏ ଗୋଟାଏ ସତ୍ୟ ବୋଲି ବିଚାର କରେ, ଅର୍ଥାତ୍ ସିଏ ନିଜର ବର୍ତ୍ତମାନ ଶକ୍ତି ଏବଂ ସାମର୍ଥ୍ୟର କଳନା କରିବାକୁ ଯାଇ ସେଥିରେ ଗୁଡ଼ାଏ ଅତିରଞ୍ଜନ ଆଣି ଭର୍ତ୍ତି କରିଦିଏ, ଏବଂ କଳ୍ପନା କରିବାରେ ଲାଗିଥାଏ ଯେ ସଙ୍ଗେସଙ୍ଗେହିଁ ଏପରି ଏକ ସ୍ଥାନ ଦଖଲ କରି ସିଏ ଏପରି ଏକ ଭୂମିକା ଗ୍ରହଣ କରିପାରିବ, ଯାହାକୁ କି ସେ ପ୍ରକୃତରେ

'oaob.nitrkl.ac.in' images reprocessed

ଅନେକ ବର୍ଷର ବ୍ୟଧିକ ଏବଂ ଅବିଚ୍ଛିନ୍ନ ପ୍ରୟାସ ଫଳରେ ସନ୍ତୋଷଜନକ ଭାବରେ କରି ପାରିଥାନ୍ତି ।

ଅଥବା, ଆପଣ ଭିତରେ ଅନ୍ତର୍ନିହିତ ହୋଇ ରହିଥିବା ଶକ୍ତିଗୁଡ଼ିକରେ ସିଏ ଆଦୌ ଯଥେଷ୍ଟ କଳନା କରି ପାରେ ନାହିଁ ଏବଂ ଆପଣାର ଶରୀରଗତ ଯାବତୀୟ ଅଭିପ୍ରାୟ ସତ୍ତ୍ୱେ ସିଏ ଏପରି ଗୋଟିଏ କାର୍ଯ୍ୟ ମଧ୍ୟରେ ଆପଣାକୁ ସୀମାବଦ୍ଧ କରି ରଖେ, ଯାହାକି ତା'ର ସାମର୍ଥ୍ୟଗୁଡ଼ିକ ତୁଳନାରେ ଅତ୍ୟନ୍ତ ଅଳ୍ପ ଓ ନିମ୍ନସ୍ତରୀୟ ହୋଇ ରହିଥାଏ । ତାହା ଫଳରେ, ଯେଉଁ ଆଲୋକଟି ଅନ୍ୟମାନଙ୍କ ସକାଶେ ମଧ୍ୟ ବାଟ ଦେଖାଇ ପାରିଥାନ୍ତା, ସେଇଟି ତାହା ମଧ୍ୟରେ କ୍ରମଶଃ ନିଭିନିଭି ଯାଏ ।

ଏହିସବୁ ପ୍ରମାଦରୁ ରକ୍ଷା ପାଇବା ଏବଂ ସ୍ୱରସାମ୍ୟଯୁକ୍ତ ମଧ୍ୟମ ପନ୍ଥାଟିକୁ ଖୋଜି ପାଇବା ପ୍ରଥମେ ପ୍ରକୃତରେ ଭାରି କଷ୍ଟକର ବୋଲି ମନେ ହୋଇଥାଏ ।

କିନ୍ତୁ ଏପରି ଗୋଟିଏ ସଙ୍କେତକ ରହିଛି, ଯାହାକି ଆମକୁ ନିଶ୍ଚିତ ଭାବରେ ବାଟ ଦେଖାଇ ଦେଇପାରି ପାରିବ ।

ସବୁଠାରୁ ବଡ଼ କଥା ହେଉଛି ଯେ, ଆମେ ଯାହାକିଛି କାର୍ଯ୍ୟ କରିବା, ସେଇଟି ଆପଣାକୁ ଜାହିର କରି ରଖିବା ଉଦ୍ଦେଶ୍ୟରେ କଦାପି କରାଯାଇ ନ ଥିବ । ଯଦି ଆମେ ଖ୍ୟାତି ଓ ଗୌରବ ଲାଗି ଲାଳାୟିତ ରହିଥିବା, ଆମ ସମସାମୟିକମାନେ ଆମକୁ ସମ୍ମାନ ଦେଖାନ୍ତୁ ବୋଲି ଯଦି ଆମର ଆସକ୍ତି ରହିଥିବ, ତେବେ ଆମେ ଏତେ ଟିକିଏ ଅବସର ପାଇବା ମାତ୍ରକେ ସେଗୁଡ଼ିକର ଦୌରାତ୍ମ୍ୟ ଲାଗିହିଁ ବାଟ ଛାଡ଼ିଦେବା । ଏବଂ, ଯଦି ଆମେ ଆତ୍ମସ୍ତୁତି ଲାଗିହିଁ ସୁଯୋଗ ଖୋଜିବାରେ ଲାଗିଥିବା, ତେବେ ଆମେ ପ୍ରକୃତରେ ଯାହା ନୋହୁଁ, ଅତ୍ୟନ୍ତ ସହଜରେ ନିଜକୁ ସେଇଆ ବୋଲି ଦେଖାଇ ଦେବାରେ ଲାଗିଥିବା । ଏବଂ, ଆମ ଭିତରେ ରହିଥିବା ଆଦର୍ଶଟିକୁ ଅସ୍ପଷ୍ଟ ଓ ଆଢ଼ୁଆଳ କରି ରଖିବା ଲାଗି ଏହାହିଁ ସବୁଠାରୁ ଅଧିକ ସମର୍ଥ ବୋଲି ସାବ୍ୟସ୍ତ ହୋଇଯିବ ।

ପ୍ରକାଶ୍ୟ ଭାବରେ ହେଉ ବା ପରୋକ୍ଷ ଭାବରେ ହେଉ, ଆମେ କଦାପି ନିଜ ପାଖରେ ଏପରି କହିବାକୁ ଚେଷ୍ଟା କରିବା ନାହିଁ, "ମୁଁ ପ୍ରକୃତରେ ଜଣେ ବଡ଼ ମଣିଷ ହେବାକୁ ଇଚ୍ଛା କରୁଛି; ତେବେ ଜଣେ ବଡ଼ ମଣିଷ ହେବା ଲାଗି ବର୍ତ୍ତମାନ ମୁଁ କେଉଁ କାର୍ଯ୍ୟଟିକୁ ନିଜର କାର୍ଯ୍ୟ ବୋଲି ଗ୍ରହଣ କରିବ ?"

ଓଲଟି ଆମେ ନିଜକୁ ବରଂ ଏପରି କହୁଥିବା, "ଏପରି କିଛି କାର୍ଯ୍ୟ ଅବଶ୍ୟ ରହିଛି, ଯାହାକୁ କି ମୁଁ ଅନ୍ୟ ସମସ୍ତଙ୍କ ଅପେକ୍ଷା ଅଧିକ ଭଲଭାବରେ କରିପାରିବ; କାରଣ, ମର୍ମତଃ ଆମ ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ ଥିବା ଦିବ୍ୟ ସାମର୍ଥ୍ୟର ତଥାପି

'oaob.nitrkl.ac.in' images reprocessed

ଆମ ପ୍ରତ୍ୟେକଙ୍କ ମଧ୍ୟଦେଇ ଆପଣାକୁ ପ୍ରକଟ କରିବାର ଏକ ବିଶେଷ ଧାରା ମଧ୍ୟ ରହିଛି । ସେହି କାର୍ଯ୍ୟଟି ଯେତେ ନ୍ୟୂନ ଏବଂ ଅଳ୍ପ ହୋଇଥାଉ ପଛକେ, ଠିକ୍ ଏହି କାର୍ଯ୍ୟଟି ଲାଗିହିଁ ମୁଁ ଆପଣାକୁ ଉତ୍ସର୍ଗୀକୃତ କରି ରଖିବି ; ଏବଂ ସେହି କାର୍ଯ୍ୟଟି ଯେ କ'ଣ, ତାହା ଜାଣିବାକୁ ସମର୍ଥ ହେବା ଲାଗି ମୁଁ ମୋର ରୁଚି, ପ୍ରବୃତ୍ତି ଓ ଅଭିରୁଚିଗୁଡ଼ିକୁ ଭଲକରି ପର୍ଯ୍ୟବେକ୍ଷଣ ଏବଂ ବିଶ୍ଳେଷଣ କରି ଦେଖିବି । ଏହି ପର୍ଯ୍ୟବେକ୍ଷଣ ଏବଂ ବିଶ୍ଳେଷଣର କାର୍ଯ୍ୟଟିକୁ ମଧ୍ୟ ଆଦୌ କୌଣସି ଗର୍ବ ନ ରଖି ଏବଂ ପୂର୍ବସଂସ୍କାରମୁକ୍ତ ନମ୍ରତାର ସହିତ କରିବି । ଅନ୍ୟମାନେ ଯିଏ ଯେପରି ଭାବନ୍ତୁ ପଛକେ, ମୁଁ ଯେତିକି ସ୍ୱାଭାବିକ ଭାବରେ ନିଃଶ୍ୱାସ ଗ୍ରହଣ କରୁଛି, ଯେତିକି ସ୍ୱାଭାବିକ ଭାବରେ ବାସନା ଫୁଲଟିର ବାସନା ପ୍ରକଟ ହୋଇପାରୁଛି, ମୁଁ ସେତିକି ସହଜ ଓ ସ୍ୱାଭାବିକ ଭାବରେ ସେହି କାର୍ଯ୍ୟଟିକୁ କରିବି । କାରଣ ଏହାହିଁ ମୋର କାର୍ଯ୍ୟ ଏବଂ ମୁଁ ଅନ୍ୟ କୌଣସି ପ୍ରକାରରେ ଏହି କାର୍ଯ୍ୟଟିକୁ କରିପାରିବି ନାହିଁ ।"

ହୁଏତ ଗୋଟାଏ ମୁହୂର୍ତ୍ତ ସକାଶେ ହେଲେ ମଧ୍ୟ, ଆମେ ଯେତେବେଳେ ଆମ ଭିତରୁ ଅହଂକେନ୍ଦ୍ରିତ ସକଳ ବାସନା, ଯାବତୀୟ ବ୍ୟକ୍ତିଗତ ଏବଂ ସ୍ୱାର୍ଥପର ଅଭିପ୍ରାୟକୁ ବିଲୁପ୍ତ କରିଦେଇ ପାରିବା, ସେତେବେଳେ ଆମେ ଅତରେ ଏହି ଅନ୍ତର୍ଗତ ସ୍ୱତଃପ୍ରେରିତତା ପାଖରେ ଆପଣାକୁ ନେଇ ଅର୍ପଣ କରିଦେଇ ପାରିବା, ଏହି ଗଭୀର ଅଭୀପ୍ସାଟି ପାଖରେ ନିଜକୁ ନେଇ ଉତ୍ସର୍ଗ କରିପାରିବା, ଯାହାକି ଆମକୁ ବିଶ୍ୱର ଜୀବନ ଏବଂ ପ୍ରଗତିଶୀଳ ଯାବତୀୟ ଶକ୍ତି ସହିତ ସଂଯୋଗସ୍ଥାପନ କରିବାକୁ ସମର୍ଥ କରିଦେଇ ପାରିବ ।

ଆମେ ନିଜେ ଅଧିକରୁ ଅଧିକ ତ୍ରୁଟିରହିତ ହୋଇ ପାରୁଥିବା ସଙ୍ଗେ ସଙ୍ଗେ ଆମ କାର୍ଯ୍ୟଟି ସମ୍ବନ୍ଧରେ ଆମର ଧାରଣାଟି ମଧ୍ୟ ନିଶ୍ଚିତ ଭାବରେ ଅଭିବୃଦ୍ଧି ଲାଭ କରୁଥିବ ; ଏବଂ ଏହି ଉତ୍ତରୋତ୍ତର ଭାବରେ ବୃଦ୍ଧି ପାଉଥିବା ତ୍ରୁଟିହୀନତାଟିକୁ ହାସଲ କରିବା ଲାଗି ଆପଣାର ଅହଙ୍କାରିତ ସୀମାଗୁଡ଼ିକୁ ଅତିକ୍ରମ କରିବା ଲାଗି ଆମର କୌଣସି ଉଦ୍ୟମରେ ଆଦୌ କୌଣସି ତ୍ରୁଟି ରହିବ ନାହିଁ । ମାତ୍ର ଯେଉଁ କାର୍ଯ୍ୟଟିକୁ ଆମେ ହାତକୁ ନେଇ କରୁଥିବା, ସେଥିରୁ ଆମକୁ ଯେପରି ଅଧିକରୁ ଅଧିକ ଆନନ୍ଦ ମଧ୍ୟ ମିଳୁଥିବ ଓ ସେଇଟିକୁ କରିବାରେ ଆମେ ଅଧିକରୁ ଅଧିକ ସ୍ୱତଃସ୍ଫୂର୍ତ୍ତିତା ମଧ୍ୟ ଅନୁଭବ କରି ପାରୁଥିବା । ସ୍ୱଚ୍ଛ ଶୁଦ୍ଧ କୌଣସି ଝରଣାରୁ ଜଳ ଉତ୍ସାରିତ ହୋଇ ଆସୁଥିବା ପରି ଆମେ ସେହି ସ୍ୱତଃସ୍ଫୂର୍ତ୍ତିତାକୁ ଅନୁଭବ କରି ପାରୁଥିବା ।

'oaob.nitrkl.ac.in' images reprocessed

୨୧ ମଇ ୧୯୧୨

କୌଣସି ଅବ୍ୟକ୍ତଙ୍କ କାର୍ଯ୍ୟ ଲାଗି ଆପଣାକୁ ସମର୍ପିତ କରିବାକୁ ଗଲାବେଳେ ଆମ ଭିତରେ ସବୁଠାରୁ ବଡ଼ ପ୍ରତିବନ୍ଧକ ହୋଇ କ'ଣ ରହିଥାଏ ?

ସବୁଠାରୁ ଅଧିକ ସାଧାରଣ ଦୃଷ୍ଟିରୁ ବିଚାର କରି ଦେଖିଲେ, ଯେଉଁ କାରଣରୁ ଆମେ ଆମର କାର୍ଯ୍ୟଟିକୁ କରିବାକୁ ଚାହୁଥାଉ, ପ୍ରତିବନ୍ଧକଟିକୁ ସେହି କାରଣଟିରୁ ଅଲଗା କରି ପ୍ରାୟ ଆଦୌ ଦେଖି ହୁଏ ନାହିଁ । ସେହି ପ୍ରତିବନ୍ଧକଟି ହେଉଛି ଯେ, ସ୍ଥୂଳ ବସ୍ତୁଜଡ଼ ଏହି ଅବସ୍ଥାରେ ପ୍ରକୃତରେ ଭାରି ତ୍ରୁଟିପୂର୍ଣ୍ଣ ହୋଇ ରହିଛି ।

ଆମେ ନିଜେ ଯେତେବେଳେ ଏକ ତ୍ରୁଟିପୂର୍ଣ୍ଣ ଉପାଦାନ ଦ୍ୱାରା ଗଠିତ ହୋଇ ରହିଛୁ, ସେତେବେଳେ ସେହି ତ୍ରୁଟିପୂର୍ଣ୍ଣତା ସହିତ ଆମକୁ ଅବଶ୍ୟ ଭାଗୀଦାର ହୋଇ ରହିବାକୁ ପଡ଼ିବ ।

ସେହି କାରଣରୁ, ଆମ ଅନ୍ତର୍ଗତ ସତ୍ତାର କ୍ଷେତ୍ରଟି ଯେତେ ଅଧିକ ମାତ୍ରାରେ ବି ତ୍ରୁଟିହୀନ, ସଚେତନ ବା ଜ୍ଞାନସମ୍ପନ୍ନ ହୋଇଥିଲେ ମଧ୍ୟ, ତାହାକୁ ଏକ ସ୍ଥୂଳ ଶରୀର ମଧ୍ୟରେହିଁ, ରୂପଗ୍ରହଣ କରିବାକୁ ପଡ଼ୁଥିବାରୁହିଁ, ଅଭିବ୍ୟକ୍ତିର ବିଶୁଦ୍ଧତାଟିର କ୍ଷେତ୍ରରେ ତାହାହିଁ ପ୍ରତିବନ୍ଧକ ହୋଇ ରହିଥାଏ । ଏବଂ, ଅନ୍ୟପକ୍ଷରେ, ଏହିସବୁ ପ୍ରତିବନ୍ଧକ ଉପରେ ବିଜୟ ଘୋଷଣା କରିବାହିଁ ସେହି ଅଭିବ୍ୟକ୍ତିର ଲକ୍ଷ୍ୟ ହୋଇ ରହିଥାଏ, ଜଡ଼ ମଧ୍ୟରେ ଏକ ରୂପାନ୍ତର ଘଟାଇବାହିଁ ତାହାର ଲକ୍ଷ୍ୟ ହୋଇ ରହିଥାଏ । ତେଣୁ, ଆମ ଭିତରେ ନାନା ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ୁଛି ବୋଲି ଆମର ଆଦୌ ବିସ୍ମିତ ହେବା ଉଚିତ ନୁହେଁ, ଦୁଃଖ କରିବା ମଧ୍ୟ ଉଚିତ ନୁହେଁ; କାରଣ ଏହି ପୃଥିବୀରେ ରହିଥିବା ପ୍ରତ୍ୟେକ ସତ୍ତାକୁ ଅବଶ୍ୟ ଅନେକ ପ୍ରତିବନ୍ଧକ ଅତିକ୍ରମ କରି ଆଗକୁ ଯିବାକୁ ପଡ଼ିବ ।

ଏହି ତ୍ରୁଟିପୂର୍ଣ୍ଣତାର କାରଣଟି ଆମକୁ ଦୁଇଟି କାରଣରୁ ହୁଏତ ବେଶି ଦୃଷ୍ଟିଗୋଚର ବି ହୋଇପାରିବ, — ଗୋଟିଏ ହେଉଛି ସାଧାରଣ କାରଣ, ଅନ୍ୟଟି ବ୍ୟକ୍ତିଗତ କାରଣ ।

'oaob.nitrkl.ac.in' images reprocessed

ସାଧାରଣ କାରଣଟି ଉପରେ ବିଗ୍ଭର କରି ଦେଖିଲେ ଜଡ଼ର ମଧ୍ୟରେ ଯେଉଁସବୁ ଅଧିକ ସୂକ୍ଷ୍ମଶକ୍ତିର ଅଭିବ୍ୟକ୍ତ ହେବାକୁ ରହିଛି, ଜଡ଼ ମଧ୍ୟରେ ସେଗୁଡ଼ିକ ଲାଗି ଯଥେଷ୍ଟ ଗ୍ରହଣଶୀଳତାର ଅଭାବ ରହିଥିବାରୁହିଁ ଜଡ଼ ଏପରି ତ୍ରୁଟିପୂର୍ଣ୍ଣ ଓ ଅନୁପଯୁକ୍ତ ହୋଇ ରହିଛି । ମାତ୍ର ଏହି ଗ୍ରହଣଶୀଳତାର ଅଭାବଟି ପଛରେ ମଧ୍ୟ ଅନେକ କାରଣ ରହିଛି, ଏବଂ ସେଗୁଡ଼ିକର ବିଶ୍ଳେଷଣ କରି ବସିଲେ ଆମକୁ ଆମ ଅସଲ ବିଷୟଟିକୁ ଛାଡ଼ି ଅନେକ ଦୂର ଗ୍ଭଲିଯିବାକୁ ପଡ଼ିବ । ପୁନଶ୍ଚ, ମୁଁ ଏପରି ମଧ୍ୟ ଭାବୁଛି ଯେ, ଆମର ଯାବତୀୟ ବିଶ୍ଳେଷଣ ଦ୍ୱାରା ଆମେ ସର୍ବଶେଷରେ ଯାହା ଦେଖିବାକୁ ପାଇବା, ଆମେ ନିଜକୁ ଜଣେ ବ୍ୟକ୍ତି ହିସାବରେ ଏକାବେଳକେ ବିଚ୍ଛିନ୍ନ କରି ଦେଖିବାର ଯେଉଁ ଭ୍ରମଟି କରୁଛୁ, ଯାବତୀୟ ଅସୁବିଧା ପ୍ରକୃତରେ ସେଇଥିରୁହିଁ ନିଷ୍ପନ୍ନ ହେଉଛି; ଅର୍ଥାତ୍ ଗୋଟିଏ ବସ୍ତୁ ସମଗ୍ରଟିଠାରୁ ଯେ ପୃଥକ୍ ଭାବରେ ଆପଣାର ପ୍ରତିଷ୍ଠା ଲାଭ କରିପାରିବ, ଆମ ପ୍ରମାଦଗୁଡ଼ିକ ଠିକ୍ ସେଇଥିରୁହିଁ ଜନ୍ମଲାଭ କରୁଛି ।

ଆମର ପରିଚିତ ଏହି ବିଶ୍ୱଭୁବନଟି ସୃଷ୍ଟି ହେବା ନିମନ୍ତେ ଏହି ଭ୍ରମଟିର ଯେଉଁ ପ୍ରୟୋଜନଟି ରହିଛି, ସେଇଟି ବିଷୟରେ କେହି ଯେପରି ଅତିଗୁଡ଼ାଏ କୌଣସି କଳ୍ପନା କରି ନ ବସନ୍ତୁ, ମୁଁ ସେଥିଲାଗି ସମ୍ପୂର୍ଣ୍ଣ ଭାବରେ ଏହି ପୃଥିବୀ ଏବଂ ମନୁଷ୍ୟର ଦୃଷ୍ଟିକୋଣରୁହିଁ ବର୍ତ୍ତମାନ ସେହି ପ୍ରଶ୍ନଟିର ଆଲୋଚନା କରିବି ।

ଗୋଟିଏ ସତ୍ତା ସମଗ୍ର ସତ୍ତାଠାରୁ ଯେ ଭିନ୍ନ, ଏହିପରି ଏକ ଭ୍ରମ ଦ୍ୱାରା ଆମ ଭିତରେ ଦୁଇଗୋଟି ପ୍ରବୃତ୍ତିର ଉନ୍ମେଷ ଘଟିଥାଏ ।

ସମଗ୍ର ସହିତ ଏକାତ୍ମତା ଅର୍ଜନ କରିବା ଲାଗି ରହିଥିବା ଏକ ପ୍ରୟୋଜନରୁ ପ୍ରଥମ ଭ୍ରମଟି ଉତ୍ପନ୍ନ ହୋଇଥାଏ । ମାତ୍ର ନିଜର ବ୍ୟକ୍ତିସତ୍ତା ବିଷୟରେ ଆମ ଭିତରେ ଯେଉଁ ଭ୍ରମଟି ରହିଥାଏ, ତାହାର ଦ୍ୱାରା ପରିଗ୍ଭଳିତ ହୋଇ ପ୍ରତ୍ୟେକ ବ୍ୟକ୍ତି ଏହି ଏକାତ୍ମତାଟିକୁ କେବଳ ଆପଣା ଭିତରକୁ ଆତ୍ମସାତ୍ କରିବା ଅର୍ଥରେହିଁ କଳ୍ପନା କରିଥାଏ ଏବଂ ଅଳ୍ପବହୁତ ପରିମାଣରେ ସ୍ୱୟଂ ସେହି ସମଗ୍ରଟିର କେନ୍ଦ୍ର ହୋଇ ରହିବ ବୋଲି ଆଶା ବାନ୍ଧି ରହିଥାଏ । ତାହାର ଫଳସ୍ୱରୂପ, ତା'ର ବୌଦ୍ଧିକ ଅଥବା ଶାରୀରିକ ବଳର ଅନୁପାତ ଅନୁସାରେ, ଅବିଶ୍ରାନ୍ତ ଭାବରେ ନିଜର ସେହି ବ୍ୟକ୍ତିତ୍ୱଟିର ବୃଦ୍ଧି ଉଦ୍ଦେଶ୍ୟରେହିଁ ସିଏ ତା'ର ଚେତନା ମଧ୍ୟରେ ରହିଥିବା ପ୍ରତ୍ୟେକ ବସ୍ତୁକୁ ଆପଣା ଭିତରକୁ ଟାଣି ଆଣିବା ଲାଗି ତତ୍ପର ହୋଇ ରହିଥାଏ ।

ପ୍ରତ୍ୟେକ ବସ୍ତୁ ବିଷୟରେ ସଚେତନତା ଲାଭ କରିବା,—ମୂଳତଃ ଯଥାର୍ଥ ବୋଲି କୁହାଯାଇ ପାରୁଥିବା ଏକ ବାସନାରୁ ତାହା ଜନ୍ମଲାଭ କରିଥାଏ, ମାତ୍ର

'oaob.nitrkl.ac.in' images reprocessed

ଆପଣାକୁ ବ୍ୟକ୍ତ କରିବାର କ୍ଷେତ୍ରରେ ତାହା ଅତ୍ୟନ୍ତ ଅଜ୍ଞାନତାର ପ୍ରମାଣ ହୁଏ; କାରଣ, ସକଳ ବସ୍ତୁ ସମ୍ବନ୍ଧରେ ସଚେତନ ହେବା ଲାଗି ଯଦି ପ୍ରକୃତରେ କୌଣସି ପଥ ରହିଥାଏ, ତେବେ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ସବୁକିଛିକୁ ଆପଣା ମଧ୍ୟକୁ ଟାଣିଆଣିବା ଦ୍ୱାରା କଦାପି ସେହି ସଚେତନତା ସମ୍ଭବ ହେବ ନାହିଁ । କାରଣ ଏହା ଏକ ଅସମ୍ଭବ କଥା ଏବଂ ଏହାର ଉପଲବ୍ଧି କଦାପି ହୋଇ ପାରିବ ନାହିଁ । କେବଳ ସମଗ୍ରର ଚେତନାଟି ସହିତ ଆପଣାର ଚେତନାଟିକୁ ଏକାତ୍ମକ କରି ରଖିବା ଦ୍ୱାରାହିଁ ତାହା ସମ୍ଭବ ହେବ; ଏବଂ ସେଥିଲାଗି ଠିକ୍ ବିପରୀତ କ୍ରିୟା ଏବଂ ବିପରୀତ ଦୃଷ୍ଟିକୋଣଟିରହିଁ ପ୍ରୟୋଜନ ରହିଛି ।

ଦ୍ୱିତୀୟ ପ୍ରବୃତ୍ତିଟିକୁ ଆମେ ପ୍ରଥମଟିର ଏକ ସାଧାରଣ ପରିଣାମ ବୋଲି କହିପାରିବା । ଏହି ପ୍ରବୃତ୍ତିଟି ଅନ୍ତରଙ୍ଗ ଭାବରେ ରକ୍ଷଣଶୀଳ ହୋଇ ରହିଥିବା ଏକ ସ୍ୱଭାବରେ ପ୍ରକାଶ ପାଏ, ଏଥିରେ ବ୍ୟକ୍ତିର ସମଗ୍ର ପ୍ରକୃତିଟି ଗୋଟିଏ ଜାଗାରେ ସତେଅବା ଗଣ୍ଡି ପକାଇ ବସି ଯାଇଥାଏ । ବୌଦ୍ଧିକ, ନୈତିକ ଏବଂ ଶାରୀରିକ ଚିନ୍ତୋଟିଯାକ ସ୍ତରବର କ୍ଷେତ୍ରରେହିଁ ତାହା କାର୍ଯ୍ୟକାରୀ ହେଉଥାଏ । ଏବଂ, ବିଶ୍ୱପ୍ରଗତିର ବିଧାନଟି ସହିତ ସମଞ୍ଜସତା ରକ୍ଷା କରି ଆମର ଯେତିକି ତ୍ୱରାରେ ଆପଣାକୁ ରୂପାନ୍ତରିତ କରିବା କଥା, ସେତିକି ତ୍ୱରା ସହିତ ସେଇଟିକୁ କରିପାରିବା ସେହି କାରଣରୁ ଏକାନ୍ତ ଅସମ୍ଭବ ହୋଇପଡ଼େ ।

ଏହି କ୍ଷେତ୍ରରେ ମନେହୁଏ, ସମଗ୍ରଟି ସହିତ ଆପଣାର ଏକ ଅତ୍ୟନ୍ତ ମୁକ୍ତ ଏବଂ ବୃହତ୍ ଆଦାନ ପ୍ରଦାନ ଲାଗି ପ୍ରୋତ୍ସାହନ ଦେଲେ କାଳେ ସେ ଅନ୍ୟମାନଙ୍କଠାରୁ ଯଥେଷ୍ଟ ଭିନ୍ନ ପ୍ରକାରର ହୋଇ ରହି ନ ପାରିବ, ବ୍ୟକ୍ତିର ମନରେ ସେହି ବିଷୟରେ ସତେଅବା ଏକ ଆଶଙ୍କା ଭରି ରହିଥାଏ ।

ପୁନଶ୍ଚ, ସବୁକିଛିକୁ ନିଜ ଭିତରକୁ ଆତ୍ମସାତ୍ କରିନେବାର ବାସନାରୁ ଏବଂ ବିଶ୍ୱଭୁବନରେ ଆମେ ପ୍ରକୃତରେ କୌଣସି ନା କୌଣସି ବସ୍ତୁର ମାଲିକ ହୋଇ ରହିବାର ବିଶ୍ୱାସ କରିବାର ଭ୍ରମଟି ହେତୁ କୌଣସି ଏକ ଜାଗାରେ ଗଣ୍ଡିଟିଏ ପକାଇଦେଇ ବସି ରହିବାର ପ୍ରମାଦଟି ଆସି ଉପସ୍ଥିତ ହୋଇଥାଏ । ଆମେ ଭାବି ନେଇଥାଉ ଯେ ଯେଉଁସବୁ ଉପାଦାନ ଦେଇ ଆମେ ଗଢ଼ା ହୋଇଛୁ, ସେଗୁଡ଼ାକ ହେଉଛି ଆମ ନିଜର । ସଚେତନ ଭାବରେ ହେଉ ଅଥବା ଅଚେତନ ଭାବରେ ହେଉ, ଆମେ ସେଗୁଡ଼ିକୁ ଆମ ନିଜ ପାଇଁହିଁ ନିଜ ହାତମୁଠା ଭିତରେ ଧରି ରଖିବାକୁ ଇଚ୍ଛା କରୁ ଏବଂ ଅନ୍ୟ ପକ୍ଷରେ, ଆମେ ଯୁଗପତ୍ ଭାବରେ ଅନ୍ୟ ନାନା ଉପାଦାନକୁ ମଧ୍ୟ ଆମ ନିଜ ଭିତରକୁ ଆକର୍ଷିତ କରି ଆଣି ସେଗୁଡ଼ିକ ସହିତ କିଛି ଯୋଗ କରିବା ଲାଗି ବି ଇଚ୍ଛା କରୁଥାଉ । ମାତ୍ର, ଆମେ ଏକଥାଟିକୁ

'oaob.nitrkl.ac.in' images reprocessed

ବେଶ୍ ଭୁଲଯାଉ, କୌଣସିଠାରେହିଁ କୌଣସି ପ୍ରକୃତ ବିଚ୍ଛିନ୍ନତା ନ ଥିବାରୁହିଁ, ଆମେ କିଛୁ ଦେଇ ନ ପାରିବା ପର୍ଯ୍ୟନ୍ତ ଆମକୁ ପ୍ରକୃତରେ କିଛୁହେଲେହିଁ ପ୍ରାପ୍ତ ହେବ ନାହିଁ ।

ତେଣୁ ସୃଷ୍ଟି ମଧ୍ୟରେ ଆମକୁ ଗୋଟିଏ କଡ଼ି ହୋଇ ରହିବାକୁ ପଡ଼ିବ : ଆପଣାର ପାର୍ଶ୍ୱବର୍ତ୍ତୀ ଅନ୍ୟ କଡ଼ିମାନଙ୍କର ବିଲୋପସାଧନ କରି ଗୋଟିଏ କଡ଼ି କଦାପି ଅଧିକ ବଡ଼ ହୋଇ ପାରିବ ନାହିଁ । ମାତ୍ର ଆପେ ଗ୍ରହଣ କରିଥିବା ସ୍ରୋତଟିକୁ ବିସ୍ତାର ସହିତ ଅନ୍ୟମାନଙ୍କ ମଧ୍ୟକୁ ସଞ୍ଚାର କରିଦେଇ ପାରିଲେ ତାହା ନିଶ୍ଚୟ ଆଉ ଗୋଟିଏ ସ୍ରୋତକୁ ଗ୍ରହଣ କରି ପାରିବ; ଏବଂ ଯେତିକି ଦ୍ରୁତ ସହିତ ଓ ଯେତିକି ସମ୍ପୂର୍ଣ୍ଣ ଭାବରେ ତାହା ସେଇଟିକୁ ଆଗକୁ ସଞ୍ଚାରିତ କରିଦେଇ ପାରିବ, ତାହା ସେତିକି ଅଧିକ ପରିମାଣରେହିଁ ବୃହତ୍ତର ସଖ୍ୟକ ଶକ୍ତି ତଥା ବସ୍ତୁର ସମ୍ପର୍କରେ ମଧ୍ୟ ଆସି ପାରିବ, ସେତିକି ଅଧିକ ଶକ୍ତିକୁ ବ୍ୟବହାର କରି ପାରିବ ଓ ବ୍ୟକ୍ତ କରିଦେଇ ପାରିବ । ଏବଂ ଏହିପରି ଭାବରେ ଅଳ୍ପ ଅଳ୍ପ କରି ଖାସ୍ ଆପଣା ଲାଗି ଆଦୌ କିଛୁ ଗ୍ରହଣ ନ କରି ଏବଂ ଜାବୁଡ଼ି ନ ରଖି, ପ୍ରତ୍ୟେକ ବସ୍ତୁ ସହିତ ସମ୍ପର୍କବଦ୍ଧ ହୋଇ ତାହା ସକଳ ବସ୍ତୁ ବିଷୟରେ ସଚେତନତା ଲାଭ କରିପାରିବ ।

ଏହି କ୍ଷେତ୍ରରେ ସାଧାରଣତଃ ଯେଉଁସବୁ ଆପତ୍ତିର ଉତ୍ଥାପନ ହୋଇପାରିବ, ସେଗୁଡ଼ିକୁ ଅନୁମାନ କରି ମୁଁ ଏହି ଅଧିକ କେତୋଟି କଥା କହି ରଖୁଛି :

ଯେତେବେଳେ ମୁଁ ଏକ ପୃଥକ୍ ବ୍ୟକ୍ତିସତ୍ତାର ଭ୍ରମ ବିଷୟରେ କହୁଛି, ସେତେବେଳେ ମୁଁ ଏହି କଥାଟିକୁ ଆଦୌ ଅସ୍ୱୀକାର କରୁ ନାହିଁ ଯେ ପ୍ରତ୍ୟେକ ବ୍ୟକ୍ତିର ଅପଣାକୁ ପ୍ରକାଶିତ କରିବାର କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଧାରା ଓ ସ୍ଥିତ ଅବଶ୍ୟ ରହିଛି । କିନ୍ତୁ ପୃଥକ୍ ଧାରା ଓ ସ୍ଥିତ ରହିଛି ବୋଲି ତାହା ବିଭକ୍ତ ଓ ଅଲଗା ହୋଇ ରହିଛି ବୋଲି କଦାପି ବୁଝାଯିବ ନାହିଁ ।

ପ୍ରତ୍ୟେକଟି କଡ଼ିର ଯଦି ଅଲଗା ଅଲଗା କ୍ରିୟା ନିରୂପିତ ହୋଇ ରହି ନ ଆନ୍ତା, ତେବେ ସୃଷ୍ଟି ମଧ୍ୟରେ ଅସୁମାରି ଭାବରେ ଏତେଗୁଡ଼ିଏ କଡ଼ି ବା ରହିଥାନ୍ତା କାହିଁକି ?

ବର୍ତ୍ତମାନ ପ୍ରଥମଟିର ପରିପୂରକ ଭାବରେ ଏଠାରେ ମୋତେ ଆଉଗୋଟିଏ ତୁଳନା ବି ଦେବାକୁ ପଡ଼ିବ ; କାରଣ କେବଳ ଗୋଟିଏ ତୁଳନାକୁ କଦାପି ସମ୍ପୂର୍ଣ୍ଣ ବୋଲି କହି ହେବ ନାହିଁ ।

ଆମେ ଯଦି ଆପଣାକୁ ଏକ ବିରାଟ ଜୀବନ୍ତ ଶରୀରର ଗୋଟିଏ ଗୋଟିଏ କୋଷରୂପେ କଳ୍ପନା କରି ପାରିବା, ତେବେ ଆମେ ସଙ୍ଗେ ସଙ୍ଗେ ଏକଥା ମଧ୍ୟ

'oaob.nitrkl.ac.in' images reprocessed

ବୁଝି ପାରିବା ଯେ, ସମଗ୍ର ଶରୀରଟିର ବଞ୍ଚିରହିବା ଉପରେ ତା' ନିଜର ବଞ୍ଚିରହିବା ନିର୍ଭରଶୀଳ ହୋଇ ରହିଥିବା ଗୋଟିଏ କୋଷ କେବଳ ଆପେ ମଧ୍ୟ ଲୁପ୍ତ ହୋଇଯିବାର ଆଶଙ୍କାଟିକୁ ରଖିହିଁ ଶରୀରଟିଠାରୁ ଆପଣାକୁ ଅଲଗା କରି ନେଇ ପାରିବ । ଏବଂ ତଥାପି, ସେହି କୋଷଟିର ସମଗ୍ର ଶରୀରଟି ମଧ୍ୟରେ ଆପଣାର ସ୍ୱକୀୟ ସ୍ୱତନ୍ତ୍ର ଭୂମିକାଟିକୁ ମଧ୍ୟ ନିଶ୍ଚୟ ଗ୍ରହଣ କରିବାକୁ ପଡ଼ିଥିବ ।

ମାତ୍ର ଠିକ୍ ଏହି ଭୂମିକାଟି ଆମର ସତ୍ତା ଭିତରେ ଅତ୍ୟନ୍ତ ଗଭୀର ଭାବରେ ସ୍ୱତଃସ୍ଫୂର୍ତ୍ତ ହୋଇହିଁ ରହିଥାଏ । ସେଇଟି ଆବିଷ୍କାର କରିପାରିବା ଲାଗି ଏକ ଅହଂପ୍ରେରିତ ବ୍ୟକ୍ତିତ୍ୱ-ପ୍ରତିଷ୍ଠାର ମୋଟେ କୌଣସି ପ୍ରୟୋଜନ ନ ଥାଏ । ବରଂ, ଏକ ଅବ୍ୟକ୍ତିକ କାର୍ଯ୍ୟରେ ଆମେ ନିଜକୁ ଯେତିକି ସମ୍ପୂର୍ଣ୍ଣ ଭାବରେ ନିୟୋଜିତ କରି ଦେଇପାରୁ, ଆମ ଭିତରେ ସେହି ଭୂମିକାଟି ତଦ୍ୱାରା ସେତିକି ଅଧିକ ବଳ ଏବଂ ସେତିକି ଅଧିକ ସ୍ପଷ୍ଟତା ଅର୍ଜନ କରିଥାଏ । ମାତ୍ର ଖାସ୍ ଏହି ଭୂମିକାଟିରେହିଁ ଆମର ଯଥାର୍ଥ ବ୍ୟକ୍ତିତ୍ୱ ଓ ବ୍ୟକ୍ତିଭାବ ନିହିତ ହୋଇ ରହିଛି, କାରଣ, ପ୍ରତ୍ୟେକ ବସ୍ତୁ ତଥା ପ୍ରତ୍ୟେକ ମନୁଷ୍ୟଙ୍କ ମଧ୍ୟରେ ଏକ ଓ ଅବିଭକ୍ତ ଭାବରେ ଅବସ୍ଥିତ ରହିଥିବା ସେହି ଦିବ୍ୟ ପରମ ମୌଳିକତାକୁ ବ୍ୟକ୍ତ କରି ଆଣି ପାରିବା ଲାଗି ଏହାହିଁ ଆମର ସ୍ୱତନ୍ତ୍ର ପଦ୍ଧତି ଓ ରୀତି ବୋଲି ବୁଝାଯାଇ ପାରିବ ।

'oaob.nitrkl.ac.in' images reprocessed

୨୮ ମଇ ୧୯୫୦

ମୋ' ମନୋକ୍ଷେତ୍ରର କେଉଁ ଅସୁବିଧାଟିକୁ ମୁଁ ନିଜ ଅନୁଭୂତି ଦ୍ୱାରାହିଁ ସବୁଠାରୁ ଅଧିକ ଭଲ ଭାବରେ ଅଧ୍ୟୟନ କରି ପାରିବି ?

ଆମ ପ୍ରତ୍ୟେକଙ୍କ ଭିତରେ ଏପରି ଗୋଟିଏ ଗୋଟିଏ ଅସୁବିଧା ରହିଥାଏ, ଯାହାକୁହିଁ ଅନ୍ୟ ସବୁଗୁଡ଼ିକ ତୁଳନାରେ ଅଧିକ କେନ୍ଦ୍ରସ୍ଥଳୀୟ ବୋଲି କୁହାଯାଇ ପାରିବ । ଏହି ଜଗତରେ ଜଣେ ଜଣେ ବ୍ୟକ୍ତି ହିସାବରେ ଆମ ପ୍ରତ୍ୟେକଙ୍କର ଯେଉଁ ଭୂମିକାଟିକୁ ଗ୍ରହଣ କରିବାର ଥାଏ, ଏହି ଅସୁବିଧାଟି ଆପେକ୍ଷିକ ଭାବରେ ସେହି ଆଲୋକଟିରହିଁ ଛାଇ ହୋଇ ରହିଥାଏ । ଆଲୋକଟି ଅଧିକରୁ ଅଧିକ ଘନତାଯୁକ୍ତ, ଉଜ୍ଜ୍ୱଳ ଏବଂ ଶକ୍ତିଶାଳୀ ହୋଇ ସମଗ୍ର ସତ୍ତାଟି ଉପରକୁ କ୍ରମପ୍ରସାରିତ ହୋଇ ଯାଉଥିବା ସଙ୍ଗେ ସଙ୍ଗେ ସେହି ଛାଇଟି ମଧ୍ୟ କ୍ରମେ କ୍ରମେ ହ୍ରାସ ହୋଇ ଆସୁଥାଏ ।

ଏହି ଅସୁବିଧାଟି ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ଏକ ଅଲଗା ପ୍ରକାରର ଅସୁବିଧା, ଏବଂ ମୁଁ ଭାବୁଛି, ତାହାହିଁ ଆମର ସକଳ ଦୃଷ୍ଟି ଓ ସକଳ ପ୍ରୟାସକୁ ନିୟୋଜିତ କରି ପାରୁଥିବା ଉଚିତ । କାରଣ ଯେତେବେଳେ ଆମେ ଆମ ନିଜକୁ ନିରୀକ୍ଷଣ କରି ଦେଖିବାର ରୀତିଟିକୁ ଶିଖିଯିବା, ତେବେ ଆମେ ଏହି କଥାଟିକୁ ମଧ୍ୟ ଦେଖିବାକୁ ପାଇବା ଯେ, ଆମର ପଥରେ ପ୍ରତିବନ୍ଧକ ହୋଇ ଠିଆ ହୋଇ ପାରିବାର ଅନ୍ୟ ସବୁକିଛୁ ପଛରେହିଁ ସେଇଟି ପ୍ରକୃତରେ ଅସଲ ମୂଳ ହୋଇ ରହିଛି ।

ତେଣୁ ଆଜି ସନ୍ଧ୍ୟାରେ ମୁଁ ସଂକ୍ଷିପ୍ତ ଭାବରେ ଏହି ପ୍ରକାରର ଗୋଟିଏ ଅସୁବିଧାର ଆଲୋଚନା କରିବି ।

କେତେକ ବ୍ୟକ୍ତିଙ୍କ ମଧ୍ୟରେ ଅତିରିକ୍ତ ପରିମାଣରେ ଏକ ସ୍ପର୍ଶସଚେତନତା ରହିଛି, ଏବଂ ସେଇଟି ବାହ୍ୟ କ୍ଷେତ୍ରରେ ନିଜକୁ ପ୍ରକଟ କରି ନ ପାରିଥିବା ସମୟରେ ପ୍ରକୃତରେ ଅଧିକ ତୀବ୍ର ହୋଇ ରହିଥାଏ ।। ଏହି ସ୍ପର୍ଶସଚେତନତାକୁ ଆମେ ସଂବେଦନଶୀଳ ସ୍ୱଭାବସୁଲଭ ଏକ ସ୍ପର୍ଶସଚେତନତା ବୋଲି କହିବା ।

'oaob.nitrkl.ac.in' images reprocessed

ଏକ ଅତ୍ୟନ୍ତ-ସ୍ୱଳ୍ପ ଶକ୍ତିଯୁକ୍ତ ଉପାଦାନରୁହିଁ ସାଧାରଣତଃ ଏହାର ଉତ୍ପତ୍ତି ହୋଇଥାଏ । ଯାହା ଅତିଶୟ ପରିମାଣରେ ବୁଦ୍ଧି ଦ୍ୱାରା ପ୍ରଭାବିତ ହୋଇ ପଡ଼ିଥାଏ ସତ, ମାତ୍ର ବୁଦ୍ଧି ପ୍ରଭାବିତ ହେବାର ସେହି ମାତ୍ରାଟିର ଅନୁପାତରେ ଆଦୌ ସେତେଦୂର ଏକ ଅଧ୍ୟାତ୍ମ ସୋପାନକୁ ଉନ୍ନୀତ ହୋଇ ପାରି ନ ଥାଏ ।

ବିବର୍ତ୍ତନର ଏହି ସୋପାନଟିରେ ସତ୍ତା ଆପଣାକୁ ଅର୍ପଣ କରିଦେବା ଲାଗି ପ୍ରସ୍ତୁତ ଥାଏ, କାରଣ ତାହା ଆପଣା ବିଷୟରେ ଏକ ସଚେତନତା ଲାଭ କରି ସାରିଥାଏ ; ମାତ୍ର, ଏକ ବ୍ୟକ୍ତିତ୍ୱ ଧାରଣ କରି ରହିବାର ପ୍ରବୃତ୍ତିଟି ଦ୍ୱାରା ପ୍ରଭାବିତ ହୋଇ ଏବଂ ଆପଣାକୁ ବୁଦ୍ଧି ଦ୍ୱାରା ପ୍ରଭାବିତ କରି ରଖିବାର ପର୍ଯ୍ୟାୟଟି ମଧ୍ୟ ଦେଇ ଯାଇଥିବାରୁ ସିଏ କେବଳ ଆଗ ଆପଣା ସହିତ ସମ୍ବନ୍ଧିତ କରିହିଁ ସବୁକିଛିକୁ ବିଚାର କରିବାରେ ଅଭ୍ୟସ୍ତ ହୋଇ ପଡ଼ିଥାଏ ଏବଂ ଆପଣାକୁ ଏକ ସ୍ୱତନ୍ତ୍ର ଅସଂଲଗ୍ନ ବ୍ୟକ୍ତିସତ୍ତା ବୋଲି ଭାବିବାର ଭ୍ରମଟିକୁ ନେଇ ପ୍ରାୟ ଶେଷସୀମା ପର୍ଯ୍ୟନ୍ତ ଚାଲିଯାଇଥାଏ ।

ଏଣୁ, ନିଜକୁ ସକ୍ରିୟ ରହିବାର ନ ଦେଖିବା ତା' ଲାଗି ଅନେକ ସମୟରେ ଭାରି କଷ୍ଟସାଧ୍ୟ ହୋଇପଡ଼େ, ସେ ଆପେ ଅନୁଭବ କରୁଛି ତଥା ଭାବୁଛି ବୋଲି ନ ଦେଖିବାଟା ମଧ୍ୟ ଭାରି କଷ୍ଟକର ହୋଇଯାଏ । ଏବଂ, ଏହାର ଫଳସ୍ୱରୂପ, ତା' ମଧ୍ୟରେ ସ୍ୱତଃସ୍ଫୂର୍ତ୍ତିତାର ଏକ ଅଭାବ କ୍ରମେ ପରିଲକ୍ଷିତ ହୁଏ ଓ ତାହା ପ୍ରାୟ ଏକ ନିଷ୍ପ୍ରାଣତାରେ ହିଁ ପର୍ଯ୍ୟବସିତ ହୋଇଯାଏ ।

ଆପଣାର ଏହି ଅତିରିକ୍ତ ସ୍ପର୍ଶସଚେତନତାରେ ସତ୍ତା ବେଶ୍ ପୁଲକ ଅନୁଭବ କରୁଥାଏ ; ଏକ ଅତ୍ୟନ୍ତ ସୂକ୍ଷ୍ମ ଯନ୍ତ୍ରରୂପେ ସେ ଅତ୍ୟନ୍ତ ଚମତ୍କାର ଭାବରେ ଏତେଟିକିଏ ସ୍ପନ୍ଦନରେ ମଧ୍ୟ ନିଜକୁ ଅନୁସ୍ପନ୍ଦିତ କରି ପକାଉଥାଏ । ତା'ର ପ୍ରକୃତରେ ଯାହା କରିବା ଉଚିତ, ସେହି ଦୃଷ୍ଟିରୁ ନିଜକୁ ଆପଣା ଭିତରୁ ବାହାରକୁ କାଢ଼ି ନ ନେଇ ଏବଂ ଆପଣାର ନିଜ ସ୍ୱତନ୍ତ୍ର ସତ୍ତାଟିକୁ ଭୁଲି ନ ଯାଇ ସିଏ ନିଜେ ନିଜ ଭିତରକୁ ପ୍ରତ୍ୟାହୃତ ହୋଇ ଚାଲିଯାଏ, ଏବଂ ତା'ପରେ କେବଳ ନିଜକୁହିଁ ପର୍ଯ୍ୟବେକ୍ଷଣ କରିବାରେ ଲାଗିଥାଏ । ନିଜରହିଁ ବିଶ୍ଳେଷଣ କରୁଥାଏ ଏବଂ ନିଜର ସକଳ ମନନକୁ କେବଳ ନିଜର ବେଢ଼ାଟି ମଧ୍ୟରେ ସୀମାବଦ୍ଧ କରି ରଖିଥାଏ ।

ଏହିପରି ଭାବେ ଅନୁଶୀଳନ କରାଯାଉଥିବା ହେତୁ ଏକ ସଂବେଗପ୍ରଧାନ ଭାବମୟତାହିଁ ବୃଦ୍ଧି ପାଇବାରେ ଲାଗିଥାଏ । ତାହା ଆପଣାକୁ ଅଧିକରୁ ଅଧିକ ପରିମାଣରେ ତୀକ୍ଷ୍ଣ ଏବଂ ବିଶୋଧିତ କରିବାରେ ଲାଗିଥାଏ । ଏବଂ ସାଧାରଣ ଜୀବନ କ୍ଷେତ୍ରରେ ଦୁଃଖ ସହିବାର ଅବସରଗୁଡ଼ିକ ସୁଖ ଅନୁଭବ କରିବାର ଅବସରଗୁଡ଼ିକ ଅପେକ୍ଷା ଅଧିକ ସମୟରେ ଆସୁଥିବାରୁ, ଭାବସଂବେଗର ଏହିସବୁ

'oaob.nitrkl.ac.in' images reprocessed

ସଂସ୍ପୃଶୀଳତାକୁ ଅନୁଭବ ଏବଂ ଅଧ୍ୟୟନ କରିବାର ପ୍ରୟୋଜନଟିରେ ମଧ୍ୟ ଏକ ନୂତନ ପ୍ରବୃତ୍ତି ଆସି ଦେଖାଦିଏ, ଦୁଃଖ ସହ୍ୟ କରିବା ସକାଶେ ଏକ ରୁଚିଗତ ଆକାଂକ୍ଷା ଜନ୍ମଲାଭ କରେ, ଯଥାର୍ଥତଃ ତାହା ଏପରି ଏକ ଭାବାବେଶମୟ ବିକାରରେ ପରିଣତ ହୁଏ, ଯାହାକୁକି ଦୁଃଖ ସହ୍ୟ କରିବାର ମାଧ୍ୟମରେ କେବଳ ଏକ ସ୍ୱାର୍ଥାନ୍ୱେଷିତା ବ୍ୟତୀତ ଆଉ କିଛିହେଲେ କୁହାଯିବ ନାହିଁ. ତାହା ଯେତେ ବିଶୋଧିତ ଭାବରେ ଆପଣାକୁ ସଂଗୁପ୍ତ କରି ରଖିଥିଲେହେଁ ଯାହାକୁ ଅତ୍ୟନ୍ତ ଅନିଷ୍ଟକାରୀ ଗୋଟିଏ ପ୍ରକାରର ଅହଂକେନ୍ଦ୍ରିକତା ବ୍ୟତୀତ ଆଉ କିଛିହେଲେ କଦାପି କୁହାଯିବ ନାହିଁ ।

ତୁମେ ଜୀବନରେ ଯେଉଁ କାର୍ଯ୍ୟଟିକୁ ହାସଲ କରିବାକୁ ଇଚ୍ଛା କରୁଛ, ଯାହାକୁ ତୁମ ଜୀବନର ଲକ୍ଷ୍ୟରୂପେ ଗ୍ରହଣ କରିଛ, ଯେତେବେଳେ ଅନ୍ୟମାନଙ୍କର ଦୁଃଖକୁ ତୁମେ ନିଜ ଆଡ଼କୁ ଆକର୍ଷିତ କରିନେଇ, ସେଗୁଡ଼ାକୁ ନିଜେ ଆଦରିନେଇ ତାହାଙ୍କୁ ଏକ ସମଞ୍ଜସତାରେ ପରିଣତ କରିଦେବାକୁହିଁ ନିଜ ଜୀବନର ଲକ୍ଷ୍ୟ କରି ରଖ ଏବଂ ତାହାକୁହିଁ ଏକ ଅନ୍ତଃପ୍ରଣୋଦିତ ମାତ୍ର ତଥାପି ଅଯଥାର୍ଥ ସ୍ତରରେ ରହିଥିବା ଏକ ବୋଧରେ ପରିଣତ କରି ଦୁଃଖ ସହ୍ୟ କରିବାର ଏହି ପ୍ରୟୋଜନଟି ସହିତ ନେଇ ଯୋଡ଼ି ମିଶାଇ ଦିଅ, ତେବେ ବ୍ୟାବହାରିକ କ୍ଷେତ୍ରରେ ତା'ର ପରିଣାମଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ବିପଜ୍ଜନକ ହେବାକୁ ଆରମ୍ଭ କରେ ।

କିନ୍ତୁ ପ୍ରକୃତ କଥା ହେଉଛି ଯେ, ଅପର ପକ୍ଷରେ ଏହି ଜ୍ଞାନ ଯଥାର୍ଥରେ ଭାରି ଅସମ୍ପୂର୍ଣ୍ଣ ହୋଇ ରହିଥାଏ, କାରଣ ତୁମେ ଏହି କଥାଟିକୁ ଆଦୌ ଜାଣି ନ ଥାଅ ଯେ, କାହାର ଦୁଃଖ ବାହାରକୁ ଯେତେ ଯନ୍ତ୍ରଣାଦାୟକ ବୋଧ ହେଉଥିଲେ ମଧ୍ୟ, ସେଥିରେ କୌଣସି ପ୍ରକାର ଆତୁର ଓ ଆକୁଳ ହୋଇ ନ ପଡ଼ିବା । ଆପଣା ଭିତରେ କୌଣସି ପ୍ରକାର ଯନ୍ତ୍ରଣାବୋଧକୁ ସ୍ଥାନ ନ ଦେବା ବା ତୁମ ନିଜର ସ୍ଥିରତା ଏବଂ ପ୍ରଶାନ୍ତିରେ ଆଦୌ କୌଣସି ବ୍ୟାଘାତ ସୃଷ୍ଟି ନ କରିବାକୁହିଁ ଅନ୍ୟମାନଙ୍କର ଦୁଃଖର ଲାଘବ କରିବାର ଓ ଏହି ସଂସାରରେ କିଞ୍ଚିତ୍ ଦୁଃଖର ନିରାକରଣରେ ସହାୟକ ହେବାର ଏକମାତ୍ର ଉପାୟ ବୋଲି ଗ୍ରହଣ କରାଯାଇ ପାରିବ । ପୁନଶ୍ଚ ତୁମେ ଯେଉଁ କାର୍ଯ୍ୟଟିର ସମ୍ପାଦନ କରିବାକୁ ଯାଉଛ, ସେଇଟି ମଧ୍ୟ ବ୍ୟକ୍ତିକେନ୍ଦ୍ରିକତାର ନାନା ଭ୍ରମ ଦ୍ୱାରା ଆଚ୍ଛନ୍ନ ହୋଇ ରହିଥାଏ । ତେଣୁ ସବୁଯାକ ଦୁଃଖ ଓ ଯନ୍ତ୍ରଣାକୁ ନିଜ ଉପରକୁ ଟାଣି ଆଣିଲେ କଦାପି ଦୁଃଖର ନିରାକରଣ ହେବ ନାହିଁ, କାରଣ ଏପରି କରି ତୁମେ କଦାପି ସମୁଦାୟ ଦୁଃଖର ନିରାକରଣ କରିପାରିବ ନାହିଁ । ଏହି ନିରାକରଣର ପ୍ରକୃତ ଉପାୟ ହେଉଛି ଯେ ସମସ୍ତଙ୍କ ଭିତରେ ଥିବା ସକଳ ଦୁଃଖ ସହିତ ତୁମେ ଏକ ଏକାତ୍ମକତା ଅର୍ଜନ

'oaob.nitrkl.ac.in' images reprocessed

କରିବ, ସେହି ଦୁଃଖଟି ମଧ୍ୟରେ ଓ ଦୁଃଖୀ ବ୍ୟକ୍ତିମାନଙ୍କ ଭିତରେ ତୁମେ ଆଲୋକ ଏବଂ ପ୍ରେମର ଏକ ବୀଜ ପ୍ରାପ୍ତ ହୋଇ ରହିଥିବ । ତାହାହିଁ ଏକ ଗଭୀର ବୋଧଶକ୍ତିର ଉଦ୍‌ଗମ କରାଇ ଆଣିବ, ଆଶା, ବିଶ୍ୱାସ ଏବଂ ଶାନ୍ତିର ଉନ୍ମେଷ କରାଇ ଆଣିବ ।

ଏହି କଥାଟିକୁ ଉତ୍ତମରୂପେ ବୁଝି ନ ପାରିଥିବା ପର୍ଯ୍ୟନ୍ତ ତୁମ ସତ୍ତାମଧ୍ୟରେ ତ୍ୟାଗର ବୋଧଟିକୁ ଅନୁଭବ କରିବାର ଏକ ଆକାଙ୍‌କ୍ଷା ସବୁବେଳେ ଜୀଇଁକରି ରହିଥିବ, ଏବଂ, ଏଥିଲାଗି ଗୋଟିଏ ସୁଯୋଗ ଆସି ପହଞ୍ଚିଯିବା ମାତ୍ରକେ, ଏଇଟି ବିଷୟରେ ତୁମେ ଆସକ୍ତିରହିତ ହୋଇପାରି ନ ଥିବାରୁ ଏବଂ ଏହି ତ୍ୟାଗଟି ଲାଗି ତୁମର ପ୍ରକୃତିରେ ଏକ ବାସନା ରହିଥିବାରୁ, ତାହା ଏକ ଭାବପ୍ରବଣତା ଏବଂ ଅବିବେକିତାରେ ପରିଣତ ହୋଇଯିବ, ଏବଂ ସେଥିରୁ ଏପରି ଅସମ୍ଭବ ପ୍ରମାଦମାନ ଜନ୍ମଲାଭ କରିବ, ଯାହାର ପରିଣାମ ଅନେକ ସମୟରେ ଭାରି ଭୟାବହ ହୋଇ ପଡ଼ିବ । କୌଣସି କାର୍ଯ୍ୟ କରିବା ପୂର୍ବରୁ ସେବିଷୟରେ ଚିନ୍ତା କରିବାର ଏକ ଅଭ୍ୟାସ ତୁମର ରହିଥିଲେ ମଧ୍ୟ, କାର୍ଯ୍ୟଟିକୁ କରିବା ପୂର୍ବରୁ ତୁମର ଏହି ଚିନ୍ତାଟି ମଧ୍ୟ ପ୍ରୟୋଜନତଃ ପୂର୍ବାଗ୍ରହଯୁକ୍ତ ହୋଇ ରହିଥିବ । କାରଣ, ଦୁଃଖ ଅନୁଭବ କରିବା ପାଇଁ ତୁମ ଭିତରେ ରହିଥିବା ଏକ ଆଗ୍ରହ ଦ୍ୱାରା, ଏକ ଯନ୍ତ୍ରଣାଦାୟକ ତ୍ୟାଗସ୍ୱୀକାରକୁ ଆଣି ତୁମ ନିଜ ଉପରେ ଲଦି ଦେବାର ଏକ ସୁଯୋଗ ଲାଭ କରିବାର ବାସନାଟି ଦ୍ୱାରାହିଁ ତୁମର ଯାବତୀୟ ଚିନ୍ତା ଆଗରୁ ଆଚ୍ଛନ୍ନ ହୋଇ ରହିଥିବ ।

ତେଣୁ, ସଚେତନ ଭାବରେ ହେଉ ବା ନ ହେଉ, ଅନ୍ୟମାନଙ୍କର ମଙ୍ଗଳ ଲାଗି ଆପେ କୌଣସି ତ୍ୟାଗସ୍ୱୀକାର କରିବା ପରିବର୍ତ୍ତେ, ତୁମେ ତ୍ୟାଗସ୍ୱୀକାର କରିବାର ସୁଖଟିକୁ ଲାଭ କରିବା ସକାଶେହିଁ ସେହି ତ୍ୟାଗଗୁଡ଼ିକୁ ସ୍ୱୀକାର କରୁଥିବ । ଏହି କଥାଟି ପ୍ରକୃତରେ ଭାରି ନିରର୍ଥକ, ଭାରି ଯୁକ୍ତିହୀନ; ଏବଂ ଏଥିରେ କାହାରି ଆଦୌ କୌଣସି ମଙ୍ଗଳ ହେବ ନାହିଁ ।

କୌଣସି କାର୍ଯ୍ୟର ତାତ୍କାଳିକ ପରିଣାମ କ'ଣସବୁ ହେବ, ସେହି କଥାଟି ନ ଜାଣିବା ପର୍ଯ୍ୟନ୍ତ, ଏବଂ ସମ୍ଭବ ହେଲେ, ଦୂର ଭବିଷ୍ୟତରେ ମଧ୍ୟ ତାହାର ପରିଣାମ କ'ଣ ହେବ, ତାହା ନ ଜାଣିବା ପର୍ଯ୍ୟନ୍ତ, ଏବଂ, ଯେତେ କଷ୍ଟକର ହୋଇଥିଲେ ମଧ୍ୟ, ତଦ୍ୱାରା ଯେ ପରିଶେଷରେ ଏହି ପୃଥିବୀର ସୁଖରେ କିଛିଟା ବୃଦ୍ଧିସାଧନ ହିଁ ହେବ, ସେହି କଥାଟି ଦେଖି ପାରୁ ନ ଥିବା ପର୍ଯ୍ୟନ୍ତ ସେହି କାର୍ଯ୍ୟକୁ କଦାପି ଭଲ କାର୍ଯ୍ୟ ବୋଲି କୁହାଯିବ ନାହିଁ; ସେପର୍ଯ୍ୟନ୍ତ ସେହି କାର୍ଯ୍ୟଟିରେ ହାତ ଦେବା ବି ଉଚିତ ହେବ ନାହିଁ । ମାତ୍ର, କୌଣସି କଥାରେ ଏକ ପ୍ରକୃତିଯୁକ୍ତ ବିସ୍ତର

'oaob.nitrkl.ac.in' images reprocessed

କରିବା ଲାଗି ସମର୍ଥ ହେବା ପୂର୍ବରୁ, କୌଣସି ବ୍ୟକ୍ତିଗତ ଅଗ୍ରରୁଚି ଦ୍ୱାରା ସେହି ବିସ୍ତୃତି ଯେପରି ବ୍ୟାହତ ହୋଇ ନ ପଡ଼େ, ସେକଥା ଅବଶ୍ୟ ଦେଖିବାକୁ ପଡ଼ିବ । ଅର୍ଥାତ୍ ନିଜକୁ ସେଥିଲାଗି ନିରାସକ୍ତ ଓ ନିର୍ଲିପ୍ତ କରି ରଖିବାକୁ ହେବ ।

ଆପଣାର ଅନୁଭବଶକ୍ତିଟିକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରିଦେଇ ଯେଉଁ ନିରାସକ୍ତି ଅର୍ଜନ କରାଯାଏ, ଏଠାରେ ମୋଟେ ସେହି ନିରାସକ୍ତିର କଥା ବୁଝାଯାଉ ନାହିଁ । କିନ୍ତୁ ଅନ୍ୟ ଲାଗି ଦୁଃଖ ସହିବାର ଆଗ୍ରହଟିକୁ ଯେଉଁ ନିରାସକ୍ତି ବିଲୁପ୍ତ କରି ଦେଇପାରିବ, ମୁଁ ଏଠାରେ ତାହାରି କଥା କହୁଛି ।

ଏଥିରୁ ତୁମେମାନେ ଏହିକଥା ବୁଝିବ ଯେ ଅନ୍ତତଃ ଏହି ପ୍ରସଙ୍ଗଟିରୁ ମୁଁ କୌଣସି ଅନୁଭବ ଶକ୍ତି ନ ଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ବହିଷ୍କୃତ କରି ରଖୁଛି; ଯେଉଁମାନେ ଏପରି ଉପାଦାନରେ ଗଢ଼ା ହୋଇଥାନ୍ତି ଯେ ତାହା ତଥାପି ଖୁବ୍ ଅଳ୍ପୋଧିତ ଅବସ୍ଥାରେ ରହିଥାଏ, ଆଦୌ କୌଣସି ଅନୁଭବଶକ୍ତି ତାହା ଭିତରେ ନ ଥାଏ, ଯେଉଁମାନେ କୌଣସି ଦୁଃଖ ସହ୍ୟ କରିବା ଲାଗି ପ୍ରସ୍ତୁତ ବି ହୋଇ ନ ଥାନ୍ତି, ଏବଂ ସେଥିଲାଗି ସେମାନେ କେବେହେଲେ କୌଣସି ଦୁଃଖ ଅନୁଭବ କରନ୍ତି ନାହିଁ । ଏଠାରେ ମୁଁ ସେମାନଙ୍କ କଥା ମୋଟେ କହୁ ନାହିଁ ।

ମାତ୍ର ଯେଉଁମାନେ ଆପଣାର ଅନୁଭବ କରିବା ଶକ୍ତିକୁ ଅନେକ ଦୂର ପର୍ଯ୍ୟନ୍ତ ବିକଶିତ କରି ଆଣିଥାନ୍ତି, ସେମାନଙ୍କ ବିଷୟରେ ଏହି କଥା ବୁଝାଯାଇ ପାରିବ ଯେ ଦୁଃଖ ସହିବା ଲାଗି ସେମାନଙ୍କର ଯେତିକି ଆଗ୍ରହ ରହିଥାଏ, ତାହାହିଁ ସେମାନଙ୍କର ଅପୂର୍ଣ୍ଣତାଟିକୁ ସ୍ପଷ୍ଟ ଭାବରେ ସେତିକି ସୂଚାଇ ଦେଉଥାଏ ।

ବସ୍ତୁତଃ, ଏକ ଯଥାର୍ଥ ଚୈତ୍ୟସ୍ଥ ଜୀବନ ଗୋଟିଏ ସତ୍ତା ଭିତରେ ଏକ ସ୍ଥିରାବସ୍ଥା ଓ ଏକ ପ୍ରସନ୍ନ ପ୍ରଶାନ୍ତି ଦ୍ୱାରାହିଁ ଆପଣାକୁ ଅଭିବ୍ୟକ୍ତ କରି ଦେଉଥାଏ ।

ତେଣୁ, ଦୁଃଖ ଅନୁଭବ କରିବାକୁ ଆରମ୍ଭ କଲେହିଁ ଆମେ ତାହାକୁ ଆମ ଭିତରେ ରହିଥିବା ଏକ ଦୁର୍ବଳତାରହିଁ ନିର୍ଦ୍ଦିଷ୍ଟ ସୂଚନା ବୋଲି ଜାଣିବା; ସେହି ସ୍ଥାନଟି ଯେ ଆମଠାରୁ ଏକ ବୃହତ୍ତର ଆଧ୍ୟାତ୍ମିକ ପ୍ରୟାସ ଲାଗି ଅପେକ୍ଷା କରି ରହିଛି, ଆମେ ସେହି କଥାଟିକୁ ଜାଣିବା ।

ତେଣୁ, ଆମ ଭିତରେ ଦୁଃଖ ପାଇବା ସକାଶେ ଏହି ଯେଉଁ ଆକର୍ଷଣଟି ରହିଛି, ସେଇଟିର ନିରାକରଣ କରିବାକୁ ହେଲେ ଆମକୁ ଆମ ଦୁଃଖଭୋଗଗୁଡ଼ିକ ପଛରେ ରହିଥିବା ବହୁବିଧ କାରଣଗୁଡ଼ିକର ଅବିବେକିତା ଏବଂ କ୍ଷୁଦ୍ର ଅହଙ୍କାରିତାଟିକୁ ମଧ୍ୟ ଭଲକରି ବୁଝିବାକୁ ପଡ଼ିବ ।

ଏବଂ, ତ୍ୟାଗକରିବା ଲାଗି—ଅଧିକାଂଶ ସମୟରେ କେବଳ ତ୍ୟାଗ ପାଇଁହିଁ ତ୍ୟାଗକରିବା ଲାଗି, ତାହାର ପରିଣାମରେ ଆଦୌ କୌଣସି ଉପକାରୀ ଫଳ ମିଳିବ

'oaob.nitrkl.ac.in' images reprocessed

କ ନାହିଁ; ସେଥିଲାଗି କିଛି ବିଗ୍ଭର ନ କରି, --ଆମ ଭିତରେ ଅଚିନ୍ତ୍ୟ ଅତିଶକ୍ତି ଏବଂ ହାସ୍ୟାସ୍ପଦ ଭାବରେ ରହିଥିବା ବାସନାଟିର ନିରାକରଣ କରିବା ସକାଶେ ଆମକୁ ଅବଶ୍ୟ ଏହି କଥାଟିକୁ ବୁଝିରଖିବାକୁ ହେବ ଯେ ଆପଣାର ସ୍ବାର୍ଥସଚେତନତାଟି ଦ୍ୱାରା ଯଦି ଆମକୁ ଯାବତୀୟ ମାନବିକ କଷ୍ଟଭୋଗ ସହିତ ଆପଣାକୁ ସଂଲଗ୍ନ କରି ରଖିବାକୁ ପଡ଼େ, ତେବେ ସେହି ଦୁଃଖଗୁଡ଼ିକର ଉଦ୍‌ଗମ ହେଉ ହେଉହିଁ ସେଗୁଡ଼ିକର ନିରାକରଣ ନିମନ୍ତେ ଆମକୁ ପ୍ରକୃତରେ ଯଥେଷ୍ଟ ପରିମାଣରେ ସଦାସତର୍କ ଏବଂ ବିବେକଶୀଳ ହୋଇ କି ରହିବାକୁ ପଡ଼ିବ । ଆପଣାର ଦୃଷ୍ଟିକୁ ପରିଷ୍କାର କରି ଦେଖିଲେ ଆମେ ଭଲକରି ବୁଝିପାରିବା ଯେ ଏଗୁଡ଼ିକ ବିଶୁଦ୍ଧ ଭାବରେ କେବଳ କଳ୍ପନାପ୍ରସୂତ ବୋଲିହିଁ ଦୃଷ୍ଟିଗୋଚର ହେବ ।

କାରଣ, ଏହି ଦୃଷ୍ଟିରୁ ବିଗ୍ଭରକରି ଦେଖିଲେ, ମନୁଷ୍ୟମାନଙ୍କୁ ସାହାଯ୍ୟ କରିବାର ଏକମାତ୍ର ଉପାୟ ହେଉଛି ଯେ ଆମେ ସେମାନଙ୍କ ଦୁଃଖଭୋଗର ସମ୍ମୁଖରେ ଏକ ଅବିଚଳ ଏବଂ ସ୍ମିତହାସ୍ୟ ପ୍ରଶାନ୍ତିଭାବକୁହିଁ ଉନ୍ମୋଚିତ କରି ଧରିବାକୁ ସମର୍ଥ ହେବା ଏବଂ ସେହି ପ୍ରଶାନ୍ତଭାବକୁହିଁ ଯେକୌଣସି ମନୁଷ୍ୟ ପକ୍ଷରେ ସେହି ପରମ ନୈର୍ବ୍ୟକ୍ତିକ ପ୍ରେମଶକ୍ତିର ଉଚ୍ଚତମ ଅଭିବ୍ୟକ୍ତି ବୋଲି କୁହାଯାଇ ପାରିବ ।

ସର୍ବଶେଷରେ, ମୁଁ ବର୍ତ୍ତମାନ ଯେଉଁ ଦୃଷ୍ଟାନ୍ତଟି ବିଷୟରେ ତୁମମାନଙ୍କୁ କହୁଥିଲି, ଅନ୍ୟାନ୍ୟ ଦୃଷ୍ଟାନ୍ତ ଅପେକ୍ଷା ଏଇଟିର କ୍ଷେତ୍ରରେ ଆହୁରି ଅଧିକ ଭାବରେ, ଆମକୁ ଏକ ଅପରିହାର୍ଯ୍ୟ ସତ୍ୟରୂପେ ସ୍ମରଣ ରଖିବାକୁ ପଡ଼ିବ ଯେ, ଆମର କାର୍ଯ୍ୟ-ଗୁଡ଼ିକରେ ଖାଲି ଆପଣାକୁ ଭୁଲିଗଲେ ଯେ ଯଥାର୍ଥ ନୈର୍ବ୍ୟକ୍ତିକତା ହାସଲ ହୋଇଯିବ, ସେକଥା ଆଦୌ ନୁହେଁ; ଆମେ ଯେ ଆପଣାକୁ ପ୍ରକୃତରେ ଭୁଲିଗଲୁ, ଏହି ବିଷୟରେ ଆଦୌ କୌଣସି ପ୍ରକାରେ ସଚେତନ ନ ହେବାକୁହିଁ ଅସଲ ନୈର୍ବ୍ୟକ୍ତିକତା ବୋଲି କୁହାଯିବ ।

ସଂକ୍ଷେପରେ କହିଲେ, ଯଥାର୍ଥ ଭାବରେ ନୈର୍ବ୍ୟକ୍ତିକ ହୋଇପାରିବାକୁ ହେଲେ, ଆମେ ଯେ କେତେବେଳେ କିପରି ନୈର୍ବ୍ୟକ୍ତିକ ହେଉଛୁ, ସେହି ବିଷୟରେ ଆମର ଆଦୌ କୌଣସି ନଘାହିଁ ରହିବ ନାହିଁ ।

ଏବଂ ତା'ପରେ ସେହି କାର୍ଯ୍ୟଟି ପ୍ରକୃତରେ ଏକ ପ୍ରଶାନ୍ତ ହୃଦୟ ସ୍ୱତଃସ୍ଫୂର୍ତ୍ତିତା ଦ୍ୱାରା ସମ୍ପାଦିତ ହୋଇ ପାରିବ, ଆପଣାର ଯାବତୀୟ ପରିପୂର୍ଣ୍ଣତା ସହିତ ସମ୍ପାଦିତ ହୋଇ ପାରିବ ।

'oaob.nitrkl.ac.in' images reprocessed

୪ ଜୁନ୍ ୧୯୬୦

ଆମ ବୈଠକଗୁଡ଼ିକୁ ଆହୁରି ଅଧିକ ଫଳଦାୟକ କରିବା ପାଇଁ ଆମେ କ'ଣ କରିପାରିବା ?

ଏପରି ଅନେକ ଗୋଷ୍ଠୀ ଅଛନ୍ତି, ଯେଉଁଗୁଡ଼ିକ କି ଗଢ଼ା ହେବାର ପ୍ରାୟ ସଙ୍ଗେ ସଙ୍ଗେ କୁଆଡ଼େ ଭାଙ୍ଗିଯାଆନ୍ତି ଓ ଅନ୍ତର୍ହିତ ହୋଇଯାଆନ୍ତି;— ଦିନେ ଆମେ ସେହିଭଳି ଗୋଷ୍ଠୀଗୁଡ଼ିକ ବିଷୟରେ ଆଲୋଚନା କରୁଥିଲୁ । ଏହିସବୁ ଗୋଷ୍ଠୀର ସଂଗଠନ ଭିତରେ ଯେଉଁସବୁ ପରମ୍ପରାଗତ, କୃତ୍ରିମ ଏବଂ ସ୍ୱେଚ୍ଛାଚାରୀ ବ୍ୟାପାର-ଗୁଡ଼ାକ ଆସି ପ୍ରବେଶ କରିଥାଏ, ସେହି କାରଣରୁହିଁ ଏଗୁଡ଼ିକର ଏତେ ଶୀଘ୍ର କ୍ଷୟ ଘଟିଥାଏ ବୋଲି ଆମର କଥା ପଡ଼ିଥିଲା ।

ବସ୍ତୁତଃ, ଜଣକର ଅଥବା କେତେଜଣଙ୍କର ମୁଣ୍ଡଭିତରେ ଏକ ଗୋଷ୍ଠୀ ବିଷୟରେ ଯେଉଁ ଆଦର୍ଶ ଗ୍ରନ୍ଥିଟି ରହିଥାଏ, ତାହାକୁହିଁ ଭିତ୍ତି କରି ଗୋଷ୍ଠୀଗୁଡ଼ିକ ଗଢ଼ିଉଠିଥାନ୍ତି । ସେହି ଗ୍ରନ୍ଥି ବା ସୂତ୍ରଟି ତତ୍ତ୍ୱଦୃଷ୍ଟିରୁ ଅନେକ ସମୟରେ ଖୁବ ବଢ଼ିଆ ହୋଇ ତିଆରି ହୋଇଥାଏ ସିନା, ମାତ୍ର, ଯେଉଁ ବ୍ୟକ୍ତିମାନେ ମିଶି ଗୋଷ୍ଠୀ-ଟିଏ ଗଢ଼ନ୍ତି, ସେହି ସୂତ୍ରଟି ସେବିଷୟରେ ଆଦୌ କୌଣସି ବିଚାର କରି ନ ଥାଏ । ଏହିସବୁ ବ୍ୟକ୍ତିଙ୍କ ମଧ୍ୟରେ କେତେ କେତେ ଅସୁବିଧା ଏବଂ ଦୁର୍ବଳତା ରହିଥାଏ ଏବଂ ସେହିମାନଙ୍କ ଦ୍ୱାରାହିଁ ତ ଯେକୌଣସି ଗୋଷ୍ଠୀର ଜୀବନ୍ତ ଦେହଗୁଡ଼ିକ ତିଆରି ହୋଇଥାଏ ।

ମୋ' ନିଜ ମତରେ, ବ୍ୟକ୍ତିଗତ ଅଥବା ସାମୂହିକ କୌଣସି ପ୍ରକାର ସତ୍ତାକୁ ମଧ୍ୟ କେବଳ ଖିଆଲ ଦ୍ୱାରା ପ୍ରଣୋଦିତ ହୋଇ ଆଦୌ କୌଣସି ଆକାର ଦିଆଯାଇ ପାରିବ ନାହିଁ । ଗୋଟିଏ ଗୋଷ୍ଠୀର ଆକାରକୁ ଆମେ ସେହି ଗୋଷ୍ଠୀଟିକୁ ଗଠିତ କରିଥିବା ଉପାଦାନଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ପ୍ରତିଫଳିତ କରୁଥିବା ଏକ ଅଭିବ୍ୟକ୍ତି ବୋଲିହିଁ କହିପାରିବା ।

ଗୋଷ୍ଠୀଟିଏ ଗଠନ କଲାବେଳେ ଆମେ ଗୋଷ୍ଠୀଗଠନର ଏହି ଅସଲ ନିୟମଟି ଉପରେ ଦୃଷ୍ଟି ଦେଇ ନ ଥାଉ, ଏବଂ ସେହି କାରଣରୁହିଁ ଗୋଟାକ ପରେ ଗୋଟାଏ ଗୋଷ୍ଠୀ ଗଢ଼ା ହେବାରେ ଲାଗିଥାଏ ଏବଂ ସେଗୁଡ଼ିକର ସଂଖ୍ୟା ବି ଅସୁମାରି ହେବାରେ ଲାଗିଥାଏ । ଏବଂ ନିୟତନିର୍ଦ୍ଦିଷ୍ଟ ଭାବରେ ସବୁଗୁଡ଼ିକ ସେହି

'oaob.nitrkl.ac.in' images reprocessed

ଗୋଟିଏ ଦଶାକୁହିଁ ପ୍ରାପ୍ତ ହୁଅନ୍ତି, ସେମାନେ ଅଚିରେ ଭଙ୍ଗି ଖଣ୍ଡ ଖଣ୍ଡ ହୋଇ ଯାଅନ୍ତି । କାରଣ, ସ୍ୱାଭାବିକ ବୃଦ୍ଧି, ବିକାଶ ଏବଂ ସମ୍ପ୍ରସାରଣ-ସମର୍ଥ ଗୋଟିଏ ଗୋଟିଏ ଜୀବନ୍ତ ସମୂହ ହୋଇ ରହିବା ପରିବର୍ତ୍ତେ ସେଗୁଡ଼ିକ କେବଳ ଗୋଟିଏ ଗୋଟିଏ ଜୀବନହୀନ ସମଷ୍ଟିମାତ୍ର ହୋଇ ରହିଥାନ୍ତି ଏବଂ ଅଗ୍ରଗତିର ଯାବତୀୟ ସମ୍ଭାବନାକୁ ହରାଇ ବସନ୍ତି ।

ଏହି ନିୟମଟି ପ୍ରତି ଦୃଷ୍ଟି ରଖିବାକୁ ଆମେ ପ୍ରଥମରୁ ନିଷ୍ପତ୍ତି ଗ୍ରହଣ କରିଥିଲୁ ଏବଂ ଆମ କ୍ଷୁଦ୍ର ଗୋଷ୍ଠୀଟି ଉଦ୍ଦିଷ୍ଟ କାର୍ଯ୍ୟ କରିବାର ଶକ୍ତିଗୁଡ଼ିକ ଉପରେ ଯଥାର୍ଥ ସମୟ ଆସିବାପୂର୍ବରୁ କୌଣସି ସିଦ୍ଧାନ୍ତ ଗ୍ରହଣ କରିବାକୁ ନିବୃତ୍ତ ହୋଇ ରହିବାକୁ ମଧ୍ୟ ଆମେ ଅତି ସାବଧାନତାର ସହିତ ଠିକ୍ କରିଥିଲୁ । ଆମ ଗୋଷ୍ଠୀଟି ଏପର୍ଯ୍ୟନ୍ତ ଜନ୍ମହିଁ ହୋଇ ନାହିଁ, ତାହାର ଗର୍ଭାବସ୍ଥା ହୁଏତ ଆରମ୍ଭମାତ୍ରହିଁ ହୋଇଛି । ଏହାର କାର୍ଯ୍ୟକାରିତା ସକାଶେ କୌଣସି ନିୟମମାନ ବାନ୍ଧିକରି ରଖିବା ପୂର୍ବରୁ ଆମେ ସେହି ଭ୍ରୂଣଟିକୁ ଏକ ନିର୍ଦ୍ଦିଷ୍ଟ ଆକାର ନେବାକୁ ଓ ଅତ୍ୟନ୍ତ ଧୀର ଗତିରେ ବିକଶିତ ହେବାକୁ ନିଶ୍ଚୟ ସମୟ ଦେବା ।

ତେଣୁ, କୌଣସି ଗୋଟିଏ ପୂର୍ବକଳ୍ପିତ ଯୋଜନା ଅନୁସାରେ ଆମ ବୈଠକଗୁଡ଼ିକୁ ସଂଗଠିତ କରିବା ପାଇଁ ଚେଷ୍ଟା କରିବା ଅଥବା ଏ ବ୍ୟକ୍ତିର ସେ ବ୍ୟକ୍ତିର କିଂବା ଏପରିକି ଆମ ସମସ୍ତଙ୍କର ଆଦର୍ଶଟିକୁ ଅନୁସରଣ କରି ଚାଲିବାଟାକୁ ମୁଁ ପ୍ରକୃତରେ ଭାରି ବିପଜ୍ଜନକ ବୋଲି ଭାବୁଛି । ଏପରି କଲେ ଆମେ କେତେଟା ସିଦ୍ଧାନ୍ତ ଦେଇ ତିଆରି ହୋଇଥିବା ନାନା କୃତ୍ରିମ ଗଠନ ଓ ସଂଗଠନ ଭିତରେ ଆସି ବନ୍ଦ ହୋଇଯିବା, ଏବଂ, ଯେଉଁ ଅନୁଷ୍ଠାନଗୁଡ଼ିକ ଆପଣାର ଏକ ସ୍ୱକୀୟ ସ୍ୱତଃସ୍ଫୂର୍ତ୍ତତା ଅନୁସାରେ ବିକାଶ ଲାଭ କରନ୍ତି ଏବଂ ସଦସ୍ୟମାନଙ୍କର ନାନାବିଧ ପ୍ରବୃତ୍ତିଗୁଡ଼ିକୁ ଏକାଠି ଗୋଟିଏ ନିୟମରେ ବାନ୍ଧି ସେହି ଅନୁସାରେ ପରିଚାଳିତ ହେବାକୁ ଚେଷ୍ଟା କରନ୍ତି, ଆମେ ସେହି ଅନୁଷ୍ଠାନଗୁଡ଼ିକଠାରୁ ଅଧିକ ଶୀଘ୍ର ଧ୍ୱଂସପ୍ରାପ୍ତ ହୋଇଯିବା ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆମର ବୈଠକଗୁଡ଼ିକରେ ଏକ ଅଗ୍ରଗତି ଅବଶ୍ୟ ଘଟିଥିବ, କାରଣ, କେବଳ ତାହାରି ଦ୍ୱାରାହିଁ ସେଗୁଡ଼ିକ ଅବିଚ୍ଛିନ୍ନ ଭାବରେ ବଞ୍ଚିରହିଥିବ । କିନ୍ତୁ ସେହି ବୈଠକଗୁଡ଼ିକ ଆମ ପ୍ରତ୍ୟେକଙ୍କ ସକାଶେ ବି ଅଗ୍ରଗତି କରିବାର ସୁଯୋଗଟିକୁ ଆଣି ଯୋଗାଇ ଦେଉଥିବେ,—କେବଳ ଏକଥା ହୋଇପାରିଲେ ଯାଇ ସେଗୁଡ଼ିକର ବି ଅଗ୍ରଗତି ହୋଇପାରିବ ।

'oaob.nitrkl.ac.in' images reprocessed

କାରଣ ସେହି ବୈଠକଗୁଡ଼ିକର ଅନ୍ତର୍ଗତରେ ଆନ୍ତରିକତା ଓ ଗମ୍ଭୀରତା ରହୁ ବୋଲି ଯଦି ଆମେ ଇଚ୍ଛା କରୁଥିବା, ତେବେ ତାହା ଆମ ନିଜର ଅଗ୍ରଗତି ଉପରେ ମଧ୍ୟ ନିଶ୍ଚୟ ନିର୍ଭରଶୀଳ ହୋଇ ରହିବ ।

ଯଦି ଆମେ ସମସ୍ତେ ବୃହତ୍ତର ଜ୍ଞାନ ତଥା ପ୍ରଜ୍ଞା ଲାଗି ଏକ ପ୍ରଦୀପ୍ତ ଆକାଂକ୍ଷା ରଖି ଏଠାକୁ ଆସିପାରିବା, ତେବେ ଆମେ ଏଠାରେ ଏକ ମନନମୟ ପରିବେଶ ନିଶ୍ଚୟ ସୃଷ୍ଟି କରିପାରିବା । ସେହି ପରିବେଶକୁ ମୁଁ ଏକ ଧର୍ମାନୁପ୍ରେରିତ ପରିବେଶ କହିବାକୁ ଅଧିକ ପସନ୍ଦ କରିବି, ଏବଂ ସେହି ପରିବେଶଟି ଆମର ଆତ୍ମ-ପରିପୂର୍ଣ୍ଣତା ଲାଗି ସବୁଠାରୁ ଅଧିକ ଅନୁକୂଳ ହୋଇ ରହିପାରିବ ।

ଗୁଡ଼ିଏ ଶାବ୍ଦିକ ଆଲୋଚନା ଏବଂ ଚର୍ଚ୍ଚା ଅପେକ୍ଷା ଏକ ଆଧ୍ୟାତ୍ମିକ ପରିବେଶହିଁ ଏକ ଅନେକ ଅଧିକ ବଡ଼ ସହାୟତାରୂପେ କାର୍ଯ୍ୟ କରିଥାଏ ; ଆମ ଭିତରେ ଆମେ ଗଢ଼ଣ କରୁଥିବା ସୁନ୍ଦର ଭାବନାଗୁଡ଼ିକୁ ନାନା ଢଙ୍ଗର ଅନୁ-ଭବରେ ଉତ୍କୃଷ୍ଟାଇ ନେବା ପାଇଁ, ସେଗୁଡ଼ିକୁ ଆହୁରି ଅଧିକ ନିର୍ଦ୍ଦିଷ୍ଟ ଅନୁଭୂତି ଏବଂ ଅଧିକ ଉଦାର ନାନା କାର୍ଯ୍ୟରେ ପରିଣତ କରିନେବା ପାଇଁ ଯଦି ଆମର ଏକ ଅଦମ୍ୟ ଇଚ୍ଛା ମଧ୍ୟ ରହି ନ ଥାଏ, ତେବେ ସେହି ସୁନ୍ଦର ଭାବନାଗୁଡ଼ିକ ଆମର ଆଦୌ କୌଣସି ଅଗ୍ରଗତି ଘଟାଇ ପାରିବ ନାହିଁ ।

ତେଣୁ, ଆମର ଏହି ବୈଠକଗୁଡ଼ିକରେ ଉନ୍ନତିସାଧନ କରିବାକୁ ହେଲେ ସର୍ବପ୍ରଥମ ସର୍ତ୍ତ ରୂପେ ଆମକୁ ଆପଣାର ଉନ୍ନତିଟିକୁ ସାଧନ କରିବାକୁହିଁ ହେବ ।

ଯଦି ଆମ ଦିବ୍ୟସତ୍ତାଟି ସହିତ ଆମେ ସଂଯୁକ୍ତ ହୋଇପାରିବା ଓ ତାହାର ଚେତନାଟି ସହିତ ଆପଣାର ଚେତନାକୁ ମଧ୍ୟ ଏକାତ୍ମକ କରି ରଖିପାରିବା, ତେବେ ଆମ ଗୋଷ୍ଠୀଟି ଭିତରେ ବି ନିଶ୍ଚୟ ଏକତା ରହିବ । ଯଦି ଆମେ ଆମର ବୁଦ୍ଧିକ୍ଷେତ୍ରୀୟ ସାମର୍ଥ୍ୟଗୁଡ଼ିକୁ ଆଲୋକିତ ଏବଂ ସନ୍ଦୀପିତ କରିପାରିବା, ତେବେ ଆମର ଗୋଷ୍ଠୀଟି ଭିତରେ ମଧ୍ୟ ସେହି ଆଲୋକଟିର ପରିପ୍ରକାଶ ଘଟିବ । ଆମେ ଯଦି ନୈର୍ବ୍ୟକ୍ତିକ ପ୍ରେମକୁ ଆମର ସତ୍ତା ମଝରେ ଭେଦ ରହିବା ଲାଗି ବାଟ ଛାଡ଼ିଦେବା, ତେବେ ଆମର ଗୋଷ୍ଠୀଟି ଦେହରୁ ମଧ୍ୟ ସେହି ପ୍ରେମ ବିଚ୍ଛୁରିତ ହୋଇ ପାରିବ । ଏବଂ, ସର୍ବଶେଷରେ ଯଦି ଆମେ ନିଜ ଭିତରେ ଶୃଙ୍ଖଳା ଆନୟନ କରି ପାରିବା, ତେବେ ଆମର ଗୋଷ୍ଠୀଟି ମଧ୍ୟ ଆପଣାଛାଏଁ ସଂଗଠିତ ହୋଇ ରହିବ, ସେତେବେଳେ ତାହାର ଗଠନରେ ଆଉ ଯଥେଚ୍ଛାଗ୍ରସ୍ତ ଭାବରେ କୌଣସି ହସ୍ତକ୍ଷେପ କରିବା ଲାଗି ଆମ ଲାଗି ଆଦୌ କୌଣସି ପ୍ରୟୋଜନହିଁ ରହିବ ନାହିଁ ।

ସଂକ୍ଷେପରେ କହିଲେ, ଗୋଷ୍ଠୀରୂପୀ ଯେଉଁ ସମଗ୍ର ଆକାରଟିକୁ ଆମେ ଗଠନ କରିବାକୁ ଇଚ୍ଛା କରୁଛୁ, ଆମେ ପ୍ରତ୍ୟେକେ ତାହାରି ଭିତରେହିଁ ଗୋଟିଏ

'oaob.nitrkl.ac.in' images reprocessed

ଗୋଟିଏ ଜୀବନ୍ତ କୋଷାଣୁ ହୋଇ ରହିବା । ଏବଂ, 'ଆମେ ଏହି କଥାଟିକୁ କେବେହେଲେ ଭୁଲିଯିବା ନାହିଁ ଯେ ଏହି ବ୍ୟକ୍ତିକୋଷଗୁଡ଼ିକର ମୂଲ୍ୟଟି ଉପରେହିଁ ସାମୂହିକ ସତ୍ତାଟିର ମୂଲ୍ୟ ସର୍ବଦା ନିର୍ଭର କରି ରହିବ; ଏହି ସାମୂହିକ ସତ୍ତାଟିର ଯାବତୀୟ କ୍ରିୟାଶୀଳତା ଏବଂ ବିଶ୍ୱ-ସମନ୍ୱୟର କାର୍ଯ୍ୟଟି ମଧ୍ୟରେ ତାହାର ଉପଯୋଗିତା ମଧ୍ୟ ସେହି ବ୍ୟକ୍ତିକୋଷଗୁଡ଼ିକର କାର୍ଯ୍ୟ ଏବଂ ଉପଯୋଗିତା ଉପରେ ନିର୍ଭରଶୀଳ ହୋଇ ରହିଥିବ ।

୧୧ ଜୁନ୍ ୧୯୧୨

ନିଜର ଭାବନା ଉପରେ ଆତ୍ମନିୟନ୍ତ୍ରଣ ଅର୍ଜନ କରାଯାଇ ପାରିବ କିପରି ?

ପ୍ରଥମ ଆବଶ୍ୟକତା : ଏହି ଆତ୍ମନିୟନ୍ତ୍ରଣର ପରିପୂର୍ଣ୍ଣ ମହତ୍ତ୍ୱଟିକୁ ଭଲ କରି ବୁଝିବା । ଆମର ଯାବତୀୟ କାର୍ଯ୍ୟ ଯେ ଆମ ଭାବନାଗୁଡ଼ିକରହିଁ ଗୋଟିଏ ଗୋଟିଏ ଅବିକଳ ଅଭିବ୍ୟକ୍ତି ଏବଂ ତେଣୁ, ଆମର ମାନସିକ ସକ୍ରିୟତାର ଭୂମିଟି ଉପରେ ଯେପର୍ଯ୍ୟନ୍ତ ଆମର ପୂର୍ଣ୍ଣ ନିୟନ୍ତ୍ରଣ ନ ଆସିଛି, ସେପର୍ଯ୍ୟନ୍ତ ଏହି ଭାବନା-ଗୁଡ଼ାକ କେବଳ ଗୋଟିଏ ଗୋଟିଏ ପ୍ରତିକ୍ରିୟା ପରିହିଁ ବାହାରର ଯାବତୀୟ ପ୍ରଭାବ (ଯାବତୀୟ ବସ୍ତୁ ସମ୍ପର୍କ ଓ ଚଳନଚଳ ଇଙ୍ଗିତ)ରୁ ଆସି ଆମ ଉପରେ ଲଦି ହୋଇ ପଡୁଥିବାରେ ଲାଗିଥିବେ, ପର୍ଯ୍ୟବେକ୍ଷଣ ଦ୍ୱାରା ସେହି ବିଷୟରେ ସଜ୍ଞାନ ହୋଇ ରହିବା ଦ୍ୱାରା ଆମେ ଆତ୍ମନିୟନ୍ତ୍ରଣର ମହତ୍ତ୍ୱକୁ ହୃଦୟଙ୍ଗମ କରିପାରିବା । ତେଣୁ, ଆପଣାର ଭାବନାଗୁଡ଼ିକୁ ଆପଣାର ଅଲ୍ତିଆର ଭିତରକୁ ନ ଆଣି ପାରିଥିବା ପର୍ଯ୍ୟନ୍ତ ଆମେ କଦାପି ନିଜର ବଶ ଭିତରେ ରହିପାରିବା ନାହିଁ ଏବଂ ଆମ ନିଜ ପାଖରେ ଆମେ କୌଣସି ପ୍ରକାରେ ଦାୟୀ ବୋଲି ମୋଟେ ଅନୁଭବ କରିପାରିବା ନାହିଁ ।

ଦ୍ୱିତୀୟ ଆବଶ୍ୟକତା : ଆମ ମାନସିକ ଭୂମିର କ୍ରିୟାଗୁଡ଼ିକ ଯେପରି ଫଳପ୍ରଦ ଭାବରେ ଏକ ନିର୍ଦ୍ଦିଷ୍ଟ ଦିଗରେ ପରିଚାଳିତ ହୋଇପାରିବେ, ସେଥିଲାଗି ଅବିରତ ଇଚ୍ଛା କରୁଥିବା, ଉଦ୍ୟମ ବି କରୁଥିବା ।

ତୃତୀୟ ଆବଶ୍ୟକତା : ଆପଣାର ଭାବନାଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବା, ଯେପରିକି ଆମେ ସେଗୁଡ଼ିକ ସହିତ ସୁପରିଚିତ ହୋଇ ପାରିବା, ସେଗୁଡ଼ିକର ଅଭ୍ୟନ୍ତର ଗଠନପଦ୍ଧତିକୁ ଭଲକରି ଜାଣିବା, ଏବଂ, ଆମର ଇନ୍ଦ୍ରିୟ-ସମ୍ବେଦଗତ ସ୍ୱଭାବଟି ସହିତ ସେଇଗୁଡ଼ିକର ଏକ ବିଶେଷ ସମ୍ପର୍କ ରହିଛି, ସେଗୁଡ଼ିକ ବିଷୟରେ ସଜ୍ଞାନ ହୋଇ ରହିବା ।

ଚତୁର୍ଥ ଆବଶ୍ୟକତା : ଆମ ନିଜ ଭିତରେ ସେହି ଭାବନାଟିର ନିୟତ ଅନ୍ୱେଷଣ କରୁଥିବା, ଯେଉଁଟି ଆମକୁ ସବୁଠାରୁ ଉଚ୍ଚ, ସବୁଠାରୁ ଉଦାର ଓ ଶୁଦ୍ଧ ଏବଂ ସବୁଠାରୁ ଅଧିକ ମୋହଯୁକ୍ତ ବୋଲି ମନେ ହେଉଥିବ । ଏବଂ, ତାହାର ସ୍ଥାନ

'oaob.nitrkl.ac.in' images reprocessed

ଗ୍ରହଣ କରିବାକୁ ଏକ ଅଧିକ ସୁନ୍ଦର ଭାବନାର ସନ୍ଧାନ ନ ପାଇଥିବା ପର୍ଯ୍ୟନ୍ତ, ଆମେ ସେଇଟିକୁହିଁ କେନ୍ଦ୍ରପରି ରଖିବା, ଯାହାର ଚାରିପାଖରେ କି ଆମ ମାନସିକ ଭୂମିର ସମନ୍ୱୟଟି ସମ୍ଭବ ହୋଇପାରିବ । ସେଇଟିହିଁ ଆମର ନିୟମନକାରୀ ଭାବନା ହୋଇ ରହିବ, ଯାହାର ଆଲୋକରେ ଆମେ ଆମର ଅନ୍ୟ ଯାବତୀୟ ଭାବନାକୁ ଯଥାର୍ଥ ଭାବରେ ଦେଖିପାରୁଥିବା ଓ ବିଚାର କରି ପାରୁଥିବା, ଅର୍ଥାତ୍, ସେଗୁଡ଼ିକୁ ସ୍ୱୀକାର ବା ବର୍ଜନ କ'ଣ କରିବାକୁ ହେବ, ସେହି ବିଷୟରେ ଏକ ନିଷ୍ପତ୍ତି ଗ୍ରହଣ କରିପାରୁଥିବା ।

ପଞ୍ଚମ ଆବଶ୍ୟକତା : ପ୍ରତିଦିନ ନିୟମିତ ଭାବରେ ଏକ ମାନସିକ ଶୃଙ୍ଖଳାର ପାଳନ କରିବା । ଏହି ବିଷୟଟି ଉପରେ ଆମକୁ ଯେତେଯାହା ଶିକ୍ଷା ଦିଆଯାଇଛି, ସେଗୁଡ଼ିକ ମଧ୍ୟରୁ ଯେଉଁ ପଦ୍ଧତିଟି ଆମକୁ ସବୁଠାରୁ ଅଧିକ ଫଳ-ଦାୟକ ବୋଲି ବୋଧ ହେଉଛି, ସେଇଟିକୁ ଆବିଷ୍କାର କରିବା, ଏବଂ ତା'ପରେ ଆମେ ସେଇଟିକୁ ନିଷ୍ଠାପର ଓ କଠୋର ଭାବରେ, ଶକ୍ତିମନ୍ତ ଭାବରେ ଏବଂ ଅଧ୍ୟବସାୟର ସହିତ ଅନୁସରଣ ବି କରିବା ।

କେତେକ ମହତ୍ତ୍ୱପୂର୍ଣ୍ଣ ପରାମର୍ଶ :

ଆମର ମନକୁ ଯଥେଷ୍ଟ ପରିମାଣରେ ବିଶ୍ରାମ ଦେଇ ଜାଣିବା ।

ଆମେ ପ୍ରକୃତରେ ଯେତିକି କରିବା ଲାଗି ସମର୍ଥ, ଆପଣାଠାରୁ ତା'ଠାରୁ ମୋଟେ ଅଧିକ ଦାବି ନ କରିବା ।

ସମସ୍ତ ବିଷୟରେ ସର୍ବଦା ଯଥେଷ୍ଟ ସଚେତନ ରହିଥିବା, ଏବଂ ଆମ ପ୍ରୟାସଗୁଡ଼ିକରୁ ଯେଉଁସବୁ ଫଳ ଫଳିବ, ସେଥିଲାଗି ଧୈର୍ଯ୍ୟର ସହିତ ଅପେକ୍ଷା କରି ଜାଣିବା ।

ସର୍ବଶେଷରେ, ଆମେ ନିଜେ ଯାହାକିଛି କରିପାରିବା, ସେଗୁଡ଼ିକୁ ଆଦୌ କୌଣସି ପ୍ରକାରେ ଅବହେଳା ପ୍ରଦର୍ଶନ ନ କରି, ଆମେ ସେହି ପରମ ବିଶ୍ୱସ୍ତ ଓ ସର୍ବୋଚ୍ଚ ଶକ୍ତିମତ୍ତାଟି ଉପରେ ନିର୍ମଳ ଓ ନିଷ୍କପଟ ଆସ୍ଥା ସ୍ଥାପନ ବି କରି ଜାଣିବା । ସେହି ପରମ ଶକ୍ତିମତ୍ତା ପ୍ରତ୍ୟେକ ସତ୍ତ୍ୱରେ ଏବଂ ପ୍ରତ୍ୟେକ ବସ୍ତୁରେ ବିଦ୍ୟମାନ ରହିଛନ୍ତି ।

'oaob.nitrkl.ac.in' images reprocessed

୧୮ ଜୁନ୍ ୧୯୧୨

ଶବ୍ଦର ଶକ୍ତି

ପ୍ରତିଦିନ ଆମ ଜଗତରେ ଯେଉଁ ଅତ୍ୟଧିକ ପରିମାଣର ନିରର୍ଥକ ଶବ୍ଦ ଉଚ୍ଚାରିତ ହେବାରେ ଲାଗିଛି, ସେହି ବିଷୟରେ ତୁମର ଧ୍ୟାନ ଆକର୍ଷଣ କରିବାକୁ ମୁଁ ଅନାବଶ୍ୟକ ବୋଲି ମନେ କରୁଛି। ଏହି ଅନାଚରଣଟିକୁ ସମସ୍ତେ ଭଲକରି ଜାଣିଛନ୍ତି, ତଥାପି ଅତି ଅଳ୍ପସଂଖ୍ୟକ ବ୍ୟକ୍ତିହିଁ ତାହାର ପ୍ରତିକାର କରିବା ଲାଗି ଚେଷ୍ଟା କରିଥାନ୍ତି।

ମାତ୍ର, ଆହୁରି ଅନେକ ଅନ୍ୟ କଥାକୁ ବି ଆମେ ସେହିପରି ଖୁବି ଅନାବଶ୍ୟକ ଭାବରେ କହିବାରେ ଲାଗିଥାଉ। ଅର୍ଥାତ୍, ଆମ ଭିତରୁ ଅନେକ ସମୟରେ, କେବଳ ଏହି ଶବ୍ଦ ଅଥବା ସେହି ଶବ୍ଦଟି ଉଚ୍ଚାରଣ କରି ଆପଣାର କୌଣସି ଏକ ସହୃଦୟ କାମନା ବ୍ୟକ୍ତ କରିବାକୁ ଅନେକ ସମୟରେ ଆମ ହାତରେ ଏକ ସୁଯୋଗ ରହିଥାଏ। ଅବଶ୍ୟ ଏକଥା ସତ ଯେ, ଏହିସବୁ ଶବ୍ଦ ମଧ୍ୟରେ କିପରି ଉଚିତ ଭାବନାଟିକୁ ବ୍ୟକ୍ତ କରାଯାଇ ପାରିବ, ଆମକୁ ସେହି କଥାଟି ମଧ୍ୟ ଜଣାଥିବା ଦରକାର।

ମାତ୍ର, ଅଧିକାଂଶ ସମୟରେହିଁ, ଆମର ପରିଚିତ ବ୍ୟକ୍ତିମାନଙ୍କର ଚତୁର୍ଦ୍ଦିଗରେ ଏକ ଯଥାର୍ଥରେ ଉପକାରୀ ମାନସିକ ପରିବେଶ ସୃଷ୍ଟି କରିବାର ଏହି ସୁଯୋଗଟିକୁ ଆମେ ହରାଇ ବସିଥାଉ ଏବଂ ତେଣୁ ଆମେ ସେମାନଙ୍କୁ କୌଣସି ଯଥାର୍ଥ ସାହାଯ୍ୟ କରିପାରୁ ନାହିଁ। ଏହି ଅବହେଳାଟିର ପ୍ରତିକାର କରିପାରିବା ପ୍ରକୃତରେ ଏକ ଖୁବି ପ୍ରୟୋଜନୀୟ କଥା ହେବ।

ଏହି କାର୍ଯ୍ୟଟିକୁ କରିପାରିବାକୁ ହେଲେ, ଅଧିକାଂଶ ମଣିଷଙ୍କ ଭିତରେ ପ୍ରାୟ ସବୁବେଳେ ରହିଥିବା ସେହି ଅସ୍ପଷ୍ଟ ଏବଂ ନିଷ୍କ୍ରିୟ ଅଯଥାର୍ଥତାର ସ୍ଥିତିରେ ବିଚରଣ କରିବା ଲାଗି ଆମେ ଆମର ମନକୁ ଆଦୌ କୌଣସି ଅବସର ଦେବା ନାହିଁ।

ନିଜକୁ ଏହି ଜଡ଼ତା ମଧ୍ୟରୁ ଅଧିକରୁ ଅଧିକ ପରିମାଣରେ ମୁକ୍ତ କରି ଆଣିବାକୁ, ଆମେ, କୌଣସି ଗୋଟିଏ ଶବ୍ଦକୁ ଉଚ୍ଚାରଣ କଲାବେଳେ, ସେହି

'oaob.nitrkl.ac.in' images reprocessed

ଶବ୍ଦଟିର ପ୍ରକୃତ ତାତ୍ପର୍ଯ୍ୟ ଓ ଅର୍ଥଟି ବିଷୟରେ ଭଲକରି ଚିନ୍ତା କରିବା, ଯେପରିକି ତାହା ସମ୍ପୂର୍ଣ୍ଣ ଫଳପ୍ରଦ ଭାବରେ ବ୍ୟବହୃତ ହୋଇ ପାରିବ ।

ଏହି ପ୍ରସଙ୍ଗରେ, ତିନୋଟି ଭିନ୍ନ ଭିନ୍ନ କାରଣରୁ ଶବ୍ଦସମୂହର ସକ୍ରିୟ ଶକ୍ତି ସମ୍ଭବ ହୋଇଥାଏ ବୋଲି ବୁଝାଯାଏ ।

ପ୍ରଥମ ଦୁଇଟି ହେଉଛି ସେହି ଶବ୍ଦଟି ମଧ୍ୟରେହିଁ ନିହିତ ରହିଥାନ୍ତି, କାରଣ ତାହା ପ୍ରକୃତରେ ନାନା ଶକ୍ତିର ଏକ ଭଣ୍ଡାର ପରି ହୋଇ ରହିଥାଏ । କୌଣସି ଏକ ଶବ୍ଦକୁ ଉଚ୍ଚାରଣ କଲାବେଳେ ତଦ୍ଦ୍ୱାରା ଯେଉଁ ଗଭୀର ଭାବନାଟିର ଅଭିବ୍ୟକ୍ତି ହୁଏ, ସେହି ଭାବନାଟିକୁ ନିଜର ଜୀବନରେ ବଞ୍ଚିବାରେହିଁ ତୃତୀୟ ହେଉଛି ନିହିତ ହୋଇ ରହିଥାଏ ।

ଫଳପ୍ରଦତାର ଏହି ତିନୋଟିଯାକ କାରଣ ଯଦି ଏକତ୍ର ସଂଯୁକ୍ତ ହୋଇ ପାରିଲେ, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ତଦ୍ଦ୍ୱାରା ସେହି ଶବ୍ଦଟିର ଶକ୍ତିରେ ମଧ୍ୟ ପ୍ରଭୂତ ଅଭିବୃଦ୍ଧି ସମ୍ଭବ ହୋଇଯିବ ।

(୧) ଏପରି କେତୋଟି ଶବ୍ଦ ରହିଛି, ଯାହାର ସ୍ଥୂଳଜଗତସ୍ଥ ଅନୁକମ୍ପନଟି ତା'ର ଆପଣା କ୍ଷେତ୍ରରେ ସେହି ଭାବନାଟି ଦ୍ୱାରା ଉତ୍ପନ୍ନ ହେଉଥିବା ସୂକ୍ଷ୍ମତର ସ୍ପନ୍ଦନଟିରହିଁ ପରିପୂର୍ଣ୍ଣ ଭାବରେ ଏକ ସ୍ପନ୍ଦନଗତ ମୂର୍ତ୍ତୀକରଣ ହୋଇ ରହିଥାଏ ।

ଭାବନା ଏବଂ ଉଚ୍ଚାରଣ କ୍ଷେତ୍ରର ସ୍ପନ୍ଦନ ଦୁଇଟି ମଧ୍ୟରେ ରହିଥିବା ଏହି ସମାନତାଟିକୁ ଭଲ କରି ପରୀକ୍ଷା କରି ଦେଖିଲେ ଆମେ ଏକଥା ମଧ୍ୟ ଜାଣିବାକୁ ସମର୍ଥ ହେବା ଯେ ଯେଉଁ ମୂଳ ଅକ୍ଷରଗୁଡ଼ିକ ସବୁଠାରୁ ଅଧିକ ସାଧାରଣ ଭାବନାଗୁଡ଼ିକୁ ବ୍ୟକ୍ତ କରିପାରନ୍ତି, ସେଗୁଡ଼ିକର ସଂଖ୍ୟା ପ୍ରକୃତରେ ଅତ୍ୟନ୍ତ ଅଳ୍ପ; କଥିତ ପ୍ରାୟ ପ୍ରତ୍ୟେକ ଭାଷାରେ ସେହି ଅକ୍ଷରଗୁଡ଼ିକ ରହିଛି ଓ ସବୁ ଭାଷାରେ ସେଗୁଡ଼ିକର ପ୍ରାୟ ସମାନ ଅର୍ଥ ମଧ୍ୟ ରହିଛି । (ଭାଷାର ଏହି ଉତ୍ପତ୍ତିକୁ ଆମେ ଲିଖିତ ଭାଷାଗୁଡ଼ିକର ଉତ୍ପତ୍ତି ସହିତ ଏକାଠି ମିଶାଇ ଦେବା ନାହିଁ । ଲିଖିତ ଭାଷାଗୁଡ଼ିକର ଏକ ସମ୍ପୂର୍ଣ୍ଣ ଭିନ୍ନ ପ୍ରକୃତି ରହିଥାଏ ଏବଂ ସେଗୁଡ଼ିକ ସମ୍ପୂର୍ଣ୍ଣ ଭିନ୍ନ ପ୍ରୟୋଜନଗୁଡ଼ିକ ମେଣ୍ଟାଇବା ଲାଗି ଉଦ୍ଦିଷ୍ଟ ରହିଥାନ୍ତି ।)

(୨) ଆହୁରି କେତେକ ଶବ୍ଦ ରହିଛି, ଯେଉଁଗୁଡ଼ିକୁ କି ଶହ ଶହ ବର୍ଷ ଧରି କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଉଚ୍ଚାରଣ କରାଯାଇଛି, ଏବଂ ଯେଉଁମାନେ ସେଗୁଡ଼ିକୁ ଆଗରୁ ଉଚ୍ଚାରଣ କରୁଛନ୍ତି, ସେମାନଙ୍କର ମନଃଶକ୍ତି ଦ୍ୱାରା ସେଗୁଡ଼ିକ ଶକ୍ତିମନ୍ତ ହୋଇ ରହିଛି । ସେଗୁଡ଼ିକୁ ଆମେ ଶକ୍ତିର ଯଥାର୍ଥ ଭଣ୍ଡାର ବୋଲି ସ୍ୱୀକାର କରିବା ।

'oaob.nitrkl.ac.in' images reprocessed

(୩) ଏବଂ, ସର୍ବଶେଷରେ ଏପରି କେତେକ ଶବ୍ଦ ବି ଅଛନ୍ତି, ଯେଉଁଗୁଡ଼ିକୁ ଉଚ୍ଚାରଣ କଲାବେଳେହିଁ ସେଗୁଡ଼ିକରୁ ସଙ୍ଗେ ସଙ୍ଗେ ଏକ ବିଶେଷ ବ୍ୟଞ୍ଜନା ବ୍ୟକ୍ତ ହୋଇଥାଏ । ଯେଉଁ ବ୍ୟକ୍ତି ସେଗୁଡ଼ିକୁ ଉଚ୍ଚାରଣ କରୁଛି, ତାହାର ଜୀବନ୍ତ ଭାବନାଶକ୍ତିର ବଳରେହିଁ ସେପରି ହୋଇଥାଏ ।

ମୁଁ ବର୍ତ୍ତମାନ ଯାହାସବୁ କହିଲି, ତାହାକୁ ଉଦାହରଣ ଦେଇ ବୁଝାଇ ଦେବାକୁ ମୁଁ ଏଠାରେ ଏକ ଅତ୍ୟନ୍ତ ଶକ୍ତିଶାଳୀ ଶବ୍ଦର ଦୃଷ୍ଟାନ୍ତଟିଏ ଦେବି । ଏହି ଶବ୍ଦଟି ଭିତରେ ଆମେ ଆଲୋଚନା କରିଥିବା ତିନୋଟିଯାକ ଶବ୍ଦ ପ୍ରକାରର ଗୁଣ ନିହିତ ହୋଇ ରହିଛି । ସେଇଟି ହେଉଛି ସଂସ୍କୃତ ଭାଷାର 'ଓଁ' ଶବ୍ଦ ।

ଦିବ୍ୟ ପରମସତ୍ତାଙ୍କର ସର୍ବବ୍ୟାପିତାଟିକୁ ପ୍ରକାଶ କରିବା ଲାଗି ଭାରତବର୍ଷରେ ଏହି ଶବ୍ଦଟିର ପ୍ରୟୋଗ ହୋଇଥାଏ । ଭାରତବର୍ଷର ଯାବତୀୟ ଧ୍ୟାନ, ମନନ ଏବଂ ଯୌଗିକ ସାଧନାରେ ଏହି ଶବ୍ଦଟି ସଂଯୁକ୍ତ ହୋଇ ରହିଥାଏ ।

ଅନ୍ୟ ଯେକୌଣସି ଶବ୍ଦ ଅପେକ୍ଷା ଏହି 'ଓଁ' ଶବ୍ଦଟିହିଁ ପରମ ଶାନ୍ତିର ଏକ ଅନୁଭୂତି ଆଣିଦେଇଥାଏ, ପ୍ରଶାନ୍ତ ଏବଂ ଚିରନ୍ତନତାର ଅନୁଭୂତି ଆଣିଦେଇଥାଏ ।

ପୁଣି ଶତାବ୍ଦୀ ଶତାବ୍ଦୀ ଧରି ଯେଉଁମାନେ ଏହି ଶବ୍ଦଟିକୁ ଉଚ୍ଚାରଣ କରି ଆସିଛନ୍ତି, ସେମାନେ ଶବ୍ଦଟି ବ୍ୟକ୍ତ କରୁଥିବା ଭାବନାଟିର ଚତୁର୍ଦ୍ଦିଗରେ କେତେକେତେ ମାନସିକ ଶକ୍ତିକୁ ଆଣି ପୁଞ୍ଜୀଭୂତ କରି ରଖିଛନ୍ତି ଏବଂ ଶବ୍ଦଟି ସେହିସବୁ ଶକ୍ତି ଦ୍ୱାରା ଅନୁପ୍ରାଣିତ ହୋଇ ରହିଛି । ବିଶେଷତଃ ହିନ୍ଦୁମାନଙ୍କ ଲାଗି ଏହି ଶବ୍ଦ ସିଏ ଆବାହନ କରି ଆଣୁଥିବା ପରମ ଦିବ୍ୟସତ୍ତାଟି ସହିତ ଏକ ସଂପର୍କ ପ୍ରତିଷ୍ଠା କରାଇ ପାରିବାର ଯଥାର୍ଥ ଶକ୍ତିଟିକୁ ମଧ୍ୟ ଆପଣା ମଧ୍ୟରେ ବହନ କରି ରହିଛି ।

ଏବଂ, ପ୍ରାଚ୍ୟଭୂଖଣ୍ଡର ଅଧିବାସୀମାନଙ୍କର ମନ ସାଧାରଣତଃ ଧର୍ମାଭିଳାଷୀ ହୋଇଥିବାରୁ ଓ ଏକାଗ୍ରତାର ଅଭ୍ୟାସ ରଖିଥିବାରୁ, ସିଏ ଯେତେବେଳେ ଏହି ଶବ୍ଦଟିକୁ ଉଚ୍ଚାରଣ କରେ, ସେତେବେଳେ ସେ ସେଥିରେ ତାହାକୁ ସଂପୂର୍ଣ୍ଣ ଭାବରେ ଫଳଦାୟକ କରିପାରିବା ଲାଗି ଲୋଡ଼ା ହେଉଥିବା ଦୃଢ଼ ବିଶ୍ୱାସଟିକୁ ମଧ୍ୟ ଆଣି ଭରି ଦେଇଥାଏ ।

ଚୀନଦେଶରେ ମଧ୍ୟ ସମାନ ଅର୍ଥ ବହନ କରୁଥିବା ଏବଂ କେତେକ ପରିମାଣରେ ଏକ ସମାନ ଧ୍ୱନି ଉତ୍ପନ୍ନ କରୁଥିବା ଆଉ ଗୋଟିଏ ଶବ୍ଦ ଦ୍ୱାରା ଏକ ସମାନ ଫଳ ମଧ୍ୟ ଲାଭ କରାଯାଇଥାଏ । ସେହି ଶବ୍ଦଟି ହେଉଛି 'ତାଓ' ।

ଆମ ପାଶ୍ଚାତ୍ୟ ଭାଷାଗୁଡ଼ିକ ମଧ୍ୟରେ ଏତେଦୂର ବ୍ୟଞ୍ଜନାଶକ୍ତି ସାଧାରଣତଃ ଦେଖିବାକୁ ମିଳେ ନାହିଁ । ବର୍ତ୍ତମାନ ନିଜ ନିଜର ବାହ୍ୟରୂପରେ ସେଗୁଡ଼ିକ

'oaob.nitrkl.ac.in' images reprocessed

ସେମାନଙ୍କର ଜନନୀ ସେହି ମୂଳ ଭାଷାଟିଠାରୁ ବହୁତ ଦୂରକୁ ଚାଲି ଯାଇଛନ୍ତି । ମାତ୍ର, ଏକଥା ମଧ୍ୟ ସତ ଯେ, ଆପଣାର ଜୀବନ୍ତ ତଥା ସକ୍ରିୟ ଭାବନାର ଶକ୍ତି ଦ୍ୱାରା ଆମେ ଯେକୌଣସି ସମୟରେ ମଧ୍ୟ ଗୋଟିଏ ଶବ୍ଦକୁ ଶକ୍ତିଯୁକ୍ତ କରିଦେଇ ପାରିବା ।

ପୁଣି ଏପରି କେତେଗୁଡ଼ିଏ ସୂତ୍ର ମଧ୍ୟ ରହିଛି, ଯେଉଁଗୁଡ଼ିକୁ କି ଆମେ ସାଧାରଣଭାବରେ ବ୍ୟବହୃତ ହେଉଥିବା ଯାବତୀୟ ଅନ୍ୟଗୁଡ଼ିକ ସହିତ ଆଣି ଯୋଗ ବି କରିପାରିବା ।

କେତେକ ପ୍ରାଚୀନ ଦୀକ୍ଷା-ସମ୍ପ୍ରଦାୟ ସେତେବେଳେ ଏହି ସୂତ୍ରଗୁଡ଼ିକୁ ବ୍ୟବହାର କରି ଆସୁଥିଲେ । ସେଗୁଡ଼ିକୁ ସେମାନେ ପରସ୍ପର ପ୍ରତି ସମ୍ଭାଷଣ ଓ ଶୁଭେଚ୍ଛାଜ୍ଞାପନରୂପେ ବ୍ୟବହାର କରୁଥିଲେ, ଏବଂ ସେଗୁଡ଼ିକୁ ଯଥାର୍ଥ ଭାବରେ ଭାବି ପାରୁଥିବା ଜଣେ ବ୍ୟକ୍ତିର ମୁଖରୁ ଉଚ୍ଚାରିତ ହେବାବେଳେ ସେଗୁଡ଼ିକର ପ୍ରଭୂତ ଭାବରେ ଏକ ବିଶେଷ କ୍ରିୟାଶୀଳ ଶକ୍ତି ମଧ୍ୟ ରହିଥିଲା ।

ନୂତନ ଦୀକ୍ଷାର୍ଥୀ ଯେଉଁ ଶିଷ୍ୟମାନେ ସାଧନାର ପଥରେ ପ୍ରଥମ କରି ପଦାର୍ପଣ କରିବାକୁ ଯାଉଥିଲେ, ସେମାନଙ୍କୁ "ସମତାବସ୍ଥାରେ ଶାନ୍ତି ସର୍ବଦା ତୁମର ସହଚର ହୋଇ ରହିଥାଉ" ବୋଲି ସମ୍ଭାଷଣ କରା ଯାଉଥିଲା ।

ଯେଉଁମାନେ ନିଜର ସତତ ଏବଂ ଉତ୍ତରୋତ୍ତର ଅଗ୍ରଗତିଶୀଳ ଅନ୍ତରସ୍ଥ ତଥା ବାହ୍ୟ ମନୋବୃତ୍ତି ଦ୍ୱାରା ଆପଣାର ଗଭୀର ଏବଂ ସ୍ଥାୟୀ ସଦିଚ୍ଛାଟିର ପରିଚୟ ଦେଇ ପାରିଥିଲେ, ସେମାନଙ୍କୁ "ତୁମେ ସର୍ବୋଚ୍ଚ ମଙ୍ଗଳର ଅଧିକାରୀ ହୁଅ" ବୋଲି କୁହାଯାଉଥିଲା ।

ଏବଂ, ବିଶେଷ ଭାବରେ ଉଚ୍ଚସ୍ତରୀୟ ନାନା ଶକ୍ତିର ପ୍ରକାଶ କରି ପାରୁଥିବା କେତେକ ଗୁରୁଙ୍କ କ୍ଷେତ୍ରରେ ଏହି ଶବ୍ଦଟି ମଧ୍ୟରେ ଯଥାର୍ଥ ଗୁଣାରୋପଣ ଓ ବରଦାନର ଶକ୍ତି ମଧ୍ୟ ନିହିତ ହୋଇ ରହିଥିଲା । ଉଦାହରଣସ୍ୱରୂପ, ତାହା ରୋଗୋପଶମର ଶକ୍ତିଟିକୁ ମଧ୍ୟ ଧାରଣ କରୁଥିଲା ।

'oaob.nitrkl.ac.in' images reprocessed

୨୪ ଜୁନ୍ ୧୯୧୨

> ସବୁଠାରୁ ଅଧିକ ପ୍ରୟୋଜନୀୟ ଏପରି କ'ଣ ଅଛି ଯାହାର ସ୍ପଷ୍ଟ କରାଯାଇ ପାରିବ, ଏବଂ ସବୁଠାରୁ ଉତ୍ତମ ଏପରି ଦୃଷ୍ଟାନ୍ତ କ'ଣ ଅଛି, ଯାହାକୁ ପ୍ରତିଷ୍ଠା କରି ଦେଖାଇ ଦିଆଯାଇ ପାରିବ ?

ଦୁଇ ପ୍ରକାରରେ ଏହି ପ୍ରଶ୍ନଟିର ବିଚାର କରାଯାଇ ପାରିବ । ଗୋଟିଏ ଅତି ସାଧାରଣ ଭାବରେ, ଯାହାକି ସମସ୍ତ ପୃଥିବୀ ପାଇଁ ପ୍ରଯୁଜ୍ୟ ହୋଇ ପାରିବ, ଏବଂ ଆଉଗୋଟିଏ ବିଶେଷ ଭାବରେ, ଯାହା'କି ଆମର ଉପସ୍ଥିତ ସାମାଜିକ ପରିସ୍ଥିତି ସହିତ ସମ୍ବନ୍ଧିତ ହୋଇ ରହିଛି ।

ସାଧାରଣ ଦୃଷ୍ଟିକୋଣରୁ ବିଚାର କରି କହିଲେ, ମୁଁ ଭାବୁଛି ଯେ ଆମ ଆଗରେ ପ୍ରଚାର କରିବା ଲାଗି ଦୁଇ ପ୍ରକାରର ସବୁଠାରୁ ଅଧିକ ପ୍ରୟୋଜନୀୟ ବିଚାର ରହିଛି :

୧) ମନୁଷ୍ୟ ତା' ନିଜ ଭିତରେ ପରିପୂର୍ଣ୍ଣ ଶକ୍ତି, ପରିପୂର୍ଣ୍ଣ ପ୍ରଜ୍ଞା ଏବଂ ପରିପୂର୍ଣ୍ଣ ଜ୍ଞାନକୁ ସର୍ବଦାହିଁ ବହନ କରି ରହିଛି, ଏବଂ ଯଦି ସିଏ ସେଗୁଡିକୁ ଆପଣାର ସମ୍ପଦରୂପେ ବ୍ୟବହାର କରିବାକୁ ଇଚ୍ଛା କରୁଥାଏ, ତେବେ ଆପଣା ସତ୍ତାର ଗଭୀର ମଧ୍ୟରେହିଁ ତାକୁ ସେଗୁଡ଼ିକର ଆବିଷ୍କାର କରିବାକୁ ପଡ଼ିବ, ଆତ୍ମ-ନିରୀକ୍ଷଣ ଏବଂ ଅଭିନିବେଶ ଦ୍ୱାରାହିଁ ସେହି କଥାଟିକୁ କରିବାକୁ ପଡ଼ିବ ।

୨) କେନ୍ଦ୍ର-ସ୍ଥଳରେ, ସକଳ ସତ୍ତାଙ୍କର ହୃଦସ୍ଥଦେଶରେ ଏହି ଦିବ୍ୟ ଗୁଣଗୁଡ଼ିକ ପରସ୍ପରଠାରୁ ଅଭିନ୍ନ ହୋଇ ରହିଛି; ତାହା ସମସ୍ତଙ୍କ ଭିତରେ ରହିଥିବା ମୌଳିକ ଏକତ୍ୱଟିକୁହିଁ ସୂଚିତ କରି ଦେଉଛି ଏବଂ ସେଥିରୁ ଉତ୍ସାରିତ ହୋଇ ଆସୁଥିବା ସଂବଦ୍ଧତା ଏବଂ ଭ୍ରାତୃତ୍ୱର ଯାବତୀୟ ପରିଣାମକୁ ମଧ୍ୟ ତାହା ସୂଚିତ କରିଦେଉଛି ।

ସର୍ବୋତ୍ତମ ଉଦାହରଣ ସ୍ୱରୂପ ଏଠାରେ ସେହି ବିଶୁଦ୍ଧ ପ୍ରଶାନ୍ତ ଏବଂ ଅଖଣ୍ଡ ଭାବରେ ଶାନ୍ତିଯୁକ୍ତ ହୋଇ ରହିଥିବା ସୁଖାନୁଭୂତିର ଉଲ୍ଲେଖ କରାଯାଇ ପାରିବ, ଯେଉଁଟି କି, ସକଳ ମଧ୍ୟରେ ଯେ ସେହି ଏକ ପରମେଶ୍ୱର ବିଦ୍ୟମାନ

ରହିଛନ୍ତି, ଏହି ସତ୍ୟଟିକୁ ସମଗ୍ର ଭାବରେ ଆପଣା ଜୀବନରେ ବଞ୍ଚି ପାରୁଥିବା ଜଣେ ବ୍ୟକ୍ତିର ଉପଲବ୍ଧିରେ ପରିଣତ ହୋଇ ସାରିଛି ।

ଏବଂ, ଆମ ଉପସ୍ଥିତ ପରିସ୍ଥିତିଟିର ଦୃଷ୍ଟିରେ କହିବାକୁ ଗଲେ, ମୁଁ ଭାବୁଛି, ନିମ୍ନୋକ୍ତ ଏହି ବସ୍ତୁଟିକୁ ସ୍ୱୀକାର କରିବାହିଁ ସର୍ବୋତ୍ତମ ହେବ :

ଉତ୍ତରୋତ୍ତର ଭାବରେ ଅଗ୍ରଗତି କରି ପାରୁଥିବା ଏକ ଜୀବନପରିବର୍ତ୍ତନ ଯାହାକି ମନୁଷ୍ୟକୁ ପ୍ରକୃତରେ ତାହାର ପ୍ରାପ୍ୟ ସୁଖସୋପାନଟିକୁ ବାଟ ଦେଖାଇ ନେଇଯାଇ ପାରିବ, ତାହା କୌଣସି ବାହ୍ୟ ଉପାୟ, ସ୍ଥୂଳ ଉନ୍ନତିବିଧାନ କିମ୍ବା ସାମାଜିକ ପରିବର୍ତ୍ତନ ଦ୍ୱାରା ସମ୍ଭବ ହେବ ନାହିଁ । ବ୍ୟକ୍ତିଗତ ଜୀବନରେ ଆପଣାକୁ ଅଧିକରୁ ଅଧିକ ପରିପୂର୍ଣ୍ଣ କରି ଗଢ଼ିବାର କେବଳ ଏକ ଚେଷ୍ଟାର ତଥା ଅନ୍ତର୍ଗତ ପ୍ରକ୍ରିୟା ଦ୍ୱାରା ଯଥାର୍ଥ ଅଗ୍ରଗତି ସମ୍ଭବ ହୋଇ ପାରିବ ଏବଂ ବର୍ତ୍ତମାନର ସ୍ଥିତାବସ୍ଥାରେ ଏକ ସମ୍ପୂର୍ଣ୍ଣ ରୂପାନ୍ତର ଘଟାଇ ପାରିବ । ତାହାହିଁ ଯାବତୀୟ କଷ୍ଟକ୍ଲେଶ ଏବଂ ଦୁର୍ଦ୍ଦଶାକୁ ଏକ ଯଥାର୍ଥ ଶାନ୍ତିମୟ ତଥା ସ୍ଥାୟୀ ସନ୍ତୋଷରୂପେ ପରିବର୍ତ୍ତିତ କରିଦେଇପାରିବ ।

ତେଣୁ, ବ୍ୟକ୍ତିଗତ ଆତ୍ମ ପରିପୂର୍ଣ୍ଣତାର ପରବର୍ତ୍ତୀ ସକଳ ସୋପାନକୁ ସମ୍ଭବ କରି ଆଣୁଥିବା ତାହାର ସର୍ବପ୍ରଥମ ସୋପାନଟିକୁ ଯେଉଁ ଗୁଣସାମର୍ଥ୍ୟଟି ପ୍ରକୃତରେ ଦେଖାଇଦେଇ ପାରୁଥିବ, ଏକ ଆତ୍ମକେନ୍ଦ୍ରିକ ବ୍ୟକ୍ତିତ୍ୱର ସମ୍ମୁଖୀନ ହେଲାବେଳେ ସର୍ବଦା ଯେଉଁ ପ୍ରଥମ ବିଜୟଟିକୁ ହାସଲ କରିବାକୁ ପଡ଼ିବ, ସେହି ସ୍ୱାର୍ଥରହିତତାର ଗୁଣକୁହିଁ ଆମେ ଏହି କ୍ଷେତ୍ରରେ ଆମର ସର୍ବୋତ୍ତମ ଦୃଷ୍ଟାନ୍ତ ବୋଲି ଗ୍ରହଣ କରିବା ।

ଏପରି ଗୋଟିଏ ସମୟରେ, ଯେତେବେଳେ କି ସମସ୍ତେ ଅର୍ଥକୁହିଁ ଆପଣାର ଅଗଣିତ କାମନାର ଚରିତାର୍ଥତାବିଧାନ ନିମିତ୍ତ ଏକମାତ୍ର ବାଟ ବୋଲି ମନେକରି ତାହାରି ଲାଗି ଧାଇଁବାରେ ଲାଗିଛନ୍ତି, ସେତେବେଳେ ଯେଉଁ ବ୍ୟକ୍ତି ଅର୍ଥ ସମ୍ବନ୍ଧ ବିଷୟରେ ନିର୍ଲିପ୍ତ ହୋଇ ରହିପାରୁଛି ଏବଂ, ନିଜ ଲାଗି କୌଣସି ଲାଭ ହାସଲ କରିବାକୁ ନୁହେଁ, ମାତ୍ର ସମ୍ପୂର୍ଣ୍ଣ ଭାବରେ ଏକ ସ୍ୱାର୍ଥକାମନାମୁକ୍ତ ଆଦର୍ଶର ଅନୁଧାବନ କରିବା ଲାଗିହିଁ ଆପଣାର ସକଳ କର୍ମ କରିପାରୁଛି, ସମ୍ଭବତଃ ସେଇ ଏପରି ଏକ ଦୃଷ୍ଟାନ୍ତ ଦେଖାଇ ପାରୁଛି, ଯାହାର କି ବର୍ତ୍ତମାନର ସ୍ଥିତିରେ ସବୁଠାରୁ ଅଧିକ ଆବଶ୍ୟକତା ରହିଛି ।

'oaob.nitrkl.ac.in' images reprocessed

୨ ଜୁଲାଇ ୧୯୧୨

କଉଜି ମନଗୁଡ଼ିକ ମୋର ସବୁଠାରୁ ଅଧିକ ନିକଟବର୍ତ୍ତୀ ହୋଇ ରହିଛନ୍ତି ଏବଂ ସେମାନଙ୍କ ମଧ୍ୟରେ ଆଦର୍ଶ କର୍ମୀ-ରୂପେ ମୁଁ ପ୍ରକୃତରେ କ'ଣ କରିପାରିବି ?

କୌଣସି ନା କୌଣସି ପ୍ରକାରେ ଜୀବନ ସର୍ବଦା ଏପରି କେତେ ବ୍ୟକ୍ତିଙ୍କୁ ଆଣି ଆମ ବାଟରେ ଭେଟ କରାଇଦିଏ, ଯେଉଁମାନେ କି କୌଣସି କାରଣରୁ ଆମର ନିକଟବର୍ତ୍ତୀ ହୋଇ ରହିଥାନ୍ତି । ପ୍ରତ୍ୟେକ ବ୍ୟକ୍ତି ପ୍ରକୃତରେ ଯେପରି, ସିଏ ସେହି ଅନୁସାରେ ତା'ର ପରିବେଶଟିକୁ ସୃଷ୍ଟି କରିନିଏ ।

ଏବଂ, ଯଦି ତାହାହିଁ ଆମର ସର୍ବପ୍ରଧାନ ଧନ୍ଦା ହୋଇ ରହିଥାଏ, ତେବେ ଯେଉଁମାନଙ୍କ ସହିତ ଏହିପରି ଭାବରେ ଆମର ଜୀବନ ପଥରେ ଭେଟ ହୋଇଥାଏ, ସେହିମାନଙ୍କରହିଁ ଆମେ ସବୁଠାରୁ ଅଧିକ କାମରେ ଲାଗିପାରିବା ।

ଯେଉଁ ବ୍ୟକ୍ତି ସତତ ଆଧ୍ୟାତ୍ମିକ ଚେତନାଟି ମଧ୍ୟରେ ବାସ କରୁଥାଏ, ତାହାର ଜୀବନରେ ଯାହାକିଛି ଘଟେ, ତାହାର ସର୍ବଦା ଏକ ବିଶେଷ ମୂଲ୍ୟ ରହି-ଥାଏ ଏବଂ ତା'ର ଉନ୍ନତିଟିର ବିବର୍ତ୍ତନ ସକାଶେ ତାହା ଅନୁକୂଳ ହିଁ ହୋଇ ରହିଥାଏ । ତେଣୁ ତା' ଲାଗି ଏକଥା ପ୍ରକୃତରେ ଖୁବ୍ ଲାଭଦାୟକ ସାବ୍ୟସ୍ତ ହେବ ଯେ, ଅନ୍ୟମାନଙ୍କ ସହିତ ତାହାର ହେଉଥିବା ଏହି ଭେଟ ଓ ପରିଚୟଗୁଡ଼ିକୁ ସିଏ ପର୍ଯ୍ୟବେକ୍ଷଣ କରି ଦେଖିବ, ସେଗୁଡ଼ିକ ପଛରେ ରହିଥିବା ପ୍ରଚ୍ଛନ୍ନ ତଥା ଗଭୀରତର କାରଣଗୁଡ଼ିକୁ ବି ସେ ଅନୁସନ୍ଧାନ କରିବାକୁ ଚେଷ୍ଟା କରୁଥିବ, ଏବଂ ତା'ର ନିଜର ସ୍ୱାର୍ଥମୁକ୍ତ ଆଗ୍ରହ ଓ ଆକାଙ୍କ୍ଷାଗୁଡ଼ିକ ଅନୁସାରେ, ପ୍ରତ୍ୟେକ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ଲାଗି ସିଏ କିପରି କ'ଣ ପ୍ରୟୋଜନରେ ଆସି ପାରିବ, ସେହି କଥାଟିକୁ ସେ ଆପଣାକୁ ପଚାରିବାରେ ଲାଗିଥିବ । ଏବଂ ତା'ର ଆଧ୍ୟାତ୍ମିକ ବିକାଶର ମାତ୍ରାଟି ଅନୁସାରେ, ତା'ର କ୍ରିୟାଟି ମଧ୍ୟ ସର୍ବଦା ସେହିପରି ଅଧିକ ବା ଅଳ୍ପ ଆଧ୍ୟାତ୍ମିକ ଫଳପ୍ରଦତା ହାସଲ କରିବାକୁ ସମର୍ଥ ହେବ ।

ଆମର ପରି ଆଉ ଅନ୍ୟ ମଣିଷଙ୍କ ପାଖକୁ କେଉଁସବୁ କାରଣରୁ ଆମେ ଅଧିକ ନିକଟବର୍ତ୍ତୀ ହୋଇ ଆସିଥାଉ, ଯଦି କେବେ ଉଚିତ ମନୋଯୋଗ

ସାଧାରଣରେ ଆମେ ଯେବେ ସେଗୁଡ଼ିକର ପର୍ଯ୍ୟାଲୋଚନା କରି ଦେଖିବା, ତେବେ ଅବଶ୍ୟ ଏକଥା ଜାଣିପାରିବା ଯେ, ଆମ ସତ୍ତାର ଗମ୍ଭୀରତାର ବିଭିନ୍ନ ସ୍ତରରେ ଏହି ସମ୍ପର୍କଗୁଡ଼ିକ ସଙ୍ଘଟିତ ହେବାରେ ଲାଗିଛି ଏବଂ ତାହା ପ୍ରକୃତରେ ସଚେତନ କ୍ରିୟାଶୀଳତାର କ୍ଷେତ୍ରରେ ଆମ ନିଜର ସ୍ଥିତି ଉପରେ ନିର୍ଭରଶୀଳ ହୋଇ ରହିଛି ।

ଆମର ସେହି କ୍ରିୟାତ୍ମକତାର ଚାରିଗୋଟି ପ୍ରଧାନ ପ୍ରଧାନ ସ୍ଥିତି ଅନୁସାରେ ଆମେ ଏହି ସମ୍ବନ୍ଧଗୁଡ଼ିକୁ ଚାରୋଟି ବିଭିନ୍ନ ଶ୍ରେଣୀରେ ଅଲଗା ଅଲଗା କରି ବି ଦେଖିପାରିବା । ଏହି ଚାରୋଟି ବିଭାଗ ହେଲା : ଶାରୀରିକ, ପ୍ରାଣିକ, ଚୈତ୍ୟ ଏବଂ ମାନସିକ । ସେହି ସମ୍ବନ୍ଧଗୁଡ଼ିକ ଯୁଗପତ୍ ଭାବରେ ଅଥବା ଗୋଟିକ ପରେ ଗୋଟିଏ ହୋଇ ଏଥିମଧ୍ୟରୁ ଗୋଟିଏ ଅଥବା ଏକାଧିକ ସ୍ତରରେ ହିଁ ଏକତ୍ର କାର୍ଯ୍ୟକାରୀ ହୋଇ ରହିଥିବେ, ଏବଂ, ଆମ କ୍ରିୟାଶୀଳତାଟି କେଉଁ ଗୁଣାତ୍ମକ ସ୍ତରରେ ଓ କେଉଁପ୍ରକାରେ ଆପଣାକୁ ବ୍ୟକ୍ତ କରୁଛି, ସେକଥା ତାହାରି ଉପରେହିଁ ନିର୍ଭର କରୁଥିବ ।

ଶାରୀର କ୍ଷେତ୍ରର ସମ୍ପର୍କମାନ ଘଟିବହିଁ ଘଟିବ, ଅର୍ଥାତ୍, ଆମର ଯେତେ-ବେଳେ ଗୋଟିଏ ସ୍ଥୂଳଶରୀର ରହିଛି, ସେତେବେଳେ ସେହିସବୁ ସ୍ପର୍ଶ ଅବଶ୍ୟ ଘଟିବ । ଯେଉଁମାନଙ୍କ ସକାଶେ ଆମେ ଏହି ଶରୀରଟିକୁ ଲାଭ କରିଛୁ ଏବଂ ଯେଉଁ-ମାନେ ସ୍ଥୂଳଭାବରେ ସେହି ସମ୍ପର୍କଗୁଡ଼ିକ ଉପରେ ନିର୍ଭରଶୀଳ ହୋଇ ରହିଛନ୍ତି, ସେମାନଙ୍କ ସହିତ ଏହି ସମ୍ପର୍କଟି ଅବଶ୍ୟ ଘଟିବ । ସେହି ସମ୍ପର୍କଗୁଡ଼ିକୁ ଆମେ ଜ୍ଞାତିଗତ ସମ୍ପର୍କ ବୋଲି କହିବା । ଏଗୁଡ଼ିକୁ ନୈକଟ୍ୟର ଗୋଟିଏ ଗୋଟିଏ ସମ୍ପର୍କ ବୋଲି ମଧ୍ୟ କୁହାଯାଇ ପାରିବ । ଆମ ଘର ପାଖରେ ଅନେକ ବ୍ୟକ୍ତି ଆମର ପଡ଼ୋଶୀ ହୋଇ ରହିଥିବେ, ବିଭିନ୍ନ ଯାନବାହନରେ ଅନ୍ୟମାନଙ୍କ ସହିତ ଯାତାୟାତ କଲାବେଳେ ଏବଂ ବାହାରେ ରାସ୍ତା ଉପରେ ବାଟ ଚାଲିବାବେଳେ ଆମେ ଏହିସବୁ ସମ୍ପର୍କର ସମ୍ମୁଖୀନ ହୋଇଥାଉ । (ଏଠାରେ ମୁଁ ଆଉଗୋଟିଏ କଥା ବି କହିରଖିବି,—ମୋର ଏହି ମନ୍ତବ୍ୟଟି ଅନ୍ୟ ତିନୋଟି ପ୍ରକାରର ସମ୍ପର୍କବେଳେ ମଧ୍ୟ ଲାଗୁ ହୋଇପାରିବ, — ସେହି କଥାଟି ହେଉଛି ଯେ, ଏହି ସମ୍ପର୍କଟି ଯେ କେବଳ ସେହି କ୍ଷେତ୍ରଟିରେହିଁ ସୀମାବଦ୍ଧ ହୋଇ ରହିବ, ସେକଥା ଆଦୌ ନୁହେଁ : ବସ୍ତୁତଃ, ଏପରି କ୍ୱଚିତ୍ ହୋଇଥାଏ ; କାରଣ, ଆମେ ଅତ୍ୟନ୍ତ କ୍ୱଚିତ୍ହିଁ ଆମ ସତ୍ତାର କେବଳ ଗୋଟିଏ ଭୂମିରେହିଁ କ୍ରିୟାଶୀଳ ହୋଇ ରହିଥାଉ । ମୁଁ ଏହି କଥାଟି କହିବାକୁ ଇଚ୍ଛା କରୁଛି ଯେ, ସ୍ଥୂଳ ଶାରୀରିକ ସମ୍ପର୍କଟିହିଁ ଅନ୍ୟ ତିନୋଟି ସମ୍ପର୍କ ଅପେକ୍ଷା ଅଧିକ ଶକ୍ତିଶାଳୀ ହୋଇ ରହିଥାଏ ।)

'oaob.nitrkl.ac.in' images reprocessed

ବିଭିନ୍ନ ଆବେଗ ଏବଂ ବାସନା ମଧ୍ୟରେହିଁ ଯାବତୀୟ ପ୍ରାଣିକ ସମ୍ପର୍କ ସଂଘଟିତ ହୋଇଥାଏ । ଯେଉଁସବୁ ଆବେଗ ଓ ବାସନା ସମଜାତୀୟ ହୋଇ ରହିଥାନ୍ତି ଅଥବା ପରସ୍ପରର ଅନୁପୂରକ ହେବା ଲାଗି ଏବଂ ପରସ୍ପରକୁ ଅଧିକ ଶକ୍ତି-ଯୁକ୍ତ କରିବା ଲାଗି ପରସ୍ପର ସହିତ ମିଳିତ ହେଉଥାନ୍ତି, ସେହିଗୁଡ଼ିକ ମଧ୍ୟରେହିଁ ପ୍ରାଣିକ ସମ୍ପର୍କ ସ୍ଥାପିତ ହୋଇଥାଏ ।

ଗୋଟିଏ ବିନ୍ଦୁରେ ଆସି ମିଳିତ ହେଉଥିବା ଆଧ୍ୟାତ୍ମିକ ଅଭୀପ୍ସାଗୁଡ଼ିକ ମଧ୍ୟରେ ଚୈତ୍ୟ ସମ୍ପର୍କ ସଙ୍ଘଟିତ ହୁଏ ।

ସମାନ ସମାନ ଅଥବା ପରସ୍ପରର ଅନୁପୂରକ ହୋଇ ରହିଥିବା ମାନସିକ ସାମର୍ଥ୍ୟ ଏବଂ ସହଙ୍କତାଗୁଡ଼ିକ ମଧ୍ୟରେ ମାନସିକ ସମ୍ପର୍କ ସ୍ଥାପିତ ହୋଇଥାଏ ।

ସାଧାରଣତଃ, ଯଦି କୌଣସି ଗୋଟିଏ ପ୍ରକାରର ସମ୍ପର୍କ ଅତିପ୍ରଧାନ ଓ ଅତ୍ୟନ୍ତ ସୁସ୍ପଷ୍ଟଭାବରେ ପ୍ରତିଷ୍ଠିତ ହୋଇ ରହି ନ ଥାଏ, — ମାତ୍ର, ସତ୍ତାର ଯାବତୀୟ ଗମ୍ଭୀରତା ଓ ବହୁମୁଖିତାକୁ ସହିତ କରି ରଖି ତାହାକୁ ସଂଗଠିତ କରିପାରିବା ଲାଗି ଆମ ପ୍ରକୃତି ମଧ୍ୟ ଯେତେବେଳେ ଯଥେଷ୍ଟ ପରିମାଣରେ ଏକ ଶୃଙ୍ଖଳା ରଖିଥାଏ, କେବଳ ସେତିକବେଳେହିଁ ସେପରି ସମ୍ଭବ ହୋଇଥାଏ, — ଯେଉଁମାନେ ଆମ ପାଖରେ ରହିଛନ୍ତି, ନାନାପ୍ରକାରର ସ୍ଥୂଳ କାରଣରୁ ଆମେ ସେମାନଙ୍କୁ ଅବଶ୍ୟ ସ୍ଥୂଳ ଭାବରେ ସାହାଯ୍ୟମାନ ଦେଇପାରିବା ଏବଂ ତାହାକୁହିଁ କର୍ତ୍ତବ୍ୟ ବୋଲି ଭାବିବା ।

କେତେକ ନିର୍ଦ୍ଦିଷ୍ଟ ବ୍ୟତିକ୍ରମକୁ ବାଦ୍ ଦେଲେ, ସର୍ବୋତ୍ତମ ସାହାଯ୍ୟଦାନ ହିସାବରେ ଆମ ପରିବାରର ବ୍ୟକ୍ତିମାନଙ୍କୁ ଆମେ ସ୍ଥୂଳ ଭାବରେ ଅନେକ ସାହାଯ୍ୟ କରିପାରିବା । ବା, ଯେଉଁମାନଙ୍କ ସହିତ ଆମର ଅକସ୍ମାତ୍ ରାସ୍ତାରେ, ରେଳ-ଗାଡ଼ିରେ, ଜାହାଜରେ ଏବଂ ମଟରଗାଡ଼ି ପ୍ରଭୃତିରେ ଭେଟ ହେଉଛି, ଆମେ ସେମାନଙ୍କୁ ମଧ୍ୟ ସ୍ଥୂଳ ଭାବରେ ସାହାଯ୍ୟ କରିପାରିବା । ସେମାନଙ୍କୁ ଅର୍ଥ ସାହାଯ୍ୟ କରିପାରିବା, ଅସୁସ୍ଥତା ବା ବିପଦ ସମୟରେ ମଧ୍ୟ କିଛି ସାହାଯ୍ୟରେ ଆସିପାରିବା ।

ଯେଉଁମାନଙ୍କର ଆମରି ପରି ଏକା ପ୍ରକାରର କଳାତ୍ମକ ଅଥବା ଅନ୍ୟ କୌଣସି ରୁଚିମାନ ରହିଛି ବୋଲି ଯେଉଁମାନେ ଆମ ଆଡ଼କୁ ଆକୃଷ୍ଟ ହୋଇ ଆସନ୍ତି, ସେମାନଙ୍କର ଗ୍ରହଣଶୀଳତାଟିକୁ ମଧ୍ୟ ଆମେ ସାହାଯ୍ୟ କରିବାକୁ ଚେଷ୍ଟା କରିବା, ସେମାନଙ୍କର ଇନ୍ଦ୍ରିୟାନୁଭବ କ୍ଷେତ୍ରର ନାନା ଶକ୍ତିଗୁଡ଼ିକରେ ଆବଶ୍ୟକ ସଂଶୋଧନ ଆଣି, ସେଗୁଡ଼ିକରେ ଏକ ଭାବସାମ୍ୟ ଆଣିଦେଇ ବା ସେଗୁଡ଼ିକୁ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ପଥରେ ପରିଚାଳିତ କରାଇ ଆମେ ସେମାନଙ୍କର ସହାୟତା କରି ପାରିବା ।

'oaob.nitrkl.ac.in' images reprocessed

ଅଗ୍ରଗତି ଲାଗି ଆମର ପର ଏକ ଅଭିପ୍ସା ଦ୍ୱାରା ପ୍ରେରିତ ହୋଇ ଯେଉଁ-ମାନେ ଆମର ସଂପର୍କରେ ଆସୁଛନ୍ତି, ସେମାନଙ୍କୁ ଆମେ ଆପଣାର ଉଦାହରଣ ଦ୍ୱାରା ଉଚିତ ପଥଟିକୁ ଦେଖାଇ ଦେଇ ଅଥବା ଆମର ଶ୍ରଦ୍ଧାଟି ଦ୍ୱାରା ସେମାନଙ୍କର ବାଟଟିକୁ କିଛିଟା ସହଜ କରିଦେବାକୁ ଚେଷ୍ଟା କରି ଆମେ ସେମାନଙ୍କୁ ସାହାଯ୍ୟ କରିପାରିବା ।

ଶେଷରେ, ଏକ ମାନସିକ ସଦୃଶତା ରହିଥିବାରୁ ଯେଉଁମାନେ ଆମର ଅତି ନିକଟକୁ ଆସୁଛନ୍ତି, ଆମ ବୃକ୍ଷର ଆଲୋକକୁ ଆମେ ସେମାନଙ୍କ ସକାଶେ ମଧ୍ୟ ବଚ୍ଛୁରିତ ହେବା ଲାଗି ଅବସର ଦେବା, ଯେପରିକି, ଯଦି ସମ୍ଭବ ହୁଏ, ଆମେ ସେମାନଙ୍କର ଭାବନାର କ୍ଷେତ୍ରଟିକୁ ଅଧିକ ପ୍ରସାରିତ କରିଦେଇ ପାରିବା ଏବଂ ସେମାନଙ୍କର ଆଦର୍ଶଟିକୁ ମଧ୍ୟ ଆଲୋକିତ କରିଦେଇ ପାରିବା ।

ଅନ୍ୟ ବ୍ୟକ୍ତିମାନଙ୍କ ସହିତ ଯେଉଁସବୁ ପରିବେଶରେ ଆମର ଭେଟ ବା ପରିଚୟ ହୋଇଥାଏ, ତାହାର ମଧ୍ୟରେହିଁ ଏହିସବୁ ନାନାବିଧ ସମ୍ବନ୍ଧ କିଛିଟା ଏବଂ ଅନେକ ସମୟରେ ସୂକ୍ଷ୍ମ ନାନା ବିଭିନ୍ନତା ଦେଇ ଆପଣାକୁ ଅଭିବ୍ୟକ୍ତ କରିଥାନ୍ତି । ଏବଂ, ଆମ ଅନ୍ତର୍ଦୃଷ୍ଟିଟି କେବଳ କ୍ୱଚିତ୍‌ହିଁ ଯଥେଷ୍ଟ ପରିମାଣରେ ଜାଗରୁକ ହୋଇ ରହିପାରୁଥିବାରୁ ଏହି କିଛିଟା ପରିମାଣର ବିଭିନ୍ନତାଗୁଡ଼ିକ ଆମର ଆଖିରେ ଅଧିକାଂଶ ସମୟରେ ଧରାହିଁ ପଡ଼ନ୍ତି ନାହିଁ ।

ମାତ୍ର, ଆମର କ୍ରିୟାଶୀଳତାକୁ ଯଥାର୍ଥ ମାର୍ଗରେ ପରିଚାଳିତ କରିବା ସକାଶେ ଏବଂ ଆମର ସହଯାତ୍ରୀ ଅନ୍ୟମାନଙ୍କ ପ୍ରତି ଆମର ଯେଉଁ ଭୁଲ୍ ଦୃଷ୍ଟିକୋଣ-ଗୁଡ଼ିକ ରହିଛି, ସେଗୁଡ଼ିକର କାରଣଗୁଡ଼ିକରେ ଯଥାସମ୍ଭବ ହ୍ରାସ ଘଟାଇବା ସକାଶେ ଆମକୁ ସର୍ବଦା ଏବଂ ସର୍ବାଧିକ ଯତ୍ନର ସହିତ ଆମ ସମ୍ବନ୍ଧଗୁଡ଼ିକର ଅଗଣିତ କାରଣଗୁଡ଼ିକୁ ଅନୁସନ୍ଧାନ କରି ବାହାର କରିବାକୁ ପଡ଼ିବ ଏବଂ, କେଉଁପ୍ରକାର ଆକର୍ଷଣ ଓ ସମ୍ପର୍କ ଆମକୁ ସେମାନଙ୍କ ସହିତ ବାନ୍ଧିକରି ରଖିଛି, ସେଗୁଡ଼ିକୁ ଭଲକରି ଜାଣିବାକୁ ପଡ଼ିବ ।

ଖୁବ୍ ଅଳ୍ପସଂଖ୍ୟକ ସତ୍ତ୍ୱାହିଁ ଜୀବନ ସମ୍ପର୍କର ସୁରୋଟିଯାକ କ୍ଷେତ୍ରରେ ପୂରାପୂରି ଭାବରେ ଆମର ନିକଟବର୍ତ୍ତୀ ହୋଇ ରହିଥାନ୍ତି । ଗଭୀରତମ ଅର୍ଥରେ ସେହିମାନଙ୍କୁହିଁ ଆମର ବନ୍ଧୁ ବୋଲି କୁହାଯାଇ ପାରିବ । କେବଳ ଏହିମାନଙ୍କ ଉପରେହିଁ ଆମ କାର୍ଯ୍ୟଗୁଡ଼ିକର ସବୁଠାରୁ ଅଧିକ ସମଗ୍ର, ସମ୍ପୂର୍ଣ୍ଣ ଭାବରେ ସହାୟକ ଏବଂ ଉପକାରୀ ପ୍ରଭାବମାନ ପ୍ରକୃତରେ ପଡ଼ିପାରିବ ।

ଆମେ ଏହି କଥାଟିକୁ କଦାପି ଭୁଲିଯିବା ନାହିଁ ଯେ, ଦୁଇଜଣ ମନୁଷ୍ୟ-ବ୍ୟକ୍ତିଙ୍କ ମଧ୍ୟରେ ଯେତିକି ଅଧିକ ସଂଖ୍ୟକ କ୍ଷେତ୍ରରେ ଓ ଯେତିକି ଗଭୀରତାର

'oaob.nitrkl.ac.in' images reprocessed

ସହିତ ସେମାନଙ୍କୁ ଏକତ୍ର ବାନ୍ଧିରଖିଥିବା ସମ୍ବନ୍ଧଗୁଡ଼ିକ କ୍ରିୟାଶୀଳ ହୋଇ ରହିଥାଏ, ସେମାନଙ୍କ ମଧ୍ୟରେ ପ୍ରତିଷ୍ଠିତ ସମ୍ବନ୍ଧଟି ସେତିକି ଅଧିକ ସ୍ଥାୟୀ ହୋଇ ରହିପାରେ ।

ନିଜ ଭିତରେ ଥିବା ଓ ସକଳ ବସ୍ତୁରେ ବିଦ୍ୟମାନ ରହିଥିବା ସେହି ଚିରନ୍ତନ ସାରସତ୍ତାଟି ସହିତ ଯେଉଁମାନେ ସଂଯୋଗ ସ୍ଥାପନ କରି ପାରିଥାନ୍ତି, କେବଳ ସେହିମାନେହିଁ ଚିରନ୍ତନ ଭାବରେ ଏକତ୍ର ସଂଯୁକ୍ତ ହୋଇ ରହିପାରନ୍ତି ।

ଏହି ଜଗତରେ ଏବଂ ଅନ୍ୟାନ୍ୟ ଜଗତଗୁଡ଼ିକରେ ଯେଉଁମାନେ ଆବହମାନ କାଳରୁ ଘନିଷ୍ଠ ଅଥବା ଦୂରସମ୍ପର୍କୀୟ ବନ୍ଧୁ ହୋଇ ରହିଆସିଛନ୍ତି, କେବଳ ସେହିମାନେହିଁ ସବୁକାଳ ଲାଗି ପରସ୍ପରର ବନ୍ଧୁ ହୋଇ ରହିପାରିବେ ।

ଏବଂ ଏହିସବୁ ବନ୍ଧୁଙ୍କ ସହିତ ଆମର ଆଦୌ ଭେଟ ହେବ କି ନାହିଁ, ସେକଥାଟି ଆମ ନିଜ ଭିତରେ, ଆମ ସତ୍ତାର ଅଜ୍ଞାତ ଓ ଗଭୀର ତଳଗୁଡ଼ିକରେ ଆମେ ଆଗ ସେମାନଙ୍କ ସହିତ ଯେଉଁ ସାକ୍ଷାତ୍ ଘଟିବାର ଅନୁଭବଟିକୁ ଲାଭ କରିବା, କେବଳ ତାହାରି ଉପରେହିଁ ନିର୍ଭର କରୁଥିବ ।

ଏବଂ ଏହିପରି ଏକ ଭେଟ ପ୍ରକୃତରେ ଘଟିଲାବେଳେ ଆମର ସମଗ୍ର ଦୃଷ୍ଟିଟିରେ ମଧ୍ୟ ଗୋଟିଏ ରୂପାନ୍ତର ଘଟିବ ।

ଯେତେବେଳେ ଆମ ଭିତରେ ରହିଥିବା ସେହି ପରମ ଦେବତାଙ୍କଠାରୁ ଆମେ ଆପଣାକୁ ଅଭିନ୍ନ ବୋଲି ଉପଲବ୍ଧି କରିବା, ସେତେବେଳେ ଆମେ ଚଗ୍ରିରତାର ପ୍ରସ୍ଥଟି ଉପରେ ସମସ୍ତଙ୍କ ସହିତ ବି ଏକ ହୋଇଯିବା ଏବଂ କେବଳ ତାଙ୍କରି ମାଧ୍ୟମରେ ବା ତାଙ୍କରି ଦ୍ୱାରା ପ୍ରେରିତ ହୋଇହିଁ ଆମେ ସକଳ ସତ୍ତା ସହିତ ସଂସ୍ପର୍ଶରେ ଆସୁଥିବା । ସେତେବେଳେ ଆମେ ଯାବତୀୟ ଆକର୍ଷଣ ଏବଂ ବିକର୍ଷଣରୁ ମୁକ୍ତ ହୋଇଯିବା, ସକଳ ଭଲପାଇବା ଓ ଭଲ ନ ପାଇବାରୁ ବି ମୁକ୍ତ ହୋଇ ପାରିବା ; ଏବଂ, ଯାହା ତାଙ୍କର ନିକଟବର୍ତ୍ତୀ ହୋଇ ରହିଛି, ଆମେ ବି କେବଳ ତାହାରି ନିକଟବର୍ତ୍ତୀ ହୋଇ ରହିଥିବା, ଏବଂ ଯାହାକିଛି ତାଙ୍କଠାରୁ ଦୂରରେ ରହିଛି, ଆମେ ବି ସେଗୁଡ଼ିକଠାରୁ ଦୂର ହୋଇ ରହିଥିବା ।

ଏଣୁ, ଆମକୁ ଏହି କଥାଟି ଶିଖିବାକୁ ପଡ଼ିବ ଯେ, ଅନ୍ୟ ବ୍ୟକ୍ତିମାନଙ୍କ ସହିତ ରହିଥିବା ସମସ୍ତରେ ଆମେ ବୁଦ୍ଧିକ୍ଷେତ୍ରୀୟ ତଥା ଆଧ୍ୟାତ୍ମିକ ଉଭୟ ପ୍ରକାରର ଏକ ପୂର୍ଣ୍ଣାଙ୍ଗ କ୍ରିୟାଶୀଳତାର ଅଧିକରୁ ଅଧିକ ପରିମାଣରେ ଗୋଟିଏ ଉଦ୍ଭବ୍ୟ ଦୃଷ୍ଟାନ୍ତ ହୋଇ ରହିଥିବା, ଯେପରିକି ଉଦ୍ଭବ୍ୟ ଜୀବନର ପଥଟିକୁ ବୁଝିବା ଲାଗି ଏବଂ ସେଥିରେ ପ୍ରବେଶ କରିବା ଲାଗି ସେମାନଙ୍କ ସମ୍ମୁଖରେ ଏକ ଅବସର ସବୁବେଳେ ମହଜୁଦ ହୋଇ ରହିଥିବ ।

'oaob.nitrkl.ac.in' images reprocessed

ତୃତୀୟ ଭାଗ

୧୯୧୧ ଓ ୧୯୧୩ ମସିହା ଭିତରେ ମାଆ ପାରିସ୍ ସହରରେ ବିଭିନ୍ନ ଗୋଷ୍ଠୀରେ କେତୋଟି ଭାଷଣ ଦେଇଥିଲେ । ସେଥିରୁ ଦୁଇଟି ଭାଷଣ, 'ଭାବନା ବିଷୟରେ' ଏବଂ 'ସ୍ୱପ୍ନ ବିଷୟରେ', ପ୍ରଥମ ଭାଗରେ ଅନ୍ତର୍ଭୁକ୍ତ କରାଯାଇଛି । କେତେକ ଆବଶ୍ୟକ ଅଦଳବଦଳ ସହିତ ମାଆ ଠିକ୍ ସେହି ଭାଷଣଗୁଡ଼ିକୁ ବେଳେବେଳେ ଦୁଇ ବା ତତୋଽଧିକ ଗୋଷ୍ଠୀରେ ମଧ୍ୟ ଦେଇଥିଲେ । ଯାହାସବୁ ସେଥିରେ ପରେ ଯୋଡ଼ା ହୋଇଛି ବା ଯାହାସବୁ ବଦଳାବଦଳ କରାଯାଇଛି, ସେଗୁଡ଼ିକୁ ଏଠାରେ ପାଦଟିପ୍ପଣୀ ରୂପେ ଦିଆହୋଇଛି ।

ଏହି ଭାଗରେ ଥିବା ପ୍ରଥମ ଲେଖାଟି ମାଆଙ୍କର ପାଣ୍ଡୁଲିପି ଭିତରେ ଗୋଟିଏ ଟିପ୍ପଣୀ ଆକାରରେ ମିଳିଥିଲା ।

'oaob.nitrkl.ac.in' images reprocessed

ବର୍ତ୍ତମାନ ଯିଏ ତୁମମାନଙ୍କୁ ଏସବୁ କଥା କହୁଛନ୍ତି, ଯିଏ ହେଉଛନ୍ତି ପରମ ଦିବ୍ୟସମ୍ରାଟଙ୍କର ଜଣେ ଅନୁଗତ ସେବକ । ଆବହମାନ କାଳରୁ, ଏହି ପୃଥିବୀର ସୃଷ୍ଟି ହେବା ଦିନଠାରୁ, ସେ ତୁମକୁ ଯାହାକିଛି କହୁଛନ୍ତି, ତା'ର ପରମ ଜୀବନସ୍ୱାମୀଙ୍କର ନାମରେହିଁ ଯିଏ ସେସବୁ କହିଆସିଛନ୍ତି । ଏବଂ ଯେପର୍ଯ୍ୟନ୍ତ ଏହି ପୃଥିବୀ ରହିଥିବ ଏବଂ ଏହି ମଣିଷମାନେ ମଧ୍ୟ ରହିଥିବେ, ଯିଏ ସେପର୍ଯ୍ୟନ୍ତ ବି ତାଙ୍କର ସେହି ଦିବ୍ୟ ବାଣୀର ପ୍ରଚାର ଲାଗି ଏଇଠି କୌଣସି ନା କୌଣସି ଏକ ଶରୀର ଭିତରେ ଅବସ୍ଥାନ କରୁଥିବ ଓ ଉପସ୍ଥିତ ରହିଥିବ ।

ତେଣୁ, ମୋତେ ଯେତେ ଜାଗାରେ କିଛିନା କିଛି କହିବା ଲାଗି ଅନୁରୋଧ କରାଯାଇଥାଏ, ସେଠାରେ ସେହି ପରମ ଦିବ୍ୟସମ୍ରାଟଙ୍କର ଜଣେ ସେବକ ଭାବରେହିଁ ମୁଁ ଯଥାପ୍ରେରଣାପ୍ତି ମୋ'ର କର୍ତ୍ତବ୍ୟ କରିବାକୁ ଚେଷ୍ଟା କରିଥାଏ ।

ମାତ୍ର, ଯଦି କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମମତ କିଂବା, ଯିଏ ଯେତେ ବଡ଼ ହୋଇଥାଆନ୍ତୁ ପଛକେ, କୌଣସି ଜଣେ ମନୁଷ୍ୟଙ୍କ ନାମରେ ମୋତେ କିଛି କହିବା ଲାଗି କେହି କହିବେ, ତେବେ ମୁଁ ସେହି କାର୍ଯ୍ୟଟିକୁ କଦାପି କରିପାରିବ ନାହିଁ ।

ସେହି ପରମ ଶାଶ୍ୱତ ଏବଂ ବିଶ୍ୱାତୀତ ମୋତେ ସେପରି କରିବାରୁ ବାରଣ କରି ରଖିଥିବେ ।

(୧୯୧)

'oaob.nitrkl.ac.in' images reprocessed

ଭାବନା ବିଷୟରେ-ଉପକ୍ରମଣିକା

ଶ୍ରୀମାଆ ମୋଲ୍‌ତୋ ମୋତେ ଭାବନା ବିଷୟରେ କିଛି କହିବା ଲାଗି ଅନୁରୋଧ କରିଛନ୍ତି ।

ଆପଣମାନେ ବି ଯେହେତୁ ଦୟାକରି ମୋ'ଠାରୁ କିଛି କଥା ଶୁଣିବେ ବୋଲି ଆସିଛନ୍ତି, ମୁଁ ସେଇଥିରୁ ଏହି କଥାଟିକୁ ଅନୁମାନ କରିନେଉଛି ଯେ ଆପଣମାନେ ଜୀବନକ୍ଷେତ୍ରରେ ଭାବନାର ପ୍ରାଥମିକ ମହତ୍ତ୍ୱ ଏବଂ ସର୍ବପ୍ରଧାନ ଭୂମିକାଟି ଭଲକରି ହୃଦୟଙ୍ଗମ କରିଛନ୍ତି, ଏବଂ ତେଣୁ ନିଜ ପାଇଁ ଆହୁରି ଅଧିକ ଶକ୍ତିଶାଳୀ ଏବଂ ଅଧିକ ସଚେତନ ଭାବନାର ଭିତ୍ତିଟିଏ ନିର୍ମାଣ କରିବାକୁ ଚେଷ୍ଟା କରୁଛନ୍ତି ।

ତେଣୁ, ମୁଁ ଆଶା କରୁଛି ଯେ, ଭାବନାର ଏହି ପ୍ରାଥମିକ ମହତ୍ତ୍ୱଟି ପ୍ରକୃତରେ କ'ଣ, ଆପଣମାନଙ୍କୁ ସେହି କଥାଟି ଦେଖାଇଦେଲେ ଯଦି ମୁଁ ଆପଣମାନଙ୍କୁ, ଆମ ସମସ୍ତଙ୍କୁ, କିପରି ଉଚିତ ପ୍ରକାରେ ଭାବି ଶିଖିବାକୁ ହୁଏ, ସେ ବିଷୟରେ କେତେକ ପରାମର୍ଶ ଦେବାର ସାହସ ବି କରେ, ତେବେ ଆପଣମାନେ ସେଥିଲାଗି ମୋତେ କ୍ଷମା କରିବେ ।

ଏହି କାର୍ଯ୍ୟଟି କଲାବେଳେ ମୁଁ କେବଳ ସେହି ମହାନ୍ ଶିକ୍ଷାଦାତା ଓ ବ୍ରତଗୁରୁମାନଙ୍କର ଭାଷ୍ୟକାରରୂପେହିଁ କାର୍ଯ୍ୟ କରିବାକୁ ଚେଷ୍ଟା କରିବି, ଯେଉଁମାନେ କି ଯୁଗ ଯୁଗ ଧରି ମନୁଷ୍ୟମାନଙ୍କ ଲାଗି ଆପଣାର ପ୍ରଜ୍ଞା ଓ ଶାନ୍ତିର ସନ୍ଦେଶମାନ ବହନ କରି ଆଣିଛନ୍ତି ।

ମାତ୍ର, ଭାବନାର ରୂପଗ୍ରହଣ କରି ଆମ ଭିତରେ ରହିଥିବା ଆମର ଏହି ଅତି ଚମତ୍କାର ସାମର୍ଥ୍ୟଟିକୁ କିପରି ବୁଦ୍ଧିଯୁକ୍ତ, ସମୁଚିତ ଏବଂ ଫଳଦାୟକ ଭାବରେ ବ୍ୟବହାର କରିବାକୁ ହୁଏ, ସେହି ବିଷୟରେ ମୋ'ର ଯଥାସାଧ୍ୟ ସେମାନଙ୍କର ସୁନ୍ଦର ଶିକ୍ଷାପ୍ରଦ କଥାଗୁଡ଼ିକୁ ତର୍ଜମା କରି କହିବା ପୂର୍ବରୁ, ଭାବନା କହିଲେ ପ୍ରକୃତରେ କ'ଣ ବୁଝାଇବା ଉଚିତ, ପ୍ରଥମେ ସେହି ବିଷୟରେ କିଞ୍ଚିତ୍ ଜିଜ୍ଞାସା କରି ଦେଖିବାକୁ ମୁଁ ଏକାନ୍ତ ଅପରିହାର୍ଯ୍ୟ ବୋଲି ମନେ କରୁଛି ।

୫ ଫେବୃଆରି, ୧୯୧୨

'oaob.nitrkl.ac.in' images reprocessed

ଭାବନା ସମ୍ବନ୍ଧରେ-୨

ଏକଥାଟି ତୁମମାନଙ୍କର ବୋଧହୁଏ ମନେଥିବ ଯେ ଗତ ମାସରେ ଆମେ ଭାବନା ସମ୍ବନ୍ଧରେ ଦୁଇଟି ଚୂଡ଼ାନ୍ତ କଥାରେ ଆସି ପହଞ୍ଚିଥିଲୁ ।

ଭାବନା ହେଉଛି ଏକ ଜୀବନ୍ତ, ସକ୍ରିୟ ଏବଂ ସ୍ୱୟଂପ୍ରେରିତ ବ୍ୟାପାର, ଏଇଟି ଆମର ପ୍ରଥମ ମତ ଥିଲା ।

ଦ୍ୱିତୀୟ ମତଟି ଏପରି ଥିଲା ଯେ, ଆମେ ଯେଉଁ ଦୂଷିତ ମାନସିକ ପରିବେଶଟି ମଧ୍ୟରେ ବାସ କରୁଛୁ, ସେଇଟି ସହିତ ସଂଗ୍ରାମ କରି ତାହା ଉପରେ ବିଜୟପ୍ରାପ୍ତ କରିବାକୁ ହେଲେ ଆମକୁ ଆପଣା ଭିତରେ ଆପଣ'ର ବୁଦ୍ଧିଗତ କ୍ଷେତ୍ରରେ ଏପରି ଏକ ସମନ୍ୱୟ ସମ୍ଭବ କରିବାକୁ ହେବ, ଯାହାକି ଶୁଦ୍ଧ ହୋଇଥିବ, ଆଲୋକିତ ହୋଇଥିବ ଏବଂ ଶକ୍ତିଶାଳୀ ବି ହୋଇଥିବ ।

ଏହି ଉଦ୍ଦେଶ୍ୟଟିର ସାଧନ ଲାଗି ଆମକୁ ଆମର ପହଞ୍ଚ ଭିତରେ ରହିଥିବା ସର୍ବୋଚ୍ଚ ଭାବନାଗୁଡ଼ିକୁହିଁ ଆପଣା ମଧ୍ୟକୁ ଆବାହନ କରି ଆଣିବାକୁ ହେବ; ଅର୍ଥାତ୍ ସେଗୁଡ଼ିକୁ ଆମ ମାନସିକ କ୍ରିୟାଶୀଳତାର କ୍ଷେତ୍ରଟି ମଧ୍ୟକୁ ଆଣି ଆମ ନିଜର ସମ୍ପଦରେ ପରିଣତ କରିବାକୁ ପଡ଼ିବ ।

ମାତ୍ର ଭାବନାଗୁଡ଼ିକ ଗୋଟିଏ ଗୋଟିଏ ଜୀବନ୍ତ ସତ୍ତା ହୋଇଥିବାରୁ, ଆମ ଭଳି ସେମାନଙ୍କର ମଧ୍ୟ ଆପଣାର ରୁଚି ଓ ଅରୁଚିମାନ ସର୍ବଦାବେଳେ ରହିଥାଏ, ସେମାନଙ୍କର ବି ନାନା ଆକର୍ଷଣ ରହିଥାଏ ଓ ନାନା ବିକର୍ଷଣ ମଧ୍ୟ ରହିଥାଏ ।

ତେଣୁ ଆମକୁ ସେମାନଙ୍କ ପ୍ରତି ସର୍ବଦା ଏକ ବିଶେଷ ମନୋଦୃଷ୍ଟି ରଖିବାକୁ ପଡ଼ିବ, ସେମାନଙ୍କ ସହିତ ସତେଅବା ମଣିଷଙ୍କ ପରି ବ୍ୟବହାର କରିବାକୁ ହେବ, ସେମାନଙ୍କର ସମ୍ମତି ଲାଭ କରିବା ସକାଶେ ସେଗୁଡ଼ିକୁ ଆଗରୁ ହିଁ ହୋଇ କିଛି ଦେବାକୁ ପଡ଼ିବ ଅଥବା କିଛି ବିଶେଷ ସୁବିଧା ବି ଗ୍ରହଣ କରିବାକୁ ପଡ଼ିବ । ଆମେ ବନ୍ଧୁରୂପେ ପାଇବା ବୋଲି ଆଶା କରୁଥିବା ଜଣେ ମଣିଷ ସହିତ ଆମକୁ ଯେଉଁଭଳି କେତେକ ବିଶେଷ ଦୃଷ୍ଟି ଦେବାକୁ ହୋଇଥାଏ, ସେହିପରି ଏଗୁଡ଼ିକ ପ୍ରତି ମଧ୍ୟ ବିଶେଷ ଦୃଷ୍ଟି ଦେବାକୁ ପଡ଼ିବ ।

ଏହି ବିଷୟରେ ଆଧୁନିକ ଯୁଗର ଜଣେ ଦାର୍ଶନିକ କହିଛନ୍ତି :

'oaob.nitrkl.ac.in' images reprocessed

"ଚିନ୍ତାଶୀଳ ବ୍ୟକ୍ତିମାନେ ଚିନ୍ତା କଲାବେଳେ, ବୁଦ୍ଧିଜଗତର ଆବିଷ୍କାରକ ତଥା ପୂର୍ବଦର୍ଶୀମାନେ କିଛି ଆବିଷ୍କାର କରୁଥିବାବେଳେ ଭକ୍ତମାନେ — ଯେଉଁମାନଙ୍କୁ ଆମେ ଭାବନାଦର୍ଶୀର ଦ୍ରଷ୍ଟା ବୋଲି କହିପାରିବା,—ସେମାନଙ୍କର ସ୍ୱପ୍ନଗୁଡ଼ିକୁ ଦେଖିଲେ ବେଳେ କୌଣସି ଭାବନା ଆଦୌ ଏକ ଅମୂର୍ତ୍ତି ବା ଶରୀର-ହୀନ ସାମଗ୍ରୀ ନୁହେଁ ବୋଲି ଅନୁଭବ କରିଥାନ୍ତି ଓ ଭାବ ଅସ୍ପଷ୍ଟ ଭାବରେ ଠିକ୍ ସେହିଭଳି ଅନୁମାନ ବି କରିଥାନ୍ତି । ସେମାନଙ୍କୁ ଭାବନାଗୁଡ଼ିକ ସଚେତଥିବା ତେଣା ଲାଗିଥିବା କୌଣସି ଏକ ବସ୍ତୁ ପରି ପ୍ରତୀତ ହୁଏ; ଏପରି ଏକ ବସ୍ତୁ ବୋଲି ପ୍ରତୀତ ହୁଏ, ଯାହାକି କୁଆଡ଼େ କେତେ ଉପରେ ଉଡ଼ିବାରେ ଲାଗିଥାଏ, ପାଖକୁ ଆସି ପୁଣି ଉଡ଼ି ପଳାଉଥାଏ, ଅସନ୍ତୁଷ୍ଟ ପ୍ରକାଶ କରୁଥାଏ ଏବଂ ଆପଣାକୁ ଆଣି ସମର୍ପଣ କରି ଦେଉଥାଏ, ଯାହାକୁକି ବାରବାର ଡାକିବାକୁ ହୁଏ, ଯାହାର ଅନୁଧାବନ କରିବାକୁ ହୁଏ ଏବଂ ତେବେ ଯାଇ ତାହାକୁ ଲାଭ କରି ହୁଏ ।

"ଅତ୍ୟନ୍ତ ପରିମାଣରେ ଅତୀନ୍ଦ୍ରିୟ ଦୃଷ୍ଟି-ସମ୍ପନ୍ନ ଜଣେ ବ୍ୟକ୍ତିକୁ କୌଣସି ଭାବନା ଏପରି ଜଣେ ଉଦାସିନୀ ନାରୀ ପରି ମନେ ହୋଇଥାଏ, ଯାହାରକି ଆପଣାର ନାନା ଖିଆଲ ଓ ଅଭିଳାଷମାନ ରହିଥାଏ, ଆପଣାର ସ୍ୱତନ୍ତ୍ର ଅଭିରୁଚିମାନ ଥାଏ, ଯେକୌଣସି ରାଣୀ ପରି ନାନା ଘୃଣା ବି ରହିଥାଏ ଓ ଯେକୌଣସି କୁମାରୀ ପରି ଏକ ସଲଜ୍ଜତା ଓ କୁଣ୍ଠା ମଧ୍ୟ ରହିଥାଏ । ତାହାକୁ ଜୟ କରିବାକୁ ହେଲେ ଯେ ଅନେକ ପ୍ରୟାସ କରିବାକୁ ହୁଏ ଏବଂ ଏତେ ଟିକିଏ କ'ଣ ଘଟିବା ମାତ୍ରକେ ଯେ ତାହା ହାତରୁ ଖସି ଚାଲିଯାଏ, ସେମାନେ ସେହି କଥାଟିକୁ ଭଲ କରି ଜାଣିଥାନ୍ତି । ତେଣୁ, ଭାବନାଟି ପ୍ରତି ମନର ଏକ ପ୍ରକୃତ ପ୍ରେମ ରହିଥାଏ, ଉତ୍ସର୍ଗ ତଥା ସମର୍ପଣର ଭାବ ରହିଥିବା ଏକ ପ୍ରେମ ରହିଥାଏ, ଏବଂ ସେଇଟି ନହେଲେ ସେହି ଭାବନାଟିକୁ କଦାପି ନଜର କରି ହୁଏ ନାହିଁ ।

"ମାତ୍ର ଏଗୁଡ଼ିକୁ ଆମେ କେବଳ ଗୋଟିଏ ଗୋଟିଏ ସୁନ୍ଦର ପ୍ରତୀକ ବୋଲି କହି ପାରିବା, ଏବଂ ସେହି ପ୍ରତୀକଗୁଡ଼ିକ ପଛରେ ନିହିତ ହୋଇ ରହିଥିବା ଯଥାର୍ଥ ସତ୍ୟଟିକୁ ବୁଝିବା ଲାଗି କେବଳ ଅତ୍ୟନ୍ତ ଅଳ୍ପସଂଖ୍ୟକ ବ୍ୟକ୍ତିହିଁ ସମର୍ଥ ହୋଇ ପାରିବେ ।

"ଜୀବନ୍ତ ରହିଥିବା ଓ ସ୍ପନ୍ଦିତ ହେବାରେ ଲାଗିଥିବା, ଗତିଶୀଳ ଓ ଉଜ୍ଜ୍ୱଳ ହୋଇ ରହିଥିବା, କାଳ ତଥା ଦେଶ ମଧ୍ୟରେ ବିଚରଣ କରୁଥିବା ଏବଂ ସଞ୍ଚାରିତ ହୋଇ ଯାଉଥିବା, କ୍ରିୟା ଏବଂ ଇଚ୍ଛାର ଶକ୍ତି ଦ୍ୱାରା ସମ୍ପନ୍ନ ହୋଇ ରହିଥିବା ଏବଂ ମୁକ୍ତ ଭାବରେ ନିଜର ସ୍ୱକୀୟ କାଳ ତଥା ସ୍ଥାନଟିକୁ ବାଛି ନେଇ ପାରୁଥିବା ଏହି ଭାବନାର ପ୍ରକୃତ ସ୍ୱରୂପଟିକୁ ଜାଣିବା ଲାଗି, ଅର୍ଥାତ୍ ସଂକ୍ଷେପରେ କହିଲେ,

'oaob.nitrkl.ac.in' images reprocessed

ଭାବନାକୁ ଏକ ସମଗ୍ରରୂପେ ଚିହ୍ନି ପାରିବାକୁ ଏକଦା ପ୍ଲେଟୋଙ୍କ ପରି ଜଣେ ବ୍ୟକ୍ତିଙ୍କର ଆବଶ୍ୟକତା ହୋଇଥିଲା ।”

ଅତ୍ୟନ୍ତ ସୁନ୍ଦର ଭାବରେ ଲେଖା ହୋଇଥିବା ଏହି ପୁସ୍ତକଟିରୁ ଆମେ ବିଶେଷ ଭାବରେ ଏହି ବାକ୍ୟଟିକୁ ମନେ ରଖିବା : “ଭାବନାଟି ପ୍ରତି ମନର ଏକ ପ୍ରକୃତ ପ୍ରେମ ରହିଥାଏ, ଉତ୍ସର୍ଗ ତଥା ସମର୍ପଣର ଭାବ ରହିଥିବା ଏକ ପ୍ରେମ ରହିଥାଏ ଏବଂ ସେଇଟି ନହେଲେ ସେହି ଭାବନାଟିକୁ କଦାପି ନିଜର କରି ହୁଏ ନାହିଁ ।”

ଆମେ ଏହାକୁ କେବଳ ଏକ ପ୍ରତିରୂପ ବା କଳ୍ପନା ବୋଲି କଦାପି କହିବା ନାହିଁ । କୌଣସି ଏକ ଭାବନା ସହିତ ଏକ ନିବିଡ଼ ତଥା ସଚେତନ ସମ୍ବନ୍ଧ ସ୍ଥାପନ କରିବାକୁ ହେଲେ ଆମକୁ ସେଇଟି ପାଖରେ ଆପଣାକୁ ଉତ୍ସର୍ଗ କରିବାକୁ ପଡ଼ିବ, ଏକ ସ୍ୱାର୍ଥରହିତ ଭଲ ପାଇବାର ଭାବ ଦ୍ୱାରା ତାହାକୁ ଭଲ ପାଇବାକୁ ପଡ଼ିବ; ସେହି ଭାବନାଟି ସକାଶେ ଓ ସେହି ଭାବନାଟି ମଧ୍ୟରେହିଁ ତାହାକୁ ଭଲ ପାଇବାକୁ ପଡ଼ିବ ।

ଏହି ଭଲ ପାଇବା କହିଲେ ପ୍ରକୃତରେ କ’ଣ ବୁଝାଏ, ଏବଂ ତାହା ସଙ୍ଗେ ସଙ୍ଗେ, ତାହାକୁ ଆମ ନିଜ ଭିତରେ ପ୍ରତିଷ୍ଠିତ କରାଇ ଆଣିବାକୁ ହେଲେ ଆମକୁ ପ୍ରକୃତରେ କ’ଣ କରିବାକୁ ହେବ, ଆଜି ଆମେ ସେହି କଥାଟିକୁ ଜାଣିବା ପାଇଁ ଚେଷ୍ଟା କରିବା ।

ଏଥିଲାଗି ନିତାନ୍ତ ଅପରିହାର୍ଯ୍ୟ ରୂପେ ଯେଉଁ ସର୍ବପ୍ରଥମ ଦୃଷ୍ଟିକୋଣଟିକୁ ଅବଲମ୍ବନ କରିବାକୁ ପଡ଼ିବ, ସେଇଟି ହେଉଛି ଯେ, ଯେତେ ପରିପୂର୍ଣ୍ଣ ଓ ସମ୍ପୂର୍ଣ୍ଣ ଭାବରେ ଆମ ମାନସିକ କ୍ଷେତ୍ରରେ ଏକ ନିଷ୍ଠାର ଅଧିକାରୀ ହୋ’ଇ ପାରିବା ଲାଗି ଆମର ସାମର୍ଥ୍ୟ ରହିଛି, ଆମକୁ ସେହି ନିଷ୍ଠାଟିର ଅଧିକାରୀ ହେବାକୁ ପଡ଼ିବ ।

ଆଉ ଯାବତୀୟ ପ୍ରକାରର ନିଷ୍ଠାର ତୁଳନାରେ ଏଇଟିକୁ ଅର୍ଜନ କରିବା ବୋଧହୁଏ ଅଧିକ କଷ୍ଟକର ହେବ । ଆପଣାର ମନକୁ କେବେହେଲେ ଧୋକା ନଦେବା, — ଏହି ଶକ୍ତିଟିକୁ ହାସଲ କରିବା ମୋଟେ ସହଜ ନୁହେଁ ।

ପ୍ରଥମତଃ, ଗତ ଡିସେମ୍ବର ମାସରେ ମୁଁ ତୁମମାନଙ୍କୁ ଯେପରି ବୁଝାଇ କରି କହିଥିଲି, ଆମେ ସାଧାରଣତଃ ଏପରି ଏକ ରୀତିରେ ଭାବିବା ଲାଗି ଅଭ୍ୟସ୍ତ ହୋଇ ଯାଇଥାଉ, ଯାହାକି ଆମେ ଲାଭ କରିଥିବା ଶିକ୍ଷାଟି ଫଳରେ ଆମକୁ ପ୍ରାପ୍ତ ହୋଇଥାଏ, ଆମ ପରିବେଶଟିର ପ୍ରଭାବ ଦ୍ୱାରା ଆମ ପାଖକୁ ଆସିଥାଏ । ଏବଂ, ଅଧିକାଂଶ ସମୟରେ ତାହା ସାମାଜିକ ପରମ୍ପରା ଏବଂ ସାମୂହିକ ନାନା ପ୍ରବର୍ତ୍ତନା ଦ୍ୱାରା ଗଠିତ ହୋଇ ରହିଥାଏ । ସେହି ଅଭ୍ୟାସଟି ବଳରେ ଆମେ ପ୍ରାୟ ସ୍ୱଭାବ-

'oaob.nitrkl.ac.in' images reprocessed

ପ୍ରେରିତ ଭାବରେ ସମ୍ପୂର୍ଣ୍ଣତଃ ଅବିକଳ ନହେଲେ ମଧ୍ୟ ସମାନଜାତୀୟ ସାଦୃଶ୍ୟ ଭାବନା ପ୍ରତି, ପୂର୍ବରୁ ହିଁ ଆମର ମନଃକ୍ଷେତ୍ରଟିକୁ ପୂର୍ଣ୍ଣ କରି ରଖିଥିବା ଭାବନାଗୁଡ଼ିକ ପ୍ରତି ଅପେକ୍ଷାକୃତ ଅଧିକ ଆଗ୍ରହୀ ହୋଇ ରହିଥାଉ । ଏବଂ, ଅନ୍ୟପକ୍ଷରେ, ଯେଉଁ ଭାବନାଗୁଡ଼ିକ, ଯେତେ କମ୍ ପରିମାଣରେ ହେଲେ ମଧ୍ୟ, ଆମର ସେହି ମନୋମୟ ପୂର୍ବ ଗଠନଟିକୁ କୌଣସି ପ୍ରକାରେ ହୁଏତ ହଲଚଲ କରାଇ ପକାଇବେ, ସେଗୁଡ଼ିକ ପ୍ରତି କମ୍ ଆଗ୍ରହ ପ୍ରକାଶ କରିଥାଉ ।

ଠିକ୍ ସେହି କାରଣଟି ଯୋଗୁଁ ସିନା, ତୁମେ ସମ୍ଭବତଃ ନିଶ୍ଚୟ ମନେ ରଖିଥିବ, ନୂଆ ନୂଆ କିଛି ଭାବ ଶିଖିବାର କାର୍ଯ୍ୟଟି ଆମ ଲାଗି ବେଳେ ବେଳେ ଭାରି କଷ୍ଟସାଧ୍ୟ ହୋଇ ରହିଥାଏ । ଆମ ଭାବିବାର ଚିରାଚରିତ ଧାରାରେ ଆଦୌ କୌଣସି ପ୍ରକାର ପରିବର୍ତ୍ତନ କରିବା ପାଇଁ ମଧ୍ୟ ଆମେ କେତେ ନା କେତେ କୁଣ୍ଠା ପ୍ରକାଶ କରୁଥାଉ । ସେହି ଚିରାଚରିତ ଧାରାଟି ଆମ ସାମାଜିକ ପରମ୍ପରା ଏବଂ ସାମୂହିକ ଜୀବନର ନାନା ପ୍ରବର୍ତ୍ତନା ଦ୍ୱାରା ତିଆରି ହୋଇ ରହିଥାଏ । କାରଣ ଆମର ସମଗ୍ର ଜୀବନଟିହିଁ ଠିକ୍ ଏହି ଅଭ୍ୟାସଟିକୁ ଭିତ୍ତି କରି ଠିଆ ହୋଇଥାଏ । ତେଣୁ, ଯେଉଁ ଭାବନାଗୁଡ଼ିକ ଅପେକ୍ଷାକୃତ ଅଧିକ ଗମ୍ଭୀର, ଏବଂ ସେଥିଲାଗି ଯେଉଁ-ଗୁଡ଼ିକ ଆମ ପରିବେଶର ନାନା ରୂଢ଼ି ତଥା ଚଳଣିଗୁଡ଼ିକଠାରୁ ଅପେକ୍ଷାକୃତ ଅଧିକ ବନ୍ଧନମୁକ୍ତ ହୋଇ ରହିଥାନ୍ତି, ସେହିଗୁଡ଼ିକର ଆଲୋକରେହିଁ ନିଜର ଜୀବନଟିକୁ ପରୀକ୍ଷା କରି ଦେଖିବା ଲାଗି ସମ୍ମତ ହେବାକୁ ମଧ୍ୟ ପ୍ରଭୂତ ସାହସ ଆବଶ୍ୟକ ହୋଇଥାଏ ଅନ୍ତତଃ ସେଥିଯୋଗୁଁ ଏକ ବୃହତ୍ ଶ୍ରଦ୍ଧା ରହିଥିବା ମଧ୍ୟ ଆବଶ୍ୟକ ହୋଇଥାଏ ।

ତେଣୁ, ଆପଣାର ଭାବନା ସହିତ ଏକ ଅଧିକ ଅନ୍ତରଙ୍ଗ ଏବଂ ଅଧିକ ସଚେତନ ସମ୍ବନ୍ଧରେ ଆବଦ୍ଧ ରହିପାରିବା ଲାଗି ଆବଶ୍ୟକ ସାମର୍ଥ୍ୟ ଅର୍ଜନ କରିବାର ଏକମାତ୍ର ଉଦ୍ଦେଶ୍ୟରେହିଁ ଆପଣାର ଅଭ୍ୟାସଗୁଡ଼ିକରେ ଏକ ସମ୍ପୂର୍ଣ୍ଣ ପରିବର୍ତ୍ତନ ସମ୍ଭବ କରିବାକୁ ହେଲେ ସେହି ଭାବନାକୁ ଯେ କେତେ କେତେ ଅଧିକ ପରି-ମାଣରେ ଭଲ ପାଇବାକୁ ହେବ, ଆମେ ଏଥିରୁହିଁ ସେଠା କଥାଟିର ବିଚାର କରି ପାରିବା ।

ଏବଂ, ମନନର ଏକ ସତତ ଏବଂ ଅବିରାମ ପ୍ରୟାସ ଦ୍ୱାରା ଆମେ ଯେଉଁସବୁ ଭାବନାକୁ ଗ୍ରହଣ କରି ଆପଣାର ଭାବନାରେ ପରିଣତ କରିପାରିଛୁ, ଆମର ମନୋଗତ ସମନ୍ୱୟଟି ସେହି ଭାବନାଗୁଡ଼ିକୁ ନେଇ ତିଆରି ହୋଇଥିଲେ ମଧ୍ୟ, ଆମକୁ ତଥାପି ଏକ ଅତ୍ୟନ୍ତ ଶକ୍ତିଶାଳୀ ଶ୍ରଦ୍ଧାର ସହିତ ସେହି ବିଗ୍ରହଟିକୁ ଭଲ ପାଇବାକୁ ପଡ଼ିବ, ହୁଏତ ଆହୁରି ଅଧିକ ଶକ୍ତିଶାଳୀ ଭାବରେ ସେଇଟିକୁ ନଜର କରି ରଖିବାକୁ ପଡ଼ିବ, ଯେପରିକି ଆମେ ଅନୁକ୍ଷଣହିଁ କୌଣସି ନା କୌଣସି ଏକ ନୂତନ ବିଗ୍ରହର ସନ୍ଧାନ

'oaob.nitrkl.ac.in' images reprocessed

କରିବାରେ ଲାଗିଥିବା, ଏବଂ ସେହି ବସ୍ତୁରଟି ଆମ ପାଖକୁ ଆସିବା ଲାଗି ଇଚ୍ଛା ପ୍ରକାଶ କଲେ ଆମେ ତାହାକୁ ଆମର ସର୍ବାଧିକ ଆଗ୍ରହ ଦେଇ ଗ୍ରହଣ କରିଆଣି ପାରୁଥିବା । କାରଣ ଆମକୁ ନିଶ୍ଚୟ ଖୁବ୍ ଭଲ ଭାବରେ ଜଣା ରହିଥିବା ଉଚିତ ଯେ ପ୍ରତ୍ୟେକ ନୂତନ ବସ୍ତୁର ଆମକୁ ଆମର ପୂର୍ବ ସମନ୍ୱୟଗୁଡ଼ିକ ମଧ୍ୟରେ ଆବଶ୍ୟକ ପରି-ବର୍ତ୍ତନ କରିବା ଲାଗି ପ୍ରସ୍ତୁତ କରି ପାରୁଥିବ, ଆଗରୁ ଗୋଟିଏ ଗୋଟିଏ ଭୁଲ ସ୍ୱବସ୍ତୁରୂପେ ବୋଧ ହୋଇ ଆସିଥିବା ବସ୍ତୁରଗୁଡ଼ିକୁ ଆମେ ପଛକୁ ଗୌଣ କରି ଠେଲିଦେଇ ପାରୁଥିବା ଏବଂ ଦୀର୍ଘ ଦିନ ଆମର କୌଣସି ଧ୍ୟାନ ଆକର୍ଷଣ କରି ନ ଥିବା ଅନ୍ୟ ବସ୍ତୁରଗୁଡ଼ିକୁ ଆମେ ଉଚିତ ଆଲୋକସମ୍ପାତ ଦ୍ୱାରା ପୁରୋଭାଗକୁ ନେଇଆସି ପାରୁଥିବା; ସେଗୁଡ଼ିକୁ ଏପରି ଭାବରେ ପୁନର୍ଗଠିତ କରି ପାରୁଥିବା, ଯେପରିକି ଆମ ମସ୍ତିଷ୍କର କୌଣସି ପ୍ରକାର କ୍ଷତିସାଧନ କରି ସେଗୁଡ଼ିକ ପରସ୍ପର ମଧ୍ୟରେ ଆଦୌ କୌଣସି ସଂଘାତରେ ଆସୁ ନ ଥିବ । ସଂକ୍ଷେପରେ କହିଲେ, ଏହି କାର୍ଯ୍ୟଟିକୁ କରିପାରିବାକୁ ଦୀର୍ଘ ସମୟ ଲାଗିବ ଏବଂ ଅନେକ ସମୟରେ ସେଥିଲାଗି ଅନେକ ଯନ୍ତ୍ରଣା ବି ଭୋଗିବାକୁ ପଡ଼ୁଥିବ । ପ୍ରକୃତ କଥା କହିବାକୁ ଗଲେ, ବସ୍ତୁରଗୁଡ଼ିକର କ୍ଷେତ୍ରରେ ଆମେ ଭାରି କ୍ୱଚିତ୍ହିଁ ଆସକ୍ତିମୁକ୍ତ ହୋଇ ରହିଥାଉ; ଆମେ ସବୁବେଳେ କେତୋଟି ବସ୍ତୁରକୁ ଅନ୍ୟଗୁଡ଼ିକଠାରୁ ଅଧିକ ସ୍ପୃହଣୀୟ ଭାବରେ ଦେଖିଥାଉ, ଏବଂ ତେଣୁ, ସେଗୁଡ଼ିକ ଅନେକ ସମୟରେ ଆମ ମାନସିକ କ୍ରିୟାଶୀଳତାର କ୍ଷେତ୍ରରେ ଏକ ଅଯଥୋଚିତ ସ୍ଥାନ ଅଧିକାର କରି ରହିଥାନ୍ତି ।

ଏବଂ, ଯେତେବେଳେ ଅପେକ୍ଷାକୃତ ଅଧିକଯଥାର୍ଥ ଓ ଅଧିକ ପ୍ରକୃତ ଅନ୍ୟ ବସ୍ତୁରଗୁଡ଼ିକୁ ଆମକୁ ସେଗୁଡ଼ିକର ସ୍ଥାନାପନ୍ନ ରୂପେ ଗ୍ରହଣ କରିବାକୁ ପଡ଼େ, ସେତେବେଳେ, ସେହି କଥାଟିକୁ କରିବା ପୂର୍ବରୁ ଆମେ ଦୀର୍ଘ କାଳ ନାନା କୁଣ୍ଠା ପ୍ରକାଶ କରିବାରେ ଲାଗିଥାଉ, ସେଗୁଡ଼ିକୁ ସତେଅବା ଆମର ଅପରିହାର୍ଯ୍ୟ ସହଚର ବୋଲି ମନେକରି ଆମେ ସେଗୁଡ଼ିକୁ ଜାବୁଡ଼ି ଧରିଥାଉ, ଏବଂ ସେଗୁଡ଼ିକର ଗୁଣଗୁଡ଼ିକ ସହିତ ସେଗୁଡ଼ିକର ଦୋଷଗୁଡ଼ିକୁ ବି ଭଲ ପାଇବାରେ ଲାଗିଥାଉ,—ମଣିଷକୁ ଭଲ ପାଇବାର କ୍ଷେତ୍ରରେ ଏଇଟିକୁ ପ୍ରକୃତରେ ନିକୃଷ୍ଟତମ ପଦ୍ଧତି ବୋଲି କୁହାଯିବ, ସବୁଠାରୁ ଅଧିକ ଆଳସ୍ୟଗ୍ରସ୍ତ ଏବଂ ସ୍ୱାର୍ଥକଳୁଷିତ ପଦ୍ଧତି ବୋଲି କୁହାଯିବ,—କାରଣ, ଯେଉଁମାନଙ୍କୁ ଆମେ ଖୋସାମତ କରୁ, ସବୁବେଳେ ସେହିମାନେହିଁ ଆମର ସବୁଠାରୁ ଅଧିକ ଖାତିର କରନ୍ତି ; ମାତ୍ର, ଯେଉଁମାନଙ୍କଠାରୁ ଆମେ ଅଗ୍ରଗତି ଲାଗି ଏକ ସତତ ଉଦ୍ୟମର ଦାବି କରୁଥାଉ, ସେମାନେ ଆମକୁ କଦାପି ସେତେଦୂର ସମ୍ମାନ ବା ଶ୍ରଦ୍ଧା ଦେଖାନ୍ତି ନାହିଁ । କିନ୍ତୁ କେବଳ ଏତିକିରେ ହିଁ ଆମ ଅସୁବିଧାଗୁଡ଼ିକର କଦାପି ଅନ୍ତ ହୁଏ ନାହିଁ ।

'oaob.nitrkl.ac.in' images reprocessed

ଆମେ ଲାଭ କରିଥିବା ବୌଦ୍ଧିକ ଶିକ୍ଷା ଅଥବା କୌଣସି ବ୍ୟକ୍ତିଗତ ବିଶେଷ ଅଭିରୁଚିର ପରିଣାମ ସ୍ୱରୂପ, ଯେଉଁ ମାର୍ଗଟି ଅଥବା ମାର୍ଗଗୁଡ଼ିକ ଦେଇ ଆମର ଈଶ୍ୱରଙ୍କ ସହିତ ପରିଚୟ ଘଟିବା ଉଚିତ, ସେହି ବିଷୟରେ ମଧ୍ୟ ଆମର ଅନେକ ବଦ୍ଧମୂଳ ଭ୍ରାନ୍ତ ଧାରଣା ରହି ଯାଇଥାଏ ।

ଏହି ବଦ୍ଧମୂଳ ଧାରଣାଗୁଡ଼ିକୁ ଆମେ ଇଚ୍ଛା କେତେଟି ଅନ୍ଧବିଶ୍ୱାସ ବୋଲିହିଁ କହିବା ଏବଂ ଆମକୁ ସେଗୁଡ଼ିକର ବାଧାକୁ ପାର ହୋଇ ଚାଲିଯିବାକୁହିଁ ପଡ଼ିବ ।

ଏଗୁଡ଼ିକ ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ଭିନ୍ନ ହୋଇ ରହିଥାନ୍ତି ।

ଅନେକ ବ୍ୟକ୍ତି ଶାସ୍ତ୍ରବାସନାର ଭ୍ରାନ୍ତି ମଧ୍ୟରେ ପଡ଼ିଥାନ୍ତି । ସେମାନଙ୍କ ଦୃଷ୍ଟିରେ, କୌଣସି ଏକ ଈଶ୍ୱରଙ୍କୁ ବିଶ୍ୱାସଯୋଗ୍ୟ ହୋଇ ପାରିବାକୁ ହେଲେ, ସେଇଟି ପୂର୍ବରୁ କୌଣସି ଏକ ବିଖ୍ୟାତ ଶାସ୍ତ୍ରରେ ଅଭିବ୍ୟକ୍ତ ହୋଇଥିବା ନିତାନ୍ତ ଆବଶ୍ୟକ ହୁଏ, ମନୁଷ୍ୟସମାଜର କୌଣସି ନା କୌଣସି ପ୍ରସିଦ୍ଧ ଧର୍ମଗ୍ରନ୍ଥରେ ତାହା ବ୍ୟକ୍ତ ହୋଇଥିବା ଆବଶ୍ୟକ ହୁଏ । ଏବଂ, ଅନ୍ୟ ଯେକୌଣସି ପ୍ରଣାଳୀରେ ଆସିଥିବା ଅନ୍ୟ ଯେକୌଣସି ଈଶ୍ୱରଙ୍କୁ ସେମାନେ ପ୍ରକୃତରେ ଖୁବ ସନ୍ଦେହର ସହିତ ଦେଖିଥାନ୍ତି ।

ଆଉ କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି କେବଳ ସ୍ୱୀକୃତ ବିଜ୍ଞାନ-ଗୁଡ଼ିକର କ୍ଷେତ୍ରରୁହିଁ କୌଣସି ଈଶ୍ୱରଙ୍କୁ ଗ୍ରହଣ କରିବା ଲାଗି ସମ୍ମତ ହୁଅନ୍ତି । ଏବଂ, ଆଉ କେତେକ ଲୋକ ନୂଆ ଓ ପୁରୁଣା ପ୍ରତିଷ୍ଠିତ ଧର୍ମଗୁଡ଼ିକ ମଧ୍ୟରୁ କେବଳ ଗୋଟିକୁହିଁ ଠିକ୍ ବୋଲି ସ୍ୱୀକାର କରନ୍ତି । ଆଉ କେତେକଙ୍କ କ୍ଷେତ୍ରରେ ଏପରି ଜଣେ ପ୍ରସିଦ୍ଧ ବ୍ୟକ୍ତିର ମୁଖରୁ ଈଶ୍ୱରଟି ନିଃସୃତ ହୋଇ ଆସିଥିବା ନିତାନ୍ତ ଆବଶ୍ୟକ ହୁଏ, ଯାହାଙ୍କର ନାମ ସହିତ କି ଅନେକ ସମ୍ମାନସୂଚକ ପଦବୀ ଯୋଡ଼ା ହୋଇଥାଏ, ଯେପରି କି ତାଙ୍କ କଥାର ମୂଲ୍ୟ ବିଷୟରେ କେହି ଆଉ କୌଣସି ସନ୍ଦେହ ପ୍ରକାଶ କରି ନ ପାରିବ ।

ଏମାନଙ୍କ ବ୍ୟତୀତ ଆହୁରି ଅନେକେ ଏପରି ବି ରହିଛନ୍ତି, ଯେଉଁମାନଙ୍କୁ କି ଅପେକ୍ଷାକୃତ ଅଧିକ ଭାବପ୍ରବଣ ବୋଲି କୁହାଯାଇ ପାରିବ । ଈଶ୍ୱରଙ୍କ ସ୍ପର୍ଶରେ ଆସିପାରିବା ନିମନ୍ତେ ଏମାନେ ସର୍ବଦା ଏପରି ଜଣେ ଗୁରୁ ଆବଶ୍ୟକ କରୁଥାନ୍ତି, ଯିଏକି ସେମାନଙ୍କର କଳ୍ପିତ ଆଦର୍ଶ ମନୁଷ୍ୟମାନଙ୍କର ଏକ ପରିପୂର୍ଣ୍ଣ ଅବତାର ପରି ଦେଖା ଯାଉଥିବେ । ମାତ୍ର ଏଭଳି ଲୋକଙ୍କୁ ଥରେ ନା ଥରେ ନିଶ୍ଚୟ ଖୁବ ନିରାଶହିଁ ହେବାକୁ ପଡ଼ିବ; କାରଣ ସେମାନେ ଏହି କଥାକୁ ଏକାବେଳକେ ଭୁଲି ଯାଇଥାନ୍ତି ଯେ କେବଳ ସେହିମାନେହିଁ ସେମାନଙ୍କର ଆଦର୍ଶଟିକୁ ଉପଲବ୍ଧି କରିବା ନିମନ୍ତେ ସମର୍ଥ

'oaob.nitrkl.ac.in' images reprocessed

ହେବେ । ସେମାନେ ଯେଉଁ ବ୍ୟକ୍ତି ଉପରେ ଆପଣାର ବିଶ୍ୱାସ ସ୍ଥାପନ କରି ରହିଛନ୍ତି, ତାଙ୍କ ନିଜ ଆଦର୍ଶଟିକୁ ଉପଲବ୍ଧି କରିବା ଲାଗି ମଧ୍ୟ ତାଙ୍କର ଏକ କର୍ତ୍ତବ୍ୟ ନହୁଛି । ଏବଂ, ସେହି ଆଦର୍ଶଟି ଯେତେ ବଡ଼ ହୋଇଥିଲେ ମଧ୍ୟ ସେଇଟି ସେମାନଙ୍କ ଆଦର୍ଶଟିଠାରୁ ହୁଏତ ପ୍ରଭୂତ ପରିମାଣରେ ପୃଥକ୍ ବି ହୋଇ ପାରିବ । ତେଣୁ, ଅନେକ ସମୟରେ ଏପରି ହୋଇଥାଏ ଯେ, ଯେତେବେଳେ ସେମାନେ ସେହି ପାର୍ଥକ୍ୟଗୁଡ଼ିକୁ ଜାଣିବାକୁ ସମର୍ଥ ହେବେ, ସେତେବେଳେ ସେମାନେ ସେହି ବ୍ୟକ୍ତି ଓ ତା'ର ବିଷୟଗୁଡ଼ିକୁ ଏକାବେଳକେ ପ୍ରତ୍ୟାଖ୍ୟାନ କରି ପକାଇବେ, କାରଣ, ଖାସ୍ ସେହି ବ୍ୟକ୍ତି ସକାଶେହିଁ ତ ସେମାନେ ସେହି ବିଷୟଗୁଡ଼ିକ ସହିତ ମଧ୍ୟ ଏକ ସମ୍ପର୍କ ସ୍ଥାପନ କରିଥିଲେ ।

ଏହା ପ୍ରକୃତରେ ଗୋଟିଏ ଭାରି ଅସମ୍ଭବ କଥ; କାରଣ, ବିଷୟଗୁଡ଼ିକର ସର୍ବଦା ଏକ ନିଜସ୍ୱ ମୂଲ୍ୟ ରହିଥିବା ଦରକାର । ଯେଉଁବ୍ୟକ୍ତିମାନେ ସେହି ବିଷୟଗୁଡ଼ିକୁ ବ୍ୟକ୍ତ କରିଛନ୍ତି, ସେମାନଙ୍କ ଉପରେ ଆଦୌ କୌଣସି ଅପେକ୍ଷା ନରଖିହିଁ ବିଷୟଗୁଡ଼ିକର ଏକ ନିଜସ୍ୱ ମୂଲ୍ୟ ରହିଛି ।

ପୁନଶ୍ଚ, ଆହୁରି ଗୋଟାଏ ସମ୍ପୂର୍ଣ୍ଣ ଶ୍ରେଣୀର ଲୋକ ଅଛନ୍ତି, ଯେଉଁମାନଙ୍କ ପାଖରେ କି ଅଲୌକିକ ବ୍ୟାପାରଗୁଡ଼ିକର ଏକ ପ୍ରବଳ ଆକର୍ଷଣ ରହିଥାଏ । କୌଣସି ଏକ ଅପାର୍ଥିବ ଉଦ୍‌ଘାଟନର ରହସ୍ୟ ଦ୍ୱାରା ଆବୃତ ହୋଇ ଆସିଥିଲେ ଯାଇ, ଅଥବା କୌଣସି ସ୍ୱପ୍ନ କିଂବା ଭାବାବେଶ ମଧ୍ୟରେ ଆସିଥିଲେ ଯାଇ ସେମାନେ କୌଣସି ଏକ ସତ୍ୟକୁ ସତ୍ୟ ବୋଲି ସ୍ୱୀକାର କରିବା ଲାଗି ସମ୍ମତ ହୋଇଥାନ୍ତି ।

ସେମାନଙ୍କ ସକାଶେ ଗୁରୁ ଏକାବେଳେକେ ସେମାନଙ୍କର ଭଗବାନ ହୋଇଥିବା ଦରକାର, କୌଣସି ଦେବଦୂତ ଅଥବା ମହାତ୍ମା ହୋଇଥିବା ଦରକାର । ସେମାନେ ଧ୍ୟାନରେ ବସିଥିବା ବେଳେ ଅଥବା ନିଦ୍ରାମଗ୍ନ ହୋଇ ରହିଥିବା ସମୟରେ ଗୁରୁ ସେମାନଙ୍କୁ ତାଙ୍କର ପବିତ୍ର ଶିକ୍ଷାଗୁଡ଼ିକୁ ପ୍ରଦାନ କରିବେ ବୋଲି ସେମାନେ ସବୁବେଳେ ପ୍ରତ୍ୟାଶା କରି ରଖିଥାନ୍ତି ।

ଏହି ମାର୍ଗଟି ଯେ ଅନ୍ୟ ମାର୍ଗଗୁଡ଼ିକର ତୁଳନାରେ ଆଦୌ କୌଣସି ପ୍ରକାରେ ଅଧିକ ନିର୍ଭର ଯୋଗ୍ୟ ନୁହେଁ, ଏକଥା କହିବା ନିଷ୍ପ୍ରୟୋଜନ । କୌଣସି ଏକ ବିଷୟ ନାନା ଅସାଧାରଣ ସାଧନକୁ ଅବଲମ୍ବନ କରି ଆମ ପାଖରେ ଆସି ପହଞ୍ଚିଲେ ଯେ ତାହା ଅବଶ୍ୟ ଠିକ୍ ହୋଇଥିବ ବା ଅବଶ୍ୟ ସତ୍ୟକୁ ଧାରଣ କରିଥିବ, ସେପରି ମାନିନେବାର ମୋଟେ କୌଣସି କାରଣ ନାହିଁ ।*

* ଅଉ ଅନ୍ୟଗୋଟିଏ ଗୋଷ୍ଠୀରେ ଏହି ପ୍ରବଚନଟିର ଉପସ୍ଥାପନା ସମୟରେ ମାଆ ସେଥିସହିତ ନିମ୍ନ କଥାଗୁଡ଼ିକୁ ଯୋଡ଼ିଦେଇଥିଲେ :

'oaob.nitrkl.ac.in' images reprocessed

ଗୋଟିଏ କଥା ଅବଶ୍ୟ ମନେ ରଖିବ ଯେ, ଗୋଟିଏ ବସ୍ତୁରକୁ ଯଥାର୍ଥରେ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତି ଏହି କଥାଟିକୁ ଭଲ କରି ଜାଣିଥାଏ ଯେ ପୂର୍ଣ୍ଣ ଉତ୍ସାହର ସହିତ ଅନ୍ୱେଷଣ କରିପାରିଲେ ସେ ସେହି ବସ୍ତୁରଟିକୁ ସର୍ବତ୍ରହିଁ ଦେଖିବାକୁ ପାଇବ । ଆପଣାକୁ ଗୋଟିଏ ଗୋଟିଏ ପ୍ରସିଦ୍ଧ ଏବଂ ପ୍ରକାଣ୍ଡ ନଦୀରେ ପରିଣତ କରି ଦେଇଥିବା ଏବଂ ସେହି କାରଣରୁ ସ୍ୱୟଂ ବହିବାରେ ଲାଗିଥିବା ଯାବତୀୟ ପ୍ରକାରର ଆବର୍ଜନା ଦ୍ୱାରା ବି ଭରି ଦୂଷିତ ହୋଇ ପଡ଼ିଥିବା ଓ ଏହିପରି ଭାବରେ ଆପଣାର ମୌଳିକ ଶୁଦ୍ଧତାଟିକୁ ହରାଇ ବସିଥିବା ସେହି ପ୍ରତିଷ୍ଠିତ ଧାରା-ଗୁଡ଼ିକ ଅପେକ୍ଷା ସିଏ ଏବେ ବି ଭୂଗର୍ଭତଳେ ଲୁଚି ରହିଥିବା ଧାରା ଓ ଉତ୍ସଗୁଡ଼ିକରେ ତାହାକୁ ବହୁତ ଅଧିକ ସାର୍ଥକ ଭାବରେ ଦେଖିବାକୁ ପାଇବ ।

ବସ୍ତୁରରେ ଯଥାର୍ଥ ଶ୍ରଦ୍ଧା ରଖିଥିବା ଜଣେ ବ୍ୟକ୍ତି ଏକଥା ଭାରି ଭଲ କରି ଜାଣିଛି ଯେ ସେହି ବସ୍ତୁରଟି ଜଣେ ସାନ ପିଲାର ମୁହଁରୁ ବି ତା' ପାଖକୁ ଆସି ପାରିବ; କେବଳ ଯେ ଜଣେ ବିଜ୍ଞ ପୁରୁଷର ମୁଖରୁ ଆସିବାକୁ ବାଧ୍ୟ ହେବ, ତାହାର ଆଦୌ କୌଣସି କାରଣ ନାହିଁ ।

ଏବଂ, ଏପରିକି ଏହିପରି ଏକ ଅପ୍ରତ୍ୟାଶିତ ବାଟରେହିଁ ତାହା ଅଧିକାଂଶତଃ ତାହା ପାଖରେ ଆସି ପହଞ୍ଚି ଯାଇ ପାରିବ ।

ସେହି କାରଣରୁହିଁ କୁହାଯାଉଛି . "ଶିଶୁ ଏବଂ ଅତିଶିଶୁମାନଙ୍କ ମୁଖରୁହିଁ ସତ୍ୟ ଆପଣାକୁ ଉଦ୍‌ଘୋଷିତ କରି ଆଣିଥାଏ ।"

ଏଠାରେ କୁହା ଯାଇପାରେ ଯେ, ଜଣେ ସାନ ପିଲା କଦାପି ଜଣେ ବୟସ୍କ ମନୁଷ୍ୟ ପରି ଏତେ ଯଥାର୍ଥ ଏବଂ ନିର୍ଭୁଲ ଭାବରେ ଏକ ବସ୍ତୁରକୁ ଆଦୌ ପ୍ରକଟ କରି ପାରିବ ନାହିଁ । କିନ୍ତୁ ଏକଥା ବି ସତ ଯେ ଜଣେ ବୟସ୍କ ମନୁଷ୍ୟ ଆପଣାର ଅଭ୍ୟାସଗତ ଆଳସ୍ୟ ହେତୁ ଯେପରି ଗୋଟିଏ ସ୍ଥାନରେ ଆସି ଅଟକି ଯାଇଥାଏ, ଜଣେ ସାନ ପିଲାର କ୍ଷେତ୍ରରେ ସେପରି କେବେ ହେଲେ ଘଟିବ ନାହିଁ । ବୟସ୍କ ମନୁଷ୍ୟ ଯେତେବେଳେ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଆସି ଅଟକି ଯାଇଥାଏ, ସେତେବେଳେ ତାହାର ପରିଚିତ ସ୍ୱରୂପଗୁଡ଼ିକରେ ଅନ୍ତର୍ଭୁକ୍ତ ହୋଇ ନପାରିଥିବା ପର୍ଯ୍ୟନ୍ତ କୌଣସି ବସ୍ତୁର ଆଉ ଆପଣାକୁ ବ୍ୟକ୍ତ କରି ପାରିବାକୁ ସମର୍ଥ ହୁଏ ନାହିଁ ।

ଏହିସବୁ ଉପାୟରେ କୌଣସି ଏକ ବସ୍ତୁରର ସଂସ୍ପର୍ଶରେ ଆସିବା ଅସମ୍ଭବ ବୋଲି ମୁଁ ଏହା ଦ୍ୱାରା ମୋଟେ କହୁ ନାହିଁ । ମାତ୍ର ମୁଁ କହୁଛି ଯେ ସେଗୁଡ଼ିକ ଏହି କ୍ଷେତ୍ରରେ କେବଳ ଏକମାତ୍ର ଉପାୟ ନୁହନ୍ତି, କିଂବା ସର୍ବୋତ୍ତମ ଉପାୟ ବି ନୁହନ୍ତି ।

'oaob.nitrkl.ac.in' images reprocessed

ଏବଂ, ଏକଥା ମଧ୍ୟ ସତ ଯେ ଏହି ଅଭ୍ୟସ୍ତତା ଏବଂ ଅନେକ ରହିବାର ପରିବେଶଗତ ଯାବତୀୟ ବକ୍ରତାକୁ ଏଡ଼ି ପାରିବା ଲାଗିହିଁ ସାନ ପିଲମାନେ ଶିକ୍ଷାଲାଭ କରୁଥିବା ପ୍ରାଚୀନ ଯୁଗର ବିଦ୍ୟାଳୟମାନ ନଗରବସତିଗୁଡ଼ିକର ବହୁ ଦୂରରେ ସ୍ଥାପିତ ହେଉଥିଲା ।

ଏବଂ ସେହି କାରଣଟି ସକାଶେହିଁ ମନୁଷ୍ୟ ସମାଜର ମହାନ୍ ଶିକ୍ଷାଦାତା-ମାନେ କେବଳ ନିର୍ଜନତା ମଧ୍ୟରେହିଁ ଆପଣାର ଯାବତୀୟ ସାଧନା ଆରମ୍ଭ କରୁଥିଲେ । କାରଣ, ଅପ୍ରଶିକ୍ଷିତ ମନୁଷ୍ୟମାନଙ୍କ ମନରେ ଅନେକ କିଛି ବସ୍ତୁ ଅନୁପସ୍ଥିତ ରହିଥିବାରୁହିଁ ଯେପରି ସେମାନଙ୍କର ଜୀବନରେ ଗୋଟିଏ ଈଶ୍ୱର ଆପଣାକୁ ପ୍ରକାଶ କରିପାରେ ନାହିଁ, ମନୁଷ୍ୟ-ସମାଜର କୃତ୍ରିମତାମୟ ଜୀବନ ପ୍ରଣାଳୀଟି ଦ୍ୱାରା ଗଠିତ ହୋଇଥିବା ମନଟିର କ୍ଷେତ୍ରରେ ମଧ୍ୟ ସେହିପରି ବି ଅନେକ ବସ୍ତୁ ଅନୁପସ୍ଥିତ ରହିଥାନ୍ତି ।

ଗୋଟିଏ ଯଥାର୍ଥ ଈଶ୍ୱରର ସୁଦୂର ସନ୍ଦେଶଗୁଡ଼ିକୁ ଶୁଣି ପାରିବାକୁ ହେଲେ ପ୍ରକୃତରେ କେତେ ଅଧିକ ନୀରବତାର ପ୍ରୟୋଜନ ନରହୁଛି ! ଏଠାରେ ସେହି ବାହ୍ୟ, ବହିର୍ଭ୍ରାନ୍ତକର ଏବଂ ମାତ୍ର ମୁହୂର୍ତ୍ତକ ଲାଗି ସ୍ଥାୟୀ ହୋଇ ରହିଥିବା ନୀରବତା ବିଷୟରେ ମୋଟେ କୁହାଯାଉ ନାହିଁ, ମାତ୍ର, ସେହି ଗଭୀର, ସମଗ୍ର ଏବଂ ସ୍ଥାୟୀ ନୀରବତାଟି ବିଷୟରେ କୁହାଯାଉଛି ।

ସେହି କାରଣରୁହିଁ ଜ୍ଞାନ ପ୍ରତି ଏକ ନିଷ୍ଠାପର ଶ୍ରଦ୍ଧା ରଖିଥିବା ଜଣେ ବ୍ୟକ୍ତି ସବୁବେଳେ ଜାଣିଥାଏ ଯେ, ସବୁଠାରୁ ଅଧିକ ମୂର୍ଖମାନେ ସର୍ବଦା ଆପଣାକୁ ଅତ୍ୟନ୍ତ ବିନମ୍ର ଓ ସବୁଠାରୁ ଅଧିକ ଅନବଜ୍ଞାତ କରିହିଁ ରଖିଥାନ୍ତି । କାରଣ, ଯାହା ପାଖରେ ପ୍ରକୃତ ଜ୍ଞାନ ଏବଂ ପ୍ରକୃତ ସାମର୍ଥ୍ୟଟି ରହିଥାଏ, ସିଏ ସବୁବେଳେ ନୀରବତା ଏବଂ ଆତ୍ମପ୍ରତ୍ୟାହାର ଲାଗିହିଁ ଅଧିକତର ରୁଚି ରଖିଥାଏ, ଯେପରିକି ସେ ମୁକ୍ତ ଭାବରେ ଆପଣାର ସକଳ କାର୍ଯ୍ୟ କରିପାରିବ, ଯେପରିକି ତାକୁ ଆଉ କୌଣସି ପ୍ରକାର ବାଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ; ଯେପରିକି ଗୌରବ ଅର୍ଜନ କରିବାର କୌଣସି କୋଳାହଳ ଆଉ ତାକୁ କୌଣସି ପ୍ରକାରେ ମନୁଷ୍ୟ-ମାନଙ୍କ ଆଗରେ ଖାଦ୍ୟପରି ନେଇ କେବେହେଲେ ମୁହାଁଇ ଦେବ ନାହିଁ ।

ଈଶ୍ୱରରେ ଯଥାର୍ଥ ଶ୍ରଦ୍ଧା ରଖିଥିବା ବ୍ୟକ୍ତି ଭଲ ଭାବରେ ଜାଣିଥାଏ ଯେ ସିଏ ତା' ଚତୁର୍ଦ୍ଦିଗରେ ସର୍ବତ୍ରହିଁ ଈଶ୍ୱରର ପ୍ରତ୍ୟକ୍ଷ କରିପାରିବ, ସାନ ଫୁଲଟିଠାରୁ ଆରମ୍ଭ କରି ସମୁଜ୍ଜ୍ୱଳ ସୂର୍ଯ୍ୟଟି ପର୍ଯ୍ୟନ୍ତ ସବୁଠାରେହିଁ ସିଏ ଈଶ୍ୱରର ପରିଚୟ ପାଇ ପାରିବ । କୌଣସି ବସ୍ତୁ ବା କୌଣସି ବ୍ୟକ୍ତି ଯେତେବେଶୀ କ୍ଷୁଦ୍ର ଅଥବା ଯେତେବେଶୀ ଅଜ୍ଞାତ ହୋଇଥାଉ ପଛକେ, ସିଏ ଅନବରତ ଅନ୍ୱେଷଣ କରୁଥିବା ଈଶ୍ୱରଟିର କ୍ଷେତ୍ରରେ ସେ ତାକୁ ନିଶ୍ଚୟ ଏକ ମାଧ୍ୟମରୂପେ ବ୍ୟବହାର କରିପାରିବ ।

'oaob.nitrkl.ac.in' images reprocessed

ମାତ୍ର ସର୍ବୋପରି ପିଏ ଏକଥାଟିକୁ ମଧ୍ୟ ଭଲକରି ଜାଣିଛୁ ଯେ କେବଳ ଏକ ପ୍ରତ୍ୟକ୍ଷ ସଂସ୍ପର୍ଶ ଭାବରେହିଁ ସବୁଠାରୁ ଅଧିକ ବିଶ୍ୱାସଯୋଗ୍ୟ ସଂସ୍ପର୍ଶଟି ସବୁବେଳେ ଘଟିଥାଏ ।

ଆମେ ସମସ୍ତେ ସେହି ବିଶ୍ୱ-ଉପାଦାନଟି ଦ୍ୱାରା ନିର୍ମିତ ହୋଇଥିବାରୁହିଁ ଆମ ସମସ୍ତଙ୍କୁ ଏହି ବିଶ୍ୱର ଗୋଟିଏ ଗୋଟିଏ କ୍ଷୁଦ୍ର ପ୍ରତିନିଧି ବୋଲି ଅବଶ୍ୟ କୁହାଯାଇ ପାରିବ ।

ଏକ ଅନୁରୂପ ମାଧ୍ୟମକୁ ଆଶ୍ରୟ ନ କରି ଆଦୌ କୌଣସି ବସ୍ତୁର ତିଷ୍ଠି ରହିବା ସମ୍ଭବ ହୋଇ ପାରୁ ନ ଥିବାରୁହିଁ, ବସ୍ତୁରଗୁଡ଼ିକୁ ତିଷ୍ଠି ରହିବାକୁ ହେଲେ ସେଥିଲାଗି ଏକ ଅନୁରୂପ ରାଜ୍ୟର ବି ଆବଶ୍ୟକତା ରହିଥିବ; ସେଥିଲାଗି ମୁକ୍ତ ବୁଦ୍ଧିସାମର୍ଥ୍ୟର ଏକ ସାକାର ରାଜ୍ୟ ଅବଶ୍ୟ ରହିଥିବ, ମାତ୍ର ତଥାପି ତାହା ଆକାରର କଦାପି ଅଧୀନ ହୋଇ ରହି ନ ଥିବ । ଏବଂ ସେହି ରାଜ୍ୟଟି ଆମ ଭିତରେ ଅବସ୍ଥିତ ରହିଥିବ, ଏହି ବୃହତ୍ତର ବିଶ୍ୱଟି ଭିତରେ ମଧ୍ୟ ରହିଥିବ ।

ତା'ପରେ, ଯଦି ଆମେ ଯଥେଷ୍ଟ ପରିମାଣରେ ଆପଣାକୁ ଅଭିନିବେଶିତ କରି ରଖିପାରିବା, ଆମର ଅନ୍ତରତମ ପ୍ରକୃତିର କ୍ଷେତ୍ରରେ ଯଦି ଚେତନାଯୁକ୍ତ ହୋଇ ପାରିବା, ତେବେ ମୁକ୍ତ ବିଶ୍ୱଗତ ବୁଦ୍ଧିଟିର ସାହଚର୍ଯ୍ୟରେ, ତାହାରି ମଧ୍ୟରେ ଓ ତାହାରି ମାଧ୍ୟମରେ ଆମେ ବସ୍ତୁରର ଜଗତଟି ସହିତ ମଧ୍ୟ ସମ୍ପର୍କ ସ୍ଥାପନ କରିପାରିବା ।

ତା'ପରେ, ଯଦି ଆମେ ଆପଣାର ଦର୍ପଣଟିକୁ ଉପଯୁକ୍ତ ଭାବରେ ସ୍ୱଚ୍ଛ କରି ରଖିଥିବା, ଯଦି ତାହାକୁ ପୂର୍ବକଳ୍ପନା ଏବଂ ଅଭ୍ୟସ୍ତତାର ଯାବତୀୟ ଧୂଳିରୁ ପରିଷ୍କାର କରି ରଖିଥିବା, ତେବେ ଯଥାସମ୍ଭବ କମ୍ ବିକୃତି ଘଟାଇ ଯାବତୀୟ ବସ୍ତୁର ସେଇଟି ଉପରେ ଅବଶ୍ୟ ପ୍ରତିଫଳିତ ହୋଇ ପାରିବେ । ସେତେବେଳେ ଆମ ଜୀବନରେ ବୋଧିର ଉପଲବ୍ଧି ସମ୍ଭବ ହେବ, ସତ୍ୟରୂପୀ ସୂର୍ଯ୍ୟର କିରଣଗୁଡ଼ିକୁ ଆପଣା ଉପରେ ପ୍ରତିଫଳିତ କରାଇବା ଲାଗି ମଧ୍ୟ ଆମର ସେତେବେଳେ ସାମର୍ଥ୍ୟ ଆସିଯିବ ।* ସିଦ୍ଧାର୍ଥ ଗୌତମ ଠିକ୍ ଏହି ସତ୍ୟଟିକୁ ଆମ

* ଅଉଗୋଟିଏ ଗୋଷ୍ଠୀରେ ଏହି ପ୍ରବଚନଟିର ଯେଉଁ ଉପସ୍ଥାପନା ହୋଇଛି ସେଥିରେ ଏହିଠାରେହିଁ ପାଠଟି ଶେଷ ହୋଇ ଯାଇଛି ଏବଂ ତା'ପରେ ନିମ୍ନୋକ୍ତ ଦୁଇଟି ପାରାକୁ ଯୋଡ଼ି ଦିଆଯାଇଛି :

ତା'ପରେ ଆମର ମାନସିକ କ୍ରିୟାଗୁଡ଼ିକ ସମ୍ପୂର୍ଣ୍ଣ ଶକ୍ତି ତଥା ଫଳପ୍ରଦତା ସହିତ କାର୍ଯ୍ୟ କରିପାରିବେ । ଆମ ଭିତରଗତ ଗଠନଗୁଡ଼ିକ ସେତେବେଳେ ଗୋଟିଏ ଗୋଟିଏ ଉପକାରୀ ଏବଂ ଆଲୋକବାହୀ ବାର୍ତ୍ତାବହରୂପେ, ଭୌତିକ ପରିସ୍ଥିତି ଯେତେଯେତେ

'oaob.nitrkl.ac.in' images reprocessed

ସମ୍ମୁଖରେ ଉତ୍ତୋଳିତ କରି ଧରିଥିଲେ । "ଆମେ କିପରି ବୋଧି ଲାଭ କରିପାରିବା,"—ଏହି ପ୍ରଶ୍ନଟିର ଉତ୍ତର ଦେଇ ସେ କହିଥିଲେ :

"ବୋଧିକୁ ଚିହ୍ନିବା ଲାଗି ଆଦୌ କୌଣସି ସ୍ୱତନ୍ତ୍ର ଚିହ୍ନ ବା ସଙ୍କେତ ଆଦୌ ନାହିଁ । ଏଇଟି ବିଷୟରେ ଆମେ ଯାହାକିଛି ଜାଣିବାକୁ ସମର୍ଥ ହେବା, ତାହାର ଆଦୌ କୌଣସି ଯଥାର୍ଥ ମୂଲ୍ୟ ନାହିଁ । କିନ୍ତୁ, ସେହି ବ୍ୟକ୍ତିଟିର ଅନ୍ତଃଭାବଟିକୁ ଜୀବନରେ ଅନୁଶୀଳନ କରିବା ସକାଶେ ଆମେ ଯେଉଁ ପ୍ରୟାସଟି କରିବା, ତାହାର ପ୍ରକୃତରେ ଅନେକ ମହତ୍ତ୍ୱ ରହିଛି । ତାହାକୁ ଆମେ ପରିଷ୍କାର ଏବଂ ପାଲିସ୍ କରାଯାଇଥିବା ଏପରି ଗୋଟିଏ ଦର୍ପଣ ସହିତ ତୁଳନା କରିପାରିବା, ଯାହାକି ତାହା ଫଳରେ ସ୍ୱଚ୍ଛ ଏବଂ ଉଜ୍ଜ୍ୱଳ ହୋଇପାରିଛି ଏବଂ ତେଣୁ ପ୍ରତିରୂପଗୁଡ଼ିକ ସେଥିରେ ଅବିକୃତ ଏବଂ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇ ପାରୁଛନ୍ତି ।"

ପୁନଶ୍ଚ :

"ଯାହାର ଜୀବନରୁ ଅନ୍ଧାର ଦୂରେଇ ହୋଇଯାଇଛି, ଯିଏ ନିଷ୍କଳଙ୍କ ହୋଇ ପାରିଛି, ଯାହାର ଆଚରଣରେ ନିନ୍ଦା କରିବାର ଆଦୌ କିଛି ନାହିଁ ଓ ଯିଏ ସମ୍ପୂର୍ଣ୍ଣ ଭାବରେ ଶୁଦ୍ଧ ହୋଇ ପାରିଛି, ଏତେବେ ସିଏ, ଆବହମାନ କାଳରୁ ଦଶଟିଯାକ ଭୁବନରେ ରହିଥିବା କୌଣସି ବିଷୟରେ ଏତେଟିକିଏ ହେଲେ ଶୁଣି ନ ଥିଲେ ମଧ୍ୟ ଓ ଏତେଟିକିଏ ବି ଜ୍ଞାନ ଅର୍ଜନ କରି ନ ଥିଲେ ମଧ୍ୟ ତଥାପି କହିବାକୁ ହେବ ଯେ କେବଳ ସେହି ବ୍ୟକ୍ତିହିଁ ଜଣେ ସର୍ବଜ୍ଞାତାର ସର୍ବୋଚ୍ଚ ଜ୍ଞାନଟିକୁ ଲାଭ କରି ପାରିଛି । କେବଳ ତାହାରି କ୍ଷେତ୍ରରେହିଁ ଆମେ 'ଯଥାର୍ଥ ସ୍ୱଚ୍ଛତା,' ଏହି ଶବ୍ଦଟିକୁ ବ୍ୟବହାର କରିପାରିବା ।" ଏଠାରେ ଯେ ଯଥାର୍ଥ ବସ୍ତୁଟି ସହିତ ଅର୍ଜନ କରାଯାଇ ପାରୁଥିବା ପ୍ରତ୍ୟକ୍ଷ ସମ୍ବନ୍ଧ ସ୍ଥାପନର ଗୁଣଗାନ କରାଯାଇଛି, ସେହି କଥାଟି ବେଶ୍ ସ୍ପଷ୍ଟ ହୋଇଯିବା ଦରକାର । ସେହି ପ୍ରତ୍ୟକ୍ଷ ସମ୍ବନ୍ଧ ସ୍ଥାପନକୁ ପାଣ୍ଡିତ୍ୟ ଲାଭ କରିବାର ସେହି ସମ୍ପୂର୍ଣ୍ଣ ବାହାରଙ୍ଗ ଏବଂ କେବଳ ପଲ୍ଲବଗ୍ରାହୀ ପଦ୍ଧତିଟି ସହିତ କଦାପି ସମତୁଲ କରାଯାଇ ପାରିବ ନାହିଁ ।

ଜାଗାରେ ଅମକୁ ବାସ୍ତବତଃ କୌଣସି ମଙ୍ଗଳ ଓ ସମଞ୍ଜସତାର କାର୍ଯ୍ୟ କରିବାକୁ ଦେଉ ନ ଥିବେ, ସେଠାରେ ସେଗୁଡ଼ିକ ସେହି କାର୍ଯ୍ୟଗୁଡ଼ିକୁ କରିବା ଲାଗି ଅପଣାକୁ ପ୍ରେରିତ କରିଦେବେ ।

ଏବଂ ଅପଣାକୁ ଅଭିନିବେଶିତ କରି ରଖିବାର କଷ୍ଟତ୍ ଚେଷ୍ଟା ଦ୍ୱାରା ଅମେ ଖୁବ୍ ଶୀଘ୍ର ଏହିସବୁ କାର୍ଯ୍ୟ ବିଷୟରେ ସଚେତନ ବି ହୋଇଯାଇ ପାରିବା ଏବଂ ଯୁଗପତ୍ ଭାବରେ ଧଃସ୍ତ ତ ବସ୍ତୁଟି ସହିତ ସଂସ୍ପର୍ଶ ସ୍ଥାପନ କରି ରହି ବି ପାରିବା ।

'oaob.nitrkl.ac.in' images reprocessed

ପ୍ରତ୍ୟକ୍ଷ ସମ୍ବନ୍ଧ ସ୍ଥାପନର ଏହି ପଦ୍ଧତିଟିରୁ ଯେଉଁ ଫଳ ମିଳିଥାଏ, ତାହାର ପ୍ରକୃତରେ କୌଣସି ସୀମା ଋହିଁ ନାହିଁ ।

ଏହା ଦ୍ୱାରା ଆମେ ସକଳ ପ୍ରତିଭାସ, ସକଳ ଆବରଣ ଏବଂ ସକଳ ବହିର୍ବ୍ୟକ୍ତ ପଛରେ ରହିଥିବା, ଏପରି କି ସବୁଠାରୁ ଅଧିକ ବର୍ବର, ଅଶୋଧିତ ଏବଂ ଅନ୍ଧବିଶ୍ୱାସପୂର୍ଣ୍ଣ ବାହ୍ୟତାଗୁଡ଼ାକ ପଛରେ ରହିଥିବା ସତ୍ୟଟିକୁ ଆବିଷ୍କାର କରିପାରୁ ଓ ତାହାକୁ ଶ୍ରଦ୍ଧା ବି କରି ଶିଖୁ ।

ଏହା ଫଳରେ ଆମେ ଜଣେ ମଣିଷର ମାନସିକ ସ୍ଥିତିକୁ ବି ନିଜର ଜୀବନରେ ଯଥାର୍ଥରେ ଅଭ୍ୟାସ କରି ଶିଖୁ । ମୋ'ର ପ୍ରଥମ ପ୍ରବଚନଟିରେ ମୁଁ ତୁମମାନଙ୍କୁ ସେହି ବିଷୟରେ କହିଥିଲି, ଏବଂ ଜଣେ ଗୁରୁ ନିମ୍ନଲିଖିତ ଭାବରେ ତାହାର ସଂଜ୍ଞା ନିରୂପଣ କରିଛନ୍ତି :

"ସତ୍ୟର ମାର୍ଗରେ ଅଗ୍ରସର ହେଉଥିବା ବ୍ୟକ୍ତି ଆଦୌ କୌଣସି ପ୍ରମାଦ ଦ୍ୱାରା ସନ୍ତପ୍ତ ହୁଏ ନାହିଁ, କାରଣ, ସେହି ପ୍ରମାଦ ଓ ଭୁଲ୍ କରିବାକୁହିଁ ସିଏ ସତ୍ୟ ଆଡ଼କୁ ଅଗ୍ରସର ହେବା ଲାଗି ଜୀବନର ସର୍ବପ୍ରଥମ ଉଦ୍ୟମ ବୋଲି ଜାଣିଥାଏ ।"

ତେଣୁ ଗୋଟିଏ 'ଯଥାର୍ଥ ବିଶ୍ୱାସର କୌଣସି ଅଂଶ ମଧ୍ୟ ଆମ ଲାଗି କଦାପି ଅପ୍ରାପ୍ତ ହୋଇ ଲୁଚିରହି ଯାଏ ନାହିଁ ; ତାହା ଯେତେଯେତେ ଜାଗାରେ ଲୁକ୍କାୟିତ ରହିଥାଏ, ଆମେ ସେଠାରେ ମଧ୍ୟ ତାହାକୁ ଆବିଷ୍କାର କରି ଜାଣିଥାଉ, ହୃଦୟ ମଧ୍ୟରେ ତାହାକୁ ପୋଷଣ କରି ରଖିବାର ଉପାୟଟି ବି ଜାଣିଥାଉ ।

ପୁଣି ଗୋଟିଏ ଯଥାର୍ଥ ବସ୍ତୁର ସହିତ ଆମେ ପରିଚିତ ହୋଇ ସାରିବା ପରେ, ଅର୍ଥାତ୍ ଯେତେବେଳେ ଆମେ ସେଇଟିକୁ ତାହାର ସ୍ୱରୂପଟି ଦେଇ ଅବିକୃତ ଭାବରେ ଜାଣିବାକୁ ସମର୍ଥ ହେଉ, ସେତେବେଳେ ଆମେ କେତେକେତେ ଯାବତୀୟ ପ୍ରତିଭାସ ଏବଂ ଯାବତୀୟ ଆକାର ବୈଚିତ୍ର୍ୟ ସତ୍ତ୍ୱେ ବି ସେଇଟିକୁ ତଥାପି ଚିହ୍ନି ନେଇପାରୁ ।

ପ୍ରକୃତ ବସ୍ତୁଟି ସହିତ ଜଣେ ବ୍ୟକ୍ତିର ଯଥାର୍ଥରେ ଏକ ସଂସ୍ପର୍ଶ ଘଟିଛି କି ନାହିଁ, ଅର୍ଥାତ୍ ସେଇଟିକୁ ଉତ୍ତମରୂପେ ହୃଦୟଙ୍ଗମ କରି ସିଏ ତାହାକୁ ନିଜସ୍ୱ ସମ୍ପଦରେ ପରିଣତ କରିଛି କି ନାହିଁ, ଅଥବା, ଅନ୍ୟ ପକ୍ଷରେ, ଯେଉଁମାନେ କୌଣସି ଏକ ମତକୁ, ସିଦ୍ଧାନ୍ତକୁ ବା ଏକ ନିର୍ଦ୍ଦିଷ୍ଟ ଭାଷାଭିବ୍ୟକ୍ତିକୁ ଯଥାସମ୍ଭବ ନିଜ ଭିତରେ ଭର୍ତ୍ତି କରି ରଖିଛନ୍ତି, ସେହି ଭାଷାଟିର ଶବ୍ଦଗୁଡ଼ିକ ଜରିଆରେହିଁ ସେମାନେ ଯାହାକିଛି ଭାବିପାରୁଛନ୍ତି ଏବଂ ଏହି ସୃଷ୍ଟିର ବାହାରେ ଯେଉଁମାନେ ଅଳ୍ପ କିଛି ହେଲେ ବୁଝି ପାରୁ ନାହାନ୍ତି, ସିଏ ସେହିମାନଙ୍କର ଦଳ ଭିତରେ ମିଶି ବସି ରହିଛି କି ନାହିଁ, ସେହି କଥାଟି ଆବିଷ୍କାର କରି ପାରିବା ଲାଗି ମଧ୍ୟ ଆମେ ଏହି ସାମର୍ଥ୍ୟଟିକୁ ଏକ ମାନଦଣ୍ଡ ରୂପେ ଅବଶ୍ୟ ବ୍ୟବହାର କରି ପାରିବା ।

'oaob.nitrkl.ac.in' images reprocessed

ବୁଦ୍ଧିର କ୍ଷେତ୍ରରେ ଏକାନ୍ତ ଅସମର୍ଥ ହୋଇ ରହିଥିଲେ ଯାଇ ଆମେ କେବଳ ବାହ୍ୟ ଆକାରଗୁଡ଼ାକୁ ନେଇ ଛନ୍ଦ ହୋଇ ରହିଥାଉ; ଏବଂ ମନୁଷ୍ୟସମାଜରେ ଭେଦ ଓ ପାର୍ଥକ୍ୟମାନ ଉଠାଇବାର କ୍ଷେତ୍ରରେ ତାହାହିଁ ଏକ ଅତ୍ୟନ୍ତ ଶକ୍ତିଶାଳୀ କାରଣ ହୋଇ ରହିଥାଏ ।

ମାତ୍ର, ଅନାବରଣ ବସ୍ତୁଟିକୁ ଦେଖି ପାରିବା ଲାଗି ଯିଏ ଯଥେଷ୍ଟ ପରିମାଣରେ ଗଭୀରକୁ ଭେଦ ଯାଇପାରିବ, ସିଏ ଅଚିରେ ଏହି କଥାଟିକୁ ଅବଶ୍ୟ ଉପଲବ୍ଧି କରିବ ଯେ ତାହାର ବହୁବିଧ ଏବଂ ଅଳ୍ପବହୁତ ପ୍ରଚ୍ଛନ୍ନ ହୋଇ ରହିଥିବା ଆବରଣଗୁଡ଼ିକ ସତ୍ତ୍ୱେ ସେହି ବସ୍ତୁଟି ସର୍ବତ୍ରହିଁ ଅପରିବର୍ତ୍ତିତ ହୋଇ ରହିଛି ।

ଦୃଷ୍ଟିର କ୍ଷେତ୍ରରେ ଯଥାର୍ଥ ଉଦାରତା ଅର୍ଜନ କରିବା ଲାଗି ଏହାହିଁ ନିଶ୍ଚିତତମ ଉପାୟ ।

ବସ୍ତୁତଃ, ଧର୍ମର ବିଭିନ୍ନ ସୂତ୍ର ଓ ମତ ଯେତେ ବିଭିନ୍ନ ପ୍ରକାରର ଆଧାର ଓ ପାତ୍ର ମଧ୍ୟରେ ରହିଥିଲେ ମଧ୍ୟ ସେଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟିରେ ଅନେକ ତଥା ସତ୍ୟର ସମ୍ପଦମାନ ଅବଶ୍ୟ ରହିଛି ବୋଲି ଥରେ ଅନୁଭବ କରିବା ପରେ ଆମେ କିପରି ବା କୌଣସି ଗୋଟିଏ ସୂତ୍ର ଅଥବା ଗୋଟିଏ ମତପ୍ରତି ବିଶେଷ ଆଗ୍ରହ ଦେଖାଇ ଅନ୍ୟଗୁଡ଼ିକୁ ଭୁଲ୍ ବୋଲି କହିପାରିବା ?

୧୭ ଫେବୃଆରି, ୧୯୧୨

'oaob.nitrkl.ac.in' images reprocessed

ଭାବନା ସମ୍ବନ୍ଧରେ-୩

ମୁଁ ସର୍ବଦା ଠିକ ଏହି କଥାକୁ ଉଚିତ ବୋଲି ମନେ କରି ଆସିଛି ଯେ, ଅଳ୍ପ କେତୋଟି ବ୍ୟତିକ୍ରମକୁ ବାଦ୍ ଦେଲେ, ଆମର ଇନ୍ଦ୍ରିୟବୋଧ ହେଉଥିବା ଜଗତଟିର ଦର୍ଶନତାତ୍ତ୍ୱିକ କାରଣଗୁଡ଼ିକ ବିଷୟରେ କଳ୍ପନାନୁମାନ କରିବା ନାରୀମାନଙ୍କର ମାନସିକ ଭୂମିକା ହୋଇ ରହିବା ଆଦୌ ଉଚିତ ନୁହେଁ । ମାତ୍ର, ଜଗତରୂପେ ପ୍ରତିଷ୍ଠିତ ହୋଇ ରହିଥିବା ଏହିସବୁ ବାସ୍ତବ ସତ୍ୟରୁ ନାନା ବ୍ୟାବହାରିକ ସିଦ୍ଧାନ୍ତରେ ଉପନୀତ ହେବା ହେଉଛି ସେମାନଙ୍କର ପ୍ରକୃତ କର୍ତ୍ତବ୍ୟ

ଗତ ଶୁକ୍ରବାର ଦିନ ମାଦାମ୍ ମାର୍ସିଆଲ୍ ତୁମମାନଙ୍କୁ ଯଥାର୍ଥରେ କହୁଥିଲେ ଯେ, ପୁରୁଷମାନେ ଯେପରି ଭାବରେ ଚିନ୍ତା କରନ୍ତି ସ୍ତ୍ରୀମାନଙ୍କ ପକ୍ଷରେ ମଧ୍ୟ ଠିକ୍ ସେହିପରି ଭାବରେ ଚିନ୍ତା କରିବା ଆଦୌ ଉଚିତ ହେବ ନାହିଁ । କାରଣ, ଏହା ଫଳରେ ସେମାନେ ନିଜର ସ୍ୱକୀୟ ଗୁଣଗୁଡ଼ିକୁ ହରାଇ ବସିବାର ଆଶଙ୍କା ସବୁବେଳେ ରହିଥିବ । ସେମାନେ ତଦ୍ଦ୍ୱାରା ନ୍ୟାୟାନୁମୋଦିତ ଯୁକ୍ତି ଏବଂ ବିଶ୍ଳେଷଣ ତଥା ସମନ୍ୱୟ କରିବାର ସାମର୍ଥ୍ୟ ପ୍ରଭୃତି ପୁରୁଷୋଚିତ ଗୁଣଗୁଡ଼ିକୁ କଦାପି ଅର୍ଜନ ତ କରି ପାରିବେ ନାହିଁ, ମାତ୍ର ତେଣେ ଗଭୀର ଅନ୍ତଃବୋଧ ଏବଂ ବାସ୍ତବ କର୍ତ୍ତବ୍ୟନିରୂପଣ ପ୍ରଭୃତି ସ୍ତ୍ରୀଜନୋଚିତ ଗୁଣଗୁଡ଼ିକୁ ମଧ୍ୟ ହରାଇ ବସିବେ ।

ତେଣୁ, ବିଶ୍ୱରସବୁ ଯେ ଗୋଟିଏ ଗୋଟିଏ ପ୍ରକୃତ, ସ୍ୱୟଂପ୍ରେରିତ, ସକ୍ରିୟ ଏବଂ ଜୀବନ୍ତ ଉପାଦାନ ରୂପେ ଅବସ୍ଥାନ କରୁଥାନ୍ତି, ନ୍ୟାୟଯୁକ୍ତିର ବୁଦ୍ଧି ଏବଂ ବୁଦ୍ଧି-ଅତୀତ କୌଣସି କଳ୍ପନାର ମାଧ୍ୟମରେ ତୁମମାନଙ୍କୁ ସେଗୁଡ଼ିକୁ ପ୍ରମାଣ କରି ଦେଖାଇ ଦେବା ପାଇଁ ମୁଁ ଆଜି କୌଣସି ଚେଷ୍ଟା କରିବି ନାହିଁ ।

ପୁଣି, ଯଦି କେବଳ ନାନା ଅଳସ କଥୋପକଥନରେ ଆମେ ସମୟ ନଷ୍ଟ ନକରିବା ଲାଗି ଇଚ୍ଛା କରୁଥାଉ, ଯଦି ଆମେ ଅତ୍ୟନ୍ତ ନିଷ୍ଠାପର ଭାବରେ ଏହି ଜଗତର କ୍ଷୁଦ୍ରତମ ଘଟଣାଟିକୁ ମଧ୍ୟ ବୁଝାଇ ଦେବାକୁ ଚାହୁଁଥାଉ, ତେବେ ଆମକୁ ମୂଳରେ ଥିବା ସେହି ବିଶ୍ୱଗତ ସାଧାରଣ ନିୟମଗୁଡ଼ିକ ପାଖକୁହିଁ ଫେରି ଯିବାକୁ ପଡ଼ିବ । ଗୋଟାଏ କଣିକା ଧୂଳିକୁ ବୁଝାଇବାକୁ ଗଲେ ବି ସେଥିଲାଗି ସମଗ୍ର ବିଶ୍ୱକୁ ବୁଝାଇବା ଦରକାର ହେବ । ଏବଂ ଆମର ଏହି ସମିତିଟି (Union de Pensée Feminine—ସ୍ତ୍ରୀ ଚିନ୍ତାର ସମିତି) ଲାଗି ଆମେ ଆଦୌ ଏହି କାର୍ଯ୍ୟକ୍ରମଟିକୁ ଗ୍ରହଣ କରିନାହୁଁ । ସେମାନେ ଲାଭ କରିଥିବା ଶିକ୍ଷାଟି ବଳରେ ଏବଂ ଅଭ୍ୟାସ କରିଥିବା ମସ୍ତିଷ୍କର କସରତଟି ଫଳରେ ଯେଉଁମାନେ ବଡ଼ ବଡ଼ ତାତ୍ତ୍ୱିକ

'oaob.nitrkl.ac.in' images reprocessed

ସମସ୍ୟାର ଆଲୋଚନା କରିବାକୁ ସବୁବେଳେ ଖୁବ୍ ଭଲ ପାଆନ୍ତି, ପ୍ରତ୍ୟେକ ମାସର ପ୍ରଥମ ଶୁକ୍ରବାର ଦିନ ବସୁଥିବା 'ଚିନ୍ତାର ସମିତି' (Ecole de la Pensée)ର ବୈଠକମାନଙ୍କରେ ତାହା କରିବା ଲାଗି ସେମାନେ ନିଶ୍ଚୟ ଏକ ଚମତ୍କାର ସୁଯୋଗ ପାଇ ପାରିବେ ।*

* ଅଉଗୋଟିଏ ଗୋଷ୍ଠୀ ଲାଗି ଉଦ୍ଦିଷ୍ଟ ଏହାର ବିକଳ୍ପ ପାଠଟି ହେଉଛି :

ଗୋଟିଏ ଭାବନାକୁ ଏକ ଜୀବନ୍ତ ଏବଂ ସ୍ୱୟଂପ୍ରେରିତ ଘଟଣା ବୋଲି କହିବାର ଯେଉଁ ଦୃଷ୍ଟିକୋଣଟି ରହିଛି, ଆପଣମାନେ ସେଇଟି ସହିତ କେତେଦୂର ପରିଚିତ, ମୁଁ ସେକଥା ଜାଣେ ନାହିଁ । ସେହି ଦୃଷ୍ଟିକୋଣଟିର ଯଥାର୍ଥତା ପ୍ରତିପାଦିତ କରିବା ଲାଗି ଏଠାରେ ମୁଁ କୌଣସି ଚେଷ୍ଟା କରିବି ନାହିଁ । ଦୁଇଟି କାରଣରୁ ମୁଁ ତାହା କରିବି ନାହିଁ ।

ପ୍ରଥମ କାରଣଟି ହେଉଛି ଯେ, କ୍ଷୁଦ୍ରତମ କୌଣସି ଘଟଣାକୁ ବି ବୁଝାଇ କହିବାକୁ ହେଲେ (କାରଣ, ସାଧାରଣତଃ ଏହି ପ୍ରକାରେହିଁ ଆମେ ନିଜ ପାଖରେ ତାହାର ସତ୍ୟତାଟିକୁ ପ୍ରମାଣ କରି ଯାଇଥାଉ) ସେହି କ୍ଷେତ୍ରରେ ମଧ୍ୟ ଆମକୁ ବିଶ୍ୱଗତ ସାଧାରଣ ନିୟମଗୁଡ଼ିକର ଆଲୋଚନା କରିବାକୁ ପଡ଼ିବ । ଆମେ ଅନେକ ସମୟରେ ଏହିପରି ଏକ ମତ ବ୍ୟକ୍ତ କରି ଆସିଛୁ ଯେ, ବାଲୁକାର ଗୋଟିଏ କଣାକୁ ମଧ୍ୟ ଯଥାର୍ଥ ଭାବରେ ବୁଝାଇ କହିବାକୁ ବସିଲେ ସମସ୍ତ ବିଶ୍ୱଜଗତର ନିୟମଟିକୁ ବି ଆମକୁ ବୁଝାଇ କହିବାକୁ ପଡ଼ିବ । ଏବଂ ଆଜି ସନ୍ଧ୍ୟାରେ ସେହି ବିଷୟଟିର ଆଲୋଚନା କରି ବସିଲେ ଆମକୁ କେତେ ନା କେତେ ଦୂରକୁ ଯିବାକୁ ପଡ଼ିବ ।

ପୁଣି, ଏହି କଥାଟିକୁ କରିବାକୁ ଯାଇ ଆମକୁ କେତେକେତେ ଦୀର୍ଘ ତାତ୍ତ୍ୱିକ ଦର୍ଶନାନୁମାନ ଭିତରେ ବି ଯାଇ ପଶିବାକୁ ପଡ଼ିବ ଏବଂ ଖାସ୍ ଏହି ପ୍ରକାରର ମାନସିକ କ୍ରିୟାଶୀଳତାକୁହିଁ ମୁଁ ସବୁଠାରୁ ଅଧିକ ଭୟ କରିଥାଏ ।

ଏହି କ୍ଷେତ୍ରରେ ବୁଦ୍ଧଙ୍କର ପ୍ରଦତ୍ତ ଶିକ୍ଷାଟି ସହିତ ଏକମତ ହୋଇ ମୁଁ ମଧ୍ୟ ଦୃଢ଼ଭାବରେ ବିଶ୍ୱାସ କରେ ଯେ କେବଳ ବୌଦ୍ଧିକ ନାନା ଲକ୍ଷ୍ୟହୀନ ଧାବନ ବ୍ୟତୀତ ଆମେ ଅନେକ ଅଧିକ ଫଳପ୍ରଦ ଭାବରେ ଆମ ସମୟ ଓ ଆମ ମନର ଉପଯୋଗ ନିଶ୍ଚୟ କରିପାରିବା । ସେହି ଭଳି ବୌଦ୍ଧିକ ଧାବନଗୁଡ଼ାକ ଆମକୁ ସର୍ବଦା ଏଡ଼ାଦେଇ ଆମ ଅନୁସନ୍ଧାନ କ୍ଷେତ୍ରଟିର ବାହାରକୁ ପଳାଇ ଯିବାକୁ ଚେଷ୍ଟା କରୁଥାନ୍ତି ଏବଂ ଶେଷକୁ ଏପରି ଏକ ସ୍ଥଳରେ ଆମକୁ ମୁହାଁମୁହିଁ ଆଣି ଠିଆ କରାଇ ଦିଅନ୍ତି, ଯାହା ସେ ପାଖକୁ କି ଆଉ କିଛିହେଲେ ଲାଭ ହୁଏ ନାହିଁ ।

ଏହି ବିଶ୍ୱସଂସାରର କିପରି ଆରମ୍ଭ ହେଲା, ଏହାର ଶେଷ ବି କିପରି ହେବ, ଏହି ବିଷୟରେ କୌଣସି ପ୍ରକାର ଭଳି ତାତ୍ତ୍ୱିକ ପ୍ରଶ୍ନର ଉତ୍ତର ଦେବାକୁ ବୁଦ୍ଧଦେବ ସିଧା ନାହିଁ କରିଦେଉଥିଲେ । ସିଏ କେବଳ ଗୋଟିଏ କଥାକୁହିଁ ଗୁରୁତ୍ୱପୂର୍ଣ୍ଣ ବୋଲି କହୁଥିଲେ : ସେହି କଥାଟି ହେଉଛି ଯେ ଆମେ ଉଚିତ ମାର୍ଗରେ ଅଗ୍ରସର ହେଉଥିବା, ଅର୍ଥାତ ଆମର ଅନ୍ତଃକ୍ଷେତ୍ରଟିକୁ ନିର୍ମଳ କରି ରଖିବା ଏବଂ ନିଜ ଭିତରେ ଥିବା ଯାବତୀୟ ଅନ୍ଧଂପ୍ରେରିତ ବାସନାର ବିନାଶ ସାଧନ କରିବା ।

'oaob.nitrkl.ac.in' images reprocessed

ଆମର ଏହି ସମିତିଟିରେ ଆମେ ସେସବୁ ବଡ଼ ଆଶା ରଖିବା ନାହିଁ, ନୁହେଁ ?

ସ୍ତ୍ରୀଲୋକମାନେ, ସେମାନଙ୍କର ସ୍ୱକୀୟ ପ୍ରକୃତିଟି ଯେପରି ଭାବରେ ଗଢ଼ା ହୋଇଛି, ସେହି ଦୃଷ୍ଟିରୁ ବିଚାର କରି ଦେଖିଲେ, ଆଧ୍ୟାତ୍ମିକ କାର୍ଯ୍ୟାବଳୀଟିକୁ ଅର୍ଥାତ୍ ତାହାର ଗଭୀରତମ ଅର୍ଥରେ ବୁଝିପାରିଲେ, ନୈତିକ କାର୍ଯ୍ୟକ୍ରମଟିକୁ ଗ୍ରହଣ କରିବାକୁହିଁ ଅପେକ୍ଷାକୃତ ଅଧିକ ସମର୍ଥ ହୋଇ ପାରିବେ ।

ଏହି ଆଧ୍ୟାତ୍ମିକ ଆଯ଼ତନଟି ମଧ୍ୟରେ ଆମେ ମୂଳତଃ ଏକ ବାସ୍ତବବାଦୀ ଏବଂ ରଚନାତ୍ମକ ଦୃଷ୍ଟିକୋଣ ପୋଷଣ କରିଥାଉ । କିପରି ଏକ ଉତ୍ତମ ଜୀବନ ଯାପନ କରାଯାଇ ପାରିବ, ଆମେ ସେହି କଥାଟିକୁ ଜାଣିବାକୁ ଇଚ୍ଛା କରୁଛୁ । ଏବଂ ସେଥିଲାଗି, କିପରି ଉତ୍ତମରୂପେ ଭାବନାକୁ ବି ହୁଏ, ସେହି କଥାଟିକୁ ଶିକ୍ଷା କରିବା ମଧ୍ୟ ଆମ ଲାଗି ଏକାନ୍ତ ଆବଶ୍ୟକ ।

ଭାବନାର ଏହି ପ୍ରାଥମିକ ମହତ୍ତ୍ୱଟିକୁ ହୃଦୟଙ୍ଗମ କରି ପାରିବାକୁ ହେଲେ, ଆମକୁ ଭାବନାର ସ୍ୱରୂପଟିକୁହିଁ ଆବିଷ୍କାର କରିବାକୁ ହେବ, ଅର୍ଥାତ୍, ଭାବନାକୁ ଏକ ଜୀବନ୍ତ ସତ୍ତା ବୋଲି ଜାଣିବାକୁ ହେବ; ଏବଂ ତୁମେମାନେ ଯେପରି ଭାବନାର ସେହି ସ୍ୱତନ୍ତ୍ର ଅସ୍ତିତ୍ୱଟି ବିଷୟରେ ଦୃଢନିଶ୍ଚିତ ହୋଇ ପାରିବ, ସେଥିଲାଗି ମୁଁ ତୁମମାନଙ୍କୁ କେବଳ ତୁମେମାନେ ନିଜେ ଏହି କଥାଟିକୁ ଉପଲବ୍ଧି କର ବୋଲି କହୁଛି । ସେପରି କରିବା ପ୍ରକୃତରେ ଖୁବ ସହଜ ।

ଟିକିଏ ପର୍ଯ୍ୟବେକ୍ଷଣ କରି ଦେଖିଲେ ଆମେ ଅବଶ୍ୟ ଏକଥା ହୃଦୟଙ୍ଗମ କରିପାରିବା ଯେ, ଏଠାରେ ଏକ ଉଦାହରଣ ଦେଇ କହିଲେ, ଆମେ ଅନେକ ସମୟରେ ଏପରି ଭାବନାମାନ ଗ୍ରହଣ କରିଥାଉ, ଯାହାକି ବାହାରୁ ଆସି ଆମ ଭିତରେ ପ୍ରବେଶ କରୁଥାଏ । ଏବଂ, ବାକ୍ୟ ଅଥବା ପଠନ କୌଣସିଟି ମାଧ୍ୟମରେ ଆମର ସେଗୁଡ଼ିକ ସହିତ ଆଦୌ କୌଣସି ସମ୍ପର୍କ ଘଟି ନ ଥାଏ ।

ଏପରି ଏକ ଘଟନା ଘଟୁଥିବାର କିଏ ଲକ୍ଷ୍ୟ କରି ନଥିବ କହିଲ : କୌଣସି ଏକ ଭାବନା, ଆମେ କହିଲଭଳି, ସତେଅବା ପବନ ଭିତରେ ରହିଥାଏ; ଏବଂ ତାହାକୁ ଏକାଧିକ ଉଦ୍‌ଭାବକ, ଏକାଧିକ ବୈଜ୍ଞାନିକ ଏବଂ ଏକାଧିକ ସାହିତ୍ୟିକ ଯୁଗପତ୍ ଭାବରେ ଗ୍ରହଣ କରିଥାନ୍ତି ଏବଂ ସେମାନଙ୍କର ଏହି ବିଷୟରେ ପରସ୍ପର ସହିତ ଆଦୌ କୌଣସି ପ୍ରକାର ବାହ୍ୟ ସମ୍ପର୍କ ଘଟି ନ ଥାଏ ?

ଏହିପରି କେତେ ନା କେତେ ଉଦାହରଣ ଦିଆଯାଇ ପାରିବ । ଏହି ଭାବନା ବିଷୟରେ ଲେଖା ହୋଇଥିବା ପୁସ୍ତକଟିଏ ମୁଁ ତୁମମାନଙ୍କୁ ବର୍ତ୍ତମାନ ପଢ଼ି ଶୁଣାଇବି ଏବଂ କଥାଟିକୁ ବୁଝିବା ପାଇଁ ତାହା ହୁଏତ ତୁମମାନଙ୍କୁ ନିଶ୍ଚୟ ସାହାଯ୍ୟ କରିବ ।

'oaob.nitrkl.ac.in' images reprocessed

ଏପର୍ଯ୍ୟନ୍ତ ପ୍ରକାଶିତ ହୋଇ ନଥିବା ଗୋଟିଏ ଦର୍ଶନ ପୁସ୍ତକରୁ ମୁଁ ସେହି ପୃଷ୍ଠାଟି ପଢ଼ିବ !

"ଯେଉଁଠି ଯେତେ ଯାହା ଘଟନା ଦୃଷ୍ଟିଗୋଚର ହେଉଛି, ସେଠାରେ ତାହାର ଅନୁରୂପ ଏକ ଉପାଦାନ ଅବଶ୍ୟ ରହିଛି । ଯାହାକିଛି ସ୍ପନ୍ଦନ ସଂଘଟିତ ହେଉଛି, ତାହାର ଏକ ମାଧ୍ୟମ ରହିଥିବା ଅବଶ୍ୟ ଆବଶ୍ୟକ ହେଉଛି । ଏବଂ ଯଦି, ଆଲୋକର ସ୍ପନ୍ଦନଗୁଡ଼ିକ ସମ୍ଭବ ହେବା ଲାଗି, ଆମେ ଯାହାକୁ ଇଥର ବା ଆକାଶ ବୋଲି କହୁଛୁ, ଏକ ମାଧ୍ୟମ ରୂପେ କାର୍ଯ୍ୟ କରିବା ଲାଗି ତାହାର ଆବଶ୍ୟକତା ପଡ଼ୁଛି, ତେବେ, ତାହାଠାରୁ ଆହୁରି ଅଧିକ ସୂକ୍ଷ୍ମ, ଅଧିକ ରହସ୍ୟମୟ ଓ ଅଧିକ କ୍ଷିପ୍ର ସ୍ପନ୍ଦନର ସୃଷ୍ଟି କରୁଥିବା ଆମର କୌଣସି ଭାବନା ଲାଗି ମଧ୍ୟ ଏକ ମାଧ୍ୟମର ଆବଶ୍ୟକତା ରହିବ ନା ନାହିଁ ?

"ମସ୍ତିଷ୍କର ସ୍ଥୂଳତା ଯେଉଁ ଭାବନାକୁ ଆଗରୁ ଏକ ଆକାର ଏବଂ ଉପାଦାନ ଦେଇ ସାରିଛି, ଏଠାରେ ମୁଁ ସେପରି ଏକ ଭାବନାର କଥା ଆଦୌ କହୁ ନାହିଁ । ମନସ୍ତତ୍ତ୍ୱବିତ୍ମାନେ ଭଲ ଭାବରେ ଏହି କଥାଟିକୁ ଜାଣିଛନ୍ତି ଯେ ଆପଣାର ସଚେତନ କ୍ରିୟାଶୀଳତାର ଗୁଣ୍ଡସ୍ତରକୁ ଆସିବା ପୂର୍ବରୁ ଯେକୌଣସି ଭାବନାକୁ ପ୍ରଥମେ କେତୋଟି ଅପେକ୍ଷାକୃତ ଅଧିକ ଅପ୍ରତ୍ୟକ୍ଷ ସ୍ଥିତି ମଧ୍ୟଦେଇ ଅତିକ୍ରମ କରି ଆସିବାକୁ ପଡ଼ିଥାଏ; ଆମେ ଯାହାକୁ ଅବଚେତନ ବୋଲି କହୁ, ସେହି ଅଜ୍ଞାତ ଗ୍ରନ୍ଥିଟି ମଧ୍ୟଦେଇ ଆସିବାକୁ ପଡ଼ିଥାଏ ।

"କୌଣସି ଉଲକାଖଣ୍ଡ କେଉଁ ସୁଦୂର ଅନ୍ତରୀକ୍ଷଗର୍ଭରୁ ଆମ ପାଖରେ ଆସି ପଡ଼ିଥିବା ପରି ଏହି ଭାବନାଟି ମଧ୍ୟ ଅନ୍ତରସ୍ଥ ଗଭୀର ତଳଗୁଡ଼ିକରୁ ଆସି ଉପର ଭାଗରେ ପଡ଼ିଥାଏ ।

"ଏହି ଉଲ୍କାଖଣ୍ଡ ପ୍ରକୃତରେ କେଉଁଠୁ ଉତ୍ପତ୍ତିଲାଭ କରିଛି. ଏହି ଭାବନାଟିର ପ୍ରକୃତ ଉତ୍ସ କେଉଁଠାରେ ? ଆମକୁ ସେକଥା ମୋଟେ ଜଣା ନ ଥାଏ, ମାତ୍ର ସେଗୁଡ଼ିକର ତଥାପି ଏକ ଅସ୍ତିତ୍ୱ ରହିଥାଏ; ଗୋଟିକର ଅସ୍ତିତ୍ୱ ଆମ ସୂର୍ଯ୍ୟଟିର ଆହୁରି ସେପାଖରେ ରହିଥାଏ, ଏବଂ ଆରଟିର ସମ୍ଭବତଃ ଆଲୋକ ସେପାଖରେ ଯାଇ ରହିଥାଏ ।.

ଆଲୋକ ଏବଂ ଭାବନା ମଧ୍ୟରେ ଆରୋହଣବାଚକ ଏକ ସମ୍ବନ୍ଧ ରହିଛି । ଅତି ସୂକ୍ଷ୍ମଗୁଡ଼ିକର ଭୂମିରେ ଗୋଟିକଠାରୁ ଆଉଗୋଟିକ ପାଖକୁ ଯିବାକୁ ହେଲେ ସର୍ବଦା ଏକ ସୋପାନ ଆରୋହଣ କରିବାକୁ ପଡ଼ିଥାଏ : କଳ୍ପନା କରିବାକୁ ଦେଖିବାର ଏକ ଉଚ୍ଚତର ପର୍ଯ୍ୟାୟ ବୋଲିହିଁ କୁହାଯାଇ ପାରିବ ।

"ଆମେ ଭାବନାକୁ ଆଖିରେ ଦେଖି ପାରୁ ନାହିଁ, କାରଣ, ତାହାର ଉପାଦାନଟି ଆଲୋକର ଉପାଦାନଠାରୁ ଆହୁରି ଅଧିକ ସୂକ୍ଷ୍ମ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

ଠିକ୍ ସେହିପରି, ଆମେ ଆଲୋକକୁ ଶୁଣି ମଧ୍ୟ ପାରୁ ନାହିଁ, କାରଣ ଆପଣାର ମୂଳୋପାଦାନର କ୍ଷେତ୍ରରେ ତାହା ଧ୍ୱନିଠାରୁ ଅଧିକ ସୂକ୍ଷ୍ମ ହୋଇ ରହିଥାଏ ।

"ଆମର ଶରୀରଟି ସ୍ଥୂଳ ବସ୍ତୁଗୁଡ଼ିକ ମଧ୍ୟରେ ବିଚରଣ କରୁଥିବା ପରି ଭାବନା ମଧ୍ୟ ତାହାର ସ୍ତରର ଅନ୍ୟ ଉପାଦାନଗୁଡ଼ିକ ମଧ୍ୟରେ ବିଚରଣ କରୁଥାଏ । ସ୍ଥୂଳ ବସ୍ତୁଗୁଡ଼ିକୁ କିପରି ଏକ ଆକାର ଦିଆଯିବ, ଆମ ହାତକୁ ସେକଥା ଜଣାଥିଲା ପରି, ଏହି ଭାବନାଗୁଡ଼ିକୁ କିପରି ଗୋଟିଏ ଗୋଟିଏ ଗ୍ରନ୍ଥିରେ ପକାଇ ସେଗୁଡ଼ିକରୁ ଅଗଣିତ କେତେ କେତେ ଅନୁକୂଳ ଆକାର ସମ୍ଭବ କରାଯାଇ ପାରିବ, ଭାବନାକୁ ମଧ୍ୟ ସେହି କଥାଟି ଭଲଭାବରେ ଜଣାଥାଏ ।

"ତେଣୁ, ଆମର ଶରୀର ସ୍ତରର ସଙ୍କେତଗୁଡ଼ିକ ତୁଳନାରେ ଆମ ବୁଦ୍ଧିଗତ ସ୍ତରର ସଙ୍କେତଗୁଡ଼ିକୁ ଆମେ କଦାପି କୌଣସି ଗୁଣରେ କମ୍ ଫଳପ୍ରଦ ବୋଲି କହି ପାରିବା ନାହିଁ । ଏବଂ ତେଣୁ, ଆମ ଭାବନାପ୍ରସୂତ କାର୍ଯ୍ୟଗୁଡ଼ିକ ପରି ଆମ ଭାବନାଗୁଡ଼ିକ ଉପରେ ଯେ ଆମର ସର୍ବଦା ଯଥେଷ୍ଟ ଧ୍ୟାନ ରହିଥିବା ଉଚିତ, ଯଥାର୍ଥ ଜ୍ଞାନ ଆମକୁ ସବୁବେଳେ ତାହାହିଁ ଶିକ୍ଷା ଦେଇ ଆସିଛି ।"

ଏହିପରି ଭାବରେ ଆମେ ଦେଖିପାରୁଥିବା ଯେ, ଶବ୍ଦଟିର ସର୍ବୋଚ୍ଚ ଅର୍ଥରେ ଗଢ଼ଣୀଳ ହୋଇ ରହିଥିବା ଏହି ଭାବନା ଆପଣା ଭୂମିରେ ଏକ ରଚନାକାରୀ ଶକ୍ତିରୂପେ କ୍ରିୟାଶୀଳ ହୋଇ ରହିଥାଏ, ଆପଣା ଲାଗି ଶରୀରଟିଏ ଗଠନ କରି ନେବାକୁ ତାହା କ୍ରିୟାଶୀଳ ହୋଇ ରହିଥାଏ । ଲୁହାଗୁଣ୍ଡ ଉପରେ ଚୁମ୍ବକ ଯେପରି କାର୍ଯ୍ୟ କରେ, ଭାବନା ଠିକ୍ ସେହିପରି କାର୍ଯ୍ୟ କରେ । ତା' ସ୍ୱଭାବଟି ସହିତ, ଲକ୍ଷ୍ୟ ଏବଂ ପ୍ରବୃତ୍ତିଗୁଡ଼ିକ ସହିତ ସମାନାର୍ଥ ହୋଇ ରହିଥିବା ଯାବତୀୟ ଉପାଦାନକୁ ତାହା ଆକର୍ଷଣ କରିବାରେ ଲାଗିଥାଏ । ତାହା ସେହିସବୁ ଉପାଦାନକୁ ଆହୁରି ଅଧିକ ସଜୀବ ଓ ପ୍ରାଣବନ୍ତ କରିଆଣେ । ସେହି ଉପାଦାନଗୁଡ଼ିକହିଁ ତା'ର ଶରୀରର କୋଷ ହୋଇ ରହିଥାନ୍ତି । ଅତିଗୁଡ଼ାଏ ବ୍ୟାଖ୍ୟା ଭିତରକୁ ନ ଯିବା ଲାଗି ମୁଁ ସେଗୁଡ଼ିକୁ ତରଳ ସ୍ୱଭାବର ଗୋଟିଏ ଗୋଟିଏ ଉପାଦାନ ବୋଲି କହିବି । ସେହି ଉପାଦାନଗୁଡ଼ିକୁ ଭାବନା ଶୀଦ୍ରବିନ୍ୟାସ ଦିଏ, ସେଗୁଡ଼ିକୁ ଗ୍ରନ୍ଥିରେ ପକାଏ ଓ ଆପଣା ସ୍ୱଭାବର ଯାହା ସବୁଠାରୁ ଅଧିକ ଅନୁକୂଳ, ସେଗୁଡ଼ିକୁ ସେହିପରି ଗୋଟିଏ ଆକାର ବି ପ୍ରଦାନ କରିଥାଏ ।

ଭାବନାର କାର୍ଯ୍ୟ ଏବଂ ଯେକୌଣସି ଗୋଟିଏ ବସ୍ତୁର ନିର୍ମାଣ କରୁଥିବା ଜଣେ ଉଦ୍ଭାବକର କାର୍ଯ୍ୟ ମଧ୍ୟରେ ଆମେ ଏକ ଅଦ୍ଭୁତ ସମାନତା ରହିଥିବାର ଦେଖି ପାରିବା ।

ଗୋଟିଏ ବାଷ୍ପଚାଳିତ ଇଞ୍ଜିନ୍‌କୁ ଏଠାରେ ଉଦାହରଣରୂପେ ନିଆଯାଉ । ଜଣେ ଇଞ୍ଜିନିଅର ଟିକିନିଖି ସବୁକିଛି ଅନ୍ତର୍ଭୁକ୍ତ କରି ଗୋଟିଏ ଯୋଜନା ତିଆରି

'oaob.nitrkl.ac.in' images reprocessed

କରେ, ସବୁକିଛୁ ହିସାବ କରି ରଖେ, ସବୁକିଛୁ ସଜାଇକରି ରଖେ । ତା'ପରେ ଆପଣାର କଳ୍ପନାଟିକୁ ମୂର୍ତ୍ତିରୂପଟିଏ ଦେବା ଲାଗି ଯିଏ ଆବଶ୍ୟକ ସାମଗ୍ରୀଗୁଡ଼ିକର ବି ନିର୍ବାଚନ କରେ, ତା'ପରେ ତାହାର ନିର୍ମାଣଟିକୁ ସ୍ୱୟଂ ତତ୍ତ୍ୱାବଧାନ କରି ଦେଖେ, ଇତ୍ୟାଦି, ଇତ୍ୟାଦି ।

ଏବଂ ଯେତେବେଳେ ସେହି ଇଞ୍ଜିନ୍‌ଟି ପ୍ରକୃତରେ କାର୍ଯ୍ୟ କରିବାକୁ ଆରମ୍ଭ କରେ, ଆପଣାର ସଞ୍ଚାଳନ ଦ୍ୱାରା ଏକ ଜୀବନ୍ତ ବସ୍ତୁରେ ପରିଣତ ହୁଏ, ସେତେବେଳେ, ଯେଉଁ ଭାବନାଟିରୁ ତାହା ପ୍ରସୂତ ହୋଇ ଆସିଛି, ତାହା ତାହାର ଯଥାସମ୍ଭବ ଏକ ପରିପୂର୍ଣ୍ଣ ଗ୍ରହଣ କରି ଆମ ଆଗରେ ଉଭା ହୋଇଯାଏ । ଭାବନାଟି ଯେ ପ୍ରକୃତରେ କେତେ ଶକ୍ତିଶାଳୀ, ପ୍ରସ୍ତୁତ ଇଞ୍ଜିନ୍‌ଟି ଆମକୁ ତାହାର ପୂର୍ଣ୍ଣ ପରିଚୟ ଦେଇଯାଏ । (ଏହା ଦ୍ୱାରା ଇଞ୍ଜିନ୍, ମଟରଗାଡ଼ି ବା ଜାହାଜଗୁଡ଼ିକର ଅଚେତନଟିହିଁ ଜାଗ୍ରତ ହୋଇ ଉଠେ ବୋଲି ଆମେ କହିପାରିବା ।) ଏକ ଜୀବନ୍ତ ବସ୍ତୁରୂପେ ରଚନାକାରୀ ଭାବନାଟି ତାହାର ଅଭିବ୍ୟକ୍ତି ଲାଗି ମନୁଷ୍ୟର ହାତଦେଇ ଗଢ଼ା ହୋଇଥିବା ଶରୀରଟି ମଧ୍ୟରେ ପ୍ରାଣସଞ୍ଚାର କରି ଦେଇଥାଏ । ମାନସିକ କ୍ଷେତ୍ରରେ ମଧ୍ୟ ଆମକୁ ଏହିପରି ଅନେକ ସଚେତନ ନିର୍ମାଣକାରୀମାନଙ୍କର ଉଦାହରଣ ଦେଖିବାକୁ ମିଳିବ ।

ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କ ମଧ୍ୟରେ ହୁଏତ କୌଣସି ବିଶେଷ ପ୍ରତିଭା ରହିଥାଏ ବା ଯେଉଁମାନେ ଆପଣା ଭିତରେ କେତେକ ଅନ୍ତର୍ଗତ ଗ୍ରହଣଶକ୍ତିର ବିକାଶ କରି ପାରିଥାନ୍ତି; ସେମାନେ କ୍ଷେତ୍ରଟିର ପ୍ରତ୍ୟକ୍ଷ ସମ୍ପର୍କରେ ଆସିବାକୁ ସମର୍ଥ ହୁଅନ୍ତି, ପ୍ରଧାନତଃ ଦୃଷ୍ଟି ଏବଂ ସ୍ପର୍ଶର ମାଧ୍ୟମରେ ସେମାନେ ଏହି ସମ୍ପର୍କରେ ଆସନ୍ତି ।

ଏହିପରି ଭାବରେ, ଘଟନାଟିର କ୍ରିୟାଶୀଳତାକୁ ଲକ୍ଷ୍ୟ କରିବାକୁ ସମର୍ଥ ହେଲାବେଳେ, ସେମାନେ ପ୍ରୟୋଗଶାଳାରେ କାର୍ଯ୍ୟ କରୁଥିବା ରସାୟନଜ୍ଞମାନଙ୍କ ପରି ଉପାଦାନଗୁଡ଼ିକୁ ନେଇ ନାନାପ୍ରକାର ପ୍ରୟୋଗ କରିପାରନ୍ତି, ସେଗୁଡ଼ିକୁ ବାଛି ପାରନ୍ତି, ଆପଣାର ଇଚ୍ଛାଶକ୍ତି ଦ୍ୱାରା ସେଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ଆକାର ପ୍ରଦାନ କରି ପାରନ୍ତି ଏବଂ ଆପଣାର ଭାବନାଗୁଡ଼ିକୁ ଏପରି ନାନା ଆକାରର ପରିଧାନ ଯୋଗାଇଦେଇ ପାରନ୍ତି, ଯାହାକି ସେଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ପ୍ରକାଶିତ କରିଦେଇ ପାରୁଥାଏ ।

ମାତ୍ର ଆମେ ଏହାକୁ ମନୁଷ୍ୟ ବ୍ୟକ୍ତିର ଅନ୍ତର୍ଗଠନ ଲାଗି ରହିଥିବା ଅନେକ ପଥ ମଧ୍ୟରୁହିଁ ଗୋଟିକର ସର୍ବଶେଷ ଅବସ୍ଥା ବୋଲି କହିପାରିବା । ଏହି ପୂର୍ଣ୍ଣ ସଚେ-ତନତାର ଅଧିକାରୀ ହୋଇ ପାରିବାର ବହୁ ପୂର୍ବରୁ ମଧ୍ୟ ନାନା ଶକ୍ତିଶାଳୀ ରଚନାକୁ ବି ସମ୍ଭବ କରାଯାଇ ପାରିବ । ଯାହାର ଭାବନା କେତେକାଂଶରେ ମଧ୍ୟ ଏକ

'oaob.nitrkl.ac.in' images reprocessed

ସବଳତା ଏବଂ ଦୃଢ଼ତା ଅର୍ଜନ କରିପାରିଛି, ସେହି ବ୍ୟକ୍ତି ନିଜେ ସେବିଷୟରେ କିଛି ନ ଜାଣି ପାରୁଥିଲେ ମଧ୍ୟ ଅନୁକ୍ଷଣ କେତେ କ'ଣ ଗଠନ କରିବାରେ ଲାଗିଛି ।

ଏହି ରଚନାଗୁଡ଼ିକୁ ଆମେ ଗୋଟିଏ ଗୋଟିଏ ଜୀବନ୍ତ ବସ୍ତୁରୂପେ ଜାଣିବା; ସେଗୁଡ଼ିକୁ ଜନ୍ମ ଦେଇଥିବା ଭାବନାଗୁଡ଼ିକ ସେମାନଙ୍କୁ ଯେଉଁ ଦଗରେ ମୁହାଁଇ ଦେଇଛନ୍ତି, ସେମାନେ ଯେ ସେହି ଦଗରେହିଁ ସର୍ବଦା କ୍ରିୟାଶୀଳ ହୋଇ ରହିଛନ୍ତି, ଆମେ ଏତକ କଥା ବି ମନେ ରଖିପାରିଲେ ଏହିସବୁ ମାନସିକ କ୍ରିୟାର ସୂକ୍ଷ୍ମ ପରିଣାମଗୁଡ଼ିକୁ ମଧ୍ୟ ଅତ୍ୟନ୍ତ ସହଜରେ ହୃଦୟଙ୍ଗମ କରିପାରିବା ।

ଏକ ଉତ୍ତମ, ଦୟାଶୀଳ, ନ୍ୟାୟୋଚିତ ଏବଂ ଉଚିତ୍ତଧାରସ୍ଥ ଭାବନା ଯେପରି ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ଭାବରେ ହିତସାଧକ ହୋଇପାରିବ, ଠିକ୍ ସେହିପରି ଏକ ଅନିଷ୍ଟଚିନ୍ତକ, ମିଥ୍ୟାଗ୍ରସ୍ତ, ଦୁଷ୍ଟତାଯୁକ୍ତ ଏବଂ ସ୍ୱାର୍ଥପ୍ରଣୋଦିତ ଭାବନା ଅତିରିକ୍ତ ପରିମାଣରେ ହାନିକାରକ ବି ହୋଇପାରିବ ।

ଏହି ବିଷୟରେ ମୁଁ ଏଠାରେ ତୁମମାନଙ୍କ ଲାଗି 'ଧମ୍ମପଦ'ରୁ କେତେକ ଅଂଶ ଉଦ୍ଧାର କରିବି । ଅତୀତର ପ୍ରଜ୍ଞାଦୃଷ୍ଟି ଭାବନା ଉପରେ ଯେ କେତେ ବେଶୀ ମହତ୍ତ୍ୱ ଦେଉଥିଲା, ସେଥିରୁ ତୁମେମାନେ ଏକ ଧାରଣା ନିଶ୍ଚୟ କରିପାରିବ ।

"ଜଣେ ଶତ୍ରୁ ତା'ର ଶତ୍ରୁର ଯେତିକି କ୍ଷତି କରି ପାରିବ, ଜଣେ ଘୃଣାକାରୀ ଆଉଜଣେ ଘୃଣାକାରୀର ଯେତିକି ଅନିଷ୍ଟ କରିପାରିବ, ଭୁଲ୍ ପଥରେ ପରିଚାଳିତ ଏକ ଭାବନା ତାହାଠାରୁ ପ୍ରକୃତରେ ଅନେକ ଅଧିକ ଅନିଷ୍ଟ କରିଥାଏ ।

"କୌଣସି ଏକ ସୁପରିଚାଳିତ ଭାବନା ଆମର ଯେତେ ଉପକାର କରନ୍ତି, ପିତା, ମାତା ବା ଅନ୍ୟ ଆତ୍ମୀୟସ୍ୱଜନ କଦାପି ସେତେବେଶୀ ଉପକାର କରି ପାରିବେ ନାହିଁ ।"

ତୁମ ମନ ଭିତରୁ ଉଦ୍‌ଗତ ହୋଇ ଆସୁଥିବା ସେହି ଅଗଣିତ ସଂଖ୍ୟାର ଭାବନାଗୁଡ଼ିକ ଉପରେ ଯଦି ତୁମେ ମନନ କରି ଦେଖିବାକୁ ଚେଷ୍ଟା କରିବ, ତେବେ ତୁମେ ନିଜ କଳ୍ପନାପଟର ସମ୍ମୁଖରେ ଏପରି ଏକ ଅତି ଜଟିଳ, ଚିରଗତିଶୀଳ, ପ୍ରକମ୍ପଯୁକ୍ତ ଓ ଭୟଙ୍କର ଦୃଶ୍ୟର ପ୍ରତ୍ୟକ୍ଷ କରିବାକୁ ଆରମ୍ଭ କରିବ, ଯେଉଁଥିରେ କି ଏହିସବୁ ଭାବନା ପରସ୍ପରକୁ ଛେଦ କରି ଚାଲି ଯାଉଥିବେ, ପରସ୍ପର ସହିତ ନାନା ସଂଘାତ ଓ ଯୁଦ୍ଧରେ ବ୍ୟାପୃତ ହୋଇ ରହିଥିବେ ଏବଂ ଏପରି ଏକ କମ୍ପନମୟ ସଚଳତା ମଧ୍ୟରେ ପରାଭୂତ ଏବଂ ବିଜୟପ୍ରାପ୍ତ ହେବାରେ ଲାଗିଥିବେ, ଯାହାର କ୍ଷିପ୍ରତାଟିକୁ କି ଆମେ ଆଦୌ କୌଣସି ପ୍ରକାରେ କଳନା କରି ପାରିବା ନାହିଁ ।

ପାରିସ୍ ପରି ଗୋଟିଏ ସହରରେ, ଯେଉଁଠାରେ କି ଲକ୍ଷ୍ୟ ଲକ୍ଷ୍ୟ ବ୍ୟକ୍ତି ସତତ ଚଲାବୁଲା କରିବାରେ ଲାଗିଛନ୍ତି, ଏବଂ ସେମାନେ କ'ଣସବୁ ଯେ ଚିନ୍ତା କରୁଛନ୍ତି,

'oaob.nitrkl.ac.in' images reprocessed

ପରେ ଅନୁମାନ କରି ଦେଖିଲ,—ସେଠାରେ ମାନସିକ ପରିବେଶଟି ଯେ ପ୍ରକୃତରେ କିଭଳି ହୋଇଥିବ, ତୁମେମାନେ ବର୍ତ୍ତମାନ ନିଶ୍ଚୟ ସେକଥା ହୃଦୟଙ୍ଗମ କରି ପାରିବ । ତୁମେମାନେ ଏହି ସଚଳ ଓ ପଲପଲ ମନୁଷ୍ୟ ପ୍ରବାହର ଅବଶ୍ୟ କଳ୍ପନା କରିପାରିବ, ଏହି ବିକଟ ମହାକାଳଟିକୁ ନିଶ୍ଚୟ କଳ୍ପନା କରି ପାରିବ । ତଥାପି, ଏହିସବୁ ଯାବତୀୟ ପରସ୍ପର ବିରୋଧୀ ପ୍ରବୃତ୍ତି, ଇଚ୍ଛା ଏବଂ ମତ ଓ ମତାନ୍ତରର ସତ୍ତ୍ୱେ, ଏହି ସବୁଯାକ ସ୍ପନ୍ଦନ ମଧ୍ୟରେ ତଥାପି ଗୋଟାଏ ପ୍ରକାରର ଏକତ୍ୱ ବା ଏକ ଜାତୀୟତା ଏଠାରେ ଆପଣାକୁ ପ୍ରତିଷ୍ଠିତ କରି ରଖି ପାରୁଛି ; କାରଣ ସେହି ସବୁଯାକ ଭାବନା,—ଅତି ଅଳ୍ପସଂଖ୍ୟକ କେତୋଟି ବ୍ୟତିକ୍ରମକୁ ବାଦ୍ ଦେଲେ,—ସବୁଯାକ କେବଳ କୌଣସି ଅଭିଳାଷକୁହିଁ ବ୍ୟକ୍ତ କରିବାରେ ଲାଗିଛନ୍ତି ; ନାନା ପ୍ରକାରର, ନାନା ଆକାରର ଏବଂ ନାନା ଭୂମିରେ ଥିବା କୌଣସି ନା କୌଣସି ଅଭିଳାଷକୁହିଁ ବ୍ୟକ୍ତ କରୁଛନ୍ତି ।

ଉପଭୋଗ ଏବଂ ଭୌତିକବସ୍ତୁସମୂହ ନାନା ବ୍ୟସ୍ତତାହିଁ ଯେଉଁ ଇହାଭିମୁଖୀ ଲୋକମାନଙ୍କର ଏକମାତ୍ର ଲକ୍ଷ୍ୟ ହୋଇ ରହିଥାଏ, ସେମାନଙ୍କର ଯାବତୀୟ ଭାବନା ସର୍ବଦା କୌଣସି ନା କୌଣସି ବାସନାକୁହିଁ ପ୍ରକଟ କରି ଆଣୁଥାଏ ।

ଯଶଃ, ଖ୍ୟାତି ଏବଂ ସମ୍ମାନ ଲାଗି ପିପାସିତ ହୋଇ ରହିଥିବା ବୁଦ୍ଧିଜୀବୀସମୂହ ଯାବତୀୟ ରଚନାକାରୀ ଏବଂ କଳାକାରମାନଙ୍କର ସକଳ ଭାବନା କେବଳ କୌଣସି ନା କୌଣସି ବାସନାକୁହିଁ ପ୍ରକଟ କରି ଆଣୁଥାଏ ।

ଅଧିକରୁ ଅଧିକ କ୍ଷମତା ଏବଂ ପ୍ରଭାବଶାଳିତା ପଛରେ ଧାଉଁଥିବା ଶାସକ-ବର୍ଗ ଏବଂ ରାଜକର୍ମଚାରୀମାନଙ୍କର ସବୁକିଛି ଭାବନା କେବଳ କୌଣସି ନା କୌଣସି ବାସନା ଓ ଅଭିଳାଷକୁହିଁ ପ୍ରକଟ କରି ଆଣୁଥାଏ ।

ଯେଉଁ ହଜାର ହଜାର ବ୍ୟକ୍ତି ନାନା ସ୍ଥାନରେ କର୍ମ ନିଯୁକ୍ତ ହୋଇ ରହିଛନ୍ତି ଓ ଶ୍ରମ କରୁଛନ୍ତି, ଅତ୍ୟାଚାରିତ ଓ ପଦଦଳିତ ହୋଇ ରହିଛନ୍ତି ଏବଂ ଆପଣାର ନିଜନିଜମାନଙ୍କ ଅସ୍ତିତ୍ୱଟିର କ୍ଷେତ୍ରରେ କିଞ୍ଚିତ୍ ଉନ୍ନତିବିଧାନ କରିବା ଲାଗି ସଂଗ୍ରାମରତ ହୋଇ ରହିଛନ୍ତି, ସେମାନଙ୍କର ଯାବତୀୟ ଭାବନା କେବଳ କୌଣସି ନା କୌଣସି ବାସନାକୁହିଁ ପ୍ରକଟ କରି ଆଣୁଥାଏ ।

ଧନୀ ବା ଦରିଦ୍ର, ବଳବାନ୍ ବା ଦୁର୍ବଳ, ସୁବିଧାଭୋଗୀ ଅଥବା ସକଳ ସୁଯୋଗରୁ ବଞ୍ଚିତ, ବୁଦ୍ଧିମାନ୍ ଅଥବା ବୁଦ୍ଧିହୀନ, ବିଦ୍ୟାବନ୍ତ ଅଥବା ବିଦ୍ୟାହୀନ, ସମସ୍ତେ କେବଳ ସୁବିଧାରହିଁ ଆକାଙ୍କ୍ଷା ରଖିଥାନ୍ତି, ଆପଣାର ଯାବତୀୟ ବାସନାକୁ ଚରିତାର୍ଥ କରିବେ ବୋଲି ସେମାନେ ସର୍ବଦା ଆହୁରି ଅଧିକ ସୁବିଧାରହିଁ ବାସନା ପୋଷଣ କରୁଥାନ୍ତି ।

'oaob.nitrkl.ac.in' images reprocessed

ଯଦି, କୌଣସି ନା କୌଣସି ସ୍ଥଳରୁ ଏକଦା ଶୁଦ୍ଧ ଏବଂ ସ୍ୱାର୍ଥମୁକ୍ତ ଭାବନାର ଏକ ସ୍ଫୁଲିଙ୍ଗ ଆପଣାକୁ ପ୍ରକାଶିତ କରାଇ ଆଣୁଥାଏ, ହିତସାଧନ କରିବାର ଏକ ଇଚ୍ଛା ଅଥବା ନିଷ୍କାପଟ ଭାବରେ ସତ୍ୟରହିଁ ଅନ୍ୱେଷଣ କରିବାର ଏକ ପ୍ରେରଣା ଆପଣାକୁ ପ୍ରକଟ କରିଥାଏ, ତେବେ ସତେଅବା ଶିଉଳିର ଗୋଟାଏ ସମୁଦ୍ର ପରି ଲହଡ଼ା ଭାଙ୍ଗିବାରେ ଲାଗିଥିବା ଏହି ଭୌତିକାକାଙ୍କ୍ଷାର ବନ୍ୟା ତାହାକୁ ନିମିଷକମାତ୍ରେ ବୁଆଡ଼େ ଗିଳି ଶେଷ କରିଥାଏ ।...

ମାତ୍ର ତଥାପି ଆମକୁ ଏହି ତାରାମାନଙ୍କୁହିଁ ପ୍ରତ୍ୟାଗ୍ର କରାଇ ଆଣିବାକୁ ପଡ଼ିବ, ଯେପରି କି ସେମାନେ ଗୋଟି ଗୋଟି କରି ପ୍ରକାଶିତ ହୋଇ ଉଠିବେ ଏବଂ ଏହି ରାତ୍ରିଟିକୁ ଉଦ୍ଭାସିତ କରିଦେଇ ପାରିବେ ।

ମାତ୍ର ବର୍ତ୍ତମାନର ଏହି ମୁହୂର୍ତ୍ତିଟିରେ ଆମେ ସେହି ରାତ୍ରିଟି ମଧ୍ୟରେହିଁ ଜୀବନଧାରଣ କରୁଛୁ, ଆମ ଜୀବନ ମଧ୍ୟରେ ସେହି ରାତ୍ରିହିଁ ଭେଦ କରି ରହିଛୁ ; କାରଣ ଆମ ମନୋଗତ ତଥା ଭୌତିକ ଉଭୟ ଭୂମିରେହିଁ ଆମେ ଆମର ପରିବେଶଟି ସହିତ ସତତ କେତେ କ'ଣ ଆଦାନପ୍ରଦାନ କରିବାରେ ଲାଗିଛୁ ।

ପ୍ରତ୍ୟହ ଏବଂ ପ୍ରତ୍ୟେକ ମୁହୂର୍ତ୍ତରେ ଆମେ କପରି ଦଂଶିତ ହେବାରେ ଲାଗିଛୁ, ଏଠାରେ ମୁଁ ତୁମମାନଙ୍କୁ ସେହି କଥାଟିହିଁ ସୂଚାଇ ଦେବାକୁ ଇଚ୍ଛା କରୁଛି ।

ଜୀବନରେ ସିଏ କେବେହେଲେ କୌଣସି ବାସନାର ବଶବର୍ତ୍ତୀ ହୋଇ ନାହିଁ ବା ଆଉ କେବେହେଲେ ସେପରି ବଶବର୍ତ୍ତୀ ହେବାକୁ କଦାପି ଯାଇ ନାହିଁ ବୋଲି ଆମ ଭିତରୁ ଜଣେ ବି କେହି କହି ପାରିବେ କି ? ପୁନଶ୍ଚ, ଆମେ ନିଃଶ୍ୱାସରେ ଗ୍ରହଣ କରୁଥିବା ବାୟୁମଣ୍ଡଳଟିହିଁ ସେହି ବାସନାମୟତା ଦ୍ୱାରା ଅନୁସିକ୍ତ ହୋଇ ରହିଥିବା ସମୟରେ ଆମେ ଆଦୌ କୌଣସି ବାସନାର ବଶବର୍ତ୍ତୀ ହେଉ ନାହୁଁ ବୋଲି କପରି ବା କୁହାଯାଇ ପାରିବ ? ଆମେ ଗ୍ରହଣ କରିବାରେ ଲାଗିଥିବା ଯାବତୀୟ ଗନ୍ଧସ୍ପନ୍ଦନ ସେହି ବାସନା ଦ୍ୱାରାହିଁ ଗଠିତ ହୋଇ ରହିଥିବା ବେଳେ ଏକଥା କପରି ସମ୍ଭବ ହେବ ଯେ ଆମେ ସେହି ବାସନାପଟଳକୁ ଆପଣା ଭିତରେ ମୋଟେ ଅନୁଭବ କରିପାରିବା ନାହିଁ ?

ମାତ୍ର, ଯଦି ଆମର ଭାବନାଟିକୁ ଆମେ ହିତକାରୀ ଏବଂ ଯଥାର୍ଥରେ ଫଳଦାୟକ କରି ରଖିବାକୁ ମନ କରୁଥିବା, ତେବେ ଆମକୁ ଯେକୌଣସି ପ୍ରକାରେ ଏହି ବନ୍ଧନଟି ମଧ୍ୟରୁ ମୁକ୍ତ ହୋଇ ଆସିବାକୁ ପଡ଼ିବ ।

ଏହି କଥାଟିକୁ ମନ ଭିତରେ ରଖି ଆମେ ସର୍ବପ୍ରଥମେ ଏଠାରେ ଗୋଟିଏ ବ୍ୟାବହାରିକ ନିଷ୍ପତ୍ତି ଗ୍ରହଣ କରିବା : ଆମେ ସମସ୍ତଙ୍କ ପ୍ରତି ଏକ ଉଦାରତାର

'oaob.nitrkl.ac.in' images reprocessed

ଦୃଷ୍ଟି ପୋଷଣ କରିବା, କାରଣ ଏହି ଜଗତରେ ପ୍ରଲୋଭନ ଅତ୍ୟନ୍ତ ଶକ୍ତିଶାଳୀ ହୋଇ ରହିଛି ଏବଂ ମନୁଷ୍ୟ ମଧ୍ୟ ପ୍ରକାଣ୍ଡ ଅଜ୍ଞାନର କବଳଗତ ହୋଇ ପଡ଼ିଛି ।

-ହିଁ, ମାତ୍ର, ଅନ୍ୟମାନଙ୍କ ପ୍ରତି ସହାନୁଭୂତିସମ୍ପନ୍ନ ଓ ଦୟାଶୀଳ ହେବା ସଙ୍ଗେସଙ୍ଗେ ଆମକୁ ନିଜପ୍ରତି ଅତ୍ୟନ୍ତ କଠୋର ଏବଂ ପଥନିଷ୍ଠ ହୋଇ ରହିବାକୁ ପଡ଼ିବ । କାରଣ, ଆମେ ଏହି ଅନ୍ଧକାର ଭିତରେ ଗୋଟିଏ ଗୋଟିଏ ଆଲୁଅ ହୋଇ ରହିବାକୁ ଇଚ୍ଛା କରିଛୁ, ଏହି ଘୃଣ ମଧ୍ୟରେ ଗୋଟିଏ ଗୋଟିଏ ମଶାଲ ହୋଇ ରହିବା ଲାଗି ସଂକଳ୍ପ ଗ୍ରହଣ କରିଛୁ ।

ତେଣୁ ଆମେ ଏହି ଦୈନନ୍ଦିନ ଦୂଷିତତାର ପ୍ରତିରୋଧ କରି ଶିଖିବା ଏବଂ ଏହି ପ୍ରତିରୋଧରେ ବିଜୟ ଲାଭ କରିବା ।

ଏଠି ଏକ ସଂକ୍ରମଣ ଘଟିବାର ଭୟ ଯେ ସବୁବେଳେ ରହିଛି, କେବଳ ଏତିକ ବିଷୟରେ ସଜ୍ଞାନ ହୋଇ ରହିବାକୁହିଁ ବିମୋଚନ ଦିଗରେ ଏକ ବୃହତ୍ ପଦକ୍ଷେପ ବୋଲି ବୁଝାଯାଇ ପାରିବ । କିନ୍ତୁ କେବଳ ଏତିକ କଲେ ତାହା ଆଦୌ ଯଥେଷ୍ଟ ହେବ ନାହିଁ ।

ଆମକୁ ସମ୍ଭାବ୍ୟ ଦୁଇଟି ବିଜୟ ହାସଲ କରିବାକୁ ପଡ଼ିବ,—ଗୋଟିଏ ସାମୂହିକ କ୍ଷେତ୍ରରେ ଏବଂ ଆଉ ଗୋଟିଏ ଆମର ବ୍ୟକ୍ତିଗତ କ୍ଷେତ୍ରରେ । ଏପରି ବି ବୁଝାଯାଇ ପାରିବ ଯେ ପ୍ରଥମଟି ହେଉଛି ପ୍ରବର୍ତ୍ତିନମୂଳକ ଏବଂ ସକ୍ରିୟ, ଏବଂ ଦ୍ୱିତୀୟଟି ନିବର୍ତ୍ତିନମୂଳକ ଏବଂ ନିଷ୍କ୍ରିୟ ।

ପ୍ରବର୍ତ୍ତିନମୂଳକ ବିଜୟଟିକୁ ହାସଲ କରିବାକୁ ହେଲେ ଆମକୁ ବିଶ୍ୱର ବିରୁଦ୍ଧରେ ବିଶ୍ୱର ଏକ ଖୋଲାଖୋଲି ଯୁଦ୍ଧ ଘୋଷଣା କରିବାକୁ ପଡ଼ିବ ; ଯେଉଁ ବିଶ୍ୱରଗୁଡ଼ିକ ପ୍ରକୃତରେ ସ୍ୱାର୍ଥମୁକ୍ତ, ଉଚ୍ଚସ୍ତରୀୟ ଓ ଉଦାର, ସେଗୁଡ଼ିକୁ ସ୍ୱାର୍ଥପ୍ରେରିତ, ନୀଚ ଏବଂ ରୁଚିବର୍ଜିତ ବିଶ୍ୱରଗୁଡ଼ିକ ସହିତ ଏକ ଯୁଦ୍ଧରେ ଅବତୀର୍ଣ୍ଣ ହେବାକୁ ପଡ଼ିବ । ଏଥିରେ ପ୍ରକୃତରେ ହାତାହାତି ଭାବରେହିଁ ଏକ ଯୁଦ୍ଧ ହେବ, ପ୍ରତ୍ୟେକ ମୁହୂର୍ତ୍ତରେହିଁ ଏହି ସଂଗ୍ରାମଟିକୁ ଜାରି ରଖିବାକୁ ପଡ଼ିବ, ଯେଉଁଥି ଲାଗି ସର୍ବଦା ପ୍ରଭୂତ ମାନସିକ ଶକ୍ତି ଏବଂ ସ୍ପଷ୍ଟତା ଅବଶ୍ୟ ରହିଥିବ । କାରଣ, ଭାବନାଗୁଡ଼ିକ ବିରୁଦ୍ଧରେ ଯୁଦ୍ଧ କରିପାରିବାକୁ ହେଲେ ସର୍ବପ୍ରଥମେ ସେଗୁଡ଼ିକୁ ଗ୍ରହଣ କରିବାର ଏକ ଆବଶ୍ୟକତା ରହିଥିବ, ଆପଣା ଭିତରେ ସେଗୁଡ଼ିକର ପ୍ରବେଶ ଘଟାଇ, ସେଗୁଡ଼ିକ ଦ୍ୱାରା ସ୍ୱୟଂ ସଂକ୍ରାମିତ ହୋଇ, ସେହି ବ୍ୟାଧିଟିକୁ ଆପଣା ଭିତରକୁ ଗ୍ରହଣ କରିନେଇ ତା'ପରେ ଆପଣାକୁ ବ୍ୟାଧିମୁକ୍ତ କରିବା ଦ୍ୱାରା ସେହି ମରଣାତ୍ମକ ବୀଜାଣୁଟିକୁ ଆହୁରି ଭଲ ଭାବରେ ନଷ୍ଟ କରିବାର ଆବଶ୍ୟକତା ନିଶ୍ଚୟ ରହିଥିବ । ଏହାକୁ ଆମେ ପ୍ରକୃତରେ ଏକ ଯୁଦ୍ଧ ବୋଲିହିଁ କହିବା, ଯେଉଁଥିରେ କ ପ୍ରତ୍ୟେକ ମୁହୂର୍ତ୍ତରେହିଁ ନିଜର ମାନସିକ ଭାରସାମ୍ୟଟିକୁ ଜାଣିଶୁଣି

'oaob.nitrkl.ac.in' images reprocessed

ବିପନ୍ନ କରିଦେବାକୁ ପଡ଼ିବ । ମାତ୍ର, ଗୋଟିଏ ଯୁଦ୍ଧ ଲଢ଼ି ପାରିବାକୁ ହେଲେ ସେହିଭଳି ଯୋଦ୍ଧାମାନଙ୍କର ବି ଦରକାର ନିଶ୍ଚୟ ହେବ । ମୁଁ କାହାରି ଲାଗି କଦାପି ଏପରି କରିବାଟିକୁ ସୁପାରିସ୍ କରିବି ନାହିଁ । ଦୀର୍ଘ ଏବଂ କଠୋର ସାଧନାବ୍ରତ ଦ୍ୱାରା ଯେଉଁ ବ୍ରତଧାରୀମାନେ ଆପଣାକୁ ଏଇଟି ଲାଗି ପ୍ରସ୍ତୁତ କରି ରଖିଛନ୍ତି, କେବଳ ସେହିମାନଙ୍କରହିଁ ଏଥିରେ ଅଧିକାର ରହିଛି । ଏବଂ ଆମେ ତାହାକୁ କେବଳ ସେହିମାନଙ୍କର ପକାଶେହିଁ ଛାଡ଼ିଦେବା ।

ଆମ ବିଷୟରେ କେବଳ ଏତିକି କୁହାଯିବ ଯେ, ଯାବତୀୟ ଅନମଣରୁ ନିରାପଦ ରହିପାରିବା ଲାଗି ନିଜକୁ ଅନୁରୂପଭାବରେ ଦୂଷିତତାମୁକ୍ତ କରି ରଖି ଆମେ ସେତିକିରେହିଁ ସନ୍ତୁଷ୍ଟ ହୋଇ ରହିବା । ତେଣୁ ସେହି ବ୍ୟକ୍ତିଗତ ବିଜୟଲାଭଟିହିଁ ଆମର ଅଗ୍ରୀପ୍ସା ହୋଇ ରହିବ, ଏବଂ ସେଇଟିକୁ ହାସଲ କରିପାରିଲେ ଆମେ ଅବଶ୍ୟ ଏହି କଥାଟିକୁ ଜାଣିବାରେ ସମର୍ଥ ହେବା ଯେ ଏହିପରି କରି ଆମେ ସମୂହ ପକାଶେ ଆମ କଳ୍ପନାରୁ ଅନେକ ଅଧିକ କାର୍ଯ୍ୟ ସାଧନ କରି ପାରିଛୁ ।

ଏହି ଦ୍ୱିତୀୟ ବିଜୟଟିକୁ ହାସଲ କରିବା ଲାଗି ଆମକୁ ନିଜ ଭିତରେ ଏପରି ଏକ ମନୋମୟ କ୍ଷେତ୍ର ନିର୍ମାଣ କରି ରଖିବାକୁ ହେବ ଯାହାକି ଗୁଣାତ୍ମକ ଦୃଷ୍ଟିରୁ ପାରିପାର୍ଶ୍ୱିକ ମାଧ୍ୟମଟିର ଠିକ୍ ବିପରୀତ ହୋଇଥିବ । ଆମକୁ ପ୍ରତ୍ୟେକ ଦିନ ଅଳ୍ପ ଅଳ୍ପ କରି ଆମେ କଳ୍ପନା କରି ପାରୁଥିବା ସର୍ବୋଚ୍ଚ, ସବୁଠାରୁ ଅଧିକ ବିଶୁଦ୍ଧ ଏବଂ ସ୍ୱାର୍ଥମୁକ୍ତ ଭାବନାଗୁଡ଼ିକ ଦ୍ୱାରା ଆମ ମନର କ୍ଷେତ୍ରଟିକୁ ପୂର୍ଣ୍ଣ କରି ରଖିବାକୁ ପଡ଼ିବ । ଏବଂ, ଆମର ଇଚ୍ଛାକୃତ ପ୍ରୟାସ ଓ ଯତ୍ନ ଦ୍ୱାରା ସେଗୁଡ଼ିକ କ୍ରମେ ଏପରି ଯଥେଷ୍ଟ ପରିମାଣରେ ଜୀବନ୍ତ ହୋଇ ରହିଥିବେ ଯେ, ଭ୍ରମଯୁକ୍ତ ହୋଇ କିଛୁ ଭାବିବା ଲାଗି ବାହାରୁ କୌଣସି ପ୍ରଲୋଭନ ଆସି ପହଞ୍ଚିବା ମାତ୍ରକେ ସେମାନେ ତତ୍‌କ୍ଷଣାତ୍ ଜାଗ୍ରତ୍ ହୋଇ ଉଠିବେ; ଯେଉଁ ଗ୍ରୁଟିଟି ଆମକୁ ଆକ୍ରମଣ କରିବା ପକାଶେ ଅନୁକ୍ଷଣ ସୁଯୋଗ ଉଣ୍ଡି ଅପେକ୍ଷା କରିବସିଛି, ତାହାର ସମ୍ମୁଖୀନ ହେବା ଲାଗି ସେଗୁଡ଼ିକ ଯେପରି ସେମାନଙ୍କର ଆଖିକୁ ଝଲସାଇ ଦେଉଥିବା ଦୀପ୍ତିମନ୍ତତାରେ ଆପଣାକୁ ଉଦ୍ଭାସିତ କରି ଆଣିବେ ।

ଚାଲ, ଆମେ ଆପଣା ଭିତରେ ପ୍ରାଚୀନ କାଳର ସେହି ଶୁଦ୍ଧକୁମାରୀମାନଙ୍କର ଅଗ୍ନିଟିକୁ ପ୍ରଜ୍ୱଳିତ କରି ରଖିବା । ସେହି ଅଗ୍ନି ଦିବ୍ୟ ବୃତ୍ତିମତ୍ତାରହିଁ ପ୍ରତୀକ ହୋଇ ରହିଥିବ, ଏବଂ ତାହାର ଅଭିବ୍ୟକ୍ତି ଘଟାଇବାକୁହିଁ ଆମେ ଆମର କର୍ତ୍ତବ୍ୟ-ରୂପେ ଗ୍ରହଣ କରିବା ।

ଗୋଟାଏ ଦିନରେ, ଗୋଟାଏ ମାସରେ, ଏପରିକି ଗୋଟିଏ ବର୍ଷରେ ମଧ୍ୟ ଆମେ କଦାପି ଏହି କାର୍ଯ୍ୟଟିକୁ ହାସଲ କରିପାରିବା ନାହିଁ । ସେଥିଲାଗି ଆମକୁ

'oaob.nitrkl.ac.in' images reprocessed

ସବଳ ଭାବରେ ଇଚ୍ଛା କରିବାକୁ ପଡ଼ିବ, ଅଧ୍ୟବସାୟର ସହିତ ଇଚ୍ଛା କରିବାକୁ ପଡ଼ିବ । କିନ୍ତୁ ଏଥିରୁ ଯେ ପ୍ରକୃତରେ କେତେ ଉପକାର ମିଳିଥାଏ, ଯଦି ତୁମେ ସେହି ବିଷୟରେ ଯଥାର୍ଥ ଭାବରେ ସଜ୍ଞାନ ହୋଇ ପାରିବ, ଯେଉଁ ଶାନ୍ତ ଏବଂ ପରିପୂର୍ଣ୍ଣ ପ୍ରଶାନ୍ତ ସ୍ଥିତି କ୍ରମଶଃ ଆମ ଭିତରେ ରହିଥିବା ବାସନା ପ୍ରସୂତ ଯାବତୀୟ ଉତ୍ତେଜନା, ଆଶଙ୍କା ତଥା ଭୟକୁ ଦୂର କରି ସେଗୁଡ଼ିକର ସ୍ଥାନ ଅଧିକାର କରିନଏ, ଯଦି ତୁମେ ତାହାକୁ ଯଥାର୍ଥରେ ଅନୁଭବ କରିପାରିବ, ତେବେ ତୁମେ ଆଦୌ କୌଣସି କୁଣ୍ଠା ପ୍ରକାଶ ନ କରି ଏହି କାର୍ଯ୍ୟଟିରେ ଅବଶ୍ୟ ଲାଗିଯିବ ।

ପୁନଶ୍ଚ, ଶୁଦ୍ଧ ଓ ଶକ୍ତିଶାଳୀ ଭାବନାଗୁଡ଼ିକର ଏକ ସମନ୍ୱୟ ସମ୍ଭବ କଲେ ତଦ୍ୱାରା କେବଳ ଯେ ବ୍ୟକ୍ତିଗତ ଭାବରେ ନିଜର ସୁଖ ଉପଲବ୍ଧ ହେବ, ସେକଥା ଆଦୌ ନୁହେଁ । ଅଗ୍ନିଶିଖାଟି ଯେତିକି ଅଧିକ ଉଜ୍ଜ୍ୱଳ ଓ ଉଚ୍ଚ ହୋଇ ଜଳି ପାରିବ, ତାହା ଆପଣାର ଚାରିପାଖରେ ମଧ୍ୟ ସେତିକି ଅଧିକ ଆଲୋକର ବିତରଣ କରିଦେଇ ପାରିବ ।

ଆପଣାକୁ ଏକ ମାଧ୍ୟମରୂପେ ପ୍ରସ୍ତୁତ କରି ଆମେ ଯେଉଁ ତାରାଟିକୁ ପ୍ରଜ୍ୱଳିତ ହୋଇ କିରଣ ଦାନ କରିବାର ଅବସର ଆଣିଦେବୁ, ତାହା ଆପଣାର ଦୃଷ୍ଟାନ୍ତଟି ଦ୍ୱାରାହିଁ ତୁଲ୍ୟ ଅନୁରୂପ ଅନେକ ତାରାଙ୍କର ଆବିର୍ଭାବକୁ ସମ୍ଭବ କରି ଆଣିବ । ଏହା ପ୍ରକୃତରେ ଅତ୍ୟନ୍ତ ସୌଭାଗ୍ୟର କଥା ଯେ କେବଳ ଅନ୍ଧକାର ଏବଂ ଅଜ୍ଞାନର ଯେ ସଂକ୍ରମଣ ଘଟିଥାଏ, ସେକଥା ଆଦୌ ନୁହେଁ, ମାତ୍ର ଜ୍ଞାନ ଏବଂ ଆଲୋକର ସଂକ୍ରମଣ ଘଟିବା ମଧ୍ୟ କଦାପି ଅସମ୍ଭବ ନୁହେଁ ।

ପୁନଶ୍ଚ ଆମ ନିଜର ଉଚ୍ଚତମ ଭାବନାଗୁଡ଼ିକ ବିଷୟରେ ସଚେତନ ହୋଇ ରହିବା ଲାଗି ଆମେ ଯେଉଁ ପ୍ରୟାସଟି କରିଥାଉ, ତାହା ଆମକୁ ଅନୁକ୍ଷଣ ଆମର ଭାବନାଗୁଡ଼ିକ ଉପରେ ଏକ ନିୟନ୍ତ୍ରଣ ହାସଲ କରିବାରେ ନିଶ୍ଚୟ ବାଧ୍ୟ କରୁଥିବ, ଏବଂ, ଗତ ମାସରେ ମୁଁ ତୁମମାନଙ୍କ ଲାଗି ଯେପରି ସୂଚନା ଦେଇଥିଲି, ବିଶ୍ଳେଷଣ, ମନନ ଓ ଅଭିନିବେଶ ପ୍ରଭୃତି ନାନା ପଦ୍ଧତି ଦ୍ୱାରାହିଁ ଆମେ ସେହି ନିୟନ୍ତ୍ରଣଟିକୁ କ୍ରମଶଃ ସମ୍ଭବ କରି ଆଣି ପାରିବା । ଯେଉଁ ବ୍ୟକ୍ତିମାନେ ଆପଣାର ମାନସିକ ସତ୍ତ୍ୱର କ୍ଷେତ୍ରରେ ଏହି ନିୟନ୍ତ୍ରଣଟିକୁ ହାସଲ କରି ପାରିଛନ୍ତି, ସେମାନେ ଆପଣାର ଇଚ୍ଛା ଅନୁସାରେହିଁ ଆପଣାର ବୁଦ୍ଧିଶକ୍ତିର କେତେକ ଅଂଶକୁ ନିଜ ଭିତରୁ ବାହାର କରି ତାହାକୁ ଯେଉଁ ସ୍ଥାନକୁ ପ୍ରେରଣ କରିବାକୁ ଉଚିତ ବୋଲି ମନେ କରିବେ, ସେଠାକୁ ଅବଶ୍ୟ ପ୍ରେରଣ କରି ପାରିବେ ଏବଂ ଏଣେ ସେହି ବିଷୟରେ ସମ୍ପୂର୍ଣ୍ଣ ଭାବରେ ସଚେତନ ବି ରହିଥିବେ ।

'oaob.nitrkl.ac.in' images reprocessed

ତୁମର ଏହି ନିଃସରଣଗୁଡ଼ିକ ପ୍ରକୃତରେ ତୁମର ଦୂତ ପରି କାର୍ଯ୍ୟ କରିବେ, ଏବଂ, ଯେଉଁଠାକୁ ତୁମେ କୌଣସି କାରଣରୁ ନିଜେ ଯାଇପାରୁ ନ ଥିବ, ସେଗୁଡ଼ିକ ସେଠାକୁ ଯାଇ ତୁମର ପ୍ରତିନିଧିରୂପେ କାର୍ଯ୍ୟ କରିବେ ।

ଏହି ଶକ୍ତି ଦ୍ୱାରା ପ୍ରକୃତରେ କେତେ ଲାଭ ମିଳିପାରିବ, ତାହା ତୁମ ପାଖରେ ନିଶ୍ଚୟ ସ୍ପଷ୍ଟ ହୋଇ ଯାଇଥିବ ।

କୁଶଳତାର ସହିତ ଯେଉଁ ଭାବନାର ପରିଚାଳନା ହୋଇ ପାରୁଛି ଓ ଯାହାକୁ ଯଥାର୍ଥଭାବରେ ଧାରଣ କରି ରଖାଯାଇ ପାରୁଛି, ଆପଣାର ସାଦୃଶ୍ୟ ବଳରେ ତାହା ଏପର୍ଯ୍ୟନ୍ତ କେବଳ ଅନ୍ଧକାର ମଧ୍ୟରେହିଁ ଆବୃତ ହୋଇ ରହିଥିବା ଆହୁରି ଅନେକ ବ୍ୟକ୍ତିଙ୍କର ମନ ଭିତରେ ପ୍ରଜ୍ଞାର ଏକ ପ୍ରସ୍ଫୁରଣକୁ ସଚେତ ହେବା ଲାଗି ନିଶ୍ଚୟ ଜାଗ୍ରତ କରି ଆଣିବ । ଏବଂ ଏହିପରି ଭାବେ ସେଗୁଡ଼ିକୁ ଉତ୍ତରୋତ୍ତର ବିବର୍ତ୍ତନ ଦିଗରେ ସଚଳ କରାଇଦେଇ ପାରିବ । ଯିଏ ଅସୁସ୍ଥତା ଭୋଗ କରୁଛି, ତାହାର ଆରୋଗ୍ୟଲାଭ ସକାଶେ ଯେଉଁସବୁ ପ୍ରାଣିକ ସାମର୍ଥ୍ୟର ପ୍ରୟୋଜନ ରହିଛି, ତାହା ଆଡ଼କୁ ସେହି ସାମର୍ଥ୍ୟଗୁଡ଼ିକୁ ଆକର୍ଷିତ କରି ଆଣି ଏହା ଏକ ମଧ୍ୟବର୍ତ୍ତୀ ସୋପାନରୂପେ ଅବଶ୍ୟ କାର୍ଯ୍ୟ କରିପାରିବ । ତାହା କୌଣସି ବନ୍ଧୁ ବା ପ୍ରିୟଜନ ଲାଗି ପ୍ରହରୀ ପରି ହୋଇ ରହିପାରିବ ଏବଂ ତାଙ୍କୁ ଅନେକ ବିପଦରୁ ରକ୍ଷା ବି କରିପାରିବ; ଏକ ମାନସିକ ସମ୍ପର୍କସ୍ଥାପନ ଦ୍ୱାରା ବା ସବୋଧି ଦ୍ୱାରା ତାହାକୁ ସତର୍କ କରିଦେଇ ଅଥବା ବିପଦଟିର କାରଣ ଉପରେ ପ୍ରତ୍ୟକ୍ଷଭାବରେ କ୍ରିୟା କରି ସିଏ ତାହା କରିପାରିବ ।

ବଡ଼ ଦୁର୍ଭାଗ୍ୟର ବିଷୟ ଯେ, ଏହାର ବିପରୀତ କଥାଟି ମଧ୍ୟ ବେଶ୍ ସମ୍ଭବ ହୋଇପାରେ, ଏବଂ ମନ୍ଦ ଭାବନାଗୁଡ଼ିକ ବି ଆପଣାର କ୍ରିୟାଶକ୍ତି ବିସ୍ତାର କରିବାରେ କଦାପି ପଶ୍ଚାତ୍ପଦ ହୁଅନ୍ତି ନାହିଁ ।

ମନ୍ଦ ଭାବନାଗୁଡ଼ିକର, ଘୃଣାର ଭାବନା, ପ୍ରତିଶୋଧର ଭାବନା, ଈର୍ଷା ଓ ଦ୍ୱେଷର ଭାବନା, ଅନିଷ୍ଟଚିନ୍ତକ ନାନା ଭାବନା, କର୍କଶ ମତାମତ ଏବଂ ପକ୍ଷପାତଯୁକ୍ତ ମୂଲ୍ୟାୟନ ପ୍ରଭୃତି ମନ୍ଦ ଭାବନାଗୁଡ଼ିକର ଗ୍ରହଣ ଏବଂ ନିଃସରଣ ଦ୍ୱାରା କେତେ ପ୍ରଭୂତଭାବରେ ଯେ କ୍ଷତି ହୋଇଥାଏ, ଆମେ ସେକଥା କଳ୍ପନା ବି କରି ପାରିବା ନାହିଁ ।

କୁତ୍ସାମୂଳକ କୌଣସି କଥୋପକଥନକୁ ଶୁଣିବା ଏବଂ ତାହାର ପୁନରାବୃତ୍ତି କରିବା ଦ୍ୱାରା ଆମର ଯେ କେତେ କ୍ଷତି ହୋଇଥାଏ, ଆମେ ସମସ୍ତେ ସେକଥା ନିଶ୍ଚୟ ଜାଣିଥିବା । ଖାଲି ସେହି କଥାଗୁଡ଼ାକ କହିବାରୁ ନିବୃତ୍ତ ରହିଲେହିଁ ତାହା

'oaob.nitrkl.ac.in' images reprocessed

କଦାପି ଯଥେଷ୍ଟ ହେବ ନାହିଁ, ଆମକୁ ସେହି ଭାବନାଗୁଡ଼ିକରୁ ମଧ୍ୟ ନିବୃତ୍ତ ହୋଇ ରହିବାକୁ ପଡ଼ିବ ।*

ପୁନଶ୍ଚ, କିନ୍ତୁ ମନନହିଁ ଏହି କ୍ଷେତ୍ରରେ ନିଶ୍ଚୟ ଯଥେଷ୍ଟ ହେବ; କାରଣ ଆମର ମତ ପ୍ରକାଶ ଏବଂ ମୂଲ୍ୟାୟନଗୁଡ଼ାକ ଯେ ସର୍ବଦା କେତେ କର୍କଶ ହୋଇ ରହିଥାଏ, ଆମେ ସେହି କଥାଟିକୁ ଅଚିରେହିଁ ବୁଝି ପାରିବା ।

ଆମେ କରୁଥିବା କାର୍ଯ୍ୟଗୁଡ଼ିକ ସମ୍ବନ୍ଧରେ ଏତିକି ମନେ ରଖିବାକୁ ପଡ଼ିବ ଯେ, ଆମେ କରିବାକୁ ଯାଉଥିବା କାର୍ଯ୍ୟଗୁଡ଼ିକ ପ୍ରକୃତରେ ଯେପରି, ଆମେ ସେଗୁଡ଼ିକୁ ଯେ ଆଦୌ ସେହିପରି ଭାବରେ ଜାଣିବାକୁ ସମର୍ଥ ହୋଇ ନ ଥାଉ, ଆମକୁ ଆପଣା ପାଖରେ ବାରମ୍ବାର ସେହି କଥାଟିକୁ କହିବାକୁ ପଡ଼ିବ । ଏହିସବୁ କାର୍ଯ୍ୟ ପଛରେ ଯେଉଁସବୁ ଅଭିପ୍ରାୟ ରହିଛି ଏବଂ ଯେଉଁସବୁ ଅନେକ କାରଣ

* ଆଉଗୋଟିଏ ଗୋଷ୍ଠୀ ଆଗରେ କୁହାଯିବା ସମୟରେ ସେଥିରେ ଏହି କଥାଗୁଡ଼ିକୁ ଯୋଡ଼ି ଦିଆଯାଇଥିଲା ।

ମନର ଏହି ଦ୍ୱେଷମୟ ସ୍ଥିତିଟି ପରି ବୋଧହୁଏ ଆଉ ଅନ୍ୟ କିଛି ଆମ ଲାଗି ତଥା ଅନ୍ୟମାନଙ୍କ ଲାଗି କଦାପି ଏତେବେଶୀ କ୍ଷତିକାରକ ହୁଏ ନାହିଁ । ଆମର ପରିଚିତ ଆଉଜଣେ ବ୍ୟକ୍ତି ଓ ଆମ ଭିତରେ ସତେଅବା ଗୋଟିଏ ଅଲଂଘ୍ୟ ପ୍ରାଚୀର ଠିଆ ହୋଇ ରହିଥିବା ପରି ଆମେ କେତେଥର ଅନୁଭବ କରି ନ ଥିବା ! ଏବଂ ତଥାପି, ସେହି ବ୍ୟକ୍ତିଟି ପ୍ରତି ଆମେ କଥାରେ ବା କାର୍ଯ୍ୟରେ ଯେଉଁ ଆଚରଣ ଦେଖାଇଥାଉ, ତାହା ହୁଏତ ସବୁବେଳେ ଖୁବ୍ ଭଦ୍ରତାପୂର୍ଣ୍ଣ ହୋଇ ରହିଥାଏ ଏବଂ ବେଳେବେଳେ ଏପରିକି ଖୁବ୍ ବନ୍ଧୁତାପୂର୍ଣ୍ଣ ହୋଇ ବି ରହିଥାଏ ।

ମାତ୍ର, ଏହି ବ୍ୟକ୍ତିଟି ବିଷୟରେ କହିବାକୁ ଗଲେ, ଆମ ଭିତରେ ଆମେ ଏପରି ଏକ ବିଶ୍ଳେଷଣ ଓ ସମାଲୋଚନାର ମନୋଭାବଟିକୁ ପ୍ରଶ୍ରୟ ଦେଇ ଆସିଥାଉ, ଯାହାକି କେତେ ଅବଲୀଳା ସହିତ ଭଲ ଗୁଣଗୁଡ଼ାକ ବାଦ୍ ଦେଇ ଦେଉଥାଏ, ଖାଲି ଦୋଷଗୁଡ଼ାକୁହିଁ ଗୁହାଇ ଭୁବାଇ ଦେଖୁଥାଏ । ଅବଶ୍ୟ ଏକଥା ସତ ଯେ ଏପରି କରିବା ପଛରେ କୌଣସି ବିଦ୍ୱେଷଭାବ ନ ଥାଏ, ମାତ୍ର କେଉଁଠି ଟିକିଏ ବିଦ୍ରୂପ ବା ଅସଦ୍‌ଭାବ ତଥାପି ରହିଥାଏ, ହୁଏତ ଆମେ ଆମ ଭିତରେ କୌଣସି ସ୍ଥାନରେ ଆପଣାକୁ ସତେଅବା ଖୁବ୍ ବଡ଼ ବୋଲି ମନେ କରୁଥାଉ ! ପ୍ରକୃତରେ ଆମେ କେତେ ହୀନତାର ପରିଚୟ ନ ଦେଉ ! ଏବଂ ଏହିପରି ଭାବରେ, ଅଳ୍ପ ଅଳ୍ପ କରି ଓ ବଢ଼ି ବଢ଼ି ହୋଇ ସେହି ବ୍ୟକ୍ତିଟି ଓ ଆମ ଭିତରେ ପ୍ରକୃତରେ ଗୋଟିଏ ଏତେବଡ଼ ଖାଇର ସୃଷ୍ଟି ହୋଇଯାଏ, ଯାହାକି ଆମ ଦୁହିଁଙ୍କୁ ପରସ୍ପରଠାରୁ ଅଧିକରୁ ଅଧିକ ଦୂରଛଡ଼ା କରି ନେଇଯାଏ । ପରସ୍ପରର ଅହୁରି ନିକଟବର୍ତ୍ତୀ ହେବା ଲାଗି ଆମେ ବାହାରେ ଯେତେଯାହା ଉଦ୍ୟମ କରିବାରେ ଲାଗିଥିଲେ ମଧ୍ୟ ଆମେ ତଥାପି ପରସ୍ପରଠାରୁ ଦୂରକୁ ଦୂରକୁ ଚାଲି ଯାଉଥାଉ ।

'oaob.nitrkl.ac.in' images reprocessed

ସେଗୁଡ଼ିକୁ ଘଟାଇଛନ୍ତି, ସେଗୁଡ଼ିକ ଯେ ସ୍ବାସ୍ଥ୍ୟ ସମ୍ପୂର୍ଣ୍ଣ ଭାବରେ ଆମ ପାଖରୁ ଅଜ୍ଞାତ ହୋଇ ରହିଥାନ୍ତି, ଆମେ ନିଜ ପାଖରେ ବାରବାର ସେହିକଥା କହୁଥିବା ।

ଦୋଷଗୁଡ଼ିକ ବିଷୟରେ ଆମକୁ ଏହି କଥାଟି ସ୍ମରଣ ରଖିବାକୁ ପଡ଼ିବ ଯେ ଅନ୍ୟମାନଙ୍କ ଭିତରେ ଯେଉଁସବୁ କଥା ଦେଖି ଆମେ ସବୁଠାରୁ ଅଧିକ ବିରକ୍ତି ପ୍ରକାଶ କରୁ, ସାଧାରଣତଃ ସେହିଗୁଡ଼ିକହିଁ ସବୁଠାରୁ ଅଧିକ ଉର୍ବର କ୍ଷେତ୍ର ପାଇ ଆମ ଭିତରେ ବଢ଼ିବାରେ ଲାଗିଥାନ୍ତି । ଏବଂ, ଆମେ ଏକଥାଟିକୁ ବି କଦାପି ଭୁଲି ଯିବା ନାହିଁ ଯେ, ଯଦି ଆମ ଭିତରେ ଏହିସବୁ ଦୋଷର ମୂଳଟି ରହି ନ ଥାନ୍ତା, ତେବେ ଆମେ ସେଗୁଡ଼ିକୁ ଅନ୍ୟ କୌଣସି ଜାଗାରେ ଦେଖିବାକୁ କଦାପି ସମର୍ଥ ହୁଅନ୍ତୁ ନାହିଁ । ପୁନଶ୍ଚ, ଗୋଟିଏ ଦୋଷ କହିଲେ ଆମେ କ'ଣ ବୁଝିବା ? ଅଧିକାଂଶ ସମୟରେ ଏହି ଦୋଷଟି କୌଣସି ଏକ ଗୁଣର ଓଲଟା ପାଖଟି ହୋଇ ରହିଥାଏ; ଆପଣାକୁ ବହିଃପ୍ରକାଶିତ କରି ଆଣିବା ଲାଗି କୌଣସି ଗୁଣର ଏକ ଆଧିକ୍ୟ ହୁଏତ କୌଣସି ମାର୍ଗ ପାଇ ପାରି ନ ଥାଏ ବା ଆମ ଭିତରେ କୌଣସି କିଛି ତାହାର ଉଚିତ ସ୍ଥାନଟିରେ ରହି ପାରି ନ ଥାଏ ବୋଲି ବାହାରକୁ ତାହା ଏକ ଦୋଷ ହୋଇ ଧରାପଡ଼ି ଯାଉଥାଏ ।

ଆମର ବ୍ୟକ୍ତିଗତ ତଥ୍ୟଗୁଡ଼ିକ ବିଷୟରେ କହିବାକୁ ଗଲେ, ଆମକୁ ତଥାପି ଆହୁରି ଅଧିକ ବିବେକିତା ସହିତ କାର୍ଯ୍ୟ କରିବାକୁ ପଡ଼ିବ ଏବଂ ଅତ୍ୟନ୍ତ ନିଷ୍ଠାର ସହିତ ଖୁବ୍ କଠୋର ଭାବରେ ଏହି ନିୟମଟିକୁ ପାଳନ କରିବାକୁ ପଡ଼ିବ : ଆପଣାକୁ ପ୍ରଥମେ ଜଣେ ଅନ୍ୟ ବ୍ୟକ୍ତିର ସ୍ଥାନରେ ବିଚାର କରି ନ ଦେଖି ଆମେ କଦାପି କୌଣସି କଥାର ବିଚାର କରିବାକୁ ଯିବା ନାହିଁ । ସେହି ବ୍ୟକ୍ତିଟି ଯିଏ ହୋଇଥାଉନା କାହିଁକି, ଯଥାସମ୍ଭବ ଅଧିକ ନୈର୍ବ୍ୟକ୍ତିକତା ସହିତ ଆମେ ତା' ବିଷୟରେ ସବୁକଥା ର ବିଚାର କରିବା । ସିଏ ଯାହା ଅନୁଭବ କରୁଛି, ଆମେ ତାହାକୁ ନିଜେ ଅନୁଭବ କରିବାକୁ ଚେଷ୍ଟା କରିବା; ସିଏ ଯାହା ଦେଖୁଛି, ଆମେ ତାହାକୁ ନିଜେ ଦେଖିବାକୁ ଚେଷ୍ଟା କରିବା । ଏବଂ, ଯଦି ପ୍ରକୃତରେ ପୂର୍ଣ୍ଣ ଆନ୍ତରିକତା ସହିତ ଆମେ ସେହି କଥାଟିକୁ କରିପାରିବା, ତେବେ ଅଧିକାଂଶ ସମୟରେ ଆମେ ଏକଥାଟି ମଧ୍ୟ ବେଶ୍ ଦେଖିବାକୁ ପାଇବା ଯେ ସେହି ବ୍ୟକ୍ତିଟି ସମ୍ବନ୍ଧରେ ଆମର ବିଚାର ଓ ମତଟି କ୍ରମେ କମ କଠୋର ଏବଂ ଅଧିକ ନ୍ୟାୟପୂର୍ଣ୍ଣ ବି ହୋଇ ପାରୁଛି ।

ପୁନଶ୍ଚ ଏକ ସାଧାରଣ ନିୟମ ହିସାବରେ, ଯେଉଁ ବିଷୟରେ ଆମେ ନିଜର ବିଚାରକୁ ବ୍ୟକ୍ତ କରିବାକୁ ଇଚ୍ଛା କରୁଛୁ, ଆମେ ତାହାକୁ ପ୍ରକୃତରେ କେଉଁ ଦୃଷ୍ଟିରେ ଦେଖିବା ? ଏହି ଦେଖିବାର କ୍ଷେତ୍ରରେ ଆମର ମାନଦଣ୍ଡଟି ପ୍ରକୃତରେ କିପରି ହୋଇ ରହିବ ? ବସ୍ତୁତଃ ଆମେ କ'ଣ ପ୍ରକୃତରେ ଏହିପରି ଗୋଟାଏ

'oaob.nitrkl.ac.in' images reprocessed

କଳ୍ପନା ଭିତରେ ବୁଡ଼ି ରହିଛୁ ଯେ ଆମରି ପାଖରେହିଁ ସବୁଠାରୁ ଅଧିକ ପ୍ରଜ୍ଞା ଏବଂ ନ୍ୟାଯ୍ୟ ବିଗ୍ଭର କରିବାର ସବୁଠାରୁ ଅଧିକ ଶକ୍ତି ଅବଶ୍ୟ ଗଚ୍ଛିତ ହୋଇ ରହିଛି ଓ ତେଣୁ ଆମେ "ଏଇଟା ଭଲ, ଏଇଟା ଖରାପ" ବୋଲି ଠୋ' କରି କହିଦେଇ ପାରିବା ? ଆମେ ଏକଥା କଦାପି ଭୁଲିଯିବା ନାହିଁ ଯେ ଭଲ ଓ ମନ୍ଦ ବିଷୟରେ ରହିଥିବା ଆମର ଧାରଣାଗୁଡ଼ିକ ପ୍ରକୃତରେ ଏପରି ସଂପୂର୍ଣ୍ଣଭାବରେ ଆପେକ୍ଷିକ ଓ ଅଜ୍ଞାନମିଶ୍ରିତ ହୋଇ ରହିଥାଏ ଯେ, ଅନ୍ୟମାନଙ୍କ ବିଷୟରେ ବିଗ୍ଭର କଲାବେଳେ, ଆମ ନିଜର ବିଜ୍ଞତା ତୁଳନାରେ ଏକ ଅନେକ ବୃହତ୍ତର ବିଜ୍ଞତାକୁ ପ୍ରକାଶ କରୁଥିବା କୌଣସି ଏକ କାର୍ଯ୍ୟ ଭିତରେ ବି ଆମେ ଅନେକ ସମୟରେ କୌଣସି ନା କୌଣସି ଦୋଷ ଦେଖାଇବାକୁ ବାହାରି ପଡ଼ିଥାଉ ।

ଯଥାର୍ଥ ବିଜ୍ଞାନ ଦୃଷ୍ଟି ପ୍ରକୃତରେ କାହାର ବିଗ୍ଭର କରେ ନାହିଁ; ଯେକୌଣସି ଘଟଣାକୁ ତାହା ଯଥାସମ୍ଭବ ଅଧିକ ଯଥାର୍ଥ ଭାବରେ ତାହାର ଯାବତୀୟ ଅନେକବିଧ କାରଣ ଓ ଅନେକସଂଖ୍ୟକ ପରିଣାମ ଦେଇ ବିଗ୍ଭର କରି ଦେଖିବାକୁ ଚେଷ୍ଟା କରେ । "ଦେଖିବୁ ହୁଏତ ଏହିପରି ହେବ ଯେ", — ତାହା ସବୁବେଳେ ଏହିଭଳି କହିଥାଏ; "ଏହି କଥାଟିକୁ କରିବାକୁ ଯିବା ପୂର୍ବରୁ, ତୁମେ ଯାହା କରିବାକୁ ପ୍ରକୃତରେ ଇଚ୍ଛା କରୁଛ, ସେହି ଅନ୍ୟଟି ତାହାର ଅଧିକ ଅନୁରୂପ ହେବ କି ନାହିଁ, ତୁମର ଥରେ ପରୀକ୍ଷା କରି ଦେଖିବା ଉଚିତ" ବୋଲି କହେ । ଏବଂ, ଯେକୌଣସି ପରିସ୍ଥିତିରେ ହେଉ ପଛକେ, ଆମେ ବ୍ୟକ୍ତିଗତ ଭାବରେ ସଂପୃକ୍ତ ଥିବା ଯାବତୀୟ ବ୍ୟାପାରରେ, ଆମେ କେତେ ଅଧିକ ବା ଅଳ୍ପ ପରିମାଣରେ ଆମର ସମ୍ମୁଖରେ ତାହାର ସକଳ ପ୍ରଗାଢ଼ତା ଏବଂ ଉଚ୍ଚତ୍ୱର ମହିମା ସହିତ ବିରାଜିତ ରହିଥିବା ଆମ ନିଜର ଆଦର୍ଶଟିର ଅନୁରୂପ ହୋଇ ରହିଛୁ ତାହାକୁହିଁ ମାନଦଣ୍ଡ ରୂପେ ହୁଏତ ଗ୍ରହଣ କରିଥିଲେ ମଧ୍ୟ, ଅନ୍ୟମାନେ ବି ଆମ ନିଜର ଆଦର୍ଶଟିକୁ ସେମାନଙ୍କର ଜୀବନରେ ଉପଲବ୍ଧି କରିବାକୁ ସଚେଷ୍ଟ ରହିବେ, ଅନ୍ୟମାନଙ୍କଠାରୁ ସେପରି ଦାବି କରିବା ଲାଗି ଆମର ଆଦୌ କୌଣସି ଅଧିକାର ନାହିଁ । ଅବଶ୍ୟ, ଆମ ଆଦର୍ଶଟି ସେମାନଙ୍କ ଆଦର୍ଶଠାରୁ ଯେ ଅଧିକ ଉଚ୍ଚ, ସେ କଥା ଜାଣିଥିଲେ ତାହା ଅନ୍ୟପ୍ରକାର କଥା ହେବ । ମାତ୍ର, ସେହି କ୍ଷେତ୍ରରେ ମଧ୍ୟ ଆମକୁ ସଂପୂର୍ଣ୍ଣ ଭାବରେ ନିଶ୍ଚିତ ରହିବାକୁ ପଡ଼ିବ ଯେ ଆମର ଏହି ଆଦର୍ଶଟି ସର୍ବଦା ସର୍ବୋଚ୍ଚ ଆଦର୍ଶଟି ସହିତ, ସେହି ଅଦ୍ୱିତୀୟ ଆଦର୍ଶଟି ସହିତ, ଅର୍ଥାତ୍ ଆପଣାର ଆନ୍ତରତମ ସର୍ମୋପାଦନର କ୍ଷେତ୍ରରେ ଏହି ବିଶ୍ୱର ଯୋଜନାଟି ସହିତ ଏକରୂପ ହୋଇ ରହିଛି ।···

'oaob.nitrkl.ac.in' images reprocessed

ମାତ୍ର, ଏହି ବିଶ୍ୱାସୀତ ଉଚ୍ଚ ସୋପାନଗୁଡ଼ିକରେ ଆସି ପହଞ୍ଚି ପାରିବା ପୂର୍ବରୁ ଆମେ ସବୁବେଳେ ଏହି କଥାଟିକୁ ସ୍ମରଣରେ ଅବଶ୍ୟ ରଖିପାରିବା ଯେ, ମନୁଷ୍ୟମାନଙ୍କ ଭିତରୁ ଯେଉଁ ଅନସ୍ଥିରତାଜନିତ ଏବଂ ଅସଦ୍ଭାବପୂର୍ଣ୍ଣ ଭାବନାଗୁଡ଼ିକ ନିର୍ଗତ ହେବାରେ ଲାଗିଥାଏ, ତାହାହିଁ ସେମାନଙ୍କ ମଧ୍ୟରେ ଉପୁଜିଥିବା ଯାବତୀୟ ଦ୍ୱନ୍ଦ୍ୱ ଓ ବିଭାଜନର ନାନା କାରଣରୂପେ କାର୍ଯ୍ୟ କରେ । ଏକ ହୋଇ ରହିବାକୁ ସେମାନେ ଯେତେ ଇଚ୍ଛା କରୁଥିଲେ ମଧ୍ୟ ତାହାହିଁ ସେମାନଙ୍କର ଏକତ୍ୱକୁ ପ୍ରାୟ ଅସମ୍ଭବ କରି ରଖିଥାଏ ।

ଆମର ବାହ୍ୟ କ୍ରିୟାଗୁଡ଼ିକରେ ଆମେ ଯାହାସବୁ ହାସଲ କରିବୁ ବୋଲି ନିରନ୍ତର ପ୍ରୟାସ କରିବାରେ ଲାଗିଥାଉ, ଆମର ମାନସିକ କାର୍ଯ୍ୟଗୁଡ଼ିକ ଦ୍ୱାରା ତାହାହିଁ ଯୁଗପତ୍ ଭାବରେ ବାଧାପ୍ରାପ୍ତ ହେବାରେ ଲାଗିଥାଏ, ବା ଏପରିକି ବିନଷ୍ଟ ବି ହୋଇ ଯାଉଥାଏ ।

ତେଣୁ ଆମେ ଆମର ଭାବନାଗୁଡ଼ିକୁ ସବୁବେଳେ ନିରୀକ୍ଷଣ କରି ଦେଖୁଥିବା, ଆମ ନିଜ ଲାଗି ସୁନ୍ଦର ଏବଂ ଉଦାର ଭାବନାତମ୍ବର ଏକ ବାୟୁମଣ୍ଡଳ ସୃଷ୍ଟି କରି ରଖିବାକୁ ଆମେ ସତତ ଉଦ୍ୟମ କରୁଥିବା । ତା'ହେଲେ, ଏହି ଜଗତରେ ଏକ ସୁସମଞ୍ଜସତାର ସ୍ଥାପନକୁ ତ୍ୱରାନ୍ୱିତ କରିବା ଦିଗରେ ଆମେ ଅନେକ କିଛି କରି ପାରିଲୁ ବୋଲି ନିଶ୍ଚୟ କୁହାଯାଇ ପାରିବ ।

୧୯ ଫେବୃଆରୀ ୧୯୧୭

'oaob.nitrkl.ac.in' images reprocessed

ସର୍ବପ୍ରଧାନ ଭାବନା*

ଆଜି ଆମେ ଏବର୍ଷର ସର୍ବଶେଷ ଅରଟି ପାଇଁ ଏକତ୍ର ହୋଇଛୁ । ଅନ୍ତତଃ ବାହ୍ୟ ଦୃଷ୍ଟିରୁ ଆମେ ସେହି କଥାଟିକୁ କହିପାରିବା, କାରଣ ମୁଁ ଆଶା କରୁଛି ଯେ ଆପଣା ଆପଣାର ଭାବନାର କ୍ଷେତ୍ରରେ ଆମେ ସର୍ବଦା ଏକ ହୋଇ ରହିଥିବା । ଅନ୍ତତଃ, ଅଗ୍ରଗତି ଓ ପରିପୂର୍ଣ୍ଣତା ଲାଗି ରହିଥିବା ଆମର ଆକାଂକ୍ଷାରେ ଆମେ ନିଶ୍ଚୟ ଏକତାବଦ୍ଧ ହୋଇ ରହିଥିବା ।

ଏହି ଆକାଙ୍‌କ୍ଷାଟିହିଁ ସର୍ବଦା ଆମ ଯାବତୀୟ କର୍ମରେ କେନ୍ଦ୍ର ସ୍ୱରୂପ ହୋଇ ରହିଥିବ, ଆମର ଇଚ୍ଛା ଶକ୍ତିକୁ ଜୀବନମୟ କରି ରଖିଥିବ; କାରଣ, ଆମ ନିଜ ଲାଗି ଆମେ ଯେଉଁଭଳି ଲକ୍ଷ୍ୟଟିଏ ବାଛିନେଇଥିବା ଓ ଯେଉଁଭଳି କାର୍ଯ୍ୟକୁ ଆମର କର୍ତ୍ତବ୍ୟ ବୋଲି ସ୍ଥିର କରିଥିବା ପଛକେ, ସେହି ଲକ୍ଷ୍ୟଟିରେ ଯାଇ ପହଞ୍ଚି ପାରିବା ସକାଶେ ଏବଂ ସେହି କର୍ତ୍ତବ୍ୟଟିକୁ ସମ୍ପନ୍ନ କରିପାରିବା ସକାଶେ, ଆମର ଯଥାସମ୍ଭବ ସାମର୍ଥ୍ୟ ଅନୁସାରେ ଏହି କାର୍ଯ୍ୟଟିକୁ ସମ୍ପାଦିତ କରିବା ସକାଶେ, ଆମକୁ ପ୍ରତ୍ୟେକ ମୁହୂର୍ତ୍ତରେହିଁ ଅଗ୍ରଗତି କରିବାକୁ ପଡ଼ିବ, ଗତ କାଲିଟିକୁ ସର୍ବଦାହିଁ ଆଗାମୀ-କାଲିର ପାବଚ୍ଛରୂପେ ବ୍ୟବହାର କରିବାକୁ ପଡ଼ିବ ।

ଜୀବନରେ ଏକ ସତତ ଗତି ଅବାରିତ ରହିଛି, ଏକ ସତତ ରୂପାନ୍ତର ଅନବରତ ଲାଗି ରହିଛି । ଆମେ ଯେତେବେଶୀ କିମ୍ବା ଯେତେ ଅଧିକ ବିଦ୍ୟାବନ୍ତ, ପ୍ରଜ୍ଞାଯୁକ୍ତ ହୋଇଥାଉ ନା କାହିଁକି, ଏକ ସତତ ଆରୋହଣର ଯାତ୍ରାକ୍ରମରେ ଯିଏ ବିଶ୍ୱଜୀବନର ସେହି ମହାସ୍ରୋତଟି ସହିତ ଗତିଶୀଳ ହୋଇ ରହିନଥାଏ, ତାହାକୁ ଅନିବାର୍ଯ୍ୟତଃ ପତନ ଆଡ଼କୁହିଁ ଗତି କରିବାକୁ ହୁଏ, ତାହାର ସଚେତନ ସତ୍ତାଟିର ବିନାଶ ଆଡକୁହିଁ ସିଏ ବାଟ କାଢ଼ି ଦେଇଥାଏ ।

ପିଥାଗୋରସ ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ଠିକ୍ ଏହି କଥାଟିକୁହିଁ ପ୍ରକାଶ କରିଛନ୍ତି । ଶ୍ରୀଯୁକ୍ତ ହ୍ୱାନ ଗୁଇନର ଏବେ ସେହି ଓଜସ୍ୱିନୀ କଥାଗୁଡ଼ିକୁ ଏଠାରେ ପଢ଼ି ଶୁଣାଇ ଦେଇଥିଲେ ।

* ଯେଉଁ ପ୍ରବଚନଟି ବର୍ତ୍ତମାନ 'ସର୍ବଶ୍ରେଷ୍ଠ ଆବିଷ୍କାର' ନାମରେ ପରିଚିତ ରହିଛି, ଏହି ଲେଖାଟି ପ୍ରଥମେ ତାହାର ଏକ ମୁଖବନ୍ଧ ରୂପେ ଲେଖା ଯାଇଥିଲା ।

'oaob.nitrkl.ac.in' images reprocessed

ଏବଂ, ଆମର ଏହି ଅଧ୍ୟୟନ କ୍ରମଟିରେ ଯାହା ଆମର ଧ୍ୟେୟ ହୋଇ ରହିଥିଲା, ଗତ ବୈଠକରେ ମୋର ତାହାକୁ ସାରାଂଶ କରି କହିଦେବାର ଥିଲା । ମାତ୍ର ସେହି କଥାଗୁଡ଼ିକୁ ଶୁଣିବାପରେ ମୁଁ ତାହା ନକରିବାକୁହିଁ ନିଷ୍ପତ୍ତି କରିଥିଲି ।

ଆପଣାର ଭାବନା ଶକ୍ତିକୁ କିପରି ବିକାଶ ସାଧନ କରିବାକୁ ହେବ, ତାହାକୁ କିପରି ତୀକ୍ଷ୍ଣ, ପ୍ରଶସ୍ତ, ବନ୍ଧନମୁକ୍ତ ଏବଂ ଅଧିକ ଗଭୀର କରିବାକୁ ହେବ, ସେହି ବିଷୟରେ ଆମେ ଆପଣମାନଙ୍କୁ କେତେକ ପରାମର୍ଶ ଦେବାକୁ ଚେଷ୍ଟା କରି ଆସିଛୁ । କାରଣ, ଆମ ଭାବନାର ମୂଲ୍ୟଟି ଉପରେହିଁ ଆମ ଜୀବନ ତଥା ଆମ କାର୍ଯ୍ୟର ମୂଲ୍ୟ ବି ନିର୍ଭରଶୀଳ ହୋଇ ରହିଛି ।

ଯୁଗେ ଯୁଗେ ବାରବାର ଏହି ପରାମର୍ଶଗୁଡ଼ିକ ଦିଆହୋଇ ଆସିଛି; ସବୁ ଦେଶରେ ପୃଥିବୀର ମହାନ୍ ଶିକ୍ଷାଦାତାମାନେ ଏହି ପରାମର୍ଶଗୁଡ଼ିକୁ ଦେଇଛନ୍ତି ।

ଖାଲଦେଆ, ଇଜିପ୍ଟ, ଚୀନ, ମିଶର, ଭାରତବର୍ଷ, ତଥା କାପାଡୋସିଆରେ ଦୀକ୍ଷା-ଦାନର ଯାବତୀୟ ପ୍ରସିଦ୍ଧ କେନ୍ଦ୍ରଗୁଡ଼ିକରେ ସୁରକ୍ଷିତ କରି ରଖା ଯାଇଥିବା ଉକ୍ତିନିର ପ୍ରଣାଳୀଗୁଡ଼ିକୁ ଯେଉଁମାନେ ମନୋଯୋଗ ସହକାରେ ଅଧ୍ୟୟନ କରିଛନ୍ତି, ସେମାନେ ଏହି କଥାଟିକୁ ଅବଶ୍ୟ ଦେଖିବାକୁ ପାଇବେ ଯେ ସେହି ପ୍ରଣାଳୀଗୁଡ଼ିକ ବାହ୍ୟ ଆକାରରେ ଯେତେ ବହୁବିଧ ହୋଇଥିଲେ ମଧ୍ୟ ଅସଲ ଉପାଦାନରେ ପ୍ରକୃତରେ ଏକା ପ୍ରକାରର ହୋଇ ରହିଛନ୍ତି ।

କାରଣ, ବିକାଶ-ସାଧନର ଏହି ଯାବତୀୟ ପ୍ରଣାଳୀକୁ ଏକାଠି ଗୋଟିଏ ଗଭୀର ବାକ୍ୟରେ ନିଷ୍କର୍ଷ କରି ବ୍ୟକ୍ତ କରାଯାଇ ପାରିବ । ପିଥାଗୋରାସ ତାଙ୍କର ଶିଷ୍ୟମାନଙ୍କୁ ଠିକ୍ ସେହି ବାକ୍ୟଟିକୁହିଁ କହିଥିଲେ । ଶ୍ରୀଯୁକ୍ତ ହ୍ୱାନ୍ ବ୍ରୁଇନର ଆମକୁ ତାହାରି ବିଷୟରେ କହିଛନ୍ତି । ପ୍ରତ୍ୟେକ ବ୍ୟକ୍ତିର ଆତ୍ମା ଏବଂ ଖିଳ ବିଶ୍ୱବ୍ରହ୍ମାଣ୍ଡର ଆତ୍ମା, ଏ ଦୁହେଁ ଭିନ୍ନ ଭିନ୍ନ ବସ୍ତୁ ନୁହନ୍ତି; ଏମାନେ ଅଭିନ୍ନ । ଆମେ ସମସ୍ତେ ଆମ ନିଜ ନିଜ ଭିତରେ ସେହି ପରମେଶ୍ୱରଙ୍କୁହିଁ ଧାରଣ କରି ରହିଛୁ ।

୧୯ ଏପ୍ରିଲ୍ ୧୯୧୨

'oaob.nitrkl.ac.in' images reprocessed

ଦାନଶୀଳତା—ଉଦାରତା

ଯାହା ପାଖରେ ଯେଉଁ ଜିନିଷଟିର ଅଭାବ ରହିଛି, ତାହାକୁ ଆମେ ସେହି ଜିନିଷଟିକୁ ନେଇ ଦେବା, ଅତି ସାଧାରଣ ଭାବରେ ବିଚାର କଲେ ଦାନଶୀଳତାର ଏହିପରି ଏକ ସଂଜ୍ଞା ନିରୂପଣ କରାଯାଇପାରେ ।

ଅର୍ଥାତ୍, ଏହି ବ୍ୟାଖ୍ୟାଟିର ଅନୁସରଣ କରି ଶେଷଯାଏ ଗଲେ, ଆମେ କହିବା ଯେ, ପ୍ରତ୍ୟେକ ବସ୍ତୁକୁ ତାହାର ଯଥାର୍ଥ ସ୍ଥାନରେ ନେଇ ରଖିପାରିବା, ଯାହାଦ୍ୱାରା କି ଏହି ପୃଥିବୀ ପୃଷ୍ଠରେ ସେହି ସର୍ବୋଚ୍ଚ ନ୍ୟାୟର ପ୍ରତିଷ୍ଠା ହୋଇ ପାରିବ, ଆମେ ତାହାକୁହିଁ ଉଦାରତା ବୋଲି କହିବା ।

ଇଏ ହେଲା ଏହାର ତାତ୍ତ୍ୱିକ ବ୍ୟାଖ୍ୟା; ମାତ୍ର ବାସ୍ତବ ଯେଷରେ, ଯେଉଁ ପଥଟିକୁ ଧରି ଲୋକମାନେ ଅନ୍ୱେଷଣରତ ହୋଇ ପୂର୍ଣ୍ଣ ନ୍ୟାୟ ଆଡ଼କୁ କ୍ରମେ ଅଗ୍ରଗତି କରି ଯାଇପାରିବେ, ସେହି ପଥଟିକୁ ଆମେ ଉଦାରତା ବୋଲି ବିଚାର କରିପାରିବା ।

କାରଣ, ବିବର୍ତ୍ତନର ଏହି ବର୍ତ୍ତମାନ ସୋପାନଟିରେ, ମନୁଷ୍ୟ ତାହାର ଏହି ଜଗତସଦନଟି ମଧ୍ୟରେ କେବଳ ଯେ ନ୍ୟାୟର ଉପଲବ୍ଧି କରିବାକୁ ଅସମର୍ଥ ହୋଇ ରହିଛି ତା' ନୁହେଁ, ମାତ୍ର ସେହି ନ୍ୟାୟ କହିଲେ ସାରମର୍ମଟିର ଅର୍ଥରେ ପ୍ରକୃତରେ ଯାହା ବୁଝାଇବା ଉଚିତ, ସେଇଟିକୁ କଳ୍ପନା କରିବାକୁ ମଧ୍ୟ ସିଏ ତଥାପି ଅସମର୍ଥ ହୋଇ ରହିଛି । ଏହି ଅସମର୍ଥତାଟିକୁ ସ୍ୱୀକାର କରିବାହିଁ ଉଦାରତା ।

ବସ୍ତୁତଃ, ଯେଉଁ ନ୍ୟାୟକୁ ପରିପୂର୍ଣ୍ଣ ସମଞ୍ଜସତାର ଏକ ରୂପ ବୋଲି ବୁଝାଯାଇ ପାରିବ, ଯାହାକୁ ପରିପୂର୍ଣ୍ଣ ସମତାର ଅବସ୍ଥା ଏବଂ ପରିପୂର୍ଣ୍ଣ ବ୍ୟବସ୍ଥା ବୋଲି ବୁଝାଯାଇ ପାରିବ, ସେହି ଯଥାର୍ଥ ନ୍ୟାୟ ବିଷୟରେ ସମ୍ୟକ ଜ୍ଞାନ ଅର୍ଜନ ନ କରିଥିବା ପର୍ଯ୍ୟନ୍ତ ଶ୍ରଦ୍ଧାର ପଥଟିକୁ ଅନୁସରଣ କରିବା ଓ ସକଳ ପ୍ରକାରର ବିଚାର କରିବାରୁ ଆପଣାକୁ କ୍ଷାନ୍ତ କରି ରଖିଥିବା ଉଦାରତାକୁହିଁ ସବୁଠାରୁ ଅଧିକ ବିଜ୍ଞତାସମ୍ମତ ବୋଲି ବୁଝାଯିବା ଉଚିତ ।

ତେଣୁ, ଯେଉଁମାନେ ସର୍ବଦା ଉଦାରତାକୁହିଁ ସମ୍ମୁଖରେ ରଖି ନ୍ୟାୟର ବିଚାର କରନ୍ତି, ସେମାନଙ୍କର ଏହି ଦୃଷ୍ଟିକୋଣଟିକୁ ପ୍ରକୃତରେ ଏକ ଉଚିତ

'oaob.nitrkl.ac.in' images reprocessed

ଦୃଷ୍ଟିକୋଣ ବୋଲି ବୁଝାଯାଇ ପାରିବ । ସେମାନଙ୍କର ଚକ୍ଷୁରେ ନ୍ୟାୟ ପ୍ରକୃତରେ ଖୁବ କଠୋର ଏବଂ ନିର୍ଦ୍ଦୟ ହୋଇ ଦେଖା ଯାଉଥାଏ, ଏବଂ ତେଣୁ, ତାହାର ସେହି ଅତିରିକ୍ତ କଠୋରତାକୁ କିଞ୍ଚିତ୍ ହ୍ରାସ କରି ରଖିବା ଉଦ୍ଦେଶ୍ୟରେହିଁ ସେମାନେ ଉଦାରତାକୁ ଆବଶ୍ୟକ ବୋଲି ବିଚାର କରନ୍ତି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଈଶ୍ୱରୀୟ ନ୍ୟାୟ ବିଷୟରେ ସେମାନେ କଦାପି ଏଭଳି କହି ପାରିବେ ନାହିଁ । ମାତ୍ର ମନୁଷ୍ୟସ୍ତରର ନ୍ୟାୟ ବିଷୟରେ, ବା ଅଧିକ ଯୁକ୍ତିଯୁକ୍ତ ଭାବରେ ସାମାଜିକ ନ୍ୟାୟ ବିଷୟରେ ସେମାନେ ସେହି କଥାଟିକୁ କହି ପାରିବେ । ଯେଉଁ ଅହଂ ପ୍ରେରିତ ନ୍ୟାୟ ନାନାବିଧ ସ୍ୱାର୍ଥକୁ ଅଳ୍ପ ବା ବହୁତ ପରିମାଣରେ ଗୋଷ୍ଠୀବଦ୍ଧ କରିବା ଲାଗି ଆପଣାକୁ ପ୍ରତିଷ୍ଠିତ କରି ରଖିବାକୁ ଇଚ୍ଛା କରୁଥାଏ ଏବଂ ଏହିପରି ଭାବରେ, ଗୁଡ଼ଇ ଆଲୁଅର ବିପରୀତ ହୋଇ ରହିଥିବା ପରି ଯାହା ଯଥାର୍ଥ ନ୍ୟାୟର ବିରୋଧୀ ଓ ବିପରୀତ ହୋଇ ରହିଥାଏ, ତାହା ବିଷୟରେ ନିଶ୍ଚୟ ସେହିପରି କଥା ବୁଝାଯାଇ ପାରିବ ।

ଆମର ଏହି ତଥାକଥିତ ସଭ୍ୟ ଦେଶମାନଙ୍କରେ ଯେପରି ଭାବରେ ନ୍ୟାୟ ଆଚରିତ ହୁଏ, ସେହି ନ୍ୟାୟଟି ବିଷୟରେ ବିଚାର କରୁଥିବା ବେଳେ ଆମେ ତାହାକୁ କଠୋର ଏବଂ ଦୟାଶୂନ୍ୟ ନ କହି ବରଂ ଅନ୍ଧ ବୋଲିହିଁ କହିବା, ଆପଣାର ଅଜ୍ଞାନମୟ ଯାବତୀୟ ଛଳନାରେ ଆମେ ତାହାକୁ ପ୍ରକୃତରେ ଭୟଙ୍କର ବୋଲିହିଁ କହିବା ।

ତେଣୁ, ତାହାର ସାଂଘାତିକ ପରିଣାମଗୁଡ଼ିକୁ ରୋକିବା ଲାଗି ଆମେ ପ୍ରକୃତରେ ଆଦୌ ଖୁବ୍ ବେଶୀ ପ୍ରତିକାର କରି ପାରିବା ନାହିଁ । ଏବଂ ତେଣୁ ଆପଣାକୁ ଫଳପ୍ରଦଭାବେ ପ୍ରୟୋଗ କରି ପାରିବାକୁ ଏହି କ୍ଷେତ୍ରରେ ଉଦାରତାକୁ ନିଶ୍ଚୟ ଏକ ସୁଯୋଗ ଉପଲବ୍ଧ ହୋଇଯିବ ।

ମାତ୍ର, ଏଇଟି ହେଉଛି ଏହି ପ୍ରଶ୍ନର କେବଳ ଗୋଟିଏ ଦିଗ, ଏବଂ ଏହି ବିଷୟଟି ଉପରେ ଆହୁରି ଗଭୀରଭାବରେ ଆଲୋଚନା କରିବା ପୂର୍ବରୁ ମୁଁ ତୁମମାନଙ୍କୁ ଏହି କଥାଟି ବିଷୟରେ ଅବଶ୍ୟ ସ୍ମରଣ କରାଇ ଦେବି ଯେ, ମନୁଷ୍ୟ-ଜୀବନର ଅନ୍ୟାନ୍ୟ ଯାବତୀୟ କ୍ରିୟାଶୀଳତା ପରି ଗୁଣଗୁଡ଼ିକ ବିଭିନ୍ନ ସ୍ତରରେହିଁ ଉଦାରତା ଆପଣାକୁ ଭାଗଭାଗ କରିଥାଏ । ତାହାର କ୍ରିୟାକୁ ସମଗ୍ର ହେବାକୁ ହେଲେ ଏବଂ ଯଥାର୍ଥ ଭାବରେ ଫଳପ୍ରଦ ହେବାକୁ ହେଲେ ସେହି ଗୁଣଗୁଡ଼ିକ ଯାକ ସ୍ତର ସର୍ବଦା ଏକତ୍ର ଯୁଗପତ୍ ହୋଇ ରହିଥିବା ଆବଶ୍ୟକ । ଅର୍ଥାତ୍, ଯୁଗପତ୍‌ଭାବରେ ସ୍ଥୂଳ, ବୌଦ୍ଧିକ, ଆଧ୍ୟାତ୍ମିକ ବା ନୈତିକ ଏବଂ ସର୍ବୋପରି ଶ୍ରଦ୍ଧାନ୍ୱିତ ହୋଇ ନ ପାରିବା ପର୍ଯ୍ୟନ୍ତ କୌଣସି ଉଦାରତା କଦାପି ସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ । ଆମେ ଶ୍ରଦ୍ଧାକୁହିଁ ସକଳ ଉଦାରତାର ସାରମର୍ମ ବୋଲି ଜାଣିବା ।

'oaob.nitrkl.ac.in' images reprocessed

ଏବେ ପ୍ରାୟ ସମ୍ପୂର୍ଣ୍ଣ ଭାବରେ କେବଳ ବାହ୍ୟ ଦୃଷ୍ଟିକୋଣଟିରୁହିଁ ଉଦାରତାର ବିଗ୍ଚର କରାଯାଉଅଛୁ, ଏବଂ ଯେଉଁମାନେ ଜୀବନ ଦ୍ୱାରା ବଞ୍ଚିତ ହୋଇ ରହିଛନ୍ତି, ସେମାନଙ୍କୁ ନିଜ ସମ୍ପତ୍ତିର କିଛି ଅଂଶ ଦାନ କରିବାର ସମବାଚୀ ଭାବରେହିଁ ଏହି ଶବ୍ଦଟିର ବ୍ୟବହାର ହେଉଛି । ବସ୍ତୁର ଭୌତିକ କ୍ଷେତ୍ର ମଧ୍ୟରେ ସୀମାବଦ୍ଧ ହୋଇ ରହିଥିବା ବେଳେ ମଧ୍ୟ ଏହି କଳ୍ପନାଟି ଯେ ପ୍ରକୃତରେ କେତେ ନୀଚ କଳ୍ପନାଟିଏ ହୋଇ ରହିଥାଏ, ଆମେ ଅତରେ ତାହାର ପରିଚୟ ପାଇଯିବା ।

ବୁଦ୍ଧ ତାଙ୍କର ଶିଷ୍ୟମାନଙ୍କୁ ଦେଇଥିବା ନିମ୍ନଲିଖିତ ଉପଦେଶଟି ମଧ୍ୟରେ ଉଦାରତା ଆପଣାକୁ ଅଭିବ୍ୟକ୍ତ କରିବାର ଅନ୍ୟ ଉନୋଟି ସ୍ତରକୁ ଭାରି ଚମତ୍କାର ଭାବରେ ବ୍ୟକ୍ତ କରାଯାଇ ପାରିଛି :

"କରୁଣାରେ ଉଚ୍ଛୁଳି ପଡ଼ୁଥିବା ଏକ ହୃଦୟ ନେଇ ତୁମେ ଯନ୍ତ୍ରଣା ଦ୍ୱାରା ବିଦୀର୍ଣ୍ଣ ହୋଇ ରହିଥିବା ଏହି ସଂସାର ଭିତରକୁ ଯିବ, ତୁମେମାନେ ସେହି ସଂସାରରେ ଶିକ୍ଷାଦାତା ହୋଇ ରହିବ, ଏବଂ ଯେଉଁଯେଉଁ ଜାଗାରେ ଅଜ୍ଞାନରୂପୀ ଅନ୍ଧକାର ଆଧିପତ୍ୟ ବିସ୍ତାର କରି ରହିଛି, ତୁମେମାନେ ସେଠାରେ ଦୀପଟିଏ ଜାଳି ଦେବ ।"

ଯେଉଁମାନେ ଅପେକ୍ଷାକୃତ କମ୍ ଜାଣିଛନ୍ତି, ସେମାନଙ୍କର ଜ୍ଞାନର ବୃଦ୍ଧି କରାଇବା, ଯେଉଁମାନେ ପାପର ଆଚରଣ କରୁଛନ୍ତି, ଆପଣାର ସେହି ପ୍ରମାଦଟି ମଧ୍ୟରୁ ବାହାରକୁ ବାହାରି ଆସିବାକୁ ସେମାନଙ୍କୁ ବଳ ଦେବା, ଯେଉଁମାନେ ଦୁଃଖରେ ସନ୍ତପ୍ତ ହୋଇ ରହିଛନ୍ତି, ସେମାନଙ୍କୁ ସାନ୍ତ୍ୱନା ଦେବା, ଯଥାର୍ଥ ଭାବରେ ବୁଝିଲେ ଆମେ ଏହିଗୁଡ଼ିକୁହିଁ ଯଥାର୍ଥ ଦାନଶୀଳତା ବୋଲି କହି ପାରିବା ।

ତେଣୁ, ବ୍ୟକ୍ତିଗତ ଦୃଷ୍ଟିକୋଣରୁ ବିଗ୍ଚର କରି ଦେଖିଲେ, ଅନ୍ୟମାନଙ୍କ ଜୀବନରେ ଯେଉଁ କଥାଟିର ଅଭାବ ରହିଛି, ନିଜର ଶକ୍ତି ଅନୁସାରେ ତାହାକୁ ସେହି କଥାଟିହିଁ ଦେବାକୁ ସମର୍ଥ ହେବା, ପ୍ରତ୍ୟେକର କ୍ଷେତ୍ରରେ ଆମେ ତାହାକୁହିଁ ଦାନଶୀଳତା ବୋଲି କହିବା ।

ଏଥିରୁ ଦୁଇଟି କଥା ପ୍ରତିପାଦିତ ହୋଇଯାଉଛି ।

ପ୍ରଥମ କଥାଟି ହେଉଛି ଯେ, ଯାହା ପ୍ରକୃତରେ ମୋ ପାଖରେ ମୋର ସମ୍ପତ୍ତି ହୋଇ ରହି ନାହିଁ, ମୁଁ ସେଇ କଥାଟିକୁ ଅନ୍ୟ କାହାକୁ କଦାପି ଦେଇ ପାରିବ ନାହିଁ ।

ଭୌତିକ କ୍ଷେତ୍ରରେ ଏହି କଥାଟି ଏତେ ସ୍ପଷ୍ଟ ଭାବରେ ବୁଝି ହୋଇ ଯାଉଛି ଯେ ତାହାକୁ ଅଧିକ ଗୁରୁତ୍ୱ ଦେଇ କହିବାର ଆଦୌ କୌଣସି ପ୍ରୟୋଜନ

'oaob.nitrkl.ac.in' images reprocessed

ନାହିଁ । ମାତ୍ର ବୁଦ୍ଧିର କ୍ଷେତ୍ରରେ ଏବଂ ଆଧ୍ୟାତ୍ମିକତା କ୍ଷେତ୍ରରେ ମଧ୍ୟ ଠିକ୍ ସେହି ନିୟମଟିହିଁ ଲାଗୁ ହୋଇ ପାରିବ ।

ପ୍ରକୃତ କଥା କହିଲେ, ମୁଁ ନିଜେ ଯେଉଁ କଥା ଜାଣି ନାହିଁ, ତାହାକୁ ମୁଁ ଅନ୍ୟମାନଙ୍କୁ କପରି ଶିଖାଇ ପାରିବି ? ମୁଁ ନିଜେ ପ୍ରଜ୍ଞାର ମାର୍ଗରେ ଗତି ନ କରୁଥିଲା ବେଳେ ଆଉଜଣେ ଦୁର୍ବଳ ବ୍ୟକ୍ତିକୁ ମୁଁ କପରି ସେହି ବାଟରେ ପରିଚାଳିତ କରି ନେଇଯାଇ ପାରିବି ? ନିଜ ଭିତରେ ଆଦୌ କୌଣସି ଶ୍ରଦ୍ଧା ରହି ନ ଥିଲେ ମୁଁ କପରି ଆଉଜଣଙ୍କ ମଧ୍ୟରେ ଶ୍ରଦ୍ଧାର ସଞ୍ଚାର କରିପାରିବି ?

ଏବଂ, ଏହି ପୃଥିବୀର ପୁନରୁଜ୍ଜୀବନ ଲାଗି ସେହି ବିରାଟ କାର୍ଯ୍ୟଟିରେ ଆପଣାକୁ ସମଗ୍ର ଭାବରେ ଦେଇଦେବାକୁହିଁ ଯେଉଁ ସର୍ବୋଚ୍ଚ ଦାନ ବୋଲି ବୁଝାଯିବ, ସେଥିଲାଗି ସର୍ବପ୍ରଥମ ଆବଶ୍ୟକତାଟି ହେଉଛି ଯେ, ମୁଁ ଯାହା ଦେବାକୁ ଇଚ୍ଛା କରୁଛି, ମୁଁ ପ୍ରକୃତରେ ତାହାର ଅଧିକାରୀ ହୋଇ ରହିଥିବା ଦରକାର, ଅର୍ଥାତ୍ ମୋ ଆପଣାର ଉପରେ ମୋର ପୂର୍ଣ୍ଣ କର୍ତ୍ତୃତ୍ୱ ଅବଶ୍ୟ ରହିଥିବା ଦରକାର ।

ଯିଏ ଆପଣା ଉପରେ ପରିପୂର୍ଣ୍ଣ ନିୟନ୍ତ୍ରଣ ଅର୍ଜନ କରିପାରିଛି, କେବଳ ସେହିଁ ଏହି ବିରାଟ କାର୍ଯ୍ୟଟିରେ ସମ୍ପୂର୍ଣ୍ଣ ନିଷ୍ଠାର ସହିତ ଆପଣାକୁ ଉତ୍ସର୍ଗ କରିଦେଇ ପାରିବ । କାରଣ, କେବଳ ସେଇ ଏହି କଥାଟିକୁ ଅତ୍ୟନ୍ତ ଭଲ ଭାବରେ ଜାଣିଥିବ ଯେ ତା'ର କାର୍ଯ୍ୟରେ ପ୍ରତିବନ୍ଧକ ହୋଇ ଠିଆ ହେବାକୁ, ତା' ନିଜ ସହିତ ତା'ର କଳହ ଲଗାଇ ଦେଇ ତା'ର ଉଦ୍ୟମଟିକୁ ବାଧା ଦେବାକୁ କୌଣସି ପ୍ରକାର ବ୍ୟକ୍ତିଗତ ଇଚ୍ଛା ଓ ଅପ୍ରତ୍ୟାଶିତ କୌଣସି ଆବେଗ ପୁନର୍ବାର କଦାପି ଆସି ଆବିର୍ଭୂତ ହେବ ନାହିଁ ।

"ସକଳ ଦାନଶୀଳତା କେବଳ ଆପଣା ପାଖରୁ ଆରମ୍ଭ ହୁଏ" ବୋଲି ଯେଉଁ ପ୍ରାଚୀନ ଲୋକୋକ୍ତିଟି ରହିଛି, ଏହି କଥାଟିରୁ ତାହାର ଔଚିତ୍ୟ ପ୍ରମାଣିତ ହୋଇ ଯାଉଛି ।

ବାହାରୁ ବିଚାର କଲାବେଳକୁ ଏହି ନୀତିବାକ୍ୟଟି ପ୍ରାୟ ସକଳ ପ୍ରକାରର ଅହଂକାରିତାକୁ ପ୍ରୋତ୍ସାହନ ଦେଉଥିବା ପରି ମନେ ହେଉଥିଲେହେଁ, ଯିଏ ଏହାର ଅର୍ଥଟିକୁ ଠିକ୍ ଭାବରେ ବୁଝିଥିବ, ତାହା ଲାଗି ଏହା ଏକ ମହାନ୍ ପ୍ରଜ୍ଞାକୁ ଅଭିବ୍ୟକ୍ତ କରି ଆଣୁଛି ।

ଦାନଶୀଳ ବ୍ୟକ୍ତିମାନେ ଅନେକ ସମୟରେ ଏହି ନୀତିଟିର ପାଳନ କରି ପାରନ୍ତି ନାହିଁ ବୋଲି ସେମାନଙ୍କର ଯାବତୀୟ ଉଦ୍ୟମ ଓ ପ୍ରଚେଷ୍ଟା ଅତୀବ ବିଫଳ ହୋଇ ପଡ଼େ, ସେମାନଙ୍କର ସକଳ ସଦିଚ୍ଛା ତାହାର ପରିଣାମଗୁଡ଼ିକର କ୍ଷେତ୍ରରେ ଏପରି ବିକୃତ ହୋଇ ରହିଯାଏ ଏବଂ ସର୍ବଶେଷରେ ସେମାନେ ଦାନଶୀଳ ହୋଇ ରହିବାର ପଥଟିକୁ ପରିହାର ବି କରି ଦିଅନ୍ତି, କାରଣ ତାହାକୁ ଉଚିତ ମାର୍ଗରେ

'oaob.nitrkl.ac.in' images reprocessed

ନିୟନ୍ତ୍ରିତ ନ କରି ଥିବାରୁ ତାହା କେବଳ ନାନା ଭ୍ରାନ୍ତକରତା, ଦୁଃଖ ଏବଂ ମୋହଭଙ୍ଗର କାରଣ ହୋଇ ରହିଥାଏ ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଏଭଳି କହି ଏହି ନୀତିଟିର ଏକ ଭୁଲ୍ ବ୍ୟାଖ୍ୟା କରାଯାଇ ପାରିବ, "ଆଗ ନିଜ ପାଇଁ ସମ୍ପତ୍ତି ଅର୍ଜନ କରିବା, ବୁଦ୍ଧି ଅର୍ଜନ କରିବା, ସ୍ୱାସ୍ଥ୍ୟ, ପ୍ରେମ ତଥା ସକଳ ପ୍ରକାରର ସାମର୍ଥ୍ୟ ଅର୍ଜନ କରିବା, ତା'ପରେ ଯିନା ସେସବୁକୁ ବିତରଣ କରିବାର କୌଣସି ପ୍ରଶ୍ନ ଉଠିବ !"

କାରଣ, ଭୌତିକ ଦୃଷ୍ଟିରୁ ବିଗ୍ଭର କରି ଦେଖିଲେ, ଆପଣା ଲାଗି ଏହି ସଂଗ୍ରାମ କେବେ ବନ୍ଦ ହୋଇ ପାରିବ କହିଲ ? ଯିଏ ଆପଣା ଲାଗି ସମ୍ପତ୍ତି ଠୁଳ କରିବାର ଅଭ୍ୟାସରେ ପଡ଼ିଗଲାଣି, ସିଏ କେବେହେଲେ ଆପଣାର ସଞ୍ଚୟଟି ଯଥେଷ୍ଟ ହେଲା ବୋଲି ଅନୁଭବ ବି କରି ପାରିବ ନାହିଁ ।

ତେଣୁ ଏହି ବିଷୟରେ ମୁଁ ଏପରି ଗୋଟିଏ ମନ୍ତବ୍ୟ ବି କରିଛି : ସାଧାରଣତଃ ଦେଖାଯାଏ ଯେ ଅଧିକାଂଶ ଲୋକଙ୍କର କ୍ଷେତ୍ରରେ, ଏଣେ ନିଜ ପାଖରେ ଯେତିକ ଅର୍ଥ ଓ ଧନ ଠୁଳ ହୋଇ ରହୁଥାଏ, ତେଣେ ସେମାନଙ୍କର ଦାନଶୀଳତା ବା ଉଦାରତା ପ୍ରାୟ ସେହି ଅନୁପାତରେହିଁ କମି କମି ଯିବାରେ ଲାଗିଥାଏ ।

ସାଧାରଣତଃ ଶ୍ରମିକମାନେ, ଅଭାବଗ୍ରସ୍ତ ଓ ମନ୍ଦଭାଗ୍ୟ ଲୋକମାନେ ଆପଣାର ଗୋଷ୍ଠୀ ଜୀବନରେ ଯେଉଁଭଳି ଆଚରଣ କରିଥାନ୍ତି, ତାହାକୁ ଅବଲୋକନ କରି ମୁଁ ସେଥିରୁ ଏହିପରି ଏକ ନିଷ୍ପତ୍ତିରେ ଆସି ପହଞ୍ଚିବାକୁ ବାଧ୍ୟ ହୋଇଛି ଯେ ଦରିଦ୍ର ଲୋକେ ପ୍ରକୃତରେ ଅପେକ୍ଷାକୃତ ଅଧିକ ଉଦାର, ଅଧିକ ଭାଗ୍ୟବନ୍ତମାନଙ୍କର ତୁଳନାରେ ସେଇମାନେ ସେମାନଙ୍କ ପରି କଷ୍ଟ ପାଉଥିବା ଅନ୍ୟମାନଙ୍କର ଦୁଃଖ ଲାଘବ କରିବାକୁ ଅଧିକ ପ୍ରସ୍ତୁତ ହୋଇ ରହିଥାନ୍ତି । ମୁଁ ଏହି କ୍ଷେତ୍ରରେ ଯାହାସବୁ ଦେଖିଛି, ସେଗୁଡ଼ିକ ବିଷୟରେ ବିସ୍ତୃତଭାବରେ ସବୁ କହିବା ଲାଗି ବର୍ତ୍ତମାନ ମୋ'ର ସମୟ ନାହିଁ, ମାତ୍ର ମୁଁ ତଥାପି ସୁନିଶ୍ଚିତଭାବେ କହି ପାରିବି ଯେ ଏସବୁଥିରୁ ଆମକୁ ପ୍ରକୃତରେ ଅନେକ ଶିକ୍ଷା ମିଳି ପାରିବ । ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ମୁଁ ତୁମମାନଙ୍କୁ ଅତ୍ୟନ୍ତ ନିଃସନ୍ଦେହ ଭାବରେ କହି ପାରିବି ଯେ, ଧନୀ ବ୍ୟକ୍ତିମାନଙ୍କ ପାଖରେ ଯେଉଁ ଧନ ମହଜୁଦ ହୋଇ ରହିଥାଏ, ଯଦି ସେମାନେ ସେହି ଅନୁପାତରେ ଦରିଦ୍ରମାନଙ୍କ ପରି ଉଦାର ଏବଂ ଦାନଶୀଳ ହୋଇ ପାରନ୍ତେ, ତେବେ ସଂସାରରେ ଆଉ ଜଣେ ବି ଲୋକ କଦାପି କ୍ଷୁଧାର୍ତ୍ତ ହୋଇ ରହନ୍ତା ନାହିଁ ।

ତେଣୁ, ସବୁବେଳେ ମନେ ହୁଏ ସତେ ଯେପରି, ସୁନା ଭିତରେ ଆହୁରି ଅଧିକ ସୁନାକୁ ଆକର୍ଷିତ କରି ଆଣିବାର ଏକ ଶକ୍ତି ରହିଛି ; ତେଣୁ ଧନର ବିତରଣ କରିବା ପୂର୍ବରୁ ଆଗ ଯଥେଷ୍ଟ ଧନ ଜମା କରି ରଖିବାକୁ ଇଚ୍ଛା କଲେ ତାହା ଅପେକ୍ଷା ଅଧିକ ସାଂଘାତିକ କଥା ଆଉ କ'ଣ ହେବ ? ମାତ୍ର, ଏହି କଥାଟି ମଧ୍ୟ

'oaob.nitrkl.ac.in' images reprocessed

ସମାନଭାବରେ ସବୁ ଯେ କୌଣସି ପ୍ରକାର ବିବେକର ପ୍ରୟୋଗ ନ କରି ଅତ୍ୟନ୍ତ ଅମିତାଚାରୀଭାବରେ ତାହାର କୌଣସି କାମରେ ନ ଲଗୁଥିଲେ ମଧ୍ୟ ଆପଣାର ସମ୍ପତ୍ତିକୁ ନଷ୍ଟ କରିବାରେ ଲାଗିଥିଲେ, ତାହା ମଧ୍ୟ ଅତ୍ୟନ୍ତ ସାଂଘାତିକ ହୋଇଯିବ ।

ଅନାସକ୍ତିକୁ ଯଥାର୍ଥ ଦାନଶୀଳତା ଏବଂ ଉଦାରତାର ଏକ ମହତ୍ତ୍ୱପୂର୍ଣ୍ଣ ଆବଶ୍ୟକତା ବୋଲି କୁହାଯାଇ ପାରିବ; ମାତ୍ର ଏହି ଅନାସକ୍ତିକୁ ଆମେ କଦାପି ଏକ ଆଳସ୍ୟମୟ ବେପରୁଆମିରୁ ଜାତ ହେଉଥିବା ଉପେକ୍ଷା ବୋଲି ଭାବି ଭୁଲ୍ କରି ବସିବା ନାହିଁ ।

ତଥାପି, ଆମ ପାଖରେ ଯାହା ଅଛି ଓ ଆମେ ଯାହାକିଛି ରୋଜଗାର କରୁଛୁ, ଯଥାସମ୍ଭବ କମ୍ ଆଡ଼ମ୍ବର ଦେଖାଇ ଆମେ ବିଚାରଶୀଳ ଭାବରେ ତାହାକୁ କାମରେ ଲଗାଇବା । ଏବଂ, ସର୍ବୋପରି ଆମେ ଏକଥାଟିକୁ ବି କଦାପି ଭୁଲିଯିବା ନାହିଁ ଯେ ଆମର ଦାନଶୀଳତା ନିଜକୁ କେବେହେଲେ କେବଳ ଧନ ସାହାଯ୍ୟ ମଧ୍ୟରେହିଁ ସୀମାବଦ୍ଧ କରି ରଖିବା ଉଚିତ ନୁହେଁ ।

ପୁନଶ୍ଚ, ସାମର୍ଥ୍ୟଗୁଡ଼ିକର କ୍ଷେତ୍ରରେ ଆମ ପକ୍ଷରେ କେବଳ ସଂଗ୍ରହ କରୁଥିବାହିଁ ମୋଟେ ସମ୍ଭବ ହେବ ନାହିଁ; କାରଣ ଆମେ ଯେତିକି ବ୍ୟୟ କରିବା, କେବଳ ସେହି ଅନୁପାତରେହିଁ ଆମର ଗ୍ରହଣ କରିବା ସମ୍ଭବ ହେବ : ଆମେ ଉଚିତ ଭାବରେ ଯେତେ ଅଧିକ ବ୍ୟୟ କରି ପାରୁଥିବା, ଠିକ୍ ସେହି ଅନୁପାତରେହିଁ ଗ୍ରହଣ କରିବା ଲାଗି ସମର୍ଥ ହୋଇ ପାରୁଥିବା । ଏହିପରି ଭାବରେ ବିଚାର କରି ଦେଖିଲେ, ଆମେ ଯେତିକି ବୁଦ୍ଧିକୁ କାମରେ ଲଗାଇ ପାରୁଥିବା, ଠିକ୍ ସେହି ଅନୁପାତରେହିଁ ବୁଦ୍ଧି ଅର୍ଜନ କରି ପାରିବା । କେତେକ ପରିମାଣରେ ବୁଦ୍ଧିଶକ୍ତିର ପରିଚୟ ଦେବାକୁ ଆମେ ସମସ୍ତେ ତିଆରି ହୋଇ ଆସିଛୁ ସତ, ମାତ୍ର ଯଦି ଆମେ ମାନସିକ କ୍ଷେତ୍ରରେ ଆପଣାର ବିକାଶ ସାଧନ କରି ପାରିବା, ଯଦି ଆମର ମସ୍ତିଷ୍କକୁ କାମରେ ଲଗାଇ ପାରିବା, ଯଦି ଆମେ ନିୟମିତ ଭାବରେ ସ୍ଥିର ହୋଇ ବସି ପାରୁଥିବା ଏବଂ ସର୍ବୋପରି ଯେତେ ଅଳପ ହେଲେ ମଧ୍ୟ, ଯଦି ଆମେ ଆମର ଏହି ଉଦ୍ୟମଗୁଡ଼ିକର ଫଳରେ ଅନ୍ୟମାନଙ୍କର ଉପକାର ସାଧନ କରି ବି ପାରୁଥିବା, ତେବେ ତଦ୍ଦ୍ୱାରା ଆମେ ଉତ୍ତରୋତ୍ତର ଗଭୀର ଏବଂ ବିଶୁଦ୍ଧ ହେବାରେ ଲାଗିଥିବା, ଅଧିକରୁ ଅଧିକ ପରିମାଣରେ ବୁଦ୍ଧିଶକ୍ତିକୁ ଗ୍ରହଣ କରିବା ସକାଶେ ମଧ୍ୟ ନିଜକୁ ସମର୍ଥ କରିବାରେ ଲାଗିଥିବା । ଏବଂ, ଶ୍ରଦ୍ଧା ଏବଂ ଆଧ୍ୟାତ୍ମିକତାର କ୍ଷେତ୍ରରେ ମଧ୍ୟ ଠିକ୍ ଏହି ନିୟମଟିକୁ ଲାଗୁ କରାଯାଇ ପାରିବ ।

ଆମେ ହେଉଛୁ ଗୋଟିଏ ଗୋଟିଏ ସରଣୀ ପରି : ସେହି ସରଣୀଗୁଡ଼ିକ ଦେଇ ଆମେ ଯାହାକିଛି ସଂଗ୍ରହ କରିଛୁ, ଯଦି ମୁକ୍ତ ଭାବରେ ସେହି ସଂଗ୍ରହଗୁଡ଼ିକୁ

'oaob.nitrkl.ac.in' images reprocessed

ବିତରଣ କରିବା ଲାଗି ସେହି ସରଣୀଗୁଡ଼ିକୁ ଅନୁମତି ଦିଆ ନଯାଏ, ତେବେ ସେଗୁଡ଼ିକର ପ୍ରବାହ ଯେ ବନ୍ଦ ହୋଇଯିବ ଓ ସେମାନେ ଯେ ଆଉକିଛି ଗ୍ରହଣ କରି ପାରିବେ ନାହିଁ, କେବଳ ସେତିକ ନୁହେଁ, ମାତ୍ର, ସେଗୁଡ଼ିକ ମଧ୍ୟରେ ଯାହାକିଛି ରହିଥିବ, ସେଗୁଡ଼ିକ ମଧ୍ୟ ନଷ୍ଟ ହୋଇଯିବ । ମାତ୍ର ଯଦି, ଅନ୍ୟ ପକ୍ଷରେ, ଆମେ ପ୍ରାଣିକ, ବୌଦ୍ଧିକ ଏବଂ ଆଧ୍ୟାତ୍ମିକ ଶକ୍ତିଗୁଡ଼ିକର ଏହି ସ୍ରୋତଟିକୁ ପୂର୍ଣ୍ଣ ପ୍ରାଚୁର୍ଯ୍ୟରେ ବହିବା ଲାଗି ବାଟ ଛାଡ଼ିଦେବା, ଆପଣାର ବ୍ୟକ୍ତିସ୍ୱାର୍ଥମାନଙ୍କୁ ପ୍ରତ୍ୟାହୃତ କରି ରଖି ଯଦି ଆମେ ଆମର କ୍ଷୁଦ୍ର ବ୍ୟକ୍ତିସତ୍ତାଟିକୁ ବୃହତ୍ତର ବିଶ୍ୱପ୍ରବାହଟି ସହିତ ସଂଯୁକ୍ତ କରି ରଖି ଜାଣିଥିବା, ତେବେ, ଆମେ ଯାହା ଦେଉଥିବା, ତାହା ଆମ ପାଖକୁ ଆହୁରି ଶହେ ଗୁଣ ହୋଇ ଫେରି ଆସିବାରେ ଲାଗିଥିବ ।

ସେହି ବୃହତ୍ତର ବିଶ୍ୱପ୍ରବାହଟିରୁ ଆପଣାକୁ ଯେପରି କଦାପି ଅସଂଲଗ୍ନ ହୋଇ ରହିବାକୁ ନହୁଏ, ତାହାର ସୂତ୍ରଟିକୁ ଜାଣିବା, ସେହି ବିଶ୍ୱପ୍ରବାହଟିରେ ଯେପରି କୌଣସି ଅସଂଲଗ୍ନତା ନ ରହେ, ସେଥିଲାଗି ଆପଣାକୁ ସେଥିରେ ଏକ ସଂଯୋଗକାରୀ ଛିଦ୍ର କରି ରଖିଥିବା,—ଏହାକୁହିଁ ଆମେ ପ୍ରକୃତ ବିଜ୍ଞାନ ବୋଲି ଜାଣିବା ଏବଂ ଯାବତୀୟ ଦାନଶୀଳତାର ଅସଲ ଗୁମରକାଠି ବୋଲି ଜାଣି ରଖିବା ।

ଦୁର୍ଭାଗ୍ୟବଶତଃ ଏହି କ୍ଷେତ୍ରରେ ପ୍ରାୟ ବିଶ୍ୱବ୍ୟାପୀ ହୋଇ ଏପରି ଏକ ଭ୍ରାନ୍ତି ରହିଛି, ଯାହାକି ସେହି ଜ୍ଞାନର ବ୍ୟାବହାରିକ ପ୍ରୟୋଗର ପଥରେ ଏକ ଅତ୍ୟନ୍ତ ଗମ୍ଭୀର ଅନ୍ତରାୟ ପରି ହୋଇ ରହିଛି ।

ସେହି ଭ୍ରାନ୍ତି ଏହିପରି ଏକ ବିଶ୍ୱାସରେ ନିହିତ ହୋଇ ରହିଛି ଯେ ଆମେ ବିଶ୍ୱର କୌଣସି ବସ୍ତୁକୁ ଆମ ନିଜର ସମ୍ପତ୍ତିରେ ପରିଣତ କରିଦେଇ ପାରିବା ଓ ତାହାର ଅଧିକାରୀ ହୋଇ ପାରିବା । ସକଳ ବସ୍ତୁ ପ୍ରକୃତରେ ସମସ୍ତଙ୍କର ସମ୍ପତ୍ତି, ଏବଂ କୌଣସି ବସ୍ତୁ ବିଷୟରେ "ଏଇଟା ହେଉଛି ମୋ'ର" ବୋଲି କହିବା ବା ଭାବିବାର ଅର୍ଥ ଏକ ପାର୍ଥକ୍ୟ ଏବଂ ଏକ ବିଭାଜନର ସୃଷ୍ଟି କରିବା, ଯାହାର କି ବାସ୍ତବରେ ଆଦୌ କୌଣସି ଅସ୍ତିତ୍ୱ ନଥାଏ ।

ହଁ, ସବୁ ଜିନିଷ ହେଉଛି ସମସ୍ତଙ୍କର; ଏପରିକି, ଆମେସବୁ ଯେଉଁ ଉପାଦାନ ଦେଇ ଗଢ଼ା ହୋଇଛୁ ଚିରନ୍ତନ ଗତିଶୀଳ ଅଣୁଗୁଡ଼ିକର ସେଇଁ ଘୂର୍ଣ୍ଣନଟି ସାମୟିକ ଭାବରେ ଆମର ଏହି ଶରୀରଟିକୁ ତିଆରି କରି ରଖିଛି, ଯାହା ଆପଣାକୁ ସେହି ଶରୀର ମଧ୍ୟରେ ଆଦୌ ସୀମାବଦ୍ଧ କରି ରଖି ନାହିଁ ଏବଂ ଯାହା କାଲି ହୁଏତ ଆଉ ଗୋଟିଏ ଶରୀରର ବି ନିର୍ମାଣ କରିବ, ତାହା ହେଉଛି ସମସ୍ତଙ୍କର ।

ହଁ, ଏକଥା ସତ ଯେ ଅନେକଙ୍କ ପାଖରେ ଅଚଳାଚଳ ସମ୍ପତ୍ତି ରହିଥାଏ । ମାତ୍ର ଆପଣାକୁ ବିଶ୍ୱର ବିଧାନଟି ସହିତ ଆଦୌ କୌଣସି ସଂଘାତ ମଧ୍ୟକୁ କଅଣିବାକୁ ହେଲେ, ସେମାନଙ୍କର ନିଜକୁ ସେହି ସମ୍ପତ୍ତିର ଜଣେ ଜଣେ

'oaob.nitrkl.ac.in' images reprocessed

ମାତ୍ର ସେମାନଙ୍କର ଏହି ଏକ ବିଷୟରେ ଏଇ ସତ୍ୟ ମନେ ରଖିବା ଉଚିତ, ଏହିସବୁ ସମ୍ପତ୍ତିର ପ୍ରହରୀ ଏବଂ ରକ୍ଷକ ବୋଲି ମନେ କରିବା ଉଚିତ । ସେମାନଙ୍କର ଜାଣିରଖିବା ଉଚିତ ଯେ ସେମାନଙ୍କର ହେପାଜତରେ ଏହିସବୁ ସମ୍ପତ୍ତିକୁ ଆଣି ରଖାଯାଇଛି, ଯେପରିକି ସମସ୍ତଙ୍କର ସର୍ବାଧିକ କଲ୍ୟାଣ ସାଧନ କରିବା ଲାଗି ସେମାନେ ସେଗୁଡ଼ିକର ବ୍ୟବହାର କରି ପାରିବେ ।

ଆମ ପାଖରେ ଯାହା ବଳକା ରହିଛି, ଆମ ସହିତ ସଂସାରରେ ଭେଟ ହେଉଥିବା ଦୁର୍ଭାଗ୍ୟମାନଙ୍କୁ ତାହାର ଯତ୍କିଞ୍ଚିତ୍ ଦାନ କରିବାର ସୀମିତ ଅର୍ଥଟିରେ ଦାନଶୀଳତାର ଯେଉଁ କଳ୍ପନା କରାଯାଇଥାଏ, ଆମେ ସେହି ସଂକୀର୍ଣ୍ଣ କଳ୍ପନା-ଠାରୁ କେତେ ନା କେତେ ଦୂରକୁ ଚାଲି ଆସିଲୁଣି । ଏବଂ, ଭୌତିକ ସମ୍ପତ୍ତି ବିଷୟରେ ଆମେ ଯାହାସବୁ କହିଲୁ, ଆଧ୍ୟାତ୍ମିକ ସମ୍ପତ୍ତିର କ୍ଷେତ୍ରରେ ମଧ୍ୟ ଠିକ୍ ସେହିକଥା ଅବଶ୍ୟ ଜୁହାଯିବ ।

"ଏହି ଜ୍ଞାନଟି ହେଉଛି ମୋ'ର" ବୋଲି ଯେଉଁମାନେ କହନ୍ତି, ଏବଂ, ସେହି ଜ୍ଞାନରୁ ଅନ୍ୟମାନଙ୍କୁ ଉପକୃତ ହେବାକୁ ଦେଉଥିବାରୁ ଯେଉଁମାନେ ଆପଣାକୁ ଅତ୍ୟନ୍ତ ଉଦାର ଓ ଦାନପରାୟଣ ବୋଲି ଭାବିବାରେ ଲାଗିଥାନ୍ତି, ସେମାନଙ୍କର ପ୍ରକୃତରେ କୌଣସି ଜ୍ଞାନ ନଥାଏ ବୋଲି କହିବାକୁ ହେବ ।

ଜ୍ଞାନରଗୁଡ଼ିକର ଜଗତ୍ ମଧ୍ୟ ପ୍ରକୃତରେ ସମସ୍ତଙ୍କର ସମ୍ପତ୍ତି; ଯାହାକୁ ଆମେ ବୁଦ୍ଧିର ଶକ୍ତି ବୋଲି କହିଥାଉ, ତାହା ମଧ୍ୟ ବସ୍ତୁତଃ ଏକ ବିଶ୍ୱଗତ ଶକ୍ତି ।

ଏକଥା ସତ ଯେ ଅନ୍ୟମାନଙ୍କ ତୁଳନାରେ କେତେକ ଲୋକଙ୍କଠାରେ ଜ୍ଞାନରଗୁଡ଼ିକର ଏହି କ୍ଷେତ୍ରଟି ସହିତ ସମ୍ବନ୍ଧ ସ୍ଥାପନ କରିବା ଏବଂ ଆପଣାର ସଚେତନ ମସ୍ତିଷ୍କଚର୍ଯ୍ୟା ଦ୍ୱାରା ତାହାର ପ୍ରକାଶ ଘଟାଇବା ଲାଗି ଅଧିକ ସାମର୍ଥ୍ୟ ରହିଥାଏ । ମାତ୍ର ଏହାଦ୍ୱାରା ସେମାନଙ୍କ ଉପରେ ଗୋଟିଏ ଅଧିକ ଦାୟିତ୍ୱ ଆଣି ନ୍ୟସ୍ତ କରା ଯାଇଥାଏ ବୋଲି କହିବାକୁ ପଡ଼ିବ : ଯେହେତୁ ସେମାନେ ଏହି ସମ୍ପଦଟିର ଅଧିକାରୀ ହୋଇ ପାରିଛନ୍ତି, ସେଇଥିପାଇଁହିଁ ସେମାନେ ତାହାର ପ୍ରହରୀ ହୋଇ ରହିବେ ଏବଂ ଯଥା ସମ୍ଭବ ଅଧିକ ଲୋକଙ୍କର ହିତସାଧନ ଲାଗି ଯେପରି ତାହାକୁ ବ୍ୟବହାର କରାଯାଇ ପାରିବ, ସେମାନେ ସେଥିଲାଗି ମଧ୍ୟ ଦାୟୀ ରହିବେ ।

ଏହାଛଡ଼ା ଆଉ ଯେତେ ଯାହା ବିଶ୍ୱଗତ ସାମର୍ଥ୍ୟ ରହିଛି, ସେଗୁଡ଼ିକର କ୍ଷେତ୍ରରେ ମଧ୍ୟ ଏହି କଥାଟି ସମାନ ଭାବରେ ଲାଗୁ ହୋଇ ପାରିବ । କେବଳ ସେହି ଏକତ୍ୱ କଳ୍ପନାଟି, ପ୍ରତ୍ୟେକ ବସ୍ତୁ ଓ ପ୍ରତ୍ୟେକ ବ୍ୟକ୍ତି ଯେ ପରସ୍ପରଠାରୁ ସମ୍ପୂର୍ଣ୍ଣ ଭାବରେ ଅଭିନ୍ନ ହୋଇ ରହିଛନ୍ତି, କେବଳ ଏହି କଳ୍ପନାଟି ଦ୍ୱାରା

'oaob.nitrkl.ac.in' images reprocessed

ପରିପୂର୍ଣ୍ଣଭାବେ ହୋଇ ପାରିଲେହିଁ ଆମେ ଯଥାର୍ଥ ଭାବରେ ଦାନଶୀଳ ଏବଂ ଉଦାର-ହସ୍ତ ହୋଇ ପାରିବା ।

ମାତ୍ର, ବର୍ତ୍ତମାନ ସେହି ନିୟମଟିର ଅନୁଶୀଳନ କରିବାର କ୍ଷେତ୍ରକୁ ଆସି ଆମେ ଦେଖି ପାରବା ଯେ ସେହି ଗୁଣଟିକୁ ପରିପୂର୍ଣ୍ଣ ଏବଂ ଫଳପ୍ରଦ ଭାବରେ କାର୍ଯ୍ୟାନ୍ୱିତ କରିବାର ପଥରେ ଆହୁରି ଗୋଟିଏ ଗୁରୁତର ପ୍ରମାଦ ବି ରହିଛି ।

ଅଧିକାଂଶ ଲୋକଙ୍କ କ୍ଷେତ୍ରରେ ଏହିପରି ହୋଇଥାଏ ଯେ, ସେମାନେ କାହାର ପ୍ରକୃତରେ କୌଣସି ଏକ ବସ୍ତୁ ଲାଗି ଆଦୌ ଏକ ଆବଶ୍ୟକତା ରହିଛି କି ନାହିଁ, ସେକଥା ନଜାଣିହିଁ ଯାହାକୁ ମନ ତାକୁ ଯାହା ମନ ତାହା ଦେଇ-ଦେବାକୁହିଁ ଦାନଶୀଳତା ବୋଲି ଭାବୁଥାନ୍ତି ।

ଏହିପରି ଭାବରେ ଦାନଶୀଳତାକୁ ଏକ ଭାବପ୍ରବଣ ଦୁର୍ବଳତା ଏବଂ ବୁଦ୍ଧିହୀନ ଅମିତାଚାରର ସମବାଚୀ କରି ଦିଆ ଯାଇଥାଏ ।

ଏହି ଗୁଣଟିର ପ୍ରକୃତ ସାରମର୍ମଟିର ଆଉ କେହି ଅଧିକ ବିରୋଧାଚରଣ କରନ୍ତି ବୋଲି ମୋ'ର ମନେ ହେଉ ନାହିଁ ।

ବସ୍ତୁତଃ ଯାହାର ଗୋଟିଏ ଜିନିଷ ଲାଗି ଆଦୌ କୌଣସି ଆବଶ୍ୟକତା ନାହିଁ ଏବଂ ଯଦି ଆମେ ତାହାକୁ ସେହି ଜିନିଷଟିକୁ ଦାନ କରୁ, ତେବେ ତାହାର ପ୍ରକୃତରେ ଆବଶ୍ୟକତା ରହିଥିବା ଏକ ଦ୍ରବ୍ୟକୁ ତାକୁ ନ ଦେବା ଦ୍ୱାରା ଯେତିକି ଅନୁଦାରତାର ପରିଚୟ ମିଳିଥାଏ, ଏଥିରେ ମଧ୍ୟ ଠିକ୍ ସେତିକି ଅନୁଦାରତାର ପରିଚୟ ମିଳିବ ।

ଏବଂ ଏହି କଥାଟି ଆଧ୍ୟାତ୍ମିକ କ୍ଷେତ୍ରର ବସ୍ତୁଗୁଡ଼ିକ ପ୍ରତି ଯେତିକି ପ୍ରଯୁଜ୍ୟ, ଶରୀରକ୍ଷେତ୍ରର ବସ୍ତୁଗୁଡ଼ିକ ପ୍ରତି ମଧ୍ୟ ସେତିକି ପ୍ରଯୁଜ୍ୟ ।

ଭୌତିକ ସମ୍ପଦଗୁଡ଼ିକର ଅନୁଚିତ ବିତରଣ ଦ୍ୱାରା ଆମେ ହୁଏତ କେତେକ ବ୍ୟକ୍ତିଙ୍କର ପତନକୁ ତ୍ୱରାନ୍ୱିତ ହୋଇ ଆସିବାରେ ବେଶ୍ ସାହାଯ୍ୟ କରିବା, କାରଣ ସେମାନେ ତଦ୍ୱାରା ଅଧିକ ଆଳସ୍ୟପରାୟଣ ହେବାର ପ୍ରୋତ୍ସାହନ ପାଇବେ । ସେମାନଙ୍କୁ ଅଧିକ ଉଦ୍ୟମଶୀଳ କରାଇ ସେମାନଙ୍କର ଅଗ୍ରଗତିରେ ସହାୟକ ହେବା ଏହା ଦ୍ୱାରା ଆଦୌ ସମ୍ଭବ ହେବ ନାହିଁ ।

ବୁଦ୍ଧିମତ୍ତା ଏବଂ ଜ୍ଞାନର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା । ଜଣକୁ ଏପରି ଏକ ଦୁରୂହ ଜ୍ଞାନ ପ୍ରଦାନ କରିବା, ଯାହାକୁ କି ସିଏ ମୋଟେ ହଜମ କରି ପାରୁ ନ ଥିବ, ଏପରି ଗୁଡ଼ିଏ ବୋଝର ନେଇ ତା' ଉପରେ ଗଦା କରିଦେବା, ଯାହାକୁ କି ସିଏ ଗ୍ରହଣ କରି ପାରୁ ନ ଥିବ,—ତଦ୍ୱାରା ଆମେ, ସବୁଦିନ ପାଇଁ ନ ହେଲେ ମଧ୍ୟ ଅନ୍ତତଃ ବହୁଦିନ ପାଇଁ, ତାକୁ ନିଜେ ଚିନ୍ତାକରି ଶିଖିବାର ସମ୍ଭାବନାଟିରୁହିଁ ବଞ୍ଚିତ କରି ରଖିବା ।

'oaob.nitrkl.ac.in' images reprocessed

ଠିକ୍ ସେହିପରି ଭାବରେ, କେତେକ ଲୋକଙ୍କ ଉପରେ ଏପରି ଏକ ସ୍ନେହକୁ ନେଇ ଲଦିଦେବା, ଏପରି ଏକ ଶ୍ରଦ୍ଧାକୁ ନେଇ ଅଜାଡ଼ି ଦେବା ଯାହା ଲାଗି କି ସେମାନେ ଆଦୌ କୌଣସି ଆବଶ୍ୟକତାହିଁ ଅନୁଭବ କରୁ ନ ଥିବେ,—ତଦ୍ୱାରା ଆମେ ସେମାନଙ୍କୁ ଏପରି ଏକ ବୋଝ ବୋହିବାକୁ ବାଧ୍ୟ କରି ରଖିବା ଯାହାକୁ କି ସେମାନଙ୍କର କାନ୍ଧ ବହନ କରିବା ଲାଗି ଏକାନ୍ତ ଅକ୍ଷମ ହେଉଥିବ ।

ପ୍ରଧାନତଃ ଦୁଇଟି କାରଣରୁ ଆମେ ଏହି ଭୁଲ୍‌ଟିକୁ କରିଥାଉ, ଏବଂ ଅନ୍ୟ କାରଣଗୁଡ଼ିକୁ ଆମେ ଏହି ଦୁଇଟି ସହିତ ବେଶ୍ ଖିଅ ଲଗାଇ ବୁଝିନେଇ ପାରିବା । ସେହି ଦୁଇଟି କାରଣ ମଧ୍ୟରୁ ଗୋଟିଏ ହେଉଛି ଅଜ୍ଞାନ, ଆଉଟି ହେଉଛି ଅହଂକାରିତା ।

ଆମେ ଯେଉଁ କାର୍ଯ୍ୟଟିକୁ କରୁଛୁ ବା କରିବାକୁ ଯାଉଛୁ, ତାହା ପ୍ରକୃତରେ କାହାର କୌଣସି ଉପକାର କରିବ କି ନାହିଁ, ସେବିଷୟରେ ନିଶ୍ଚିତ ଭାବରେ ଜାଣିବାକୁ ହେଲେ ଆମକୁ ସେଇଟିର ଆଶୁ ଅଥବା ସୁଦୂରପ୍ରସାରୀ ପରିଣାମଗୁଡ଼ିକୁ ଅବଶ୍ୟ ଜାଣିବାକୁ ପଡ଼ିବ । ଏବଂ, ଦୟାଶୀଳତାର କୌଣସି କାର୍ଯ୍ୟକୁ ମଧ୍ୟ ଏହି ନିୟମଟିର ଏକ ବ୍ୟତିକ୍ରମ ବୋଲି କଦାପି ମନେ କରାଯିବ ନାହିଁ ।

ହିତ କରିବାର ଇଚ୍ଛାହିଁ କଦାପି ଯଥେଷ୍ଟ ନୁହେଁ, ସେଥିପାଇଁ ଆମକୁ ସବୁକଥା ଜାଣିବାକୁ ବି ପଡ଼ିବ ।

ଦୟାଶୀଳତାର ଅସଲ ମର୍ମଟିରୁ ତାହାକୁ ବିଚ୍ୟୁତ କରିରଖି ଏବଂ ତାହାର ପରିମାଣଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ବିକୃତ ଧାରଣାମାନ ପୋଷଣ କରି ଦୟାଶୀଳତାର ନାମରେ ଏହି ସଂସାରରେ ପ୍ରକୃତରେ କେତେ ଅନିଷ୍ଟକର ଆଚରଣ କରା ନ ଯାଇଛି !

ଦୟାଶୀଳତା ନାମରେ କରାଯାଉଥିବା ଏପରି ଅନେକ କାର୍ଯ୍ୟରେ ମୁଁ ଉଦାହରଣ ଦେଇପାରିବି, ଯାହାର ପରିଣାମ କି ପ୍ରକୃତରେ ଅତ୍ୟନ୍ତ ସାଂଘାତିକ ହୋଇ ପଡ଼ିଛି । କୌଣସି ପ୍ରକାର ଚିନ୍ତା ନ କରି, ବିବେଚନା ନ କରି, ନ ବୁଝି, ଏବଂ ଆଦୌ କୌଣସି ଅନ୍ତଃଦୃଷ୍ଟି ନ ଥାଇ ଏହିସବୁ କାର୍ଯ୍ୟ କରାଯାଇଛି ବୋଲି ସେପରି ହୋଇଛି ।

ଅନ୍ୟ ଯାବତୀୟ ବିଷୟ ପରି, ଆମ ଭିତରେ ଏକ ଅତ୍ୟନ୍ତ ସଚେତନ ଏବଂ ବୁଦ୍ଧିଯୁକ୍ତ ଇଚ୍ଛାର ପରିଣାମ ସ୍ୱରୂପହିଁ ଦାନଶୀଳତାର ଅନୁଶୀଳନ କରାଯିବା ଉଚିତ । କାରଣ, କେବଳ ଆବେଗ ଦ୍ୱାରା ପ୍ରେରିତ ହୋଇ ଆମେ ଯାହାକିଛି କରିବା, ସେଥିରେ ଖାଲି ପ୍ରମାଦହିଁ ଘଟିବ ଏବଂ ତାହା ସର୍ବୋପରି ଆମର ଅହଂକାରିତାରହିଁ ପରିଚୟ ଦେବ ।

'oaob.nitrkl.ac.in' images reprocessed

ମାତ୍ର ଦୁର୍ଭାଗ୍ୟବଶତଃ ସ୍ୱୀକାର କରିବାକୁ ହେବ ଯେ, ଏହି ଦାନଶୀଳତା ଅତ୍ୟନ୍ତ କ୍ୱଚିତ୍ ସ୍ୱାର୍ଥଭାବନାରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇ ରହିଥାଏ ।

କୌଣସି ଜଣେ ବ୍ୟକ୍ତିଗତ ଈଶ୍ୱରଙ୍କର ଆଖିରେ ପୁଣ୍ୟ ଉପାର୍ଜନ କରିବା ଲାଗି ବା ଶାଶ୍ୱତ ସ୍ୱର୍ଗର ସୁଖ ଲାଭ କରିବା ଲାଗି ଯେଉଁ ଦାନଶୀଳତାର ଅନୁଶୀଳନ କରାଯାଇଥାଏ, ଏଠାରେ ମୁଁ ସେହି ଦାନଶୀଳତା ବିଷୟରେ ଆଦୌ କିଛି କହୁନାହିଁ ।

ଏହି ସମ୍ପୂର୍ଣ୍ଣ ନୀଚ ସ୍ତରର ଦାନଶୀଳତାକୁ ଏକ ନିକୃଷ୍ଟତମ ମୂଲ କଷାକଷି ବୋଲିହିଁ ବୁଝାଯିବ, ଏବଂ ଏହାକୁ ଦାନଶୀଳତା ବୋଲି ଅଭିହିତ କରି ବସିଲେ ତାହା ସେହି ନାମଟିରେ କଳଙ୍କ ଲଗାଇଦେବା ପରି ହେବ ।

ମାତ୍ର ଦାନଶୀଳ ହେବା ଦ୍ୱାରା ମିଳୁଥିବା ଆନନ୍ଦଟି ନିମନ୍ତେହିଁ ଯେଉଁ ଦାନଶୀଳତାର ଆଚରଣ କରାଯାଏ ଏବଂ ଯାହା ତଥାପି ଯାବତୀୟ ପ୍ରକାରର ରୁଚି ଅରୁଚି ଏବଂ ଆକର୍ଷଣ ଓ ବିକର୍ଷଣର ଅଧୀନ ହୋଇ ରହିଥାଏ, ଏଠାରେ ମୁଁ ତାହାରି ବିଷୟରେ କହୁଛି ।

ସେହି କିସମର ଦାନଶୀଳତା ପ୍ରକୃତରେ ଅତ୍ୟନ୍ତ କ୍ୱଚିତ୍ହିଁ ପ୍ରତିଦାନରେ କାହାଠାରୁ କୃତଜ୍ଞତା ପାଇବାର ବାସନାଟିରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇ ରହିଥାଏ । ଏବଂ, ଏହିପରି ଏକ ବାସନାହିଁ କୌଣସି କାର୍ଯ୍ୟକୁ ପୂର୍ଣ୍ଣ ଭାବରେ ମୂଲ୍ୟସମ୍ପନ୍ନ କରି ରଖିବା ଲାଗି ଆବଶ୍ୟକ ହେଉଥିବା ସେହି ପକ୍ଷପାତମୁକ୍ତ ସ୍ପଷ୍ଟ ଦୃଷ୍ଟିକୁ ଅତ୍ୟନ୍ତ ମଳିନ କରି ଦେଇଥାଏ ।

ସବୁ କ୍ଷେତ୍ର ପରି ଦାନଶୀଳତାରେ ମଧ୍ୟ ଏକ ପ୍ରଜ୍ଞା ନିହିତ ହୋଇ ରହିଛି; ଏହି ପ୍ରଜ୍ଞାଟି ହେଉଛି ଯେ ଯେକୌଣସି ଦାନଶୀଳତାରେ ନଷ୍ଟର ପରିମାଣ ସର୍ବଦା ସଂନିମ୍ନ ହୋଇ ରହିଥିବ ।

ତେଣୁ, ଯଥାର୍ଥରେ ଦାନଶୀଳ ହୋଇ ପାରିବାକୁ ହେଲେ ଆମକୁ ବ୍ୟକ୍ତି ବାସନାମୁକ୍ତ ହେବାକୁ ପଡ଼ିବ ।

ଏବଂ, ଆମେ ଏଠାରେ ପୁନର୍ବାର ଠିକ୍ ସେହି କଥାଟିକୁ ନିଶ୍ଚୟ ଦେଖିବାକୁ ପାଇବା ଯେ, ସେହି ଗୋଟିଏ ଆବଶ୍ୟକତାର ବିନ୍ଦୁରେହିଁ ମାନବ-ପ୍ରଗତିର ସବୁଯାକ ରେଖା ଆସି ସମ୍ମିଳିତ ହୋଇଛନ୍ତି । ସେହି ବିନ୍ଦୁଟି ହେଉଛି ଆପଣା ଉପରେ କର୍ତ୍ତୃତ୍ୱ ଅର୍ଜନ କରିବାର ବିନ୍ଦୁ, ନୂତନ ଏବଂ ଯଥାର୍ଥ ଜୀବନ ମଧ୍ୟରେ ଜନ୍ମଲାଭ କରିପାରିବା ନିମନ୍ତେ ଯେଉଁଠାରେ ନିଜର ସକଳ ଅହଂଭାବନାର ବିଲୁପ୍ତି ସାଧନ କରିବାକୁ ପଡ଼ିଥାଏ ।

ସବୁକିଛିରେ ନିଜକୁ ନେଇ ଯୋଡ଼ି ରଖିବାର ଏହି ଅଭ୍ୟାସଟି ମଧ୍ୟରୁ ଆମେ ଆପଣାକୁ ଯେତିକି ଅଧିକ ପରିମାଣରେ ମୁକ୍ତ କରି ଆଣିପାରିବା, ଆମେ

'oaob.nitrkl.ac.in' images reprocessed

ଠିକ ସେହିଭଳି ପରିମାଣରେହିଁ ଯଥାର୍ଥରେ ଫଳପ୍ରଦ ହୋଇପାରୁଥିବା ଏକ ଦାନଶୀଳତାର ଅନୁଶୀଳନ କରିପାରିବା, ଶ୍ରଦ୍ଧା ସହିତ ଏକାତ୍ମ ହୋଇ ରହିଥିବା ଦାନଶୀଳତାର ଆଚରଣ କରିପାରିବା ।

ପୁନଶ୍ଚ, ଏପରି ଗୋଟିଏ ଉଚ୍ଚ ବିନ୍ଦୁ ହିଁ ଅଛି, ଯେଉଁଠାରେ କି ସବୁଯାକ ଗୁଣ ଏକତ୍ର ପରସ୍ପର ସହିତ ସମ୍ମିଳିତ ହୋଇ ରହିଥାନ୍ତି । ଶ୍ରଦ୍ଧା, ସକୃତଜ୍ଞତା, ସହାନୁଭବ, ସହୃଷ୍ଣୁତା ଏବଂ ଦାନଶୀଳତା,—ଏଗୁଡ଼ିକୁ, ସବୁଯାକଙ୍କୁ ଆମେ ମର୍ମତଃ ସେହି ଗୋଟିଏ ବସ୍ତୁ ବୋଲି ଜାଣିବା ।

ଏହି ଦୃଷ୍ଟିରୁ ବିଗ୍ଚର କରି ଦେଖିଲେ, ଶ୍ରଦ୍ଧାର ଯାବତୀୟ ଗୁଣର ପ୍ରୟୋଗ ଦ୍ୱାରା ଆଚରିତ ହେଉଥିବା କୌଣସି ସାକାର ଓ ବାସ୍ତବକ୍ଷେତ୍ରୀୟ କାର୍ଯ୍ୟକୁହିଁ ଆମେ ଦାନଶୀଳତା ବୋଲି କହିପାରିବା ।

କାରଣ, ଏପରି ଗୋଟିଏ ସାମର୍ଥ୍ୟ ରହିଛି, ଯାହାକୁକି ସର୍ବଦା ଓ ସମସ୍ତଙ୍କ ଲାଗି ବିତରଣ କରି ଦିଆଯାଇ ପାରିବ । ମାତ୍ର, ସେଥିଲାଗି ତାହାକୁ ସର୍ବାଧିକ ପରିମାଣରେ ଏକ ନୈର୍ବ୍ୟକ୍ତିକ ଆକାରରେହିଁ ବିତରଣ କରିବାକୁ ପଡ଼ିବ : ଏହାକୁହିଁ ଆମେ ଶ୍ରଦ୍ଧା ବୋଲି କହୁବା; ଯେଉଁ ଶ୍ରଦ୍ଧା ମଧ୍ୟରେ ଆଲୋକ ଏବଂ ଜୀବନ ଅନ୍ତର୍ଭୁକ୍ତ ହୋଇ ରହିଛି, ଅର୍ଥାତ୍ ଯାହା ଭିତରେ ବୁଦ୍ଧିମତ୍ତା ସୁସ୍ଥତା ଏବଂ ବିକାଶଲାଭର ଯାବତୀୟ ସମ୍ଭାବନା ଅନ୍ତର୍ଗତ ହୋଇ ରହିଛି, ତାହାକୁ ଆମେ ସେହି ଶ୍ରଦ୍ଧା ବୋଲି ଜାଣିବା ।

ହଁ, ଏକ ଅତ୍ୟୁଚ୍ଚ ସ୍ତରର ମଧ୍ୟ ଏକ ଦାନଶୀଳତା ରହିଛି, ଏକ ହର୍ଷ-ପୁଲକିତ ହୃଦୟରୁ ଯାହାର ଉଦ୍‌ଗମ ହୋଇଥାଏ, ଏକ ପ୍ରଶାନ୍ତ ଆତ୍ମାରୁହିଁ ଯାହା ଜନ୍ମଲାଭ କରିଥାଏ ।

ଯିଏ ଅନ୍ତର୍ଗତ ଯଥାର୍ଥ ଶାନ୍ତିର ଅଧିକାରୀ ହୋଇପାରିଛି, ଯିଏ ଯେଉଁଠାକୁ ଗଲେ ମଧ୍ୟ ସର୍ବଦା ବିମୋଚନରହିଁ ଅଗ୍ରଦୂତ ହୋଇ ରହିଥାଏ, ଯିଏ ସବୁଠାରେ ଆଶା ଏବଂ ଆନନ୍ଦର ବାହକ ହୋଇ ପ୍ରବେଶ କରେ । ଦାରିଦ୍ର୍ୟ ଏବଂ ନାନା ଦୁଃଖ ଦ୍ୱାରା ପ୍ରପୀଡ଼ିତ ମାନବଜାତି ସବୁଠାରୁ ଅଧିକ ପରିମାଣରେ ଏହିଗୁଡ଼ିକୁହିଁ ଆବଶ୍ୟକ କରୁ ନାହିଁ କି ?

ହଁ, ଏପରି କେତେକ ଲୋକ ଅଛନ୍ତି ଯେଉଁମାନଙ୍କର ସକଳ ଭାବନା ଗୋଟାସୁଦ୍ଧା କେବଳ ଶ୍ରଦ୍ଧା ଦ୍ୱାରାହିଁ ସିକ୍ତ ହୋଇ ରହିଥାଏ, ଯେଉଁମାନେ ସେହି ଶ୍ରଦ୍ଧାରହିଁ ବିକିରଣ କରୁଥାନ୍ତି ଏବଂ ଏହିସବୁ ବ୍ୟକ୍ତିଙ୍କର କେବଳ ଉପସ୍ଥିତିହିଁ ଯେକୌଣସି ଦାନଶୀଳତାଠାରୁ ଅଧିକ ସକ୍ରିୟ ଓ ଅଧିକ ବାସ୍ତବ ଏକ ମୁକ୍ତ ଦ୍ୱାର ରୂପେ କାର୍ଯ୍ୟ କରିବାର ସାମର୍ଥ୍ୟ ରଖିଥାଏ ।

'oaob.nitrkl.ac.in' images reprocessed

ସେମାନେ ହୁଏତ ପଦେ ହେଲେ କଥା କହନ୍ତି ନାହିଁ, ଗୋଟିଏ ବି ସଙ୍କେତ ଦିଅନ୍ତି ନାହିଁ, — ତଥାପି ସେହିମାନଙ୍କ ଦ୍ୱାରାହିଁ ରୋଗୀର ରୋଗ ଦୂର ହୋଇଯାଏ, ଯନ୍ତ୍ରଣା ପାଉଥିବା ବ୍ୟକ୍ତିର ଯନ୍ତ୍ରଣାରେ ଉପଶମ ହୁଏ, ଅଜ୍ଞାନୀର ଜ୍ଞାନୋଦ୍ରେକ ଘଟେ, ଦୁଷ୍ଟର ଦୁଷ୍ଟତା ଶାନ୍ତ ହୋଇଯାଏ, ଦୁଃଖୀକୁ ସାନ୍ତ୍ୱନା ବି ମିଳିଯାଏ, ଏବଂ ସମ୍ପୃକ୍ତ ସମସ୍ତଙ୍କର ଜୀବନରେ ଏପରି ଏକ ଗଭୀର ରୂପାନ୍ତର ସଂଘଟିତ ହୋଇଯାଏ, ଯାହାକି ସେମାନଙ୍କ ଆଗରେ କେତେ କେତେ ନୂତନ ଦିଗ୍‌ବଳୟକୁ ଆଣି ଉନ୍ମୋଚିତ କରିଦିଏ, ସେମାନଙ୍କୁ ନିଃସନ୍ଦେହ ଭାବରେ ଏକ ମୀମାଂସକ ପଦକ୍ଷେପ ନେଇ ଆଗକୁ ଯିବାକୁ ସମର୍ଥ କରାଏ, ଅଗ୍ରଗତିର ଅନନ୍ତ ପଥରେ ବାହାରି ଚାଲିଯିବା ଲାଗି ପ୍ରେରଣା ଦିଏ ।

ଶ୍ରଦ୍ଧା ଦ୍ୱାରା ପ୍ରେରିତ ହୋଇ ଏହି ଯେଉଁ ବ୍ୟକ୍ତିମାନେ ନିଜର ସବୁକିଛି ଦାନ କରନ୍ତି, ସମସ୍ତଙ୍କର ପରିକର ହୋଇ ବାହାରିଥାନ୍ତି, ସେହିମାନେହିଁ ସେହି ସର୍ବୋଚ୍ଚ ଓ ପରମ ଦାନଶୀଳତାର ଜଣେ ଜଣେ ଜୀବନ୍ତ ପ୍ରତୀକ ହୋଇ ରହିଥାନ୍ତି ।

ବନ୍ଧୁଗଣ, ଆପଣମାନଙ୍କ ମଧ୍ୟରୁ ଯେଉଁମାନେ ଯଥାର୍ଥରେ ଦାନଶୀଳତାର ଆଚରଣ କରିବାକୁ ଆକାଙ୍‌କ୍ଷା ରଖିଛନ୍ତି, ମୁଁ ଏହି ଇଚ୍ଛାଟିକୁ ଜୀବନ୍ତ କରିବାରେ ଆପଣମାନଙ୍କୁ ସମସ୍ତଙ୍କୁ ମୋ'ର ଭାବନା ସହିତ ଆପଣମାନଙ୍କର ଭାବନାକୁ ଆଣି ସମ୍ମିଳିତ କରି ରଖିବା ଲାଗି ଆବାହନ କରୁଛି : ଆମେ ଯେପରି ପ୍ରତ୍ୟେକ ଦିନ କିଞ୍ଚିତ୍ ଅଧିକ ପରିମାଣରେ ସେହିମାନଙ୍କର ଦୃଷ୍ଟାନ୍ତଟିକୁ ଅନୁସରଣ କରିବାକୁ ଚେଷ୍ଟା କରିପାରିବା, ଯେପରି କି, ଏହିପରି ଅଗ୍ରସର ହୋଇ ଆମେ ସେହିମାନଙ୍କ ପରିହିଁ ହୋଇପାରିବା । ଏହି ପୃଥିବୀରେ ଆଲୋକ ଏବଂ ପ୍ରେମର ବାର୍ତ୍ତାବହ ହୋଇ ରହି ପାରିବା ।

୨୦ ମଇ ୧୯୧୨

'oaob.nitrkl.ac.in' images reprocessed

ଭିତରେ ଯେଉଁ ଭଗବାନ୍ ଅଛନ୍ତି

ଆମ ଭିତରର ଯାହାକିଛି ଆମ ଅନ୍ତରର ଭିତରେ ରହିଥିବା ପରମ ଦିବ୍ୟତା ଲାଗି ଉତ୍ସର୍ଗୀକୃତ ହୋଇ ନ ପାରିଛି, ତାହା ନାନା ଯନ୍ତ୍ରରେ ଚାଳିତ ହୋଇ ରହିଥିବା ସେହି ସକଳ ବସ୍ତୁର ଅଧିକାରୀ ହୋଇ ରହିଛି, ଯାହାକି ଆମର 'ଅସ୍ମିତା'ଟିକୁ ପରିବେଷ୍ଟନ କରି ରହିଛି, ଆମେ ଭୁଲ ଅଯଥାର୍ଥଭାବରେ ଯାହାକୁ 'ମୁଁ' ବୋଲି କହୁଥାଉ, ତାହାରି ଉପରେ କ୍ରିୟାଶୀଳ ହୋଇ ରହିଛି । ଆମ ଇନ୍ଦ୍ରିୟଗୁଡ଼ିକର ମାଧ୍ୟମରେ ତାହା ଏହିପରି କ୍ରିୟାଶୀଳ ହେଉଛି ଅଥବା ନାନା ଇଙ୍ଗିତ ଦ୍ୱାରା ପ୍ରତ୍ୟକ୍ଷଭାବରେ ଆମର ମନ ଉପରେ ମଧ୍ୟ କାର୍ଯ୍ୟ କରୁଛି ।

ଯେଉଁ ଦିବ୍ୟ ପରମ ସତ୍ତା ସବୁଟି ମଧ୍ୟରେ ବିରାଜିତ ରହିଛନ୍ତି, କେବଳ ତାଙ୍କରି ସହିତ ଏକ ହୋଇଯାଇ ପାରିଲେହିଁ ଆମେ ଆପଣାକୁ ଏକ ସଚେତନ ସତ୍ତାରେ ପରିଣତ କରିପାରିବା, ଆମେ ପ୍ରକୃତରେ ନିଜେ ଯାହା, ଠିକ୍ ତାହାହିଁ ହୋଇ ପାରିବା । କିନ୍ତୁ ସେହି କଥାଟିକୁ କରି ପାରିବାକୁ ହେଲେ ଆମକୁ ଦୃଢ଼ ଅଭିନିବେଶ ଦ୍ୱାରା ବାହ୍ୟ ଯାବତୀୟ ପ୍ରଭାବ ମଧ୍ୟରୁ ନିଜକୁ ବିଚ୍ଛିନ୍ନ ଓ ପ୍ରତ୍ୟାହୃତ କରି ରଖିବାକୁ ପଡ଼ିବ ।

ଅନ୍ତରସ୍ଥ ସେହି ପରମ ଦିବ୍ୟତା ସହିତ ତୁମେ ଯେତେବେଳେ ସଂଯୁକ୍ତ ହୋଇ ରହି ପାରିବ, ସେତେବେଳେ ତୁମେ ଯାବତୀୟ ବସ୍ତୁର ଗଭୀରତମଟି ସହିତ ପରିଚିତ ବି ହୋଇ ପାରିବ ଏବଂ ସେହିଠାରେହିଁ ସେଗୁଡ଼ିକ ସହିତ ସଂଯୁକ୍ତ ରହି ପାରିବ । ଏବଂ, ସେହି ପରମ ଦିବ୍ୟତା ଦେଇହିଁ ତୁମେ ସେହି ଯାବତୀୟ ବସ୍ତୁ ସହିତ ନିଜକୁ ଯଥାର୍ଥ ଭାବରେ ସମ୍ବନ୍ଧିତ କରି ରଖିପାରିବ । ସେତେବେଳେ ଆଉ କୌଣସି ଆକର୍ଷଣ କିଂବା ବିକର୍ଷଣ ଆଦୌ ରହିବ ନାହିଁ, ଏବଂ ଯାହାକିଛି ସେହି ଦିବ୍ୟସତ୍ତାର ନିକଟବର୍ତ୍ତୀ ହୋଇ ରହିଛି, ତୁମେ ମଧ୍ୟ ତାହାର ନିକଟବର୍ତ୍ତୀ ହୋଇ ରହିପାରିବ; ଯାହାକିଛି ତାହାର ଦୂରବର୍ତ୍ତୀ ହୋଇ ରହିଛି, ତୁମଠାରୁ ମଧ୍ୟ ତାହା ଦୂରବର୍ତ୍ତୀ ହୋଇ ରହିଥିବ ।

ଅନ୍ୟମାନଙ୍କ ସହିତ ଏକତ୍ର ବାସ କରୁଥିବା ବେଳେ, ତୁମକୁ ଏକ ଦିବ୍ୟ ଦୃଷ୍ଟାନ୍ତ ହୋଇ ରହିବାକୁ ହେବ, ଦିବ୍ୟ ଜୀବନକୁ ଯଥାର୍ଥ ଭାବରେ ବୁଝିବା ଲାଗି ଏବଂ ସେହି ମାର୍ଗରେ ପ୍ରବିଷ୍ଟ ହେବା ଲାଗି ତୁମେ ଏହା ଦ୍ୱାରା ସେମାନଙ୍କୁ ଏକ ଅବସର ପ୍ରଦାନ କରି ପାରୁଥିବ । ମାତ୍ର ଏତିକିଠାରୁ ଆଉ କଦାପି ଅଧିକ ନୁହେଁ;

'oaob.nitrkl.ac.in' images reprocessed

ସେମାନେ ଅଗ୍ରଗଣ୍ୟ କରନ୍ତୁ ବୋଲି ବି ତୁମ ଭିତରେ ଆଦୌ କୌଣସି ବାସନା ରହିବ ନାହିଁ, କାରଣ ସେତିକକୁ ମଧ୍ୟ ହୁଏତ ଅହଙ୍କାରପ୍ରଣୋଦିତ ବୋଲି ବୁଝାଯାଇ ପାରିବ ।

ଅନ୍ତରସ୍ଥ ପରମ ଦିବ୍ୟସତ୍ତାଙ୍କ ସହିତ ତୁମେ ସୁନିଶ୍ଚିତ ଭାବରେ ଏକତ୍ୱ ଲାଭ କରି ନ ଥିବା ପର୍ଯ୍ୟନ୍ତ, ବାହ୍ୟ ପୃଥିବୀଟି ସହିତ ତୁମର ଏହି ସର୍ବୋତ୍ତମ ସମ୍ବନ୍ଧଟି ରହିବ ଯେ, ଯେଉଁମାନେ ସ୍ୱୟଂ ଏହି ଏକତ୍ୱଟିକୁ ନିଜ ଜୀବନରେ ଉପଲବ୍ଧି କରିଥିବେ, ତୁମେ ସେହିମାନଙ୍କର ସର୍ବସମ୍ମତ ପରାମର୍ଶ ଅନୁସାରେ ସର୍ବଦା କାର୍ଯ୍ୟ କରୁଥିବ ।

ତୁମେ ସର୍ବଦା ଶୁଭଚିନ୍ତାରେହିଁ ଏକ ସ୍ଥିତିରେ ରହିଥିବ, ଏବଂ ତାହାହିଁ ତୁମ ଜୀବନର ନିୟମ ହୋଇ ରହିଥିବ । ମାତ୍ର, ତୁମେ କେବେହେଲେ କୌଣସି କଥାରେ ବ୍ୟସ୍ତ ହୋଇ ପଡ଼ି ନ ଥିବ, ଅନ୍ୟମାନଙ୍କର କୌଣସି ସନ୍ତାପର କାରଣ ବି ହେବ ନାହିଁ, ତୁମେ ଯଥାସମ୍ଭବ ସେମାନଙ୍କୁ କୌଣସି ଦୁଃଖ ଦେବ ନାହିଁ ।

୮ ଜୁନ୍ ୧୯୧୨

'oaob.nitrkl.ac.in' images reprocessed

ମାଆ ଓ ଅବ୍ଦୁଲ ବାହା

ବାହାଇ ଧର୍ମର ପ୍ରତିଷ୍ଠାତା ବାହା ଉଲ୍ଲାଙ୍କର ଉତ୍ତରାଧିକାରୀ ଅବ୍ଦୁଲ ବାହାଙ୍କୁ ମୁଁ ଖୁବ୍ ଭଲ ଭାବରେ ଜାଣିଥିଲି । ଅବ୍ଦୁଲ୍ ବାହା ହେଉଛନ୍ତି ବାହା ଉଲ୍ଲାଙ୍କର ପୁଅ । ବନ୍ଦିଶାଳେ ତାଙ୍କର ଜନ୍ମ ହୋଇଥିଲା ଏବଂ ତାଙ୍କୁ ଚାଳିଶ ବର୍ଷ ହେବାଯାଏ ବୋଧହୁଏ ସେ ସେହି ବନ୍ଦିଶାଳରେହିଁ ରହିଥିଲେ । ୟୁରୋପକୁ ବାହାରକୁ ଆସିବା ସମୟକୁ ତାଙ୍କର ବାପାଙ୍କର କାଳ ହୋଇ ଯାଇଥିଲା ଏବଂ ସିଏ ତାଙ୍କ ବାପାଙ୍କର ଧର୍ମଟିକୁ ପ୍ରଚାର କରିବାକୁ ଆରମ୍ଭ କରିଥିଲେ ।...*

***

ସୁଫୀମାନଙ୍କର ବିଚାର ଅପେକ୍ଷା ତାଙ୍କର ବିଚାରଗୁଡ଼ିକ ଅଧିକ ପ୍ରଗତିଶୀଳ ଏବଂ ଅଧିକ ପ୍ରଶସ୍ତମନା ବୋଲି କହି ସେହିଗୁଡ଼ିକର ପ୍ରଚାର କରୁଥିବାର ଦୋଷରେ ଯେଉଁ ପ୍ରସିଦ୍ଧ ବାହାଉଲ୍ଲାଙ୍କୁ କାରାଦଣ୍ଡ ଦିଆ ଯାଇଥିଲା, ସିଏ ସେହି ବାହା ଉଲ୍ଲାଙ୍କର ପୁଅ ଥିଲେ । ରକ୍ଷଣଶୀଳ ମୁସଲମାନମାନେ ବାହା ଉଲ୍ଲାଙ୍କ ବିଚାରଗୁଡ଼ିକୁ ଭାରି କ୍ଷତିକାରକ ବୋଲି ବିଚାର କରୁଥିଲେ । ବାହା ଉଲ୍ଲାଙ୍କର ମୃତ୍ୟୁ ପରେ ତାଙ୍କର ଏକମାତ୍ର ଉତ୍ତରାଧିକାରୀ ତାଙ୍କର ପୁଅ ତାଙ୍କ ବାପାଙ୍କର ଧର୍ମବିଚାରଗୁଡ଼ିକର ପ୍ରଚାର କରିବା ଲାଗି ଦୃଢ଼ ସଂକଳ୍ପବଦ୍ଧ ହୋଇଥିଲେ ସେହି ଉଦ୍ଦେଶ୍ୟରେ ସେ ପୃଥିବୀର ଅନେକ ଦେଶକୁ ବି ଯାତ୍ରା କରିଥିଲେ । ସିଏ ଏକ ଅତି ଚମତ୍କାର ପ୍ରକୃତିର ବ୍ୟକ୍ତି ଥିଲେ । ତାଙ୍କ ଜୀବନର ଆକାଂକ୍ଷା ଯେତିକି ମହାନ୍ ଓ ବିରାଟ ଥିଲା, ନିଜର ଜୀବନରେ ସିଏ ସେତିକି ସରଳ ହୋଇ ରହିଥିଲେ । ମୁଁ ତାଙ୍କୁ ଭାରି ଭଲ ପାଉଥିଲି...

ଦିବ୍ୟ ପରମ ସତ୍ତାଙ୍କ ପାଇଁ ରହିଥିବା ତାଙ୍କର ଆନ୍ତରିକତା ଓ ଆକାଂକ୍ଷା ପ୍ରକୃତିରେ ଭାରି ସ୍ୱାଭାବିକ ଏବଂ ସ୍ୱତଃସ୍ଫୂର୍ତ୍ତି ହୋଇ ରହିଥିଲା । ଯେବେ ମୁଁ ତାଙ୍କ ପାଖକୁ ଯାଇଥିବା ସମୟରେ, ତାଙ୍କର ଶିଷ୍ୟମାନଙ୍କୁ ଏକ ଭାଷଣ ଦେଉଥିଲେ । ମାତ୍ର ଅସୁସ୍ଥ ଥିବାରୁ ସିଏ ବିଛଣାରୁ ବି ଉଠି ପାରୁ ନ ଥିଲେ । ସମ୍ଭବତଃ ସେହି କାରଣରୁ ବୈଠକଟିକୁ ଗଡ଼ାଇ ଦେବାକୁ ପଡ଼ିଥାନ୍ତା । ମୁଁ ତାଙ୍କ ପାଖକୁ ଆସିବାରୁ

* ପ୍ରଶ୍ନ ଓ ଉତ୍ତର ୧୯୫୦-୫୧ (ଏପ୍ରିଲ ୧୪)

'oaob.nitrkl.ac.in' images reprocessed

ସିଏ ମୋତେ କହିଲେ, "ଆଜି ଆପଣ ଯାଆନ୍ତୁ ମୋ କାମଟି ଚଳାଇ ଦେବେ।" ସେକଥା ଶୁଣି ମୁଁ ଖୁବ ଆଚମ୍ବିତ ହୋଇ ପଡ଼ିଲି। କାରଣ, ମୋତେ ଏହିପରି ଏକ ଅନୁରୋଧ କରାଯିବ ବୋଲି ଆଗରୁ ମୁଁ ଆଦୌ ପ୍ରସ୍ତୁତ ନ ଥିଲି। ମୁଁ ତାଙ୍କୁ କହିଲି, "ମୁଁ ତ ଆପଣଙ୍କର ସମ୍ପ୍ରଦାୟର ଜଣେ ସଦସ୍ୟ ନୁହେଁ ଏବଂ ଏହି ବିଷୟରେ ମୋ'ତେ ଆଦୌ କିଛିହେଲେ ଜଣା ନାହିଁ। ତେଣୁ ମୁଁ ଆପଣଙ୍କର ଶିଷ୍ୟମାନଙ୍କୁ କିପରି କୌଣସି ବିଷୟରେ କିଛି କହି ପାରିବ ?" ମାତ୍ର ସିଏ ଜିଦ୍ କରି କହିଲେ, "ସେଥିରେ କିଛି ଯାଏ ଆସେ ନାହିଁ। ଆପଣ ଯାହା ଇଚ୍ଛା କରିବେ ତାହା କହିବେ ଓ ତାହାହିଁ ଯଥାର୍ଥ ହେବ। ଆପଣ ଯାଆନ୍ତୁ ଓ କିଛି କହନ୍ତୁ। ପ୍ରଥମେ ଉପବେଶନ-ଗୃହରେ କିଛି ସମୟ ଏକାଗ୍ର ହୋଇ ବସିବେ ଓ ତା'ପରେ ଭାଷଣଟିଏ ଦେବେ।" ଶେଷରେ ମୋ'ତେ ତାଙ୍କର କଥା ଅନୁସାରେହିଁ କାର୍ଯ୍ୟ କରିବାକୁ ହେଲା।···

ତା'ପରେ ଅନେକଦିନ ସିଏ ମୋ'ତେ ପାଖରେ ଆସି ରହିବାକୁ କହୁଥିଲେ ଏବଂ ତାଙ୍କ ଶିଷ୍ୟମାନଙ୍କର ଦାୟିତ୍ୱ ନେବା ସକାଶେ ଅନୁରୋଧ କରୁଥିଲେ। ମାତ୍ର ମୁଁ ତାଙ୍କୁ କହିଥିଲି ଯେ, ମୁଁ ନିଜେ ତାଙ୍କ ସମ୍ପ୍ରଦାୟଟିର ବିଶ୍ୱାସଗୁଡ଼ିକୁ ସ୍ୱୀକାର କରୁ ନ ଥିବାରୁ, ମୋ'ର ଏପରି କରିବାର ପ୍ରକୃତରେ କୌଣସି ପ୍ରଶ୍ନହିଁ ନ ଥିଲା।···*

ଏକ ଭାଷଣର ମୁଖବନ୍ଧ

ମନୁଷ୍ୟମାନଙ୍କ ନିକଟକୁ ଈଶ୍ୱରଙ୍କର ସନ୍ଦେଶ ବହନ କରି ଆଣିଥିବା ପ୍ରତ୍ୟେକ ଧର୍ମଗୁରୁ ଏବଂ ପ୍ରତ୍ୟେକ ଶିକ୍ଷାଦାତା ଅନ୍ତତଃ ଗୋଟିଏ କଥାକୁ ସମସ୍ୱର ହୋଇ କହି ଯାଇଛନ୍ତି।

ସେମାନେ ସମସ୍ତେ ଆମକୁ ଏହି ଶିକ୍ଷା ଟି ଦେଇଛନ୍ତି ଯେ ଆମର ଜୀବନ ମଧ୍ୟରେ ଯଥାର୍ଥ କର୍ମରୂପେ ସେଗୁଡ଼ିକର ରୂପାନ୍ତର ନ ଘଟିବା ପର୍ଯ୍ୟନ୍ତ ପୃଥିବୀର ବୃହତ୍ତମ ସତ୍ୟଗୁଡ଼ିକ ମଧ୍ୟ କେବଳ ନିଷ୍ଫଳହିଁ ହୋଇ ରହିଥିବ। ସେମାନଙ୍କ ସମ୍ମୁଖରେ ପ୍ରକାଶିତ ହୋଇଥିବା ସତ୍ୟଟିକୁ ଦୈନନ୍ଦିନ ଜୀବନରେ ବଞ୍ଚିବାର ଯେ ଏକାନ୍ତ ପ୍ରୟୋଜନ ରହିଛି, ସେମାନେ ସେହି କଥା ଘୋଷଣା କରିଛନ୍ତି। ସେମାନେ ଘୋଷଣା କରି କହିଛନ୍ତି ଯେ ସେମାନେ ସିନା ବାଟଟିକୁ ଦେଖାଇଦେଇ ଯାଉଛନ୍ତି, ମାତ୍ର ଆମକୁହିଁ ସେହି ବାଟଟିକୁ ଚାଲିବାକୁ ପଡ଼ିବ ; ଆଉ ଅନ୍ୟ କେହି

* ଏକ ଅପ୍ରକାଶିତ ପ୍ରବଚନରୁ ଉଦ୍ଧୃତ।

'oaob.nitrkl.ac.in' images reprocessed

ବ୍ୟକ୍ତି, ଯିଏ ଯେତେ ବଡ଼ ହୋଇଥାନ୍ତୁ ପଛକେ, ଆମ ଲାଗି ଆମ କାର୍ଯ୍ୟଟିକୁ କଦାପି କରିଦେଇ ଯିବ ନାହିଁ ।

ଏହି କଥାଟିର କ୍ଷେତ୍ରରେ ବାହା ଉଲ୍ଲା ମଃ ମୋଟେ ଏକ ବ୍ୟତିକ୍ରମ ନ ଥିଲେ । ବର୍ତ୍ତମାନ ମୁଁ କୌଣସି ଗ୍ରନ୍ଥରୁ ବାକ୍ୟମାନ ଉଦ୍ଧାର କରି କହିବ ନାହିଁ । ସେଗୁଡ଼ିକୁ ତୁମେମାନେ ମୋ'ଠାରୁ ମଧ୍ୟ ଅଧିକ ଭଲ କରି ଜାଣିଛ । "ଗୁଡ଼ାଏ କଥା କହ ନାହିଁ, କାର୍ଯ୍ୟ କରିଯାଅ; କାର୍ଯ୍ୟ ନ କରୁଥିଲେ ଏହି ଶବ୍ଦଗୁଡ଼ାକର ଆଦୌ କୌଣସି ମୂଲ୍ୟ ନାହିଁ । ଆମକୁ ଏହି ପୃଥିବୀ ଲାଗି ଗୋଟିଏ ଗୋଟିଏ ଦୃଷ୍ଟାନ୍ତ ହୋଇ ରହିବାକୁ ପଡ଼ିବ,"—ଅବ୍ଦୁଲ ବାହା ଆମକୁ ଏହି କଥାଟି କେତେଥର ନ କହି ଥିବେ !

ପ୍ରକୃତରେ ଏହି କଥାଟି ଏକାନ୍ତ ଆବଶ୍ୟକ ଯେ ଆମ ପ୍ରତ୍ୟେକଙ୍କୁ ଏହି ପୃଥିବୀରେ ଏକ ଦୃଷ୍ଟାନ୍ତ ହୋଇ ରହିବାକୁ ପଡ଼ିବ । ଚିରନ୍ତନ ସତ୍ୟଗୁଡ଼ିକ ସହିତ ଏକ ଅନ୍ତର୍ଗତ ଯୋଗସୂତ୍ର ସ୍ଥାପିତ ହୋଇ ପାରିଲେ କିପରି ସକଳ ଦ୍ୱନ୍ଦ୍ୱକୁ ସମଞ୍ଜସତାରେ ଏବଂ ସକଳ ଦୁଃଖକୁ ଶାନ୍ତିରେ ପରିଣତ କରି ଦିଆଯାଇ ପାରିବ, କେବଳ ସେହି କଥାଟିକୁ ଦର୍ଶାଇଦେଇ ପାରିଲେହିଁ ଆମେ ସେମାନଙ୍କୁ ବିମୋଚନକାରୀ ମାର୍ଗଟିରେ ବାଟ ଚାଲିବା ଲାଗି ପ୍ରକୃତରେ ପ୍ରବର୍ତ୍ତାଇ ପାରିବା । କେବଳ ଏହି ଶିକ୍ଷାଟିକୁ ଦେଇ ଅବଦୁଲ୍ ବାହା ସେତିକରେ ସନ୍ତୁଷ୍ଟ ହୋଇ ଯାଇ ନାହାନ୍ତି । ସିଏ ନିଜେ ସେହି ଅନୁସାରେ ଜୀବନ ବଞ୍ଚିଛନ୍ତି ଏବଂ ସେଇଥିରେହିଁ ତାଙ୍କର ସକଳ ପ୍ରବର୍ତ୍ତନା ଶକ୍ତି ନିହିତ ହୋଇ ରହିଛି ।

ପ୍ରକୃତରେ, ଅବ୍ଦୁଲ୍ ବାହାଙ୍କୁ ସ୍ୱଚକ୍ଷୁରେ ଦେଖିଥିବା କେଉଁ ଲୋକ ତାଙ୍କର ସମ୍ମୁଖକୁ ଆସି ଏହି ପରିପୂର୍ଣ୍ଣ ସଜ୍ଜନତା, ଏହି ସୁମଧୁର ପ୍ରଶାନ୍ତି ଏବଂ ଏହି ସ୍ଥିରତାଟିକୁ ତାଙ୍କର ସତ୍ତା ମଧ୍ୟରୁ ନିର୍ଗତ ହୋଇ ଆସୁଥିବାର ଅନୁଭବ କରି ନାହିଁ ?

ବାହା ଉଲ୍ଲା ଯେଉଁସବୁ ସତ୍ୟର ପରିଚୟ ଲାଭ କରିଥିଲେ, ତାଙ୍କର ପୁଅ ସେହିଗୁଡ଼ିକୁହିଁ ଆପଣାର ଅନ୍ତଃଜୀବନରେ ଅନୁକ୍ଷଣ ବଞ୍ଚିଛନ୍ତି; ଏବଂ ସେହି କାରଣରୁହିଁ ସେହି ସତ୍ୟଗୁଡ଼ିକ ତାଙ୍କର ମୁଖରୁ ଉଚ୍ଚାରିତ ହେବା ସମୟରେ ଆମ ଲାଗି ଅଧିକ ସୁବୋଧ୍ୟ ଏବଂ ହୃଦ୍‌ବୋଧକାରୀ ହୋଇ ପାରୁଛି ।

ଆପଣମାନଙ୍କ ଭିତରୁ କେତେକେ ହୁଏତ ଏପରି ବି ଭାବୁଥିବେ : "ଅବ୍ଦୁଲ୍ ବାହା ସ୍ୱୟଂ ଗୁରୁ ବୋଲି ସିନା ଏହି ସୌନ୍ଦର୍ଯ୍ୟଟିକୁ ଉପଲବ୍ଧି କରି ପାରିବେ । କିନ୍ତୁ ଆମେ···"

ଏଥିରେ କୌଣସି ସନ୍ଦେହ ନାହିଁ ଯେ କୌଣସି ପ୍ରକାର ପ୍ରସ୍ତାବ କରିବାର ଦାୟିତ୍ୱଟିକୁ ଏଡ଼ି ରହିବା ଲାଗି ଆମ ଅନିଚ୍ଛା ପାଇଁ ଏହାଠାରୁ ଅଧିକ ଭଲ

'oaob.nitrkl.ac.in' images reprocessed

କୌଣସି କାରଣ ଆସି କଦାପି ଜୁଟି ନ ଆନ୍ତି । କିନ୍ତୁ ତାହାକୁ କେବଳ ଆଳସ୍ୟ ପ୍ରଣୋଦିତ ବାହାନା ବୋଲିହିଁ କୁହାଯାଇ ପାରିବ ।

ବିଂଶ ବ୍ୟକ୍ତି ମଧ୍ୟରେ ନିଃସନ୍ଦେହଭାବରେ ପ୍ରାୟ କୌଣସି ପ୍ରକାରେ ଦୂର କରାଯାଇ ପାରୁ ନ ଥିବା ଏକ ପ୍ରଭେଦ ରହିଛି । ସେହି ବ୍ୟକ୍ତିମାନେ ଜୀବନରେ ଯେଉଁ ବିଶେଷ ବିଶେଷ ଭୂମିକା ଗ୍ରହଣ କରୁଛନ୍ତି, ସମଗ୍ରଗତ ଏହି ଅନନ୍ତ ସୋପାନ କ୍ରମରେ ସେମାନଙ୍କର ଯେଉଁ ବିଶେଷ ସ୍ଥାନଟି ରହିଛି, ଉକ୍ତ ପ୍ରଭେଦଟି ସେଇଥିରୁହିଁ ଜନ୍ମଲାଭ କରୁଛି । ମାତ୍ର ସେହି ଭୂମିକା ବା ସେହି ସ୍ଥାନ ଯାହା ହୋଇଥାଉ ପଛକେ, ତାହାର ଭିତରେ ରହିହିଁ ପ୍ରତ୍ୟେକ ବ୍ୟକ୍ତି ତା'ର ନିଜ ଗୁଣଗୁଡ଼ିକର ନିଷ୍ଟସ୍ଥ ପରିପୂର୍ଣ୍ଣ ବିକାଶ କରିପାରିବ । ପ୍ରତ୍ୟେକ ବ୍ୟକ୍ତି ଆମକୁ ବିଶ୍ୱଗତ ମହାଜୀବଧାରାଟିର ଅନୁଗତ କରି ଆଣି ପାରୁଥିବା ସେହି ପରିପୂର୍ଣ୍ଣ ଶୁଦ୍ଧତା, ପରିପୂର୍ଣ୍ଣ ନିଷ୍ଠାଯୁକ୍ତତା ଏବଂ ଗଭୀର ସମଞ୍ଜସତାଟିକୁ ହାସଲ କରିବା ଲାଗି ଆକାଙ୍କ୍ଷା ରଖିପାରିବ ଏବଂ ତାକୁ ତାହାକୁ କରିବାକୁ ବି ପଡ଼ିବ ।

ଜଣେ ବୟୋବୃଦ୍ଧ ମୁନିଙ୍କୁ ମୁଁ ଜାଣିଥିଲି, ଯିଏକି ମଣିଷମାନଙ୍କୁ ଅଳ୍ପ ବହୁତ ପରିମାଣରେ ଅଂଶୋଧିତ ହୋଇ ରହିଥିବା ଓ ଅଳ୍ପ ବହୁତ ମୂଲ୍ୟବାନ୍ ହୋଇ ରହିଥିଲେ ମଧ୍ୟ ନିଃସନ୍ଦେହ ଭାବରେ ଏକ ସୁବର୍ଣ୍ଣାଂଶକୁ ବହନ କରୁଥିବା ଖଣିଜ ସହିତ ତୁଳନା କରୁଥିଲେ । ଏହି ଖଣିଜକଣାଗୁଡ଼ିକ ଯଦି ଥରେ ଆଧ୍ୟାତ୍ମିକତାର ପାବନକାରୀ ଦହନ ମଧ୍ୟଦେଇ ଯାଇପାରିବ, ତେବେ ସେହି ଦାହନ ପାତ୍ରଟିର ତଳ ଦେଶରେ ଏପରି ଗୋଟିଏ ଧାତୁପିଣ୍ଡ ଆସି ଉପଲବ୍ଧ ହୋଇଯିବ, ଯାହାକି, ଯେତେ କମ୍ ବା ବେଶୀ ଭାରି ହୋଇଥାଉ ପଛକେ, ସର୍ବଦା କେବଳ ଖାଣ୍ଟି ସୁନାରହିଁ ହୋଇ ରହିଥିବ ।

ତେଣୁ, ଆମ ଭିତରେ ଏହି ଯେଉଁ ଖାଣ୍ଟି ସୁନାଟି ରହିଛି, ଆମକୁ ତାହାକୁ ସେହି ତଳଦେଶରୁ ନିଷ୍କାଶିତ କରି ଆଣିବାର ମାର୍ଗଟିକୁ ଅନ୍ୱେଷଣ କରିବାକୁ ପଡ଼ିବ ।

ଏହି କାର୍ଯ୍ୟଟିକୁ କରିବା ସକାଶେ ଆମକୁ କେତେକେତେ ଉପାୟକୁ ସୂପାରିଶ କରି ଦେଖାଇ ଦିଆଯାଇଛି !

ସେହି ମାର୍ଗଗୁଡ଼ିକ ସମସ୍ତେ ଭାରି ଭଲ, ମାତ୍ର ପ୍ରତ୍ୟେକଟି ମାର୍ଗ ମନୋଗତତା ଏବଂ ସ୍ୱଭାବର କେବଳ ଏକ ବିଶେଷ ଭୂମିପ୍ରକାରରେହିଁ ପ୍ରଯୁଜ୍ୟ ହୋଇ ପାରିବ । ଏବଂ, ଯେଉଁଟି ତା' ସ୍ୱଭାବର ସର୍ବାପେକ୍ଷା ଅଧିକ ଅନୁକୂଳ ହେବ, ପ୍ରତ୍ୟେକ ବ୍ୟକ୍ତିକୁ ନିଜ ଲାଗି କେବଳ ସେଇଟିରହିଁ ଆବିଷ୍କାର କରିବାକୁ ପଡ଼ିବ ।

ସେଇଥିପାଇଁ, ମୁଁ ଯଦି କଥାଟିକୁ ଠିକ୍ ଭାବରେ ବୁଝିଥାଏ, କୁମାରୀ ସାଣ୍ଡ୍ରସନ ଏଠାରେ ଜଣେ ଜଣେ ବ୍ୟକ୍ତିକୁ ଏହି ସମସ୍ୟାଟି ବିଷୟରେ ତା'ର

'oaob.nitrkl.ac.in' images reprocessed

ନିଜର ବିଶେଷ ମତଟିକୁ ବ୍ୟକ୍ତ କରିବା ଲାଗି ଅଥବା ଯେଉଁ ଉପାୟଟିକୁ ସିଏ ସବୁଠାରୁ ଅଧିକ ଫଳଦାୟକ ବୋଲି ଜାଣିଛି, ତାହାର ବିଷୟରେ କହିବା ଲାଗି ଅନୁରୋଧ କରୁଛନ୍ତି ।

ଏଥିରୁ କୌଣସି ଗୋଟିଏ ମାର୍ଗ ବା ଉପାୟକୁ ସମ୍ପୂର୍ଣ୍ଣ ଭାବରେ ବ୍ୟାଖ୍ୟା କରି ଆପଣମାନଙ୍କ ଆଗରେ ଉପସ୍ଥାପିତ କରିବା ଲାଗି ମୁଁ ଆଜି ଆଦୌ ଇଚ୍ଛା କରୁ ନାହିଁ ।

କାର୍ଯ୍ୟରେ ପରିଣତ କରି ଦେଖାଇଦେବାହିଁ ଆମର ସର୍ବପ୍ରଥମ କର୍ତ୍ତବ୍ୟ, ଏବଂ ଆମେ ଯାହାକିଛି କରିବା, ତାହାହିଁ ଆମର ରୂପାନ୍ତର ଲାଗି ସବୁଠାରୁ ଅଧିକ ଶକ୍ତିଶାଳୀ ସାଧନରୂପେ ଅବଶ୍ୟ କାର୍ଯ୍ୟ କରିବ, ଏଠାରେ ଆମକୁ ଏହି ଶିକ୍ଷା ଦିଆଯାଇ ଥିବାରୁ ମୁଁ କେବଳ ଦୁଇ ପ୍ରକାରର କାର୍ଯ୍ୟ ଆଡ଼କୁ ଆପଣମାନଙ୍କର ଦୃଷ୍ଟି ଆକର୍ଷଣ କରିବ । ମୁଁ ଭାବୁଛି ଯେ, ଅନ୍ୟମାନଙ୍କର ଏବଂ ଆମ ନିଜ ନିଜର କ୍ଷେତ୍ରରେ ସେହି ଦୁଇଟିର ପ୍ରକୃତରେ ଯେଉଁ ମହତ୍ତ୍ୱ ରହିଛି, ଅଧିକାଂଶ ସମୟରେ ସେହି ମହତ୍ତ୍ୱଟିକୁ ସମ୍ପୂର୍ଣ୍ଣ ଭାବରେ ଆଦୌ ଗୁରୁତ୍ୱ ଦିଆଯାଇ ନଥାଏ ।

ସେଗୁଡ଼ିକ ବିଶୁଦ୍ଧ ଭାବରେ ଏହି ମନଃସ୍ତରରହିଁ କାର୍ଯ୍ୟ ସତ, ମାତ୍ର ତଥାପି ସେଗୁଡ଼ିକ ସର୍ବଦା ଭାରି ଜୀବନ୍ତ ଓ ଭାରି ଶକ୍ତିଶାଳୀ ହୋଇ ରହିଥାନ୍ତି ଏବଂ ତେଣୁ ସେଗୁଡ଼ିକୁ ଆମେ ଜୀବନରେ ଯେଉଁ ଦିଗରେ ଉଦ୍ଦିଷ୍ଟ କରି ଦେଇଥାଉ, ସେଗୁଡ଼ିକ ସେହି ଅନୁସାରେହିଁ ଉପକାରୀ ବା ହାନିକାରକ ବୋଲି ସାବ୍ୟସ୍ତ ହୋଇଥାନ୍ତି ।

ପ୍ରଥମଟି ହେଉଛି ଆମର ଭାବନା, ଯେଉଁ ସାମର୍ଥ୍ୟଟି ଦ୍ୱାରା ଆମେ ମନଭିତରେ କେତେ କ'ଣ ରଚନାମାନ ରଚିଥୋଇ ଦେଉଥାଉ; ଦ୍ୱିତୀୟଟି ହେଉଛି ନିଦ୍ରିତ ରହିଥିବା ଅବସ୍ଥାରେ ଆମର କାର୍ଯ୍ୟ, ଯାହାକୁ ଆମେ ସାଧାରଣତଃ ସ୍ୱପ୍ନ ବୋଲି ଜାଣିଥାଉ ଏବଂ ଯାହାକି, ତୁମକୁ ମୁଁ ବର୍ତ୍ତମାନ ସେହି କଥାଟିହିଁ କହିବି, ପ୍ରଥମଟି ସହିତ ଅତ୍ୟନ୍ତ ଘନିଷ୍ଠ ଭାବରେ ସଂଯୁକ୍ତ ହୋଇ ରହିଥାଏ ।*

ଖାଲଦୀୟ ଓ ହିନ୍ଦୁ ପ୍ରଭୃତି ଅତି ପ୍ରାଚୀନ ପରମ୍ପରାଗୁଡ଼ିକରେ ଆମର ଭାବନାଗୁଡ଼ିକୁ ଆମ ମନରହିଁ ନାନା ରଚନା ବୋଲି ଆବହମାନ କାଳରୁ କୁହାହୋଇ ଆସିଛି ; ଆପଣାର ଭାବନା ସାହାଯ୍ୟରେ ଜଣେ ବ୍ୟକ୍ତି ବାସ୍ତବ, ଜୀବନ୍ତ ଏବଂ କ୍ରିୟାଶୀଳ ତତ୍ତ୍ୱଗୁଡ଼ିକୁ ଜନ୍ମ ଦେବାର ସାମର୍ଥ୍ୟ ଲାଭ କରିଥାଏ ବୋଲି କୁହାଯାଇଛି ।

* ଏହି ମୁଖବନ୍ଧଟି ଭାବନା ବିଷୟରେ ଦିଆ ଯାଉଥିବା ତୃତୀୟ ପ୍ରବଚନ ଏବଂ ସ୍ୱପ୍ନ ବିଷୟରେ ଦିଆ ଯାଇଥିବା ଅନ୍ୟ ପ୍ରବଚନଟିର ଠିକ୍ ପୂର୍ବରୁ ଥିଲାପରି ମନେ ହେଉଛି ।

'oaob.nitrkl.ac.in' images reprocessed

ଏବଂ, ଏପରି ଭାବିବା ଆଦୌ ଉଚିତ ହେବ ନାହିଁ ଯେ, ଆମେ ଯାହାକୁ ମ୍ୟାଜିକ୍ ବା ଯାଦୁ ବୋଲି କହୁଥାଉ, କେବଳ ସେହିପରି କୌଣସି ଅସାଧାରଣ ଏବଂ ବିପଜ୍ଜନକ କାର୍ଯ୍ୟସାଧନ ଦ୍ୱାରହିଁ ତାହା କରିବା ସମ୍ଭବ ହୋଇ ପାରିବ। ସେକଥା ମୋଟେ ସତ ନୁହେଁ।

କଳ୍ପିତ୍ର ଶକ୍ତି ରଖିଥିବା ଏବଂ ବାରବାର ଆବିର୍ଭୂତ ହେବାର କଳ୍ପିତ୍ର ସାମର୍ଥ୍ୟକୁ ବହନ କରୁଥିବା ଯେକୌଣସି ଭାବନା ଆଦୌ କେତେକ ପରିମାଣରେ ପ୍ରଗାଢ଼ ହୋଇ ରହିଥିବା ଯେକୌଣସି ବାସନା—ଏହାକୁ ମଧ୍ୟ ସେହି ଭାବିବାରହିଁ ଏକ ପ୍ରଣାଳୀ ବୋଲି ବୁଝାଯାଇ ପାରିବ,—ସେଗୁଡ଼ିକ ପ୍ରାୟ ଏକ ଯାନ୍ତ୍ରିକ ପ୍ରକ୍ରିୟାର ମଧ୍ୟଦେଇ ଏବଂ ଆପଣାର ଏକ ନିଜସ୍ୱ ମାଧ୍ୟମରେହିଁ, ଅନ୍ତୁରି ଏକ ରଚନାକୁ ବି ଆଣି ସମ୍ଭବ କରିଦିଏ, ଯାହାର ସ୍ଥାୟିତ୍ୱ ଏବଂ କ୍ରିୟାଶକ୍ତି ତାହାର ଜନନୀ ରୂପେ କାର୍ଯ୍ୟ କରିଥିବା ସେହି ଭାବନା ବା ବାସନାଟିର ଶକ୍ତିଶାଳିତା ଏବଂ ସଘନତା ଉପରେହିଁ ନିର୍ଭର କରୁଥାଏ।

ମୋ କଥାଟିକୁ ଆହୁରି ଅଧିକ ସହଜବୋଧ୍ୟ କରି ଦେଇପାରିବା ଲାଗି, ଏପର୍ଯ୍ୟନ୍ତ ଅପ୍ରକାଶିତ ଗୋଟିଏ ଦାର୍ଶନିକତନ୍ତ୍ରରୁ ମୁଁ ଆପଣମାନଙ୍କ ଲାଗି କେତେକ ପରିଚ୍ଛେଦ ସାଙ୍ଗରେ ନେଇ ଆସିଛି।

"ଯାହାକିଛିର ଜୀବନ ଅଛି, ତାହାର ଏକ ଉପାଦାନ ମଧ୍ୟ ରହିଛି; ମାତ୍ର ଯାହା କିଛିର ଏକ ଉପାଦାନ ରହିଛି, ତାହାର ମଧ୍ୟ ଅବଶ୍ୟ ଜୀବନ ରହିଛି।

"ବାସ୍ତବ ଜଗତକୁ ଆମର ଇନ୍ଦ୍ରିୟଲବ୍ଧ କେବଳ କେତୋଟି ଆକାରର ରାଜ୍ୟରେହିଁ ସୀମାବଦ୍ଧ କରି ରଖିବାକୁ ବାହାରିଲେ ତାହା ଏହି ବିଶ୍ୱଗତ ବୁଦ୍ଧିମତ୍ତାକୁ କେବଳ ତାହାର ଭୌତିକ ପରିପ୍ରକାଶଟି ମଧ୍ୟରେହିଁ ସୀମାବଦ୍ଧ କରି ରଖିଲାଭଳି ହେବ, ସମସ୍ତ ଆଲୋକକୁ କେବଳ ଆମକୁ ଦୃଶ୍ୟ ହେଉଥିବା କ୍ଷେତ୍ରଟି ମଧ୍ୟରେହିଁ ସୀମାବଦ୍ଧ କରି ରଖିଲା ଭଳି ହେବ।

"ମାତ୍ର, ଏପରି କୌଣସି ସ୍ଥାନ ନାହିଁ ଯେଉଁଠାରେ କି ଆଲୋକର ଆଦୌ କୌଣସି ସ୍ପନ୍ଦନ ହେଉ ନାହିଁ; ଏପରି କୌଣସି ଗଭୀରତା ନାହିଁ, ଯେଉଁଠାରେ କି ବୋଧଗମ୍ୟର ସତ୍ୟମର୍ମଟି ଅନୁରୂପ ଆକାରଗୁଡ଼ିକୁ ଆଦୌ ଗ୍ରହଣ କରୁ ନାହିଁ।

"ଏହି ସମଗ୍ର ବିଶ୍ୱସତ୍ୟ କେବଳ ଏହି ଏକମାତ୍ର ଉପାଦାନ ବ୍ୟବସ୍ଥାଟି ମଧ୍ୟରେ ଓ ଆମର ଇନ୍ଦ୍ରିୟଗ୍ରାହ୍ୟ ହେଉଥିବା ଜଡ଼ଗଠନର କେବଳ ଏହି ଗୋଟିଏ ଅବସ୍ଥା ମଧ୍ୟରେ ସୀମାବଦ୍ଧ ହୋଇ ରହିଛି ବୋଲି ଆମେ ଯେପର୍ଯ୍ୟନ୍ତ କଳ୍ପନା କରିବାରେ ଲାଗିଥିବା, ସେତେବେଳ ପର୍ଯ୍ୟନ୍ତ ଆମେ ପ୍ରକୃତରେ ଆଦୌ କିଛି ଜାଣି ନ ଥିବା ଓ ଆଦୌ କିଛିହେଲେ ବ୍ୟାଖ୍ୟା କରିପାରିବା ନାହିଁ।

'oaob.nitrkl.ac.in' images reprocessed

"ଯେତେବେଳେ ବିଜ୍ଞାନ ଆପଣାର ପ୍ରକୃତ ସତ୍ୟଟିକୁ ବୁଝିବା ଲାଗି ଉଦ୍ୟମ କଲା, ସେତେବେଳେ ତାହାକୁ ସୀମାବଦ୍ଧ କ୍ଷେତ୍ର ଏବଂ ଇନ୍ଦ୍ରିୟଗ୍ରାହ୍ୟ ଘଟନାଧ୍ୟୟନର ଅତି ସଂକୀର୍ଣ୍ଣ ଗଣ୍ଡିଟିକୁ ଲଙ୍ଘିଦେଇ ବାହାରକୁ ବାହାରି ଆସିବାକୁ ପଡ଼ିଥିଲା, ଏବଂ, ଆକାଶ ବୋଲି ଏକ ବସ୍ତୁର ଅନୁମାନ ଦ୍ୱାରା ପରିଚାଳିତ ହୋଇ ତାହା ସତ୍ୟର ଏକ ସୂକ୍ଷ୍ମ ଅବସ୍ଥାକୁ ମଧ୍ୟ ଆବିଷ୍କାର କରିଥିଲା । ମାତ୍ର ଏହି ସୋପାନଟିରେ ଆସି ପହଞ୍ଚିବା ଦ୍ୱାରା ତାହା ଅନନ୍ତ ବିଶ୍ୱାତୀତତାର ଅନନ୍ତ ମାର୍ଗଟିରେ କେବଳ କେତୋଟି ପ୍ରଥମ ପଦକ୍ଷେପ ମାତ୍ର ଗ୍ରହଣ କରିଛି ବୋଲି କୁହାଯାଇ ପାରିବ । ..

"ଏଣୁ ଆମେ ବର୍ତ୍ତମାନ ଏହି ବିଷୟରେ ସଜ୍ଞାନ ହୋଇ ପାରିବା ଯେ, ସତ୍ତ୍ୱର ରାଜ୍ୟ ବୋଲି ଆମେ ଏପର୍ଯ୍ୟନ୍ତ ଯାହା ଜାଣିଛୁ, ତାହା କେବଳ ଏହି ପରପ୍ରକାଶର କ୍ଷେତ୍ରଟି ମଧ୍ୟରେହିଁ ସୀମାବଦ୍ଧ ହୋଇ ରହିଛି, ତାହାର ସେହି ସୁଦୂରବର୍ତ୍ତୀ ଏବଂ ପ୍ରଚ୍ଛନ୍ନ ପ୍ରକାରଗୁଡ଼ିକର ଏକ ଅପେକ୍ଷାକୃତ ଅଧିକ ସମ୍ପୂର୍ଣ୍ଣ ମୂର୍ତ୍ତକରଣର, ଜୀବନର କ୍ଷେତ୍ରଗୁଡ଼ିକ ମଧ୍ୟରେ ରହିଥିବା ସେହି ସର୍ବଶେଷ ସୋପାନଟିର ଏକ ପରପ୍ରକାଶ ମଧ୍ୟରେହିଁ ସୀମାବଦ୍ଧ ହୋଇ ରହିଛି ।

"ପ୍ରତ୍ୟେକ କ୍ଷଣରେ ଭାବନା ଆମ ଚତୁଷ୍ପାର୍ଶ୍ୱରେ ଆଣି ଉତ୍ପନ୍ନ କରି ଦେଉଥିବା ଜୀବନ୍ତ ପ୍ରତିରୂପଗୁଡ଼ିକୁ ଯଦି ଆମେ ପ୍ରକୃତରେ ଦେଖି ପାରୁଥାନ୍ତୁ, ସେଗୁଡ଼ିକର ରଚନାସାମର୍ଥ୍ୟର ଶକ୍ତିଟିକୁ ଯଦି ଆମେ ମାପି ପାରୁଥାନ୍ତୁ, ତେବେ, ଆମର ପରସ୍ପର ସହିତ ଆସି ମିଳିତ ହେଉଥିବା ଇଚ୍ଛାଗୁଡ଼ିକର ଏକତ୍ରସଙ୍ଗମ ଦ୍ୱାରା ତଥା ଗୋଟିଏ ଲୋକସମୂହ, ଗୋଟିଏ ସଭ୍ୟତା ଓ ଗୋଟିଏ ଜାତିର ସାମୂହିକ ବିଚାର ଏବଂ ବିଶ୍ୱାସଗୁଡ଼ିକର ସେହି ଅତିଶକ୍ତିଶାଳୀ ସମ୍ମିଳନ ଦ୍ୱାରା ପ୍ରକୃତରେ କେତେ କ'ଣର ସୃଷ୍ଟି ହୋଇ ପାରିବ, ଆମେ ସେହି କଥାଟିକୁ ବି ବୁଝି ପାରନ୍ତୁ ।"

"ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ସବୁ ବିଚାର କଦାପି ସମାନ ପରିମାଣରେ ସୃଜନସମର୍ଥ ହୋଇ ରହି ନ ଥାନ୍ତି । ବସ୍ତୁତଃ ଏପରି ଖୁବ୍ କମ୍ ମନ ରହିଛି, ଯାହାକି ଯଥାର୍ଥ ଭାବନାଗୁଡ଼ିକୁ ଭାବିବା ଲାଗି ସମର୍ଥ ହୋଇ ପାରିବ । ଏବଂ ଅଧିକାଂଶ ବ୍ୟକ୍ତିଙ୍କର ମାନସିକ ରଚନାଟି କେବଳ ଆଗରୁ କୌଣସି ଅଜ୍ଞାତ ଆଉ ଜଣେ ବ୍ୟକ୍ତି ଚିନ୍ତା କରିଥିବା ଏବଂ ବର୍ତ୍ତମାନ ଏକ ସାଧାରଣ ଧନରେ ପରିଣତ ହୋଇଥିବା କେତୋଟି ରୂଢ଼ିବଦ୍ଧ ଧାରଣାରେହିଁ ଗୋଟିଏ ଗୋଟିଏ ବିକୃତ ଅଥବା ଜଡ଼ୀକୃତ ହୋଇ ରହିଥାଏ । ବୁଦ୍ଧିର ଉପାଦାନ ମଧ୍ୟକୁ ଆସି ସେଗୁଡ଼ିକ ଯେଉଁସବୁ ଆକାର ଗ୍ରହଣ କରନ୍ତି, ସେଗୁଡ଼ିକ ବି ସାଧାରଣତଃ ଭାରି ଅଶୋଧିତ ଏବଂ ନିର୍ବୋଧତାପୂର୍ଣ୍ଣ ହୋଇ ରହିଥାଏ । ଏବଂ, ସେଗୁଡ଼ିକ ଦୀର୍ଘକାଳ ସ୍ଥାୟୀ ହୋଇ ବି ରହିପାରନ୍ତି ନାହିଁ ।

'oaob.nitrkl.ac.in' images reprocessed

"ମାତ୍ର ଯେଉଁ ମୁହୂର୍ତ୍ତରେ କୌଣସି ଏକ ବସ୍ତୁର ଯଥାର୍ଥରେ ଏକ ବସ୍ତୁର-ଶକ୍ତିରେ ପରିଣତ ହୋଇପାରେ ଏବଂ ପ୍ରକୃତରେ ଏକ ମାନସିକ ଗତିଶୀଳତାର ପର୍ଯ୍ୟାୟରେ ଯାଇ ପହଞ୍ଚିପାରେ ସେତେବେଳେ ତାହା ଅପେକ୍ଷାକୃତ ଏକ ଅଧିକ ସ୍ଥାୟୀ ଏବଂ ବଳିଷ୍ଠ ଆକାରରେ ଆପଣାର, ସ୍ଥିତିସ୍ଥାପକ ପ୍ରତିରୂପଗୁଡ଼ିକୁ ମଧ୍ୟ ଉତ୍ପନ୍ନ କରି ଆଣିବାର ପ୍ରବୃତ୍ତି ଦେଖାଇଥାଏ । ଏବଂ, ପ୍ରକୃତ କ୍ଷେତ୍ରରେ, ଯାବତୀୟ ବୃହତ୍ ଭାବନା ବୃଦ୍ଧିଗତ ସାମର୍ଥ୍ୟର ଯାବତୀୟ ଅନୁସମ୍ବନ୍ଧିତ ସମନ୍ୱୟ ସେମାନେ ଗ୍ରହଣ କରିଥିବା ଉପାଦାନଟିର କ୍ଷେତ୍ରରେ ଗୋଟିଏ ଗୋଟିଏ ଜୀବନ୍ତ ସୃଷ୍ଟି ଏବଂ ସକ୍ରିୟ ସତ୍ତା ହୋଇହିଁ ଅବସ୍ଥାନ କରୁଥାନ୍ତି ।"

[ଏଠାକୁ ଆସି, ମାର୍ଚ୍ଚ ୧୦ ତାରିଖରେ ପ୍ରଦତ୍ତ ଏହି ପ୍ରବଚନଟିରେ ମାଆ ଭାବନା ସମ୍ବନ୍ଧରେ ସିଏ ଦେଇଥିବା ତୃତୀୟ ପ୍ରବଚନଟି ମଧ୍ୟରେ ଆଗରୁ କହିଥିବା କଥାଗୁଡ଼ିକୁ ପୁନର୍ବାର ଉପସ୍ଥାପିତ କରିଥିଲେ । "ପ୍ୟାରିସ୍ ପରି ଏକ ବଡ଼ ସହରରେ ମାନସିକ ପରିବେଶ କପରି ହୋଇ ରହିଥିବ" ସିଏ ଏଥର ମଧ୍ୟ ତାହାର ବର୍ଣ୍ଣନା କରିଥିଲେ । ତା'ର ପରବର୍ତ୍ତୀ ବାକ୍ୟରେ ଯେଉଁ "ଗୃହ"ଟିର ଆଲୋଚନା କରିଥିଲେ ସେଇଟିର ବି ପୁନରାବୃତ୍ତି କରିଥିଲେ ।]

ଆମକୁ ତଥାପି ତାରିଗୁଡ଼ିକୁ ପ୍ରଜ୍ୱଳିତ କରି ରଖିବାକୁ ପଡ଼ିବ ଏବଂ ସେହି ତାରିମାନେ ଗୋଟି ଗୋଟି ହୋଇ ଉଦିତ ହୋଇ ଏହି ରାତ୍ରିକୁ ଆଲୋକିତ କରି ରଖିବେ । ଅର୍ଥାତ୍, ମନୋଭୂମିର ଦୃଷ୍ଟିକୋଣଟିରୁ ବିଚାର କରିବାକୁ ଗଲେ, ଅବଦୁଲ୍ ବାହା ଆମ ସମସ୍ତଙ୍କଠାରୁ ସେହି କଥାହିଁ ଆଶା କରୁଛନ୍ତି । ଏହି ମାର୍ଗରେ ଅଗ୍ରସର ହୋଇହିଁ ଆମେ ପୃଥିବୀ ଲାଗି ଏକ ଦୃଷ୍ଟାନ୍ତ ହୋଇ ରହି ପାରିବା ।

ଅନ୍ୟ ଯେକୌଣସି କାର୍ଯ୍ୟ ଅପେକ୍ଷା ଏହିପରି ଏକ କାର୍ଯ୍ୟର ସାଧନ ପାଇଁହିଁ ଏହିଭଳି ବୈଠକଗୁଡ଼ିକର ଯେ କେତେ ଅଧିକ ପ୍ରୟୋଜନ ରହିଛି, ଆମ ସମସ୍ତଙ୍କ ଲାଗି ତାହା ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ।

କୌଣସି ଏକ ଶୁଭ ଏବଂ ଉଚ୍ଚ ବିଷୟକୁ ଆଲୋଚ୍ୟରୂପେ ଗ୍ରହଣ କରି ଏବଂ ସ୍ୱାର୍ଥରହିତ ଅଗ୍ରଗତି ଲାଗି ଏକ ସାଧାରଣ ଇଚ୍ଛାପ୍ରକାଶ କରି ଆମେ ଘଣ୍ଟାଏ ବା ଦୁଇଘଣ୍ଟା ସକାଶେ ପରସ୍ପରର ବିଷୟରେ ଯେଉଁ ସମ୍ମେଳନ ଘଟାଇ ପାରୁଛୁ, ତଦ୍ଦ୍ୱାରା ଆମେ ଈଶ୍ୱରେଚ୍ଛାର ଅଧିକତ୍ତ୍ୱରରେ ପ୍ରଦୀପ୍ତ ଏବଂ ଶକ୍ତିବନ୍ତ ହୋଇ ରହିଥିବା ଏକ ବାୟୁମଣ୍ଡଳର ସୃଷ୍ଟି କରି ପାରୁଛୁ । ମାତ୍ର କେବଳ ଏତିକି କଲେ ତାହା

'oaob.nitrkl.ac.in' images reprocessed

କଦାପି ସନ୍ତୋଷ ହେବ ନାହିଁ । ଏହିସବୁ ବୈଠକ ପରେ ଆମକୁ ଯଦି ପୁନର୍ବାର ଏହି ଅସଂଗଠିତ ଏବଂ ଭାରଗ୍ରସ୍ତ ବାତାବରଣ ମଧ୍ୟକୁ ଫେରି ଯିବାକୁ ପଡ଼ୁଥାଏ, ତେବେ ଏଗୁଡ଼ିକୁ ପ୍ରକୃତରେ ଅନେକ କମ୍ ବୋଲି ବୁଝାଯାଇ ପାରିବ । କାରଣ, ଭୌତିକ ଏବଂ ମାନସିକ ଉଭୟ କ୍ଷେତ୍ରରେହିଁ ଆମେ ନିରନ୍ତର ଏକ ସଦୃଶ ବାତାବରଣ ସହିତ ମୁହାଁମୁହିଁ ହୋଇ ଠିଆ ହୋଇଛୁ ଓ ସେଇଟି ସହିତ ନାନା ସମ୍ପର୍କରେ ଯୋଡ଼ିହୋଇ ରହିଛୁ ।*

୧୦ ମାର୍ଚ୍ଚ, ୧୯୧୨

ଏକ ବୈଠକ ଲାଗି ଆବଶ୍ୟକ ଟିପ୍‌ପଣୀ

ଗୋଟିଏ ଯଥାର୍ଥ ବୈଠକ କିପରି ହେବା ଉଚିତ ।

ଶ୍ରୀଯୁକ୍ତ ବେର ଆମକୁ ଗତ ସପ୍ତାହରେ ମନ୍ତ୍ର ବିଷୟରେ କିଛି କହିଥିଲେ ।

ଶ୍ରୀ ରାମକୃଷ୍ଣଙ୍କ ମତରେ ଗୁରୁ ଦୁଇ ପ୍ରକାରର ଅଛନ୍ତି :

ଯେଉଁ ଗୁରୁ ମନ୍ତ୍ର ଦିଅନ୍ତି ଏବଂ ଏହିପରି ଭାବରେ ଜୀବନର ଆଧ୍ୟାତ୍ମିକତାର ଲାଗି ପରୋକ୍ଷ ନିମିତ୍ତ ରୂପେ କାର୍ଯ୍ୟ କରନ୍ତି ।

ଯେଉଁ ଗୁରୁ ସ୍ୱୟଂ ଦିବ୍ୟ ଏକତ୍ୱୋପଲବ୍ଧିର କ୍ଷେତ୍ରରେ ଗଭୀର ଅଭିଜ୍ଞତା ଲାଭ କରିଛନ୍ତି ଏବଂ ଯିଏ କେବଳ ତାଙ୍କର ଉପସ୍ଥିତି ଦ୍ୱାରାହିଁ ଆଧ୍ୟାତ୍ମିକତାର ସଂକ୍ରମଣ ଘଟାଇଥାନ୍ତି,—ଏହିପରି ଗୁରୁ ହେଉଛନ୍ତି ଅବଦୁଲ୍ ବାହା ।

ଯଦି କେତେକ ବ୍ୟକ୍ତି ଗୋଟିଏ ଗୋଷ୍ଠୀରେ ସଦିଚ୍ଛାର ଏକ ଭିତ୍ତିର ନେଇ ଏକତ୍ର ସମ୍ମିଳିତ ହୋଇ ବସନ୍ତି, ତେବେ ନିଜର ଅଧ୍ୟାତ୍ମଶକ୍ତି ଦ୍ୱାରା ଜଣେ ବ୍ୟକ୍ତି ଯାହା ହାସଲ କରିପାରିବ, ଏମାନେ ମଧ୍ୟ ତାହାକୁ ହାସଲ କରିପାରିବେ :

ଖ୍ରୀଷ୍ଟଙ୍କ ବାକ୍ୟାମୃତ :

"ଯଦି ତୁମେ ବାରଜଣ ଲୋକ ନିର୍ମଳ ଧର୍ମପରାୟଣତା ସହିତ ଏକତ୍ର ହୋଇ ପାରିବ, ତେବେ ତୁମେମାନେ ସେହି ପରମ ଅବିନଶ୍ୱରତାକୁ ପ୍ରକଟ କରି ଆଣିପାରିବ ।"

ବ୍ୟକ୍ତିମାନଙ୍କ ବେଳକୁ ଯେଉଁ ବିଧାନ, ଗୋଷ୍ଠୀଗୁଡ଼ିକର କ୍ଷେତ୍ରରେ ମଧ୍ୟ ସେହି ବିଧାନ ।

* ଏହାପରେ ଏହି ପ୍ରବଚନଟିରେ ଯେଉଁ କଥାଗୁଡ଼ିକ ଅଛି, ତାହା 'ଭାବନା ସମ୍ବନ୍ଧରେ-୩' ପ୍ରଭୃତି ବିଷୟରେ ପୂର୍ବରୁ ଅନ୍ତର୍ଗତ ହୋଇ ରହିଛି ।

'oaob.nitrkl.ac.in' images reprocessed

ସାମୂହିକ ପାରସ୍ପରିକ ପ୍ରବର୍ତ୍ତନା ଯୋଗୁଁ ଉପଲବ୍ଧ ହେଉଥିବା ଅପେକ୍ଷାକୃତ ଅଧିକ ଅନୁକୂଳ ମୁହୂର୍ତ୍ତମାନ ।

ପୁନଃ ସମ୍ମେଳନ : ପ୍ରତ୍ୟେକ ନବବର୍ଷର ଆରମ୍ଭ, ଆରମ୍ଭ କରିବା ସକାଶେ ସମସ୍ତେ ଯେଉଁ ତାରିଖଟିକୁ ବାଛୁଥିବେ ।

ଯାବତୀୟ ବସ୍ତୁକୁ ଯେ ନୂତନ କରାଯାଇ ପାରିବ, ଏହିପରି ଏକ ବିଶ୍ୱାସକୁ ନିଜ ଭିତରେ ଜାଗ୍ରତ କରିବାକୁ ଏବଂ ସେଥିଲାଗି ଏକ ସଂକଳ୍ପ ଗ୍ରହଣ କରିବାକୁ ଏକ ଅବସର ଯୋଗାଇ ଦିଆଯାଏ ।

ତେଣୁ, ନିର୍ଦ୍ଧାରିତ ସମୟମାନଙ୍କରେ ଏକତ୍ର ମିଶି ଅନୁକୂଳ ସଂକଳ୍ପଗୁଡ଼ିକୁ ଗ୍ରହଣ କରିବା ଲାଗି ଡକା ଯାଉଥିବା ବୈଠକର ଉପକାରିତା ।

ପୁସ୍ତକ ପାଠ । ୩ ଜାନୁଆରୀ ୧୯୧୩

ଅବଦୁଲ୍ ବାହାଙ୍କର ପ୍ରୟାଣ

ଅବ୍‌ଦୁଲ ବାହା ଗତ ସୋମବାର ଦିନ ଆମଠାରୁ ବିଦାୟ ନେଇ ଚାଲିଗଲେ । ତାଙ୍କର ଅଳ୍ପଦିନ ପରେ ପାରିସ୍ ଛାଡ଼ି ବାହାରକୁ ଯିବାର ବି ଥିଲା । ମୁଁ ଭଲ କରି ଜାଣିଛି ଯେ ଅନେକ ବ୍ୟକ୍ତିଙ୍କର ହୃଦୟ ଏହି ଘଟଣାରେ ଏକ ବିରାଟ ଅନୁପସ୍ଥିତି ଅନୁଭବ କରିବ ଏବଂ ଶୋକସନ୍ତପ୍ତ ହୋଇ ପଡ଼ିବ ।

ମାତ୍ର, କେବଳ ଶରୀରଟାହିଁ ଆମକୁ ଛାଡ଼ିକରି ଚାଲିଯାଉଛି; ଏବଂ ବଡ଼ ହୁଅନ୍ତୁ ବା ସାନ ହୁଅନ୍ତୁ, ବିଜ୍ଞ ହୁଅନ୍ତୁ ଅଥବା ଅଜ୍ଞ ହୁଅନ୍ତୁ କିଂବା ପାର୍ଥିବ ହୋଇଥାନ୍ତୁ ବା ଦିବ୍ୟ ହୋଇଥାନ୍ତୁ ପଛକେ, ଅଧିକାଂଶ ମନୁଷ୍ୟ ଯେଉଁ କ୍ଷେତ୍ରରେ ପରସ୍ପରର ସର୍ବାଧିକ ସମାନ ଓ ସଦୃଶ ହୋଇ ରହିଥାନ୍ତି, ନିର୍ଦ୍ଦିଷ୍ଟ ଭାବରେ ତାହାକୁହିଁ ତ ଶରୀରର କ୍ଷେତ୍ର ବୋଲି କୁହାଯିବ ! ହଁ, ଆପଣମାନେ ସମ୍ପୂର୍ଣ୍ଣ ନିଶ୍ଚିତ ଭାବରେ କେବଳ ଏତିକି ବୁଝନ୍ତୁ ଯେ ତାଙ୍କର ଏହି ଶରୀରଟିହିଁ ଆମକୁ ଛାଡ଼ି ଚାଲିଯାଉଛି; ତାଙ୍କର ଭାବନା ଆମ ପାଖରେ ଅତ୍ୟନ୍ତ ସୁନିଶ୍ଚିତ ଭାବରେ ସବୁଦିନ ଲାଗି ରହିଥିବ, ତାଙ୍କର ସେହି ଶାଶ୍ୱତ ସ୍ନେହ ଆମକୁ ସଦା ଆଲିଙ୍ଗନ କରି ରଖିଥିବ, ଏବଂ ତାଙ୍କର ଆଧ୍ୟାତ୍ମିକ ପ୍ରଭାବ ଅପରିବର୍ତ୍ତନୀୟ ଭାବରେ ଠିକ୍ ସେହି ପୂର୍ବପରି ହୋଇ ରହିଥିବ । ସିଏ ଶରୀରରେ ଆମର ନିକଟରେ ବା ଆମଠାରୁ ଦୂରରେ ଅଛନ୍ତି, ତାହା ମୋଟେ ମହତ୍ତ୍ୱପୂର୍ଣ୍ଣ ନୁହେଁ, କାରଣ, ଦିବ୍ୟ ଯାବତୀୟ ଶକ୍ତିମାନ ଏହି ଜଡ଼ଜଗତର ବ୍ୟବଧାନପାଂଶ ଭିତରେ ଆଦୌ ଧରା ଦିଅନ୍ତି ନାହିଁ । ସେହିସବୁ ଶକ୍ତିମାନ ସର୍ବବିଦ୍ୟମାନ ହୋଇ ରହିଥାନ୍ତି, ଇଚ୍ଛୁକ ହୋଇ ରହିଥିବା ସକଳ ଗ୍ରହଣପାତ୍ରକୁ ଓ ନିଷ୍ଠାଯୁକ୍ତ ସକଳ ଆକାଂକ୍ଷାକୁ ପରିତୃପ୍ତ କରିବା ଲାଗି ସେମାନେ ସର୍ବଦାହିଁ କ୍ରିୟାଶୀଳ ହୋଇ ରହିଥାନ୍ତି ।

'oaob.nitrkl.ac.in' images reprocessed

ତାଙ୍କର ସ୍ଥୂଳ ଶରୀରଟିକୁ ଦେଖିବା, ତାଙ୍କର କଣ୍ଠକୁ ଶୁଣିପାରିବା, ତାଙ୍କରି ସାନ୍ନିଧ୍ୟରେ ବାସକରିବା ଏସବୁ ଆମର ବାହ୍ୟ ସତ୍ତାଟି ଲାଗି ଯେତେ ଯେତେ ସୁଖକର ହୋଇଥିଲେହେଁ ଆମେ ପ୍ରକୃତରେ ଆପଣା ପାଖରେ ସର୍ବଦା ଏହି କଥାଟିକୁ କହି ପାରିବାର ଯୋଗ୍ୟ ହେବା ଯେ, ବାହାରୁ ତାହା ଯେତେ ଅପରିହାର୍ଯ୍ୟ ବୋଲି ବୋଧ ହେଉଥିଲେ ମଧ୍ୟ ଆମେ ଯେ ଏପର୍ଯ୍ୟନ୍ତ ଅନ୍ତର୍ଗତ ଏବଂ ଯଥାର୍ଥ ଜୀବନଟି ବିଷୟରେ ତଥାପି ପ୍ରାୟ କୌଣସି ସଚେତନତା ଅର୍ଜନ କରିପାରି ନାହୁଁ, ଏଥିରୁ ସେହି କଥାଟିହିଁ ପ୍ରମାଣିତ ହୋଇ ଯାଉଛି ।

ଅତ୍ୟନ୍ତ କମ୍‌ସଂଖ୍ୟକ ବ୍ୟକ୍ତି ସତତ ସଚେତନ ହୋଇ ରହି ପାରୁଥିବା ଦିବ୍ୟ ଜୀବନର ସେହି ଐଶ୍ୱର୍ଯ୍ୟମୟ ଗଭୀରତାଗୁଡ଼ିକୁ ଆମେ ଉପଲବ୍ଧି କରି ନ ପାରିଲେ ମଧ୍ୟ, ଏହି ଭାବନାର କ୍ଷେତ୍ରଟିରେ ମଧ୍ୟ ଦେଶ ଓ କାଳର ବିଧାନଗୁଡ଼ିକ ଆମଠାରୁ ପ୍ରାୟ ବିସ୍ମୃତ ହୋଇ ରହିଯାଉଛି ।

ଜଣକ ବିଷୟରେ ଚିନ୍ତା କରିବାହିଁ ତାହାର ନିକଟବର୍ତ୍ତୀ ହୋଇ ଆସିବା, ଏବଂ ଦୁଇଜଣ ବ୍ୟକ୍ତି ଯେତେବେଳେ ଏହି ଭାବନା ମଧ୍ୟଦେଇ ପରସ୍ପରକୁ ଭେଟିବେ ସେତେବେଳେ ଶାରୀରିକ ଦୃଷ୍ଟିରୁ ଜଣେ ଅପରଜଣକଠାରୁ ହଜାର ହଜାର କିଲୋମିଟର ଦୂରରେ ରହିଥିଲେ ମଧ୍ୟ, ପରସ୍ପରର କଥା ଭାବିବା ଦ୍ୱାରାହିଁ ସେମାନେ ଅତ୍ୟନ୍ତ ବାସ୍ତବ ଭାବରେହିଁ ପରସ୍ପର ସହିତ ଏକତ୍ର ହୋଇ ରହିଥିବେ । ଯଦି ଆପଣାର ଭାବନାକୁ ଆମେ ଯଥେଷ୍ଟ ପରିମାଣରେ ଏକକେନ୍ଦ୍ରିତ କରି ଜାଣିଥିବା ଏବଂ ଆପଣାର ଭାବନାର କ୍ଷେତ୍ରରେ ଯଥେଷ୍ଟ ପରିମାଣରେ ସଂକେନ୍ଦ୍ରିତ ହୋଇ ବି ଜାଣିଥିବା, ତେବେ ଆମେ ଯାହା ବିଷୟରେ ଚିନ୍ତା କରୁଛୁ, ସେଇଟି ବିଷୟରେ ଆମେ ସଂପୂର୍ଣ୍ଣଭାବରେ ନିଶ୍ଚୟ ସଚେତନ ହୋଇ ପାରିବା । ଏବଂ, ଯଦି ଆମେ କୌଣସି ବ୍ୟକ୍ତି ବିଷୟରେ ଏହିପରି ଚିନ୍ତା କରୁଥିବା, ତେବେ ଆମେ ତାକୁ ଦେଖିବାକୁ ପାଇବା ଓ ତା'ର କଥା ଶୁଣି ବି ପାରିବା,—ବା, କିଛି ନ ହେଲେ ବି, ତାହାର ଭାବନାକୁ ନିଶ୍ଚୟ ଜାଣି ପାରିବା ।

ଏଣୁ, ଏହାପରେ ଆଉ ବିଚ୍ଛେଦ ବୋଲି କିଛି ରହିବ ନାହିଁ, ତାହା ଏକ ଭ୍ରମମୟ ପ୍ରତିଭାସରେହିଁ ପରିଣତ ହୋଇ ରହିବ । ଏବଂ, ଆମେ ଫ୍ରାନ୍‌ସ, ଆମେରିକା, ପାରସ୍ୟ ଅଥବା ଚୀନ ଯେଉଁଠାରେ ରହିଥାଉ ପଛକେ, ଆମେ ନିଶ୍ଚୟ ତାହାର ପାଖେ ପାଖେହିଁ ରହିଥିବା ।

ମାତ୍ର, ଆମ ଭଳି ଗୋଟିଏ କ୍ଷେତ୍ରରେ ଏହି କଥାଟିକୁ ଆହୁରି ଅଧିକ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ । ଆମେ ଏଠାରେ ଏପରି ଏକ ବିଶେଷ ଭାବରେ କ୍ରିୟାଶୀଳ ଏବଂ ସଚେତନ ହୋଇ ରହିଥିବା ଭାବନାର ସଂସ୍ପର୍ଶରେ ଆସିବାକୁ ଇଚ୍ଛା କରୁଛୁ, ଯାହାକି ଏକ ଅନନ୍ତ ଶ୍ରଦ୍ଧାସ୍ପଦତାକୁ ବହନ କରୁଛି ଓ ପ୍ରକଟ ମଧ୍ୟ କରୁଛି,

'oaob.nitrkl.ac.in' images reprocessed

ଏକ ପ୍ରେମମୟ ଏବଂ ପିତୃସୁଲଭ ବ୍ୟାକୁଳତା ସହିତ ଯେଉଁ ଚକ୍ଷୁ ଏହି ସମଗ୍ର ଧରଣୀକୁ ସମାବୃତ୍ତ କରି ଧରିଛି; ଯେଉଁମାନେ ତାହାର ହାତରେ ଆପଣାକୁ ଛାଡ଼ିଦେଇ ପାରିବେ, ସେହିମାନଙ୍କର ସହାୟତା କରିବା ଲାଗି ସେହି ବ୍ୟାକୁଳତା ପ୍ରକୃତରେ କେବଳ ଆନନ୍ଦହିଁ ଅନୁଭବ କରିଥାଏ ।

ଆପଣାର ମନୋଭୂମିରେ ଏହି ସମ୍ବନ୍ଧ ଏବଂ ସମ୍ମିଳନଟିକୁ ଅନୁଭବ କର, ଏବଂ ତେବେ ତୁମେମାନେ ସ୍ପଷ୍ଟ ଦେଖିବାକୁ ସମର୍ଥ ହେବ ଯେ ଦୁଃଖ କରିବା ଲାଗି ଆମର କୌଣସି ଅବକାଶହିଁ ନାହିଁ ।

ପ୍ରତ୍ୟହ ସକାଳେ ଯେତେବେଳେ ତୁମେ ବିଛଣାରୁ ଉଠୁଛ, ତୁମର ଦୈନନ୍ଦିନ କାର୍ଯ୍ୟଗୁଡ଼ିକୁ ଆରମ୍ଭ କରିବା ପୂର୍ବରୁ ସେତେବେଳେ ତୁମେ ଶ୍ରଦ୍ଧା, ପ୍ରେମ ଏବଂ କୃତଜ୍ଞତା ସହିତ ଏହି ବୃହତ୍ତ ପରିବାରଟିକୁ, ମନୁଷ୍ୟଜାତିର ଏହି ପରିତ୍ରାଣକର୍ତ୍ତାମାନଙ୍କ ପ୍ରତି ନିଜର ଅଭିବାଦନ ଜଣାଇବ, ଯେଉଁମାନେ କି ଯୁଗେ ଯୁଗେ ସେହି ଗୋଟିଏ ପ୍ରକାରରେ ଏହି ସଂସାରକୁ ପଥପ୍ରଦର୍ଶକ ଏବଂ ଗୁରୁ ହୋଇ ଆସିଛନ୍ତି, ଯେଉଁମାନେ ଆଜି ବି ଆସୁଛନ୍ତି ଏବଂ ଭବିଷ୍ୟତରେ ମଧ୍ୟ ଆସୁଥିବେ, ଆପଣାର ମନୁଷ୍ୟରୂପୀ ସହୋଦରମାନଙ୍କୁ ସେମାନଙ୍କର ପରିପୂର୍ଣ୍ଣତାର ଦୁରୁହ ପଥଟିକୁ ଆରୋହଣ କରିବାରେ ସାହାଯ୍ୟ କରିବା ଲାଗି ବିନମ୍ରୀ ଏବଂ ସୁଦକ୍ଷ ଭୃତ୍ୟ ହୋଇ ସେମାନେ ଏହି ସଂସାରକୁ ଆସନ୍ତି । ତେଣୁ, ଯେତେବେଳେ ପ୍ରତ୍ୟହ ସକାଳେ ତୁମେ ଶଯ୍ୟାତ୍ୟାଗ କରିବ, ପୂର୍ଣ୍ଣ ବିଶ୍ୱାସ ଏବଂ କୃତଜ୍ଞତା ସହକାରେ ସେତେବେଳେ ତୁମେ ଆପଣାର ଭାବନାକୁ ସେହିମାନଙ୍କଠାରେ କେନ୍ଦ୍ରିତ ଓ ଠୁଳ କରି ରଖିବାକୁ ଚେଷ୍ଟା କରିବ, ଏବଂ ତା'ହେଲେ ତୁମେ ଅଚିରେ ଏହି ସଂକେନ୍ଦ୍ରଣର ଲାଭଦାୟୀ ପରିଣାମଗୁଡ଼ିକୁ ମଧ୍ୟ ଅନୁଭବ କରିବାକୁ ଆରମ୍ଭ କରିବ । ତୁମର ଆବାହନର ଜବାବ ଦେଇ ସେମାନେ ଯେ ତୁମର ପାଖେ ପାଖେ ରହିଛନ୍ତି ଏବଂ ସେମାନଙ୍କର ଆଲୋକ ଏବଂ ପ୍ରେମ ଦ୍ୱାରା ଅନୁପ୍ରାଣିତ ହୋଇ ତୁମେ ଯେ ପରିବେଷ୍ଟିତ ହୋଇ ରହିଛ, ତୁମେ ଠିକ୍ ସେହିପରି ଅନୁଭବ କରିବ । ଏବଂ ତା'ପରେ, ପ୍ରତ୍ୟେକ ଦିନ ଅଳ୍ପ ଅଳ୍ପ କରି ଅଧିକ ବୁଝିବା ଲାଗି, ଅଧିକ ଭଲପାଇ ପାରିବା ଲାଗି, ଅଧିକ ସେବାର ଉପଯୁକ୍ତ ହେବା ଲାଗି ତୁମେ ଅନୁକ୍ଷଣ ଯେଉଁ ପ୍ରୟାସ କରିବାରେ ଲାଗିଛ, ତାହା ଯୁଗପତ୍ ଭାବରେ ଅଧିକ ଫଳଦାୟକ ଓ ସହଜ ହେବ । ତା'ପରେ ତୁମେ ଅଧିକ ଫଳପ୍ରଦ ଭାବରେ ଅନ୍ୟମାନଙ୍କର ବି ସହାୟତା କରିପାରିବ ଏବଂ ତୁମର ହୃଦୟ ଏକ ଅକ୍ଷୟ ଆନନ୍ଦ ଦ୍ୱାରା ପରିପୂର୍ଣ୍ଣ ହୋଇ ଉଠିବାକୁ ଆରମ୍ଭ କରିବ ।

୯ ଜୁନ୍ ୧୯୧୩

'oaob.nitrkl.ac.in' images reprocessed

ଚତୁର୍ଥ ଭାଗ

ପ୍ରାର୍ଥନା ଓ ଧ୍ୟାନମାଳା, ଏଥିରୁ କେତେଗୁଡ଼ିଏ ୧୯୧୪ ଏବଂ ୧୯୧୬ ଭିତରେ ଲେଖା ହୋଇଥିଲା । ଅନ୍ୟଗୁଡ଼ିକରେ କୌଣସି ତାରିଖ ଦିଆହୋଇ ନ ଥିଲା, ମାତ୍ର ଖୁବ୍ ସମ୍ଭବ ସେଗୁଡ଼ିକୁ ୧୯୨୦ ପୂର୍ବର ବୋଲି ଧରାଯାଇ ପାରେ ।

'oaob.nitrkl.ac.in' images reprocessed

ଆମର ଏହି ସ୍ଥୂଳ ଶରୀରର କ୍ରିୟାଶୀଳତାଗୁଡ଼ିକ ଯେତିକି ଅହଂ କେନ୍ଦ୍ରିତ ହୋଇ ରହିଥିବ, ଆମର ଚେତନାକୁ ତାହାଠାରୁ ଅଲଗା କରି ରଖିବା ଏବଂ ଶରୀରକୁ କେବଳ ଏକ ଆଜ୍ଞାବହ ପରି ଦେଖିବାହିଁ ସେତିକି ନ୍ୟାୟସଙ୍ଗତ ଓ ଆବଶ୍ୟକ ହେବ । ସେତେବେଳଯାଏ ଆମ ଶରୀରକୁ ଆମେ ଏପରି ଏକ ବସ୍ତୁ ଭଳି ଦେଖିବା, ଯାହାକୁକି ବାଟ ଦେଖାଇବାକୁ ପଡ଼ିବ, ମାର୍ଗଦର୍ଶନ କରାଇ ଯାହାକୁ ନେଇଯିବାକୁ ପଡ଼ିବ ଏବଂ ବାଧ୍ୟ କରି ରଖିବାକୁ ହେବ । ଏହି ପାର୍ଥିବ ସତ୍ତାଟି ଅଧିକରୁ ଅଧିକ ପରିମାଣରେ ଦିବ୍ୟ ଶକ୍ତିସ୍ରୋତଗୁଡ଼ିକ ଲାଗି ଗ୍ରହଣଶୀଳ ହୋଇ ଆସୁଥିବା ଏବଂ ଆପଣାର ସନ୍ଦୀପିତ କ୍ରିୟାଗୁଡ଼ିକରେ ସେଗୁଡ଼ିକୁ ପ୍ରକଟ କରି ପାରୁଥିବା ସଙ୍ଗେ ସଙ୍ଗେ, ଆମେ ସେହି ଶରୀରଟି ସହିତ ପୁନର୍ବାର ଆପଣାକୁ ଏକାତ୍ମ କରି ରଖିପାରିବା ଏବଂ ନିମିତ୍ତ ତଥା ପରମକର୍ତ୍ତାଙ୍କୁ ଅଭିନ୍ନ ବୋଲି ଅନୁଭବ ବି କରି ପାରିବା । ମାତ୍ର, ସୃଷ୍ଟି ସନ୍ଦର୍ଭରେ ପ୍ରୟୋଜନଟି ଦ୍ୱାରା ପ୍ରେରିତ ହୋଇ କ୍ରିୟାତ୍ମକତାର ଏହି ଉଭୟ ସ୍ତର ପରସ୍ପରର ସହାବସ୍ଥିତ ହୋଇ ବିଦ୍ୟମାନ ରହିଥିବାରୁ, ଏହି ଦୁଇଟିଯାକ ଦୃଷ୍ଟିକୋଣ ଓ ଅନୁଭୂତିର ଏହି ଦୁଇଟିଯାକ ପଦ୍ଧତିକୁ ମଧ୍ୟ ପରସ୍ପରର ସହାବସ୍ଥିତ ହୋଇ ରହିବାକୁ ପଡ଼ିବ ।

୨୪ ଜୁଲାଇ, ୧୯୧୪

ଦିବ୍ୟ ପରମ ଇଚ୍ଛା ପାଖରେ ଆପଣାକୁ ସମ୍ପୂର୍ଣ୍ଣ ଏବଂ ଏକାନ୍ତ ଭାବରେ ସମର୍ପଣ କରିଦେବା ଦ୍ୱାରାହିଁ ଆମ ସ୍ୱାଭାବିକ ସତ୍ତାଟିର ଯଥାର୍ଥ ନୈର୍ବ୍ୟକ୍ତିକତା କଦାପି ସମ୍ଭବ ହୋଇଯାଏ ନାହିଁ । ଏହି ସମର୍ପଣକୁ କେବଳ ଏକ ପ୍ରସ୍ତୁତି ବୋଲିହିଁ କୁହାଯାଇ ପାରିବ । ପ୍ରାଣର ସ୍ତରରେ ହେଉ ଅଥବା ସତ୍ତାର ଅନ୍ୟ କୌଣସି ଭୂମିରେ ହେଉ ପଛକେ, ଏହି ପାର୍ଥିବ ପ୍ରାଣଟି ସହିତ ପୂର୍ଣ୍ଣ ଏକାତ୍ମକତା ଅର୍ଜନ କରିପାରିଲେ ବା ବରଂ ଯାବତୀୟ ଇନ୍ଦ୍ରିୟାନୁଭୂତି ତଥା ବିଶ୍ୱଗତ ସକଳ କ୍ରିୟାଶୀଳତାର ଗର୍ଭରେ ଅବସ୍ଥିତ ରହିଥିବା ଦିବ୍ୟ ଆନନ୍ଦଟି ସହିତ ଏକାତ୍ମକ ହୋଇ ପାରିଲେ ଯାଇ ସମ୍ପୂର୍ଣ୍ଣ ନୈର୍ବ୍ୟକ୍ତିକତା ସମ୍ଭବ ହୋଇ ପାରିବ । ତାହା ଫଳରେ ଏପରି ଘଟିବ ଯେ, ବିଚ୍ଛିନ୍ନଭାବରେ କେବଳ କୌଣସି ଗୋଟିଏ ଅନୁଭୂତିରୁହିଁ ଆନନ୍ଦ ନ ପାଇ ସେହିଟିରୁ ଆନନ୍ଦଲାଭ କରୁଥିବା ସମସ୍ତଙ୍କ ମଧ୍ୟରେ ଆମେ ସେହି ଅନୁଭୂତିଟିରୂପେ ଅବସ୍ଥାନ କରିପାରିବା । ତା'ପରେ ବ୍ୟକ୍ତି-ପ୍ରାଣର ଆଉ ଅଲଗା କୌଣସି ଅସ୍ତିତ୍ୱ ନ ଥିବ ; ମାତ୍ର ତତ୍ପରିବର୍ତ୍ତରେ ଏକାଧାରରେ ନୈର୍ବ୍ୟକ୍ତିକ ଏବଂ ସଚେତନ ହୋଇ କେବଳ ଏକ ଶକ୍ତିବରୀହିଁ ରହିଥିବ, ଯାହାକି ଅନୁଭୂତିସମର୍ଥ ଯାବତୀୟ ଇନ୍ଦ୍ରିୟରେ ଆପଣାକୁ ପ୍ରକଟ କରିଦେଇ ପାରୁଥିବ ।

ଉଦାହରଣସ୍ୱରୂପ, [illegible] ହୋଇ ଅଥବା ପୂର୍ଣ୍ଣ ସମଞ୍ଜସତା ଅର୍ଜନ କରିଥିବା ଜଣେ ସାଥୀଙ୍କ ସହିତ ଏକତ୍ର ମନୁଷ୍ୟବସତିର କୌଣସି ହସ୍ତକ୍ଷେପ ଦ୍ୱାରା

'oaob.nitrkl.ac.in' images reprocessed

ଦୂଷିତ ହୋଇଯାଇ ନ ଥିବା କ୍ୱଚିତ୍ କାହାର ପାଦ ପଡ଼ିଥିବା ବା ହୁଏତ ଆଦୌ କାହାର ପାଦ ପଡ଼ି ନ ଥିବା ଗ୍ରାମପଥରେ ବୁଲି ଯାଉଥିବା ସମୟରେ ଆମେ ଯେଉଁ ଅନୁଭୂତିଟି ଲାଭ କରିଥାଉ, ସେଥିରେ ଏକ ସୁମଧୁର ଏବଂ ସୁଗମ୍ଭୀର ସୂକ୍ଷ୍ମ ଆନନ୍ଦ ପ୍ରଚ୍ଛନ୍ନ ହୋଇ ରହିଥାଏ । ସେଠାରେ ବିପୁଳା ପ୍ରକୃତି ଶାନ୍ତଭାବରେ ବିସ୍ତାରିତ ହୋଇ ରହିଥାଏ, ସତେଅବା ଏକ ଅଗ୍ନିଶିଖା ପରି ବିଶୁଦ୍ଧ ହୋଇ ରହିଥାଏ, ଏକ ପ୍ରାର୍ଥନା ପରି ପବିତ୍ର ହୋଇ ରହିଥାଏ । ପର୍ବତଦେଶରେ, ଅରଣ୍ୟମାର୍ଗରେ କୌଣସି ସ୍ୱଚ୍ଛ ନିର୍ଝରିଣୀର କୂଳରେ ଅସଂଯୋଜିତ ଭାବରେ ଚାଲି ଯାଇଥିବା ପଥଗୁଡ଼ିକ ଉପରେ କୌଣସି ବହୁଦୂର ପ୍ରସାରିତ ସମୁଦ୍ର ତଟରେ ବୁଲିଯାଉଥିବା ସମୟରେ ଆମେ ଠିକ୍ ସେହି ଆନନ୍ଦଟିକୁ ଅନୁଭବ କରିଥାଉ । ଯେପର୍ଯ୍ୟନ୍ତ ଆମର ପ୍ରାଣ କେବଳ ଜଣେ ବ୍ୟକ୍ତିରହିଁ ପ୍ରାଣ ହୋଇ ରହିଥାଏ, ସେପର୍ଯ୍ୟନ୍ତ କେବଳ କେତୋଟି ବାହ୍ୟ ପରିବେଶ ବିଦ୍ୟମାନ ରହିଥିଲେ ଯାଇ ଆମେ ସେହି ଆନନ୍ଦଟିକୁ ଅନୁଭବ କରିଥାଉ । ମାତ୍ର, ଯେତେବେଳେ ପ୍ରାଣ ପ୍ରକୃତରେ ନୈର୍ବ୍ୟକ୍ତିକ ହୋଇ ଯାଇଥାଏ, ସମଗ୍ର ବିଶ୍ୱ ମଧ୍ୟରେ ପରିବ୍ୟାପ୍ତ ଓ ପରିସିକ୍ତ ହୋଇ ରହିଥାଏ, ସେତେବେଳେ ଯେତେ ଯେତେ ବ୍ୟକ୍ତି ଏହି ଆନନ୍ଦଟିକୁ ଅନୁଭବ କରୁଥାନ୍ତି, ଆମେ ସମସ୍ତଙ୍କ ମଧ୍ୟରେ ସେହି ଆନନ୍ଦମୟ ଅନୁଭୂତିରୂପେହିଁ ବାସ କରୁଥାଉ । ସେତେବେଳେ ସେହି ଆନନ୍ଦଟିକୁ ଅନୁଭବ କରି ପାରିବା ଲାଗି କେତେକ ନିର୍ଦ୍ଦିଷ୍ଟ ଓ ବିଶେଷ ବାହ୍ୟ ପରିବେଶ ଦ୍ୱାରା ପରିବେଷ୍ଟିତ ହେବା ଲାଗି ଆଉ କୌଣସି ପ୍ରୟୋଜନ ନ ଥାଏ ।

ଆମର ସ୍ନାୟୁଗତ ଭୂମିରେ ବି ଆମେ ସେତେବେଳେ ଯାବତୀୟ ପରିବେଶର ବନ୍ଧନରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇ ରହିଥାଉ । ଆମେ ଯଥାର୍ଥ ବିମୋଚନର ଅଧିକାରୀ ହେଉ ।

୩୦ ଜୁଲାଇ, ୧୯୧୪

ମୁଁ ସେହି ତରଙ୍ଗଗୁଡ଼ିକର ସଙ୍ଗୀତକୁ ଶ୍ରବଣ କରୁଥିଲି ଏବଂ ତାହା ମୋତେ କେତେ କ'ଣ ବିସ୍ମୃତ ବିଷୟରେ କେତେ କ'ଣ କହି ଚାଲି ଯାଉଥିଲା । ତାହା ମୋତେ ଜୀବନର ଆନନ୍ଦ ବିଷୟରେ କହୁଥିଲା, ଗତିର ଉଲ୍ଲାସ ବିଷୟରେ କେତେ କ'ଣ କହିବାରେ ଲାଗିଥିଲା । ହେ ସମୁଦ୍ର, ସତତ ନବୀନ ହୋଇ ଶ୍ରୁତ ହେଉଥିବା ଏକ ଅଶେଷ ସଙ୍ଗୀତର ମଧ୍ୟଦେଇ ତୁମେ ମୋତେ ପୁନର୍ବାର ସକଳ ବସ୍ତୁକୁ ସତ୍ୟବସ୍ତୁରେ ପରିଣତ କରିଦେଇ ପାରୁଥିବା ଶ୍ରଦ୍ଧାର ସେହି ଶକ୍ତିର କଥାଟି କହିଦେଇ ଗଲ । ତୁମର ସେହି ଅଜସ୍ର କ୍ରିୟାଶୀଳତାର ମହିମାଟି ବିଷୟରେ ଚିନ୍ତା କରୁ କରୁ ମୁଁ ଏହି ବିଶ୍ୱକୁ ସେହି ସର୍ବୋଚ୍ଚ ପରମ ସତ୍ୟ ଅଭିମୁଖରେ ଧାବିତ କରି

'oaob.nitrkl.ac.in' images reprocessed

ନେଉଥିବା ଅପ୍ରତିରୋଧ୍ୟ ଊର୍ମିମାଳାକୁ ପ୍ରତ୍ୟକ୍ଷ କରିବାକୁ ଲାଗିଲି । ଯେଉଁ ଶକ୍ତି ତୁମକୁ ଉତ୍ତୋଳିତ କରିନେଉଛି ଏବଂ ତୁମର ଭୂମିସମତଳଟିକୁ ପର୍ବତାକାର କରିଦେବାରେ ଲାଗିଛି, ତାହାକୁ ମୁଁ ପ୍ରକୃତରେ ଏହି ଜଗତଟିକୁ ତା'ର ଜଡ଼ତା ମଧ୍ୟରୁ ଉତ୍ତୋଳିତ କରି ନେଉଥିବା ଏବଂ ତାହାର ମଧ୍ୟରେ ସେହି ପରମ ଦିବ୍ୟସତ୍ତା ଲାଗି ଏକ ଅଭୀପ୍ସାକୁ ଜାଗ୍ରତ କରି ଆଣୁଥିବା ଶକ୍ତିଟିର ସମଧର୍ମୀ ବୋଲିହିଁ କହିପାରିବି ।

ତା'ପରେ ଯେତେବେଳେ ସେହି ସମାବିଷ୍ଟ ଜୀବନଟି ମଧ୍ୟରେ ମୁଁ ତୁମକୁ ନିରୀକ୍ଷଣ କରିବାରେ ଲାଗିଥିଲି, ସେତେବେଳେ ତୁମେ ଆହୁରି ଅଧିକ ନୀରବ ଭାବରେ କାନରେ ଆସି କଥା କହିବାକୁ ଆରମ୍ଭ କଲ । ଯେଉଁ ଶାଶ୍ୱତ ପରମପ୍ରେମ ଯାବତୀୟ ଆକାର ମଧ୍ୟରେ କେବଳ ନିଜକୁହିଁ ଭଲ ପାଉଛି ଏବଂ ଯାବତୀୟ କ୍ରିୟାଶୀଳତା ମଧ୍ୟରେ ଆପେ ଆପେ ଉଦ୍‌ଘାଟିତ ହୋଇ ଯାଉଛି ତୁମେ ମୋତେ ତାହାର ନିଗୂଢ଼ ରହସ୍ୟଟି ବିଷୟରେ କହିବାକୁ ଆରମ୍ଭ କଲ । ଏହି ଅନିର୍ବଚନୀୟ ପରମ ପ୍ରେମ ମୋ' ଭିତରେ ପୂର୍ବରୁହିଁ ଆତ୍ମସଜ୍ଞାନ ହୋଇ ଅବସ୍ଥିତ ରହିଥିଲା, ମାତ୍ର ତୁମ ସହିତ ସେହି ସାକ୍ଷାତ୍ ହେବା ସମୟରେ ତାହା ଅସାଧାରଣ ଭାବରେ ପ୍ରଗାଢ଼ ହୋଇ ଆସିଲା, ବା ସମ୍ଭବତଃ ମୋ'ର ବ୍ୟକ୍ତିଗତ ଅନୁଭବଟି ଅସାଧାରଣ ଭାବରେ ସ୍ପଷ୍ଟ ହୋଇ ଯାଇଥିଲା । ହେ ଶ୍ରଦ୍ଧାର ନିଧାନ ପରମ ପ୍ରଭୁ, ଏହି ଜଗତରେ ସର୍ବୋଚ୍ଚ କର୍ତ୍ତା, ତୁମେହିଁ ସବୁକିଛିର ରୂପରେ ସର୍ବତ୍ର ବିଦ୍ୟମାନ୍ ରହିଛ, ସବୁଟିକୁ ଅଧିକାର କରି ରହିଛ ଏବଂ ସବୁଟି ମଧ୍ୟରେ ତୁମେହିଁ ଆନନ୍ଦବିଭୋର ହୋଇ ରହିଛ । ତେବେ, ତୁମ ଶାଶ୍ୱତତାର ସେହି ନିର୍ଦ୍ଦିଷ୍ଟ ମୁହୂର୍ତ୍ତଟିରେ, ତୁମେହିଁ କ'ଣ ଏପରି ଅଦ୍ଭୁତ ନିକଟ ହୋଇ ଆମ ଉପରେ ଦୃଷ୍ଟିପାତ କରିବାକୁ ଲାଗିଲ ଯେ ଆମେ ପ୍ରେମର ଏହିଭଳି ଏକ ଅପୂର୍ବ ମହିମା ମଧ୍ୟରେ ପୂର୍ଣ୍ଣତଃବଗାହିତ ହୋଇ ରହିଗଲୁ ? ଅଥବା, ତୁମେ ଏପରି ଏକ ଇଚ୍ଛା ପ୍ରକାଶ କରୁଥିଲ ଯେ, ଏହି ନଶ୍ୱର ଏବଂ ସସୀମ ସତ୍ତାଟି ମଧ୍ୟରେ ଯେଉଁ କ୍ଷୁଦ୍ର ଅକିଞ୍ଚନ ନିମିତ୍ତଟି ଅବସ୍ଥାନ କରୁଛି, ତୁମେ ତାହାର ମାଧ୍ୟମରେ ଆହୁରି ଅଧିକ ଶକ୍ତିଶାଳୀ ଭାବରେ ଓ ଆହୁରି ଅଧିକ ପରିପୂର୍ଣ୍ଣ ଭାବରେ, ଆହୁରି ଅଧିକ ପ୍ରଗାଢ଼ତା ଏବଂ ପରିଶୁଦ୍ଧତା ସହିତ ତୁମେ ଆପଣାର ସେହି ସତ୍ତାଗତ ଏବଂ ଆତ୍ମ-ପରିପ୍ରକାଶଗତ ଆନନ୍ଦଟିକୁ ଆସ୍ୱାଦନ କରିବ ? ହଠାତ୍ ସବୁକିଛି ତୁମର ପରମସତ୍ୟର ବର୍ଣ୍ଣନାତୀତ ସୌନ୍ଦର୍ଯ୍ୟ ଦ୍ୱାରା ଉଦ୍‌ଭାସିତ ହୋଇ ଉଠିଲା, ଏବଂ ବ୍ୟକ୍ତିଚେତନାର ଦର୍ପଣଟି ଉପରେ ତୁମେ ତୁମର ସେହି ଅନନ୍ତ ପ୍ରେମମୟ ସତ୍ତାର ଆତ୍ମଅଭିବ୍ୟକ୍ତିଗତ ଯାବତୀୟ ବିଚିତ୍ର ସ୍ୱାଦ ଏବଂ ରଙ୍ଗକୁ ଆଣି ପ୍ରତିଫଳିତ କରିଦେବାରେ ଲାଗିଲ । ଦୁଃଖ ଏବଂ ଆନନ୍ଦାନୁଭୂତି ଏପରି ଏକ ଅପୂର୍ବ ଭାବ.ବେଶ ମଧ୍ୟରେ ସମ୍ମିଳିତ ଏବଂ ଏକଲୀନ ହୋଇଗଲେ ଯେ ତାହାର ସେହି ପ୍ରଦୀପ୍ତି ମଧ୍ୟରେ ତାହା ସତେ ଯେପରି

'oaob.nitrkl.ac.in' images reprocessed

ସମସ୍ତ ସତ୍ତାଟିକୁ କୁଆଡ଼େ ବିଲୁପ୍ତ କରି ଦେବାପରି ମନେ ହେଉଥିଲା । ହଁ, ତାହା ତୁମକୁ ପ୍ରକୃତରେ କେଡ଼େ ଭଲ ଭାବରେ ବୁଝି ପାରୁଥିଲା; ତୁମ ନିଜରହିଁ ଏହି ଯେଉଁ ଅଂଶଟିର ଏହି ଆକାଙ୍କ୍ଷାଭୂତ ବସ୍ତୁଟିକୁ ମୁଁ ମୋ' ନିଜର ସତ୍ତା ବୋଲି କହୁଛି, ସେହି ଅବିସ୍ମରଣୀୟ ମୁହୂର୍ତ୍ତଗୁଡ଼ିକରେ ତାହା କେଡ଼େ ଶକ୍ତିଶାଳୀ ଭାବରେ ତୁମକୁ ଭଲ ପାଉ ନ ଥିଲା! ଭାବନା ଏବଂ ଇନ୍ଦ୍ରିୟାନୁଭବର ଯାବତୀୟ ବାଧା ସେତେବେଳେ କୁଆଡ଼େ ଅନ୍ତର୍ହିତ ହୋଇ ଯାଉଥିଲା । ତୁମର ସେହି ଉଜ୍ଜ୍ୱଳ ବହ୍ନିର ଉଷ୍ମତାରେ କୁଆଡେ ଭସ୍ମୀଭୂତ ହୋଇ ଯାଉଥିଲା । ଏବଂ, ସେତେବେଳେ ପ୍ରକୃତରେ ତୁମେହିଁ ସକଳ ବସ୍ତୁରେ ତୁମର ସେହି ଶାଶ୍ୱତ ଏବଂ ଅନନ୍ତ ଉପସ୍ଥିତିକୁ ନେଇ ଆନନ୍ଦମଗ୍ନ ହୋଇ ରହିଥିଲ । ତୁମେହିଁ ଯାବତୀୟ କ୍ରିୟା ଏବଂ ଯାବତୀୟ ପ୍ରତିରୋଧର ପରିଣତ ହୋଇଥିଲ, ଯାବତୀୟ ଇନ୍ଦ୍ରିୟାନୁଭବ ଏବଂ ଯାବତୀୟ ଭାବନାରେ ମଧ୍ୟ ପରିଣତ ହୋଇ ରହିଥିଲ । ତୁମେହିଁ ପ୍ରେମିକ ଏବଂ ପ୍ରିୟଜନ ଉଭୟରେ ପରିଣତ ହୋଇଥିଲ, ଦାତା ଏବଂ ଗ୍ରହଣକର୍ତ୍ତା ଉଭୟ ହୋଇ ରହିଥିଲ,—ଏକ ଅକ୍ଷୟ ଏବଂ ସତତଗତିଶୀଳ ସୌଷମ୍ୟ ମଧ୍ୟରେ ତୁମେ ଏହି ସବୁକିଛିରେ ପରିଣତ ହୋଇ ରହିଥିଲ ।

ମୁଁ ସେଇ ତରଙ୍ଗଗୁଡ଼ିକର ସଂଗୀତକୁ କାନପାତି ଶୁଣିବାରେ ଲାଗିଥିଲି,—ଏବଂ ସେହି ସଂଗୀତ ମୋ' କାନରେ କେତେ କ'ଣ ବିସ୍ମୟର କଥାକୁ ଆସି କହି ଯାଉଥିଲା ।

ମାର୍ଚ୍ଚ ବା ଏପ୍ରିଲ, ୧୯୧୫

ନିଜ ଆଦର୍ଶର ଉପଲବ୍ଧି ସକାଶେ ବର୍ତ୍ତମାନ ମୁହୂର୍ତ୍ତର ପରିତୃପ୍ତିଟିକୁ ପରିତ୍ୟାଗ କରି ଶିଖିବା,—ସେମାନଙ୍କର ଏହି ନଶ୍ୱର ସମଗ୍ର ଜୀବନଟି ସର୍ବାଧିକ ପରିମାଣରେ ଫଳପ୍ରସୂ ହେଉ ବୋଲି ଯେଉଁମାନେ ଇଚ୍ଛା କରନ୍ତି, ତାହାକୁହିଁ ସେହିମାନଙ୍କ ଜୀବନର ଏକ ମହାନ୍ କଳା ବୋଲି କୁହାଯାଇ ପାରିବ ।

ଏହି ସଂସାରରେ ଅଗଣିତ ପ୍ରକାରର "ସଫଳ" ବ୍ୟକ୍ତି ଅଛନ୍ତି; କେଉଁ ବ୍ୟକ୍ତି ଭିତରେ ନିଜ ନିଜର ଆଦର୍ଶ ବିଷୟରେ କେତେ ଅଳ୍ପ ଅଥବା ଅଧିକ ପରିମାଣରେ ଉଦାରତା, ଉଚ୍ଚ ଭାବନା, ଅନେକମୁଖିତା, ଶୁଦ୍ଧତା ଏବଂ ଭାସ୍ୱରତା ରହିଛି, ସେହି ଅନୁସାରେହିଁ ଆମେ ସେହି ପ୍ରକାରଗୁଡ଼ିକର ନିର୍ଦ୍ଧାରଣ କରିଥାଉ । ଜଣେ ବ୍ୟକ୍ତି ହୁଏତ ଜିନିଷ ଉଠାଇ ନେଉଥିବା ଜଣେ ଚୋରର ଭାବରେ "ସଫଳତା" ଲାଭ କରିପାରେ, ଆଉ ଜଣେ ସାରା ପୃଥିବୀର ଅଧୀଶ୍ୱର ହିସାବରେ "ସଫଳତା" ଲାଭ କରିପାରେ, ପୁଣି ଆଉକେହି ଜଣେ ସଂସାରତ୍ୟାଗୀ ସନ୍ନ୍ୟାସୀ ହିସାବରେ ମଧ୍ୟ

'oaob.nitrkl.ac.in' images reprocessed

"ସଫଳତା" ଲାଭ କରିପାରେ । ଏହି ଉନୋଟିଯାକ କ୍ଷେତ୍ରରେ, ଏଗୁଡ଼ିକ ଭିନ୍ନ ଭିନ୍ନ ପ୍ରକାର ହୋଇ ରହିଥିଲେ ମଧ୍ୟ, ଯେକୌଣସି ବ୍ୟକ୍ତିଠାରେ ରହିଥିବା ଅଳ୍ପ ଅଥବା ବହୁତ ସମ୍ପୂର୍ଣ୍ଣ ତଥା ବ୍ୟାପକ ଆତ୍ମଦକ୍ଷତାହିଁ ତାହାର ସେହି "ସଫଳତା"କୁ ସମ୍ଭବ କରିଥାଏ ।

ଅନ୍ୟପକ୍ଷରେ, "ବିଫଳ" ହେବାର କେବଳ ଗୋଟିଏ ମାତ୍ର ମାର୍ଗ ବା ପ୍ରକାର ରହିଛି । ଏବଂ ସେଇଟି ବୃହତ୍ତମ ଏବଂ ସବୁଠାରୁ ଅଧିକ କ୍ଷମତାଶାଳୀ ବୁଦ୍ଧିମାନର କ୍ଷେତ୍ରରେ ଯେପରି ଘଟିଥାଏ, କ୍ଷୁଦ୍ରତମ ତଥା ସବୁଠାରୁ ଅଧିକ ଅଳ୍ପ-ସମର୍ଥର କ୍ଷେତ୍ରରେ ମଧ୍ୟ ସେହିପରି ଘଟିଥାଏ । ଯେଉଁ ବ୍ୟକ୍ତିମାନେ ଉପସ୍ଥିତ ମୁହୂର୍ତ୍ତଟିର ଇନ୍ଦ୍ରିୟାନୁଭବଟିକୁ ସେମାନେ ଉପଲବ୍ଧି କରିବାକୁ ଇଚ୍ଛା କରୁଥିବା ଆଦର୍ଶଟି ସମକ୍ଷରେ ଗୌଣ ଏବଂ ଅଧୀନ କରି ରଖିପାରନ୍ତି ନାହିଁ; ସେହିମାନେହିଁ ବିଫଳ ହୋଇଥାନ୍ତି । ଆଦର୍ଶଟିର ପଥକୁ ଗ୍ରହଣ କରିବା ଲାଗି ସେମାନଙ୍କ ଭିତରେ ଯଥେଷ୍ଟ ବଳ ନ ଥାଏ, — ବ୍ୟାପ୍ତି ଏବଂ ବହୁମୁଖିତା ଦୃଷ୍ଟିରୁ ସମାନ ନ ହୋଇ ଥିଲେହେଁ ସମସ୍ତଙ୍କର କ୍ଷେତ୍ରରେ ସେହି ଆଦର୍ଶର ସ୍ୱଭାବଟି ଅବଶ୍ୟ ସମାନ ହୋଇ ରହିଥାଏ,—ଏବଂ ତେଣୁ ସେମାନଙ୍କର ଭାଗ୍ୟରେ ବିଫଳତାହିଁ ରହିଥାଏ ।

ଗୋଟିଏ ପାଖରେ ଆମେ ଏପରି ଗୋଟିଏ ବ୍ୟକ୍ତିକୁ ରଖିବା ଯିଏକି ତା' ଜୀବନରେ ଯାହାକିଛି କଳ୍ପନା କରିଥିଲା, ସେଗୁଡ଼ିକୁ ସେ ସମ୍ପୂର୍ଣ୍ଣ ଏବଂ ସର୍ବୋତ୍ତମ ଭାବରେ ଉପଲବ୍ଧି କରିପାରିଛି; ଏବଂ ଅନ୍ୟ ପାଖରେ ଆଉଜଣେ ଏପରି ବ୍ୟକ୍ତିକୁ ରଖିବା, ଯିଏକି ଆପଣାର ଜୀବନରେ ଆଦୌ କିଛିହେଲେ ଉପଲବ୍ଧି କରିପାରି ନାହିଁ । ତେବେ ଏ ଦୁହିଁଙ୍କ ମଝିରେ ଆମକୁ ଅସୁମାରି ପ୍ରକାରର କେତେ ନା କେତେ ମଧ୍ୟସ୍ତରୀୟ ମନୁଷ୍ୟ ଦେଖିବାକୁ ମିଳିବେ । ଏହି ମଧ୍ୟପର୍ଯ୍ୟାୟଟି ମଧ୍ୟରେ ବି କେତେ ପ୍ରକାରର ଭେଦ ଆସି ଆମ ଆଖିରେ ପଡ଼ିବ; କାରଣ, କେଉଁ ବ୍ୟକ୍ତି ତା'ର ଆଦର୍ଶଟିକୁ କେତେ ମାତ୍ରାରେ ଉପଲବ୍ଧି କରିଛି, କେବଳ ସେଇଥିରେ ଯେ ଏକ ପାର୍ଥକ୍ୟ ରହିଥିବ ତା' ନୁହେଁ, ମାତ୍ର ଖାସ୍ ଆଦର୍ଶଟିର କ୍ଷେତ୍ରରେ ମଧ୍ୟ କେତେ ପ୍ରକାର ଗୁଣାତ୍ମକ ପାର୍ଥକ୍ୟ ବି ଅବଶ୍ୟ ରହିଥିବ । ଅନେକ ବ୍ୟକ୍ତିଙ୍କର ଅଭିଳାଷ କେବଳ ଭାବପ୍ରବଣ ଅଥବା ବୁଦ୍ଧିଗତ କେତେଟା ବ୍ୟକ୍ତିଗତ ଆଗ୍ରହ ଅଥବା ବସ୍ତୁର ଅନୁଧାବନରେ ତତ୍ପର ହୋଇ ରହିଥାଏ । ଅନ୍ୟଗୁଡ଼ିକର ସମ୍ମୁଖରେ ହୁଏତ ଅପେକ୍ଷାକୃତ ଅଧିକ ସାଧାରଣ, ଅଧିକ ସାମୂହିକ ତଥା ଉଚ୍ଚତର ଲକ୍ଷ୍ୟମାନ ରହିଥାଏ; ଏବଂ ତଥାପି ଆହୁରି ଅନ୍ୟମାନେ ବି ରହିଥାନ୍ତି ଯେଉଁମାନେ କି ସଂଗତଅବା ଅତିମାନବିକ କୌଣସି ଅଭିଳାଷର ଅନୁଧାବନ କରୁଥାନ୍ତି । ଶାଶ୍ୱତ ସତ୍ୟ, ଶାଶ୍ୱତ ଚେତନା ଏବଂ ଶାଶ୍ୱତ ଶାନ୍ତିର ମହିମାଗୁଡ଼ିକ ଆଡ଼କୁ ଉନ୍ମୋଚିତ ହୋଇ ରହିଥିବା ପର୍ବତଶୃଙ୍ଗଗୁଡ଼ିକୁ ସେମାନେ ଅନ୍ୱେଷଣ କରିବାକୁ ଉଦ୍ୟମ

କରୁଥାଉ । ଆମେ ନିଜେ ଆପଣା ଲାଗି ଯେଉଁ ଲକ୍ଷ୍ୟଟିକୁ ବାଛି ନେଇଛୁ, ଆମର ଉଦ୍ୟମ ତଥା ଉତ୍ସର୍ଗଶକ୍ତି ଯେ ତାହାର ବ୍ୟାପକତା ଏବଂ ଉଚ୍ଚତାଟିର ସମପରିମାଣ ଅବଶ୍ୟ ହୋଇ ପାରୁଥିବା ଉଚିତ, ସେହି କଥାଟିକୁ ଆମେ ସହଜରେ ବୁଝି ପାରୁଥିବା ।

ଅଳ୍ପତମଠାରୁ ଉଚ୍ଚତମ ପର୍ଯ୍ୟନ୍ତ ଯେକୌଣସି ସ୍ତରରେ ମଧ୍ୟ, ଆମେ ଖୁବ୍ କ୍ୱଚିତ୍ହିଁ କୌଣସି ଲକ୍ଷ୍ୟକୁ ଗ୍ରହଣ କରିଥିବା ଜଣେ ବ୍ୟକ୍ତି ଯେଉଁକ ଆତ୍ମନିୟନ୍ତ୍ରଣ ଏବଂ ଉତ୍ସର୍ଗ ଶକ୍ତି ଲାଗି ପ୍ରକୃତରେ ସମର୍ଥ ହେଉଛି ଏବଂ ଅନ୍ୟ ପକ୍ଷରେ ତାହାର ସେହି ଲକ୍ଷ୍ୟଟି ତା'ଠାରୁ ଯାବତୀୟ ପ୍ରକାରର ତଥା ପ୍ରକୃତିର ଯେତେଯେତେ ଉତ୍ସର୍ଗ ଏବଂ ତ୍ୟାଗ ଦାବି କରୁଛି, ଦୁଇଟି ମଧ୍ୟରେ ଏକ ସମ୍ପୂର୍ଣ୍ଣ ସ୍ୱରସାମ୍ୟ ରହିଥିବାର ଦେଖିବାକୁ ପାଇଥାଉ ।

କୌଣସି ବ୍ୟକ୍ତିର ଜୀବନ କ୍ଷେତ୍ର ଯେତେବେଳେ ଏହି ପରିପୂର୍ଣ୍ଣ ସ୍ୱରସାମ୍ୟଟିକୁ ସମ୍ଭବ କରିଦିଏ, ସେତିକବେଳେହିଁ ତାହାର ପାର୍ଥିବ ଜୀବନରେ ଯଥାସମ୍ଭବ ଅଧିକ ଫଳପ୍ରସୂତା ମଧ୍ୟ ସମ୍ଭବ ହୋଇଥାଏ ।

୨୩ ଏପ୍ରିଲ୍, ୧୯୧୫

ତୁମେ ଯେତେବେଳେ ମୋ'ର ସତ୍ତା ଭିତରେ ଏକ ପ୍ରଦୀପକୁ ପ୍ରଜ୍ୱଳିତ କରିଦେଇ ଯାଅ । ସେହି ମୁହୂର୍ତ୍ତରେ ତା' ପାଇଁ ସବୁକିଛି ସମ୍ଭବ ବୋଲି ମନେ ହେଉଥାଏ; ଚରମତମ ଏବଂ ଉଚ୍ଚତମ ଉପଲବ୍ଧିଗୁଡ଼ିକ ଯେପରି ସମ୍ଭବ ବୋଲି ମନେ ହେଉଥାଏ, ସବୁଠାରୁ ଅସ୍ପଷ୍ଟ ଓ ସବୁଠାରୁ ଅଧିକ ସଙ୍କୁଚିତ ହୋଇ ରହିଥିବା ଉପଲବ୍ଧିଗୁଡ଼ିକ ବି ଠିକ୍ ସେହିପରି ସମ୍ଭବ ବୋଲି ବୋଧ ହେଉଥାଏ ।

ମାତ୍ର ଯେତେବେଳେ ସେହି ପ୍ରଦୀପ୍ତ ଶିଖାଟି ମୋ' ପାଖରେ ନଥାଏ, ସେତେବେଳେ ଏହି ସତ୍ତାଟି ସଚେତନା ଗୋଟାଏ ପାଉଁଶଗଦା ପରି ମନେ ହେଉଥାଏ । ଏବଂ ତୁମେ ସେହି ପ୍ରଦୀପଟିକୁ ଖୁବ୍ କ୍ୱଚିତ୍ହିଁ ପ୍ରଜ୍ୱଳିତ କରିଦେଇ ଯାଅ । ଏହି ଦୁର୍ବଳ ଯନ୍ତ୍ରଟିକୁ ସୁରକ୍ଷିତ କରି ରଖିବାକୁ କ'ଣ ତୁମେ ଆଉ ସେପରି କରୁଥାଅ କି ?

ମନ ଭିତରୁ କେତେ କ'ଣ ପ୍ରଶ୍ନ ଉଠୁଆସିତ ହେବାରେ ଲାଗିଥାଏ; ମାତ୍ର ସମଗ୍ର ସତ୍ତାଟି ସର୍ବଦା ସନ୍ତୁଷ୍ଟ ହୋଇ ରହିଥାଏ; ତୁମେ ତା' ଦ୍ୱାରା ଯେତିକି କାର୍ଯ୍ୟ କରିବାକୁ ଇଚ୍ଛା କରିବ, କେବଳ ସେତିକି ବ୍ୟତୀତ ସିଏ ଆଉ କିଛି ହେଲେ ମାଗେ ନାହିଁ ।

'oaob.nitrkl.ac.in' images reprocessed

ମାତ୍ର, ତୁମର ଉପସ୍ଥିତି ବ୍ୟତୀତ ଯେ ସିଏ ଅତ୍ୟନ୍ତ ଦରିଦ୍ର ଏବଂ ଦୁସ୍ଥମୟ, ଅତ୍ୟନ୍ତ ଅନାବୃତ ଓ ଅଯୋଗ୍ୟ ହୋଇ ପଡ଼ି ରହିଥିବ, ସିଏ ସେକଥାକୁ ମଧ୍ୟ ଭଲ କରି ଜାଣିଥାଏ ।

ସିଏ ସର୍ବଦା କେବଳ ତୁମର ଉପସ୍ଥିତିଟିରହିଁ ଆବାହନ କରିବାରେ ଲାଗିଥାଏ, କେବଳ ତାହାରି ଲାଗିହିଁ ଅପେକ୍ଷା କରି ରହିଥାଏ ।

୯ ଡିସେମ୍ବର, ୧୯୧୬

ଯେତେବେଳେ ସେହି ନୀରବତାର ଅବତରଣ ଘଟେ, ସେତିକିବେଳେହିଁ ଅଗ୍ନିପ୍‌ସାର ବହ୍ନି ପ୍ରଜ୍ୱଳିତ ହୋଇ ଉଠେ । ସେତେବେଳେ ସମସ୍ତ ଶରୀର ସେହି ଆଲୋକ ଦ୍ୱାରା ରଂଜିତ ହୋଇ ଉଠେ ଏବଂ ସେହି ଆଲୋକ ତଥା ଉତ୍ତାପ ମଧ୍ୟରେ ରୂପାନ୍ତରିତ ହେବାର ଏକ ଆନନ୍ଦମୟ ଆବେଗ ଆପଣାକୁ ଅନୁଭୂତ କରାଇ ଆଣିଥାଏ । ସେତିକିବେଳେ ମୁଁ ସେହି ଦିବ୍ୟ ସୌଷମ୍ୟର ଶାନ୍ତ ଏବଂ ସମ୍ମିତ ସଂଗୀତଟିକୁ ଶୁଣିବାକୁ ପାଏ । ତାହା ଏକ ମଧୁର ଐକ୍ୟତାନ ପରି ବାଜି ଉଠୁଥାଏ; ତାହା ପ୍ରାୟ ଶ୍ରୁତିଗୋଚର ହେଉ ନଥାଏ ସତ, ମାତ୍ର ତଥାପି ସେଥିରେ ଅନେକ ଶକ୍ତି ଭରି ରହିଥାଏ । ତା'ପରେ ସେହି ନୀରବତା ଆହୁରି ଅଧିକ ଗଭୀର ଏବଂ ପରିବ୍ୟାପ୍ତ ହୋଇ ପୁନର୍ବାର ଲେଉଟି ଆସେ; ହଁ, ତାହା ଏହି ପରିବ୍ୟାପ୍ତ ଅନନ୍ତ ପରିହିଁ ବ୍ୟାପ୍ତ ହୋଇ ରହିଥାଏ । ଏବଂ ମୋର ସତ୍ତା ସେତେବେଳେ କାଳ ଓ ଦେଶର ସକଳ ସୀମା ଅତିକ୍ରମ କରି ବ୍ୟାପ୍ତ ହୋଇ ରହିଥାଏ ।

ହେ ମୋ'ର ପ୍ରିୟ ପରମ ଦେବତା, ସକଳ-ମାଧୁର୍ଯ୍ୟମୟ ମୋ'ର ଭଗବାନ, ଏକ ଅପ୍ରତିରୋଧ୍ୟ ଉଚ୍ଛ୍ୱାସରେ ମୋର ସମଗ୍ର ସତ୍ତାଟି ତୁମର ଉଦ୍ଦେଶ୍ୟରେ କେବଳ ଏହି କଥାହିଁ କହି ଉଠୁଛି : "ମୁଁ ତୁମକୁହିଁ ଭଲପାଏ । ମୁଁ ତୁମକୁହିଁ ଭଲପାଏ ! ମୁଁ ତୁମକୁହିଁ ଭଲ ପାଏ ।"···ଏପରି ଏକ ପ୍ରେମାନୁସିକ୍ତତା ସହିତ ତାହା ସେହି କଥାଟିକୁ କହି ଉଠୁଛି, ଯାହାକୁ କି ଆଦୌ କୌଣସି ଶବ୍ଦ ଦେଇ ବ୍ୟକ୍ତ କରାଯାଇ ପାରିବ ନାହିଁ । ସେହି ପ୍ରେମମୟ ସଘନତାଟି ମଧ୍ୟରେ ମଗ୍ନ ହୋଇ ରହି ମୋ'ର ସମଗ୍ର ସତ୍ତା ପ୍ରଜ୍ୱଳିତ ହୋଇ ରହିଛି । କେବଳ, ଏତେ ଅଧିକ ସମୟରେ ଜୀର୍ଣ ହୋଇ ପଡ଼ୁଥିବା ଏବଂ ଏତେ ନିର୍ମମ ଭାବରେ ପ୍ରବଞ୍ଚିତ ହୋଇ ରହିଥିବା ମୋ'ର ହୃଦୟଟାହିଁ କାତର ସ୍ୱରରେ ଗୁଁ ଗୁଁ ହୋଇ କହୁଛି, "ମଣିଷ-ମାନେ ସାଧାରଣତଃ ଯାହା କରିଥାନ୍ତି, ତୁମେ ମଧ୍ୟ ଠିକ୍ ସେହିପରି କରିବ ନାହିଁ ତ ? ମୋର ଏହି ପ୍ରେମକୁ ତୁମେ ତୁମର ଅଯୋଗ୍ୟ ବୋଲି ମନେକରି ଅଥବା ତାହାକୁ ଅତ୍ୟନ୍ତ ଶ୍ରୁତିକର୍କଶ ହେଉଛି ବୋଲି ପ୍ରତ୍ୟାଖ୍ୟାନ କରି ଦେବ ନାହିଁ ତ ?" ମୋ'ର ହୃଦୟଟା ସତେ କେଡ଼େ ସନ୍ଦେହୀ ! ସେହି ହୃଦୟ କ'ଣ ଏତିକି ବି

'oaob.nitrkl.ac.in' images reprocessed

ଦେଖି ପାରୁ ନାହିଁ ଯେ ସେହି ପରମ ପ୍ରେମାସ୍ପଦହିଁ ତା' ଭିତରେ ରହି ସ୍ୱୟଂ ଭଲ ପାଉଛନ୍ତି ଏବଂ ଏହି ଅନିର୍ବାଣ ଅଗ୍ନିଟିକୁ ଇନ୍ଧନ ଦେଇ ପ୍ରଜ୍ୱଳିତ କରି ରଖିଛନ୍ତି ? ତେଣୁ ଆଉ ଆଦୌ କୌଣସି କାତରତା ନୁହେଁ, ଏହି ବୃଥା ସଙ୍କୋଚରେ ଆଉ ଆଦୌ କୌଣସି ପ୍ରୟୋଜନ ନାହିଁ···ସମସ୍ତ ଅତୀତ ସତେଅବା ଏକ ସ୍ୱପ୍ନ ପରି ଉଭେଇ ଉଭେଇ ଚାଲିଯାଉଛି । କେବଳ ଏକ ଅପୂର୍ବ ପରମବର୍ତ୍ତମାନର ମୁହୂର୍ତ୍ତହିଁ ବିଦ୍ୟମାନ ରହିଛି, ଯାହାକି ସେହି ଗମ୍ଭୀର ଓ ଉଦାର ଚରଣଦ୍ୱୟଙ୍କୁ ଦେଇ ଗଢ଼ା ହୋଇଛି ।···ହେ ମୋର ପରାଣପ୍ରିୟ ପରମ ପ୍ରଭୁ, ତୁମେହିଁ ମୋତେ ତୁମର ସେହି ବଳୀୟାର ଅଥଚ ଏତେ କୋମଳ ବାହୁଦ୍ୱୟର ଆଶ୍ରୟ ମଧ୍ୟରେ ଗ୍ରହଣ କରି ନେଇଛ, ଏବଂ, ତୁମର ସେହି ପରମ ଇଚ୍ଛାସମନ୍ୱିତା ବ୍ୟତୀତ ମୋ' ପାଇଁ ଆଉ କେଉଁଠି କିଛି ହେଲେ ନାହିଁ !

କଳା ହେଉଛି ମନୁଷ୍ୟର ସ୍ନାୟବିକ ଭୂମିର ଭାଷା, ଏବଂ ଇନ୍ଦ୍ରିୟାନୁଭୂତିର ଅନ୍ତରାଳଟି ମଧ୍ୟରେ ଆପଣାକୁ ସୌନ୍ଦର୍ଯ୍ୟରୂପେ ବ୍ୟକ୍ତ କରି ରଖିଥିବା ସେହି ପରମ ଦିବ୍ୟସତ୍ତାଙ୍କୁହିଁ ଅଭିବ୍ୟକ୍ତ କରିବା ଲାଗି ଓ ତାଙ୍କର ସନ୍ଦେଶକୁ ବହନ କରି ଆଣିବା ଲାଗି ସେହି କଳା ଅଭିପ୍ରେତ ହୋଇ ରହିଛି ।

ଯେଉଁମାନଙ୍କୁ ଅଭିପ୍ରାୟ କରି ରଖି କଳା ଆପଣାକୁ ବ୍ୟକ୍ତ କରୁଛି, କଳା ସେହିମାନଙ୍କ ସକାଶେହିଁ ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ଏକ ଅଧିକ ବନ୍ଧନମୁକ୍ତ ଏବଂ ଅଧିକ ପରିପୂର୍ଣ୍ଣ ସମ୍ମେଳନ ଓ ସମ୍ପର୍କସ୍ଥାପନର ଅବସର ଆଣି ଦେଇପାରିବା ଉଚିତ । ଯେତେବେଳେ ଆମରି ସତ୍ତା ପ୍ରଶସ୍ତ ଏବଂ ଶାନ୍ତିପୂର୍ଣ୍ଣ ଆନନ୍ଦର ଏକ ପ୍ରାଚୁର୍ଯ୍ୟ ମଧ୍ୟରେ ବିକଶିତ ହୋଇଆସେ, ସେତିକିବେଳେହିଁ ଆମ ଚେତନା ଭିତରେ ଏହି ସର୍ବୋଚ୍ଚ ପରମସତ୍ତା ଆପଣାକୁ ପ୍ରକାଶ କରିଆନ୍ତି ଏବଂ ତାହାରି ଦ୍ୱାରାହିଁ ତାଙ୍କ ସହିତ ସର୍ବପ୍ରଥମ ସଂସ୍ପର୍ଶଟି ଘଟିଥାଏ । ଯେତେ ଅଳ୍ପ ସମୟ ପାଇଁ ହେଉ ପଛକେ କଳାଟିର ଦର୍ଶନ କରୁଥିବା ବ୍ୟକ୍ତିଟିକୁ ତାହା ଯେତେ ଯେତେ ଥର ଅନନ୍ତ ସହିତ ଏହି ସଂସ୍ପର୍ଶଟିକୁ ଆଣି ଦେଇଯାଏ, କଳା ସେତିକିଥରହିଁ ଆପଣାର ଲକ୍ଷ୍ୟଟିକୁ ସାଧନ କରୁଥାଏ; ସେତିକିବେଳେ ଯାଇ କଳାର ଅସଲ ଅସ୍ତିତ୍ୱଟି ଚରିତାର୍ଥ ହୁଏ ବୋଲି କୁହାଯାଇ ପାରିବ ।

ତେଣୁ, ଯେଉଁ କଳା ଶତାବ୍ଦୀ ଶତାବ୍ଦୀ ଧରି କୌଣସି ଏକ ଜାତିର ପ୍ରାଣରେ ସ୍ପନ୍ଦନ ସୃଷ୍ଟି କରିଛି ଓ ତାହାକୁ ଆନନ୍ଦ ଦେଇ ଆସିଛି, ଆମେ ତାହାକୁ କଦାପି କିଛି ନୁହେଁ ବୋଲି କହି ଉଡ଼ାଇ ଦେଇ ପାରିବା ନାହିଁ, କାରଣ ତାହା ଅନ୍ତତଃ ଆଂଶିକ ଭାବରେ ବି ଆପଣାର ବୃତ୍ତିଟିର ସାଧନ କରି ପାରିଛି,—ଯାହା ଅଭିବ୍ୟକ୍ତ ହେବାର ଥିଲା, ତାହାକୁ ସେହି କଳା ଅତ୍ୟନ୍ତ ଶକ୍ତିଶାଳୀ ଏବଂ ଅଳ୍ପବହୁତ ସମ୍ପୂର୍ଣ୍ଣ ଭାବରେ ଅଭିବ୍ୟକ୍ତ କରିଦେଇ ପାରିଛି ।

'oaob.nitrkl.ac.in' images reprocessed

କୌଣସି ଏକ ଜାତ ଏହି କଳାଟି ବା ସେହି କଳାଟି ଦ୍ୱାରା ଯେଉଁ ଆନନ୍ଦ ପାଇପାରୁଛ, ଆଉ ଗୋଟିଏ ଜାତର ଅନୁଭୂତ ସେ ନହଁ ସେହି ଆନନ୍ଦଟିକୁ ପାଇବା ଲାଗି ତାହିଁକ ଏତେ ଆୟାସସାଧ୍ୟ ବୋଲି ମନେ କରୁଛ, ତାହାର କାରଣ ହେଉଛି ଯେ ଏହି ଦ୍ୱିତୀୟ ଜାତଟିର ସ୍ୱାୟତ୍ତଗତ ସତ୍ତା ଅତ୍ୟନ୍ତ ଭାବରେ ବଡ଼ ସଙ୍କୀର୍ଣ୍ଣ ଓ ସୀମାବଦ୍ଧ ହୋଇ ରହିଯାଇଛି । ଏପରି କି, ତାହାର ମନୋଗତ ସତ୍ତାଠାରୁ ଆହୁରି ଅଧିକ ପରିମାଣରେ ବି, ସଚେତ ଅଥବା ସ୍ୱଭାବ ପ୍ରେରିତ ଭାବରେ କେବଳ କୌଣସି ଗୋଟିଏ ବାଟରେହିଁ ପରମ ଦିବ୍ୟସତ୍ତାଙ୍କୁ ଗ୍ରହଣ ତଥା ଅନୁଭବ କରିପାରୁଛି, ଗ୍ରହଣ କରିବାର ଆଉ ଅନ୍ୟ କୌଣସି ଦ୍ୱାର ଦେଇ ତାଙ୍କୁ ସ୍ୱୀକାର କରିବା ଲାଗି ତାହା ସଚେତ ଅଥବା ଏକାନ୍ତ ଅପ୍ରତିରୋଧ୍ୟ ଭାବରେ ଏକ କୁଣ୍ଠାହିଁ ଅନୁଭବ କରୁଛି ।

ବାରମ୍ବାର କଥା କହୁଥିବା ଓ ଅନ୍ତରର ଚେତନାମୟତା ମଧ୍ୟରେ ଆପଣାର ସୀମାବଦ୍ଧତାଟିକୁ ହୃଦୟଙ୍ଗମ କରି ପାରୁଥିବା ଏହି 'ମୁଁ' ଟି ପ୍ରକୃତରେ କଏ ? ତାହାକୁ ଆମେ ସର୍ବେନ୍ଦ୍ରିୟର ସେହି ବିନ୍ଦୁଟି ବୋଲି କହିପାରିବା, ଯେଉଁଠାରେ କି ସେହି ବିଶ୍ୱାତୀତ ପରମ ଇଚ୍ଛାଶକ୍ତି ଏକ ବ୍ୟକ୍ତିର ଆଧାରରେ ସଚେତନ ଭାବରେ ଅବସ୍ଥାନ କରୁଛି, ଯେପରି କି ତାହା ପୃଥିବୀରୂପୀ ଆପଣାର ନମିତ୍ତି ମଧ୍ୟଦେଇ ଆପଣାକୁ ପ୍ରକାଶିତ କରିଆଣି ପାରିବ । ଆମେ ସଂକ୍ଷେପରେ ତାହାକୁ ସ୍ରଷ୍ଟାଙ୍କର ନମିତ୍ତ ଏବଂ ଭାବନା ଏହି ଦୁଇଟି ମଧ୍ୟରେ ରହିଥିବା ଏକ ମଧ୍ୟବର୍ତ୍ତୀ ଭୂମି ବୋଲି କହି ପାରିବା, ଅଳ୍ପବହୁତ କୁଶଳତା ଅର୍ଜନ କରିଥିବା ଏକ ଆଧାର ବୋଲି କହି ପାରିବା । ସେହି 'ମୁଁ' ଯେ ବିଶ୍ୱସୃଷ୍ଟିର ବର୍ତ୍ତମାନ ରୂପଟିଠାରୁ —ଏହି ବାହ୍ୟାକୃତ, ଶରୀର, ପରିବେଷ୍ଟନୀ, ଶିକ୍ଷା ଓ ଯାବତୀୟ ଇନ୍ଦ୍ରିୟାନୁଭବଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ହୋଇ ରହିଛି, ସେକଥାଟିକୁ ତାହା ଭଲ କରି ଜାଣିଛି । ଆପଣାକୁ ତାହା କେବଳ ସେହି ପରମ ସର୍ବଭୂତଙ୍କରହିଁ ଏକ ଅଙ୍ଗୀଭୂତ ଉପାଦାନ ବୋଲି ଜାଣିଛି, ଏହି ବିରାଟବିଶ୍ୱର ଏକ କ୍ଷୁଦ୍ରାତିକ୍ଷୁଦ୍ର ଅଂଶ ବୋଲି ଜାଣିଛି । ଏକ ଅସ୍ମିତ ହିସାବରେ ତାହାର ଜୀବନକାଳଟି ବିଶ୍ୱର ଜୀବନକାଳ ସହିତ ଏକାଙ୍ଗୀ ହୋଇ ରହିଛି ଏବଂ ତାହାର ଉପରେ ନିର୍ଭରଶୀଳ ହୋଇ ମଧ୍ୟ ରହିଛି । ତାହା ଏହି କଥାଟିକୁ ଭଲକରି ଜାଣିଛି ଯେ 'ମୁଁ' ରୂପେ ପ୍ରକଟ ହୋଇ ନ ଥିବା କେବଳ ଏକ ପରମତତ୍ତ୍ୱହିଁ ଏହି ଅଧୀନସ୍ଥତାରୁ ସ୍ୱାଧୀନ ହୋଇ ରହିପାରିବ, ଶାଶ୍ୱତକାଳ ଲାଗି ଅବସ୍ଥାନ କରିପାରିବ । ଏହି "ମୁଁ" ଖୁବ୍ ଭଲ କରି ଜାଣିଛି ଯେ, ଯେଉଁ ପରମତତ୍ତ୍ୱଙ୍କ ବିଷୟରେ ସିଏ ଆଦୌ କୌଣସି ଚିନ୍ତାହିଁ କରି ପାରିବ ନାହିଁ, ତାହା ସମ୍ପୂର୍ଣ୍ଣ ଭାବରେ ତାଙ୍କରହିଁ ଅଧୀନ ହୋଇ ରହିଛି, ତାଙ୍କରି ଦ୍ୱାରାହିଁ ଗତିଶୀଳ ହୋଇ ପାରୁଛି, ତେଣୁ ସେ "ମୁଁ ଇଚ୍ଛା କରୁଛି" ବୋଲି କେବେହେଲେ କହୁ ନାହିଁ, କେବଳ "ମୋତେ ଇଚ୍ଛା କରିବାକୁ ହେଉଛି" ବା "ମୋ'ର ମାଧ୍ୟମରେ

'oaob.nitrkl.ac.in' images reprocessed

ଏହି ଇଚ୍ଛାଟି ବ୍ୟକ୍ତ କରି ହେଉଛୁ" ବୋଲିହିଁ କହୁଛୁ । ଏବଂ, ତା'ର ନଶ୍ୱର ଯନ୍ତ୍ରଟିର ପରମନିୟାମକ ହୋଇ ରହିଥିବା ନିଜର ସେହି ଚିରନ୍ତନ ପ୍ରଭୁଙ୍କର ଅଧୀନ ହୋଇ ରହି, ତା' ଲାଗି ଅଭିପ୍ରେତ ହୋଇ ରହିଥିବା କାର୍ଯ୍ୟଟିକୁ ଶେଷ କରି ତାକୁ ଯେ ଏଠାରୁ ଅବଶ୍ୟ ବିଦାୟ ନେଇ ଯିବାକୁ ପଡ଼ିବ, ସେହି କଥାଟିକୁ ଭଲ କରି ଜାଣି ସିଏ ଅତ୍ୟନ୍ତ ଆନନ୍ଦର ସହିତ ସେହି କାର୍ଯ୍ୟଟିକୁ ସାଧନ କରିବାରେ ଲାଗିଛି । ସେଇଟିକୁ ଶୀଘ୍ର ସାରିଦେବ ବୋଲି ତା' ଭିତରେ ଆଦୌ କୌଣସି ଅଧୀରତା ନାହିଁ, କିଂବା, ସେହି କାର୍ଯ୍ୟଟିର ସାଧନାକୁ ଜାଣିଶୁଣି ବିଳମ୍ବିତ କରିବା ଲାଗି ମଧ୍ୟ ତା'ର ଆଦୌ କୌଣସି ବାସନା ନାହିଁ ।

'oaob.nitrkl.ac.in' images reprocessed

ପଞ୍ଚମ ଭାଗ

ଟିପ୍‌ପଣୀ ଓ ଚିନ୍ତନ

(ଏଇଟି ଏବଂ ଶୀର୍ଷକରେ ମାଆଙ୍କର ପାଣ୍ଡୁଲିପିଗୁଡ଼ିକ ଭିତରୁ ମିଳିଥିଲା ।)

'oaob.nitrkl.ac.in' images reprocessed

ଈଶ୍ୱରଙ୍କ ଆଡ଼କୁ ଆରୋହଣ କରିଯିବାର ରହସ୍ୟ

ଇତିହାସର ଘଟଣାଗୁଡ଼ିକ ଉପରେ ବିଚାର କରି ପାରିବାକୁ ହେଲେ ସର୍ବଦା କିଞ୍ଚିତ୍ ଦୂରତାର ପ୍ରୟୋଜନ ହୋଇଥାଏ; ଠିକ୍ ସେହିପରି ଭାବରେ, ଯଦି ଆମେ ଐହିକ ଯାବତୀୟ ଘଟନାପ୍ରତିଭାସସବୁ ଯଥେଷ୍ଟ ଊର୍ଦ୍ଧ୍ୱକୁ ଉଠିବାର କଳାଟିକୁ ଜାଣିଥିବା, ତେବେ ଆମେ ଏହି ପାର୍ଥିବ ଜୀବନଟି ବିଷୟରେ ମଧ୍ୟ ଏକ ସମଗ୍ର ଦୃଷ୍ଟି ଅର୍ଜନ କରିପାରିବା । ସେହି ମୁହୂର୍ତ୍ତରୁ, ଏହି କଥାଟିକୁ ହୃଦୟଙ୍ଗମ କରିବା ବି ସହଜ ହୋଇଯିବ ଯେ ମାନବଜାତିର ଯାବତୀୟ ଉଦ୍ୟମ ଓ ପ୍ରୟାସ କେବଳ ସେହି ଗୋଟିଏ ଉଦ୍ଦେଶ୍ୟରେହିଁ ପରସ୍ପର ସହିତ ସମ୍ମିଳିତ ହେବା ପାଇଁ ଅଗ୍ରସର ହେବାରେ ଲାଗିଛି ।

ଏକଥାଟି ମଧ୍ୟ ସମ୍ପୂର୍ଣ୍ଣ ସତ୍ୟ ଯେ, ସାମୂହିକ ଭାବରେ ହେଉ ବା ବ୍ୟକ୍ତିଗତ ଭାବରେ ହେଉ, ସେହି ଲକ୍ଷ୍ୟଟିରେ ଯାଇ ପହଞ୍ଚିବା ଲାଗି ନାନା ମନୁଷ୍ୟ ଭିନ୍ନ ଭିନ୍ନ ନାନା ମାର୍ଗର ଅନୁସରଣ କରିଥାନ୍ତି । ସେଗୁଡ଼ିକ ମଧ୍ୟରୁ କେତେକ ମାର୍ଗ ଏତେଭଳି ଭାବରେ ଏତେବେଶୀ ଭଙ୍ଗ ଓ ମୋଡ଼ ମଧ୍ୟରେ ଗତି କରି ଯାଇଥାଏ ଯେ ସେଗୁଡ଼ିକୁ ଦେଖିଲେ ଅନେକ ସମୟରେ ମନେହୁଏ, ସତେଯେପରି ସେହି ଲକ୍ଷ୍ୟର ନିକଟବର୍ତ୍ତୀ ନ ହୋଇ ସେଗୁଡ଼ିକ ପ୍ରକୃତରେ ତାହାର ଦୂରବର୍ତ୍ତୀ ହୋଇ ଚାଲି ଯାଉଛନ୍ତି । ମାତ୍ର, ବସ୍ତୁତଃ ସବୁଯାକ ମାର୍ଗହିଁ ସେହି ଲକ୍ଷ୍ୟଟି ଆଡ଼କୁ ପଡ଼ିଥାନ୍ତି; ସଚେତନ ଭାବରେ ହେଉ ଅଥବା ଅଚେତନ ଭାବରେ ହେଉ, ତ୍ୱରା ସହିତ ହେଉ ଅଥବା ମନ୍ଥର ଭାବରେ ହେଉ, ସମସ୍ତେ କେବଳ ସେହି ଲକ୍ଷ୍ୟଟିରହିଁ ନିକଟବର୍ତ୍ତୀ ହେଉଛନ୍ତି ।

ତେବେ ସେହି ଲକ୍ଷ୍ୟଟି ପ୍ରକୃତରେ କ'ଣ ?

ମନୁଷ୍ୟର ଜୀବନରେ ଯାହା ଲକ୍ଷ୍ୟ ହୋଇ ରହିଛି ଓ ଏହି ବିଶ୍ୱଜଗତରେ ସିଏ ଯେଉଁ ବ୍ରତଟିକୁ ଗ୍ରହଣ କରି ଅଗ୍ରସର ହେଉଛି, ସେହି ଲକ୍ଷ୍ୟଟି ତାହାଠାରୁ ଆଦୌ ଭିନ୍ନ ନୁହେଁ ।

ସେହି ଲକ୍ଷ୍ୟଟି ହେଉଛି : "ତୁମେ ଯେଉଁ ନାମଟି ଦେଇ ତାଙ୍କୁ ବର୍ଣ୍ଣନା କରିବାକୁ ଇଚ୍ଛା କରୁଛ, ସେହି ନାମଟି ଦେଇ ତାଙ୍କୁ ବର୍ଣ୍ଣନା କରି ପଛକେ,

'oaob.nitrkl.ac.in' images reprocessed

ଉପଲବ୍ଧି ଅର୍ଜନ କରିଥିବା ବ୍ୟକ୍ତିମାନେ ତାଙ୍କୁ ସକଳ ନାମର ପରମ ଆକାର ବୋଲି କହିଥାନ୍ତି ।"

ଚୀନାମାନଙ୍କର ତାଓ, ହିନ୍ଦୁମାନଙ୍କର ବ୍ରହ୍ମ, ବୌଦ୍ଧମାନଙ୍କର ଧମ୍ମ, ହର୍ମେସଙ୍କର ମଙ୍ଗଳ,—ଇହୁଦୀମାନଙ୍କର ପରମ୍ପରାରେ ଯାହାଙ୍କୁ ଆଦୌ କୌଣସି ନାମରେ ବର୍ଣ୍ଣନା କରାଯାଇ ପାରିବ ନାହିଁ ବୋଲି କୁହାଯାଇଛି, ଖ୍ରୀଷ୍ଟିଆନ୍‌ମାନଙ୍କର ଈଶ୍ୱର, ମୁସଲମାନମାନଙ୍କର ଆଲ୍ଲା ଓ ଜଡ଼ବାଦୀମାନେ ଯାହାଙ୍କୁ ପରମ ନ୍ୟାୟ ଏବଂ ପରମ ସତ୍ୟ ବୋଲି କହନ୍ତି,—ଏହି ସବୁଯାକ ହେଉଛନ୍ତି ସେଇ !

ସେହି ପରମ ତତ୍ତ୍ୱ ବିଷୟରେ ସଚେତନ ହେବା,—ତାହାହିଁ ମନୁଷ୍ୟଜୀବନର ଲକ୍ଷ୍ୟ ।

ତାହାଙ୍କୁହିଁ ପ୍ରକାଶିତ କରିବା ହେଉଛି ମନୁଷ୍ୟଜୀବନର ବ୍ରତ ।

ପୃଥିବୀର ସକଳ ଧର୍ମ, ସବୁ ମହାପୁରୁଷଙ୍କର ଯାବତୀୟ ଉପଦେଶ ଓ ଶିକ୍ଷା,—ଏଗୁଡ଼ିକ କେବଳ ସେହି ଲକ୍ଷ୍ୟଟିରେ ଯାଇ ପହଞ୍ଚିବା ଲାଗି ଗୋଟିଏ ଗୋଟିଏ ମାର୍ଗ ବୋଲି କୁହାଯିବ ।

ସେହି ମାର୍ଗଗୁଡ଼ିକୁ ଆମେ ତିନି ପ୍ରଧାନ ଶ୍ରେଣୀରେ ବିଭକ୍ତ କରି ପାରିବା ।

ପ୍ରଥମ ମାର୍ଗଟି ହେଉଛି ବୁଦ୍ଧିର ମାର୍ଗ : ସତ୍ୟପ୍ରତି ଶ୍ରଦ୍ଧା, ସେହି ଅଦ୍ୱିତୀୟ ପରମନନ୍ଦାନଙ୍କର ଅନ୍ୱେଷଣ ।

ବିବେକ, ଅଧ୍ୟୟନ, ମନନ, ବିଶ୍ଳେଷଣ, ଭାବନାର ନିୟନ୍ତ୍ରଣ ଏବଂ ଏକେନ୍ଦ୍ରୀକରଣ ଦ୍ୱାରା ଆମେ ବିଚ୍ଛିନ୍ନ ବ୍ୟକ୍ତିବୋଧର ସକଳ ମାୟାକୁ କାଟିଦେଇ ପାରିବା । ଗୋଟିଏ ମାତ୍ର ଉପାଦାନଟି ଭିତରେ ପରମାଣୁଗୁଡ଼ିକର ଏହି ଘୂର୍ଣ୍ଣନ ଯେ ପ୍ରକୃତରେ ଏକ ପ୍ରତିଭାସ ବ୍ୟତୀତ ଆଉ କିଛି ନୁହେଁ, ତାହା ଯେ ଆକାଶର ଏକ ଘନୀଭୂତ ଅବସ୍ଥା ବ୍ୟତୀତ ଆଉ କିଛି ନୁହେଁ, ଆମେ ସେହି ସତ୍ୟଟିକୁ ଆବିଷ୍କାର କରି ପାରିବା ।

ଆମେ ଯେତେବେଳେ 'ମୁଁ ନିଜେ' ବୋଲି କହୁ, ସେତେବେଳେ ଏହା ଦ୍ୱାରା ପ୍ରକୃତରେ କ'ଣ କହିଥାଉ ? ତଦ୍ଦ୍ୱାରା ଆମେ କ'ଣ ଆମର ଏହି ଶରୀରକୁ ବୁଝିଥାଉ ? ଆମର ଇନ୍ଦ୍ରିୟାନୁଭବ ଅଥବା ଆବେଗଗୁଡ଼ିକୁ ବୁଝିଥାଉ ? ବା ଭାବନାଗୁଡ଼ିକୁ ବୁଝିଥାଉ ? ଏଗୁଡ଼ିକର ତାହାଣ ହେଲେ ଆଦୌ କୌଣସି ସ୍ଥାୟିତ୍ୱ ନାହିଁ । ସତ୍ତାର ଏହି ପ୍ରତ୍ୟେକଟି ରୂପାୟତନ ମଧ୍ୟରେ କାର୍ଯ୍ୟକାରୀ ହୋଇ ରହିଥିବା ଏକ କଠୋର ନିୟମବଦ୍ଧ ନିୟନ୍ତ୍ରଣବାଦରୁହିଁ ଏହି କ୍ଷେତ୍ରରେ ଆମକୁ ଏକ ଅବିଚ୍ଛିନ୍ନତାର ବୋଧ ହୋଇଥାଏ । ଏବଂ, ନିୟନ୍ତ୍ରଣାଧୀନତାର ସେହି କ୍ଷେତ୍ରରେ

'oaob.nitrkl.ac.in' images reprocessed

ସମାନ ଅଂଶୀୟ ବାହ୍ୟ ତଥା ଅନ୍ତର୍ଗତ ସାଧନା ସର୍ବଦା କାର୍ଯ୍ୟ କରିବାରେ ଲାଗି ଥାନ୍ତି । ତେବେ, ଏହି କ୍ଷେତ୍ରରେ, ଏପରି ଏକ ଆତ୍ମସତ୍ତାର ଉପାଦାନ କେଉଁଠି ରହିଛି, ଯାହାକି ଏକ ସ୍ଥାୟୀ ଉପାଦାନରୂପେ ଅବସ୍ଥିତ ଅଛି, ଯାହାର ଏକ ସାତତ୍ୟ ରହିଛି ଏବଂ ଯାହା ଅପରିବର୍ତ୍ତନୀୟ ହୋଇ ରହିଛି ? ସେହି ଅପରିବର୍ତ୍ତନୀୟ ସ୍ଥାୟୀ ବସ୍ତୁଟିର ସନ୍ଧାନ ଲାଭ କରିବାକୁ ହେଲେ ଆମକୁ ଗଭୀରରୁ ଆହୁରି ଅଧିକ ଗଭୀରକୁ, ଆପେକ୍ଷିକତାରୁ ଆପେକ୍ଷିକତାକୁ,—କାରଣ ଏଠି ଯାହାକିଛି ରୂପ ଗ୍ରହଣ କରି ରହିଛି, ସେଗୁଡ଼ିକୁ କେବଳ ଆପେକ୍ଷିକ ବୋଲିହିଁ କହିବାକୁ ହେବ,—ଅଗ୍ରସର ହୋଇଯିବାକୁ ପଡ଼ିବ, ଆମରି ବୁଦ୍ଧି ଲାଗି ଅଜ୍ଞେୟ ହୋଇ ରହିଥିବା ସେହି ପରମ ତତ୍ତ୍ୱଙ୍କ ପାଖରେ ଯାଇ ପହଞ୍ଚିବା ପର୍ଯ୍ୟନ୍ତ ଆମକୁ ଆଗକୁ ଆଗକୁ ଯିବାକୁହିଁ ପଡ଼ୁଥିବ । ଆମର ଭାଷା ଦ୍ୱାରା ଆମେ କଦାପି ତାଙ୍କୁ ବର୍ଣ୍ଣନା କରି କହି ପାରିବା ନାହିଁ, ମାତ୍ର ତାଙ୍କ ସହିତ ଏକାତ୍ମକତା ଅର୍ଜନ କରି ଆମେ ତାଙ୍କୁ ନିଶ୍ଚୟ ଜାଣି ପାରିବା ;—କାରଣ ଆମ ନିଜ ଭିତରେହିଁ ଆମେ ତାଙ୍କୁ ବହନ କରି ରହିଛୁ, ଆମ ସତ୍ତାର ସିଏ କେନ୍ଦ୍ର ଓ ଜୀବନ ପରି ହୋଇ ରହିଛନ୍ତି ।

ଦ୍ୱିତୀୟ ମାର୍ଗଟି ହେଉଛି ଭଗବତ୍‌ପ୍ରେମର ମାର୍ଗ । ଯେଉଁମାନେ ଏକ ସୁବିକଶିତ ଧର୍ମବୋଧର ଅଧିକାରୀ ହୋଇ ପାରିଛନ୍ତି, ସେମାନେ ଏହି ମାର୍ଗଟିର ଆଚରଣ କରିପାରିବେ ।

ଏକ ସମସ୍ତ ଉଦ୍‌ଭାସ ଏବଂ ଉଦ୍‌ଘାଟନର ମୁହୂର୍ତ୍ତରେ ପ୍ରତ୍ୟେକ ବସ୍ତୁରେ ଆମେ ଯେଉଁ ଦିବ୍ୟ ପରମୋପାଦାନଟି ରହିଥିବାର ଅନୁଭବ କରିଛୁ, ତାହାରି ଉଦ୍ଦେଶ୍ୟରେ ଏକ ଅଭୀପ୍‌ସା ।

ତା'ପରେ ଏହି ପରମୋପାଦାନ ପାଖରେ ଆପଣାକୁ ଉତ୍ସର୍ଗ କରିଦେବା, ସେହି ଶାଶ୍ୱତ ପରମବିଧାନ ପାଖରେ ଆପଣାକୁ ନେଇ ସମର୍ପିଦେବା, ପ୍ରତ୍ୟେକ ମୁହୂର୍ତ୍ତରେ ଆପଣାର ଯାବତୀୟ କାର୍ଯ୍ୟରେ ଆପଣାକୁ ସମଗ୍ର ଭାବରେ ଦାନ କରିଦେବା । ନିଜକୁ ସଂପୂର୍ଣ୍ଣ ଭାବରେ ସମର୍ପିତ କରି ରଖିବା : ଏହି ଅବସ୍ଥାରେ ନିଜକୁ କେବଳ ଏକ ପୂର୍ଣ୍ଣସମ୍ମତ ଯନ୍ତ୍ରରେ ପରିଣତ କରିରଖିବା, ସେହି ସର୍ବୋଚ୍ଚ ପରମ ପ୍ରଭୁଙ୍କ ଉଦ୍ଦେଶ୍ୟରେ ନିଜକୁ ଜଣେ ବିଶ୍ୱସ୍ତ ଭୃତ୍ୟରେ ପରିଣତ କରି ରଖିବା । ଏହି ପ୍ରେମ ଆମ ଭିତରେ ଏପରି ପରିପୂର୍ଣ୍ଣ ହୋଇ ରହିଥିବ ଯେ, ସେହି ଅଦ୍ୱିତୀୟ ପରମନିଦାନଙ୍କ ବ୍ୟତୀତ ଅନ୍ୟ ସବୁକିଛିରୁ ଆମେ ସ୍ୱଭାବତଃ ନିରାସକ୍ତ ହୋଇ ରହିଥିବା, କେବଳ ତାଙ୍କରି ଉପରେହିଁ ଆପଣାକୁ ପୂର୍ଣ୍ଣତୟା ଅଭିନିବେଶିତ କରି ରଖିଥିବା ।

'oaob.nitrkl.ac.in' images reprocessed

"ମାତ୍ର, ତାହାଠାରୁ ଆହୁରି ଅଧିକ ଊର୍ଦ୍ଧ୍ୱକୁ ଯାଇପାରିବା ମଧ୍ୟ କଦାପି ଅସମ୍ଭବ ନୁହେଁ, କାରଣ ଯିଏ ଭଲ ପାଉଥାଏ ଓ ଯେଉଁ ପରମ ଆସ୍ପଦଟିକୁ ସେ ଭଲ ପାଉଥାଏ, ଦୁଇଟି ମଧ୍ୟରେ ସେହି ଭଲ ପାଇବାହିଁ ଏକ ଆବରଣ ପରି ହୋଇ ରହିଥାଏ।"

ତେଣୁ, ତା'ପରେ ଏକାତ୍ମତା-ଅର୍ଜନ।

ତୃତୀୟ ମାର୍ଗ—ମନୁଷ୍ୟଜାତି ପ୍ରତି ଶ୍ରଦ୍ଧା।

ଏକ ସ୍ପଷ୍ଟ ଜୀବନଦୃଷ୍ଟିର ପରିଣାମ ସ୍ୱରୂପ, ମନୁଷ୍ୟଜାତି ଯେ କେତେ ଉତ୍କଟ ଭାବରେ କେତେ ଦୁଃଖ ଭିତରେ ସନ୍ତପ୍ତ ହୋଇ ରହିଛି, ତାହାକୁହିଁ ଅତ୍ୟନ୍ତ ତୀବ୍ର ଭାବରେ ଅନୁଭବ କରିପାରିବା ଫଳରେ, ଏହି ଦୁଃଖର ନିରାକରଣ କରିବା ଲାଗି ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିଦେବାକୁ ଭିତରୁ ଏକ ସଙ୍କଳ୍ପ ଜାଗ୍ରତ ହୋଇଆସେ।

ଯେତେ ଅଳ୍ପ ମାତ୍ରାରେ ହେଉ ପଛକେ, ଅନ୍ୟମାନଙ୍କର ସହାୟତା କରି ପାରିବାକୁ ଆପଣାର ସକଳ ଭାବନା, ସକଳ ଶକ୍ତି ଏବଂ ସକଳ କ୍ରିୟାଶୀଳତାକୁ ଉତ୍ସୃଷ୍ଟ କରିରଖିବା ଓ ସେହି ପ୍ରକ୍ରିୟାଟି ମଧ୍ୟରେ ଆପଣାର ସବୁକିଛୁକୁ ଗୌଣ ବା ବିସ୍ମୃତ କରିରଖିବା।

"ଅନୁକମ୍ପା ଦ୍ୱାରା ପ୍ରେରିତ ଏବଂ ଉଦ୍‌ବେଳିତ ହେଉଥିବା ଏକ ହୃଦୟରେ ତୁମେ ଯନ୍ତ୍ରଣାବିଦୀର୍ଣ୍ଣ ଏହି ସଂସାର ମଧ୍ୟରେ ପ୍ରବେଶ କରିବ, ସେହି ସଂସାରର ଶିକ୍ଷାଦାତା ହୋଇ ରହିବ, ଏବଂ, ଯେଉଁଠାରେହିଁ ଅଜ୍ଞାନର ଅନ୍ଧକାର ଆଧିପତ୍ୟ ବିସ୍ତାର କରି ରହିଥିବ, ସେଠାରେ ତୁମେ ପ୍ରଦୀପଟିଏ ଜାଳିଦେବ।"

ପ୍ରତ୍ୟେକଟି ବିଭିନ୍ନ କ୍ଷେତ୍ରରେ ମାନବଜାତି ଲାଗି ଆପଣାକୁ ଉତ୍ସର୍ଗ କରି ରଖିବାର ଏହି ସଙ୍କଳ୍ପ ଆପଣାକୁ ବ୍ୟକ୍ତ କରି ଆଣିଥାଏ। ଅର୍ଥାତ୍ ତୁମେ ପ୍ରତ୍ୟେକଟି ଭିନ୍ନ ଭିନ୍ନ ପ୍ରକାରରେ ଆପଣାକୁ ଅନ୍ୟମାନଙ୍କ ଲାଗି ଉତ୍ସର୍ଗ କରିପାରିବ :

ତୁମେ କୌଣସି ବସ୍ତୁର ଦାନ କରିପାରିବ। ବୁଦ୍ଧିକ୍ଷେତ୍ରରେ ବି ଦାନ କରିପାରିବ। ଅର୍ଥାତ୍ ଜ୍ଞାନଦାନ ବି କରିପାରିବ। ଆଧ୍ୟାତ୍ମିକ ସ୍ତରରେ, ତୁମେ ସୌଷମ୍ୟ, ସୌନ୍ଦର୍ଯ୍ୟ ଏବଂ ଛନ୍ଦୋମୟତା ଆଣି ଦେଇପାରିବ। ଏବଂ ସେହି ସମଗ୍ର ଓ ପୂର୍ଣ୍ଣଦାନଟିକୁ ମଧ୍ୟ କରିପାରିବ, ଅର୍ଥାତ୍ ତୁମେ ଏକ ଦୃଷ୍ଟାନ୍ତ ହୋଇ ରହିପାରିବ। ମାତ୍ର, ଯେଉଁମାନେ ଉନ୍ନୋତିଯୋଗ ମାର୍ଗରହିଁ ଅନୁସରଣ କରି ପାରିଛନ୍ତି, ବିକାଶଲାଭର କଥା ସେହି ଚରମତମ ପରମ-ତତ୍ତ୍ୱଙ୍କର ସଚେତନତା ଲାଭ କରିବାର ଉନ୍ନୋତିଯୋଗ ପଥର ଯେଉଁମାନେ ନିଜ

'oaob.nitrkl.ac.in' images reprocessed

ଭିତରେ ଏକ ସମନ୍ୱୟ ସାଧନ କରିପାରିଛନ୍ତି, କେବଳ ସେହିମାନେହିଁ ଏହି ଚତୁର୍ଥ ଦାନଟି ଲାଗି ସମର୍ଥ ହୋଇପାରିବେ । ତାହା ଏପରି ଏକ ଦୃଷ୍ଟାନ୍ତ ହୋଇ ରହି ପାରୁଥିବ, ଯାହାକି ନିଜ ବିଷୟରେ ଆଦୌ ସଚେତନ ହୋଇ ରହି ନ ଥିବ, ଯାହାକୁ ଜଣେ ବ୍ୟକ୍ତି ସ୍ୱତଃପ୍ରେରିତ ଭାବରେହିଁ ଦେଖାଇ ପାରୁଥିବ; ସିଏ ସେହି ଚିରନ୍ତନ ଓ ଦିବ୍ୟ ପରମଚେତନା ମଧ୍ୟରେ ନିଜର ଜୀବନଟିକୁ ବଞ୍ଚିପାରୁଛି ବୋଲି ସେହିପରି ଗୋଟିଏ ଦୃଷ୍ଟାନ୍ତ ଦେଖାଇ ପାରୁଥିବ ।

'oaob.nitrkl.ac.in' images reprocessed

ଦୁଇଟି ସମାନ୍ତର ଗତିପଥ

ଜଣେ ବ୍ୟକ୍ତିର ବିବର୍ତ୍ତନକ୍ରମରେ ଦୁଇଟି ପଥ ପରସ୍ପରର ସମାନ୍ତର ହୋଇ ରହିଥିବା ଉଚିତ । ଦୁଇଟି ଭିତରୁ କୌଣସି ଗୋଟିକ ଉପରେ ଆପଣାକୁ ସକେନ୍ଦ୍ରିତ କରି ରଖିପାରିବା ସକାଶେ ଯିଏ ସାଧାରଣତଃ ଅନ୍ୟ ପଥଟି ପ୍ରତି ଅବହେଳା ପ୍ରଦର୍ଶନ କରୁଥିବାରୁହିଁ ତା'ର ଅଗ୍ରଗତି ପ୍ରକୃତରେ ଏପରି ଅଟକି ଅଟକି ଯାଉଥାଏ ଏବଂ ଏପରି ଭାରସାମ୍ୟହୀନ ହୋଇ ରହିଥାଏ ।

ଆମ ସତ୍ତାକୁ ଗଠନ କରିଥିବା ସକଳ ଉପାଦାନଗୁଡ଼ିକ ବିଷୟରେ, ଜଡ଼- ଓ ଇନ୍ଦ୍ରିୟାନୁଭବ-ସ୍ତରର, ବୌଦ୍ଧିକ ତଥା ଆଧ୍ୟାତ୍ମିକ ସବୁ ଉପାଦାନଗୁଡ଼ିକ ବିଷୟରେ ସଚେତନ ହୋଇ ରହିବା ହେଉଛି ଗୋଟିଏ ପଥ । ଆମ ଭିତରେ ଯେଉଁ ଜୀବନଶକ୍ତି-କ୍ରିୟାଶୀଳ ହୋଇ ରହିଛି, ତାହାର ସକଳ ପ୍ରବୃତ୍ତି, ସକଳ ଗୁଣାତ୍ମକତା, ସାମର୍ଥ୍ୟ ଏବଂ ନାନା ବିଚିତ୍ର କାର୍ଯ୍ୟ ବିଷୟରେ ଆମର ସେଇଟି ସହିତ ପରିଚିତ ହୋଇ ରହିଥିବା ଉଚିତ । ଅତ୍ୟନ୍ତ ନିରପେକ୍ଷ ଭାବରେ, ଅର୍ଥାତ୍ ଭଲ ବା ମନ୍ଦ ବିଷୟରେ ଆଦୌ କୌଣସି ପୂର୍ବକଳ୍ପିତ ଧାରଣା ମନରେ ନ ରଖି, କେଉଁଟି ଆମ ଭିତରେ ରହିବା ଉଚିତ ଓ କେଉଁଟି ଦୂରୀକୃତ ହେବା ଉଚିତ, କେଉଁଟିକୁ ଉତ୍ସାହିତ କରିବା ବା କେଉଁଟିକୁ ଦାବି ଦେବା ଉଚିତ, ସେବିଷୟରେ ଆଦୌ କୌଣସି ସିଦ୍ଧାନ୍ତ ଅଥବା ସ୍ୱମତ ପ୍ରଣୋଦିତ ବିଚାର ନ କରି (କାରଣ, ଆମର ଏହିସବୁ ବିଚାର ମଧ୍ୟରେ ଅନିବାର୍ଯ୍ୟତଃ ଏକ ସ୍ପଷ୍ଟ ଦୃଷ୍ଟିର ଅଭାବ ରହିଥାଏ ।), ଆମର ତାହା ସହିତ ପରିଚିତ ରହିଥିବା ଉଚିତ । ଆମେ ପ୍ରକୃତରେ ଯାହା, ସେ ବିଷୟରେ ଆମର ଏକ ମୋହମୁକ୍ତ ଏବଂ ବାସ୍ତବ ଦୃଷ୍ଟି ରହିଥିବା ଉଚିତ । କାରଣ ତାହା ନ ହେଲେ ସେହି ଦୃଷ୍ଟି ଆଦୌ ଆନ୍ତରିକତାଯୁକ୍ତ ଏବଂ ସମଗ୍ର ହୋଇ ପାରିବ ନାହିଁ । ଆମେ ଯେଉଁ ବିଶ୍ୱଜଗତଟି ମଧ୍ୟରେ ବାସ କରୁଛୁ, ସେଇଟିକୁ ଆମକୁ ପରିପୂର୍ଣ୍ଣ ଟିକିନିଖି ପର୍ଯ୍ୟନ୍ତ ଆବିଷ୍କାର କରି ଜାଣିବାକୁ ହେବ, ଏକ ପରିପୂର୍ଣ୍ଣ ମାନସିକ ନୈର୍ବ୍ୟକ୍ତିକତାର ବୈଜ୍ଞାନିକ ଦୃଷ୍ଟି ସହିତ, ଅର୍ଥାତ୍ କୌଣସି ପ୍ରକାର ପୂର୍ବକଳ୍ପିତ ବିଚାର ନ ରଖି ଆମକୁ ସେହି ଜଗତର ଅସ୍ପଷ୍ଟତମ ଏବଂ କ୍ଷୁଦ୍ରାତିକ୍ଷୁଦ୍ର ଉପାଦାନଗୁଡ଼ିକ ପର୍ଯ୍ୟନ୍ତ ବି ଜାଣିବାକୁ ପଡ଼ିବ ।

ଆମେ ଯାହାକିଛି ଚିନ୍ତା କରିବାକୁ ସମର୍ଥ ହେଉନା କାହିଁକି, ପର୍ଯ୍ୟବେକ୍ଷଣ, ବିଶ୍ଳେଷଣ ଏବଂ ଆତ୍ମନିରୀକ୍ଷଣର କାର୍ଯ୍ୟଟି କଦାପି ଏକାବେଳେକେ ସମ୍ପୂର୍ଣ୍ଣ ହୋଇ

'oaob.nitrkl.ac.in' images reprocessed

ଯାଏ ନାହିଁ । ତେଣୁ, ସକଳ ପରିସ୍ଥିତିରେ, ଆମେ ଯେପର୍ଯ୍ୟନ୍ତ ଏ ପୃଥିବୀରେ ଏକ ସ୍ଥୂଳ ଶରୀର ଧାରଣ କରି ରହିଛୁ, ଆମକୁ ସେପର୍ଯ୍ୟନ୍ତ ଆମେ ଧାରଣ କରି ରହିଥିବା ଏହି ଅତ୍ୟନ୍ତ ଜଟିଳ ସମଷ୍ଟି ବିଷୟରେ ସର୍ବଦା ଅଧ୍ୟୟନ କରିବାକୁ ପଡ଼ିବ, ଯେପରି କି ଏହାର କୌଣସି ଗୋଟିଏ ଉପାଦାନ ମଧ୍ୟ ଆମର ଅଜ୍ଞାତ ହୋଇ ରହିବ ନାହିଁ ଏବଂ ତେଣୁ ଆମର ନିୟନ୍ତ୍ରଣ ବାହାରକୁ ମଧ୍ୟ କଦାପି ଚାଲିଯିବ ନାହିଁ । କାରଣ, ଆମେ ଯେତିକି ଜାଣିଛୁ, କେବଳ ତାହାର ଉପରେହିଁ ଆମର ଆଦୌ କୌଣସି ନିୟନ୍ତ୍ରଣ ସମ୍ଭବ ହୋଇ ପାରିବ; ଏବଂ କେବଳ ଯାହା ଉପରେ ଆମର ନିୟନ୍ତ୍ରଣ ରହିଛି, କେବଳ ତାହାହିଁ ଆମର ଆଦେଶ ପାଳନ କରିବ ।

ଏହି ଆଲୋଚନା ଆମକୁ ଆମର ଦ୍ୱିତୀୟ ପଥଟିରେ ଆଣି ପହଞ୍ଚାଇ ଦେଉଛି, ଯାହାକି ପ୍ରଥମଟିର ସମାନ୍ତର ଏବଂ ସହାବସ୍ଥିତ ହୋଇ ରହିଥିବା ଉଚିତ । ଏଇଟି ହେଉଛି ଉତ୍ସର୍ଗର ପଥ : ଆମର ନିୟନ୍ତ୍ରଣ ଅଧୀନରେ ରହିଥିବା ସକଳ ଉପାଦାନକୁ ଆମେ ସେହି ସର୍ବୋଚ୍ଚ ଏବଂ ଦିବ୍ୟ ବିଧାନଟି ପାଖରେ ନେଇ ସମର୍ପଣ କରିଦେଉଥିବା, ତାହାକୁ ଆମେ ସର୍ବଦା ବାରବାର ସମର୍ପଣ କରିଦେବାରେ ଲାଗିଥିବା ।

ଆମର ପ୍ରତ୍ୟେକଟି ଉପାଦାନ, ଯାହାକି ଆପଣା ବିଷୟରେ ସଚେତନ ହୋଇ ପାରିଛି, ଆମର ପ୍ରତ୍ୟେକ ପ୍ରବୃତ୍ତି ଓ ପ୍ରତ୍ୟେକ ସାମର୍ଥ୍ୟ ଏକ ଶିଶୁସୁଲଭ ପୂର୍ଣ୍ଣ ବିଶ୍ୱାସର ସହିତ ଆପଣାକୁ ନେଇ ସେହି ସତ୍ତାଗତ ଚିରନ୍ତନ ପରମସତ୍ତାଙ୍କର ସାର୍ବଭୌମ ମାର୍ଗଦର୍ଶନ ପାଖରେ ସମର୍ପଣ କରିଦେଇ ପାରୁଥିବେ । ସେଇ ସେଗୁଡ଼ିକୁ ଶୃଙ୍ଖଳାବଦ୍ଧ କରିବେ, ସେଗୁଡ଼ିକର ଶ୍ରେଣୀବିଭାଗ କରିବେ ଏବଂ ଉଚିତ ମାର୍ଗରେ ସେଗୁଡ଼ିକୁ କାମରେ ବି ଲଗାଇବେ । ଯାହାକିଛି କାମରେ ଲାଗିବ ଓ ଯାହାକିଛି, କାମରେ ନ ଲାଗିବ, ଯେଉଁଗୁଡ଼ିକୁ ଉତ୍ସାହିତ କରାଯିବ ଓ ଯେଉଁଗୁଡ଼ିକୁ ଅପସାରିତ କରାଇ ନିଆଯିବ, ଏକମାତ୍ର ସେଇ ସେଗୁଡ଼ିକୁ ପରସ୍ପରଠାରୁ ଅଲଗା ଅଲଗା କରି ରଖିବେ । ଏବଂ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ଯେ, ତାଙ୍କର ଚକ୍ଷୁରେ ସବୁକିଛିର ସମାନ ମୂଲ୍ୟ ରହିଥିବାରୁ, ସିଏ ସବୁଗୁଡ଼ିକୁହିଁ କାମରେ ଲଗାଇ ପାରିବେ; କାରଣ ତାଙ୍କରି ଦ୍ୱାରାହିଁ ସବୁକିଛିର ରୂପାନ୍ତର, ସନ୍ଦୀପନ ଏବଂ ନବନିର୍ମାଣ ସମ୍ଭବ ହୋଇ ପାରିବ । ଯାହାକିଛି ତାଙ୍କ ବିଷୟରେ ସଚେତନତା ଲାଭ କରି ପାରିବ ଏବଂ ଆପଣାକୁ ତାଙ୍କର ପାଖରେ ସମର୍ପଣ କରିଦେଇ ପାରିବ, ତାହା ତାଙ୍କରି ଦ୍ୱାରା ଗୃହୀତ ଓ ସ୍ୱାଙ୍ଗୀଭୂତ ହୋଇ ରହିଥିବ ଏବଂ ତେଣୁ କେବଳ ବାହ୍ୟ ଏବଂ ଏହି ମନୁଷ୍ୟସୃଷ୍ଟ ହୋଇ ରହିଥିବା ଭଲ ଆଉ ମନ୍ଦ ବିଷୟରେ ରହିଥିବା ଯାବତୀୟ ଧାରଣାର ଅତୀତ ହୋଇ ରହିଥିବ ।

'oaob.nitrkl.ac.in' images reprocessed

ଏହି ଦୁଇଟି କ୍ରିୟା ମଧ୍ୟରୁ ଯେ କୌଣସି ଗୋଟିଏ କ୍ରିୟା ବା ଗୋଟିଏ ଦୃଷ୍ଟିକୋଣକୁ ଅନ୍ୟଟି ବ୍ୟତୀତ କେବଳ ଅସମ୍ପୂର୍ଣ୍ଣ ଏବଂ ଏକପାଖିଆ ବୋଲହିଁ ବୁଝାଯିବ। ଆପଣାକୁ ପରମ ସତ୍ୟମୟଙ୍କ ପାଖରେ ଏକାବେଳେକେ ନେଇ ଉତ୍ସର୍ଗ କରିଦେଲେହିଁ ତାହା କଦାପି ଯଥେଷ୍ଟ ହେବ ନାହିଁ । ଆମ ଭିତରେ ରହିଥିବା ସେହିସବୁ ଉପାଦାନ ସହିତ ଆମର କୌଣସି ପରିଚୟ ଘଟି ନାହିଁ ଏବଂ ସେହିଗୁଡ଼ିକ ଉପରେ ଆମର ଆଦୌ କୌଣସି କର୍ତ୍ତୃତ୍ୱ ବି ଆସି ନାହିଁ, ସେମାନେ ଆମର ଏହି ଉତ୍ସର୍ଗଟି ଲାଗି ଆଦୌ କୌଣସି ଅପେକ୍ଷା ରଖିବେ ନାହିଁ ଏବଂ ତେଣୁ ସେହି ଚିରନ୍ତନ ପରମ ବିଧାନଟିର କୌଣସି ତୋଲ୍ ନ ମାନି କେବଳ ଆପଣା ବିଧାନ ଅନୁସାରେହିଁ ପରିଚାଳିତ ହେବାରେ ଲାଗିଥିବେ ଓ ଯାବତୀୟ ବିଘ୍ନ ତଥା ବ୍ୟାଘାତର କାରଣ ହୋଇ ରହିଥିବେ । ଯିଏ ଆପଣାକୁ ଏପର୍ଯ୍ୟନ୍ତ ସେହି ପରମ ବିଧାନଟିରହିଁ ଭୃତ୍ୟ ବୋଲି ଭାବି ଆସିଥିଲା, ତାହାରି ମଧ୍ୟରେ ଅପ୍ରତ୍ୟାଶିତ ପ୍ରତ୍ୟେକ ବିଦ୍ରୋହର କାରଣ ହୋଇ ବି ରହିଥିବେ। କିନ୍ତୁ ଅସଲ କଥା ହେଉଛି ଯେ, ଆପଣା ସତ୍ତାର ଅଜ୍ଞାତ ସକଳ କୋଣରେ ସେ ଆଜିଯାଏ କେବଳ ବିସ୍ମୃତ ହୋଇହିଁ ରହିଥିଲା । ମାତ୍ର ସେଗୁଡ଼ିକର ବି ତ ଆମ ଜୀବନ ଏବଂ ଆମର କ୍ରିୟାଶୀଳତା ଉପରେ ଏକ ଦାବି ରହିଛି, ଏବଂ, ସମଗ୍ରସତ୍ତାଟି ଦୃଷ୍ଟିରୁ କ୍ରିୟାତ୍ମକତାର ଯେଉଁ କ୍ଷେତ୍ରଟିରେ ସବୁକିଛି ବିଶୃଙ୍ଖଳ ଏବଂ ସୌଷମ୍ୟହୀନ ହୋଇ ରହିଛି, ସେଗୁଡ଼ିକ ତାହାରି ମଧ୍ୟରେହିଁ ଆପଣାକୁ ବ୍ୟକ୍ତ କରିବା ଲାଗି ଆସି ପହଞ୍ଚିବେ, କାରଣ ସେମାନେ ସବୁବେଳେ କେନ୍ଦ୍ରସ୍ଥ ଇଚ୍ଛାଟିକୁ ଏଡ଼ି ତା'ହାର ଅନ୍ତରାଳରେହିଁ ସା'ହାକିଛି କରିବାକୁ ଚେଷ୍ଟା କରୁଥିବେ ।

ଅନ୍ୟ ପକ୍ଷରେ, ଯେଉଁ ଶୃଙ୍ଖଳାଟି ଦ୍ୱାରାହିଁ ଆମ ଭିତରର ଦିବ୍ୟ ପରମ ସତ୍ୟ ଏହିସବୁ ଯାବତୀୟ ଉପାଦାନର ସର୍ବଶକ୍ତିଶାଳୀ ଶାସନକର୍ତ୍ତା ହୋଇ ରହି ପାରିବେ, ଯଦି ସେହି ଶୃଙ୍ଖଳା ଲାଗି ଆମେ ଆମ ଜୀବନର କ୍ଷୁଦ୍ରତମ ଟିକିନିଖି ବିଷୟରେ ସଚେତନ ନ ହେଉ, ଯଦି ସେହି ସାର୍ବଭୌମ ପରମ ବିଧାନର ସର୍ବୋଚ୍ଚ ମାର୍ଗଦର୍ଶନଟି ପାଖରେ ସେଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ଅନୁଗତ ହୋଇ ନ ରହନ୍ତି, ତେବେ ସେହି ସଚେତନତା କେବଳ ବୃଥାହୋଇ ରହିବ ଏବଂ ସେଥିରୁ ଆଦୌ କୌଣସି ଫଳ ଫଳିବ ନାହିଁ ।

କେବଳ ଏହି ଦୁଇଟିଯାକ ଦୃଷ୍ଟିକୁ ଭାରସାମ୍ୟଯୁକ୍ତ ଭାବରେ ସମ୍ମିଳିତ କରି ରଖି ପାରିଲେହିଁ ଆମେ ଆପଣାକୁ ଯଥାର୍ଥ ଏବଂ ସମ୍ପୂର୍ଣ୍ଣ ଭାବରେ ସେହି ପରମ ଶାଶ୍ୱତଙ୍କର ଜଣେ ସେବକ ଓ ଆଜ୍ଞାବହ ବୋଲି କହିପାରିବା ।

ପରମ ଆଲୋକର ଅଭିମୁଖରେ

କେତେକ ବ୍ୟକ୍ତି, — ପ୍ରାୟ ସମସ୍ତେ, — କେବଳ ବର୍ତ୍ତମାନ ମୁହୂର୍ତ୍ତଟି ବିଷୟରେ ସଚେତନ ଓ ଅବହିତ ହୋଇ ରହିବା ପାଇଁ ଯେତିକି ଦରକାର, ପ୍ରାୟ ସେତିକି ପରିମାଣରେହିଁ ଆପଣାର ଇନ୍ଦ୍ରିୟାନୁଭୂତିଗୁଡ଼ିକର କ୍ଷେତ୍ରରେ ବିଚରଣ କରୁଥାନ୍ତି । ସେମାନଙ୍କୁ ସେମାନଙ୍କର ସମୁଦାୟ ଜୀବନଟିର ସଚେତନତା ବିଷୟରେ ଶିଖାଇ ଦଆଯିବା ଉଚିତ ; ସେମାନଙ୍କର ଅନୁଭୂତିଗୁଡ଼ିକ ଯେ ପ୍ରକୃତରେ କେତେ କ୍ଷଣସ୍ଥାୟୀ ଏବଂ ସେମାନଙ୍କ ଜୀବନଧାରାଟିର ବିଭିନ୍ନ କ୍ଷଣରେ ଅଗଣିତ କେତେକେତେ ପରସ୍ପରବିରୋଧୀ ଅନୁଭବ ଦ୍ୱାରା ଯେ ସେଗୁଡ଼ିକ ଆକ୍ରାନ୍ତ ଏବଂ ବିତାଡ଼ିତ ହେବାରେ ଲାଗିଥାନ୍ତି, ସେମାନଙ୍କର ସେହି କଥାଟିକୁ ମଧ୍ୟ ଭଲ ଭାବରେ ଜାଣିବା ଉଚିତ ।

(ମହମବତି)

ଯେଉଁମାନେ ଆପଣା ଜୀବନର ସମ୍ପୂର୍ଣ୍ଣ କ୍ଷେତ୍ରଟି ବିଷୟରେ ସଚେତନ ହୋଇ ପାରିଛନ୍ତି, ସେମାନଙ୍କୁ ଏହି ପୃଥ୍ୱୀଚେତନାଟି ସହିତ କିପରି ଆପଣାର ଚେତନାଟିକୁ ଏକାତ୍ମକ କରି ରଖିବାକୁ ହୁଏ, ସେହି କଥାଟିକୁ ଶିଖାଇ ଦେବାକୁ ପଡ଼ିବ । (ଅର୍ଥାତ୍ ସେମାନେ ଆପଣା ସତ୍ତାର ଏପରି ଏକ ଗଭୀରକୁ ପ୍ରବେଶ କରି ପାରିବେ, ଯାହାକି ଜାଗତିକ ବସ୍ତୁଗୁଡ଼ିକ ସହିତ ଅଭିନ୍ନ ହୋଇ ରହିଥିବ ।) ପୃଥିବୀର ଆୟୁକାଳ ତୁଳନାରେ ଗୋଟିଏ ଜୀବନର ଆୟୁକାଳ ପ୍ରକୃତରେ କେତେ ଅଳ୍ପ !

(ଗ୍ୟାସ୍ ଆଲୋକ)

ଯେଉଁମାନେ ସେହି ପୃଥ୍ୱୀ-ଆଲୋକଟି ବିଷୟରେ ସଚେତନତା ଅର୍ଜନ କରି ପାରିଛନ୍ତି, ଆପଣାର ଚେତନାକୁ ବିଶ୍ୱଚେତନା ସହିତ ଏକାତ୍ମକତା ଅର୍ଜନ କରିବା ଲାଗି ସେମାନଙ୍କୁ ଶିକ୍ଷା ଦେବାକୁ ହେବ । ସେମାନଙ୍କ ଭିତରେ ଯାହା ବିଶ୍ୱଜଗତ ସହିତ ଏକାତ୍ମକ ହୋଇ ରହିଛି ଏବଂ ଯାହା ଏହି ବିଶ୍ୱଜଗତ ରହିଥିବା ପର୍ଯ୍ୟନ୍ତ ଅବଶ୍ୟ ଅନିର୍ବାଣ ହୋଇ ରହିଥିବ, ସେମାନଙ୍କୁ ଆପଣା ଭିତରେ ତାହାର ଆବିଷ୍କାର କରି ଶିଖିବାକୁ ହେବ । (ବିଶ୍ୱଜଗତର ଆୟୁକାଳ ତୁଳନାରେ ଏହି ପୃଥିବୀର ଆୟୁକାଳ ପ୍ରକୃତରେ କେତେ ଅଳ୍ପ ! ତାହା ତ କେବଳ ଗୋଟାଏ ନିଃଶ୍ୱାସ ପରି !)

(ଇଲେକ୍ଟ୍ରିକ୍ ଆଲୁଅ)

'oaob.nitrkl.ac.in' images reprocessed

ଯେଉଁମାନେ ବିଶ୍ୱଜଗତର ସଚେତନତା ଅର୍ଜନ କରିଛନ୍ତି, ତାହାର ଯାବତୀୟ ରୂପାକୃତିର କ୍ଷେତ୍ରରେ ତାହା ବିଷୟରେ ସଚେତନ ହୋଇ ପାରିଛନ୍ତି, ସେମାନଙ୍କୁ ସେହି ପରମ ଶାଶ୍ୱତ ଅନାଦି ଓ ଅନନ୍ତ, ନିତ୍ୟ ସତ୍ତ୍ୱଟି ବିଷୟରେ ସଚେତନ ହୋଇ ଶିଖିବାକୁ ପଡ଼ିବ, ଯିଏ ଅଜର ଓ ଅବ୍ୟୟ, ଯାହାଙ୍କ ସେପାଖକୁ ଆଉ କିଛିହେଲେ ନାହିଁ, ତାଙ୍କର ବିଷୟରେ ସଚେତନ ହୋଇ ଶିଖିବାକୁ ପଡ଼ିବ ।

ଏବଂ, ସେମାନଙ୍କ ଲାଗି ଯେଉଁ ଆଲୋକଟି ପ୍ରଦୀପିତ ହେବ, ସେଇଟି ହେଉଛି ସେହି ପରମ ଆଲୋକ, ଯାହାର ଆଦୌ କୌଣସି ନିର୍ବାଣ ନାହିଁ ।

(ପରମ ଆଲୋକ)

'oaob.nitrkl.ac.in' images reprocessed

ତିନୋଟି ସ୍ୱପ୍ନ

୧

ଆମେ ଗୋଟିଏ ପାହାଡ଼ର ଶିଖରଦେଶରେ ଅଛୁ, ଏତେ ଉଚ୍ଚରେ ଅଛୁ ଯେ ତଳେ ଥିବା ଉପତ୍ୟକାଗୁଡ଼ିକ ସତେଅବା ଅଦୃଶ୍ୟ ହୋଇ ରହୁଥାଏ । ଆକାଶ ସମ୍ପୂର୍ଣ୍ଣ ପରିଷ୍କାର ଏବଂ ବର୍ଣ୍ଣହୀନ ହୋଇ ଦିଶୁଥାଏ । ପର୍ବତର ସେହି ଶିଖରପ୍ରଦେଶଟି ସୁପୁଷ୍ଟ ତୃଣଭୂମି ଦ୍ୱାରା ଆବୃତ ହୋଇ ରହୁଥାଏ । ସେହି ତୃଣଭୂମିରେ ଚାରିପଲ ଗୋରୁ ଚରୁଥାନ୍ତି, ସେମାନଙ୍କୁ ଚାରିଜଣ ଗାଈଆଳ ଜଗିଥାନ୍ତି । ଏହି ପଲଗୁଡ଼ିକ ପରସ୍ପରଠାରୁ ସମାନ ଦୂରତାରେ ଥାଆନ୍ତି, ଅର୍ଥାତ୍, ଏହିପରି ସେମାନେ ସତେଅବା ଏକ ବର୍ଗକ୍ଷେତ୍ରର ଚାରୋଟିଯାକ କୋଣ ହୋଇ ରହିଥାନ୍ତି । ପ୍ରତ୍ୟେକ ଗାଈଆଳର ଆପଣାର ଏକ ସ୍ୱକୀୟ ଚେହେରା ରହିଥାଏ, ସ୍ୱକୀୟ ଲକ୍ଷଣମାନ ବି ରହିଥାଏ । "ସିଏ" ଏପରି କିଛି ବସ୍ତୁର ଅନ୍ୱେଷଣ କରୁଥିଲେ, ଯାହାକୁ କି ସିଏ ଅଭିବ୍ୟକ୍ତ କରିବାକୁ ଏବଂ ଫଳପ୍ରଦ କରିବାକୁ ଇଚ୍ଛା କରୁଥିଲେ । ମାତ୍ର ଏଥିପାଇଁ ତାଙ୍କ ପାଖରେ କେତୋଟି ପଦାର୍ଥର ଅଭାବ ରହିଥିଲା । ଏସବୁ ପଦାର୍ଥ ସେହି ପର୍ବତ ଶିଖରର ଆହୁରି ଦୂରରେ ରହିଥିଲା ଏବଂ ସେଗୁଡ଼ିକୁ ଆଣିବା ଲାଗି ସେଠାକୁ ଯିବାକୁ କୌଣସି ବାଟ ଅଛି କି ନାହିଁ, ମୋତେ ସିଏ ସେହି କଥା ପଚାରୁଥିଲେ । ସିଏ ଏତେ ବଡ଼ ପାଟି କରି ପ୍ରଶ୍ନଟିକୁ ପଚାରିଲେ ଯେ, ଆମର ନିକଟତମ ପଲଟିରେ ଥିବା ଗୋରୁମାନେ ସତେଅବା ତାହାକୁ ଶୁଣି ଆନନ୍ଦରେ ହମ୍ବାରଡ଼ି ଦେଇ ତାଙ୍କରି ଆଡ଼କୁ ଦଉଡ଼ିବାକୁ ଲାଗିଲେ । ଯେଉଁ ତେଙ୍ଗା, ବଳୁଆ, ଜଦା, ଦେହରେ ଚମଡ଼ାଟିଏ ପିନ୍ଧିଥିବା, ଗୋରା, ଢାଲିଆ ଆଉ ଟାଆଁଶା ବାଳରେ ଭର୍ତ୍ତି ହୋଇଥିବା ଓ ସମାନ ଚାରିକୋଣିଆ ମୁହଁଟିଏ ଥିବା ଯେଉଁ ଲୋକଟି ସେମାନଙ୍କର ଆଗେ ଆଗେ ଦଉଡ଼ୁଥିଲା, ସିଏ ତାଙ୍କ ପାଖକୁ ଯାଇ ବଡ଼ ପାଟିରେ କହିଲା, "ଆପଣ ମୋତେ ଯାହା କରିବାକୁ ଆଦେଶ ଦେବେ, ମୁଁ ତାହା କରିବାକୁ ପ୍ରସ୍ତୁତ ଅଛି । ମୋ'ର ଗାଈମାନେ ଆପଣଙ୍କର ଯେକୌଣସି କାର୍ଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି, ମୁଁ ବି ପ୍ରସ୍ତୁତ ଅଛି । ଆପଣ ଲାଭ କରିବାକୁ ଇଚ୍ଛା କରୁଥିବା ଜ୍ଞାନୋପାଦାନଗୁଡ଼ିକ ପ୍ରକୃତରେ ଯେଉଁଠାରେ ରହିଛି, ମୁଁ ଗାଈମାନଙ୍କୁ ସେହିଠାକୁ ନେଇଯାଇ ପାରିବି ଏବଂ ଆମେ ଆପଣଙ୍କୁ ସେହି ଜିନିଷଟିକୁ ନିଶ୍ଚୟ ଆଣିଦେବୁ ।

'oaob.nitrkl.ac.in' images reprocessed

ସିଏ ଏହି କଥାଟିକୁ କହୁଥିବା ସମୟରେ, ଏକା ଧାଡ଼ିରେ ତାହାଙ୍କୁ ରହିଥିବା ଗାଈପଲଟି ମଧ୍ୟ ପାଖକୁ ପାଖକୁ ଆସିବାକୁ ଲାଗିଲେ । ସେହି ପଲର ଜଗୁଆଳ ମଧ୍ୟ ଆଗ୍ରହୀ ହୋଇ କଥାଗୁଡ଼ିକୁ ଶୁଣିବା ଲାଗି ସେଠାରେ ଆସି ପହଞ୍ଚିଲା । ଦେଖିବାକୁ ଡେଙ୍ଗା, ଦେଶ ପତଳା, ଖୁବ ସୁଠାମ ଓ ସୁବେଶ ଦେଖାଯାଉଥାଏ, ଦେହର ଚମ ଖୁବ ଚକ୍‌କଣ, ମୁହଁଟି ଅଣ୍ଡାପରି ଗୋଲ ଓ ଲମ୍ବା, ତା'ର କଳାରଙ୍ଗର ରେଶମୀ ବାଳଗୁଡ଼ିକ କାନ୍ଧ ଉପରକୁ ପଡ଼ିକରି ରହୁଥାଏ । ତା' ପରିଧାନର ଗୋଟିଏ ଅଂଶ ନାଲିରଙ୍ଗର, କିନ୍ତୁ ସେଥିରେ ଆହୁରି କେତେକ ଅନ୍ୟ ରଙ୍ଗ ମଧ୍ୟ ରହିଥାଏ । ସିଏ ଖୁବ ସଦ୍‌ଭାବପୂର୍ଣ୍ଣ ଏବଂ ଭଲ ମିଜାଜର ଦେଖା ଯାଉଥାଏ । ମାତ୍ର ସିଏ ତାଙ୍କ ଲାଗି ସେହି କାମଟିକୁ କରିଦେବ ବୋଲି ଆଦୌ କହିଲା ନାହିଁ ।

୨ ଅଗଷ୍ଟ, ୧୯୧୪

୨

ଆମର ଗନ୍ତବ୍ୟ ପଥରେ ସେହି ଧଳା ହୋଇ ପଡ଼ିଥିବା ମାର୍ଗଟି ଉପରେ ଆମେ ଆଗକୁ ଆଗକୁ ଚାଲି ଯାଉଥିଲୁ । ଯେଉଁଠାରେ ରାସ୍ତାଟି ଦୁଇଭାଗ ହୋଇ ଦୁଇଆଡ଼କୁ ଚାଲି ଯାଇଥିଲା, ସେଠାରେ ଆମେ ଦଳେ ଲୋକଙ୍କୁ ଜମା ହୋଇଥିବାର ଦେଖିଲୁ । ସେମାନଙ୍କ ମୁହଁରୁ ଜଣାଯାଉଥିଲା, ସେମାନେ ଯେପରି କୌଣସି କାରଣରୁ ଖୁବ ଉଦ୍‌ବିଗ୍ନ ହୋଇ ପଡ଼ିଛନ୍ତି । ସେଥିରେ ଖୁବ ବିସ୍ମୟ ପ୍ରକାଶ କରି ତଥାପି ଆମେ ଗୋଟିଏ ଗୋଟିଏ ଆଗକୁ ଯାଉଛୁ, ହଠାତ୍ ଧଳା ପୋଷାକ ପିନ୍ଧିଥିବା ଗୋଟିଏ ମେଣ୍ଢାଜଗୁଆଳ ଆମକୁ ଏକ୍ରେବଡ଼ ପାଟିରେ ଡାକିବାକୁ ଲାଗିଲା ଏବଂ ଆମକୁ ରାସ୍ତାକଡ଼ର ନଦୀକୂଳରେ ଜମା ହୋଇଥିବା ଲୋକଙ୍କ ପାଖକୁ ଯିବା ଲାଗି କହିଲା । ଆମେ 'କାହିଁକି' ବୋଲି ପଚାରିବାରୁ ସିଏ ଆମକୁ ଉତ୍ତର ଦେଇ କହିଲା ଯେ ଷଣ୍ଢ ଓ ଗାଈମାନଙ୍କର ଏକ ବୃହତ୍ ପଲକୁ ସେଠାରେ ଆଜିପର୍ଯ୍ୟନ୍ତ ବନ୍ଦକରି ରଖା ଯାଇଥିଲା । କିନ୍ତୁ ବର୍ତ୍ତମାନ ସେମାନଙ୍କୁ ଛାଡ଼ିଦେବାର ସମୟଟି ଆସି ପହଞ୍ଚିଛି, ସେମାନଙ୍କ ବେକରେ ବନ୍ଧା ହୋଇଥିବା ପଘାଟିକୁ ବର୍ତ୍ତମାନ ଫିଟାଇ ଦିଆଯିବ ଏବଂ ତେଣୁ ସେହି ଗାଈମାନେ ବର୍ତ୍ତମାନ ପଘାରୁ ଫିଟି ବାଟରେ ଯାହା ପାଇବେ ମାଡ଼ିଦଳି ଏକାବେଳେକେ ନଷ୍ଟ କରିଦେବେ । ଏକଥା ଶୁଣି ମୁଁ ଉତ୍ତର ଦେଲି, "ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ଜନ୍ତୁମାନେ ପ୍ରକୃତରେ ଖୁବ ବଳଶାଳୀ ଏବଂ ଅନେକ ସମୟରେ ଏମାନେ ପ୍ରାୟ ଅନ୍ଧ ଭାବରେହିଁ ବଡ଼ ଧ୍ୱଂସ ହୋଇ ପଡ଼ନ୍ତି । ମାତ୍ର, ଆମ ସିଧା ବାଟରେ ଚାଲି ଯାଉଥିବା ଆମ ଦୁହିଁଙ୍କ ଲାଗି ସେଥିରେ ଭୟ କରିବାର ଆଦୌ କିଛି ନାହିଁ । ଷଣ୍ଢମାନେ ଆମର

'oaob.nitrkl.ac.in' images reprocessed

କେବେହେଲେ କୌଣସି କ୍ଷତି କରି ନାହାନ୍ତି ।” ମାତ୍ର ମେଣ୍ଢାଜଗୁଆଳ ତଥାପି ସେହିପରି ଜିଦ୍ କରିବାକୁ ଲାଗିଲା, ସେ କହିଲା ଯେ ଏହା ପ୍ରକୃତରେ ଏକ ଅସାଧାରଣ ବ୍ୟାପାର ଓ ଆଗରୁ ଏପରି ଆଉ କେବେହେଲେ ଘଟି ନାହିଁ । ତାକୁ ଆମେ କାହିଁକି ବିରକ୍ତ କରିବା ବୋଲି ଭାବି ଆମେ ସେଇଠି ଅଟକିଥିଲୁ ଏବଂ ଭିଡ଼ କରି ଜମା ହୋଇଥିବା ସେହି ମଣିଷମାନଙ୍କ ଆଗରେ ରାସ୍ତାକଡ଼ରେ ଆସି ଠିଆହେଲୁ । ମାତ୍ର ସିଏ ପୁନର୍ବାର ଆମକୁ ସତର୍କ କରିଦେଇ କହିଲା, “ନାଇଁ, ସେଠି ନୁହେଁ, ସେଠି ମୋଟେ ନୁହେଁ, ସେଠାରେ ଠିଆହେଲେ ତୁମେମାନେ ବୁଆଡ଼େ ଦଳି ଚକଟି ହୋଇଯିବ । ତେଣୁ ଆହୁରି ପଛକୁ ଯାଇ ଠିଆ ହୁଅ !” ସିଏ ଆମକୁ ରାସ୍ତାକଡ଼ରୁ ନେଇ ଅନ୍ୟମାନଙ୍କର ପଛରେ ଠିଆ କରିଦେଲା ।

ସେତିକବେଳେ ମୁଁ ଅନେକ ଦୂରରୁ ଗାଈ ଏବଂ ଷଣ୍ଢମାନଙ୍କର ସେହି ବିରାଟ ପଲଟିକୁ ଦେଖିବାକୁ ପାଇଲି । ସେମାନଙ୍କର ବେକର ପଘାଗୁଡ଼ିକୁ ଖୋଲି ଦିଆ ଯାଇଥାଏ ଓ ସେମାନେ କଲ୍‌ବଲ୍‌ଆ ହୋଇ ଆଗକୁ ମାଡ଼ି ଆସୁଥାନ୍ତି । ଆଗରେ ଯାହାକିଛି ପଡ଼ୁଥାଏ, ସବୁକିଛି ମାଡ଼ି ଦଳି ପକାଉଥାନ୍ତି । ସେମାନଙ୍କ ସମ୍ମୁଖରେ ଯେଉଁ ଲୋକ ପଡ଼ୁଥିଲା ସେମାନେ ପ୍ରକୃତରେ ତାକୁ ବି ପାଦରେ ଦଳି ମାରି ଦେଇଥାଆନ୍ତେ । ସବୁ ଗୋରୁ ଚାଲିଯିବା ପରେ ସେହି ପଲର ପ୍ରଧାନଟିକୁ ପଘାରୁ ଫିଟାଇ ଦିଆଗଲା । ସୁନ୍ଦର, ଧଳା ଚକ୍‌ଚକ ଏଡ଼େ ବଡ଼ ଷଣ୍ଢଟିଏ; ଅନ୍ୟମାନଙ୍କ ପରି ସେହି ଏକା ବାଟରେ ନଯାଇ ସିଏ ଡାହାଣକୁ ବୁଲି ଆମ ଆଗକୁ ମାଡ଼ି ଆସିଲା ଏବଂ ଢଳି ଢୁଳି ହୋଇ ତଳକୁ ଚାଲି ଯାଇଥିବା ବାଟଟିକୁ ଧରି ଯିବାକୁ ଲାଗିଲା । ମାତ୍ର କିଛି ସମୟ ପରେ ଅଟକି ଯାଇ ସତେଅବା କ'ଣ ଖୋଜୁଥିବା ପରି ଏଣେତେଣେ ଅନାଇଲା, ସେଇଟିକୁ ନପାଇ ପଛକୁ ଫେରି ଆସିଲା ଏବଂ ଶେଷରେ ଠିକ୍ ମୋ'ରି ଆଗରେ ଆସି ଛିଡ଼ାହେଲା । ସେତେବେଳେ ମୁଁ ଦେଖିବାକୁ ପାଇଲି ଯେ ଏଇଟି ହେଉଛି ଗୋଟିଏ ଛଅଟିକିଆ ଷଣ୍ଢ ଛଅଗୋଟି ଷଣ୍ଢ ଗୋଟିଏ ଦେହ ହେଲାପରି ଏକାଠି କଷିକରି ବାନ୍ଧି ହୋଇ ରହିଛନ୍ତି । ଅନ୍ୟଗୁଡ଼ିକ ତୁଳନାରେ ଗୋଟିଏ, ବୋଧହୁଏ ମଝିଟି, ଟିକଏ କମ୍ ଧଳା ଦେଖା ଯାଉଥିଲା । ମୋ'ର ବାଆଁ ପଟକୁ ଜଣେ ଧର୍ମଯାଜକ ଠିଆ ହୋଇଥିଲେ । ଏହି ପ୍ରକାଣ୍ଡ ଜନ୍ତୁଟାକୁ ଆମ ଆଡ଼କୁ ମାଡ଼ି ଆସୁଥିବାର ଏବଂ ଠିକ୍ ଆମରି ଆଗରେ ଆସି ଛିଡ଼ା ହୋଇଯିବାର ଦେଖି ସିଏ ଭୟରେ ଏକାବେଳେକେ ତ୍ରସ୍ତ ହୋଇ ପଡ଼ିଲେ । ଏବଂ ସେହି ତ୍ରସ୍ତ ଅବସ୍ଥାରେ ସେ ଭାରି ଅସ୍ୱସ୍ତ ଭାବରେ ଏପାଖ ସେପାଖ ହେବାକୁ ଲାଗିଲେ । ସେତିକବେଳେ ତାଙ୍କୁ ମୁଁ କହିଲି, “ଆଚ୍ଛା, ତେବେ ଆପଣଙ୍କର ଈଶ୍ୱରଙ୍କ ଉପରେ ଆଉ କି ବିଶ୍ୱାସ ଅଛି ? ଆପଣ ଏହି ଷଣ୍ଢଟିର ଗୋଡ଼ତଳେ ଚୂନାହୋଇ ମରିବେ ବୋଲି ଯଦି ସିଏ ପ୍ରକୃତରେ ଇଚ୍ଛା କରିଥିବେ, ତେବେ ଆପଣ ତାଙ୍କର ସେହି

'oaob.nitrkl.ac.in' images reprocessed

ଇଚ୍ଛାଟି କେବଳ ଆପଣଙ୍କର ମଙ୍ଗଳ ପାଇଁ ବୋଲି କ'ଣ ବିଶ୍ୱାସ କରିବେ ନାହିଁ ?" ଏକଥା ଶୁଣି ସିଏ ବୋଧହୁଏ ନିଜ ବିଷୟରେ ଈଷତ୍ ଲଜ୍ଜିତ ହେଲେ ଏବଂ ଜଣେ ସାହସୀ ମଣିଷ ପରି ଦେଖାଯିବାକୁ ଇଚ୍ଛା କଲେ । ଏବଂ ତା'ପରେ ସିଏ ଷଣ୍ଢଟି ସହିତ କଥାବାର୍ତ୍ତା କରିବାକୁ ବି ଆରମ୍ଭ କରିଦେଲେ ଓ ତା'ର ମୁହଁରେ ହାତ ଆପଡ଼ାଇବାକୁ ଲାଗିଲେ । ମାତ୍ର ସେହି ଶକ୍ତିଶାଳୀ ଜନ୍ତୁଟା ବି ପ୍ରାୟ ଆପଣାର ଧୈର୍ଯ୍ୟ ହରାଇ ବସିବାକୁ ଯାଉଥିଲା । ଏବଂ, ମୁଁ ଭାବୁଥିଲି, "ଏହି ମଣିଷଟି ଭିତରେ ତ ଭୟ ଭର୍ତ୍ତି ହୋଇ ରହିଛି, ତେଣୁ ସେହି ନିର୍ବୋଧ ଜନ୍ତୁଟା ବି ଆଜି ନିଶ୍ଚୟ ଗୋଟାଏ ଭୟଙ୍କର କାଣ୍ଡ ଘଟାଇ ଦେଇଯାଇ ପାରିବ !" ତା'ପରେ ମୁଁ "ତାଙ୍କ" ଆଡ଼କୁ ଅନାଇ କହିଲି, "ଚାଲନ୍ତୁ, ଆମର ଏଠୁ ବରଂ ଚାଲିଯିବାହିଁ ଭଲ ।" ଏବଂ ତା'ପରେ, ସେହି ଷଣ୍ଢଟି ବିଷୟରେ ଆଉ ଆଦୌ କୌଣସି କଥା ନକରି ଆମେ ପୁଣି ଆପଣା ବାଟରେ ବାହାରିଗଲୁ । ଆମେ ରାସ୍ତାକୁ ବାହାରି ଆସି ମାତ୍ର ଅଳ୍ପ କେଇଟି ପାହୁଣ୍ଡ ଆଗକୁ ଯାଇଛୁ କି ନାହିଁ, ଆମେ ଦେଖିବାକୁ ପାଇଲୁ ଯେ ଷଣ୍ଢଟି ଶାନ୍ତ ଅଥଚ ଶକ୍ତିଶାଳୀ ଭାବରେ ଆମର ପାଖ ଦେଇ ଧିର କରି ଚାଲିଗଲା । ପୁଣି କିଛି ବାଟ ଆଗକୁ ଯିବା ପରେ ମୁଁ ବିପରୀତ ଦିଗରୁ ଆଉ ଗୋଟିଏ ଷଣ୍ଢକୁ ଆମ ଆଡ଼କୁ ଆସୁଥିବାର ଦେଖିବାକୁ ପାଇଲି । ଦେହର ରଙ୍ଗ ନାଲି ମିଶା କଳରା, ସତେଅବା ବନ୍ୟ ପଶୁପରି ଭାରି ଭୟଙ୍କର ଚାହାଣି, ବଡ଼ ବଡ଼ ସିଙ୍ଘ ଦୁଇଟାକୁ ଆଗକୁ ଦେଖାଇ ସେ ଆମ ଆଡ଼କୁ ଆକ୍ରମଣ କରିବା ଲାଗି ମାଡ଼ି ଆସୁଥାଏ । ମୁଁ ପଛକୁ ବୁଲି "ତାଙ୍କ" ଆଡ଼କୁ ଅନାଇଲି । ସିଏ ମୋ'ଠାରୁ କେଇ ପାହୁଣ୍ଡ ପଛରେ ଥାଆନ୍ତି । ମୁଁ ତାଙ୍କୁ କହିଲି, "ଏଇ ଜନ୍ତୁଟା ପ୍ରକୃତରେ ଭୟଙ୍କର । ଦେଖନ୍ତୁ ସିଏ କିପରି ଏକୁଟିଆ ଯାଉଛି ଏବଂ ଅନ୍ୟ ଜନ୍ତୁମାନେ ଯେଉଁ ଆଡ଼କୁ ଯାଉଛନ୍ତି, ଇଏ ତା'ର ଠିକ୍ ବିପରୀତ ଆଡ଼କୁହିଁ ଯାଉଛି । ଏହାର ନିଶ୍ଚୟ ଅନେକ ମନ୍ଦ ଅଭିପ୍ରାୟ ରହିଛି । ଇଏ ତ ଆମକୁ ମୋଟେ ଦେଖି ବି ପାରୁ ନାହିଁ, କାରଣ ଆମେସବୁ ସିଧା ବାଟରେ ଯାଉଛୁ ଓ ତେଣୁ ନିରାପଦ ରହିଛୁ । ମାତ୍ର, ଅନ୍ୟମାନଙ୍କ ପ୍ରତି ମୋ'ର ପ୍ରକୃତରେ ଭାରି ଭୟ ରହିଛି ।" ଆଉ କିଛି ଦୂର ଯିବାପରେ ଆମେ ପୁଣି ପଛପଟୁ ଖୁରାର ଟାପୁଶବ୍ଦ ଶୁଣିବାକୁ ପାଇଲୁ । ମନେ ହେଲା, ସତେ ଯେପରି ସେହି ଭୟଙ୍କର ଷଣ୍ଢଟି ଅନ୍ୟମାନଙ୍କୁ ସାଙ୍ଗରେ ଧରି ଆମ ଆଡ଼କୁ ମାଡ଼ି ଆସୁଥିଲା । ଏଥର ଆମେ ଲକ୍ଷ୍ୟରେ ଆସି ପହଞ୍ଚିବାର ସମୟ ହୋଇ ଯିବାପରି ମନେ ଲାଗୁଥାଏ । ହଠାତ୍ ସେହି ସମୟରେ ଆଉ ଆଗକୁ ରାସ୍ତା ନଥିଲା ପରି ମନେ ହେଲା । ମୋ' ଆଗରେ ଏକ ଦ୍ୱାର ବନ୍ଦ ହୋଇ ରହିଥିଲା ଏବଂ ମୁଁ ତାହାକୁ ଖୋଲିବାକୁ ଇଚ୍ଛା କଲି । ମାତ୍ର କବାଟର କଡ଼ାଟି ଉପରୁ ମୋର ହାତ ଖସି ଯାଉଥାଏ, ମୁଁ ତାହାକୁ ଆଦୌ ଧରି ବୁଲାଇ ପାରୁ ନ ଥାଏ । କିନ୍ତୁ, ଏଣେ ଆଉ ମୋଟେ ସମୟ ନଥାଏ ।

'oaob.nitrkl.ac.in' images reprocessed

ତା'ପରେ ମୁଁ ଅତି ସ୍ପଷ୍ଟ ଭାବରେ ସେହି ଗମ୍ଭୀର କଣ୍ଠସ୍ୱରଟିକୁ ଶୁଣିବାକୁ ପାଇଲି। କଏ ମୋତେ "ଏଣିକି ଚାହିଁ ଦେଖ" ବୋଲି ଡାକଡାକି କହୁଥିଲେ। ମୁଁ ଉପରକୁ ଚାହିଁ ଦେଖିଲି, ଏବଂ ଠିକ୍ ଆମର ଆଗ ପଟରେ ବନ୍ଦ ହୋଇ ରହିଥିବା ଏହି କବାଟଟିକୁ ଲାଗିକରି ମୁଁ. ପୂର୍ବ ଭାବରେ ଖୋଲା ଆଉ ଗୋଟିଏ କବାଟ ଦେଖିବାକୁ ପାଇଲି। ସେହି ବାଟ ଦେଇ ଆମେ ଗୋଟିଏ ବର୍ଗାକାର କୋଠରି ଭିତରେ ଯାଇ ପହଞ୍ଚିଲୁ। ଏବଂ ତାହାହିଁ ଆମର ଗନ୍ତବ୍ୟସ୍ଥଳ ଥିଲା। କଣ୍ଠସ୍ୱରଟି ପୁଣି ମୋତେ ସମ୍ବୋଧନ କରି କହିଲା, "ଭିତରକୁ ପ୍ରବେଶ କର। ସେହିଠାରେହିଁ ତୁମେ ସକଳ ଦ୍ୱାରର ସନ୍ଧାନ ପାଇପିବ ଏବଂ ତୁମେ ସେହି ସବୁଗୁଡ଼ିକୁ ଖୋଲି ମଧ୍ୟ ପାରିବ।"

ଏକ ବିପୁଳ, ଶାନ୍ତ ଏବଂ ଅଚଞ୍ଚଳ ଶକ୍ତିମତ୍ତାର ଅନୁଭୂତି ସହିତ ମୁଁ ନିଦରୁ ଉଠିଲି।

୧୯୧୪ (ଅଗଷ୍ଟମାସ ପରେ)

ଗ

ହେ ପରମ ପ୍ରଭୁ, ଭାଲି ଆପଣଙ୍କ କୃପାରୁ ମୁଁ ଗୋଟିଏ ସ୍ୱପ୍ନ ଦେଖିବାକୁ ପାଇଲି।

ସେହି ସ୍ୱପ୍ନରେ ଥିବା ଏହି କଥାସବୁ ମୋ'ର ସ୍ମରଣ ରହିଛି :

ଏକ ଉଚ୍ଚ ପର୍ବତ ଉପରେ ଅବସ୍ଥିତ ଏକ ଅତ୍ୟନ୍ତ ଉଚ୍ଚ ମିନାର ଉପରେ ଏତେ ପ୍ରଶସ୍ତ ଓ ବୃହତ୍ ଏକ କୋଠରିଟିଏ ରହିଥିଲା ଯେ ତାହା ପ୍ରକୃତରେ ଏତେ ଉଚ୍ଚରେ ରହିଛି ବୋଲି ମୋତେ ମନେ ହେଉ ନ ଥିଲା। ମୁଁ ଦୂରରେ ଥିବା କାନ୍ଥକୁ ଆଉଜା କରି ବସିଥିଲି ଏବଂ ମୋର ସମ୍ମୁଖରେ ବାହାର ପଟକୁ ଗୋଟିଏ ଝରକା ମଧ୍ୟ ରହିଥିଲା। ମୋ'ର ବାଆଁ ପଟକୁ ଗୋଟିଏ ସିଂହାସନ ଏବଂ ସେହି ସିଂହାସନ ଉପରକୁ ଉଠିବା ଲାଗି କେତେଗୁଡ଼ିଏ ପାହାଚ। ସେହି ସିଂହାସନଟି ଉପରେ "ସକଳ ଜାତିର ଅଧୀଶ୍ୱର"* ଆସୀନ ହୋଇ ରହିଥିଲେ। ଏକଥା ମୁଁ

* ସକଳ ଜାତିର ଅଧୀଶ୍ୱର ହେଉଛି ଏକ ଅସୁର, ଅର୍ଥାତ୍ ସିଏ ହେଉଛି ଏହି ମନୋମୟ ପ୍ରାଣଭୂମିର ଏକ ପ୍ରତିକୂଳ ସତ୍ତା। ତା'କାଶସୃରେ ମାଆ ୧୯୫୩ରେ କହିଥିଲେ, "ଏବେ ମଧ୍ୟ ଏହି ପୃଥିବୀରେ ଆପଣାକୁ କାର୍ଯ୍ୟକାରୀ କରି ରଖିଥିବା ଅସୁରୀ ସତ୍ତାମାନଙ୍କ ମଧ୍ୟରେ, ସେହି ବୃହତ୍ତମ ଅସୁର ଯିଏକି ବର୍ତ୍ତମାନ ପୃଥିବୀକୁ ନେଇ ଉଥାପି ବ୍ୟସ୍ତ ହୋଇ ରହିଛି, ସିଏ ହେଉଛି ମିଥ୍ୟାର ଅସୁର ଏବଂ ସିଏ ଆପଣାକୁ 'ସକଳ ଜାତିର ଅଧୀଶ୍ୱର' ବୋଲି କହୁଛି। ସିଏ ଆପଣା ଲାଗି ଭାରି ସୁନ୍ଦର ନାମଟି ବାଛି ନେଇଛି। ସିଏ ସକଳ

'oaob.nitrkl.ac.in' images reprocessed

ଆଗରୁ ଜାଣିଥିଲି, ଅବଶ୍ୟ ଏକଥା ସତ ଯେ ମୁଁ ଆଗରୁ କେବେ ତାଙ୍କୁ ଦେଖି ନ ଥିଲି । ମୋ'ର ଡାହାଣ ପାଖରେ, ସେହି ବୃହତ୍ କୋଠରିଟିର ସିଧା ଆରପାଖରେ, ଉପରୁ ଆଲୋକିତ ହୋଇ ରହିଥିବା ଗୋଟିଏ ପ୍ରକାରର ଶୟନକକ୍ଷରେ ଜଣେ ଯୁବତୀ ନୀରବ ବସି ରହିଥିଲେ । ସିଏ ହେଉଛନ୍ତି ଗୋଟିଏ ଜାତି । ଶରୀରଟି କ୍ଷୀଣ ମ୍ଳାନ, ମୁହଁଟି ସତେଅବା ଏକ ଉଦାସ ପିଲାର ମୁହଁଟି ପରି ବିଷଣ୍ଣ ହୋଇ ଦିଶୁଥାଏ । ମୁଣ୍ଡରେ ଘନକୃଷ୍ଣ କେଶ, ଦେହର ରଙ୍ଗଟି କ୍ଷୀଣ ଶୀର୍ଣ୍ଣ ଏବଂ ନିଷ୍ପ୍ରଭ ଲାଗୁଥାଏ । ଯୁବତୀ ପରିଶସ୍ୟ-ବସ୍ତ୍ର ପରିଧାନ କରି ସେଠାରେ ବସିଆନ୍ତି, ମୁଣ୍ଡରେ ଶୁଭ୍ରବର୍ଣ୍ଣ ଫୁଲର ମୁକୁଟଟିଏ ପିନ୍ଧିଆନ୍ତି (ତାଙ୍କର ପୋଷାକଟି ମୁଖ୍ୟତଃ ଧବଳବର୍ଣ୍ଣ ଦିଶୁଥାଏ, ସେଥିରେ ଅବଶ୍ୟ ଏଠିସେଠି କେତେ ଜାଗାରେ କିଛି ନୀଳ ରହିଥାଏ ଓ ସୁନାଳି ମଧ ବି ଲାଗିଥାଏ ।) । ମୁଁ ଜାଣିଥିଲି ଯେ ଏହି ପୋଷାକଟିକୁ ପରିଧାନ କରିବାରେ ମୁଁ ନିଜେ ଏହି ଜାତିଟିକୁ ସାହାଯ୍ୟ କରିଥିଲି, ଏହି କୋଠରିଟିକୁ ଆସିବା ଲାଗି ପାହାଚ ଏବଂ ମିନାରଟିକୁ ଚଢ଼ିବାରେ ମଧ୍ୟ ତାଙ୍କୁ ସାହାଯ୍ୟ କରିଥିଲି । ସିଏ "ସକଳ ଜାତିର ଅଧୀଶ୍ୱର"ଙ୍କ ପାଖରେ ଆପଣାକୁ ବଧୂରୂପେ ନିବେଦନ କରିବା ସକାଶେ ଏଠାକୁ ଆସିଥିଲେ ଏବଂ ସେଥିସକାଶେ ତାଙ୍କୁ କେତେ କଠିନ ପରୀକ୍ଷାକୁ ପାରି ହୋଇ ଆସିବାକୁ ପଡ଼ିଥିଲା । ସିଏ ପ୍ରକୃତରେ ତାଙ୍କର ଯୋଗ୍ୟା କି ନୁହନ୍ତି, ସେକଥା ଜାଣିବା ଲାଗିହିଁ ସିଂହାସନସ୍ଥ ପ୍ରଭୁ ତାଙ୍କୁ ସେହିସବୁ ପରୀକ୍ଷାର ସମ୍ମୁଖୀନ କରାଇଥିଲେ । ଏହି ପରୀକ୍ଷାଗୁଡ଼ିକୁ ପ୍ରକୃତରେ ଆତଙ୍କମୟ ଗୋଟିଏ ଗୋଟିଏ ପରୀକ୍ଷା ବୋଲି କୁହାଯାଇ ପାରିବ ।

ପ୍ରଥମ ପରୀକ୍ଷାଟି ସ୍ୱରୂପ ତାଙ୍କ ପାଖକୁ ଗୋଟିଏ ସୁରା ଗିଲାସ ଓ ଗୋଟିଏ ଢାଳିବା ପାତ୍ର ଅଣା ଯାଇଥିଲା । ଏବଂ ତାଙ୍କୁ ଦୁଇଟିଯାକ ପାତ୍ର ଭିତରେ ରହିଥିବା ପାନୀୟଟିକୁ ପିଇବାକୁ ପଡ଼ିଥିଲା । ତାଙ୍କୁ ସେହି ପାନୀୟଟି ରକ୍ତ ପରି, ଦେହରୁ ବାହାରିଥିବା ସଦ୍ୟ ମନୁଷ୍ୟରକ୍ତ ପରି ଲାଗିଲା । ଏବଂ ସକଳ ଜାତିର ଅଧୀଶ୍ୱର ତାଙ୍କର ସେହି ଉଚ୍ଚ ସିଂହାସନ ଉପରୁହିଁ ତାଙ୍କୁ କହୁଥିଲେ, "ତୁମେ ଯେ ଅଦୋଷିତ ନୁହଁ, ତାହା ପ୍ରମାଣ କରି ଦେଖାଇ ଦେବା ଲାଗି ତୁମକୁ ଏହି ସବୁଯାକ ରକ୍ତ ପିଇବାକୁ ପଡ଼ିବ ।" ବିଚରା ଝିଅଟି ଅତ୍ୟନ୍ତ ଘୃଣା ଓ ବିରକ୍ତିରେ ଏକା-ବେଳେକେ କମ୍ପି ଉଠୁଥାଆନ୍ତି ଏବଂ ସେହି ଭୟଙ୍କର ପାନୀୟକୁ ସ୍ପର୍ଶ କରିବା ଲାଗି

ଜାତିର ଅଧୀଶ୍ୱର ହୋଇ ବସିଛି । ପୃଥିବୀରେ ଯେତେ ଯେଉଁଠି ଯାହାକିଛି ବିଗିଡ଼ି ବରି ରହିଛି, ସେଠାରେ ସେହି ଅସୁରଟି ଅଥବା ତା'ର ଜଣେ କେହି ପ୍ରତିନିଧି ଅବଶ୍ୟ ବିଦ୍ୟମାନ ରହିଛି ଓ ସବୁକିଛିକୁ ବିଗାଡ଼ ଦେଇ ରଖିଛି ।"

—ପ୍ରଶ୍ନ ଓ ଉତ୍ତର, ୧୯୫୩ (୧୦ ଜୁନ୍)

'oaob.nitrkl.ac.in' images reprocessed

ମଧ ତାଙ୍କର ମୋତେ ଛାଡ଼ି ଯାଉ ନ ଥାଏ । ମାତ୍ର, ହେ ମୋ'ର ପରମ ପ୍ରଭୁ, ତୁମେ ସେତେବେଳେ ମୋ' ଭିତରେ ପରମସତ୍ୟର ଚେତନା ଏବଂ ଶକ୍ତିମତ୍ତାକୁ ପୂର୍ଣ୍ଣ କରି ରଖିଥିଲ । ମୁଁ ଯେଉଁଠାରେ ଠିଆ ହୋଇଥିଲି, ସେଇଠାରେ ଥାଇହିଁ ମୁଁ ଗେଲାସ ଏବଂ ଅନ୍ୟ ପାତ୍ରଟିରେ ପ୍ରକୃତରେ ରହିଥିବା ସ୍ୱଚ୍ଛ ଓ ନିର୍ମଳ ଜଳକୁ ବେଶ୍ ଦେଖି ପାରୁଥିଲି । ଝିଅଟି ତଥାପି ଘୃଣା ପ୍ରକାଶ କରିବାରେ ଲାଗିଥାଏ ଏବଂ ସିଂହାସନସ୍ଥ ଅଧୀଶ୍ୱର ଅତ୍ୟନ୍ତ କଠୋର କଣ୍ଠରେ ତାକୁ ଚିଡ଼ାଇ କରି କହିବାରେ ଲାଗିଥାନ୍ତି, "କ'ଣ ହେଲା ? ତୋ'ର ଦେହ ଏତେବେଳୁ କମ୍ପିବାକୁ ଆରମ୍ଭ କଲଣି ! ଏଇଟି ତ ମୋଟେ ପ୍ରଥମ ପରୀକ୍ଷା, ତେବେ 'ପରବର୍ତ୍ତୀ ପରୀକ୍ଷାଗୁଡ଼ିକରେ ପୁଣି ତୁ କ'ଣ କରିବୁ ?"

ଏସବୁ କଥା ଦେଖି, ପରିଣାମ ହୁଏତ କ'ଣ ହେବ, ସେକଥା ବିଷୟରେ ଆଦୌ କୌଣସି ବିଚାର ନ କରି, ମୁଁ ସେହି ଝିଅଟିର ଉଦ୍ଦେଶ୍ୟରେ ଏତେବଡ଼ ପାଟି କରି କହିଲି, "ତୁମର ଭୟ କରିବାର ଆଦୌ କୌଣସି କାରଣ ନାହିଁ । କାରଣ, ମୁଁ ସତ କରି କହୁଛି, ସେହି ପାତ୍ରଗୁଡ଼ିକ ଭିତରେ କେବଳ ପାଣିହିଁ ଅଛି !" ମୁଁ ଏପରି ଏକ ଭାଷାରେ କହୁଥିଲି, ଯାହାକୁ କି ସେହି ରାଜା ମୋଟେ ବୁଝି ପାରୁ ନ ଥିଲେ । ଏବଂ ଝିଅଟି ମୋ କଥାରେ ବିଶ୍ୱାସ କଲା; ତା'ମନରୁ ସବୁ ଭୟ ଦୂର ହୋଇଗଲା ଏବଂ ସିଏ ଧୀର ଭାବରେ ପିଇବାକୁ ଆରମ୍ଭ କଲା ।

ମାତ୍ର ମୁଁ ଯେ ଏତେ ବଡ଼ ପାଟି କରି କଥା କହିଲି, ରାଜା ସେଥିରେ କ'ଣ ଗୋଟାଏ ଘଟିଲା ବୋଲି ସନ୍ଦେହ କରିବାକୁ ଲାଗିଲେ ଏବଂ ଅତ୍ୟନ୍ତ କ୍ରୁଦ୍ଧ ଭାବରେ ମୋ' ଆଡ଼କୁ ଅନାଇଲେ । ଏପରି ଅନୁଚିତ ଭାବରେ କଥା କହିଥିବାରୁ ସେ ମୋତେ ଭର୍ତ୍ସନା କରିବାକୁ ଲାଗିଲେ । ମୁଁ ତାଙ୍କ କଥାରେ ଜବାବ ଦେଇ କହିଲି, —ଏପରି କରିବାର ଯେ ଏକ ଅନିବାର୍ଯ୍ୟ ପରିଣାମ ରହିଛି, ମୁଁ ସେକଥା' ଭଲ କରି ଜାଣିଥିଲି, ତଥାପି ସେହି ବିଷୟରେ କୌଣସି ଚିନ୍ତା ନ କରି କହିଲି, "ମୁଁ ଯେଉଁ ଭାଷାରେ କହିଲି, ସେଇଟିକୁ ଆପଣ ବୁଝି ପାରିବେ ନାହିଁ । ତେଣୁ ସେହି କଥାରେ ଆପଣଙ୍କର ମୁଣ୍ଡ ଖେଳାଇବାରେ କୌଣସି ପ୍ରୟୋଜନ ନାହିଁ ।"...

ତା'ପରେ ଯାଇ ସେହି ସ୍ମରଣୀୟ କଥାଟି ଘଟିଥିଲା ।

ସେହି ଘର ଭିତରଟାଯାକ ତତ୍‌କ୍ଷଣାତ୍ ଗାଢ଼ପରି ଘୋର ଅନ୍ଧାର ହୋଇଗଲା ଏବଂ ପୁଣି ସେହି ଅନ୍ଧାର ଭିତରେ ଆହୁରି ଗୋଟିଏ କଟିକଟିଆ ଅଧିକ କଳା ବସ୍ତୁର ଆବିର୍ଭାବ ହେଲା । ଆଉ କେହିହେଲେ ସେହି ଆକାରଟିକୁ ଦେଖି ପାରୁ ନ ଥିଲେ, କିନ୍ତୁ ମୁଁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖି ପାରୁଥିଲି ।

'oaob.nitrkl.ac.in' images reprocessed

ଅନ୍ଧାରରେ ଛଅାର ହୋଇଥିବା ସେହି ଆକାରଟି ମୋ' ଭିତରେ ରହିଥିବା ପରମ ସତ୍ତ୍ୱାଲୋକର ପ୍ରତିମୂର୍ତ୍ତି ପରି ଦେଖା ଯାଉଥିଲା । ଏବଂ ସେହି ପ୍ରତିମୂର୍ତ୍ତିର ନାମ ହେଉଛି ସଂଯତତା ।

ସଙ୍ଗେସଙ୍ଗେ ଯୁଦ୍ଧ ଆରମ୍ଭ ହୋଇଗଲା । ସେହି ମୂର୍ତ୍ତିଟିର ବାଳଗୁଡ଼ାକ ଠିକ୍ ଭୟଙ୍କର ଗୋଟାଏ ଗୋଟାଏ ସାପ ପରି ଦେଖା ଯାଉଥିଲା, ସେଗୁଡ଼ାକ ବୀଭତ୍ସ ଭଙ୍ଗୀମାନ ଧାରଣ କରି ଓ ଭୟଙ୍କର ଭାବରେ ଦାନ୍ତ କଡ଼ମଡ କରି ମୋ' ଆଡ଼କୁ ମାଡ଼ି ଆସୁଥିଲେ । ସେହି ମୂର୍ତ୍ତିଟି ଯଦି ତା'ର କେବଳ ଗୋଟିଏମାତ୍ର ଅଙ୍ଗୁଠି ଦେଇ ମୋ'ର ହୃଦ୍‌ବକ୍ଷକୁ ସ୍ପର୍ଶ କରି ପାରିଥାନ୍ତା, ତେବେ ପୃଥିବୀରେ ଯାହାକୁ ସେହି ଭୟଙ୍କର ବିପତ୍ତିଟି ବୋଲି କୁହାଯାଏ, ତାହା ନିଶ୍ଚୟ ଘଟିଥାନ୍ତା । ତେଣୁ ସେଇଟି ଯେପରି କଦାପି ଘଟି ନ ପାରିବ, ଯେକୌଣସି ପ୍ରକାରରେ ମୋ'ପକ୍ଷରେ ତାହାହିଁ କରିବା ଉଚିତ ଥିଲା । ଭାରି ଭୟଙ୍କର ଯୁଦ୍ଧ ହେଲା । ପରମସତ୍ତ୍ୱାର ସକଳ ଶକ୍ତି ମୋ'ର ଚେତନା ମଧ୍ୟରେ ସଂକେନ୍ଦ୍ରିତ ହୋଇ ରହିଥିଲେ । ଏବଂ, ଏହି 'ସଂଯତତା' ପରି ଏତେ ବଡ଼ ଦୁର୍ଦ୍ଧର୍ଷ ଶତ୍ରୁ ସହିତ କଦାପି ଆଉ କୌଣସି କମ୍ ଶକ୍ତିଶାଳୀ ଅସ୍ତ୍ର ଦେଇ ଲଢ଼ି ପାରି ନ ଥାନ୍ତା !

ଯୁଦ୍ଧ କରୁଥିବା ସମୟରେ ତା'ର ସହିଷ୍ଣୁତା ଏବଂ ବଳ ଦେଖି ମୁଁ ପ୍ରକୃତରେ ଅବାକ୍ ହୋଇଗଲି । ଏବଂ ସର୍ବଶେଷରେ ଯୁଦ୍ଧର ସେହି ସର୍ବୋଚ୍ଚ ଗୌରବମୟ ମୁହୂର୍ତ୍ତଟି ଆସି ପହଞ୍ଚିଲା । ଆମେ ଦୁହେଁ ପରସ୍ପରର ଏତେ ପାଖରେ ରହିଥିଲୁ ଯେ ପରସ୍ପରକୁ ସ୍ପର୍ଶ ନ କରିବା ପ୍ରାୟ ଏକ ଅସମ୍ଭବ ବ୍ୟାପାର ହୋଇ ରହିଥିଲା, ଏବଂ ଆଙ୍ଗୁଳିଟିକୁ ବଢ଼ାଇଦେଇ ସିଏ ମୋ'ର କ୍ରମଶଃ ଅଧିକ ନିକଟବର୍ତ୍ତୀ ହୋଇ ଆସୁଥିଲା, ମୋ'ର ବକ୍ଷକୁ ଆସି ଛୁଇଁଦେବ ବୋଲି ମୋତେ ଭୟ ଦେଖାଉଥିଲା ।

ଠିକ୍ ସେହି ସମୟରେ 'ସକଳ ଜାତିର ଅଧୀଶ୍ୱର,' —ସିଏ ଏହି ଭୀଷଣ ସଂଗ୍ରାମଟିକୁ ଆଦୌ ଦେଖିପାରୁ ନ ଥିଲେ,—ତାଙ୍କ ପାଖରେ ପଡ଼ିଥିବା ଟେବୁଲ୍‌ଟି ଉପରୁ କ'ଣ ଗୋଟାଏ ପଦାର୍ଥ ନେବା ସକାଶେ ନିଜର ହାତଟିକୁ ବଢ଼ାଇଦେଲେ । ଆଉ ଅଜାଣତରେ ତାଙ୍କର ସେହି ହାତଟି ଯୁଦ୍ଧ କରୁଥିବା ଆମ ଦୁଇଜଣଙ୍କ ମଝିରେ ଭରି ପ୍ରଲମ୍ବିତ ହୋଇ ଆସିଲା । ସେତେବେଳେ ମୁଁ ସେହି ହାତରେ ଟିକିଏ ଆଶ୍ରା ନେଇ ପାରିଲି ଏବଂ ସଂଯତତା ଏଥର ସୁନିଶ୍ଚିତ ଭାବରେ ପରାଭୂତ ହୋଇ ଆଦୌ କୌଣସି ଶକ୍ତି ଅଥବା ବାସ୍ତବତା ନ ଥିବା ଗୋଟାଏ କୃଷ୍ଣବର୍ଣ୍ଣ ଧୂଳିକଣା ପରି ମାଟି ଉପରେ ଲଥକରି ପଡ଼ିଗଲା ।

ତା'ପରେ ସିଂହାସନ ଉପରେ ଆସୀନ ତାଙ୍କୁ ମୁଁ ଚିହ୍ନି ପାରିଲି ଓ ତାଙ୍କର ଶକ୍ତି ଉଦ୍ଦେଶ୍ୟରେ ମୋ'ର ପ୍ରଣାମ ବି ଜଣାଇଲି । ତାଙ୍କରି କାନ୍ଧ ଉପରେ ମୁଣ୍ଡଟିକୁ

'oaob.nitrkl.ac.in' images reprocessed

ରଖିଦେଇ ତାଙ୍କୁ ମୁଁ ଖୁବ ଖୁସି ହୋଇ କହିଲି, "ଆମେ ଦୁହେଁଯାକ ମିଶି ସମସ୍ତତା ଉପରେ ବିଜୟ ହାସଲ କଲୁ ।"

ମୁଁ ସେଦିନ ଏହି ସ୍ୱପ୍ନଟିକୁ ଦେଖିଥିଲି,—ଏବଂ ଆପଣଙ୍କ କୃପାରୁ ତାହାର ସମ୍ପୂର୍ଣ୍ଣ ଅର୍ଥଟିକୁ ମଧ୍ୟ ବୁଝି ପାରିଥିଲି ।

ଏହି ଅମୂଲ୍ୟ ଦାନଟି ଲାଗି ମୁଁ ଆପଣଙ୍କୁ ମୋ'ର ଅଶେଷ କୃତଜ୍ଞତା ଜଣାଉଛି ।

୩୧ ଜାନୁଆରୀ—୧ ଫେବୃଆରୀ [୧୯୧୫ ?]

'oaob.nitrkl.ac.in' images reprocessed

ଯୁଦ୍ଧ

୧

ଯେଉଁସବୁ ରେଳଗାଡ଼ିରେ ଯୁଦ୍ଧକ୍ଷେତ୍ରରୁ ଆହତ ହୋଇଥିବା ପ୍ରାୟ ପାଞ୍ଚ ଛଅ ଶହ ବ୍ୟକ୍ତି ବୋହେଇ ହୋଇ ଆସୁଥିଲେ, ସେଗୁଡ଼ିକ ମୁଁ ନିଜ ଆଖିରେ ଦେଖିଛି । ସେସବୁ ଦୃଶ୍ୟ ପ୍ରକୃତରେ ଭାରି ବିଚଳିତ କରି ଦେଉଥିଲା । ଏହି ହତଭାଗ୍ୟ ବ୍ୟକ୍ତିମାନେ ଏହିସବୁ ଯାବତୀୟ କଷ୍ଟ ପାଉଥିଲେ ବୋଲି ଯେ ସେହି ଦୃଶ୍ୟ ଏତେ ଦୂର ବିଚଳିତ କରି ଦେଉଥିଲା ସେକଥା ଆଦୌ ନୁହେଁ । ମାତ୍ର, ସର୍ବୋପରି, ଯେପରି ବିଶାଳ ହୃଦୟବତ୍ତା ସହିତ ଅଧିକାଂଶ ବ୍ୟକ୍ତି ସେହିସବୁ କଷ୍ଟକୁ ସହ୍ୟ କରୁଥିଲେ, ସେଇଥି ପାଇଁ ହିଁ ମୁଁ ନିଜ ଭିତରେ ସତେଅବା ଏକାବେଳେକେ ବିଗଳିତ ହୋଇ ପଡ଼ୁଥିଲି । ସେମାନଙ୍କର ଚକ୍ଷୁ ମଧ୍ୟଦେଇ ଆତ୍ମାର ଆଲୋକଟି ହିଁ ଉଜ୍ଜ୍ୱଳ ହୋଇ ଦିଶୁଥିଲା, ଶରୀରଗତର ଶକ୍ତିଗୁଡ଼ିକ ସହିତ ଏତେ ଟିକିଏ ବି ସମ୍ପର୍କ ଘଟିବା ମାତ୍ରକେ ସେହି ଆତ୍ମା ହିଁ ଜାଗ୍ରତ ହୋଇ ଉଠୁଥିଲା । ଏବଂ, ସେମାନଙ୍କର ଉପସ୍ଥିତିକୁ ପରିବେଷ୍ଟନ କରି ରହିଥିବା ପୂର୍ଣ୍ଣ ନୀରବତା ଯଥାର୍ଥ ପ୍ରେମର ଯେଉଁ ପ୍ରଗାଢ଼ତା ଏବଂ ପୂର୍ଣ୍ଣ ଶକ୍ତିମନ୍ତତାକୁ ବ୍ୟକ୍ତ କରି ଆଣୁଥିଲା, ସେଇଥିରୁ ହିଁ ସେମାନଙ୍କର ଗ୍ରହଣଶୀଳତାକୁ ମଧ୍ୟ ଭାରି ସହଜରେ ଉପଲବ୍ଧି କରି ହେଉଥିଲା ।

ଏବଂ ତା'ପରେ, ଜୀବନରେ କାର୍ଯ୍ୟକାରୀ କରିବା ପାଇଁ ନାନା ରଚନାତ୍ମକତାରେ ବ୍ୟାପ୍ତ ରହିବାରେ ସୁସ୍ପଷ୍ଟ ଅନୁଭବ କରୁଥିବା ମନୋଭୂମିଟି, ଏହି ଗ୍ରହଣଶୀଳତାର ସାହାଯ୍ୟରେ ପ୍ରକୃତରେ କେତେ କ'ଣ ସବୁ ଯେ ସମ୍ଭବ ହୋଇ ପାରନ୍ତା, ସେହି ବିଷୟରେ ହିଁ କଳ୍ପନା କରିବାକୁ ଆରମ୍ଭ କରି ଦେଉଥିଲା । ଏବଂ, ତାହାର ପରିଣାମ ସ୍ୱରୂପ, ସମ୍ଭାବ୍ୟ ଉପଲବ୍ଧିଗୁଡ଼ିକର ବ୍ୟାପକ ତଥା ବହୁ-ବିଷୟଯୁକ୍ତ କେତେ କେତେ ଦୃଶ୍ୟ ଗୋଟି ଗୋଟି ହୋଇ ମାନସପଟ ଉପରେ ଭାସି ଭାସି ଚାଲି ଯାଉଥିଲେ, ଆପଣାର ଆଲୋକ ତଥା ପ୍ରେମର ମହିମାରେ ଧୂଆଁ ଗୁଡ଼ ଗୁଡ଼ ଚାଲି ଯିବାରେ ଲାଗିଥିଲେ ।

ଅଧିକନ୍ତୁ, ବର୍ତ୍ତମାନ ଅତ୍ୟନ୍ତ ଶ୍ରେଷ୍ଠ ଘଟଣାଟିଏ ହେଉ ପଛକେ ବା ବାହାରେ ରହିଥିବା ପୃଥିବୀଟି ସହିତ ଏତେ ଟିକିଏ ସମ୍ପର୍କ ବି ହେଉନ ପଛକେ, ତାହାର ଆଳରେ ମନ ଭିତରେ ଏହିପରି ଅଗଣିତ କେତେ କେତେ କଳ୍ପନା ଆସି ରଚିତ ହୋଇ ଯାଉଛି, ମନର କ୍ଷେତ୍ରଟିରେ ସେଗୁଡ଼ିକ କେଡ଼େ ସୁବିସ୍ତୀର୍ଣ୍ଣ,

'oaob.nitrkl.ac.in' images reprocessed

ଆଲୋକମୟ, ପ୍ରଗାଢ଼ ଜୀବନମୟତାରେ ପରିପୂର୍ଣ୍ଣ ପରି ପ୍ରତୀତ ହେଉଛି, ଉପଲବ୍ଧି ଲାଗି ବି ଅତ୍ୟନ୍ତ ଶକ୍ତିସଂପନ୍ନ ହୋଇ ରହିଥିଲା ପରି ମନେ ହେଉଛି । ଯେଉଁ ପରମ ତତ୍ତ୍ୱ ଆପଣାକୁ ପ୍ରକାଶିତ କରି ଆଣିବାକୁ ଇଚ୍ଛା କରୁଛନ୍ତି, ସମ୍ଭବତଃ ତାଙ୍କର ସମର୍ଥନ ଓ ସ୍ୱୀକୃତିକୁ ଲାଭ କରିବା ପାଇଁ ଏତେଗୁଡ଼ିଏ ବାହ୍ୟ ଗ୍ରନ୍ଥ ବା ଆକାର ଧରି ସେମାନେ ଆପଣାକୁ ଉପସ୍ଥାପିତ କରିବା ଲାଗି ଆସୁଛନ୍ତି । ମାତ୍ର ସେହି ସାହସୀ ରଚନାକାରଟିର ପାର୍ଶ୍ୱବର୍ତ୍ତୀ ହୋଇ ସେହି ସ୍ନେହମୟ ଶାନ୍ତ ଶିଶୁଟି ମଧ୍ୟ ଠିଆ ହୋଇ ରହିଛି, ଯିଏକି, ପରମ ସତ୍ୟର ସେହି ସର୍ବୋଚ୍ଚ ବିଧାନଟି ଲାଗି ଏକ ପରମୋତ୍ସାହଦାୟୀ ଅଭୀପ୍ସାକୁ ନିଜ ଭିତରେ ବହନ କରି ଅତ୍ୟନ୍ତ କୋମଳ ଭାବରେ ଗୁଣୁଗୁଣୁ ହୋଇ କହୁଛି : "ହେ ପରମପ୍ରଭୁ, ଆପଣଙ୍କର ସମୁଦାୟ ଇଚ୍ଛାଟି ବିଷୟରେ ମୁଁ କିଛି ଜାଣି ନାହିଁ, ମୁଁ ଆପଣା ମନକୁ ଏପରି ଗୁଡ଼ିଏ ଘଟନାର ରଚନା କରିବାରେ ଲାଗିଛି, ଯାହାକି କେବଳ ମୋ'ରି ଅତିକ୍ଷୁଦ୍ର ବ୍ୟକ୍ତିଗତ ସୀମାଗୁଡ଼ିକରହିଁ ଅନୁରୂପ ହୋଇ ରହିଛି ଏବଂ ଯାହାକି ସମ୍ଭବତଃ ଆପଣଙ୍କର ବିପୁଳ ଯୋଜନାଟି ମଧ୍ୟରେ ଆଦୌ କେଉଁଠି ହେଲେ ବି ଖାପ ଖାଇ ପାରିବ ନାହିଁ । ମାତ୍ର ଆପଣ ନିଜେ ବି ତ ଭଲ କରି ଜାଣିଛନ୍ତି ଯେ ସେଗୁଡ଼ିକ କେବଳ ଗୋଟିଏ ଗୋଟିଏ ଅଳ୍ପକ୍ଷଣସ୍ଥାୟୀ ରଚନା ବ୍ୟତୀତ ଆଉ ଆଦୌ କିଛି ହେଲେ ନୁହନ୍ତି, ଆପଣ ଜାଣନ୍ତି ଯେ ସେଗୁଡ଼ିକର ରଚନା ହେବା ସଙ୍ଗେ ସଙ୍ଗେହିଁ ସେଗୁଡ଼ିକ ଫୋଟକାପରି ଫାଟି ଯାଆନ୍ତି ଏବଂ, ଯେଉଁ ମନୋଦର୍ପଣଟି ପ୍ରତ୍ୟେକ ମୁହୂର୍ତ୍ତରେ ଆପଣ ଏହି ସମଗ୍ର ସତ୍ତାଟି ଦ୍ୱାରା ଯାହା କାର୍ଯ୍ୟକାରୀ କରାଇବାକୁ ଇଚ୍ଛା କରୁଛନ୍ତି, ତାହାର ଏକ ଯଥାନୁରୂପ ଅନୁଲିଖନକୁ ପ୍ରତିଫଳିତ କରାଇବା ସକାଶେ ପ୍ରସ୍ତୁତ ହୋଇ ରହିଛି, ସେହି ରଚନାଗୁଡ଼ିକ ତାହାର ଶୁଦ୍ଧତାକୁ ଆଦୌ କୌଣସି ପ୍ରକାରେ ନଷ୍ଟ କରିଦେଇ ପାରନ୍ତି ନାହିଁ ।" ଏବଂ ତା'ପରେ, ଏହି ସମଗ୍ର ସତ୍ତାଟି ଏକ ବହୁବ୍ୟାପ୍ତ, ସନ୍ଦୀପିତ ଏବଂ ନିରୂପାଧିକ ଉଲ୍ଲାସମୟତା ମଧ୍ୟରେ ଆପଣାକୁ ଆଲୋଡ଼ିତ କରିଦେଇ ଆଉ କେବଳ 'ଗୋଟିଏ ସତ୍ତା' ହୋଇ ଆଦୌ ରହିପାରେ ନାହିଁ ଏବଂ ସେହି ଅନନ୍ତତାରେହିଁ ରୂପାନ୍ତରିତ ହୋଇଯାଏ । ଏବଂ ଧ୍ୟାନମଗ୍ନ ଅବସ୍ଥାର ସେହି ନିସ୍ତବ୍ଧତା ଭିତରେ ମନୋଭୂମି ଏହି କଥାଟି ବିଷୟରେ ବି ସଜ୍ଞାନ ହୋଇ ରହିଥାଏ ଯେ, ତାହାର ଏହି ପଟଟି ଉପରେ ଉକୁଟି ଉଠୁଥିବା ଏହିସବୁ ନାନାବିଧ ରଚନା ପ୍ରକୃତରେ ଏପରି ଏକ ସମଗ୍ରତାରହିଁ ଅଂଶ ହୋଇ ରହିଛନ୍ତି, ଯାହାକୁକି ସେହି ମନହିଁ ଅଧିକରୁ ଅଧିକ ପରିମାଣରେ କ୍ରମଶଃ ଅଭିବ୍ୟକ୍ତ କରି ଆଣିବ । ହୁଏତ ଏକାଧିକ ଦେହଯନ୍ତ୍ରର ମାଧ୍ୟମରେ ତାହା ସେଇଟିକୁ ଅଭିବ୍ୟକ୍ତ କରିବ ବୋଲି ଅଭିପ୍ରେତ ହୋଇ ରହିଛି । ଯେଉଁ ପରମତତ୍ତ୍ୱ ଅନୁକ୍ଷଣ ଓ ବୈକଳ୍ପିକମୁକ୍ତ ଭାବରେ ଅବସ୍ଥିତ ରହିଛନ୍ତି ଏବଂ ଯେଉଁ ତତ୍ତ୍ୱ ସମ୍ମୁଖର

'oaob.nitrkl.ac.in' images reprocessed

ନାନା ପର୍ଯ୍ୟାୟ ଦେଇ ଗତି କରି ଯାଉଛି, ଯେତେବେଳେ ସେହି ଦୁଇଟିଯାକ ଦୃଶ୍ୟକୁ ଗୋଟିଏ ଲୀଳା ରୂପେ ଅନୁଭବ କରି ହେଉଛି, ସେତେବେଳେ ତାହା ଏହି ଚେତନାକୁ ମଧ୍ୟ ଆସି ଅଧିକାର କରି ନେଉଛି, ଘଣ୍ଟା ଘଣ୍ଟା ଧରି ମଧ୍ୟ ଏହାକୁ ଆଦୌ ଛାଡ଼ି ଚାଲିଯାଉ ନାହିଁ, ଅଧିକରୁ ଅଧିକ ବାର ଆସି ଉପସ୍ଥିତ ହେଉଛି ଏବଂ ଅଧିକରୁ ଅଧିକ ସ୍ଥାୟୀ ହୋଇ ରହିପାରୁଛି ।

୧୨ ମଇ, ୧୯୧୫

୨

ସମଗ୍ର ସ୍ନାୟବିକ ଭୂମିଟି ସତେଅବା ପୃଥିବୀ ଉପରେ ଆସି ଅଧିକାର ଜମାଇ ବସିଥିଲା ପରି ମନେ ହେଉଛି । ମାତ୍ର, ତାହାର କ୍ଷମତା ଏବଂ ପ୍ରଚଣ୍ଡ ଶକ୍ତିର ଆକାରରେ ତାହା ବର୍ତ୍ତମାନ ଯୁଦ୍ଧଭୂମିରେହିଁ ସୀମାବଦ୍ଧ ହୋଇ ରହିଛି ।

ଅନ୍ୟସବୁ ଜାଗାରେ, ଯୁଦ୍ଧଭୂମିଗୁଡ଼ିକର ପଶ୍ଚାତରେ ଏବଂ ଯୁଦ୍ଧ ଭିତରୁ ବାହାରେ ରହିଥିବା ଦେଶମାନଙ୍କରେ ଏହି ଭୂମିଟି ପ୍ରଧାନତଃ ତାହାର ଦୁର୍ବଳତା, ସ୍ନାୟୁଗତ କ୍ଷେତ୍ରରେ ନାନା ଆଘାତ, ପ୍ରବଳ ଉତ୍ତେଜନା, ଧୈର୍ଯ୍ୟହୀନତା ଓ ମିଥ୍ୟା କଳ୍ପନାମୟତାର ଆକାରଗୁଡ଼ିକରେ ଆପଣାକୁ ମୂର୍ତ୍ତିମନ୍ତ କରି ରଖିଛି ଏବଂ କାର୍ଯ୍ୟ କରିବାର ଯାବତୀୟ ଶକ୍ତିକୁ କେବଳ ନଷ୍ଟ କରିଦେବାରେ ଲାଗିଛି । ଯେଉଁମାନେ ଯୁଦ୍ଧକ୍ଷେତ୍ରରେ ରହି ଯୁଦ୍ଧ ଲଢ଼ୁନାହାନ୍ତି, ସେମାନେ, ଯୁଦ୍ଧ ଲଢ଼ୁଥିବା ଓ ପରସ୍ପରକୁ ହତ୍ୟା କରୁଥିବା ଲୋକମାନଙ୍କୁ ପ୍ରେରିତ କରିଥିବା ପ୍ରବଳ ଶକ୍ତିଟି,—ସେହି ଶକ୍ତି ବେଳେବେଳେ ସେମାନଙ୍କୁ ଗୋଟାସୁଦ୍ଧା ଉନ୍ମତ୍ତ କରି ପକାଉଛି,—ସତେଅବା ସେମାନଙ୍କ ନିଜ ଭିତରେ ଆଦୌ ନ ଥିଲା ପରି ଅନୁଭବ କରୁଛନ୍ତି ।

ଯେଉଁସବୁ ବ୍ୟକ୍ତି ଯୁଦ୍ଧକ୍ଷେତ୍ରକୁ ଯାଉଛନ୍ତି, — ସହିସ୍ତୁ ନାନା ପ୍ରସ୍ତର ଏବଂ ବାୟୁମଣ୍ଡଳଟି ଦୃଷ୍ଟିରୁ ଆମେ ତାହାକୁ ଅତ୍ୟନ୍ତ ସ୍ପଷ୍ଟ ଓ ପ୍ରତ୍ୟକ୍ଷ ଭାବରେ ନିରୂପିତ ହୋଇ ରହିଥିବା ଗୋଟିଏ କ୍ଷେତ୍ର ବୋଲି କହିପାରିବା,—ସେମାନେ ସତେଅବା କୌଣସି ଏକ ବାତ୍ୟାପ୍ରଳୟ ବିକ୍ଷୁବ୍ଧ ମହାସମୁଦ୍ରର ପ୍ରବଳ ଓ ପ୍ରଚଣ୍ଡ ସ୍ରୋତ ଭିତରେ ଆସି ପଡ଼ି ଯାଉଛନ୍ତି, ତାହାରି ଭିତରେ ତଡ଼ିହୋଇ କୁଆଡ଼େ ଚାଲିଯାଉଛନ୍ତି ଏବଂ ଆପଣାର ବ୍ୟକ୍ତିସତ୍ତାଟିକୁ କୁଆଡ଼େ ହରାଇ ବସୁଛନ୍ତି । ସେମାନଙ୍କର ବ୍ୟକ୍ତିପରିଚୟଟି ସତେଅବା କୁଆଡ଼େ ବିଲୁପ୍ତ ହୋଇଯାଉଛି, ସେମାନଙ୍କୁ ଏକ ଆଦିମ ଅବସ୍ଥାରେ ଯାଇ ପ୍ରପତିତ ହେବାକୁ ପଡ଼ୁଛି, ସତେଅବା ପ୍ରାକୃତିକ ଶକ୍ତିର କୌଣସି ଏକ ଅବସ୍ଥାରେ ଯାଇ ପଡ଼ିବାକୁ ହେଉଛି, ଯେଉଁମାନେ କି ସେମାନଙ୍କ ପାଖରେ ସମ୍ପୂର୍ଣ୍ଣ ଅଜ୍ଞାତ ହୋଇ ରହିଥିବା ଏକ ମହାଶକ୍ତିଶାଳୀ ଇଚ୍ଛା ଦ୍ୱାରା ଚାଳିତ ଏବଂ ତାଡ଼ିତ ହୋଇ ବାତ୍ୟା,

'oaob.nitrkl.ac.in' images reprocessed

ଘୂର୍ଣ୍ଣିବାତ୍ୟା ବା ବନ୍ୟାପ୍ଲାବନ ପରି ପୃଥିବୀରେ ଆପଣାର କାର୍ଯ୍ୟଟିକୁ ସମ୍ପାଦିତ କରୁଥାନ୍ତି । ସେମାନଙ୍କୁ ଆଉ ମନୁଷ୍ୟ ବୋଲି ନ କହି କେବଳ ସକ୍ରିୟ ଓ ସଚଳ କେତେକ ମନୁଷ୍ୟମୂର୍ତ୍ତି ବୋଲି କୁହାଯିବ ; ଏବଂ, ସେମାନଙ୍କ ବିଷୟରେ ସାହସ ଏବଂ ବ୍ୟକ୍ତିଗତ ବୀରତ୍ୱ ଦ୍ୱାରା ଉଦ୍‌ବୋଧିତ ହୋଇ ଆସୁଥିବା ଅଗଣିତ ଦୃଷ୍ଟାନ୍ତକୁ ମଧ୍ୟ ଆମେ ତଥାପି ମହୁମାଛି କିଂବା ପିମ୍ପୁଡ଼ିପଲଙ୍କର ବୀରତ୍ୱ ସହିତହିଁ ତୁଳନା କରି ପାରିବା । ସେସବୁ ବୀରତ୍ୱ ପଛରେ କେବଳ ଏକ ଯାନ୍ତ୍ରିକ ଏବଂ ଅନ୍ଧ ପ୍ରକୃତିହିଁ କାର୍ଯ୍ୟ କରୁଛି, ସମୂହଗତ ସ୍ୱଭାବଟିର ସାମୂହିକ ଚେତନାଟି ଦ୍ୱାରା ଉଦବୁଦ୍ଧ ହୋଇ ସେହିସବୁ କାର୍ଯ୍ୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଆପଣାକୁ ଚରିତାର୍ଥ କରିବାରେ ଲାଗିଛି ।

ବର୍ତ୍ତମାନ ମନୋଭୂମିର ଯାବତୀୟ ଗଠନାତ୍ମକ ରଚନା ପ୍ରତ୍ୟାଖ୍ୟାତ ହୋଇ ରହିଛି, ସେଗୁଡ଼ିକର ଅଧୀନରେ ରହିଥିବା ମୂର୍ତ୍ତ ଧ୍ୱଂସାତ୍ମକ ଶକ୍ତିଗୁଡ଼ିକର ତୁଳନାରେ ସେଗୁଡ଼ିକୁ ବଡ଼ ଦରିଦ୍ର ଏବଂ ବଳହୀନ ବୋଲି ସ୍ୱୀକାର କରାଯାଉଛି । ସେହିମାନେହିଁ ସେହି ରୂପାନ୍ତରକାରୀ ପରମ ଇଚ୍ଛାର ଅଜେୟ ଅସ୍ତ୍ରରୂପେ ବ୍ୟବହୃତ ହେବାକୁ ଯାଉଛନ୍ତି । ଏବଂ, ସେଗୁଡ଼ିକ ସେମାନଙ୍କ ଲାଗି ଅଭିପ୍ରେରିତ ହୋଇ ରହିଥିବା କାର୍ଯ୍ୟଟିର ଶେଷ ସୀମାରେ ଯାଇ ପହଞ୍ଚି ନ ପାରିବା ପର୍ଯ୍ୟନ୍ତ ଭବିଷ୍ୟତର ପୁନର୍ଗଠନଗୁଡ଼ିକ ସକାଶେ ହୁଏତ ଆଦୌ କୌଣସି ପ୍ରକାର ପ୍ରୟାସ ସମ୍ଭବ ହେବ ନାହିଁ ।

ବର୍ତ୍ତମାନ, ଏହିସବୁ ଶକ୍ତି, ସେଗୁଡ଼ିକର ଅନ୍ତତଃ ଏକ ଅଧିକ ଭାଗ, ପ୍ରକୃତରେ ଦିବ୍ୟ ପରମ ଚେତନା ସହିତ ଅତ୍ୟନ୍ତ ଘନିଷ୍ଠ ଭାବରେ ସଂଯୁକ୍ତ ହୋଇ ରହିଛି । ସେହି ପରମ ଚେତନାହିଁ ସେମାନଙ୍କର ଏହି ଉତ୍ତାଳ ବନ୍ୟାତରଙ୍ଗଟିକୁ ପରିଚାଳିତ କରି ନେଉଛି, ଅତ୍ୟନ୍ତ ବନ୍ୟ ଏବଂ ଅଦମ୍ୟ ପରି ପ୍ରତୀତ ହେଉଥିବା ସେମାନଙ୍କର ଏହି ସ୍ରୋତ ପ୍ରବାହଟିକୁ ବାଟ ଦେଖାଇ ନେଇଯାଉଛି । ବସ୍ତୁତଃ, ତାହା କୌଣସି ପ୍ରକାର ମନଃପ୍ରସୂତ ମାର୍ଗଦର୍ଶନର ବୋଲି ମାନୁ ନ ଥିବାରୁହିଁ ସେହି ଶକ୍ତିଗୁଡ଼ିକ କେବଳ ତାହାରି ପ୍ରଣୋଦନାଟିକୁହିଁ ମାନୁଛନ୍ତି । କିନ୍ତୁ ସେମାନେ କ'ଣ ପ୍ରକୃତରେ ଏହାର ରହସ୍ୟଟିକୁ ଜାଣି ପାରିବେ କି, ଶେଷ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ମଧ୍ୟ ସେମାନେ ତାହାର ଆଦେଶ ପାଳନ କରି ପାରିବେ କି ? ସେମାନେ କେବେ ସେମାନଙ୍କର ନିଜ ଗତିଟିର ସୋତଟିକୁ ଅନୁସରଣ କରି ଚାଲିଯିବେ ନାହିଁ ତ ? ଅଧିକକାଳ ଏହିପରି ନିର୍ଭର କରିବା ଫଳରେ କାଳୀ ନର୍ତ୍ତନ ଉପରେ ରହିଥିବା ତା'ର ଏହି ନିୟନ୍ତ୍ରଣ-ଶକ୍ତିଟିକୁ ହରାଇ ପକାଇବ ନାହିଁ ତ ?

ଦିବ୍ୟ ପରମ ଇଚ୍ଛା କେତେ ସ୍ପଷ୍ଟ ଭାବରେ ଆପଣାକୁ ଏହି ପୃଥିବୀ ଉପରେ ପ୍ରକଟ କରାଇ ଆଣିବ, ସବୁକିଛି ତାହାରି ଉପରେ ନିର୍ଭର କରୁଛି । ଯଦି ତାହା

'oaob.nitrkl.ac.in' images reprocessed

ଠିକ୍ ସମୟରେ ଆପଣା ଲଗି ଯଥେଷ୍ଟ ପରିମାଣରେ ଉଦ୍ଧଣଶୀଳ ଏବଂ ବିଶୁଦ୍ଧ ହୋଇ ରହିଥିବା ଯନ୍ତ୍ରଗୁଡ଼ିକୁ ପ୍ରସ୍ତୁତ କରି ଆଣିପାରିବ, ଏପରି ସାଧନଗୁଡ଼ିକୁ ତିଆରି କରିଦେଇ ପାରିବ, ଯେଉଁମାନେ କି କ୍ରିୟାଶୀଳ ହୋଇ ରହିଥିବା ସ୍ନାୟବିକ ଶକ୍ତି ସହିତ ଏକ ଫଳପ୍ରଦ ସଂଯୋଗ ରଖିବା ସଙ୍ଗେ ସଙ୍ଗେ ସଚେତନ ଭାବରେ ଆପଣାର ଯଥାର୍ଥ ସତ୍ତାଟି ମଧ୍ୟରେ ତଲ୍ଲୀନ ହୋଇ ବି ରହି ପାରୁଥିବ, ତେବେ, ଯେଉଁ ଉଗ୍ର ଶକ୍ତିଗୁଡ଼ିକ ଏପରି ଭୀଷଣାକାର ଏବଂ ପ୍ରତାପଶାଳୀ ହୋଇ ବର୍ତ୍ତମାନ ଏହି ଧରଣୀ ଉପରେ ଅଜାଡ଼ି ହୋଇ ପଡ଼ିବାକୁ ଲଗିଛନ୍ତି, ପୃଥିବୀ ତଥା ମନୁଷ୍ୟ ଭିତରେ ଏକ ରୂପାନ୍ତର ଘଟାଇବାର କ୍ଷେତ୍ରରେ ସେମାନେ ପ୍ରକୃତରେ ଅତ୍ୟନ୍ତ ଫଳପ୍ରଦ ଭାବରେ କାର୍ଯ୍ୟ କରିବାକୁ ସମର୍ଥ ହେବେ ।

ପାରିସ୍, ୨୮ ଅକ୍ଟୋବର, ୧୯୧୫

'oaob.nitrkl.ac.in' images reprocessed

ଷଷ୍ଠ ଭାଗ

୧୯୧୭ ଏବଂ ୧୯୨୦ ମଧ୍ୟରେ ଜାପାନରେ ଲେଖା ହୋଇଥିବା
ପ୍ରବନ୍ଧ ଓ ଛଅଟି ପ୍ରଭୃତି ।

'oaob.nitrkl.ac.in' images reprocessed

ନାରୀସମାଜ ଓ ଯୁଦ୍ଧ

ନାରୀମୁକ୍ତି-ଆନ୍ଦୋଳନ ବିଷୟରେ ମୁଁ କ'ଣ ଭାବୁଛି ଓ ବର୍ତ୍ତମାନ ଯେଉଁ ଯୁଦ୍ଧ ଲାଗିଛି, ଏହି ଆନ୍ଦୋଳନ ଉପରେ ତାହାର କ'ଣ ସବୁ ପରିଣାମ ଘଟିବ, ତୁମେମାନେ ମୋତେ ସେହି କଥା ପଚାରିଛ ।

ବର୍ତ୍ତମାନର ଯୁଦ୍ଧ ଉକ୍ତ ଆନ୍ଦୋଳନଟିର ସମସ୍ୟାର କ୍ଷେତ୍ରରେ ନିଶ୍ଚୟ ଏକ ନୂତନ ବାତାୟନ ଯେ ଖୋଲି ଦେଇଛି, ତାହାକୁ ସର୍ବପ୍ରଥମେ ତାହାର ଏକ ପରିଣାମ ବୋଲି କୁହାଯିବ । ପୁରୁଷ ଏବଂ ନାରୀ ମଧ୍ୟରେ ଚିରନ୍ତନ କାଳରୁ ଯେଉଁ ବିରୋଧ ରହି ଆସିଛି ବୋଲି କେତେ ଲୋକ ବିଶ୍ୱାସ କରି ଆସୁଥିଲେ, ଏହି ଯୁଦ୍ଧ ଫଳରେ ସେହି ବିଶ୍ୱାସର ନିରର୍ଥକତାଟି ଅତ୍ୟନ୍ତ ସ୍ପଷ୍ଟ ଭାବରେ ଧରା ପଡିଯାଇଛି । ଏବଂ, କେବଳ ବାହ୍ୟ କ୍ଷେତ୍ରରେହିଁ ଏହି ଦୁଇ ଲିଙ୍ଗ ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱଟି ରହି ଆସିଛି, ତାହାର ପଶ୍ଚାତରେ ଯେ ସର୍ବଦାହିଁ ପାରସ୍ପରିକ ସହଯୋଗର ସେହି ସତ୍ୟଟି ନିହିତ ହୋଇ ରହିଛି, ମନୁଷ୍ୟସମାଜର ଏହି ଦୁଇ ପରସ୍ପରର ଅନୁପୂରକ ଅର୍ଦ୍ଧାଂଶ ମଧ୍ୟରେ ଯଥାର୍ଥରେ ଏକ ଏକତ୍ୱ ରହି ଆସିଛି । ବର୍ତ୍ତମାନର ଗମ୍ଭୀର ପରିସ୍ଥିତି ଆମକୁ ତାହାର ଆବିଷ୍କାର କରିବା ଲାଗି ସମର୍ଥ ମଧ୍ୟ କରିଛି । ସର୍ବଦା ବାହାରକୁ ଦେଖାଯାଉ ନ ଥିଲେ ମଧ୍ୟ ସେହି ଏକତ୍ୱ ଯେ ସର୍ବଦାହିଁ ରହିଆସିଛି, ତାହା ଅତ୍ୟନ୍ତ ସ୍ପଷ୍ଟ ହୋଇଯାଇ ପାରିଛି ।

ଆଗରୁ ଯେଉଁସବୁ କର୍ମକ୍ଷେତ୍ରରେ ପୁରୁଷମାନଙ୍କୁହିଁ ନିଯୁକ୍ତ କରାଯାଉ ଥିଲା, ସେହିସବୁ କ୍ଷେତ୍ରରେ ନିଯୁକ୍ତ ହୋଇ ନାରୀମାନେ ଯେ କେତେ ସହଜରେ କାର୍ଯ୍ୟଗୁଡିକ ତୁଲାଇ ପାରିଲେ, ସେକଥା ଦେଖି ପୁରୁଷମାନେ ପ୍ରକୃତରେ ଭାରି ଆଶ୍ଚର୍ଯ୍ୟ ହୋଇ ଯାଇଥିବେ । ଏବଂ ବିସ୍ମୟ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସେମାନେ ଏହି ଆଉ ଗୋଟିଏ କଥା ଲାଗି ଦୁଃଖ ମଧ୍ୟ କରୁଥିବେ ଯେ, ଆପଣାର ଯାବତୀୟ କର୍ମସଂଗ୍ରାମରେ ସେମାନେ ପୂର୍ବରୁ ମଧ୍ୟ କାହିଁକି ନାରୀକୁ ଜଣେ ପ୍ରକୃତ ସହଚାରିଣୀ ରୂପେ ଗ୍ରହଣ କରି ପାରି ନ ଥିଲେ । ନାରୀକୁ ତ ସେମାନେ ଏକ ଉପଭୋଗ ଏବଂ ମନୋରଞ୍ଜନ ବସ୍ତୁରୂପେ ମନେ କରି ଆସିଥିଲେ, ବା, ଖୁବ୍ ବେଶୀ ହେଲେ ତାହାକୁ ଆପଣାର ଗୃହକର୍ତ୍ତ୍ରୀ, ଏବଂ ସେମାନଙ୍କର ପିଲାମାନଙ୍କର ମାଆ ବୋଲି ବିଚାର କରି ଆସିଥିଲେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏଗୁଡିକ ମଧ୍ୟ ନାରୀର କାର୍ଯ୍ୟ, ଏବଂ ସେହି କାର୍ଯ୍ୟଗୁଡିକୁ ଉତ୍ତମରୂପେ ନିର୍ବାହ କରିବାକୁ ହେଲେ

'oaob.nitrkl.ac.in' images reprocessed

ସର୍ବଦା ପ୍ରକୃତରେ ଅନେକ ଅସାଧାରଣ ଗୁଣର ଅଧିକାରୀ ହେବାକୁ ପଡ଼ିଥାଏ । ମାତ୍ର ସେତିକକରୁହିଁ ଯେ ନାରୀର କାର୍ଯ୍ୟ ବୋଲି କଦାପି ବୁଝାଯାଇ ପାରିବ ନାହିଁ, ବର୍ତ୍ତମାନର ପରିସ୍ଥିତ ତାହାକୁ ସୁସ୍ପଷ୍ଟ ପରିମାଣରେ ପ୍ରମାଣ କରି ଦେଇଛି ।

ଅତ୍ୟନ୍ତ ଅସୁବିଧାଜନକ ନାନା ପରିସ୍ଥିତିରେ, ପ୍ରକୃତରେ କହିବାକୁ ଗଲେ ଶତ୍ରୁପକ୍ଷରୁ ଗୋଳାବାରୁଦର ବର୍ଷଣ ହେଉଥିବା ସ୍ଥାନମାନଙ୍କରେ ଆହତ ଲୋକମାନଙ୍କର ସେବା ଓ ଶୁଶ୍ରୂଷା କରିବାକୁ ଯାଇ ଦୁର୍ବଳ ବୋଲି ବୁଝା ଯାଉଥିବା ଏହି ନାରୀମାନେ ପ୍ରମାଣ କରିଦେଇ ପାରିଛନ୍ତି ଯେ, ସେମାନଙ୍କର ଦୈହିକ ବଳ ଏବଂ ସହନଶୀଳତାର ଶକ୍ତି ପୁରୁଷମାନଙ୍କ ତୁଳନାରେ ଆଦୌ କୌଣସି ଗୁଣରେ କମ୍ ନୁହେଁ । ମାତ୍ର, ଆପଣାର ସଂଗଠନ-ସାମର୍ଥ୍ୟର କ୍ଷେତ୍ରରେହିଁ ନାରୀମାନେ ପ୍ରକୃତରେ ଅସାଧାରଣ ପ୍ରତିଭାର ପରିଚୟ ଦେଇଛନ୍ତି । ମୁସଲମାନମାନେ ଭାରତ ଜୟ କରିବା ପୂର୍ବରୁ ସେହି ବ୍ରାହ୍ମଣ୍ୟ-ଯୁଗରେ ନାରୀମାନଙ୍କଠାରେ ଏହି ସଂଗଠନ-ସାମର୍ଥ୍ୟର ଗୁଣଟିକୁ ବହୁପୂର୍ବରୁହିଁ ସ୍ୱୀକୃତ ମିଳିଥିଲା । ଭାରତର ଏକ ବହୁପରିଚିତ ଲୋକୋକ୍ତି ଅନୁସାରେ "ନାରୀ ଯେତେବେଳେ ସମ୍ପତ୍ତିର ରକ୍ଷଣାବେକ୍ଷଣା କରେ, ସେତେବେଳେ ସେହି ସମ୍ପତ୍ତିର ଅବଶ୍ୟ ବୃଦ୍ଧି ହୁଏ ।" ମାତ୍ର, ପାଶ୍ଚାତ୍ୟ ସଭ୍ୟତାରେ, ସେମିତିକ୍ ଚିନ୍ତାଧାରା ରୋମୀୟ ବିଧାନବ୍ୟବସ୍ଥାଟି ସହିତ ସଂଯୁକ୍ତ ହୋଇ ସେଠାରେ ସମାଜଗଠନଗୁଡ଼ିକୁ ଏପରି ଅନ୍ୟାୟଭାବରେ ପ୍ରଭାବିତ କରି ପକାଇଛି ଯେ ତଦ୍ଦ୍ୱାରା ଆପଣାର ସଂଗଠନ ଶକ୍ତିର ପରିଚୟ ଦେବା ଲାଗି ନାରୀମାନଙ୍କୁ ଆଦୌ କୌଣସି ସୁଯୋଗହିଁ ଦିଆଯାଇ ନାହିଁ ।

ଅବଶ୍ୟ ଏକଥା ସତ ଯେ, ଫ୍ରାନସ୍ ଦେଶରେ ନାରୀହିଁ ଅଧିକାଂଶ ସମୟରେ ସ୍ୱଗୃହ-ପରିଚାଳନାର ସଂପୂର୍ଣ୍ଣ ଅଧିକାରିଣୀ ହୋଇ ରହିଥାଏ ଏବଂ ଟଙ୍କା ପଇସାର କ୍ଷେତ୍ରରେ ମଧ୍ୟ ତାହାର ସେହି ଅଧିକାରଟି ରହିଥାଏ । ଏବଂ ଫରାସୀ ଦେଶର ନିମ୍ନ-ମଧ୍ୟବର୍ଗର ପରିବାରଗୁଡ଼ିକ ପ୍ରାୟ ପାରମ୍ପରିକ ଭାବରେ ଯେପରି ସମ୍ପତ୍ତିଶାଳୀ ହୋଇ ରହିଆନ୍ତି, ସେଥିରୁ ପ୍ରମାଣିତ ହୋଇ ଯାଉଛି ଯେ ଏହି ରୀତିଟିର ପ୍ରକୃତରେ ଏକ ଉତ୍ତମ ଦିଗ ଅବଶ୍ୟ ରହିଛି । ଅବଶ୍ୟ ଏକଥା ସତ ଯେ ଅଧିକ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ନାରୀ କର୍ତ୍ତ୍ରୀ ହୋଇ ରହି ତା'ର ସାମର୍ଥ୍ୟଗୁଡ଼ିକୁ କାର୍ଯ୍ୟରେ ଲଗାଇ ପାରିବାର ଦୃଷ୍ଟାନ୍ତ ଅତି କ୍ୱଚିତ୍ ଦେଖିବାକୁ ମିଳୁଥିଲା । ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ, ସାଧାରଣ ଶାସନ କ୍ଷେତ୍ରର ଅଧିକ ଗୋପନୀୟତା-ବିଶିଷ୍ଟ ଆସନଗୁଡ଼ିକ ନାରୀମାନଙ୍କ ଲାଗି ପ୍ରକୃତରେ ନିଷିଦ୍ଧ ହୋଇ ରହିଥିଲା । ବର୍ତ୍ତମାନର ଯୁଦ୍ଧ ଆମକୁ ଏହି କଥାଟି ଦେଖାଇଦେଇ ଯାଇଛି ଯେ, ନାରୀକୁଳର ସହଯୋଗକୁ ଏହିପରି ଭାବରେ ଅସ୍ୱୀକୃତ କରି ରଖି ଶାସନକ୍ଷେତ୍ରଗୁଡ଼ିକହିଁ ଆପଣାକୁ ପ୍ରକୃତରେ

'oaob.nitrkl.ac.in' images reprocessed

ଏକ ଅତି ମୂଲ୍ୟବାନ୍ ସହାୟତାରୁ ବଞ୍ଚିତ କରି ରଖିଥିଲେ । ଉଦାହରଣ ସ୍ୱରୂପ ଏଠାରେ ମୁଁ ଗୋଟିଏ ଘଟଣା ଉଲ୍ଲେଖ କରିବି ।

ଯୁଦ୍ଧ ଆରମ୍ଭ ହେବାର ଅଳ୍ପ କେତେମାସ ପରେ, ଯେତେବେଳେ ଜର୍ମାନମାନେ ବେଲ୍‌ଜିଅମ ଦେଶକୁ ପ୍ରାୟ ସମ୍ପୂର୍ଣ୍ଣ ଭାବରେ ଅଧିକାର କରି ନେଇଥିଲେ, ଆକ୍ରାନ୍ତ ଅଂଚଳଟିର ଅଧିବାସୀମାନଙ୍କୁ ପ୍ରକୃତରେ ନାନା ଅକଥନୀୟ ଦୁଃଖ ଭୋଗର ସମ୍ମୁଖୀନ ହେବାକୁ ପଡ଼ୁଥିଲା । ସୌଭାଗ୍ୟବଶତଃ, ଏଥିପାଇଁ ପ୍ରକୃତରେ ଆମେରିକାର କେତେକ ଅବସ୍ଥାପନ୍ନ ପୁରୁଷ ଓ ସ୍ତ୍ରୀମାନଙ୍କର ନୂତନୋଦ୍ୟମଟିକୁହିଁ ଧନ୍ୟବାଦ ଦେବାକୁ ପଡ଼ିବ, ଦାରୁଣ ଦୁଃଖ ଓ ଅଭାବ ମଧ୍ୟରେ କାଳାତିପାତ କରୁଥିବା ସେହି ଲୋକମାନଙ୍କ ସକାଶେ ଯଥାସାଧ୍ୟ କେତେକ ଅତ୍ୟାବଶ୍ୟକ ଦ୍ରବ୍ୟ ସେଠାକୁ ପଠାଇବା ଲାଗି ଗୋଟିଏ ବିଶେଷ ସମିତି ଗଢ଼ା ହେଲା । କେତେକ ସାମରିକ କାର୍ଯ୍ୟକଳାପ ଫଳରେ କେତୋଟି କ୍ଷୁଦ୍ର ଗ୍ରାମର ବେଶ୍ ଏକ ବୃହତ୍ତ ଅଞ୍ଚଳକୁ ହଠାତ୍ ଆବଶ୍ୟକ ଖାଦ୍ୟଦ୍ରବ୍ୟରୁ ମଧ୍ୟ ବଞ୍ଚିତ ହୋଇ ରହିବାକୁ ପଡ଼ିଲା । ଏଥର ଯେ ଦୁର୍ଭିକ୍ଷ ନିଶ୍ଚୟ ପଡ଼ିବ, ସେଥିରେ ଆଉ କୌଣସି ସଂଶୟ ରହିଲା ନାହିଁ । ଆମେରିକାରେ ଗଠିତ ହୋଇଥିବା ସେହି ସମିତିଟି ଇଂଲଣ୍ଡର କେତୋଟି ଅନୁରୂପ ସଂଗଠନ ପାଖକୁ ନିର୍ଦ୍ଦେଶ ଦେଇ ଖବର ପଠାଇଲା ଯେ ଅତ୍ୟନ୍ତ ଅପରିହାର୍ଯ୍ୟ ପଦାର୍ଥଗୁଡ଼ିକୁ ନେଇ ପାଞ୍ଚୋଟି ଗାଡ଼ି ସେଠାକୁ ତୁରନ୍ତ ପଠାଇ ଦିଆଯିବା ଉଚିତ । ଗାଡ଼ିଗୁଡ଼ିକ ଯେପରି ତିନି ଦିନ ଭିତରେ ଗନ୍ତବ୍ୟ ସ୍ଥାନରେ ଯାଇ ପହଞ୍ଚି ପାରିବେ । ଯେଉଁମାନଙ୍କୁ ଏପରି ଅନୁରୋଧ କରାଗଲା, ସେହି ପୁରୁଷମାନେ ଉତ୍ତର ଦେଇ ପଠାଇଲେ ଯେ ସେହି ଅନୁରୋଧଟିକୁ ରକ୍ଷା କରିବା ଆଦୌ କୌଣସି ପ୍ରକାରେ ସମ୍ଭବ ହେବ ନାହିଁ । ଭାଗ୍ୟକୁ ଜଣେ ମହିଳା ସେକଥା ଶୁଣିବାକୁ ପାଇଲେ । ଏହିଭଳି ଗୋଟିଏ ସାଂଘାତିକ ପରିସ୍ଥିତିରେ କୌଣସି ବ୍ୟକ୍ତି ପ୍ରକୃତରେ ଯେ 'ଅସମ୍ଭବ ବୋଲି ଗୋଟିଏ ଶବ୍ଦ ବ୍ୟବହାର କରିପାରୁଛି, ସେକଥା ତାଙ୍କୁ ଅତ୍ୟନ୍ତ ଭୟଙ୍କର ବୋଲି ମନେ ହେଲା । ସିଏ ମଧ୍ୟ ଯୁଦ୍ଧାହତ ଓ ଯୁଦ୍ଧଗ୍ରସ୍ତ ଲୋକମାନଙ୍କ ଲାଗି ତ୍ରାଣକାର୍ଯ୍ୟ କରୁଥିବା ଗୋଟିଏ ମହିଳା-ସଂଗଠନର ସଦସ୍ୟା ଥିଲେ । ସେହି ସଂଗଠନର ମହିଳାମାନେ ତତ୍‌କ୍ଷଣାତ୍ ଆମେରିକାର ସମିତିଟି ପାଖକୁ ଖବର ଦେଇ ସେମାନଙ୍କ ପାଖରେ ପ୍ରତିଜ୍ଞା କଲେ ସେମାନେ ନିଶ୍ଚୟ ସେହି କାର୍ଯ୍ୟଟିର ସମ୍ପାଦନ କରିବେ । ତିନି ଦିନ ମଧ୍ୟରେ ଯାବତୀୟ ପ୍ରତିବନ୍ଧକକୁ ଅତିକ୍ରମ କରାଯାଇ ପାରିଲା, ମାତ୍ର ତଥାପି କେତେକ ଅସୁବିଧା, ବିଶେଷ କରି ସାମଗ୍ରୀଗୁଡ଼ିକର ସରବରାହ ଜନିତ ଅସୁବିଧାଗୁଡ଼ିକର ପ୍ରକୃତରେ ଆଦୌ କୌଣସି ସମାଧାନ କରାଯାଇ ପାରିବ ନାହିଁ ବୋଲି ମନେ ହେଉଥିଲା । ତଥାପି ସଂଗଠନ କରିବାର ଏକ ଶକ୍ତିଶାଳୀ ଅତିବିଚକ୍ଷଣ ବୁଦ୍ଧି ଓ ଏକ ଅଦମ୍ୟ ଇଚ୍ଛାଶକ୍ତି ସେହି ସମସ୍ୟାଟିର ମଧ୍ୟ ଅତ୍ୟନ୍ତ

'oaob.nitrkl.ac.in' images reprocessed

ଅଦ୍ଭୁତ ଭାବରେ ସମାଧାନ ବାହାର କରି ପାରିଥିଲେ ; ଖାଦ୍ୟ ସାମଗ୍ରୀଗୁଡ଼ିକ ଯଥା ସମୟରେ ଯଥା ସ୍ଥାନରେ ଯାଇ ପହଞ୍ଚିଲା ଏବଂ ଏହିପରି ଭାବରେ ଦୁର୍ଭିକ୍ଷ ପଡ଼ିବାର ସେହି ଭୟାନକ ଦୁଃପରିସ୍ଥିତିଟିକୁ ଏଡ଼ା ଦିଆଯାଇ ପାରିଲା ।

ଏଠାରେ ମୋଟେ ଏକଥା କୁହାଯାଉ ନାହିଁ ଯେ ବର୍ତ୍ତମାନର ଏହି ଯୁଦ୍ଧ ବେଳେ ଆମେ କେବଳ ନାରୀର ଅସାଧାରଣ ସାମର୍ଥ୍ୟଗୁଡ଼ିକରହିଁ ପ୍ରମାଣ ପାଇଲୁ । ଏହି ଯୁଦ୍ଧରେ ତା'ର ନାନା ଦୁର୍ବଳତା, ଦୋଷ ଏବଂ କ୍ଷୁଦ୍ରତାର ମଧ୍ୟ ପ୍ରମାଣ ମିଳିବାର ଅବସର ମିଳିଛି; ଏବଂ ଏକଥାରେ କୌଣସି ସନ୍ଦେହ ନାହିଁ ଯେ ଯଦି ମହିଳାମାନେ ବିଶ୍ୱର ରାଷ୍ଟ୍ର ଶାସନଗୁଡ଼ିକରେ ସେମାନେ ଦାବି କରୁଥିବା ସ୍ଥାନଟିର ପ୍ରକୃତରେ ଅଧିକାରିଣୀ ହେବା ଲାଗି ଇଚ୍ଛା କରୁଥାନ୍ତି, ତେବେ ଆପଣା ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ଅର୍ଜନ କରିବାର କ୍ଷେତ୍ରରେ ସେମାନଙ୍କୁ ଆହୁରି ଅନେକ ଅଧିକ ଅଗ୍ରସର ହେବାକୁ ପଡ଼ିବ, ଆପଣାର ଦୃଷ୍ଟି ତଥା ଦୃଷ୍ଟିଗୁଡ଼ିକୁ ଆହୁରି ଅନେକ ପ୍ରଶସ୍ତ କରିବାକୁ ପଡ଼ିବ, ଏବଂ ସାଧାରଣ କ୍ଷେତ୍ରଗୁଡ଼ିକର ଶାସନ ଦାୟିତ୍ୱ ତୁଲାଇ ପାରିବା ଲାଗି ସେମାନଙ୍କର ଅତ୍ୟନ୍ତ ଭାବପ୍ରବଣତା-ପ୍ରେରିତ ଅଭିରୁଚିଗୁଡ଼ିକରେ ବସ୍ତୁନିଷ୍ଠ ତଥା ବୁଦ୍ଧିଗତ ଗ୍ରହଣଶୀଳତାର କ୍ଷେତ୍ରରେ ମଧ୍ୟ ଅନେକ ଅଗ୍ରଗତି କରିବାକୁ ପଡ଼ିବ ।

ଏହି କଥାଟି ଏକାନ୍ତ ସତ୍ୟ ଯେ କେବଳ ପୁରୁଷମାନଙ୍କ ଦ୍ୱାରା ପରିଚାଳିତ ହେଉଥିବା ରାଜନୀତି ଆପଣାକୁ ଅସମର୍ଥ ବୋଲିହିଁ ପ୍ରମାଣ କରି ସାରିଲାଣି । ଏକାବେଳେକେ କେବଳ ଗୁଡ଼ାଏ ବ୍ୟକ୍ତିଗତ ସ୍ୱାର୍ଥର ଅନ୍ୱେଷଣ କରି ଏବଂ ଅତ୍ୟନ୍ତ ସ୍ୱେଚ୍ଛାଚାରୀ ତଥା ହିଂସ୍ରତା ସହିତ ଯାବତୀୟ କାର୍ଯ୍ୟର ଆଚରଣ କରି ସେହି ରାଜନୀତି କେତେ ନା କେତେ ପଥଚ୍ୟୁତ ହୋଇ ପଡ଼ିଛି । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ନାରୀମାନେ ରାଜନୀତି କ୍ଷେତ୍ରର ପରିଚାଳନା ଦାୟିତ୍ୱ ଗ୍ରହଣ କଲେ ତଦ୍ଦ୍ୱାରା ନିଃସ୍ୱାର୍ଥପରତାର ପ୍ରବୃତ୍ତିଟି ବୃଦ୍ଧିଲାଭ କରିବ ଏବଂ ସମାଧାନ-ଗୁଡ଼ିକରେ ମଧ୍ୟ ଅଧିକ ମାନବିକତା ରହିପାରିବ । ମାତ୍ର ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଯେ, ବର୍ତ୍ତମାନ ପରିସ୍ଥିତିରେ ନାରୀମାନେ ସାଧାରଣତଃ ଅତି ପରିମାଣରେ ଓ ନାନା ଭାବରେ କାମନାଗୁଡ଼ିକର ଅଧୀନ ହୋଇ ରହିଛନ୍ତି ଏବଂ ଭାରି ଉତ୍ସାହରେ ଏକ ସ୍ୱତନ୍ତ୍ର ପକ୍ଷ ରୂପେ ପୁରୁଷ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁହିଁ ବାହାରିଛନ୍ତି । ଶୁଦ୍ଧ ବୁଦ୍ଧି କ୍ରିୟାଶୀଳ ହେବା ଦ୍ୱାରା ଯେଉଁ ସ୍ଥିର ବିବେଚନା ଶକ୍ତି ସମ୍ଭବ ହୁଏ, ସେମାନଙ୍କ ଭିତରେ ତାହାର ଘୋର ଅଭାବ ରହିଛି । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ନିର୍ମମ ବୌଦ୍ଧିକତା ଅନେକ ସମୟରେ ଭାରି କଠୋର, ହୃଦୟହୀନ ଓ ମହାଶୂନ୍ୟ ହୋଇପଡ଼େ ଓ ସେହି କାରଣରୁ ଅନେକ ବିପଦର ବି କାରଣ ହୋଇଥାଏ । ତଥାପି, ଯେତେବେଳେ ଭାବପ୍ରବଣତା ଅତିଶୟ ହୋଇ

'oaob.nitrkl.ac.in' images reprocessed

ପକ୍ଷେ ଏବଂ ସାମୂହିକ ସ୍ୱାର୍ଥଗୁଡ଼ିକର ପରିରକ୍ଷଣ-କ୍ଷେତ୍ରରେ ଏକ ପ୍ରଧାନ ଭୂମିକା ଗ୍ରହଣ କରିବାରେ ନିତାନ୍ତ ଅସମର୍ଥ ହୋଇଯାଏ, ସେତେବେଳେ ବୁଦ୍ଧି ନିଃସନ୍ଦେହ ଭାବରେ ଆମର ଅନେକ କାମରେ ଆସିଥାଏ ।

ନାରୀମାନେ ପୁରୁଷମାନେ ବର୍ତ୍ତମାନ ରହିଥିବା କର୍ମକ୍ଷେତ୍ରଗୁଡ଼ିକର ଦାୟିତ୍ୱ ଗ୍ରହଣ କଲେ ଏହି ଯେଉଁ ଦୋଷଗୁଡ଼ିକ ପ୍ରକୃତରେ ଗମ୍ଭୀର ହୋଇ ଦେଖାଯିବ, ସେଗୁଡ଼ିକ ହୁଏତ ଅନ୍ୟପକ୍ଷରେ, ନାରୀ ଓ ପୁରୁଷ ଉଭୟଙ୍କର ସହଯୋଗ ଫଳରେ ଅପର ଦିଗରେ ରହିଥିବା ପୁରୁଷମାନଙ୍କର ଦୋଷଗୁଡ଼ିକର କ୍ଷେତ୍ରରେ କ୍ଷତିପୂରଣର ଏକ ଉପାଦାନ ହିସାବରେ ବି କାର୍ଯ୍ୟ କରିପାରିବ । ଉଭୟଙ୍କୁ ଅଧିକରୁ ଅଧିକ ଦୋଷମୁକ୍ତତା ଆଡ଼କୁ ନେଇ ଯିବା ପାଇଁ ତାହା ହୁଏତ ପ୍ରକୃତରେ ସର୍ବୋତ୍ତମ ଉପାୟ ରୂପେ କାର୍ଯ୍ୟ କରିବ । ମାତ୍ର ଯଦି ନାରୀର ଭୂମିକାକୁ କେବଳ ଗୃହାଭ୍ୟନ୍ତରର କାର୍ଯ୍ୟଗୁଡ଼ିକ ଭିତରେ ସୀମିତ କରି ରଖାଯାଏ ଓ ପୁରୁଷ କେବଳ ସମ୍ପୂର୍ଣ୍ଣ ବାହାରର ଏବଂ ସମାଜର କର୍ମଦାୟିତ୍ୱଗୁଡ଼ିକୁହିଁ ଗ୍ରହଣ କରି ରହିଥାଏ ଏବଂ ଏହିପରି ଭାବରେ ଯଦି ପ୍ରକୃତରେ ପରସ୍ପର ସହିତ ଏକ ହୋଇ ରହିଥିବା ଭୂମିକାଗୁଡ଼ିକ ପରସ୍ପରଠାରୁ ଅଲଗା ହୋଇ ରହିଥାଏ, ତେବେ ବର୍ତ୍ତମାନର ଏହି ଦୁଃପରିସ୍ଥିତିକୁହିଁ ଚିରକାଳସ୍ଥାୟୀ କରି ରଖିବା ସାର ହେବ ଏବଂ ବର୍ତ୍ତମାନ ପରି ତଦ୍ୱାରା ନାରୀ ଓ ପୁରୁଷ ଉଭୟେହିଁ ଦୁଃଖଭୋଗ କରିବାରେ ଲାଗିଥିବେ । ତେଣୁ ସର୍ବୋଚ୍ଚ କର୍ତ୍ତବ୍ୟ ତଥା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱଗୁଡ଼ିକର କ୍ଷେତ୍ରରେ ନାରୀ ଏବଂ ପୁରୁଷ ଉଭୟଙ୍କର ଗୁଣଗୁଡ଼ିକୁ ପରସ୍ପର ସହିତ ଅତ୍ୟନ୍ତ ଘନିଷ୍ଠ ଏବଂ ବିଶ୍ୱାସପୂର୍ଣ୍ଣ ଭାବରେ ସମ୍ମିଳିତ ହୋଇ ରହିଥିବା ଏକାନ୍ତ ଆବଶ୍ୟକ ।

ତେଣୁ, ନାରୀ ଓ ପୁରୁଷର ଏହି ଶତ୍ରୁତାପୂର୍ଣ୍ଣ ଦୃଷ୍ଟି ଦୁଇଟି ସଚେତଅବା ପରସ୍ପରର ଏକାନ୍ତ ବିରୋଧୀ ଦୁଇ ବୈରୀ ପରି ଯେ ମୁହାଁମୁହିଁ ହୋଇ ଛିଡ଼ା ହୋଇଛନ୍ତି, ବର୍ତ୍ତମାନ ସେହି ଅବସ୍ଥାର ଅବସାନ ଘଟିବା ଉଚିତ ନୁହେଁ କି ? ବର୍ତ୍ତମାନ ପୃଥିବୀର ବିଭିନ୍ନ ଜାତିକୁ ଏକ କଠୋର ଏବଂ ଯନ୍ତ୍ରଣାଦାୟକ ଶିକ୍ଷା ମିଳିବାରେ ଲାଗିଛି । ବର୍ତ୍ତମାନ ଆମର ଚତୁର୍ଦ୍ଦିଗରେ ଜମା ହୋଇ ରହିଥିବା ଧ୍ୱଂସସ୍ତୂପଟି ଉପରେ ଅଧିକ ସୁନ୍ଦର, ଅଧିକ ସୌଷମ୍ୟଯୁକ୍ତ ନାନା ନୂତନ ରଚନାକୁ ଅବଶ୍ୟ ସମ୍ଭବ କରାଯାଇ ପାରିବ । ପୂର୍ବର ସେହି କ୍ଷୀଣବଳ ପ୍ରତିଦ୍ୱନ୍ଦ୍ୱିତା ଏବଂ ସ୍ୱାର୍ଥପ୍ରଣୋଦିତ ଦାବିଗୁଡ଼ିକ ଲାଗି ଆଉ ମୋଟେ ସମୟ ନାହିଁ । ନାରୀ ହୁଅନ୍ତୁ ବା ପୁରୁଷ ହୁଅନ୍ତୁ, ବର୍ତ୍ତମାନ ମନୁଷ୍ୟମାନେ ସମସ୍ତଙ୍କୁହିଁ ଏକ ସମ୍ମିଳିତ ଉଦ୍ୟମରେ ପରସ୍ପର ସହିତ ଏକତ୍ର ହେବାକୁ ପଡ଼ିବ; ସର୍ବୋଚ୍ଚ ଯେଉଁ ଆଦର୍ଶଟି ଉପଲବ୍ଧ ହେବା ଲାଗି ଅପେକ୍ଷା କରି ରହିଛି ସେଇଟି ବିଷୟରେ ଯଥାର୍ଥ ଭାବରେ ସଚେତନ ହୋଇ ତାହାର ଉପଲବ୍ଧି ସକାଶେ ପୂର୍ଣ୍ଣ ଉତ୍ସାହର ସହିତ କାର୍ଯ୍ୟ କରିବାକୁ

'oaob.nitrkl.ac.in' images reprocessed

ପଡ଼ିବ । ସେମାନଙ୍କର ବାହ୍ୟ କ୍ରିୟାତ୍ମକତାଗୁଡ଼ିକୁ ଅଧିକ ସଫଳ ଭାବରେ, କାର୍ଯ୍ୟରେ ଆଣି ଲଗାଇବା, — ବର୍ତ୍ତମାନ ଏଇଟି ଆଦୌ ଅସଲ ପ୍ରଶ୍ନ ନୁହେଁ ବା ତାହା ସର୍ବପ୍ରଥମେ କଦାପି ଏକ ସମାଧାନ ଦାବି କରୁ ନାହିଁ । ମାତ୍ର, ସର୍ବୋପରି ଏକ ଅନ୍ତର୍ଗତ ଆଧ୍ୟାତ୍ମିକ ଅଭିବୃଦ୍ଧି ହିଁ ଅସଲ ସମସ୍ୟା । ଅନ୍ତର୍ଗତ ଅଗ୍ରଗତି ବ୍ୟତୀତ କୌଣସି ବାହ୍ୟ ଅଗ୍ରଗତି ମଧ୍ୟ କଦାପି ସମ୍ଭବ ହେବ ନାହିଁ ।

ଏହିପରି ଭାବରେ, ପୃଥିବୀର ଅନ୍ୟ ସକଳ ସମସ୍ୟା ପରି, ନାରୀମୁକ୍ତି ଆନ୍ଦୋଳନର ସମସ୍ୟା ମଧ୍ୟ ମୂଳତଃ ଗୋଟିଏ ଆଧ୍ୟାତ୍ମିକ ସମସ୍ୟା । କାରଣ ସେହି ଆଧ୍ୟାତ୍ମିକ ସତ୍ୟଟିହିଁ ଅନ୍ୟ ସବୁପ୍ରକାର ସତ୍ୟର ଭୂମିରୂପେ ଅବସ୍ଥିତ ରହିଛି । ସେହି ଦିବ୍ୟଜଗତର ଭିତ୍ତି ଉପରେ, ବୌଦ୍ଧଧର୍ମରେ ଯାହାକୁ ଧମ୍ମତା ବୋଲି ବୁଝାଯାଇଛି, ସେହି ଚିରନ୍ତନ ଭିତ୍ତିଟି ଉପରେହିଁ ଅନ୍ୟ ଯାବତୀୟ ଜଗତର ନିର୍ମାଣ ହୋଇଛି । ଏହି ସର୍ବୋଚ୍ଚ ସତ୍ୟଟିର ଆଖିରେ ନାରୀ ଓ ପୁରୁଷ ସମସ୍ତେ ସମାନ, ସେମାନଙ୍କର ଅଧିକାରଗୁଡ଼ିକ ସମାନ ଓ ସେମାନଙ୍କର କର୍ତ୍ତବ୍ୟଗୁଡ଼ିକ ମଧ୍ୟ ସମାନ । ଏହି ସୋପାନରେ ଯେଉଁ ଏକମାତ୍ର ପାର୍ଥକ୍ୟଟି ହୁଏତ ସମ୍ଭବ ହେବ, ତାହା କେବଳ ନିଷ୍ଠା, ଅଭୀପ୍ସାର ଦୃଢ଼ତା ଏବଂ ଇଚ୍ଛା ଶକ୍ତିର ସାତତ୍ୟକୁହିଁ ଅବଲମ୍ବନ କରି ରହିପାରିବ । ଏବଂ ନାରୀ ଓ ପୁରୁଷର ଏହି ପାରସ୍ପରିକ ସମ୍ବନ୍ଧନିର୍ଣ୍ଣୟର କ୍ଷେତ୍ରରେ ମଧ୍ୟ ଆମେ କେବଳ ଏହି ମୌଳିକ ଆଧ୍ୟାତ୍ମିକ ସମାନତାଟିକୁ ସ୍ୱୀକାର କରିହିଁ ସମସ୍ୟାଟିର ଏକ ଯଥାର୍ଥ ଏବଂ ସ୍ଥାୟୀ ସମାଧାନରେ ଆସି ପହଞ୍ଚି ପାରିବା । ତେଣୁ ପ୍ରଶ୍ନଟିକୁ ଠିକ୍ ଏହି ଆଲୋକରେ ରଖି ବିଚାର କରି ପାରିବା ଉଚିତ, କେବଳ ଏହି ଉଚ୍ଚତାଟିରେହିଁ କର୍ମ ତଥା ନୂତନ ଜୀବନର ଯଥାର୍ଥ ସ୍ଥିତିଟିକୁ ଅନ୍ୱେଷଣ କରି ପାରିବା ଉଚିତ, ଏବଂ ସେଇଟିକୁ କେନ୍ଦ୍ରସ୍ୱରୂପ ଗ୍ରହଣ କରିହିଁ ମନୁଷ୍ୟସମାଜର ଭବିଷ୍ୟତ୍ ମନ୍ଦିରଟିର ନିର୍ମାଣ ହୋଇ ପାରିବା ଉଚିତ ।

୭ ଜୁଲାଇ ୧୯୧୭

'oaob.nitrkl.ac.in' images reprocessed

ନାରୀ ଓ ପୁରୁଷ

ଗର୍ବ ଏବଂ ଉଦ୍ଧତ ସ୍ୱଭାବ ଯେ ସର୍ବଦା ଓ ସର୍ବଥା ବଡ଼ ହାସ୍ୟାସ୍ପଦ, ଆମକୁ ପ୍ରଥମେହିଁ ସେହି କଥାଟିକୁ ସ୍ୱୀକାର କରିନେବାକୁ ପଡ଼ିବ । କେବଳ ନିର୍ବୋଧ ଏବଂ ଅଜ୍ଞାନ ବ୍ୟକ୍ତିମାନେହିଁ ଆପଣାର ଉଦ୍ଧତ ପଣିଆ ଦେଖାଇଥାନ୍ତି । ଯେତେ ଅଳ୍ପ ପରିମାଣରେ ହେଲେ ମଧ୍ୟ, ବିଶ୍ୱଜଗତର ଏହି ସର୍ବବ୍ୟାପୀ ସତ୍ୟ ରହସ୍ୟର ସଂସ୍ପର୍ଶରେ ଆସି ପାରିବା ଲାଗି ଜଣେ ବ୍ୟକ୍ତି ଯେତେବେଳେ ଯଥେଷ୍ଟ ପରିମାଣରେ ଆପଣାକୁ ସଂଯତ କରି ରଖିବାକୁ ସମର୍ଥ ହୁଏ, ସେତେବେଳେ ସେ ଅବଶ୍ୟ ବିନୀତ ହୁଏ ।

ନାରୀ ସାଧାରଣତଃ ଅସକ୍ରିୟ ହୋଇ ରହୁଥିବାରୁ ଓ ପୁରୁଷ ତୁଳନାରେ ଅପେକ୍ଷାକୃତ ଅଧିକ ସହଜରେ ସିଏ ଏହି ପୃଥିବୀରେ କାର୍ଯ୍ୟ କରୁଥିବା ସେହି ସର୍ବୋଚ୍ଚ ପରମଶକ୍ତି ବିଷୟରେ ଏକ ଅନ୍ତଃବୋଧ ଲାଭ କରି ପାରୁଥିବାରୁ ସିଏ ଅଧିକାଂଶ ସମୟରେ ଓ ଅପେକ୍ଷାକୃତ ଅଧିକ ସ୍ୱାଭାବିକ ଭାବରେ ବିନୀତ ହୋଇ ରହିଥାଏ ।

ମାତ୍ର ପ୍ରୟୋଜନକୁହିଁ ଆମେ କଦାପି ଏହି ବିନମ୍ରଭାବ ଅବଲମ୍ବନ କରିବାର କାରଣ ବୋଲି କହି ପାରିବା ନାହିଁ । ପୁରୁଷର ସ୍ତ୍ରୀ ଲାଗି ଯେତିକି ଆବଶ୍ୟକତା ଅଛି, ସ୍ତ୍ରୀର ମଧ୍ୟ ପୁରୁଷ ଲାଗି ଠିକ୍ ସେତିକି ଆବଶ୍ୟକତା ରହିଛି । ବା, ବରଂ, ଅଧିକ ଉଚିତ ଭାବରେ ହୁଏତ ଏପରି କୁହାଯାଇ ପାରିବ ଯେ, ପୁରୁଷ ଏବଂ ସ୍ତ୍ରୀ ଉଭୟଙ୍କରହିଁ ପରସ୍ପର ଲାଗି ସମାନ ଆବଶ୍ୟକତା ରହିଛି ।

ଏପରି କି, କେବଳ ଏହି ସ୍ଥୂଳ ଜାଗତିକ ଜୀବନରେ ମଧ୍ୟ, ସ୍ଥୂଳ ଆବଶ୍ୟକତା କ୍ଷେତ୍ରରେ ଯେତେ ପୁରୁଷ ସ୍ତ୍ରୀମାନଙ୍କ ଉପରେ ନିର୍ଭର କରି ରହିଛନ୍ତି, ଠିକ୍ ସେତିକି ସ୍ତ୍ରୀ ମଧ୍ୟ ପୁରୁଷମାନଙ୍କ ଉପରେ ନିର୍ଭର କରି ରହିଛନ୍ତି । ଆମେ ଯଦି ବିନମ୍ରକୁହିଁ ସେହି ନିର୍ଭରଶୀଳତାର ଏକ ପରିଣାମ ବୋଲି କହିବା, ତେବେ ସର୍ବପ୍ରଥମେ ଏହିପରି ଅବଶ୍ୟ ଦାବି କରାଯାଇ ପାରିବ ଯେ, ପୁରୁଷମାନଙ୍କଠାରେହିଁ ଅଧିକ ବିନମ୍ରଭାବ ରହିବା ଉଚିତ ଏବଂ ସ୍ତ୍ରୀମାନଙ୍କରହିଁ ଯାବତୀୟ କର୍ତ୍ତୃତ୍ୱ ରହିବା ଉଚିତ ।

ପୁନଶ୍ଚ, କେବଳ ବିନୀତ ହୋଇ ରହିଲେହିଁ ନାରୀମାନେ ପୁରୁଷମାନଙ୍କୁ ସନ୍ତୁଷ୍ଟ କରି ରଖିପାରିବେ ବୋଲି ନାରୀମାନଙ୍କର ବିନମ୍ର ଅବଲମ୍ବନ କରିବା

'oaob.nitrkl.ac.in' images reprocessed

ଉଚିତ ବୋଲି କହିବା ମଧ୍ୟ ଏକ ଭୁଲ କଥା ହେବ । ଏହା ଦ୍ୱାରା ଆମେ ହୁଏତ ଏପରି ବି ଭାବିବାକୁ ଆରମ୍ଭ କରିବା ଯେ କେବଳ ପୁରୁଷର ସନ୍ତୋଷବିଧାନ କରିବା ସକାଶେହିଁ ନାରୀ ଏହି ସଂସାରକୁ ଆସିଛି । ଏପରି ଭାବିବାରେ ଆଦୌ କୌଣସି ଯୁକ୍ତି ନାହିଁ ।

ସେହି ଦିବ୍ୟ ପରମଶକ୍ତିକୁ ପ୍ରକାଶିତ କରିବା ଲାଗିହିଁ ସମୁଦାୟ ବିଶ୍ୱଜଗତର ସୃଷ୍ଟି ହୋଇଛି । ଏବଂ, ନାରୀ ହୁଅନ୍ତୁ ବା ପୁରୁଷ ହୁଅନ୍ତୁ, ସେହି ଶାଶ୍ୱତ ପରମ ଦିବ୍ୟସତ୍ୟଟି ସମ୍ବନ୍ଧରେ ସଚେତନତା ଲାଭ କରିବା ଏବଂ ତାହାକୁ ପ୍ରକାଶିତ କରିବାହିଁ ଏହି ଜଗତରେ ସକଳ ମନୁଷ୍ୟଙ୍କର ଏକ ବିଶେଷ କର୍ତ୍ତବ୍ୟ ରୂପେ ନିର୍ଦ୍ଧାରିତ ହୋଇ ରହିଛି । ଆଉ ଅନ୍ୟ କିଛି ନୁହେଁ, କେବଳ ଏହାହିଁ ସେମାନଙ୍କର ଲକ୍ଷ୍ୟ । ଏବଂ, ଯଦି ସେମାନେ ଅଧିକତର ସମସ୍ତରେ ସେହି କଥାଟିକୁ ଜାଣିବେ ଏବଂ ସ୍ମରଣ କରିବେ, ତେଣୁ ନାରୀ ଓ ପୁରୁଷ ଆଉ ଅଗ୍ରାଧିକାର ଏବଂ କର୍ତ୍ତୃତ୍ୱ-ବିଷୟକ କ୍ଷୁଦ୍ର କ୍ଷୁଦ୍ର କଳହରେ କଦାପି ବ୍ୟାପୃତ ରହିବାକୁ ମନ କରିବେ ନାହିଁ । ସେବା କରିବା ଅପେକ୍ଷା ସେବା ପାଇବାରେହିଁ ଅଧିକତର ସମ୍ମାନ ନିହିତ ରହିଛି ବୋଲି ସେତେବେଳେ ସେମାନେ ଆଉ କେବେହେଲେ ଭାବିବେ ନାହିଁ । କାରଣ, ସେତେବେଳେ ସମସ୍ତେ ଆପଣାକୁ ସମାନ ଭାବରେ କେବଳ ସେହି ପରମ ଦିବ୍ୟସତ୍ତାଙ୍କର ସେବକରୂପେହିଁ ବିଚାର କରିବେ ଏବଂ ଆହୁରି ଅଧିକ ତଥା ଆହୁରି ଉତ୍ତମ ଭାବରେ ସେହି ସେବାର ଉପଯୁକ୍ତ ହୋଇ ପାରିବାକୁ ସେମାନେ ଆପଣାର ସମ୍ମାନ ବୋଲି ସ୍ୱୀକାର କରିବେ ।

'oaob.nitrkl.ac.in' images reprocessed

ଜାପାନର ଅନୁଭୂତି

ଜାପାନ ବିଷୟରେ ମୋ'ର ଅନୁଭୂତିକୁ କହିବା ଲାଗି ଆପଣମାନେ ମୋତେ ଅନୁରୋଧ କରିଛନ୍ତି । ଜାପାନ ବିଷୟରେ କିଛି ଲେଖିବା ଆଦୌ ସହଜ ନୁହେଁ । ଏହା ଉପରେ ଏତେଲୋକ ଆଗରୁ ଏତେ କଥା ଲେଖି ଯାଇଛନ୍ତି, କେତେ କେତେ ନିର୍ବୋଧ କଥାମାନ ମଧ୍ୟ ଲେଖା ହୋଇଛି···ମାତ୍ର ଦେଶଟି ଅପେକ୍ଷା ଦେଶର ଲୋକମାନଙ୍କ ବିଷୟରେହିଁ ଏସବୁ ବେଶୀ ଲେଖା ହୋଇଛି । କାରଣ ଜାପାନ ପ୍ରକୃତରେ ଅଦ୍ଭୁତ ଓ ବର୍ଣ୍ଣାଢ୍ୟ ଦେଶ, ଏହାର ଶୋଭା ମଧ୍ୟରେ ଅନେକ ପ୍ରକାରର ରୂପସମ୍ପଦ ରହିଛି, ତାହା ଅନେକ ସମୟରେ ଅପ୍ରତ୍ୟାଶିତ ଭାବରେ ଆସି ଚକ୍ଷୁ ସମକ୍ଷରେ ଉପସ୍ଥିତ ହୋଇ ଯାଇଥାଏ ଏବଂ ଭାରି ଆକର୍ଷଣକାରୀ, ଅରଣ୍ୟବନ୍ତ ଓ ମଧୁର ମନେ ହୋଇଥାଏ । ଆପଣାର ବାହ୍ୟ ରୂପରେ ତାହା ପୃଥିବୀର ଅନ୍ୟ ସବୁଯାକ ଦେଶର ଏପରି ଏକ ସମନ୍ୱୟ ହୋଇଥାଏ, ଗ୍ରୀଷ୍ମପ୍ରଧାନ ଦେଶଠାରୁ ଆରମ୍ଭ କରି ସୁମେରୁ ଅଞ୍ଚଳୀୟ ପର୍ଯ୍ୟନ୍ତ ଯାବତୀୟ ଦେଶର ଏପରି ଏକ ସମନ୍ୱୟର ଉପସ୍ଥାପନ କରୁଥାଏ ଯେ ଟିକିଏ କଳାତ୍ମକ ବୋଧଥିବା କୌଣସି ଆଖି ତାହାକୁ କଦାପି ଉପେକ୍ଷା କରି ପାରିବ ନାହିଁ । ମୋ'ର ବିଶ୍ୱାସ ଜାପାନ ବିଷୟରେ କେତେ କେତେ ଭାରି ଚମତ୍କାର ବର୍ଣ୍ଣନା ଆଗରୁ ଦିଆଯାଇ ସାରିଛି । ମୁଁ ସେହି ବର୍ଣ୍ଣନାଗୁଡ଼ିକରେ ଆଉ କିଛି ଅଧିକ ଯୋଡ଼ିକରି କହିଲେ ତାହା ଆଦୌ ସେପରି ଆଗ୍ରହୋଦ୍ଦୀପକ ହେବ ନାହିଁ । ମାତ୍ର, ଜାପାନର ଅଧିବାସୀମାନଙ୍କୁ ଲୋକେ ସାଧାରଣତଃ ଭାରି ଭୁଲ୍ ବୁଝିଛନ୍ତି, ସେମାନଙ୍କର ଅନେକ ସମୟରେ ଭୁଲ୍ ବ୍ୟାଖ୍ୟା କରାଯାଇଛି ଏବଂ ସେହି ବିଷୟରେ ଏଠାରେ ଅବଶ୍ୟ କିଛି କୁହାଯାଇ ପାରିବ ବୋଲି ମୋ'ର ମନେ ହେଉଛି ।

ଜାପାନୀ ଜନସମୂହର ଯେଉଁ ଭାଗଟି ବିଦେଶୀମାନଙ୍କର ସମ୍ପୂର୍ଣ୍ଣ ବାଜି ଦୂଷିତ ହୋଇଯାଇଛି, ବିଦେଶୀମାନେ ଅଧିକାଂଶ ସ୍ଥଳରେ ସେହି ଭାଗଟିର ସମ୍ପର୍କରେହିଁ ଆସିଥାନ୍ତି । ସେହି ଭାଗଟି ପଇସା କମାଇବାକୁ ଜୀବନର ଲକ୍ଷ୍ୟ ବୋଲି ଗ୍ରହଣ କରିଥାଏ ଏବଂ ପାଶ୍ଚାତ୍ୟ ଜଗତର ଅନୁକରଣ କରିବାରେ ଲାଗିଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏମାନେ ଭାରି କୁଶଳତାର ସହିତ ପଶ୍ଚିମଜଗତର ଅନୁକରଣ କରି ପାରିଛନ୍ତି, ଏବଂ ଯେଉଁସବୁ ଜିନିଷ ସକାଶେ ପଶ୍ଚିମ ଜଗତ୍ ଏପରି କୁତ୍ସିତ ହୋଇ ପଡ଼ିଛି, ତୁମେ ସେହିସବୁ ଜିନିଷକୁ

'oaob.nitrkl.ac.in' images reprocessed

ଜାପାନରେ ମଧ୍ୟ ପ୍ରଚୁର ପରିମାଣରେ ଦେଖିବାକୁ ପାଇବ । ଯଦି ଜାପାନର ରାଷ୍ଟ୍ରନୀତିଜ୍ଞ, ରାଜନୀତିକ ନେତା ଏବଂ ବ୍ୟବସାୟୀମାନଙ୍କୁ ଦେଖିହିଁ ଆମେ ଜାପାନର ବିଚାର କରିବାକୁ ଯାଉ, ତେବେ ତାହାକୁ ଆମେ ଅନେକ ପରିମାଣରେ ଇଉରୋପର କୌଣସି ଏକ ରାଷ୍ଟ୍ର ପରି ହୋଇ ରହିଥିବାର ଦେଖିବାକୁ ପାଇବା । ଅବଶ୍ୟ ଏକଥା ସତ ଯେ, ଏକ ଜାତିରୂପେ ଜାପାନ ଆପଣାର ପ୍ରାଣଶକ୍ତି ଏବଂ କେନ୍ଦ୍ରୀଭୂତ ସାମର୍ଥ୍ୟଗୁଡ଼ିକର ତଥାପି ଚରମ ସୀମାକୁ ଛୁଇଁପାରି ନାହିଁ ।

ସେହି ଶକ୍ତି ଓ ସାମର୍ଥ୍ୟକୁହିଁ ଆମେ ଜାପାନର ଜାତୀୟ ଜୀବନରେ ଏକ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ଲକ୍ଷଣ ବୋଲି ଜାଣି ରଖିବା । ସେହି ଶକ୍ତି ସବୁଠାରେ ଦୃଶ୍ୟମାନ୍ ହୋଇ ପାରିବ, ସବୁ ମଣିଷଙ୍କ ଭିତରେ ବି ଦୃଶ୍ୟମାନ୍ ହେବ । ହୁଏତ କେବଳ ଏବେ "ଅତି ଧନୀ" ହୋଇଥିବା ଲୋକମାନଙ୍କୁ ବାଦ୍ ଦେଲେ ଜାପାନଦେଶର ବୃଦ୍ଧ ଓ ଯୁବକ, ପିଲା ଓ ଗୁରୁ ସମସ୍ତେ ସେମାନଙ୍କର ଦୈନନ୍ଦିନ ଜୀବନରେ ସେହି ସଂକେନ୍ଦ୍ରିତ ଶକ୍ତିଟି ଅତ୍ୟନ୍ତ ଚମତ୍କାର ଭାବରେ ସଞ୍ଚିତ ହୋଇ ରହିଥିବାର ଆମେ ସବୁବେଳେ ପରିଚୟ ପାଇ ପାରିବା । ପୁନଶ୍ଚ, ପ୍ରକୃତି ଏବଂ ସୌନ୍ଦର୍ଯ୍ୟ ପ୍ରତି ସେମାନଙ୍କର ଯେଉଁ ଶ୍ରଦ୍ଧା ରହିଛି, ତାହାହିଁ ସଞ୍ଚିତ ହୋଇ ରହିଥିବା ଏହି ଶକ୍ତିକୁ ଜାପାନୀ ଜାତିର ସମ୍ଭବତଃ ସବୁଠାରୁ ଅଧିକ ବୈଶିଷ୍ଟ୍ୟତାଯୁକ୍ତ ଏବଂ ସର୍ବଜନ ପରିବ୍ୟାପ୍ତ ଏକ ଲକ୍ଷଣରେ ପରିଣତ କରି ରଖିଛି । ଏକ ଅଣଓସାରିଆ କ୍ଷୁଦ୍ର ଦ୍ୱୀପାୟତନରେ ଏତେ ବହୁସଂଖ୍ୟକ ମନୁଷ୍ୟ ଏବଂ ବହୁ ସଂଖ୍ୟକ ନାନା ସମ୍ପଦ ଗଚ୍ଛିତ ହୋଇ ରହିଥିବା ଉଦୟ-ସୂର୍ଯ୍ୟର ଏହି ଦେଶରେ ଆସି ପହଞ୍ଚିବା ମାତ୍ରକେହିଁ ତୁମର ସମ୍ମୁଖରେ ତୁମେ ତାହାହିଁ ଦେଖିବାକୁ ପାଇବ ।

ମାତ୍ର, ଯଦି ତୁମେ ଆମ ପରି ଅସଲ ଜାପାନର ସମ୍ପର୍କରେ ଆସିବାର ସୌଭାଗ୍ୟଲାଭ କରିଥିବ, ପ୍ରାଚୀନ କାଳର ସାମୁରାଇ-ପରମ୍ପରାର ସଦାଚାର ତଥା ସାହସିକତାକୁ ଅଖଣ୍ଡ ଓ ଅସଂଯମିତ ଭାବରେ ସାଇତି ରଖିଥିବା ଜାପାନୀମାନଙ୍କର ଯଦି ସମ୍ପର୍କରେ ଆସିଥିବ, ତେବେଯାଇ ତୁମେ ପ୍ରକୃତ ଜାପାନକୁ ବୁଝିପାରିବ, ତୁମେ ତା' ଶକ୍ତିର ଗୁପ୍ତ ଉତ୍ସଟିକୁ ନିଶ୍ଚୟ ଆବିଷ୍କାର କରିପାରିବ । କପରି ନୀରବ ହୋଇ ରହିବାକୁ ହୁଏ, ଜାପାନୀମାନେ ସେକଥା ଜାଣିଛନ୍ତି; ସେମାନଙ୍କର ଏକ ତୀକ୍ଷ୍ଣ ଅନୁଭବ କରିବାର ଶକ୍ତି ରହିଛି ସତ, ମାତ୍ର ମୁଁ ପୃଥିବୀର ଯେତେ ଜାତିର ଲୋକଙ୍କୁ ଜାଣିଛି, ସେମାନଙ୍କ ମଧ୍ୟରେ ଜାପାନୀମାନେହିଁ ତାହାକୁ ସବୁଠାରୁ କମ୍ ପରିମାଣରେ ବାହାରକୁ ପ୍ରକାଶ କରିଥାନ୍ତି । ତୁମର ଜଣେ ବନ୍ଧୁ ଏଠାରେ ତୁମ ଲାଗି ଅତ୍ୟନ୍ତ ସ୍ୱାଭାବିକ ଭାବରେ ତା' ନିଜର ଜୀବନ ଦେବାକୁ ପ୍ରସ୍ତୁତ ହୋଇଯିବ ସତ, ମାତ୍ର, ସିଏ ତୁମକୁ ଏତେ ଗଭୀର ଏବଂ ନିଃସ୍ୱାର୍ଥପର ଭାବରେ

'oaob.nitrkl.ac.in' images reprocessed

ଭଲ ପାଉଛ ବୋଲି ହୁଏତ ଆଗରୁ କେବେହେଲେ କହି ନ ଥିବ । ଏବଂ, ବାହ୍ୟ ବ୍ୟବହାରଟିର ଅନ୍ତରାଳରେ ତା'ର ହୃଦୟ ଭିତରେ ପ୍ରକୃତରେ କ'ଣ ଅଛି, ସେକଥା ତୁମେ ଆଦୌ ଜାଣିପାରି ନଥିଲେ ମଧ୍ୟ, ତୁମେ ହୁଏତ କେବଳ ଏକ ଅତି ସଂବେଦନଶୀଳ ସୌଜନ୍ୟରହିଁ ପରିଚୟ ପାଇଥିବ, ଯେଉଁଥିରେ କି ସ୍ୱତଃସ୍ଫୂର୍ତ୍ତି ଆବେଗଗୁଡ଼ିକର ଅଭିବ୍ୟକ୍ତି ଲାଗି ହୁଏତ ଆଦୌ କୌଣସି ଅବକାଶ ନଥିବ । ମାତ୍ର ସେହି ଆବେଗଗୁଡ଼ିକ ତଥାପି, ତୁମର ସେହି ବନ୍ଧୁ ଭିତରେ ରହିଥିବ, ବାହାରକୁ ପ୍ରକଟ ହୋଇ ପାରି ନଥିବାରୁ ହୁଏତ ଅଧିକ ତୀବ୍ର ଭାବରେ ରହିଥିବ । ଏବଂ, ଅନେକ ସମୟରେ ଯେତେ ବିନମ୍ର ଏବଂ ଆବରଣଯୁକ୍ତ ହୋଇଥିଲେ ମଧ୍ୟ, ଯେତେବେଳେ କୌଣସି ଏକ କାର୍ଯ୍ୟ ଦ୍ୱାରା ତାହା ଆପଣାକୁ ପରିଚିତ କରାଇବାର ଅବସର ଲାଭ କରିବ, ସେତେବେଳେ ତୁମେ ତତ୍‌କ୍ଷଣାତ୍ ତୁମ ପ୍ରତି ରହିଥିବା ତା'ର ଗଭୀର ସ୍ନେହଟିକୁ ଆବିଷ୍କାର କରିପାରିବ ।

ପୃଥିବୀର ଅନେକ ଜାତିମାନଙ୍କ ମଧ୍ୟରେ ଏଇଟି ହେଉଛି ବିଶେଷ ଭାବରେ ଜାପାନୀମାନଙ୍କର ଲକ୍ଷଣ, ଏପର୍ଯ୍ୟନ୍ତ ପାଶ୍ଚାତ୍ୟର କୁପ୍ରଭାବ ଭିତରେ ପଡ଼ି ନ ଥିବା ପ୍ରକୃତ ଜାପାନୀମାନଙ୍କର ଲକ୍ଷଣ । ସେମାନେ ବୋଧହୁଏ ପୃଥିବୀସାରାରେ ସବୁଠାରୁ କମ୍ ନିଃସ୍ୱାର୍ଥପର ଜାତି । ଏବଂ, କେବଳ ଯେ ସୁଶିକ୍ଷିତ, ପଣ୍ଡିତ ଏବଂ ଧର୍ମପ୍ରାଣ ବ୍ୟକ୍ତିମାନଙ୍କ ଭିତରେ ଆମେ ଏହି ନିଃସ୍ୱାର୍ଥପରତାକୁ ଦେଖିବାକୁ ପାଇବା, ସେକଥା ମୋଟେ ନୁହେଁ । ହୁଏତ ସମାଜର ସକଳ ଶ୍ରେଣୀର ଲୋକଙ୍କଠାରେ ଆମେ ତାହାହିଁ ଦେଖିବା । କାରଣ, କେତେକ ବହୁପ୍ରଚଳିତ ଏବଂ ଅତୀବ ସୁଦୃଶ୍ୟ ପର୍ବାନୁଷ୍ଠାନକୁ ବାଦ୍ ଦେଲେ, ଜାପାନ ଦେଶରେ ଧର୍ମକୁ କେତେଗୁଡ଼ିଏ ବିଧିପାଳନ ଏବଂ ଉପାସନାରୂପେ କଦାପି ଗ୍ରହଣ କରାଯାଏ ନାହିଁ । ଧର୍ମ ସେଠାରେ କେବଳ ତ୍ୟାଗ, ଆଜ୍ଞାପାଳନ ଏବଂ ଆତ୍ମ-ଉତ୍ସର୍ଗର ଏକ ଦୈନନ୍ଦିନ ଜୀବନକୁହିଁ ବୁଝାଇଥାଏ ।

ଜୀବନ କହିଲେ ଯେ ସୁଖର ଉପଭୋଗକୁ ନବୁଝାଇ କର୍ତ୍ତବ୍ୟପାଳନକୁ ବୁଝାଏ, ଜାପାନୀମାନେ ସେମାନଙ୍କର ଶୈଶବ ସମୟରୁହିଁ ତାହା ଶିକ୍ଷା କରିଥାନ୍ତି । ଅଧିକାଂଶ ସମୟରେ ଭାରି କଠିନ ଏବଂ ଦୁଃଖଦାୟକ ହୋଇଥିଲେ ମଧ୍ୟ ସେମାନେ ନିର୍ବିବାଦ ଆନୁଗତ୍ୟ ସହିତ ସେହି କର୍ତ୍ତବ୍ୟକୁ ସ୍ୱୀକାର କରିନିଅନ୍ତି । ଆପଣାକୁ କିପରି ସୁଖୀ କରି ରଖାଯାଇ ପାରିବ, ଏପରି ଚିନ୍ତା ସେମାନଙ୍କୁ କେତେବେଳେ ହେଲେ ସନ୍ତପ୍ତ କରୁ ନଥାଏ । ଏହା ଦ୍ୱାରା ସମଗ୍ର ଦେଶର ଜୀବନରେ ଏକ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ଆତ୍ମନିୟନ୍ତ୍ରଣ ସମ୍ଭବ ହୋଇଥାଏ, ମାତ୍ର କୌଣସି ଆନନ୍ଦମୟ ଏବଂ ମୁକ୍ତ ସଂପ୍ରସାରଣ ସମ୍ଭବ ହୁଏ ନାହିଁ । ଏହା ଦ୍ୱାରା ଏକ ସତତ

'oaob.nitrkl.ac.in' images reprocessed

ବ୍ୟଗ୍ରତା ଏବଂ ସତତ ଉଦ୍ୟମର ବାୟୁମଣ୍ଡଳ ସୃଷ୍ଟି ହୋଇ ରହିଥାଏ, ସେମାନଙ୍କର ମନ ଏବଂ ସ୍ନାୟୁଗୁଡ଼ିକ ଉପରେ ତଦ୍ଦ୍ୱାରା ଅନେକ ଚାପ ପଡ଼େ । ଉଦାହରଣସ୍ୱରୂପ, ଭାରତବର୍ଷରେ ଯେଉଁ ଆଧ୍ୟାତ୍ମିକ ଶାନ୍ତିର ବାୟୁମଣ୍ଡଳଟିକୁ ସବୁଠାରେ ଅନୁଭବ କରି ହୁଏ, ଜାପାନରେ ସେପରି ହୋଇପାରେ ନାହିଁ । ବସ୍ତୁତଃ, ଭାରତବର୍ଷରେ ଯେଉଁ ଶୁଦ୍ଧ ଓ ଦିବ୍ୟ ବାୟୁମଣ୍ଡଳଟି ସବୁଆଡ଼େ ରହିଥାଏ ଏବଂ ତଦ୍ଦ୍ୱାରା ଏହି ଦେଶକୁ ଏପରି ଗୋଟିଏ ଅସାଧାରଣ ଏବଂ ଅମୂଲ୍ୟ ଦେଶରେ ପରିଣତ କରି ରଖିଥାଏ, ଜାପାନରେ କୌଣସି କଥା ସହିତ ତାହାର ତୁଳନା କରାଯାଇ ପାରିବ ନାହିଁ । ସେହି ଦେଶରେ ମନ୍ଦିର ଏବଂ ପବିତ୍ର ମଠଗୁଡ଼ିକ ସର୍ବଦା କେଡ଼େ ରମଣୀୟ ମନୋମୁଗ୍ଧକର ସ୍ଥାନମାନଙ୍କରେ ଅବସ୍ଥିତ ରହିଥାଏ, ବେଳେବେଳେ ପ୍ରକାଣ୍ଡ ସେଡ଼ାର ଗଛ ଦ୍ୱାରା ଆବୃତ ଦୁର୍ଗମ ଉଚ୍ଚ ପାହାଡ଼ର ଶିଖରଦେଶରେ ସେଗୁଡ଼ିକ ଅବସ୍ଥିତ ରହିଥାଏ । ମାତ୍ର, ସେସବୁ ସ୍ଥାନରେ ମଧ୍ୟ ଆମେ ଭାରତ ପରି କୌଣସି ପରିବେଶ ରହିଥିବାର ମୋଟେ ଦେଖିବାକୁ ପାଇବା ନାହିଁ । ··· ସେଠାରେ ବାହାରେ ଅନେକ ଶାନ୍ତି, ଶୃଙ୍ଖଳାଶୀଳତା ଏବଂ ନୀରବତା ବିରାଜମାନ କରୁଥାଏ ସତ, ମାତ୍ର, ସେହି ପରମ ଅନନ୍ୟ ସତ୍ତାଟିର ଏକ ଜୀବନ୍ତ ସାନ୍ନିଧ୍ୟକୁ ଆସିଲେ ଅନନ୍ତତାର ଯେଉଁ ଆନନ୍ଦମୟ ବୋଧଟି ଉପଲବ୍ଧ ହୋଇଥାଏ, ଜାପାନରେ ଆମକୁ ତାହା କେବେହେଲେ ମିଳିବ ନାହିଁ । ହଁ, ଏକଥା ସତ ଯେ ଏଠାରେ ସବୁକିଛି ଆମର ଆଖି ତଥା ଆମର ମନ ଭିତରେ ସେହି ଏକତ୍ୱଟିର କଥାକୁ ଆସି କହିଦେବାକୁ ଇଚ୍ଛା କରୁଥାଏ ; ମଣିଷ ସହିତ ଭଗବାନଙ୍କର, ପ୍ରକୃତି ସହିତ ମଣିଷର ଏବଂ ମଣିଷ ସହିତ ମଣିଷର ଏକତ୍ୱ ବିଷୟରେ ତାହା ଆମକୁ କେତେ କଥା କହି ଯାଉଥାଏ । ମାତ୍ର ସେହି ଏକତ୍ୱକୁ ହୁଏତ କେହି ଅନୁଭବ କରନ୍ତି ନାହିଁ ବା ଆପଣା ଜୀବନରେ ବଞ୍ଚନ୍ତି ବି ନାହିଁ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଜାପାନୀମାନଙ୍କ ଭିତରେ ଏକ ଉଦାର ଆତିଥ୍ୟଭାବ, ପାରସ୍ପରିକ ସାହାଯ୍ୟ ଏବଂ ପାରସ୍ପରିକ ଅବଲମ୍ବନର ଭାବଟି ଅତ୍ୟନ୍ତ ଅଧିକ ଭାବରେ ବିକଶିତ ହୋଇ ପାରିଛି, ମାତ୍ର ସେମାନଙ୍କର ଅନୁଭବ, ଚେତନା ତଥା କର୍ମରେ ସେମାନେ ସାଧାରଣତଃ ଅତିମାତ୍ରାରେ ବ୍ୟକ୍ତିବାଦୀ ହୋଇ ରହିଛନ୍ତି, ଏକ ଜାତି ହିସାବରେ ଅତ୍ୟନ୍ତ ପାର୍ଥକ୍ୟବାଦୀ ହୋଇ ରହିଛନ୍ତି । ଜାପାନୀମାନଙ୍କ ପାଇଁ ବାହ୍ୟ ରୂପଟାହିଁ ବଡ଼ କଥା, ବାହ୍ୟ ରୂପଟାହିଁ ଆକର୍ଷକ । ଅବଶ୍ୟ ଏହି ବାହ୍ୟ ରୂପରୁ କେତେକ ବ୍ୟଞ୍ଜନା ବି ମିଳିଥାଏ, ତାହା କୌଣସି ଗଭୀରତର ସତ୍ୟ କିମ୍ବା ପ୍ରକୃତି ଅଥବା ଜୀବନର କୌଣସି ଏକ ବିଧାନକୁ ଆଣି ଆମ ଆଗରେ ଥୋଇ ଦେଇଥାଏ । ସେଠାରେ ପ୍ରତ୍ୟେକ ବାହ୍ୟ ରୂପ ଓ ପ୍ରତ୍ୟେକ କାର୍ଯ୍ୟର ଏକ ଗୂଢ଼ାର୍ଥ ରହିଥାଏ, ଉଦ୍ୟାନ ଏବଂ ଗୃହଗୁଡ଼ିକର ସାଜସଜ୍ଜାଠାରୁ ଆରମ୍ଭ କରି ପ୍ରସିଦ୍ଧ ଚାହା-ପାନ ଉତ୍ସବ

'oaob.nitrkl.ac.in' images reprocessed

ପର୍ଯ୍ୟନ୍ତ ସବୁଥିରେ ଏକ ପ୍ରଶ୍ନକାର୍ଥ ଲୁଚ ରହିଥାଏ । ଏବଂ ବେଳେ ବେଳେ ଏକ ଅତି ସରଳ ଏବଂ ସାଧାରଣ ଜିନିଷରେ ମଧ୍ୟ ଆମେ ଏକ ଗମ୍ଭୀର, ପ୍ରାଞ୍ଜଳ ଏବଂ ସୂଅଭିପ୍ରେତ ପ୍ରଶ୍ନକର ସମ୍ମୁଖୀନ ହୋଇଥାଉ ଏବଂ ସେହି ଦେଶର ଅଧିକାଂଶ ଲୋକ ସେଇଟିର ଅର୍ଥକୁ ଜାଣନ୍ତି ଓ ବୁଝି ମଧ୍ୟ ପାରନ୍ତି । ମାତ୍ର ଏହାକୁ କେବଳ ଏକ ବାହ୍ୟ ଏବଂ ଉପାର୍ଜିତ ଜ୍ଞାନ ବୋଲି ବୁଝାଯିବ, ଏକ-ପରମ୍ପରାଗତ ଅଭ୍ୟାସ ବୋଲି ବୁଝାଯିବ; ତାହା ଏକ ଜୀବନ୍ତ ସତ୍ୟ ରୂପେ କୌଣସି ଆଧ୍ୟାତ୍ମିକ ଅନୁଭୂତ ତଥା ସନ୍ଦୀପିତ ହୃଦୟ ଏବଂ ମନର ଗମ୍ଭୀର ତଳଦେଶରୁ ଆଦୌ ଉତ୍ସାରିତ ହୋଇ ଆସୁ ନଥାଏ । ଜାପାନକୁ ଆମେ ମୂଳତଃ ଇନ୍ଦ୍ରିୟାନୁଭବରହିଁ ଏକ ଦେଶ ବୋଲି କହିପାରିବା । ଜାପାନ ତା'ର ଚକ୍ଷୁ-ଗୁଡ଼ିକ ଦେଇ ନିଜର ଜୀବନଟିକୁ ବଞ୍ଚେ । ଏକ ଅପ୍ରତିଦ୍ୱନ୍ଦ୍ୱୀ ପ୍ରଭୁ ହିସାବରେ ସୌନ୍ଦର୍ଯ୍ୟହିଁ ସେହି ଦେଶର ଜୀବନ ଉପରେ ରାଜତ୍ୱ କରୁଥାଏ । ଏବଂ, ତାହାର ସମୁଦାୟ ବାୟୁମଣ୍ଡଳଟି କେବଳ ମାନସିକ ତଥା ପ୍ରାଣିକ କ୍ରିୟାଶୀଳତା, ଅଧ୍ୟୟନ, ପର୍ଯ୍ୟବେକ୍ଷଣ, ଅଗ୍ରଗତି ଏବଂ ଉଦ୍ୟମକୁହିଁ ଉତ୍ତେଜନା ଯୋଗାଇ ଦେଇ ଯାଉଥାଏ, ନୀରବ ଏବଂ ଆନନ୍ଦମୟ ମନନ ଲାଗି ତାହା ଆଦୌ କୌଣସି ଖୋରାକ ଯୋଗାଏ ନାହିଁ । ମାତ୍ର ଏହି କ୍ରିୟାଶୀଳତାର ପଶ୍ଚାତରେ ଏପରି ଏକ ଅଧିକ ଅଭୀପ୍ସା ଦଣ୍ଡାୟମାନ ହୋଇ ରହିଥାଏ, ଯାହାକୁ ସେହି ଦେଶର ଭବିଷ୍ୟ ଦିନେ ନା ଦିନେ ଅବଶ୍ୟ ଉଦ୍‌ଘାଟିତ କରି ଆଣିବ ।

୯ ଜୁଲାଇ, ୧୯୧୭

'oaob.nitrkl.ac.in' images reprocessed

ଜାପାନର ପିଲା

ମୋର ଗତ ଚିଠିରେ* ମୁଁ ଜାପାନୀମାନଙ୍କର କର୍ତ୍ତବ୍ୟବୋଧ ବିଷୟରେ ଲେଖିଥିଲି । ସେହି କର୍ତ୍ତବ୍ୟବୋଧ ସେମାନଙ୍କୁ ଅନେକ ଆତ୍ମ-ନିୟନ୍ତ୍ରଣଶକ୍ତି ଦେଇ ପାରୁଥିଲା ସତ, ମାତ୍ର କୌଣସି ଆନନ୍ଦପ୍ରେରିତ ମୁକ୍ତ ସମ୍ପ୍ରସାରଣ ଦେଇ ପାରୁ ନଥିଲା । ଆଜି ମୁଁ ସେହି ସାଧାରଣ ନିୟମର ଏକ ବ୍ୟତିକ୍ରମ ବିଷୟରେ କହିବି, ଏବଂ ଜାପାନର ପିଲାମାନେ ହେଉଛନ୍ତି ସେହି ବ୍ୟତିକ୍ରମର ଆଧାର ।

ଜାପାନ ଦେଶକୁ ପିଲାମାନଙ୍କ ଲାଗି ପ୍ରାୟ ଏକ ନନ୍ଦନକାନନ ବୋଲି କୁହାଯାଇ ପାରେ । ପୃଥିବୀର ଆଉ କୌଣସି ଦେଶରେ ମୁଁ ପିଲାମାନଙ୍କୁ ଏତେ ମୁକ୍ତ ଓ ଏତେ ଖୁସୀ ହୋଇ ରହିଥିବାର ଦେଖି ନାହିଁ । ଜାପାନରେ ମାସ ମାସ ଧରି ରହିବା ପରେ ମଧ୍ୟ ମୁଁ ଜଣେ ବଡ଼ ମଣିଷ କୌଣସି ପିଲାକୁ ମାରିବାର ଦେଖି ନାହିଁ । ଏଠାରେ ପିଲାମାନଙ୍କ ପ୍ରତି ଯେଉଁ ଆଚରଣ କରାଯାଏ, ସେଥିରୁ ମନେହୁଏ ସତେଯେପରି ଏହି ଦେଶର ସବୁ ବାପମାଆ ଅତ୍ୟନ୍ତ ସଚେତନ ଭାବରେ ବୁଝିଛନ୍ତି ଯେ ପିଲାଏ ହେଉଛନ୍ତି ଭବିଷ୍ୟତର ପ୍ରତିଶ୍ରୁତି, ସେମାନେ ଭବିଷ୍ୟତର ଗୌରବ ଏବଂ, ଏକ ଆଶ୍ଚର୍ଯ୍ୟର କଥା ହେଉଛି ଯେ, ଏତେ ଯତ୍ନ ଏବଂ ଏତେ ଆଦର ଓ ଏପରିକି ଏତେ ନିଷ୍ଠା ଦ୍ୱାରା ପରିବେଷ୍ଟିତ ହୋଇ ରହିଥିଲେ ମଧ୍ୟ, ମୁଁ ଦେଖିବାରେ ଜାପାନୀ ପିଲାଙ୍କ ପରି ଏତେ ବୁଝିବା ଶକ୍ତି ରହିଥିବା ଗମ୍ଭୀର ଓ ଭଲ ପିଲା ମୁଁ ପୃଥିବୀର ଅନ୍ୟ କୌଣସି ଦେଶରେ ଦେଖି ନାହିଁ । ଶିଶୁ ଅବସ୍ଥାରେ ସେମାନେ ଏକ କଉତୁକିଆ ପ୍ରକାରେ ମାଆମାନଙ୍କର ପିଠିରେ ବନ୍ଧାହୋଇ ରହିଥା'ନ୍ତି, କଳା ଡିମା ଆଖିଗୁଡ଼ାକୁ ଏଡ଼େ ଏଡ଼େ କରି ମେଲାଇ ସେମାନେ ସତେଅବା ଭାରି ଗାମ୍ଭୀର୍ଯ୍ୟର ସହିତ ଜୀବନକୁ ବିଚାର କରି ଦେଖୁଥା'ନ୍ତି ଏବଂ ସେମାନଙ୍କ ଆଖି ଯେଉଁସବୁ ବସ୍ତୁ ଉପରେ ପଡ଼ୁଥାଏ, ସେଗୁଡ଼ିକ ଉପରେ ଆପଣାର ନିର୍ଦ୍ଦିଷ୍ଟ ମତମାନ ପୋଷଣ କରିବାକୁ ଆରମ୍ଭ କରି ଦେଇଥାଆନ୍ତି । ହେଠି ଖୁବ୍ କ୍ୱଚିତ୍ କୌଣସି ପିଲା କାନ୍ଦୁଥିବାର ଶୁଣାଯାଏ । ଉଦାହରଣ ସ୍ୱରୂପ, ଯେତେବେଳେ ଦେହରେ କୌଣସି ଆଘାତ ବାଜିଥିବାରୁ ତା'ର ଆଖିରୁ ଲୁହ

* "ଜାପାନର ଅନୁଭୂତି"

'oaob.nitrkl.ac.in' images reprocessed

ବୋଧ୍ହୁଏ ଆସୁଥାଏ, ସେତେବେଳେ ତା'ର ମାଆ କି ବାପା ତାକୁ ଉଦ୍ଦେଶ୍ୟ କରି ଅତି ଧୀର କଣ୍ଠରେ ମାତ୍ର କେତୋଟି ଶବ୍ଦ ଉଚ୍ଚାରଣ କରନ୍ତି ଏବଂ ସେଥିରେହିଁ ତା'ର ସବୁ ଦୁଃଖ ଅନ୍ତର୍ହିତ ହୋଇଯାଏ । ସେହିସବୁ କଥାରେ ପ୍ରକୃତରେ କେଉଁଠି କ'ଣ କୁହୁକ ଥାଏ ଯେ ତାହା ଶୁଣି ପିଲାମାନେ ଏତେ ସହଜରେ ସବୁ କଥା ବୁଝି ଯାଆନ୍ତି ? ସେହି ଶବ୍ଦଗୁଡ଼ିକ ବସ୍ତୁତଃ ଖୁବ ସହଜ ଓ ସରଳ, "ତୁ ଜଣେ ସାମୁରାଇ-ଘରର ପିଲା ନା ?" ଏବଂ ଏହି ପ୍ରଶ୍ନଟି ପଚାରି ଦେବା ମାତ୍ରେହିଁ ତାହା ଯଥେଷ୍ଟ ହୁଏ ଏବଂ ତାହାକୁ ଶୁଣି ପିଲା ଆପଣାର ସମସ୍ତ ଶକ୍ତିକୁ ସଂଗ୍ରହ କରି ଆଣିବାକୁ ସମର୍ଥ ହୁଏ ଏବଂ ଆପଣାର ଦୁର୍ବଳତା ଉପରେ ଜୟ ଲାଭ କରେ ।

ରାସ୍ତାରେ ଶହ ଶହ ପିଲା ସେମାନଙ୍କର ସୁନ୍ଦର ଚକଚକ 'କିମୋନୋ'*, ପିନ୍ଧି ମନ ଖୁସିରେ ଖେଳୁଆନ୍ତି, ରାସ୍ତାରେ ଚାଲିଯାଉଥିବା 'କୁରୁମା'** ଅଥବା ସାଇକେଲମାନ ସେମାନଙ୍କର ଖେଳରେ ଆଦୌ କୌଣସି ବାଧା ସୃଷ୍ଟି କରୁ ନ ଥାଏ । ସେମାନେ କେତେ ଜୁଡ଼ିଆ ଓ ଚିତ୍ତାକର୍ଷକ ଖେଳ ଖେଳୁଆନ୍ତି, ଅଳପରେ ବି କେତେ ଖୁସି ହେଉଥାନ୍ତି, ଏବଂ ଗୀତ ଗାଉଥାନ୍ତି ଓ ହସିବାରେ ଲାଗିଥାନ୍ତି ।

ଏହି ପିଲାଏ ଯେତେବେଳେ ଟିକିଏ ବଡ଼ ହୋଇ ଯାଆନ୍ତି, ତଥାପି ପିଲା ଥାଆନ୍ତି, ସେତେବେଳେ ତୁମେ ସେମାନଙ୍କୁ ଟ୍ରାମ୍‌ଗାଡ଼ିମାନଙ୍କରେ ଦେଖିବାକୁ ପାଇବ । ସେମାନେ ଦେହରେ ବିଦେଶୀ ପୋଷାକ ପିନ୍ଧିଥିବେ, ମୁଣ୍ଡରେ ସ୍କୁଲ୍-ପିଲାଙ୍କ ଟୋପି ଲଗାଇଥିବେ, ପିଠି ଉପରେ ଗୋଟାଏ ମୁଣାରେ ବସ୍ତାନି ପକାଇ-ଥିବେ,—ଆପେ ଯେ ଜଣେ ଜଣେ ମଣିଷ, ସେହି ବିଷୟରେ ଗର୍ବ ଅନୁଭବ କରୁ-ଥିବେ ଏବଂ, ଯାହାକିଛି ସେମାନେ ଶିକ୍ଷା କରୁଛନ୍ତି ଓ ଶିକ୍ଷା କରିବାକୁ ଯାଉଛନ୍ତି, ସେଥିରେ ଆହୁରି ଅଧିକ ଗର୍ବ ଅନୁଭବ କରୁଥିବେ । କାରଣ, ସେମାନେ ଆପଣାର ପାଠପଢ଼ାକୁ ପ୍ରକୃତରେ ଖୁବ ଭଲ ପାଆନ୍ତି ଏବଂ ଗୁରୁତ୍ୱ ହିସାବରେ ଖୁବ ଗମ୍ଭୀର ଭାବରେ ଆପଣାର ପାଠକୁ ପଢ଼ନ୍ତି । ଆପଣାର କ୍ରମବର୍ଦ୍ଧମାନ ଜ୍ଞାନରେ ବୃଦ୍ଧିସାଧନ କରୁଥିବା କୌଣସି ସୁଯୋଗକୁ ସେମାନେ କଦାପି ହରାଇବାକୁ ଇଚ୍ଛା କରନ୍ତି ନାହିଁ । ଏବଂ ସ୍କୁଲ୍‌ପାଠ ସରିଗଲେ ଯେତେବେଳେ ସେମାନଙ୍କୁ କିଛି ସମୟ ଖାଲି ମିଳେ, ସେତେବେଳେ ମଧ୍ୟ ସେମାନେ ବହି ପଢ଼ୁଥାନ୍ତି । ଜାପାନୀ ପିଲାଙ୍କର ବହି ପଢ଼ିବାରେ ଖୁବ ଆଗ୍ରହ ରହିଥାଏ । ଟୋକିଓ ସହରର ଗୋଟାଏ ପ୍ରଧାନ ରାସ୍ତା

* ଜାପାନର ପାରମ୍ପରିକ ଢଉଡ଼ା ଆସ୍ତିନ୍‌ଥିବା ପୋଷାକ ।

** ଅନେକ ପ୍ରକାରର ଯାନ ଲାଗି ଏହି ଶବ୍ଦଟି ବ୍ୟବହୃତ ହୁଏ; ଏଠାରେ ଏହା ସମ୍ଭବତଃ ଗୋଟିଏ ଗାଡ଼ି ବା ରିକସାକୁ ବୁଝାଇବ ।

'oaob.nitrkl.ac.in' images reprocessed

ପ୍ରାୟ ସମ୍ପୂର୍ଣ୍ଣ ଭାବରେ ଖାଲି ପୁରୁଣା ବହିମାନଙ୍କର ଦୋକାନରେ ଭର୍ତ୍ତି ହୋଇ ରହିଛି । ବର୍ଷର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏହିସବୁ ଦୋକାନରେ ଛାତ୍ରମାନଙ୍କର ଭିଡ଼ ଲାଗିଥାଏ, ଏବଂ, ଅଧିକାଂଶ ସମୟରେ ସେମାନେ ଯେ ସେହିସବୁ ଦୋକାନରେ ଉପନ୍ୟାସବହି ଖୋଜୁଥାନ୍ତି, ସେକଥା ମୋଟେ ନୁହେଁ !

ବିଦେଶୀ ଭାଷା ଶିକ୍ଷା କରିବାକୁ ସେମାନଙ୍କର ସାଧାରଣତଃ ଭାରି ଆଗ୍ରହ ଥାଏ । ଏବଂ, ଯେତେବେଳେ ସେମାନେ କୌଣସି ବିଦେଶୀଙ୍କୁ ଭେଟନ୍ତି, ସେତେବେଳେ ସାଧାରଣତଃ ଭାରି ସଙ୍କୋଚ କରୁଥିବା ପରି ମନେ ହେଉଥିଲେ ମଧ୍ୟ ସେମାନେ ଆପଣାର ବିଦେଶୀ ଭାଷାଜ୍ଞାନକୁ ଯଥାଶକ୍ତି କାମରେ ଲଗାଇଥାନ୍ତି··· (ବାକ୍ୟଟି ଏହିଠାରେ ଅଧା ରହିଯାଇଛି ।)

ଯେଉଁ ଦେଶରେ ପିଲାମାନେ ଏପରି ଓ ସେମାନଙ୍କ ସହିତ ଏହିପରି ଭାବରେ ବ୍ୟବହାର କରାଯାଏ, ସେହି ଦେଶ ଯେ ଅଗ୍ରଗତି ଓ ପୂର୍ଣ୍ଣ ଦକ୍ଷତାର ମାର୍ଗରେ ଏବେ ମଧ୍ୟ ଆରୋହଣ କରି ଅବଶ୍ୟ ଯାଉଥିବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ ।

'oaob.nitrkl.ac.in' images reprocessed

ଜାପାନର ନାରୀମାନଙ୍କୁ

ମୋ' ମତରେ ଜାପାନର ନାରୀମାନଙ୍କୁ ପିଲାମାନଙ୍କ ବିଷୟରେ କିଛି କହିବାର ଅର୍ଥ ହେଉଛି ସେମାନଙ୍କ ପାଖରେ ସବୁଠାରୁ ଅଧିକ ପ୍ରିୟ ଏବଂ ଅଧିକ ପବିତ୍ର ହୋଇ ରହିଥିବା ଏକ ବିଷୟରେ କିଛି କହିବା । ବସ୍ତୁତଃ, ପୃଥିବୀର ଅନ୍ୟ କୌଣସି ଦେଶରେ ପିଲାମାନଙ୍କୁ ଏତେଦୂର ମହତ୍ତ୍ୱପୂର୍ଣ୍ଣ ଓ ମୌଳିକ ସ୍ଥାନ ଆଦୌ ଦିଆଯାଇ ନାହିଁ । ଏଠାରେ ପିଲାମାନେହିଁ ସକଳ ଆଦର ଓ ସକଳ ଯତ୍ନର କେନ୍ଦ୍ରବସ୍ତୁ ହୋଇ ରହିଛନ୍ତି । ସେହିମାନଙ୍କ ଉପରେହିଁ ଯଥାର୍ଥ ଭାବରେ ଭବିଷ୍ୟତର ଯାବତୀୟ ଆଶା ନ୍ୟସ୍ତ ହୋଇ ରହିଛି । ଦେଶର ଏହି କ୍ରମବର୍ଦ୍ଧମାନ ସମୃଦ୍ଧି ଲାଗି ସେମାନେ ଜୀବନ୍ତ ପ୍ରତିଶ୍ରୁତିପ୍ରାପ୍ତ ହୋଇ ରହିଛନ୍ତି । ତେଣୁ ଶିଶୁର ଲାଳନପାଳନହିଁ ଜାପାନରେ ନାରୀର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇ ରହିଛି । ଜନନୀ ହେବାକୁହିଁ ନାରୀର ସର୍ବପ୍ରଧାନ ଭୂମିକା ବୋଲି ସ୍ୱୀକାର କରାଯାଉଛି । ମାତ୍ର ଜନନୀ ହେବାର ଯଥାର୍ଥ ତାତ୍ପର୍ଯ୍ୟଟିକୁ ବୁଝିଥିଲେ ସିନା ଆମେ ଏହି କଥାଟିକୁ ସତ୍ୟ ବୋଲି କହି ପାରିବା ! କାରଣ, ଠେକୁଆମାନେ ଯେପରି ଛୁଆ ଜନ୍ମ କରନ୍ତି, ସେହିପରି ଏକ ସହଜାତ ପ୍ରବୃତ୍ତି ଦ୍ୱାରା ଚାଳିତ ହୋଇ ଯନ୍ତ୍ରବତ୍ ସମ୍ପୂର୍ଣ୍ଣ ଅଜ୍ଞାନ ଭାବରେ ପିଲାମାନଙ୍କୁ ଭୂମିଷ୍ଠ କରାଇବାକୁ କଦାପି ଜନନୀ ହେବା ବୋଲି କୁହାଯାଇ ପାରିବ ନାହିଁ । ସଚେତନ ଭାବରେ ଗୋଟିଏ ସତ୍ତାକୁ ଜନ୍ମଦେବା, ଏକ ନୂତନ ଶରୀରର ବିକାଶ କରାଇ ତାହାକୁ କାମରେ ଲଗାଇବାକୁ ଆସୁଥିବା ଏକ ଆତ୍ମାକୁ ଇଚ୍ଛାକୃତ ଭାବରେ ଏକ ଆକାର ପ୍ରଦାନ କରିବା,—ଏଇଥିରୁହିଁ ଯଥାର୍ଥ ଜନନୀତ୍ୱ ଆରମ୍ଭ ହୋଇଥାଏ । ଆଧ୍ୟାତ୍ମିକ କ୍ଷେତ୍ର ହେଉଛି ନାରୀମାନଙ୍କର ଯଥାର୍ଥ କ୍ଷେତ୍ର । ଆମେ ଏହି କଥାଟିକୁ ଅଧିକାଂଶ ସମୟରେହିଁ ଭୁଲି ଯାଇଥାଉ ।

ଗୋଟିଏ ଶିଶୁକୁ ଗର୍ଭରେ ଧାରଣ କରିବା ଏବଂ ପ୍ରାୟ ଅବଚେତନ ଭାବରେ ତାହାର ଶରୀରର ଗଠନ କରିବା,—ଏତିକି କଦାପି ଯଥେଷ୍ଟ ନୁହେଁ । ଭାବନା ଏବଂ ସ୍ୱଇଚ୍ଛାର ସାମର୍ଥ୍ୟଶକ୍ତି ଦେଇ ଆମେ ଯେତେବେଳେ ଏକ ଆଦର୍ଶକୁ ଅଭିବ୍ୟକ୍ତ କରିବାର ଯୋଗ୍ୟ ଏକ ଜୀବନକୁ ଗର୍ଭରେ ଧାରଣ କରୁ ଓ ତାହାକୁ ସୃଷ୍ଟି କରି ଆଣୁ, ଏହି କାର୍ଯ୍ୟଟି ଯଥାର୍ଥତଃ ସେହି ସମୟରୁହିଁ ଆରମ୍ଭ ହୋଇଥାଏ ।

'oaob.nitrkl.ac.in' images reprocessed

ଏତେ ବଡ଼ ଗୋଟିଏ କଥାକୁ ସମ୍ଭବ କରିବା ଲାଗି ଆମଠାରେ ଆଦୌ ଯଥେଷ୍ଟ ଶକ୍ତି ନାହିଁ, ଆପଣମାନେ ଏକଥା ଯେପରି କଦାପି ନ କହନ୍ତୁ ! ପ୍ରମାଣ ସ୍ୱରୂପ ଆମେ ଠିକ୍ ଏହି ଫଳସାଧନକାରୀ ଶକ୍ତିଟିର ଅଗଣିତ ଉଦାହରଣ ଦେଇ ପାରିବା ।

ଅନେକ ବର୍ଷ ପୂର୍ବେ ସର୍ବପ୍ରଥମେ ବାହ୍ୟ ପରିବେଶର ପ୍ରଭାବକୁ ସମସ୍ତେ ସ୍ୱୀକାର କରୁଥିଲେ ଓ ତାହାର ଅଧ୍ୟୟନ କରୁଥିଲେ । ନାରୀର ଚତୁର୍ଦ୍ଦିଗରେ କଳା ଏବଂ ସୌନ୍ଦର୍ଯ୍ୟପୂର୍ଣ୍ଣ ଏକ ବାହ୍ୟ ପରିବେଶ ମହଜୁଦ କରି ରଖି ପ୍ରାଚୀନ ଗ୍ରୀକ୍‌ମାନେ ଅଳ୍ପ ଅଳ୍ପ କରି ଆପଣାକୁ ଏକ ଅତ୍ୟନ୍ତ ସୌଷ୍ଠମ୍ୟଯୁକ୍ତ ଏକ ଜାତିରୂପେ ଗଠନ କରି ପାରିଥିଲେ ।

ଏହି କଥାଟିକୁ ପ୍ରମାଣ କରିବା ଲାଗି କେତେକେତେ ବ୍ୟକ୍ତିଗତ ଉଦାହରଣ ରହିଛି । ଏପରି ଜଣେ ଗର୍ଭଧାରିଣୀ ନାରୀଙ୍କର ଦୃଷ୍ଟାନ୍ତ ମିଳିବା ଆଦୌ ବିରଳ ନୁହେଁ, ଯିଏକି ଗର୍ଭବତୀ ଥିବାବେଳେ କୌଣସି ଏକ ସୁନ୍ଦର ଚିତ୍ର ବା ମୂର୍ତ୍ତିକୁ ଅନୁକ୍ଷଣ ଅବଲୋକନ କରୁଥିଲେ ଓ ତାହାର ସୌନ୍ଦର୍ଯ୍ୟକୁ ଅନୁଭବ କରୁଥିଲେ ଏବଂ ପରେ ଠିକ୍ ଏହି ଚିତ୍ର ବା ଏହି ମୂର୍ତ୍ତିଟିର ଅନୁରୂପ ଏକ ଶିଶୁକୁ ଜନ୍ମ ଦେଇଥିଲେ । ମୁଁ ନିଜେ ଏପରି ଏକାଧିକ ଦୃଷ୍ଟାନ୍ତ ଜାଣିଛି । ଏମାନଙ୍କ ମଧ୍ୟରୁ ଦୁଇଜଣ ସାନ ଝିଅଙ୍କ କଥା ମୋ'ର ପରିଷ୍କାର ମନେ ଅଛି । ଝିଅ ଦୁହେଁ ଜାଆଁଳା ଓ ଦେଖିବାକୁ ଭାରି ସୁନ୍ଦର । ମାତ୍ର ସବୁଠାରୁ ଅଧିକ ଆଶ୍ଚର୍ଯ୍ୟର କଥା ସେମାନଙ୍କ ପିତାମାତାଙ୍କ ସହିତ ସେମାନଙ୍କର ପ୍ରାୟ ଆଦୌ କୌଣସି ସାମଞ୍ଜସ୍ୟ ନଥିଲା । ସେମାନଙ୍କୁ ଦେଖିଲା ମାତ୍ରକେ ଜଣେ ଇଂରେଜ କଳାକାର ରେନୋଲ୍‌ଡ଼୍‌ସ୍‌ଙ୍କର ଗୋଟିଏ ଚିତ୍ର ଭାରି ମନେ ପଡ଼ି ଯାଉଥିଲା । ଦିନେ ମୁଁ ସେମାନଙ୍କ ମାଆଙ୍କ ଆଗରେ ସେହି ମତଟିକୁ ପ୍ରକାଶ କରିବାରୁ ସିଏ ସଙ୍ଗେ ସଙ୍ଗେ କହି ଉଠିଲେ, "ହଁ, ଠିକ୍ ସେହିପରି ହୋଇ ନାହାନ୍ତି ? ତୁମେ ନିଶ୍ଚୟ ଏକଥା ଶୁଣିବାକୁ ଆଗ୍ରହ ପ୍ରକାଶ କରିବ ଯେ ଏହି ଦୁଇଟି ପିଲା ମୋ ପେଟରେ ଥିଲାବେଳେ ରେନୋଲ୍‌ଡ଼୍‌ସ୍‌ଙ୍କ ଚିତ୍ରଟିର ଏକ ସୁନ୍ଦର ନକଲକୁ ମୁଁ ମୋ' ଶୋଇବା ବିଛଣା ଉପରେ ଝୁଲାଇ କରି ରଖିଥିଲି । ନିତି ଶୋଇବାକୁ ଯିବା ପୂର୍ବରୁ ଏବଂ ବିଛଣାରୁ ଉଠିବା ପୂର୍ବରୁ ଦିନ ଶେଷରେ ଓ ଦିନ ଆରମ୍ଭରେ ସେହି ଛବିଟିହିଁ ମୋ' ଆଖିରେ ପଡ଼ୁଥିଲା ; ଏବଂ ନିଜ ଅନ୍ତର ଭିତରେ ମୁଁ ଏହି ଆଶାଟିକୁ ପୋଷଣ କରୁଥିଲି : ମୋ' ପିଲାମାନଙ୍କର ମୁହଁ ଠିକ୍ ଏହି ଛବିରେ ଥିବା ମୁହଁଗୁଡ଼ିକ ପରି ହୁଅନ୍ତା କି ? ମୋ'ର ସେହି ଆଶା କିପରି ଫଳବତୀ ହେଲା, ଆପଣ ଦେଖିଲେ ତ ?" ସେ ଆପଣାର ଏହି ସଫଳତା ପାଇଁ ପ୍ରକୃତରେ ଗର୍ବ ଅନୁଭବ କରୁଥିଲେ, ଏବଂ ଅନ୍ୟ ସ୍ତ୍ରୀଲୋକମାନେ ମଧ୍ୟ ତାଙ୍କର ଏହି ଦୃଷ୍ଟାନ୍ତଟିରୁ ଅନେକ କିଛି ଶିଖି ପାରିବେ ।

'oaob.nitrkl.ac.in' images reprocessed

'ମାତ୍ର, ସାମଗ୍ରୀଗୁଡ଼ିକ ସବୁଠାରୁ କମ ନମନୀୟ ହୋଇ ରହିଥିବା ଦୈହିକ କ୍ଷେତ୍ରରେ ଯଦି ଆମକୁ ଏପରି ଫଳମାନ ମିଳି ପାରୁଛି, ଭାବନା ଏବଂ ଇଚ୍ଛାର ପ୍ରଭାବ ଏତେ ଶକ୍ତିଶାଳୀ ହୋଇ ରହିଥିବା ମନୋଗତ ଭୂମିରେ ଆମକୁ ଆହୁରି କେତେ ଅଧିକ ଫଳ ନ ମିଳିବ ? ତେଣୁ ଆମେ କାହିଁକି ବଂଶାନୁକ୍ରମ ଓ କୁଳାଗତତାର ଅସ୍ପଷ୍ଟ ପ୍ରଭାବଗୁଡ଼ିକ ଉପରେ ଏତେ ଆସ୍ଥା ରଖିବା ? ଯେତେବେଳେ ଅଭିନିବେଶ ଏବଂ ଇଚ୍ଛାଶକ୍ତି ସାହାଯ୍ୟରେ ଆମେ କଳ୍ପନା କରି ପାରୁଥିବା ସର୍ବୋଚ୍ଚ ଆଦର୍ଶଟି ମୁତାବକ ଏକ ନିର୍ଦ୍ଦିଷ୍ଟ ସ୍ୱରୂପର ଗଠନକୁ ସମ୍ଭବ କରି ପାରିବା, ତେବେ ଆମର ସ୍ୱଭାବଗତ ପ୍ରବୃତ୍ତିଗୁଡ଼ିକ ଲାଗି କେବଳ ନାନା ଅବଚେତନ ଅଭିରୁଚି ପରି କାର୍ଯ୍ୟ କରୁଥିବା ସେହି ବଂଶାନୁକ୍ରମ ଓ କୁଳାଗତତା ଉପରେ କାହିଁକି ଏତେ ବିଶ୍ୱାସ କରିବା ? ସେହି ଉଦ୍ୟମଟିକୁ କରିପାରିଲେ ଜନନୀକ୍ରିୟା ଯଥାର୍ଥରେ ଏକ ମୂଲ୍ୟବାନ ଏବଂ ପବିତ୍ର ବସ୍ତୁରେ ପରିଣତ ହେବ, ଏହା ଦ୍ୱାରା ଆମେ ବସ୍ତୁତଃ ପରମ ଚିଦ୍‌ଗତତାର ସେହି ଗୌରବମୟ ଲୀଳାଭୂମିଟି ମଧ୍ୟରେ ଯାଇ ପ୍ରବେଶ କରୁ । ତଦ୍ୱାରା ନାରୀନର ପଶୁତ୍ୱର ଅନେକ ଊର୍ଦ୍ଧ୍ୱକୁ ଯିବାକୁ ସମର୍ଥ ହେବ । ପଶୁତ୍ୱର ସାଧାରଣସ୍ୱଭାବସ୍ଥ ସହଜାତ ପ୍ରବୃତ୍ତିଗୁଡ଼ିକର ଶାରଗୁଡ଼ାକୁ ଅତିକ୍ରମ କରିଯାଏ, ଯଥାର୍ଥ ମାନବତ୍ୱ ଏବଂ ତାହାର ସାମର୍ଥ୍ୟଗୁଡ଼ିକ ଆଡ଼କୁ ଉନ୍ମୋଚିତ ହୋଇଯାଏ ।

ତେଣୁ, ଏହି ପ୍ରୟାସ ଏବଂ ଉଦ୍ୟମଟିରେହିଁ ଆମର ପ୍ରକୃତ କର୍ତ୍ତବ୍ୟ ନିହିତ ହୋଇ ରହିଛି । ଏବଂ ସବୁ ଯୁଗରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ହୋଇ ରହି ଆସିଥିବା ସେହି କର୍ତ୍ତବ୍ୟ ବିଶ୍ୱବିବର୍ତ୍ତନର ଏହି ବର୍ତ୍ତମାନ ପର୍ଯ୍ୟାୟଟିରେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇ ରହିଛି ।

କାରଣ ଆମେ ବର୍ତ୍ତମାନ ଏକ ବିଶେଷ ଯୁଗରେ ଓ ବିଶ୍ୱ-ଇତିହାସର ଏକ ବିଶେଷ ସନ୍ଧିକ୍ଷଣରେ ବାସ କରୁଛୁ । ସମ୍ଭବତଃ ଏଥି ପୂର୍ବରୁ ଆଉ କେବେହେଲେ ବି ମନୁଷ୍ୟ ଜାତିକୁ ଘୃଣା, ରକ୍ତପାତ ଏବଂ ଦାରୁଣ ବିଭ୍ରାନ୍ତିର ଏତେ ଅଧିକ ଅନ୍ଧକାରମୟ ପର୍ଯ୍ୟାୟ ମଧ୍ୟରେ ଗତି କରିବାକୁ ପଡ଼ି ନଥିଲା । ଏବଂ, ଯୁଗପତ୍ ଭାବରେ, ଏଥି ପୂର୍ବରୁ ଆଉ କେବେହେଲେ ବି ଜନଗଣଙ୍କର ହୃଦୟରେ ଏପରି ଏକ ଶକ୍ତିଶାଳୀ ଏବଂ ଦୀପ୍ତିମନ୍ତ ଆଶାର ଜାଗରଣ ଘଟି ନଥିଲା । ବସ୍ତୁତଃ, ଯଦି ଆମେ ଆମ ହୃଦୟ ଭିତରର ବାଣୀଟିକୁ କେବେ କାନ ଡେରି ଶୁଣିବା, ତେବେ ଆମେ ତତ୍‌କ୍ଷଣାତ୍ ଅନୁଭବ କରିବାକୁ ଲାଗିବା ଯେ ଆମେ ଅଳ୍ପ ଅଥବା ଅଧିକ ସଚେତନ ଭାବରେ ନ୍ୟାୟ, ସୌନ୍ଦର୍ଯ୍ୟ, ସୌଷମ୍ୟଯୁକ୍ତ ସଦିଚ୍ଛା ଏବଂ ଭ୍ରାତୃତ୍ୱର ଏକ ନୂତନ ଶାସନ ଲାଗି ଅପେକ୍ଷା କରି ରହିଛୁ । ମାତ୍ର, ବର୍ତ୍ତମାନ ଜଗତ ପ୍ରକୃତରେ ଯେପରି ଅବସ୍ଥାରେ ରହିଛି, ସେହି ଆଦର୍ଶଟି ତାହାର ସମ୍ପୂର୍ଣ୍ଣ ଓଲଟା

'oaob.nitrkl.ac.in' images reprocessed

ବୋଲି ମନେ ହେଉଛି । କିନ୍ତୁ ଆମ ସମସ୍ତଙ୍କୁ ତ ଜଣାଅଛି ଯେ ଠିକ୍ ଉଷା-କାଳର ପୂର୍ବରୁହିଁ ରାତ୍ରିର ଅନ୍ଧକାର ସବୁଠାରୁ ଅଧିକ ଘନ ହୋଇ ରହିଥାଏ । ତେଣୁ ଏହି ଅନ୍ଧକାର ଯେ ସେହି ଆସନ୍ନ ପ୍ରଭାତରହିଁ ଏକ ସଙ୍କେତ ଦେଇଯାଉଛି, ସେକଥା କି ସମ୍ଭବ ହୋଇ ନଥିବ କାହିଁକି ? ଏବଂ ରାତ୍ରିକାଳଟି ମଧ୍ୟ ଏଥି ପୂର୍ବରୁ ଆଦୌ ଏତେବେଶୀ ସମ୍ପୂର୍ଣ୍ଣ ଭାବରେ ରାଜତ୍ୱ କରି ନଥିଲା, ଆଦୌ ଏତେବେଶୀ ଭୟଙ୍କର କଦାପି ହୋଇ ନଥିଲା । ହୁଏତ ସେଥିଲାଗି ଏହା ପରେ ଯେଉଁ ନୂତନ ପ୍ରଭାତଟି ଆସୁଛି, ତାହା ପୂର୍ବର ସକଳ ପ୍ରଭାତଠାରୁ ଅଧିକ ଉଜ୍ଜ୍ୱଳ ହେବ, ଅଧିକ ବିଶୁଦ୍ଧ ଏବଂ ଅଧିକ ଦେଦୀପ୍ୟମାନ କି ହେବ । ···ରାତ୍ରିର ଏହି ଦୁଃସ୍ୱପ୍ନଗୁଡ଼ାକ ଅତିକ୍ରାନ୍ତ ହୋଇଗଲା ପରେ ଆମର ପୃଥିବୀ ଏକ ନୂତନ ଚେତନା ମଧ୍ୟରୁହିଁ ଜାଗ୍ରତ ହୋଇ ଉଠିବ ।

ଏପରି ଏକ ନାଟକୀୟ ଢଙ୍ଗରେ ବର୍ତ୍ତମାନ ଯେଉଁ ସଭ୍ୟତାଟି ଅନ୍ତ ହୋଇଯିବାକୁ ଯାଉଛି, ତାହା ମାନସିକ କ୍ଷେତ୍ରର ଶକ୍ତିକୁ ଆଶ୍ରୟ କରି ଠିଆହୋଇ ରହିଥିଲା, କେବଳ ଜଡ଼ ଏବଂ ପ୍ରାଣକୁ ନେଇ ବ୍ୟସ୍ତ ରହିଥିବା ମନର ଭୂମି ଉପରେ ଠିଆ ହୋଇଥିଲା । ଏହା ଦ୍ୱାରା ପୃଥିବୀର କ'ଣ ହୋଇଛି ବା ନହୋଇଛି, ସେକଥା ଆମେ ଏଠାରେ ଆଦୌ ଆଲୋଚନା କରିବା ନାହିଁ । ମାତ୍ର ଏକ ନୂତନ ରାଜତ୍ୱ ଆସୁଛି, ପରମ ଚିନ୍ମୟତାର ରାଜତ୍ୱ ଆସୁଛି । ମନୁଷ୍ୟର ସୋପାନଟି ପରେ ଦେବତାର ସୋପାନଟିହିଁ ଆସୁଛି ।

ତଥାପି, ଏପରି ଏକ ସଙ୍କଟ ଏବଂ ଅସାଧାରଣ ସମୟରେ ଯେ ଏହି ପୃଥିବୀରେ ଜୀବନଧାରଣ କରି ରହିବାର ସୌଭାଗ୍ୟ ଆମକୁ ମିଳିଛି, ସେତେବେଳେ କେବଳ ଠିଆହୋଇ ରହି ଘଟଣାଗୁଡ଼ିକୁ ଉନ୍ମୋଚିତ ହୋଇ ଯାଉଥିବାର ଦେଖିଲେହିଁ କ'ଣ ତାହା ଯଥେଷ୍ଟ ହୋଇଯିବ ? ସେମାନଙ୍କର ନିଜ ବ୍ୟକ୍ତିଗତ ତଥା ପାରିବାରିକ ଜୀବନର ସୀମାଗୁଡ଼ିକ ଅପେକ୍ଷା ସେମାନଙ୍କର ହୃଦୟ ଆହୁରି ଅଧିକ ଦୂରକୁ ସମ୍ପ୍ରସାରିତ ହୋଇ ରହିଛି ବୋଲି ଯେଉଁମାନେ ଅନୁଭବ କରୁଛନ୍ତି, ସେମାନଙ୍କର ଭାବନା କେବଳ କ୍ଷୁଦ୍ର ବ୍ୟକ୍ତିଗତ ସ୍ୱାର୍ଥ ଏବଂ ସ୍ଥାନୀୟ ରୀତି ଓ ନୀତି-ଗୁଡ଼ାକ ଅପେକ୍ଷା ଆହୁରି ଅଧିକ କିଛିକୁ ସ୍ପର୍ଶ କରି ରହିଛି ବୋଲି ଯେଉଁମାନେ ଅନୁଭବ କରୁଛନ୍ତି, ସଂକ୍ଷେପରେ କହିଲେ, ଯେଉଁମାନେ ଏକଥା ଅନୁଭବ କରୁଛନ୍ତି ଯେ ସେମାନେ ପ୍ରକୃତରେ ନିଜର, ନିଜ ପରିବାରର ବା ଏପରିକି ନିଜ ଦେଶର ଗୋଟାସୁଦ୍ଧା ସମ୍ପତ୍ତି ନୁହନ୍ତି, ମାତ୍ର, ସକଳ ଦେଶରେ ସମଗ୍ର ମନୁଷ୍ୟଜାତିର ମଧ୍ୟଦେଇ ଆପଣାକୁ ପ୍ରକାଶିତ କରି ରଖିଥିବା ସେହି ପରମେଶ୍ୱରଙ୍କରହିଁ ଯଥାର୍ଥରେ ସେମାନଙ୍କ ଉପରେ ଅଧିକାର ରହିଛି, ସେମାନେ ବସ୍ତୁତଃ ଏହି କଥାଟିକୁ ମଧ୍ୟ

'oaob.nitrkl.ac.in' images reprocessed

ଅବଶ୍ୟ ଜାଣିଛନ୍ତି ଯେ ସେମାନଙ୍କୁ ଜାଗ୍ରତ ହୋଇ ଉଠିବାକୁ ପଡ଼ିବ ଏବଂ ସମଗ୍ର ମନୁଷ୍ୟଜାତି ସକାଶେ ତଥା ସେହି ମହାନ୍ ପ୍ରଭୁତତିର ଆଗମନ ସକାଶେ କାର୍ଯ୍ୟ ଆରମ୍ଭ କରିଦେବାକୁ ହେବ ।

ଏବଂ, ଏହି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ, ଅମିତ ଓ ବହୁସୀମାବିଶିଷ୍ଟ କର୍ମଧାରାଟି ମଧ୍ୟରେ ନାରୀଜାତିର କାର୍ଯ୍ୟ ପ୍ରକୃତରେ କ'ଣ ହେବ ? ଏକଥା ସବୁବେଳେ ଘଟିଛି ଯେ, ଯେତେବେଳେ ବିଶାଳ ଘଟନା ଏବଂ ବିପୁଳ କର୍ମଦାୟିତ୍ୱର ବେଳ ଆସି ପହଞ୍ଚିଛି, ସେତେବେଳେ ସାଧାରଣତଃ ଏପରି ଏକ ପୃଷ୍ଠପୋଷକତାପୂର୍ଣ୍ଣ ଅବଜ୍ଞା ସହିତ ଇଙ୍ଗିତ ହିଁ ନାରୀମାନଙ୍କୁ ଏକ ଅପ୍ରଧାନ ସ୍ଥାନ କୋଣଟି ମଧ୍ୟରେ ରହି ଆପଣାର ଯାବତୀୟ କାମ କରିବାକୁ ଦିଆଯାଇଛି, ଯାହାର ଅର୍ଥ ହେଉଛି,—ଏସବୁ ବଡ଼କାମ ତୁମ ଲାଗି ନୁହେଁ, ତୁମେମାନେ ଦୁର୍ବଳ ଓ ଅସମର୍ଥ, ତୁମମାନଙ୍କ ଦ୍ୱାରା ଏସବୁ ହୋଇପାରିବ ନାହିଁ ।···ଏହି ନାରୀମାନେ ବି, ଅତ୍ୟନ୍ତ ଅନେକ ଦେଶରେ, ଭାରି ବାଧ୍ୟ, ଶିଶୁସୁଲଭ ଓ ହୁଏତ ଆଳସ୍ୟପରାୟଣ ଭାବରେ ଏହି ସ୍ଥାନ ସ୍ଥିତିଟିକୁ ସ୍ୱୀକାର କରି ନେଇଛନ୍ତି । ଏପରି କରି ସେମାନେ ଭାରି ଭୁଲ୍ କରୁଛନ୍ତି ବୋଲି ମୁଁ ଅବଶ୍ୟ କହିବି । କାରଣ, ଭବିଷ୍ୟତର ଜୀବନରେ ପୁରୁଷ ଏବଂ ନାରୀ ମଧ୍ୟରେ ଏପରି ଏକ ବିଭାଜନ ଏବଂ ଅସମତା ଲାଗି ଆଉ କୌଣସି ସ୍ଥାନହିଁ ରହିବ ନାହିଁ । ନାରୀ ଓ ପୁରୁଷ ମଧ୍ୟରେ ଯେଉଁ ଯଥାର୍ଥ ସମ୍ବନ୍ଧଟି ରହିବ, ସେଇଟି ହେଉଛି ଯେ ସେମାନେ ପରସ୍ପରର ସମକକ୍ଷ ହୋଇ ରହିବେ, ପରସ୍ପରକୁ ସାହାଯ୍ୟ କରିବେ ଏବଂ ଘନିଷ୍ଠ ଭାବରେ ପରସ୍ପର ସହିତ ସହଯୋଗ କରିପାରୁଥିବେ ଏବଂ, ଏହି ବର୍ତ୍ତମାନ-ଠାରୁ ମଧ୍ୟ ଆମକୁ ସେହି ଯଥାର୍ଥ ଭୂମିକାଟିକୁ ଗ୍ରହଣ କରିବାକୁ ହେବ, ଆମର ଉପଯୁକ୍ତ ସ୍ଥାନ ଓ ଦାୟିତ୍ୱଟିକୁ ଗ୍ରହଣ କରିବାକୁ ପଡ଼ିବ, ଏବଂ ଆମର ଯଥାର୍ଥ ମହତ୍ତ୍ୱଟିକୁ ପ୍ରତିଷ୍ଠିତ କରି ରଖିବାକୁ ପଡ଼ିବ । ଆଧ୍ୟାତ୍ମିକ ରଚନାକାରିଣୀ ଏବଂ ଶିକ୍ଷାଦାୟିନୀରୂପେ ଆମର ମହତ୍ତ୍ୱଟିକୁ ପ୍ରତିଷ୍ଠିତ କରି ରଖିବାକୁ ପଡ଼ିବ । ବସ୍ତୁତଃ, ଆପଣାର ଏହି ତଥାକଥିତ ଶ୍ରେଷ୍ଠତାକୁ ନେଇ ସମ୍ଭବତଃ କିଞ୍ଚିତ୍ ମିଥ୍ୟାଭିମାନ କରୁଥିବା କେତେକ ପୁରୁଷ ହୁଏତ ନାରୀଜାତିର ବାହ୍ୟ ଦୁର୍ବଳତାକୁ ଭାରି ଘୃଣା କରୁଥାନ୍ତି (ଏହି ବାହ୍ୟ ଦୁର୍ବଳତାଟି ମଧ୍ୟ ପ୍ରକୃତରେ ଯେ ଅବଶ୍ୟ ରହିଛି, ସେକଥା ମଧ୍ୟ ସତ୍ୟ ନୁହେଁ) ମାତ୍ର, ଏବେ ଯେପରି କୌଣସି ବ୍ୟକ୍ତି ଯଥାର୍ଥରେ କହିଛନ୍ତି, "ପୁରୁଷ ଯାହା ଇଚ୍ଛା ତାହା କରୁଥାଉ ପଛକେ, ଅତିମାନବକୁ ଜଣେ ନାରୀର ଗର୍ଭରୁହିଁ ଅବଶ୍ୟ ଜନ୍ମଗ୍ରହଣ କରିବାକୁ ପଡ଼ିବ ।"

ଅତିମାନବ ପ୍ରକୃତରେ ନାରୀର ଗର୍ଭରୁହିଁ ଜନ୍ମ ହେବ, ଏହି ବୃହତ୍ ସତ୍ୟଟିକୁ କଦାପି ଖଣ୍ଡନ କରାଯାଇ ପାରିବ ନାହିଁ । ମାତ୍ର, ଏହି ସତ୍ୟଟିକୁ ନେଇ

'oaob.nitrkl.ac.in' images reprocessed

କେବଳ ଗର୍ବ ଅନୁଭବ କଲେ ତାହା କଦାପି ଯଥେଷ୍ଟ ନୁହେଁ । ଆମକୁ ଏହି ସତ୍ୟଟିର ମର୍ମଟିକୁ ଅତ୍ୟନ୍ତ ପରିଷ୍କାର ଭାବରେ ବୁଝିବାକୁ ପଡ଼ିବ, ଏହା ଦ୍ୱାରା ଆମକୁ ଯେଉଁସବୁ ଦାୟିତ୍ୱ ଗ୍ରହଣ କରିବାକୁ ହେବ, ସେ ବିଷୟରେ ସଜ୍ଞାନ ହେବାକୁ ପଡ଼ିବ, ଏବଂ ଆମର ସମ୍ମୁଖସ୍ଥ କର୍ତ୍ତବ୍ୟଟିକୁ ସମ୍ପନ୍ନ କରି ଶିଖିବାକୁ ପଡ଼ିବ । ବର୍ତ୍ତମାନର ଭୁବନବ୍ୟାପୀ କର୍ମଧାରାଟି ମଧ୍ୟରେ ଠିକ୍ ଏହିଟିକୁହିଁ ଆମେ ଆମର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଭାଗଟି ବୋଲି ଜାଣିବା ।

ବର୍ତ୍ତମାନର ଅରାଜକତା ଏବଂ ଅସ୍ପଷ୍ଟତାକୁ ପ୍ରକୃତରେ କେଉଁ ଉପାୟରେ ଅନେକ ଏବଂ ସମଞ୍ଜସତାରେ ରୂପାନ୍ତରିତ କରି ଦିଆଯାଇ ପାରିବ, ଆମକୁ ସର୍ବପ୍ରଥମେ, ଅନ୍ତତଃ ମୋଟାମୋଟି ଭାବରେ ସେହି କଥାଟିକୁ ବୁଝିବାକୁ ପଡ଼ିବ ।

ଏଥିଲାଗି ଅନେକ ଉପାୟର କଥା କୁହାଯାଇଛି : ରାଜନୀତିକ, ସାମାଜିକ, ନୈତିକ ଓ ଧାର୍ମିକ ଅନେକ ଉପାୟର କଥା କୁହାଯାଇଛି । ମାତ୍ର, ଯେଉଁ କର୍ତ୍ତବ୍ୟଟିକୁ ସମ୍ପନ୍ନ କରିବାକୁ ହେବ, ତାହାର ବିଶାଳତା ଦୃଷ୍ଟିରୁ ଏହି ଉପାୟ-ଗୁଡ଼ିକରୁ କୌଣସିଟିହିଁ ସୁନିଶ୍ଚିତ ସଫଳତାର ସହିତ ତାହାର ସମ୍ମୁଖୀନ ହେବେ ବୋଲି ଆଦୌ ମନେ ହେଉ ନାହିଁ । କେବଳ ଏକ ନୂତନ ଆଧ୍ୟାତ୍ମିକ ଅନ୍ତଃପ୍ରବାହ ଯାହା କି ମନୁଷ୍ୟ ମଧ୍ୟରେ ଏକ ନୂତନ ଚେତନାର ସୃଷ୍ଟି କରି ପାରୁଥିବ, ହିଁ ସେହି କର୍ମଟିର ସମ୍ପାଦନ କରିବାକୁ ଯାଉଥିବା ବ୍ୟକ୍ତିମାନଙ୍କର ପଥରେ ପ୍ରତିବନ୍ଧକ ହୋଇ ଠିଆ ହୋଇଥିବା ଅସୁବିଧାଗୁଡ଼ିକର ଅଜସ୍ର ସ୍ତୂପକୁ ଅତିକ୍ରମ କରି ଯାଇପାରିବ । ଏକ ନୂତନ ଆଧ୍ୟାତ୍ମିକ ଆଲୋକର ଆବିର୍ଭାବ ଘଟିବ, ବର୍ତ୍ତମାନ ପର୍ଯ୍ୟନ୍ତ ଆମର ଅଜ୍ଞାତ ହୋଇ ରହିଥିବା କୌଣସି ଏକ ଦିବ୍ୟ ଶକ୍ତିମତ୍ତା ଧରାପୃଷ୍ଠରେ ଆପଣାକୁ ପ୍ରକଟ କରି ଆଣିବ ଏବଂ, ଆମ ଲାଗି ନୂତନ ହୋଇ ରହିଥିବା ଏକ ପରମ ଭଗବତ୍ ଭାବନା ଏହି ପୃଥିବୀ ଉପରେ ଅବତରଣ କରିବ ଏବଂ ଏଠାରେ ଏକ ନୂତନ ଆକାର ଗ୍ରହଣ କରିବ ।

ଏଠାରେ ଆମର ପ୍ରଥମ କଥାଟିକୁ ଆମେ ପୁଣି ଫେରି ଆସିବା ; ପ୍ରକୃତ ଜନନୀତ୍ୱର କର୍ତ୍ତବ୍ୟ କ'ଣ, ସେହି କଥାଟିକୁ ପୁଣି ଫେରି ଆସିବା । କାରଣ, ବର୍ତ୍ତମାନ ପୃଥିବୀର ଅବସ୍ଥାରେ ଏକ ରୂପାନ୍ତର ଘଟାଇବାକୁ ସମର୍ଥ ହେଉଥିବା ସେହି ଆଧ୍ୟାତ୍ମିକ ଶକ୍ତିମତ୍ତାକୁ ଅଭିବ୍ୟକ୍ତ କରି ଆଣିବାକୁ ଅଭିପ୍ରେତ ହୋଇ ରହିଥିବା ଏହି ନୂତନ ମନୁଷ୍ୟ-ଶରୀରର ରଚନା କେବଳ ନାରୀ ବ୍ୟତୀତ ଆଉ କିଏ କରି ପାରିବ ?

ଏଥିରୁ ଆମେ ଭଲକରି ବୁଝି ପାରୁଥିବା ଯେ ପୃଥ୍ୱୀଜୀବନର ଏହି ଘଡ଼ିସନ୍ଧିର ପର୍ଯ୍ୟାୟଟିରେ କେବଳ ଆମ ନିଜର ବ୍ୟକ୍ତିଗତ ସର୍ବୋଚ୍ଚ ଆଦର୍ଶଟିକୁ

'oaob.nitrkl.ac.in' images reprocessed

ପ୍ରକାଶିତ କରି ପାରୁଥିବା ଏକ ସତ୍ତାକୁ ଜନ୍ମ ଦେଲେ ତାହା କଦାପି ଯଥେଷ୍ଟ ହେବ ନାହିଁ; ଭବିଷ୍ୟତର ସେହି ପ୍ରରୂପଟି ପ୍ରକୃତରେ କପର, ଯାହାର ଆଗମନ ଲାଗି ପ୍ରକୃତି ପ୍ରସ୍ତୁତ ହେବାରେ ଲାଗିଛି, ଆମକୁ ସେହି କଥାଟିକୁ ଖୋଜି ବାହାର କରିବାର ଉଦ୍ୟମ କରିବାକୁ ହେବ । ଆମେ ଶୁଣିଥିବା ଓ ଜାଣିଥିବା ସବୁଠାରୁ ବଡ଼ ମଣିଷମାନଙ୍କ ପରି ବା ସେମାନଙ୍କଠାରୁ ଆହୁରି ବଡ଼, ଆହୁରି ଦକ୍ଷ ଓ ପ୍ରତିଭାବାନ୍ ଜଣେ ମଣିଷକୁ ସଂସାରରେ ଅବତୀର୍ଣ୍ଣ କରାଇବାକୁ ଆଉ କଦାପି ଯଥେଷ୍ଟ ବୋଲି କୁହାଯିବ ନାହିଁ । ମାତ୍ର, ଆମକୁ ଆମ ଭାବନା ତଥା ଇଚ୍ଛାଶକ୍ତିର ଅନୁକ୍ଷଣ ଅଭୀପ୍ସା ଦ୍ୱାରା ଆମର ମାନସିକ କ୍ଷେତ୍ରରେ ସେହି ସର୍ବୋଚ୍ଚ ସମ୍ଭାବନାଟିର ସଂସ୍ପର୍ଶରେ ଆସିବାକୁ ଅବଶ୍ୟ ଉଦ୍ୟମ କରିବାକୁ ହେବ, ଯାହାକି ମନୁଷ୍ୟସୀମାର ସକଳ ମାତ୍ରା ଏବଂ ଲକ୍ଷଣକୁ ଅତିକ୍ରମ କରି ଅତିମାନବକୁ ଜନ୍ମ ଦେଇ ପାରିବ ।

ପ୍ରକୃତିଶକ୍ତି ଆଜିକାଲି ସଂପୂର୍ଣ୍ଣ ନୂତନ ଏବଂ ଏକାନ୍ତ ଅପ୍ରତ୍ୟାଶିତକୁ ସୃଷ୍ଟି କରି ଆଣିବା ଲାଗି ପୁନର୍ବାର ଏକ ପ୍ରବଳ ଆବେଗ ଅନୁଭବ କରିବାକୁ ଆରମ୍ଭ କଲାଣି । ଏବଂ, ଆମକୁ ଏହି ଆବେଗଟିର ଜବାବ ଦେବାକୁ ହେବ, ତାହାର ଡାକଟିକୁ ମାନିବାକୁ ପଡ଼ିବ ।

ପ୍ରକୃତିର ସେହି ଆବେଗଟି ଆମକୁ ପ୍ରକୃତରେ କେଉଁଠାକୁ ପରିଚାଳିତ କରି ନେଇଯିବ, ଆମେ ସର୍ବପ୍ରଥମେ ତାହାର ଆବିଷ୍କାର କରିବାକୁ ଚେଷ୍ଟା କରିବା । ଏବଂ, ଅତୀତ ଆମକୁ ଯେଉଁସବୁ ଶିକ୍ଷା ଦେଇଯାଇଛି, ପଛକୁ ଅନାଇ ତାହାର ଉପରେ ଦୃଷ୍ଟିପାତ କରିପାରିଲେ ଆମେ ପ୍ରକୃଷ୍ଟ ଭାବରେ ସେହି କାର୍ଯ୍ୟଟିକୁ କରି ପାରିବା ।

ଆମେ ବେଶ୍ ଦେଖି ପାରିବା ଯେ, ପ୍ରକୃତି ଯେତେଥର ଆଗକୁ ଗୋଟିଏ ପାଦ ପକାଇଛି, ପୃଥିବୀ ନିଜ ଉପରେ ଯେତେଥର ଏକ ନୂତନ ସାମର୍ଥ୍ୟ ଏବଂ ନୂତନ ବିଧାନକୁ ପ୍ରକଟ କରି ଆଣିଛି, ସେତେବେଳେ ଏକ ନୂତନ ଜୀବ ଜାତିର ମଧ୍ୟ ଆବିର୍ଭାବ ହୋଇଛି । ଠିକ୍ ସେହିପରି ଭାବରେହିଁ, ଜାତି, ସମୂହ ଅଥବା ବ୍ୟକ୍ତି-ଜୀବନର ଉତ୍ତରୋତ୍ତର ବିକାଶଶୀଳ ରୂପାୟନଗୁଡ଼ିକ ମନୁଷ୍ୟସମାଜର ମାର୍ଗଦର୍ଶକ-ମାନଙ୍କର ଯାବତୀୟ ଉଦ୍ୟମ ଦ୍ୱାରା ଅବିରତ ଭାବରେ ଅନୁପ୍ରେରିତ, ପରିପୁଷ୍ଟ ଏବଂ ପୁନଃ ଜୀବନପ୍ରାପ୍ତ ହୋଇହିଁ ମାନବୀୟ ଯୁଗ-ଚକ୍ରଗୁଡ଼ିକର ମଧ୍ୟ ଦେଇ ପରମ୍ପରର ଅନୁସରଣ କରିଛନ୍ତି । ଏବଂ, ଏହି ଯାବତୀୟ ରୂପାୟନର ସର୍ବଦା ସେହି ଗୋଟିଏ ଲକ୍ଷ୍ୟ ରହି ଆସିଛି, ପ୍ରକୃତିର ସେହି ରହସ୍ୟାବୃତ ଏବଂ ମହିମାମୟ ଲକ୍ଷ୍ୟଟି ତାହାର ମଧ୍ୟ ଲକ୍ଷ୍ୟ ହୋଇ ରହିଛି ।*

✱ ଏପରି ମନେ ହେଉଛି ଯେ ଅଗରୁ ଲିଖିତ ହୋଇଥିବା ଏକ ଚିଠାର ନିମ୍ନଲିଖିତ ପାରାଗୁଡ଼ିକ ଏଠାରେ ଅନ୍ତର୍ଭୁକ୍ତ ହେବା ଲାଗି ମାଅ ଅଭିପ୍ରାୟ ରଖିଥିଲେ :

'oaob.nitrkl.ac.in' images reprocessed

ଆମକୁ ପ୍ରକୃତିର ଏହି ଆହ୍ୱାନଟିର ଜବାବ ଦେବାକୁ ପଡ଼ିବ, ଏହି ମହାନ୍ ଏବଂ ବିଶାଳ କାର୍ଯ୍ୟଟି ଲାଗିହିଁ ଆମକୁ ନିୟୋଜିତ କରି ରଖିବାକୁ ପଡ଼ିବ । ଏହି ଆତ୍ମାବିଷୟକ ଏବଂ ଏପର୍ଯ୍ୟନ୍ତ ଅନାବିଷ୍କୃତ ହୋଇ ରହିଥିବା ପଥଟି ଉପରେ ଆମେ କିପରି ପାହାଚ ପାହାଚ ହୋଇ ଅଗ୍ରଗତି କରିପାରିବା, ସେହି ବିଷୟରେ ଯଥାସମ୍ଭବ ଅଧିକ ସ୍ପଷ୍ଟଦୃଷ୍ଟି ସମ୍ପନ୍ନ ହେବା ଲାଗି ଆମକୁ ଚେଷ୍ଟା କରିବାକୁ ହେବ ।

ଏହି ଲକ୍ଷ୍ୟଟି ପ୍ରକୃତରେ କ'ଣ ? ଭବିଷ୍ୟର କେଉଁ ଅପ୍ରତ୍ୟାଶିତ ଉପଲବ୍ଧି ସକାଶେ ପ୍ରକୃତି ଉଦ୍ଦେଶ୍ୟ ରଖି ଅଗ୍ରସର ହେଉଛି ? ଅପଣାର ଅନ୍ଧକାରମୟ ପ୍ରଥମ ଅନ୍ୱେଷଣଟିର ପର୍ଯ୍ୟାୟରୁ ପ୍ରକୃତି ପ୍ରକୃତରେ କାହାର ଅନ୍ୱେଷଣ କରୁଛି ?

ପ୍ରକୃତିର ମଧ୍ୟଦେଇ ଯାହା ଜନ୍ମଲାଭ କରିବାକୁ ଯାଉଛି, ଯାହାକୁ ଅଭିବ୍ୟକ୍ତ କରି ଆଣିବା ତାହାର ବ୍ରତ ହୋଇ ରହିଛି, ପ୍ରକୃତି ସର୍ଜନା କରୁଥିବା ପ୍ରତ୍ୟେକଟି ରୂପହିଁ ପୂର୍ଣ୍ଣଥରେ କେବଳ ତାହାର ଅଭିବ୍ୟକ୍ତି କରିବାରେ ଲାଗିଛି ।

ଅନ୍ୟ ଜୀବଜାତିମାନଙ୍କୁ ପ୍ରସ୍ତୁତ ଏବଂ ସମ୍ଭବ କରି ଆଣୁଥିବା ପ୍ରତ୍ୟେକ ଜୀବଜାତି ପ୍ରକୃତିର ସେହି ଅକ୍ଳାନ୍ତ ଅଧ୍ୟବସାୟରହିଁ ସାକ୍ଷୀ ହୋଇ ରହିଛି, ତା'ର ପବିତ୍ର ବ୍ରତଟିର ପ୍ରମାଣ ହୋଇ ରହିଛି । ପ୍ରତ୍ୟେକ ଜୀବଜାତିର ପର୍ଯ୍ୟାୟରେ କିଛିତ୍ ପରିମାଣରେ ଅଧିକ ଉଚ୍ଚତର ରୂପାନ୍ତର ଘଟୁଛି ଏବଂ ଦୂରବିପଥର ସେହି ଅନାଗତ ଉଷାଗୁଡ଼ିକର ଘୋଷଣା କରିଦେଇ ଯାଉଛି । ସର୍ବଶେଷରେ ମାନବାକାର ଜୀବ ଅର୍ଥାତ୍ ଆଦିମ ମାନବର ଗୁହା ପର୍ଯ୍ୟନ୍ତ ଆସି ପହଞ୍ଚିବା ଲାଗି ଅଗଣିତ ପଥ-ଚକ୍ରର ମଧ୍ୟଦେଇ ପ୍ରକୃତିକୁ ପ୍ରକୃତରେ କେତୋଟି ପଥର ଅନୁସରଣ କରିବାକୁ ହୋଇଛି ?

ଚିନ୍ମୟ ଜୀବନର ପ୍ରାସାଦ ପାଖରେ ଆଣି ପହଞ୍ଚାଇ ଦେଉଥିବା ସେହି ରାଜପଥକୁ ଏହାହିଁ ମନୁଷ୍ୟ ସମକ୍ଷରେ ଆଣି ଉନ୍ମୋଚିତ କରିଦେବ । ମାତ୍ର ସେହି ରାଜପଥଟିକୁ ଆବିଷ୍କାର ନ କରି ଏହି ପୃଥିବୀରେ ପ୍ରକୃତରେ କେତେ ଜାତି ଓ କେତେ ପୁରୁଷଙ୍କୁ ଅତିବାହିତ ହୋଇଯିବାକୁ ପଡ଼ିବ, ମନୁଷ୍ୟର ଏହି ଯାତ୍ରାପର୍ଯ୍ୟାୟରେ ପ୍ରକୃତିକୁ ଆଉ କେତେଥର ଭୁଲ୍ ରାସ୍ତାରେ ଯିବାକୁ ହେବ ? କାରଣ, ଅପଣାକୁ ଏହି ବିଶ୍ୱଜଗତର ସର୍ବଶ୍ରେଷ୍ଠ କୃତି ବୋଲି ବିଚାର କରୁଥିବାରୁ, ତାକୁ ଯେ ତଥାପି ଅଦ୍ଭୁତ ଗୋଟିଏ ଅବସ୍ଥା ମଧ୍ୟଦେଇ ଗତି କରିବାକୁ ପଡ଼ିବ, ମନୁଷ୍ୟ ମୋଟେ ସେକଥା ଜାଣି ପାରୁ ନାହିଁ ।

ଏବଂ ତଥାପି, ଏହି ପୃଥିବୀରେ ଜନ୍ମଲାଭ କରୁଥିବା ପ୍ରତ୍ୟେକ ମନୁଷ୍ୟଶିଶୁ ଭିତରେ, ସମୃଦ୍ଧିଲାଭ କରୁଥିବା ଯାବତୀୟ ବୁଦ୍ଧି ଭିତରେ, ଉଦ୍‌ଗତ ପ୍ରତ୍ୟେକ ପୁରୁଷାନୁକ୍ରମ ଏବଂ ମନୁଷ୍ୟ ପ୍ରକୃତିର ପ୍ରତ୍ୟେକ ଉଦ୍ୟମରେ ପ୍ରକୃତି ତାକୁ ପୁନର୍ବାର ଆଗକୁ ବାଟ ଦେଖାଇ ନେଇଯାଇ ପାରିବାର ମାର୍ଗଟିକୁହିଁ ଖୋଜିବାରେ ଲାଗିଛି ।

ସମ୍ଭବତଃ ପନ୍ଦରଶହ ଶତାବ୍ଦୀ ଧରି ପନ୍ଦରଶହ କୋଟି ମନୁଷ୍ୟ ଏହି ଯଥାର୍ଥ ପଥଟିକୁ ନ ପାଇ ଭ୍ରମି ବୁଲୁଛନ୍ତି ।

ସେମାନଙ୍କ ଅଗ୍ରଗତିର ଯାବତୀୟ ପ୍ରୟାସ ଯେଉଁ ଅନେକାନେକ ମାର୍ଗ-ଉପରେ ବିକ୍ଷିପ୍ତ ହୋଇ ପଡ଼ୁଛି, ଅନ୍ୟ ଯାବତୀୟ କ୍ଷେତ୍ର ପରି ଏହି କ୍ଷେତ୍ରରେ ମଧ୍ୟ, ସେଥିମଧ୍ୟରୁ କେବଳ ଗୋଟିଏ

ପ୍ରଥମତଃ, ଭବିଷ୍ୟର ମନୁଷ୍ୟ ଅର୍ଥାତ୍ ସେହି ଅତିମାନବର କୌଣସି କଳ୍ପନା କଲାବେଳେ ଆମକୁ ପ୍ରକୃତରେ ଖୁବ ସାବଧାନ ହେବାକୁ ପଡ଼ିବ । ବର୍ତ୍ତମାନ ମନୁଷ୍ୟର କୌଣସି ଏକ ସ୍ୱରୂପକୁ ଗ୍ରହଣ କରିନେଇ ତାହାରିହିଁ ପରିପୂର୍ଣ୍ଣତା ଏବଂ ଅଭିବୃଦ୍ଧିର ପରିଧାନ ଦେଇ ଆମେ କଦାପି ଅତିମାନବର କଳ୍ପନା କରିବାକୁ ଯିବା ନାହିଁ । ଏହି ପ୍ରମାଦଟିକୁ ଯଥାସମ୍ଭବ ଏଡ଼ି ପାରିବା ଲଗି ଆମକୁ ଜୀବନ-ବିବର୍ତ୍ତନରୁ ମିଳିଥିବା ଶିକ୍ଷାଟିର ଯଥାର୍ଥ ଅନୁସୃତ କରିବାକୁ ପଡ଼ିବ ।

ମାର୍ଗଟିହିଁ ଉତ୍ତମ ବୋଲି କୁହାଯାଇ ପାରିବ : ସେଇଟି ହେଉଛି ସମନ୍ୱିତ ପରିପୂର୍ଣ୍ଣତାଗୁଡ଼ିକର ପଥ । ସେହି ପଥଟିକୁ ଆମେ କେଉଁଠାରେ ଆବିଷ୍କାର କରି ପାରିବା ?

ଏବଂ ମନୁଷ୍ୟସମାଜ ଭିତରେ କିଏ କେବଳ ସେହି ସହଜ ଏବଂ ସୁପରୀକ୍ଷିତ ଗୁଳାବାଟ ଗୁଡ଼ିକ ଛାଡ଼ି ପ୍ରକୃତରେ ଅନ୍ୟ କୌଣସି ପଥରେ ଯିବା ପାଇଁ ସାହସୀ ହୋଇପାରୁଛି ? ଆଉ ଗୋଟିଏ ବାଟ ଅବଶ୍ୟ ରହିଛି ବୋଲି ଭଲକରି ଜାଣି ସିଏ ସେଇଟିକୁ ଖୋଜି ବାହାର କରିବ ବୋଲି ଅନ୍ୟ ସବୁଗୁଡ଼ିକୁ ହରାଇବା ଲଗି ପ୍ରସ୍ତୁତ ହୋଇ ପାରୁଛି, ବା ହୁଏତ, ଏକୁଟିଆ ଗ୍ରହ, ଏକୁଟିଆ ଚନ୍ଦ୍ରାକରି, ସବଦା ଅନ୍ୟମାନଙ୍କଠାରୁ ଅଲଗା ରହି, ସିଏ ଯାହାର ଅନ୍ୱେଷଣ କରୁଛି, ତାହାକୁ କେବେ ପାଇବ ବୋଲି ମୋଟେ ନିଶ୍ଚିତ ନ ହୋଇ ବି କିଏ ଅନ୍ୟ ଯାବତୀୟ ପଥକୁ ହରାଇବା ଲଗି ସମ୍ମତ ହୋଇ ପାରୁଛି ?

ଅଗ୍ରଗଣ୍ୟ ଏବଂ ଦୀପ୍ତିମାନ୍ ମନୁଷ୍ୟମାନଙ୍କ ମଧ୍ୟରେ ତୁମେ ସେହି ବ୍ୟକ୍ତିଟିକୁ ଆବିଷ୍କାର କରିବା ଲଗି ଅଦୌ ଚେଷ୍ଟା କର ନାହିଁ । କାରଣ ଏହି ମନୁଷ୍ୟମାନେ ସେମାନଙ୍କର ସମକାଳୀନ ଅନ୍ୟମାନଙ୍କ ସହିତ ଏକାଭିନ୍ନ ହୋଇ ପାରିଲେ ଯାଇ ହୁଏତ ଅନ୍ୟର ଅଧିକ ସପୂର୍ଣ୍ଣ ଭାବରେ ଅଗ୍ରଗଣ୍ୟ ଓ ଦୀପ୍ତିମାନ୍ ହୋଇ ପାରିବେ ।

ଅନ୍ୟ ପଥରଗୁଡ଼ିକର ମେଳରେ ମୂଲ୍ୟବାନ ପଥରଗୁଡ଼ିକ କେତେ ଶ୍ରେଷ୍ଠ ଓ ଦୀପ୍ତିମାନ୍ ହୋଇ ଦିଶନ୍ତି ସତ, ମାତ୍ର ସବୁଠାରୁ ଅଧିକ ସୁନ୍ଦର ରତ୍ନଟି ଜୀବନର ଉତ୍ସ ଯାବତୀୟ ରସାୟନିକ ସମିଶ୍ରଣ-କ୍ରମର ସବଦା ବାହାରେହିଁ ରହିଥାଏ । ଠିକ୍ ସେହିପରି ଭାବରେ, ରୂପାନ୍ତରର କ୍ରମଟିକୁ ଅନ୍ୱେଷଣ କରି ଯାଉଯାଉ, ଅରଣ୍ୟର ଯେଉଁ ବୃକ୍ଷଟି ସବୁଠାରୁ ଅଧିକ ସୁନ୍ଦର ହୁଏ, ତାହା ପଶୁ ଏବଂ ମନୁଷ୍ୟର ଭୂମିଟିପାଏ ଜୀବସୃଷ୍ଟିର ପ୍ରକ୍ରିୟାକୁ ପରିଗ୍ରହଣ କରି ନଏ ବା ବିବର୍ତ୍ତନଧାରା ଗୁଡ଼ିକର ବାହାରେହିଁ ରହିଥାଏ ।

ପୁନଶ୍ଚ ସେହିପରି, ମନୁଷ୍ୟମାନଙ୍କର କ୍ଷେତ୍ରରେ ମଧ୍ୟ, ସିଏ ସବୁଠାରୁ ଅଧିକ ସମ୍ମାନ, ଖ୍ୟାତି ପ୍ରାପ୍ତ କରିବ ଏବଂ ଯାହାଠାରେ କଳାତ୍ମକତା ଅଥବା ପାଣ୍ଡିତ୍ୟ ବା ଧର୍ମଭାବ ସବୁଠାରୁ ଅଧିକ ପରିମାଣରେ ବିକଶିତ ହୋଇଥିବ, ତାହାର ସ୍ଥାନଟି ହୁଏତ ମନୁଷ୍ୟଠାରୁ ଅତିମାନବ ପର୍ଯ୍ୟନ୍ତ ପଡ଼ିଥିବା ବାଟଟିଠାରୁ ବହୁ ଦୂରରେ ହିଁ ନିରୂପିତ ହୋଇପାରେ ।

ପ୍ରତ୍ୟେକ ଜାତି, ପ୍ରତ୍ୟେକ ସଭ୍ୟତା, ମନୁଷ୍ୟ ବାସ କରୁଥିବା ପ୍ରତ୍ୟେକ ସମାଜ ଓ ପ୍ରତ୍ୟେକ ଧର୍ମ,—ଏଗୁଡ଼ିକ ପ୍ରକୃତିର ଏକ ନୂତନ ଉଦ୍ୟମରହିଁ ପ୍ରତିବନ୍ଧୀ ହୋଇ ରହିଥାନ୍ତି ।

'oaob.nitrkl.ac.in' images reprocessed

ଆମେ ଆଗରୁ ଆଲୋଚନା କରି ଦେଖି ସାରିଛୁ ଯେ, ପୃଥିବୀପୃଷ୍ଠରେ ଏକ ନୂତନ ଜୀବପ୍ରକାରର ଆବିର୍ଭାବ ସର୍ବଦା ପୃଥିବୀରେ ଏକ ନୂତନ ମାତ୍ରାର ଘୋଷଣା କରିଥାଏ, ଏକ ନୂତନ ଚେତନାଭୂମିର ଘୋଷଣା କରେ । ଏକ ନୂତନ ଶକ୍ତିମତ୍ତା ବା ସାମର୍ଥ୍ୟର ଘୋଷଣା କରେ । ମାତ୍ର, ତହିଁ ସଙ୍ଗେ ସଙ୍ଗେ, କୌଣସି ନୂତନ ଜୀବଜାତି ଯେତେବେଳେ ପୂର୍ବରୁ ଅଭିବ୍ୟକ୍ତ ରହିଥିବା ଏହି ସାମର୍ଥ୍ୟ ଅଥବା ଚେତନାଟିକୁ ଅର୍ଜନ କରେ, ସେତେବେଳେ ତାକୁ ହୁଏତ ତାହାର ଠିକ୍ ପୂର୍ବବର୍ତ୍ତୀ ଜୀବଜାତିଟିର ଲକ୍ଷଣରୂପେ ତା'ଠାରେ ରହିଥିବା ଅନେକ ଦକ୍ଷତା ଓ ସାମର୍ଥ୍ୟକୁ ହରାଇବାକୁ ବି ପଡ଼ିପାରେ । ଉଦାହରଣ ସ୍ୱରୂପ, ଏଠାରେ ପ୍ରକୃତି ବିକାଶର କେବଳ ସେଇ ସର୍ବଶେଷ ସୋପାନଟି ବିଷୟରେହିଁ କୁହାଯାଉଛି,—ମନୁଷ୍ୟ ଓ ତା'ର ଠିକ୍ ପୂର୍ବବର୍ତ୍ତୀ ବାନର ମଧ୍ୟରେ ଆମେ କେଉଁଗୁଡ଼ିକୁ ସବୁଠାରୁ ବଡ଼ ପ୍ରଭେଦ ବୋଲି କହି ପାରିବା ? ବାନରର ସ୍ତରକୁ ଆସି ପ୍ରାଣିକତା ଓ ଦୈହିକ ସାମର୍ଥ୍ୟତା ତା'ର ସର୍ବୋଚ୍ଚ ପରିପୂର୍ଣ୍ଣତାର ସୋପାନରେ ଉପନୀତ ହୋଇ ପାରିଛି, କିନ୍ତୁ ମନୁଷ୍ୟରୂପୀ ପରବର୍ତ୍ତୀ ନୂତନ ଜୀବଜାତିକୁ ସେହି ପରିପୂର୍ଣ୍ଣତାଗୁଡ଼ିକୁ ହରାଇବାକୁହିଁ ପଡିଲା । ମନୁଷ୍ୟ ଆଉ ବାନର ପରି ଏଡ଼େ ଚମତ୍କାର ଭାବରେ ଗଛ ଉପରେ ଚଢ଼ି ପାରିଲା ନାହିଁ, ମାଙ୍କଡ଼ଙ୍କ ମାରି ଖ୍ରମଗର୍ତ୍ତମାନଙ୍କରେ ପ୍ରବେଶ କରି ପାରିଲା ନାହିଁ, ଗୋଟିଏ ମୁଣ୍ଡିଆରୁ ଆଉ ଗୋଟିଏ ମୁଣ୍ଡିଆ ଉପରକୁ ଡେଇଁ ବି ପାରିଲା ନାହିଁ ; ମାତ୍ର ତା' ବଦଳରେ ସିଏ ବୁଦ୍ଧିର ଅଧିକାରୀ ହେଲା, ବିବେଚନା-ଶକ୍ତି ଅର୍ଜନ କଲା, ଦୁଇଟି ବସ୍ତୁକୁ ଯୋଡ଼ି ଶିଖିଲା, ନାନା ବସ୍ତୁର ରଚନା କରି ଶିଖିଲା । ବସ୍ତୁତଃ ମନୁଷ୍ୟର ସୋପାନରୁହିଁ ପୃଥିବୀପୃଷ୍ଠରେ ମନୋଗତ ଜୀବନର

ଅନନ୍ତକାଳ ଧରି ପ୍ରକୃତି ଯେଉଁ ଅନେକ ସଂଖ୍ୟକ ପ୍ରୟୋଗ ବା ପ୍ରୟାସର ଏକ ଦୀର୍ଘ ଧାରାର ମଧ୍ୟଦେଇ ଗତି କରି ଆସିଛି, ଏହିସବୁକୁ ପ୍ରୟାସ ଦ୍ୱାରା ତାହା ସେଇଥିରେହିଁ ଆଉ ଗୋଟିଏ ନେଇ ମିଶାଇ ଦେଇଥାଏ ।

ଯେପରି, ଏତେଗୁଡ଼ିଏ ପଶୁଜାତି ମଧ୍ୟରୁ ଗୋଟିକରୁ ମଣିଷର ଉଦ୍ଭବ ହେଲା, ଠିକ୍ ସେହିପରି ସମାଜ ଏବଂ ଧର୍ମର ଏହି ନାନା ପ୍ରକାର ମଧ୍ୟରୁ ଏପରି ଗୋଟିଏ ପ୍ରକାର ବି ସମ୍ଭବ ହେବ, ଯେଉଁଥିରୁ କି ଦିନେ ନା ଦିନେ ଅତିମାନବର ଆବିର୍ଭାବ ହୋଇ ପାରିବ ।

କାରଣ, ବାରଂବାର କରି ଆସୁଥିବା ପ୍ରୟାସଗୁଡ଼ିକ ଭିତରେ ଜୀବନର ସେହି ସର୍ବପ୍ରଥମ ସୋପାନଟିଠାରୁ ମନୁଷ୍ୟର ସ୍ତର ପର୍ଯ୍ୟନ୍ତ, ମନୁଷ୍ୟ ମଧ୍ୟରୁ ଭଗବାନ ଜନ୍ମଗ୍ରହଣ ନକରିବା ଯାଏ ପ୍ରକୃତି ଠିକ୍ ସେହି କଥାଟିରହିଁ ଅନ୍ୱେଷଣ କରି ଆସୁଛି ।

ମନୁଷ୍ୟ ସମୁଦାୟ ମଧ୍ୟରେ ପ୍ରକୃତି ଅତିମାନବର ସେହି ସମ୍ଭାବନାଟିକୁହିଁ ଖୋଜି ବୁଲୁଛି; ଏବଂ ପ୍ରତ୍ୟେକ ମନୁଷ୍ୟର ମଧ୍ୟଦେଇ ସିଏ ଦିବ୍ୟତାର ଉପଲବ୍ଧି ଆଡ଼କୁହିଁ ଲକ୍ଷ୍ୟ ରଖି ଅଗ୍ରସର ହେଉଛି ।

'oaob.nitrkl.ac.in' images reprocessed

ଆବିର୍ଭାବ ଘଟିଲା, ବୁଦ୍ଧିର ଆବିର୍ଭାବ ଘଟିଲା । ମନୁଷ୍ୟ ହେଉଛି ମୂଳତଃ ଏକ ମନୋମୟ ସତ୍ତା, ଏବଂ, ଯଦି ଏଇଠାରେହିଁ ତା'ର ଯାବତୀୟ ସମ୍ଭାବନା ଶେଷ ହୋଇ ଯାଏ, ଯଦି ତା'ର ଏହି ମନୋଗତ ଜୀବନର ସେପାଖରେ ମଧ୍ୟ ସିଏ ଆପଣା ଭିତରେ ଆହୁରି ଅନେକ ଜଗତ, ଆହୁରି ଅନେକ ସାମର୍ଥ୍ୟ ଏବଂ ଚେତନାର ଆହୁରି ଅନେକ ଭୂମିକୁ ପ୍ରକୃତରେ ଅନୁଭବ କରିବାକୁ ସମର୍ଥ ହୁଏ, ତେବେ ସେଗୁଡ଼ିକ ତାହାର ଭବିଷ୍ୟ ଲାଗିହିଁ ଗୋଟିଏ ଗୋଟିଏ ପ୍ରତିଶ୍ରୁତି ହୋଇ ରହିବ; ଗୋଟିଏ ବାନର ଭିତରେ ମନୋଗତ ସମ୍ଭାବନାଗୁଡ଼ିକ ଯେପରି ଭାବରେ ପ୍ରତିଶ୍ରୁତି ପରି ହୋଇ ରହିଛି, ଠିକ୍ ସେହିପରି ହୋଇ ରହିବ ।

ଏକଥା ସତ୍ୟ ଯେ କେତେକ ଲୋକ, ସେମାନଙ୍କର ସଂଖ୍ୟା ଅତ୍ୟନ୍ତ କମ୍, ମନୋଭୂମିର ସେପାଖରେ ରହିଥିବା ସେହି ଜଗତରେ ଅବଶ୍ୟ ବାସ କରିଛନ୍ତି । ସେହି ଭୂମିଟିକୁ ଆମେ ହୁଏତ ଆଧ୍ୟାତ୍ମିକ ଭୂମି ବୋଲି କହି ପାରିବା । ବସ୍ତୁତଃ ସେମାନଙ୍କ ମଧ୍ୟରୁ କେତେ ବ୍ୟକ୍ତି ଏହି ପୃଥିବୀପୃଷ୍ଠରେ ସେହି ଅନ୍ୟ ଜଗତଟିର ଜୀବନ୍ତ ପ୍ରତିମୂର୍ତ୍ତି ହୋଇ ରହିଛନ୍ତି । ମାତ୍ର ସେମାନଙ୍କୁ ଆମେ କେବଳ ଗୋଟିଏ ଗୋଟିଏ ବ୍ୟତିକ୍ରମ ବୋଲି କହିବା, ମନୁଷ୍ୟସମୂହକୁ ବାଟ ଦେଖାଇ ଯାଉଥିବା ଅଗ୍ରଗାମୀ ପୁରୋଧା ବୋଲି କହିବା । ସେମାନଙ୍କୁ ଆମେ ସାଧାରଣ ମନୁଷ୍ୟ ବୋଲି କଦାପି କହିବା ନାହିଁ, କାରଣ ସେମାନେହିଁ ମନୁଷ୍ୟସମାଜକୁ ତା'ର ଭବିଷ୍ୟତ୍ ଉପଲବ୍ଧିର ସୋପାନଗୁଡ଼ିକୁ ପରିକଳ୍ପିତ କରି ନେଇ ଯାଇଛନ୍ତି । ମାତ୍ର ଦେଶ ଓ କାଳର ଏହି ବିରାଟ ବିସ୍ତାର ମଧ୍ୟରେ ବିକ୍ଷିପ୍ତ ହୋଇ ରହିଥିବା ମାତ୍ର କେତେଜଣ ବ୍ୟକ୍ତିଙ୍କର ଯାହା ଏକ ବିଶେଷ ଅର୍ଜନ ଓ ଅନୁଭବ ହୋଇ ରହିଥିଲା, ଏହା ପରେ ଆବିର୍ଭୂତ ହେବାକୁ ଯାଉଥିବା ନୂତନ ମନୁଷ୍ୟପ୍ରରୂପଟିର ତାହାହିଁ ସର୍ବପ୍ରଧାନ ଲକ୍ଷଣ ହୋଇ ଅବଶ୍ୟ ରହିବ ।

ବର୍ତ୍ତମାନ ସ୍ତରରେ ମନୁଷ୍ୟ ବୁଦ୍ଧିଶକ୍ତି ଦ୍ୱାରାହିଁ ଆପଣା ଜୀବନର ପରିଚାଳନା କରୁଛି; ଏହି ମନର ଯାବତୀୟ କାର୍ଯ୍ୟକଳାପହିଁ ସାଧାରଣ ଭାବରେ ତାହାର କାର୍ଯ୍ୟରେ ଲାଗୁଛନ୍ତି । ପର୍ଯ୍ୟବେକ୍ଷଣ ଓ ଅନୁମତି ତା'ର ଯାବତୀୟ ଜ୍ଞାନର ସାଧନ ହୋଇ ରହିଛି । ସେହି ବୁଦ୍ଧି ଦ୍ୱାରା ପରିଚାଳିତ ବିବେଚନାଶକ୍ତି ଦ୍ୱାରାହିଁ ମନୁଷ୍ୟ ଆପଣାର ଯାବତୀୟ ନିଷ୍ପତ୍ତି ଗ୍ରହଣ କରୁଛି ଏବଂ ଜୀବନରେ ଆପଣା ଲାଗି ମାର୍ଗ ବାଛି ନେଉଛି ବା, ବାଛି ନେଉଛି ବୋଲି ଭାବୁଛି ।

ସମ୍ବୋଧିହିଁ ନୂତନ ମାନବଜାତିର ପରିଶାସନ କରିବ, ଅର୍ଥାତ୍ ଆପଣା ମଧ୍ୟରେ ଅବସ୍ଥିତ ଦିବ୍ୟ ବିଧାନଟିର ଅପରୋକ୍ଷ ଅନୁଭବ ଲାଭ କରିହିଁ ମନୁଷ୍ୟ ଆପଣାର ପରିଚାଳନା କରିବ । ଏପରି କେତେକ ମନୁଷ୍ୟ ଥାଆନ୍ତି ଯେଉଁମାନେ କି ପ୍ରକୃତରେ ସମ୍ବୋଧି ସହିତ ପରିଚିତ ରହିଥାଆନ୍ତି ଏବଂ ତାହାକୁ ଅନୁଭବ ମଧ୍ୟ

'oaob.nitrkl.ac.in' images reprocessed

ଜୀବନ୍ତ । ଯେପରି, ଅରଣ୍ୟବାସୀ କେତେକ ବୃହତ୍ତର ଗଛଙ୍କ ନିଜ ଜୀବନରେ ବୃଦ୍ଧି ଓ ବୃଦ୍ଧିପ୍ରେରିତ ବିସ୍ତରଣର କଷ୍ଟରୁ ଆଶ୍ୱାସ ପାଇଥାଆନ୍ତି, ଠିକ୍ ସେହିପରି ।

ମନୁଷ୍ୟ ସମାଜରେ ବାସ କରୁଥିବା ଯେଉଁ ଅଳ୍ପ କେତେ ଜଣ ବ୍ୟକ୍ତି ସେମାନଙ୍କର ଅନ୍ତର୍ଗତ ଆତ୍ମସତ୍ତାର ବିକାଶ ସାଧନ କରିଛନ୍ତି, ଯେଉଁମାନେ ସ୍ୱସତ୍ତାର ଯଥାର୍ଥ ବିଧାନଟିକୁ ଆବିଷ୍କାର କରିବା ଦିଗରେ ଆପଣାର ଶକ୍ତିଗୁଡ଼ିକୁ ନିର୍ଦ୍ଦିଷ୍ଟ ଭାବରେ ନିୟୋଜିତ କରି ପାରିଛନ୍ତି, ସେହିମାନଙ୍କରହିଁ ସଂବୋଧିଶକ୍ତି ରହିଛି ବୋଲି ଅଳ୍ପବହୁତ ପରିମାଣରେ ଅବଶ୍ୟ କୁହାଯିବ । ଯେତେବେଳେ ମନ ସଂପୂର୍ଣ୍ଣ ଭାବରେ ନିସ୍ତବ୍ଧ ହୋଇଯାଏ, ଏକ ସ୍ୱଚ୍ଛ ଦର୍ପଣ ପରିହିଁ ବିଶୁଦ୍ଧ ହୋଇପାରେ, ବାୟୁ ଦ୍ୱାରା ଆଦୌ ଆନ୍ଦୋଳିତ ହେଉ ନଥିବା ଏକ ପୁଷ୍କରିଣୀ ପରି ନିଷ୍ପନ୍ଦ ହୋଇ ରହିଥାଏ, ସେତିକବେଳେହିଁ, ଊର୍ଦ୍ଧ୍ୱଦେଶରୁ, ନକ୍ଷତ୍ରମାଳାର ଆଲୋକ ନିଷ୍ପନ୍ଦ ଜଳର ସମତଳଟି ଉପରେ ଆସି ଅଙ୍କାଡ଼ି ହୋଇ ପଡ଼ିଲା ପରି, ଅତିମାନସର ଆଲୋକ ଅନ୍ତର୍ଗତ ସେହି ପରମ ସତ୍ୟର ଆଲୋକ ଶାନ୍ତ ଓ ସ୍ଥିର ହୋଇ ରହିଥିବା ମନର ଭୂମିଟିକୁହିଁ ଆଲୋକିତ କରିଦିଏ ଏବଂ ସଂବୋଧିକୁ ସମ୍ଭବ କରିଆଣେ । ପରମ ନୀରବତା ଗର୍ଭ ମଧ୍ୟରୁ ଯେଉଁମାନେ ସେହି ବାଣୀଟିକୁ ଶୁଣିବାରେ ଅଭ୍ୟସ୍ତ ହୋଇ ରହିଥାନ୍ତି, ସେମାନେ ତାହାକୁହିଁ ଅଧିକରୁ ଅଧିକ ପରିମାଣରେ ଆପଣାର ଯାବତୀୟ କାର୍ଯ୍ୟର ଉତ୍ସପ୍ରେରଣାରୂପେ ଗ୍ରହଣ କରି ନେଇଥାନ୍ତି । ଏବଂ ସାଧାରଣସ୍ତରୀୟ ଅନ୍ୟମାନେ ଯେତେବେଳେ ବୁଦ୍ଧିଯୁକ୍ତିର ଜଟିଳ ଗହନଗୁଡ଼ିକ ମଧ୍ୟରେ ଏଣେତେଣେ ବୁଲିବାରେ ଲାଗିଥାନ୍ତି, ସେତେବେଳେ ଏମାନେ ସିଧା ସିଧା ଆପଣାର ମାର୍ଗଟି ଉପରେ ଗତି କରୁଥାନ୍ତି, ସେମାନଙ୍କର ସେହି ସଂବୋଧିହିଁ ସେମାନଙ୍କ ଜୀବନର ଯାବତୀୟ ମୋଡ଼ ଓ ବାଙ୍କ ଦେଇ ପରିଚାଳିତ କରି ନେଉଥାଏ, ସତେଅବା ଏକ ଶକ୍ତିଶାଳୀ ଏବଂ ଅବ୍ୟର୍ଥ ହସ୍ତ ଦ୍ୱାରା ପରିଚାଳିତ ହେଲା ପରି ସେମାନେ ଏକ ଉଚ୍ଚତର ସ୍ତରୀୟ ଅନ୍ତଃପ୍ରବୃତ୍ତି ଦ୍ୱାରା ପରିଚାଳିତ ହେଉଥାନ୍ତି ।

ସଂବୋଧିର ଏହି ସାମର୍ଥ୍ୟଟି ବର୍ତ୍ତମାନ କେବଳ ଏକ ବ୍ୟତିକ୍ରମ ହିସାବରେ ରହିଛି, ସାଧାରଣ ମଣିଷର ଏକ ସମ୍ପଦରେ ପରିଣତ ହୋଇ ନାହିଁ । ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ନୂତନ ମନୁଷ୍ୟଜାତିର ଜୀବନରେ ଓ ଆଗାମୀ କାଳର ମନୁଷ୍ୟଠାରେ ତାହା ଏକ ସାଧାରଣ ଏବଂ ସ୍ୱାଭାବିକ ସାମର୍ଥ୍ୟ ହୋଇ ରହିବ । ମାତ୍ର ସେହି ଶକ୍ତିକୁ ସତତ କାର୍ଯ୍ୟରେ ଲଗାଇବା ଦ୍ୱାରା ତାହା ହୁଏତ ଆମ ବୁଦ୍ଧିଯୁକ୍ତିଗତ ସାମର୍ଥ୍ୟଗୁଡ଼ିକ ସକାଶେ ହାନିକାରକ ବି ହୋଇପାରେ । ଯେପରି ମନୁଷ୍ୟକୁ ତା'ର ଏହି ସ୍ତରଟିକୁ ଆସି ବାନରର ସେହି ଅତିଦକ୍ଷ ଶାରୀରିକ ସାମର୍ଥ୍ୟଗୁଡ଼ିକୁ ହରାଇବାକୁ ପଡ଼ିଲା, ଠିକ୍ ସେହିପରି ଅତିମାନବକୁ ମଧ୍ୟ ଏହି

'oaob.nitrkl.ac.in' images reprocessed

ମନୁଷ୍ୟସ୍ତରର ସୂକ୍ଷ୍ମପୂର୍ଣ ମନୋଗତ ସାମର୍ଥ୍ୟଗୁଡ଼ିକୁ ।* ଅର୍ଥାତ୍ ଆପଣାକୁ ତଥା ଅନ୍ୟମାନଙ୍କୁ ଧୋକା ଦେବାର ଏହି ସାମର୍ଥ୍ୟଟିକୁ ହରାଇ ବସିବାକୁ ପଡ଼ିବ ।

ତେଣୁ, ଆପଣାର ଯେଉଁ ବୁଦ୍ଧିସାମର୍ଥ୍ୟଟି ଲାଗି ସିଏ ଯଥାର୍ଥରେ ଅଥଚ ବୃଥା ଏତେ ଗର୍ବ ଅନୁଭବ କରୁଛି, ସେଇଟି ସମେତ ମନୁଷ୍ୟ ଏପର୍ଯ୍ୟନ୍ତ ଯେତେ ଯାହାକିଛିର ବିକାଶସାଧନ କରିପାରିଛି, ତା'ର ଯାବତୀୟ ପ୍ରୟୋଜନକୁ ମେଣ୍ଟାଇବା ଲାଗି ତାହା ବର୍ତ୍ତମାନ ଆଦୌ ସମର୍ଥ ନୁହେଁ, ଏବଂ ତେଣୁ ତା' ଭିତରେ ରହିଥିବା ଏହି ବୃହତ୍ତର ଅନ୍ୟ ଶକ୍ତିଟିକୁ ଅନାବୃତ କରି ଆଣିବା, ତାହାର ଆବିଷ୍କାର କରିବା ଏବଂ ତାହାକୁ ବନ୍ଧନରୁ ମୁକ୍ତ କରିବା ଏଣିକି ତା'ର ସବୁଠାରୁ ବଡ଼ କାର୍ଯ୍ୟ ହୋଇ ରହିବ ବୋଲି ଯେତେବେଳେ ସିଏ ସାହସର ସହିତ ଘୋଷଣା କରିଦେଇ ପାରିବ ସେତିକିବେଳେ ଯାଇ ଅତିମାନବତ୍ୱରେ ଉପନୀତ ହେବାର ମାର୍ଗଟି ତାହା ଲାଗି ଉନ୍ମୋଚିତ ହୋଇଯିବ । ତା'ର ଦର୍ଶନ, କଳା, ବିଜ୍ଞାନ, ନୀତିଶାସ୍ତ୍ର, ସାମାଜିକ ଜୀବନ ତଥା ପ୍ରାଣଗତ ଯାବତୀୟ ଅନୁଧାବନ ଆଉ କଦାପି ସତେଅବା ଗୋଟିଏ ବୃତ୍ତିରେ ବୁଲୁଥିବା ପରି ଖାସ୍ ସେହି ମନ ଓ ପ୍ରାଣ ଭିତରେ ସୀମିତ ହୋଇ ରହିଥିବା ମନ ଓ ପ୍ରାଣରହିଁ ଗୋଟିଏ ଗୋଟିଏ କାର୍ଯ୍ୟକଳାପ ଓ କସରତ ହୋଇ ରହିବ ନାହିଁ, ମାତ୍ର ମନ ଓ ପ୍ରାଣର ପଶ୍ଚାତରେ ରହିଥିବା ଏକ ବୃହତ୍ତର ପରମ ସତ୍ୟର ଆବିଷ୍କାର ଲାଗି ଏବଂ ତାହାର ଶକ୍ତିକୁ ଆମର ଏହି ମନୁଷ୍ୟ-ଜୀବନର ଭୂମିକୁ ଅବତୀର୍ଣ୍ଣ କରାଇ ଆଣିବା ଲାଗି ସେସବୁ ଏକ ସାଧନ ହୋଇହିଁ ରହିବ । ଏବଂ ଏହି ଆବିଷ୍କାର ହେଉଛି ଆମ ଯଥାର୍ଥ ଆତ୍ମସତ୍ତା ଏବଂ ଯଥାର୍ଥ ସ୍ୱଭାବର ଆବିଷ୍କାର, କାରଣ ତାହା ହେଉଛି ସର୍ବୋଚ୍ଚ ଆତ୍ମସତ୍ତା ଏବଂ ସ୍ୱଭାବର ଆବିଷ୍କାର ।

ଆମେ ଏପର୍ଯ୍ୟନ୍ତ ଆତ୍ମସତ୍ତାର ସେହି ସ୍ତରରେ ଯାଇ ପହଞ୍ଚିପାରି ନାହୁଁ, ତାହା ଆମର କେବଳ ଲକ୍ଷ୍ୟ ହୋଇ ରହିଛି । ମାତ୍ର ଦାର୍ଶନିକ ନୀତ୍‌ସେ ଯେଉଁ ପ୍ରାଣସ୍ତରୀୟ ମହାଶକ୍ତିମତ୍ତାର ସ୍ତୁତି ଗାଇଥିଲେ, ସେଇ ସ୍ତରଟି କଦାପି ତାହାର ସମବାଚୀ ନୁହେଁ, ଏହା ହେଉଛି ଆଧ୍ୟାତ୍ମିକ ଆତ୍ମସତ୍ତା, ଏକ ଆଧ୍ୟାତ୍ମିକ ପ୍ରକୃତି । କାରଣ, ଅତିମାନବତ୍ୱ ବିଷୟରେ ଆଦୌ କୌଣସି କଥା କହିବା ମାତ୍ରକେହିଁ ଆମକୁ ଅତ୍ୟନ୍ତ ସତର୍କ ରହିବରେ, ନୀତ୍‌ସେ ସେହି ଅତିମାନବର ଯେଉଁ ବଳଯୁକ୍ତ

* ଏହାର ଏକ ଅନ୍ୟ ପ୍ରକାରର ବି ଶେଷ ହୋଇଛି (ଆଗରୁ ପ୍ରସ୍ତୁତ ଏକ ଚିଠାରୁ) : ସମ୍ଭବତଃ ବୁଦ୍ଧିଯୁକ୍ତିର ସମଗ୍ର ସାମର୍ଥ୍ୟଟି ଓ ଏପରିକି ସିଏ ବ୍ୟବହାର କରୁଥିବା ଇନ୍ଦ୍ରିୟଟି ମଧ୍ୟ ଆଉ କୌଣସି କାମରେ ଲାଗିବ ନାହିଁ; ମନୁଷ୍ୟ ଲାଗି କୌଣସି ବ୍ୟବହାରରେ ନଲାଗିବାରୁ ବାନରାବସ୍ଥାର ଲାଙ୍ଗୁଡ଼ଟି ଯେପରି ତା'ର ଶରୀରରୁ ବିଦା ହୋଇ ଚାଲିଗଲା, ସେଇଟି ମଧ୍ୟ ଠିକ୍ ସେହିପରି ଅଳ୍ପ ଅଳ୍ପ କରି କ୍ରମେ ଅନ୍ତର୍ହିତ ହୋଇଯିବ ।

'oaob.nitrkl.ac.in' images reprocessed

ଅଥଚ ଅତ୍ୟନ୍ତ ଉପରସ୍ତରୀୟ ଓ ଅସମ୍ପୂର୍ଣ୍ଣ କଳ୍ପନା କରିଛନ୍ତି, ସେଇଟି ସହିତ ତାହାକୁ ଗୋଳାଇ ମିଶାଇ ଦେବାର ସକଳ ପ୍ରମାଦକୁ ଏଡ଼ି ରହିବାକୁ ପଡ଼ିବ ।

ବସ୍ତୁତଃ, ନୀତ୍ସେ 'ଅତିମାନବ' ଶବ୍ଦଟିର ସୃଷ୍ଟି କରିବା ପରେ, ଆଗାମୀ ମନୁଷ୍ୟଜାତିକୁ ବୁଝାଇବା ଅର୍ଥରେ ସେହି ଶବ୍ଦଟିକୁ ବ୍ୟବହାର କରିବା ସମୟରେ, ତା'ର ଇଚ୍ଛା ଥାଉ ବା ନଥାଉ, ସେହି ଶବ୍ଦଟିର ବ୍ୟଞ୍ଜନାଟି ମଧ୍ୟରେ ନୀତ୍ସେଙ୍କର କଳ୍ପନାଟି ମଧ୍ୟ ଉଦ୍ରେକ ହୋଇ ଆସିଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଆମର ଏହି ବର୍ତ୍ତମାନ ସମୟର ଅତ୍ୟନ୍ତ ଅପୂର୍ଣ୍ଣତାଯୁକ୍ତ ମନୁଷ୍ୟତ୍ୱର ଭୂମିଟି ମଧ୍ୟରୁ ଅତିମାନବର ବିକାଶ କରାଇ ଆଣିବାହିଁ ଆମର ପ୍ରକୃତ କର୍ତ୍ତବ୍ୟ ବୋଲି ନୀତ୍ସେ ଯେଉଁ ବସ୍ତୁଟିକୁ ପ୍ରକାଶ କରିଛନ୍ତି, ସେଥିରେ ଅବଶ୍ୟ ସମ୍ପୂର୍ଣ୍ଣ ସାରବତ୍ତା ରହିଛି । ଆମର ଲକ୍ଷ୍ୟଟି ବିଷୟରେ "ଆମେ ଆମର ପରିପୂର୍ଣ୍ଣ ଆତ୍ମପରିଚୟ ଲାଭ କରିବା" ବୋଲି ଯେଉଁ ସୂଚନାଟି ଦେଇଛନ୍ତି, ତାହାକୁ କଦାପି ଆଉ ଅଧିକ ଭଲ ଭାଷାରେ କୁହାଯାଇ ପାରି ନଥାନ୍ତା । ଆପଣାର ସେହି ଉକ୍ତିଟି ଦ୍ୱାରା ନୀତ୍ସେ ଏହାହିଁ କହିବାକୁ ଚାହୁଁଛନ୍ତି ଯେ ଯେଉଁ ଯଥାର୍ଥ ଆତ୍ମସତ୍ତା ଓ ଯଥାର୍ଥ ସ୍ୱଭାବଟି ଦ୍ୱାରା ମନୁଷ୍ୟ ସଫଳ ତଥା ସ୍ୱତଃସ୍ଫୂର୍ତ୍ତ ଭାବରେ ଜୀବନଟିକୁ ବଞ୍ଚି ପାରନ୍ତା, ସିଏ ଏବେ ସୁଦ୍ଧା ସେହି ଆତ୍ମସତ୍ତା ଏବଂ ସେହି ସ୍ୱଭାବଟିକୁ ଆବିଷ୍କାର କରିପାରି ନାହିଁ । ତଥାପି ଯେଉଁ ପ୍ରମାଦଟିକୁ ଆମକୁ ସର୍ବଦା ଏଡ଼ିକରି ରହିବାକୁ ପଡ଼ିବ ବୋଲି ମୁଁ କହିଲି, ନୀତ୍ସେ ଠିକ୍ ସେହି ପ୍ରମାଦଟିକୁହିଁ କରିଛନ୍ତି । ତାଙ୍କର ଅତିମାନବକୁ କେବଳ ଏକ ବହୁଗୁଣିତ ଏବଂ ଆବର୍ଦ୍ଧିତ ମନୁଷ୍ୟ ବୋଲି କୁହାଯିବ, ଯେଉଁଥିରେ କି ପ୍ରବଳ ଶକ୍ତିଶାଳିତାହିଁ ସର୍ବାଧିକାରୀ ହୋଇ ରହିଛି, ଏବଂ ମନୁଷ୍ୟର ଅନ୍ୟାନ୍ୟ ଯାବତୀୟ ଗୁଣକୁ ତାହା ଆପଣାର ଓଜନଟି ଦ୍ୱାରା କୁଆଡ଼େ ଦଳି ଓ ପେଶି ପକାଇଛି । ଏଇଟି କଦାପି ଆମର ଆଦର୍ଶ ହୋଇପାରି ନଥାନ୍ତା । ଶକ୍ତି ଓ ବଳର ଅତିରିକ୍ତ ଉପାସନା ଯେ ମଣିଷକୁ ପ୍ରକୃତରେ କୁଆଡ଼କୁ ନେଇଯାଏ, ତାହା ଯେ ଆମକୁ ବଳଶାଳୀର ଯାବତୀୟ ଅପରାଧକୁ ଭୋଗ କରିବାକୁ ବାଧ୍ୟ କରେ ଏବଂ ତଦ୍ୱାରା ଯେ ମନୁଷ୍ୟ ବାସ କରୁଥିବା ଏହି ଭୂଖଣ୍ଡଗୁଡ଼ିକର ଧ୍ୱଂସସାଧନ ଅନିବାର୍ଯ୍ୟ ହୋଇପଡ଼େ, ବର୍ତ୍ତମାନ ମଧ୍ୟ ଆମେ ସେହି କଥାଟିକୁ ଅତ୍ୟନ୍ତ ଜଳଜଳ କରି ଦେଖି ପାରୁଥିବା ।

ନା,—ସେହି ସଦାପରିପୂର୍ଣ୍ଣ ପରମ ଚିନ୍ମୟତାର ବିକାଶ ମଧ୍ୟରେହିଁ ଅତି-ମାନବତ୍ୱର ମାର୍ଗ ନିହିତ ହୋଇ ରହିଛି । ଯଦି ଆପଣାକୁ ଆଧ୍ୟାତ୍ମିକ ଭୂମିକୁ ଉତ୍ତୋଳିତ କରି ନେବା ପାଇଁ ମଣିଷ ଥରେ ସମ୍ମତ ହୋଇଯିବ, ତେବେ ସବୁକିଛି ବଦଳିଯିବ ଓ ସବୁକିଛି ସହଜ ହୋଇଯିବ । ଆଧ୍ୟାତ୍ମିକ ଭୂମିକୁ ଉତ୍ତୋଳିତ ହୋଇ ଯାଇଥିବା ମନୁଷ୍ୟ ସେତେବେଳେ ଅତ୍ୟନ୍ତ ସ୍ୱତଃପ୍ରେରିତ ଭାବରେ ତା' ନିଜର

'oaob.nitrkl.ac.in' images reprocessed

ଉପଲବ୍ଧି, ସୃଷ୍ଟିର ସତ୍ୟ ପ୍ରତି ଅନୁଗତ ହୋଇ ରହିବ, ଯେତେବେଳେ ସେ ଆତ୍ମ ପରିଚୟ ଲାଭ କରିବ ଓ ଆପଣାର ଯଥାର୍ଥ ପ୍ରକୃତିଟିର ସନ୍ଧାନ ପାଇ ପାରିବ, ସେତିକବେଳେ ଯାଇ ଆଧ୍ୟାତ୍ମିକ ଜୀବନର ସେହି ଉଚ୍ଚତର ପରିପୂର୍ଣ୍ଣତା ମଧ୍ୟ ସମ୍ଭବ ହେବ । ମାତ୍ର, ପଶୁର ସ୍ତରରେ ଯେପରି ହୋଇଛି, ସେହି ସ୍ୱତଃପ୍ରେରଣା କଦାପି ଅନ୍ଧ ପ୍ରବୃତ୍ତି ଅଥବା ଅବଚେତନ ଭୂମିଟିରୁ ଜାତ ହେବ ନାହିଁ; ତାହା ସଂବୋଧ ଦ୍ୱାରା ପ୍ରେରିତ ହେବ, ଏବଂ, ସମ୍ପୂର୍ଣ୍ଣ ତଥା ସମଗ୍ର ଭାବରେ ଚେତନାଯୁକ୍ତ ହୋଇ ରହିଥିବ ।

ତେଣୁ, ଯେଉଁ ବ୍ୟକ୍ତିମାନେ ଆଗାମୀ ନୂତନ ଯୁଗଟିରେ ସମ୍ଭବ ହେବାକୁ ଯାଉଥିବା ମାନବ-ଭବିଷ୍ୟଟିର ନିର୍ମାଣରେ ସହାୟକ ହୋଇ ପାରିବେ, ସେମାନଙ୍କୁ ଏକ ଆଧ୍ୟାତ୍ମିକ ବିବର୍ତ୍ତନକୁହିଁ ମନୁଷ୍ୟସତ୍ତାର ନିୟତି ଏବଂ ତେଣୁ ସବୁଠାରୁ ବଡ଼ ପ୍ରୟୋଜନ ରୂପେ ସ୍ୱୀକାର କରି ନେବାକୁ ପଡ଼ିବ । ସେହି ବିବର୍ତ୍ତନଟି ଦ୍ୱାରା ମନୁଷ୍ୟ ସମାଜର ଏହି ବର୍ତ୍ତମାନ ସ୍ୱରୂପଟି ଏକ ଆଧ୍ୟାତ୍ମିକତାର ଭୂମିକୁ ଉନ୍ନୀତ ମନୁଷ୍ୟ ସମାଜ ରୂପେ ନବଦୀକ୍ଷା ଲାଭ କରିବ । ପଶୁସ୍ତରୀୟ ମନୁଷ୍ୟ ଯେପରି ବହୁଗୁଣ ଏକ ଅତ୍ୟନ୍ତ ମନୋମୟ ସାମର୍ଥ୍ୟଯୁକ୍ତ ମନୁଷ୍ୟ ସମାଜରେ ପରିଣତ ହୋଇ ପାରିଛି, ଠିକ୍ ସେହିପରି ।

ସେମାନେ ଏକ ନିର୍ଦ୍ଦିଷ୍ଟ ବିଶ୍ୱାସ ଏବଂ ନିର୍ଦ୍ଦିଷ୍ଟ ଧର୍ମମତ ପ୍ରତି ଅପେକ୍ଷାକୃତ ଅଧିକ ଉଦାସ ରହିବେ, ଏବଂ ଯେଉଁ ଲୋକ ନିଜ ସ୍ୱଭାବ ଦ୍ୱାରା ପ୍ରେରିତ ହୋଇ ଯେଉଁସବୁ ବିଶ୍ୱାସ ବା ଧର୍ମମତକୁ ଗ୍ରହଣ କରୁଛନ୍ତି, ସେମାନେ ସେମାନଙ୍କୁ ତାହା ଗ୍ରହଣ କରିବା ଲାଗି ଛାଡ଼ିଦେବେ । କେବଳ ଏକ ଆଧ୍ୟାତ୍ମିକ ପରିବର୍ତ୍ତନ ଓ ଦୀକ୍ଷାଗ୍ରହଣକୁ ସେମାନେ ଅସଲ କଥା ବୋଲି ଗ୍ରହଣ କରିଥିବେ । ବାହାରର କୌଣସି ଯାନ୍ତ୍ରିକ ଉପାୟ ଅଥବା କୌଣସି ବାହ୍ୟ ଅନୁଷ୍ଠାନ ଦ୍ୱାରା ଏହି ପରିବର୍ତ୍ତନ ସମ୍ଭବ ହୋଇ ପାରିବ ବୋଲି ଭାବିବାର କୌଣସି ଭୁଲ୍ ନକରିବାକୁ ସେମାନେ ବିଶେଷ ଭାବରେ ସାବଧାନ ରହିବେ । ସେହି ଆଧ୍ୟାତ୍ମିକ ପରିବର୍ତ୍ତନଟିକୁ ପ୍ରତ୍ୟେକ ବ୍ୟକ୍ତି ତା'ର ଅନ୍ତର୍ଗତ ଜୀବନରେହିଁ ବଞ୍ଚି ପାରୁଥିବ ଏବଂ ତା' ନହେଲେ ତାହା ଯେ ତା' ଜୀବନର ଏକ ସତ୍ୟରେ ପରିଣତ ହୋଇ ପାରିବ ନାହିଁ, ସେମାନେ ସେହି କଥାଟିକୁ ଜାଣିବେ ଓ କେବେହେଲେ ପାସୋରି ପକାଇବେ ନାହିଁ ।

ଏବଂ, ଏହି ବ୍ୟକ୍ତିମାନଙ୍କ ମଧ୍ୟରେ, ନାରୀମାନେହିଁ ଏହି ବୃହତ୍ତର ପରିବର୍ତ୍ତନଟିକୁ ଆଗ ଉପଲବ୍ଧି କରିବାକୁ ସମର୍ଥ ହେବେ; କାରଣ, ନୂତନ ମନୁଷ୍ୟଜାତିର ସର୍ବପ୍ରଥମ ବ୍ୟକ୍ତିମାନଙ୍କୁ ଏହି ସଂସାରରେ ଭୂମିଷ୍ଠ କରାଇବା ହେଉଛି ନାରୀମାନଙ୍କର ବିଶେଷ କାର୍ଯ୍ୟ । ଏବଂ, ଏହି କଥାଟିକୁ କରିପାରିବାକୁ ହେଲେ, ଏହି ଆଧ୍ୟାତ୍ମିକ

'oaob.nitrkl.ac.in' images reprocessed

ପରିବର୍ତ୍ତନଟିର ଯେ ବାସ୍ତବ କ୍ଷେତ୍ରରେ କେଉଁ ପରିଣାମମାନ ଘଟିବ, ଅଳ୍ପ ବହୁତ ପରିମାଣରେ ସେମାନେ ଅବଶ୍ୟ ତାହାର କଳ୍ପନା କରିପାରୁଥିବେ । କାରଣ, କେବଳ ବାହ୍ୟାରିଗୁଡ଼ାକ ବଦଳିଗଲେହିଁ ଯଦି ତାହା ସମ୍ଭବ ନହୋଇ ପାରୁଛି, ତଥାପି, ପ୍ରକୃତରେ ଏହିସବୁ ପରିବର୍ତ୍ତନକୁ ନଘଟାଇଲେ ମଧ୍ୟ ତାହା କେବେ ହେଲେ ସମ୍ଭବ ହେବ ନାହିଁ ।

ଏଥିଲାଗି, ବୁଦ୍ଧିର କ୍ଷେତ୍ରଟିରେ ଯେତିକି ପରିବର୍ତ୍ତନ ହେବ, ନୀତିଗତ ଏବଂ ସାମାଜିକ କ୍ଷେତ୍ରଗୁଡ଼ିକରେ ଯେ ତା'ଠାରୁ କଦାପି କମ୍ ପରିବର୍ତ୍ତନ ଆବଶ୍ୟକ ହେବ ନାହିଁ, ସେବିଷୟରେ ଆଦୌ କୌଣସି ସନ୍ଦେହ ନାହିଁ ।

ସେତେବେଳେ ଧର୍ମଗତ ବିଶ୍ୱାସ ଏବଂ ଉପାସନାବିଧିଗୁଡ଼ିକ ଅପ୍ରଧାନ ହୋଇଯିବ, ଠିକ୍ ସେହିପରି ନୀତିଗତ ନିଷେଧ ଏବଂ ପରାମର୍ଶଗୁଡ଼ାକ ମଧ୍ୟ ଗୌଣ ହୋଇ ରହିବ, ଆଚରଣଗତ ନାନା ନିୟମ ବା ପରମ୍ପରାର ମଧ୍ୟ କୌଣସି ମହତ୍ତ୍ୱ ରହିବ ନାହିଁ ।*

* ଆଗରୁ ପ୍ରସ୍ତୁତ ହୋଇଥିବା ଏକ ଚିଠାରେ ଏହି ପାରା ଏବଂ ଏହାର ପୂର୍ବବର୍ତ୍ତୀ ଦୁଇଟି ପାରା ଜାଗାରେ ନିମ୍ନଲିଖିତ କଥାଗୁଡ଼ିକ ଲେଖା ହୋଇଛି :

ମାତ୍ର ଏହି ବ୍ୟକ୍ତିମାନଙ୍କ ମଧ୍ୟରେ, ଆମେ ଆଗରୁ ଯେପରି କହି ସାରିଛୁ, ନାରୀମାନଙ୍କୁ ଏକ ବିଶେଷ କାର୍ଯ୍ୟ ସମ୍ପାଦନ କରିବାକୁ ପଡ଼ିବ । ସେମାନଙ୍କୁ ସେହି ନୂତନ ମନୁଷ୍ୟଜାତିର ପ୍ରଥମ ବ୍ୟକ୍ତିମାନଙ୍କୁ ଏହି ସଂସାରରେ ଭୂମିଷ୍ଠ କରାଇବାକୁ ପଡ଼ିବ । ଏବଂ, ସେହି କଥାଟିକୁ କରି ପାରିବାକୁ ହେଲେ, ଏହି ଅତିମାନବର ଆଦର୍ଶଟି ଯେ ପ୍ରକୃତରେ କ'ଣ, ପ୍ରଥମେ ଆପଣାର ଭାବନା ଭିତରେ ଆମକୁ ସେହି କଥାଟିର ଅଳ୍ପବହୁତ କଳ୍ପନା କରିବାକୁ ବି ସମର୍ଥ ହେବାକୁ ପଡ଼ିବ ।

ଏକଥା ଅବଶ୍ୟ ସତ ଯେ, ନୂତନ ମନୁଷ୍ୟଜାତିଟି ପ୍ରକୃତରେ କିପରି ହେବ, ନିଜ ଆଖି ଆଗରେ ତାହାର ଗୋଟିଏ ଚିତ୍ର ପ୍ରସ୍ତୁତ କରି ରଖିବା ପରି ହୁଏତ ଅଧିକ କଷ୍ଟସାଧ୍ୟ ଆଉ ଆଦୌ କୌଣସି କାର୍ଯ୍ୟ ନାହିଁ । ଏହି ପ୍ରୟାସଟିରେ ଆମେ କେବେହେଲେ ସଫଳ ହେବା ନାହିଁ । ଏଠାରେ ଆମେ ସେହି ବିଷୟରେ ବିଶଦ ଭାବରେ କିଛି ଆଲୋଚନା କରିବାକୁ ଯିବା ନାହିଁ । କାରଣ, ଅତିମାନସର ଅର୍ଥାତ୍ ସେହି ପରମ ଚିନ୍ମୟତାର ଏହି ସୃଷ୍ଟିଟି ଯେ କିପରି ହେବ, ନିଶ୍ଚିତ ଏବଂ ଯଥାର୍ଥ ଭାବରେ ତାହାକୁ ବୁଝିବା ଲାଗି ଆମେ ଆମ ମନକୁ କଦାପି କହିବାକୁ ଯିବା ନାହିଁ । କାରଣ, ସେଥିଲାଗି ତାହାର ଆଦୌ କୌଣସି ସାମର୍ଥ୍ୟ ନାହିଁ ।

ମାତ୍ର, ଆମେ ଯେପରି ଆଗରୁ କହିଛୁ ଯେ ଶୁଦ୍ଧ ଶୁଦ୍ଧ ମନୋଗତ ବୁଦ୍ଧିବୃତ୍ତିର ସ୍ଥାନରେ ସ୍ୱବୋଧିପ୍ରେରିତ ଜ୍ଞାନକୁ ଏକ ବିକଳ୍ପ ଭାବରେ ଗ୍ରହଣ କରିବାହିଁ ଭବିଷ୍ୟ ସତ୍ତାର ଏକ ବିଶେଷ ଲକ୍ଷଣ ହୋଇ ରହିବ, ଠିକ୍ ସେହିପରି ନୈତିକ ଏବଂ ସାମାଜିକ ଦୃଷ୍ଟିଗୁଡ଼ିକରୁ ବିଗ୍ଭର କରି ଦେଖିଲେ ସେହି ନୂତନ ମାନବଜାତିର ପ୍ରକୃତ ଜୀବନମାନଟି ବା କିଭଳି ହୋଇ ରହିବ ?

'oaob.nitrkl.ac.in' images reprocessed

ବାସ୍ତବ ମନୁଷ୍ୟ-ଜୀବନର କ୍ଷେତ୍ରରେ ଏହିପରି ହୋଇଥାଏ ଯେ, ଗୋଟିଏ ପାଖରେ ପ୍ରାଣିକ ଇଚ୍ଛା ଓ ତାହାର ଯାବତୀୟ ଆବେଗ ଏବଂ ଆଉଗୋଟିଏ ପାଖରେ ମାନସିକ ଭୂମିର ସାମର୍ଥ୍ୟ ଓ ତାହାର ଯାବତୀୟ ଆଦେଶ ଓ ଅନୁଜ୍ଞା, ଦୁଇଟି ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ରହିଥାଏ, ନୈତିକତାର ସମଗ୍ର ସମସ୍ୟାଟି ପ୍ରକୃତରେ ତାହାରି ଉପରେହିଁ ଆପଣାକୁ କେନ୍ଦ୍ରିତ କରି ରଖିଥାଏ । ଯେତେବେଳେ ପ୍ରାଣିକ ଇଚ୍ଛା ମନଃକ୍ଷେତ୍ରର ଶକ୍ତିଟି ପାଖରେ ବଶ୍ୟତାସ୍ୱୀକାର କରେ, ସେତେବେଳେ ବ୍ୟକ୍ତି ଅଥବା ସମାଜର ଜୀବନକୁ ଆମେ ନୈତିକ ବୋଲି କହିଥାଉ । ମାତ୍ର, ଯେତେ-ବେଳେ ପ୍ରାଣିକ ଇଚ୍ଛା ଏବଂ ମାନସିକ ଶକ୍ତି ଦୁଇଟିଯାକ ଆପଣାଠାରୁ ବୃହତ୍ତର ଓ ଉଚ୍ଚତର ଏକ ବସ୍ତୁ ପାଖରେ ଅର୍ଥାତ୍ ଅତିମାନସ ପାଖରେ ବଶ୍ୟତାସ୍ୱୀକାର କରି ରହି ପାରନ୍ତି, କେବଳ ସେତିକିବେଳେହିଁ ମନୁଷ୍ୟଜୀବନରେ ଅଧିକ କିଛି ସମ୍ଭବ ହୁଏ, ସେଥିରେ ଏକ ଉତ୍କ୍ରମଣ ସମ୍ଭବ ହୁଏ । ସେତିକିବେଳେ ଯାଇ ଯଥାର୍ଥ ଆଧ୍ୟାତ୍ମିକ ଜୀବନର ଆରମ୍ଭ ହୁଏ, ଅତିମାନବର ଜୀବନ ଆରମ୍ଭ ହୁଏ । କାରଣ ଯେତେବେଳେ ଯାବତୀୟ ବିଧାନ ଅନ୍ତର ଭିତରୁହିଁ ପ୍ରେରିତ ହୋଇ ଆସିବ, ସେତେବେଳେ କେବଳ ସେହି ଦିବ୍ୟ ବିଧାନହିଁ ପ୍ରତ୍ୟେକ ସତ୍ତାର କେନ୍ଦ୍ରଟିରେ ଆସି ପ୍ରତିଷ୍ଠିତ ହୋଇ ରହିଥିବ ଏବଂ ସେହି ଭିତରୁହିଁ ତାହା ତା' ଜୀବନର ଶାସନ ଓ ପରିଚାଳନ କରୁଥିବ । ଯେଉଁ ଦିବ୍ୟ ବିଧାନ ଆପଣାର ଅଭିବ୍ୟକ୍ତିରେ ଅନେକ ହୋଇ ରହିଥିଲେ ମଧ୍ୟ ସେହି ଗୋଟିଏ ଉତ୍ସରୁହିଁ ପ୍ରେରିତ ହୋଇ ଆସୁଛି, ତାହାହିଁ ତା' ଜୀବନର ପରିଚାଳନା କରିବ । ଏବଂ, ତାହାର ସେହି ଏକତ୍ୱଟିର କାରଣରୁହିଁ ଆମେ ଏହି ବିଧାନଟିକୁ ସର୍ବୋଚ୍ଚ ବ୍ୟବସ୍ଥା ଏବଂ ସର୍ବୋଚ୍ଚ ସମଞ୍ଜସତାର ବିଧାନ ବୋଲି କହିପାରିବା ।

ଏଣୁ, ଅହଂପ୍ରେରିତ ଅଭିପ୍ରାୟ, ବିଧାନ ଅଥବା ପାରମ୍ପରିକ ପ୍ରଥାଗୁଡ଼ାକ ଦ୍ୱାରା ଆଉ ମୋଟେ ପରିଚାଳିତ ହେଉ ନଥିବା ବ୍ୟକ୍ତିକୁ ଯାବତୀୟ ସ୍ୱାର୍ଥପ୍ରଣୋଦିତ ଲକ୍ଷ୍ୟର ଅନୁସରଣ ଛାଡ଼ିଦେବାକୁ ପଡ଼ିବ । ସମ୍ପୂର୍ଣ୍ଣ ସ୍ୱାର୍ଥରହିତତାହିଁ ତା' ଜୀବନର ବିଧାନ ହୋଇ ରହିବ । ଇହ ବା ପର କୌଣସି ଜଗତରେ ଏକ ବ୍ୟକ୍ତିଗତ ଲାଭ-ପ୍ରାପ୍ତିକୁ ଆଖି ଆଗରେ ରଖି କାର୍ଯ୍ୟ କରିବା ତା' ଲାଗି ଏକ ଅଭାବନୀୟ ଅସମ୍ଭବ କଥାରେ ପରିଣତ ହୋଇ ରହିବ । କାରଣ ସିଏ କରୁଥିବା ପ୍ରତ୍ୟେକ କାର୍ଯ୍ୟକୁ ସିଏ ସେହି କାର୍ଯ୍ୟଟିକୁ ପ୍ରେରିତ କରି ଆଣିଥିବା ସେହି ଦିବ୍ୟ ବିଧାନଟି ପ୍ରତି ସହଜ ଏବଂ

ନୀତିଗତ କ୍ଷେତ୍ରଟି ବିଷୟରେ କହିବାକୁ ଗଲେ, ନୂତନ ମନୁଷ୍ୟଜାତିର କୌଣସି ବ୍ୟକ୍ତି ଲାଗି ନିର୍ଦ୍ଧାରିତ ଭାବରେ ଆଦୌ କୌଣସି ନିଷେଧ କିଂବା ପରାମର୍ଶ ରହିବ ନାହିଁ, ଅତଏବ କୌଣସି ନିୟମ ବା କୌଣସି ପରମ୍ପରାର ଅନୁସରଣ କରିବା ବି ରହିବ ନାହିଁ ।

'oaob.nitrkl.ac.in' images reprocessed

ପ୍ରସନ୍ନ ଭାବରେ ସମ୍ପୂର୍ଣ୍ଣ ଅନୁଗତ ରହିହିଁ କରୁଥିବ । ସେଥିଲାଗି ସିଏ କୌଣସି ପ୍ରକାର ପୁରସ୍କାର ଅଥବା ଫଳ ଲାଭର ଆକାଙ୍‌କ୍ଷା ରଖି ନଥିବ । କାରଣ, ଏହିପରି ଏକ ପ୍ରେରଣା ଦ୍ୱାରା ପ୍ରେରିତ ହୋଇ, ଆପଣା ମଧ୍ୟରେ ଅବସ୍ଥାନ କରୁଥିବା ଦିବ୍ୟ ସତ୍ୟଟି ସହିତ ଆପଣା ବିବେକ ତଥା ଇଚ୍ଛାର କ୍ଷେତ୍ରରେ ଏକାତ୍ମକତା ଅର୍ଜନ କରି କାର୍ଯ୍ୟ କରିବାରେ ଯେଉଁ ଆନନ୍ଦ ମିଳେ, ଏଠାରେ ତାହାକୁହିଁ ସର୍ବଶ୍ରେଷ୍ଠ ପୁରସ୍କାର ବୋଲି କୁହାଯିବ ।

ଏବଂ, ଆପଣାକୁ ଏହିପରି ଭାବରେ ଏକାତ୍ମକ ଓ ଅଭିନ୍ନ କରି ରଖିବା ମଧ୍ୟରେହିଁ ଅତିମାନବ ଆପଣାର ସାମାଜିକ ଆଚରଣମାନ ଆବିଷ୍କାର କରିବାକୁ ସମର୍ଥ ହେବ । କାରଣ, ଆପଣା ମଧ୍ୟରେ ଦିବ୍ୟ ବିଧାନଟିର ସନ୍ଧାନ ପାଇଥିବାରୁହିଁ ସିଏ ପ୍ରତ୍ୟେକ ସତ୍ତା ମଧ୍ୟରେ ବି ଠିକ୍ ସେହି ଦିବ୍ୟ ବିଧାନଟିକୁ ସ୍ୱୀକାର କରିନେଇ ପାରିବ; ଏବଂ, ଆପଣା ଭିତରେ ସେହି ବିଧାନଟି ସହିତ ଏକାତ୍ମକତା ଅର୍ଜନ କରିଥିବାରୁ ସିଏ ସମସ୍ତଙ୍କ ଭିତରେ ରହିଥିବା ଏହି ବିଧାନଟି ସହିତ ବି ଏକାତ୍ମକତା ଅର୍ଜନ କରିବାକୁ ସମର୍ଥ ହେବ । ଏହିପରି ଭାବରେ ସେ ଯେ ମାର୍ଗ ଏବଂ ଉପାଦାନର ସ୍ତରରେ ସମସ୍ତଙ୍କର ଏକତ୍ୱଟି ବିଷୟରେ ସଜ୍ଞାନ ହୋଇ ରହିଥିବ ତା' ନୁହେଁ, ମାତ୍ର ଜୀବନ ତଥା ବାହ୍ୟରୂପର ବାହ୍ୟତମ ଭୂମିଗୁଡ଼ିକରେ ମଧ୍ୟ ସିଏ ସେହି ସଜ୍ଞାନତା ବା ସଚେତନତାକୁ ଅର୍ଜନ କରି ପାରିବ । ସିଏ ଗୋଟାସୁଦ୍ଧା ଏକ ମନ, ଏକ ପ୍ରାଣ ଅଥବା ଏକ ଦେହ ହୋଇ କଦାପି ରହିବ ନାହିଁ, ମାତ୍ର ସେଗୁଡ଼ିକର ଅଧିକାରୀ ହୋଇ ରହିଥିବା ସେହି ନୀରବ, ପ୍ରଶାନ୍ତ ଏବଂ ଚିରନ୍ତନ ଆତ୍ମାରେହିଁ ପରିଣତ ହୋଇ ରହିବ, ସେହି ପ୍ରେରଣାମୟ ଓ ଜୀବନଦାୟୀ ପରମ ଆତ୍ମସତ୍ତାରେହିଁ ପରିଣତ ହୋଇ ରହିବ । ଏବଂ ସେହି ଆତ୍ମା ବା ପରମ ଆତ୍ମସତ୍ତାକୁ ସିଏ ସର୍ବତ୍ର ପ୍ରତ୍ୟକ୍ଷ କରିବ, ତାହାକୁ ସର୍ବତ୍ର ସକଳ ଜୀବନ, ସକଳ ମନ ଏବଂ ସକଳ ଶରୀରକୁ ପୋଷଣ, ପ୍ରେରଣ ଏବଂ ଧାରଣ କରି ରଖିଥିବା ପ୍ରକୃତ ସତ୍ତାରୂପେ ପ୍ରତ୍ୟକ୍ଷ କରିବ । ଏହି ପରମ ଆତ୍ମସତ୍ତାହିଁ ଦିବ୍ୟ ସ୍ରଷ୍ଟାରୂପେ ଅବସ୍ଥିତ ରହିଛି ଏବଂ ଯାବତୀୟ କର୍ମକୁ କରୁଛି, ତାହାହିଁ ଏହି ସମୁଦାୟ ସଂସାରରେ ସର୍ବଦା ସେହି ଗୋଟିଏ ହୋଇ ରହିଛି ବୋଲି ସିଏ ସଚେତନ ହୋଇ ରହିଥିବ । କାରଣ, ଏହି ବିଶ୍ୱରୂପାୟନର ବହୁସଂଖ୍ୟକ ଆତ୍ମାକୁ ସିଏ ଯଥାର୍ଥ ଭାବରେ ସେହି ଗୋଟିଏ ପରମ ଦିବ୍ୟସତ୍ତାଙ୍କରହିଁ ଅନେକ ମୁଖ ବୋଲି ଜାଣିବ । ପ୍ରତ୍ୟେକ ସତ୍ତାକୁ ସିଏ ତା' ଲାଗି ଅନେକ ମୁଖର ଉପସ୍ଥାପନା କରି ରଖିଥିବା ସେହି ବିଶ୍ୱମୟ ପରମ ଦିବ୍ୟତା ବୋଲିହିଁ ପ୍ରତ୍ୟକ୍ଷ କରିବ । ସିଏ ତାଙ୍କରି ଭିତରେହିଁ ତଲ୍ଲୀନ ହୋଇ ରହିଥିବ ଏବଂ ଆପଣାର ମନ, ପ୍ରାଣ ଏବଂ ଦେହକୁ ସେହି ପରମ ଆତ୍ମସତ୍ତାଙ୍କର କେବଳ ଗୋଟିଏ ପରିପ୍ରକାଶ ବୋଲି ବୁଝୁଥିବ । ଆମେ ବର୍ତ୍ତମାନ ଯେଉଁମାନଙ୍କୁ ଅପର ବୋଲି କଳ୍ପନା କରୁଛୁ,

'oaob.nitrkl.ac.in' images reprocessed

ସେମାନେ ସମସ୍ତେ ତା'ର ଚେତନା ମଧ୍ୟରେ ନାନା ମନ, ଜୀବନ ଏବଂ ଶରୀର ଭିତରେ ଅବସ୍ଥିତ ରହିଥିବା ତା'ର ନିଜ ଆତ୍ମସତ୍ତା ବୋଲିହିଁ ପ୍ରତ୍ୟକ୍ଷ କରିବ । ସେ ଆପଣାର ଶରୀରକୁ ଅନ୍ୟମାନଙ୍କ ଶରୀରଠାରୁ ଅଭିନ୍ନ ହୋଇ ରହିଥିବାର ଅନୁଭବ କରିବ, କାରଣ ଯାବତୀୟ ଜଡ ମଧ୍ୟରେ ଅବସ୍ଥିତ ଏକତ୍ୱଟି ବିଷୟରେ ସିଏ ସର୍ବଦାହିଁ ସଜ୍ଞାନ ହୋଇ ରହିଥିବ । ସକଳ ଅସ୍ତିତ୍ୱ ସହିତ ସେ ହୃଦୟ ଓ ମନର କ୍ଷେତ୍ରରେ ଆପଣାକୁ ଏକତ୍ୱବଦ୍ଧ କରି ରଖିଥିବ, ଅନ୍ୟମାନଙ୍କୁ ବି ଆପଣା ମଧ୍ୟରେ ଏକତ୍ୱବଦ୍ଧ କରି ରଖିଥିବ । ଏବଂ ସେହି ପରିପୂର୍ଣ୍ଣ ଏକତ୍ୱବୋଧଟି ମଧ୍ୟରେହିଁ ଯଥାର୍ଥ ଏକାତ୍ମକତାର ଉପଲବ୍ଧି କରୁଥିବ ।

ମାତ୍ର ଅତିମାନବ ବିଷୟରେ ବର୍ଣ୍ଣନାଟିକୁ ଆମେ କେବଳ ଏହି କେତୋଟି ଅପରିହାର୍ଯ୍ୟ ସୂଚନା ମଧ୍ୟରେହିଁ ସୀମିତ କରି ରଖିବା ଏବଂ ତାହାର ପୂର୍ଣ୍ଣ ଚିତ୍ରଟିଏ ଆଙ୍କି ଥୋଇଦେବାର ଆମର ଉଦ୍ୟମରେ ଆଉ ଅଧିକ ଅଗ୍ରସର ହେବା ନାହିଁ । କାରଣ ଆମେ ଦୃଢ ଭାବରେ ଏକଥା କହି ପାରିବା ଯେ, ଏହି କ୍ଷେତ୍ରରେ ଆହୁରି ଅଧିକ ସୁସ୍ପଷ୍ଟ ହେବାର ପ୍ରୟାସ କରି ବାହାରିଲେ ତାହା ଯେ କେବଳ ବୃଥା ହେବ ସେତିକି ନୁହେଁ, ମାତ୍ର ସେଥିରେ ଆଦୌ କୌଣସି ଲାଭ ବି ହେବ ନାହିଁ । କାରଣ ଅଳ୍ପବହୁତ ପରିମାଣରେ ସ୍ପଷ୍ଟ ବା ସୁନିର୍ଦ୍ଦିଷ୍ଟ ଭାବରେ ଆମେ କେତେ ସଂଖ୍ୟାରେ ନାନା କଳ୍ପନା କରିବାକୁ ସମର୍ଥ ହେବା, ତାହା ଆମକୁ ଭବିଷ୍ୟ ପ୍ରରୂପଟିର ଗଠନରେ ଆଦୌ କୌଣସି ସାହାଯ୍ୟ କରିବ ନାହିଁ । ଏକ ନିଷ୍ଠାଯୁକ୍ତ ଏବଂ ଉତ୍ସାହଦୀପ୍ତ ଅଭୀପ୍ସା ଆମ ଭିତରେ ଯେଉଁ ଗତିଶୀଳତା ଏବଂ ଅଦମ୍ୟ ଆକାଂକ୍ଷାଟିକୁ ଆଣିଦେବ, ଆପଣାର ହୃଦୟ ତଥା ମନ ଭିତରେ ତାହାକୁହିଁ ଦୃଢ ଭାବରେ ଧରି ରଖି, ଏହି ପୃଥିବୀ ପୃଷ୍ଠରେ ଆପଣାକୁ ପ୍ରକାଶିତ କରି ଆଣିବାକୁ ଇଚ୍ଛୁକ ସେହି ନୂତନ ମାନବଜାତିର ସର୍ବୋଚ୍ଚ ପରମ ଭାବନାଟି ଆଡକୁ ଆପଣା ମଧ୍ୟରେ ଏକ ସନ୍ଦୀପିତ ଗ୍ରହଣଶୀଳତାର ସ୍ଥିତିକୁ ଧାରଣ କରି ରଖିହିଁ ଆମେ ସେହି ଭବିଷ୍ୟର ସନ୍ତାନମାନଙ୍କର ଗଠନରେ ଏକ ନିଶ୍ଚିତ ପଦକ୍ଷେପ ଗ୍ରହଣ କରି ପାରିବା ଏବଂ ମନୁଷ୍ୟସମାଜର ସେହି ମହାନ୍ ଉଦ୍ଧାରକର୍ତ୍ତାମାନଙ୍କର ସୃଷ୍ଟି ଲାଗି ଆମ ନିଜକୁ ମଧ୍ୟ ଗୋଟିଏ ଗୋଟିଏ ମଧ୍ୟବର୍ତ୍ତୀ ସୋପାନରୂପେ ନିୟୋଜିତ କରି ପାରିବାର ଯୋଗ୍ୟ ହୋଇ ପାରିବା ।*

* ବିକଳ୍ପ ଉପସଂହାର (ଅଗର ଗୋଟାଏ ଚିଠାରୁ) ପୃଥିବୀର ଉଦ୍ଧାରକର୍ତ୍ତାମାନଙ୍କର ।

ଅଗର ଚିଠାଟି ନିମ୍ନଲିଖିତ ଅଧିକ ପାରାଟିରେ ଶେଷ ହୋଇଛି :

'oaob.nitrkl.ac.in' images reprocessed

ପ୍ରଣତି-ଜ୍ଞାପନ

ଆମକୁ ପ୍ରଣତି ଜ୍ଞାପନ କରିବାକୁ ସବୁବେଳେ ଖୁବ ଭଲ ଲାଗେ, କାରଣ ତାହା ପୂର୍ବରୁହିଁ ସେହି ପରମ ବିଶ୍ୱସତ୍ତାଙ୍କର ଧନରେ ପରିଣତ ହୋଇ ରହିଥାଏ । ଆମ ପ୍ରଣତିଗୁଡ଼ିକ ଆପଣା ଭିତରେ ସର୍ବଦା ସେହି ପରମ ଅନନ୍ତଙ୍କରହିଁ କୌଣସି ନା କୌଣସି ସାରସତ୍ତ୍ୱ ବହନ କରିଥାନ୍ତି ।

ଦୈନନ୍ଦିନ ଘଟଣାଗୁଡ଼ିକରେ ଯାହାକିଛି ବାହ୍ୟେନ୍ଦ୍ରିୟଗୁଡ଼ିକର ଅହଂକେନ୍ଦ୍ରିତ ଏବଂ ସୀମାବଦ୍ଧ ଗ୍ରହଣଶୀଳତା ମଧ୍ୟରେ ଧରା ଦେଇଥାଏ,—ସେହି ଗ୍ରହଣଶୀଳତା ଦୁଃଖ ପାଏ, ଆନନ୍ଦ ବି ଅନୁଭବ କରେ,—ତାହା ତତ୍‌କ୍ଷଣାତ୍ ନାନା ମାୟା ଓ ଭ୍ରମ ଦ୍ୱାରା ରଚିତ ଏକ ମେଘଖଣ୍ଡ ପରି କୁଆଡ଼େ ଅନ୍ତର୍ହିତ ହୋଇଯାଏ । ମାତ୍ର, ସେହି ଅଜ୍ଞାନମୟ ଅନୁଭୂତିର ପଶ୍ଚାତରେ ଓ ଅନେକ ସମୟରେ ତା'ର ଦ୍ୱାରା ଆଚ୍ଛନ୍ନ ହୋଇ ରହି ଅନ୍ୟ ଅନୁଭବଟି, ଯଥାର୍ଥ ଆତ୍ମାରହିଁ ଅନୁଭବଟି ବିରାଜିତ ରହିଥାଏ, ଯାହାକି ଯାବତୀୟ ବସ୍ତୁ ମଧ୍ୟଦେଇ ସେହି ପରମ ବିଶ୍ୱଗତ ଆତ୍ମାଟି ସହିତ ସମ୍ବନ୍ଧଯୁକ୍ତ ହୋଇ ରହିଥାଏ ଏବଂ ଆପଣାର ଯାବତୀୟ ପରିପୂର୍ଣ୍ଣ ଆନନ୍ଦଟିର ବି ଅଧିକାରୀ ହୋଇ ରହିଥାଏ ।

ଏହିସବୁ ଅନୁଭବହିଁ ଗୋଟିଏ ଗୋଟିଏ ପ୍ରଣତି ଆକାରରେ ଆମ ସତ୍ତାର ଗଭୀରରେ ସାଇତା ହୋଇ ରହିଥାଏ, ଏବଂ ଯେତେବେଳେ ସେଥିମଧ୍ୟରୁ ଗୋଟିଏ ସ୍ମୃତିପଟରେ ଆସି ଆବିର୍ଭୂତ ହୁଏ, ସେତେବେଳେ ଦିବ୍ୟ ପରମାନନ୍ଦର ସ୍ୱର୍ଣ୍ଣ ବସ୍ତ୍ରରେ ମଣ୍ଡିତ ହୋଇହିଁ ତାହାର ପୁନରାବିର୍ଭାବ ହୋଇଥାଏ ।

ଆମର ଅଜ୍ଞାନମୟ ଅନୁଭୂତି ମଧ୍ୟରେ କାଳ ହୋଇ ରହି ଆମେ ପ୍ରଥମେ ଯାହାକୁ ଦୁଃଖ ଏବଂ ଯନ୍ତ୍ରଣା ବୋଲି କହୁଥିଲୁ, ବର୍ତ୍ତମାନ ଅହଙ୍କାର ଦ୍ୱାରା ମଣ୍ଡିତ,

ସେମାନେ ଯଥାର୍ଥରେହିଁ ଉଦ୍ଧାରକର୍ତ୍ତାରୂପେ କାର୍ଯ୍ୟ କରିବେ, କାରଣ ଏହି ପ୍ରକୃତିର ପ୍ରତ୍ୟେକ ବ୍ୟକ୍ତି ନିଜ ପାଇଁ, ନିଜର ରାଷ୍ଟ୍ର ପାଇଁ ବା ନିଜର ସମାଜ ପାଇଁ କଦାପି ଜୀବନ ବଞ୍ଚି ନଥିବେ, ଆପଣାର ବ୍ୟକ୍ତି-ଅହଂ ଅଥବା କୌଣସି ସମୂହଗତ ଅହଂ ଲାଗି ସେମାନେ ଜୀବନ ବଞ୍ଚି ନଥିବେ, ମାତ୍ର ତା'ଠାରୁ ଅତିବ ଅଧିକ ବଡ଼ କୌଣସି ଏକ ସମ୍ପଦ ଲାଗି ଜୀବନ ବଞ୍ଚିଥିବେ । ସେମାନେ ନିଜ ଭିତରେ ରହିଥିବା ଭଗବାନଙ୍କ ଲାଗି ଏବଂ ପୃଥିବୀ ମଧ୍ୟରେ ପରିପୂର୍ଣ୍ଣ ହୋଇ ରହିଥିବା ଭଗବାନଙ୍କ ଲାଗି ଆପଣାର ଜୀବନ ବଞ୍ଚିଥିବେ ।

'oaob.nitrkl.ac.in' images reprocessed

ରୂପାନ୍ତରିତ ଏବଂ ଗୌରବାନ୍ୱିତ ଭାବରେ ତାହାର ପୁନରାବିର୍ଭାବ ହୁଏ ; ଯାହାକୁ ଆମେ ସୁଖ ଏବଂ ସୌଭାଗ୍ୟ ବୋଲି କହି ଆସିଥିଲୁ, ଠିକ୍ ତାହାର ଐଶ୍ୱର୍ଯ୍ୟମୟ ବେଶ ପିନ୍ଧି ତାହାର ପୁନରାବିର୍ଭାବ ହୁଏ । ବସ୍ତୁତଃ, ଅନେକ ସମୟରେ ପୂର୍ବୋକ୍ତ ସଂସ୍କରଣଗୁଡ଼ିକର ମଧ୍ୟମାନ୍ଧି ଶେଷୋକ୍ତଟିର ତୁଳନାରେ ଆହୁରି ଅଧିକ ପ୍ରଗାଢ଼ ଏବଂ ପରିବ୍ୟାପ୍ତ ହୋଇ ରହିଥାଏ ; ସେମାନେ ଆମକୁ ଯେଉଁ ଆନନ୍ଦ ଦିଅନ୍ତି, ତାହା ଅପେକ୍ଷାକୃତ ଅଧିକ ଗମ୍ଭୀର ଏବଂ ଅଧିକ ବିଶୁଦ୍ଧ ହୋଇ ରହିଥାଏ ।

ଏହିପରି ଭାବରେହିଁ ପ୍ରାୟ ଅନ୍ଧ ହୋଇ ରହିଥିବା ଆମ ଇନ୍ଦ୍ରିୟଗୁଡ଼ିକର ମିଥ୍ୟାମୟ ପ୍ରତିପାଦନ ଏବଂ ବସ୍ତୁଗୁଡ଼ିକର ଯଥାର୍ଥ ସତ୍ୟ ମଧ୍ୟରେ ରହିଥିବା ତାରତମ୍ୟଟିକୁ ମଧ୍ୟ ଆମେ ଅଳ୍ପ ଅଳ୍ପ କରି ହୃଦୟଙ୍ଗମ କରି ଶିଖୁ ।

ଏହି କାରଣରୁହିଁ ଆମର ପ୍ରତ୍ୟେକଗୁଡ଼ିକ ଆମ ଜୀବନରେ ଏପରି ଗୋଟିଏ ଗୋଟିଏ ମୂଲ୍ୟବାନ୍ ଶିକ୍ଷାଦାତାରୂପେ କାର୍ଯ୍ୟ କରିଥାନ୍ତି । ଏବଂ ସେଇଥି ସକାଶେହିଁ ଏହି ପ୍ରତ୍ୟେକଗୁଡ଼ିକ ଆମକୁ ଏତେ ଭଲ ଲାଗେ । ସେଗୁଡ଼ିକ ଦ୍ୱାରା ପରମ ଶାଶ୍ୱତ ସତ୍ତାଙ୍କ ସହିତହିଁ ଆମର ଯୋଗସୂତ୍ର ସ୍ଥାପିତ ହୋଇଯାଏ ।

'oaob.nitrkl.ac.in' images reprocessed

ମୁଁ ଓ ମୋ'ର ଧର୍ମବିଶ୍ୱାସ

ମୁଁ କୌଣସି ଜାତିର ନୁହେଁ, କୌଣସି ସଭ୍ୟତାର ନୁହେଁ, କୌଣସି ସମାଜର ନୁହେଁ, କୌଣସି ପ୍ରଜାତିର ବି ନୁହେଁ । ମୁଁ ହେଉଛି କେବଳ ସେହି ପରମ ଦିବ୍ୟସତ୍ତାର ।

କେବଳ ସେହି ପରମ ଦିବ୍ୟସତ୍ତାଙ୍କ ବ୍ୟତୀତ ମୁଁ ଅନ୍ୟ କୌଣସି ପ୍ରଭୁ ମାନେ ନାହିଁ, କୌଣସି ନିୟମ ମାନେ ନାହିଁ, ସାମାଜିକ କୌଣସି ପରମ୍ପରାକୁ ମଧ୍ୟ ମାନେ ନାହିଁ ।

ମୁଁ ତାଙ୍କର ପାଖରେହିଁ ମୋ'ର ସବୁକିଛିକୁ ନେଇ ନିବେଦନ କରି ଦେଇଛି; ମୋ'ର ଇଚ୍ଛା, ମୋ'ର ଜୀବନ ତଥା ମୋ'ର ଆତ୍ମସତ୍ତାଟି ମଧ୍ୟ ନିବେଦନ କରି ଦେଇଛି । ଯଦି ତାଙ୍କ ଦ୍ୱାରା ସେହିପରିହିଁ ଅଭିପ୍ରେରିତ ହୋଇ ରହିଥାଏ, ତେବେ ମୁଁ ତାଙ୍କର ଲାଗି ମୋ'ର ପ୍ରତି ରକ୍ତବିନ୍ଦୁ ଦେବା ପାଇଁ ମଧ୍ୟ ପ୍ରସ୍ତୁତ ଅଛି । ପୂର୍ଣ୍ଣ ପ୍ରସନ୍ନ ଭାବରେ ଦେବାକୁ ପ୍ରସ୍ତୁତ ଅଛି । ଏବଂ, ତାଙ୍କର ସେବାରେ ନିୟୋଜିତ କୌଣସି କଥାକୁ ଆମେ କେବେହେଲେ ଏକ ତ୍ୟାଗ ବୋଲି କହି ପାରିବା ନାହିଁ ! କାରଣ ସେହି କ୍ଷେତ୍ରରେ କେବଳ ସମ୍ପୂର୍ଣ୍ଣ ଆନନ୍ଦ ବ୍ୟତୀତ ଆଉ କିଛିହେଲେହିଁ ନାହିଁ ।

ଜାପାନ, ଫେବୃଆରୀ, ୧୯୬୦

'oaob.nitrkl.ac.in' images reprocessed

ସପ୍ତମ ଭାଗ

ସର୍ବକାଳର କାହାଣୀ

ପିଲାମାନେ ଯେପରି ଆପଣାର ପ୍ରକୃତ ପରିଚୟ ପାଇ ପାରିବେ ଏବଂ ନ୍ୟାୟ ତଥା ସୌନ୍ଦର୍ଯ୍ୟର ମାର୍ଗରେ ଯାଇ ପାରିବେ, ସେମାନଙ୍କୁ ସେଥିରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଏହି କାହାଣୀଗୁଡ଼ିକ ଲେଖାଯାଇଥିଲା ।

ଫେବୃଆରୀ ୧୯୫୦ —ମା'ଆ

'oaob.nitrkl.ac.in' images reprocessed

ଏକ

ଆତ୍ମନିୟନ୍ତ୍ରଣ

ଗୋଟାଏ ଘୋଡ଼ାକୁ ମଣ କରାଯାଏ ସତ, ମାତ୍ର ଗୋଟାଏ ବାଘକୁ କେହି କେବେ ମଣ କରିବାକୁ ଚେଷ୍ଟା କରନ୍ତି ନାହିଁ । ସେପରି କାହିଁକି ହୁଏ କହିଲ ? କାରଣ, ବାଘ ଭିତରେ ଗୋଟିଏ ଦୁଷ୍ଟ ଓ ନିଷ୍ଠୁର ଏପରି ଶକ୍ତି ରହିଛି, ଯାହାରକି ଆଦୌ କୌଣସି ସଂଶୋଧନ ସମ୍ଭବ ନୁହେଁ । ସେଥିଲାଗି ଆମେ ବାଘଠାରୁ ଆଉ କୌଣସି ଭଲର ଆଶା କରିପାରିବା ନାହିଁ, ଏବଂ ବାଘ ଯେପରି ଆଉ କାହାରି କୌଣସି ଅନିଷ୍ଟ କରି ନ ପାରିବ, ଆମକୁ ସେଥିଲାଗି ତାକୁ ଜୀବନରୁ ମାରି ଦେବାକୁହିଁ ପଡ଼ିବ ।

ମାତ୍ର, ଅନ୍ୟ ପକ୍ଷରେ, ଗୋଟାଏ ଜଙ୍ଗଲି ଘୋଡ଼ା ଆରମ୍ଭରେ ଯେତେ ଅମଣିଆ ଓ ଅଥରପା ହୋଇ ରହିଥାଏ ପଛକେ, ଟିକିଏ ପ୍ରୟାସ ଏବଂ ଧୈର୍ଯ୍ୟ ଦ୍ୱାରା ତାହାକୁ ସହଜରେ ଆୟତ୍ତକୁ ଅଣାଯାଇ ପାରିବ । କାଳକ୍ରମେ ସିଏ ନିଶ୍ଚୟ ଆମର କଥା ମାନିବ, ଏପରିକି ଆମକୁ ଭଲ ବି ପାଇବ ଏବଂ ଶେଷକୁ ଆପଣାଛାଏଁହିଁ ତା' ଆଗରେ ମୋହିଁ ଦିଆ ଯାଉଥିବା ରାସକୁ ଗ୍ରହଣ କରିବା ଲାଗି ମୁହଁ ବଢ଼ାଇ ଦେବ ।

ମଣିଷ ଭିତରେ ମଧ୍ୟ କେତେକେତେ ବିଦ୍ରୋହୀ ଏବଂ ଅମଣିଆ ବାସନା ଏବଂ ଅତିପ୍ରବଳ ଇଚ୍ଛାମାନ ରହିଛି, ମାତ୍ର ଏଗୁଡ଼ାକ ବାଘପରି କ୍ୱଚିତ୍‌ହିଁ ଅଣ୍ଡ- ଆରର ବାହାର ହୋଇ ରହିଥାନ୍ତି । ଅଧିକାଂଶ ସମୟରେ ସେଗୁଡ଼ିକ ଜଙ୍ଗଲି ଘୋଡ଼ା ପରି ହୋଇଥାନ୍ତି : ମଣ ଦେବା ଲାଗି ସେମାନେ ଗୋଟିଏ ପଘା ଦରକାର କରୁଥାନ୍ତି, ଏବଂ ତୁମେ ନିଜେ ଯେଉଁ ପଘାଟି ନେଇ ସେମାନଙ୍କ ବେକରେ ବାନ୍ଧିଦେବ, ସେଇଟି ହେଉଛି ସର୍ବଶ୍ରେଷ୍ଠ ପଘା, ସେହି ପଘାଟିର ନାମ ଆତ୍ମନିୟନ୍ତ୍ରଣ ।

*

ହୁସେନ୍ ହେଉଛନ୍ତି ପୈଗମ୍ବର ମହମ୍ମଦଙ୍କ ନାତି । ତାଙ୍କର ନବାବଟି ଭାରି ସୌନ୍ଦର୍ଯ୍ୟପୂର୍ଣ୍ଣ ଥିଲା, ତାଙ୍କର ମୂର୍ତ୍ତିରେ ଅସରପି ଭର୍ତ୍ତି ହୋଇ ରହିଥିଲା । ସିଏ ତାଙ୍କର ସମ୍ମାନହାନି କରାଉଥିଲା, ସିଏ ଜଣେ ଧନୀ ବ୍ୟକ୍ତିର ସମ୍ମାନହାନି କରାଉ- ଥିଲା । ଆଉ ଧନୀ ବ୍ୟକ୍ତିମାନଙ୍କର ରାଗ ମୋଟେ ସହଜ ରାଗ ନୁହେଁ ।

'oaob.nitrkl.ac.in' images reprocessed

ଥରେ ଫୁଟନ୍ତା ଗରମପାଣିର ପାତ୍ରଟିଏ ହାତରେ ଧରି ଜଣେ କ୍ରୀତଦାସ ହୁସେନଙ୍କ ବାଟ ହୋଇ ଚାଲି ଯାଉଥିଲା । ସେତେବେଳେ ହୁସେନ୍ ଖାଇ ବସି ଥିଲେ । ଦୁର୍ଭାଗ୍ୟବଶତଃ ପୈଗମ୍ବରଙ୍କ ନାତିଙ୍କ ଉପରେ ସେଥିରୁ ଗୋଟାଏ ଟୋପା ପାଣି ଆସି ପଡ଼ିଗଲା ଏବଂ ଏଥିରେ ସେ ରାଗରେ ନିଆଁ ହୋଇ ଚିତ୍କାର କରିବାକୁ ଲାଗିଲେ ।

ଭୃତ୍ୟଟି ସାଙ୍ଗେ ସାଙ୍ଗେ ତାଙ୍କର ଗୋଡ଼ତଳେ ପଡ଼ିଗଲା ଏବଂ ବୁଦ୍ଧି କରି କୋରାନରୁ ଠିକ୍ ଖାପ ଖାଇବା ଭଳି ଗୋଟିଏ ପଦ୍ୟାର ମନେ ପକାଇ ଆବୃତ୍ତି କରିଥିଲା ।

ସିଏ କହିଥିଲା, "ଯେଉଁମାନେ ଆପଣାର କ୍ରୋଧକୁ ଅକ୍ତିଆରରେ ରଖି ପାରନ୍ତି, ସେହିମାନେହିଁ ସ୍ୱର୍ଗକୁ ଯାଆନ୍ତି ।

ଏହି ଶବ୍ଦଗୁଡ଼ିକର ପ୍ରଭାବ ହୁସେନଙ୍କ ଉପରେ ଅବଶ୍ୟ ପଡ଼ିଥିଲା ଓ ସିଏ ତତ୍‌କ୍ଷଣାତ୍ ଉତ୍ତର ଦେଲେ, "ମୁଁ ମୋଟେ ରାଗି ନାହିଁ ।"

ଭୃତ୍ୟଟି ଆଉ ପଦେ ଉଚ୍ଚାରଣ କଲା, "ଯେଉଁମାନେ ମଣିଷଙ୍କୁ କ୍ଷମା କରି ପାରନ୍ତି, ସେମାନେ ମଧ୍ୟ ନିଶ୍ଚୟ ସ୍ୱର୍ଗକୁ ଯାଆନ୍ତି ।"

"ମୁଁ ତୁମକୁ କ୍ଷମା କରିଦେଲି ।"—ହୁସେନ୍ ଉତ୍ତର ଦେଇ କହିଲେ ।

"...କାରଣ ଆଲ୍ଲା ଦୟାଳୁ ବ୍ୟକ୍ତିଙ୍କୁ ସବୁବେଳେ ଶ୍ରଦ୍ଧା କରନ୍ତି,"— ଭୃତ୍ୟଟି ପଦେ ଆଣି ଯୋଡ଼ି ଦେଇଥିଲା ।

ଏହି କେତୋଟି ବାକ୍ୟର ଆଦାନପ୍ରଦାନ ମଧ୍ୟରେ ହୁସେନଙ୍କର ସବୁଯାକ ରାଗ କୁଆଡ଼େ ଅନ୍ତର୍ହିତ ହୋଇ ଯାଇଥିଲା । ଏବଂ ଶେଷକୁ ସମ୍ପୂର୍ଣ୍ଣ ଶାନ୍ତ ଓ ସ୍ଥିର ମନରେ ସେ ସେହି ଭୃତ୍ୟକୁ ତଳୁ ଉଠାଇ ଆଣିଲେ ଓ ତାକୁ କହିଲେ :

"ବର୍ତ୍ତମାନଠାରୁ ମୁଁ ତୁମକୁ ମୁକ୍ତ ଦେଲି । ହେଇ ନିଅ ମୁଁ ତୁମକୁ ଚାରି ଶହ ରୌପ୍ୟ ମୁଦ୍ରା ବି ଦେଉଛି ।"

ଏହିପରି ଉପାୟରେ ହୁସେନ୍ ଆପଣାର ସର୍ବଦା ବେକପର୍ଯ୍ୟନ୍ତ ହୋଇ ରହିଥିବା ଆପଣାର କ୍ଷିପ୍ର ରାଗଟାକୁ ଅକ୍ତିଆରକୁ ଆଣି ପାରିଥିଲେ । ତାଙ୍କର ଅସଲ ଚରିତ୍ରଟି ମୋଟେ ଦୁଷ୍ଟ କିଂବା ନିର୍ମମ ନ ଥିବାରୁ ତାହା ପ୍ରକୃତରେ ଅକ୍ତିଆରର ଯୋଗ୍ୟ ହୋଇ ପାରିଥିଲା ।

❋

ତେଣୁ, ତୁମର ପିତାମାତା କିଂବା ତୁମର ଶିକ୍ଷକ ଯେତେବେଳେ ତୁମକୁ ତୁମ ନିଜର ସ୍ୱଭାବଟିକୁ ଅକ୍ତିଆରକୁ ଆଣିବା ଲାଗି କହୁଛନ୍ତି, ସେତେବେଳେ, ତୁମର

'oaob.nitrkl.ac.in' images reprocessed

ଦୋଷଗୁଡ଼ିକ ବଡ଼ ବା ସାନ ଯାହା ହୋଇଥାଆନ୍ତୁ ପଛକେ, ସେଗୁଡ଼ିକର ଆଦୌ କୌଣସି ସଂଶୋଧନ ସମ୍ଭବ ନୁହେଁ ବୋଲି ସେମାନେ ଆଦୌ ସେକଥା କହୁ ନାହାନ୍ତି, ମାତ୍ର ଓଲଟି, ସେମାନେ ଏଇଥି ସକାଶେ ସେପରି କହୁଛନ୍ତି ଯେ, ତୁମର ସେହି କ୍ଷିପ୍ର ଏବଂ ଶ୍ଲେଷାନ୍ୱିତ ସ୍ୱଭାବଟିକୁ ସେମାନେ ଏପରି ଗୋଟିଏ ଅଳଂଘ୍ୟ ବନ୍ୟପର ନାଚିଆ ଘୋଡ଼ା ପରି ଦେଖୁଛନ୍ତି, ଯାହାକୁ କି ଅବଶ୍ୟ ଅଙ୍କୁଆର ମଧ୍ୟକୁ ଆଣିବାକୁ ପଡ଼ିବ ।

ତୁମେ ଗୋଟିଏ ଆବର୍ଜନାମୟ କୁଡ଼ିଆ ଘରେ ରହିବ ନା ଗୋଟିଏ ପ୍ରାସାଦରେ ରହିବ,— ତୁମକୁ ଯଦି କେହି ଏହି ପ୍ରଶ୍ନଟି ପଚାରେ, ତେବେ ତୁମେ ଦୁଇଟି ମଧ୍ୟରୁ କେଉଁଟିକୁ ବାଛିନେବ ? ସବୁଠାରୁ ଅଧିକ ସମ୍ଭବ ଯେ ତୁମେ ପ୍ରାସାଦରେ ରହିବାକୁ ଇଚ୍ଛା କରୁଛ ବୋଲି ଜବାବ ଦେବ ।

କଥିତ ଅଛି ଯେ ଯେତେବେଳେ ପୈଗମ୍ବର ମହମ୍ମଦ ସ୍ୱର୍ଗଲୋକକୁ ଗଲେ, ସେଠାରେ ସିଏ ସମଗ୍ର ସମତଳ ଦେଶଟି ଉପରକୁ ଊର୍ଦ୍ଧ୍ୱରୁ ଦୃଷ୍ଟିପାତ କରୁଥିବା ଏକ ଅଧିକ ସ୍ଥାନରେ ଅନେକ ବଡ଼ ବଡ଼ ପ୍ରାସାଦ ନିର୍ମିତ ହୋଇ ରହିଥିବାର ଦେଖିବାକୁ ପାଇଥିଲେ ।

ତାଙ୍କୁ ଏହିସବୁ ସ୍ଥାନ ବୁଲାଇ ଦେଖାଉଥିବା ଦେବଦୂତଙ୍କୁ ମହମ୍ମଦ ପଚାରିଥିଲେ, "ଗାବ୍ରିଏଲ୍, ଏହିସବୁ ରାଜପ୍ରାସାଦ କାହା ସକାଶେ ତିଆରି ହୋଇଛି ?" ଦେବଦୂତ ଉତ୍ତର ଦେଇ କହିଲେ :

"ଯେଉଁମାନେ ନିଜର କ୍ରୋଧକୁ ନିୟନ୍ତ୍ରଣରେ ରଖି ଜାଣନ୍ତି ଏବଂ ଅନ୍ୟମାନଙ୍କର ଅପରାଧକୁ କ୍ଷମା ଦେଇ ପାରନ୍ତି, ସେହିମାନଙ୍କ ସକାଶେ ।"

ହଁ, ଯେକୌଣସି ଶାନ୍ତ ଏବଂ ଦ୍ୱେଷମୁକ୍ତ ମନକୁ ଆମେ ବସ୍ତୁତଃ ଏକ ରାଜପ୍ରାସାଦ ସହିତ ତୁଳନା କରି ପାରିବା, ମାତ୍ର ଏକ ପ୍ରତିଶୋଧ ପରାୟଣ ଓ ଉଗ୍ରସ୍ୱଭାବ ମନକୁ କଦାପି ସେପରି ବୋଲି କହି ପାରିବା ନାହିଁ । ଆମର ଭାବନାଟିକୁ ଆମେ ଏପରି ଗୋଟିଏ ବାସଗୃହ ବୋଲି କଳ୍ପନା କରି ପାରିବା, ଯାହାକୁକି ଆମେ ଇଚ୍ଛା କଲେ ପରିଚ୍ଛନ୍ନ, ସୁନ୍ଦରଶ୍ରୀ ଏବଂ ଶାନ୍ତିମୟ କରି ରଖି ପାରିବା, ଯେଉଁଠାରେ କି ସୌଷମ୍ୟମୟ ଛନ୍ଦ ପରିପୂର୍ଣ୍ଣ ହୋଇ ରହିଥିବ । ମାତ୍ର, ଆମେ ଇଚ୍ଛା କଲେ ତାହାକୁ ଏକ ଅନ୍ଧକାରମୟ ଭୟଙ୍କର ଗହ୍ୱର ପରି ବି କରି ରଖି ପାରିବା, ଯାହାକି ନାନା ଦୁଃଖପୂର୍ଣ୍ଣ ଶବ୍ଦ ଏବଂ କର୍କଶ ଆର୍ତ୍ତନାଦରେ ପୂର୍ଣ୍ଣ ହୋଇ ରହିଥିବ ।

❋

'oaob.nitrkl.ac.in' images reprocessed

ଉତ୍ତର ଫ୍ରାନ୍ସର ଗୋଟିଏ ସହରରେ ଏକଦା ମୁଁ ଗୋଟିଏ ବାଳକକୁ ଚିହ୍ନିଥିଲି, ଯାହାର ମନ ସବୁବେଳେ ଖୋଲା ପ୍ରକୃତିର ଥିଲା ସତ, ମାତ୍ର ତାହା ଭାବ ପ୍ରଚଣ୍ଡ ଭାବରେ ଅସ୍ଥିର ହୋଇ ରହୁଥିଲା ଓ ବାଳକଟି ଏତେ ଟିକେ କଥାରେ ବି ସଙ୍ଗେ ସଙ୍ଗେ ରାଗି ଯାଉଥିଲା । ଦିନେ ତାକୁ ମୁଁ ପାଖକୁ ଡାକି କହିଲି :

"ଯଦି ତୁମର କୌଣସି ସାଙ୍ଗ ତୁମର ଅପମାନ କରେ, ତେବେ ମୁଥିର ଉତ୍ତରରେ ତାକୁ ତୁମେ ନିଜେ ବି ଗୋଟାଏ ମୁଥିକୁ ନେଇ ତା' ମୁହଁରେ ବସାଇ ଦେବ ନା ସେହି ମୁହୂର୍ତ୍ତରେ ଆଦୌ କିଛି ନକରି ହାତ ମୁଠାଟିକୁ ନେଇ ପକେଟ ଭିତରେ ରଖିଥିବ, — ତୁମ ଭଳି ଏତେ ମଜଭୁତ ଗୋଟାଏ ପିଲା ପକ୍ଷରେ କେଉଁଟା କରିବା ବେଶୀ କଷ୍ଟକର କହିଲ ?"

ସିଏ ଉତ୍ତର ଦେଲା, "ହାତମୁଠାକୁ ନେଇ ନିଜ ପକେଟ ଭିତରେ ରଖିବା ।"

"ଏବଂ କ'ଣ କରିବା ତୁମ ପରି ଗୋଟିଏ ସାହସୀ ପିଲା ପକ୍ଷରେ ଅଧିକ ଯୋଗ୍ୟ ହେବ କହିଲ,—ଅଧିକ ସହଜ କଥାଟିକୁ କରିବା ନା ଅଧିକ କଷ୍ଟକର କଥାଟିକୁ କରିବା ?"

"ଅଧିକ କଷ୍ଟକର କଥାଟିକୁ କରିବା,"—କ୍ଷଣେକ ପାଇଁ ଟିକିଏ ଅଙ୍ଗମଙ୍ଗ ହୋଇ ସିଏ ଉତ୍ତର ଦେଇ କହିଥିଲା ।

"ତେବେ, ଏଥର ଯେତେବେଳେ ସେହିପରି ଏକ ଅବସର ଆସିବ, ସେତେବେଳେ ତୁମେ ତାହାହିଁ କରିବ ।"

କିଛିଦିନ ପରେ ସେହି ବାଳକଟି ପୁଣି ଦିନେ ମୋ' ପାଖକୁ ଆସିଥିଲା ଏବଂ ଏଥର ସିଏ ଯେ ବିନା କାରଣରେ ନିଜ ବିଷୟରେ ଗର୍ବ ଅନୁଭବ କରୁଥିଲା, ସେକଥା ମୋଠେ ନୁହେଁ । ସିଏ ମୋତେ କହିଲା ଯେ ସିଏ ଏଥର "ଅଧିକ କଷ୍ଟକର କଥାଟିକୁ" କରି ପାରିଲାଣି । ସେ କହିଲା :

"ମୋ' ସହିତ ଏକାଠି କାମ କରୁଥିବା ଆଉ ଜଣେ ସାଙ୍ଗ, ଯିଏ କି ଭାରି ବଦରାଗୀ ବୋଲି ସମସ୍ତଙ୍କୁ ଜଣାଅଛି, ଦିନେ ହଠାତ୍ ଭାରି ରାଗିଯାଇ ମୋତେ ଚଟକଣାଏ ମାରିଲା । ମୁଁ ଯେ ସାଧାରଣତଃ ଆଦୌ କାହାରିକୁ କ୍ଷମା ଦିଏ ନାହିଁ ଏବଂ ମୋ' ହାତରେ ମଧ୍ୟ ଅନେକ ବଳ ଭର୍ତ୍ତି ହୋଇ ରହିଛି, ସେକଥା ସିଏ ଆଗରୁ ଜାଣିଥିବାରୁ ସିଏ ମୋ'ଠାରୁ ଓଲଟି ମାଡ଼ ଖାଇବ ବୋଲି ନିଜକୁ ସେଥିରୁ ରକ୍ଷା କରିବାକୁ ପ୍ରସ୍ତୁତ ହେଉଥିଲା । ଆପଣ ମୋତେ ଯାହା କହିଥିଲେ, ସେକଥା ମୋ'ର ସେତିକିବେଳେ ମନେ

'oaob.nitrkl.ac.in' images reprocessed

ପଡ଼ିଗଲା । ମୁଁ ଆଗରୁ ଯେତିକ କଳ୍ପନା କରିଥିଲି, କଥାଟି କରିବାକୁ ମୋତେ ତା'ଠାରୁ ଆହୁରି ଅଧିକ କଷ୍ଟକର ଲାଗିଲା ସତ, ମାତ୍ର ତଥାପି ମୁଁ ହାତମୁଠାଟିକୁ ନେଇ ପକେଟ ଭିତରେ ପୂରାଇ ଦେଲି । ଏବଂ, ମୁଁ ଯେମିତି ଏପରି କରିଛି, ତା'ପରେ ମୁଁ ଆଉ ଆଦୌ କୌଣସି ରାଗ ଅନୁଭବ କଲି ନାହିଁ, କେବଳ ମୋ ସାଙ୍ଗଟି ପାଇଁ ଦୁଃଖ ଅନୁଭବ କରିବାକୁ ଲାଗିଲି । ତା'ପରେ ମୁଁ ତା' ଆଡ଼କୁ ମୋ' ହାତଟିକୁ ବଢ଼ାଇ ଦେଲି । ଏଥିରେ ସିଏ ଏତେବେଶୀ ଆଶ୍ଚର୍ଯ୍ୟ ହୋଇଗଲା ଯେ, ଖାଲି କାବା ହୋଇ ମୋ' ଆଡ଼କୁ କିଛି ସମୟ ପର୍ଯ୍ୟନ୍ତ ଆଁ କରି ଅନାଇ ରହିଲା ଏବଂ ତା' ମୁହଁରୁ କୌଣସି କଥା ବାହାରିଲା ନାହିଁ । ସିଏ ତା'ପରେ ମୋ' ହାତକୁ ଧରିଲା, ଖୁବ୍ ଜୋରରେ ତାହାକୁ ହଲାଇ ଅତ୍ୟନ୍ତ ଭାବାବେଗ ସହିତ କହିବାକୁ ଲାଗିଲା, "ବର୍ତ୍ତମାନ ତୁ ଯାହା ଇଚ୍ଛା କରିବୁ, ମୋ' ପ୍ରତି ସେପରି ବ୍ୟବହାର କରି ପାରିବୁ, ମୁଁ ସବୁଦିନ ପାଇଁ ତୋ'ର ସାଙ୍ଗ ହୋଇ ରହିଲି ।"

ଖଲିଫା ହୁସେନଙ୍କ ପରି ଏହି ବାଳକଟି ମଧ୍ୟ ଆପଣାର ରାଗକୁ ନିୟନ୍ତ୍ରଣରେ ରଖି ପାରିଥିଲା ।

ମାତ୍ର ରାଗ ବ୍ୟତୀତ ବି ଆହୁରି ଅନେକ ବିଷୟ ରହିଛି, ଯାହାକୁ କି ନିୟନ୍ତ୍ରଣରେ ରଖିବା ଏକାନ୍ତ ଆବଶ୍ୟକ ହୋଇଥାଏ ।

⁂

ଆରବର କବି ଅଲ୍ କୋସାଇ ମରୁଭୂମିରେ ବାସ କରୁଥିଲେ । ଦିନେ ସେ ଗୋଟାଏ 'ନାବା' ଗଛ ବାଟଦେଇ ଯାଉଥିଲେ ଏବଂ ସେହି ଗଛର ଡାଳରୁ ଗୋଟିଏ ଧନୁ ଓ କେତୋଟି ତୀର ତିଆରି କରିଥିଲେ ।

ରାତି ହୋଇଯିବା ପରେ ସିଏ ବଣ-ଗଧ ଶିକାର କରି ବାହାରିଲେ । ଅଳ୍ପ ସମୟ ଭିତରୁ ସିଏ ଚାଲିଯାଉଥିବା କୌଣସି ପଶୁପଲର ଖୁରା-ଶବ୍ଦ ଶୁଣିବାକୁ ପାଇଲେ । ସେ ସେଇଠୁ ପ୍ରଥମ ତୀରଟିକୁ ମାରିଲେ । ମାତ୍ର ଏତେବେଶୀ ବଳ ପ୍ରୟୋଗ କରି ସେ ଧନୁଟିକୁ ବଙ୍କା କରିଥିଲେ ଯେ ତୀରଟି ଗୋଟିଏ ପଶୁର ଦେହକୁ ଭେଦ କରି ଚାଲିଯାଇ ତା'ପରେ ପାଖରେ ଥିବା ଗୋଟିଏ ପଥର ଦେହରେ ଯାଇ ବାଜିଲା । ପଥର ଉପରେ କାଠ ବାଜିବାର ଶବ୍ଦ ଶୁଣିପାରି ଅଲ୍ କୋସାଇ ତୀରଟି ଲକ୍ଷ୍ୟଭ୍ରଷ୍ଟ ହୋଇଯାଇଛି ବୋଲି ଭାବିଥିଲେ । ଏହାପରେ ଭାବି ସେ ପୁନର୍ବାର ଦ୍ୱିତୀୟ ତୀରଟିଏ ପେଷିଲେ ଏବଂ ପୁନର୍ବାର ଏଇଟି ମଧ୍ୟ ଗୋଟିଏ ଗଧର ଦେହ ଭିତରେ ପୂରା ଗଳିଯାଇ ତା'ପରେ ଯାଇ ପଥର ଉପରେ ବାଜିଥିଲା । ଏଥର ବି ସେ ଲକ୍ଷ୍ୟଭ୍ରଷ୍ଟ ହେଲେ ବୋଲି ଭାବିଲେ ଏବଂ ପୂର୍ବପରି ତୃତୀୟ ଶରଟିଏ

'oaob.nitrkl.ac.in' images reprocessed

ଫେପିଲେ, ଚତୁର୍ଥ ଓ ପଞ୍ଚମ ଶରଗୁଡ଼ିକୁ ମଧ୍ୟ ନିକ୍ଷେପ କଲେ, ଏବଂ ପ୍ରତ୍ୟେକ ଥର ସେହି ଏକାଭଳି ଶବ୍ଦ ଶୁଣିବାକୁ ପାଇଲେ । ଏବଂ, ପଞ୍ଚମଥର ପାଇଁ ସେହି କଥାଟି ଘଟିବା ପରେ ସେ ରାଗରେ ନିଜର ଧନୁଟିକୁ ଭାଙ୍ଗି ଦୁଇଖଣ୍ଡ କରିଦେଲେ ।

ସକାଳକୁ ସେ ପଥରଟି ଆଗରେ ପାଞ୍ଚୋଟି ଗଧ ମରି ପଡ଼ିଥିବାର ଦେଖିବାକୁ ପାଇଥିଲେ ।

ଯଦି ସେ ଟିକିଏ ଅଧିକ ଧୈର୍ଯ୍ୟ ଧରି ପାରିଥାନ୍ତେ, ଏବଂ ସକାଳ ହେଲା ପର୍ଯ୍ୟନ୍ତ ଅପେକ୍ଷା କରିଥାନ୍ତେ, ତେବେ ତାଙ୍କର ମୁଣ୍ଡ ନିଶ୍ଚୟ ଶାନ୍ତ ହୋଇ ରହିଥାନ୍ତା ଏବଂ ଧନୁଟିକୁ ମଧ୍ୟ ହରାଇବାକୁ ପଡ଼ି ନଥାନ୍ତା ।

❋

ଅବଶ୍ୟ ଏପରି ମୋଟେ ଭାବିବା ଉଚିତ ନୁହେଁ ଯେ, ଯେଉଁ ଶିକ୍ଷା ମନୁଷ୍ୟ ଚରିତ୍ରକୁ ତାହାର ସକଳ କର୍ମଶକ୍ତି ଏବଂ ଉତ୍ସାହରୁ ବଞ୍ଚିତ କରି ତାହାକୁ ପ୍ରକୃତରେ ଦୁର୍ବଳ କରିପକାଏ ସେହିପରି ଏକ ଶିକ୍ଷାକୁ ଆମେ ଅତ୍ୟନ୍ତ ମୂଲ୍ୟ ଦେବାକୁ ଇଚ୍ଛା କରୁଛୁ । ଯେତେବେଳେ ଆମେ କୌଣସି ଏକ ଘୋଡ଼ାକୁ ମଣ କରିବାକୁ ବସୁ, ସିଏ ଖାଉଥିବା ଖାଦ୍ୟ ତାହାର ମୁହଁକୁ ଟାଣି ପକାଉ ଓ ଦାନ୍ତକୁ ଭାଙ୍ଗିଦେଉ ବୋଲି ଆମେ କଦାପି ଇଚ୍ଛା କରୁ ନାହିଁ । ଏବଂ, ଘୋଡ଼ାଟି ଉତ୍ତମ ଭାବରେ ଆପଣାର କାମଟିକୁ କରୁ ବୋଲି ଯଦି ଆମେ ଇଚ୍ଛା କରୁଥାଉ, ତେବେ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ତାକୁ ଉଚିତ ଭାବରେ ପରିଚାଳିତ କରି ନେବାକୁ ଆମକୁ ତା'ର ଲଗାମଟିକୁ କଷି କରି ଧରିବାକୁ ପଡ଼ିବ ; ମାତ୍ର ତା' ବୋଲି ଆମେ ତାହାକୁ ଏତେବେଶୀ କଷିକରି କଦାପି ଟାଣି ଧରିବା ନାହିଁ, ଯେପରିକି ଆଉ ଘୋଡ଼ାଟି ଆଗକୁ ପାଦ ବି ପକାଇ ପାରିବ ନାହିଁ ।

ଦୁର୍ଭାଗ୍ୟର କଥା ଏହି ଯେ ଆମ ସଂସାରରେ ଏପରି ଦୁର୍ବଳ ଚରିତ୍ରର ବ୍ୟକ୍ତିମାନେ ଅତିବେଶୀ ସଂଖ୍ୟାରେ ରହିଛନ୍ତି, ଯେଉଁମାନଙ୍କୁ କି ଠିକ୍ ମେଣ୍ଢା ଭଳି ଖଣ୍ଡେ ବାଡ଼ି ଦେଖାଇ ଅଡ଼ାଇ ନିଆଯାଇ ପାରିବ ।

ଏପରି ପ୍ରକୃତିର ଲୋକ ଅଛନ୍ତି, ଯେଉଁମାନେ କି ସମ୍ପୂର୍ଣ୍ଣ ଭୃତ୍ୟ ପରି ହୋଇ ରହିଥାନ୍ତି, ଯେଉଁମାନଙ୍କୁ କିଛି ବି ସ୍ପର୍ଶ କରିପାରେ ନାହିଁ । ସେମାନଙ୍କ ପାଖରେ ଆଦୌ କୌଣସି ପ୍ରକାର ଶକ୍ତିମତ୍ତା ନଥାଏ ଏବଂ ସେମାନେ ଆବଶ୍ୟକରୁ ଆହୁରି ଅଧିକ ପରିମାଣରେ ସହନଶୀଳ ହୋଇ ରହିଥାନ୍ତି ।

ଆବୁ ଓତ୍ତମନ୍ ଅଲ୍-ହିରି ତାଙ୍କର ଅତ୍ୟନ୍ତ ଧୈର୍ଯ୍ୟ ସକାଶେ ସୁପରିଚିତ ଥିଲେ । ଥରେ ସିଏ ଗୋଟିଏ ଭୋଜିକୁ ନିମନ୍ତ୍ରିତ ହୋଇ ଯାଇଥିଲେ । ସେ

'oaob.nitrkl.ac.in' images reprocessed

ଯେତେବେଳେ ସେଠାରେ ଯାଇ ପହଞ୍ଚିଲେ, ନିମନ୍ତ୍ରଣକାରୀ ତାଙ୍କୁ କହିଲେ, "ଅଙ୍କୀ, ମୋତେ ମାଫ୍ କରିବେ । ମୁଁ ଆଜି ଆପଣଙ୍କୁ ମୋଟେ ଆତିଥ୍ୟ ଦେଇ ପାରିବି ନାହିଁ । ତେଣୁ ଆପଣ ଘରକୁ ଫେରି ଯାଆନ୍ତୁ ଏବଂ ଅଲ୍ଲା ଆପଣଙ୍କୁ ସଦୟ ହୋଇ ରହିଥାନ୍ତୁ ।"

ଆବୁ ଓତ୍ମାନ୍ ଘରକୁ ଫେରିଗଲେ । ସିଏ ଘରେ ପହଞ୍ଚିବାର ଅଳ୍ପ ସମୟ ପରେ ତାଙ୍କର ବନ୍ଧୁ ବି ସେଠାରେ ଯାଇ ପହଞ୍ଚିଲେ ଓ ତାଙ୍କୁ ପୁନର୍ବାର ଭୋଜି ପାଇଁ ନିମନ୍ତ୍ରଣ କଲେ ।

ଆବୁ ଓତ୍ମାନ୍ ବନ୍ଧୁଙ୍କ ପଛେ ପଛେ ତାଙ୍କ ଘର ଦୁଆରବନ୍ଧ ପାଖରେ ଯାଇ ପହଞ୍ଚିଲେ, ମାତ୍ର ସେଠାରେ ତାଙ୍କ ବନ୍ଧୁ ପୁଣି ତାଙ୍କୁ ଅଟକାଇ ରଖିଲେ ଏବଂ ଅତିଥିସତ୍କାର କରି ପାରିବେ ନାହିଁ ବୋଲି ପୁଣି ତାଙ୍କୁ କ୍ଷମା ମାଗିଲେ । କୌଣସି ପ୍ରତିବାଦ ନକରି ଆବୁ ଓତ୍ମାନ ପୁଣି ସେଠାରୁ ଫେରିଗଲେ ।

ତୃତୀୟ ଓ ଚତୁର୍ଥ ଥର ପାଇଁ ବି ସେହି ଦୃଶ୍ୟଟିର ପୁନରାବୃତ୍ତି ହୋଇଥିଲା । ମାତ୍ର, ଶେଷକୁ ତାଙ୍କର ବନ୍ଧୁ ତାଙ୍କୁ ଉଚିତ ସମ୍ମାନ ଦେଖାଇ ଡାକି ନେଇଥିଲେ ଏବଂ ସମସ୍ତଙ୍କର ଉପସ୍ଥିତିରେ ତାଙ୍କୁ କହିଲେ :

"ଆବୁ ଓତ୍ମାନ୍, ତୁମର ଶାନ୍ତ ସ୍ୱଭାବକୁ ପରୀକ୍ଷା କରିବା ସକାଶେହିଁ ମୁଁ ତୁମ ପ୍ରତି ଏଭଳି ଆଚରଣ କରୁଥିଲି । ତୁମର ଧୈର୍ଯ୍ୟ ଏବଂ ସହିବାଶକ୍ତିକୁ ମୁଁ ପ୍ରକୃତରେ ପ୍ରଶଂସା ନକରି ରହି ପାରୁ ନାହିଁ ।"

ଆବୁ ଓତ୍ମାନ୍ ଉତ୍ତର ଦେଇ କହିଲେ, "ଏଥିପାଇଁ ମୋତେ ପ୍ରଶଂସା କରିବାରେ କୌଣସି ଆବଶ୍ୟକତା ନାହିଁ, କାରଣ କୁକୁରମାନେ ବି ଠିକ୍ ଏହି ଗୁଣଟିର ପରିଚୟ ଦେଇଥାନ୍ତି । ସେମାନଙ୍କୁ ଡାକିବା ମାତ୍ରକେ ଦଉଡ଼ି ଆସନ୍ତି ଓ ବାହାର କରିଦେଲେ ଚାଲି ବି ଯାଆନ୍ତି ।"

ଆବୁ ଓତ୍ମାନ୍ ତ କୁକୁର ନଥିଲେ । ସିଏ ଜଣେ ମଣିଷ ଥିଲେ । ଏବଂ, ସିଏ ଯେ ଏପରି ଗୁଁଏ ଗୁଁଏ ସମ୍ମାନର କୌଣସି ଖିଆଲ୍ ନରଖି ଏବଂ ସେପରି କୌଣସି ଏକ ଯଥାର୍ଥ କାରଣ ନଥାଇ ମୁଣ୍ଡ ନୁଆଁଇ ତାଙ୍କ ବନ୍ଧୁମାନଙ୍କର ବଦ୍ରୂପକୁ ଗ୍ରହଣ କରି ନେଉଥିଲେ, ସେଥିରେ କାହାରି ହେଲେ କୌଣସି ମଙ୍ଗଳ ହେଉ ନଥିଲା ।

ଯେଉଁ ବ୍ୟକ୍ତି ସବୁବେଳେ ଏତେ ବିନୀତ ହୋଇ ରହୁଥିଲା, ତା'ର କ'ଣ ଆପଣା ଭିତରେ ନିୟନ୍ତ୍ରିତ କରି ରଖିବା ଲାଗି ପ୍ରକୃତରେ କୌଣସି ବସ୍ତୁ ନଥିଲା ? ହଁ, ନିଶ୍ଚୟ ଥିଲା । ସେଇଟିକୁ ନିୟନ୍ତ୍ରଣରେ ରଖିବା ସବୁଠାରୁ ଅଧିକ

'oaob.nitrkl.ac.in' images reprocessed

କଷ୍ଟସାଧ୍ୟ । ସେଇଟି ହେଉଛି ତାଙ୍କ ଚରିତ୍ର ଭିତରେ ରହିଥିବା ଦୁର୍ବଳତା । ଏବଂ, ନିଜକୁ ନିୟନ୍ତ୍ରିତ କରି ରଖିବାର ଉପାୟଟି ତାଙ୍କୁ ଜଣା ନଥିବାରୁ ଆଉ ସମସ୍ତେହିଁ ନିଜର ଖୁସି ଅନୁସାରେ ତାଙ୍କୁ ନିୟନ୍ତ୍ରଣ କରି ରଖି ପାରୁଥିଲେ ।

❋

ଜଣେ ତରୁଣ ବ୍ରହ୍ମଚାରୀ ଖୁବ ଚତୁର ଥିଲେ ଓ ଏହି କଥାଟିକୁ ଭଲ କରି ଜାଣିଥିଲେ । ସମସ୍ତେ ଯେପରି ତାଙ୍କୁ ଏତେ ବୁଦ୍ଧିଆ ବୋଲି କହିବେ, ସେଥିଲାଗି ସେ ଆପଣାର ପ୍ରତିଭାକୁ ଅଧିକରୁ ଅଧିକ ବଢ଼ାଇବାକୁ ସବୁବେଳେ ଇଚ୍ଛା କରୁଥିଲେ । ତେଣୁ ସେ ନାନା ଦେଶ ଭ୍ରମଣ କରିବାକୁ ଲାଗିଲେ ।

ଜଣେ ତୀର ତିଆରି କଲାବାଲା ପାଖରେ ସେ ତୀର ତିଆରି କରିବା ଶିଖିଥିଲେ ।

ପୁଣି ଜାହାଜ ବି ତିଆରି କରି ଜାଣିଥିଲେ ଓ ତାକୁ ଚଳାଇ ବି ଜାଣିଥିଲେ ।

ଆଉଗୋଟିଏ ଜାଗାରୁ ଘର ତିଆରି କରିବା ଶିଖିଥିଲେ ।

ଏବଂ ଅନ୍ୟସବୁ ସ୍ଥାନରୁ ଆହୁରି କେତେ କେତେ ବିଦ୍ୟା ଶିଖିଥିଲେ ।

ଏହିପରି ଭାବରେ ତାଙ୍କୁ ଷୋଳଟି ବିଭିନ୍ନ ଦେଶକୁ ଯିବାର ସୁଯୋଗ ମିଳିଥିଲା । ତା'ପରେ ସିଏ ନିଜ ଦେଶକୁ ଫେରି ଆସିଲେ ଏବଂ ଖୁବ ଗୌରବର ସହିତ ଘୋଷଣା କଲେ, "ମୋ'ପରି ଏହି ପୃଥିବୀର ଆଉ କେଉଁ ଲୋକକୁ ଏତେ ବିଦ୍ୟା ମାଲୁମ ଅଛି ?"

ଗୌତମ ବୁଦ୍ଧ ତାଙ୍କୁ ଦେଖିଥିଲେ ଏବଂ ଆଗରୁ ଶିକ୍ଷା କରିଥିବା ଯାବତୀୟ ବିଷୟଠାରୁ ଅଧିକ ଭବ୍ୟ ଆଉ ଗୋଟିଏ କଳା ତାଙ୍କୁ ଶିଖାଇବା ସକାଶେ ମନ କରିଥିଲେ । ଜଣେ ବୃଦ୍ଧ ଶ୍ରମଣଙ୍କର ଛଦ୍ମବେଶ ଧାରଣ କରି ସିଏ ହାତରେ ଗୋଟିଏ ଭିକ୍ଷାପାତ୍ର ଧରି ସେହି ତରୁଣ ବ୍ରହ୍ମଚାରୀଙ୍କ ପାଖରେ ଯାଇ ପହଞ୍ଚିଲେ ।

ବ୍ରହ୍ମଚାରୀ ତାଙ୍କୁ ପଚାରିଲେ, "ଆପଣ କିଏ ?"

"ଆପଣା ଶରୀର ଉପରେ ନିୟନ୍ତ୍ରଣ ହାସଲ କରି ପାରିଥିବା ଜଣେ ବ୍ୟକ୍ତି ।"

"ଅର୍ଥାତ୍‌ ?"

ବୁଦ୍ଧ ଉତ୍ତର ଦେଇ କହିଲେ, "ତୀରମରାଳି ତୀର ମାରିପାରେ, ନାବିକ ଜାହାଜ ଚଳାଇ ନେଇପାରେ, ବସ୍ତୁବିଦ୍ୟାର ବିଶାରଦ କେତେ କେତେ

'oaob.nitrkl.ac.in' images reprocessed

ଅଟ୍ଟାଳିକାର ନିର୍ମାଣକୁ ତତ୍ତ୍ୱାବଧାରକ ହୋଇ ଦେଖିପାରେ । ମାତ୍ର ପ୍ରଜ୍ଞାଶୀଳ ବ୍ୟକ୍ତି ଆପଣା ଉପରେ ନିୟନ୍ତ୍ରଣ ଅର୍ଜନ କରିଥାଏ ।

"କି ଉପାୟରେ ?"

"କେହି ତାହାର ପ୍ରଶଂସା କଲେ ସିଏ ଅବିଚଳିତ ରହେ, କେହି ତାକୁ ଗାଳିଦେଲେ ମଧ୍ୟ ତାହାର ମନ ସେହିପରି ଅବିଚଳିତ ହୋଇ ରହିଥାଏ । ସିଏ ସମ୍ୟକ୍ ଧର୍ମର ଅନୁଶୀଳନ କରିବାରେ ଆଗ୍ରହ ରଖିଥାଏ ଏବଂ ଶାନ୍ତିରେ ବାସ କରୁଥାଏ ।"

ସିଦ୍ଧାର୍ଥଙ୍କ ବାର୍ତ୍ତାବହ ହେ ପିଲାମାନେ, ତୁମେମାନେ ମଧ୍ୟ ନିଜ ଉପରେ ନିୟନ୍ତ୍ରଣ ଅର୍ଜନ କରି ଶିଖିବ, ଏବଂ ତୁମର ସ୍ୱାଭାବିକତ୍ୱ ସଂଯତ କରି ରଖିବା ଲାଗି ଯଦି ଏକ ଟାଣ ପଘାର ଦରକାର ହୁଏ, ତେବେ ତୁମେମାନେ ସେଥିରେ ମଧ୍ୟ ଆପତ୍ତି କରିବ ନାହିଁ ।

ଯେଉଁ ନିର୍ଜୀବ ଓ କାଠପରି ହୋଇ ରହିଥିବା ଘୋଡ଼ା ତୁମେ ଯାହାକିଛି କଲେ ମଧ୍ୟ ସେହି କାଠପରି ହୋଇ ରହିଥିବ, ଏବଂ କେବଳ ମଜା ଦେଖିବା ପାଇଁହିଁ ତୁମେ ଯାହାକୁ ଗୋଟାଏ ପଘା ଦେଇ ବାନ୍ଧିଥିବ, ତାହାଠାରୁ ଯେଉଁ ଜୀବନ ଥିବା ତରୁଣ ଘୋଡ଼ା କ୍ରମଶଃ ଯଥାର୍ଥ ଭାବରେ ଉତ୍ତମ ଆଚରଣ କରିବାକୁ ଶିଖୁଥିବ, ତାହାର ମୂଲ୍ୟ ପ୍ରକୃତରେ ଅନେକ ଅଧିକ ।

'oaob.nitrkl.ac.in' images reprocessed

ଦୁଇ

ସାହସ

ତୁମେ ପାଣି ଭିତରେ ପଡ଼ିଗଲ । ଏହି ଅଗାଧ ଜଳ ଭିତରେ ତୁମେ ତଥାପି ହଟିଯିବାକୁ ମନ କଲ ନାହିଁ । ନିଜର ହାତ ଓ ଗୋଡ଼କୁ ଯେତେ ପ୍ରକାରେ ବ୍ୟବହାର କରାଯାଇ ପାରେ, ତୁମେ ତାହା କଲ । ଯେଉଁ ଶିକ୍ଷକ ତୁମକୁ ପହଁରା ଶିଖାଇଥିଲେ, ସେତେବେଳେ ତୁମେ ତାଙ୍କ ପ୍ରତି କେତେ କୃତଜ୍ଞତା ପ୍ରକାଶ କରୁ ନଥିଲ ! ଯେକୌଣସି ପ୍ରକାରେ ତରଙ୍ଗମାଳାର ସମ୍ମୁଖୀନ ହୋଇ ତୁମେ ରକ୍ଷା ପାଇ କୂଳକୁ ଆସିଲ । ତୁମର ସାହସ ଅଛି ବୋଲି ପ୍ରକୃତରେ ଜଣା ପଡ଼ିଲା ।

ତୁମେ ନିଦରେ ଶୋଇଛ, ଏହି ସମୟରେ “ନିଆଁ, ନିଆଁ ବୋଲି ଚିତ୍କାର ଶୁଭିଲା । ଭୟଙ୍କର ଏହି ଆତଙ୍କ-ଚିତ୍କାର ଶୁଣି ତୁମର ନିଦ ଭାଙ୍ଗିଗଲା । ତୁମେ ବିଛଣା ଉପରୁ ତଳକୁ ଡେଇଁ ପଡ଼ିଲ ଓ ଜଳୁଥିବା ନିଆଁର ନାଲିଆ ଶିଖାଗୁଡ଼ିକୁ ଆଖି ଆଗରେ ଦେଖିବାକୁ ପାଇଲ । କିନ୍ତୁ ସେଥିଲାଗି ଯେ ତୁମେ ଏକାବେଳେକେ ଭୟକାତର ହୋଇ ପଡ଼ିଲ, ସେକଥା ଆଦୌ ନୁହେଁ । ତୁମେ ସେହି ଧୂଆଁ, ଜଳନ୍ତା ଅଙ୍ଗାର ଓ ଅଗ୍ନିଶିଖା ମଧ୍ୟଦେଇ ଆଖିବୁଜି ବାହାରକୁ ବାହାରି ଆସିଲ ଏବଂ ରକ୍ଷା ପାଇଗଲ । ଏହାହିଁ ସାହସ ।

କେତେ ବର୍ଷ ତଳେ ମୁଁ ଇଂଲଣ୍ଡରେ ଶିଶୁମାନଙ୍କର ଏକ ସ୍କୁଲ ଦେଖି ଯାଇଥିଲି । ସାନସାନ ପିଲାମାନଙ୍କର ବୟସ ତିନିରୁ ସାତବର୍ଷ ଭିତରେ ହୋଇ ଥିବ । ସେଥିରେ ଝିଅ ଥିଲେ, ପୁଅ ବି ଥିଲେ,—ସେମାନଙ୍କ ଭିତରୁ କିଏ ଉଲ୍ ବୁଣୁଥିଲା, କିଏ ଛବି ଆଙ୍କୁଥିଲା, କିଏ ଗପ ଶୁଣୁଥିଲା ଓ କିଏ ଗୀତ ଗାଉଥିଲା ।

ସେମାନଙ୍କର ଶିକ୍ଷକ ମୋତେ କହିଲେ, “ଆମେ ବର୍ତ୍ତମାନ ନିଆଁ ଲାଗିଲେ ଯେଉଁ ସତର୍କଘଣ୍ଟି ବାଜେ, ତାହାର ପରୀକ୍ଷା କରିବାକୁ ଯାଉଛୁ । ଅବଶ୍ୟ ଏକଥା ସତ ଯେ ନିଆଁ ଫିଆଁ କେଉଁଠି ହେଲେ ଲାଗିବ ନାହିଁ, ମାତ୍ର ନିଆଁ ଲାଗିଛି ବୋଲି ସୂଚନା ଦେଇ ଘଣ୍ଟି ବାଜିବା ସଙ୍ଗେ ସଙ୍ଗେ ଉଠିପଡ଼ି ଶୀଘ୍ର ବାହାରକୁ ଚାଲିଯିବା ପାଇଁ ପିଲାମାନଙ୍କୁ ଶିଖାଇ ଦିଆଯାଇଛି ।”

ଶିକ୍ଷକ ହୁଇସିଲ ବଜାଇଲେ । ପିଲାମାନେ ସଙ୍ଗେସଙ୍ଗେ ବହିପତ୍ର ପେନ୍‌ସିଲ୍ ଓ ବୁଣିବା ଜିନିଷକୁ ଯଥାସ୍ଥାନରେ ରଖିଦେଇ ଉଠି ଠିଆହେଲେ ଦ୍ୱିତୀୟ ଘଣ୍ଟାଟି ବାଜିବା ମାତ୍ରକେ ସେମାନେ ଧାଡ଼ିବାନ୍ଧି ବାହାରକୁ ବାହାରି ଗଲେ । ମାତ୍ର

'oaob.nitrkl.ac.in' images reprocessed

କେତେଟା କ୍ଷଣ ମଧ୍ୟରେ କ୍ଲାସ୍‌ଘରଗୁଡ଼ିକ ଖାଲି ହୋଇଗଲା । ନିଆଁ ଲାଗିଲେ କପରି ତାହାର ସମ୍ମୁଖୀନ ହେବାକୁ ହୁଏ ଓ ସାହସର ସହିତ କାମ କରିବାକୁ ହୁଏ, ଏହି ପିଲାମାନେ ସେକଥା ଶିକ୍ଷା କରିଥିଲେ ।

ତୁମେ କାହା ପାଇଁ ପହଁରିକରି କୂଳକୁ ଆସିଲ ? ତୁମ ନିଜ ପାଇଁ ।

କାହା ପାଇଁ ତୁମେ ନିଆଁ ଭିତରେ ପଶି ଦଉଡ଼ି ପଳାଇ ଆସିଲ ? ତୁମ ନିଜ ପାଇଁ ।

କାହା ପାଇଁ ସେହି ସ୍କୁଲଟିର ପିଲାମାନେ ଅଗ୍ନିଭୟର ପ୍ରତିରୋଧ କଲେ ? ସେମାନଙ୍କ ନିଜ ପାଇଁ ।

ଏହି ପ୍ରତ୍ୟେକ କ୍ଷେତ୍ରରେ ଯେଉଁ ସାହସଟିର ପ୍ରଦର୍ଶନ ହେଲା, ତାହା ନିଜ ପାଇଁ ପ୍ରଦର୍ଶନ କରାଗଲା । ଏଇଟା କ'ଣ ଭୁଲ୍ ହେଲା ? କଦାପି ନୁହେଁ । ନିଜ ଜୀବନର ଯତ୍ନ ନେବା ଓ ସାହସର ସହିତ ତାହାର ରକ୍ଷା କରିବା ପ୍ରକୃତରେ ଠିକ୍ କଥା । ମାତ୍ର ଏହାଠାରୁ ଆହୁରି ବଡ଼ ଏକ ସାହସ ରହିଛି; ଅନ୍ୟମାନଙ୍କ ଲାଗି ଯେଉଁ ସାହସଟିକୁ ଦେଖାଯାଏ, ଏହା ହେଉଛି ସେହି ସାହସ ।

❋

ବର୍ତ୍ତମାନ ମୁଁ ତୁମକୁ ମାଧବର କଥା କହିବି । କବି ଭବଭୂତିଙ୍କ ଗ୍ରନ୍ଥରେ ସେହି କଥାଟି ଅଛି ।

ମାଧବ କୌଣସି ଏକ ମନ୍ଦିରରେ ଆଣ୍ଠୁମାଡ଼ି ପ୍ରାର୍ଥନା କରୁଥିବା ସମୟରେ କାହାର ଆର୍ତ୍ତନାଦ ଶୁଣିବାକୁ ପାଇଲା ।

ଭିତରକୁ ପ୍ରବେଶ କରିବାର ଗୋଟିଏ ପଥ ପାଇ ତାହାରି ଦ୍ୱାରା ସେ ଦେବୀ ଚାମୁଣ୍ଡାଙ୍କର ଆସ୍ଥାନଘର ଭିତରକୁ ଅନାଇ ଦେଖିଲା ।

ଏହି ଭୟଙ୍କରୀ ଦେବୀଙ୍କୁ ତୁଷ୍ଟ କରିବା ପାଇଁ ଜଣେ ଝିଅକୁ ସେମାନେ ବଳି ଦେବାକୁ ଯାଉଥିଲେ । ଝିଅଟିର ନାଆଁ ମାଳତୀ । ମାଳତୀ ଘରେ ଶୋଇଥିବା ସମୟରେ ତାକୁ ସେଠାରୁ ଉଠାଇ ଅଣା ହୋଇଥିଲା । ଏଠି ମନ୍ଦିର ଭିତରେ ପୁରୋହିତ ଏବଂ ପୁରୋହିତାଣୀଙ୍କ ବ୍ୟତୀତ ତା' ପାଖରେ ଆଉ କେହି ନଥିଲେ । ପୁରୋହିତ ତାକୁ ହାଣିବା ପାଇଁ ଖଣ୍ଡା ଉଞ୍ଚାଉଥିବା ସମୟରେ ମାଳତୀ ସିଏ ଭଲ ପାଉଥିବା ମାଧବକୁହିଁ ସ୍ମରଣ କରୁଥିଲା :

ହେ ମାଧବ ! ହେ ମୋ'ର ହୃଦୟବଲ୍ଲଭ,
ମରିଯିବା ପରେ ମଧ୍ୟ ମୁଁ ଯେପରି ତୁମର ସ୍ମୃତି ଭିତରେ ବଞ୍ଚିରହେ ।

'oaob.nitrkl.ac.in' images reprocessed

ପ୍ରେମ ଯେଉଁମାନଙ୍କୁ ସ୍ଥାୟୀ ଏବଂ ମଧୁର ସ୍ମୃତି ଦ୍ୱାରା
ଶୁଶ୍ରୂଷା କରିବାରେ ଲାଗିଥାଏ,
ସେମାନେ କେବେ ହେଲେ ମରନ୍ତି ନାହିଁ ।

ଗୋଟାଏ ବଡ଼ ଚିତ୍କାର କରି ମାଧବ ସାହସର ସହିତ ବଳି ପଡ଼ୁଥିବା ସେହି ପ୍ରକୋଷ୍ଠଟି ମଧ୍ୟରେ ପ୍ରବେଶ କଲା ଏବଂ ପୁରୋହିତ ସହିତ ଭୀଷଣ ସଂଗ୍ରାମରେ ଲିପ୍ତ ହୋଇଗଲା । ମାଳତୀର ଜୀବନ ରକ୍ଷା ହେଲା ।

ମାଧବ କାହା ପାଇଁ ଏତେ ସାହସ ଦେଖାଇଲା ? ସିଏ କ'ଣ ନିଜ ପାଇଁ ଏହି ସଂଘର୍ଷଟି କଲା ? ହଁ,—ମାତ୍ର ସେହି ଗୋଟିଏ କଥାକୁହିଁ ତା'ର ସାହସର କାରଣ ବୋଲି କଦାପି କୁହାଯିବ ନାହିଁ । ସିଏ ଆଉ ଜଣକ ପାଇଁ ମଧ୍ୟ ସେହି ଯୁଦ୍ଧ ଲଢ଼ୁଥିଲା । ସିଏ ସର୍ବପ୍ରଥମେ ଏକ ଆର୍ତ୍ତନାଦ ଶୁଣିଥିଲା ଏବଂ ତାହାହିଁ ତା'ର ଗ୍ରନ୍ଥି ଭିତରେ ଥିବା ସାହସୀ ହୃଦୟଟିକୁହିଁ ସ୍ପର୍ଶ କରି ପାରିଥିଲା ।

❋

ତୁମେମାନେ ନିଜେ କିଞ୍ଚିତ୍ ଚିନ୍ତା କଲେ ମଧ୍ୟ ଏହିପରି କେତେକେତେ କାର୍ଯ୍ୟ ଦେଖିଥିବାର ସ୍ମରଣ କରିପାରିବ । କେଉଁଠୁ ଏକ ଆର୍ତ୍ତନାଦ ଶୁଣି ଆଉଜଣେ ମଣିଷ ଆସି ଜଣେ ପୁରୁଷ, ସ୍ତ୍ରୀ ଅଥବା ଜଣେ ପିଲାକୁ ସାହାଯ୍ୟ କଲା, ତୁମେ ସେହିକଥା ନିଶ୍ଚୟ ଦେଖିଥିବ ।

ସାହସର ଏହିପରି ଆଉ କେତେ ଦୃଷ୍ଟାନ୍ତ ବିଷୟରେ ତୁମେମାନେ ଖବର କାଗଜରେ ବା ଇତିହାସ ବହିରେ ନିଶ୍ଚୟ ପଢ଼ିଥିବ । ନିଆଁ ଲିଭାଳିମାନେ କିପରି ଜଳନ୍ତା ନିଆଁ ଭିତରୁ ଅନ୍ୟମାନଙ୍କୁ ଉଦ୍ଧାର କରି ନେଇ ଆସନ୍ତି, ତୁମେମାନେ ସେ ବିଷୟରେ ଶୁଣିଥିବ । ଖଣି ଭିତରେ ପାଣି ପଶିଗଲେ, ନିଆଁ ଲାଗିଲେ କିଂବା ବିଷାକ୍ତ ଗ୍ୟାସ୍ ଭର୍ତ୍ତି ହୋଇଗଲେ ଖଣିଶ୍ରମିକମାନେ କିପରି ତଦ୍ଦ୍ୱାରା ବିପନ୍ନ ହୋଇ ପଡ଼ିଥିବା ଆପଣାର ସଙ୍ଗୀମାନଙ୍କୁ ଉଦ୍ଧାର କରିବା ସକାଶେ ମାଟିର କେତେ ତଳକୁ ଯାଆନ୍ତି, ସେ ବିଷୟରେ ବି ତୁମେମାନେ ଶୁଣିଥିବ । ଭୂମିକମ୍ପ ଦ୍ୱାରା ବିପନ୍ନ ହୋଇ ରହିଥିବା ଘର ଭିତରକୁ ଯେଉଁମାନେ ସାହସ କରି ପଶିଯାଆନ୍ତି, ଏବଂ କାନ୍ଥଗୁଡ଼ାକ ଅଜାଡ଼ି ହୋଇ ପଡ଼ିବାର ପୂର୍ଣ୍ଣ ଆଶଙ୍କା ରହିଥିଲେ ମଧ୍ୟ ଯେଉଁମାନେ ଅସହାୟ ଲୋକମାନଙ୍କୁ ଉଦ୍ଧାର କରି ଆଣନ୍ତି, ତୁମେମାନେ ସେମାନଙ୍କ କଥା ନିଶ୍ଚୟ ଶୁଣିଥିବ । ଏହି ସାହାଯ୍ୟ ପାଇ ନଥିଲେ ସେହି ଲୋକମାନେ ନିଶ୍ଚୟ ଧ୍ୱଂସସ୍ତୂପ ଭିତରେ କୁଆଡ଼େ ପୋତି ହୋଇ ମରିଯାଆନ୍ତେ । ଏବଂ, ଆପଣାର ସହର ଏବଂ

'oaob.nitrkl.ac.in' images reprocessed

ଦେଶ ଲାଗି ଯେଉଁ ନାଗରିକମାନେ ଶତ୍ରୁର ସମ୍ମୁଖୀନ ହୁଅନ୍ତି, କ୍ଷୁଧା ଓ ତୃଷା ସହ୍ୟ କରନ୍ତି ଅଥବା ମୃତ୍ୟୁ ମୁଖରେ ପଡ଼ନ୍ତି, ସେମାନଙ୍କ କଥା ବି ତୁମେମାନେ ଶୁଣିଥିବ ।

ତେଣୁ ନିଜକୁ ସାହାଯ୍ୟ କରିବାର ସାହସ ଓ ଅନ୍ୟମାନଙ୍କୁ ସାହାଯ୍ୟ କରିବାର ସାହସ ବିଷୟରେ ଆମେ ଏକ ପରିଚୟ ପାଇଲୁ ।

❋

ଆଜି ମୁଁ ତୁମମାନଙ୍କୁ ବୀର ବିଭୀଷଣଙ୍କ କଥା କହିବି । ସେ ସାହସର ସହିତ ଯେଉଁ ବିପଦର ସମ୍ମୁଖକୁ ଯାଇଥିଲେ, ତାହା ମୃତ୍ୟୁର ବିପଦଠାରୁ ମଧ୍ୟ ଆହୁରି ବଡ଼ । ସିଏ ଜଣେ ରାଜାର କୋପର ସମ୍ମୁଖୀନ ହୋଇଥିଲେ ଏବଂ ଯେଉଁଥିପାଇଁ ଅନ୍ୟମାନଙ୍କର ମୁହଁ ବି ଖୋଲି ନଥାନ୍ତା, ସେ ତାଙ୍କୁ ସେହିପରି ଗୋଟିଏ ପରାମର୍ଶ ଦେଇଥିଲେ ।

ଦଶ-ଶିର ରାବଣ ଲଙ୍କାର ଅସୁର-ଅଧିପତି ଥିଲା ।

ରାବଣ ସୀତାଦେବୀଙ୍କୁ ତାଙ୍କର ସ୍ୱାମୀଙ୍କ ପାଖରୁ ଚୋରାଇ ଆଣିଥିଲା ଏବଂ ତାଙ୍କୁ ରଥରେ ବସାଇ ଲଙ୍କାଦ୍ୱୀପରେ ଥିବା ଆପଣାର ନଅରକୁ ନେଇ ଆସିଥିଲା ।

ପ୍ରାସାଦରେ କେତେ ଐଶ୍ୱର୍ଯ୍ୟ ଭର୍ତ୍ତି ହୋଇ ରହିଥିଲା ଓ ଉଦ୍ୟାନର ଦୃଶ୍ୟ ବି ଭାରି ଆନନ୍ଦଦାୟକ ଥିଲା । ରାଜକୁମାରୀ ସୀତାଙ୍କୁ ରାବଣ ସେହି ଉଦ୍ୟାନ ଭିତରେ ନେଇ ବନ୍ଦ କରି ରଖିଲା । ମାତ୍ର ଦୁଃଖିନୀ ସୀତା ପ୍ରତ୍ୟହ ଅଶ୍ରୁ ବିସର୍ଜନହିଁ କରୁଥିଲେ, ପ୍ରଭୁ ରାମଙ୍କ ସହିତ ତାଙ୍କର ଆଉଥରେ ସାକ୍ଷାତ୍ ହେବ କି ନାହିଁ, ସୀତା ସେକଥା ମଧ୍ୟ ଜାଣି ନଥିଲେ ।

ସୀତାଦେବୀ କେଉଁଠାରେ ଯେ ବନ୍ଦୀ ହୋଇ ରହିଛନ୍ତି, ବାନରପତି ହନୁମାନଠାରୁ ଗୌରବଶାଳୀ ରାମ ତାହାର ସମ୍ବାଦ ପାଇଥିଲେ । ନିଜର ଗୁଣାକର ଭାଇ ଲକ୍ଷ୍ମଣଙ୍କ ସହିତ ସାଙ୍ଗରେ ଏକ ବିରାଟ ସୈନ୍ୟବାହିନୀ ଧରି ସେ ସୀତାଙ୍କର ଉଦ୍ଧାର ଲାଗି ବାହାରିଲେ ।

ରାମଙ୍କର ଆଗମନର ସମ୍ବାଦ ପାଇ ଅସୁର ରାବଣ ଭୟରେ କମ୍ପିବାକୁ ଲାଗିଲା ।

ତାକୁ ଅନ୍ୟମାନଙ୍କଠାରୁ ଦୁଇପ୍ରକାରର ପରାମର୍ଶ ମିଳିଲା । କେତେକେତେ ସଭାସଦ ତା'ର ସିଂହାସନର ଚାରିପାଖକୁ ବେଢ଼ି ଆସି କହିଲେ :

"କିଛି ଚିନ୍ତା ନାହିଁ ମହିମା ! ଆପଣ କୌଣସି ଭୟ କରନ୍ତୁ ନାହିଁ । ରାମ ଏବଂ ତାଙ୍କର ପକ୍ଷରେ ଲଢ଼ିବାକୁ ଆସିଥିବା ହନୁମାନକୁଳ ସହିତ ଯୁଦ୍ଧ କରିବାକୁ ଆପଣଙ୍କର ଆଦୌ କୌଣସି କଷ୍ଟ ହେବ ନାହିଁ ।"

'oaob.nitrkl.ac.in' images reprocessed

ଏହିସବୁ ପରାମର୍ଶଦାତା କୋଳାହଳ ଶେଷ କରି ରାଜାଙ୍କ ପାଖରୁ ଚାଲିଯିବା ପରେ ରାବଣର ଭାଇ ବିଭୀଷଣ ଆସି ପ୍ରବେଶ କଲେ । ଆଣ୍ଠୁମାଡ଼ି ବସି ରାବଣର ପାଦଧୂଳି ଗ୍ରହଣ କଲେ । ତା'ପରେ ସେଠାରୁ ଉଠି ସିଂହାସନର ଡାହାଣ ପାଖରେ ଯାଇ ବସିଲେ ।

କହିଲେ, "ଭାଇ, ଯଦି ଆପଣ ସୁଖରେ ଜୀବନଯାପନ କରିବାକୁ ଚାହୁଁଥାନ୍ତି ଏବଂ ଏହି ସୁନ୍ଦର ଲଙ୍କାଦ୍ୱୀପର ସିଂହାସନର ବି ଅଧିକାରୀ ହୋଇ ରହିବାକୁ ଚାହୁଁଥାନ୍ତି, ତେବେ ଆପଣ ସୁନ୍ଦରୀ ସୀତାଙ୍କୁ ଫେରାଇ ଦିଅନ୍ତୁ । କାରଣ ସୀତା ହେଉଛନ୍ତି ଆଉ ଜଣକର ପତ୍ନୀ । ରାମଙ୍କ ପାଖକୁ ଯାଇ ଆପଣ କ୍ଷମାଭିକ୍ଷା କରନ୍ତୁ, ଏବଂ ସିଏ କଦାପି ତୁମ ପ୍ରତି ପରାଙ୍ମୁଖ ହେବେ ନାହିଁ । ଆପଣ ଆଉ ମୋଟେ ଏପରି ଉଦ୍ଧତ ହୁଅନ୍ତୁ ନାହିଁ ଓ ନିର୍ବୋଧଙ୍କ ପରି କାର୍ଯ୍ୟ ବି କରନ୍ତୁ ନାହିଁ !"

ଆଉ ଜଣେ ବିଜ୍ଞ ବ୍ୟକ୍ତି ମାଲ୍ୟବାନ ସେହି କଥାକୁ ଶୁଣି ଅତ୍ୟନ୍ତ ତୁଷ୍ଟ ହୋଇଥିଲେ ଏବଂ ଅସୁରରାଜକୁ ବଡ଼ ପାଟିକରି କହିଲେ :

"ହେ ରାଜା, ତୁମେ ତୁମ ସାନଭାଇର କଥା ମାନ, କାରଣ ସିଏ ସତ କଥାହିଁ କହୁଛନ୍ତି ।"

ରାଜା ରାବଣ ଉତ୍ତର ଦେଲା, "ତୁମ ଦୁହିଁଙ୍କ ମନ ଭିତରେ ନିଶ୍ଚୟ ଏକ ମନ୍ଦ ଅଭିପ୍ରାୟ ରହିଛି, କାରଣ ତୁମେମାନେ ମୋ' ଶତ୍ରୁର ପକ୍ଷ ଗ୍ରହଣ କରି କଥା କହୁଛ ।"

ଏକଥା କହିବା ପରେ ତା'ର ଦଶଟିଯାକ ମୁଣ୍ଡ ପ୍ରବଳ କୋପରେ ଏପରି ପ୍ରଚଣ୍ଡ ହୋଇ ଜଳିବାକୁ ଲାଗିଲା ଯେ ମାଲ୍ୟବାନ୍ ଭୟରେ ସେହି ଘରଭିତରୁ ନିଷ୍କ୍ରାନ୍ତ ହୋଇ ଚାଲିଗଲେ । ମାତ୍ର ଆପଣାର ଅନ୍ତର୍ଗତ ସାହସ ବଳରେ ବିଭୀଷଣ ସେଇଠି ଠିଆ ହୋଇ ରହିଲେ ।

ସିଏ ପୁନର୍ବାର କହିଲେ, "ମହାରାଜ, ପ୍ରତ୍ୟେକ ବ୍ୟକ୍ତିର ହୃଦୟରେ ଉତ୍ତମ ବୁଦ୍ଧି ରହିଛି, ନିର୍ବୋଧତା ବି ରହିଛି । ଯେପର୍ଯ୍ୟନ୍ତ ଉତ୍ତମ ବୁଦ୍ଧି ତାକୁ ପରିଚାଳନା କରୁଥିବ, ସେପର୍ଯ୍ୟନ୍ତ ତା' ଜୀବନରେ ଆଦୌ କୌଣସି ବ୍ୟାଘାତ ଆସିବ ନାହିଁ । କିନ୍ତୁ ନିର୍ବୋଧତାର କବଳରେ ଆସି ପଡ଼ିବା ମାତ୍ରକେହିଁ ସବୁକିଛି ବିଗିଡ଼ିଯିବ । ଭାଇ, ମୁଁ ଭାବୁଛି ଆପଣ ନିଜ ଭିତରେ ବର୍ତ୍ତମାନ ସେହି ନିର୍ବୋଧତାକୁହିଁ ପ୍ରଶ୍ରୟ ଦେଉଛନ୍ତି । କାରଣ, ଆପଣ ଏବେ ଆପଣଙ୍କୁ ଖରାପ ଉପଦେଶ ଦେଉଥିବା ଲୋକମାନଙ୍କର କଥାକୁ ଶୁଣୁଛନ୍ତି । ସେମାନେ ଆପଣଙ୍କର ପ୍ରକୃତ ବନ୍ଧୁ ମୋଟେ ନୁହନ୍ତି ।"

'oaob.nitrkl.ac.in' images reprocessed

ଏତକ କହି ବିଭୀଷଣ ନୀରବ ରହିଲେ ଏବଂ ରାଜାଙ୍କର ଚରଣ ସ୍ପର୍ଶ କଲେ ।

ରାବଣ ତତ୍‌କ୍ଷଣାତ୍ ଗର୍ଜନ କରି କହିବାକୁ ଆରମ୍ଭ କଲା, "ପାପିଷ୍ଠ, ତୁ ବି ମୋ'ର ସେହିପରି ଗୋଟିଏ ଶତ୍ରୁ । ମୋତେ ତୁ ଆଜି ଏସବୁ ଅବୋଧ କଥା ଆଦୌ ଶୁଣାନା ! ଏକଥା ଯାଇ ତୁ ସିନା ସେହି ଅରଣ୍ୟଚାରୀ ସନ୍ନ୍ୟାସୀ ଦୁହିଙ୍କୁ କହିବୁ, କିନ୍ତୁ ସକଳ ଶତ୍ରୁଙ୍କ ସହିତ ଯୁଦ୍ଧ କରି ବିଜୟ ଲାଭ କରିଥିବା ମୋ' ପରି ଜଣେ ବ୍ୟକ୍ତିକୁ ସେପରି କଥା ମୋଟେ କହିବୁ ନାହିଁ ।"

ଏହିପରି ଚିତ୍କାର କରି ରାବଣ ବିଭୀଷଣଙ୍କ ଉପରେ ପଦାଘାତ କଲା ।

ତେଣୁ ବିଭୀଷଣ ବିଷଣ୍ଣ ମନରେ ସେଠାରୁ ଉଠି ନଅରରୁ ବାହାରକୁ ଚାଲି ଆସିଲେ ।

କୌଣସି ଭୟ ନକରି ସେ ମନ ଖୋଲି ରାବଣ ପାଖରେ କଥା କହିଥିଲେ । ମାତ୍ର ଦଶ-ଶିର ତାଙ୍କ କଥାକୁ କାନକୁ ନନେବାରୁ ବିଭୀଷଣ ବାଧ୍ୟ ହୋଇ ଲଙ୍କା ତ୍ୟାଗ କଲେ ।

ବିଭୀଷଣ ଏହି କ୍ଷେତ୍ରରେ ଶାରୀରିକ ସାହସ ଦେଖାଇଥିଲେ, କାରଣ ଭାଇଠାରୁ ମାଡ଼ ଖାଇବାକୁ ସେ ଆଦୌ ଭୟ କରି ନଥିଲେ । ମାତ୍ର, ଏହି କାର୍ଯ୍ୟଟିରେ ଏକ ମାନସିକ ସାହସ ମଧ୍ୟ ନିହିତ ହୋଇ ରହିଥିଲା, କାରଣ, ତାହାର ପରି ସମାନ ଭାବରେ ବଳବାନ୍ ଅନ୍ୟ ସଭାସଦମାନେ ଯେଉଁ ଶବ୍ଦଗୁଡ଼ିକୁ ତୁଣ୍ଡରୁ ବାହାର କରିବାକୁ କଦାପି ସାହସ କରି ନଥାନ୍ତେ, ସେଗୁଡ଼ିକୁ କହିବା ଲାଗି ସେ ଆଦୌ କୌଣସି କୁଣ୍ଠା ପ୍ରକାଶ କରି ନଥିଲେ । ମାନସିକ ସ୍ତରର ଏହି ସାହସକୁ ନୈତିକ ସାହସ କୁହାଯାଏ ।

❋

ଇସ୍ରାଏଲର ନେତା ମୋଜେସଙ୍କର ମଧ୍ୟ ଠିକ୍ ଏହିପରି ସାହସ ଥିଲା । ମୋଜେସ ମିଶରର ପାଂରାଓଙ୍କଠାରୁ ଉତ୍ପୀଡ଼ିତ ଇହୁଦୀ ଜାତିର ମୁକ୍ତି ଦାବି କରିଥିଲେ ।

ପୈଗମ୍ବର ମହମ୍ମଦଙ୍କର ମଧ୍ୟ ଠିକ୍ ଏହିପରି ସାହସ ରହିଥିଲା । ମହମ୍ମଦ ଆରବମାନଙ୍କ ଭିତରେ ଆପଣାର ଧର୍ମ ପ୍ରଚାର କରୁଥିଲେ । ସେମାନେ ତାଙ୍କୁ ଜୀବନରୁ ମାରି ଦେବା ଲାଗି ଭୟ ଦେଖାଇଥିଲେ ମଧ୍ୟ ସିଏ ତଥାପି ନିଜର ମୁହଁ ବନ୍ଦ କରି ନଥିଲେ ।

ତଥାଗତ ସିଦ୍ଧାର୍ଥଙ୍କଠାରେ ମଧ୍ୟ ଠିକ୍ ଏହିପରି ସାହସ ରହିଥିଲା । ସିଦ୍ଧାର୍ଥ ଭାରତର ଅଧିବାସୀମାନଙ୍କୁ ଏକ ନୂତନ ଏବଂ ଉଦାର ମାର୍ଗ ପ୍ରଦର୍ଶନ

'oaob.nitrkl.ac.in' images reprocessed

କରିଥିଲେ, ଏବଂ, ବୋଧିଦ୍ରୁମ ତଳେ ଯେଉଁ ଅନିଷ୍ଟକାରୀ ପ୍ରେତମାନେ ତାଙ୍କୁ ଆକ୍ରମଣ କରିବାକୁ ଆସିଥିଲେ, ସେମାନଙ୍କ ଦ୍ୱାରା ସେ ଆଦୌ କୌଣସି ପ୍ରକାରେ ଭୀତ ହୋଇ ନଥିଲେ ।

ଯୀଶୁଖ୍ରୀଷ୍ଟଙ୍କ ଠାରେ ମଧ୍ୟ ଠିକ୍ ଏହିପରି ଏକ ସାହସ ଥିଲା; "ତୁମେମାନେ ପରସ୍ପରକୁ ଭଲ ପାଅ",—ଲୋକମାନଙ୍କୁ ସେ ଏହି କଥା ପ୍ରଚାର କରୁଥିଲେ । ତାଙ୍କୁ ଧର୍ମପ୍ରଚାର କରିବାରୁ ଶାନ୍ତ ରହିବାକୁ କହି ଜେରୁଜେଲମର ଯେଉଁ ବଡ଼ବଡ଼ ପଣ୍ଡିତମାନେ ତାଙ୍କ ଉପରେ ନିଷେଧାଜ୍ଞା ଜାରି କରିଥିଲେ ଓ ଯେଉଁ ରୋମାନ୍‌ମାନେ ତାଙ୍କୁ ଛଟ୍ରବିଦ୍ଧ କଲେ, ସେମାନଙ୍କୁ ସେ ମୋଟେ ଭୟ କରି ନଥିଲେ ।

ଏହିପରି ଭାବରେ ଆମେ ତିନି ପ୍ରକାରର ଓ ତିନି ବିଭିନ୍ନ ମାତ୍ରାର ସାହସର ପରିଚୟ ପାଇଲୁ ।

ପ୍ରଥମଟି ହେଉଛି, ନିଜ ପାଇଁ ଶାରୀରିକ ସାହସ ଦେଖାଇବା ।

ଦ୍ୱିତୀୟଟି ହେଉଛି, ବିପଦରେ ପଡ଼ିଥିବା ଆପଣାର ଆତ୍ମୀୟସ୍ୱଜନ, ବନ୍ଧୁ ଓ ପଡ଼ୋଶୀମାନଙ୍କ ପାଇଁ ଓ ବିପନ୍ନ ଜନ୍ମଭୂମି ପାଇଁ ସାହସ ଦେଖାଇବା ।

ଏବଂ ସର୍ବଶେଷରେ, ସେହି ନୈତିକ ସାହସଟିକୁ ମଧ୍ୟ ଦେଖାଇ ପାରିବା, ଯାହାକି ଅନ୍ୟାୟୀ ବ୍ୟକ୍ତିମାନଙ୍କର ପ୍ରତିବାଦ କରି ଠିଆ ହେବା ଲାଗି ସମର୍ଥ କରାଏ, ସେମାନେ ଯେତେ ଶକ୍ତିଶାଳୀ ହୋଇଥିଲେ ମଧ୍ୟ ସେଥିଲାଗି ସମର୍ଥ କରାଏ, ସେମାନଙ୍କ ଆଗରେ ଉଚିତ ଏବଂ ସତ୍ୟ କଥାଟିକୁ ଆସି କହିବା ଲାଗି ସମର୍ଥ କରାଏ ।

❋

ତାଙ୍କର ପର୍ବତରାଜ୍ୟ ଉପରେ ଆକ୍ରମଣ କରିଥିବା କେତେକ ଆକ୍ରମଣକାରୀଙ୍କୁ ଘଉଡ଼ାଇ ଦେବା ପାଇଁ ଆଲମୋଡ଼ାର ରାଜା କେତେକ ଲୋକଙ୍କୁ ନେଇ ଗୋଟିଏ ନୂତନ ବାହିନୀ ଗଠନ କଲେ ଏବଂ ପ୍ରତ୍ୟେକ ବ୍ୟକ୍ତି ହାତରେ ଗୋଟିଏ ଖଣ୍ଡା ଧରାଇ ଦେଇ ସେମାନଙ୍କୁ "ଅଗ୍ରସର ହୁଅ !" ବୋଲି ଆଦେଶ ଦେଲେ ।

ଲୋକମାନେ ତତ୍‌କ୍ଷଣାତ୍ ଝନତ୍କାର ସହିତ ଆପଣାର ତରବାରିଗୁଡ଼ିକୁ କୋଷମୁକ୍ତ କଲେ ଏବଂ ଉଚ୍ଚ ସ୍ୱରରେ ଚିତ୍କାର କରି ସେଗୁଡ଼ିକୁ ହଲାଇବାକୁ ଲାଗିଲେ ।

ରାଜା ପଚାରିଲେ, "ଏସବୁ କ'ଣ କରୁଛ ।"

ସେମାନେ ଉତ୍ତର ଦେଇ କହିଲେ, "ମହିମା, ଶତ୍ରୁ ଯେପରି ହଠାତ୍ ଆସି ଆମ ଉପରେ ଆକ୍ରମଣ କରି ନପାରିବ, ଆମେ ସେଥିଲାଗି ନିଜକୁ ପ୍ରସ୍ତୁତ କରି ରଖିଛୁ ।"

'oaob.nitrkl.ac.in' images reprocessed

ସେଇଠୁ ରାଜା କହିଲେ, "ତୁମେମାନେ ମୋର ଆଦୌ କୌଣସି କାମରେ ଲାଗିବ ନାହିଁ । ତୁମେମାନେ ପ୍ରକୃତରେ ଭାରି ଭୀରୁ ଓ ଭାରି ସହଜରେ ଉତ୍ତେଜିତ ହୋଇ ପଡ଼ୁଛ । ତୁମେମାନେ ସମସ୍ତେ ଘରକୁ ଯାଅ !"

ତୁମେମାନେ ବେଶ୍ ଲକ୍ଷ୍ୟକରି ଦେଖି ପାରିବ ଯେ ଏହିସବୁ ଚତ୍କାର ଓ ତରବାରି ହଲାଇବା ରାଜାଙ୍କ ଉପରେ କୌଣସି ପ୍ରଭାବ ପକାଇ ନଥିଲା । କାରଣ, ଯେଉଁଠାରେ ପ୍ରକୃତ ସାହସ ରହିଥାଏ, ସେଠାରେ କେହି କୌଣସି କୋଳାହଳ କିଂବା ଅସ୍ତ୍ର ପ୍ରଦର୍ଶନ କରନ୍ତି ନାହିଁ ।

*

ଅନ୍ୟପକ୍ଷରେ, ଲୋକମାନେ କପରି ଶାନ୍ତ ଭାବରେ ବ୍ୟବହାର କରିପାରନ୍ତି ଓ ତଥାପି କେତେ ସାହସର ସହିତ ସମୁଦ୍ର ଭିତରେ ଏକ ଘୋର ବିପଦର ସମ୍ମୁଖୀନ ହୋଇ ପାରନ୍ତି, ଏହି ଅନ୍ୟ କାହାଣୀଟିରେ ତୁମେ ତାହାର ପରିଚୟ ପାଇବ ।

୧୯୧୦ ମସିହା ମାର୍ଚ୍ଚମାସ ଶେଷ ଆଡ଼କୁ ସ୍କଟ୍‌ଲଣ୍ଡର ଗୋଟିଏ ଜାହାଜ ଯାତ୍ରୀମାନଙ୍କୁ ନେଇ ଅଷ୍ଟ୍ରେଲିଆରୁ ଉତ୍ତମାଶା ଅନ୍ତରୀପ ଉଦ୍ଦେଶ୍ୟରେ ଯାଉଥିଲା । ଆକାଶରେ ମେଘର କୌଣସି ଚିହ୍ନ ବି ନଥିଲା, ସମୁଦ୍ର ସ୍ଥିର ଥିଲା ଓ ଜାଲ ଦିଶୁଥିଲା ।

ହଠାତ୍, ଅଷ୍ଟ୍ରେଲିଆର ପଶ୍ଚିମ ଉପକୂଳରେ ଛଅମାଇଲ ଦୂରରେ ଥିବା ଗୋଟିଏ ପାହାଡ଼ ଦେହରେ ଯାଇ ଜାହାଜଟିର ଧକ୍କା ବାଜିଲା ।

ସଙ୍ଗେ ସଙ୍ଗେ ଜାହାଜର ସବୁଯାକ କର୍ମଚାରୀ ତତ୍ପର ହୋଇ ପଡ଼ିଲେ, ସେମାନେ ସମସ୍ତେ କାମକୁ ଧାଇଁଗଲେ ଓ ହୁଇସିଲ୍‌ମାନ ବାଜି ଉଠିଲା । ମାତ୍ର କୌଣସି ଆତଙ୍କ ଅଥବା ବିଶୃଙ୍ଖଳା ହେତୁ ଯେ ଏସବୁ ଗୋଳମାଳ ହେଉଥିଲା, ସେକଥା ଆଦୌ ନୁହେଁ ।

ଏକ ଆଦେଶ ଶୁଣାଗଲା, "ଲୋକମାନଙ୍କୁ ଡଙ୍ଗାଗୁଡ଼ିକ ଭିତରେ-ନେଇ ବସାଅ !"

ଯାତ୍ରୀମାନେ ଜୀବନରକ୍ଷା ବେଲ୍ଟମାନ ପରିଧାନ କଲେ ।

ଜଣେ ଅନ୍ଧ ବ୍ୟକ୍ତି ତାଙ୍କର ଭୃତ୍ୟଟି ସାଙ୍ଗରେ ଡେକ୍‌ବାଟେ ଗଲେ । ସମସ୍ତେ ତାଙ୍କୁ ବାଟ ଛାଡ଼ିଦେଲେ । ତାଙ୍କର ତ ଆଖି ବି ନଥିଲା, ତେଣୁ ସମସ୍ତେ ସବାଆଗ ତାଙ୍କର ଜୀବନ ରକ୍ଷା ହେଉ ବୋଲି ଇଚ୍ଛା କରୁଥିଲେ ।

କିଛି ସମୟ ପରେ ଜାହାଜଟିରୁ ସବୁଯାତ୍ରୀ ବାହାରି ଯାଇଥିଲେ ଓ ତା' ପରେ ତାହା ବୁଡ଼ି ଯାଇଥିଲା ।

'oaob.nitrkl.ac.in' images reprocessed

ଜୀବନରକ୍ଷାକାରୀ ଗୋଟିଏ ନୌକା ଉପରେ ଜଣେ ସ୍ତ୍ରୀଲୋକ ଗୀତଟିଏ ଗାଇବାକୁ ଆରମ୍ଭ କଲେ । ତରଙ୍ଗର ପ୍ରବଳ ଶବ୍ଦାଘାତରେ ସେହି ଗୀତଟି ପ୍ରାୟ ଶୁଣାଯାଉ ନଥିଲେ ମଧ୍ୟ ତଥାପି ଆହ୍ଲା ମାରୁଥିବା ବାଙ୍କମାନେ ଗୀତଟିର ସ୍ୱରଟିକୁ କ୍ଷୀଣ ଭାବରେ ବେଶ୍ ଶୁଣି ପାରୁଥିଲେ ଏବଂ ସେଥିରୁ ନିଜର ବାହୁଗୁଡ଼ିକ ଲାଗି ବଳ ପାଉଥିଲେ :

ନାବିକମାନେ, ଏଥର କୂଳଆଡ଼କୁ ଚାଲ, ଏଥର କୂଳଆଡ଼କୁ ଚାଲ !

ଭଙ୍ଗା ଜାହାଜର ଏହି ଯାତ୍ରୀମାନେ ଶେଷକୁ କୂଳରେ ଯାଇ ପହଞ୍ଚିଲେ ଏବଂ ସହୃଦୟ କେତେକ ଧୀବରଙ୍କର ଅତିଥି ହେଲେ ।

ଜଣେ ହେଲେ ଯାତ୍ରୀଙ୍କର ପ୍ରାଣ ଯାଇ ନଥିଲା । ଆପଣାର ସ୍ଥିର ସାହସ ଦ୍ୱାରା ଏହିପରି ଭାବରେ ଚାରିଶହ ପଚାଶ ଜଣ ବ୍ୟକ୍ତି ଆପଣାର ଜୀବନରକ୍ଷା କରିଥିଲେ ।

❊

କୌଣସି ପ୍ରକାର ଆଡ଼ମ୍ବର ଅଥବା ସାଜସଜ୍ଜା ନଦେଖାଇ ଏହି ଯେଉଁ ସ୍ଥିର ସାହସିକତାର ଗୁଣଟି ଅନେକ ଆବଶ୍ୟକ ଏବଂ ଉଦାର କାର୍ଯ୍ୟର ସାଧନ କରିଥାଏ, ବର୍ତ୍ତମାନ ତୁମମାନଙ୍କୁ ମୁଁ ସେହି ବିଷୟରେ ଆହୁରି କେତେକ କଥା କହିବି ।

ପାଞ୍ଚଶହ ଘରଥିବା ଗୋଟିଏ ଭାରତୀୟ ଗାଁର ପାଖଦେଇ ଗୋଟିଏ ଗଭୀର ନଈ ବହି ଯାଉଥିଲା ।

ଏହି ଗାଁର ଲୋକମାନେ ସେପର୍ଯ୍ୟନ୍ତ ସିଦ୍ଧାର୍ଥଙ୍କର ଉପଦେଶ ବିଷୟରେ କିଛି ଶୁଣିବାକୁ ପାଇ ନଥିଲେ । ତେଣୁ ଥରେ ତଥାଗତ ସେହି ଗାଁକୁ ଯାଇ ସେମାନଙ୍କୁ ସଦ୍ଧର୍ମ ବିଷୟରେ କିଛି ପ୍ରବଚନ ଦେବା ଲାଗି ସ୍ଥିର କଲେ ।

ସିଏ ସେହି ଗାଁକୁ ଯାଇ ଗୋଟିଏ ବଡ଼ ଗଛ ମୂଳରେ ବସିଲେ । ଗଛର ଶାଖାଗୁଡ଼ିକ ନଈ ଆଡ଼କୁ ଲମ୍ବି ରହିଥାଏ ଏବଂ ଗ୍ରାମବାସୀମାନେ ନଦୀର ଆର ପାଖରେ ରୁଣ୍ଡ ହୋଇଥାନ୍ତି । ତା'ପରେ ସେ କହିବାକୁ ଆରମ୍ଭକଲେ ଏବଂ ଲୋକମାନଙ୍କୁ ତାଙ୍କର ପ୍ରେମ ଏବଂ ଶୁଦ୍ଧତାର ବାଣୀ ପ୍ରଚାର କଲେ । ସତେଅବା ମନ୍ତ୍ର ଦ୍ୱାରା ପ୍ରଭାବିତ ହେଲା ପରି ତାଙ୍କର ଉଚ୍ଚାରିତ ଶବ୍ଦଗୁଡ଼ିକ ବହି ଯାଉଥିବା ନଦୀ ଜଳ ଉପରେ ଭାସିଭାସି ଏପାଖକୁ ଚାଲି ଆସୁଥିଲା । ମାତ୍ର ଲୋକମାନଙ୍କୁ ସେ ଯେଉଁସବୁ କଥା ପ୍ରଚାର କରୁଥିଲେ, ଲୋକମାନଙ୍କର ସେଗୁଡ଼ିକ ଉପରେ ଆଦୌ ବିଶ୍ୱାସ ହେଉ ନଥିଲା । ସେମାନେ ଫୁସ୍‌ଫାସ୍ ହୋଇ ତାଙ୍କ ବିରୁଦ୍ଧରେ କ'ଣସବୁ କହିବାରେ ଲାଗିଥିଲେ ।

'oaob.nitrkl.ac.in' images reprocessed

କେବଳ ଜଣେ ବ୍ୟକ୍ତି ଅନ୍ତରର ଅଧିକ ଜାଣିବାକୁ ଇଚ୍ଛା କରୁଥିଲା ଏବଂ ବୁଦ୍ଧଦେବଙ୍କର ଆହୁରି ପାଖକୁ ଆସିବାକୁ ଚାହୁଁଥିଲା ।

କିନ୍ତୁ ନଦୀ ଉପରେ କୌଣସି ପୋଲ ନଥିଲା । ସେଠାରେ ପାର ହେବାର କୌଣସି ଡଙ୍ଗା ବି ନଥିଲା । ପ୍ରଚଳିତ କାହାଣୀଟିରେ କୁହାହୋଇଛି ଯେ, ଆପଣାର ସାହସ ବଳରେ ଲୋକଟି ସେହି ନଦୀର ଗଭୀର ଜଳ ଉପରେ ପାଦରେ ଚାଲି ଚାଲି ଆସିବାକୁ ଆରମ୍ଭ କଲା । ଏବଂ, ଏହିପରି ଭାବରେ ସିଏ ନଦୀ ପାର ହୋଇ ବୁଦ୍ଧଙ୍କ ସମୀପକୁ ଆସିଲା, ତାଙ୍କୁ ଅଭିବାଦନ ଜଣାଇଲା ଏବଂ ଅତ୍ୟନ୍ତ ଆନନ୍ଦ ସହକାରେ ତାଙ୍କର ପ୍ରବଚନ ଶୁଣିବାକୁ ଲାଗିଲା ।

କାହାଣୀରେ ଯେପରି କୁହା ହୋଇଛି, ସେହି ବ୍ୟକ୍ତି ପ୍ରକୃତରେ ନଦୀ ପାର ହୋଇ ଏପାଖକୁ ଆସିଥିଲା କି ? ଆମେ ସେକଥା କହି ପାରିବା ନାହିଁ । ମାତ୍ର, ସେକଥା ଯାହା ହେଉ ପଛକେ, ଅଗ୍ରଗତି ଆଡ଼କୁ ପରିଚାଳିତ କରି ନେଉଥିବା ପଥଟିକୁ ଚାଲିବା ଲାଗି ସିଏ ସାହସ କରି ପାରିଥିଲା । ଏବଂ ତାହାର ଉଦାହରଣଟିରେ ଅଭିଭୂତ ହୋଇପଡ଼ି ତା' ଗାଆଁର ଅନ୍ୟ ଲୋକମାନେ ମଧ୍ୟ ତା'ପରେ ବୁଦ୍ଧଙ୍କର ଉପଦେଶଗୁଡ଼ିକ ପ୍ରତି ମନୋଯୋଗ ଦେବାକୁ ଆରମ୍ଭ କଲେ ଏବଂ ତଦ୍ଦ୍ୱାରା ସେମାନଙ୍କର ମନ ବି ଉଚ୍ଚ ଭାବନାଗୁଡ଼ିକ ଆଡ଼କୁ ଉନ୍ମୋଚିତ ହୋଇ ଯାଇଥିଲା ।

❋

ଗୋଟିଏ ପ୍ରକାରର ସାହସ ଅଛି, ଯାହା ବଳରେ ତୁମେ ନଦୀ ପାର ହୋଇ ପାରିବ । ଏବଂ ଆଉ ଗୋଟିଏ ପ୍ରକାରର ସାହସ ଅଛି, ଯାହା ବଳରେ ତୁମେ ଉଚିତ ମାର୍ଗରେ ନିଜ ଜୀବନକୁ ପରିଚାଳିତ କରିନେଇ ପାରିବ । ମାତ୍ର, ଉଚିତ ମାର୍ଗରେ ପ୍ରବେଶ କରିବାକୁ ଯେତିକି ସାହସ ଦରକାର, ସେହି ମାର୍ଗରେ ଅଟଳ ରହି ବାଟ ଚାଲି ପାରିବା ଲାଗି ତା'ଠାରୁ ଅଧିକ ସାହସ ଦରକାର ।

ଏହି ବିଷୟରେ ମୁଁ ତୁମମାନଙ୍କୁ ମାଈକୁକୁଡ଼ା ଓ ତା'ର ଛୁଆଙ୍କ କଥା କହିବି :

ପ୍ରତ୍ୟେକ ମନୁଷ୍ୟ ତା'ର ଯଥାଶକ୍ତି କାର୍ଯ୍ୟ କରୁଥିବ ଏବଂ ସେଇଥିରୁହିଁ ତାକୁ ସର୍ବୋତ୍ତମ ଫଳ ନିଶ୍ଚୟ ମିଳିବ ବୋଲି ତଥାଗତ ସିଦ୍ଧାର୍ଥ ଆପଣାର ଶିଷ୍ୟ-ମାନଙ୍କୁ ଶିକ୍ଷା ଦେଉଥିଲେ ।

ସିଏ କହୁଥିଲେ, "ମାଆ କୁକୁଡ଼ା ଅଣ୍ଡା ଦିଏ ଓ ତା'ପରେ ଯାଇ ସେହି ଅଣ୍ଡାଗୁଡ଼ିକ ଉପରେ ବସି ସେଗୁଡ଼ିକୁ ଉଷୁମାଏ । ସେ କେବେହେଲେ ବିରକ୍ତ ହୋଇ ଏପରି ଭାବେ ନାହିଁ, 'ମୋ' ଟିକି ଛୁଆଗୁଡ଼ିକ ସତରେ କ'ଣ ନିଜ ଅଣ୍ଡାରେ ଅଣ୍ଡାର ଖୋଳକୁ ଫଟାଇ ବାହାରକୁ ବାହାରିବେ ?' ସେହିପରି ତୁମେମାନେ ମଧ୍ୟ

'oaob.nitrkl.ac.in' images reprocessed

ନିଜ ଭିତରେ ଆଦୌ କୌଣସି ଭୟ ରଖିବ ନାହିଁ; ସତ୍କର୍ମର ପଥରେ ଯଦି ତୁମେମାନେ ଅବିଚଳ ରହିଥିବ, ତେବେ ତୁମେମାନେ ମଧ୍ୟ ଆଲୋକ ମଧ୍ୟରେ ପ୍ରବେଶ କରିବ, ନବଜନ୍ମ ଲାଭ କରିବ।"

ଏବଂ, ଆମେ ଏହାକୁହିଁ ପ୍ରକୃତ ସାହସ ବୋଲି କହିବା : ଆମେ ସିଧା ଓ ସରଳ ମାର୍ଗରେ ବାଟ ଚାଲିବା, ସକଳ ଝଡ଼, ଅନ୍ଧାର ଓ ଦୁଃଖର ସମ୍ମୁଖୀନ ହେବା; ଆମର ଚାଲିବା କେବେହେଲେ ବନ୍ଦ ହେବ ନାହିଁ, ଉଦ୍ୟମ କେବେହେଲେ ବନ୍ଦ ହେବ ନାହିଁ । ବାଟରେ ଯାହାକିଛି ଆସି ପଡ଼ୁକେ, ଆମେ କେବଳ ସେହି ଆଲୋକର ଅଭିମୁଖରେହିଁ ସତତ ଅଗ୍ରସର ହୋଇ ଯାଉଥିବା ।

❋

ବହୁଦିନ ପୂର୍ବେ, ଯେତେବେଳେ ରାଜା ବ୍ରହ୍ମଦତ୍ତ ବାରାଣସୀରେ ରାଜତ୍ୱ କରୁଥିଲେ, ସେତେବେଳେ ତାଙ୍କର ଜଣେ ଶତ୍ରୁ ଆଉକୋଟିଏ ରାଜ୍ୟର ରାଜା ତାଙ୍କ ସହିତ ଯୁଦ୍ଧ କରିବା ସକାଶେ ଗୋଟିଏ ହାତୀକୁ ତାଲିମ ଦେଇଥିଲେ ।

ଦୁଇ ରାଜ୍ୟ ଭିତରେ ଯୁଦ୍ଧ ଘୋଷଣା ହୋଇଗଲା । ସେହି ସୁନ୍ଦରକାୟ ହାତୀଟି ନିଜର ପ୍ରଭୁ ସେହି ରାଜାଙ୍କୁ ପିଠିରେ ବସାଇ ବାରାଣସୀର ନଗରପ୍ରାଚୀର ପାଖରେ ଆସି ପହଞ୍ଚିଲା ।

ନଗରର ପ୍ରାଚୀର ଉପରୁ ଆଉ ଅବରୁଦ୍ଧ ନଗରର ଅଧିବାସୀମାନେ ହାତୀକୁ ଲକ୍ଷ୍ୟକରି ଗରମ ପେଜ ଢାଳିବାକୁ ଆରମ୍ଭ କଲେ ଏବଂ ଛଟିକିଣି ଦ୍ୱାରା ପଥର ବୃଷ୍ଟି କରିବାକୁ ଲାଗିଲେ । ଏହି ଭୟଙ୍କର ପଥର ବର୍ଷାକୁ ସହି ନପାରି ହାତୀ ପ୍ରଥମେ ପଛକୁ ହଟି ଆସିଲା ।

ମାତ୍ର, ତାକୁ ତାଲିମ ଦେଇଥିବା ମଣିଷଟି ତା' ପାଖକୁ ଦଉଡ଼ିଯାଇ ତାକୁ ଚିତ୍କାର କରି କହିଲା :

"ବାଃରେ ହାତୀ ! ତୋ' ପରି ବୀର ହାତୀ ବୀର ପରି ସିନା କାମ କରିବ ! ତେଣୁ ତୁ ଯାଇ ଦୁର୍ଗର ଦୁଆରଗୁଡ଼ିକୁ ଭାଙ୍ଗିପକା !"

ଏହି ଉତ୍ସାହ ବାଣୀରୁ ବଳ ପାଇ ସେହି ବିଶାଳ ପ୍ରାଣୀଟି ଦୁର୍ଗର କବାଟ ଉପରେ ଯାଇ ଧକ୍କା ମାରିଲା ଓ ତାକୁ ଭାଙ୍ଗି ତଳେ ପକାଇଦେଲା । ଏହା ଫଳରେ ରାଜା ବିଜୟୀ ହୋଇ ନଗର ମଧ୍ୟରେ ପ୍ରବେଶ କଲେ ।

ଠିକ୍ ଏହିପରି ଭାବରେହିଁ ସାହସ ଯାବତୀୟ ବାଧା ଓ ଅସୁବିଧା ଉପରେ ବିଜୟପ୍ରାପ୍ତ ହୁଏ ଏବଂ ବିଜୟର ଦ୍ୱାରକୁ ଉନ୍ମୁକ୍ତ କରିଦିଏ ।

❋

'oaob.nitrkl.ac.in' images reprocessed

ଏବଂ, ମନରେ ଉତ୍ସାହ ଆଣି ଦେଉଥିବା ପଦେ କଥା କିପରି ମଣିଷ ଆଉ ପଶୁ ଉଭୟଙ୍କୁ ସମାନ ଭାବରେ କେତେ ସାହାଯ୍ୟ କରିପାରେ, ଏଠାରେ ତାହାହିଁ ଲକ୍ଷ୍ୟ କରିବାର କଥା ।

ମୁସଲମାନମାନଙ୍କର ଏକ ସଦ୍‌ଗ୍ରନ୍ଥ ଏକ ସାହସପୂର୍ଣ୍ଣ ହୃଦୟ ଥିବା କବି ଆବୁ ସଯ୍ୟଦଙ୍କର କାହାଣୀ ମଧ୍ୟଦେଇ ଆମକୁ ତାହାର ଏକ ଦୃଷ୍ଟାନ୍ତ ଯୋଗାଇ ଦେଇଥାଏ ।

ଥରେ ଆବୁ ସଯ୍ୟଦ ଜ୍ୱର ରୋଗରେ ପୀଡ଼ିତ ହୋଇ ପଡ଼ିଥାନ୍ତି । ଏକଥା ଶୁଣି ଦଳେ ତାଙ୍କର ବନ୍ଧୁମାନେ ତାଙ୍କର କୁଶଳ ପଚାରି ଆସିଲେ । ଗୃହର ଦ୍ୱାର-ଦେଶରେ ତାଙ୍କର ପୁଅ ସେମାନଙ୍କୁ ଅଭ୍ୟର୍ଥନା କରି ଭିତରକୁ ନେଇଗଲା । ରୋଗୀ ବର୍ତ୍ତମାନ ଆଗ ଅପେକ୍ଷା ଟିକିଏ ଭଲ ଅଛନ୍ତି ବୋଲି ସିଏ ଈଷତ୍ ହସି ସେମାନଙ୍କୁ ଜଣାଇଲା ।

ସେମାନେ ସମସ୍ତେ ଭିତରକୁ ରୋଗୀ ଘରକୁ ଆସିଲେ ଓ ରୋଗୀ ପାଖରେ ଆସି ବସିଲେ । ଆବୁ ସଯ୍ୟଦ ତାଙ୍କର ସବୁଦିନିଆ ସେହି ବିନୋଦପୂର୍ଣ୍ଣ ଭାବରେ କଥାବାର୍ତ୍ତା କରି ପାରୁଛନ୍ତି ଦେଖି ସେମାନଙ୍କୁ ଭାରି ଆଶ୍ଚର୍ଯ୍ୟ ବି ଲାଗିଲା । ତା' ପରେ, ସେଦିନ ଭାରି ଗରମ ହେଉଥିବାରୁ ତାଙ୍କର ନିଦ ହୋଇଗଲା । ଅନ୍ୟମାନେ ମଧ୍ୟ ସମସ୍ତେ ଶୋଇବାକୁ ଗଲେ ।

ସନ୍ଧ୍ୟା ଆଡ଼କୁ ଯାଇ ସମସ୍ତେ ନିଦରୁ ଉଠିଲେ । ଆବୁ ଜଳଖିଆ ମଗାଇ ଅତିଥିମାନଙ୍କୁ ଖାଇବାକୁ ଦେଲେ, ଏବଂ ସେହି କୋଠରିଟିକୁ ସୁଗନ୍ଧଯୁକ୍ତ କରିବା ଲାଗି ଧୂପ ବି ଜାଳିଦେଲେ ।

ତା'ପରେ ଆବୁ ସଯ୍ୟଦ କିଛି ସମୟ ପାଇଁ ପ୍ରାର୍ଥନା କଲେ, ତା'ପରେ ପ୍ରାର୍ଥନାରୁ ଉଠି ସ୍ୱରଚିତ ଗୋଟିଏ ପଦ୍ୟାର୍ ଆବୃତ୍ତି କଲେ :

ତୁମର ଦୁଃଖ ସକାଶେ ହାହାକାର କର ନାହିଁ,
କାରଣ ସୁଖର ଘଡ଼ି ବି ଅବଶ୍ୟ ଆସିବ ଓ
ଏହି ଯାବତୀୟ ଦୁଃଖକୁ ହରଣ କରି ନେବ ।
ନିଦାଘର ଖର ଓ ତପ୍ତ ପବନ ବହୁଥାଉ ପଛକେ,
ତଥାପି ତାହା ଶୀତଳ ଧୀର ପବନରେ
ଅବଶ୍ୟ ପରିବର୍ତ୍ତିତ ହୋଇଯିବ ।
ନିଆଁ ଲାଗିଲେ ତାହା ତଥାପି ନିଭିଯାଇ ପାରିବ ଓ
ବାକ୍ସ ଆଉ ସିନ୍ଦୁକଗୁଡ଼ିକର ଆଦୌ କୌଣସି କ୍ଷତି ହେବ ନାହିଁ ।
ଦୁଃଖ ଆସିବ, ମାତ୍ର ଚାଲି ବି ଯିବ ।

'oaob.nitrkl.ac.in' images reprocessed

ତେଣୁ ସନ୍ତାପ ପଡୁଥିବା ବେଳେ ଧୈର୍ଯ୍ୟ ଅବଲମ୍ବନ କର,
କାରଣ ଏହି ପରମ କାଳ
କେତେ ନା କେତେ ଅସମ୍ଭବ ସାଧନ କରିପାରେ ।
ଏବଂ ଖୋଦାଙ୍କର ପରମ ଶାନ୍ତି ମଧ୍ୟରୁ ଯେ
ଅଜସ୍ର ଆଶୀର୍ବାଦ ପ୍ରାପ୍ତ ହେବ,
ତୁମର ସେହି ଆଶା କଦାପି ନର୍ବାପିତ ହୋଇ ନଯାଉ ।

ସେମାନେ ସମସ୍ତେ ଖୁବ ହୃଷ୍ଟ ମନରେ ଘରକୁ ଫେରିଗଲେ, ଆଶା ବିଷୟରେ ତାଙ୍କର ଏହି ଚମତ୍କାର କବିତାଟି ସେମାନଙ୍କୁ ଅନେକ ବଳ ଆଣି ଦେଇଥିଲା । ଏହିପରି ଭାବରେ ଜଣେ ପୀଡ଼ିତ ବ୍ୟକ୍ତି ଉତ୍ତମ ସ୍ୱାସ୍ଥ୍ୟରେ ଥିବା ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିପାରିଲା ।

ଯିଏ ନିଜେ ସାହସୀ, ସିଏ ଅନ୍ୟମାନଙ୍କୁ ମଧ୍ୟ ସାହସ ଦେଇ ପାରିବ; ଗୋଟିଏ ମହମବତୀର ଆଲୋକ ଅନ୍ୟ ମହମବତୀଗୁଡ଼ିକୁ ଯେପରି ଜଳାଇ ଦିଏ, ଠିକ୍ ସେହିପରି ।

ଯେଉଁ ସାହସୀ ପୁଅ ଓ ଝିଅମାନେ ଏହି ଗଳ୍ପଟିକୁ ପାଠ କରିବେ, ସେମାନେ ମଧ୍ୟ ଅନ୍ୟମାନଙ୍କୁ ସାହସ ଓ ଉତ୍ସାହ ଦେଇ ଶିଖିବେ, ନିଜେ ବି ସାହସୀ ହେବେ ।

'oaob.nitrkl.ac.in' images reprocessed

ତିନି

ପ୍ରଫୁଲ୍ଲତା

କୌଣସି ବର୍ଷା ପ୍ରଧାନ ଦେଶର ଏକ ବଡ଼ ସହରରେ ଦିନକର ଉପର-ବେଳା ମୁଁ ପିଲାଙ୍କ ଦ୍ୱାରା ବୋଝେଇ ହୋଇଥିବା ସାତ ଆଠୋଟି ଗାଡ଼ି ଦେଖିବାକୁ ପାଇଥିଲି । ସେହିଦିନ ସକାଳେ ସେମାନଙ୍କୁ ମୁକ୍ତ ଗ୍ରାମାଞ୍ଚଳକୁ ନିଆଯାଇଥିଲା, ସେମାନେ ସେଠାରେ ଖୋଲା ପଡ଼ିଆମାନଙ୍କରେ ଖେଳିଥାନ୍ତେ । ମାତ୍ର ପାଗ ଖରାପ ହେବାରୁ ସେମାନଙ୍କୁ ସେହି ବର୍ଷାରେହିଁ ଶୀଘ୍ର ଘରକୁ ଫେରି ଆସିବାକୁ ପଡ଼ିଲା ।

ତଥାପି ସେମାନେ କେତେ ଖୁସି ହୋଇ ଗୀତ ଗାଉଥାନ୍ତି, ହସୁଥାନ୍ତି ଏବଂ ରାସ୍ତାରେ ଚାଲି ଯାଉଥିବା ବାଟୋଇମାନଙ୍କ ଉଦ୍ଦେଶ୍ୟରେ ଆନନ୍ଦରେ ହାତ ହଲାଇବାରେ ଲାଗିଥାନ୍ତି ।

ଏହି ନୀରସ ପାଗଟାରେ ମଧ୍ୟ ସେମାନେ ଆପଣାର ପ୍ରଫୁଲ୍ଲତାକୁ ଆଦୌ ନଷ୍ଟ କରିଦେଇ ନଥିଲେ । ସେମାନଙ୍କ ମଧ୍ୟରୁ ଯଦି ଜଣେ କାହାରି ବା ମନ ହୁଏତ ଉଦାସ ହୋଇ ଯାଇଥିବ, ତେବେ ଅନ୍ୟମାନେ ଗାଉଥିବା, ଗୀତସବୁରେ ତା'ର ମନ ନିଶ୍ଚୟ ପୁଣି ପ୍ରଫୁଲ୍ଲ ହୋଇ ଉଠିଥିବ । ଏବଂ, ରାସ୍ତା ଉପରେ ତରତର ହୋଇ ନିଜ ନିଜ କାମରେ ଧାଇଁବାରେ ଲାଗିଥିବା ଅନ୍ୟ ଲୋକମାନେ ମଧ୍ୟ ପିଲା-ମାନଙ୍କର ସେହି ହସକୁ ଶୁଣିବା ପରେ ଅନ୍ତତଃ ଗୋଟାଏ ମୁହୂର୍ତ୍ତ ଲାଗି ହେଲେ ମଧ୍ୟ ଆକାଶ ଉଜ୍ଜ୍ୱଳ ହୋଇ ଉଠିବା ପରି ନିଶ୍ଚୟ ଅନୁଭବ କରିଥିବେ ।

*

ଖୋରାସାନର ଯୁବରାଜ ଅମିର ପ୍ରକୃତରେ ଅମିରଙ୍କ ପରି ବିଳାସବ୍ୟସନ ମଧ୍ୟରେ ରହୁଥିଲେ । ଯେତେବେଳେ ସିଏ ଯୁଦ୍ଧଯାତ୍ରା କରି କୌଣସି ସ୍ଥାନକୁ ଯାଉଥିଲେ, ସେତେବେଳେ ତା' ରୋଷେଇ ଘରର ରନ୍ଧନ ପାତ୍ର, ଥାଳି ଓ କଡ଼େଇସବୁ ବୁହାହୋଇ ନିବା ଲାଗି ତିନିଶହ ଓଟ ଦରକାର ହେଉଥିଲେ ।

ଥରେ ଖଲିଫା ଇସ୍‌ମାଇଲ ତାଙ୍କୁ ବନ୍ଦୀ କରି ନେଲେ । ମାତ୍ର ଭାଗ୍ୟ ବିପର୍ଯ୍ୟୟ ଘଟିଲେ କ'ଣ ମଣିଷକୁ ଆଉ ଭୋକ କରନ୍ତା ନାହିଁ ! ତେଣୁ, ଆପଣାର ମୁଖ୍ୟ ପାଚକକୁ ପାଖରେ ଦେଖି ଅମିର ତା'ପାଇଁ ଭୋଜନ ପ୍ରସ୍ତୁତ କରିବାକୁ ଆଦେଶ ଦେଲେ ।

'oaob.nitrkl.ac.in' images reprocessed

ଯାଚକ ପାଖରେ ସେତେବେଳେ ମୋଟେ ଖଣ୍ଡେ ମାଉଁସ ବଳି କରି ଆଏ, ସିଏ ତାହାକୁହିଁ ଚୁଲି ଉପରେ ନେଇ ବସାଇ ଦେଲା । ଏବଂ ଝୋଳକୁ ଆଉ ଟିକିଏ ସୁଆଦ ଆଣି ଦେବାକୁ ଭାବି ସିଏ କିଛି ପନିପରିବାର ସନ୍ଧାନରେ ବାହାରି ଗଲା ।

ବାଟରେ ବୁଲି ଯାଉଥିବା ଗୋଟିଏ କୁକୁର ମାଂସର ଗନ୍ଧ ପାଇ ହାଣ୍ଡି ଭିତରେ ଆସି ମୁହଁ ପୂରାଇଲା । ତା'ପରେ ନିଆଁର ଉତ୍ତାପଟିକୁ ସହି ନପାରି ସିଏ ତତ୍‌କ୍ଷଣାତ୍ ହାଣ୍ଡିରୁ ମୁହଁ ବାହାର କରି ନେବାକୁ ବାହାରିଲା । ମାତ୍ର କୁକୁରଟି ପ୍ରକୃତରେ ଏତେ ଅବାଗିଆ କରି ମୁହଁଟିକୁ ପୂରାଇ ଥିଲା ଯେ ହାଣ୍ଡିଟି ମଧ୍ୟ ତା' ମୁହଁ ସହିତ ଲାଗିକରି ରହିଲା । ହାଣ୍ଡିଟିକୁ କୌଣସିମତେ ବାହାର କରି ନପାରି ସିଏ ଆତଙ୍କିତ ଭାବରେ ଦଉଡ଼ିବାକୁ ଆରମ୍ଭ କଲା ।

ଏକଥା ଦେଖି ଅମିରଙ୍କୁ ଭାରି ହସ ଲାଗିଲା ।

ପହରା ଦେଉଥିବା କର୍ମଚାରୀ ଜଣକ ତାଙ୍କୁ ପଚାରିଲା, "ବର୍ତ୍ତମାନ ତ ଆପଣଙ୍କର ଦୁଃଖ କରିବା କଥା, ତେବେ ଆପଣ ଏପରି ହସି ଉଠିଲେ କାହିଁକି ?"

ମାତ୍ର ଅମିର ହାତ ବଢ଼ାଇ ତାଙ୍କୁ ଝରକା ଭିତରୁ ବାହାରେ ବୁଲି ଯାଉଥିବା କୁକୁରଟିକୁ ଦେଖାଇ ଦେଲେ ଓ କହିଲେ, "ମୁଁ ଭାବୁଥିଲି ଯେ ଆଜି ସକାଳେ ମୋ'ର ଖାଇବା ସରଞ୍ଜାମସବୁ ବୋହିବାରେ ତିନିଶହ ଓଟ ଦରକାର ହୋଇଥିଲେ ଏବଂ ବର୍ତ୍ତମାନ ତାହାକୁ ବୋହିବା ସକାଶେ ଗୋଟାଏ କୁକୁରହିଁ ଯଥେଷ୍ଟ ହୋଇ ଯାଉଛି । ମୁଁ ସେକଥା ଭାବି ହସିଲି ।"

ପ୍ରଫୁଲ୍ଲ ହୋଇ ରହିବାକୁ ଅମିର୍‌ଙ୍କୁ ଭାରି ଭଲ ଲାଗୁଥିଲା ସତ, ମାତ୍ର ଅନ୍ୟମାନଙ୍କୁ ପ୍ରଫୁଲ୍ଲ କରିପାରିବା ସକାଶେ ସିଏ କେବେ କିଛି କରୁ ନଥିଲେ । ତଥାପି, ତା'ର ସେହି ହାଲୁକା ହୃଦୟଟି ପାଇଁ ତାଙ୍କୁ ଆମେ ନିଶ୍ଚୟ ପ୍ରଶଂସା କରିବା । ଏତେ ଭୟଙ୍କର ବିପଦରେ ପଡ଼ିଥିଲେ ମଧ୍ୟ ସିଏ ତଥାପି ଆମୋଦିତ ଅନୁଭବ କରିବାର କଥା ଭାବି ପାରୁଥିଲେ । ତା'ଠାରୁ ଆହୁରି ଅନେକ ଶ୍ରେଷ୍ଠ ନାନା ସନ୍ତାପ ଭିତରେ ପଡ଼ିଥିଲା ବେଳେ ଆମେ ନିଜେ ବି କ'ଣ ସେହିପରି ଟିକିଏ ହସି ପାରିବା ନାହିଁ ?

*

ପାରସ୍ୟ ଦେଶରେ ଜଣେ ସ୍ତ୍ରୀଲୋକ ମଦ୍ୟ ବିକିକରି ଜୀବିକାନିର୍ବାହ କରୁଥିଲେ । ତାଙ୍କର ବ୍ୟବହାର ଅତ୍ୟନ୍ତ ମଧୁର ଥିବାରୁ ଗ୍ରାହକମାନେ ସବୁବେଳେ ତାଙ୍କ ଦୋକାନରେ ଆସି ଭିଣ୍ଡ ହେଉଥିଲେ । ଏବଂ ଯେଉଁ କବି ସେହି ମହିଳାଙ୍କର କାହାଣୀକୁ ଲିପିବଦ୍ଧ କରି ରଖିଛନ୍ତି, ସିଏ ଘୋଷଣା କରି

'oaob.nitrkl.ac.in' images reprocessed

କହୁଛନ୍ତି ଯେ, ସେହି ମହିଳା ଯଦି ମଧୁ ନାମରେ ବିଷ ବି ବିକୁଥାନ୍ତେ, ତେବେ ବି ଲୋକମାନେ ମଧୁ ବୋଲି ଭାବି ବିଷ କିଣିବାକୁହିଁ ତାଙ୍କ ପାଖକୁ ଯାଇଥାନ୍ତେ ।

ଆଉଜଣେ ଖଳବୁଦ୍ଧି କର୍କଶ ସ୍ୱଭାବର ଲୋକ ସେହି ମହିଳା ଆପଣାର ମଧୁ ବିକ୍ରି କରି କେତେ ବେଶୀ ଲାଭ କରୁଛନ୍ତି ଦେଖିଥିଲେ ଏବଂ ସିଏ ମଧ୍ୟ ସେହି ବାଣିଜ୍ୟ କରିବେ ବୋଲି ମନସ୍ଥ କରିଥିଲେ ।

ତେଣୁ ସିଏ ବି ନିଜର ଗୋଟିଏ ଦୋକାନ ଖୋଲିଲେ, ମାତ୍ର, ବିକ୍ରି ହେବା ଲାଗି ଗଚ୍ଛିତ ହୋଇ ରହିଥିବା ମଧୁଭାଣ୍ଡଗୁଡ଼ିକର ପଶ୍ଚାତରେ ଆପଣାର ମୁହଁଟିକୁ ସେ ସର୍ବଦା ଭିନଗାର ପରି କରି ରଖିଥିଲେ । ଯେଉଁ ଗ୍ରାହକମାନେ ତାଙ୍କ ଦୋକାନକୁ ଆସୁଥିଲେ, ସେମାନଙ୍କ ସହିତ ଅତ୍ୟନ୍ତ କର୍କଶ ଭାବରେ ବ୍ୟବହାର କରାଯାଉଥିଲା । ତେଣୁ ତାଙ୍କର ପଣ୍ୟଟିକୁ ଆଉ କେହି କିଣିବାକୁ ଆସିଲେ ନାହିଁ, ସେହି ଦୋକାନର ବାଟ ଦେଇ ଯାଉଥିଲେ ମଧ୍ୟ ତଥାପି ସେଠାରେ ନଅଟକି ବାଟେ ବାଟେ ଚାଲିଗଲେ । ସେହି କଥାଟିକୁ ବର୍ଣ୍ଣନା କରି କବି କହୁଛନ୍ତି, "ତାଙ୍କ ମଧୁ ଉପରେ ଆସି ବସିବାକୁ ସାମାନ୍ୟ ମାଛିଟାର ବି ମୋଟେ ମନ ହେଲା ନାହିଁ ।" ଦିନମାନ ଯାଇ ସଞ୍ଜ ହେଲା, ତଥାପି ତାଙ୍କର କିଛି ରୋଜଗାର ହେଲା ନାହିଁ । ଆଉଜଣେ ମହିଳା ତାଙ୍କର ଏହି ଦୁରବସ୍ଥା ଦେଖି ନିଜ ସ୍ୱାମୀଙ୍କ ଆଗରେ ମନ୍ତବ୍ୟ କଲେ, "ଏହି ଖଟା ମୁହଁ ସକାଶେ ମହୁଗୁଡ଼ାକ ବି ଖଟା ହୋଇଗଲା ।"

ମଧୁ ବିକ୍ରି କରୁଥିବା ସେହି ମହିଳା କ'ଣ ଖାଲି ଗ୍ରାହକମାନଙ୍କୁ ଆକୃଷ୍ଟ କରି ଆଣିବାକୁହିଁ ସବୁବେଳେ ହସହସ ମୁହଁ ହୋଇ ରହୁଥିଲେ ? ନା—ବରଂ ଆମେ ଏପରି କହିବା ଯେ ତାଙ୍କର ଚିରପ୍ରଫୁଲ୍ଲତା ତାଙ୍କର ଉତ୍ତମ ସ୍ୱଭାବଟିରୁହିଁ ଜାତ ହେଉଥିଲା । ଖାଲି କ'ଣ କିଣାବିକା କରିବାକୁ ଆମେସବୁ ଏହି ସଂସାରରେ ରହିଛୁ ? ନା—ଆମର ଏଠି ପରସ୍ପରର ସାଥୀହୋଇହିଁ ରହିବା ଉଚିତ । ସେହି ଉତ୍ତମସ୍ୱଭାବ ମହିଳାଙ୍କର ଗ୍ରାହକମାନେ ଅନୁଭବ କରୁଥିଲେ ଯେ ସିଏ କେବଳ ମଧୁ ବିକ୍ରି କରୁଥିବା ଜଣେ ଦୋକାନୀ ନଥିଲେ, ସିଏ ତାହାଠାରୁ ଅନେକ ଅଧିକ ଥିଲେ । ସେମାନେ ତାଙ୍କୁ ଏହି ପୃଥିବୀର ଜଣେ ସଦାପ୍ରଫୁଲ୍ଲ ନାଗରିକ ବୋଲି ଅନୁଭବ କରୁଥିଲେ ।

❋

ଏହାପରେ ମୁଁ ତୁମମାନଙ୍କୁ ଯେଉଁ ଗଳ୍ପଟି କହିବି, ସେଥିରେ ସତେଅବା ଏକ ସୁନ୍ଦର ଝରଣା ମଧ୍ୟରୁ ପାଣି ମର୍ମରି ଉଠୁଥିବା ପରି ଖୁସି ହେବାର ଭାବଟି ମର୍ମରି ଉଠୁଥାଏ । ଯେଉଁ ବ୍ୟକ୍ତିଙ୍କ ବିଷୟରେ ଏହି ଗଳ୍ପଟି କୁହାହୋଇଛି, ତାଙ୍କର ପ୍ରଚଳିତ ବୃଦ୍ଧି ଅଥବା ଲାଭ ବିଷୟରେ ଆଦୌ କୌଣସି ଲାଳସା ନଥିଲା ।

'oaob.nitrkl.ac.in' images reprocessed

ସିଏ ହେଉଛନ୍ତି ପ୍ରସିଦ୍ଧ ଏବଂ ମହିମମୟ ରାମଚନ୍ଦ୍ର ।

ରାମଚନ୍ଦ୍ର ଦଶ-ଶିର ଏବଂ ବିଂଶପାଣି ରାବଣକୁ ହତ୍ୟା କରିଥିଲେ । ଏହି ଗଳ୍ପର ମୂଳଟିକୁ ମୁଁ ଆଗରୁ ତୁମମାନଙ୍କୁ କହିଛି । ରାବଣ ସହିତ ରାମଚନ୍ଦ୍ରଙ୍କର ଅତି ଭୟଙ୍କର ଯୁଦ୍ଧ ହୋଇଥିଲା । ରାମଚନ୍ଦ୍ରଙ୍କ ପକ୍ଷରେ ଯୁଦ୍ଧ କରି ହଜାର ହଜାର ବାନର ଏବଂ ଭାଲୁଙ୍କର ପ୍ରାଣନାଶ ହୋଇଥିଲା ଏବଂ ଶତ୍ରୁପକ୍ଷ ଅସୁରମାନଙ୍କର ଶବ ଚତୁର୍ଦ୍ଦିଗରେ କୁଢ଼କୁଢ଼ ହୋଇ ଜମା ହୋଇଥିଲା । ସେମାନଙ୍କର ରାଜା ମଧ୍ୟ ଭୂଲୁଣ୍ଠିତ ହୋଇ ମରି ପଡ଼ିଥିଲେ । କିନ୍ତୁ ତାଙ୍କୁ ବଧ କରିବାକୁ ପ୍ରକୃତରେ କେତେ କଷ୍ଟ କରିବାକୁ ନପଡ଼ିଲା ! ରାମଚନ୍ଦ୍ର ବାରବାର କେତେଥର ପାଇଁ ରାବଣର ଦଶ ମୁଣ୍ଡ ଏବଂ ବିଂଶ ହାତକୁ କାଟି ପକାଉଥିଲେ । ମାତ୍ର କାଟିବା ସଙ୍ଗେ ସଙ୍ଗେ ସେହି ସବୁଜାଗାରୁ ମୁଣ୍ଡ ଓ ହାତଗୁଡ଼ାକ ସଙ୍ଗେ ସଙ୍ଗେ ପୁନର୍ବାର ଜନ୍ମି ଉଠୁଥିଲା । ଏହିପରି ଭାବରେ ରାମଚନ୍ଦ୍ରଙ୍କୁ ସେଗୁଡ଼ିକୁ ବାରବାର କାଟିଦେବାକୁ ପଡ଼ୁଥିଲା । ସେଗୁଡ଼ିକର ସଂଖ୍ୟା ପ୍ରାୟ ଏପରି ଅଗଣିତ ହୋଇ ରହିଥିଲା ଯେ, ଶେଷକୁ ଆକାଶ ମାର୍ଗରୁ ମସ୍ତକ ଓ ହାତଗୁଡ଼ିକର ବର୍ଷା ପୃଥିବୀ ଉପରେ ଅଜାଡ଼ି ହୋଇ ପଡ଼ୁଥିବା ଭଳି ମନେ ହେବାକୁ ଲାଗିଲା ।

ଏହି ଭୟଙ୍କର ସମରଟିର ସମାପ୍ତି ଘଟିବା ପରେ ପ୍ରାଣ ହରାଇଥିବା ବାନର ଓ ଭାଲୁମାନେ ପୁନର୍ବାର ଜୀବନ ପାଇ ଉଠିଲେ ଏବଂ ସମସ୍ତେ ଏକତ୍ର ହୋଇ ଆଦେଶ ଲାଗି ଅପେକ୍ଷା କରି ରହିଥିବା ସଚେତଥିବା ଏକ ସୈନ୍ୟବାହିନୀ ପରି ଠିଆ ହୋଇ ରହିଥିଲେ ।

ବିଜୟ ଲାଭ ପରେ ମଧ୍ୟ ମହିମମୟ ରାମଚନ୍ଦ୍ରଙ୍କର ବ୍ୟବହାରରେ ଏତେ ଟିକିଏ ହେଲେ ଅସହଜତା ଏବଂ ଉତ୍ତେଜନା ନଥିଲା । ସିଏ ଆପଣାର ବିଶ୍ୱସ୍ତ ମିତ୍ରମାନଙ୍କ ଉପରେ ମଧୁର ଦୃଷ୍ଟିପାତ କରିବାରେ ଲାଗିଥାନ୍ତି ।

ତା'ପରେ, ରାବଣ ପରେ ଲଙ୍କାରାଜ୍ୟର ଅଧିପତିରୂପେ ଘୋଷିତ ହୋଇଥିବା ବିଭୀଷଣ ଏଡ଼େ ସାହସିକତା ସହିତ ଯୁଦ୍ଧ କରିଥିବା ଯୋଦ୍ଧାମାନଙ୍କ ଲାଗି ମଣିମୁକ୍ତା ଏବଂ ବହୁମୂଲ୍ୟ ପୋଷାକମାନ ଗୋଟିଏ ରଥ ଉପରେ ବୋଝାଇ କରି ଆସି ସେଠାରେ ପହଞ୍ଚିଲେ ।

ରାମଚନ୍ଦ୍ର ତାଙ୍କୁ କହିଲେ, "ବନ୍ଧୁ ବିଭୀଷଣ, ଶୁଣ ? ତୁମେ ଆକାଶମାର୍ଗରେ ଉପରୁ ଆଇ ତୁମର ଏହି ଉପହାରସାମଗ୍ରୀଗୁଡ଼ିକୁ ସେନାବାହିନୀ ଉପରେ ବର୍ଷଣ କର!"

ରାଜା ବିଭୀଷଣ ରାମଙ୍କ ଆଦେଶ ଅନୁସାରେ କାର୍ଯ୍ୟ କଲେ ଏବଂ ରଥ ଉପରୁ ଆକାଶମାର୍ଗରୁ ଦୀପ୍ତ ମଣିମୁକ୍ତା ଏବଂ ଉଜ୍ଜ୍ୱଳ ନାନା ବର୍ଣ୍ଣର ପରିଧାନଗୁଡ଼ିକୁ ତଳକୁ ପକାଇବାକୁ ଲାଗିଲେ

'oaob.nitrkl.ac.in' images reprocessed

ଉପରୁ ପଡ଼ୁଥିବା ସେହି ସମ୍ପଦଗୁଡ଼ିକୁ ଧରିବା ଲାଗି ବାନର ଓ ଭାଲୁମାନେ ଧାଉଁଥିବା ବେଳେ ପରସ୍ପର ସହିତ ଧକ୍କା ବାଜି ଗଡ଼ିବାକୁ ଲାଗିଲେ । ସେହି ଗଡ଼ାଗଡ଼ି ପ୍ରକୃତରେ ଏକ ମନୋରମ ଦୃଶ୍ୟରେ ପରିଣତ ହୋଇଥିଲା ।

ରାମଚନ୍ଦ୍ର ସେହି ଦୃଶ୍ୟ ଦେଖି ହସି ହସି ଗଡ଼ିଗଲେ । ଏବଂ ତାଙ୍କର ପତ୍ନୀ ଦେବୀ ସୀତା ଏବଂ ଭାଇ ଲକ୍ଷ୍ମଣ ମଧ୍ୟ ତାଙ୍କ ସହିତ ହସିବାକୁ ଆରମ୍ଭ କଲେ ।

କେବଳ ସାହସୀ ବ୍ୟକ୍ତିମାନେହିଁ ଏହିପରି ହସି ଜାଣନ୍ତି । ଏକ ଚମତ୍କାର ହୃଦୟଖୋଲା ହସ ପରି ଆଉ ଏପରି ମୈତ୍ରୀସୂଚକ କଥା ପୃଥିବୀରେ ଆଉ କିଛି ନାହିଁ । ଏବଂ, ଇଂରାଜୀରେ ସାହସ ଏବଂ ମୈତ୍ରୀସୂଚକ ଦୁଇଟିଯାକ ଶବ୍ଦ ଗୋଟିଏ ମୂଳରୁହିଁ ଉତ୍ପନ୍ନ ହୋଇଛି । ଅସୁବିଧାପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକରେ, ଏକ ମୈତ୍ରୀପୂର୍ଣ୍ଣ ଅନ୍ତଃଭାବରୁ ନିଷ୍ପନ୍ନ ହୋଇ ଆସୁଥିବା ପ୍ରଫୁଲ୍ଲତା ପ୍ରକୃତରେ ଏକପ୍ରକାର ସାହସରହିଁ ଦ୍ୟୋତନା ଆଣି ଦେଇଥାଏ ।

ଅବଶ୍ୟ ଏକଥା ନୁହେଁ ଯେ ଆମେ ସବୁବେଳେ ଖାଲି ହସୁଥିବା ଓ ଆଉ କିଛିହେଲେ କରିବା ନାହିଁ ; ଜୀବନ୍ତତା, ପ୍ରଶାନ୍ତତା ଓ ଖୁସି ମିଜାଜର ଜୀବନରେ ସର୍ବଦା ଏକ ପ୍ରୟୋଜନ ସବୁବେଳେ ରହିଛି । ଏବଂ, ସେଗୁଡ଼ିକ ଆମର ପ୍ରକୃତରେ କେତେ କାମରେ ଲାଗନ୍ତି ! ସେହି ଗୁଣଗୁଡ଼ିକର ବଳରେ ଘରେ ମାଆ ଘରଟିକୁ ପିଲାମାନଙ୍କ ପାଇଁ କେତେ ଆନନ୍ଦମୟ କରି ରଖିଥାନ୍ତି ; ତାହାରି ବଳରେ ଶୁଶ୍ରୂଷାକାରିଣୀ ଧାତ୍ରୀ ରୋଗୀର ରୋଗୋପଶମକୁ ମଧ୍ୟ ତ୍ୱରାନ୍ୱିତ କରିଥାଏ, ପ୍ରଭୁ ଭୃତ୍ୟମାନଙ୍କର କାର୍ଯ୍ୟର ଭାରଟିକୁ ହାଲୁକା କରି ଦେଇପାରେ, ଶ୍ରମିକ ତା'ର ସାଥୀମାନଙ୍କର ସଦିଚ୍ଛାକୁ ଅନୁପ୍ରେରିତ କରି ଆଣିଥାଏ, ଏହାରି ବଳରେହିଁ ଜଣେ ବାଟୋଇ କଠିନ ଯାତ୍ରାପଥରେ ତା'ର ସାଥୀ ଅନ୍ୟ ବାଟୋଇମାନଙ୍କର ସହାୟତା କରିଥାଏ ଏବଂ ଜଣେ ନାଗରିକ ତା'ର ଦେଶବାସୀମାନଙ୍କର ହୃଦୟରେ ଆଶା ଭରି ବ ରଖିଥାଏ ।

ଏବଂ, ଏହି ସୁଖୀ ପିଲାମାନେ, ପୁଅ ଆଉ ଝିଅ ସମସ୍ତେ, ତୁମର ପ୍ରଫୁଲ୍ଲ ଭାବ ଲାଗି ଅସାଧ୍ୟ ବୋଲି କେବେହେଲେ କୌଣସି କଥା ରହିଛି କି ?

'oaob.nitrkl.ac.in' images reprocessed

୨୭୧

ଆତ୍ମନିର୍ଭରତା

ହାତିମ୍ ତାଇ ଯେପରି ବଦାନ୍ୟ ଭାବରେ ଦାନ ଏବଂ ଭିକ୍ଷା ଦେବାରେ ଆପଣାର ଅଜସ୍ର ଧନକୁ ବ୍ୟୟ କରି ଦେଉଥିଲେ, ସେଥିଲାଗି ପ୍ରାଚୀନ ଆରବମାନଙ୍କ ଭିତରେ ଅନେକ ଖ୍ୟାତି ରହିଥିଲା ।

ତାଙ୍କର ବନ୍ଧୁମାନେ ଥରେ ତାଙ୍କୁ ଆସି ପଚାରିଲେ, "ତୁମଠାରୁ ଅଧିକ ବଦାନ୍ୟ ଏବଂ ଅଧିକ ଭଲ କୌଣସି ଲୋକକୁ ତୁମେ ଦେଖିଛ କି ?"

"ହଁ, ଦେଖିଛି ।"—ହାତିମ୍ ତାଇ ଉତ୍ତର ଦେଲେ ।

"ତେବେ ସେହି ଲୋକଟି କିଏ କହିଲ ?"

"ଥରେ ମୁଁ ଚାଳିଶଟି ଓଟ ମାରିଲି ରନ୍ଧନ ପ୍ରସ୍ତୁତ କରିଥିଲି, ଏବଂ ସେଦିନ ଯେକୌଣସି ବ୍ୟକ୍ତି ଆସିବାକୁ ମନ କଲା, ମୁଁ ତାକୁ ଭୋଜନରେ ଆପ୍ୟାୟିତ କରିଥିଲି । ତା'ପରେ, ମୋ'ର କେତେଜଣ ସୈନ୍ୟମୁଖ୍ୟଙ୍କୁ ସାଙ୍ଗରେ ନେଇ ମୁଁ ଦୂରଦୂରାନ୍ତର ଅତିଥିମାନଙ୍କୁ ନିମନ୍ତ୍ରଣ କରିବାକୁ ବାହାରିଗଲି । ବାଟରେ ଜଣେ କାଠୁରିଆ ସହିତ ଆମର ଭେଟ ହେଲା । ସିଏ ଗୁଡ଼ାଏ କଣ୍ଟାଗଛ କାଟି ତାକୁ ବିଡ଼ା ବାନ୍ଧି ରଖିଥାଏ । ପ୍ରତିଦିନ ଏହି କାମ କରିହିଁ ସେ ଆପଣାର ଜୀବିକା ନିର୍ବାହ କରୁଥିଲା । ହାତିମ୍ ତାଇ ମାଗଣାରେ ଏତେ ଏତେ ଲୋକଙ୍କୁ ଏତେ ଭୋଜି ଖାଇବାକୁ ଦେଉଛନ୍ତି, ସିଏ କାହିଁକି ସେଠାକୁ ଯାଉ ନାହିଁ,—ତା'ର ଦରିଦ୍ର ଅବସ୍ଥା ଦେଖି ମୁଁ ତାକୁ ସେହି କଥା ପଚାରିଥିଲି । ସିଏ ମୋ' କଥା ଶୁଣି ଉତ୍ତର ଦେଇ କହିଲା, "ଯେଉଁମାନେ ନିଜ ପରିଶ୍ରମରେ ପେଟ ପୋଷି ପାରୁଛନ୍ତି, ସେମାନଙ୍କର ହାତିମ୍ ତାଇଙ୍କ ବଦାନ୍ୟତା ଲାଗି ଆଦୌ କୌଣସି ଲୋଡ଼ା ନାହିଁ ।"

କିନ୍ତୁ ତା' ପାଇଁ ସେହି ଲୋକଟି ଯେ ହାତିମ୍ ତାଇଙ୍କ ଅପେକ୍ଷା ଅଧିକ ଭଲ ଲୋକ ହେବେ, ହାତିମ୍ ତାଇ ଏକଥା କହିଲେ କାହିଁକି ?

କାରଣ, ସିଏ ଭାବୁଥିଲେ ଯେ, ଆଦୌ କୌଣସି ଶ୍ରମ ବା ତ୍ୟାଗ ଦ୍ୱାରା ଅର୍ଜନ କରାଯାଇ ନଥିବା ଧନରେ ଅନ୍ୟମାନଙ୍କୁ ଦାନ ଦେବା ଏବଂ ତଦ୍ୱାରା ସେମାନଙ୍କୁ ଆତ୍ମନିର୍ଭର ନହେବାକୁହିଁ ଉତ୍ସାହ ଦେଉଥିବା ଅପେକ୍ଷା ନିଜେ କାମ କରି ନିଜର ଜୀବିକା ନିର୍ବାହ କରିବା ଅନେକ ଅଧିକ ଭଲ କଥା ।

'oaob.nitrkl.ac.in' images reprocessed

ଅବଶ୍ୟ ଏଇଟା ଅତ୍ୟନ୍ତ ସ୍ୱାଭାବିକ କଥା ଯେ ବନ୍ଧୁମାନେ ସେମାନଙ୍କର ବନ୍ଧୁମାନଙ୍କୁ ନିଶ୍ଚୟ ଅନେକ ଉପହାର ଦେବେ ; ଏକଥା ମଧ୍ୟ ଅବଶ୍ୟ ଭଲ ଯେ, ବାହୁରେ ବଳ ଥିବା ଲୋକ ଦରିଦ୍ର ଏବଂ ଅଭାବଗ୍ରସ୍ତ ବ୍ୟକ୍ତିମାନଙ୍କୁ ନିଶ୍ଚୟ ସୁରକ୍ଷା ଯୋଗାଇ ଦେବ । ମାତ୍ର, ଶରୀରରେ ସାମର୍ଥ୍ୟ ରହିଥିବା ଜଣେ ବ୍ୟକ୍ତିକୁ ଆପଣାର ହାତରେହିଁ କାମ କରିବାକୁ ପଡ଼ିବ,—ତା' ପରିବର୍ତ୍ତିରେ ଅନ୍ୟ କାହାଠାରେ ଭିକ୍ଷା ପାଇବାକୁ ସେହି ହାତ ଦୁଇଟାକୁ ବଢ଼ାଇ ଦେବାରେ ଲାଗିଥିଲେ ତାହା ପ୍ରକୃତରେ ଅପମାନଜନକ ହେବ । ଅବଶ୍ୟ ସ୍ମରଣ ରଖିବା ଉଚିତ ଯେ, ଯେଉଁମାନେ ଧ୍ୟାନମଗ୍ନ ଜୀବନ ଏବଂ ଜ୍ଞାନର ଅନ୍ୱେଷଣ ନିମିତ୍ତ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗୀକୃତ କରି ରଖିଛନ୍ତି, ଏଥିରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରାଯାଉ ନାହିଁ ।

*

କାଠୁରିଆ ନିଶ୍ଚୟ ଅତ୍ୟନ୍ତ ସାଧୁ ଏବଂ ପ୍ରଶଂସାଯୋଗ୍ୟ ଭାବରେ ଆପଣାର ଜୀବିକା ନିର୍ବାହ କରୁଥିଲା । ମାତ୍ର ପାରସ୍ୟର ଜଣେ ଯୁବରାଜ ଆହୁରି ଅଧିକ ସାଧୁ ଭାବରେ ନିଜର ଜୀବନ ଯାପନ କରୁଥିଲେ । ଆଜି ମୁଁ ତୁମମାନଙ୍କୁ ତାଙ୍କରି କଥା କହିବି ।

ସିଏ ଅନେକ ପ୍ରାଚୀନ କାଳର ଜଣେ ଯୁବରାଜ ଥିଲେ । ତାଙ୍କର ନାମ ଗୁଶ୍‌ତାସ୍ପ୍ ।

ତାଙ୍କ ବାପା ତାଙ୍କୁ ସିଂହାସନର ଉତ୍ତରାଧିକାରୀ କରାଇବା ଲାଗି ଇଚ୍ଛା କରୁ ନଥିଲେ ବୋଲି ସେ ଖୁବ ବିରକ୍ତ ହୋଇ ପଡ଼ିଲେ ଓ ଆପଣା ରାଜ୍ୟରୁ ବାହାରିଯାଇ ପଶ୍ଚିମ ଆଡ଼କୁ ଚାଲିଗଲେ । ଏକାକୀ ଓ କ୍ଷୁଧାର୍ତ୍ତ ହୋଇ ବାଟ ଚାଲୁଚାଲୁ ସେ କ୍ରମେ ହୃଦୟଙ୍ଗମ କରି ପାରିଲେ ଯେ ଏଣିକି ତାଙ୍କୁ ଜୀବନ ନିର୍ବାହ ନିକାଶେ ସ୍ୱୟଂ କାମ କରିବାକୁ ହେବ । ତେଣୁ ସେହି ରାଜ୍ୟର ରାଜାଙ୍କ ପାଖକୁ ଯାଇ ସେ କହିଲେ :

"ମୋତେ ହସ୍ତଲିଖନ-କଳା ଖୁବ୍ ଭଲ ଭାବରେ ଜଣାଅଛି । ଆପଣ ମୋତେ ଜଣେ ଲିପିକାର କରି ଏଠାରେ ରଖନ୍ତୁ !"

ତାଙ୍କୁ କିଛିଦିନ ସକାଶେ ଅପେକ୍ଷା କରି ରହିବାକୁ କୁହାଗଲା, କାରଣ ସେତେବେଳେ ଦରବାରରେ କୌଣସି ଲିପିକାରର ଆବଶ୍ୟକତା ନଥିଲା । କିନ୍ତୁ ସିଏ ମଝିରେ ଥିବା ଏହି ଦିନଗୁଡ଼ିକରେ ତ ଆଉ ଉପାସ ରହି ନଥାନ୍ତେ, ତେଣୁ ସେ ଓଟ ଚାଳକମାନଙ୍କ ପାଖକୁ ଯାଇ ସେମାନଙ୍କୁ କିଛି କାମ ମାଗିଲେ । ସେମାନଙ୍କର ବି କୌଣସି ନୂତନ ସାହାଯ୍ୟକାରୀର ଆବଶ୍ୟକତା ନଥିଲା । କିନ୍ତୁ ସିଏ ଏପରି ଦାରୁଣ ଅଭାବରେ ପଡ଼ିଥିବାର ଦେଖି ସେମାନେ ତାଙ୍କୁ କିଛି ଖାଇବାକୁ ଆଣି ଦେଇଥିଲେ ।

'oaob.nitrkl.ac.in' images reprocessed

ତା'ପରେ ଗୁଣ୍ଡାପ୍ପ୍ ଜଣେ କମାରର ଦ୍ଵାରି ପାଖରେ ଯାଇ ପହଞ୍ଚିଲେ ଏବଂ ତା' ଶାଳରେ କାମ କରିବେ ବୋଲି କହିଲେ ।

କମାର ତାକୁ ଉତ୍ତର ଦେଇ କହିଲା, "ହଁ, ଏହି ଲୁହାଟିକୁ ବାଡ଼େଇବା କାମରେ ନିଶ୍ଚୟ ତୁ ମୋତେ ସାହାଯ୍ୟ କରି ପାରିବୁ ।" କହି ସିଏ ଗୁଣ୍ଡାପ୍ପ୍ ହାତକୁ ହାତୁଡ଼ିଟିଏ ବଢ଼ାଇଦେଲା ।

. ରଜାପୁଅ ଦେହରେ ସିଂହପରି ବଳ ରହିଥିଲା । ଏତେ ବଡ଼ ହାତୁଡ଼ିଟାକୁ ହାତରେ ଉଠାଇ ସିଏ ଆଣି ତଳେ ପିଟିଦେଲା ଓ ଲୁହାଟିକୁ ଏକାଥରକେ ଖଣ୍ଡଖଣ୍ଡ କରିଦେଲା । ଏଥିରେ କମାର ତା' ଉପରେ ଅଗ୍ନିଶର୍ମା ହୋଇଗଲା ଓ ତାକୁ ସଙ୍ଗେ ସଙ୍ଗେ ବାହାର କରିଦେଲା ।

ଏହିପରି ଭାବରେ ଗୁଣ୍ଡାପ୍ପ୍‌କୁ ପୁଣି ଥରେ ନିରାଶ୍ରୟ ହୋଇ ବୁଲିବାକୁ ପଡ଼ିଲା ।

ସିଏ ଯୋଉ କାମରେ ହାତ ଦେଲା, ସେଥିରେ ମଧ୍ୟ ଆପଣାକୁ ଉପଯୋଗୀ ବୋଲି ଆଦୌ ପ୍ରମାଣ ଦେଇ ପାରିଲା ନାହିଁ ।

ତା'ପରେ ସିଏ ଶସ୍ୟକ୍ଷେତ୍ରରେ କାମ କରୁଥିବା ଜଣେ ଚାଷୀ ପାଖରେ ଯାଇ ପହଞ୍ଚିଲା । ଚାଷୀ ଅତ୍ୟନ୍ତ ଦୟାର୍ଦ୍ର ହୋଇ ତାକୁ କିଛି ଖାଇବାକୁ ଦେଲା, ଘରେ ଆଶ୍ରୟ ବି ଦେଲା ।

ତନେ ସେଠାରେ ସମସ୍ତେ କୁହାକୁହି ହେବାକୁ ଲାଗିଲେ ଯେ ରମ୍ ରାଜ୍ୟର ରାଜାଝିଅ ବିବାହଯୋଗ୍ୟ ହୋଇ ଗଲେଣି ଏବଂ ସେଥିଲାଗି ରାଜପରିବାରମାନଙ୍କର ଯୁବକମାନଙ୍କୁ ଏକ ରାଜଭୋଜ ପାଇଁ ସେଠାକୁ ନିମନ୍ତ୍ରଣ କରାଯାଇଛି । ଗୁଣ୍ଡାପ୍ପ୍ ମଧ୍ୟ ସେଠାକୁ ଯିବ ବୋଲି ମନସ୍ଥ କଲା ଏବଂ ସମସ୍ତଙ୍କ ସହିତ ସେଠାରେ ଭୋଜିରେ ଯାଇ ବସିଲା । ରାଜକୁମାରୀ କଡାବାନ୍ ତାକୁ ଦେଖିପାରିଲା, ତାକୁ ଭଲ ପାଇଲା ଏବଂ ଅପଣା ପସନ୍ଦର ପ୍ରତୀକରୂପେ ତା' ହାତରେ ଗୋଟିଏ ଗୋଲାପଚୋଡ଼ା ନେଇ ଧରାଇଦେଲା ।

ଗୁଣ୍ଡାପ୍ପ୍‌ର ଦାରିଦ୍ର୍ୟାବସ୍ଥା ଦେଖି ରାଜାଙ୍କର ହୃଦୟ ତା' ପ୍ରତି ତୀବ୍ର ଘୃଣାରେ ଭରି ଉଠିଲା । ରାଜକୁମାରୀକୁ ତାକୁ ବିବାହ ନକରିବା ଲାଗି କହିବାକୁ ସିଏ ସାହସ କଲେ ନାହିଁ ସତ, ମାତ୍ର ବିବାହ ଶେଷ ହେବା ସଙ୍ଗେ ସଙ୍ଗେ ସେମାନଙ୍କୁ ସେ ନିଜ ରାଜପ୍ରାସାଦରୁ ବାହାର କରିଦେଲେ । ତେଣୁ ସେମାନେ ବାସଟିଏ ଖୋଜି ଘୋର ଅରଣ୍ୟ ଭିତରକୁ ଚାଲିଗଲେ ଏବଂ ଗୋଟିଏ ନଈକୂଳରେ ଖଣ୍ଡେ କୁଡ଼ିଆଘର ତିଆରି କରି ରହିଲେ ।

ଗୁଣ୍ଡାପ୍ପ୍ ଜଣେ ଧୁରନ୍ଧର ଶିକାରୀ ଥିଲା । ପ୍ରତ୍ୟହ ସିଏ ଡଙ୍ଗାରେ ନଦୀ ପାର ହୋଇ ସେପାଖକୁ ଚାଲି ଯାଉଥିଲା, ସେଠି ଜଙ୍ଗଲ ଭିତରେ ଗୋଟାଏ

'oaob.nitrkl.ac.in' images reprocessed

ଶମ୍ବର ବା କସ୍ତୁରୀ ମୃଗ ଶିକାର କରି ଆଣୁଥିଲା । ରଙ୍ଗାବାଲାଙ୍କୁ ସେଥିରୁ ଅଧେ ଦେଇ ବାକି ଅଧିକ ଘରକୁ ସ୍ତ୍ରୀ ପାଖକୁ ନେଇ ଆସୁଥିଲା ।

ଦିନେ ନାଇବରଥା ମାର୍ବିନ ନାମକ ଆଉ ଜଣେ ଯୁବକକୁ ଗୁଣ୍ଡ୍ରାପ୍ପ୍‌କୁ ଦେଖାଇବ ବୋଲି ଆଣିଲା ।

ମାର୍ବିନ ଗୁଣ୍ଡ୍ରାପ୍ପ୍‌କୁ କହିଲା, "ଆଜ୍ଞା, ମୁଁ ରାଜାଙ୍କର ଦ୍ୱିତୀୟ କନ୍ୟା ଅର୍ଥାତ୍ ଆପଣଙ୍କ ସ୍ତ୍ରୀଙ୍କର ସାନ ଭଉଣୀକୁ ବିବାହ କରିବାକୁ ଇଚ୍ଛା କରୁଛି । କିନ୍ତୁ, ରାଜାଙ୍କ ରାଜ୍ୟରେ ମାଡିଥିବା ହେଟାବାଘଟିକୁ ମାରି ନପାରିବା ପର୍ଯ୍ୟନ୍ତ ମୁଁ କଦାପି ସେହି କନ୍ୟାଟିକୁ ବିବାହ କରି ପାରିବି ନାହିଁ । ଏବଂ, ହେଟାବାଘଟିକୁ ମାରିବାର କୌଶଳ ମଧ୍ୟ ମୋତେ ଜଣା ନାହିଁ ।"

"ମୁଁ ତୁମ ଲାଗି ସେହି କାମଟିକୁ ଅବଶ୍ୟ କରିଦେବି,"—ଶିକାରୀ ଗୁଣ୍ଡ୍ରାପ୍ପ୍ ତାକୁ ଉତ୍ତର ଦେଇ କହିଲା ।

ତା'ପରେ ସିଏ ମରୁଭୂମି ଭିତରକୁ ଚାଲିଗଲା ଏବଂ ସେହି ଭୀଷଣ ଜନ୍ତୁଟିକୁ ଆସୁଥିବାର ଦେଖି ଦୁଇଟି ଶର ମାରି ତାକୁ ମାରି ତଳେ ପକାଇଦେଲା । ତା'ପରେ ଆପଣାର ଶିକାରୀଛୁରୀ ଦେଇ ସିଏ ମୁଣ୍ଡଟାକୁ ଦେହରୁ କାଟି ଅଲଗା କରିଦେଲା ।

ରାଜା ନିଜେ ଆସି ସେଠି ମରି ପଡ଼ିଥିବା ଜନ୍ତୁଟିକୁ ଦେଖିଥିଲେ ଏବଂ ଅତ୍ୟନ୍ତ ପ୍ରସନ୍ନ ହୋଇଯାଇ ମାର୍ବିନ୍ ସହିତ ନିଜ ଦ୍ୱିତୀୟ କନ୍ୟାଟିର ବିବାହ ଦେଲେ ।

ଆଉ କିଛିଦିନ ପରେ ନାଇବରଥା ଆହବୁନ ନାମରେ ଆଉ ଗୋଟିଏ ଯୁବକକୁ ଗୁଣ୍ଡ୍ରାପ୍ପ୍ ପାଖରେ ଆଣି ପହଞ୍ଚାଇଲା । ଏହି ଯୁବକଟି ରାଜାଙ୍କର ତୃତୀୟ ଝିଅଟିକୁ ବାହା ହେବ ବୋଲି ଇଚ୍ଛା କରୁଥିଲା । ମାତ୍ର, ତା' ଆଗରୁ ତାକୁ ଗୋଟିଏ ଡ୍ରାଗନକୁ ମାରିବାକୁ ହେବ ବୋଲି ପଣ ରହିଥିଲା । ଏହି ନୂତନ କାର୍ଯ୍ୟଟିକୁ ବି ସାଧନ କରିବ ବୋଲି ଗୁଣ୍ଡ୍ରାପ୍ପ୍ ତାକୁ ପ୍ରତିଶ୍ରୁତି ଦେଲା ।

ଗୁଣ୍ଡ୍ରାପ୍ପ୍ କେତେଗୁଡ଼ିଏ ଛୁରୀକୁ ଏକାଠି କରି ଗୋଟିଏ ବଲ୍ ପରି ତିଆରି କଲା । ଛୁରୀର ମୁନଗୁଡ଼ାକ ସେହି ବଲ୍ ଉପରକୁ ଚକ୍‌ଚକ୍ କରିବାରେ ଲାଗିଥାଏ । ତା'ପରେ ସେ ଡ୍ରାଗନ୍‌ଟିକୁ ମାରିବ ବୋଲି ବାହାରି ଗଲା । ଦେଖିଲା ଡ୍ରାଗନ୍ ଗୋଟାଏ ଜାଗାରେ ପଡ଼ି ଧୁଁ ଧୁଁ ହୋଇ ଗର୍ଜନ କରୁଛି । ତାହାର ଦେହକୁ ଲକ୍ଷ୍ୟ କରି ସେ ଏକାବେଳେକେ ଅନେକ ତୀର ନିକ୍ଷେପ କଲା; ତା'ର ଆବାର କଣ୍ଟାଗୁଡ଼ିକ ତାକୁ ଯେପରି କୌଣସି ଆଘାତ ଦେଇ ନପାରିବ, ସେଥିଲାଗି ସେ ସେପାଖଆଡ଼ୁ ହିଁ ତାକୁ ଆକ୍ରମଣ କରୁଥିଲା । ତା'ପରେ ଛୁରୀ ଦେଇ ତିଆରି କରିଥିବା ବଲ୍‌ଟିକୁ ଗୋଟାଏ ବର୍ଚ୍ଛାମୂନରେ ବାନ୍ଧି ଦେଇ ଡ୍ରାଗନ୍‌ର ତଣ୍ଟିପାଖରେ ନେଇ ବିଦ୍ଧ କରିଦେଲା । ଡ୍ରାଗନ୍ ବିକଳରେ ପାଟିଟାକୁ ବନ୍ଦ କରିଦେଲା ଓ

'oaob.nitrkl.ac.in' images reprocessed

ତା'ପରେ ତଳେ ପଡ଼ିଗଲା । ତା'ପରେ ରାଜକୁମାର ଖଣ୍ଡା ନେଇ ତାକୁ ଜୀବନରୁ ମାରିଦେଲା ।

ଏହିପରି ଭାବରେ ରାଜାଙ୍କର ତୃତୀୟ ଝିଅ ସହିତ ଆହରୁନର ବିବାହ ହୋଇଗଲା ।

ଏକଥା ଶୁଣିଲେ ତୁମେ ଆଦୌ ବିସ୍ମୟ ପ୍ରକାଶ କରିବ ନାହିଁ ଯେ କିଛିଦିନ ପରେ ଏହି ସାହସୀ ରାଜପୁତ୍ର ନିଜ ବାପାଙ୍କ ପରେ ପାରସ୍ୟର ସିଂହାସନରେ ବି ବସିଥିଲେ । ଏହି ଗୁଶ୍ତାସ୍ପ୍‌ଙ୍କ ରାଜତ୍ୱ କାଳରେହିଁ ପୈଗମ୍ବର ଜରଥୁସ୍ତ୍ର ବା ଜାରାଥୁଷ୍ଟ୍ର ପାରସିକମାନଙ୍କୁ ଆଲୋକର ପ୍ରଭୁ ଅହୁରମାଜଦ୍ ସୂର୍ଯ୍ୟ ଓ ଅଗ୍ନିଙ୍କର ଧର୍ମ ପ୍ରଚାର କରିଥିଲେ, ସେମାନଙ୍କ ମଧ୍ୟରେ ଧର୍ମପରାୟଣତା ଏବଂ ନ୍ୟାୟର ଧର୍ମ ପ୍ରଚାର କରିଥିଲେ ।

❊

ଅବଶ୍ୟ ତୁମେମାନେ ଏହି କଥାଟିକୁ ଦେଖି ପାରୁଥିବ ଯେ ଗୁଶ୍ତାସ୍ପ୍‌କୁ କଦାପି ସଙ୍ଗେ ସଙ୍ଗେ ଏହି ଜଗତରେ ତା'ର ଆପଣା ସ୍ଥାନ ଓ ଆପଣା କାର୍ଯ୍ୟ ଆଦୌ ମିଳିଯାଇ ନଥିଲା ।

ସିଏ ବ୍ୟର୍ଥ ଭାବରେ ଅନେକ ଉଦ୍ୟମ କରିଥିଲା ଏବଂ ଏପରିକି, ପ୍ରଥମ ଅବସ୍ଥାରେ ତାକୁ ଅନେକ ଲୋକଙ୍କର ଶତ୍ରୁ ହେବାକୁ ବି ପଡ଼ିଥିଲା । ଏଠାରେ ସେହି ବିଚାରି କମାରଟିର ଉଦାହରଣ ବେଶ୍ ଦିଆଯାଇ ପାରିବ ।

ଅବଶ୍ୟ ଶେଷରେ ତାକୁ ତା' ଜୀବନର ଯଥାର୍ଥ ସ୍ଥାନଟି ନିଶ୍ଚିତ ଭାବରେ ମିଳି ଯାଇଥିଲା ଏବଂ ସେ ଅନ୍ୟମାନଙ୍କୁ ମଧ୍ୟ ସାହାଯ୍ୟ କରିବାକୁ ସମର୍ଥ ହୋଇଥିଲା । ସର୍ବଶେଷରେ ବିଜ୍ଞ ଭାବରେ ଶାସନ କରିବାର ଅବସରଟି ମଧ୍ୟ ତା' ଜୀବନରେ ଆସି ପହଞ୍ଚିଥିଲା । ଏବଂ, ଅନ୍ୟମାନଙ୍କୁ ସାହାଯ୍ୟ କରିବାର ଏହି କ୍ଷେତ୍ରଟିରେହିଁ ଆମେ ଆମର ଆଲୋଚିତ ସେହି କାଠୁରିଆଠାରୁ ତାକୁ ଅଧିକ ଭଲ ବୋଲି କହିପାରିବା । କାରଣ, କାହାଣୀଟିରେ ଯେପରି କୁହାଯାଇଛି, କେବଳ ନିଜ ପାଇଁ କାମ କରିହିଁ କାଠୁରିଆ ସନ୍ତୁଷ୍ଟ ହୋଇ ରହିଥିଲା । ଗୁଶ୍ତାସ୍ପ୍‌କୁ ଉଦାରମନା ହାତିମ୍‌ତାଇଙ୍କ ଠାରୁ ବି ଅଧିକ ଭଲ ବୋଲି କୁହାଯାଇ ପାରିବ, କାରଣ, ନିଜର ଉଦ୍‌ବୃତ୍ତ ଧନକୁ ଦାନରେ ନଦେଇ ପାରସ୍ୟର ଏହି ଯୁବରାଜ ଅନ୍ୟମାନଙ୍କ ଲାଗି ଆପଣାର ବାହୁ ବଳ ଉତ୍ସର୍ଗ କରି ପାରିଥିଲେ ଏବଂ ଏପରିକି ନିଜ ଜୀବନକୁ ମଧ୍ୟ ବିପନ୍ନ କରି ପାରିଥିଲେ ।

କେବଳ ଆପଣା ଉପରେ ନିର୍ଭର କରି ସିଏ ଖାଲି ନିଜର ସକଳ ଆବଶ୍ୟକତାକୁ ପୂରଣ କରି ପାରୁଛି ତା' ନୁହେଁ, ମାତ୍ର ସିଏ ଆପଣାର ଚତୁର୍ଦ୍ଦିଗରେ

'oaob.nitrkl.ac.in' images reprocessed

ରହୁଥିବା ଅନ୍ୟମାନଙ୍କର କଲ୍ୟାଣ ଏବଂ ସୁଖର ବି ବୃଦ୍ଧିସାଧନ କରି ପାରୁଛି, ସେହି ବ୍ୟକ୍ତିହିଁ ସବୁଠାରୁ ଅଧିକ ସମ୍ମାନ ପାଇବାକୁ ଅବଶ୍ୟ ଯୋଗ୍ୟ ହେବ ।

ଯେଉଁ ପିତା, ଯେଉଁ ଇଞ୍ଜିନିଅର ବା ଯେଉଁ କାଠୁରିଆ, ଯେଉଁ ଲିପିକାର, ଶ୍ରମିକ, ବଣିକ, କମାର ଅଥବା ଆବିଷ୍କାରକ ଆପଣାର ଶ୍ରମ ଦ୍ୱାରା ସେହି ଶ୍ରମ ଯେପରି ହୋଇଥାଉ ପଛକେ, ସାଧୁ ଭାବରେ ଆପଣାର ଜୀବିକା ଅର୍ଜନ କରି ପାରୁଛି ଓ ଆପଣା ପରିବାରର କଲ୍ୟାଣ ବୃଦ୍ଧି କରିପାରୁଛି, ତାହାକୁ ପ୍ରକୃତରେ ସମ୍ମାନର ଦୃଷ୍ଟିରେ ଦେଖିବା ଉଚିତ ।

ଯେଉଁ ଶ୍ରମିକ ନିଜର ତଥା ନିଜ ସାଥୀମାନଙ୍କର କଲ୍ୟାଣ ସାଧନ ଉଦ୍ଦେଶ୍ୟରେ ସେମାନଙ୍କ ସହିତ ମିଶି ସମବାୟ ଭଣ୍ଡାର, କାରଖାନା ବା ଶ୍ରମିକ—ସଂଗଠନଟିଏ ଗଢ଼ି ପାରୁଛି, ଯାହା ଦ୍ୱାରା କି, ଜଣେ ଏକୁଟିଆ ବ୍ୟକ୍ତିର ଅତ୍ୟନ୍ତ ଦୁର୍ବଳ ଏବଂ ଅନୁନୟ ପୂର୍ଣ୍ଣ କଣ୍ଠସ୍ୱର ପରିବର୍ତ୍ତିରେ ଏକାବେଳେକେ ଅନେକଙ୍କର ଶକ୍ତିଶାଳୀ କଣ୍ଠର ଦାବି ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ଆପଣାର ଅଧିକାରଗୁଡ଼ିକୁ ଘୋଷଣା କରିବା ଲାଗି ସମର୍ଥ ହୋଇ ପାରୁଛି, ସେହି ଶ୍ରମିକକୁ ପ୍ରକୃତରେ ସମ୍ମାନର ଦୃଷ୍ଟିରେହିଁ ଦେଖିବା ଉଚିତ ।

ଶ୍ରମିକମାନେ କିପରି ନିଜର ବଳ ଉପରେହିଁ ନିର୍ଭର କରିପାରିବେ ଏବଂ ପରସ୍ପରକୁ ସାହାଯ୍ୟ କରିପାରିବେ, ଶ୍ରମିକମାନଙ୍କର ଏହିସବୁ ସଂଗଠନ ସେମାନଙ୍କୁ ତାହାହିଁ ଶିକ୍ଷା ଦେଇଥାଏ ।

ଏବଂ, ବର୍ତ୍ତମାନ ସ୍କୁଲରେ ପଢ଼ୁଥିବା ସାନସାନ ପିଲା ହୋଇଥିଲେ ମଧ୍ୟ ତୁମେମାନେ ବି ତୁମର ଶିକ୍ଷକ ତୁମମାନଙ୍କୁ ଦେଉଥିବା କାର୍ଯ୍ୟଟି ଉପରେ ମନୋନିବେଶ କରି ଆପଣାର ବୁଦ୍ଧିଶକ୍ତିକୁ ଆହୁରି ଅଧିକ ସମୃଦ୍ଧ କର । ଏବଂ, ଏହିପରି ଭାବରେ, ଜ୍ଞାନର ସୋପାନଗୁଡ଼ିକୁ ଯଥାସମ୍ଭବ ଚଢ଼ି ଉପରକୁ ଯାଉଥିବା ସଙ୍ଗେ ସଙ୍ଗେ ଆବଶ୍ୟକ ପଡ଼ିଲେ ତୁମେମାନେ ତୁମଠାରୁ ଅପେକ୍ଷାକୃତ କମ୍ ସତର୍କ ଓ କମ୍ କୁଶଳ ତୁମର କୌଣସି ବନ୍ଧୁକୁ ସାହାଯ୍ୟ କରି ପାରିବାର ବିଦ୍ୟାଟିକୁ ମଧ୍ୟ ଅବଶ୍ୟ ଶିକ୍ଷା କର ।

ପରୀ ଗପମାନଙ୍କରେ, ପଦଟିଏ କଥା କହିଦେବା ମାତ୍ରକେ, ଗୋଟିଏ ଦୀପ ଘଷିଦେବା ମାତ୍ରକେ ଅଥବା କୁହୁକ ବାଡ଼ିଟିକୁ ବୁଲାଇଦେବା ମାତ୍ରକେ ବଳବାନ୍ ପ୍ରେତଟିଏ ଆସି ଆବିର୍ଭୂତ ହୋଇଯାଏ ଏବଂ ଲୋକମାନଙ୍କୁ ଆକାଶ ମାର୍ଗରେ ରାସ୍ତା ପାରି କରାଇନିଏ, ଆଖି ପିଛୁଳାକେ ଏଡ଼େବଡ଼ ଅଟ୍ଟାଳିକାଟିଏ ଗଢ଼ି ଠିଆ କରିଦିଏ ଏବଂ ମାଟି ଗର୍ଭରୁହିଁ ହାତୀ ଓ ଅଶ୍ୱାରୋହୀମାନଙ୍କର କେତେକେତେ ବାହିନୀକୁ ସମ୍ଭବ କରିଦିଏ ।

ମାତ୍ର, ବ୍ୟକ୍ତିଗତ ଚେଷ୍ଟାର ବଳରେ ଆହୁରି ଅଧିକ ଆଶ୍ଚର୍ଯ୍ୟ ଜନକ କଥାମାନ ବି ସମ୍ଭବ ହୋଇଥାଏ : ତାହାରି ବଳରେ ଏହି ଧରଣୀର ମାଟି ଫସଲରେ ପୂର୍ଣ୍ଣ ହୋଇଉଠେ, ବନ୍ୟ ଜନ୍ତୁମାନେ ପୋଷା ଜନ୍ତୁ ହୋଇ ପାରନ୍ତି । ପର୍ବତ ଫୁଟାଇ ସୁଡ଼ଙ୍ଗ ତିଆରି ହୋଇଯାଏ, କେତେ ବନ୍ଧ ଓ ପୋଲର ନିର୍ମାଣ ହୁଏ, ସହର ବସେ, ସମୁଦ୍ରରେ ଜାହାଜମାନେ ଯାତ୍ରା କରି ବାହାରନ୍ତି ଏବଂ ଗଗନମାର୍ଗରେ ଉଡ଼ନ୍ତା ଯନ୍ତ୍ରମାନ ବି ଯାତାୟାତ କରିପାରନ୍ତି । ସଂକ୍ଷେପରେ କହିବାକୁ ଗଲେ, ଏହି ବ୍ୟକ୍ତିଗତ ଚେଷ୍ଟା ବଳରେହିଁ ଅଧିକତର ପରିମାଣରେ ସମସ୍ତଙ୍କ ଲାଗିହିଁ କଲ୍ୟାଣ ଏବଂ ନିରାପଦ ଜୀବନ ସମ୍ଭବ ହୋଇଥାଏ ।

ବ୍ୟକ୍ତିଗତ ଉଦ୍ୟମ ବଳରେ ମନୁଷ୍ୟର ଗୁଣାତ୍ମକମାନ ଅଧିକ ଉଚ୍ଚ ହୁଏ, ସିଏ ଅଧିକ ନ୍ୟାୟପରାୟଣ ହୁଏ, ଅଧିକ ଦୟାଶୀଳ ବି ହୁଏ । ଏବଂ ଆମେ ଏହାକୁହିଁ ଯଥାର୍ଥ ଅଗ୍ରଗତି ବୋଲି କହିବା ।

'oaob.nitrkl.ac.in' images reprocessed

ପାଞ୍ଚ

ଧୈର୍ଯ୍ୟ ଓ ଅଧ୍ୟବସାୟ

ପଞ୍ଜାବର ଲୋକମାନେ ନିମ୍ନଲିଖିତ ଭାବରେ ଆରମ୍ଭ ହୋଇଥିବା ଗୀତଟିଏ ଗାଇଥାନ୍ତି :

ବୁଲ୍‌ବୁଲ୍ ଚଢେଇ କ'ଣ ସବୁବେଳେ ବଗିଚାରେ ଗୀତ ଗାଏ ?
ବଗିଚାରେ ବି କ'ଣ ସବୁବେଳେ ଫୁଲ୍ ଫୁଟିଥାଏ ?
ଜୀବନରେ ସର୍ବଦା ଯେ କେବଳ ସୁଖ ମିଳିବ,
ତୁମେ ଏପରି କାହିଁକି ଭାବୁଛ ?
ବନ୍ଧୁମାନେ ବି କଦାପି ସବୁବେଳେ ପରସ୍ପରର
ପାଖରେ ଆସି ଠିଆ ହେବେ ନାହିଁ ॥

ଗୀତଟିରୁ ଆମେ ଏହିପରି ଏକ ସିଦ୍ଧାନ୍ତ କରି ପାରିବା ଯେ, ଆମେ ସବୁବେଳେ କେବଳ ସୁଖହିଁ ଭୋଗିବା ବୋଲି ମୋଟେ ଆଶା କରିବା ନାହିଁ । ତେଣୁ, ଧୈର୍ଯ୍ୟ ଅବଲମ୍ବନ କରିବାର ଅଭ୍ୟାସଟିକୁ ଶିଖିଥିଲେ ତଦ୍ୱାରା ଆମର ସବୁଠାରୁ ଅଧିକ ଉପକାର ହେବ । କାରଣ, ଆମର ଜୀବନରେ ଖୁବ୍ କମ୍‌ସଂଖ୍ୟକ ଏପରି ଦିନ ଆସେ, ଯେଉଁଦିନ କି ଆହୁରି ଅଧିକ ଧୈର୍ଯ୍ୟଶୀଳ ହେବାକୁ ଶିକ୍ଷା କରିବା ଲାଗି ଆମକୁ ଆଦୌ କୌଣସି ଅବସର ମିଳେ ନାହିଁ ।

ଜଣେ ଅତି ବ୍ୟସ୍ତ ଲୋକଙ୍କ ପାଖରେ ତୁମର କିଛି ମାଗିବାକୁ ଅଛି । ସେଥିପାଇଁ ତୁମେ ତାଙ୍କ ଘରକୁ ଗଲ । ଯାଇ ଦେଖିଲ, ସେଠାରେ ଆହୁରି କେତେ କେତେ ଲୋକ ଆଗରୁ ଆସି ଅପେକ୍ଷା କରି ରହିଛନ୍ତି ଏବଂ ତେଣୁ ତୁମର ସେହି ବ୍ୟକ୍ତିଙ୍କ ସହିତ ସାକ୍ଷାତ୍ ହେବା ପୂର୍ବରୁ ତୁମକୁ ପ୍ରକୃତରେ ବହୁତ ସମୟ ଅପେକ୍ଷା କରିବାକୁ ପଡ଼ିଲା । ତୁମେ ସେଠାରେ ସ୍ଥିର ହୋଇ ଅପେକ୍ଷା କଲ, ହୁଏତ ଏକାଧିକ ଘଣ୍ଟା ଅପେକ୍ଷା କଲ । ତଥାପି ତୁମର ଧୈର୍ଯ୍ୟଚ୍ୟୁତି ଘଟିଲା ନାହିଁ ।

ଆଉଥରେ, ତୁମେ ଜଣେ ବ୍ୟକ୍ତିଙ୍କ ସହିତ ଦେଖା କରିବ ବୋଲି ତା'ଙ୍କ ଘରକୁ ଗଲ । ସେତେବେଳେ ସିଏ ଘରେ ନଥିଲେ । ତା' ଆରଦିନ ବି ତୁମେ ସେଠାକୁ ଗଲ, ମାତ୍ର ତଥାପି କବାଟ ବନ୍ଦ ଥିଲା । ତୁମେ ଆହୁରି ଥରେ ଗଲ, କିନ୍ତୁ ଏଥର ତାଙ୍କର ଦେହ ଭଲ ନଥିଲା ଏବଂ ତେଣୁ ସେ ତୁମକୁ ଦେଖା କରି ପାରିଲେ ନାହିଁ । ତୁମେ ମଝିରେ କିଛିଦିନ ଛାଡ଼ିଦେଇ ପୁଣି ଆଉ ଥରେ ସେଠାକୁ

'oaob.nitrkl.ac.in' images reprocessed

ଗଲ । ଯଦି ଏଥର ମଧ୍ୟ କୌଣସି କାରଣରୁ ତାଙ୍କ ସହିତ ଦେଖା ହୋଇ ନପାରିଲା, ତେବେ ତୁମେ ତଥାପି ସେଥିରେ ମୋଟେ ହତାଶ ହୋଇ ପଡ଼ିଲ ନାହିଁ । ବାରବାର ତାଙ୍କ ସହିତ ଦେଖା କରିବାକୁ ଚେଷ୍ଟା କରି ସେଠାକୁ ବାରବାର ଗଲ । ଏବଂ ଶେଷକୁ ଦେଖା ମଧ୍ୟ ହେଲା । ଏହିପରି ବାରବାର ଧୈର୍ଯ୍ୟ ନହରାଇବାକୁ ଅଧ୍ୟବସାୟ ବୋଲି କୁହାଯାଏ ।

ଅଧ୍ୟବସାୟକୁ ଆମେ ସକ୍ରିୟ ଧୈର୍ଯ୍ୟଶୀଳତା ବୋଲି କହିବା, କଦାପି ନିରସ୍ତ ହୋଇ ନପଡ଼ି ଅଗ୍ରଗତି କରୁଥିବା ଧୈର୍ଯ୍ୟଶୀଳତା ବୋଲି କହିବା ।

*

ଜେନୋଆର ପ୍ରସିଦ୍ଧ ନାବିକ କଲମ୍ବସ୍ ପଶ୍ଚିମ ଦିଗରେ ବିସ୍ତୃତ ହୋଇ ରହିଥିବା ଅଜ୍ଞାତ ମହାସମୁଦ୍ରଟିକୁ ପାରହେବା ସକାଶେ ସ୍ପେନରୁ ତାହାର ଜଳଯାତ୍ରା ଆରମ୍ଭକରିଥିଲେ ।

ତାଙ୍କର ସହଯାତ୍ରୀମାନଙ୍କର ସକଳ ଆପତ୍ତି ଓ ଅଭିଯୋଗ ସତ୍ତ୍ୱେ କଲମ୍ବସ୍ ସେପାଖର ନୂତନ ସ୍ଥଳଭାଗରେ ଯାଇ ପହଞ୍ଚିବାର ବଳବତୀ ଇଚ୍ଛାରେ ଅତୁଟ ରହି ଦିନ ପରେ ଦିନ ଓ ସପ୍ତାହ ପରେ ସପ୍ତାହ ଧରି ଜାହାଜ ଚଳାଇ ଆଗକୁ ଯାଇଥିଲେ । ଯାବତୀୟ ବିଳମ୍ବ ଏବଂ ଅସୁବିଧା ସତ୍ତ୍ୱେ ଆମେରିକାର ପ୍ରଥମ ଦ୍ୱୀପଗୁଡ଼ିକରେ ଯାଇ ନପହଞ୍ଚିବା ପର୍ଯ୍ୟନ୍ତ ସେ କଦାପି ଯାତ୍ରା ବନ୍ଦ କରିବେ ନାହିଁ ବୋଲି ସଂକଳ୍ପ କରିଥିଲେ । ଏହିପରି ଭାବରେହିଁ ସିଏ ନୂତନ ଭୂଖଣ୍ଡଟିକୁ ଆବିଷ୍କାର କରିପାରିଲେ ।

ଆପଣାର ସହଯାତ୍ରୀମାନଙ୍କଠାରୁ କଲମ୍ବସ ପ୍ରକୃତରେ କ'ଣ ଆଶା କରୁଥିଲେ ? ସେ ସେମାନଙ୍କଠାରୁ କେବଳ ଧୈର୍ଯ୍ୟ ଧରି ଅପେକ୍ଷା କରିବାକୁହିଁ ଆଶା କରୁଥିଲେ । ସେମାନେ ତାଙ୍କ ଉପରେ ସମ୍ପୂର୍ଣ୍ଣ ଆସ୍ଥା ରଖିବେ ଓ ସେମାନଙ୍କୁ ମହାସମୁଦ୍ରଟିକୁ ପାର କରାଇ ଦେବା ଲାଗି ତାଙ୍କୁ ସ୍ଥିର ଚିତ୍ତରେ ଅନୁମତି ଦେବେ, ସେତେବେଳେ ତାହାହିଁ ଏକମାତ୍ର ପ୍ରଶ୍ନ ଥିଲା । କିନ୍ତୁ, ଆପଣାର ଗନ୍ତବ୍ୟସ୍ଥଳରେ ଯାଇ ପହଞ୍ଚିବା ଲାଗି ତାଙ୍କ ନିଜର କ'ଣ ଦରକାର ଥିଲା । ତାଙ୍କ ଲାଗି ଅବିଚ୍ୟୁତ ଶକ୍ତି ଓ ଅବିଚଳ ଇଚ୍ଛାର ଦରକାର ଥିଲା ; ଯାହାକୁ କି ଆମେ ଅଧ୍ୟବସାୟ ବୋଲି କହିବା । କଲମ୍ବସ୍‌ଙ୍କର ତାହାହିଁ ଦରକାର ଥିଲା ।

*

ବିଖ୍ୟାତ ପାତ୍ରନିର୍ମାତା ବର୍ନାର୍ଡ଼ ପାଲିସି ନାନା ବର୍ଣ୍ଣର ଐଶ୍ୱର୍ଯ୍ୟମୟ ଛିଟାରେ କଲେଇ କରା ହୋଇଥିବା ପୁରାତନ ଓ ଉଜ୍ଜ୍ୱଳ ସୁନ୍ଦର ଚୀନାମାଟିରେ ତିଆରି ପାତ୍ରଗୁଡ଼ିକର ନିର୍ମାଣରୀତିକୁ ପୁନରୁଦ୍ଧାର କରିବାକୁ ଇଚ୍ଛା କରିଥିଲେ ।

'oaob.nitrkl.ac.in' images reprocessed

ମାସ ମାସ ଓ ବର୍ଷ ବର୍ଷ ଧରି ସେ ଅକ୍ଳାନ୍ତ ଭାବରେ ସେହି ଫଳଗୁଡ଼ିକୁ ନେଇ କେତେ କ'ଣ ପ୍ରୟୋଗ ଓ ପରୀକ୍ଷା କରିବାକୁ ଲାଗିଲେ । ଅନେକ ବର୍ଷ ବିତିଗଲା, ତଥାପି ସିଏ ପୁରାତନ ଚୀନା ବାସନଗୁଡ଼ିକର ଔଜ୍ଜ୍ୱଲ୍ୟଟିକୁ ଆଦୌ ପାଇ ପାରିଲେ ନାହିଁ । ଆପଣା ପାଖରେ ଯାହାକିଛି ସମ୍ବଳ ଓ ସାମଗ୍ରୀ ଥିଲା, ସବୁକିଛିକୁହିଁ ସେ ତାଙ୍କର ଏହି ଅନ୍ୱେଷଣ-କାର୍ଯ୍ୟରେ ଆଣି ଲଗାଇଲେ । ଏବଂ ଆପେ ସେହି ଉଦ୍ଦେଶ୍ୟରେ ତିଆରି କରିଥିବା ଭାଟିଟି ପାଖରେ ତାଙ୍କୁ ଲଗାତାର ଅନେକ ଦିନ ଓ ଅନେକ ରାତି ଉଜାଗର ହୋଇ ବସି ରହିବାକୁ ପଡ଼ିଲା ଓ ଆପଣାର ପାତ୍ରଗୁଡ଼ିକୁ ତିଆରି କରିବାର ଏବଂ ଭାଟି ଉପରେ ଚଢ଼ାଇବାର ନାନା ନୂଆ ପଦ୍ଧତିର ପରୀକ୍ଷା କରୁ କରୁ ତାଙ୍କର ଦୀର୍ଘ ସମୟ ଅତିବାହିତ ହୋଇ ଯାଇଥିଲା । ସେତେବେଳେ ଏହି କାର୍ଯ୍ୟରେ ତାଙ୍କୁ ଆଦୌ କେହି କେବଳ ଯେ କୌଣସି ସାହାଯ୍ୟ କିଂବା ଉତ୍ସାହ ଦେଉ ନଥିଲେ ତା' ନୁହେଁ, କିନ୍ତୁ ତାଙ୍କ ବନ୍ଧୁ ଓ ପ୍ରତିବେଶୀମାନେ ତାଙ୍କୁ ଜଣେ ପାଗଳ ଲୋକ ବୋଲି ବି କହୁଥିଲେ । ଏବଂ, ତାଙ୍କର ଏହିସବୁ ବୃଥା କାର୍ଯ୍ୟ ସକାଶେ ତାଙ୍କୁ ନିଜ ସ୍ତ୍ରୀଙ୍କଠାରୁ ଗାଳି ଶୁଣିବାକୁ ପଡ଼ୁଥିଲା ।

ସାମଗ୍ରୀ ଓ ସମ୍ବଳର ଅଭାବ ହେତୁ ତାଙ୍କୁ ଏକାଧିକ ବାର ଆପଣାର ଯାବତୀୟ ପ୍ରୟୋଗକୁ ବନ୍ଦ ବି କରିଦେବାକୁ ପଡ଼ୁଥିଲା; ମାତ୍ର, ପୁନର୍ବାର ଟିକିଏ ସାମର୍ଥ୍ୟ ହେବା ମାତ୍ରକେ ସେ ନୂତନ ସାହସର ସହିତ ସେଗୁଡ଼ିକୁ ଆରମ୍ଭ କରି ଦେଉଥିଲେ । ଦିନେ ଆସି ଏପରି ଅବସ୍ଥା ହେଲା ଯେ, ଭାଟି ଲଗାଇବା ସକାଶେ ତାଙ୍କ ପାଖରେ ଆବଶ୍ୟକ କାଠ ବି ନଥିଲା । ତେଣୁ, ଘରଣୀଙ୍କର କୌଣସି ପ୍ରତିବାଦ ଓ ଭୟପ୍ରଦର୍ଶନ ପ୍ରତି ଆଦୌ କୌଣସି କର୍ଣ୍ଣପାତ ନକରି ସିଏ ଘରେ ନିଜର ଯାହାକିଛି କାଠତିଆରି ଆସବାବପତ୍ର ଥିଲା, ସେଗୁଡ଼ିକୁ ମଧ୍ୟ ଭାଟିରେ ପକାଇ ଶେଷ କରିଦେଲେ । ଏବଂ, ଯେତେବେଳେ ସବୁଯାକ ଜଳି ସାରିଲା, ସେତେବେଳେ ସିଏ ଭାଟିଟିକୁ ଖୋଲି ଖେଳାଇ ଦେଖିଲେ ;ଭାଟି ଭିତରେ ସିଏ ଆଜିଯାଏ ଅନ୍ୱେଷଣ କରି ଆସିଥିବା ସେହି ପ୍ରସିଦ୍ଧ ଉଜ୍ଜ୍ୱଳ ପାତ୍ରଗୁଡ଼ିକ ପୂର୍ଣ୍ଣ ହୋଇ ରହିଥିବାର ଦେଖିବାକୁ ପାଇଥିଲେ । ଯାହା ତାଙ୍କୁ ଏତେ ପ୍ରଖ୍ୟାତି ଆଣିଦେଲା ତାହାକୁ ଆବିଷ୍କାର କରିବା ଲାଗି ତାଙ୍କୁ ଏତେଗୁଡ଼ିଏ ବର୍ଷର ଦୀର୍ଘ ସମୟ ନଷ୍ଟ କରିବାକୁ ପଡ଼ିଥିଲା ।

ତାଙ୍କର ସ୍ତ୍ରୀ ଏବଂ ବନ୍ଧୁମାନଙ୍କଠାରେ ପ୍ରକୃତରେ କେଉଁ ବସ୍ତୁଟିର ଅଭାବ ରହିଥିଲା, ଯାହା ଫଳରେ କି ସେମାନେ ତାଙ୍କ ସଫଳତାପ୍ରାପ୍ତିର ମୁହୂର୍ତ୍ତଟି ପର୍ଯ୍ୟନ୍ତ ମୋଟେ ଅପେକ୍ଷା କରିପାରିଲେ ନାହିଁ ? ସେମାନେ କାହିଁକି ତାଙ୍କୁ ଉତ୍ପୀଡ଼ିତ କରିବାରୁ ଓ ତେଣୁ ତାଙ୍କର କାର୍ଯ୍ୟଟିକୁ ଆହୁରି ଅଧିକ ଆୟାସସାଧ୍ୟ କରିଦେବାକୁ

'oaob.nitrkl.ac.in' images reprocessed

ଶାନ୍ତ ହୋଇ ପାରିଲେ ନାହିଁ ? ସେମାନଙ୍କ ପାଖରେ ଧୈର୍ଯ୍ୟରହିଁ ଅଭାବ ରହିଥିଲା । ଏବଂ ସ୍ୱୟଂ ପାଲିସିଙ୍କଠାରେ ଆଦୌ କେତେବେଳେ ହେଲେ ମଧ୍ୟ କେଉଁ ବସ୍ତୁଟିର ଅଭାବ ନଥିଲା, ଯାହାକି ତାଙ୍କୁ କେବେହେଲେ ହତୋତ୍ସାହିତ କରି ପକାଇ ନଥିଲା ଏବଂ ସକଳ ପ୍ରକାରର କଷ୍ଟ ଏବଂ ନିନ୍ଦା ସତ୍ତ୍ୱେ ତାଙ୍କୁ ଶେଷରେ ବିଜୟମଣ୍ଡିତ କରାଇ ପାରିଲା । ଆମେ ଖାଲି ସେହି ବସ୍ତୁଟିକୁ ଅଧ୍ୟବସାୟ ବୋଲିହିଁ କହିବା, ଏବଂ ତାହାକୁ ସବୁଠାରୁ ଅଧିକ ଶକ୍ତିଶାଳୀ ସାଧନଟି ବୋଲି ଜାଣିବା ।

କାରଣ, ଏ ପୃଥିବୀରେ ଆଉ ଏପରି କୌଣସି ବସ୍ତୁ ନାହିଁ, ଯାହାକି ଅଧ୍ୟବସାୟକୁ ପ୍ରତିହତ କରିଦେଇ ପାରିବ । ଏବଂ, କେବଳ ସାନ ସାନ ଅନେକ ଅକ୍ଳାନ୍ତ ପ୍ରୟାସ ଏକତ୍ର ସଂଯୁକ୍ତ ହୋଇ ପାରିଲେହିଁ ସର୍ବଦା ଏହି ପୃଥିବୀରେ ବୃହତ୍ତମ କଥାଗୁଡ଼ିକ ସମ୍ଭବ ହୋଇଥାଏ ।

ପ୍ରକାଣ୍ଡ କେଡ଼େ କେଡ଼େ ପଥରଖଣ୍ଡ ବର୍ଷାବିନ୍ଦୁମାନ ଗୋଟିକ ପରେ ଗୋଟିଏ ଆସି ସେହି ଗୋଟିଏ ଜାଗାରେ ପଡ଼ିବା ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ଖଣ୍ଡଖଣ୍ଡ ହୋଇ ଭାଙ୍ଗି ଯାଇଛି !

ବାଲିର ଗୋଟିଏ କଣାକୁ ଆମେ କଦାପି ଖୁବ୍ ଶକ୍ତିଶାଳୀ ଗୋଟିଏ ବସ୍ତୁ ବୋଲି କହିବା ନାହିଁ । ମାତ୍ର ଏହି ବାଲିକଣାସବୁ ଯେତେବେଳେ ଅନେକ ସଂଖ୍ୟାରେ ଏକାଠି ଆସି ଠୁଳ ହୋଇଯାନ୍ତି, ସେତେବେଳେ ସେମାନେ ଏପରି ଗୋଟିଏ ବନ୍ଧରେ ପରିଣତ ହୋଇ ଯାଆନ୍ତି, ଯାହାକି ମହାସମୁଦ୍ରର ପଥକୁ ବି ଅଟକାଇ ଦେଇପାରେ ।

ଏବଂ, ତୁମେମାନେ ଯେତେବେଳେ ପ୍ରକୃତିର ଇତିହାସ ଅଧ୍ୟୟନ କରିବ, ସେତେବେଳେ ନିଶ୍ଚୟ ଜାଣିବ, କିପରି ସାନ ସାନ ସାମୁଦ୍ରିକ ପ୍ରାଣୀ ଏକତ୍ର ଗଦା ହୋଇ ଗୋଟାଏ ଗୋଟାଏ ପର୍ବତକୁ ତିଆରି କରି ଦେଇଛନ୍ତି,—ଆପଣାର ଅବିରାମ ପ୍ରୟାସ ବଳରେ ସେମାନେ ସମୁଦ୍ରର ସମତଳ ଉପରେ କେଡ଼େ ବଡ଼ ବଡ଼ ଦ୍ୱୀପ ଓ ଦ୍ୱୀପପୁଞ୍ଜମାନଙ୍କୁ ନିର୍ମାଣ କରିଦେଇ ପାରିଛନ୍ତି ।

ତୁମ ନିଜର କ୍ଷୁଦ୍ର ଅଥଚ ଅପ୍ରତିହତ ପ୍ରୟାସଗୁଡ଼ିକ ଦ୍ୱାରା ତୁମେମାନେ ବି ଯେ ଅନେକ ବଡ଼ବଡ଼ କାର୍ଯ୍ୟର ସାଧନ କରିପାରିବ, ତୁମେମାନେ କ'ଣ ସେହି କଥାଟିକୁ ଚିନ୍ତା କରିପାରୁ ନାହଁ ?

*

ସମଗ୍ର ମାନବଜାତିକୁ ଅନେକ ଗୌରବର ଅଧିକାରୀ କରାଇଥିବା ବାରଶହ ବର୍ଷ ପୂର୍ବର ଶଙ୍କରାଚାର୍ଯ୍ୟ ତାଙ୍କର ଶୈଶବକାଳରୁହିଁ ସନ୍ନ୍ୟାସୀ ହେବାର ସଂକଳ୍ପ କରିଥିଲେ ।

'oaob.nitrkl.ac.in' images reprocessed

ତାଙ୍କର ମାଆ ତାଙ୍କର ଏହ ଇଚ୍ଛାଟି ପଛରେ ରହିଥିବା ମହାନତାଟିକୁ ହୃଦୟଙ୍ଗମ କରିପାରୁଥିଲେ ସତ, ମାତ୍ର ଦୀର୍ଘ ଅନେକ ବର୍ଷ ପର୍ଯ୍ୟନ୍ତ ତାଙ୍କୁ ସନ୍ନ୍ୟାସ ମାର୍ଗ ଗ୍ରହଣ କରିବାର ଅନୁମତି ଦେଇ ନଥିଲେ ।

ଦିନେ ମାଆ ଓ ପୁତ୍ର ଉଭୟେ ନଦୀକୁ ଗାଧୋଇ ଯାଇଥିଲେ । ପାଣି ଭିତରକୁ ଡେଇଁପଡ଼ିବା ମାତ୍ରକେ ଶଙ୍କର ତାଙ୍କ ଗୋଡ଼କୁ ହଠାତ୍ ଗୋଟାଏ କୁମ୍ଭୀର ଆସି ଧରିବାର ଅନୁଭବ କରିପାରିଲେ । ମୃତ୍ୟୁ ଅତ୍ୟନ୍ତ ଆସନ୍ନ ହୋଇ ଆସିଥିଲା । ମାତ୍ର, ଏପରି ଗୋଟିଏ ଭୟଙ୍କର ମୁହୂର୍ତ୍ତରେ ମଧ୍ୟ ସାହସୀ ବାଳକଟି କେବଳ ଆପଣା ଜୀବନର ସେହି ମହାନ୍ ପରିକଳ୍ପନାଟି ବିଷୟରେହିଁ ଭାବିବାକୁ ଲାଗିଥିଲା ଏବଂ ତେଣୁ ଏତେ ବଡ଼ ଚିତ୍କାର କରି ମାଆଙ୍କୁ ଡାକି କହିଲା, "ଏଥର ମୋ କଥା ସରିଗଲା । କୁମ୍ଭୀର ମୋତେ ତଳକୁ ତଳକୁ ଟାଣିବାରେ ଲାଗିଛି । କିନ୍ତୁ ତୁମେ ଇଚ୍ଛା କଲେ ମୁଁ ଅନ୍ତତଃ ଜଣେ ସନ୍ନ୍ୟାସୀ ଭାବରେ ତ ମରି ପାରନ୍ତି !"

"ହଁ, ହଁ, ବାବୁ, ତୁ ଯାହା କହୁଛୁ, ସେହି କଥା ହେବ !" ବ୍ୟାକୁଳ ଭାବରେ ତାଙ୍କର ମାଆ କାନ୍ଦିକାନ୍ଦି ଉତ୍ତର ଦେଲେ ।

ଏକଥା ଶୁଣି ଶଙ୍କର ଆନନ୍ଦରେ ଏପରି ହୃଷ୍ଟ ହୋଇ ଉଠିଲେ ଯେ କୁମ୍ଭୀରର କବଳରୁ ଆପଣାର ଗୋଡ଼କୁ ମୁକ୍ତ କରି ଆଣିବାକୁ ସେ ତା'ପରେ ଯଥେଷ୍ଟ ବଳ ପାଇଲେ ଏବଂ ପୁନର୍ବାର କୂଳକୁ ଫେରିଆସି ପାରିଥିଲେ ।

ସେହି ମୁହୂର୍ତ୍ତରୁହିଁ ସେ ବୟସରେ ଯେପରି ବଢ଼ିଲେ, ତେଣେ ବିଦ୍ୟାରେ ମଧ୍ୟ ସେହିପରି ପ୍ରବୀଣ ହେବାକୁ ଲାଗିଲେ । ସିଏ ଜଣେ ଗୁରୁରୂପେ ପ୍ରତିଷ୍ଠାଲାଭ କଲେ, ଏବଂ ତାଙ୍କର ଅଦ୍ଭୁତ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଦର୍ଶନପ୍ରଚାରର ଆପଣାର ମହାନ୍ କାର୍ଯ୍ୟଟିରେ ତତ୍ପର ହୋଇ ରହିଥିଲେ ।

✱

ଭାରତବର୍ଷକୁ ଶ୍ରଦ୍ଧା କରୁଥିବା ପ୍ରତ୍ୟେକ ବ୍ୟକ୍ତି ମହାଭାରତ କାବ୍ୟଟି ସହିତ ନିଶ୍ଚୟ ପରିଚିତ ଥିବେ ।

ଅନେକ ବର୍ଷ ପୂର୍ବେ ସଂସ୍କୃତ ଭାଷାରେ ସେହି କାବ୍ୟଟି ଲେଖା ହୋଇ ଥିଲା । ପ୍ରାୟ ଆମ ଏଯୁଗ ପର୍ଯ୍ୟନ୍ତ, ସଂସ୍କୃତ ଭାଷା ନଜାଣିଲେ କୌଣସି ଇଉରୋପୀୟ ବ୍ୟକ୍ତି ସେହି କାବ୍ୟଟିକୁ ପଢ଼ିପାରୁ ନଥିଲେ । ଏପରି ଇଉରୋପୀୟ ପ୍ରକୃତରେ ଅତ୍ୟନ୍ତ ବିରଳ ଥିଲେ । ତେଣୁ କୌଣସି ଏକ ଇଉରୋପୀୟ ଭାଷାରେ ମହାଭାରତର ଅନୁବାଦ କରିବା ଏକାନ୍ତ ଆବଶ୍ୟକ ହୋଇ ଉଠିଲା ।

ବାବୁ ପ୍ରତାପଚନ୍ଦ୍ର ରାୟ ଏହି କାର୍ଯ୍ୟଟିକୁ ହାତକୁ ନେବା ଲାଗି ମନସ୍ଥ କଲେ । ତାଙ୍କ ନିଜ ପ୍ରଦେଶରେ ତାଙ୍କର ଆଉଜଣେ ବନ୍ଧୁ କିଶୋରୀମୋହନ

'oaob.nitrkl.ac.in' images reprocessed

ଗାଙ୍ଗୁଲିଙ୍କ ସହିତ ତାଙ୍କର ପରିଚୟ ଘଟିଥିଲା । ଗାଙ୍ଗୁଲି ସଂସ୍କୃତ ଭାଷାରୁ ଇଂରାଜୀ ଅନୁବାଦ କଲେ ଏବଂ କାବ୍ୟଟି ଶତାଧିକ ଖଣ୍ଡରେ ଗୋଟିଗୋଟି କରି ପ୍ରକାଶିତ ହେବାକୁ ଲାଗିଲା ।

ପ୍ରତାପଚନ୍ଦ୍ର ରାୟ ଆପଣାର ଏହି କାର୍ଯ୍ୟଟିରେ ବାରବର୍ଷ କାଳ ବ୍ୟାପୃତ ରହିଥିଲେ । ଗ୍ରନ୍ଥଟିକୁ ପ୍ରକାଶ କରିବାରେ ତାଙ୍କୁ ଆପଣାର ସମସ୍ତ ସମ୍ବଳକୁ ଆଣି ଖଟାଇବାକୁ ପଡ଼ିଥିଲା । ଯେତେବେଳେ ତାଙ୍କ ନିଜର ସମ୍ବଳ ଶେଷ ହୋଇଗଲା, ସେତେବେଳେ ଇଚ୍ଛୁକ ବ୍ୟକ୍ତିମାନଙ୍କ ପାଖରୁ ସାହାଯ୍ୟ ସଂଗ୍ରହ କରିବା ଲାଗି ସିଏ ଭାରତବର୍ଷ ସାରା ବୁଲିବାକୁ ଲାଗିଲେ । ରାଜା ଓ କୃଷକ, ପଣ୍ଡିତ ଓ ସାଧାରଣ ଲୋକ ସମସ୍ତେ ତାଙ୍କର ଏହି କାର୍ଯ୍ୟଟି ଲାଗି ଅର୍ଥସାହାଯ୍ୟ କରିଥିଲେ । ଇଉରୋପ ଓ ଆମେରିକାର ବନ୍ଧୁମାନେ ମଧ୍ୟ ସାହାଯ୍ୟ ପଠାଇଲେ ।

ଏହିପରି ଭ୍ରମଣରତ ଥିବା ଅବସ୍ଥାରେ ସେ ଏକ ବିଷମ ଜ୍ୱରରେ ଆକ୍ରାନ୍ତ ହେଲେ ଓ ତାହାର ଦ୍ୱାରାହିଁ ମୃତ୍ୟୁମୁଖରେ ପଡ଼ିଲେ । ଜ୍ୱରରେ ଶଯ୍ୟାଶାୟୀ ହୋଇ ପଡ଼ିଥିବା ସମୟରେ ତାଙ୍କର ସମସ୍ତ ଭାବନା ଆପଣାର ସେହି କାର୍ଯ୍ୟଟିକୁ ସମ୍ପୂର୍ଣ୍ଣ କରିବା ଉପରେହିଁ କେନ୍ଦ୍ରିତ ହୋଇ ରହିଥିଲା । ଏପରିକି, ପାଟି ଫିଟାଇ କଥା କହିବା ମଧ୍ୟ ଯେତେବେଳେ ତାଙ୍କ ପକ୍ଷରେ ଅତ୍ୟନ୍ତ ଯନ୍ତ୍ରଣାଦାୟକ ହୋଇ ଉଠିଲା, ସେତେବେଳେ ସେ ଅରେ ନିଜ ସ୍ତ୍ରୀକୁ କହିଥିଲେ :

"ଗ୍ରନ୍ଥଟିକୁ ଯେକୌଣସି ପ୍ରକାରେ ଶେଷ କରିବାକୁ ପଡ଼ିବ । ଯଦି ଛପାକାର୍ଯ୍ୟ ଲାଗି ପଇସା ଦରକାର ଥାଏ, ତେବେ ମୋର ଶ୍ରାଦ୍ଧକ୍ରିୟାରେ ତୁମେ ଆଦୌ କୌଣସି ପଇସା ଖର୍ଚ୍ଚ କରିବ ନାହିଁ । ଯେପରିକି ମହାଭାରତର କାର୍ଯ୍ୟଟି ଲାଗି ଯଥେଷ୍ଟ ଅର୍ଥର ସଞ୍ଚୟ ସମ୍ଭବ ହୋଇ ପାରିବ, ସେଥିଲାଗି ତୁମେ ଯେତେଦୂର ପାରିବ କମ୍ ଖର୍ଚ୍ଚରେ ଚଳିବାକୁ ଚେଷ୍ଟା କରିବ ।"

ଭାରତବର୍ଷ ପ୍ରତି ଏବଂ ଭାରତବର୍ଷର ସେହି ମହାନ୍ କାବ୍ୟ ପ୍ରତି ଶ୍ରଦ୍ଧାପୂର୍ଣ୍ଣ ହୃଦୟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ତାଙ୍କର ବିଧବା ପତ୍ନୀ ସୁନ୍ଦରୀବାଳା ରାୟ ଗଭୀର ନିଷ୍ଠା ସହିତ ତାଙ୍କର ସେହି ମହାନ୍ ଇଚ୍ଛାଟି ଅନୁସାରେ କାର୍ଯ୍ୟ କରିଥିଲେ । ବର୍ଷକ ପରେ ଅନୁବାଦକ ଅନୁବାଦ କାର୍ଯ୍ୟ ଶେଷ କଲେ ଏବଂ ମହାଭାରତର ଏଗାରଖଣ୍ଡ-ବିଶିଷ୍ଟ ଅନୁବାଦକୁ ଇଉରୋପୀୟ ପାଠକସାଧାରଣଙ୍କ ହାତରେ ଆଣି ଦେଇପାରିବା ଶେଷକୁ ସମ୍ଭବ ହୋଇ ପାରିଲା । ସେମାନେ ବର୍ତ୍ତମାନ ସେହି ପ୍ରସିଦ୍ଧ ମହାକାବ୍ୟଟିର ଅଠରଟିଯାକ ପର୍ବକୁ ପଢ଼ି ପାରିଲେ ଓ ତାହାର ସୌନ୍ଦର୍ଯ୍ୟକୁ ମଧ୍ୟ ଆସ୍ୱାଦନ କରିପାରିଲେ । ଏବଂ, ସେହି ଗ୍ରନ୍ଥଟିକୁ ଅଧ୍ୟୟନ କରି ସେମାନେ ପ୍ରାଚୀନ ଭାରତର ମହାନ୍ କବି ସେହି ଗଭୀର ଚନ୍ତାନାୟକମାନଙ୍କର କୁଶଳ ରଚନାଶକ୍ତି ଏବଂ ପ୍ରଜ୍ଞାଟି ସହିତ

'oaob.nitrkl.ac.in' images reprocessed

ପରିଚିତ ହୋଇ ପାରିଲେ, ତାହାଙ୍କୁ ଯଥୋଚିତ ସମ୍ମାନ ବି ଦେଖାଇ ପାରିଲେ ।

ପ୍ରତାପଚନ୍ଦ୍ର ରାୟ ଓ ଆହୁରି ଅନେକ ଯେଉଁ ପରମୋପକାରୀ ବ୍ୟକ୍ତି ଅଧ୍ୟବସାୟ କରିପାରନ୍ତି, ସେମାନଙ୍କର ପ୍ରୟାସରୁ ଏହିପରି ଫଳହିଁ ପ୍ରାପ୍ତ ହୋଇଥାଏ ।

ଏବଂ, ତୁମେ ସବୁ ଯେତେ ସାହସୀ ପିଲା ଅଛ, ତୁମେ ସବୁ କ'ଣ ଅକ୍ଳାନ୍ତ ଭାବରେ ଆପଣାକୁ ନାନା କଲ୍ୟାଣକର କାର୍ଯ୍ୟରେ ଉତ୍ସର୍ଗ କରି ରଖିଥିବା ଏବଂ କାର୍ଯ୍ୟଟି ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ତାହାକୁ କଦାପି ଗ୍ରାଡ଼ି ଚାଲିଯାଇ ନଥିବା ଅଗଣିତ ନରନାରୀଙ୍କର ସେହି ବୃହତ୍ ବାହିନୀଟି ମଧ୍ୟରେ ସମ୍ମିଳିତ ହୋଇ ପାରିବ ନାହିଁ ?

ଏହି ବିଶାଳ ପୃଥିବୀରେ ସମ୍ପନ୍ନ କରିବାକୁ ରହିଥିବା ମହତ୍ କାର୍ଯ୍ୟର ଆଦୌ କୌଣସି ଅଭାବ ନାହିଁ, ସେହି କାର୍ଯ୍ୟଟିକୁ ସମ୍ପନ୍ନ କରିବା ଲାଗି ମଧ୍ୟ ଉଦ୍ୟମ ବ୍ୟକ୍ତିଙ୍କର ମଧ୍ୟ ଅଭାବ ନାହିଁ । ମାତ୍ର, କେବଳ ଯେଉଁ ଅଧ୍ୟବସାୟ ବଳରେ ସେମାନେ ସେହି କାର୍ଯ୍ୟଗୁଡ଼ିକୁ ଶେଷ ପର୍ଯ୍ୟନ୍ତ କରିପାରନ୍ତେ, ଅଧିକାଂଶ କ୍ଷେତ୍ରରେ ସେହି ଅଧ୍ୟବସାୟରହିଁ ପ୍ରକୃତରେ ଅଭାବ ରହିଛି ।

'oaob.nitrkl.ac.in' images reprocessed

ସରଳ ଜୀବନ

ପୈଗମ୍ବର ମହମ୍ମଦ, ଆରବବାସୀମାନଙ୍କୁ ଧର୍ମୋପଦେଶ ଦେବାରେ ଯାହାଙ୍କର ସମସ୍ତ ଜୀବନ ଅତିବାହିତ ହୋଇଥିଲା, ସିଏ କଦାପି ସୁଖସମ୍ଭୋଗ ଅଥବା ଐଶ୍ୱର୍ଯ୍ୟ ଲାଗି ଅପେକ୍ଷା ରଖୁ ନଥିଲେ ।

ଥରେ ରାତିରେ ସିଏ ଗୋଟିଏ ମୋଟା ହେଁସ ଉପରେ ଶୋଇଥିଲେ ଏବଂ ବିଛଣାରୁ ଉଠିଲା ବେଳକୁ ହେଁସରେ ଥିବା ଗଣ୍ଠି ଓ ଅଂଶାଗୁଡ଼ାକର ଚିହ୍ନ ତାଙ୍କ ଦେହର ଚମଡ଼ା ଉପରେ ବସି ଯାଇଥିଲା ।

ତାଙ୍କର ଜଣେ ବନ୍ଧୁ ତାଙ୍କୁ କହିଲେ, "ହେ ଆଲ୍ଲାଙ୍କର ପୈଗମ୍ବର, ଆପଣ ଏଡ଼େ ଟାଣ ବିଛଣାରେ ଶୋଇଲେ ! ଯଦି ଆପଣ ମୋତେ କହିଥାନ୍ତେ ତେବେ ମୁଁ ଖୁସିରେ ଆପଣଙ୍କ ଲାଗି ନରମ ବିଛଣାଟିଏ ତିଆରି କରି ଦେଇଥାନ୍ତି, ତେବେ ଆପଣ ଅଧିକ ଆରାମରେ ଶୋଇ ପାରିଥାନ୍ତେ ।"

ପୈଗମ୍ବର ଉତ୍ତର ଦେଇ କହିଲେ, "ନରମ ବିଛଣାର ମୋ'ର ମୋଟେ ପ୍ରୟୋଜନ ନାହିଁ । ମୋର ଏହି ସଂସାରରେ ଏକ କାର୍ଯ୍ୟ କରିବାକୁ ରହିଛି । ଯେତେବେଳେ ଶରୀର ପାଇଁ କିଛି ବିଶ୍ରାମ ଦରକାର ହୁଏ, ସେତେବେଳେ ମୁଁ କିଛି ସମୟ ପାଇଁ ବିଶ୍ରାମ ନିଏ । ମାତ୍ର ଜଣେ ସଇସ ଯେମିତି ତା'ର ଘୋଡ଼ାକୁ ଅଳ୍ପ କିଛି ସମୟ ଲାଗି କୌଣସି ଗଛର ଛାଇରେ ନେଇ ବାନ୍ଧିଦିଏ, ଯେପରିକି ତାକୁ ଖରାରୁ କୌଣସି କଷ୍ଟ ସହିବାକୁ ପଡ଼ିବ ନାହିଁ, ଏବଂ ତା'ପରେ ପୁଣି ଘୋଡାକୁ ସଜ କରି ନିଜର ଗନ୍ତବ୍ୟ ପଥରେ ବାହାରିଯାଏ, ଠିକ୍ ସେହିପରି ।"

"ମୋର ଏହି ସଂସାରରେ ଏକ କାର୍ଯ୍ୟ କରିବାକୁ ରହିଛି,"—ପୈଗମ୍ବର ଏହି କଥାଟିକୁ କହିଥିଲେ । ଏବଂ ସେଇଥି ସକାଶେହିଁ ତାଙ୍କର ମହାନ୍ ଜୀବନ ଏକ ସରଳ ଜୀବନରେ ପରିଣତ ହୋଇ ପାରିଥିଲା । ଆପଣାର ଜୀବନବ୍ରତଟି ଉପରେ ତାଙ୍କର ଦୃଢ଼ ବିଶ୍ୱାସ ଥିବାରୁ ସେ ସମଗ୍ର ଆରବ ଦେଶର ଅଧିବାସୀମାନଙ୍କୁ ଧର୍ମୋପଦେଶ ଦେବାକୁ ଇଚ୍ଛା କରୁଥିଲେ । ବିଳାସବ୍ୟସନ ଲାଗି ତାଙ୍କର ଆଦୌ କୌଣସି ଅପେକ୍ଷା ନଥିଲା । ତାଙ୍କର ହୃଦୟ ଉଚ୍ଚତର ଭାବନାଗୁଡ଼ିକ ସହିତ ସଂଯୁକ୍ତ ହୋଇ ରହିଥିଲା ।

*

'oaob.nitrkl.ac.in' images reprocessed

ଏକ ସୁସ୍ଥ ଓ ପ୍ରଶାନ୍ତ ଆତ୍ମା ଲାଗି ସରଳ ଜୀବନଯାପନହିଁ ଯେ ସବୁଠାରୁ ଅଧିକ ସୁଖର କାରଣ ହୋଇଥାଏ, ଆରବ ଦେଶର ନିମ୍ନଲିଖିତ କାହାଣୀଟିରୁ ଆମେ ତାହାର ପ୍ରମାଣ ପାଇ ପାରିବା ।

ମୈସୁନ୍ କଲ୍‌ବ୍ ଗୋଷ୍ଠୀର ଗୋଟିଏ ଝିଅ ଥିଲା । ମରୁଭୂମିର ତମ୍ବୁଗୁଡ଼ିକରେହିଁ ତାହାର ଶୈଶବକାଳ ଅତିବାହିତ ହୋଇଥିଲା ।

ଦିନେ ଖଲିଫା ମୁଆୱିଆଙ୍କ ସହିତ ତାହାର ବିବାହ ହୋଇଗଲା । ଖଲିଫାଙ୍କର ଅନେକ ଧନ ସମ୍ପତ୍ତି ଥିଲା ଓ ତାଙ୍କ କାମ କରିବା ଲାଗି ବହୁସଂଖ୍ୟକ କ୍ରୀତଦାସ ନିଯୁକ୍ତ ରହିଥିଲେ ସତ, ମାତ୍ର ମୈସୁନ୍‌କୁ ତାଙ୍କ ପାଖରେ ରହିବାକୁ ଆଦୌ ଭଲ ଲାଗିଲା ନାହିଁ । ତା'ର ଚତୁର୍ଦ୍ଦିଗରେ ବିଳାସବ୍ୟସନର ଏତେ ଅବସର ମହଜୁଦ ହୋଇ ରହିଥିଲେ ମଧ୍ୟ ତା'ର ମନ ସେଠାରେ ମୋଟେ ଲାଗିଲା ନାହିଁ । ବେଳେବେଳେ, ଏକୁଟିଆ ସମୟରେ, ସିଏ ଅତ୍ୟନ୍ତ କୋମଳ ସ୍ୱରରେ ଆରବୀ ଭାଷାରେ ନିଜେ ରଚନା କରୁଥିବା ଏହିସବୁ ପଦଗୁଡ଼ିକ ବୋଲୁଥିଲା :

ରାଣୀର ରାଜପୋଷାକ ଅପେକ୍ଷା
ଓଟବାଳରେ ତିଆରି ମାଟିଆ ପୋଷାକ
ମୋତେ ଅଧିକ ଭଲ ଲାଗୁଥାଏ ।
ଗୋଟାଏ ରାଜପ୍ରାସାଦର ସୁନ୍ଦର ପ୍ରକୋଷ୍ଠଗୁଡ଼ିକ ଅପେକ୍ଷା
ମରୁଭୂମିର ତମ୍ବୁ ମୋତେ ଅଧିକ ସୁନ୍ଦର ଲାଗୁଥାଏ ।
'ବହୁମୂଲ୍ୟ ହାଉଦା ପଡ଼ିଥିବା ଏହି ଖଚରଗୁଡ଼ାଙ୍କ ଅପେକ୍ଷା
ଆରବ ତମ୍ବୁର ଦ୍ୱାରପାଖରେ ଡେଇଁ ବୁଲୁଥିବା
କଅଁଳା ବାଛୁରୀମାନେ ମୋତେ ଅଧିକ ସୁନ୍ଦର ଦେଖାଯାଉଥାନ୍ତି,
ପ୍ରାସାଦପ୍ରହରୀର ହାତଦାନ୍ତ-ତିଆରି ଶିଙ୍ଗା ଅପେକ୍ଷା
ଅଜଣା କୌଣସି ମଣିଷକୁ ଦେଖିବା ମାତ୍ରକେ
ନଗୁଆଲି କୁକୁରର ଭୋ' ଭୋ' ଶବ୍ଦ
ମୋ' କାନକୁ ପ୍ରକୃତରେ ଅଧିକ ମଧୁର ଶୁଭୁଥାଏ ।

ଖଲିଫାଙ୍କ କାନରେ ଯାଇ ତା'ର ଏହିସବୁ ଗୀତ ବାଜିଲା ଓ ସେ ତାକୁ ତାଙ୍କ ଦରବାରରୁ ବାହାର କରିଦେଲେ । ତେଣୁ ବାଳିକା ଜଣକ ପୁଣି ତା'ର ପୁରୁଣା ଗୋଷ୍ଠୀ ଭିତରକୁ ଫେରି ଆସିଲା । ତା' ମନକୁ ଦୁଃଖପୂର୍ଣ୍ଣ କରି ପକାଉଥିବା ଐଶ୍ୱର୍ଯ୍ୟମୟ ପ୍ରାସାଦଗୁଡ଼ାକୁ ଆଉ ଦେଖିବାକୁ ନପାଇବାରୁ ତା'ର ମନ ପୁନର୍ବାର ଖୁସିରେ ଭରି ଉଠିଲା ।

*

'oaob.nitrkl.ac.in' images reprocessed

ସରଳ ଜୀବନ ଯେ ଏକ ଅମିତାଚାରୀ ଓ ବୃଥାଆଡ଼ମ୍ବରମୟ ଜୀବନଠାରୁ ଅଧିକ କାମ୍ୟ, ସବୁ ଦେଶରେ ଅଧିକରୁ ଅଧିକ ଲୋକ ସେହି କଥା ବୁଝିବାକୁ ଆରମ୍ଭ କରୁଛନ୍ତି ।

ବର୍ତ୍ତମାନ ଅଧିକରୁ ଅଧିକ ସଂଖ୍ୟାରେ ଏପରି ଲୋକ ନିଶ୍ଚୟ ଦେଖିବାକୁ ମିଳିବେ, ନିଜ ଲାଗି ମୂଲ୍ୟବାନ୍ ନାନାବିଧ ବସ୍ତୁ କ୍ରୟ କରିବା ଲାଗି ଯେଉଁମାନଙ୍କ ପାଖରେ ଯଥେଷ୍ଟ ଧନ ରହିଛି ସତ, ମାତ୍ର ସେମାନେ ସେମାନଙ୍କର ସେହି ଧନକୁ ଆହୁରି ଭଲ ଅନ୍ୟ କୌଣସି ପ୍ରକାରେ ବ୍ୟୟ କରାଯାଇ ପାରିବ ବୋଲି ଅନୁଭବ କଲେଣି । ସ୍ୱାଦଗରିଷ୍ଠ ବହୁବ୍ୟୟସାପେକ୍ଷ ଆହାର ବଦଳରେ ସେମାନେ ଏକ ସ୍ୱାସ୍ଥ୍ୟୋପଯୋଗୀ ଆହାର ଗ୍ରହଣ କଲେଣି, ଏବଂ, କେବଳ ଦେଖାଇବାକୁ ତିଆରି ହୋଇଥିବା ଗୁଡ଼ାଏ ଅସହଜ, ଆଡ଼ମ୍ବର ପୂର୍ଣ୍ଣ ଅଥଚ ଅଦରକାରୀ ଆସବାବପତ୍ରରେ ଘର ଭର୍ତ୍ତି କରିବା ପରିବର୍ତ୍ତେ ସେମାନେ ସରଳ ଅଥଚ ମଜଭୁତ ଓ ସୁରୁଚିଯୁକ୍ତ ଆସବାବ ବ୍ୟବହାର କରିବାକୁ ଏବେ ଅଧିକ ପସନ୍ଦ କଲେଣି ।

ପ୍ରତ୍ୟେକ ଯୁଗରେ, ଏହି ପୃଥିବୀର ପ୍ରଗତି ଲାଗି କାର୍ଯ୍ୟ କରିଥିବା ସର୍ବୋତ୍ତମ ଓ ସବୁଠାରୁ ଅଧିକ ଉତ୍ସାହ ରଖିଥିବା ବ୍ୟକ୍ତିମାନେ ଏକ ଶାନ୍ତ ଏବଂ ମିତାଚାରୀ ଜୀବନହିଁ ଯାପନ କରି ଆସିଛନ୍ତି । ଯେଉଁପରି ଏକ ଜୀବନଯାପନ କଲେ ଶରୀର ସୁସ୍ଥ ରହିବ ଏବଂ ଯାହା ଦ୍ୱାରା ସର୍ବସାଧାରଣଙ୍କ କଲ୍ୟାଣ ଲାଗି ଆପଣାକୁ ଅଧିକ ସକ୍ରିୟ ଭାବରେ ନିୟୋଜିତ କରାଯାଇ ପାରିବ, ସେମାନେ ସେହିପରି ଏକ ଜୀବନଯାପନ କରିଛନ୍ତି । ଯେଉଁ ଅନ୍ୟମାନେ କେବଳ ନିରର୍ଥକ ଭାବରେ ଗୁଡ଼ାଏ ଧନସମ୍ପତ୍ତି ଜମା କରି ରଖିବାରେ ଲାଗିଆନ୍ତି ଏବଂ ଏହିପରି ଭାବରେ କ୍ରମେ ଆପଣାର ଏହି ବହୁ ପରିମାଣ କ୍ରୀତଦାସ, ପରିଚ୍ଛଦ ଏବଂ ଗୃହସାମଗ୍ରୀ ଉପରେ ନିର୍ଭରଶୀଳ ହୋଇ ରହିଥାନ୍ତି, ସେମାନେ ସେହି ଯଥାର୍ଥ ସେବକମାନଙ୍କର ଦୃଷ୍ଟାନ୍ତ ସମ୍ମୁଖରେ ପ୍ରକୃତରେ ଲଜ୍ଜା ଅନୁଭବ କରିବା ଉଚିତ ।

କୋଉଠି ଗୋଟାଏ ଖାଲି ନକରି ତୁମେ କଦାପି ଗୋଟିଏ ଗଦା ତିଆରି କରିପାରିବ ନାହିଁ; ଏବଂ ଅଧିକାଂଶ ସମୟରେହିଁ କେତେକ ବ୍ୟକ୍ତିଙ୍କର ବିଳାସମୟ ଜୀବନ ଅନ୍ୟ ଅନେକସଂଖ୍ୟକ ବ୍ୟକ୍ତିଙ୍କର ଦାରିଦ୍ର୍ୟରହିଁ ସୂଚନା ଦେଇ ଯାଉଥାଏ । ବ୍ୟର୍ଥ ନାନାବିଧ ଅଳୀକତା ମଧ୍ୟରେ ଆପଣାର ସମୟ, ଅର୍ଥ ଏବଂ ଭାବନାର ଅପଚୟ କରାଇ ନଦେବାକୁ ଯେଉଁମାନଙ୍କର ତଥାପି ଟିକିଏ ସଦ୍‌ବୁଦ୍ଧି ରହିଛି, ସେମାନଙ୍କ ଲାଗି ଏହି ପୃଥିବୀରେ ଅନେକ ଅନେକ ସୁନ୍ଦର, ମହାନ୍ ଏବଂ ଆବଶ୍ୟକ କାର୍ଯ୍ୟ କରିବାକୁ ସର୍ବଦାହିଁ ବାକି ରହିଛି ।

'oaob.nitrkl.ac.in' images reprocessed

ସନ୍ଥ ଫ୍ରାନ୍‌ସିସ୍ ଉତ୍ତମ ଜୀବନରହିଁ ଜଣେ ବାଣ୍ଡିବାବନ୍ଧ ହୋଇ ରହିଥିଲେ । ଅର୍ଥୋପାର୍ଜନ କରିବାର ଅଭିପ୍ରାୟ ରଖି ସେ କେବେ କୌଣସି ଧର୍ମୋପଦେଶ ଦେଉ ନଥିଲେ । ସେ ଏକ ଅତ୍ୟନ୍ତ ସରଳ ଜୀବନଯାପନ କରୁଥିଲେ, ଏବଂ ଆପଣାର ଦୃଷ୍ଟାନ୍ତ ଏବଂ ପ୍ରବଚନ ଦ୍ୱାରହିଁ ଲୋକମାନଙ୍କୁ କିଛିନା କିଛି ଶିକ୍ଷା ଦେଇ ପାରିବାରେ ସେ ଆପଣା ଜୀବନର ସର୍ବାଧିକ ଆନନ୍ଦ ଲାଭ କରୁଥିଲେ । ଏବଂ, ତାଙ୍କୁ ଯିଏ ଯେତେବେଳେ ଯାହା ଖାଇବାକୁ ଦେଉଥିଲା, ସିଏ ସେତିକରେହିଁ ସନ୍ତୁଷ୍ଟ ରହୁଥିଲେ ।

ଥରେ, ସିଏ ଓ ତାଙ୍କର ସଙ୍ଗୀ ବ୍ରଦର୍ ମାସେଓ କୌଣସି ଏକ ସହର ଭିତରେ ଯାଉଥିବା ସମୟରେ, ମାସେଓ ଗୋଟିଏ ରାସ୍ତା ଧରି ଗଲେ ଓ ଫ୍ରାନ୍‌ସିସ୍ ଆଉ ଗୋଟିଏ ରାସ୍ତାରେ ଗଲେ । ମାସେଓ ଦେଖିବାକୁ ଡେଙ୍ଗା, ଦେହର ଗଢ଼ଣ ସୁନ୍ଦର; କିନ୍ତୁ ଫ୍ରାନ୍‌ସିସ୍ ଗେଡ଼ା, ଚେହେରା ଜଣେ ଅତି ସାଧାରଣ ମଣିଷର ଚେହେରା ପରି । ଲୋକମାନେ ମାସେଓଙ୍କୁ ଅତ୍ୟନ୍ତ ବଦାନ୍ୟ ଭାବରେ ଦାନାଦି କଲେ, ମାତ୍ର ଫ୍ରାନ୍‌ସିସ୍ ମାତ୍ର ଅଳ୍ପକିଛିନ୍ତ ସଂଗ୍ରହ କରି ପାରିଲେ ।

ନଗରର ତୋରଣଗୁଡ଼ିକୁ ପାରିହୋଇ ଯେତେବେଳେ ପୁନର୍ବାର ବାହାରେ ସେମାନେ ପରସ୍ପରକୁ ଭେଟିଲେ, ସେତେବେଳେ ସେମାନେ ନିକଟରେ ବହି ଯାଉଥିବା ଏକ ସ୍ୱଚ୍ଛସଲିଳା ଝରଣା ପାଖରେ ଖଣ୍ଡେ ବଡ଼ ପଥର ଉପରେ ଯାଇ ବସିଲେ ଏବଂ ମିଳିଥିବା ଭିକ୍ଷା ସାମଗ୍ରୀଗୁଡ଼ିକୁ ଏକାଠି କଲେ ।

ଏକ ଆନନ୍ଦ ଗଦ୍‌ଗଦ ମୁଖରେ ସନ୍ଥ ଫ୍ରାନ୍‌ସିସ୍ ପାଟି କରି କହି ଉଠିଲେ, "ବ୍ରଦର୍ ମାସେଓ, ଆମେ ପ୍ରକୃତରେ ଏଡ଼େ ବଡ଼ ଭୋଜିର ଯୋଗ୍ୟ ବୋଲ୍ ମୋଟେ କୁହାଯାଇ ପାରିବ ନାହିଁ ।"

ଉତ୍ତର ଦେଇ ମାସେଓ କହିଲେ, "ମାତ୍ର, ଏଇ କେତେ ଖଣ୍ଡ ରୁଟିକୁ ଆମେ ଏକ ଭୋଜି ବୋଲ୍ କିପରି କହିବା ? ଆମ ପାଖରେ ଛୁରୀ ନାହିଁ, ଥାଳି ନାହିଁ, ଆସନ ନାହିଁ, ଚାକର ବି ନାହାନ୍ତି ।"

ଫ୍ରାନ୍‌ସିସ୍ ତା'ପରେ ପୁଣି କହିଲେ, "ତଥାପି ଏହାକୁ ଏକ ଚମତ୍କାର ଭୋଜି ବୋଲି କୁହାଯାଇ ପାରିବ । ଆମ ପାଖରେ ଏଡ଼େ ବଢ଼ିଆ ରୁଟି ଅଛି, ପଥରଟି କେଡ଼େ ଚମତ୍କାର ଭାବରେ ଟେବୁଲ୍‌ର କାମ ଦେଉଛି, ପୁଣି ଆମକୁ ଭୋଜ ବି କରୁଛି; ଏବଂ, ଶୋଷ କଲେ ଆମ ଲାଗି ଏହି ସ୍ୱଚ୍ଛ ଝରଣାର ତଟକା ପାଣି ବି ମହଜୁଦ ରହିଛି ।"

ଏପରି କହିବାର ଅର୍ଥ ନୁହେଁ ଯେ, ଯେଉଁମାନେ ଦରିଦ୍ର, ସେମାନଙ୍କୁ ସର୍ବଦା ଆପଣାର ଦୁଃଖମୟ ଜୀବନଟିକୁ ଆଦରି ରହିବାକୁହିଁ ପଡ଼ିବ । କିନ୍ତୁ ଏଥିରୁ ଅନ୍ତତଃ ଏତିକି କଥାର ପ୍ରମାଣ ମିଳିବ ଯେ, ଏକ ଉଚ୍ଚ ସ୍ତରର ଜୀବନଯାପନ

'oaob.nitrkl.ac.in' images reprocessed

କରିବା ଦ୍ୱାରା ଯେଉଁ ଯଥାର୍ଥ ସନ୍ତୋଷ ମିଳିଥାଏ ଏବଂ ଉତ୍ତମ ହୃଦୟ ବ୍ୟକ୍ତିମାନଙ୍କ ପାଖରେ ସ୍ୱାଭାବିକ ଭାବରେ ଯେଉଁ ସଦାପ୍ରସନ୍ନ ଭାବ ରହିଥାଏ, ଭୌତିକ ଧନସମ୍ପତ୍ତି ଓ ବାହ୍ୟ ଐଶ୍ୱର୍ଯ୍ୟଶାଳିତା ନଥିଲେ ମଧ୍ୟ ସେହିଗୁଡ଼ିକହିଁ ଉକ୍ତ ଅଭାବର ସର୍ବଦା ଏକ କ୍ଷତିପୂରଣ କରି ନେଇଥାନ୍ତି ।

❋

ଗୋଟିଏ କଥାକୁ କେହି ଅସ୍ୱୀକାର କରି ପାରିବେ ନାହିଁ ଯେ ସରଳ ଜୀବନର ଯାପନ ଦ୍ୱାରା କାହାରି କଦାପି କୌଣସି କ୍ଷତି ହୁଏ ନାହିଁ । ମାତ୍ର ବିଳାସବ୍ୟସନ ଏବଂ ଅତିରିକ୍ତ ଧନାଢ଼୍ୟତା ବିଷୟରେ ଆମେ ମୋଟେ ସେକଥା କହି ପାରିବା ନାହିଁ । ଅଧିକାଂଶ ସମୟରେ ଏହାହିଁ ହୋଇଥାଏ ଯେ, ଯେଉଁସବୁ ବସ୍ତୁ ଆମର ଆଦୌ କୌଣସି କାର୍ଯ୍ୟରେ ଲାଗେ ନାହିଁ, ସେଗୁଡ଼ିକରୁ ଆମର ଅନେକ କ୍ଷତି ବି ହୋଇଥାଏ ।

ବିଖ୍ୟାତ ସମ୍ରାଟ ଆକବରଙ୍କ ରାଜତ୍ୱ ସମୟରେ ଆଗ୍ରା ସହରରେ ବନାରସୀ ଦାସ ନାମରେ ଜଣେ ଜୈନ ସାଧୁ ବାସ କରୁଥିଲେ । ସମ୍ରାଟ ସାଧୁଙ୍କୁ ନିଜ ପ୍ରାସାଦକୁ ଡକାଇ ଆଣିଲେ ଓ ତାଙ୍କୁ କହିଲେ :

"ଆପଣ ମୋତେ ଯାହା ମାଗିବାର ମାଗନ୍ତୁ । ଆପଣ ଯେଉଁ ପବିତ୍ର ଜୀବନଯାପନ କରୁଛନ୍ତି, ତାହାକୁ ସମ୍ମାନ ଦେଖାଇ ମୁଁ ଆପଣଙ୍କର ସକଳ ଇଚ୍ଛାକୁ ପୂରଣ କରିବି ।"

"ମୁଁ ଯେତିକି ଲାଗି ଇଚ୍ଛା ବି କରିଛି, ପରମବ୍ରହ୍ମ ମୋତେ ତା'ଠାରୁ ଅଧିକ ଦେଇଛନ୍ତି ।"—ସନ୍ଥ ଉତ୍ତର ଦେଇ କହିଲେ ।

"ଆପଣ ତଥାପି କିଛି ମାଗନ୍ତୁ,"—ଆକବର ପୁଣି ଜିଦ୍ କରି କହିଲେ ।

"ମହିମା," ତେବେ ମୁଁ ଆପଣଙ୍କ ପାଖରେ ଏତିକି ନିବେଦନ କରୁଛି ଯେ ଆପଣ ମୋତେ ଆଉ ଆପଣଙ୍କର ରାଜପ୍ରାସାଦକୁ ଡାକିବା ଲାଗି ମନ କରିବେ ନାହିଁ । କାରଣ କେବଳ ଭଗବାନଙ୍କର କାର୍ଯ୍ୟରେହିଁ ମୁଁ ମୋ'ର ସମସ୍ତ ସମୟ ଦେବାକୁ ଇଚ୍ଛା କରୁଛି ।"

ଆକବର ଉତ୍ତର ଦେଲେ, "ତାହାହିଁ ହେଉ । କିନ୍ତୁ ମୁଁ ମଧ୍ୟ ଆପଣଙ୍କ ପାଖରେ ଏକ ନିବେଦନ କରିବାକୁ ଇଚ୍ଛା କରୁଛି !"

"କୁହନ୍ତୁ । ମହିମା !"

"ଆପଣ ମୋତେ ଏପରି କିଛି ସଦୁପଦେଶ ଦିଅନ୍ତୁ, ଯାହାକୁ କି ମୁଁ ମନରେ ଧାରଣ କରିବି ଓ ସେହି ଅନୁସାରେ କାର୍ଯ୍ୟ କରିବି ।"

କ୍ଷଣକ ଲାଗି ଟିକିଏ ଚିନ୍ତାମଗ୍ନ ହୋଇ ବନାରସୀ ଦାସ ତା'ପରେ କହିଲେ :

'oaob.nitrkl.ac.in' images reprocessed

"ଆପଣ ଯେପରି ସର୍ବଦା ଶୁଦ୍ଧ ଏବଂ ପରିଷ୍କୃତ ଆହାର ଗ୍ରହଣ କରିବେ, ସେଥିଲାଗି ସର୍ବଦା ଦୃଷ୍ଟି ଦେବେ ; ଏବଂ ବିଶେଷ କରି ଗୃହରେ ଆପଣ ଗ୍ରହଣ କରୁଥିବା ମାଂସ ଓ ସୁପ୍ ବିଷୟରେ ସବୁବେଳେ ସାବଧାନ ରହିଥିବେ ।"

"ଆପଣଙ୍କର ପରାମର୍ଶଟିକୁ ମୁଁ କେବେହେଲେ ଭୁଲି ଯିବି ନାହିଁ," — ସମ୍ରାଟ ଉତ୍ତର ଦେଇ କହିଲେ ।

ପରାମର୍ଶଟି ପ୍ରକୃତରେ ଏକ ଉତ୍ତମ ପରାମର୍ଶହିଁ ଥିଲା, କାରଣ ସ୍ୱାସ୍ଥ୍ୟସମ୍ମତ ଖାଦ୍ୟ ଏବଂ ପାନୀୟ ଦ୍ୱାରାହିଁ ଶରୀର ସୁସ୍ଥ ରହେ, ଏବଂ ଶରୀର ସୁସ୍ଥ ହେଲେ ତାହା ଏକ ଶୁଦ୍ଧ ମନ ଏବଂ ଶୁଦ୍ଧ ଜୀବନ ଲାଗି ଯଥାର୍ଥରେ ଗୋଟିଏ ମନ୍ଦିର ହୋଇ ପାରିବାର ଯୋଗ୍ୟ ହୁଏ ।

ମାତ୍ର ଘଟନାଚକ୍ରରେ ପଡ଼ି ଏପରି ହେଲା ଯେ, ଯେଉଁଦିନ ସନ୍ନ୍ୟାସୀ ସମ୍ରାଟଙ୍କ ପାଖକୁ ଆସିଥିଲେ, ସେଦିନ ଉପବାସର ଦିନ ଥିଲା । ଏବଂ ତେଣୁ ସେଦିନ ଆକବରଙ୍କର କେବଳ ମଧ୍ୟରାତ୍ରର କେତେ ଘଣ୍ଟା ପରେ ଯାଇ ଆହାର ଗ୍ରହଣ କରିବାର କଥା । ରାଜପ୍ରାସାଦର ପାଚକମାନେ ସନ୍ଧ୍ୟାବେଳେ ଯାବତୀୟ ଭୋଜନ ପ୍ରସ୍ତୁତ କରି ରଖିଥିଲେ ଏବଂ ଉପବାସର ପ୍ରହରଟି ଉଦ୍‌ଯାପିତ ହେବା ପର୍ଯ୍ୟନ୍ତ ସେଗୁଡ଼ିକୁ ସୁନା ଓ ରୂପାର ପାତ୍ରମାନଙ୍କରେ ବାଢ଼ି କରି ରଖି ଦେଇଥିଲେ ।

ସେହିସବୁ ଭୋଜନ ଆକବରଙ୍କ ପାଖକୁ ଅଣାଯିବା ସମୟରେ ଅନ୍ଧାର ଛଥାପି ଯାଇ ନଥାଏ । ଭୋଜନ ଲାଗି ଖୁବ ମନ ହେଉଥିଲେ ମଧ୍ୟ ଆକବରଙ୍କର ହଠାତ୍ ବନାରସୀ ଦାସଙ୍କର "କଳର ମାଂସ ଓ ସୁପ୍ ବିଷୟରେ ସାବଧାନ ରହିବେ," — ଏହି ପରାମର୍ଶଟି ସ୍ମରଣ ହୋଇଗଲା । ତେଣୁ ସେ ଖୁବ ସାବଧାନ ହୋଇ ସମ୍ମୁଖସ୍ଥ ଭୋଜନ ପାତ୍ରଗୁଡ଼ିକୁ ପରୀକ୍ଷା କରି ଦେଖିଲେ ଏବଂ ତାହା ଫଳରେ ଜାଣି ପାରିଲେ ଯେ ଖାଦ୍ୟଦ୍ରବ୍ୟଗୁଡ଼ିକ ଉପରେ ଜନ୍ତା ବେଢ଼ି ରହିଛନ୍ତି । ପାଚକମାନେ ଖୁବ ସତର୍କତାର ସହିତ ସବୁ କରିଥିଲେ ମଧ୍ୟ ଖାଇବା ପାତ୍ର ଭିତରେ ଜନ୍ତା ପଶି ଯାଇଥିଲେ ଏବଂ ସମ୍ରାଟଙ୍କର ଭୋଜନକୁ ନଷ୍ଟ କରି ଦେଇଥିଲେ ।

ଆକବର ଭୋଜନ ପାତ୍ରଗୁଡ଼ିକୁ ଓ୍ୱାପସ୍ କରିଦେଲେ, ଏବଂ ସନ୍ନ୍ୟାସୀ ତାଙ୍କୁ ଦେଇଥିବା ଉପଯୋଗୀ ପରାମର୍ଶଟି ତାଙ୍କୁ ପ୍ରକୃତରେ ଖୁବ୍ ଅଭିଭୂତ କରି ଦେଇଥିଲା ।

କାରଣ, ତୁମେମାନେ ନିଶ୍ଚୟ ବୁଝି ପାରୁଥିବ ଯେ, ବନାରସୀ ଦାସ ଆକବରଙ୍କୁ କେବଳ ଯେ ଜନ୍ତାମାନଙ୍କ ବିଷୟରେ ସାବଧାନ କରିଦେଇଥିଲେ, ସେକଥା ମୋଟେ ନୁହେଁ ; ମାତ୍ର ତାଙ୍କର ଶରୀର ତଥା ମନ ଲାଗି କ୍ଷତିକାରକ

'oaob.nitrkl.ac.in' images reprocessed

କୌଣସି ପଦାର୍ଥ ଯେପରି ତାଙ୍କ ଖାଦ୍ୟରେ ନରହେ, ସେ ତାଙ୍କୁ ସେହି ବିଷୟରେ ସାବଧାନ କରାଇ ଦେଇଥିଲେ ।

ଅସ୍ୱାସ୍ଥ୍ୟକର ଖାଦ୍ୟରୁହିଁ ଅନେକ ରୋଗ ଜାତ ହୁଏ ।

ଯେଉଁ ବ୍ୟକ୍ତି ଜାଣିଶୁଣି ଅସ୍ୱାସ୍ଥ୍ୟକର ଦ୍ରବ୍ୟ ବିକ୍ରୟ କରେ, ସିଏ ତଦ୍ୱାରା ବସ୍ତୁତଃ ତା' ଦେଶବାସୀମାନଙ୍କର ଜୀବନ ଉପରେହିଁ ଆକ୍ରମଣ କରିବା ଭଳି ଏକ କାର୍ଯ୍ୟ କରିଥାଏ । ଏବଂ, କେବଳ ଅପମିଶ୍ରିତ ଓ ନଷ୍ଟ ହୋଇ ଯାଇଥିବା ଦ୍ରବ୍ୟକୁ ଯେ ଆମେ କ୍ଷତିକାରକ ବୋଲି କହିବା, ସେକଥା ଆଦୌ ନୁହେଁ; ଯାହାକୁ ଆହାର ରୂପେ ଗ୍ରହଣ କଲେ ଆମର କୌଣସି ନା କୌଣସି ପ୍ରକାରେ କ୍ଷତି ହୁଏ, ଆମେ ସେଗୁଡ଼ିକୁ ମଧ୍ୟ ଅସ୍ୱାସ୍ଥ୍ୟକର ଓ କ୍ଷତିକାରକ ବୋଲି ଅବଶ୍ୟ କହିବା ।

ଆକବରଙ୍କର ପିଇବା ଗିନାରେ ମଧ୍ୟ ଯେ ଜହ୍ଲା ହୋଇ ଯାଇଥିଲେ, କାହାଣୀଟି ଆମକୁ ସେ ବିଷୟରେ କିଛି କହି ନାହିଁ; ଏବଂ ତଥାପି ବନାରସୀ ଦାସ ବାଦଶାହଙ୍କୁ ତାଙ୍କର ପାନୀୟ ବିଷୟରେ ମଧ୍ୟ ସାବଧାନ ରହିବାକୁ କହିଥିଲେ । କାରଣ ଏପରି ଅନେକ ପାନପାତ୍ର ରହିଛି, ଯାହାକି ଦେଖିବା ବେଳକୁ କେଡ଼େ ଚକଚକ ଦେଖା ଯାଉଥାଏ ଓ ଯାହା ଭିତରେ କୌଣସି ସୁଖକର ଏବଂ ଚିତ୍ତମୋଦକାରୀ ପାନୀୟ ଅବଶ୍ୟ ରହିଛି ବୋଲି ଖୁବ ମନେ ହେଉଥାଏ; ମାତ୍ର ତଥାପି ତାହା ମନୁଷ୍ୟମାନଙ୍କ ଲାଗି ବିପଜ୍ଜନକ ହୋଇ ରହିଥାଏ । ସେଥିମଧ୍ୟରୁ ଯେଉଁ ପାତ୍ରଗୁଡ଼ିକରେ ସୁରା ରହିଥାଏ, ଆମେ ସେହିଗୁଡ଼ିକୁହିଁ ସବୁଠାରୁ ଅଧିକ ବିପଜ୍ଜନକ ବୋଲି କହିବା ।

ସୁରାପାନ ଏବଂ ଜୁଆଖେଳକୁ ପୈଗମ୍ବର ମହମ୍ମଦ ଏକ ପାପ ବୋଲି କହିଥିଲେ । ତେଣୁ, ଯେଉଁମାନେ କୋରାନର ବାଣୀଗୁଡ଼ିକୁ ପ୍ରକୃତରେ ସମ୍ମାନର ଚକ୍ଷୁରେ ଦେଖନ୍ତି, ସେମାନେ କେବେହେଲେ ସୁରାପାନ କରନ୍ତି ନାହିଁ କିଂବା ଜୁଆ ଖେଳିବାକୁ ଯାଆନ୍ତି ନାହିଁ । ସେମାନେ ଏହିପରି କରିହିଁ ସ୍ୱସ୍ଥ ଲାଭବାନ୍ ହୋଇଥାନ୍ତି ।

ମାତ୍ର, ଅନ୍ୟପକ୍ଷରେ, ଏହି ପୃଥିବୀରେ ବହୁସଂଖ୍ୟକ ଉତ୍ତମ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ସୁରାପାନରେ କୌଣସି ଖରାପ କଥା ନିହିତ ରହିଛି ବୋଲି ମୋଟେ ଦେଖିପାରନ୍ତି ନାହିଁ । ସେମାନଙ୍କର ମତକୁ ଆମେ ଅବଶ୍ୟ ସ୍ୱୀକୃତ ଦେବା । ମାତ୍ର, ସୁରାପାନ ନକରିବା ଯେ ଏକ ଖରାପ କଥା, ସେହି ବ୍ୟକ୍ତିମାନେ ତା' ବୋଲି କଦାପି ସେପରି ଦାବି କରି ପାରିବେ ନାହିଁ ।

ସୁରାପାନ କରିବାକୁ ଖରାପ ଓ ଖରାପ ନୁହେଁ ବୋଲି କହୁଥିବା, ଏପରି ଉଭୟ ପ୍ରକାରର ବ୍ୟକ୍ତି ଏହି ସଂସାରରେ ରହିଛନ୍ତି, ତଥାପି ଏଟି ଏପରି ବ୍ୟକ୍ତି ଆଦୌ କେହି ନାହାନ୍ତି, ଯେଉଁମାନେକି ସୁରାପାନ ନକରିବାକୁହିଁ ଏକ ମନ୍ଦ କଥା

'oaob.nitrkl.ac.in' images reprocessed

ବୋଲି କହୁଥିବେ । ସୁରାପାନ ନକରିବାରେ ଆଦୌ କୌଣସି ଉପକାର ରହିଛି କି ନାହିଁ, ସେକଥା ବିଷୟରେ ମତଭେଦ ମଧ୍ୟ ରହିଛି, ମାତ୍ର ସୁରାପାନ ନକରିବା ଦ୍ୱାରା ଯେ ଆମର ପ୍ରକୃତରେ କୌଣସି କ୍ଷତି ହୁଏ, ସେପରି କୌଣସି ଦାବି କରିବାକୁ କେହି କଦାପି କଳ୍ପନା ବି କରି ପାରିବ ନାହିଁ । ଏବଂ, ସୁରାପାନରୁ ନିବୃତ୍ତ ରହିବା ଦ୍ୱାରା ଯେ ବ୍ୟୟ ଅପେକ୍ଷାକୃତ କମ୍ ହୋଇଯାଏ, ସେକଥାରେ ସମସ୍ତେ ଅବଶ୍ୟ ସହମତ ହେବେ ।

ସୁରାପାନରେ ସଂଯମ ଅବଲମ୍ବନ କରିବାକୁ ବା ଏପରିକି ଆଦୌ ସୁରାପାନ ନକରିବାକୁ ପ୍ରଚାର କରୁଥିବା ସଂଗଠନମାନ ପୃଥିବୀର ପ୍ରତ୍ୟେକ ଦେଶରେ ରହିଛି । ସେହିସବୁ ସଂଗଠନର ସଭ୍ୟମାନେ ସୁରା ସ୍ପର୍ଶ ବି କରନ୍ତି ନାହିଁ । ଏବଂ, ଅନେକ ସହରରେ ସୁରା ବିକ୍ରି କରିବାକୁ ମଧ୍ୟ ନିଷିଦ୍ଧ କରି ରଖାଯାଇଛି ।

ମାତ୍ର, ଅନ୍ୟ ସ୍ଥାନମାନଙ୍କରେ, ଯେଉଁଠି ସୁରାପାନର ଅଭ୍ୟାସ ଆଗରୁ ଅଜ୍ଞାତ ହୋଇ ରହିଥିଲା, ସେଠାରେ ଏବେ ତାହା ପ୍ରସାର ଲାଭ କରିବାରେ ଲାଗିଲାଣି । ଭାରତବର୍ଷରେ ଶତାବ୍ଦୀ ଶତାବ୍ଦୀ ଧରି ସୁରାପାନରୁ ନିବୃତ୍ତ ରହିବାହିଁ ରୀତି ହୋଇ ରହିଥିଲା । ଏବେ ଏଠାରେ ମଧ୍ୟ ସୁରାପାନର ପ୍ରବେଶ ଘଟିଛି । ପୁରାତନ କାହାଣୀମାନଙ୍କରେ ଯେଉଁସବୁ ଅସୁରମାନଙ୍କ କଥା କୁହାଯାଇଛି, ଏହି ଅସୁରଟି ସେମାନଙ୍କଠାରୁ ପ୍ରକୃତରେ ଅନେକ ଅଧିକ ଭୟଙ୍କର । କାରଣ ପୁରାଣବର୍ଣ୍ଣିତ ଅସୁର ଓ ରାକ୍ଷସମାନେ କେବଳ ଶରୀର ଲାଗିହିଁ ହୁଏତ ଅନିଷ୍ଟକାରୀ ହୋଇ ରହିଥିଲେ । ମାତ୍ର ସୁରାରୂପୀ ରାକ୍ଷସର ତ ଭାବନା ତଥା ଚରିତ୍ରକୁ ମଧ୍ୟ ସଂହାର କରିଦେବାର ଶକ୍ତି ରହିଛି । ତେଣୁ, ସର୍ବପ୍ରଥମେ ତାହା ଶରୀରର କ୍ଷତି କରୁଛି । ଅତ୍ୟଧିକ ସୁରାପାନ କରୁଥିବା ପିତାମାତାଙ୍କର ପିଲାମାନଙ୍କ ଲାଗି ମଧ୍ୟ ତାହା ଅନିଷ୍ଟକାରୀ ହୋଇ ରହିଛି । ସୁରାପାନ ମନୁଷ୍ୟର ବୁଦ୍ଧିକୁ ମଧ୍ୟ ଆଘାତ କରୁଛି, ଏବଂ ଯେଉଁମାନେ ମନୁଷ୍ୟ ସମାଜର ରକ୍ଷାକାରୀ ହୋଇ ପାରିଥାନ୍ତେ, ତାହା ସେମାନଙ୍କୁ ଆପଣାର ଦାସ କରି ପକାଉଛି ।

କାରଣ ଆମେ ପ୍ରତ୍ୟେକ ମନୁଷ୍ୟ ତ ମନୁଷ୍ୟସମାଜର ଜଣେ ଜଣେ ସେବକ ହୋଇ ପାରିବା । ତାହାହିଁ ଆମର କର୍ତ୍ତବ୍ୟ । ଏବଂ ଆମର ଆହାର ବା ଆମର ପାନୀୟ ଦ୍ୱାରା ଯଦି ଆମେ ନିଜର ମନ ବା ଶରୀରଗୁଡ଼ିକର ଶକ୍ତିକୁ ହ୍ରାସ କରି ଦେଉଥିବା, ତେବେ ସେବକ ହେବା ଲାଗି ଆମର ଆଉ ଆଦୌ ଯଥେଷ୍ଟ ସାମର୍ଥ୍ୟ ରହିବ ନାହିଁ ଏବଂ ଆମେ ଆପଣାର ସେହି କର୍ତ୍ତବ୍ୟଟିକୁ ଆଉ ମୋଟେ କରି ପାରିବା ନାହିଁ ।

ହାତରେ ଧରିଥିବା ଅସ୍ତ୍ରଟି ଭାଙ୍ଗିଗଲେ ଜଣେ ସୈନିକର ଦଶା କ'ଣ ହୁଏ, ଜାହାଜର ପାଲ ଛିଡ଼ିଗଲେ ଜଣେ ନାବିକର ଦଶା କ'ଣ ହୁଏ, ଘୋଡ଼ାର ଗୋଡ଼

'oaob.nitrkl.ac.in' images reprocessed

ମୋଟା ହୋଇଗଲେ ଘୋଡ଼ା ଉପରେ ବସିଥିବା ମଣିଷର ଦଶା କ'ଣ ହୁଏ? ଏବଂ ଯେତେବେଳେ ମଣିଷ ତା'ର ସବୁଠାରୁ ଅଧିକ ସାମର୍ଥ୍ୟଗୁଡ଼ିକୁ ହରାଇବସେ, ସେତେବେଳେ ତା'ର ଦଶାଟି ବା କ'ଣ ହୁଏ? ସେତେବେଳେ ତା'ର ଆଉ କ'ଣ କରି ପାରିବାର ଶକ୍ତି ଥାଏ?

ସେତେବେଳେ ତା' ଭିତରେ ଗୋଟିଏ ଭଲ ପଶୁର ଶକ୍ତି ମଧ୍ୟ ନଥାଏ। କାରଣ, କୌଣସି ପଶୁର ଅନିଷ୍ଟ କରୁଥିବା କୌଣସି ଖାଦ୍ୟ କିଂବା ପାନୀୟ ଗ୍ରହଣ ନକରିବାର ଯେଉଁ ଶକ୍ତିଟି ରହିଛି, ତା'ର ସେତିକି ମଧ୍ୟ ଶକ୍ତି ନଥାଏ।

ପ୍ରାଚୀନ ରୋମର କବି ଭର୍ଜିଲ ଗ୍ରାମାଞ୍ଚଳରେ ରହିବାକୁହିଁ ସର୍ବଦା ଅଧିକ ପସନ୍ଦ କରୁଥିଲେ। ଯେଉଁ ଜମିରେ ଫସଲ ଲଗାହେବାକୁ ଯାଉଛି, ସେଥିରେ ଲଙ୍ଗଳ ଚଳାଉଥିବା ଓ ସିଆର କାଟି ଦେଉଥିବା ଶକ୍ତିଶାଳୀ ବଳଦଟିର ସିଏ କେତେ ପ୍ରଶଂସା କରିଛନ୍ତି। ତା'ର ଶରୀରରେ କେତେ ବଳ ରହିଥାଏ, ତା' ମାଂସପେଶୀଗୁଡ଼ିକ କେତେ ଶକ୍ତ ହୋଇ ରହିଥାଏ ଏବଂ ବର୍ଷ ତମାମ ସିଏ କେତେ କଠିନ ପରିଶ୍ରମ କରୁ ନଥାଏ!

କବି ଭର୍ଜିଲ ପୁଣି କହିଛନ୍ତି, "ସିଏ ସୁରାପାନ କ'ଣ ଜାଣେ ନାହିଁ, ଭୋଜିରେ ବସିଗୁଡ଼ାଏ ଖାଇବା ମଧ୍ୟ ତାକୁ ଜଣା ନଥାଏ। ସିଏତ ଘାସ ଖାଏ, ବହି ଯାଉଥିବା ନଦୀ ଓ ସ୍ୱଚ୍ଛ ଝରଣାଗୁଡ଼ିକରୁ ଜଳପାନ କରି ସିଏ ନିଜର ତୃଷ୍ଣା ନିବାରଣ କରେ। ଏବଂ କୌଣସି ପ୍ରକାର ଚିନ୍ତା ବା ଉଦ୍‌ବେଗ ମଧ୍ୟ ତା'ର ଶାନ୍ତ ନିଦ୍ରାରେ ବ୍ୟାଘାତ ପହଞ୍ଚାଇ ପାରେ ନାହିଁ।"

ତେଣୁ ଅଧିକ ଶକ୍ତି ଅର୍ଜନ କରିବାକୁ ହେଲେ ଖାଦ୍ୟ ଓ ପାନୀୟରେ ସଂଯମ ଅବଲମ୍ବନ କରିବାକୁ ହେବ।

"ତୁମେ ଦୁର୍ବଳ ହୁଅ" ବୋଲି ତୁମକୁ ଯଦି କେହି କହେ, ତେବେ ସେଥିରେ ତୁମେ ନିଶ୍ଚୟ ବିରକ୍ତ ହୋଇ ଉଠିବ।

ଖାଦ୍ୟ ଓ ପାନୀୟରେ ସଂଯମ ରହିଥିଲେ ଶକ୍ତିଶାଳୀ ବ୍ୟକ୍ତିର ଶକ୍ତି ଆହୁରି ବୃଦ୍ଧି ପାଇବ ଏବଂ ଦୁର୍ବଳ ବ୍ୟକ୍ତିର ଶକ୍ତି ମଧ୍ୟ ସୁରକ୍ଷିତ ହୋଇ ରହିପାରିବ।

ବନାରସୀ ଦାସଙ୍କର ସେହି ପରାମର୍ଶଟିକୁ ଆମେ ନିଶ୍ଚୟ ମନେ ରଖିବା :

ଆମେ ଆମ ଭୋଜନ ବିଷୟରେ ସାବଧାନ ରହିବା।

ଆମ ପାନୀୟ ବିଷୟରେ ମଧ୍ୟ ସାବଧାନ ରହିବା।

'oaob.nitrkl.ac.in' images reprocessed

ସାତ

ଅବିବେକିତା

"ବାଣଟି ଚମତ୍କାର ଭାବରେ ତା'ର ଲକ୍ଷ୍ୟ ଭେଦ କଲା !"—ଭାରତର ସେହି ତରୁଣଙ୍କର ବାଣଟି ଧନୁରୁ ଯାଇ ଲକ୍ଷ୍ୟ ଭେଦ କରିବା ମାତ୍ରକେ ସମସ୍ତେ ଏକେ ପାଟିରେ ପ୍ରଶଂସା କରି କହି ଉଠିଲେ ।

"ହଁ, ସତ କଥା ।"—ଆଉଜଣେ ଉତ୍ତର ଦେଇ କହିଲେ, "ମାତ୍ର ବର୍ତ୍ତମାନ ତ ଦିବାଲୋକରେ ସବୁକିଛି ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖାଯାଉଛି । ବାଣୁଆ ତା'ର ଲକ୍ଷ୍ୟଟିକୁ ସ୍ପଷ୍ଟ ଭାବରେ ଦେଖି ପାରୁଛି । ଦଶରଥ ଏହାଠାରୁ ଅଧିକ କୌଶଳର ସହିତ ବାଣ ମାରି ପାରନ୍ତେ ।"

"ଦଶରଥ କ'ଣ କରି ପାରିବେ ?"

"ଦଶରଥ ଶବ୍ଦଭେଦୀ ବାଣ ମାରି ପାରିବେ ।"

"ସିଏ ପୁଣି କ'ଣ ?"

"ସିଏ କେବଳ ଶବ୍ଦ ଶୁଣି ସେହି ଅନୁସାରେ ତୀର ପେଷିଦେଇ ପାରିବେ ।"

"ସିଏ ପୁଣି କ'ଣ ?"

"ଅର୍ଥାତ୍ ସିଏ ଅନ୍ଧାରରେ ମଧ୍ୟ ତୀର ପେଷି ପାରିବେ । ରାତିରେ ସେ ଜଙ୍ଗଲକୁ ଯାଆନ୍ତି ଓ କାନ ପାତି ରହିଥାନ୍ତି । ଏବଂ ଡେଣା କିଂବା ପାଦର ଶବ୍ଦ ଶୁଣି କେଉଁ ପ୍ରକାର ଶିକାରଟିଏ ହାତ ପାଆନ୍ତାରେ ଅଛି ବୋଲି ବିଚାର କରି ସାରିବା ମାତ୍ରକେ ସିଏ ଧନୁରୁ ତୀରଟି ଛାଡ଼ି ଦିଅନ୍ତି ଏବଂ ଅବ୍ୟର୍ଥ ଭାବରେ ଲକ୍ଷ୍ୟକୁ ଭେଦ କରନ୍ତି । ଠିକ୍ ଦିନବେଳେ ଯେପରି ଅବ୍ୟର୍ଥ ଭାବରେ ତାହା କରି ପାରିଥାନ୍ତି, କେବଳ ଶବ୍ଦ ଶୁଣି ସେ ତାହା କରିପାରନ୍ତି ।"

ଅଯୋଧ୍ୟାପୁରର ଯୁବରାଜ ଦଶରଥଙ୍କର ଖ୍ୟାତି ଏହିପରି ଭାବରେ ସବୁଆଡ଼େ ବ୍ୟାପ୍ତ ହୋଇ ରହିଥିଲା ।

ଶବ୍ଦଭେଦୀ ବାଣ ମାରି ପାରୁଥିବାର ଆପଣାର ସେହି କୌଶଳରେ ସେ ଭାରି ଗର୍ବ ଅନୁଭବ କରୁଥିଲେ, ଲୋକମାନଙ୍କର ପ୍ରଶଂସାରେ ମଧ୍ୟ ଭାରି ଆନନ୍ଦ ପାଉଥିଲେ । ସନ୍ଧ୍ୟା ହେଲେ ରଥ ଉପରେ ବସି ସେ ଏକୁଟିଆ ଜଙ୍ଗଲକୁ ଚାଲି ଯାଉଥିଲେ ଏବଂ ଗହନ ଅରଣ୍ୟ ମଧ୍ୟରେ ଅପେକ୍ଷା କରି ବସୁଥିଲେ । ତା'ପରେ ହୁଏତ ନଦୀରେ ପାଣି ପିଇବାକୁ ଆସୁଥିବା କୌଣସି ମଇଁଷି ବା କୌଣସି ହାତୀର

'oaob.nitrkl.ac.in' images reprocessed

ପାଦଶବ୍ଦ ଶୁଣିବାକୁ ପାଉଥିଲେ, ହାଲୁକା ପାଦରେ ଡେଇଁ ବୁଲୁଥିବା ହରିଣ ବା ଛପି ଛପି ପାଦ ପକାଉଥିବା ବାଘର ଶବ୍ଦ ଶୁଣି ପାରୁଥିଲେ ।

ଦିନେ ସେ ରାତିରେ ଏହିପରି ଭାବରେ ବୃଦା ଆଢ଼ୁଆଳରେ ଅପେକ୍ଷା କରି ରହିଛନ୍ତି, ପକ୍ଷ ବା ପାଣିର କୌଣସି ଶବ୍ଦ ଶୁଣିବେ ବୋଲି କାନ ଡେରି ରହିଛନ୍ତି, ଏହି ସମୟରେ ହ୍ରଦକୂଳରେ କୌଣସି ଏକ ବସ୍ତୁ ଗ୍ଭଲି ଯାଉଥିବାର ଶୁଣିବାକୁ ପାଇଲେ । ଅନ୍ଧାର ହୋଇଥିବାରୁ ସିଏ ଆଦୌ କିଛି ଦେଖିପାରୁ ନଥାନ୍ତି । ମାତ୍ର ଦଶରଥଙ୍କୁ ତ ଶବ୍ଦଭେଦୀ ବାଣ ମାରିବାର କୌଶଳ ବି ମାଲୁମ ଥିଲା । ତେଣୁ ଶବ୍ଦଟିକୁ ଶୁଣିବାହିଁ ତାଙ୍କ ଲାଗି ଯଥେଷ୍ଟ । ଖୁବ୍ ସମ୍ଭବ, ନିଶ୍ଚୟ ଗୋଟାଏ ହାତୀ ସେହି ବାଟ ଦେଇ ଗ୍ଭଲିଯାଉଛି । ସିଏ ତୀର ମାରିଲେ । ସଙ୍ଗେ ସଙ୍ଗେ ଏକ ଚିତ୍କାର ଶବ୍ଦ ଶୁଣାଗଲା ଓ ତାହାକୁ ଶୁଣି ସିଏ ଏକାବେଳକେ ଚକିତ ହୋଇ ଉଠିଲେ ।

"ରକ୍ଷା କର, ରକ୍ଷା କର, ମୋ ଦେହରେ କାହାର ତୀର ଆସି ବାଜିଲା ।"

ଦଶରଥଙ୍କର ହାତରେ ଥିବା ଧନୁ ତଳକୁ ଖସି ପଡ଼ିଲା । ସେ ଉଦ୍‌ବ୍ୟାକୁଳ ହୋଇ ପଡ଼ିଲେ ଓ ତାଙ୍କର ମୁଣ୍ଡ ବୁଲାଇ ଦେବାକୁ ଲାଗିଲା । ସିଏ ପ୍ରକୃତରେ କ'ଣ କଲେ ! ଜଙ୍ଗଲର କୌଣସି ପ୍ରାଣୀ ପରିବର୍ତ୍ତେ ତୀର ମାରି ଜଣେ ମଣିଷକୁ ଆଘାତ କଲେ ? ଅରଣ୍ୟପଥ ଦେଇ ସେ ସଙ୍ଗେସଙ୍ଗେ ହ୍ରଦ ଆଡ଼କୁ ଦଉଡ଼ିଲେ । ହ୍ରଦକୂଳରେ ଗୋଟିଏ ତରୁଣ ଯୁବକ ରକ୍ତାକ୍ତ ହୋଇ ପଡ଼ିଥିଲା । ସିଏ ସମ୍ପୂର୍ଣ୍ଣ ଅବଚେତନ୍ୟ ଭାବରେ ସେଠି ପଡ଼ି ରହିଥିଲା,—ଟିକଏ ଆଗରୁ ପାଣିରେ ଭରୁଥିବା ମାଠିଆଟିକୁ ନିଜର ହାତରେ ଜାବୁଡ଼ି କରି ଧରିଥିଲା ।

ଯୁବକଟି ଆର୍ତ୍ତନାଦ କରି କହିଲା, "ଆଜ୍ଞା, ତେବେ ଆପଣ ସେହି ତୀରଟି କେମିତି ମୋ'ର ପ୍ରାଣନାଶ କଲେ ? ମୁଁ ଆପଣଙ୍କର କି ଅନିଷ୍ଟ କରିଥିଲି ଯେ ଆପଣ ମୋ'ପ୍ରତି ଏପରି ବ୍ୟବହାର କଲେ ? ମୁଁ ଜଣେ ମୁନିଙ୍କର ପୁତ୍ର । ମୋ'ର ବୃଦ୍ଧ ପିତାମାତା ଅନ୍ଧ, ତେଣୁ ମୁହିଁ ସେମାନଙ୍କର ଶୁଶ୍ରୂଷା କରେ ଓ ସେମାନଙ୍କର ସବୁ କାର୍ଯ୍ୟ କରିଦିଏ । ସେମାନଙ୍କ ଲାଗି ମୁଁ ଏଠାକୁ ପାଣି ନେବାକୁ ଆସିଥିଲି । କିନ୍ତୁ ଆପଣ ବର୍ତ୍ତମାନ ମୋତେ ସେମାନଙ୍କର ସେବା କରିବାରୁ ବଞ୍ଚିତ କଲେ । ଆପଣ ଏହି ବାଟ ଦେଇ ସେମାନଙ୍କ ପାଖକୁ ଯାଆନ୍ତୁ ଏବଂ ସେମାନଙ୍କୁ ଏହି ଘଟନାଟି କହନ୍ତୁ । କିନ୍ତୁ ସର୍ବପ୍ରଥମେ ଏହି ତୀରଟିକୁ ମୋ'ର ଛାତି ଭିତରୁ କାଢ଼ି ବାହାର କରି ଦିଅନ୍ତୁ । କାରଣ ତୀରଟି ଦେହରେ ରହିଥିବାରୁ ମୋ'ର ଖୁବ୍ ଯନ୍ତ୍ରଣା ହେଉଛି ।"

'oaob.nitrkl.ac.in' images reprocessed

ଦଶରଥ ଝାଡ଼ସ୍ଥାନରୁ ତାରଟିକୁ ବାହାର କରି ଆଣିଲେ । ତରୁଣଟି ଶେଷଥର ପାଇଁ ଗୋଟିଏ ଦୀର୍ଘନିଃଶ୍ୱାସ ପକାଇଲା ଓ ତା'ପରେ ତା'ର ପ୍ରାଣବାୟୁ ଉଡ଼ିଗଲା ।

ତା'ପରେ ଦଶରଥ ନିଜେ ଯାଇ ମାଠିଆରେ ପାଣି ଭରିଲେ ଓ ମୁମୂର୍ଷୁ ମୁନିପୁତ୍ର ନିର୍ଦ୍ଦେଶ କରିଦେଇଥିବା ବାଟଟିକୁ ଧରି ଆଗକୁ ଚାଲିଲେ । କିଛି ସମୟ ପରେ ସେ ତା'ର ବାପା କହୁଥିବାର ଶୁଣିବାକୁ ପାଇଲେ :

"ପୁଅରେ, ତୋର ଏତେ ଡେରି କାହିଁକି ହେଲା କହିଲୁ ! ତୁ କ'ଣ ହ୍ରଦରେ ଯାଇ ପହଁରୁଥିଲୁ କି ? ତୋ'ର ସେଠି କିଛି ବିପଦ ଘଟିଲା ବୋଲି ଆଶଙ୍କା କରି ଆମେ ତ ବିକଳ ହୋଇ ପଡ଼ୁଥିଲୁ । ମାତ୍ର ତୁ କୌଣସି ଉତ୍ତର ଦେଉ ନାହୁଁ କାହିଁକି ?"

ଥରି ଥରି କଣ୍ଠରେ ଦଶରଥ ଉତ୍ତର ଦେଲେ :

"ମୁନିବର, ମୁଁ ଆପଣଙ୍କର ପୁଅ ନୁହେଁ । ମୁଁ ଜଣେ କ୍ଷତ୍ରିୟ, ଏବଂ ମୋ'ର ଧନୁର୍ବିଦ୍ୟାରେ କୌଶଳ ବିଷୟରେ ମୁଁ ଆଜିଯାଏ ଖୁବ ଗର୍ବ କରୁଥିଲି । ଆଜି ରାତିରେ ମୁଁ ଶିକାର ଲାଗି ଅପେକ୍ଷା କରୁଥିବା ସମୟରେ ପାଣିକୂଳରେ ଗୋଟାଏ ହାତୀ ପାଣି ପିଉଥିବାର ଶବ୍ଦ ଶୁଣିବାକୁ ପାଇଲି । ଶବ୍ଦ ଅନୁସାରେ ଶର ନିକ୍ଷେପ କଲି । କିନ୍ତୁ ହାୟ, ଆପଣଙ୍କର ପୁଅହିଁ ସେହି ଶର ଦ୍ୱାରା ବିଦ୍ଧ ହେଲା । ବର୍ତ୍ତମାନ ଆପଣ ମୋତେ କହନ୍ତୁ, ମୁଁ କିପରି ସେହି ଦୁଷ୍କୃତ ଲାଗି ଉପଯୁକ୍ତ ପ୍ରାୟଶ୍ଚିତ୍ତ କରି ପାରିବି !"

ଏକଥା ଶୁଣି ବୃଦ୍ଧ ପିତାମାତା ଉଚ୍ଚ ସ୍ୱରରେ ରୋଦନ କରିବାକୁ ଲାଗିଲେ । ସେମାନଙ୍କର ପୁଅ ମରି କରି ପଡ଼ିଥିବା ସ୍ଥାନକୁ ସେମାନଙ୍କୁ ନେଇଯିବା ପାଇଁ ସେମାନେ ଦଶରଥଙ୍କୁ ଆଦେଶ ଦେଲେ । ସିଏ ସେମାନଙ୍କର ଏକମାତ୍ର ପୁଅ ଥିଲା । ତା'ର ମୃତ ଶରୀର ପାଖରେ ବସି ସେମାନେ ମନ୍ତ୍ରପାଠ କଲେ ଓ ତା'ଉପରେ ପାଣି ସିଞ୍ଚି ତା'ର ଶେଷ କ୍ରିୟା ସମ୍ପାଦନ କଲେ । ତା'ପରେ ମୁନି ଦଶରଥଙ୍କୁ କହିଲେ :

"ଏଥର ଶୁଣ ଦଶରଥ ! ଆପଣଙ୍କର ଦୋଷରୁହିଁ ଆମର ପ୍ରିୟପୁତ୍ରର ଶବ ଉପରେ ଆମକୁ ଅଶ୍ରୁବିସର୍ଜନ କରିବାକୁ ପଡ଼ିଲା । ତୁମକୁ ମଧ୍ୟ ସେହିପରି ତୁମର ଏକ ପ୍ରିୟପୁତ୍ର ପାଇଁ ଅଶ୍ରୁବିସର୍ଜନ କରିବାକୁ ପଡ଼ିବ । ସେଥିଲାଗି ବର୍ତ୍ତମାନ ଅନେକ ବର୍ଷ ବାକି ଅଛି ସତ, ମାତ୍ର ସେହି ଦଣ୍ଡ ତୁମକୁ ଅବଶ୍ୟହିଁ ଭୋଗିବାକୁ ପଡ଼ିବ ।"

'oaob.nitrkl.ac.in' images reprocessed

ମୃତ ଦେହଟିକୁ ଦାହ କରିବା ଲାଗି ସେମାନେ ଚିତା ପ୍ରସ୍ତୁତ କଲେ । ତା'ପରେ ସେମାନେ ନିଜେ ବି ସେହି ଚିତା ଭିତରକୁ ଡେଇଁ ପଡ଼ିଲେ ଓ ପ୍ରାଣ ବିସର୍ଜନ କଲେ ।

ତା'ପରେ କେତେ କାଳ ଅତିବାହିତ ହୋଇଗଲା । ଦଶରଥ ଅଯୋଧ୍ୟାର ରାଜା ହେଲେ ଏବଂ କୌଶଲ୍ୟାଙ୍କୁ ବିବାହ କଲେ । ଏବଂ ମହିମମୟ ରାମଚନ୍ଦ୍ର ହିଁ ତାଙ୍କର ସନ୍ତାନ ଥିଲେ ।

ରାମଚନ୍ଦ୍ରଙ୍କୁ ଅଯୋଧ୍ୟାପୁରୀରେ ସମସ୍ତେ ଭଲ ପାଉଥିଲେ । କେବଳ ଦ୍ୱିତୀୟ ରାଣୀ କୈକେୟୀ ଓ ତାଙ୍କର ଦାସୀ ରାମଙ୍କୁ ମୋଟେ ଦେଖି ପାରୁ ନଥିଲେ । ସେମାନେ ଦୁହେଁ ମିଶି ଗୁଣୀ ରାମଚନ୍ଦ୍ରଙ୍କର ସର୍ବନାଶ ଲାଗି ଷଡ଼ଯନ୍ତ୍ର କଲେ, ଏବଂ ସେହିମାନଙ୍କ ସକାଶେହିଁ ତାଙ୍କୁ ଚଉଦବର୍ଷ ବନକୁ ଯିବାକୁ ପଡ଼ିଲା ।

ସେତେବେଳେ ଦଶରଥଙ୍କୁ ଶୋକସନ୍ତପ୍ତ ହେବାକୁ ପଡ଼ିଲା; ମଧ୍ୟରାତ୍ରରେ ହ୍ରଦକୂଳରେ ସେହି ଅରଣ୍ୟ ଭିତରେ ପ୍ରାଣ ହରାଇଥିବା ସେହି ତରୁଣଟିର ବୃଦ୍ଧ ପିତାମାତା ଦିନେ ଯେପରି ଶୋକ ସନ୍ତପ୍ତ ହୋଇ ପଡ଼ିଥିଲେ, ଠିକ୍ ସେହିପରି ।

ଆପଣାର ଧନୁର୍ବିଦ୍ୟାର କୌଶଳ ବିଷୟରେ ଦଶରଥ ଏକଦା ଏପରି ଗର୍ବୀ ହୋଇ ପଡ଼ିଥିଲେ ଯେ, ସିଏ ଆପଣାର ବିବେକକୁ ମଧ୍ୟ ହରାଇ ବସିଥିଲେ । ରାତିରେ ଶର ପେଷି କାହାକୁ ଆଘାତ କରିବାରେ ଯେଉଁ ବିପଦ ରହିଛି, ସେହି ବିଷୟରେ ସେ ଆଦୌ କିଛି ହେଲେ ଭାବୁ ନଥିଲେ । ଶବ୍ଦଭେଦୀ ବାଣ ମାରି ପାରିବାରେ ଆପଣାର ଦକ୍ଷତା ଉପରେ ଏତେଗୁଡ଼ାଏ ଆସ୍ଥା ରଖିବା ପରିବର୍ତ୍ତେ ଦିବାଲୋକ ସମୟରେ ଶର ପେଷିବାଟା ତାଙ୍କ ପକ୍ଷରେ ନିଶ୍ଚୟ ଅଧିକ ଭଲ ହୋଇଥାନ୍ତା । ଅବଶ୍ୟ ଏକଥା ସତ ଯେ ସିଏ କଦାପି କାହାର ଅନିଷ୍ଟ ଇଚ୍ଛା କରୁ ନଥିଲେ । ମାତ୍ର ତଥାପି ତାଙ୍କଠାରେ ଦୂରଦର୍ଶିତାର ଅଭାବ ରହିଥିଲା ।

*

ବାରାଣସୀର ଜଣେ ଧନିକ ମନରେ ଦୁଇଟି ଦୈନ୍ୟକ୍ଳିଷ୍ଟ ଶାଗୁଣାଙ୍କ ପ୍ରତି ଭାରି ଦୟା ଜାତ ହେଲା । ସେମାନଙ୍କୁ ସିଏ ଏକ ଶୁଖିଲା ସ୍ଥାନକୁ ନେଇଗଲେ । ସେଠାରେ ସେ ନିଆଁ ଜଳାଇ ଟିକିଏ ଉଷୁମ କରାଇଲେ ଓ ଲୋକମାନେ ମଲା ଗୋରୁ ଜଳାଇଥିବା ଚିତାରୁ ମାଂସ ଆଣି ଶାଗୁଣା ଦୁହିଁଙ୍କୁ ଖାଇବାକୁ ଦେଲେ ।

ବର୍ଷାଦିନ ଆସିଲା ବେଳକୁ ଶାଗୁଣା ଦୁଇଟି ଖୁବ ହୃଷ୍ଟପୁଷ୍ଟ ହୋଇ ଯାଇଥିଲେ । ସେମାନେ ପୁନର୍ବାର ପର୍ବତଅଞ୍ଚଳକୁ ଉଡ଼ି ଚାଲିଗଲେ ।

'oaob.nitrkl.ac.in' images reprocessed

ମାତ୍ର, ବାରାଣସୀର ସେହି ବଣିକଙ୍କ ପ୍ରତି ଆପଣାର କୃତଜ୍ଞତା ସ୍ୱରୂପ ସେମାନେ ଯେଉଁଠି ଯାହା ଲୁଗାପଟା ପଡ଼ିଥିଲା, ତାହାକୁ ଉଠାଇ ଆଣି ସେମାନଙ୍କର ଏତେ ଉପକାର କରିଥିବା ବନ୍ଧୁଙ୍କ ପାଖରେ ଆଣି ଦେବା ଲାଗି ମନସ୍ଥ କଲେ । ସେମାନେ ଘର ଘର ଓ ଗାଆଁ ଗାଆଁ ହୋଇ ହଡ଼ ବୁଲିଲେ । ବାହାରେ ଶୁଖୁଥିବା ଯାବତୀୟ ପୋଷାକ ପରିଚ୍ଛଦଙ୍କୁ ଉଠାଇ ଆଣିଲେ ଏବଂ ସେଗୁଡ଼ିକୁ ନେଇ ବଣିକର ଗୃହରେ ପହଞ୍ଚାଇ ଦେଲେ ।

ସେମାନଙ୍କର ଏହି ଉତ୍ତମ ଅଭିପ୍ରାୟଟିକୁ ବଣିକ ବେଶ୍ ଭଲ କରି ବୁଝି ପାରିଲେ ସତ, ମାତ୍ର ସେହି ଲୁଣ୍ଠିତ ପରିଚ୍ଛେଦଗୁଡ଼ିକୁ ସିଏ ମୋଟେ ବ୍ୟବହାର କଲେ ନାହିଁ, ବିକ୍ରୟ ମଧ୍ୟ କଲେ ନାହିଁ । କେବଳ ଯତ୍ନର ସହିତ ସେଗୁଡ଼ିକୁ ଅଲଗା କରି ରଖିଲେ ।

ତେଣେ ଦୁଇ ଶାଗୁଣାଙ୍କ ସକାଶେ ଗୃହଆଡ଼େ ଫାଶ ବସା ହୋଇଗଲା ଏବଂ ଦୁଇଟି ମଧ୍ୟରୁ ଶେଷକୁ ଗୋଟିଏ ଧରା ପଡ଼ିଲା । ରାଜାଙ୍କ ପାଖରେ ସେଇଟିକୁ ଆଣି ହାଜର ବି କରାଗଲା । ରାଜା ତାକୁ ପଚାରିଲେ :

"ତୁ କାହିଁକି ମୋ' ପ୍ରଜାମାନଙ୍କର ଦ୍ରବ୍ୟକୁ ଚୋରି କରି ନେଇ ଯାଉଥିଲୁ ?"

"ଜଣେ ବଣିକ ଏକଦା ମୋ'ର ଓ ମୋ' ସ୍ତ୍ରୀର ଜୀବନ ରକ୍ଷା କରିଥିଲେ । ତାଙ୍କର ସେହି ଉପକାରର ଋଣକୁ ପରିଶୋଧ କରିବା ସକାଶେ ଆମେ ତାଙ୍କ ଲାଗି ଏହିସବୁ ପରିଚ୍ଛଦ ସଂଗ୍ରହ କରୁଥିଲୁ ।"—ଚଢ଼େଇଟି ଉତ୍ତର ଦେଇ କହିଲା ।

ତା'ପରେ ବଣିକଙ୍କୁ ମଧ୍ୟ ଦରବାରକୁ ଡକାଗଲା ଓ ରାଜା ତାଙ୍କୁ ବି ପ୍ରଶ୍ନ ପଚାରିଲେ ।

ବଣିକ ଉତ୍ତର ଦେଲେ, "ମହିମା, ଶାଗୁଣାଦୁହେଁ ପ୍ରକୃତରେ କେତେ-କେତେ ପରିଚ୍ଛଦ ଆଣି ମୋ' ପାଖରେ ଜମା କରିଛନ୍ତି । କିନ୍ତୁ ସେଗୁଡ଼ିକୁ ମୁଁ ଅତ୍ୟନ୍ତ ଯତ୍ନର ସହିତ ରଖିଛି ଏବଂ ସେଗୁଡ଼ିକର ମାଲିକମାନଙ୍କୁ ସେଗୁଡ଼ିକୁ ଫେରାଇ ଦେବାକୁ ବି ପ୍ରସ୍ତୁତ ଅଛି ।"

ରାଜା ଶାଗୁଣାମାନଙ୍କୁ କ୍ଷମା ଦେଲେ । କାରଣ ସେମାନେ କୃତଜ୍ଞତା ଦ୍ୱାରା ପ୍ରେରିତ ହୋଇହିଁ କାର୍ଯ୍ୟଟିକୁ କରିଥିଲେ । ଅବଶ୍ୟ ଏକଥା ସତ ଯେ ସେମାନେ ବିବେକର ସହିତ ସେବିଷୟରେ କିଛି ଚିନ୍ତା କରି ନଥିଲେ । ଏବଂ ଆପଣାର

'oaob.nitrkl.ac.in' images reprocessed

ବିବେକିତା ବଳରେ ବଣିକ ମଧ୍ୟ ସୌଭାଗ୍ୟବଶତଃ ରାଜଦଣ୍ଡରୁ ନିଷ୍କୃତି ପାଇ ପାରିଲେ ।

*

ଏହି ବିବେକିତାର ଧାରଣାଟିକୁ ବ୍ୟକ୍ତ କରିବା ପାଇଁ ଜାପାନ ଦେଶର ଲୋକମାନଙ୍କର ଏକ ଚମତ୍କାର କଥା ରହିଛି ।

ସେମାନଙ୍କର ଗୋଟିଏ ମନ୍ଦିର ଭିତରେ ଧ୍ୟାନୀବୁଦ୍ଧଙ୍କର ଏକ ମୂର୍ତ୍ତି ରହିଛି । ବୁଦ୍ଧଦେବ ଏକ ପଦ୍ମଫୁଲ ଉପରେ ବସିଛନ୍ତି । ତାଙ୍କ ଆଗରେ ତିନୋଟି ମାଙ୍କଡ଼ ଅଛନ୍ତି । ଗୋଟିଏ ଦୁଇ ହାତରେ ଆଖି ବନ୍ଦ କରି ରଖିଛି, ଆଉ ଗୋଟିଏ କାନ ବନ୍ଦ କରିଛି ଏବଂ ତୃତୀୟଟି ମୁହଁକୁ ବନ୍ଦ କରି ରଖିଛି । ଏପରି କରି ମାଙ୍କଡ଼ ତିନୋଟି ଆମକୁ କେଉଁ କଥାର ସୂଚନା ଦେଉଛନ୍ତି ? ପ୍ରଥମଟି କହୁଛି :

"ମୁଁ ଖରାପ କିଂବା ମନ୍ଦ କଥା କେବେ ଦେଖେ ନାହିଁ ।"

ଦ୍ୱିତୀୟଟି କହୁଛି :

"ମୁଁ କୌଣସି ଖରାପ କି ମନ୍ଦ କଥା କେବେ ଶୁଣେ ନାହିଁ ।"

ଏବଂ ତୃତୀୟଟି କହୁଛି :

"ମୁଁ ଖରାପ ବା ମନ୍ଦ କଥା କେବେ କହେ ନାହିଁ ।"

ଠିକ୍ ସେହିପରି ଭାବରେ, ଜଣେ ବିବେକିଥିବା ମଣିଷ ବିବେକର ସହିତ ହିଁ ଯାହାକିଛି ଦେଖେ, ଯାହାକିଛି ଶୁଣେ ଓ ଯାହାକିଛି କହିଥାଏ ।

ଯିଏ ସବୁବେଳେ ପରିଣାମଗୁଡ଼ିକ ବିଷୟରେ ଚିନ୍ତା କରେ, କାଲି କ'ଣ ଘଟିବ ସେହି ବିଷୟରେ ଭାବେ, ଏବଂ ଯଦି ଆପଣାର ବାଟଟି ତାକୁ ଜଣା ନଥାଏ, ତେବେ ସିଏ ସେ କଥାକୁ ପଚାରି କରି ନିଶ୍ଚୟ ବୁଝେ ।

'oaob.nitrkl.ac.in' images reprocessed

ଆଠ

ନ୍ୟାୟ

ଗୋଟିଏ ସିଂହ, ଗୋଟିଏ ହେଟା ଏବଂ ଗୋଟିଏ କୋକଶିଆଳ ଏକାଠି ଶିକାର କରିବାକୁ ଗଲେ । ସେମାନେ ଗୋଟିଏ ଗଧ ମାରିଲେ, ଗୋଟିଏ ହରିଣ ଆଉ ଗୋଟିଏ ଠେକୁଆ ବି ମାରିଲେ ।

ଏହିସବୁ ଶିକାରମାନଙ୍କ ଉପରେ ଆଖି ପକାଇ ପକାଇ ସିଂହ ହେଟାକୁ କହିଲା :

“ବନ୍ଧୁ, ତୁମେ କହିଲ ଏହି ଶିକାରକୁ ଆମେ କିପରି ନିଜନିଜ ଭିତରେ ଭାଗ କରି ନେବା ?”

ହେଟା ଉତ୍ତର ଦେଇ କହିଲା, “ତିନୋଟିଯାକ ଜନ୍ତୁଙ୍କୁ କାଟି ଭାଗ ଭାଗ କରିବାର ଆଦୌ ପ୍ରୟୋଜନ ନାହିଁ । ଆପଣ ଗଧଟିକୁ ନିଅନ୍ତୁ, କୋକଶିଆଳ ଠେକୁଆଟିକୁ ନେବ ଆଉ ମୁଁ ହରିଣଟିକୁ ନେଉଛି । ସେଥିରେ ମୋ' ମନରେ କୌଣସି କଳ୍ପନା ରହିବ ନାହିଁ ।”

ଏକଥା ଶୁଣି ସିଂହ କ୍ରୋଧରେ ଗର୍ଜନ କରି ଉଠିଲା, ଏବଂ, ହେଟାର ସେହି ଉତ୍ତର ସକାଶେ ତାକୁ ଏକ ପୁରସ୍କାର ଦେଲାଭଳି, ସିଏ ଆପଣାର ପଂଝା ଦ୍ୱାରା ଗୋଟାଏ ମୁଠ ମାରି ହେଟାର ମୁଣ୍ଡକୁ ସତେଅବା ଗୁଣ୍ଡଗୁଣ୍ଡ କରି ପକାଇଲା । ଏବଂ ତା'ପରେ କୋକଶିଆଳ ଆଡ଼କୁ ଅନାଇ କହିଲା :

“ବର୍ତ୍ତମାନ ତୁ କହ, ଆମେ ଶିକାରଗୁଡ଼ିକୁ କିପରି ଭାଗ କରି ନେବା !”

ନିଜ ମୁଣ୍ଡକୁ ଏକାବେଳେକେ ତଳକୁ ନୁଆଁଇ ଆଣି କୋକଶିଆଳ ଉତ୍ତର ଦେଲା, “ଆଜ୍ଞା, ଏଥିରେ ଆଉ ଭାବିବାର କ'ଣ ଅଛି ? ଆପଣ ସକାଳେ ଗଧଟାକୁ ଖାଇବେ, ରାତିରେ ହରିଣକୁ ଖାଇବେ, ଏବଂ ତା' ମଝିରେ କେତେବେଳେ ଇଚ୍ଛା ହେଲେ ଠେକୁଆଟିକୁ ବି ମଣୋହି କରିନେବେ ।”

“ଅତି ଉତ୍ତମ,”—ସିଏ ଏକା ସବୁଯାକ ଶିକାରର ଅଧିକାରୀ ହେବା କଥା ଶୁଣି ସିଂହ ଭାରି ଖୁସୀ ହୋଇ କହିଲା, “କିନ୍ତୁ ତୋତେ ଏତେ ବିବେକ ଆଉ ନ୍ୟାୟର ସନ୍ଧତ ଏପରି କିଏ ଭଲ ଶିଖାଇଲା କହିଲୁ ?”

'oaob.nitrkl.ac.in' images reprocessed

"ଆଜ୍ଞା, ଏଇ ହେତୁ ଶିଖାଇଲି,"—ଶ୍ୱର କମ୍ପନ କରି କୋକଶିଆଳି ଉତ୍ତର ଦେଲା ।

କୋକଶିଆଳି କାହିଁକି ଏପରି ଉତ୍ତର ଦେଲା କହିଲ ? ସିଏ ପ୍ରକୃତରେ ଯେପରି ଭାବୁଥିଲା, କ'ଣ ତାହାହିଁ କହିବା ଲାଗି ସେ ସେହିପରି ଉତ୍ତର ଦେଲା ? ମୋଟେ ନୁହେଁ । ତେବେ, ସିଏ କ'ଣ ପ୍ରକୃତରେ ସିଂହର ମନ ଖୁସି କରିବାକୁ ସେପରି କହିଲା ? ସେକଥା ମଧ୍ୟ କଦାପି ନୁହେଁ । ସିଏ କେବଳ ଉପସ୍ଥିତ ହୋଇହିଁ ସେପରି କହିଲା, ସେ ଏପରି କହିଲା ବୋଲି ଆମେ ତାକୁ ଅଶ୍ୱସ୍ତ ମାର୍ଜନା କରି ପାରିବା । ମାତ୍ର ଆମକୁ ତଥାପି ସ୍ୱୀକାର କରିବାକୁ ହେବ ଯେ ସିଏ କଦାପି ସତକଥା କହି ନଥିଲା । କେବଳ ଧୂର୍ତ୍ତ ଭାବରେ ବୁଝିଲି କରିହିଁ ସେପରି କହିଥିଲା । ଏବଂ, ତା'ର ସେହି କଥାଟି ସିଂହକୁ ବି ଯେ ଏତେ ଭଲ ଲାଗିଲା, ସିଏ ସତ୍ୟକୁ ଭଲ ପାଉଥିବାରୁ ଯେ ଏପରି ହେଲା ତାହା କଦାପି ନୁହେଁ । ସିଏ ମାଂସକୁ ଭଲପାଉ ଥିବାରୁହିଁ ତାକୁ ସେକଥା ଏତେ ଭଲ ଲାଗିଲା ।

❋

ଆବୁ ଆବ୍‌ବାସ୍ ନାମକ ଜଣେ ମୁସଲମାନ ଲେଖକ ଆମକୁ ରାଜା ସଲୋମନ୍‌ଙ୍କର ମହିମା ବର୍ଣ୍ଣନା କରି କହିଛନ୍ତି । ସଲୋମନ ଜେରୁଜେଲମ୍‌ର ରାଜା ଥିଲେ, ହିବ୍ରୁମାନଙ୍କର ସେହି ପବିତ୍ର ନଗରୀରେ ରାଜତ୍ୱ କରୁଥିଲେ ।

ତାଙ୍କର ଦରବାର-କକ୍ଷରେ ଛଅଶହ ଆସନ ରହିଥିଲା, ସେଥିରୁ ଅଧେ ଆସନ ମୁନିଋଷିମାନଙ୍କ ସକାଶେ ଉଦ୍ଦିଷ୍ଟ ହୋଇ ରହିଥିଲା । ଆଉ ଅଧେରେ ଯାଦୁଗରମାନେ ବସୁଥିଲେ । ଏହି ଯାଦୁଗରମାନେ ଆପଣାର ଯାଦୁଶକ୍ତି ଦ୍ୱାରା ସଲୋମନଙ୍କୁ ନାନାଭାବେ ସାହାଯ୍ୟ କରୁଥିଲେ ।

ରାଜାଙ୍କର ଦରବାର ବସୁଥିବା ସମୟରେ ବଡ଼ବଡ଼ ଚଢ଼େଇଙ୍କର ଏକ ବୃହତ୍ ଦଳ ରାଜାଙ୍କର ଆଦେଶ ପାଇବା ମାତ୍ରକେ କକ୍ଷ ମଧ୍ୟରେ ଆସି ପ୍ରବେଶ କରୁଥିଲେ ଏବଂ ଆପଣାର ଡେଣା ମେଲାଇ କକ୍ଷରେ ଥିବା ଛଅଶହଟିଯାକ ଆସନ ଉପରେ ଛାଇ କରି ରଖୁଥିଲେ । ଏବଂ, ତାଙ୍କରି ଆଦେଶ ଅନୁସାରେ, ପ୍ରତ୍ୟେକ ଦିନ ସକାଳେ ଓ ସନ୍ଧ୍ୟାବେଳେ, ଏକ ଅତି ଶକ୍ତିଶାଳୀ ଝଡ଼ପବନ ଆସି ପହଞ୍ଚି ଯାଉଥିଲା, ସମଗ୍ର ରାଜପ୍ରାସାଦଟିକୁ ଊର୍ଦ୍ଧ୍ୱକୁ ଉଠାଇ ନେଇ ଯାଉଥିଲା, ଏବଂ ସଙ୍ଗେ ସଙ୍ଗେ ତାହାକୁ ମାସକ ଲାଗି ଏକ ଯାତ୍ରାରେ ବାହାର କରି ନେଉଥିଲା । ଏବଂ ଏହିପରି ଭାବରେ ରାଜା ବହୁ ଦୂରରେ ଅବସ୍ଥିତ ରହିଥିବା ତାଙ୍କର ରାଜ୍ୟାଂଶଗୁଡ଼ିକୁ ପାଖରେ ରହି ଶାସନ କରି ପାରୁଥିଲେ ।

'oaob.nitrkl.ac.in' images reprocessed

ଏବଂ ସଲୋମନ ଆପଣାର ସିଂହାସନକୁ ମଧ୍ୟ ଅକଳ୍ପନୀୟ ଭାବରେ ଚମତ୍କାର କରି ତିଆରି କରିଥିଲେ । ସେହି ସିଂହାସନଟି ଏପରି ଭାବରେ ଗଢ଼ା ହୋଇଥିଲା ଯେ ତାହା ସମ୍ମୁଖରେ ରାଜାଙ୍କର ଆଗରେ କେହି ପଦେହେଲେ ମିଛକଥା ମୋଟେ କହି ପାରୁ ନଥିଲେ ।

ସିଂହାସନଟି ହାତୀଦାନ୍ତରେ ତିଆରି ହୋଇଥିଲା, ସେଥିରେ ପୁଣି କେତେ ପ୍ରକାରର ମଣିମାଣିକ ଗଞ୍ଜା ହୋଇ ରହିଥିଲା । ତା'ଚାରିପାଖରେ ସୁନାରେ ତିଆରି ଚାରୋଟି ଖଜୁରି ଗଛ ବି ଥିଲା ଏବଂ କୋଳି ହିସାବରେ ସେଗୁଡ଼ିକରେ ବି ମଣି-ମୁକ୍ତାମାନ ଫଳୁଥିଲା । ସେଥିରୁ ଦୁଇଟି ଗଛ ଉପରେ ଦୁଇଟି ସୁନା ମୟୂର ବସିଥିଲେ ଏବଂ ଆଉ ଦୁଇଟି ଉପରେ ସୁନା ଶାଗୁଣାମାନ ବସିଥିଲେ । ସିଂହାସନର ଦୁଇ ପାଖରେ ମଧ୍ୟ ଦୁଇଟି ମଣିସ୍ତମ୍ଭ ମଧ୍ୟରେ ଦୁଇଟି ସୁନାତିଆରି ସିଂହ ରହିଥିଲେ ! ଏବଂ ସେହି ଗଛଗୁଡ଼ିକର ଗଣ୍ଡି ଉପରେ ମଣିମୁକ୍ତାର ଅଙ୍ଗୁରକୋଳି ଫଳିଥିବା ସୁନା ତିଆରି ଅଙ୍ଗୁରଲତାମାନ ଗୁଡ଼ାଇ ହୋଇ ରହିଥିଲା ।

ରାଜା ସଲୋମନଙ୍କ ଡାହାଣ ପଟକୁ ଇସ୍ରାଇଲ୍‌ର କୁଳବୃଦ୍ଧମାନେ ବସୁ-ଥିଲେ । ସେମାନେ ସୁନା ତିଆରି ଆସନ ଉପରେ ବସୁଥିଲେ । ତାଙ୍କ ବାମ ପାଖରେ ଯାଦୁଗରମାନେ ବସୁଥିଲେ ଏବଂ ସେମାନଙ୍କର ଆସନମାନ ରୁପାରେ ତିଆରି ହୋଇଥିଲା ।

ଯେତେବେଳେ ରାଜା ସିଂହାସନ ଉପରେ ବସି ନ୍ୟାୟ ବିଚାର କରୁଥିଲେ, ସେତେବେଳେ ସାଧାରଣ ପ୍ରଜାମାନେ ତାଙ୍କର ଏକାବେଳେକେ ସାନ୍ନିଧ୍ୟକୁ ଆସି ପାରୁଥିଲେ । ଯେତେବେଳେ ଜଣେ ବ୍ୟକ୍ତି ଆଉଜଣକ ବିଜପୁରେ କୌଣସି ସାକ୍ଷ୍ୟ ଦେବା ପାଇଁ ଆସୁଥିଲା, ଯଦି ସେ ଏତେଟିକିଏ ପରିମାଣରେ ମଧ୍ୟ ସତ୍ୟଠାରୁ ହୁଡ଼ି ଯାଉଥିଲା, ସେତେବେଳେ ଏକ ଅଦ୍‌ଭୁତ ଘଟଣା ଘଟୁଥିଲା । ତାକୁ ଦେଖି ଦେଖି ରାଜା ବସିଥିବା ତାଙ୍କର ସିଂହାସନଟି ସିଂହ, ଖଜୁରିଗଛ, ମୟୂର ଏବଂ ଶାଗୁଣା-ଗୁଡ଼ିକ ସମେତ ସଙ୍ଗେସଙ୍ଗେ ଓଲଟା ହୋଇ ଯାଉଥିଲା । ତା'ପରେ ସିଂହମାନେ ନଖ ବାହାର କରି ମାଡ଼ି ଆସୁଥିଲେ, ଲାଞ୍ଜଗୁଡ଼ାକୁ ଭୂଇଁ ଉପରେ ବାଡ଼େଇଉଥିଲେ । ଶାଗୁଣା ଏବଂ ମୟୂରମାନେ ଡେଣା ଫଡ଼ଫଡ଼ କରିବାରେ ଲାଗୁଥିଲେ ।

ଏବଂ ତେଣୁ ସାକ୍ଷୀମାନେ ବି ଭୟରେ ଅରହିର ହେବାକୁ ଆରମ୍ଭ କରୁଥିଲେ ଓ ତା'ପରେ ଆଉ ଗୋଟିଏ ବୋଲି ମିଛକଥା କହିବାକୁ ସାହସ କରି ପାରୁ ନଥିଲେ ।

ଏହାଦ୍ୱାରା ସବୁକଥା ପ୍ରକୃତରେ ଭାରି ସହଜ ହୋଇ ଯାଉଥିଲା ଏବଂ ତାହା ରାଜାଙ୍କର ଦାୟିତ୍ୱ ତୁଲାଇବାକୁ ବି ନିଶ୍ଚୟ ଭାରି ସହଜ କରି ଦେଉଥିବ । ମାତ୍ର

'oaob.nitrkl.ac.in' images reprocessed

ଭୟ ପ୍ରକୃତରେ ଏକ ଖର ଦୟନୀୟ ବସ୍ତୁ ଏବଂ ତାହା ସତ୍ୟ ଭିତରେ କେତେ ଅନର୍ଥକୁ ନେଇ ପୁରାଇ ଦେଉଥିଲା ।

ଆବୁ ଆବ୍‌ବାସ୍‌ଙ୍କ ବର୍ଣ୍ଣିତ କାହାଣୀଟି ଅନୁସାରେ, ଘଟନାକ୍ଷେତ୍ରରେ ଜଣେ ବ୍ୟକ୍ତିଙ୍କୁ ସେହି ଭୟ ସତ କହିବା ଲାଗି ବାଧ କରୁଥିଲେ ମଧ୍ୟ ତଥାପି ତାକୁ କଦାପି ସତ୍ୟବାଦୀ କରିପାରୁ ନଥିଲା । କାରଣ, ହୁଏତ ପର ମୁହୂର୍ତ୍ତିଟିରେ ଭୟବଶ ହୋଇ ସେହି ବ୍ୟକ୍ତି ଆଦୌ ତା'ମନର କଥାଟିକୁ କହି ପାରୁ ନଥିଲା । ଆମର ପୂର୍ବ କାହାଣୀଟିରେ କୋକଶିଆଳ ଯେଉଁପରି କଲା, ଠିକ୍ ସେହିପରି । ଏବଂ, ଅଧିକାଂଶ ସମୟରେ ଠିକ୍ ସେହି କଥାହିଁ ଘଟିଥାଏ ।

ସତ୍ୟକଥା କହି ଶିଖିବା ସକାଶେ ଜଣେ ସଚ୍ଚୋଟ ବ୍ୟକ୍ତି ଲାଗି ସଲେମନଙ୍କ ସିଂହାସନ ଭିତରେ ରହିଥିବା ଯାଦୁଶକ୍ତିଗୁଡ଼ିକର ଆଦୌ କୌଣସି ପ୍ରୟୋଜନ ନଥାଏ । ସତ୍ୟର ଯଥାର୍ଥ ସିଂହାସନଟି ତ ତା'ର ହୃଦୟ ଭିତରେହିଁ ବିରାଜିତ ରହିଥାଏ; ତା'ର ନିର୍ମଳ ଆତ୍ମାଟି ତାକୁ କେବଳ ନିର୍ମଳ ସତ୍ୟବାକ୍ୟ କହିବାକୁହିଁ ପ୍ରେରଣା ଦେବାରେ ଲାଗିଥାଏ । ଶିକ୍ଷକ, ମାଲିକ କିଂବା କୌଣସି ବିଚାର-ପତିଙ୍କୁ ଭୟ କରି ସିଏ କଦାପି ସତ୍ୟକଥା କହେ ନାହିଁ; ମାତ୍ର ଜଣେ ନ୍ୟାୟନିଷ୍ଠ ମଣିଷର ସତ୍ୟ ଏକ ଲକ୍ଷଣ ହୋଇ ରହିଥିବାରୁ ଓ ତା'ର ସ୍ୱଭାବର ଏକ ପରିଚାୟକ ହୋଇ ରହିଥିବାରୁହିଁ ସିଏ ସତ୍ୟକଥା କହିଥାଏ ।

ସତ୍ୟପ୍ରତି ତା'ଭିତରେ ରହିଥିବା ଶ୍ରଦ୍ଧାହିଁ ତାକୁ ଯାବତୀୟ ଭୟର ସମ୍ମୁଖୀନ ହେବାଲାଗି ସମର୍ଥ କରେ । ଯାହା କହିବାକୁ ସେହି ବ୍ୟକ୍ତି ନିଜର କର୍ତ୍ତବ୍ୟ ବୋଲି ମନେ କରେ, ସେ ତାହାହିଁ କହେ; ସେପରି କହିଲେ କ'ଣ ଘଟିବ ବା ନଘଟିବ, ସେହି ବିଷୟରେ ଆଦୌ କୌଣସି ବିଚାର ନକରିହିଁ ସେ ସେହି କଥା କହିଥାଏ ।

❋

ଐଶ୍ୱର୍ଯ୍ୟ ଓ ଶକ୍ତି ଦ୍ୱାରା ସମ୍ପନ୍ନ ହୋଇ ରହିଥିବା ରାଜା ବିଶ୍ୱାମିତ୍ର ଆହୁରି ଅଧିକ ସମ୍ମାନର ଆଶାରେ ତପସ୍ୟା କରିବାକୁ ମନସ୍ଥ କଲେ । ତାଙ୍କର ନିଜ ଜାତି କ୍ଷତ୍ରିୟ ସ୍ତରରୁ ଉପରକୁ ଉଠି ଉଚ୍ଚତମ ବ୍ରାହ୍ମଣଜାତିର ଅଧିକାର ଲାଭ କରିବା ଉଦ୍ଦେଶ୍ୟରେ ସେ ଏହି ତପସ୍ୟା ଆରମ୍ଭ କରିଥିଲେ ।

ଏଥିଲାଗି ସେ ଯାହା କିଛି ଆବଶ୍ୟକ ବୋଲି ଭାବିଲେ, ତାହାର ଆଚରଣ କରିଥିଲେ ଏବଂ ଆପାତତଃ ଘୋର ବୈରାଗ୍ୟମୟ ଏକ ଜୀବନଯାପନ କରିବାକୁ ଲାଗିଲେ । ଏକଥା ଦେଖି ସମସ୍ତେ କହିଲେ, "ରାଜା ଅବଶ୍ୟ ଜଣେ ବ୍ରାହ୍ମଣ ହେବାର ଯୋଗ୍ୟ ।"

'oaob.nitrkl.ac.in' images reprocessed

ମାତ୍ର ବ୍ରାହ୍ମଣ ବଶିଷ୍ଠ ଆଦୌ ସେପରି ଭାବୁ ନଥିଲେ । କାରଣ ସେ ଭଲ କରି ଜାଣିଥିଲେ ଯେ ବିଶ୍ୱାମିତ୍ର କେବଳ ଏକ ଦମ୍ଭ ଦ୍ୱାରା ପ୍ରେରିତ ହୋଇହିଁ ସେହି ତପସ୍ୟାଚରଣ କରୁଛନ୍ତି । ତେଣୁ ତାଙ୍କର ତ୍ୟାଗ ଓ ବୈରାଗ୍ୟରେ ମୋଟେ ଯଥାର୍ଥ ନିଷ୍ପତ୍ତି ନାହିଁ । ତେଣୁ ତାଙ୍କୁ ଜଣେ ବ୍ରାହ୍ମଣ ବୋଲି ସମ୍ବୋଧନ କରିବା ଲାଗି ସେ ଆଦୌ ସମ୍ମତ ହେଲେ ନାହିଁ ।

ଏଥିଲାଗି ପ୍ରଚଣ୍ଡ କ୍ରୋଧର ବଶବର୍ତ୍ତୀ ହୋଇ ବିଶ୍ୱାମିତ୍ର ବଶିଷ୍ଠଙ୍କ ବଂଶର ଏକଶତ ପିଲାଙ୍କୁ ଜୀବନରୁ ମାରି ପକାଇଲେ । ମାତ୍ର, ଆପଣାର ଏହି ଦୁଃଖ ଓ ଶୋଚନା ସତ୍ତ୍ୱେ ବି ବଶିଷ୍ଠ ଯାହା ଅନୁଚିତ ବୋଲି ଭାବୁଥିଲେ, ତାହାକୁ କହିବା ଲାଗି ଆଦୌ ସମ୍ମତ ହେଲେ ନାହିଁ ।

ତେଣୁ ରାଜା ତାଙ୍କୁ ମଧ୍ୟ ଜୀବନରେ ମାରିଦେବାକୁ ସଂକଳ୍ପ କଲେ । ଏବଂ ଆପଣାର ଏହି ଅନର୍ଥ କାର୍ଯ୍ୟଟିକୁ ସମ୍ପନ୍ନ କରିବା ଲାଗି ସେ ଦିନେ ବଶିଷ୍ଠଙ୍କ କୁଟୀରରେ ଯାଇ ପହଞ୍ଚିଲେ ।

ଦ୍ୱାର ପାଖରେ ଆସି ପହଞ୍ଚିବା ବେଳକୁ ସେ ବ୍ରାହ୍ମଣ ବଶିଷ୍ଠଙ୍କୁ ତାଙ୍କ ସ୍ତ୍ରୀ'ଙ୍କ ସହିତ କଥାବାର୍ତ୍ତା ହେଉଥିବାର ଶୁଣି ପାରିଥିଲେ । କଥାବାର୍ତ୍ତାରେ ନିଜ ନାମର ଉଲ୍ଲେଖ ଶୁଣି ସେ ସେହିଠାରେ ଅଟକି ଠିଆ ହେଲେ ଓ କାନ ଡେରି ଶୁଣିବାକୁ ଲାଗିଲେ । ସିଏ ଶୁଣି ପାରିଲେ ଯେ ବିଶୁଦ୍ଧମନା ଋଷି ବଶିଷ୍ଠଙ୍କର କଥାରେ ତାଙ୍କ ପ୍ରତି କ୍ଷମା ଓ ଉଦାରତା ପୂର୍ଣ୍ଣ ହୋଇ ରହିଛି । ସେକଥା ତତ୍‌କ୍ଷଣାତ୍ ତାଙ୍କର ହୃଦୟକୁ ସ୍ପର୍ଶ କଲା । ଘୋର ଅନୁତାପର ବଶବର୍ତ୍ତୀ ହୋଇ ସେ ଅସ୍ତ୍ରକୁ ତଳେ ଫୋପାଡ଼ି ଦେଲେ ଏବଂ ତା'ପରେ ଭିତରକୁ ଯାଇ ମୁନିଙ୍କର ଗୋଡ଼ତଳେ ପଡ଼ିଗଲେ ।

ବଶିଷ୍ଠ ତାଙ୍କ ମନରେ ଉପସ୍ଥିତ ହୋଇଥିବା ଅବସ୍ଥାକୁ ଲକ୍ଷ୍ୟ କରି ତାଙ୍କୁ ସ୍ନେହର ସହିତ "ବ୍ରହ୍ମର୍ଷି" ବୋଲି ସମ୍ବୋଧନ କଲେ ।

ବିଶ୍ୱାମିତ୍ର ବିନମ୍ର ସହିତ ତାଙ୍କୁ ପଚାରିଲେ, "ଆପଣ କାହିଁକି ଆଗରୁ ମୋ'ର ତପସ୍ୟାକୁ ସ୍ୱୀକୃତି ଦେଉ ନଥିଲେ ?"

ଉତ୍ତର ଦେଇ ବଶିଷ୍ଠ କହିଲେ, "କାରଣ ଏକ ଦମ୍ଭଶକ୍ତିର ଆଶ୍ରୟ ନେଇ ସେତେବେଳେ ଆପଣ ବ୍ରାହ୍ମଣପଦ ଲାଗି ଦାବି କରୁଥିଲେ । ମାତ୍ର ବର୍ତ୍ତମାନ ଆପଣ ସେଥିଲାଗି ଅନୁତାପ କଲେଣି, ତେଣୁ ବର୍ତ୍ତମାନ ଆପଣଙ୍କଠାରେ ବ୍ରାହ୍ମଣର ଯଥାର୍ଥ ପ୍ରକୃତି ଅବଶ୍ୟ ରହିଛି ।"

'oaob.nitrkl.ac.in' images reprocessed

ଭୟରୁ ମୁକ୍ତ ହୋଇ ସତ୍ୟ କହିବାର ମାର୍ଗଟି ବଶିଷ୍ଠଙ୍କୁ ଜଣାଥିଲା । ଏବଂ ମନ ଭିତରେ କୌଣସି ବିଦ୍ୱେଷ ପୋଷଣ ନକରି ସେ ସେହି ସତ୍ୟକୁ କହି ପାରୁଥିଲେ ।

❋

ସତ୍ୟ କଥା କହିବାରେ ଏକ ବିପଦ ନିହିତ ହୋଇ ରହିଥିଲେ ମଧ୍ୟ ଏହିପରି ଭାବରେ ସତ୍ୟ କଥା କହିବା ପ୍ରକୃତରେ ଏକ ଅଚ୍ୟୁତ ମନର ନିଦର୍ଶନ ନୁହେଁ କି ?

ପୁନଶ୍ଚ, ଅନେକ ସମୟରେ ଏପରି ହୁଏ ଯେ, ପ୍ରଥମେ ଯେପରି ମନେ ହୋଇଥାଏ, ଏହି ବିପଦଟିର ସମ୍ମୁଖୀନ ହେବା ଦ୍ୱାରାହିଁ ଆମକୁ ତାହାଠାରୁ ଅଧିକ ଭଲ ଫଳମାନ ପ୍ରାପ୍ତ ବି ହୋଇଥାଏ । ମିଥ୍ୟାଜନିତ ସଫଳତା କେବଳ ଏକ ଅସ୍ଥାୟୀ ସଫଳତା ଏବଂ ଅଧିକାଂଶ ସ୍ଥଳରେ ନିଷ୍ଠାପର ଓ ସଚ୍ଚୋଟ ହୋଇ ରହିବାହିଁ ସବୁଠାରୁ ବଡ଼ ଚତୁରତାର କାର୍ଯ୍ୟ ବୋଲି ପ୍ରତିପାଦିତ ହୋଇଥାଏ ।

ଦିନେ ସକାଳେ ଦିଲ୍ଲୀର ବାଦଶାହ ନିଜ ସିଂହାସନ ଉପରେ ବସି ସିଏ ଯୋଗ୍ୟ ବୋଲି ବିଚାର କରୁଥିବା ବ୍ୟକ୍ତିମାନଙ୍କୁ ନାନା ସମ୍ମାନ ଦ୍ୱାରା ଭୂଷିତ କରୁଥିଲେ । ସେହି ଉତ୍ସବଟି ସମାପ୍ତ ହୋଇ ଆସୁଥିବା ବେଳକୁ ସେ ଦେଖିବାକୁ ପାଇଲେ ଯେ ସିଏ ଡାକିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ସୟୁଦ ଅହମ୍ମଦ ବୋଲି ଜଣେ ଯୁବକ ସେପର୍ଯ୍ୟନ୍ତ ଉପସ୍ଥିତ ହୋଇ ସମ୍ମାନ ଗ୍ରହଣ କରି ନାହିଁ ।

ବାଦଶାହ ସିଂହାସନ ଉପରୁ ଓହ୍ଲାଇ ପଡ଼ିଲେ ଓ ଗୋଟିଏ ତାମଯାନରେ ଯାଇ ବସିଲେ । ସେହି ତାମଯାନରେ ବସି ସେ ନିଜର ବଡ଼ ରାଜପ୍ରାସାଦର ଏଠାକୁ ସେଠାକୁ ଯାଉଥିଲେ ।

ଠିକ୍ ସେହି ସମୟରେ ଉକ୍ତ ଯୁବକଟି ଦଉଡ଼ି ଦଉଡ଼ି ଆସି ସେଠାରେ ପହଞ୍ଚିଲେ ।

"ଆପଣଙ୍କର ପୁଅ ବିଳମ୍ବରେ ଆସି ପହଞ୍ଚିଲା,"—ବାଦଶାହ ସୟୁଦଙ୍କ ପିତାଙ୍କୁ କହିଲେ । ସେ ବାଦଶାହଙ୍କର ଜଣେ ବନ୍ଧୁ ଥିଲେ ।

"ତୁମର ଏତେ ବିଳମ୍ବ କାହିଁକି ହେଲା ?"—ବାଦଶାହ ପଚାରିଲେ, ଯୁବକଙ୍କ ଆଡ଼କୁ ସିଏ କଠୋର ଦୃଷ୍ଟିରେ ଅନାଇ ରହିଥିଲେ ।

ସୟୁଦ ନିର୍ଭୟ ଭାବରେ ଉତ୍ତର ଦେଇ କହିଲେ, "ଜହାଁପନା, ମୁଁ ଟିକିଏ ଉଚ୍ଛୁରଯାଏ ଶୋଇ ପଡ଼ିବାରୁ ବିଳମ୍ବ ହୋଇଗଲା ।"

'oaob.nitrkl.ac.in' images reprocessed

ସଭାସଦମାନେ ଆଶ୍ଚର୍ଯ୍ୟ ହୋଇ ଯୁବକଙ୍କ ଅଡ଼କୁ ଅନାଇ ରହିଥାନ୍ତି । ସେ କିପରି ଏପରି ନିର୍ଭିକ ସ୍ୱରରେ ବାଦଶାହଙ୍କୁ ସାହସ କରି କହିପାରିଲେ ଯେ ତାଙ୍କର ଉତ୍ତରରେ ଆସି ପହଞ୍ଚିବା ପଛରେ ଆଉ ଅଧିକ ଭଲ କୌଣସି କାରଣ ନଥିଲା ? ସିଏ ସତରେ କେଡ଼େ ଅଣହୁସିଆର ହୋଇ ବାଦଶାହଙ୍କୁ ଏପରି ଏକ କଥା କହିଲେ !

ମାତ୍ର ବାଦଶାହ କ୍ଷଣକ ଲାଗି କ'ଣ ଚିନ୍ତା କଲେ, ଏବଂ ତା'ପରେ ଏହି ନିଷ୍ଠାବାନ୍ ଯୁବକଙ୍କ ପ୍ରତି ତାଙ୍କ ମନରେ ପ୍ରଗାଢ଼ ସମ୍ମାନ ଜାତ ହେଲା । ସିଏ ତାଙ୍କୁ ଏକ ମଣିର ମାଳା ପ୍ରଦାନ କଲେ ଏବଂ ଆପଣାର କପାଳ ଉପରେ ଧାରଣ କରିବା ଲାଗି ଗୋଟିଏ ସମ୍ମାନ ସୂଚକ ମଣିରେ ମଧ୍ୟ ତାଙ୍କୁ ଭୂଷିତ କରିଦେଲେ ।

ସମ୍ଭବ ଅହମ୍ମଦ ସତ୍ୟକୁ ଶ୍ରଦ୍ଧା କରୁଥିଲେ ଏବଂ ରାଜପୁତ୍ର ତଥା କୃଷକ ସମସ୍ତଙ୍କ ଆଗରେ କେବଳ ସତ୍ୟକଥାହିଁ କହୁଥିଲେ । ତେଣୁ ସେ ଏପରି ଏକ ପୁରସ୍କାରର ଅଧିକାରୀ ହୋଇ ପାରିଲେ ।

*

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ବିନା ଆସ୍ଥାସରେ ସତ୍ୟ କହିବା ପାଇଁ ସମର୍ଥ ହେବାକୁ ହେଲେ, ପ୍ରକୃଷ୍ଟ ପନ୍ଥା ହେଉଛି ଯେ ଆମେ ସବୁବେଳେ ଏପରି କାର୍ଯ୍ୟ କରୁଥିବା, ଯେଉଁଥିରେ କି ଆମର କୌଣସି କାମକୁ ଗୋପନ କରି ରଖିବା ଲାଗି ଆଦୌ କୌଣସି ପ୍ରୟୋଜନହିଁ ନଥିବ । ଏବଂ ସେଥିଲାଗି ଆମକୁ ପ୍ରତ୍ୟେକ ମୁହୂର୍ତ୍ତରେ କାର୍ଯ୍ୟଗୁଡ଼ିକ ମଧ୍ୟରେ ସର୍ବଦା ମନେ ରଖିବାକୁ ପଡ଼ିବ ଯେ ଆମେ ନିରନ୍ତର ପରମ ଦିବ୍ୟସତ୍ତାଙ୍କର ଦୃଷ୍ଟି ସମକ୍ଷରେହିଁ ଅବସ୍ଥିତ ରହିଛୁ ।

କାରଣ ଆମେ କହୁଥିବା କଥାରେ ଅକପଟ ହୋଇ ରହିବାକୁ ହେଲେ ଆମକୁ ଆମ କାର୍ଯ୍ୟରେ ମଧ୍ୟ ଅକପଟତା ଅର୍ଜନ କରିବାକୁ ପଡ଼ିବ । ଏବଂ, ଯେଉଁ ବ୍ୟକ୍ତି ଆପଣାର ପ୍ରତ୍ୟେକ କହିବା କଥାରେ ସକଳ ମିଥ୍ୟାକୁ ତ୍ୟାଗ କରିଥାଏ, ଏବଂ ଆପେ କରୁଥିବା ଯାବତୀୟ କାର୍ଯ୍ୟରେ କପଟତାକୁ ତ୍ୟାଗ କରିଥାଏ, ସେଇ ହେଉଛି ପ୍ରକୃତରେ ଜଣେ ସର୍ବୋତ୍ତ ବ୍ୟକ୍ତି ।

ଅମରେହାଠାରେ ଏକ ବିଶେଷ ପ୍ରକାରର ମାଟିବାସନ ତିଆରି ହୁଏ । ତାହାକୁ ଲୋକେ କାଗଜୀ ମାଟି ବାସନ ବୋଲି କହନ୍ତି । ସେଥିରେ ରୁପାରଙ୍ଗର କେତେ କାମ କରା ହୋଇଥାଏ । ଏହି ବାସନଗୁଡ଼ିକ ଦେଖିବାକୁ ବଡ଼ ସୁନ୍ଦର ।

'oaob.nitrkl.ac.in' images reprocessed

ମାତ୍ର ସେଗୁଡ଼ିକ ଏତେ ହାଲୁକା ଓ ଏତେ ଭଙ୍ଗୁର ଯେ ଏତେଟିକିଏ ବ୍ୟବହାରରେ ମଧ୍ୟ ସେଗୁଡ଼ିକ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଏ । ବାହାରକୁ ଅନ୍ୟ ଯେକୌଣସି ମାଟିପାତ୍ର ପରି ଏଗୁଡିକ ମଧ୍ୟ ବେଶ୍ ବ୍ୟବହାରୋପଯୋଗୀ ପରି ଦେଖା ଯାଉଥାଏ, ମାତ୍ର ପ୍ରକୃତରେ କେବଳ ଦେଖାସୁନ୍ଦର ହୋଇ ରହିଥାଏ ।

ଅନେକ ମଣିଷଙ୍କୁ ମଧ୍ୟ ଆମେ ଏହି କାଗଜୀ ମାଟିବାସନ ସହିତ ବେଶ୍ ସମତୁଲ୍ କରି ବିଚାର କରି ପାରିବା । ସେମାନେ ଦେଖିବାକୁ କେତେ ସୁନ୍ଦର ଦିଶନ୍ତି । ମାତ୍ର, ଯଦି ତୁମେ ସେମାନଙ୍କୁ ଯେକୌଣସି ପରୀକ୍ଷାର ସମ୍ମୁଖୀନ କରାଇବାକୁ ବସିବ, ତେବେ, ସେମାନଙ୍କର ସବୁକିଛୁ ଯେ ଖାଲି ବାହାରକୁ ଦେଖିବାକୁହିଁ ସଜାହୋଇ ରହିଛି, ତୁମେ ଅଚିରମ୍ଭେ ସେହି କଥାଟିର ପ୍ରମାଣ ପାଇପିବ । ଏପରି ଲୋକଙ୍କ ଉପରେ ଆମେ ଏତେଟିକିଏ ହେଲେ ବି ବିଶ୍ୱାସ କରିବା ନାହିଁ, କାରଣ ସେମାନେ ଏତେ ଭଙ୍ଗୁର ଯେ ଆମର ବିଶ୍ୱାସ ସେମାନଙ୍କ ଉପରେ ଏକ ଭାରି ବୋଝ ହୋଇ ରହିବ ଓ ତାହାର ବୋଝରେ ସେମାନେ ଏତେ ଟିକିକରେ ଭାଙ୍ଗି ପଡ଼ିବେ ।

ବାରାଣସୀର ଜଣେ ବ୍ରାହ୍ମଣ ଏକଦା ତାଙ୍କ ପୁଅକୁ ଜଣେ ପଣ୍ଡିତଙ୍କ ପାଖରେ ବିଦ୍ୟାଶିକ୍ଷା କରିବାକୁ ପଠାଇଥିଲେ ।

ବାରବର୍ଷ ପରେ ସେହି ଯୁବକଟି ପୁନର୍ବାର ଆପଣାର ଜନ୍ମ ସ୍ଥାନକୁ ଫେରି ଆସିଲା । ସିଏ ଇତି ମଧ୍ୟରେ ନିଶ୍ଚୟ ଗୋଟିଏ ବଡ଼ ପଣ୍ଡିତ ହୋଇ ଫେରିଥିବ ବୋଲି ଭାବି ବହୁଲୋକ ତାକୁ ଦେଖିବା ସକାଶେ ଦଉଡ଼ି ଆସିଲେ । ସେମାନେ ତାକୁ ଖଣ୍ଡେ ସଂସ୍କୃତ ଗ୍ରନ୍ଥ ଦେଇ କହିଲେ :

"ପଣ୍ଡିତ ଆଜ୍ଞା, ଏଥିରେ ଲେଖା ହୋଇଥିବା ଉକ୍ତିଟିକୁ ତୁମେ ଆମକୁ ବ୍ୟାଖ୍ୟା କରି କହି ଦିଅ !"

ଯୁବକଟି ଗ୍ରନ୍ଥଟି ଆଡ଼କୁ କଟ ମଟ କରି ଅନାଇଲା । ଅସଲ କଥା ହେଉଛି ଯେ ସିଏ ଗ୍ରନ୍ଥରେ ଲେଖା ହୋଇଥିବା ଗୋଟିଏ ଶବ୍ଦକୁ ବି ବୁଝି ପାରୁନଥିଲା । ବାରାଣସୀରେ ସିଏ କେବଳ ଅକ୍ଷର ମାଳା ବ୍ୟତୀତ ଆଉ କିଛିହେଲେ ଶିକ୍ଷା କରି ନଥିଲା । ଏବଂ, ସେହି ଅକ୍ଷରଗୁଡ଼ାକ ମଧ୍ୟ ବ୍ଲାକ୍‌ବୋର୍ଡ ଉପରେ ସେତେବେଳେ ଏତେଏତେ କରି ଲେଖା ହୋଇଥିଲା । ସେଗୁଡ଼ାକୁ ପ୍ରତ୍ୟହ ଦେଖିବା ଦ୍ୱାରା ସେ ତାକୁ ଅଳ୍ପ ଅଳ୍ପ କରି ଶିଖିନେଇ ପାରିବ, ସେହି ଅଭିପ୍ରାୟରେହିଁ ସେଗୁଡ଼ାକ ବଡ଼ ଆକାରରେ ଲେଖା ହୋଇଥିଲା ।

ତେଣୁ ଗ୍ରନ୍ଥଟି ସମ୍ମୁଖରେ ସିଏ କେବଳ ଚୁପ୍ ହୋଇ ବସି ରହିଲା । ସେତେବେଳକୁ ତା'ର ଆଖି ଲୁହରେ ଛଳଛଳ ହୋଇ ଆସିଲାଣି ।

'oaob.nitrkl.ac.in' images reprocessed

ତାକୁ ଦେଖିବାକୁ ଆସିଥିବା ଲୋକମାନେ କହିଲେ, "ପଣ୍ଡିତ ଆଜ୍ଞା, ଏଥିରେ ଲେଖା ହୋଇଥିବା କୌଣସି ଏକ କଥା ନିଶ୍ଚୟ ଆପଣଙ୍କର ହୃଦୟକୁ ସ୍ପର୍ଶ କରିଛି । ନହେଲେ ବହିରେ ଆପଣ କ'ଣ ଆବିଷ୍କାର କଲେ, ଆମକୁ ସେକଥା କହନ୍ତୁ !"

ସିଏ ସବାଶେଷକୁ ଉତ୍ତର ଦେଇ କହିଲା, "ବାରାଣସୀରେ ଅକ୍ଷରସବୁ ଖୁବ ବଡ଼ବଡ଼ କରି ଲେଖା ହୋଇଥିଲା, ଏହି ବହିରେ ଛୋଟ ଛୋଟ ହୋଇ ଲେଖା ହୋଇଛି ।"

ଏହି ପଣ୍ଡିତକୁ ଆମେ କାଗଜ ମାଟିବାସନ ସହିତ ବେଶ୍ ସମତୁଲ କରି ବିଚାର କରିପାରିବା ।

*

ଗଙ୍ଗାନଦୀ କୂଳରେ ଥିବା ପାହାଡ଼ ଭିତରେ ଗୋଟିଏ ହେଟା ବାସ କରୁଥିଲା । ବରଫ ତରଳିବା ସମୟରେ ନଦୀର ପାଣି ଅଧିକ ହୋଇ ଉପରକୁ ଉଠି ଯାଉଥିଲା । ତାହା ଏତେବେଶୀ ଉପରକୁ ଉଠୁଥିଲା ଯେ ହେଟାର ବସାର ଚାରିପାଖଯାକ ପାଣି ଘେରି ଯାଉଥିଲା । ତେଣୁ ଦିନେ ସେ ଆଉ ଶିକାର କରିବାକୁ ଯାଇ ପାରିଲା ନାହିଁ ।

ସେଦିନ ତା'ର ଆଉ କିଛିହେଲେ ଖାଇବାକୁ ନାହିଁ ଦେଖି ହେଟାଟି କହିବାକୁ ଲାଗିଲା, "ଆଜି ମୁଁ ଓଷା କରିବି, ଆଜି ମୋର ଉପବାସ ।"

ଏପରି ଭାବି ସିଏ ପଥର ଦାଢରେ ଯାଇ ବସିଲା ଏବଂ ଓଷା ଏବଂ ଉପବାସ ବ୍ରତ ପାଳନ କରିବା ଲାଗି ମନେ ମନେ ଖୁବ ଗମ୍ଭୀର ଭାବ ଅବଲମ୍ବନ କଲା ।

ମାତ୍ର ଠିକ୍ ସେତିକବେଳେ ଗୋଟିଏ ବଣୁଆ ଛେଳି ପଥରକୁ ପଥର ଡେଇଁ ପାଣି ପାରି ହୋଇ ଆସିଲା, ଏବଂ ହେଟାଟା ଯେଉଁଠି ପରମ ଭକ୍ତି ସହକାରେ ଯାଇ ବସିଥିଲା, ସେଇଠାରେ ଆସି ପହଞ୍ଚିଲା ।

"ଆରେ ବାଃ !" — ହେଟା ଛେଳିକୁ ଦେଖି ଖୁବ ଖୁସିଟାଏ ହୋଇ କହିଲା, "ବର୍ତ୍ତମାନ ଆହାରଟିଏ ଆସି ଜୁଟି ଗଲାଣି ।"

ସିଏ ଫକ୍ କରି ଡେଇଁ ଛେଳିକୁ ଧରିବା ପାଇଁ ଚେଷ୍ଟା କଲା, କିନ୍ତୁ ଲକ୍ଷ୍ୟ-ଭ୍ରଷ୍ଟ ହେଲା । ଆଉଥରେ ଚେଷ୍ଟା କଲା, ତଥାପି ଲକ୍ଷ୍ୟଭ୍ରଷ୍ଟ ହେଲା । ଶେଷକୁ ଛେଳିଟି ମଧ୍ୟ ଡେଇଁ ଡେଇଁ ପୁଣି ଝରଣାଟିର ସେପାଖକୁ ଚାଲିଗଲା ।

'oaob.nitrkl.ac.in' images reprocessed

ପୁନର୍ବାର ନିଜକୁ ସନ୍ଥ ପରି ଦେଖାଇ ହୋଇ ହେଟା କହିବାକୁ ଲାଗିଲା, "ଭୁଟିଲ ! ଏପରି ଏକ ପବିତ୍ର ଦିନରେ ଅଧର୍ମ କରି ଛେଳି ମାଂସ ଖାଇବା ମୋ' ପାଇଁ ମୋଟେ ଉଚିତ ହେବ ନାହିଁ । ନା, କଦାପି ନୁହେଁ, ଉପବାସ କରୁଥିବା ସମୟରେ ମାଂସ ଭକ୍ଷଣ ସମ୍ପୂର୍ଣ୍ଣ ନିଷିଦ୍ଧ ।"

ଏହି ହେଟା, ତା'ର ଭକ୍ତି ଏବଂ ପବିତ୍ର ଦିନଟି ପ୍ରତି ତା'ର ସମ୍ମାନଟି ବିଷୟରେ ତୁମେମାନେ କ'ଣ ଭାବୁଛ ? ତା'ର ଦୁଷ୍ଟପଣ ଦେଖି ତୁମମାନଙ୍କୁ ନିଶ୍ଚୟ ହସ ମାଡ଼ୁଥିବ । ମାତ୍ର ମଣିଷମାନଙ୍କ ଭିତରେ ମଧ୍ୟ ଏପରି କେତେ ମଣିଷ ନାହାନ୍ତି, ଯେଉଁମାନେ କି ଠିକ୍ ଏହିପରି ଭାବରେ ନିଷ୍ଠା ଆଚରଣ କରନ୍ତି, ଆପଣାର ସ୍ୱାର୍ଥକୁ ମୁହାଁଇ ଥିବାରୁହିଁ ଯେଉଁମାନେ ଆପଣାକୁ କେତେ କେତେ ପବିତ୍ର ଓ ସୁନ୍ଦର ଭାବ ଦ୍ୱାରା ଭୂଷିତ କରି ରଖିଥାନ୍ତି ଏବଂ ଆପଣାର ପାପ ପ୍ରବୃତ୍ତିଗୁଡ଼ାକୁ ଏକାବେଳେକେ ଢ଼ୁଗୁଲା କରି ଛାଡ଼ିଦେଇ ପାରୁ ନଥାନ୍ତି ବୋଲି ଯେଉଁମାନେ ଆପଣାକୁ ଗୋଟିଏ ଗୋଟିଏ ସାନ ଋଷିପ୍ରବୃତ୍ତ ପରି ଦେଖାଇ ହେଉଥାନ୍ତି ? ମାତ୍ର, ସେମାନଙ୍କର ଏହି ଯାବତୀୟ ଚତୁରପଣିଆ ସତ୍ତ୍ୱେ, ତୁମେ କ'ଣ ଭାବୁଛ ଯେ ଜଣେ ନ୍ୟାୟ ପରାୟଣ ଓ ସଚ୍ଚୋଟ ମଣିଷ ଆଗରେ ପ୍ରକୃତରେ ଦୀର୍ଘ ସମୟ ଲାଗି ଏହି ଧୂର୍ତ୍ତ ଅସାଧୁ ମଣିଷମାନେ ସଫଳତାର ସହିତ ସବୁକିଛି ହାସଲ କରିପାରିବେ ?

ହନୁମାନର ସୈନ୍ୟବାହିନୀରେ ଥିବା ବାନର ଓ ଭାଲୁମାନେ ଦଶାନନ ରାବଣ ବିରୁଦ୍ଧରେ ରାମ ଓ ତାଙ୍କ ଭାଇ ଲକ୍ଷ୍ମଣଙ୍କର ଲାଗିଥିବା ଯୁଦ୍ଧରେ ରାମଚନ୍ଦ୍ରଙ୍କ ପକ୍ଷରେ ଯୁଦ୍ଧ କରିଥିଲେ ।

ଯୋଦ୍ଧାମାନେ ତାକୁ ଚତୁର୍ଦ୍ଦିଗରୁ ଆକ୍ରମଣ କରି ତା'ର ପକ୍ଷକୁ ଦୁର୍ବଳ କରି ଦେଉଥିବାର ଦେଖି ରାବଣ ଆପଣାର ଯାଦୁଶକ୍ତିକୁ କାମରେ ଲଗାଇବାକୁ ଆରମ୍ଭ କଲା ।

ତତ୍‌କ୍ଷଣାତ୍ ତା' ନିଜ ପକ୍ଷରେ ଅର୍ଥାତ୍ ଅସୁର ପକ୍ଷରେ ଯାଦୁ ବଳରେ ଅନେକ ରାମ ଓ ଅନେକ ଲକ୍ଷ୍ମଣଙ୍କର ଆବିର୍ଭାବ ହେଲା । ସେମାନେ ପ୍ରକୃତରେ ମିଛ ରାମ ଓ ମିଛ ଲକ୍ଷ୍ମଣ ରୂପେ ଦେଖା ଦେଇଥିଲେ ଓ ବିରୁଦ୍ଧ ପକ୍ଷକୁ ଧୋକାରେ ପକାଇବାକୁ ସୃଷ୍ଟି ହୋଇଥିଲେ । ମାତ୍ର ବାନର ଓ ଭାଲୁମାନେ ସେମାନଙ୍କୁ ପ୍ରକୃତ ରାମ ଓ ପ୍ରକୃତ ଲକ୍ଷ୍ମଣ ବୋଲି ଭାବିଲେ ଏବଂ ଏହିପରି ଭାବରେ ବିଭ୍ରାନ୍ତ ହୋଇ ଲଢ଼ିବା ବନ୍ଦ କରିଦେଲେ । କାରଣ, ନିଜର ପ୍ରିୟ ନେତା ରାମ ଲକ୍ଷ୍ମଣଙ୍କ ସହିତ ଆଉ କିପରି ଯୁଦ୍ଧ କରିଆନ୍ତେ ଓ ସେମାନଙ୍କ ଉଦ୍ଦେଶ୍ୟରେ ଗଛ ଓ ବୃକ୍ଷମାନ ଆଣି

'oaob.nitrkl.ac.in' images reprocessed

ନିକ୍ଷେପ କରିଆସୁଛନ୍ତି ? ସେମାନଙ୍କୁ ଏହିପରି ଭାବରେ ଭ୍ରମରେ ପଡ଼ି ଯାଇଥିବାର ଦେଖି ନିର୍ମମ ରାବଣ ଭାରି ହୃଷ୍ଟ ହୋଇ ହସିବାକୁ ଆରମ୍ଭ କରିଦେଲା । ରାମଚନ୍ଦ୍ର ବି ମୁରୁକି ମୁରୁକି ହସୁଥିଲେ : ଏପରି ଏକ ମିଥ୍ୟାକୁ ବିନଷ୍ଟ କରିବାରେ, କୌଶଳଟିକୁ ପଦାରେ ପକାଇ ଦେବାରେ ଏବଂ ସତ୍ୟଲାଗି ବିଜୟ ହାସଲ କରିବାରେ ତାଙ୍କୁ ବି କେଡ଼େ ଆନନ୍ଦ ନମିଳିବ ! ଆପଣାର ଶକ୍ତିଶାଳୀ ଧନୁରେ ସିଏ ଗୋଟିଏ ଶର ବସାଇଲେ ଏବଂ ତାହାକୁ ନିକ୍ଷେପ କଲେ । ଶରଟି ବିଭ୍ରାନ୍ତି-କାରୀ ଗ୍ରହମାନଙ୍କ ଅତିକ୍ରମ କରି ସମ୍ମୁଖକୁ ଧାଇଁଗଲା ଏବଂ ସଙ୍ଗେ ସଙ୍ଗେ ସେଗୁଡ଼ିକ କୁଆଡ଼େ ଅନ୍ତର୍ହିତ ହୋଇଗଲା । ଏହା ଫଳରେ ହନୁମାନର ସୈନ୍ୟ-ବାହିନୀ ମଧ୍ୟ ସ୍ପଷ୍ଟ ଭାବରେ ସବୁକଥା ଦେଖି ପାରିଲେ ଏବଂ ସେମାନଙ୍କର ସାହସ ପୁନର୍ବାର ଫେରି ଆସିଲା ।

ଠିକ୍ ସେହିପରି ଭାବରେ, ଜଣେ ନିଷ୍ଠାଯୁକ୍ତ ବ୍ୟକ୍ତିର ମୁଖରୁ ବାହାରୁଥିବା ପ୍ରତ୍ୟେକଟି ସିଧା କଥାକୁ ଆମେ ଗୋଟିଏ ଶକ୍ତିଶାଳୀ ଶର ସହିତ ତୁଳନା କରି ପାରିବା, ଯାହାକି ଅନେକ ମିଥ୍ୟା ଓ କପଟତାକୁ ନଷ୍ଟ କରିଦେଇ ପାରିବ ।

ଦକ୍ଷିଣ ଭାରତର ଗୋଟିଏ କଥାରେ ମଲ୍ଲିକାରାଜ ବୋଲି ଗୋଟିଏ ରାଜକୁମାର କାହାଣୀ ରହିଛି । ସିଏ ହସିବା ମାତ୍ରକେହିଁ ଯୋଜନ ଯୋଜନ ପୃଥିବୀ ମଲ୍ଲୀଫୁଲର ବାସନାରେ ମହକି ଉଠୁଥିଲା । ମାତ୍ର ସେଥିଲାଗି ତା'ର ସେହି ହସଟି ତା'ର ହୃଦୟର ପୁଲକିତ ଏବଂ ସ୍ୱତଃସ୍ଫୂର୍ତ୍ତ ଉଲ୍ଲାସ ମଧ୍ୟରୁ ନିଃସୃତ ହୋଇ ଆସିବାର ଆବଶ୍ୟକତା ରହିଥିଲା । ଯଦି ସେ ନିଜ ହୃଦୟ ଭିତରେ ପ୍ରକୃତରେ କୌଣସି ଆନନ୍ଦ ଅନୁଭବ ନକରି କେବଳ ବାହାରକୁ ହସୁଥିଲା, ତେବେ ତାହାଦ୍ୱାରା ଆଦୌ କୌଣସି ଫଳ ହେଉ ନଥିଲା । ମାତ୍ର ତା' ଭିତରଟା ଆନନ୍ଦରେ ପୂର୍ଣ୍ଣ ହୋଇ ରହିଥିଲା ବେଳେ ତା'ର ହସ ପ୍ରକୃତରେ ସତେଅବା ଏକ ସୁବାସିତ ଝରଣାର ଜଳପରି କଳକଳ ହୋଇ ଉଛୁଳି ଉଠୁଥିଲା ।

ତା'ର ହସର ଏହି ଐଶ୍ୱର୍ଯ୍ୟଟି ତା'ର ଆନ୍ତରିକତାରୁହିଁ ନିଃସୃତ ହୋଇ ଆସୁଥିଲା ।

ଦୁର୍ଯ୍ୟୋଧନର ରାଜପ୍ରାସାଦ ଭିତରେ ଟେବୁଲ୍‌ଗୁଡ଼ିକ ଉପରେ ସୁନା ଓ ରୁପାରେ ତିଆରି କେତେ ପାତ୍ର ସଜ୍ଜିତ ହୋଇ ରହିଥିଲା । ସେଗୁଡ଼ିକରେ ଖଞ୍ଜା ହୋଇଥିବା ମଣିମୁକ୍ତାସବୁ କେତେ କେତେ ରଙ୍ଗରେ ଚକଚକ କରିବାରେ ଲାଗିଥିଲେ । କୃଷ୍ଣଙ୍କୁ ଥରେ ସେହିଠାରେ ଏକ ଭୋଜିକୁ ନିମନ୍ତ୍ରଣ କରାଯାଇଥିଲା, ମାତ୍ର କୃଷ୍ଣ ସେଠାକୁ ଯାଇନଥିଲେ । ତା' ବଦଳରେ ସେ ସେଦିନ ରାତିରେ ତାଙ୍କୁ ନିମନ୍ତ୍ରଣ କରିଥିବା ଜଣେ ଦରିଦ୍ର ଶୂଦ୍ରର ଘରକୁ ଯାଇଥିଲେ । ସେଠାରେ ତାଙ୍କୁ

'oaob.nitrkl.ac.in' images reprocessed

ସାଦା ସିଧା ଖାଇବା ମିଳିଲା, ଯେଉଁଠି ହେଲେ କୌଣସି ଆଡ଼ମ୍ବର ନଥିଲା । ତଥାପି କୃଷ୍ଣ ଦୁର୍ଯୋଧନର ପ୍ରାସାଦକୁ ନଯାଇ ଏଠାକୁ ଆସିଲେ । କାରଣ ଶୂଦ୍ରର ନିମନ୍ତ୍ରଣ ପଛରେ ନିଷ୍ଠା ରହିଥିଲା, ଶ୍ରଦ୍ଧା ରହିଥିଲା ; ମାତ୍ର ଏତେ ଆଡ଼ମ୍ବର ସହିତ ଯେଉଁ ଭୋଜର ଆୟୋଜନ କରି ଦୁର୍ଯୋଧନ ତାଙ୍କୁ ନିମନ୍ତ୍ରଣ କରିଥିଲା, ତାହା କେବଳ ବାହାର ଦେଖାଣିଆ ଭାବରେ କରାହୋଇଥିଲା ।

ଜାହାଣୀ ରହିଛି ଯେ ଗୌରବମଣ୍ଡିତ ରାମଚନ୍ଦ୍ର ମଧ୍ୟ ଥରେ ଜଣେ ଦରିଦ୍ର ସ୍ତ୍ରୀଲୋକର ଘରେ ଭୋଜନ କରିଥିଲେ । ତା'ର ସ୍ୱାମୀ ଜଣେ ଶବର । ଏତେ ବଡ଼ ୱୀରଙ୍କ ପାଇଁ କେବଳ କେତୋଟି କୋଳି ବ୍ୟତୀତ ତା' ଘରେ ଆଉ କିଛି ନଥିଲା, ମାତ୍ର ତାହାକୁ ସେ ଏତେବେଶୀ ଶ୍ରଦ୍ଧାର ସହିତ ରାମଚନ୍ଦ୍ରଙ୍କ ପାଖରେ ଆଣି ନିବେଦନ କରିଥିଲା ଯେ ତାହା ରାମଚନ୍ଦ୍ରଙ୍କର ହୃଦୟକୁ ସ୍ପର୍ଶ କରି ପାରିଲା । ଏତେ ନିଷ୍ଠା ଏବଂ ଶ୍ରଦ୍ଧାର ସହିତ ଜଣେ ଦେଇଥିବା ଭୋଜନକୁ ଯେପରି କେହି ପାସୋରି ଦେବେ ନାହିଁ, ସେଥିଲାଗି ରାମଚନ୍ଦ୍ର ସେହି ସ୍ମୃତିଟିକୁ ଅମର କରି ରଖିଲେ ଏବଂ ଏତେ ଶତାବ୍ଦୀ ଅତିବାହିତ ହୋଇ ଯାଇଥିଲେ ମଧ୍ୟ ଆଜି ବି ସମସ୍ତେ ତାହାର ଚର୍ଚ୍ଚା କରୁଛନ୍ତି ।

ଜଲାଲ ଜଣେ ବିଦ୍ୱାନ ଏବଂ ପ୍ରଖ୍ୟାତ ଗୁରୁଥିଲେ । ଭୁରସ୍କର ଦୁଇଜଣ ବ୍ୟକ୍ତି ଥରେ ସାଙ୍ଗରେ କିଛି ଉପହାରଦ୍ରବ୍ୟ ଧରି ତାଙ୍କର ଧର୍ମଶିକ୍ଷା ଶୁଣିବାକୁ ଆସିଲେ । ସେମାନେ ଭାରି ଦରିଦ୍ର ଥିବାରୁ ଉପହାରଦ୍ରବ୍ୟ ହିସାବରେ ସେପରି ବେଶୀ କିଛି ଆଣି ନଥିଲେ । କେବଳ କେତେ ମୁଠା ଡାଲି ନେଇ ଆସିଥିଲେ । ଗୁରୁଙ୍କର କେତେକ ଶିଷ୍ୟ ତାଚ୍ଛଲ୍ୟପୂର୍ଣ୍ଣ ଦୃଷ୍ଟିରେ ସେମାନଙ୍କର ସେହି ଦାନକୁ ଦେଖିବାକୁ ଲାଗିଲେ । ମାତ୍ର ଜଲାଲ ସେମାନଙ୍କୁ କହିଲେ :

"ଥରେ କୌଣସି ଏକ କାର୍ଯ୍ୟର ସାଧନ ଲାଗି ପୟଗମ୍ବର ମହମ୍ମଦଙ୍କର କିଛି ଧନର ଆବଶ୍ୟକତା ହେଲା । ତେଣୁ ସେ ଆପଣାର ଅନୁଗାମୀମାନଙ୍କୁ ସେମାନଙ୍କର ଶକ୍ତି ଅନୁସାରେ ତାଙ୍କୁ କିଛି କିଛି ଧନ ଆଣି ଦେବାକୁ କହିଲେ । କିଏ ଆପଣା ସମ୍ପତ୍ତିର ଅଧେ ଆଣି ଦେଲା, ଆଉକିଏ ତିନି ଭାଗରୁ ଭାଗେ ଦେଲା । ଆଉ କେହିଜଣ ନିଜର ସକଳ ସମ୍ପତ୍ତିକୁ ଆଣି ଦାନ କରିଦେଲେ, ଏହିପରି ଭାବରେ ମହମ୍ମଦଙ୍କୁ ଅନେକ ପଶୁ ମିଳିଲେ, ଅନେକ ଅସ୍ତ୍ରଶସ୍ତ୍ର ମିଳିଲା । ତା'ପରେ ଜଣେ ଅତି ଦରିଦ୍ର ସ୍ତ୍ରୀଲୋକ ଆସି ପହଞ୍ଚିଲେ ଯିଏକି ପୟଗମ୍ବରଙ୍କ ପାଖରେ ତିନୋଟି ଖଜୁରିକୋଳି ଓ ଗୋଟିଏ ପିଠା ଆଣି ନିବେଦନ କରିଦେଲେ । ଏକଥା ଦେଖି ପାଖରେ ଥିବା ଅନେକ ଲୋକ ମୁରୁକି ମୁରୁକି ହସିଲେ । ମାତ୍ର ପୟଗମ୍ବର

'oaob.nitrkl.ac.in' images reprocessed

ସେମାନଙ୍କୁ କହିବାକୁ ଆରମ୍ଭ କଲେ ଯେ ସିଏ ସେଦିନ ଏପରି ଏକ ସ୍ୱପ୍ନ ଦେଖିଛନ୍ତି, ଯେଉଁଥିରେ କି ଦେବଦୂତମାନେ ଗୋଟିଏ ନିକିତି ଆଣି ଅନ୍ୟ ସମସ୍ତେ ଦେଇଥିବା ଯାବତୀୟ ସାମଗ୍ରୀକୁ ଗୋଟିଏ ପାଖରେ ରଖିଲେ ଓ ଅନ୍ୟ ପାଖରେ ଏହି ଦରିଦ୍ର ସ୍ତ୍ରୀଲୋକ ଦେଇଥିବା ଖଜୁରି କୋଳି ଓ ପିଠାଟିକୁ ନେଇ ରଖିଲେ । ନିକିତିର ଦୁଇପାଖ ତଥାପି ସମାନ ହୋଇ ରହିଲା, କାରଣ ଗୋଟିଏ ପାଖ ଆର ପାଖଟି ସହିତ ସମାନ ଓଜନ ହେଲା ।” ତା’ପରେ ଜଲାଲ କହିଲେ :

“ଆନ୍ତରିକତା ସହିତ ଯାହାକିଛି ଦିଆଯାଏ, ତାହା ଯେତେ ଅଳ୍ପ ହୋଇଥିଲେ ମଧ୍ୟ ବହୁମୂଲ୍ୟବାନ୍ ଅନ୍ୟ ଉପହାରଗୁଡ଼ିକର ତୁଳନାରେ ତାହାର ମୂଲ୍ୟ କୌଣସି ଗୁଣରେ କମ୍ ନୁହେଁ ।”

ଏକଥା ଶୁଣି ସେହି ଦୁଇଜଣ ତୀର୍ଥଯାତ୍ରୀଙ୍କର ମନ ଆନନ୍ଦରେ ପୂର୍ଣ୍ଣ ହୋଇଗଲା ଏବଂ ସେମାନେ ପୋଷେ ଡାଲି ଆଣି ଦେଇଛନ୍ତି ବୋଲି ଆଉ କେହି ହସିବାକୁ ସାହସ କଲେ ନାହିଁ ।

*

ନିମ୍ନ ଜାତିର ଜଣେ ଦରିଦ୍ର ଲୋକ ପରିବାର ପୋଷିବା ସକାଶେ ବନଯାକ ଶିକାର ଖୋଜି ବୁଲିଲା, ମାତ୍ର ସେଦିନ ତା’ କପାଳରେ ଆଦୌ କୌଣସି ଶିକାର ଜୁଟିଲା ନାହିଁ । ବନ ଯାଇ ସଞ୍ଜ ବୁଡ଼ିଲା, ରାତି ହେଲା । ଏକୁଟିଆ ବୁଲି ବୁଲି ତାକୁ ଖୁବ ଶୋକ ହେଲା, ଶିକାର ପାଇବ ବୋଲି ବୃଥା ଚେଷ୍ଟା କରି ସେ ଭାରି କ୍ଳାନ୍ତ ବି ହୋଇ ପଡ଼ିଲା । ଭାଲେ କୌଣସି ଚଢ଼େଇବସା ଥିବ ବୋଲି ଭାବି ସେ ଗୋଟିଏ ବେଲଗଛରେ ଚଢ଼ିଲା । ଶିବଙ୍କର ଭକ୍ତମାନେ ତିନିକେନା ଥିବା ଏହି ବେଲପତ୍ରକୁ ମହାଦେବ ଶିବଙ୍କ ପାଖରେ ଲାଗି କରନ୍ତି । ମାତ୍ର ଗଛ ଉପରେ କୌଣସି ଚଢ଼େଇ ବସା ନଥିଲା । ତା’ର ସ୍ତ୍ରୀ ଓ ପିଲାମାନେ ତା’ପାଇଁ ଘରେ ଅପେକ୍ଷା କରୁଥିବେ, ବାପ ଖାଇବା ନେଇ ଆସିବ ବୋଲି ଚାହିଁ ବସିଥିବେ, ଏହି କଥା ଭାବି ସେ ବିକଳ ହୋଇ କାନ୍ଦିବାକୁ ଲାଗିଲା ।

କାହାଣୀଟିରେ କୁହାଯାଇଛି ଯେ, ସମଦୁଃଖୀ ହୋଇ ସହାନୁଭୂତିରୁ ଯେଉଁ ଲୁହ ବୁହେ, ସେହି ଲୁହ ପ୍ରକୃତରେ ଭାରି ଓଜନ । ଯେଉଁମାନେ କେବଳ ନିଜର ଯନ୍ତ୍ରଣାରେ ବ୍ୟଥିତ ହୋଇ ଲୁହ ଗଡ଼ାଉଥାନ୍ତି ସେମାନଙ୍କର ଲୁହଠାରୁ ଏହାର ମୂଲ୍ୟ ଅନେକ ବେଶୀ ।

ଶିକାରୀର ଆଖିଲୁହ ଟୋପା ଟୋପା ହୋଇ ବେଲ ଗଛର ପତ୍ରଗୁଡ଼ିକ ଉପରେ ପଡ଼ିବାରେ ଲାଗିଥାଏ ଏବଂ ତାହାର ଓଜନରେ ପତ୍ର ମଧ୍ୟ ଗଛଗୁଡ଼ିକ

'oaob.nitrkl.ac.in' images reprocessed

ମୂଳରେ ଥିବା ଶିବଙ୍କର ପଥରଲିଙ୍ଗ ଉପରେ ଆସି ପଡ଼ୁଥାଏ । ଠିକ୍ ସେହି ସମୟରେ ଲୋକଟିକୁ ଗୋଟିଏ ସାପ କାମୁଡ଼ିଲା ଓ ତା'ର ପ୍ରାଣବାୟୁ ଉଡ଼ିଗଲା । ସ୍ୱର୍ଗରୁ ପ୍ରେତମାନେ ଆସି ସଙ୍ଗେ ସଙ୍ଗେ ତା'ର ଆତ୍ମାକୁ ପରଲୋକକୁ ନେଇଗଲେ ଓ ଶିବଙ୍କ ପାଖରେ ନେଇ ଉପସ୍ଥିତ କରାଇଲେ ।

ସ୍ୱର୍ଗର ଅଧିବାସୀମାନେ ସମ୍ମିଳିତ ସ୍ୱରରେ "ଏହି ଲୋକଟିର ଆତ୍ମା ଲାଗି ଏଠାରେ କୌଣସି ସ୍ଥାନ ନାହିଁ" ବୋଲି ଚିତ୍କାର କରିଉଠିଲେ । ସେମାନେ କହିଲେ, "ସିଏ ଶ୍ରେଷ୍ଠ କୁଳରେ ଜନ୍ମ ହୋଇଥିଲା, ଧର୍ମର ବିଧାନଗୁଡ଼ିକୁ ଜାଣି ନଥିଲା, ଅଖାଦ୍ୟ ଭକ୍ଷଣ କରୁଥିଲା ଓ ଦେବତାମାନଙ୍କ ପାଖରେ କେବେ-ହେଲେ କିଛି ଲାଗି କରୁ ନଥିଲା ।"

ମାତ୍ର ଶିବ ସେମାନଙ୍କୁ ଉତ୍ତର ଦେଇ କହିଲେ :

"ସିଏ ମୋତେ ବେଲପତ୍ର ଲାଗି କରିଥିଲା, ଏବଂ ସବୁଠାରୁ ବଡ଼ କଥା ହେଉଛି, ମୋ'ଉଦ୍ଦେଶ୍ୟରେ ସେ ଅନ୍ତରର ଅଶ୍ରୁକୁ ବି ନିବେଦନ କରି ଦେଇଥିଲା । ଯେଉଁମାନଙ୍କର ହୃଦୟ ନିର୍ମଳ ଓ ନିଷ୍ଠାଯୁକ୍ତ, ସେମାନେ କଦାପି ଶ୍ରେଷ୍ଠ ଜାତିର ନୁହନ୍ତି ।" ଏହିପରି କହି ଶିବ ତାହାକୁ ତାଙ୍କ ଲୋକରେ ପ୍ରବେଶ କରିବାକୁ ଅନୁମତି ଦେଲେ ।

*

ଏହିସବୁ କାହାଣୀ ଆମକୁ ସ୍ପଷ୍ଟ ଭାବରେ ଦର୍ଶାଇ ଦେଉଛନ୍ତି ଯେ ପ୍ରତ୍ୟେକ ଯୁଗରେ ଏବଂ ପ୍ରତ୍ୟେକ ଦେଶରେ ମନୁଷ୍ୟ ଓ ଦେବତା ଉଭୟେ ଆନ୍ତରିକତା ଓ ନିଷ୍ଠାକୁ ସମ୍ମାନ ଦେଇଛନ୍ତି; ପ୍ରତ୍ୟେକ ବସ୍ତୁରେ ସେମାନେ ସାଧୁତା ଏବଂ ସର୍ବୋତ୍କୃଷ୍ଟ-ପଣିଆକୁହିଁ ଶ୍ରଦ୍ଧା କରିଛନ୍ତି ।

ଯିଏ ମିଥ୍ୟାରେ ରହି ଜୀବନଯାପନ କରୁଛି, ଆମେ ତାହାକୁ ମନୁଷ୍ୟ ଜାତିର ଜଣେ ଶତ୍ରୁ ବୋଲି ଜାଣିବା ।

ଦର୍ଶନ, ଜ୍ୟୋତିଷଶାସ୍ତ୍ର, ଗଣିତ, ରସାୟନବିଦ୍ୟା ଓ ପଦାର୍ଥ ବିଜ୍ଞାନ,— ମନୁଷ୍ୟ ତା'ର ଏହି ଯାବତୀୟ ବିଜ୍ଞାନ ଦ୍ୱାରା କେବଳ ସତ୍ୟରହିଁ ଅନ୍ୱେଷଣ କରିଥାଏ । ମାତ୍ର ବୃହତ୍ତମ ବସ୍ତୁଗୁଡ଼ିକରେ ଯେମିତି, ସେହିପରି କ୍ଷୁଦ୍ରତମ ବସ୍ତୁ-ଗୁଡ଼ିକରେ ମଧ୍ୟ ସତ୍ୟ ଲାଗି ସର୍ବଦା ଏକ ଆବଶ୍ୟକତା ରହିଥାଏ ।

ତୁମେସବୁ ଯେଉଁମାନେ ବର୍ତ୍ତମାନ ସାନ ପିଲା ହୋଇଛ, ସତ୍ୟନିଷ୍ଠ ହେବା ଲାଗି ତୁମେମାନେ ବଡ଼ ହେବା ପର୍ଯ୍ୟନ୍ତ ଆଦୌ ଅପେକ୍ଷା କର ନାହିଁ : ସତ୍ୟନିଷ୍ଠ ହେବା ଲାଗି ବୟସର ଆଦୌ କୌଣସି ବିଚାର ରହିବା ଉଚିତ ନୁହେଁ । ଏବଂ,

'oaob.nitrkl.ac.in' images reprocessed

ସତ୍ୟାନ୍ୱେଷୀ ହେବା ଲାଗି ଯେକୌଣସି ବସ୍ତୁସବର ମଧ୍ୟ ଅଭ୍ୟାସଟିକୁ ଅର୍ଜନ କରିବା ଲାଗି ଅବଶ୍ୟ ଚେଷ୍ଟା କରାଯାଇ ପାରିବ ।

ଅନେକ ସମୟରେ ଲୋକମାନେ ସତ୍ୟ କହିବା ଲାଗ ଇଚ୍ଛା କରୁଥାନ୍ତି, ତଥାପି ତାହା କରି ପାରନ୍ତି ନାହିଁ । କାରଣ, ସେକଥା ସମ୍ଭବ କରିବାକୁ ହେଲେ, ସେମାନଙ୍କୁ ସତ୍ୟକୁ ଜାଣିବାକୁ ହେବ ଓ ତାହାକୁ ଆବିଷ୍କାର କରିବାକୁ ହେବ । ଏବଂ ଏକଥାଟି ସର୍ବଦା ଆଦୌ ସହଜରେ ସମ୍ଭବ ହୁଏ ନାହିଁ ।

ବାରାଣସୀର ଜଣେ ରାଜାଙ୍କର ଚାରିଜଣ ପୁଅ ଥିଲେ । ଥରେ ସେହି ପୁଅମାନେ ଜଣଜଣ କରି ରାଜାଙ୍କର ସାରଥିକୁ ଯାଇ କହିଲେ, "ମୁଁ ଗୋଟିଏ କିଂଶୁକ ଗଛ ଦେଖିବାକୁ ଇଚ୍ଛା କରୁଛି !"

ସାରଥି କହିଲା, "ଆଚ୍ଛା ହଉ, ମୁଁ ଦେଖାଇ ଦେବି;" ଏବଂ ରଥରେ ବସି ଜଙ୍ଗଲକୁ ଯିବା ଲାଗି ସେ ଆଗ ସବା ବଡ଼ ପୁଅକୁ ଡାକନେଲା ।

ଜଙ୍ଗଲ ଭିତରେ ସାରଥି ତାକୁ ଗୋଟିଏ କିଂଶୁକ ବୃକ୍ଷ ଦେଖାଇଦେଲା । ବର୍ଷର ସେହି ଋତୁଟି ସମୟରେ ଗଛଟିରେ କୌଣସି କଢି ନଥିଲା, ପତ୍ର ନଥିଲା କି ଫୁଲ ବି ନଥିଲା । ତେଣୁ ରାଜପୁଅ ଗଛଟାର କେବଳ କଳାରଙ୍ଗର ଗଣ୍ଡିଟାକୁହିଁ ଦେଖିଥିଲା ।

ତା'ର କେତେ ସପ୍ତାହ ପରେ ଦ୍ୱିତୀୟ କୁମାରକୁ ମଧ୍ୟ ସାରଥି ରଥରେ ବସାଇ କିଂଶୁକ ଗଛ ଦେଖାଇ ଆଣିଲା । ସିଏ ଦେଖିଲା, ଗଛଟି ପତ୍ର ଦ୍ୱାରା ପୂର୍ଣ୍ଣ ହୋଇ ରହିଛି ।

ସେହି ଋତୁରେ ଆଉ କିଛି ଦିନ ପରେ ତୃତୀୟ କୁମାର ବି ଗଛଟିକୁ ଯାଇ ଦେଖିଲା । ସେତେବେଳେ ତାହା ନାଲିବର୍ଣ୍ଣର ଫୁଲରେ ଲଦି ହୋଇ ରହିଥିଲା ।

ସବାଶେଷରେ ଚତୁର୍ଥ କୁମାରର ପାଳି ପଡ଼ିଲା । ସେତେବେଳକୁ ଗଛର ଫଳଗୁଡ଼ିକ ପାଚି ଯାଇଥିଲା ।

ଥରେ, ଚାରି କୁମାରଯାକ ଏକାଠି ବସିଥିବା ସମୟରେ ଜଣେ ଲୋକ ସେମାନଙ୍କୁ ପଚାରିଲା,

"କିଂଶୁକ ଗଛ ଦେଖିବାକୁ କପରି କହିଲ ?"

ସବାବଡ଼ ଉତ୍ତର ଦେଲା, "ଖାଲି ଅଙ୍ଗାର ଗଣ୍ଡିଟା ପରି !"

ଦ୍ୱିତୀୟ କହିଲା, "ପତ୍ରପୁଞ୍ଜରେ ଭୂଷିତ ରମ୍ଭାବୃକ୍ଷ ପରି !"

ତୃତୀୟ : "ନାଲି ଆଉ ନାରଙ୍ଗୀ ବର୍ଣ୍ଣର ଗୋଟାଏ ଫୁଲତୋଡ଼ା ପରି !"

'oaob.nitrkl.ac.in' images reprocessed

ଏବଂ ଚତୁର୍ଥ ଉତ୍ତର ଦେଲା, "ଫଳରେ ଭର୍ତ୍ତି ହୋଇଥିବା ଗୋଟାଏ ବବୁଲ୍‌ଗଛ ପରି ।"

ଚାରିଜଣଙ୍କଠାରୁ ଚାରି ପ୍ରକାରର ବର୍ଣ୍ଣନା ମିଳିବାରୁ ସେମାନେ ପ୍ରକୃତ ସମାଧାନଟି ଲାଗି ବାପାଙ୍କ ପାଖରେ ଯାଇ ପହଞ୍ଚିଲେ । ପ୍ରତ୍ୟେକ ରାଜକୁମାର ଜଣ ଜଣ ହୋଇ ବିଭିନ୍ନ ଅବସ୍ଥାଗୁଡ଼ିକରେ କିଂଶୁକ ଗଛଟିକୁ ଦେଖିଛନ୍ତି, ସେକଥା ଶୁଣିସାରିବା ପରେ ରାଜା ମୃଦୁହସି ଉତ୍ତର ଦେଲେ :

"ତୁମେମାନେ ପ୍ରତ୍ୟେକେ ଠିକ୍ କଥାହିଁ କହୁଛ । ମାତ୍ର ତୁମେମାନେ ଗୋଟିଏ କଥା ଭୁଲି ଯାଉଛ ଯେ ଗଛଟି ସବୁଯାକ ଋତୁରେ କଦାପି ଏକାଭଳି ରହେ ନାହିଁ ।"

ଯିଏ ଗଛଟିକୁ ଯେପରି ଦେଖିଥିଲା, ସିଏ ଗଛଟିର କେବଳ ସେହିପରି ବର୍ଣ୍ଣନାହିଁ ଦେଉଥିଲା । ମାତ୍ର ଅନ୍ୟମାନେ ଗଛଟିକୁ କିପରି ଦେଖିଥିଲେ ଓ ଜାଣିଥିଲେ, ସେ ବିଷୟରେ ସେମାନେ ସମ୍ପୂର୍ଣ୍ଣ ଅଜ୍ଞ ରହିଥିଲେ ।

ଏହିପରି, ଅଧିକାଂଶ ସମୟରେ ଲୋକେ ସତ୍ୟର କେବଳ ଗୋଟିଏ ଅଂଶକୁହିଁ ଜାଣିଥାନ୍ତି; ମାତ୍ର, ସେମାନେ ସମ୍ପୂର୍ଣ୍ଣ ସତ୍ୟଟିକୁ ଜାଣିଛନ୍ତି ବୋଲି ଭାବୁଥାନ୍ତି, ସେହି କାରଣରୁହିଁ ଭୁଲ୍ କରି ପକାନ୍ତି ।

ମାତ୍ର, ଯଦି ସେମାନେ ପିଲାଟି ଦିନରୁହିଁ ସତ୍ୟକୁ ଅନ୍ୱେଷଣ କରିବାର କଳାଟିକୁ ଶିଖି ପାରିଥାନ୍ତେ ଏବଂ କ୍ରମଶଃ ଅଧିକରୁ ଅଧିକ ପରିମାଣରେହିଁ ନିତ୍ୟ ତାହାର ଅନ୍ୱେଷଣ କରିବାରେ ଲାଗିଥାନ୍ତେ, ତେବେ ସେମାନଙ୍କର ଭୁଲ୍‌ର ମାତ୍ରା ମଧ୍ୟ କେତେ ଊଣା ହୋଇ ନଯାନ୍ତା !

❋

ହିମାଳୟ ଅଞ୍ଚଳରେ ଅବସ୍ଥିତ କୁମାୟୁନର ରାଜା ଥରେ ଆଲମୋଡ଼ାର ପାର୍ବତ୍ୟାଞ୍ଚଳରେ ବୁଲି ଶିକାର କରୁଥିଲେ । ସେତେବେଳେ ସେହି ଅଞ୍ଚଳଟି ଘନ ଅରଣ୍ୟରେ ପୂର୍ଣ୍ଣ ହୋଇ ରହିଥିଲା ।

ହଠାତ୍ ଗୋଟିଏ ଠେକୁଆ ବୁଦା ଭିତରୁ ବାହାରି ହରଗିତ ପଟକୁ ଦଉଡ଼ି ପଳାଇଲା ଏବଂ ରାଜା ତା' ପଛେ ପଛେ ଗୋଡ଼ାଇବାକୁ ଲାଗିଲେ । ମାତ୍ର ଠେକୁଆ ତତ୍‌କ୍ଷଣାତ୍ ଗୋଟିଏ ବାଘର ରୂପ ଧାରଣ କଲା ଏବଂ ତାଙ୍କ ଆଖିର ଅନ୍ତରାଳକୁ ଦଉଡ଼ି ପଳାଇଲା ।

'oaob.nitrkl.ac.in' images reprocessed

ଏହି ଅଦ୍ଭୁତ ଘଟଣାରେ ରାଜା ଖୁବ୍ ଆଶ୍ଚର୍ଯ୍ୟ ହୋଇଗଲେ ଓ ପରେ ରାଜପ୍ରାସାଦର ପଣ୍ଡିତମାନଙ୍କୁ ଡକାଇ ସେମାନଙ୍କୁ ସେ ଏହି ବ୍ୟାପାରଟିର ପ୍ରକୃତ ଅର୍ଥ ପଚାରିଲେ ।

ସେମାନେ ଉତ୍ତର ଦେଇ କହିଲେ, "ଏହାର ଅର୍ଥ ହେଉଛି ଯେ, ବାଘଟି ଯେଉଁ ସ୍ଥାନରେ ଆପଣଙ୍କ ଆଗରୁ ଅଦୃଶ୍ୟ ହୋଇଗଲା, ସେଠାରେ ଆପଣ ଗୋଟିଏ ନୂତନ ସହର ବସାଇବେ । କାରଣ, ଯେଉଁଠାରେ ଲୋକମାନେ ବହୁସଂଖ୍ୟାରେ ବାସ କରିବାକୁ ଆସନ୍ତି, କେବଳ ସେହିସବୁ ସ୍ଥାନରୁହିଁ ବାଘମାନେ ପଳାଇ ଯାଆନ୍ତି ।"

ତେଣୁ ନୂଆ ସହରଟିକୁ ତିଆରି କରିବା ଲାଗି ମୂଳଆ ଲାଗିଗଲେ । ମାଟିର ତଳେ କେଉଁଯାଏ କେତେ ଶକ୍ତ ରହିଛି, ତାହା ପରୀକ୍ଷା କରି ଦେଖିବା ଲାଗି ଗୋଟାଏ ମୋଟା ଲୁହାଛଡ଼କୁ ମାଟି ଭିତରକୁ ଗଳାଇ ଦେଖାଗଲା । ଦୈବାତ୍, ଠିକ୍ ସେହି ସମୟକୁ କମ୍ପିତ୍ ଭୂମିକମ୍ପ ବି ହେଲା ।

ପଣ୍ଡିତମାନେ ପାଟି କରି ଆଦେଶ ଦେଲେ, "ବନ୍ଦ କର !" ଲୁହାଛଡ଼ଟି ଶେଷନାଗଙ୍କର ଦେହରେ ଯାଇ ବାଜିଲାଣି । ଏଠାରେ ନଗର ବସାଇବା ଆଦୌ ଉଚିତ ହେବ ନାହିଁ ।"

ଏବଂ, କାହାଣୀଟିରେ କୁହାହୋଇଛି ଯେ ଯେତେବେଳେ ଲୁହାଛଡ଼ଟିକୁ ମାଟି ଭିତରୁ ବାହାର କରି ଅଣାଗଲା, ସେତେବେଳେ ଶେଷନାଗଙ୍କର ରକ୍ତରେ ତାହା ଗୋଟାସୁଦ୍ଧା ଲାଲ ହୋଇ ଯାଇଥିଲା ।

ସେକଥା ଦେଖି ରାଜା କହିଲେ, "ସର୍ବନାଶ ! ମାତ୍ର ଏଠାରେ ସହର ବସିବ ବୋଲି ଯେତେବେଳେ ଥରେ ନିଷ୍ପତ୍ତି ହୋଇ ସାରିଛି, ସେତେବେଳେ ସହର ବସାଇବାକୁହିଁ ପଡ଼ିବ ।"

ଏଥିରେ ପଣ୍ଡିତମାନେ ଖୁବ କ୍ରୋଧ ପ୍ରକାଶ କଲେ ଏବଂ ସେଠାରେ ସହର ବସିଲେ ଅତ୍ୟନ୍ତ ଅମଙ୍ଗଳ ଘଟିବ ବୋଲି ଭବିଷ୍ୟୋକ୍ତି ବି କଲେ । ରାଜାଙ୍କର ବଂଶ ଅଚିରେ ଲୋପ ପାଇବ ବୋଲି ଭୟ ବି ଦେଖାଇଲେ ।

ସେଠାରେ ମାଟି ଖୁବ୍ ଉର୍ବର ଥିଲା, ପାଣି ବି ପ୍ରଚୁର ମିଳୁଥିଲା । ଦୀର୍ଘ ଛଅଶହ ବର୍ଷ ହେଲା ଆଲମୋଡ଼ା ସହର ପାହାଡ଼ଟି ଉପରେ ସେହିପରି ଅବସ୍ଥିତ ରହିଛି ଏବଂ ଚତୁର୍ଦ୍ଦିଗରେ ଥିବା କ୍ଷେତଗୁଡ଼ିକରୁ ପ୍ରଚୁର ଫସଲ ଅମଳ ହେଉଛି ।

ଅର୍ଥାତ୍, ଆପଣାର ସକଳ ପାଣ୍ଡିତ୍ୟ ସତ୍ତ୍ୱେ ପଣ୍ଡିତମାନେ ଭୁଲ୍ ଭବିଷ୍ୟବାଣୀହିଁ କରିଥିଲେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେମାନେ

'oaob.nitrkl.ac.in' images reprocessed

ନିଷ୍ଠାର ସହିତ ସେହି କଥାଟି କହିଥିଲେ ଓ ସତକଥା କହୁଛନ୍ତି ବୋଲି ଭାବିଥିଲେ । ମାତ୍ର ଲୋକମାନେ ଅନେକ ସମୟରେ ଠିକ୍ ଏହିଭଳି ଭୁଲ୍‌ମାନ କରିଥାନ୍ତି ଏବଂ ତୁଚ୍ଛା ଅନ୍ଧବିଶ୍ୱାସଗୁଡ଼ାକୁ ସତ୍ୟ ବୋଲି ଭ୍ରମ କରିଥାନ୍ତି ।

ଏହି ପୃଥିବୀ କେତେ ନା କେତେ ଅନ୍ଧ ବିଶ୍ୱାସରେ ଭର୍ତ୍ତି ହୋଇ ରହିଛି ବୋଲି ତୁମେ ସାନ ପିଲାମାନେ ସବୁବେଳେ ମନେ ରଖିଥିବ । ଅଧିକରୁ ଅଧିକ ପରିମାଣରେ ସତ୍ୟର ଆବିଷ୍କାର କରି ପାରିବାକୁ ହେଲେ ସର୍ବୋତ୍ତମ ଉପାୟ ହେଉଛି ଯେ ଆମେ ସର୍ବଦା ନିଷ୍ଠାଯୁକ୍ତ ହୋଇ ରହିବା; ଆମର ଭାବନା, କାର୍ଯ୍ୟ ଏବଂ ବାକ୍ୟରେ ଆମେ ସର୍ବଦା ଅଧିକରୁ ଅଧିକ ନିଷ୍ଠା ରଖିବାର ଚେଷ୍ଟା କରୁଥିବା । କାରଣ, ଆମେ ଯେତେବେଳେ ଯାବତୀୟ କ୍ଷେତ୍ରରେ କାହାକୁ ହେଲେ ଠକିବା ନାହିଁ ବୋଲି ଦୃଢ଼ ହୋଇ ରହିପାରିବା, ସେତେବେଳେ ଆମେ ନିଜକୁ ମଧ୍ୟ କ୍ରମଶଃ କମ୍ ପରିମାଣରେ ଠକିବାର ବିଦ୍ୟାଟିକୁ ମଧ୍ୟ ଶିକ୍ଷା କରିବାକୁ ସମର୍ଥ ହେବା ।

'oaob.nitrkl.ac.in' images reprocessed

ନଅ

ସମୀଥକ୍ ବିଚାର

ଗୋଟିଏ ଭଲ ସିଧା ବାଡ଼ିକୁ ନେଇ ପାଣି ଭିତରେ ଅଧାଅଧି ବୁଡ଼ାଇବ : ବାଡ଼ିଟା ତୁମକୁ ମଝିରୁ ବଙ୍କା ପରି ଦେଖାଯିବ । ମାତ୍ର ସେଇଟି ହେଉଛି ତୁମର ଦେଖିବାର ଭ୍ରମ, ଏବଂ ଯଦି ତୁମେ ବାଡ଼ିଟାକୁ ପ୍ରକୃତରେ ବଙ୍କା ବୋଲି ବିଚାର କରିବ, ତେବେ ତୁମର ସେହି ବିଚାର କଦାପି ଠିକ୍ ହେବ ନାହିଁ । ବାଡ଼ିଟିକୁ ପୁନର୍ବାର ପାଣି ଭିତରୁ ବାହାରକୁ ବାହାର କରି ଆଣିଲେ ତୁମେ ସ୍ପଷ୍ଟ ଭାବରେ ଦେଖିପାରିବ ଯେ ବାଡ଼ିଟା ପ୍ରକୃତରେ ବଙ୍କା ନୁହେଁ, ସିଧା ।

ଅନ୍ୟ ପକ୍ଷରେ, ହୁଏତ ଏପରି ମଧ୍ୟ ଘଟିପାରେ ଯେ, ପ୍ରକୃତରେ ବଙ୍କା ଥିବା ଗୋଟିଏ ବାଡ଼ିକୁ ସାବଧାନତା ସହିତ ଏକ ନିର୍ଦ୍ଦିଷ୍ଟ ପ୍ରକାରେ ପାଣି ଭିତରେ ବୁଡ଼େଇ ଧରିଲେ ତାହା ତୁମ ଆଖିକୁ ସିଧାପରି ଦେଖାଯିବ ।

ମଣିଷମାନେ ବି ଅନେକ ସମୟରେ ସେହି ବାଡ଼ିପରି ବ୍ୟବହାର କରିଥାନ୍ତି । ଗୋଟିଏ ନିର୍ଦ୍ଦିଷ୍ଟ କୋଣରୁ ସେମାନଙ୍କୁ ନିରୀକ୍ଷଣ କରି ଦେଖିଲେ ତୁମେ ହୁଏତ ସେମାନେ ବାହାରକୁ ଯେତେ ସିଧା ବୋଲି ଦେଖା ଯାଉଥିବେ, ସେମାନଙ୍କୁ ମୋଟେ ସେପରି ସିଧା ବୋଲି ଦେଖିବ ନାହିଁ । ଏବଂ, ବେଳେବେଳେ ହୁଏତ ଏପରି ବି ଘଟିବ ଯେ, ସେମାନେ ଭିତରେ ଏଭାବେଲେକେ ବଙ୍କା ହୋଇ ରହିଥିଲେ ମଧ୍ୟ ବାହାରକୁ ଠିକ୍ ଓଲଟା ଦେଖାଯାଉଥିବେ ଏବଂ ସିଧା ପରି ମନେ ହେଉଥିବେ । ତେଣୁ ଯିଏ ବାହାରକୁ ଯେପରି ଦେଖାଦେଉଛି, ତାକୁ ଆମେ କଦାପି ସେହିପରି ବୋଲି ବିଶ୍ୱାସ କରିବା ନାହିଁ ଏବଂ କାହାରିକୁ କଦାପି ଏପରି ହାଲୁକା ଓ ଉପରଠାଉରିଆ ଭାବରେ ବିଚାର କରିବା ନାହିଁ ।

ଭାରତବର୍ଷରେ ଥରେ ଜଣେ ବାବାଜୀ ଭିକ୍ଷା କରି ବାହାରିଥିଲେ । ଗୋଟିଏ ପଡ଼ିଆରେ ସେ ଗୋଟିଏ ମେଣ୍ଢା ଦେଖିଲେ । ମେଣ୍ଢା ତାଙ୍କୁ ଦେଖିବା ମାତ୍ରକେ ପ୍ରଚଣ୍ଡ କୋପରେ ଭୁଷିବ ବୋଲି ଦଉଡ଼ି ଆସିଲା ଏବଂ ସେଥିଲାଗି ଆଗ କେତେ ପାଦ ପୁଛୁଯାଇ ମୁଣ୍ଡଟାକୁ ତଳଅଡ଼କୁ କରିଦେଲା ।

ସେକଥା ଦେଖି ବାବାଜୀ କହିଲେ, "ବାଃ, ଭାରି ବୁଦ୍ଧିଆ ଆଉ ଭଲ ମେଣ୍ଢାଟିଏ ତ ! ମୁଁ ଜଣେ ଧର୍ମପରାୟଣ ବ୍ୟକ୍ତି ବୋଲି ସେ ନିଶ୍ଚୟ ବୁଝିପାରିଛି ଏବଂ ସେଥିଲାଗି ମୋତେ ନମସ୍କାର କରିବ ବୋଲି ମୁଣ୍ଡକୁ ତଳଆଡ଼କୁ ନୁଆଁଇ ଆଣୁଛି ।"

'oaob.nitrkl.ac.in' images reprocessed

ଠିକ୍ ସେହି ସମୟରେହିଁ ମେଣ୍ଢାଟି ଆଗକୁ ମାଡ଼ି ଆସିଲା ଏବଂ ଗୋଟିଏ ମୁଣ୍ଡିଆ ମାରି ଧର୍ମମନ୍ଦ୍ରମଯୁକ୍ତ ବାବାଜୀଙ୍କୁ ତଳେ ପକାଇ ଦେଲା ।

ତେଣୁ ଏପରି ବି ଘଟିପାରେ ଯେ, ଯେଉଁମାନେ ଆଦୌ ସମ୍ମାନ ଅଥବା ବିଶ୍ୱାସର ଯୋଗ୍ୟ ନୁହନ୍ତି, ଆମେ ହୁଏତ ଅତିଗୁଡ଼ାଏ ସମ୍ମାନ ଓ ବିଶ୍ୱାସର ସହିତ ସେମାନଙ୍କ ବିଷୟରେ ବିଚାର କରୁଥିବା । କାରଣ ବେଳେବେଳେ ଆମେ ସାଧୁ ଲାଙ୍ଗୋଟ୍ ପିନ୍ଧିଥିବା ନେକ୍ଟାବାଘଟି ପରି ଅନେକ ମଣିଷଙ୍କର ସମ୍ପର୍କରେ ମଧ୍ୟ ଆସିଥାଉ । ସେହି ନେକ୍ଟାବାଘଟାକୁ ମେଣ୍ଢା ତା' ଜଗୁଆଳ ବୋଲି ଭାବିଥିଲା, କାରଣ ନେକ୍ଟା ତା' ଜଗୁଆଳର କୁକୁଡ଼ାଟାକୁ ନିଜ ଦେହରେ ଗୁଡ଼ାଇ ହୋଇଥିଲା । ଅନେକ ଲୋକଙ୍କୁ ଆମେ ସେହି ଗଧ ପରି ବି ଭାବିଥାଉ, ଯିଏକି ଦେହରେ ଗୋଟାଏ ସିଂହଚମଡ଼ା ପକାଇଥିଲା ଓ ତେଣୁ ସମସ୍ତେ ତାକୁ ଗୋଟାଏ ବିପଜ୍ଜନକ ପ୍ରାଣୀ ବୋଲି ଭାବୁଥିଲେ ।

❋

ମାତ୍ର, ଉପରର ପ୍ରତୀତ ରୂପଟି ଉପରେ ବିଶ୍ୱାସ କରି ଆମେ ହୁଏତ ଯେମିତି ନାନା ଭ୍ରମରେ ପଡ଼ିଯାଉ, ଅନ୍ୟ ପକ୍ଷରେ ତା'ଠାରୁ ଆହୁରି ଅଧିକ ଅଖ୍ୟାତ ସମୟରେ ବି ଆମେ ଅନ୍ୟମାନଙ୍କ ବିଷୟରେ ନବୁଝି ନଶୁଣି ଭାରି ଅନୁଦାର ଭାବରେ ତରତରିଆ କେତେ ବିଚାର ମଧ୍ୟ କରିଦେବାକୁ ପ୍ରାୟ ପ୍ରଲୁବ୍ଧ ହୋଇ ପଡ଼ିଥାଉ ।

ପାରସ୍ୟର ଶାହା ଇସ୍ମାଇଲ୍ ସେଫେଭି ଖୋରେସାନ୍ ବିଜୟ କରି ରାଜଧାନୀକୁ ଫେରି ଆସୁଥାନ୍ତି ।

କବି ହାଫିଜଙ୍କର ବାସସ୍ଥାନ ବାଟଦେଇ ଆସୁଥିବା ସମୟରେ ସିଏ ତାଙ୍କ ଘରକୁ ଯାଇ ତାଙ୍କୁ ଟିକିଏ ଦେଖିଆସିବାକୁ ମଧ୍ୟ ଭାବିଲେ । ତାଙ୍କ ଘରର ଫାଟକ ଯାଏ ଯିବା ଲାଗି ତାଙ୍କର ଆଉ କୌଣସି ଧୈର୍ଯ୍ୟ ନଥିଲା, କାରଣ ପ୍ରଖ୍ୟାତ କବିଙ୍କୁ ଦେଖିବା ଲାଗି ସେ ଏକାବେଳେକେ ଉଚ୍ଛନ୍ନ ହୋଇ ପଡ଼ିଥିଲେ । ତେଣୁ ପାଚେରି ଉପରେ ଝୁଲି ପଡ଼ିଥିବା ଗୋଟାଏ ଗଛ ଡାଳକୁ ଦେଖି ପାରି ସିଏ ତାକୁ ଯାଇ ଧରିଲେ ଓ ତାହାରି ସାହାଯ୍ୟରେ କବିଙ୍କ ଉଦ୍ୟାନ ଭିତରକୁ ଡେଇଁ ପଡ଼ିଲେ ।

ତୁମର ଘର ଭିତରେ କୌଣସି ବ୍ୟକ୍ତି ଏହିପରି ଭାବରେ ପ୍ରବେଶ କରିଥିଲେ ତା' ବିଷୟରେ ତୁମେ କ'ଣ ଭାବିଥାନ୍ତ ? ତୁମେ ହୁଏତ ତାକୁ ଗୋଟାଏ ଚୋର ବୋଲି ଭାବିଥାନ୍ତ ଓ ଅତ୍ୟନ୍ତ ଅନାଦର ସହିତ ତାହାର ସ୍ୱାଗତ କରି ଯାଇଥାନ୍ତ ।

'oaob.nitrkl.ac.in' images reprocessed

କିନ୍ତୁ ହ୍ୱାଇଟ ବାହାରର ଏହି ବ୍ୟବହାରରୁ ମୋଟେ ଶାହାଙ୍କର ବିଗ୍ଭର କଲେ ନାହିଁ, ଏହି ଆଚରଣରୁ ସାଧାରଣତଃ ହଠାତ୍ ଯେଉଁ ଧାରଣା ହୋଇଆସେ, ସେଥିରୁ ସେ ଶାହାଙ୍କର ବିଗ୍ଭର କଲେ ନାହିଁ । ଏପରି ଅଦ୍ଭୁତ ଭାବରେ ଆସି ପହଞ୍ଚିଥିବା ଅତିଥିଙ୍କୁ ସେ ସାଦର ଅଭ୍ୟର୍ଥନା କରି ଆଣିଲେ । ଏବଂ, ଶାହା ଖୁବ ଉତ୍ସାହର ସହିତ ତାଙ୍କର ଯେଉଁ ଘରଭିତର କଥାସବୁ ତାଙ୍କୁ କହିଥିଲେ, ସେଗୁଡ଼ିକ ଉପରେ ସେ କେତୋଟି ନୂତନ କବିତା ମଧ୍ୟ ଲେଖିଲେ ।

✲

ଅନ୍ୟମାନଙ୍କ ଭିତରେ ସେମାନଙ୍କ ଲାଗି ଯାହା ପ୍ରାୟ ଅନନୁକୂଳ ହୋଇ ରହିଛି, ସେହିଗୁଡ଼ାକୁ ଆଗ ଏତେ ବଡ଼ କରି ଦେଖିବାଠାରୁ ଅଧିକ ସହଜ କଥା ସାଧାରଣତଃ ଆଉ କିଛି ନାହିଁ । ପ୍ରତ୍ୟେକ ମଣିଷର କିଛି ନା କିଛି ଦୋଷ ରହିଛି, ଏବଂ ସିଏ ନିଜେ ସେଗୁଡ଼ିକପ୍ରତି ଯେତେ ନଜର ଦେଇଥାଏ, ତା'ର ପ୍ରତିବେଶୀମାନେ ତା'ଠାରୁ ଅଧିକ ନଜର ଦିଅନ୍ତି । ମାତ୍ର କୌଣସି ବ୍ୟକ୍ତି ବିଷୟରେ ଅନୁଚିତ ଭାବରେ ବିଗ୍ଭର ନକରିବାକୁ ହେଲେ, ତା' ଭିତରେ ସର୍ବୋତ୍ତମ ଯାହାକିଛି ରହିଛି, ଆମକୁ ପ୍ରଥମେ ସେହିଗୁଡ଼ିକୁହିଁ ଖୋଜି ବାହାର କରିବାକୁ ହେବ । କଥାରେ ଅଛି, "ତୁମ ବନ୍ଧୁଙ୍କର ଯଦି ଗୋଟିଏ ମାତ୍ର ଆଖି ରହିଛି, ତେବେ ତୁମେ ତଥାପି ତା'ର ଭଲ ଦିଗଟିକୁ ଦେଖିବାକୁ ଚେଷ୍ଟା କରିବ ।"

ତୁମର କୌଣସି ବନ୍ଧୁ ତୁମକୁ ହୁଏତ ଖୁବ ଅଭଦ୍ର ବା ଖୁବ ମନ୍ଥର ବୋଲି ମନେ ହେଉଥିବ, ମାତ୍ର ତଥାପି ଶ୍ରେଣୀ ଭିତରେ ହୁଏତ ସେଇ ସମସ୍ତଙ୍କଠାରୁ ଅଧିକ ପରିଶ୍ରମୀ ହୋଇଥିବ ।

ତୁମର ଶିକ୍ଷକ ତୁମକୁ ହୁଏତ ଖୁବ କଡ଼ା ବୋଲି ମନେ ହେଉଥିବେ ସତ, ମାତ୍ର ସିଏ ହୁଏତ ପ୍ରକୃତରେ ତୁମକୁ ଖୁବ ଭଲପାଉଥିବେ ଏବଂ କେବଳ ତୁମର ଉନ୍ନତିହିଁ କାମନା କରୁଥିବେ ।

ତୁମର କୌଣସି ବନ୍ଧୁ ତୁମକୁ ହୁଏତ ବେଳେବେଳେ ଖୁବ ବିରକ୍ତିକର ଏବଂ ବଦମିଜାଜ ବୋଲି ମନେ ହେଉଥିବେ, ମାତ୍ର ହୁଏତ ସେଇ ତୁମର ସର୍ବୋତ୍ତମ ବନ୍ଧୁ ମଧ୍ୟ ହୋଇଥିବେ ।

ଏବଂ, ଏପରି କେତେକେତେ ଲୋକ ନାହାନ୍ତି, ଯେଉଁମାନଙ୍କୁ କି ସମସ୍ତେ ଦୁଷ୍ଟ ବୋଲି କହନ୍ତି ଓ ଖୁବ କର୍କଶ ଆଚରଣ ଦେଖାନ୍ତି, ମାତ୍ର ସେମାନଙ୍କ ଭିତରେ ଗଭୀର ପ୍ରଦେଶରେ ଏପରି କିଛି ସାମଗ୍ରୀ ରହିଥାଏ, ଯାହାକୁ କି ଆଗରୁ କେହି କେବେହେଲେ ଲକ୍ଷ୍ୟ କରି ନଥାନ୍ତି ।

'oaob.nitrkl.ac.in' images reprocessed

ସମ୍ୟକ୍ ବିଚାର

ଗୁବ୍‌ବିଓ ସହରର ଆଖପାଖରେ ଜଙ୍ଗଲ ଓ ବିଲ ଅଞ୍ଚଳରେ ଗୋଟାଏ ହେଟା ମାତ୍ର ଭାରି ଉତ୍ପାତ କରୁଥିଲା । ତା' ଭୟରେ ଲୋକେ ଶେଷକୁ ପଦାକୁ ବାହାରିବା ମଧ୍ୟ ବନ୍ଦ କରିଦେଲେ । ସେହି ଭୟଙ୍କର ପ୍ରାଣୀଟା ମଣିଷ ଆଉ ଜନ୍ତୁ ଉଭୟଙ୍କୁ ମାରୁଥିଲା ।

ଅବଶେଷରେ ଉତ୍ତମହୃଦୟ ସନ୍ଥ ଫ୍ରାନ୍‌ସିସ୍ ସେହି ଭୟଙ୍କର ପ୍ରାଣୀଟିର ସମ୍ମୁଖୀନ ହେବା ଲାଗି ମନସ୍ଥ କଲେ । ସିଏ ସେହି ଉଦ୍ଦେଶ୍ୟରେ ସହର ବାହାରକୁ ବାହାରିଗଲେ, ଆହୁରି ଅନେକ ନରନାରୀ ବି ତାଙ୍କ ପଛରେ ଖଣ୍ଡେ ଦୂରରେ ଥାଇ ତାଙ୍କର ଅନୁସରଣ କରୁଥାନ୍ତି । ଜଙ୍ଗଲର ନିକଟବର୍ତ୍ତୀ ହୋଇ ଆସିବା ମାତ୍ରକେ ହେଟାଟା ଏତେବଡ଼ ଆଁ କରି ହଠାତ୍ ସନ୍ଥଙ୍କ ଉପରକୁ ଡେଇଁ ପଡ଼ିଲା । ମାତ୍ର ଫ୍ରାନ୍‌ସିସ୍ ସମ୍ପୂର୍ଣ୍ଣ ସ୍ଥିର ରହି କେବଳ ଗୋଟିଏ ଇଙ୍ଗିତ ଦେଲେ ଏବଂ ହେଟାଟା ମଧ୍ୟ ଭାରି ଶାନ୍ତ ଭାବରେ ତାଙ୍କର ଗୋଡ ତଳକୁ ଆସି ଶୋଇ ରହିଲା ।

ତାକୁ ଉଦ୍ଦେଶ୍ୟ କରି ସନ୍ଥ ଫ୍ରାନ୍‌ସିସ୍ କହିଲେ, "ହେଟାଭାଇ, ତୁ ଏହି ଅଞ୍ଚଳରେ ଲୋକମାନଙ୍କର ଭାରି କ୍ଷତି କରି ସାରିଲୁଣି, ଏବଂ ହତ୍ୟାକାରୀ ଭାବରେ ତୋତେ ମଧ୍ୟ ମାରି ଦିଆଯିବା ଉଚିତ । ତୋତେ ସବୁ ମଣିଷ ଘୃଣା କରୁଛନ୍ତି । କିନ୍ତୁ ମୁଁ ଗୁବ୍‌ବିଓରେ ବାସ କରୁଥିବା ମୋର ବନ୍ଧୁ ଏବଂ ତୋ' ଭିତରେ ଏକ ଶାନ୍ତି ସ୍ଥାପନା କରିବାକୁ ଇଚ୍ଛାକରି ଏଠାକୁ ଆସିଛି ।"

ହେଟା ନିଜ ମୁଣ୍ଡକୁ ତଳକୁ ନୁଆଁଇ ଆଣି ଲାଞ୍ଜ ହଲାଇବାକୁ ଲାଗିଲା ।

ଫ୍ରାନ୍‌ସିସ୍ ତା'ପରେ କହିଲେ, "ହେଟାଭାଇ, ମୁଁ ତୋତେ ଜବାବ ଦେଇକହୁଛି ଯେ, ଯଦି ତୁ ଏହି ଲୋକମାନଙ୍କର କୌଣସି କ୍ଷତି ନକରିବୁ, ତେବେ ଲୋକମାନେ ମଧ୍ୟ ତୋ' ପ୍ରତି ଦୟା ରଖିବେ ଓ ତୋତେ ପ୍ରତିଦିନ ଖାଇବା ଆଣି ଦେବେ । ତେବେ ଆଜିଠାରୁ ତୁ ସେମାନଙ୍କର କୌଣସି ଅନିଷ୍ଟ କରିବୁ ନାହିଁ ବୋଲି କହୁଛୁ ତ ?"

ତା'ପରେ ହେଟା ତା' ମୁଣ୍ଡଟିକୁ ଆହୁରି ତଳକୁ ନୁଆଁଇ ଆଣିଲା ଏବଂ ନିଜ ଡାହାଣ ଗୋଡ଼ର ଥାବାଟିକୁ ନେଇ ସନ୍ଥଙ୍କର ପାପୁଲି ଉପରେ ରଖିଲା । ଏହିପରି ଭାବରେ ସେମାନଙ୍କ ମଧ୍ୟରେ ଗୋଟିଏ ଆପୋଷ ଚୁକ୍ତି ହୋଇଗଲା, ପୂର୍ଣ୍ଣ ବିଶ୍ୱାସର ସହିତ ଏକ ଚୁକ୍ତି ହୋଇଗଲା ।

ତା'ପରେ ଫ୍ରାନ୍‌ସିସ୍ ହେଟାଟିକୁ ସାଙ୍ଗରେ ଧରି ଗୁବ୍‌ବିଓର ବଜାରଯାଏ ଆସିଲେ ଓ ସିଏ ଅଳ୍ପ ସମୟ ପୂର୍ବରୁ ହେଟାକୁ ଯାହା କହିଥିଲେ, ରୁଣ୍ଡ ହୋଇଥିବା ଲୋକମାନଙ୍କ ସମ୍ମୁଖରେ ତାହାର ପୁନରାବୃତ୍ତି କରି କହିଲେ । ଏବଂ, ଭବିଷ୍ୟତରେ

'oaob.nitrkl.ac.in' images reprocessed

ଆପଣାର ଉତ୍ତମ ଆଚରଣର ଏକ ଶପଥ ସ୍ୱରୂପ ହେଣ୍ଟା ନିଜ ଆବାଟିକୁ ନେଇ ଆଉଥରକ ପାଇଁ ସନ୍ଥଙ୍କର ପାପୁଲି ଉପରେ ରଖିଲା ।

ହେଣ୍ଟାଟି ତା'ପରେ ସେହି ସହରରେ ଦୁଇବର୍ଷ ପାଇଁ ରହିଥିଲା । ମାତ୍ର ସିଏ କେବେହେଲେ କାହାର କୌଣସି କ୍ଷତି କରି ନଥିଲା । ସହରବାସୀମାନେ ପ୍ରତିଦିନ ତାକୁ ତା'ର ଖାଇବା ଆଣି ଦେଉଥିଲେ । ହେଣ୍ଟାଟି ଯେତେବେଳେ ମରିଗଲା, ସେତେବେଳେ ସେମାନେ ତା'ଲାଗି ଶୋକପାଳନ କରିଥିଲେ ।

ବାହାରକୁ ହେଣ୍ଟାଟି ଯେପରି ଯାହା ମନେ ହୋଇଥାଉ ପଛକେ, ତା'ଭିତରେ ପ୍ରକୃତରେ ଏପରି ଏକ କଥା ରହିଥିଲା, ଯାହାକୁ କି ଆଗରୁ କେହି ହେଲେ ଆବିଷ୍କାର କରିପାରି ନଥିଲେ । ଶେଷରେ ସନ୍ଥ ଫ୍ରାନ୍‌ସିସ୍‌ହିଁ ତାକୁ ଭାଇ ବୋଲି ସମ୍ବୋଧନ କଲେ । ଏହି କାହାଣୀଟିରେ ହେଣ୍ଟା କହିଲେ ନିଃସନ୍ଦେହ ଭାବରେ କୌଣସି ଜଣେ ଦୁର୍ଦାନ୍ତ ଅପରାଧୀକୁ ବୁଝାଇବ, ଯାହାକୁ କି ସମସ୍ତେ ଭାରି ଘୃଣା କରୁଥିଲେ । ଏହି କଥାଟିକୁ ସୂଚାଇଦେବା ଉଦ୍ଦେଶ୍ୟରେହିଁ ଏକଥା କୁହାଯାଇଛି ଯେ, ଯେଉଁମାନଙ୍କ ବିଷୟରେ ଆଦୌ କୌଣସି ଆଶା କରି ହେବ ନାହିଁ ବୋଲି ସମସ୍ତେ ବିଗ୍ରୁଥାନ୍ତି, ସେମାନଙ୍କ ଭିତରେ ବି ବୀଜରୂପେ କୌଣସି ନା କୌଣସି ଭଲ ତଥାପି ନିହିତ ହୋଇ ରହିଥାଏ ଏବଂ ଟିକିଏ ଶ୍ରଦ୍ଧା ଦ୍ୱାରାହିଁ ସେହି ଭଲକୁ ଜାଗ୍ରତ କରି ଆଣିବା ବି ସମ୍ଭବ ହୁଏ ।

ଉତ୍ତମ ବଢ଼େଇ ମାତ୍ରକେ ସମସ୍ତେ ଜାଣିଥିବେ ଯେ, ଏପରି କୌଣସି କାଠପଟା ଆଦୌ କେଉଁଠିହେଲେ ନାହିଁ, ଯେଉଁଥିରେ କି ସବୁ କାଠ ଖରାପ ହୋଇ ଯାଇଥିବ । ଜଣେ ଖରାପ ବଢେଇ ହୁଏତ କିଛି ନଜାଣି ବିରକ୍ତ ହୋଇ ପୁରା କାଠଟାକୁ ଫୋପାଡ଼ି ଦେବ । ମାତ୍ର ଜଣେ ଉତ୍ତମ ବଢେଇ ତାହାକୁ କେବେହେଲେ ଫୋପାଡ଼ି ଦେବ ନାହିଁ, ସେଥିରେ ଥିବା ପୋକଖିଆ ଅଂଶକୁ ବାହାର କରିଦେବ ଏବଂ ଭାରି କୁଶଳତାର ସହିତ ବାକିଟିକୁ କାମରେ ଲଗାଇବ । ଏବଂ କାଠ ଭିତରେ ରହିଥିବା ଅସାଧରୁ ଅସାଧ ଗଣ୍ଠିଗୁଡ଼ାକରୁ ମଧ୍ୟ ଜଣେ କଳାକାର କେତେକେତେ ହୃଦୟାକର୍ଷକ ମୂର୍ତ୍ତିମାନ ଗଢ଼ି ଥୋଇଦେବ ।

*

ଗାୟନାପରି ଏକ ନୀରସ ଓ ନିରାନନ୍ଦମୟ ରାଜ୍ୟରେ ଇଉରୋପୀୟ-ମାନଙ୍କର ଜୀବନ ଏପରି ମରଣାତ୍ମକ ଭାବରେ ବିପନ୍ନ ହୋଇ ରହିଥାଏ ଯେ, ସେଠାରେ କଠିନ ସଶ୍ରମ କାରାଦଣ୍ଡ ଅଥବା ନିର୍ବାସନଦଣ୍ଡ ପାଇଥିବା କଏଦୀମାନଙ୍କ ଲାଗି ଜେଲ୍‌ଖାନାମାନ ତିଆରି ହୋଇ ରହିଛି । କେତେ ବର୍ଷ ତଳେ ଜଣେ

'oaob.nitrkl.ac.in' images reprocessed

ସାମରିକ ପ୍ରହରୀ ଏହିପରି କାମ କରିବା ଲାଗି ଉଦ୍ଦିଷ୍ଟ ଦଳେ ଲୋକଙ୍କୁ କାଏନ୍ ବୋଲି ଗୋଟିଏ ସ୍ଥାନକୁ ନେଇ ଯାଉଥିବା ସମୟରେ ଦୁର୍ଘଟନା ବଶତଃ ସିଏ ପୋତାଶ୍ରୟ ଭିତରକୁ ଖସି ପଡ଼ିଥିଲା । ଠିକ ସେତିକି ବେଳେ ସମୁଦ୍ରର ଜୁଆର ବି ପୋତାଶ୍ରୟ ଭିତରକୁ ପ୍ରବେଶ କରୁଥାଏ ।

ଜୁଆର ନଥିଲାବେଳେ ବେଳେବେଳେ ପୋତାଶ୍ରୟ ଭିତରଟା ପ୍ରାୟ ପୂରା ଶୁଖିଲା ବାଲି ହୋ'ଇ ପଡ଼ିଥାଏ ଏବଂ ସେତେବେଳେ ଜାହାଜ କୂଳରେ ଲାଗିବା ମଧ୍ୟ ସମ୍ଭବ ହୋଇପାରେ ନାହିଁ । ମାତ୍ର, ପୂରା ଜୁଆର ରହିଥିବା ସମୟରେ ପ୍ରବଳ ସ୍ରୋତ ଆକାରରେ ସମୁଦ୍ର ଜଳ ଭିତରକୁ ବନ୍ୟାପରି ମାଡ଼ି ଆସେ; ସେହି ବନ୍ୟା ସହିତ ସାର୍କ ମାଛମାନେ ମଧ୍ୟ ଭିତରକୁ ଚାଲି ଆସନ୍ତି, ସାର୍କମାନେ ବହୁସଂଖ୍ୟାରେ ଆସି ଉପକୂଳ ଅଞ୍ଚଳରେ ଭର୍ତ୍ତି ହୋଇ ରହିଥାନ୍ତି ।

ପାଣିରେ ପଡ଼ିଯାଇଥିବା ପ୍ରହରୀଟି ପ୍ରକୃତରେ ଏକ ଭାରି ସଙ୍କଟପୂର୍ଣ୍ଣ ପରିସ୍ଥିତିରେ ଆସି ପଡ଼ିଗଲା, କାରଣ ତାକୁ ପହଁରି ବି ଆସୁ ନଥିଲା । ପ୍ରତ୍ୟେକ ମୁହୂର୍ତ୍ତରେହିଁ ସେହି ଭୟଙ୍କର ପ୍ରାଣୀଗୁଡ଼ିକ ମଧ୍ୟରୁ ଗୋଟିଏ ଆସି ତାକୁ ଗିଳି ପକାଇବାର ବିପଦ ଅଧିକରୁ ଅଧିକ ଆସନ୍ନ ହୋଇ ଆସୁଥିଲା । ଠିକ୍ ସେତିକି ବେଳେ ଅପରାଧୀମାନଙ୍କ ଭିତରୁ ଜଣେ ତା'ଭିତରେ ଥିବା ଉଚ୍ଚତର ମାନବିକ ଭାବଗୁଡ଼ିକ ଦ୍ୱାରାହିଁ ପ୍ରେରିତ ହୋଇ ସଙ୍ଗେସଙ୍ଗେ ପାଣି ଭିତରକୁ ଡେଇଁ ପଡ଼ିଲା । ପ୍ରହରୀକୁ ସେ ନିଜ ହାତରେ ଧରିନେଇ ପ ରିଲା ଏବଂ ଅନେକ ଚେଷ୍ଟା କରି ତା'ର ଜୀବନକୁ ରକ୍ଷା କଲା ।

ସେଇ ଲୋକଟି ଜଣେ ଅପରାଧୀ ଥିଲା । ସିଏ ଯେଉଁ ପରିଚ୍ଛଦଟି ପିନ୍ଧିଥିଲା ସେଥିରେ ଅସମ୍ମାନଜନକ ଭାବରେ ସେହି କଥାଟି ଲେଖାହୋଇ ରହିଥିଲା, ତା'ର ନାମ ପରିବର୍ତ୍ତେ ତାକୁ ଚିହ୍ନିବା ଲାଗି ଗୋଟାଏ ସଂଖ୍ୟା ବି ସେଥିରେ ଲେଖା ହୋଇଥିଲା । ତେଣୁ ତାକୁ ଦେଖୁଥିବା ଲୋକମାନେ ତା'ଉପରେ ଆଦୌ କୌଣସି ଦୃଷ୍ଟି ପକାଇବାକୁ ମଧ୍ୟ ଅନୁଚିତ ମନେ କରୁଥିଲେ, ସେ କୌଣସି ପ୍ରକାର ଅନୁକମ୍ପା ବାଞ୍ଛାର ଏକାନ୍ତ ଅଯୋଗ୍ୟ ବୋଲି ଭାବୁଥିଲେ । ମାତ୍ର ସେମାନଙ୍କର ସେହି ବିଚାରରେ ପ୍ରକୃତରେ ଏକ ଗଲ୍ତି ରହି ଯାଇଥିଲା, କାରଣ ତା' ନିଜ ଭିତରେ ଯେ ଏତେ ଅନୁକମ୍ପା ରହିଛି, ବର୍ତ୍ତମାନ ତାହାର ପ୍ରମାଣ ମିଳିଲା । ତା'ର ଯାବତୀୟ ଦୋଷ ଏବଂ ଅପରାଧ ସତ୍ତ୍ୱେ ତା'ର ହୃଦୟରେ ଉଦାରତା ରହିଥିଲା । ତା'ପ୍ରତି କେବଳ ନିର୍ଦ୍ଦୟ ଆଚରଣ କରିବାହିଁ ଯେଉଁ ବ୍ୟକ୍ତିର କର୍ତ୍ତବ୍ୟରୂପେ ନିର୍ଦ୍ଦିଷ୍ଟ ହୋଇ ରହିଥିଲା, ସେ ତାହାରି ସକାଶେ ନିଜର ଜୀବନ ଉତ୍ସର୍ଗ କରିବା ପାଇଁ ମଧ୍ୟ ପ୍ରସ୍ତୁତ ଥିଲା ।

*

'oaob.nitrkl.ac.in' images reprocessed

ଦଣ୍ଡପ୍ରାପ୍ତ ଅପରାଧୀମାନଙ୍କ ବିଷୟରେ ମୁଁ ଏଠାରେ ତୁମମାନଙ୍କୁ ଆଉ ଗୋଟିଏ ଗପ କହିବି । କେବଳ ତାହାରୁ ମଣିଷମାନଙ୍କର ବିଚାର ବଳେ ଆମେ ପ୍ରକୃତରେ କେତେ ଭୁଲ୍ କରିବା, ସେଥିରୁ ତୁମମାନଙ୍କୁ ତାହାର ପ୍ରମାଣ ମିଳିବ ।

ଉପର ମାଟ୍ରନ ଅଞ୍ଚଳର ଜଣେ ସୁନା-ଖୋଜାଳି ସଦ୍ୟ ଜେଲ୍‌ରୁ ଖଲାସ ହୋଇଥିବା ଦୁଇଜଣ ବନ୍ଦୀଙ୍କୁ କାମରେ ନିଯୁକ୍ତ କରିଥିଲେ । ମାଟି ଭିତରୁ ଖୋଳି ତାଙ୍କୁ ଯେଉଁ ସୁନାର ଦାନା ଓ ମୁଣ୍ଡାମାନ ମିଳୁଥିଲା, ତାହାକୁ ସେ ସେହି ଦୁହିଁଙ୍କ ମାର୍ଫତରେ ପାଖରେ ଥିବା ସୁନା ବଜାରକୁ ପଠାଇ ଦେଉଥିଲେ । ସେଠାରେ ଯାଇ ପହଞ୍ଚିବାକୁ ଅନୁକୂଳ ସ୍ରୋତରେ ଡଙ୍ଗାରେ ବସି ଯିବାକୁ ହେଉଥିଲା ଏବଂ ତିରିଶି ଦିନ ସମୟ ଲାଗୁଥିଲା ।

ଦିନେ ଆଗରୁ ଅପରାଧୀ ଥିବା ଏହି ଦୁଇଜଣ ଯାକ ଖସି ପଳାଇ ଯିବାକୁ ବିଚାର କଲେ ।

କାରଣ, ଯେତେବେଳେ ଦଣ୍ଡିତ ଅପରାଧୀମାନଙ୍କର ଜେଲ୍ ମିଆଦ ପୂରା ହୋଇଯାଏ, ସେମାନେ ତଥାପି ନିଜ ଘରକୁ ଫେରିବା ଲାଗି ଅନୁମତି ପାଇ ନଥାନ୍ତି । ସେତେବେଳେ ସେମାନଙ୍କୁ ଏକ ବିଶେଷ ସ୍ଥାନରେ ରହିବାକୁ ପଡ଼େ ଓ ହୁଏତ ଜୀବନର ଅବଶିଷ୍ଟ ବର୍ଷଗୁଡ଼ିକ ସେମାନଙ୍କର ସେହିଠାରେହିଁ କଟିଯାଏ । ସତକଥା କହିବାକୁ ଗଲେ, ଗାୟନା ରାଜ୍ୟ ପ୍ରାୟ ଜଙ୍ଗଲମୟ ହୋଇ ରହିଛି ଓ ସେଠାରେ ମଣିଷଙ୍କର ଖୁବ୍ କମ୍ ବସବାସ ଅଛି । ଅଗମ୍ୟ ଅରଣ୍ୟ ଓ ଜନ୍ତୁଜନ୍ତୁଆ ଜାଗାରେ ଭରିଆଡ଼ ପୂର୍ଣ୍ଣ ହୋଇ ରହିଛି । ସେଠାରେ ବାସ କରୁଥିବା ଏହି ପୂର୍ବତନ ଅପରାଧୀମାନେ କେତେବେଳେ ଯେ ଜ୍ୱରରେ ପଡ଼ି ମୃତ୍ୟୁମୁଖରେ ପତିତ ହେବେ ବା ହୁଏତ ଉପବାସରେ ପ୍ରାଣ ହରାଇବେ, ତାହାର କିଛି ଠିକଣା ନାହିଁ । ସେହି କାରଣରୁହିଁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଟିକିଏ ସୁଯୋଗ ପାଇବା ମାତ୍ରକେ ସେଠାରୁ ପଳାଇ ଯିବାର ଚେଷ୍ଟା କରୁଥାନ୍ତି ।

ତେଣୁ, ସାଙ୍ଗରେ ଥିବା ଡଙ୍ଗାର ସୁଯୋଗ ନେବାକୁ ଇଚ୍ଛା କରି ଏହି ଦୁଇଜଣ କର୍ମନିଯୁକ୍ତ ଅପରାଧୀ ନଦୀର ଅପର ପାର୍ଶ୍ୱରେ ଥିବା ଓଲନ୍ଦାଜ ଉପନିବେଶକୁ ଖସି ପଳାଇ ଯିବାକୁ ମନସ୍ଥ କଲେ ।

ମାତ୍ର, ସେମାନେ ଆଗ ମାଲିକଙ୍କର ସୁନାକୁ ଏକ ନିରାପଦ ସ୍ଥାନରେ ନେଇ ରଖିଲେ, ଏବଂ ତାଙ୍କର ସମ୍ପତ୍ତି ଅମୁକ ସ୍ଥାନରେ ଅଛି ବୋଲି ତାଙ୍କ ପାଖକୁ ଗୋଟିଏ ଚିଠି ମଧ୍ୟ ଲେଖି ଦେଲେ ।

'oaob.nitrkl.ac.in' images reprocessed

ସେମାନେ ଲେଖିଥିଲେ, "ଆପଣ ଆମ ସହିତ ସର୍ବଦା କେଡ଼େ ଭଲ ବ୍ୟବହାର କରିଛନ୍ତି । ତେଣୁ ଆପଣ ଆମ ମାର୍ଫତ୍‌ରେ ଯେଉଁ ସମ୍ପତ୍ତି ପଠାଇଥିଲେ, ତାହାକୁ ଅପହରଣ କରିନେବାକୁ ଆମର ବିବେକ ମୋଟେ କହିଲା ନାହିଁ ।"

ଏକଦା ଏହି ଦୁଇଜଣ ଅପରାଧୀ ଚୋର ସକାଶେହିଁ ଦଣ୍ଡିତ ହୋଇଥିଲେ । ସେମାନେ ଯେଉଁ ସୁନାକୁ ସାଙ୍ଗରେ ନେଇ ଯାଉଥିଲେ, ତାହା ବି ସେମାନଙ୍କ ଲାଗି ବେଶ୍ ଏକ ସମ୍ପତ୍ତି ରୂପେ କାମ ଦେଇଥାନ୍ତା । କିନ୍ତୁ ସେମାନଙ୍କ ଭିତରେ ସାଧୁତା ଏବଂ ସ୍ୱଚ୍ଛହୃଦୟତା ବୋଲି ବି ଏକ ଉପାଦାନ ରହିଥିଲା । ଯେଉଁମାନେ ସେମାନଙ୍କର ପୂର୍ବଇତିହାସ ଜାଣିଥିଲେ ଓ ସେମାନଙ୍କର ଅଜ୍ଞାତରୁହିଁ ସେମାନଙ୍କର ବିଚାର କରୁଥିଲେ, ସେମାନଙ୍କ ଲାଗି ଏମାନେ କେବଳ ଦୁଇଜଣ ଅତି ପାପାସକ୍ତ ଓ ନଗଣ୍ୟ ଅପରାଧୀ ହୋଇ ରହିଥିଲେ । ମାତ୍ର ଯେଉଁ ବ୍ୟକ୍ତି ସେମାନଙ୍କ ଉପରେ ପ୍ରକୃତରେ ଆସ୍ଥା ରଖିଥିଲେ, ସେମାନେ ତାଙ୍କ ପାଖରେ ଆପଣାର ସକଳ କୁପ୍ରବୃତ୍ତି ସତ୍ତ୍ୱେ ତଥାପି ବିଶ୍ୱସ୍ତ ପରି କାର୍ଯ୍ୟ କରିଥିଲେ ।

ପିଲାମାନେ, ଆମେ ଆପଣାର ଭାବନାରେ ଉଦାର ହେବା, ବିବେକୀ ହେବା । ଆମ ପାଖରେ ରହିଥିବା ମଣିଷମାନଙ୍କ ବିଷୟରେ ଆମେ ତରତର ହୋଇ ଆଦୌ କିଛି ବିଚାର କରିପକାଇବା ନାହିଁ । ଏବଂ, ଯେତେବେଳେ ସେମାନଙ୍କ ବିଷୟରେ ଆଦୌ କିଛି ବିଚାର ନକଲେ ମଧ୍ୟ ଚଳିବ, ସେତେବେଳେ ଆମେ ପ୍ରକୃତରେ ସେଭଳି ସକଳ ବିଚାରରୁ ଆପଣାକୁ କ୍ଷାନ୍ତ ରଖିବା ।

'oaob.nitrkl.ac.in' images reprocessed

ଦଶ

ଶୃଙ୍ଖଳା

ପାଚୀନ ଭାରତର ଲୋକମାନଙ୍କର ଏହି ଜଗତ୍ ଓ ସଂସାର ବିଷୟରେ କବିମାନଙ୍କ ପରି କେତେ କଳ୍ପନା ରହିଥିଲା,—ସେହି ଯାବତୀୟ ଧାରଣା ଓ କଳ୍ପନାରେ ସେମାନେ ବିଶ୍ୱକୁ ଏକ ଶୃଙ୍ଖଳା ରୂପେ ବ୍ୟକ୍ତ କରିବାକୁ ପ୍ରୟାସ କରୁଥିଲେ ।

ଜମ୍ବୁଦ୍ୱୀପ ବୋଲି ଗୋଟିଏ ଭୂଖଣ୍ଡ ଥିଲା, ଯେଉଁଠାରେ କି ମଣିଷମାନେ ବାସ କରୁଥିଲେ । ଜମ୍ବୁ ଦ୍ୱୀପର ଚାରିପାଖରେ ଲବଣ ସମୁଦ୍ର । ତା'ପରେ ପୁଣି ଚାରିପାଖରେ ସ୍ଥଳଭାଗ ଏବଂ ତା'ଚାରିପାଖରେ କ୍ଷୀରସମୁଦ୍ର । ପୁଣି ସ୍ଥଳଭାଗ ଓ ପୁଣି ଲବଣିର ସମୁଦ୍ର । ତା'ଚାରିପାଖରେ ସ୍ଥଳଭାଗ ଓ ତା'ଚାରିପାଖରେ ଦଧି-ସମୁଦ୍ର । ତା'ଚାରିପାଖରେ ସ୍ଥଳଭାଗ ଓ ତା'ଚାରିପାଖରେ ସୁରା-ସମୁଦ୍ର । ପୁଣି ସ୍ଥଳଭାଗ ଓ ତା'ଚାରିପାଖରେ ଶର୍କରାର ସମୁଦ୍ର । ତା' ପଛକୁ ପୁନର୍ବାର ଆଉଥରେ ସ୍ଥଳଭାଗ ଏବଂ ସର୍ବଶେଷରେ ସେହି ସପ୍ତମ ବଳୟଟିରେ ସ୍ୱଚ୍ଛ ଜଳହିଁ ସ୍ଥଳଭାଗକୁ ଘେରି କରି ଅବସ୍ଥିତ ରହିଛି । ଏହି ସ୍ୱଚ୍ଛ ଜଳର ସମୁଦ୍ର ହେଉଛି ମଧୁର ସମୁଦ୍ର, ଏହାର ଜଳ ଅନ୍ୟସବୁ ସମୁଦ୍ରର ଜଳଠାରୁ ଅଧିକ ମଧୁର ।

ଏବେ ସ୍କୁଲମାନଙ୍କରେ ବ୍ୟବହୃତ ହେଉଥିବା କୌଣସି ପୃଥିବୀ-ମାନଚିତ୍ର ଆଡ଼କୁ ଯଦି ତୁମେ ଦୃଷ୍ଟି ପକାଇ ଦେଖିବ, ତେବେ ତୁମେ ସେଥିରେ କେଉଁଠି ହେଲେ ଶର୍କରା-ସମୁଦ୍ର, କ୍ଷୀର-ସମୁଦ୍ର ବା ଅନ୍ୟ ସମୁଦ୍ରଗୁଡ଼ିକ କଦାପି ଦେଖିବାକୁ ପାଇବ ନାହିଁ । ଏହିସବୁ ସମୁଦ୍ର ପ୍ରକୃତରେ କେଉଁଠି ରହିଛି ବୋଲି ଭାରତୀୟମାନେ ବି ସେତେବେଳେ ମୋଟେ ଭାବୁ ନଥିଲେ; ମାତ୍ର ଏହିପରି ଏକ ମୌଳିକ ଓ ନିଜସ୍ୱ ମାର୍ଗରେହିଁ ସେମାନେ ଏକ ଗଭୀର କଳ୍ପନାକୁ ବ୍ୟକ୍ତ କରିବାକୁ ଚେଷ୍ଟା କରୁଥିଲେ ।

ସେହି ପ୍ରାଚୀନ କାହାଣୀଟିର ଅନେକ ତାତ୍ପର୍ଯ୍ୟ ମଧ୍ୟରୁ ଗୋଟିଏ ତାତ୍ପର୍ଯ୍ୟ ହେଉଛି ଯେ, ଏହି ବିଶ୍ୱଭୁବନରେ ଯାହାକିଛିର ସୃଷ୍ଟି ହୋଇଛି, ସେଗୁଡ଼ିକୁ ଏକ ଶୃଙ୍ଖଳା ଅନୁସାରେ ସଜାଇ ରଖାଯାଇଛି । ଏବଂ, ଏଠାରେ ସବୁକିଛି ତା'ର ଯଥାର୍ଥ ସ୍ଥଳରେ ଅବସ୍ଥିତ ରହିଛି ବୋଲିହିଁ ପୃଥିବୀ ଏକ ଆଶ୍ରୟସ୍ଥାନ ହୋଇ ରହିପାରିଛି, ଯଥାର୍ଥରେ ଏକ ସଦନ ଏବଂ ବାସଯୋଗ୍ୟ ଏକ ସ୍ଥାନରେ ପରିଣତ

'oaob.nitrkl.ac.in' images reprocessed

ହୋଇ ପାରୁଛି । ବସ୍ତୁତଃ, ଯଦି ସବୁକିଛି ଅଲଗା ଅଲଗା ହୋଇ ତା'ର ଆପଣା ଆପଣା ଜାଗାରେ ନିରନ୍ତର ଅତ୍ୟନ୍ତ ଭୟଙ୍କର ଭାବରେ ଗୋଳଆମୋଳିଆ ହୋଇ ରହିଥାନ୍ତା, କିଏ କେଉଁଠି ରହିଲା, ତା'ର କୌଣସି ଠିକଣା ନଥାନ୍ତା, ତେବେ ଏହି ଜଗତର ଉତ୍ତମରୁ ଉତ୍ତମ ପଦାର୍ଥଗୁଡ଼ିକୁ, ଏଠାରେ ରହିଥିବା ଲବଣ, କ୍ଷୀର, ଲବଣି, ସୁରା, ଶର୍କରା ଏବଂ ଜଳ ପ୍ରଭୃତି ସାମଗ୍ରୀକୁ ଉପଭୋଗ କରିବା କି କିପରି ସମ୍ଭବ ହୁଅନ୍ତା ?

*

ମନୁଷ୍ୟଜାତିର ଯାବତୀୟ ଧର୍ମଗ୍ରନ୍ଥ ନାନା ବସ୍ତୁବିଚିତ୍ର କଳ୍ପନାର ସାହାଯ୍ୟ ନେଇ ଏହି ବିଶ୍ୱଶୃଙ୍ଖଳାର ବିଧାନଟିକୁହିଁ ଶିକ୍ଷା ଦେଇଛନ୍ତି ।

ଈଶ୍ୱର ଆବିର୍ଭାବ ବିଷୟରେ ହିନ୍ଦୁମାନଙ୍କର ଯେଉଁ ପୁସ୍ତକ ରହିଛି ସେଥିରେ ମଧ୍ୟ ତା'ର ନିଜସ୍ୱ ଭଙ୍ଗୀରେ ବିଶ୍ୱଶୃଙ୍ଖଳାର କାହାଣୀଟିକୁହିଁ କୁହାଯାଇଛି ।

ସର୍ବପ୍ରଥମେ ଅରାଜକତା ଥିଲା, ଅର୍ଥାତ୍ ବିଶୃଙ୍ଖଳା ଏବଂ ଅନ୍ଧକାର ଘୋଟି ରହିଥିଲା । ଆପଣାର ସର୍ବପ୍ରଥମ କାର୍ଯ୍ୟରୂପେ ଈଶ୍ୱର ଏହି ବିଶୃଙ୍ଖଳାଟି ଉପରେ ଆଲୋକର ସମ୍ପାତ ଘଟାଇଲେ; ଘରେ ତଳେ ଥିବା ଅନ୍ଧାର ଓ ମଇଳା ଖଣିଘରଟି ଭିତରକୁ ପ୍ରବେଶ କଲାବେଳେ ଜଣେ ମଣିଷ ଯେପରି ଆପଣାର ଦୀପଟିକୁ ଲଗାଇ ଅନ୍ଧାର ଭିତରେ ପ୍ରବେଶ କରେ ଠିକ୍ ସେହିପରି ।

ତା'ପରେ କିପରି ଦିନ ପରେ ଦିନ ହୋଇ ସେହି ଅରାଜକତା ମଧ୍ୟରୁ ଶୃଙ୍ଖଳାବଦ୍ଧ ଭାବରେ ବସ୍ତୁଗୁଡ଼ିକର ଆବିର୍ଭାବ ଘଟିଲା ଓ ସବାଶେଷରେ ମଣିଷମାନେ ସମ୍ଭବ ହେଲେ, ବାଇବେଲ୍ ବହିରେ ସେହି କଥାଟିକୁ କୁହାଯାଇଛି ।

ମଣିଷ ଯେ ତା'ର ଜଗତରେ ଶୃଙ୍ଖଳାର ସୃଷ୍ଟି କରି ପାରୁଛି ଏବଂ ସର୍ବତ୍ର ଶୃଙ୍ଖଳାର ଆବିଷ୍କାର କରିପାରୁଛି, ଏହାହିଁ ତା'ର ଗୌରବ ।

ଜ୍ୟୋତିଷଶାସ୍ତ୍ରୀ ନକ୍ଷତ୍ରମାନଙ୍କ ଆଡ଼କୁ ଦୃଷ୍ଟିପାତ କରୁଛି ଏବଂ ଏହିପରି ଭାବରେ ଆକାଶଲୋକଗୁଡ଼ିକର ଏକ ମାନଚିତ୍ର ତିଆରି କରି ଦେଉଛି; ସେ ଗ୍ରହ-ନକ୍ଷତ୍ରମାନଙ୍କର ନିୟମିତ ଗତିପଥଗୁଡ଼ିକୁ ଅଧ୍ୟୟନ କରୁଛି ଓ ସେମାନଙ୍କର ନାମକରଣ କରିଦେଉଛି । ସୂର୍ଯ୍ୟର ଚାରିପାଖରେ ଅବସ୍ଥିତ ଗ୍ରହମାନଙ୍କ ବେଗକୁ ଗଣନା କରି ଠିକ୍ କରୁଛି, ଏବଂ ପୃଥିବୀ ଏବଂ ସୂର୍ଯ୍ୟର ମଝିରେ ଅତିକ୍ରମ କରୁଥିବା ସମୟରେ ଚନ୍ଦ୍ରରେ କେତେବେଳେ ଗ୍ରହଣ ଲାଗିବ, ସେ ସେହି ମୁହୂର୍ତ୍ତଟିକୁ ଠିକ୍

'oaob.nitrkl.ac.in' images reprocessed

କରି ଆଗରୁ କହି ମଧ୍ୟ ଦେଇପାରୁଛୁ । ବିଶ୍ୱଶୃଙ୍ଖଳାର ଏକ ସୂକ୍ଷ୍ମଜ୍ଞାନ ଉପରେହିଁ ଜ୍ୟୋତିଃବିଜ୍ଞାନର ସମୁଦାୟ ବିଜ୍ଞାନଟି ନିର୍ଭର କରି ରହିଛି ।

ପାଟୀଗଣିତକୁ ମଧ୍ୟ ଏହିପରି ସ୍ୱଭାବରେ ଶୃଙ୍ଖଳାରହିଁ ଏକ ବିଜ୍ଞାନ ବୋଲି କୁହାଯିବ । ଗୋଟାଏ ସାନ ପିଲ ମଧ୍ୟ କ୍ରମଶୃଙ୍ଖଳା ସହିତ ସଂଖ୍ୟାଗୁଡ଼ିକୁ ପୁନରାବୃତ୍ତି କରି କହିବାରେ କେତେ ଆନନ୍ଦ ଲାଭ କରୁଛି । ଏକ, ପାଞ୍ଚ, ତିନି, ଦଶ, ଦୁଇ,—ଏହିପରି ଗୋଳିଆ ମୋଳିଆ କରି କହିବାରେ ସେ ଆଦୌ କୌଣସି ଆନନ୍ଦ ନାହିଁ, ନିଜ ଆଙ୍ଗୁଠି ଅଥବା ଗୁଳି ସାହାଯ୍ୟରେ ସଂଖ୍ୟାଗୁଡ଼ିକୁ ଗଣିବା ସମୟରେ ସେ ସେହି କଥାଟିକୁ ଅଚିରେ ଆବିଷ୍କାର କରିନେଇ ପାରୁଛି । ତେଣୁ ସେ କ୍ରମ ରକ୍ଷା କରି ଏକ, ଦୁଇ, ତିନି, ଚାରି କରି ଗଣୁଛି ଏବଂ ସେଇଥିରୁହିଁ ସକଳ ଗଣିତର ଉଦ୍ଭବ ହୋଇଛି ।

ଏବଂ ଶୃଙ୍ଖଳା ବ୍ୟତୀତ ସଂଗୀତ ରୂପକ ସେହି ମନୋହର ବସ୍ତୁଟିର ପ୍ରକୃତରେ କି ଦଶା ହୁଅନ୍ତା ? ସା, ରେ, ଗା, ମା, ପା, ଧା, ନି,—ସ୍ୱରଗ୍ରାମରେ ଏହିପରି ସାତୋଟି ସ୍ୱର ରହିଛି । ଯଦି ତୁମେ ଏହି ସ୍ୱରଗୁଡ଼ିକୁ ଗୋଟିକପରେ ଗୋଟିଏ କରି ବଜାଇବ, ତେବେ ତ ଭଲ କଥା; ମାତ୍ର ଯଦି ତୁମେ ସେଗୁଡ଼ାକୁ ଗୋଳିଆମିଶା କରି ବଜାଇ ବାହାରିବ ଏବଂ ସ୍ୱରଗୁଡ଼ାକୁ ଆବୁରାଯାବୁରା କରି ମିଶାଇ ପକାଇବ, ତେବେ ସେଥିରୁ କେବଳ ଏକ ଭୟଙ୍କର ଶବ୍ଦକର୍କଶତାହିଁ ଜାତ ହେବା ସାର ହେବ । କେବଳ ଏକ ନିର୍ଦ୍ଦିଷ୍ଟ ଶୃଙ୍ଖଳାକ୍ରମ ରକ୍ଷା କରି ସେଗୁଡ଼ିକୁ ବଜାଇଲେ ଯାଇ ସେଥିରୁ ଏକ ସୁଷମାମୟ ସ୍ୱର ସମ୍ଭବ ହେବ । ଉଦାହରଣ ସ୍ୱରୂପ, ସା, ଗା, ପା ଓ ସାଂ, — ଏହି ସ୍ୱରଗୁଡ଼ିକୁ ଏକାଠି ବଜାଇଲେ ସେଥିରୁ ଗୋଟିଏ ତାଳ ସୃଷ୍ଟି ହୋଇ ପାରିବ । ସଂଗୀତର ସମୁଦାୟ ବିଜ୍ଞାନଟି ସେହି ଶୃଙ୍ଖଳାକ୍ରମଟିକୁ ଆଶ୍ରୟ କରି ରହିଛି ।

ଏହି ଶୃଙ୍ଖଳା ଯେ ଅନ୍ୟ ପ୍ରତ୍ୟେକ ବିଜ୍ଞାନର ଭିତ୍ତି ଓ ଭୂମିରୂପେ କାର୍ଯ୍ୟ କରୁଛି ଏବଂ ମନୁଷ୍ୟ ଉଦ୍ଭାବନ କରିପାରୁଥିବା ଯାବତୀୟ କଳାର ମୂଳ ବିଧାନ ହୋଇ ରହିଛି, ଏକଥା ମଧ୍ୟ ପ୍ରମାଣ କରି ଦେଖାଇ ଦେଇହେବ ।

⁂

ମାତ୍ର ଏହି ଶୃଙ୍ଖଳା କ'ଣ ପ୍ରକୃତରେ ଜୀବନର ପ୍ରତ୍ୟେକ କଥାରେ ଅପରିହାର୍ଯ୍ୟ ନୁହେଁ କି ?

ଯଦି କୌଣସି ଘର ଭିତରେ ପ୍ରବେଶ କରି ତୁମେ ସେଠାରେ ଯାବତୀୟ ଆସବାବ ଏବଂ ସଜ୍ଜାସାମଗ୍ରୀ ଏଣେତେଣେ ଅବିନ୍ୟସ୍ତ ଓ ଖେଳାମେଳା ହୋଇ

'oaob.nitrkl.ac.in' images reprocessed

ପଡ଼ିଥିବାର ଦେଖିବାକୁ ପାଇବ, ଯଦି ସବୁଜକକ୍ଷ ଉପରେ ବହିଲେ ଧୂଳି ବସି ରହିଥିବାର ଦେଖିବ, ତେବେ ତୁମେ ନିଶ୍ଚୟ ଏତେ ବଡ଼ ପାଟିରେ କହିବାକୁ ଆରମ୍ଭ କରିବ, "ଓଃ, ଏଠି କେତେ ମ...ଳା, କେତେ ବିଶୃଙ୍ଖଳା !" କାରଣ. ମଇଳା କହିଲେ ମଧ୍ୟ ତାହା ବିଶୃଙ୍ଖଳାକୁହିଁ ବୁଝାଇବ । ଆମ ପୃଥିବୀରେ ଧୂଳି ଲାଗି ଅବଶ୍ୟ ଏକ ସ୍ଥାନ ରହିଛି, କିନ୍ତୁ ତା'ର ସେହି ସ୍ଥାନଟିକୁ ଆମର ଗୃହରେ ଥିବା ଆସବାବ ବୋଲି କଦାପି ବୁଝାଯିବ ନାହିଁ ।

ଠିକ୍ ସେହିପରି, କୁଆଁର ହେଉଛି ସ୍ୟାହି ରହିବାର ପ୍ରକୃତ ସ୍ଥାନ । ତୁମର ଆଙ୍ଗୁଠି କିଂବା ଘରେ ପଡ଼ି ହୋଇଥିବା ମସିଣାକୁ ସ୍ୟାହିର ସ୍ଥାନ ବୋଲି କଦାପି ବୁଝାଯିବ ନାହିଁ ।

ଯେତେବେଳେ ଯାବତୀୟ ବସ୍ତୁ ତା'ର ଯଥାର୍ଥ ସ୍ଥାନରେ ରହିଥାଏ, ସେତେବେଳେ ଯାଇ ପ୍ରତ୍ୟେକ ବସ୍ତୁ ପରିଷ୍କାର ପରିଚ୍ଛନ୍ନ ହୋଇ ରହିଛି ବୋଲି ବୁଝାଯାଇ ପାରିବ । ଏବଂ, ତୁମର ସ୍କୁଲରେ ଥିବା ବହି, ଘରେ ଥିବା ତୁମର ଲୁଗାପଟା ଓ ଖେଳଣା, — ଏଗୁଡ଼ିକ ପ୍ରତ୍ୟେକଟି ଲାଗି ଗୋଟିଏ ଗୋଟିଏ ସ୍ଥାନ ରହିଥିବ, ଯାହାକୁ କି ତାହାର ଯଥାର୍ଥ ସ୍ଥାନ ବୋଲି ବୁଝାଯାଇ ପାରିବ ଏବଂ ଏସବୁ ସ୍ଥାନରେ ଆଉ କୌଣସି ବସ୍ତୁ ଆସି ଜାଗା ମାଡ଼ି ବସିବ ନାହିଁ । ତା' ନହେଲେ ପ୍ରକୃତରେ ଏକ ଯୁଦ୍ଧ ଆରମ୍ଭ ହୋଇଯିବ ଏବଂ ତାହା ଫଳରେ ତୁମର ବହିଗୁଡ଼ାକ ଚିରିଯିବ , ଲୁଗାଗୁଡ଼ାକ ମଇଳା ହୋଇଯିବ ଏବଂ ଖେଳନାମାନ ଭାଙ୍ଗି ଯିବ । ତଦ୍ଦ୍ୱାରା ତୁମେ ଖୁବ୍ ହଇରାଣ ହେବ । ଏହି ଅଡ଼ୁଆ ଭିତରେ ପଶିଲା ବେଳକୁ ତୁମର ଧୃତି ହଜିଯିବ । ସବୁକିଛିକୁ ପୁଣିଥରେ ଶୃଙ୍ଖଳାକୁ ଆଣିବା ଲାଗି ମଧ୍ୟ ତୁମର ଆଉ କୌଣସି ଧୈର୍ଯ୍ୟ ରହିବ ନାହିଁ । ମାତ୍ର, ଜିନିଷଗୁଡ଼ିକୁ ଶୃଙ୍ଖଳାର ସହିତ ଉପଯୁକ୍ତ ସ୍ଥାନରେ ରଖା ହୋଇଥିଲେ ସବୁକିଛି ଖୁବ୍ ସହଜ ଲାଗୁଥିବ ।

ଜଣେ ଜଣେ ବ୍ୟକ୍ତି ହିସାବରେ ଆମର ଜୀବନ ଓ ଯାବତୀୟ କାର୍ଯ୍ୟ, ଓ ଏପରିକି ଗୋଟିଏ ଗୋଟିଏ ଜାତିର ଐଶ୍ୱର୍ଯ୍ୟ ଏବଂ ସମୃଦ୍ଧି, — ସବୁକିଛି ଏହି ଶୃଙ୍ଖଳାର ଖାତି ଉପରେହିଁ ନିର୍ଭର କରି ରହିଥାଏ ।

ଏବଂ ସେହି କାରଣରୁହିଁ ଉତ୍ତମ ଶୃଙ୍ଖଳା ରକ୍ଷା କରିବା ଯେକୌଣସି ଦେଶର ସରକାରଙ୍କର ଗୋଟିଏ ମୁଖ୍ୟ କର୍ତ୍ତବ୍ୟ ହୋଇ ରହିଥାଏ । ସମ୍ରାଟ, ରାଜା ବା ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ସବଂନମ୍ନରେ ରହିଥିବା ସାଧାରଣ ଜଣେ ପୋଲିସ୍ ପର୍ଯ୍ୟନ୍ତ ସମସ୍ତଙ୍କୁହିଁ ଏହି ଶୃଙ୍ଖଳା ରକ୍ଷା କରିବାର କାର୍ଯ୍ୟଟିରେହିଁ ଯଥାଶକ୍ତି ନିଜ ନିଜର କର୍ତ୍ତବ୍ୟ କରିବାକୁ ହୋଇଥାଏ । ଏବଂ ଦେଶର ପ୍ରତ୍ୟେକ

'oaob.nitrkl.ac.in' images reprocessed

ନାଗରିକମାନଙ୍କୁ ବି, — ସେମାନଙ୍କର ବୃତ୍ତି ଯାହା ହୋଇଥାଉ ପଛକେ, — ସେମାନଙ୍କୁ ମଧ୍ୟ ଶୃଙ୍ଖଳା ରକ୍ଷିବାର ସାମୂହିକ କର୍ତ୍ତବ୍ୟଟିରେ ଆପଣାର ଅଂଶ ଗ୍ରହଣ କରିବା ଆବଶ୍ୟକ ହୁଏ । କାରଣ ଏହିପରି ଭାବରେହିଁ ସେମାନେ ପ୍ରତ୍ୟେକେ ଏକ ଶକ୍ତିଶାଳୀ ସମୃଦ୍ଧିମନ୍ତ ଜାତିର ଗଠନରେ ଆପଣାର ଅବଦାନଟିକୁ ସମ୍ଭବ କରିଥାନ୍ତି ।

ଏଥିରେ କେଉଁଠି ଏତେ ଟିକିଏ ବିଶୃଙ୍ଖଳା ଆସି ପହଞ୍ଚିଗଲେ କେବେ କେବେ ସେଥିରୁ କି ବିଷମ ପରିଣାମମାନ ଯେ ହୁଏତ ଆସି ପହଞ୍ଚିବ, ସେକଥା ଥରେ ବିଚାର କରି ଦେଖ ।

ଯେଉଁ ଅଗଣିତ ବ୍ୟକ୍ତି ରେଳବାଇରେ କାମ କରୁଛନ୍ତି, ଫାଟକ ପାଖରେ ପହରା ଦେଉଛନ୍ତି, ଇଞ୍ଜିନ୍ ଚଳାଉଛନ୍ତି ବା ପଏଣ୍ଟସ୍‌ମ୍ୟାନ୍‌ର କାର୍ଯ୍ୟ କରୁଛନ୍ତି, ସେମାନଙ୍କର କାର୍ଯ୍ୟରେ ନିରନ୍ତର ଏକ ନିୟମିତତା ଏବଂ ନିର୍ଦ୍ଦୋଷତା ରହିଥିଲେ ଯାଇ ବିଭିନ୍ନ ଦେଶମାନଙ୍କରେ ଚାଲୁଥିବା ଅସୁମାରି ରେଳଗାଡ଼ିମାନ ଠିକ୍ ସମୟରେ ଛାଡ଼ି ଠିକ୍ ସମୟରେ ନିର୍ଦ୍ଦିଷ୍ଟ ସମୟରେ ଯାଇ ପହଞ୍ଚି ପାରିବ, ଗଣନା ଅନୁସାରେ ସମ୍ପୂର୍ଣ୍ଣ ଠିକ୍ ସମୟରେ ଯାତାୟତ କରିବ ଓ କେଉଁ କୌଣସି ପ୍ରକାର ଅକାରଣ ଭିଡ଼ ହେବାକୁ ଦେବ ନାହିଁ । ଏବଂ, ଯଦି କୌଣସି କାରଣରୁ ଗୋଟାଏ ମୁହୂର୍ତ୍ତି ପାଇଁ ମଧ୍ୟ କୌଣସି ଆକସ୍ମିକତା ବା ଅବହେଳା ବଶତଃ ଏହି ଶୃଙ୍ଖଳା ବାଧାପ୍ରାପ୍ତ ହୁଏ, ତେବେ ତଦ୍ଦ୍ୱାରା କେତେକେତେ ଦୁର୍ଭାଗ୍ୟଜନକ ଘଟଣା ଘଟିବାର ଆଶଙ୍କା ଆସି ପହଞ୍ଚି ନଯିବ ! ସାମାନ୍ୟ ଏକ ବିଳମ୍ବ ଫଳରେ ମଧ୍ୟ କେତେ କ'ଣ ବିଗିଡ଼ି ନଯିବ ଓ ଗୋଳମାଳ ହୋଇ ନଯିବ : ବନ୍ଧୁମାନେ ପରସ୍ପରକୁ ଭେଟି ପାରିବେ ନାହିଁ, କର୍ମଚାରୀ ଏବଂ ବ୍ୟବସାୟୀମାନେ ଡେରିରେ ଯାଇ ସେମାନଙ୍କର କର୍ମ ସ୍ଥାନରେ ପହଞ୍ଚିବେ ବା ଏକ ନିର୍ଦ୍ଦିଷ୍ଟ ସମୟରେ କୌଣସି ଜାଗାରେ ପହଞ୍ଚିବାକୁ କଥା ଦେଇଥିଲେ ମଧ୍ୟ ସେହି ସମୟରେ ସେଠାରେ ପହଞ୍ଚି ପାରିବେ ନାହିଁ; ଯାତ୍ରୀମାନେ ଜାହାଜ ବି ଧରି ପାରିବେ ନାହିଁ । ଏବଂ ଆହୁରି ଯେତେସବୁ ଯାହା ବିଗିଡ଼ି ଯିବ, ସେକଥା ସବୁ ତୁମେମାନେ କଳ୍ପନା ବି କରି ପାରିବ ନାହିଁ ।

ଯଦି ଏହି ସଂସାରରେ ହଠାତ୍ କୌଣସି ଶୃଙ୍ଖଳା ବା ନିୟମିତତା ନରହେ, ତେବେ ସବୁକିଛିକୁ କି ଦୁର୍ଦ୍ଦଶାରେ ଯେ ପଡ଼ିବାକୁ ହେବ, ସେକଥା ଥରେ ଭାବିକରି ଦେଖିଲ !

ଆପଣା ନିୟମିତତାର ଏକ ଚମତ୍କାର ଦୃଷ୍ଟାନ୍ତ ଦେଇ ସାଧାରଣ ଗୋଟାଏ ଘଣ୍ଟା ଯେତେବେଳେ ବନ୍ଦ ହୋଇ ଯାଉଛି, ଧୀରେ ଧୀରେ ଚାଲୁଛି, ଅଥବା ଅତି

'oaob.nitrkl.ac.in' images reprocessed

ଜୋରରେ ଚାଲୁଛୁ, ସେତେବେଳେ ଘରେ ଗାର୍ହସ୍ଥ୍ୟ ଯାବତୀୟ କାର୍ଯ୍ୟରେ କେତେ ବାଧା ଆସି ପହଞ୍ଚି ଯାଉଛୁ ! ଯଦି ସେହି ଘଣ୍ଟାଟିକୁ ଆଉଥରେ ଠିକ୍ କରି ନହୁଏ, ତେବେ ତାହାର କବଳରୁ ମୁକ୍ତି ଲାଭ କରିବାହିଁ ପ୍ରକୃତରେ ସର୍ବୋତ୍ତମ କଥା ହେବ ।

✻

ଏକ ପୁରାତନ କୃଷକ ଗୃହର ବୈଠକ ଖାନାରେ କୋଉ କାଳର ଏକ ପୁରୁଣା ଘଣ୍ଟା ଥିଲା, ଯାହାକି ଦେଢ଼ଶହରୁ ଅଧିକ ବର୍ଷ ହେଲା ନିୟମିତ ସମୟ ରଖି ଟିକ୍ ଟିକ୍ କରି ଚାଲି ଆସିଥିଲା । ପ୍ରତ୍ୟେକ ଦିନ ସକାଳେ ବିଛଣାରୁ ଉଠି ବାହାରକୁ ଆସିବା ମାତ୍ରକେ ଗୃହସ୍ଥ କୃଷକଟି ସର୍ବପ୍ରଥମେ ସେହି ଘଣ୍ଟା ପାଖକୁ ଯାଇ ତାହା ଯେ ଠିକ୍ ଭାବରେ ଚାଲୁଛି, ସେକଥା ପରୀକ୍ଷା କରି ଦେଖି ଆସୁଥିଲେ । ଦିନେ ଏପରି ଘଟିଥିଲା ଯେ, ଯେତେବେଳେ ସକୁଦିନ ପରି ସେ ବୈଠକଖାନାକୁ ଆସିଲେ, ସେତେବେଳେ ଘଣ୍ଟାଟି ତାଙ୍କୁ କହିବାକୁ ଲାଗିଲା :

"ଦେଢ଼ଶହରୁ ଅଧିକ ବର୍ଷ ହେଲା ମୁଁ ଚାଲି ଆସିଲିଣି । କେବେ ଦିନେ ହେଲେ ମୋର ଚାଲିବା ବନ୍ଦ ହୋଇ ନାହିଁ ଓ ମୁଁ ସବୁବେଳେ ଠିକ୍ ସମୟ ରଖି ଆସିଛି । ବର୍ତ୍ତମାନ ମୁଁ ପ୍ରକୃତରେ ଭାରି ଥକି ଗଲିଣି; ମୋତେ କ'ଣ ତେବେ ବି ଟିକିଏ ବିଶ୍ରାମ ମିଳିବ ନାହିଁ ? ମୁଁ କ'ଣ ତଥାପି ଏହିପରି ଟିକ୍ ଟିକ୍ କରିବାରେ ଲାଗିଥିବି ?"

ଚତୁର କୃଷକ ଉତ୍ତର ଦେଇ କହିଲା, "ଘଣ୍ଟା, ତୋର ଏପରି ଅଭିଯୋଗ କରିବା ମୋଟେ ଉଚିତ ହେଉ ନାହିଁ, କାରଣ ତୁ ଗୋଟିଏ କଥା ଭୁଲି ଯାଉଛୁ ଯେ ଥରେ ଟିକ୍ ବୋଲି କହିବା ପରେ ତୋତେ ଗୋଟାଏ ସେକେଣ୍ଡ ସକାଶେ ସବୁବେଳେ ବିଶ୍ରାମ ମିଳୁଛି ।"

କ୍ଷଣକ ପାଇଁ କ'ଣ ଟିକିଏ ଭାବି ଘଣ୍ଟାଟି ପୁନର୍ବାର ଚାଲିବାକୁ ଆରମ୍ଭ କଲା ।

କହିଲ ପିଲାଏ, ଏହି ଗପଟିରୁ ଆମକୁ କ'ଣ ଶିକ୍ଷା ମିଳୁଛି ? ଯଦି ଆମେ ଶୃଙ୍ଖଳାର ସହିତ କାର୍ଯ୍ୟ କରୁଥିବା; ତେବେ କ୍ଲାନ୍ତି ଏବଂ ବିଶ୍ରାମ ପରସ୍ପର ସହିତ ନିଶ୍ଚୟ ଏକ ଭାରସାମ୍ୟ ରକ୍ଷା କରୁଥିବେ; ଏବଂ ନିୟମିତ ଭାବରେ କୌଣସି କାର୍ଯ୍ୟ କରୁଥିଲେ ଆମକୁ ଅନେକ କଷ୍ଟ ଏବଂ ଅନେକ ଚେଷ୍ଟାରୁ ସବୁବେଳେ ରକ୍ଷା ମିଳୁଥିବ ।

✻

'oaob.nitrkl.ac.in' images reprocessed

ଶୃଙ୍ଖଳା ରକ୍ଷା କରି ପାରୁଥିଲେ ଯାବତୀୟ କାର୍ଯ୍ୟରେ ଆମକୁ ପ୍ରକୃତରେ କେତେ ଅଧିକ ଶକ୍ତି ନମିଳେ ! ଯେଉଁସବୁ ମେସିନ୍‌ରେ ପ୍ରତ୍ୟେକଟି ଅଂଶ, ପ୍ରତ୍ୟେକଟି ପେଚ ଓ ପ୍ରତ୍ୟେକଟି ଲିଭର ନର୍ଭୁଲ୍ ଭାବରେ ଶୃଙ୍ଖଳା ରକ୍ଷାକରି କାର୍ଯ୍ୟ କରୁଥାଏ, ସେହିଗୁଡ଼ିକହିଁ ସବୁଠାରୁ ଅଧିକ ଶକ୍ତିଶାଳୀ ଭାବରେ କାର୍ଯ୍ୟ କରିବାକୁ ସମର୍ଥ ହୁଏ । ଏବଂ, ସେହିଭଳି ଗୋଟିଏ ମେସିନରେ, ସବୁଠାରୁ ସାନ ପେଚକଣ୍ଟାଟି ମଧ୍ୟ ଆପଣାର ଯଥାର୍ଥ ସ୍ଥାନରେ ରହି କାର୍ଯ୍ୟ କରୁଥିବା ପର୍ଯ୍ୟନ୍ତ ବଡ଼ଟି ଫ୍ଲାଇହୁଇଲ୍ ପରି ତା'ର ଯେ ସମାନ ଆବଶ୍ୟକତା ରହିଛି, ସେକଥା ଅବଶ୍ୟ ଦାବି କରି କହିପାରେ ।

ଠିକ୍ ସେହିପରି, ଯେଉଁ ସାନ ପିଲାଟି ଯତ୍ନର ସହିତ ତା'ର କାର୍ଯ୍ୟଟିକୁ କରୁଥାଏ, ବିଦ୍ୟାଳୟର ଶୃଙ୍ଖଳା ରକ୍ଷାରେ ତା'ର ମଧ୍ୟ ଏକ ଅତ୍ୟନ୍ତ ଉପଯୋଗୀ ଅବଦାନ ରହିଥାଏ, ତା' ଘର ଓ ଏହି ବୃହତ୍ତର ପୃଥିବୀ ମଧ୍ୟରେ ତା' ନିଜର ସାନ ପୃଥିବୀଟିରେ ମଧ୍ୟ ଶୃଙ୍ଖଳାରକ୍ଷା କରିବାରେ ତା'ର ଏକ ଅବଦାନ ସର୍ବଦା ରହିଥାଏ ।

ଆପଣାକୁ ଶୃଙ୍ଖଳା ମଧ୍ୟରେ ରଖିବାକୁ ପ୍ରଥମେ ହୁଏତ କିଛିଟା କଷ୍ଟ କରିବାକୁ ପଡ଼ିପାରେ । ଚେଷ୍ଟା ନକରି ଆମେ କେବେହେଲେ କିଛି ବି ଶିକ୍ଷା କରି ପାରିବା ନାହିଁ । ପହଁରି ଶିଖିବା ସହଜ ନୁହେଁ, ଡଙ୍ଗାରେ ଆହୁଲା ମାରି ଶିଖିବା ସହଜ ନୁହେଁ କି ବ୍ୟାୟାମ ଓ କ୍ରୀଡ଼ା କସରତ ବି ଶିଖିବା ସହଜ ନୁହେଁ । ମାତ୍ର ଚେଷ୍ଟା କରୁଥିଲେ ସଫଳତା ବି ଅଳ୍ପ ଅଳ୍ପ କରି ନିଶ୍ଚୟ ଆସିବ । ଠିକ୍ ସେହିପରି ଭାବରେ, କିଛି ସମୟ ପରେ ଆମେ ପ୍ରତ୍ୟେକ କଥାକୁ ଶୃଙ୍ଖଳାର ସହିତ କରିବାର ମାର୍ଗଟିକୁ ବି ଶିଖିଯାଇ ପାରିବା ଏବଂ ସେଥିଲାଗି ଆମକୁ ଆଦୌ କୌଣସି କଷ୍ଟ ସହିବାକୁ ପଡ଼ିବ ନାହିଁ । ଏବଂ ତାହା ସଙ୍ଗେ ସଙ୍ଗେ ବିଶୃଙ୍ଖଳା ମଧ୍ୟ ଆମକୁ ଅଧିକରୁ ଅଧିକ ଯନ୍ତ୍ରଣାଦାୟକ ଓ ଅସହ୍ୟ ବୋଲି ବି ମନେ ହେଉଥିବ ।

ଯେତେବେଳେ ତୁମେ ପ୍ରଥମେ ଚାଲି ଶିଖିଥିବ, ସେତେବେଳେ ତୁମେ କେତେଥର ପଡ଼ିଥିବ, ଝଡ଼ିଯାଇ କେତେଥର କାନ୍ଦିଥିବ । ବର୍ତ୍ତମାନ ଚାଲୁଥିବା ସମୟରେ ହୁଏତ ଚାଲୁଛି ବୋଲି କୌଣସି ଭାବନା ମଧ୍ୟ ତୁମର ମନକୁ ଆସୁ ନାହିଁ, ବର୍ତ୍ତମାନ ତ ତୁମେ କେତେ କୁଶଳତାର ସହିତ ଦଉଡ଼ି ବି ପାରିଲଣି । ତୁମର ସ୍ନାୟୁଗୁଡ଼ିକ ଯେ ଶୃଙ୍ଖଳାର ସହିତ କାର୍ଯ୍ୟ କରୁଛନ୍ତି, ତୁମର ମାଂସପେଶୀ ଓ ଯାବତୀୟ ଅବୟବ ଯେ ଶୃଙ୍ଖଳାବଦ୍ଧ ଭାବରେ କାର୍ଯ୍ୟ କରୁଛନ୍ତି, ଚାଲିବା ଏବଂ ଦଉଡ଼ିବା ସମୟରେ ତୁମର ଯାବତୀୟ ଅଙ୍ଗସଞ୍ଚାଳନାହିଁ ତ ତାହାର ଏକ ଚମତ୍କାର ଦୃଷ୍ଟାନ୍ତ ହୋଇ ରହିଛି ।

'oaob.nitrkl.ac.in' images reprocessed

ଶୃଙ୍ଖଳାହିଁ ସବଂଶେଷରେ ଏକ ଅଭ୍ୟାସରେ ପରିଣତ ହୋଇ ଯାଇଥାଏ ।

ଏବଂ ସର୍ବୋପରି ତୁମେମାନେ ଏକଥା କେବେହେଲେ ଭାବିବ ନାହିଁ ଯେ ଶୃଙ୍ଖଳା ମଧ୍ୟରେ ଆପଣାକୁ ରଖିବା ଦ୍ୱାରା, ନିୟମିତ ଓ ସମୟାନୁବର୍ତ୍ତୀ ହେବା ଦ୍ୱାରା ତୁମେ କେବେହେଲେ ଖୁସି ରହି ପାରିବ ନାହିଁ କିଂବା ଖୁସି ହୋଇ ଟିକିଏ ହସି ବି ପାରିବ ନାହିଁ । ଗୋଟିଏ କାମକୁ ନିର୍ଭୁଲ ଭାବରେ କରୁଥିବା ସମୟରେ ମୁହଁକୁ ଏତେ କରିବାର ଆଦୌ କୌଣସି ପ୍ରୟୋଜନ ନାହିଁ । ଏବଂ ତୁମମାନଙ୍କୁ ତାହାର ଏକ ପ୍ରମାଣ ଦେବାକୁ ଆମେ ଆଜିର ପାଠନିର୍ଘଣ୍ଟଟିକୁ ଟିକିଏ ହସ ଦ୍ୱାରା ଶେଷ କରିବା ।

ମୁଁ ତୁମକୁ ବର୍ତ୍ତମାନ ସମୟାନୁବର୍ତ୍ତୀ ହେବା ବିଷୟରେ ଗୋଟିଏ ଦୃଷ୍ଟାନ୍ତ ଦେବି । ଆମେ ଏପରି ଏକ ଦୃଷ୍ଟାନ୍ତକୁ କେବେହେଲେ ଅନୁସରଣ କରିବା ନାହିଁ ।

ଆରବଦେଶର କୌଣସି ଭଦ୍ରମହିଳାଙ୍କ ପାଖରେ ଜଣେ ଭୃତ୍ୟ ଥିଲା । ନିଜ ଘରେ ଚୁଲି ଲଗାଇବା ସକାଶେ ସେ ତାକୁ ଜଣେ ପଡ଼ୋଶୀଙ୍କ ଘରକୁ ଟିକିଏ ନିଆଁ ଆଣି ପଠାଇଲେ ।

ବାଟରେ ଯାଉଯାଉ ଭୃତ୍ୟଟି ମିଶର୍ ଆଡ଼କୁ ଯାଉଥିବା ଓଟସବାର ଦଳେ ଯାତ୍ରୀଙ୍କୁ ଦେଖିଲା । ସେମାନଙ୍କ ସହିତ କଥାବାର୍ତ୍ତା କରୁ କରୁ ସେ ସେମାନଙ୍କ ସହିତ ଯିବା ଲାଗି ସ୍ଥିର କଲା । ଏବଂ ପୁରା ବରଷକ ପାଇଁ ସେ ସେଇଆଡ଼େ ରହିଲା ।

ତେଣୁ ଫେରିଆସି ଆଗ ପୋଡ଼ଶୀ ଘରକୁ ନିଆଁ ମାଗିଗଲା । ମାତ୍ର, ନିଆଁ ଧରି ବାଟରେ ଆସୁ ଆସୁ ଗୋଡ଼ ଖସିଯିବାରୁ ସେ ତଳେ ପଡ଼ିଗଲା । ତାହା ଫଳରେ ରଡ଼ ଅଙ୍ଗାରଗୁଡ଼ାକ ମଧ୍ୟ ତଳେ ପଡ଼ିଗଲା ଓ ଲିଭିଗଲା । ଏକଥା ଦେଖି ସେ ଚିତ୍କାର କରି କହିଲା :

"ତରତର ହେଲେ ପ୍ରକୃତରେ କେତେ ହଇରାଣ ହେବାକୁ ନପଡ଼େ !"

'oaob.nitrkl.ac.in' images reprocessed

ଏଗାର

ଗଢ଼ିବା ଓ ଭାଙ୍ଗିବା

ପିଲାମାନେ, ଗଢ଼ିବା ଓ ଧ୍ୱଂସ କରିବା କହିଲେ କ'ଣ ବୁଝାଏ, ତୁମେମାନେ ସମସ୍ତେ ସେକଥା ଜାଣିଛ ?

ହାତରେ ଅସ୍ତ୍ରଶସ୍ତ୍ର ଧରି ଯୋଦ୍ଧା ଧ୍ୱଂସ କରିବାକୁ ଯାଏ ।

ଗଢ଼ିବା ଲୋକ ଯୋଜନା ତିଆରି କରେ, ନଅଁ ପକାଏ, ଏବଂ ଶ୍ରମିକମାନଙ୍କର ହାତ କୃଷକ ଲାଗି ଏକ ଘର ତିଆରି କରେ ଅଥବା କୌଣସି ରାଜା ପାଇଁ ରାଜପ୍ରାସାଦଟିଏ ତିଆରି କରେ ।

ଧ୍ୱଂସ କରିବା ଅପେକ୍ଷା ଗଢ଼ିବା ନିଶ୍ଚୟ ଅଧିକ ଭଲ; ମାତ୍ର ବେଳେବେଳେ ଧ୍ୱଂସ କରିବା ଓ ଭାଙ୍ଗିବା ଲାଗି ବି ଏକ ଆବଶ୍ୟକତା ରହିଥାଏ ।

ପିଲାମାନେ, ତୁମମାନଙ୍କର ବାହୁରେ ବଳ ଅଛି, ହାତରେ ଶକ୍ତି ଅଛି;— କିନ୍ତୁ ତୁମେମାନେ କ'ଣ କେବଳ ଗଢ଼ୁଛ ଓ ତିଆରି କରୁଛ, କେବେହେଲେ କିଛି ଭାଙ୍ଗୁ ନାହିଁ ବା ଧ୍ୱଂସ କରି ଦେଉ ନାହିଁ ? ଯଦି କିଛି ନା କିଛି ଧ୍ୱଂସ କରୁଥାଅ, ତେବେ ସେସବୁ କ'ଣ ?

ଭାରତବର୍ଷର ଏହି କାହାଣୀଟିକୁ ବର୍ତ୍ତମାନ ମନଦେଇ ଶୁଣ :

ଗୋଟିଏ ସଦ୍ୟୋଜାତ ଶିଶୁ କୌଣସି ତୋଟାରେ ପଡ଼ି ରହିଥିଲା । ତୁମେ ହୁଏତ ଭାବୁଥିବ ଯେ ଶିଶୁଟିର ମରିବା ବ୍ୟତୀତ ପ୍ରକୃତରେ ଆଉ କୌଣସି ଗତି ନଥିଲା, କାରଣ ତା'ର ମାଆ ତାକୁ ସେଠାରେ ପ୍ରସବ କରି କୁଆଡେ ଚାଲି ଯାଇଥିଲେ । ଓ ସିଏ ଆଉ ଫେରିଆସିବାର ଆଦୌ କୌଣସି ପ୍ରଶ୍ନ ନଥିଲା । କିନ୍ତୁ ଘଟନା ଏପରି ହେଲା ଯେ ସେଠାରେ ଥିବା ଗଛରୁ ମହୁପରି ମିଠା ବିନ୍ଦୁମାନ ଆସି ଶିଶୁଟିର ପାଟି ଭିତରେ ପଡ଼ିବାକୁ ଲାଗିଲା ଓ ଶିଶୁଟିକୁ ବଞ୍ଚାଇ ରଖିଲା । ଶେଷରେ ଜଣେ ଦୟାଶୀଳ ସ୍ତ୍ରୀଲୋକ ତୋଟା ପାଖରେ ଥିବା ଶିବଙ୍କର ମନ୍ଦିରରେ ପୂଜା ଦେବା ଲାଗି ଯାଉଥିବା ସମୟରେ ସେଠାରେ ଆସି ପହଞ୍ଚିଲା ।

ଶିଶୁଟିକୁ ଦେଖିବା ମାତ୍ରକେ ତା'ର ହୃଦୟ ବିଗଳିତ ହୋଇଗଲା । ତାକୁ ସେଠାରୁ ଉଠାଇ ନେଇ ସେ ତା' ସ୍ୱାମୀ ପାଖକୁ ନେଇଗଲା । ସ୍ୱାମୀ ଏଥିରେ କେଡ଼େ ଖୁସି ହୋଇଗଲା, କାରଣ ତା'ନକର କୌଣସି ପୁତ୍ରସନ୍ତାନ ନଥିଲେ ।

'oaob.nitrkl.ac.in' images reprocessed

ତେଣୁ, ତୋଟା ଭିତରୁ ପାଇଥିବା ସେହି ଅଚହ୍ନା କୁନିପିଲାଟିକୁ ସ୍ୱାମୀ ଓ ସ୍ତ୍ରୀ ଆପଣାର ପୁଅ କରି ସେହିଦିନଠାରୁ ପାଳିବାକୁ ଲାଗିଲେ । କିନ୍ତୁ କିଛିଦିନ ପରେ ସେମାନଙ୍କର ପ୍ରତିବେଶୀମାନେ ସେମାନଙ୍କୁ ସେଥିଲାଗି ନାନା ପ୍ରକାରେ ଅଡ଼୍ଡା କରି ଉଡ଼ିଲେ । ଜାତି ଜଣା ନଥିବା ଗୋଟାଏ ପିଲାକୁ ଘରକୁ ଆଣି ପାଳୁଥିବାରୁ ସେମାନେ ଏମାନଙ୍କୁ ଭାରି ଗାଳି ଦେଲେ । ତେଣୁ, ସେମାନେ ନିଜେ ପିଲାଟିର ଲାଳନପାଳନ କରୁଛନ୍ତି ବୋଲି ଅପବାଦରୁ ରକ୍ଷା ପାଇବାକୁ ସେମାନେ ତାକୁ ଗୁହାଳଘରର ଉପରେ ଟଙ୍ଗା ହୋଇଥିବା ଗୋଟିଏ ଝୁଲାରେ ନେଇ ଝୁଲାଇ ଦେଲେ ଏବଂ ଗୋଟିଏ ଅସବର୍ଣ୍ଣ ପରିବାର ଉପରେ ତାକୁ ଲାଳନପାଳନ କରିବାର ଦାୟିତ୍ୱକୁ ନ୍ୟସ୍ତ କରିଦେଲେ ।

କେତେ ବର୍ଷପରେ ପିଲାଟି ବଢ଼ି ହୃଷ୍ଟପୁଷ୍ଟ ଓ ବୁଦ୍ଧିମାନ ହେଲା । ତା'ପରେ ତାକୁ ସବୁସ୍ତ ହୋଇ ଲାଳନପାଳନ କରି ଆସିଥିବା ଲୋକମାନଙ୍କଠାରୁ ବିଦାୟ ନେଇ ସେ ଏକୁଟିଆ ବିଦେଶ କରି ବାହାରିଗଲା । କେତେ ସମୟ ପର୍ଯ୍ୟନ୍ତ ବାଟ ଚାଲିବା ପରେ ଟିକିଏ ବିଶ୍ରାମ ନେବା ସକାଶେ ସିଏ ଗୋଟିଏ ତାଳଗଛ ତଳେ ଯାଇ ବସିଲା । ଦୈବଯୋଗରୁ ତାଳଗଛର ମଧ୍ୟ ତା'ପ୍ରତି ଭାରି ଶ୍ରଦ୍ଧା ହେଲା ଏବଂ ସିଏ ପିଲାଟିର ଯତ୍ନ ନେବାକୁ ଲାଗିଲା । ତୋଟା ଭିତରୁ ତାକୁ ପାଇ ଘରକୁ ନେଇଥିବା ସ୍ତ୍ରୀଲୋକଟିର ତା'ପ୍ରତି ଯେଉଁ ଶ୍ରଦ୍ଧା ହୋଇଥିଲା, ଠିକ୍ ତାହାରି ପରି । କାରଣ, ତେଙ୍ଗା ସରୁ ସରୁ ଏପରି ଗୋଟାଏ ଗଛ ଆପଣାର ପତ୍ର ଆଡ଼ୁଆଳ ଦେଇ ଯେ ସାରା ଦିନ ଜଣେ ମଣିଷକୁ ଛାୟାଦାନ କରିପାରିବ, ଏକଥା ପ୍ରକୃତରେ ଅସମ୍ଭବ ବୋଲି ବୋଧ ହେଉଥିଲେ ମଧ୍ୟ, ତାହାଣୀଟିରେ କୁହାହୋଇଛି ଯେ ଗଛର ଛାଇ ସେଦିନ ଦିନମାନ ସ୍ଥିର ହୋଇ ରହିଲା ଏବଂ ପିଲାଟି ଯେତେ ସମୟ ଯାଏ ଶୋଇବାକୁ ଇଚ୍ଛା କରୁଥିଲା, ସେତେ ସମୟଯାଏ ତାହା ତାକୁ ଆପଣାର ଶୀତଳ ଛାୟାରେ ଆବୃତ କରି ରଖିଲା ।

❋

ଏସବୁ କଥା ଯେ ଘଟିଲା, ଏପରି କାହିଁକି ଘଟିଲା ତୁମେମାନେ ବର୍ତ୍ତମାନ ଭାବିକରି କହିଲ !

ଜନ୍ମ ହେବା ପରେ ସେହି ପିଲାଟିର କାହିଁକି ପ୍ରାଣରକ୍ଷା ହୋଇଥିଲା ଏବଂ ତାଳଗଛଟା ମଧ୍ୟ କାହିଁକି ତାକୁ ଖରାତାପର କଷ୍ଟରୁ ସେପରି ଭାବରେ ରକ୍ଷା କଲା ? କାରଣ ତା'ର ଜୀବନର ଏକ ମୂଲ୍ୟ ରହିଥିଲା : ଏହି ପିଲାଟି ବଡ଼ ହୋଇ ମହାତ୍ମା ତିରୁଭଲ୍ଲୁଭର ହେବ ବୋଲି ଅଭିପ୍ରେତ ହୋଇ ରହିଥିଲା । ସେହି ବିଖ୍ୟାତ ତାମିଲ କବି କୁରାଲ ଗ୍ରନ୍ଥର ମଧୁର ପଦ୍ୟଗୁଡ଼ିକୁ ରଚନା କରିଥିଲେ ।

'oaob.nitrkl.ac.in' images reprocessed

ଏଣୁ , ଏପରି ଅନେକ ସତ୍ତା ଓ ବସ୍ତୁ ଅଛି, ଯାହାକୁ ଅବଶ୍ୟ ରକ୍ଷା କରିବାକୁ ପଡ଼େ, କାରଣ ସେମାନେ ଏହି ସଂସାରକୁ ଏକ ବିଶେଷ ବାଣୀ ବହନ କରି ଆସିଥା'ନ୍ତି ।

ଆମେ ଯେ ବଳ ଥିବା ଏହି ବାହୁଗୁଡ଼ିକୁ ନେଇ ସଂସାରରେ ଜନ୍ମ ହୋଇଛୁ, ସେଥିଲାଗି ଆମର ପ୍ରକୃତରେ ଆନନ୍ଦିତ ହେବା ଉଚିତ, କାରଣ ସେଗୁଡ଼ିକ ଦ୍ୱାରା ଆମେ ଯାହାକିଛି ସୁନ୍ଦର, ଉତ୍ତମ ଏବଂ ସତ୍ୟମୟ ତାହାକୁ ଆବୋରି କରି ଧରିପାରିବା ଏବଂ ତାହାକୁ ମନ୍ଦ ଏବଂ କଳୁଷର ହାତରୁ ରକ୍ଷା କରିପାରିବା ।

ଏବଂ, ଏହିସବୁ ବସ୍ତୁର ସୁରକ୍ଷା ଲାଗିହିଁ ଆମକୁ ବେଳେବେଳେ ଯୁଦ୍ଧ ବି କରିବାକୁ ହେବ, ଧ୍ୱଂସ କରି ଦେବାକୁ ହେବ ।

*

ଜନସାଧାରଣଙ୍କ ପାଇଁ ତିରୁଓ୍ୱଲ୍ଲୁଓ୍ୱର ଏତେ ମଧୁର ପଦ୍ୟମାନ ରଚନା କରି ପାରିଥିଲେ, ମାତ୍ର ସେ ଯୁଦ୍ଧ କରି ବି ଜାଣିଥିଲେ, ହତ୍ୟା ବି କରି ଜାଣି ଥିଲେ । ସେ କାବେରୀପଟ୍ଟନମ୍‌ର ରାକ୍ଷସକୁ ହତ୍ୟା କରିଥିଲେ ।

କାବେରୀପଟ୍ଟନମ୍‌ର ଜଣେ କୃଷକଘରେ ହଜାରେ ଗାଈ ଥିଲେ, ତା'ର ମାଣମାଣ ଶସ୍ୟକ୍ଷେତ ରହିଥିଲା । ମାତ୍ର ସେତେବେଳେ ଗୋଟିଏ ରାକ୍ଷସ ସେହି ଅଞ୍ଚଳରେ ଖୁବ ଉପଦ୍ରବ କରୁଥିଲା । ସିଏ କ୍ଷେତରୁ ଶସ୍ୟ ଉପାଡ଼ି ନେଉଥିଲା, ମଣିଷ ଆଉ ଗୋରୁଙ୍କୁ ମାରି ପକାଉଥିଲା । ଏହା ଫଳରେ କାବେରୀପଟ୍ଟନମ୍‌ର ଅଧିବାସୀମାନଙ୍କର ହୃଦୟ ସର୍ବଦା ଅତି ଶଙ୍କାକୁଳ ହୋଇ ରହୁଥିଲା ।

ସେହି ଧନବନ୍ତ କୃଷକଟି ଦିନେ କହିଲା, "ଆମକୁ ଯିଏ ଏହି ରାକ୍ଷସଟିର ଅତ୍ୟାଚାରରୁ ରକ୍ଷା କରି ପାରିବ, ସେହି ବୀରକୁ ମୁଁ ରହିବାକୁ ଘର ଦେବି, ଜମି ଦେବି, ଟଙ୍କା ମଧ୍ୟ ଦେବି ।"

ଅନେକ ଦିନ ପର୍ଯ୍ୟନ୍ତ କୌଣସି ବୀର ସାହସ କରି ଏହି କାର୍ଯ୍ୟ ଲାଗି ବାହାରିଲେ ନାହିଁ । ତା'ପରେ ସେହି କୃଷକଟି ପାହାଡ଼କୁ ଯାଇ ସେଠାରେ ବାସ କରୁଥିବା ମୁନିମାନଙ୍କୁ ସେ ଏଥିର କ'ଣ କରିବ ବୋଲି ପଚାରିଲା ।

ପର୍ବତରେ ବାସ କରୁଥିବା ମୁନିମାନେ କହିଲେ, "ତୁମେ ଏଥିର ତିରୁଓ୍ୱଲ୍ଲୁଓ୍ୱରଙ୍କ ପାଖକୁ ଯାଅ ।"

ତେଣୁ ସିଏ ସେହି ତରୁଣଭକ୍ତଙ୍କ ପାଖକୁ ଯାଇ ତାଙ୍କର ସାହାଯ୍ୟ ପ୍ରାର୍ଥନା କଲା । ସେଇଠୁ ତିରୁଓ୍ୱଲ୍ଲୁଓ୍ୱର କିଛି ସାଙ୍ଗଶ ନେଇ ଦିନ ପାଖୁଲି

'oaob.nitrkl.ac.in' images reprocessed

ଉପରେ ବୋଲ ଦେଲେ ଓ ତା'ଉପରେ ପାଞ୍ଚୋଟି ପବିତ୍ର ଅକ୍ଷର ଲେଖିଲେ, କେତୋଟି ମନ୍ତ୍ର ବି ପଢ଼ିଲେ; ଏବଂ ତା'ପରେ ପାଉଁଶଗୁଡ଼ାକୁ ଶୂନ୍ୟକୁ ଫୋପାଡ଼ି ଦେଲେ । ସେହିସବୁ ଅକ୍ଷର ଓ ମନ୍ତ୍ରର ଶକ୍ତି ଆପଣାକୁ ରାକ୍ଷସ ଉପରେ ଯାଇ କେନ୍ଦ୍ରିତ କରିଦେଲା ଏବଂ ତାହା ଫଳରେ ତା'ର ମୃତ୍ୟୁ ଘଟିଲା । ଏଥିରେ କାବେରୀପଟ୍ଟନମ୍‌ର ଅଧିବାସୀମାନେ ଖୁବ ଖୁସି ହୋଇଗଲେ ।

ପରେ, ଯେତେବେଳେ ତିରୁଓ୍ୱଲ୍ଲୁଓ୍ୱର ମଦୁରା ସହରକୁ ଆସିଥିଲେ, ସେତେବେଳେ ତାଙ୍କର ରଚିତ ମଧୁର ପଦ୍ୟଗୁଡ଼ିକୁ ଶୁଣିବା ଲାଗି ଲୋକମାନେ ବହୁସଂଖ୍ୟାରେ ଆସି ଜୁଣ୍ଡ ହେଲେ ଏବଂ ତୋଣ୍ଡାଇଲର ସେବକର ସେହି ଶିଶୁଟି ରଚନା କରିଥିବା ପଦ୍ୟଗୁଡ଼ିକ ଶୁଣି ଏକାବେଳକେ ମନ୍ତ୍ରମୁଗ୍ଧ ହୋଇ ଯାଇଥିଲେ:

ଏହି ସଂସାରରେ
ଦୟାଠାରୁ ଆହୁରି ଅଧିକ ଭଲ କୌଣସି ବସ୍ତୁ
ତୁମେ କଦାପି ପାଇ ପାରିବ ନାହିଁ ।

ମାତ୍ର ଅଳ୍ପ ଦୂରରେ ସ୍ଥିର ଜଳ ଥିବା ଗୋଟିଏ ପଦ୍ମ ପୋଖରୀର କୂଳରେ ଅନେକ ଶାସ୍ତ୍ର ପାଠ କରିଥିବା ଆଉ କେତେଜଣ କବି ସେତେବେଳେ ଗୋଟିଏ ଧାଡ଼ିରେ ବେଞ୍ଚ ଉପରେ ବସିଥିଲେ ।

ନୀଚ କୁଳରେ ଜନ୍ମ ହୋଇଥିବା ଆଉ ଜଣେ କବିକୁ ପ୍ରଖ୍ୟାତିରୁ ଆଦୌ କୌଣସି ଭାଗ ଦେବାକୁ ସେମାନଙ୍କର ମୋଟେ ଇଚ୍ଛା ନଥିଲା । କିନ୍ତୁ ସେମାନେ ତାଙ୍କୁ କେତେକ ପ୍ରଶ୍ନ ପଚାରି ବାଉଳା କରିଦେବାକୁ ସଂକଳ୍ପ କଲେ, ତାଙ୍କର କୌଣସି ଭୁଲ୍ ଧରାଇ ଦେବାକୁ ମନସ୍ଥ କରି ବାହାରିଲେ । ଅବଶେଷରେ ତାଙ୍କୁ ଉଦ୍ଦେଶ୍ୟ କରି କହିଲେ :

"ହେ ଶୂଦ୍ର, ତୁ ଯାହା ଲେଖିଛୁ, ତାକୁ ଆଣି ଏହି ବେଞ୍ଚ ଉପରେ ରଖ ଏବଂ ଯଦି ସେହି କବିତାରେ ପ୍ରକୃତରେ କୌଣସି ସୌନ୍ଦର୍ଯ୍ୟ ରହିଥିବ, ତେବେ ଏହି ବେଞ୍ଚ ଉପରେ କେବଳ କୁଶଳ ବ୍ୟକ୍ତି ଆଉ କିଛି ହେଲେ ରହିବାକୁ ଜାଗା ହେବ ନାହିଁ ।"

ତିରୁଓ୍ୱଲ୍ଲୁଓ୍ୱର ତା'ପରେ ତାଙ୍କର ରଚନାଗୁଡ଼ିକୁ ନେଇ ସେମାନଙ୍କ ପାଖରେ ରଖିଲେ । ଏବଂ କାହାଣୀଟିରେ କୁହାଯାଇଛି ଯେ ସଙ୍ଗେ ସଙ୍ଗେ ବେଞ୍ଚଟି ସାନ ହୋଇଯିବାକୁ ଆରମ୍ଭ କଲା ଏବଂ ଶେଷକୁ କେବଳ ସେହି ପଦ୍ୟରଚନାଟି ବ୍ୟତୀତ ତା' ଉପରେ ଆଉ ଅନ୍ୟ କୌଣସି ବସ୍ତୁଲାଗି ଜାଗାହିଁ ହେଲା ନାହିଁ । ଏକଥା ଦେଖି ମଦୁରାର ସେହି ଗର୍ବୀ ଏବଂ ଦ୍ୱେଷୀ କବିମାନେ ଲଜ୍ଜାରେ ଅଣବାକୁ

'oaob.nitrkl.ac.in' images reprocessed

ଲାଗିଲେ ଓ ଅଶ୍ୱଥର ପୋଖରୀ ଭିତରକୁ ପାଣିରେ ଆସି ପଡ଼ିଗଲେ । ହଁ, ଈର୍ଷାନ୍ୱିତ ହୋଇଥିବା ସେହି ଅଣରୁଣ ଜଣ ବ୍ୟକ୍ତି ପ୍ରକୃତରେ ପଙ୍କପୋଖରୀ ଭିତରକୁ ପଡ଼ିଗଲେ । ସେମାନେ ତା'ଭିତରୁ ଖୁବ ଲଜ୍ଜିତ ଭାବରେ ଓଦା ଜୁଡ଼ୁବୁଡ଼ୁ ହୋଇ ପୁଣି ଉପରକୁ ଆସିଲେ । ଏବଂ ସେହି ଦିନ ଠାରୁ ତାମିଲ ଭାଷା ଜାଣିଥିବା ପ୍ରତ୍ୟେକ ଲୋକ କୁରାଲ ଗ୍ରନ୍ଥକୁ ଅତ୍ୟନ୍ତ ଶ୍ରଦ୍ଧାର ସହିତ ଦେଖି ଆସୁଛନ୍ତି ।

❊

ପିଲାମାନେ, କାବେରୀପଟ୍ଟନମ୍‌ର ସେହି ରାକ୍ଷସ ପ୍ରାଣ ହରାଇଲା ବୋଲି ତୁମମାନଙ୍କ ମନରେ କୌଣସି ଦୁଃଖ ହେଲା କି ? ଏବଂ, ମଦୁରାର ସେହି ଅଣରୁଣ ଜଣ ମନ୍ଦ କବି ଯେ ପାଣି ଭିତରେ ଯାଇ ପଡ଼ିଲେ, ତାହାକୁ ପ୍ରକୃତରେ ଏକ ଦୁର୍ଭାଗ୍ୟର କଥା ବୋଲି କୁହାଯିବ କି ?

ଆମର ପୃଥିବୀରେ ଭଲ କଥା ଅଛି, ମନ୍ଦ କଥା ବି ରହିଛି । ଆମେ କେବଳ ଭଲଗୁଡ଼ିକରେହିଁ ପ୍ରସନ୍ନ ଅନୁଭବ କରିବା ଓ ସେଗୁଡ଼ିକର ରକ୍ଷା କରିବା, ଏବଂ ମନ୍ଦଗୁଡ଼ିକ ସହିତ ସଂଗ୍ରାମ କରିବା, ସେଗୁଡ଼ିକୁ ନଷ୍ଟ କରିଦେବା ।

କବି ତିରୁଓ୍ୱଲ୍ଲୁଓ୍ୱରଙ୍କ ପରି ପ୍ରତ୍ୟେକ ଜ୍ଞାନୀ ବ୍ୟକ୍ତି ସେହି କଥାକୁ ଜାଣନ୍ତି ଓ ତାହାହିଁ କରନ୍ତି ସେମାନଙ୍କଠାରେ ଯେତିକି ଅଧିକ ପ୍ରଜ୍ଞା ରହିଥାଏ, ସେତିକି ଅଧିକ ଉତ୍ତମ ରୂପେ ସେମାନେ ସେହି କଥା କରନ୍ତି । ମାତ୍ର, ଅତି ଅଳ୍ପବୟସ୍କ ପିଲାମାନେ ମଧ୍ୟ, ଯେଉଁମାନେ କି ଏତେ ପ୍ରଜ୍ଞା ଅଥବା ଏତେ ଶାରୀରିକ ବଳ ହାସଲ କରି ନାହାନ୍ତି, ସେମାନେ ମଧ୍ୟ ସେହି ଜ୍ଞାନୀ ବ୍ୟକ୍ତିମାନଙ୍କର ଅନୁକରଣ କରିପାରିବେ ଓ ଆପଣାର ସାହସରେ ବୃଦ୍ଧିସାଧନ କରିପାରିବେ ।

ଠିକ୍ ଏହିପରି ଭାବରେହିଁ ତିରୁଓ୍ୱଲ୍ଲୁଓ୍ୱରଙ୍କର ଭଉଣୀ ଅଓ୍ୱଇ ତାଙ୍କ ଭାଇଙ୍କର ଅନୁକରଣ କରିଥିଲେ ।

ଥରେ ସେ ଉରୟୁରର ଗୋଟିଏ ଅଣଓ୍ୱାରଥା ରାସ୍ତାରେ ଭୂମି ଉପରେ ବସିଥିବା ସମୟରେ ତିନିଜଣ ବ୍ୟକ୍ତି ସେହି ବାଟ ଦେଇ ଚାଲି ଯାଇଥିଲେ : ସେମାନଙ୍କ ଭିତରୁ ଜଣେ ହେଉଛନ୍ତି ଜଣେ ରାଜା ଓ ଅନ୍ୟ ଦୁଇଜଣ ହେଉଛନ୍ତି ଦୁଇଜଣ କବି ।

ରାଜାଙ୍କୁ ଆସୁଥିବାର ଦେଖି ତାଙ୍କୁ ସମ୍ମାନ ଦେଖାଇ ସେ ଲମ୍ବାଇଥିବା ଦୁଇ ଗୋଡ଼ରୁ ଗୋଟିଏ ଗୋଡ଼କୁ ପ୍ରତ୍ୟାହୃତ କରି ଆଣିଲେ ।

ପ୍ରଥମ କବି ଜଣକ ଆସିବା ସମୟରେ ମଧ୍ୟ ତାଙ୍କ ପ୍ରତି ବି ସମ୍ମାନ ଦେଖାଇ ଅଓ୍ୱଇ ଆର ଗୋଡ଼ଟିକୁ ଉଠାଇ ଆଣିଲେ ।

'oaob.nitrkl.ac.in' images reprocessed

ମାତ୍ର ଯେତେବେଳେ ବିଖ୍ୟାତ କବି ଜଣକ ସେହି ବାଟ ଦେଇ ଆସିଲେ, ସେ ହଠାତ୍ ଆପଣାର ଦୁଇ ଗୋଡ଼କୁ ପୂର୍ବପରି ପୁଣି ଲମ୍ବାଇ ଦେଲେ ଓ ତାଙ୍କୁ ବାଟ ଛାଡ଼ିଲେ ନାହିଁ ।

ଏହି ବ୍ୟବହାରଟି ବାହାରକୁ ଅବଶ୍ୟ ରୁକ୍ଷ ବୋଲି ବୋଧ ହେଉଛି ସତ ମାତ୍ର ଅର୍ଭାଇ ଭଲ କରି ସବୁ ଜାଣିଶୁଣିହିଁ ସେପରି ଆଚରଣ କରିଥିଲେ । କାରଣ ବିଖ୍ୟାତ କବି ଜଣକ ପ୍ରକୃତରେ ଯଥାର୍ଥ କବି ନଥିଲେ । ସେ ଆପଣାକୁ କବି ବୋଲି ଦେଖାଇ ହେଉଥିଲେ ଏବଂ ଆପଣାର ଆଦୌ କୌଣସି ପ୍ରତିଭା ନଥିଲେ ମଧ୍ୟ ପ୍ରତିଭାର ଦାବି କରୁଥିଲେ ।

ଏବଂ, କବି ଅର୍ଭାଇଙ୍କର ଏପରି ଆଚରଣରେ ଖୁବ୍ ବିଗିଡ଼ିଗଲା ପରି ମନେ ହେଲେ ଓ ତାଙ୍କୁ ଏପରି ଆଚରଣ ଦେଖାଇବାର କାରଣ ପଚାରିଲେ; ଅର୍ଭାଇ ସେତେବେଳେ ଉତ୍ତର ଦେଇ କହିଲେ :

"ତେବେ ମୋତେ ଏପରି ପଦେ ପଦ୍ୟ ରଚନା କରି ଦିଅନ୍ତୁ ଯେଉଁଥିରେ କି 'କୌଶଳ' ଶବ୍ଦଟି ତିନିଥର ବ୍ୟବହାର କରାଯାଇଥିବ ।

ସେତେବେଳକୁ ସେଠାରେ ଅନେକ ଲୋକ ଆସି ଜମା ହୋଇ ଯାଇ-ଥିଲେ । ତେଣୁ ସେମାନଙ୍କ ଆଗରେ କବି ଆପଣା ଦକ୍ଷତାର ପରିଚୟ ଦେବାକୁ ଇଚ୍ଛା କରୁଥିଲେ । ମାତ୍ର ଯେତେ ଚେଷ୍ଟା କଲେ ମଧ୍ୟ ସେହି ନିର୍ଦ୍ଦିଷ୍ଟ ଶବ୍ଦଟିକୁ ସେ ନିଜର ଧାଡ଼ି ଦୁଇଟିରେ କେବଳ ଦୁଇଥର ବ୍ୟବହାର କରିପାରିଲେ ।

ଅର୍ଭାଇ ଏଥର ପାଟିରେ ହସି ହସି କହିଲେ, "ତୁମେ ଯେ ଶେଷ 'କୌଶଳ'ଟିକୁ ଛାଡ଼ିଗଲ, ସେଇଟିକୁ ପ୍ରକୃତରେ ବୁଝାଇବା ନେଇ କ'ଣ କଲ କହିଲ ! ସେଇଟିକୁ ତ ତୁମେ ତୁମ କବିତା ଭିତରେ ମୋଟେ ବ୍ୟବହାର କରିପାରିଲ ନାହିଁ ।" ଅର୍ଭାଇ ଏହିପରି ଭାବରେ କବି ବୋଲି ଦେଖାଇ ହେଉଥିବା ସେହି ବ୍ୟକ୍ତିଙ୍କୁ ସମସ୍ତଙ୍କ ଆଗରେ ଲଜ୍ଜା ଦେଇଥିଲେ ।

ତୁମେ କ'ଣ ଭାବୁଛ, ଏପରି ରୁକ୍ଷ ବ୍ୟବହାର କରି ତାଙ୍କୁ ପ୍ରକୃତରେ ଖୁବ୍ ଆନନ୍ଦ ଲାଗିଥିଲା ? ସେକଥା ମୋଟେ ନୁହେଁ । ମାତ୍ର, ସିଏ ଭାବୁଥିଲେ ଯେ, ସିଏ ମିଛଟାରେ ଦେଖାଇ ହୁଏ, ସିଏ ଆଦୌ କୌଣସି ସମ୍ମାନ ପାଇବାର ଯୋଗ୍ୟ ନୁହେଁ । କେଉଁ କଥାକୁ ସମ୍ମାନ ଦେଖାଇବା ଉଚିତ ଓ କେଉଁ କଥାକୁ ସମ୍ମାନ ଦେଖାଇବା ଉଚିତ ନୁହେଁ ତାଙ୍କୁ ସେକଥା ଅବଶ୍ୟ ଜଣାଥିଲା ।

ସିଏ କହୁଥିଲେ, "ଯେଉଁମାନେ ଭଲ ମଣିଷ, ସେମାନେ ସେହି ଭଲରହିଁ ଅନୁସରଣ କରନ୍ତି । ହଂସ ଯେପରି ପଦ୍ମଫୁଲ ଫୁଟିଥିବା ହ୍ରଦ ଆଡ଼କୁ ଅଗ୍ରସର

'oaob.nitrkl.ac.in' images reprocessed

ହୋଇଯାଏ, ଠିକ୍ ସେହିପରି । ମାତ୍ର ଦୁଷ୍ଟ ଓ ମନ୍ଦ ଲୋକମାନେ ମନ୍ଦ ପଛରେହିଁ ଧାଇଁବାରେ ଲାଗିଥାନ୍ତି, ମଲା ଜନ୍ତୁର ଗନ୍ଧ ପାଇ ଶାଗୁଣା ଯେପରି ସେହି ଘୃଣ୍ୟ ଖାଦ୍ୟ ଉପରେ ଯାଇ ବସିବାକୁ ଧାଇଁଯାଏ, ଠିକ୍ ସେହିପରି ।"

✱

ତେଣୁ, ପ୍ରତ୍ୟେକ ଦେଶରେ ଥିବା ହେ ସାହସୀ ପିଲାମାନେ, ତୁମେମାନେ କେଉଁକେଉଁ ମନ୍ଦ କଥା ସହିତ ଲଢ଼ାଇ କରି ଶିଖିବ ? କେଉଁସବୁ କଥା ଉପରେ ମଣିଷ ହୃଏତ ପ୍ରଭୁତ୍ୱ ଅର୍ଜନ କରିବ ନଚେତ୍ ସେଗୁଡ଼ିକୁ ଏକାବେଳେକେ ଧ୍ୱଂସ କରିଦେବ ?

ଯାହାକିଛି ତା'ର ଜୀବନ ଲାଗି ଏକ ବିପଦ ପରି ହୋଇ ରହିଛି ଓ ତା'ର ଅଗ୍ରଗତିର ପଥରେ ବାଧା ଦେଉଛି, ଯାହାକିଛି ତାହାକୁ ଦୁର୍ବଳ କରି ଦେଉଛି, ବା ତଳକୁ ଟାଣି ନେଉଛି, ଯାହାକିଛି ତାହାର ସୁଖକୁ ହରଣ କରି ନେଉଛି ।

ଖରସ୍ରୋତା ନଦୀଗୁଡ଼ିକ ଉପରେ ପୋଲ ତିଆରି କରି ଓ ବନ୍ୟାଜଳକୁ ବନ୍ଧ ଦ୍ୱାରା ବାନ୍ଧି ସିଏ ସେମାନଙ୍କର ଶକ୍ତିକୁ କାମରେ ଲଗାଇବ ।

ସିଏ ଏପରି ମଜଭୁତ ଜାହାଜମାନ ତିଆରି କରିପାରିବ, ଯାହାକି ତୋଫାନ ଏବଂ ତରଙ୍ଗର କୋପ ସମ୍ମୁଖରେ କଦାପି ପରାଜୟ ସ୍ୱୀକାର କରିବ ନାହିଁ ।

ଯେଉଁସବୁ ଜଳଆ ଜାଗାରେ ସନ୍ତସନ୍ତିଆ ହୋଇଥିବାର ସୁଯୋଗ ନେଇ ଜ୍ୱରରୂପୀ ରାକ୍ଷସ ଅତ୍ମଗୋପନ କରି ରହିଛି, ସିଏ ସେଠାକୁ ଯାଇ ଜଳ ନିଷ୍କାସନ କରିଦେବ, ସନ୍ତସନ୍ତିଆ ଭୂଇଁକୁ ଶୁଖିଲା ଭୂଇଁରେ ପରିଣତ କରିବ ।

ଯେଉଁଠାରେ ବନ୍ୟଜନ୍ତୁମାନେ ତା' ଲାଗି ଏକ ବିପଦ ହୋଇ ରହିଛନ୍ତି, ସେଠାରେ ସେ ବନ୍ୟଜନ୍ତୁଙ୍କ ସହିତ ଯୁଝି ବାହାରିବ ।

ସିଏ ଏପରି କୁଶଳ ଚିକିତ୍ସକମାନଙ୍କୁ ତାଲିମ ଦେଇ ତିଆରି କରିବ, ଯେଉଁମାନେ କି ପୃଥିବୀର ସକଳ ସ୍ଥାନରୁ ଯନ୍ତ୍ରଣା ଏବଂ ରୋଗକୁ ତଡ଼ି ବାହାର କରିଦେବେ ।

ଉପବାସର କାରଣ ହୋଇ ରହିଥିବା ଦାରିଦ୍ର୍ୟ ଉପରେ ମଧ୍ୟ ସେ ବିଜୟ ହାସଲ କରିବାକୁ ଚେଷ୍ଟା କରିବ; ଯେଉଁ ଦାରିଦ୍ର୍ୟ ସକାଶେ ନିଜର ପିଲାମାନଙ୍କ ମୁହଁରେ ଅହାର ଦେଇ ପାରନ୍ତି ନାହିଁ ବୋଲି କେତେକେତେ ଜନନୀ ସତତ ଦୁଃଖାକୁଳ ହୋଇ ରହିଥାନ୍ତି, ସିଏ ତାହାର ଉପରେ ବିଜୟ ହାସଲ କରିବ ।

'oaob.nitrkl.ac.in' images reprocessed

ସମସ୍ତଙ୍କ ଲାଗି ଏହି ଜୀବନକୁ ଯନ୍ତ୍ରଣାମୟ କରି ରଖିଥିବା ଦୁଷ୍ଟତା, ଈର୍ଷା ଓ ଅନ୍ୟାୟର ମଧ୍ୟ ସିଏ ବିଲୋପ ସାଧନ କରିବାକୁ ବାହାରିବ ।

*

ଏବଂ ମନୁଷ୍ୟ ହିସାବରେ ଆମେ କ'ଣସବୁ ଲାଭ କରିବାକୁ ଆଗ୍ରହ ରଖିବା ଓ କେଉଁସବୁ ବସ୍ତୁର ସୁରକ୍ଷା କରିବା ? ଯାହାକିଛି ତା'ଲାଗି ଜୀବନ ଦାୟୀ ହୋଇ ରହିଛି ଏବଂ ତା'ର ଉନ୍ନତି ବିଧାନରେ ସହାୟକ ହେଉଛି, ଯାହାକିଛି ତାକୁ ଅଧିକ ବଳ ଦେଉଛି ଓ ଅଧିକ ଆନନ୍ଦ ଦେଉଛି, ପ୍ରତ୍ୟେକ ମନୁଷ୍ୟ ତାହାକୁହିଁ ଲାଭ କରିବାକୁ ଇଚ୍ଛା ରଖିବ ଏବଂ ତାହାକୁହିଁ ରକ୍ଷା କରିବ ।

ତେଣୁ, ଏହି ପୃଥିବୀରେ ଭୂମିଷ୍ଠ ହେଉଥିବା ପ୍ରତ୍ୟେକ ଶିଶୁକୁ ରକ୍ଷା କରିବା ଲାଗି ସିଏ ଦାୟୀ ହୋଇ ରହୁ, କାରଣ ତା'ର ଜୀବନ ହେଉଛି ଏକ ମୂଲ୍ୟବାନ୍ ଜୀବନ ।

ସିଏ ଉପକାରୀ ବୃକ୍ଷଗୁଡ଼ିକର ମଧ୍ୟ ସୁରକ୍ଷା କରିବା ଲାଗି ଚେଷ୍ଟା କରୁ, ଆପଣାର ଖାଦ୍ୟ ଏବଂ ଆପଣାର ଆନନ୍ଦବର୍ଦ୍ଧନ ଲାଗି ସେ ଗଛ ଲଗାଉ, ଫୁଲ ଫୁଟାଉ ।

ସିଏ ଏପରି ବାସଗୃହମାନ ନିର୍ମାଣ କରୁ, ଯାହାକି ମଜଭୁତ ହୋଇଥିବ, ପରିଷ୍କାର ହୋଇଥିବ, ପ୍ରଶସ୍ତ ମଧ୍ୟ ହୋଇଥିବ ।

ସିଏ ସବିଶେଷ ଯତ୍ନ ନେଇ ପବିତ୍ର ମନ୍ଦିର, ମୂର୍ତ୍ତି, ଚିତ୍ର, ପାତ୍ର, ତଥା ବସ୍ତ୍ର ଉପରେ କରାଯାଇଥିବା କାରୁକାର୍ଯ୍ୟଗୁଡ଼ିକର ସୁରକ୍ଷା କରୁ । ସିଏ ସୁନ୍ଦର ସଙ୍ଗୀତ ଓ କବିତାଗୁଡ଼ିକୁ ମଧ୍ୟ ସାଇତି ରଖୁ; ଆପଣାର ସୌନ୍ଦର୍ଯ୍ୟ ଦ୍ୱାରା ଯାହାକିଛି ତା'ର ସୁଖବର୍ଦ୍ଧନ କରି ପାରୁଛି, ସିଏ ସେଗୁଡ଼ିକର ସୁରକ୍ଷା ଲାଗି ସମର୍ଥ ହେଉ ।

ମାତ୍ର, ଭାରତବର୍ଷର ତଥା ଅନ୍ୟସବୁ ଦେଶର ହେ ପିଲାମାନେ, ମନୁଷ୍ୟମାନେ ସର୍ବୋପରି ଏକ ଶ୍ରଦ୍ଧାଶୀଳ ହୃଦୟର ଆକାଂକ୍ଷା ରଖିବାକୁ ସମର୍ଥ ହୁଅନ୍ତୁ, ସାଧୁ ବସ୍ତୁଗୁଡ଼ିକୁ ଚିହ୍ନି କରି ପାରୁଥିବା ଏକ ମନର ଏବଂ ଅନୁଗତ ରହି ଆପଣାର ଯାବତୀୟ କର୍ତ୍ତବ୍ୟ ସମ୍ପନ୍ନ କରିପାରୁଥିବା ଏକ ହାତରେ ବି ଆକାଂକ୍ଷା ରଖିବାକୁ ସେମାନେ ସମର୍ଥ ହୁଅନ୍ତୁ ।

'oaob.nitrkl.ac.in' images reprocessed

ପରିଶିଷ୍ଟ

'ସର୍ବକାଳର କାହାଣୀ'ର ପୂର୍ବତନ ସଂସ୍କରଣଗୁଡ଼ିକରେ
ପ୍ରକାଶିତ ନହୋଇଥିବା କେତୋଟି ଗଳ୍ପ ।

'oaob.nitrkl.ac.in' images reprocessed

ବାର

ଦାତା

ରାଜା ରନ୍ତିଦେବ ଅରଣ୍ୟକୁ ଯାଇ ସେଠାରେ ଜଣେ ସନ୍ନ୍ୟାସୀ ପରି ଜୀବନ ଯାପନ କଲେ । ଆପଣାର ସକଳ ସମ୍ପତ୍ତିକୁ ସେ ଦରିଦ୍ରମାନଙ୍କ ଲାଗି ଦାନ କରି ଦେଇଥିଲେ ଏବଂ ଅରଣ୍ୟର ନିର୍ଜନ ନିବାସସ୍ଥିରେ ଏକ ସରଳ ଜୀବନ ଯାପନ କରୁଥିଲେ । ଯେତିକି ନିତାନ୍ତ ଆବଶ୍ୟକ, ସିଏ ଏବଂ ତାଙ୍କର ପରିବାରବର୍ଗ ସେତିକରେ ଚଳି ଯାଉଥିଲେ ।

ଦିନେ ସିଏ ଅଠଚାଳିଶ ଘଣ୍ଟା ଉପବାସ କରିବା ପରେ, ତାଙ୍କ ଲାଗି, ତଣ୍ଡୁଳ, କ୍ଷୀର ଏବଂ ଶର୍କରା ଦେଇ ଏକ ସାଧାରଣ ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା ।

ସେତିକିବେଳେ ଜଣେ ଦରିଦ୍ର ବ୍ରାହ୍ମଣ ତାଙ୍କ କୁଟୀରର ଦ୍ୱାରଦେଶରେ ଆସି ପହଞ୍ଚିଲେ ଏବଂ ଖାଦ୍ୟ ମାଗିଲେ । ରନ୍ତିଦେବ ତାଙ୍କ ଖାଦ୍ୟର ଅର୍ଦ୍ଧାଂଶ ବ୍ରାହ୍ମଣକୁ ଦାନ କଲେ । ତା'ପରେ ଜଣେ ଶୂଦ୍ର ମଧ୍ୟ ସେହିପରି ଅନ୍ନଭିକ୍ଷା କରି ସେଠାରେ ଆସି ପହଞ୍ଚିଲେ ଏବଂ ରନ୍ତିଦେବ ତାଙ୍କୁ ଆପଣା ଅବଶିଷ୍ଟ ଖାଦ୍ୟର ଅର୍ଦ୍ଧାଂଶ ଦାନ କରି ଦେଇଥିଲେ ।

ତା'ପରେ ସେ ଗୋଟିଏ କୁକୁର ଭୋ ଭୋ ହୋଇ ଭୁକୁଥିବାର ଶୁଣି ପାରିଲେ । କୁକୁରଟି ଖାଇବାକୁ ନପାଇ କଷ୍ଟ ପାଉଥିବା ପରି ବୋଧ ହେଉଥିଲା । ରନ୍ତିଦେବ ତାଙ୍କ ନିଜ ଲାଗି ବଳିଥିବା ଖାଦ୍ୟକୁ କୁକୁରକୁ ଦାନ କରିଦେଲେ । ସବାଶେଷରେ ଜଣେ ମେହେନ୍ତର ଆସି ସନ୍ନ୍ୟାସୀଙ୍କର ଦ୍ୱାରଦେଶରେ ଉପସ୍ଥିତ ହେଲେ ଏବଂ ସାହାଯ୍ୟ ପ୍ରାର୍ଥନା କଲେ; ରନ୍ତିଦେବ ତାଙ୍କୁ କ୍ଷୀର ଓ ଶର୍କରତକ ଦାନ କରିଦେଲେ ଏବଂ ଆପେ ଉପବାସ ଅବିଚ୍ଛିନ୍ନ ରଖିଲେ ।

ତା'ପରେ ଚାରିଜଣ ଦେବତା ଆସି ସେଠାରେ ପହଞ୍ଚିଲେ ଓ କହିଲେ :

"ରନ୍ତିଦେବ, ଆପଣ ଆମ୍ଭମାନଙ୍କୁ ଅନ୍ନଦାନ କରିଛନ୍ତି, କାରଣ ଆମ୍ଭେମାନେହିଁ ବ୍ରାହ୍ମଣ, ଶୂଦ୍ର, କୁକୁର ଏବଂ ଦରିଦ୍ର, ଅସବର୍ଣ୍ଣ ହୋଇ ଆପଣଙ୍କର ଦ୍ୱାରକୁ ଆସିଥିଲୁ । ଆପଣ ଆମକୁ ଅନେକ ଦୟା ଦେଖାଇଲେ ଓ ଆପଣଙ୍କର ଏହି ଶ୍ରଦ୍ଧାମୟ ଚରିତ୍ର ସକାଶେ ଆମେ ଆପଣଙ୍କର ପ୍ରଶଂସା କରୁଛୁ ।"

'oaob.nitrkl.ac.in' images reprocessed

ଯାହାର ହୃଦୟରେ ଦୟା ଥାଏ, ସିଏ ସବୁ ମଣିଷ ଏବଂ ଏପରିକି ପଶୁଙ୍କୁ ବି ଗୋଟିଏ ପରିବାରର ଅନ୍ତର୍ଭୁକ୍ତ ବୋଲି ବିଚାର କରିଥାଏ,—ଗୋଟିଏ ମନୁଷ୍ୟ-ଜାତିର ଅନ୍ତର୍ଭୁକ୍ତ ବୋଲି ବିଚାର କରିଥାଏ ।

*

ପ୍ରାୟ ସବୁଦିନ କ'ଣ ଆମର ଏପରି ଅନେକ ଲୋକଙ୍କ ସହିତ ସାକ୍ଷାତ୍ ହୁଏ ନାହିଁ, ଯେଉଁମାନେ କି ଆମ ତୁଳନାରେ ଅନେକ କମ୍ ଜାଣିଥା'ନ୍ତି ? ସେମାନଙ୍କୁ ଆମେ ଇଚ୍ଛା କଲେ ଖାଦ୍ୟ, ବସ୍ତ୍ର, ବ୍ୟାୟାମ, କର୍ମ ଓ ଅବସର ବିଷୟରେ ଅନେକ କଥା କହି ପାରନ୍ତେ ଓ ତଦ୍ୱାରା ସେମାନଙ୍କର ଅନେକ ଉପକାର ହୁଅନ୍ତା ।

ଲୋକେ ମଣିଷକୁ ଖାଦ୍ୟ ଆଣିଦେବା ଆମର ଯେମିତି କର୍ତ୍ତବ୍ୟ, ସେହି ଲୋକମାନଙ୍କୁ ଜ୍ଞାନ ଦାନ କରିବା ମଧ୍ୟ ସେହିପରି ଆମର କର୍ତ୍ତବ୍ୟ ।

ଜଣେ ଅଜ୍ଞାନ ମଣିଷ ନିଜର ଅନେକ କ୍ଷତି କରିଥାଏ, ତା'ର ଚତୁର୍ଦ୍ଦିଗରେ ବାସ କରୁଥିବା ଅନ୍ୟ ମଣିଷଙ୍କର ମଧ୍ୟ କ୍ଷତି କରେ । ସେହି ଖରାପ ବର୍ଣ୍ଣୀ-ବଜାଇ ଯେପରି ବ୍ରାହ୍ମଣ ଲାଗି କେତେ ଦୁଃଖର କାରଣ ହେଲା, ଠିକ୍ ସେହିପରି । ସେକଥା କିପରି ଘଟିଲା, ତାହା ତୁମେମାନେ କେବେ ଶୁଣିଛ କି ?

ଥରେ ଗୋଟିଏ ବ୍ରାହ୍ମଣ ଗ୍ରାମର ପଥ ଦେଇ ଚାଲି ଯାଉଥିବା ସମୟରେ ପାଖରେ ଥିବା ଗୋଟିଏ ଅଶ୍ୱତ୍ଥ ଗଛରୁ ଗୋଟିଏ କଣ୍ଠସ୍ୱର ଆସୁଥିବାର ଶୁଣିପାରି ସେ ଭାରି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ସେହି କଣ୍ଠସ୍ୱରଟି ତାଙ୍କୁ କେତେଥର ଡାକି କହିଲା ଯେ ସେ ପୋଖରୀରେ ଯାଇ ଗାଧୋଇବ ନାହିଁ, ତା'ର ସନ୍ଧ୍ୟା ଉପାସନା କରିବ ନାହିଁ, ଆହାର ଗ୍ରହଣ କରିବ ନାହିଁ ଓ ସେଠାରୁ ମଧ୍ୟ ଅନ୍ୟତ୍ର ଯିବ ନାହିଁ ।

ତେଣୁ ବ୍ରାହ୍ମଣଟି ଚିତ୍କାର କରି ଉତ୍ତର ଦେଲା, "ଏସବୁ କରି ତ ମୁଁ କାହାର କୌଣସି କ୍ଷତି କରୁ ନାହିଁ,—ତୁ କିଏ ମୋତେ ସେହିସବୁ କାର୍ଯ୍ୟକୁ ବନ୍ଦ କରିବା ପାଇଁ କହୁଚୁ ?"

ଅଶ୍ୱତ୍ଥ ଗଛ ଭିତରୁ ସେହି କଣ୍ଠଟି ଉତ୍ତର ଦେଇ କହିଲା :

"ମୁଁ ହେଉଛି ଗୋଟିଏ ବ୍ରହ୍ମରାକ୍ଷସ । ଆଗ ଜନ୍ମରେ ମୁଁ ଜଣେ ବ୍ରାହ୍ମଣ ଥିଲି, ସଙ୍ଗୀତ ବିଦ୍ୟାରେ ଅତି ପାରଙ୍ଗମ ଥିଲି ମାତ୍ର ମୋ'ର ବିଦ୍ୟାଟିକୁ ଅନ୍ୟ କାହାରିକୁ ଶିଖାଇବା ଲାଗି ଆଦୌ ଇଚ୍ଛୁକ ନଥିଲି । ମୋ' ବିଦ୍ୟାଟିକୁ ମୁଁ କେବଳ ଆପଣା ପାଖରେ ରଖିବାକୁହିଁ ଇଚ୍ଛା କରୁଥିଲି । ବର୍ତ୍ତମାନ ମୁଁ ସେହି ଅପରାଧ ଫଳରେ ଗୋଟିଏ ବ୍ରହ୍ମରାକ୍ଷସ ହୋଇ ରହିଛି ଓ ପ୍ରତ୍ୟେକ ଥର ମୁଁ ଜଣେ

'oaob.nitrkl.ac.in' images reprocessed

ବଂଶୀବାଦକର ବଂଶୀ ଶୁଣିବାକୁ ବାଧ୍ୟ ହେଉଛୁ । ସିଏ ଯେ କେଡ଼େ ଖରାପ ଭାବରେ ବଂଶୀ ବଜାଉଛି, ସେକଥା ମୁଁ ତୁମକୁ କ'ଣ କହିବୁ ? ତା'କୁ ଶୁଣିବା ପ୍ରକୃତରେ ଏକ ବଡ଼ ଭୟଙ୍କର କଥା । ଅନେକ ସମୟରେ ମୁଁ ଭାବେ ଯେ ସଙ୍ଗେ ସଙ୍ଗେ ଏହି ଗଛ ଭିତରୁ ବାହାରକୁ ବାହାରି ଆସିବି, ତା' ହାତର ବଂଶୀଟାକୁ ଛଡ଼ାଇ ନେଇଯିବି ଓ କପରି ବଂଶୀ ବଜାଇବାକୁ ହୁଏ, ଆଙ୍ଗୁଠିଗୁଡ଼ିକୁ କେଉଁଠାରେ ରଖିବାକୁ ହୁଏ ଏବଂ କପରି ନିଃଶ୍ୱାସ ନେବାକୁ ହୁଏ, ସବୁକଥା ତାକୁ ଶିଖାଇଦେବି । ମାତ୍ର ସେକଥା ମୁଁ କେବେ କରିପାରୁ ନାହିଁ ଏବଂ ତା'ର ସେହି ଭୟଙ୍କର ବାଦନଟିକୁ ଶୁଣିବାରେ ବାଧ୍ୟ ହେବାରେ ଲଗିଛି ।..."

ବର୍ତ୍ତମାନ ମୁଁ ତୁମମାନଙ୍କୁ ସେହି ଗଳ୍ପଟିର ବାକ୍ଯ ଅଂଶଟିକୁ ଆଉ କହି ପାରିବି ନାହିଁ । କେବଳ ଏତିକିମାତ୍ର କହିବି ଯେ, ତା'ର ସେହି ଦଣ୍ଡଭୋଗରୁ ତାକୁ ନିସ୍ତାର ଦେବା ଲାଗି ବ୍ରାହ୍ମଣକୁ ସୌଭାଗ୍ୟବଶତଃ କୌଣସି ଏକ ଉପାୟ ଅବଶେଷରେ ମିଳିଥିଲା । ମାତ୍ର, ଆମର ଚତୁର୍ଦ୍ଦିଗରେ ରହିଥିବା ଲୋକମାନଙ୍କର ଖରାପ କାର୍ଯ୍ୟ, ଖରାପ କଳା ଓ ଖରାପ ସଙ୍ଗୀତ ହେତୁ ଆମକୁ ଯେ କେତେ ଦୁର୍ଦ୍ଦଶାରେ ଆସି ପଡ଼ିବାକୁ ହୁଏ, ତୁମେମାନେ ଏହି ଗଳ୍ପଟିରୁ ସେକଥା ନିଶ୍ଚୟ ହୃଦୟଙ୍ଗମ କରି ପାରୁଥିବ ।

*

ଯଦି କୌଣସି ବ୍ୟକ୍ତିକୁ ଭୋକ କରୁଛି, ତେବେ ତା'ର ସେହି ଦୁଃଖଟିକୁ ଦୂର କରିବା ଲାଗି ଠିକ୍ କେଉଁ ଜନିଷର ପ୍ରୟୋଜନ ରହିଛି ? ତା'ର ଖାଦ୍ୟ ଲୋଡ଼ିଛି ପ୍ରୟୋଜନ ରହିଛି । ଯଦି କାହାକୁ ଶୋଷ କରୁଛି, ତେବେ କେଉଁ ପଦାର୍ଥଟି ଦ୍ୱାରା ତାହାର ସେହି ଦୁଃଖଟିର ନିରାକରଣ ହୋଇ ପାରିବ ? ଜଳ ଦ୍ୱାରହିଁ ତାହା ସମ୍ଭବ ହେବ । ଯଦି କେଉଁ ମଣିଷ ଅଜ୍ଞାନ ହୋଇ ରହିଛି, ତେବେ ତାକୁ କପରି ଭାବରେ ସାହାଯ୍ୟ କରାଯାଇ ପାରିବ ? ତାହାକୁ ଜ୍ଞାନ ଦାନ କରିବା ଦ୍ୱାରା ।

ଭୋକିଲା ମଣିଷକୁ ଖାଦ୍ୟ ଦେବା, ତୃଷାର୍ତ୍ତକୁ ଜଳ ଦେବା ଏବଂ ଅଜ୍ଞାନକୁ ଜ୍ଞାନ ଦେବା,—ଏହାହିଁ ସମୁଚିତ କର୍ତ୍ତବ୍ୟ ।

ପଣ୍ଡୁଙ୍କର ପାଞ୍ଚପୁତ୍ର ପାଣ୍ଡବମାନେ ଥରେ ଏପରି ଗୋଟିଏ ସ୍ଥାନରେ ବାସ କରୁଥିଲେ, ଯାହାକ ହଠାତ୍ ଅନାଇ ଦେଲ ବେଳକୁ ଗୋଟିଏ ଖୁବ ସୁନ୍ଦର ଓ ଆରାମଦାୟକ ସ୍ଥାନ ବୋଲି ମନେ ହେଉଥିଲା । ମାତ୍ର ଦୁର୍ଯ୍ୟୋଧନ ତାମଙ୍କ ସେମାନଙ୍କର ଜଣେ ଶତ୍ରୁ ସେହି ସ୍ଥାନଟିକୁ ତିଆରି କରିଥିଲା । ଦୁର୍ଯ୍ୟୋଧନ ସେହି ଗୃହର ଚଟାଣ, କାନ୍ଥ ଓ ସ୍ତମ୍ଭଗୁଡ଼ିକୁ ଜଉ ଦେଇ ନିର୍ମାଣ କରିଥିଲା । ତା'ର

'oaob.nitrkl.ac.in' images reprocessed

ମତଲବ ଥିଲା ଯେ ଥରେ ରାତିରେ ପାଣ୍ଡବମାନେ ସେହି ଘରେ ଶୋଇଥିବା ସମୟରେ ସେ ସେଥିରେ ଯାଇ ନିଆଁ ଲଗାଇ ଦେବ । ତେବେ ଯାଇ ସେ ଘୃଣା କରୁଥିବା ରାଜକୁମାରମାନେ ଏକାବେଳେକେ ବିନଷ୍ଟ ହୋଇଯାଇ ପାରିବେ ।

ସିଏ ପ୍ରକୃତରେ ଏତେବେଶୀ ଖଳ ପ୍ରକୃତିର ଥିଲା ସିଏକି ନିଜର ମନ ଅଭିପ୍ରାୟଟିକୁ ଚରିତାର୍ଥ କରିବା ସକାଶେ କେଡ଼େ କୌଶଳରେ ଘରଟିକୁ ତିଆରି କରିଥିଲା ଏବଂ କେଡ଼େ ଚତୁର ଭାବରେ ଷଡ଼ଯନ୍ତ୍ରଟିକୁ କରିଥିଲା ।

ପରେ ଜଣେ ଭାରି ଅଭିଜ୍ଞ ସୁଡ଼ଙ୍ଗ-ଖୋଳାଳି ସେଠାରେ ଆସି ପହଞ୍ଚିଲା ଓ ରାଜକୁମାରମାନଙ୍କୁ ଗୋପନରେ ଡାକି କହିଲା :

"ଆପଣମାନଙ୍କର ଜଣେ ବନ୍ଧୁ ଆପଣମାନଙ୍କୁ କିଛି ସାହାଯ୍ୟ କରିବା ଲାଗି ମୋତେ ଏଠାକୁ ପଠାଇଛନ୍ତି । ସୁଡ଼ଙ୍ଗ ଖୋଳିବା ହେଉଛି ମୋ'ର କାର୍ଯ୍ୟ । ମୋତେ କୁହନ୍ତୁ ମୁଁ କିପରି ଆପଣମାନଙ୍କର ସାହାଯ୍ୟ କରିପାରିବି । ମୁଁ ନିଶ୍ଚିତ ଭାବରେ ଜାଣିଛି ଯେ ଆପଣମାନଙ୍କର ଶତ୍ରୁ ପୁରୋଚନ ଆପଣମାନଙ୍କୁ ଏହି ଘର ଭିତରେ ଜିଅନ୍ତା ନିଆଁରେ ପୋଡ଼ି ମାରିଦେବ ।"

ଏକଥା ଶୁଣି ଜ୍ୟେଷ୍ଠତମ ପାଣ୍ଡବ ତାଙ୍କୁ କହିଲେ :

"ତେବେ ଆପଣ ଆପଣଙ୍କର ସୁଡ଼ଙ୍ଗ ଖୋଳିବାର କୌଶଳକୁ କାମରେ ଲଗାଇ ଆମ ଲାଗି ମାଟିତଳେ ଗୋଟିଏ ସୁଡ଼ଙ୍ଗ ଖୋଳି ଦିଅନ୍ତୁ, ଯେପରିକି ବାହାରେ ଫାଟକରେ ଜଗୁଆଳିମାନେ ଜଗି ରହିଥିଲେ ମଧ୍ୟ ଆମେ ଏଠୁ ଖସି ଅନ୍ୟତ୍ର ଚାଲିଯାଇ ପାରିବୁ । କାରଣ ଆପଣଙ୍କର ଦକ୍ଷତା ଦ୍ୱାରା ଆପଣଙ୍କର ଯତ୍ନରେ ଖୋଳା ହୋଇଥିବା ଗୁପ୍ତ ପଥଟିରେ ଆମେ ଏହି ଘର ଭିତରୁ ବାହାରି ଚାଲି ଯାଇପାରିବୁ ।"

ପ୍ରାସାଦ ଚଟାଣର ଠିକ୍ ମଝି ସ୍ଥାନରେ ଖୋଳାଳି ଖୋଳିବାକୁ ଆରମ୍ଭ କଲା । ସେହି ଗାତ ଉପରେ ପକାଇ ରଖିବା ଲାଗି ପାଣ୍ଡବମାନେ କାଠପଟା ଯୋଗାଡ଼ କରି ଆଣିଲେ । କାଠପଟାଗୁଡ଼ିକୁ ସେମାନେ ଗାଲିଚା ଦେଇ ଘୋଡ଼ାଇ ରଖିଲେ । ପୁରୋଚନ ସେହି ଘର ଭିତରକୁ ଆସୁଥିବା ବେଳେ ସେମାନେ ଗାତମୁହଁଟିକୁ ସେହିପରି ଘୋଡ଼ାଇ ରଖୁଥିଲେ । ତେଣୁ ପ୍ରବଞ୍ଚକକୁ ବେଶ୍ ପ୍ରବଞ୍ଚନା କରିହେଲା ।

ବାହାରି ଯିବାର ସମ୍ପୂର୍ଣ୍ଣ ପଥଟି ପ୍ରସ୍ତୁତ ହୋଇ ଅବଶେଷରେ ରାଜକୁମାରମାନଙ୍କୁ ସମ୍ବାଦ ଦିଆଗଲା । ସେହି ପଥଟି ଘରଭିତରୁ ଏକାବେଳେକେ ଜଙ୍ଗଲ ଭିତରର ଗୋଟିଏ ମନୋରମ ସ୍ଥାନଯାଏ ପଡ଼ିଥିଲା ।

'oaob.nitrkl.ac.in' images reprocessed

ତେବେ ରାଜକୁମାରମାନେ ସେହି ଘରଟିରେ ନିଆଁ ଲଗାଇ ଦେଇଥିଲେ ଏବଂ ତା'ପରେ ସେମାନେ ଜନନୀ କୁନ୍ତୀଙ୍କ ସହିତ ମାଟିତଳେ ଖୋଳା ହୋଇଥିବା ବାଟଟି ଦେଇ ବାହାରକୁ ପଳାଇଯାଇ ପାରିଥିଲେ । ବାଟଟି ଅନ୍ଧାରୁଆ ହୋଇ ଥିଲେ ମଧ୍ୟ ନିରାପଦ ଅବଶ୍ୟ ଥିଲା । ତା'ର ଅନ୍ୟ ଭାଇମାନେ ଯଥେଷ୍ଟ ବେଗରେ ବାହାରି ଯାଇପାରୁ ନଥିବାର ଦେଖି ଭୀମ ମାଆଙ୍କୁ ନେଇ କାନ୍ଧ ଉପରେ ବସାଇଲା, ନିଜର ଦୁଇଭାଇଙ୍କୁ ନିଜର ପିଠି ଉପରେ ବସାଇଲା ଏବଂ ଅନ୍ୟ ଦୁଇଭାଇଙ୍କୁ କାଖ ଭିତରେ ନେଲା । ନିଜ ଉପରେ ଏହି ସବୁଯାକ ବୋଝକୁ ଲଦି ସେ ପବନ ବେଗରେ ଧାଇଁ ଯିବାକୁ ଲାଗିଲା ଏବଂ ସମସ୍ତଙ୍କୁ ସେହି ଭୀଷଣ ଅଗ୍ନିର କବଳରୁ ରକ୍ଷା କରିଥିଲା ।

ଦକ୍ଷ ସୁଡ଼ଙ୍ଗ-ଖୋଳାଳିର କୌଶଳଟି ଯୋଗୁଁ ପୁରୋଚନର ସବୁ ଷଡ଼ଯନ୍ତ୍ର ମାଟି ହୋଇଗଲା । ଆପଣା ଲାଗି କୌଣସି ଧନସମ୍ପଦର ଅନୁସନ୍ଧାନ କରି ସୁଡ଼ଙ୍ଗ ଖୋଳାଳି ସୁଡ଼ଙ୍ଗଟିକୁ ମୋଟେ ଖୋଳି ନଥିଲା । ସିଏ ଅନ୍ୟମାନଙ୍କ ସକାଶେ ତାହା କରିଥିଲା । ଆପଣାର ଜ୍ଞାନକୁ ସେ ଅନ୍ୟମାନଙ୍କର କାମରେ ଆଣି ଲଗାଇଲା, ଆପଣାର ବିଜ୍ଞାନଟିକୁ ସେ ଅନ୍ୟମାନଙ୍କର ଉପକାର ଲାଗି ପ୍ରୟୋଗ କରିଥିଲା ।

*

ପୃଥିବୀର ଉନ୍ନତତମ ଜାତିକୁ ମଧ୍ୟ କଦାପି ଯାବତୀୟ ବିଦ୍ୟା ଜଣା ନଥାଏ । ତେଣୁ ଆମକୁ ପରସ୍ପରଠାରୁ ମଧ୍ୟ ଶିକ୍ଷା କରିବାକୁହିଁ ପଡ଼ିବ; ଜଣେ ବ୍ୟକ୍ତି ଆଉ ଜଣେ ବ୍ୟକ୍ତିଠାରୁ ଶିଖିବ । ଗୋଟିଏ ଜାତି ଆଉ ଗୋଟିଏ ଜାତିଠାରୁ ଶିଖିବ । ପୃଥିବୀର ଗୋଟିଏ ଅଂଶ ଆଉ ଗୋଟିଏ ଅଂଶଠାରୁ ଶିକ୍ଷା କରିବ । ତେଣୁ, ପ୍ରତ୍ୟେକ ଜାତି ଓ ପ୍ରତ୍ୟେକ ବ୍ୟକ୍ତି ଯାହାକିଛି ଜାଣିଛି, ସିଏ ତାହାକୁ ଖୁସି ହୋଇ ଅନ୍ୟମାନଙ୍କୁ ଶିକ୍ଷା ଦେବ ।

ପୃଥିବୀର ପାଶ୍ଚାତ୍ୟ ଜାତିମାନେ ପ୍ରାଚ୍ୟ ଜଗତକୁ ଆପଣାର ବିଜ୍ଞାନ, ଯନ୍ତ୍ରବିଦ୍ୟା ଏବଂ ଅର୍ଥନୀତି ପ୍ରଭୃତିର ଯାବତୀୟ ଜ୍ଞାନକୁ ବହନ କରି ଆଣିବେ ।

ଇତିହାସର ଆବହମାନ କାଳରୁହିଁ ପ୍ରାଚ୍ୟ ଭୂଖଣ୍ଡର ଜାତିମାନେ ପାଶ୍ଚାତ୍ୟ ଜଗତକୁ ଆପଣାର ଦର୍ଶନବିଦ୍ୟା ଦାନ କରି ଆସିଛନ୍ତି, ଆପଣାର ନୀତିଶାସ୍ତ୍ରୀୟ ଜ୍ଞାନକୁ ମଧ୍ୟ ଦେଇ ଆସିଛନ୍ତି । ଏହିପରି ଭାବରେ, ବେଦରେ ଯେଉଁ ଜ୍ଞାନ ରହିଛି, ଯଥାର୍ଥ ମାର୍ଗ ବିଷୟରେ ବୁଦ୍ଧଦେବ ଯେଉଁସବୁ ଶିକ୍ଷା ଦେଇ ଯାଇଛନ୍ତି ଏବଂ ଏହି ଦେଶର ଅନ୍ୟ ଯାବତୀୟ ପବିତ୍ର ଗ୍ରନ୍ଥରେ ଯେଉଁସବୁ ଜ୍ଞାନ ରହିଛି, ଭାରତବର୍ଷ ଅନ୍ୟ ଦେଶଗୁଡ଼ିକୁ ସେହି ଜ୍ଞାନକୁ ବିତରଣ କରି ଆସିଛି ।

'oaob.nitrkl.ac.in' images reprocessed

ଜଣେ ସାନ ପିଲା ମଧ୍ୟ ଜ୍ଞାନ ଦାନ କରିବାକୁ ଅବଶ୍ୟ ସମର୍ଥ ହେବ । ଗୋଟିଏ ପିଲା ଆଉଗୋଟିଏ ପିଲାକୁ ଅକ୍ଷରଗୁଡ଼ିକୁ ଶିଖାଇଦେଇ ପାରିବ, ସରଳ ପାଟୀଗଣିତ କରିବା ଶିଖାଇ ଦେଇପାରିବ । ତାକୁ ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ ବାହାର କରି ଶିଖାଇଦେଇ ପାରିବ । ଗୋଟିଏ ଗଣ୍ଠି ପକାଇ ଶିଖାଇ ଦେଇ ପାରିବ, କୌଣସି ଏକ ଖେଳ ଶିଖାଇଦେଇ ପାରିବ ଗୋଟିଏ ମଞ୍ଜି ଲଗାଇ ବି ଶିଖାଇଦେଇ ପାରିବ ।

ଆମେ ସମସ୍ତେ କିଛି ନା କିଛି ଦେବାକୁ ଅବଶ୍ୟ ସମର୍ଥ ହେବା । କୌଣସି ଏକ ପବିତ୍ର ଗ୍ରନ୍ଥରେ ଲିଖିତ ଅଛି, "ଗ୍ରହଣ କରିବା ଅପେକ୍ଷା ଦେବାରେହିଁ ଅଧିକ ଶ୍ରେୟଃ ରହିଛି ।

'oaob.nitrkl.ac.in' images reprocessed

୧୨୪

ଜ୍ଞାନ ଉପରେ ବିଜୟ

ଅତୀବ ମହିମୋଜ୍ଜ୍ୱଳ ମହର୍ଷି ଭୃଗୁ କୈଳାସପର୍ବତର ଶିଖର ଦେଶରେ ଉପବେଶନ କରିଥିବା ସମୟରେ ଭରଦ୍ୱାଜ ଯାଇ ତାଙ୍କୁ ପ୍ରଶ୍ନ କଲେ :

"ଏହି ବିଶ୍ୱ ଜଗତକୁ କିଏ ତିଆରି କଲା ?

ଆକାଶ କେତେ ଦୂରଯାଏ ବ୍ୟାପିଛି ?

ଜଳର ଉଦ୍‌ଭବ କାହାଠାରୁ ହେଲା ? ଅଗ୍ନି, ବାୟୁ, ଏହି ପୃଥିବୀ, ଏସବୁର ବି ଜନ୍ମ କିପରି ହେଲା ?

ଜୀବନ କହିଲେ ଆମେ କ'ଣ ବୁଝିବା ?

ଭଲ କାହାକୁ କହନ୍ତି ?

ଏହି ପୃଥିବୀର ଆହୁରି ସେପାଖକୁ କ'ଣ ଅବସ୍ଥିତ ରହିଛି ?"

ସେ ଏହିପରି ଅନେକ ପ୍ରଶ୍ନ ଆଗି ପଚାରିଲେ । ଏହି ପ୍ରଶ୍ନଗୁଡ଼ିକ ପ୍ରକୃତରେ ମହାନ୍ ଥିଲା, ଏବଂ ଯିଏ ସେଗୁଡ଼ିକର ଯଥାର୍ଥ ଉତ୍ତର ଦେଇ ପାରିବେ, ସିଏ ମଧ୍ୟ ସେହିପରି ମହାନ୍ ହୋଇଥିବା ଉଚିତ ?

ମାତ୍ର ଭରଦ୍ୱାଜଙ୍କ ମନ ଏପରି ଗୋଟିଏ ମଣିଷର ମନ ଥିଲା, ଯିଏକି ବାରବାର କେବଳ ପ୍ରଶ୍ନହିଁ ପଚାରିବାରେ ଲାଗିଥିଲେ, ମାତ୍ର ସିଏକି ଏଥର ଯଥେଷ୍ଟ ଜାଣିଲେଣି ବୋଲି କଦାପି ଅନୁଭବ କରିପାରୁ ନଥିଲେ ।

ଜଣେ ସାନପିଲା ହେଉଛି ସବୁଠାରୁ ଅଧିକ ପ୍ରଶ୍ନ କରୁଥିବା ଜଣେ ମଣିଷ । ସିଏ ସର୍ବଦାହିଁ ପଚାରିବାରେ ଲାଗିଥାଏ, "ଏଇଟା କ'ଣ ? ସେଇଟା କ'ଣ ? ଏଇଟା କିପରି ତିଆରି ହୋଇଛି ? ଏଇଟା ଜଳୁଛି କାହିଁକି ? ବିଜୁଳି କାହିଁକି ମାରୁଛି ? ସମୁଦ୍ରରେ ଜୁଆର କାହିଁକି ହେଉଛି ? ସୁନା କେଉଁଠାରୁ ଆସୁଛି ? କୋଇଲା କେଉଁଠୁ ଆସୁଛି ? କେଉଁଠୁ ଲୁହା ଆସୁଛି ? ବର୍ଷା କିପରି ସୃଷ୍ଟି ହେଉଛି ?···"ଏହିପରି ଓ ଏହା ବ୍ୟତୀତ ଆହୁରି ଅନେକ ଅନେକ ପ୍ରଶ୍ନ ।

ପିଲାଏ ପ୍ରଶ୍ନ ପଚାରନ୍ତି, ବଡ଼ମାନେ ବି ପ୍ରଶ୍ନ ପଚାରନ୍ତି । ହଁ, ସେମାନେ ପ୍ରଶ୍ନଗୁଡ଼ିକର ଉତ୍ତର ମଧ୍ୟ ଦିଅନ୍ତି । ଯେତେବେଳେ ଆମକୁ କୌଣସି ବିଷୟ

'oaob.nitrkl.ac.in' images reprocessed

ଜଣାଥାଏ, ସେତେବେଳେ ଆମେ ପ୍ରଶ୍ନଗୁଡ଼ିକର ଉତ୍ତର ଦେଉ । ଆମେ ଶିକ୍ଷା ବି ଦେଇପାରୁ, ଜ୍ଞାନର ପ୍ରସାର ଘଟାଇପାରୁ ।

ଆମେ କ'ଣସବୁ ଶିକ୍ଷା କରିବା ? କ'ଣସବୁ ଶିକ୍ଷା ଦେବା ? ଯୁଗ ଯୁଗ ଧରି ଆବହମାନ କାଳରୁ ଯାହାକିଛି ଘଟି ଆସିଲାଣି, ଆମେ କ'ଣ ସେଗୁଡ଼ିକୁ ସବୁଗୁଡ଼ିକୁ ଶିକ୍ଷା କରିବାକୁ ଚେଷ୍ଟା କରିବା ? ମନୁଷ୍ୟ ଉଚ୍ଚାରଣ କରି ପାରୁଥିବା ପ୍ରତ୍ୟେକ ଶବ୍ଦକୁ କ'ଣ ଆମେ ଶିକ୍ଷା କରିବାକୁ ଚେଷ୍ଟା କରିବା ?

ପାଣ୍ଡବ ଭ୍ରାତାମାନେ ଓ ଅନ୍ୟ ଯୋଦ୍ଧାମାନେ ଯେଉଁସବୁ ବିଭିନ୍ନ ପ୍ରକାରର ଶର ନିକ୍ଷେପ କରୁଥିଲେ, ସେଗୁଡ଼ିକୁ ବର୍ଣ୍ଣନା କରିବା ଲାଗି ମହାଭାରତ କାବ୍ୟରେ ନିମ୍ନଲିଖିତ ଶବ୍ଦଗୁଡ଼ିକର ବ୍ୟବହାର କରାଯାଇଛି । ସେଗୁଡ଼ିକ ହେଉଛି : ଶର, ଇଷୁ, ସାୟକ, ପତ୍ରୀ, କାଣ୍ଡ, ବହିଁଖ, ନାରାଚ, ବିପଥ, କୃଣକ, ଭଲ୍ଲ, ତୋମର, ଇଷିକ, ଶିଳୀମୁଖ ଓ ଅଞ୍ଜଳିକ । ଶରମାନଙ୍କର ଏହି ସବୁଯାକ ପ୍ରତି-ଶବ୍ଦକୁ ଶିଖି ମନେ ରଖିବାଲାଗି ଆମର ଆଦୌ କୌଣସି ପ୍ରୟୋଜନ ନାହିଁ । ଏବଂ, ଆହୁରି ଅନେକ ଜନପଦର ଆହୁରି ଅନେକ ନାମ ବି ରହିଛି, ଯେଉଁଗୁଡ଼ାକୁ ଶିଖି ମନେ ରଖିବାର ମଧ୍ୟ ଆମର ଆଦୌ କୌଣସି ପ୍ରୟୋଜନ ନାହିଁ ।

ଆମେ କେତେକେତେ ସମ୍ବାଦ ବିଷୟରେ କହୁଥାଉ : କେଉଁଠି କାହାର ଗୁଡ଼ିଗଲା, କେଉଁଠି କିଏ କାହାକୁ ହତ୍ୟା କଲା, କେଉଁଠି ଲୁଟତରାଜ ହେଲା, କଳହ ଲାଗିଲା, ମୋକଦମା ହେଲା, ଯୁଦ୍ଧ ଲାଗିଲା, ନିଆଁ ଲାଗିଲା, ପର୍ବାନୁଷ୍ଠାନ ହେଲା, ବାହାଘର ହେଲା, କାହାର ଅନ୍ତ୍ୟେଷ୍ଟି କ୍ରିୟା ବି ହେଲା, —ଏହିପରି ହଜାର ହଜାର ବିଷୟରେ ଆମେ ଖବରକାଗଜ ମାନଙ୍କରେ ପଢ଼ି ସେହି ବିଷୟରେ ଖୁବ୍ ଓ ମୁହୂର୍ତ୍ତିକ ଭିତରେ ପୁଣି ସେସବୁକୁ ପାଶୋରି ଦେଇଥାଉ ।

କୋରାନ୍ ଗ୍ରନ୍ଥକୁ ଖୋଲିଦେଇ ସେହି ପବିତ୍ର ଗ୍ରନ୍ଥର ଅଧ୍ୟାୟଗୁଡ଼ିକର ଶିରୋନାମାରେ ହିଁ ଆମେ 'ସମ୍ବାଦ' ଶବ୍ଦଟିକୁ ପଢ଼ିଥାଉ ଏବଂ ସଙ୍ଗେ ସଙ୍ଗେ କାହାର ଗୁଡ଼ିଯିବା ଓ କିଏ କାହାକୁ ହତ୍ୟା କରିଥିବାର ଘଟଣାଗୁଡ଼ାକ ଆସି ଆମ ମୁଣ୍ଡ ଭିତରେ ଉଦୟ ହୋଇଯାଏ···ମାତ୍ର ଟିକିଏ ଅପେକ୍ଷା କର !

ପଯ୍ଗମ୍ବର ମହମ୍ମଦ ଆଦୌ ଏପରି ଜଣେ ସିଏସିଏ ବ୍ୟକ୍ତି ନଥିଲେ ଯିଏକି ମନ୍ଦ କର୍ମଗୁଡ଼ାକର ସମ୍ବାଦ ଆଣି ଦେବାରେ କୌଣସି ଆନନ୍ଦ ପାଉଥିଲେ; ସିଏ ତାକେ ଗପଗୁଡ଼ାକ ଆସି କହୁଥିବା ଜଣେ ବ୍ୟକ୍ତି ନଥିଲେ, ଯିଏକି ଆମକୁ ଆଦୌ କୌଣସି ଉଚ୍ଚତର କଥାର ଶିକ୍ଷା ଦେବାକୁ ମନ କରୁନଥିଲେ । 'ସମ୍ବାଦ' ର ଶୀର୍ଷକ ଥିବା ଅଧ୍ୟାୟଟିରେ ଅମ୍ଭେମାନେ ଯାହା ଲେଖାହୋଇଛି, ବର୍ତ୍ତମାନ ଆମେ ତାହାକୁ ପାଠ କରି ଦେଖିବା :

'oaob.nitrkl.ac.in' images reprocessed

"ସେହି ଅଲ୍ଲାଙ୍କ ନାମରେ—
ଯିଏ ପରମ ଦୟାବନ୍ତ, ପରମ କରୁଣାମୟ ।
ସେମାନେ ଏକତ୍ର କେଉଁ ବିଷୟରେ କଥାବାର୍ତ୍ତା ହେଉଛନ୍ତି ?
ସେମାନେ ସେହି ମହାନ୍ ସମ୍ବାଦଟି ବିଷୟରେ
କଥାବାର୍ତ୍ତା ହେଉଛନ୍ତି ।
ସେମାନେ ସେ ବିଷୟରେ କଳହ କରୁଛନ୍ତି କି ?
ନା କରୁନାହାନ୍ତି ।
ମାତ୍ର ସେମାନେ ଜାଣିବାକୁ ଇଚ୍ଛା କରୁଛନ୍ତି ।
"ଏହି ଜଗତକୁ ଆମେ ଏକ ଶଯ୍ୟାରୂପେ
ତିଆରି କରିନାହୁଁ କି ?
ପର୍ବତଗୁଡ଼ିକୁ ତମ୍ବୁ ଖୁଣ୍ଟିବାର କଳାରୂପେ
ତିଆରି କରି ରଖି ନାହୁଁ କି ?
ଗୋଟିଏ ଗୋଟିଏ ଯୁଗ୍ମରୂପେ
ତୁମମାନଙ୍କର ସୃଷ୍ଟି ହୋଇ ନାହିଁ କି ?
ତୁମର ବିଶ୍ରାମ ଲାଗି ଆମେ ତୁମମାନଙ୍କୁ
ନିଦ୍ରା ଶିଖାଇ ନାହୁଁ କି ?
ଏହି ରାତକୁ ଏକ ଆବରଣ ପରି ତିଆରି କରି ନାହୁଁ କି ?
ତୁମର ଜୀବିକାନିର୍ବାହ ଲାଗି ଦିନ ତିଆରି କରି ନାହୁଁ କି ?
ଆମେ ତୁମର ମୁଣ୍ଡ ଉପରେ
ଏହି ସାତୋଟିଯାକ ଆକାଶକୁ ତିଆରି କରି ରଖି ନାହୁଁ କି ?
ଏବଂ ସେଠାରେ ଏକ ପ୍ରଦୀପ୍ତ ଆଲୋକକୁ ନେଇ
ରଖି ନାହୁଁ କି ?
ଜଳଭରା ମେଘଗୁଡ଼ିକରୁ ଜଳଧାରାକୁ
ଝରିପଡ଼ିବାର ବ୍ୟବସ୍ଥା କରିନାହୁଁ କି ?—
ଯେପରିକି ସର୍ବତ୍ର ଶସ୍ୟ ଏବଂ ଉଦ୍ଭିଦ ସମ୍ଭବ ହେବ,
ଯେପରିକି ବୃକ୍ଷ ଦ୍ୱାରା ଘନ ହୋଇ ରହିଥିବା
ଉଦ୍ୟାନମାନ ସମ୍ଭବ ହେବ ?"

ପୟଗମ୍ବର ଏହିପରି ସ୍ୱରରେ ମନୁଷ୍ୟମାନଙ୍କର ହୃଦୟ ଏବଂ ମନ ଭିତରେ ଆଶାର ଆଲୋକକୁ ପ୍ରଦୀପ୍ତ କରିଦେଇଥିଲେ ଏବଂ ସେମାନଙ୍କୁ ବୃହତ୍ତର ବସ୍ତୁଗୁଡ଼ିକ ବିଷୟରେ ସ୍ୱପ୍ନ ଶିଖାଇଲେ; ଯେଉଁସବୁ ବସ୍ତୁର ସ୍ଥାୟୀ ସୌନ୍ଦର୍ଯ୍ୟ ରହିଛି,

'oaob.nitrkl.ac.in' images reprocessed

ଜୀବନମୟ ଏହି ଜଗତଟି ପ୍ରକୃତରେ କେଡ଼େ ଅପୂର୍ବ ଭାବରେ ମହିମମୟ ବୋଲି ଯେଉଁସବୁ ବସ୍ତୁ ମନୁଷ୍ୟଙ୍କୁ ଶିକ୍ଷା ଦେଉଛନ୍ତି, ସେ ସେମାନଙ୍କୁ ସେହିସବୁ ବିଷୟରେ ଭାବି ଶିଖାଇଲେ ।

ତେଣୁ ଆମେ ଏକମତ ହେବା ଯେ ସଂସାରରେ ଏପରି ଅନେକ ଶବ୍ଦ, ପଦାର୍ଥ ଓ କେତେକ ନିର୍ଦ୍ଦିଷ୍ଟ ପ୍ରକାରର ସମ୍ବାଦମାନ ରହିଛି, ଯାହାକୁ ଶୁଣିବା ଏବଂ ପଢ଼ାଇବା ଲାଗି ଆମର ଆଦୌ କୌଣସି ପ୍ରୟୋଜନ ନାହିଁ । ମାତ୍ର ଅନ୍ୟ ପକ୍ଷରେ ଆହୁରି ଏପରି ଅନେକ ବସ୍ତୁ ମଧ୍ୟ ରହିଛି, ଯାହା ବିଷୟରେ ଆମର ଅବଶ୍ୟ ଶ୍ରବଣ କରିବା ଉଚିତ ଏବଂ ଯାହାକୁ ବାରବାର ସ୍ମରଣ କରିବା ଉଚିତ । ସେପରି କରିବାରେ ଆମର ହୁଏତ ଅନେକ ସମୟ ଯାଇପାରେ, ଅନେକ କଷ୍ଟ ଲାଗିପାରେ ବା ଅନେକ ଚେଷ୍ଟା କରିବାକୁ ବି ପଡ଼ିପାରେ, ତଥାପି ସେଗୁଡ଼ିକ ବିଷୟରେ ଶୁଣିବା ଉଚିତ ଓ ସେଗୁଡ଼ିକୁ ବାରବାର ସ୍ମରଣ କରିବା ଉଚିତ ।

ମନୁଷ୍ୟର ଶକ୍ତି ତା'ର ଭାବନା ଭିତରେହିଁ ନିହିତ ହୋଇ ରହିଛି । ଏତେ କୌଶଳର ସହିତ କାର୍ଯ୍ୟ କରି ପାରୁଥିବା ତା'ର ଅଙ୍ଗପ୍ରତ୍ୟଙ୍ଗ ଓ ହାତଗୁଡ଼ିକ ତା'ର ଭାବନାରହିଁ ଆଜ୍ଞାବହ ହୋଇ ରହିଛନ୍ତି । ସେହି ଭାବନାହିଁ ସବୁକିଛି ନିଷ୍ପତ୍ତି କରୁଛି ଓ ସବୁକିଛି ଲାଗି ନିର୍ଦ୍ଦେଶ ଦେଉଛି ।

ଏବଂ, ମନୁଷ୍ୟଜାତି ଏହି ସଂସାରରେ ସର୍ବପ୍ରଥମେ ଆବିର୍ଭୂତ ହେବାଦିନଠାରୁ ମନୁଷ୍ୟ ପ୍ରକୃତି ଉପରେ କେଡ଼େ କେଡ଼େ ବଡ଼ ବିଜୟ ହାସଲ କରିଲାଣି !

ରାମଙ୍କର ସମୁଦ୍ରଲଙ୍ଘନର କାହାଣୀରେ ଆମେ ତା'ଶକ୍ତିର କରାମତିହିଁ ଚିତ୍ରିତ ହୋଇ ରହିଥିବାର ଦେଖିବାକୁ ପାଇବା ।

ରାମଚନ୍ଦ୍ର ଯେତେବେଳେ ଭାରତବର୍ଷର ପ୍ରାନ୍ତରେ ଥିବା ସମୁଦ୍ରତଟରେ ଯାଇ ପହଞ୍ଚିଲେ ଓ ତାଙ୍କର ପତ୍ନୀ ସୀତା ସିଂହଳଦ୍ୱୀପରେ ବନ୍ଦିନୀ ହୋଇ ରହିଛନ୍ତି ବୋଲି ଜାଣିବାକୁ ପାଇଲେ, ସେତେବେଳେ ସେ ସମୁଦ୍ରକୁ ପାର ହୋଇ ସିଂହଳକୁ ଯିବା ଲାଗି ପ୍ରସ୍ତୁତିମାନ କଲେ । ତାଙ୍କ ପାଖରେ ଏକ ବିଶାଳ ସୈନ୍ୟବାହିନୀ ରହିଥିଲା, ମାତ୍ର ସେଥିରେ କେବଳ ବାନର ଓ ଭଲ୍ଲୁକମାନେ ରହିଥିଲେ । ସେମାନେ ସମୁଦ୍ରର ଉଗ୍ର ଜଳରାଶିକୁ ପାର ହୋଇ କିପରି ସେଠାକୁ ଯାଇଆନ୍ତେ ?

ରାମଚନ୍ଦ୍ର ଅମିତ ବୁଦ୍ଧିସମ୍ପନ୍ନ ଥିଲେ, ତାଙ୍କର ଅତୀବ ଦୂରଦର୍ଶିତା ମଧ୍ୟ ରହିଥିଲା ଏବଂ ହୃଦୟରେ ସାହସ ଭରପୂର ହୋଇ ରହିଥିଲା ।

ସର୍ବପ୍ରଥମେ ସେ ପ୍ରାଚୀନ ସମୁଦ୍ରକୁ ବିନମ୍ର ଭାବରେ ସମ୍ବୋଧନ କରି କହିଲେ :

'oaob.nitrkl.ac.in' images reprocessed

"ହେ ବିରାଟ ସାଗର, ତୁମକୁ ମୁଁ ପ୍ରାର୍ଥନା କରୁଛି । ତୁମ ଉପରେ ମୋର ସୈନ୍ୟବାହିନୀକୁ ଅତିକ୍ରମ କରି ସେପାଖକୁ ଯିବାକୁ ତୁମେ ଅନୁମତି ଦିଅ !" ମାତ୍ର ଏହିପରି ସ୍ତବରେ ତିନିଦିନ ପର୍ଯ୍ୟନ୍ତ ଅପେକ୍ଷା କରିସାରିବା ପରେ ସମୁଦ୍ରଠାରୁ ତଥାପି କୌଣସି ଉତ୍ତର ମିଳି ନଥିଲା ।

ତା'ପରେ ରାମ ନିଜ ଭାଇକୁ ଡାକି କହିଲେ :

"ଲକ୍ଷ୍ମଣ, ମୋତେ ମୋ ଧନୁଶର ଆଣି ଦିଅ ! ମୁଁ ସମୁଦ୍ରକୁ କରିଥିବା ଅନୁରୋଧଟି ବୃଥାହିଁ ହୋଇଗଲା । ଶୁଖିଲା ବାଲି ଉପରେ ଭଲମଞ୍ଜି ବୁଣିଲେ ସେଗୁଡ଼ିକ ଯେପରି କେବଳ ନଷ୍ଟ ହୋଇଯାଏ, ଠିକ୍ ସେହିପରି ।"

ବୀରେଶ୍ୱର ରାମଚନ୍ଦ୍ର ସମୁଦ୍ରର ଗଭୀର ଜଳକୁ ଲକ୍ଷ୍ୟକରି ଗୋଟିଏ ବାଣ ମାରିଲେ, ସେହି ଶର ସମୁଦ୍ର ଦେହରେ ଯାଇ ବାଜିବାରୁ ତଦ୍ଦ୍ୱାରା ସମୁଦ୍ର ଦାରୁଣ ଯନ୍ତ୍ରଣା ପାଇଲା ଏବଂ ସମୁଦ୍ରରେ ବାସ କରୁଥିବା ମାଛମାନେ ଏକାବେଳେକେ ଭୀତତ୍ରସ୍ତ ହୋଇପଡ଼ିଲେ । ତା'ପରେ ସମୁଦ୍ରର ଆତ୍ମା ଜଣେ ବ୍ରାହ୍ମଣର ବେଶ ଧାରଣ କରି ଉପରକୁ ଆସି ରାମଚନ୍ଦ୍ରଙ୍କର ସମ୍ମୁଖରେ ଆଣ୍ଠୁମାଡ଼ି ବସି ପ୍ରାର୍ଥନା କଲେ ଓ ନିବେଦନ ସ୍ୱରୂପ ମଣିମୁକ୍ତାପୂର୍ଣ୍ଣ ଏକ ସୁନାଥାଳି ଆଣି ବାଢ଼ି-ଦେଇଥିଲେ ।

ରାମଚନ୍ଦ୍ରଙ୍କର ପାଦପଦ୍ମକୁ ଧରି ସମୁଦ୍ର କହିଲା :

"ହେ ପରମେଶ୍ୱର, ଆପଣ ମୋ'ର ତ୍ରୁଟି ମାର୍ଜନା କରନ୍ତୁ । ମୋର ଜ୍ଞାତି ପବନ, ପୃଥିବୀ ଏବଂ ଅଗ୍ନି ଯେମିତି, ମୁଁ ମଧ୍ୟ ଠିକ୍ ସେମିତି । ସେମାନେ ସମସ୍ତେ ଖୁବ୍ ସ୍ଥିର ଓ ମନ୍ଥର, ଆପଣାର କ୍ଷମତା ପ୍ରୟୋଗ କରିବାରେ ଏପରି ଅଭ୍ୟସ୍ତ ହୋଇ ରହିଆନ୍ତି ଯେ ଆପଣଙ୍କ ପରି ଏଡ଼େବଡ଼ ଜଣେ ପ୍ରଭୁଙ୍କର ଆଦେଶକୁ ମଧ୍ୟ ସେମାନେ ହୁଏତ କର୍ଣ୍ଣପାତ ନକରି ପାରନ୍ତି । ଆପଣଙ୍କ ପୂର୍ବରୁ ଆଉ କୌଣସି ବୀର ମୋତେ ତାଙ୍କର ଆଦେଶକୁ ମାନିବା ଲାଗି ଏପରି କେବେହେଲେ ବାଧ୍ୟ କରି ନାହାନ୍ତି । କିନ୍ତୁ ଆପଣଙ୍କ ଭିତରେ ମୁଁ ମୋର ପ୍ରଭୁଙ୍କର ଦର୍ଶନ କରିପାରୁଛି । ଆପଣ ଯାହା ଉଚିତ ବୋଲି ଭାବୁଛନ୍ତି, ତାହାହିଁ କରନ୍ତୁ ।"

ପ୍ରଭୁ ରାମଚନ୍ଦ୍ର ମୁରୁକି ମୁରୁକି ହସିଲେ :

ସେ କହିଲେ, "ତୁମର ଏହି ତରଙ୍ଗ ଏବଂ ତୋଫାନ ଦ୍ୱାରା ଆନ୍ଦୋଳିତ ବକ୍ଷ ଉପରେ ମୋର ସେନାବାହିନୀ କିପରି ସେପାଖକୁ ଅତିକ୍ରମ କରି ଯାଇ-ପାରିବେ, ତୁମେ ମୋତେ ତାହାର ବାଟ କହିଦିଅ ।"

'oaob.nitrkl.ac.in' images reprocessed

ସମୁଦ୍ର ଉତ୍ତର ଦେଇ କହିଲା, "ଆପଣଙ୍କର ସୈନ୍ୟବାହିନୀ ଯେଉଁସବୁ ପଥର ଆଣି ମୋ ଉପରେ ପକାଇବେ, ମୋର ଜଳ ସେଗୁଡ଼ିକୁ ବକ୍ଷ ଉପରେ ଭସାଇ ରଖିବ ଏବଂ ଏହିପରି ଭାବରେ ଭାରତ ଏବଂ ଲଙ୍କା ମଧ୍ୟରେ ଗୋଟିଏ ସେତୁ ତିଆରି ହୋଇଯିବ।"

ରାମଚନ୍ଦ୍ର ତାଙ୍କ ସେନାବାହିନୀକୁ ଆଦେଶ ଦେଲେ :

"ତେବେ ତୁମେମାନେ ସେତୁଟିକୁ ନିର୍ମାଣ କରିଦିଅ !"

"ରାମଚନ୍ଦ୍ରଙ୍କର ଜୟ ହେଉ !" — ଯୋଦ୍ଧାମାନେ ବଡ଼ପାଟିରେ କହିଉଠିଲେ।

ସେମାନେ ବଡ଼ ବଡ଼ ଗଛ ଉପାଡ଼ି ଆଣିଲେ, ପଥର ବୋହି ଆଣିଲେ, ଏପରିକି ବଡ଼ ବଡ଼ ପାହାଡ଼ ଆଣି କୁଶଳ କାରିଗର ନଳ ଏବଂ ନୀଳଙ୍କ ଆଗରେ ଜମା କରିଦେଲେ। ନଳ ଓ ନୀଳ ସେହି କାଠ ଓ ପଥରକୁ ଏପରି ଭାବରେ ଏକାଠି ମେଳା ପରି କରି ବାନ୍ଧିଦେଲେ ଯେ ସବୁଯାକ ସମୁଦ୍ରରେ ନବୁଡ଼ି ଭାସିକରି ରହିଲା। ସେହି ସେତୁ ଉପରେ ଚଢ଼ି ସେନାବାହିନୀ ସମୁଦ୍ରକୁ ଅତିକ୍ରମ କଲେ।

ଭାରତପଟେ ରାମଚନ୍ଦ୍ର ଗୋଟିଏ ପାହାଡ଼ ଉପରେ ବସି ତାଙ୍କର ଅପରିମିତ ସେନାବାହିନୀ ସମୁଦ୍ର ଉପରେ ପକାଯାଇଥିବା ସେହି ସେତୁଟି ଉପରେ ଚଢ଼ି ଚାଲି ଯାଉଥିବାର ଦେଖୁଥାନ୍ତି।

ରାମଚନ୍ଦ୍ର ଯେଉଁପରି ଭାବରେ ସମୁଦ୍ରକୁ ତାଙ୍କର ଆଦେଶ ପାଳନ କରିବା ଲାଗି ବାଧ୍ୟ କଲେ, ମନୁଷ୍ୟଜାତିର ଗୌରବ ସ୍ୱରୂପ ମଣିଷର ଭାବନା ଠିକ୍ ସେହିପରି ଭାବରେହିଁ ସମୁଦ୍ରକୁ ଜୟ କରିପାରିଛି ଓ ତାହା ବ୍ୟତୀତ ଆହୁରି ଅନେକ ବିଜୟ ହାସଲ କରିପାରିଛି। ମଣିଷ ବାୟୁ ଉପରେ ମଧ୍ୟ ପ୍ରଭୁତ୍ୱ ଅର୍ଜନ କରିଛି, କାରଣ ତା'ର ଆଦେଶ ମାନି ପବନ ମଣିଷର ଜାହାଜଗୁଡ଼ିକୁ ସମୁଦ୍ର ଉପରେ ଅଗ୍ରସର କରାଇ ନେଉଛି ଓ ତା'ର ବାୟୁଯନ୍ତ୍ରଗୁଡ଼ିକୁ ମଧ୍ୟ ପରିଚାଳିତ କରୁଛି। ମଣିଷ ବରଫ ଓ ତୁଷାର ଉପରେ ବି ବିଜୟଲାଭ କରିଛି, କାରଣ ଆବିଷ୍କାରକାରୀମାନେ ଉତ୍ତର ଏବଂ ଦକ୍ଷିଣ ମେରୁର ଘନତୁଷାରାବୃତ ଅଞ୍ଚଳଗୁଡ଼ିକରେ ମଧ୍ୟ ଯାଇ ପ୍ରବେଶ କରିପାରିଲେଣି ଏବଂ ସଂସାରର ଉଚ୍ଚତମ ପର୍ବତଗୁଡ଼ିକୁ ଆରୋହଣ କରିପାରିଲେଣି। ସିଏ ପଶୁମାନଙ୍କୁ ମଧ୍ୟ ଜୟ କରିପାରିଛି, କାରଣ ପୃଥିବୀର ସକଳ ସ୍ଥାନରେ ସେ ତା'ଲାଗି ଓ ତା' ପରିବାର ଲାଗି ଏକ ବିପଦ ପରି ହୋଇଥିବା ସିଂହ, ବାଘ, ହେଣ୍ଟା, ସାପ ପ୍ରଭୃତି ପ୍ରାଣୀମାନଙ୍କୁ ହତ୍ୟା

'oaob.nitrkl.ac.in' images reprocessed

କରିପାରୁଛି, ଏପରିକି ଶାର୍କ୍ ମାଛକୁ ମଧ୍ୟ ମାରିପାରୁଛି । ଶକ୍ତିଶାଳୀ ମହାସମୁଦ୍ର ଉପରେ ସିଏ ଅପେକ୍ଷାକୃତ କମ୍ ପ୍ରଭୁତ୍ୱ ଲାଭ କରିପାରିଥିଲେ ମଧ୍ୟ ସ୍ଥଳଭାଗରେ ତା'ର ଶକ୍ତିକୁ ସେ ଅନେକ ପରିମାଣରେ ଅନୁଭୂତ କରାଇ ପାରିଲାଣି । ଏବଂ, ତା'ଲାଗି ଅନିଷ୍ଟକାରକ ହୋଇ ରହିଥିବା ଜନ୍ତୁମାନଙ୍କଠାରୁ ନିଷ୍କୃତି ପାଇଥିଲେ ମଧ୍ୟ ତା'ର ଉପକାର କରୁଥିବା ଅନ୍ୟ ଜନ୍ତୁମାନଙ୍କୁ ସେ ଆଣି ଗୃହରେ ରଖିପାରିଛି ଓ ସେମାନଙ୍କର ବଂଶବୃଦ୍ଧି କରାଇଛି । ଏଠାରେ ଆମେ ବଳଦ, ଘୋଡ଼ା, ମେଣ୍ଢା ଓ ହାତୀ ପ୍ରଭୃତି ଜନ୍ତୁମାନଙ୍କର ନାମ ଉଲ୍ଲେଖ କରିପାରିବା ।

ମାତ୍ର, ଆପଣାର ଦୁଇହାତ, ଆପଣାର ଯନ୍ତ୍ରପାତି ଓ ଆପଣାର ଅସ୍ତ୍ରଶସ୍ତ୍ରର ସାହାଯ୍ୟରେହିଁ ମନୁଷ୍ୟ ଏହିସବୁ ବସ୍ତୁ ଉପରେ ବିଜୟ ହାସଲ କରିଛି । ଏବଂ ତା'ର ହାତ, ତା'ର ସେହି ଯନ୍ତ୍ରପାତି ଓ ଅସ୍ତ୍ରଶସ୍ତ୍ର—ଏଗୁଡ଼ିକ ତା'ର ଭାବନାରହିଁ ଆଜ୍ଞାବହ ହୋଇ ରହିଛନ୍ତି ।

ଆପଣାର ଜ୍ଞାନବଳରେହିଁ ମଣିଷ ଯାବତୀୟ ବିଜୟକୁ ସମ୍ଭବ କରିଛି । ଏବଂ ସିଏ ଜ୍ଞାନକୁ ମଧ୍ୟ ଜୟ କରିବାରେ ଲାଗିଛି ! ସିଏ ବାରବାର ପ୍ରଶ୍ନ କରି ଚାଲିଛି ଏବଂ ଉତ୍ତରଟିକୁ ପାଇବା ପର୍ଯ୍ୟନ୍ତ ତା'ର ପ୍ରଶ୍ନ ସେହିପରି ଅବାରିତ ରହିଛି ।

ଇତିହାସର କେତେକେତେ ବ୍ୟକ୍ତିଙ୍କୁ ଆମେ ଜଣେ ଜଣେ ବିଜୟୀରୂପେହିଁ ଜାଣିଛୁ । ଆଲେକ୍ଜାଣ୍ଡାର ପଶ୍ଚିମ ଏସିଆ ଏବଂ ମିଶର ଜୟ କରିଥିଲେ, ଜୁଲିଅସ୍ ସିଜର ଫ୍ରାନ୍ସ ଓ ଇଂଲଣ୍ଡ ଜୟ କରିଥିଲେ, ସମ୍ରାଟ୍ ବାବର ଉତ୍ତର ଭାରତ ଜୟ କରିଥିଲେ ଏବଂ ନେପୋଲିଅନ୍ କିଛି କାଳ ସକାଶେ ସମଗ୍ର ଇଉରୋପର ଅଧୀଶ୍ୱର ହୋଇ ପାରିଥିଲେ ।

ମାତ୍ର ବିଜୟୀ ହେବାର ଅନ୍ୟ ମାର୍ଗମାନ ମଧ୍ୟ ରହିଁଛି ।

ତୁମେମାନେ ବି ଜଣେ ଜଣେ ବିଜୟୀ ହୋଇପାରିବ । ପୃଥିବୀରେ ଅନେକ ଜିନିଷ ରହିଛି, ଯେଉଁଗୁଡ଼ିକୁ କି ଜାଣିବାର ଓ ଶିଖିବାର ପ୍ରୟୋଜନ ରହିଛି । ତେଣୁ ତୁମେମାନେ ପ୍ରଶ୍ନ ପଚାରିବ, ଅନ୍ୱେଷଣ କରିବ, ଶିଖିବ ଏବଂ ବିଜୟ ହାସଲ କରିବ । ସେତେବେଳେ ତୁମେମାନେ ନିଜକୁ ବି ଜଣେ ବିଜୟୀ ବୋଲି କହିପାରିବ ।

'oaob.nitrkl.ac.in' images reprocessed

ଚଉଦ

ବିନୟ

ଏହି ଜାପାନୀ ବାସଗୃହଟିର ଦ୍ୱାର ପାଖକୁ କିଏ ଆସୁଛି ଦେଖିଲ ?

ସିଏ ହେଉଛି ଫୁଲ-କାରିଗର, ଫୁଲଗୁଡ଼ିକୁ ସଜାଇ ରଖିବାରେ ଯିଏ ଦକ୍ଷତା ଅର୍ଜନ କରିଛି ।

ଘରର ମାଲିକ ଗୋଟିଏ ଟ୍ରେ ଭିତରେ ଭେଳେଭେଳ ଫୁଲ ରଖି ସେଇଟିକୁ ନେଇ ତା'ପାଖକୁ ଆସୁଛି; ଫୁଲ ସାଙ୍ଗକୁ ଗୋଟିଏ କଇଁଚି. ଗୋଟିଏ ଛୁରି, ସାନ କରତଟିଏ ଆଉ ଖୁବ ସୁନ୍ଦର ଫୁଲଦାନଟିଏ ।

ଫୁଲ-କାରଗର କହୁଛି, "ଆଜ୍ଞା, ଏଡ଼େ ସୁନ୍ଦର ଫୁଲଦାନ ପାଇଁ ମୁଁ ଅନୁରୂପ ସୁନ୍ଦର ଫୁଲଗୁଚ୍ଛଟିଏ ମୋଟେ ସଜାଇ ପାରବ ନାହିଁ ।"

"ତୁମେ ନିଶ୍ଚୟ ପାରିବ" — ଘର ଭିତରୁ ବାହାରି ଗଲାବେଳେ ଗୃହସ୍ୱାମୀ ଅତ୍ୟନ୍ତ ଭଦ୍ରତାର ସହିତ ଉତ୍ତର ଦେଉଛନ୍ତି ।

ଏଥର ଫୁଲ-କାରଗରଟିଏ ତା'ର କାମ ଆରମ୍ଭ କରିଦେଇଛି,— କେତେ କ'ଣ କାଟୁଛି, କାଟି ବାହାର କରୁଛି, ମୋଡ଼ୁଛି, ଛନ୍ଦୁଛି ଓ ବାନ୍ଧି ଦେଉଛି । ଶେଷକୁ ଫୁଲର ଗୋଟିଏ ସୁନ୍ଦର ଗୁଚ୍ଛ ଫୁଲଦାନଟିର ଶୋଭାବର୍ଦ୍ଧନ କରୁଛି,— ଆଖିକୁ କେଡ଼େ ସୁନ୍ଦର ଦିଶୁଛି !

କିଛି ସମୟ ପରେ ଗୃହସ୍ୱାମୀ ଓ ତାଙ୍କର ବନ୍ଧୁମାନେ ପୁନର୍ବାର ସେହି ଗୃହଟିରେ ଆସି ପ୍ରବେଶ କରୁଛନ୍ତି, କାରଗର ଗୋଟିଏ ପାଖକୁ ଆଡ଼େଇ ହୋଇଯାଇ ଠିଆ ହେଉଛି ଏବଂ ଗୁଣୁଗୁଣୁ କରି କହୁଛି, "ମୋ' ଫୁଲଗୁଚ୍ଛଟି ମୋଟେ ଭଲ ହେଲା ନାହିଁ,—ମୁଁ ଏଇଟିକୁ ବାହାର କରିଦେଉଛି !"

ଗୃହସ୍ୱାମୀ ଉତ୍ତର ଦେଉଛନ୍ତି, "ନାହିଁ, ନାହିଁ, ପ୍ରକୃତରେ ଖୁବ ଭଲ ହୋଇଛି ।"

ଫୁଲଦାନ ପାଖରେ ଟେବୁଲ୍‌ର ଗୋଟିଏ କଡ଼କୁ ଫୁଲ କାରିଗର ଗୋଟିଏ କଇଁଚି ଛାଡ଼ି ଯାଇଛି । ସେପରି କରି ସିଏ ଏଇଆ କହିବାକୁ ଇଚ୍ଛା କରୁଛି ଯେ, ଯଦି ଫୁଲଗୁଚ୍ଛଟିରେ କେଉଁଠି କ'ଣ ଅପୂରଣ ରହିଥିବା ପରି ବୋଧ ହେବ, ତେବେ

'oaob.nitrkl.ac.in' images reprocessed

ଯେକୌଣସି ବ୍ୟକ୍ତି ସେହି କଳାକୃତିର ସାହାଯ୍ୟରେ ଆଖିକୁ ନଦେଖାଉଥିବା ଭଳି ଅଂଶଗୁଡ଼ିକୁ କାଟି ଠିକ୍ କରିଦେଇ ପାରିବ ।

ଫୁଲକାରିଗର ପ୍ରକୃତରେ ବଡ଼ ସୁନ୍ଦର ଭାବରେ ତା'ର କାମଟିକୁ କରିଛି, ମାତ୍ର ସିଏ ତଦ୍ଦ୍ୱାରା ସବୁଯାକ ସୌନ୍ଦର୍ଯ୍ୟକୁ ଫୁଟାଇଆଣି ପାରିଛି ବୋଲି କଦାପି ସ୍ୱପ୍ନରେ ସୁଦ୍ଧା କଳ୍ପନା କରିପାରିବ ନାହିଁ । ତା'ର ହୁଏତ କୌଣସି ତ୍ରୁଟି ରହିଯାଇ ଥାଇପାରେ ବୋଲି ସେ ସ୍ୱୀକାର କରୁଛି । ସିଏ ଆପଣାର ନମ୍ରତାର ପରିଚୟ ଦେଉଛି ।

ତା'ର କରିଥିବା କାର୍ଯ୍ୟଟି ଅବଶ୍ୟ ପ୍ରଶଂସା ପାଇବାର ଯୋଗ୍ୟ ବୋଲି ଜାପାନର ସେହି କଳାକାର ହୁଏତ ପ୍ରକୃତରେ ଭାବୁଛି । ସିଏ ସତକୁ ସତ କ'ଣ ଭାବୁଛି, ମୁଁ ସେକଥା ମୋଟେ କହି ପାରିବି ନାହିଁ । ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେ ଆଦୌ କୌଣସି ଗର୍ବ ଦେଖାଇ ହେବାକୁ ଚାହୁଁ ନାହିଁ ଏବଂ ତା'ର ବ୍ୟବହାରଟି ପ୍ରକୃତରେ ଭାରି ମଧୁର ଲାଗୁଛି ।

ମାତ୍ର, ଅନ୍ୟପକ୍ଷରେ ଯେଉଁମାନେବୃଥାଗର୍ବ କରି ବୁଲିବାରେ ଲାଗିଥାନ୍ତି, ସେମାନଙ୍କର ବ୍ୟବହାର ଦେଖି ଆମକୁ ପ୍ରକୃତରେ ଭାରି ହସ ମାଡ଼ିଥାଏ ।

ଡାମସ୍କସ୍‌ର ଖଲିଫା ସୁଲେମାନ ସେହିପରି ଜଣେ ବ୍ୟକ୍ତି ଥିଲେ । ଥରେ ଗୋଟିଏ ଶୁକ୍ରବାର ଦିନ ଗରମ ପାଣିରେ ସ୍ନାନ କରିସାରି ବାହାରି ଆସି ସେ ଆପଣାକୁ ସବୁଜ ପୋଷାକରେ ମଣ୍ଡିତ କରାଇଲେ, ସବୁଜ ପଗଡ଼ିଟିଏ ପିନ୍ଧିଲେ । ଏକ ସବୁଜଗାଲିଚା ଉପରେ ଯାଇ ବସିଲେ, ଏବଂ ସେହି ଘରେ ପଡ଼ିଥିବା ଗାଲିଚା-ଗୁଡ଼ାକ ମଧ୍ୟ କେବଳ ସବୁଜ ରଙ୍ଗର ଥିଲା । ତା'ପରେ ସେ ଦର୍ପଣ ଭିତରକୁ ଅନାଇ ଆପଣା ବୟସରେ ଭାରି ପ୍ରସନ୍ନତା ଅନୁଭବ କଲେ ଓ କହିବାକୁ ଲାଗିଲେ "ପୟଗମ୍ବର ମହମ୍ମଦ ଭଗବାନଙ୍କର ଜଣେ ଦୂତ ଥିଲେ, ଅଲ୍ ବକର୍ ସତ୍ୟର ଜଣେ ବିଶ୍ୱସ୍ତ ସେବକ ଥିଲେ, ଓମାର ସତ୍ୟ ଓ ଅସତ୍ୟ ମଧ୍ୟରେ ଭେଦ କରି ପାରୁଥିଲେ, ଓଥ୍‌ମନ୍ ବିନମ୍ର ଥିଲେ । ଅଲି ସାହସୀ ଥିଲେ, ମୁଆଓ୍ୱିୟା ଦୟାଳୁ ଥିଲେ, ୟାଜିଦ୍‌ଙ୍କର ଅନେକ ଧୈର୍ଯ୍ୟ ଥିଲା, ଅବ୍‌ଦୁଲ୍ ମାଲିକ ଜଣେ ଉତ୍ତମ ଶାସକ ଥିଲେ, ଓ୍ୱାଲିଦ୍ ଜଣେ ଶକ୍ତିଶାଳୀ ମାଲିକ ଥିଲେ, ମାତ୍ର ମୁଁ ହେଉଛି ବୟସରେ ସାନ ଏବଂ ଦେଖିବାକୁ ଭାରି ସୁନ୍ଦର ।"

ଫୁଲଦାନର ଫୁଲଗୁଡ଼ିକ ଭାରି ସୁନ୍ଦର ଭାବରେ ସଜାହୋଇ ରହିଥାଏ ଓ ତାହାକୁ ଦେଖି ଆମେ ଖୁସି ହୋଇଯାଉ । ମାତ୍ର ସେଗୁଡ଼ିକୁ ଦେଖି ଆମେ ସିନା

ତା’ର ପ୍ରଶଂସା କରିବା, ସେଗୁଡ଼ିକୁ ସଜାଇଥିବା ସ୍ୱୟଂ କାରିଗର ତାହା କିପରି କରିପାରିବ ?

ଫୁଲମାନଙ୍କର ରୂପ ଅଛି । ଏକଥା ସତ ଯେ ସେହି କଥାଟିକୁ ଜାଣିବାରେ ଆଦୌ କୌଣସି କ୍ଷତି ହୁଏ ନାହିଁ । ମାତ୍ର ସିଏ ଯେତେବେଳେ ଦର୍ପଣ ଭିତରକୁ ଅନାଇ ତାଙ୍କର ସୁନ୍ଦର ରୂପଟି ତାଙ୍କୁ ସତ୍ୟନିଷ୍ଠାମସ୍ତ ଓମାର ବା ଧୈର୍ଯ୍ୟଶୀଳ ସ୍ୱାଜିଦଙ୍କ ଠାରୁ ମଧ୍ୟ ଅଧିକ ଉତ୍ତମ ଜଣେ ବ୍ୟକ୍ତିରୂପେ ସିଦ୍ଧ କରିଦେଉଛୁ ବୋଲି କହିବାକୁ ଯାଆନ୍ତି, ସେତେବେଳେ ଆମେ ସମସ୍ତେ ତାଙ୍କର ସେହି ବୃଥା ଗର୍ବ ଦେଖି ପ୍ରକୃତରେ ହସିଥାଉ ।

*

ତା’ର ଗୌରବ ଓ ମହିମାକୁ ବର୍ଦ୍ଧନ କରିବା ଲାଗି ପୃଥିବୀ ମୋଟେ ଯଥେଷ୍ଟ ହେଉ ନାହିଁ ଏବଂ ତେଣୁ ତାକୁ ଆହୁରି ଉଚ୍ଚତର ଅନ୍ୟ ଲୋକଗୁଡ଼ିକୁ ଯାତ୍ରା କରିବାକୁ ହେବ ବୋଲି ଯେଉଁ ବ୍ୟକ୍ତି ଏକଦା ଚିନ୍ତା କରିଥିଲା, ତାହାର ସେହି ଗର୍ବକୁ ଆମେ ଆହୁରି ଅଧିକ ହାସ୍ୟାସ୍ପଦ ବୋଲି ନିଶ୍ଚୟ କହିବା ।

ଏଠାରେ ମୁଁ ସେହି ଗପଟିକୁ କହିବି ।

ପାରସ୍ୟର ଜଣେ ରାଜା କାଇ କାଉସ ଅନେକ ଯୁଦ୍ଧ କରି ଅନେକ ବିଜୟ ହାସଲ କରିଥିଲେ । ଶତ୍ରୁରାଜ୍ୟଗୁଡ଼ିକରୁ ଅନେକ ଧନସମ୍ପତ୍ତି ଲୁଟିକରି ଆଣି ସେ ଏତେବେଶୀ ଧନୀ ହୋଇଗଲେ ଯେ ଏଲବର୍ଜ ପର୍ବତ ଅଞ୍ଚଳରେ ଆପଣା ଲାଗି ଦୁଇଟି ରାଜପ୍ରାସାଦ ନିର୍ମାଣ କରିଥିଲେ । ଏବଂ ତାଙ୍କର ନବର ଭିତରେ ଏତେବେଶୀ ସୁନା ଆଉ ରୁପା ଗଚ୍ଛିତ ହୋଇଥିଲା ଯେ ସେହି ଧାତୁଗୁଡ଼ିକର ଔଜ୍ଜ୍ୱଲ୍ୟ ଦିବାଲୋକକୁ ମଧ୍ୟ ନିଷ୍ପ୍ରଭ କରି ଦେଉଥିଲା ।

କାଇ କାଉସଙ୍କର ହୃଦୟ ଅତିମାତ୍ରାରେ ଗର୍ବରେ ପୂର୍ଣ୍ଣ ହୋଇ ରହିଥିଲା; ସିଏ ଆପଣାକୁ ପୃଥିବୀର ସର୍ବଶ୍ରେଷ୍ଠ ସମ୍ରାଟ ବୋଲି ଭାବୁଥିଲେ ।

ରାଜା ନିଜକୁ ସବୁବେଳେ ଏଡ଼େ ବଡ଼ କରି ଭାବୁଥିବାର ଦେଖି ସଇତାନ ଇବ୍ଲିଶ କୌଶଳ କରି ତାଙ୍କୁ ଦଗା ଦେବ ବୋଲି ସଂକଳ୍ପ କଲା । ଗୋଟିଏ ଅସୁରକୁ ଜଣେ ଭୃତ୍ୟର ଛଦ୍ମବେଶରେ ସେ ରାଜପ୍ରାସାଦ ଭିତରକୁ ପଠାଇଲା, ରାଜାଙ୍କୁ ଉପହାର ଦେବାଲାଗି ତା’ହାତରେ ଗୋଟିଏ ଫୁଲତୋଡ଼ା ବି ପଠାଇଥିଲା ।

କାଇ କାଉସଙ୍କ ସମ୍ମୁଖସ୍ଥ ଭୂମିକୁ ଚୁମ୍ବନ କରି ସେହି ଭୃତ୍ୟଟି କହିଲା :

“ବାଦଶାହ, ଦୁନିଆ ଗୋଟାକରେ କୌଣସି ରାଜା ତୁମ୍ଭଙ୍କର ସମତୁଲ ହେବେ ନାହିଁ । ମାତ୍ର ତଥାପି ଗୋଟିଏ ରାଜ୍ୟ ଏପର୍ଯ୍ୟନ୍ତ ବି ଆପଣଙ୍କ ପାଇଁ

'oaob.nitrkl.ac.in' images reprocessed

ଅବଳମ୍ବିତ ହୋଇ ରହିଛି । ସେଇଟି ହେଉଛି ଊର୍ଦ୍ଧ୍ୱଲୋକ, ସେଠାରେ ସୂର୍ଯ୍ୟ-ଚନ୍ଦ୍ର ଅଛନ୍ତି, ଗ୍ରହମାନେ ରହିଛନ୍ତି, ସ୍ୱର୍ଗଲୋକର କେତେ ଅଂଶ ସେଠାରେ ଗୁପ୍ତ ହୋଇ ରହିଛି । ତେଣୁ ବାଦଶାହ, ଏଥର ଆପଣ ପକ୍ଷୀମାନଙ୍କର ମାର୍ଗ ଅନୁସରଣ କରି ଆକାଶ ମଧ୍ୟକୁ ଆରୋହଣ କରନ୍ତୁ ଓ ସେହି ରାଜ୍ୟରେ ପ୍ରବେଶ କରନ୍ତୁ ।

"କିନ୍ତୁ ମୋ'ର ତ ଡେଣା ନାହିଁ; ମୁଁ ଆକାଶ ମାର୍ଗରେ କପରି ଉଠି ପାରିବି ?"—ରାଜା ପଚାରିଲେ ।

"ଆପଣଙ୍କର ପଣ୍ଡିତମାନେ ଆପଣଙ୍କୁ ତାହାର ସୂତ୍ର ବତାଇଦେବେ ।"

ତେଣୁ ରାଜା କାଇ କାଉସ୍ ଆପଣାର ଜ୍ୟୋତିଷମାନଙ୍କୁ ଡାକିଲେ ଓ ସେ କପରି ସ୍ୱର୍ଗଲୋକକୁ ଉଡ଼ିକରି ଯାଇ ପାରିବେ, ସେକଥା ସେମାନଙ୍କୁ ପଚାରିଲେ । ଜ୍ୟୋତିଷମାନେ ତାଙ୍କ ଲାଗି ଗୋଟିଏ ଅପୂର୍ବ ଯୋଜନା ବାହାର କଲେ । ସେମାନେ କେତୋଟି ସାଧାରଣ ଉପାୟ ବିଷୟରେ ରାଜାଙ୍କୁ କହିଲେ, ମାତ୍ର ରାଜା ସେମାନଙ୍କ କଥା ମୋଟେ ଶୁଣିଲେ ନାହିଁ ।

ସେମାନେ ଗୋଟିଏ ଇଗଲ ବସାରୁ ଚାରୋଟି ଇଗଲ ଛୁଆଙ୍କୁ ଧରି ଆଣିଲେ ସେମାନଙ୍କୁ ଖୁଆଇ ପିଆଇ ତାଲିମ ଦେଲେ । ଶେଷକୁ ଚଢ଼େଇଗୁଡ଼ିକ ବଡ଼ ହୋଇଗଲେ, ଖୁବ ବଳୁଆ ହେଲେ ।

ତା'ପରେ ସେମାନେ ଗୋଟିଏ ବର୍ଗାକାର କାଠ ଫ୍ରେମଟିଏ ତିଆରି କଲେ । ତା'ର କଣଗୁଡ଼ିକରେ ଗୋଟିଏ ଗୋଟିଏ ଖୁଣ୍ଟ ବାନ୍ଧିଲେ ଏବଂ ପ୍ରତ୍ୟେକ ଖୁଣ୍ଟରେ ଖଣ୍ଡେ ଖଣ୍ଡେ ଛେଳି ମାଂସ ବାନ୍ଧି ଦିଆଗଲା । ଏବଂ ଗୋଟିଏ ଖୁଣ୍ଟରେ ଗୋଟିଏ ଲେଖାଏଁ ଇଗଲପକ୍ଷୀ ବି ବନ୍ଧାହେଲେ ।

ରାଜାଙ୍କର ସିଂହାସନକୁ ନେଇ ସେହି କାଠ ଫ୍ରେମଟି ଉପରେ ଭିଡ଼ିକରି ବାନ୍ଧି ଦିଆଗଲା ଏବଂ ସିଂହାସନର କଡ଼କୁ ଗୋଟାଏ ପାତ୍ରକୁ ସୁରା ଦ୍ୱାରା ଭର୍ତ୍ତି କରି ରଖି ଦିଆଗଲା । ରାଜା ଯାଇ ସେହି ସିଂହାସନ ଉପରେ ବସିଲେ ।

ଚାରୋଟିଯାକ ଇଗଲ ଚଢ଼େଇ ମାଂସଖଣ୍ଡଗୁଡ଼ିକୁ ଧରିବାକୁ ଚେଷ୍ଟା କଲେ ଏବଂ ସେପରି କରିବାକୁ ଯାଇ ଊର୍ଦ୍ଧ୍ୱମୁଖ ହୋଇ ଦଉଡ଼ିବାକୁ ଲାଗିଲେ । ଏହା ଫଳରେ ସେମାନେ ସିଂହାସନଟିକୁ ମଧ୍ୟ ଊର୍ଦ୍ଧ୍ୱଦଗରେ ବହିନେଲେ ଏବଂ ସମବେତ ଜନତାକୁ ବିସ୍ମିତ କରିଦେଇ ସିଂହାସନ ଉପର ଆଡ଼କୁ ଉଠିବାକୁ ଲାଗିଲା । ଇଗଲଗୁଡ଼ିକ ଉପରକୁ ଉପରକୁ ଉଠିବାକୁ ଲାଗିଥାନ୍ତି ଓ ଚନ୍ଦ୍ରର ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ ଆସୁଥାନ୍ତି । ମାତ୍ର ଉଡ଼ି ଉଡ଼ି ଅବଶେଷରେ ଅତ୍ୟନ୍ତ କ୍ଲାନ୍ତ ହୋଇ ପଡ଼ିବାରୁ ସେମାନେ ଡେଣା ଫଡ଼ ଫଡ଼ କରିବା ବନ୍ଦ କରିଦେଲେ

'oaob.nitrkl.ac.in' images reprocessed

ତାହା ଫଳରେ କାଠର ସେହି ଗୁମ୍ଫଟି, ସେହି ସିଂହାସନ, ରାଜା, ସୁରାପାତ୍ର ଓ ସବୁକିଛି ଉଡ଼ ଉଡ଼ ହୋଇ ଚୀନଦେଶର ଗୋଟାଏ ନିର୍ଜନ ଜାଗାରେ ଭୂଇଁ ଉପରେ ଆସି ଖସି ପଡ଼ିଲା । ରାଜା ସେଠାରେ ଏକୁଟିଆ ପଡ଼ିରହିଲେ; ତାଙ୍କର ସମସ୍ତ ଅଙ୍ଗ କ୍ଷତବିକ୍ଷତ ହୋଇ ଯାଇଥାଏ, ଭୋକରେ ପେଟ ଜଳୁଥାଏ ଓ ସେ ଅତ୍ୟନ୍ତ ଦୁରବସ୍ଥାରେ ପଡ଼ିଥାନ୍ତି । ଅବଶେଷରେ ଦୂତମାନେ ତାଙ୍କୁ ଖୋଜି ଖୋଜି ଆସି ସେଠାରେ ପହଞ୍ଚିଲେ ଓ ତାଙ୍କୁ ରାଜପ୍ରାସାଦକୁ ନେଇ ଯାଇଥିଲେ ।

ଏତେବେଳେ ଯାଇ ରାଜା ନିଜର ନିର୍ବୋଧତା ଏବଂ ଦମ୍ଭପଣିଆକୁ ବୁଝି ପାରିଲେ । ତାଙ୍କର ଶକ୍ତିର ବାହାର ହୋଇ ସେ ଆଉ କେବେହେଲେ କୋଉଠିକି ଉଡ଼ିବାଲାଗି କଦାପି ମନ କରିବେ ନାହିଁ ବୋଲି ଏଣିକି ନିଷ୍ପତ୍ତି କରିଥିଲେ । ଏଣିକି ସେ ନିଜ ରାଜ୍ୟର କାରବାରକୁ ବୁଝିବାରେ ମନ ଦେଲେ ଏବଂ ଏତେ ନ୍ୟାୟପରାୟଣ ଭାବରେ ରାଜ୍ୟର ଶାସନ କଲେ ଯେ ସମସ୍ତେ ତାଙ୍କର ଭାରି ପ୍ରଶଂସା କରିବାକୁ ଲାଗିଲେ ।

ସେ ଏହିପରି ଭାବରେହିଁ ଆପଣା ଗର୍ବର ଅତ୍ୟୁଚ୍ଚ ଶିଖରଗୁଡ଼ିକରୁ ସଂସାରର ଉତ୍ତମ ଓ ସୁଦୃଢ଼ ଭୂମି ଉପରେ ଥିବା ସାଧୁତାର ସମତଳ ଉପରକୁ ଲେଉଟି ଆସିଥିଲେ ।

*

ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ କି କେବଳ ଯେ ଆପଣାର ଅତିରିକ୍ତ ପ୍ରଶଂସା କରୁଥାନ୍ତି ତା' ନୁହେଁ, ସେମାନେ ଗୁଡ଼ାଏ ବୃଥା ବାହାଦୁରି ବି କରୁଥାନ୍ତି । ଏହିପରି ବୃଥାଦମ୍ଭୀ ବ୍ୟକ୍ତିମାନଙ୍କ ପ୍ରତି ଆମେ ଅତ୍ୟନ୍ତ ବିରକ୍ତିଭାବ ଅନୁଭବ କରିଥାଉ । ଆତ୍ମଶ୍ଳାଘୀ ଲୋକମାନେ କେବେହେଲେ କାହାକୁ ଭଲ ଲାଗନ୍ତି ନାହିଁ; ଏପରିକି ଆତ୍ମଶ୍ଳାଘୀ ଲୋକମାନେ ଅନ୍ୟ ଆତ୍ମଶ୍ଳାଘୀ ଲୋକମାନଙ୍କୁ ମଧ୍ୟ ଭାରି ଘୃଣା କରିଥାନ୍ତି ।

ରାମଚନ୍ଦ୍ରଙ୍କର ପତ୍ନୀ ସୀତାଙ୍କୁ ଅପହରଣ କରି ନେଇଥିବା ରାମଚନ୍ଦ୍ରଙ୍କର ଭୟଙ୍କର ଶତ୍ରୁ ରାବଣ ଯେ ଜଣେ ଆତ୍ମଶ୍ଳାଘୀ ଏବଂ ଆତ୍ମଗର୍ବୀ ବ୍ୟକ୍ତି ଥିଲା, ସେ କଥା ଜାଣି ଆମେ ଆଦୌ ବିସ୍ମିତ ହୋଇ ପଡ଼ୁନାହୁଁ । ଏପରି ଗୋଟାଏ ରାକ୍ଷସ ଯେ ଆତ୍ମଗର୍ବୀ ହେବ ସେଥିରେ ଅସ୍ୱାଭାବିକ କିଛି ନାହିଁ ।

ରାମଚନ୍ଦ୍ର ଓ ଲଙ୍କାର ରାକ୍ଷସମାନଙ୍କ ମଧ୍ୟରେ ଯେଉଁ ସର୍ବଶେଷ ଯୁଦ୍ଧ ହୋଇଥିଲା, ସେତେବେଳେ ଥରେ ରାମଚନ୍ଦ୍ର ଆପଣାର ରଥ ଉପରେ ଚଢ଼ି ରାବଣର ମୁହାଁମୁହିଁ ଆସି ହାଜର ଯାଇଥିଲେ । ରାବଣ ମଧ୍ୟ ସେତେବେଳେ

'oaob.nitrkl.ac.in' images reprocessed

ତା' ଉପରେ ଆସୀନ ଥିଲା । ଦୁହିଁଙ୍କ ମଧ୍ୟରେ ଏକକ ଯୁଦ୍ଧ ହେଲା । ଗୋଟିଏ ପାଖରେ ରାକ୍ଷସସେନା ଏବଂ ଆଉଗୋଟିଏ ପାଖରେ ବାନର ଓ ଭଲ୍ଲୁକସେନା ଠିଆ ହୋଇ ସେହି ଯୁଦ୍ଧ ଦେଖୁଥିଲେ ।

ସେତିକବେଳେ ଏକ ଭୟଙ୍କର ସ୍ୱରକରି ଲଙ୍କାର ରାଜା ରାବଣ ପାଟି କରି କହିଲା : "ହେ ରାମ, ଯଦି ତୁମେ ଯୁଦ୍ଧକ୍ଷେତ୍ରରୁ ପଳାଇ ନଯାଅ ଓ ପ୍ରାଣରକ୍ଷା ନକର, ତେବେ ଆଜିର ଯୁଦ୍ଧହିଁ ଶେଷ ଯୁଦ୍ଧ ହେବ । ହେ ଦଶରଥପୁତ୍ର, ଆଜି ମୁଁ ତୁମକୁ ଯମାଳୟକୁ ପ୍ରେରଣ କରିବି । ଆଜି ତୁମକୁ ରାବଣ ସହିତ ଯୁଦ୍ଧ କରିବାକୁ ହେବ !"

ରାମ କିଛି ନକହି ତା' କଥା ଶୁଣୁଥିଲେ ଓ ମୁରୁକି ମୁରୁକି ହସୁଥିଲେ । ରାମ ଭଲକରି ଜାଣିଥିଲେ ଯେ ରାବଣର ଶେଷ ମୁହୂର୍ତ୍ତ ଆସନ୍ନ ହୋଇ ଆସିଛି । ସେ କହିଲେ :

"ରାବଣ, ମୁଁ ବି ତୁମର ଶକ୍ତି ବିଷୟରେ ବହୁତ କଥା ଶୁଣିଛି । ମାତ୍ର, ମୁଁ ଯାହାକିଛି ଶୁଣିଛି, ଆଜି ନିଜ ଆଖିରେ ତାହାକୁ ଦେଖିବା ଲାଗି ମଧ୍ୟ ଇଚ୍ଛା କରୁଛି । ତୁମକୁ ସ୍ମରଣ ରଖିବାକୁ ମୋର ଏକାନ୍ତ ଅନୁରୋଧ ଯେ ଏହି ସଂସାରରେ ତିନି ପ୍ରକାରର ମନୁଷ୍ୟ ଅଛନ୍ତି । ସେମାନଙ୍କୁ ଆମେ ତିନି ପ୍ରକାରର ବୃକ୍ଷ ସହିତ ତୁଳନା କରି ପାରିବା । ଗୋଟିଏ ହେଉଛି ଟଗର ଗଛ, ଆଉଟି ଆମ୍ବଗଛ ଏବଂ ତୃତୀୟଟି ଡିମିରି ଗଛ । ପ୍ରଥମ ଗଛଟିରେ ଖାଲି ଫୁଲ ହୁଏ । ସେହିଭଳି, କେତେ ମଣିଷ ଅଛନ୍ତି, ଯେଉଁମାନେ ଖାଲି କଥା କହନ୍ତି । ଆମ୍ବଗଛରେ ଫୁଲ ଧରେ, ଫଳ ବି ହୁଏ । ଏହି କିସମର ମନୁଷ୍ୟମାନେ କଥା କହନ୍ତି, କାମ ବି କରନ୍ତି । ତୃତୀୟ ପ୍ରକାର ଗଛଟିରେ କୌଣସି ଫୁଲ ହୁଏ ନାହିଁ, ମାତ୍ର ଫଳ ଧରେ । ତୃତୀୟ ଶ୍ରେଣୀର ଲୋକେ କଥା କହନ୍ତି ନାହିଁ, କାମ କରନ୍ତି ।"

ଏହି ଚଞ୍ଚଳଟାପୂର୍ଣ୍ଣ କଥାଗୁଡ଼ିକ ଶୁଣି ରାକ୍ଷସ ସେଗୁଡ଼ାକୁ ହସି ଉଡ଼ାଇ ଦେଲା । ମାତ୍ର କେବଳ ଆପଣାର ବାହାଦୁରି କରୁଥିବା ତା'ର ପାଟି ଅଳ୍ପରେ ସବୁଦିନ ଲାଗି ବନ୍ଦ ହୋଇ ଯାଇଥିଲା ।

*

ଅନେକ ବର୍ଷ ତଳେ ଇସ୍ରାଏଲ୍‌ରେ ସଲୋମନ୍ ବୋଲି ଜଣେ ରାଜା ଥିଲେ, ତୁମେମାନେ ସେକଥା ଶୁଣିଥିବ । ବାଇବେଲ ଓ ଅନ୍ୟାନ୍ୟ ଗ୍ରନ୍ଥରେ ତାଙ୍କର ଖ୍ୟାତି ଓ ଗୌରବକୁ ବର୍ଣ୍ଣନା କରି ଅନେକ କାହାଣୀ ରହିଛି । ଆଜି ମୁଁ ତୁମମାନଙ୍କୁ ତାଙ୍କରି ବିଷୟରେ ଗୋଟିଏ କାହାଣୀ କହିବି ।

'oaob.nitrkl.ac.in' images reprocessed

ରାଜା ସଲୋମନ୍‌ଙ୍କର ଅତୁଳ ଧନସମ୍ପତ୍ତି ଥିଲା । ତାଙ୍କ ସିଂହାସନ କେତେ ସୁନ୍ଦର ଦିଶୁଥିଲା, ତାଙ୍କର ଆହାରପାତ୍ରଗୁଡ଼ିକ ସୁନାରେ ତିଆରି ହୋଇଥିଲା, ଏବଂ ଜେରୁଜେଲମ ସହରରେ ଚାରିଆଡ଼େ ବିଛାଇ ହୋଇ ରହିଥିବା ପଥର ପରି ତାଙ୍କ ପ୍ରାସାଦରେ ରୁପାଗୁଡ଼ାକ ବିଛାଇ ହୋଇ ରହିଥିଲା । ବଣିକମାନେ ତାଙ୍କୁ ନେଇ ସୁନା, ରୁପା, ହାତୀଦାନ୍ତ, ମୟୂର, ମାଙ୍କଡ଼, ସୁଦୃଶ୍ୟ ବସ୍ତ୍ର, ବର୍ମ, ମସଲା, ଅଶ୍ୱ, ଖଚର ଏବଂ ଆହୁରି କେତେକେତେ ସମ୍ପଦ ଆଣି ଦାନ କରୁଥିଲେ । ଆପଣା ପୂର୍ବପୁରୁଷ ଏବଂ ପ୍ରଜାମାନଙ୍କର ଇଷ୍ଟଦେବତାଙ୍କ ସମ୍ମାନରେ ରାଜା ସଲୋମନ୍ ଗୋଟିଏ ସୁଦୃଶ୍ୟ ମନ୍ଦିର ମଧ୍ୟ ତିଆରି କରି ଦେଇଥିଲେ । ମାତ୍ର, ମନ୍ଦିରଟି ନିର୍ମିତ ହେବା ପୂର୍ବରୁ, ଯେତେବେଳେ ମନ୍ଦିରରେ ବ୍ୟବହୃତ ହେବାକୁ ଯାଉଥିବା କାଠ-ସବୁ ପର୍ବତ ଉପରେ ଗଛ ହୋଇ ରହିଥିଲେ, ସେତେବେଳେ ରାଜା ସଲୋମନ୍ ଗୋଟିଏ ସ୍ୱପ୍ନ ଦେଖିଲେ । ସ୍ୱପ୍ନରେ ଇଷ୍ଟଦେବତା ଆସି ତାଙ୍କୁ କହୁଥିଲେ :

"ମୋ'ଠାରୁ ତୁମେ କ'ଣ ଚାହୁଁଛ ମାଗ !"

ସଲୋମନ ଉତ୍ତର ଦେଇ କହିଲେ :

"ମୋର ପିତା ଡେଭିଡ୍ ଜଣେ ନ୍ୟାୟପରାୟଣ ଓ ସତ୍ୟନିଷ୍ଠ ବ୍ୟକ୍ତି ଥିଲେ । ବର୍ତ୍ତମାନ ମୁଁ ତାଙ୍କର ପରେ ସିଂହାସନ ଆରୋହଣ କରିଅଛି । ମୋ' ସମ୍ମୁଖରେ କେତେକେତେ ବଡ଼ କାର୍ଯ୍ୟ ପଡ଼ି ରହିଛି । ମୁଁ ତ ନିଜକୁ କେବଳ ଗୋଟାଏ ସାନ ପିଲାପରି ଅନୁଭବ କରୁଛି । କପରି ଭିତରୁ ବାହାରକୁ ଯିବାକୁ ହୁଏ ଓ ବାହାରୁ ଭିତରକୁ ଆସିବାକୁ ହୁଏ, ସେକଥା ମଧ୍ୟ ମୋତେ ଜଣା ନାହିଁ । ଯେଉଁ ପ୍ରଜାମାନଙ୍କ ଉପରେ ମୁଁ ରାଜା ହୋଇଛି, ସେମାନଙ୍କୁ ଶାସନ କରିବାର ସୂତ୍ରଟି ମଧ୍ୟ ମୋତେ ଜଣା ନାହିଁ । ତେଣୁ ମୁଁ ଆହୁରି ଅଧିକ ଜ୍ଞାନଲାଭ କରିବାକୁ ଇଚ୍ଛା କରୁଛି, ଯେପରିକି ଭଲ ଓ ମନ୍ଦ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ମୁଁ ଜାଣିପାରିବି ।"

ଦେବତା ଉତ୍ତର ଦେଇ କହିଲେ :

"ତୁମେ ମୋତେ ଦୀର୍ଘ ଜୀବନ ଅଥବା ଧନସମ୍ପଦ ମାଗିଲ ନାହିଁ । ତା' ବଦଳରେ ତୁମେ ଜ୍ଞାନ ପାଇଁ ଆଗ୍ରହ ପ୍ରକାଶ କଲ ଏବଂ ଏପରି ଏକ ହୃଦୟ ମାଗିଲ ଯାହାକି ନ୍ୟାୟ ଅନ୍ୟାୟର ଭେଦ କରି ପାରିବ । ମୁଁ ତୁମକୁ ଏପରି ଏକ ପ୍ରଜ୍ଞାଯୁକ୍ତ ମନର ଅଧିକାରୀ କରାଇବି, ଯେପରିକି ତୁମଠାରେ ସବୁଠାରୁ ଅଧିକ ବୋଧଶକ୍ତି ଉପଲବ୍ଧ ହୋଇ ରହିବ । ଏବଂ ତା' ସଙ୍ଗେ ସଙ୍ଗେ ତୁମେ ଦୀର୍ଘଜୀବନ ବି ଲାଭ କରିବ ଏବଂ ଅନେକ ଧନସମ୍ପଦର ମଧ୍ୟ ଅଧିକାରୀ ହେବ ।"

'oaob.nitrkl.ac.in' images reprocessed

ରାଜା "ମୁଁ ତ କେବଳ ଶ୍ରେଷ୍ଠ ସିଲ୍କଟିଏ" ବୋଲି କହୁଥିବାର ତୁମେ ଲକ୍ଷ୍ୟ କରିଥିବ । ସିଏ ଖାଲି ବିନୟ ସହିତ ତାହା କହୁଥିଲେ ।

ସିଏ ଆପଣାକୁ ଏପରି ନ୍ୟୂନ କରି କହୁଲେ ବୋଲି ଆମେ କ'ଣ ସଲୋମନ୍‌ଙ୍କୁ ଶ୍ରେଷ୍ଠ ବୋଲି ଭାବୁନୁ କି ?

ବରଂ, ଯେତେବେଳେ ବଡ଼ପଣିଆ ତଥାପି ଆପଣାର ବିନୟକୁ ପରିତ୍ୟାଗ କରି ନଥାଏ, ତାହା ଦେଖିବା ପ୍ରକୃତରେ ଏକ ଆନନ୍ଦର କଥାହିଁ ହୁଏ ।

*

ପୟଗମ୍ବର ମହମ୍ମଦଙ୍କର ବିନୟ ବିଷୟରେ ତୁମମାନଙ୍କୁ ମୁଁ ଦୁଇଟି ଗପ କହିବି ।

କୁହାଯାଇଥାଏ ଯେ ଇସଲାମ ଧର୍ମର ପ୍ରଚାରକ ଚଢ଼ିକରି ଯିବା ଲାଗି ସବୁବେଳେ ଗୋଟିଏ ଗଧ ଯୋଗାଡ଼ କରି ଦେବା ପାଇଁ କହୁଥିଲେ । ସେତେ-ବେଳେ ଗର୍ବୀ ଲୋକେ ତ ଆପଣା ଲାଗି ଅତି କମ୍‌ରେ ଘୋଡ଼ାଟିଏ ଆବଶ୍ୟକ କରୁଥିଲେ । ପୁଣି ବେଳେବେଳେ ତାଙ୍କ ପଛରେ ବସି ଯିବା ଲାଗି ମହମ୍ମଦ ହୁଏତ ଆଉଜଣକୁ ବି ଡାକି ନେଉଥିଲେ ଏବଂ କହୁଥିଲେ :

ନୌକରମାନେ ଯେପରି ଖାଇବସନ୍ତି, ମୁଁ ବି ସେହିପରି ଖାଇବସେ, ଠିକ୍ ନୌକରମାନଙ୍କ ପରି ହିଁ ଭୋଜନ କରେ ; କାରଣ, ମୁଁ ତ ପ୍ରକୃତରେ ଜଣେ ନୌକର ।"

ବର୍ତ୍ତମାନ ଦ୍ୱିତୀୟ ଗପଟିକୁ ଶୁଣ । ଦିନେ ପୟଗମ୍ବର ଗୋଟିଏ ସଭା ସ୍ଥାନରେ ଉପସ୍ଥିତ ଥିଲେ । ସେହି ସଭାରେ ଅନେକ ଲୋକ ଯୋଗ ଦେଇଥିଲେ । ସମସ୍ତଙ୍କର ବସିବା ଲାଗି ସେଠାରେ ଯଥେଷ୍ଟ ଜାଗା ନଥିଲା । ତେଣୁ ମହମ୍ମଦ ମଧ୍ୟ ସମସ୍ତଙ୍କ ପରି ଗୋଡ଼ ଦୁଇଟିକୁ ଜାକିଜୁକି ତଳେ ବସିଗଲେ ।

ମରୁଭୂମି ଅଞ୍ଚଳର ଜଣେ ଆରବବାସୀ ମଧ୍ୟ ସେହି ସଭାରେ ଉପସ୍ଥିତ ଥିଲା । ପୟଗମ୍ବର ଗୋଟାଏ ରାଜା ପରି କୌଣସି ସିଂହାସନରେ ଯାଇ ବସିଲେ ନାହିଁ ଦେଖି ସିଏ ଖାଲି ଆଶ୍ଚର୍ଯ୍ୟ ହୋଇଗଲା ।

ପ୍ରତିବାଦ କରି କହିଲା, "ଆପଣଙ୍କର କ'ଣ ଏହିପରି ବସିବା କଥା ?"

ମହମ୍ମଦ ଉତ୍ତର ଦେଇ କହିଲେ, "ହଁ, ନିଶ୍ଚୟ ଏହିପରି ବସିବା କଥା । ଆଲ୍ଲା ମୋତେ ଜଣେ କ୍ଷୁଦ୍ର ସେବକ କରି ଦୁନିଆକୁ ପଠାଇଛନ୍ତି, ଜଣେ ଗର୍ବୀ ରାଜା କରି ତ ପଠାଇ ନାହାନ୍ତି !"

'oaob.nitrkl.ac.in' images reprocessed

ବର୍ତ୍ତମାନ ତୃତୀୟ ଘଟଣାଟିକୁ କହୁଛୁ । କୁରେଶ୍ ଅଞ୍ଚଳର ଗୋଟିଏ ଜାଗାରେ ମୁଖିଆଙ୍କ ସହିତ ଥରେ ମହମ୍ମଦ କଥୋପକଥନରେ ନିମଗ୍ନ ହୋଇ ରହିଥିଲେ । ସେହି ସମୟରେ ଅବଦୁଲ୍ଲା ନାମକ ଜଣେ ଅନ୍ଧ ଲୋକ ହଠାତ୍ ସେହି କଥୋପକଥନର ମଝିରେ ଆସି ବାଧା ଦେଲା ଏବଂ କୋରାନ୍ ଗ୍ରନ୍ଥରୁ କେତୋଟି ପଦ ଶୁଣିବ ବୋଲି ଆଗ୍ରହ ପ୍ରକାଶ କଲା । ଆଉ ଜଣେ କେହି ପୟଗମ୍ବରଙ୍କ ସହିତ ଅଛନ୍ତି ବୋଲି ସେ ଜାଣି ନଥିଲା ।

ମହମ୍ମଦ ଖୁବ କର୍କଶ ସ୍ୱରରେ କେତେ ପଦ କଥା କହି ତାକୁ ଚୁପ୍ ରହିବାକୁ କହିଥିଲେ । ମାତ୍ର ନିଜର ଏପରି କର୍କଶ ବ୍ୟବହାର ଯୋଗୁଁ ସେ ପରେ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଥିଲେ ଓ ଅତ୍ୟନ୍ତ ବିନୟ ସହକାରେ ସେଥିପାଇଁ କ୍ଷମା ମାଗିଥିଲେ । ଏବଂ ସେହିଦିନଠାରୁ ସେ ଅବଦୁଲ୍ଲା ସହିତ ଅତ୍ୟନ୍ତ ସମ୍ମାନର ସହିତ ବ୍ୟବହାର କରିଥିଲେ ଏବଂ ତାକୁ ଅନେକ ସମ୍ମାନଜନକ ପଦରେ ନିଯୁକ୍ତ କରିଥିଲେ ।

*

ରାଜା ଏବଂ ପୟଗମ୍ବରଙ୍କ ବିଷୟରେ ଏହି ଗପଗୁଡ଼ିକ ପରେ ମୁଁ ତୁମମାନଙ୍କୁ ଜଣେ ବୈଜ୍ଞାନିକଙ୍କ ବିଷୟରେ କହିବି । ସିଏ ହେଉଛନ୍ତି ଇଂଲଣ୍ଡର ଆଇଜାକ୍ ନିଉଟନ୍ ।

ନିଉଟନ୍ ୧୬୪୨ ଖ୍ରୀଷ୍ଟାବ୍ଦରେ ଜନ୍ମ ଗ୍ରହଣ କରିଥିଲେ ଓ ୧୭୨୭ ଖ୍ରୀଷ୍ଟାବ୍ଦରେ ପରଲୋକ ଗମନ କରିଥିଲେ । ନିଜର ଏହି ସୁଦୀର୍ଘ ଜୀବନଟି ମଧ୍ୟରେ ସେ ପ୍ରକୃତିର ଅଧ୍ୟୟନ କରିଥିଲେ; ପୃଥିବୀରେ କେଉଁ ମାଧ୍ୟାକର୍ଷଣ ଶକ୍ତି କାର୍ଯ୍ୟ କରୁଛି, ସମୁଦ୍ରର ଜୁଆର ଉପରେ ସୂର୍ଯ୍ୟ ଏବଂ ଚନ୍ଦ୍ରର କେଉଁ ପ୍ରଭାବ ପଡ଼ୁଛି, ସୂର୍ଯ୍ୟାଲୋକ ଏବଂ ତାହାର ଧବଳବର୍ଣ୍ଣ କିରଣଗୁଡ଼ିକ କିପରି ଇନ୍ଦ୍ରଧନୁର ସାତୋଟି ରଙ୍ଗରେ ପରିଣତ ହୋଇ ଯାଉଛି ଏବଂ ଏହା ବ୍ୟତୀତ ଆହୁରି ଅନେକ ବିଷୟରେ ସେ ଅଧ୍ୟୟନ କରିଥିଲେ । ପ୍ରକୃତିର ବିଭିନ୍ନ କାର୍ଯ୍ୟ ଏବଂ ରହସ୍ୟକୁ ଅଧ୍ୟୟନ କରିବାରେ ଅତୁଳ ନୈପୁଣ୍ୟ ସମ୍ପନ୍ନ ଏହି ବ୍ୟକ୍ତିଙ୍କର ବିଚକ୍ଷଣତାକୁ ଦେଖି ସମସ୍ତେ ଖୁବ ବିସ୍ମିତ ହୋଇଯାଉଥିଲେ । ଦିନେ ଜଣେ ଭଦ୍ର ମହିଳା ନିଉଟନ୍‌ଙ୍କ ଆଗରେ ତାଙ୍କର ପାଣ୍ଡିତ୍ୟ ଏବଂ ଜ୍ଞାନ ବିଷୟରେ ପ୍ରଶଂସା କରି କହିବାରୁ ସେ ଉତ୍ତର ଦେଇ କହିଥିଲେ :

“ଆପଣ ଏପରି କଥା କାହିଁକି କହୁଛନ୍ତି ! ମୁଁ ତ ଗୋଟିଏ ସାନପିଲା ପରି ସତ୍ୟରୂପୀ ମହାସମୁଦ୍ରର ବେଳାଭୂମିରୁ କେବଳ କେତୋଟି ବାଲିଗରଡ଼ାଣ୍ଡି ସଂଗ୍ରହ କରିବାକୁ ଚେଷ୍ଟା କରୁଛି ।”

ତୁମେମାନେ ନିଶ୍ଚୟ ଶୁଣିଥିବ ଯେ ସତ୍ୟର ମହାସମୁଦ୍ର କହିଲେ ଏଠାରେ ପ୍ରକୃତିର ବିଧାନଗୁଡ଼ିକୁହିଁ ବୁଝାଉଛି । ପୃଥିବୀର ପ୍ରବୀଣତମ ପଣ୍ଡିତମାନେ ମଧ୍ୟ କ୍ୱଚିତ୍ ଏହି ବିଧାନଗୁଡ଼ିକର ଜ୍ଞାନ ଅର୍ଜନ କରିପାରିଛନ୍ତି । ସାନ ପିଲାଟିଏ ସମୁଦ୍ରକୂଳକୁ ଗଲେ ବାଲିଗରଡ଼ା ଗୋଟାଇବାକୁ ମନ କରିଥାଏ; ମାତ୍ର ଜଣେ ପିଲା ସମୁଦ୍ର କହିଲେ ଯାହା ଧାରଣା କରିଥାଏ, ପ୍ରକୃତ ସମୁଦ୍ର ତା'ଠାରୁ କେତେ ବଡ଼ ନୁହେଁ ! ଏବଂ, ଆପଣାର କ୍ଷୁଦ୍ର ଭାବନାରେ ଆମେ ଏହି ବିଶ୍ୱବ୍ରହ୍ମାଣ୍ଡ ବିଷୟରେ ଯେଉଁ ଧାରଣା କରିଥାଉ, ବିଶ୍ୱବ୍ରହ୍ମାଣ୍ଡ ମଧ୍ୟ ତା'ଠାରୁ ଆହୁରି କେତେ ବିରାଟ ନୁହେଁ !

ନିଉଟନ୍ ନିଜକୁ ଜଣେ ସାନ ପିଲା ସହିତ ତୁଳନା କଲେ ବୋଲି ଆମେ କ'ଣ ତାଙ୍କ ବିଷୟରେ ନ୍ୟୂନ କରି ଭାବୁଛୁ କି ? ସେକଥା ଆଦୌ ନୁହେଁ; ତାଙ୍କର ଏହି ବିନମ୍ର ସକାଶେ ସିଏ ଆମ ଠାରୁ ବରଂ ଅଧିକ ସମ୍ମାନ ଲାଭ କରୁଛନ୍ତି !

*

ଅନେକ ବର୍ଷ ତଳେ, ଆପଣାର ଅପୂର୍ବ କଣ୍ଠ ଏବଂ ବିଚକ୍ଷଣତା ପ୍ରତିଭା ସକାଶେ ବିଶ୍ୱବ୍ୟାପୀ ଖ୍ୟାତି ଅର୍ଜନ କରିଥିବା ଜଣେ ମହିଳା ସଂଗୀତଜ୍ଞ ଗୋଟିଏ ଗୋଷ୍ଠୀରେ ବସିଥିଲେ । ସେଠାରେ ମଧୁର କଣ୍ଠ ଥିବା ଗୋଟିଏ ସାନ ଝିଅକୁ ମଧ୍ୟ ଗୀତ ଗାଇବା ସକାଶେ କୁହାଗଲା । ସିଏ ଯେଉଁ ଗୀତଟିକୁ ଗାଇବାକୁ ଇଚ୍ଛା କଲା, ସେଇଟି ହେଉଛି ଏକ ଦ୍ୱୈତ ସଂଗୀତ, ଦୁଇ ଜଣ ଏକାଠି ମିଶି ସେହି ଗୀତଟିକୁ ଗାଇବା କଥା । ପିଲାଟି ଅବଶ୍ୟ ଗୀତଟିର ପ୍ରଧାନ ଅଂଶଟିକୁ ଗାଇଥାନ୍ତା, ମାତ୍ର ତା'ସହିତ ଅନ୍ୟ ଅଂଶଟିକୁ ସହଯୋଗୀ ହିସାବରେ ଗାଇବା ଲାଗି କେହି ବାହାରିଲେ ନାହିଁ । ସେଠାରେ ଯେତେ ବୟସ୍କ ମଣିଷ ଉପସ୍ଥିତ ଥିଲେ, ସେମାନେ ଗୋଟାଏ ସାନ ପିଲାର ସହଯୋଗୀ ହୋଇ ଗାଇବାକୁ ନିଜ ଲାଗି ଅସମ୍ମାନଜନକ ବୋଲି ଭାବୁଥିଲେ । ତେଣୁ ଏକ ଅଚଳ ଅବସ୍ଥା ସୃଷ୍ଟି ହୋଇଗଲା; ପିଲାଟି ସହିତ ସହଯୋଗ କରିବାକୁ କେହି ବାହାରିଲେ ନାହିଁ ।

ଏହି ସମୟରେ ସେହି ପ୍ରଖ୍ୟାତ ମହିଳା ସଂଗୀତଜ୍ଞ କହିଲେ :

"ତୁମେ ଯଦି ଇଚ୍ଛା କରିବ, ତେବେ ମୁଁ ତୁମ ସହିତ ସେହି ଦ୍ୱିତୀୟ ଅଂଶଟିକୁ ଗାଇବ ।"

ପିଲାଟି ବି ସେଇଆ ଇଚ୍ଛା କଲା । ଦୁହେଁଯାକ ମିଶି ଗୀତଟିକୁ ସମସ୍ତଙ୍କ ଲାଗି ଶୁଣାଇଲେ । ସାନ ଝିଅଟିର କଣ୍ଠ ସ୍ୱର ଉଚ୍ଚକୁ ଉଠି ଅତ୍ୟନ୍ତ ସ୍ପଷ୍ଟ ହୋଇ

'oaob.nitrkl.ac.in' images reprocessed

ଶୁଣା ଯାଉଥିଲା ଏବଂ ସେହି ସମସ୍ତର ସବୁଠାରୁ ଅଧିକ ପ୍ରଖ୍ୟାତ ସେହି ମହିଳା ସଙ୍ଗୀତଜ୍ଞଙ୍କର କଣ୍ଠ ମଧୁର ଭାବରେ ତାହାର ଅନୁସରଣ କରୁଥିଲା । ଦୁହିଁଙ୍କର କଣ୍ଠ ମିଶି ଏକ ଚମତ୍କାର ଐକ୍ୟତାନ ସୃଷ୍ଟି ହେଉଥିଲା ।

ଗୋଟିଏ ସାନ ପିଲା ସହିତ କଣ୍ଠ ସମଯୋଗ କରିବାକୁ ଏପରି ଅକୁଣ୍ଠିତ ଭାବରେ ରାଜି ହୋଇଥିବା ଭଦ୍ରମହିଳାଙ୍କର ହୃଦୟକୁ ଆମେ ନିଶ୍ଚୟ ଅତ୍ୟନ୍ତ ଉଦାର ବୋଲି କହିବା ।

*

୧୮୪୪ ମସିହାରେ କଲିକତାର ସଂସ୍କୃତ କଲେଜରେ ବ୍ୟାକରଣଶାସ୍ତ୍ର ପଢ଼ାଇବା ଲାଗି ଜଣେ ଅଧ୍ୟାପକଙ୍କର ଦରକାର ପଡ଼ିଲା ଏବଂ ସେହି ପଦଟିକୁ ଶ୍ରୀଯୁକ୍ତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କୁ ଯଚା ଯାଇଥିଲା । ସେତେବେଳେ ସେ ମାସକୁ ପଚାଶ ଟଙ୍କା ବେତନ ପାଉଥିଲେ ଏବଂ ଏହି ନୂତନ ପଦରେ ସେ ମାସିକ ନବେ ଟଙ୍କା ପାଇଥାନ୍ତେ । ମାତ୍ର ସିଏ ଭାବିଲେ ଯେ ତାଙ୍କର ବନ୍ଧୁ ତର୍କବାଚସ୍ପତିଙ୍କର ବ୍ୟାକରଣ ପଢ଼ାଇବାରେ ତାଙ୍କ ଠାରୁ ଅଧିକ ଯୋଗ୍ୟତା ରହିଛି ଏବଂ ତେଣୁ ସେ ଆପଣାର ସେହି ମତଟିକୁ ବ୍ୟକ୍ତ କରିଥିଲେ । ଫଳରେ ତାଙ୍କର ବନ୍ଧୁଙ୍କୁ ସେହି ପଦରେ ନିଯୁକ୍ତ କରିବା ଲାଗି ନିଷ୍ପତ୍ତି କରା ଯାଇଥିଲା । ଏଥିରେ ବିଦ୍ୟାସାଗର ଭାରି ଖୁସି ହେଲେ । ସିଏ କଲିକତାରୁ ବେଶ୍ କେତେ ବାଟ ପାଦରେ ଚାଲିଚାଲି ଯାଇ ଆପଣାର ବନ୍ଧୁଙ୍କୁ ଖୋଜି ଆଣିଲେ ଏବଂ ତାଙ୍କୁ ସୁସମ୍ବାଦଟି ମଧ୍ୟ ଦେଇଥିଲେ ।

ପଣ୍ଡିତ ବିଦ୍ୟାସାଗରଙ୍କର ଏହି ଅଦ୍ଭୁତ ବିନୟରେ ତର୍କବାଚସ୍ପତି ଏକାନ୍ତ ବିସ୍ମିତ ହୋଇ ଯାଇଥିଲେ ଏବଂ ତତ୍‌କ୍ଷଣାତ୍ କହି ପକାଇଥିଲେ, "ବିଦ୍ୟାସାଗର, ଆପଣ ଜଣେ ସାଧାରଣ ମନୁଷ୍ୟ ନୁହନ୍ତି, ଆପଣ ହେଉଛନ୍ତି ମନୁଷ୍ୟର ଶରୀର ଧାରଣ କରିଥିବା ଜଣେ ଦେବତା !"

*

ବର୍ତ୍ତମାନ ମୁଁ ତୁମମାନଙ୍କୁ ଗୋଟିଏ ଭାରି ଗର୍ବୀ ଜୁଳୁଜୁଳିଆ ପୋକର ଗପ କହିବି ।

ଗୋଟିଏ ଜୋକ ଜୁଳୁଜୁଳି ସୂର୍ଯ୍ୟ ଆଡ଼କୁ ଅନାଇ କହିଲା :

"ଏହି ସୂର୍ଯ୍ୟ ପ୍ରକୃତରେ କେଡ଼େ ଉଜ୍ଜ୍ୱଳ !"

"ଠିକ୍ ଆମରି ଭଳି, ଆମପରି ଉଜ୍ଜ୍ୱଳମାନଙ୍କ ଭଳି",—ଗୋଟିଏ କଣ୍ଠସ୍ୱର ତା' କଥାର ଜବାବ ଦେଲା ।

'oaob.nitrkl.ac.in' images reprocessed

ଲୋକଟି ତାହା ଶୁଣି ଚାରିଆଡ଼କୁ ଅନାଇ ଦେଖିଲା ଏବଂ ଗୋଟିଏ ବୁଦାର ଚୂଳରେ ଗୋଟିଏ ଜୁଳୁଜୁଳିଆ ପୋକକୁ ଦେଖିଲା ।

"ତୁଇ ଏକଥା କହିଲୁ କି ?"

ଜୁଳୁଜୁଳିଆ ପୋକ ଉତ୍ତର ଦେଲା, "ହଁ, ମୁଁ କହିଲି ଯେ ସୂର୍ଯ୍ୟ ଠିକ୍ ମୋ'ରି ପରି ଉଜ୍ଜ୍ୱଳ ।"

"ହଁ, ଠିକ୍ ତୋ'ରି ପରି ଉଜ୍ଜ୍ୱଳ !" —ଲୋକଟିର ପଥର ନଦେଖି ପରି ଫେଁ କରି ହସିଦେଲା ।

"ହଁ,— ଏହି ସୂର୍ଯ୍ୟ, ଚନ୍ଦ୍ର, ତାରାମାନେ ଆଉ ମୁଁ,—ଆମେ ସମସ୍ତେ ଉଜ୍ଜ୍ୱଳ ।" —ତଥାପି କିଛି ନବୁଝିଲା ପରି ଜୁଳୁଜୁଳିଆ ପୋକ ଭାରି ଆତ୍ମପ୍ରସାଦ ଲାଭ କରି କହିଲା ।

*

ଇଟାଲୀ ଦେଶରେ ଚାରିଜଣ ଲୋକ ଗୋଟିଏ ପର୍ବତ ଉପରେ ଚଢ଼ୁଥିଲେ । ସେମାନେ ଚାରିଜଣଯାକ ସନ୍ନ୍ୟାସୀ : ଆଗରେ ସନ୍ଥ ଫ୍ରାନ୍‌ସିସ୍ ତାଙ୍କ ସମ୍ପ୍ରଦାୟର ଆଉ ତିନିଜଣ ଗୁରୁଭାଇଙ୍କୁ ନେଇ ଯାଉଥିଲେ । ପର୍ବତର ସେହି କଡ଼ଟାରେ କେତେ ଗଛ ଭର୍ତ୍ତି ହୋଇ ରହିଥିଲା ଓ ପର୍ବତର ସବା ଉପରେ ଗୋଟାଏ ସଫା ଖୋଲା ଜାଗା ରହିଥିଲା । ଦିବ୍ୟ ବସ୍ତୁଗୁଡ଼ିକର ଏକ ନୂତନ ଦୃଷ୍ଟି ଲାଭ କରିବାର ଆଶାରେ ସନ୍ଥ ଫ୍ରାନ୍‌ସିସ୍ ସେଠାରେ ପ୍ରାର୍ଥନା କରିବେ ବୋଲି ଯାଉଥିଲେ । ସେହି ଅଞ୍ଚଳରେ ତାଙ୍କୁ ସମସ୍ତେ ଭଲ କରି ଜାଣିଥିଲେ ଓ ଧନବନ୍ତ ସାମନ୍ତମାନଙ୍କଠାରୁ ଆରମ୍ଭ କରି ଦରିଦ୍ର ଗ୍ରାମବାସୀମାନଙ୍କ ପର୍ଯ୍ୟନ୍ତ ତାଙ୍କୁ ସମସ୍ତେ କେତେ ସମ୍ମାନ କରୁଥିଲେ ।

ସେଦିନ ଖରା ଚରମ ହେଉଥାଏ ଓ ଉଖ ବସ୍ତା ଚଢ଼ି ଉପରକୁ ଉଠିବାକୁ ପଡ଼ୁଥାଏ । ଖରା କ୍ଳାନ୍ତ ହୋଇ ପଡ଼ି ଫ୍ରାନ୍‌ସିସ୍ ଆଉ ଚାଲି ପାରୁ ନଥାନ୍ତି । ତେଣୁ ତାଙ୍କ ଭିତରୁ ଜଣେ ସନ୍ନ୍ୟାସୀ ଜଣେ କୃଷକ ପାଖକୁ ଗଲେ ଓ ଫ୍ରାନ୍‌ସିସ୍ ବସିକରି ଯିବେ ବୋଲି ତା'ର ଗଧଟିକୁ ଦେବା ପାଇଁ ତାକୁ କହିଲେ ।

କୃଷକ ସଙ୍ଗେ ସଙ୍ଗେ ରାଜି ହୋଇଗଲା; ସନ୍ଥ ତା'ପରେ ଗଧ ଉପରେ ବସିଲେ ଏବଂ ଆଉ ତିନିଜଣ ସନ୍ନ୍ୟାସୀ ତାଙ୍କର କଡ଼େ କଡ଼େ ଚାଲିକରି ଗଲେ । କୃଷକଟି ବି ପଛେ ପଛେ ଯାଉଥାଏ ।

କୃଷକ ପଚାରିଲା, "ଆପଣ କ'ଣ ସନ୍ଥ ଫ୍ରାନ୍‌ସିସ୍ ?"

'oaob.nitrkl.ac.in' images reprocessed

"ହଁ,—ସେ ଉତ୍ତର ଦେଇ କହିଲେ ।

ଶୁଣି କୃଷକ ପୁଣି କହିଲା, "ତେବେ ଲୋକେ ଆପଣଙ୍କୁ ଯେତକ ମହାନ ବୋଲି ଭାବନ୍ତି, ଆପଣ ମଧ୍ୟ ସେତକ ମହାନ ହେବାକୁ ଚେଷ୍ଟା କରନ୍ତୁ । ତେବେ-ଯାଇ ସିନା ଲୋକଙ୍କର ଆପଣଙ୍କଠାରେ ବିଶ୍ୱାସ ରହିବ ।"

ସେକଥା ଶୁଣି ସନ୍ଥ ଫ୍ରାନ୍‌ସିସ ଆଦୌ କୌଣସି ଅସନ୍ତୋଷ ପ୍ରକାଶ କଲେ ନାହିଁ । କାରଣ ଯେକୌଣସି ବ୍ୟକ୍ତିଠାରୁ ବି ପରାମର୍ଶ ନେବାକୁ ସେ କଦାପି କୁଣ୍ଠିତ ହେଉ ନଥିଲେ । ରାଜା ହେଉ ବା ଜଣେ ଦରିଦ୍ର ବ୍ୟକ୍ତି ହେଉ, ସେ ସମସ୍ତଙ୍କର ପରାମର୍ଶ ଶୁଣୁଥିଲେ । ସେ ସଙ୍ଗେ ସଙ୍ଗେ ଗଧ ଉପରୁ ତଳକୁ ଓହ୍ଲାଇ ପଡ଼ିଲେ, ରାଆଁର ସେହି ଚାଷୀଟି ଆଗରେ ନତମସ୍ତକ ହେଲେ ଓ ତା'ର ସେହି ପରାମର୍ଶଟି ସକାଶେ ତାକୁ କୃତଜ୍ଞତା ଜଣାଇଲେ ।

'oaob.nitrkl.ac.in' images reprocessed

ପନ୍ଦର

ପରିବାର

ମରକ୍କୋ ଦେଶର ଜଣେ ପର୍ଯ୍ୟଟକ ଲକ୍ଷ୍ୟ କରି ଦେଖିଲେ ଯେ, ଦଳ-ଯାକ ଅଲଗା ହୋଇ ରହିବାପରେ ଯେତେବେଳେ ସନ୍ଧ୍ୟା ସମୟରେ ମା'ଇମେଣ୍ଢା ଓ ମେଣ୍ଢାଛୁଆମାନଙ୍କୁ ପୁନର୍ବାର ଏକାଠି ଗୋଟିଏ ଜାଗାକୁ ଅଣା ଯାଉଥିଲା, ସେତେବେଳେ ନବାଗତ ପ୍ରାଣୀଗୁଡ଼ିକ ଖୁବ ବ୍ୟାକୁଳ ଭାବରେ ଏଣେତେଣେ ଦଉଡ଼ିବାରେ ଲାଗୁଥିଲେ ଏବଂ ସତେଅବା କ'ଣ ଗୋଟିଏ ଖୋଜିବାରେ ଲାଗିଥିଲେ । ପ୍ରକୃତ କଥା ହେଉଛି, ପ୍ରତ୍ୟେକ ମାଆମେଣ୍ଢା ତା'ର ଛୁଆକୁହିଁ ଖୋଜୁଥିଲା । ପ୍ରତ୍ୟେକ ମେଣ୍ଢାଛୁଆ ତା'ର ମାଆକୁ ଖୋଜୁଥିଲା ।

ଗୋଟିଏ ମାଈମାଙ୍କଡ଼ କେତୋଟି ଛୁଆ ଦେଇଥିଲା ଓ ଛୁଆଗୁଡ଼ିକୁ ସିଏ ଖୁବ ଭଲ ପାଉଥିଲା, ମାତ୍ର ତା'ର ସେହି ଭଲ ପାଇବାକୁ ଆମେ ଏପରି ଗୋଟିଏ ଝରଣା ସହିତ ତୁଳନା କରି ପାରିବା, ଯେଉଁଥିରୁ କି କେବଳ ତା'ର ନିଜ ଛୁଆ-ମାନେ ନୁହନ୍ତି, ମାତ୍ର ସମସ୍ତେହିଁ ଜଳପାନ କରି ପାରୁଥିଲେ । ସିଏ ଅନ୍ୟ ମାଙ୍କଡ଼ ଛୁଆଙ୍କୁ ଦେଖିଲାବେଳେ ସେମାନଙ୍କ ପ୍ରତି ବି ଖୁବ ଅନୁକମ୍ପା ଦେଖାଉଥିଲା । କେବଳ ସେତିକି ନୁହେଁ, ସତେଅବା ପୋଷି ଆଣିଥିଲାପରି ସେ କୁକୁରଛୁଆ ଓ ବିଲେଇଛୁଆ-ମାନଙ୍କୁ ବି ନିଜ ପାଖକୁ ନେଉଥିଲା । ଏବଂ, ଯେତେବେଳେ ଅନ୍ୟମାନଙ୍କୁ ଦେବା ଲାଗି ତା'ପାଖରେ କିଛି ଖାଇବା ପଦାର୍ଥ ଥିଲା, ସେତେବେଳେ ସେ ତାହାକୁ ନିଜର ଛୁଆମାନଙ୍କ ଭିତରେ ଏବଂ ପୋଷ୍ୟ କରି ରଖିଥିବା ଅନ୍ୟଗୁଡ଼ିକ ଭିତରେ ଏକାଠି ବାଣ୍ଟି ଦେଉଥିଲା ।

ଚଢ଼େଇମାଆ ଉତ୍ତାପ ଦେବାକୁ ଅଣ୍ଡାଗୁଡ଼ିକ ଉପରେ ବସି ରହୁଥାଏ ଏବଂ ଚଢ଼େଇବାପା ମାଆ ଓ ତା'ର ଛୁଆମାନଙ୍କ ସକାଶେ ଆଧାର ଖୋଜି ବୁଲୁଥାଏ ।

ଅଫ୍ରିକାର ଗରିଲା ସତକୁ ସତ ଗୋଟିଏ ପରିବାରରେ ରହିଲା ପରି ଆପଣାର ସାଥୀ ଏବଂ ଛୁଆଙ୍କ ସହିତ ଏକତ୍ର ବାସ କରେ । ସିମ୍ପାଞ୍ଜିମାନେ ମଧ୍ୟ ଠିକ୍ ସେହିକଥା କରନ୍ତି ଓ ମାଆ ଏବଂ ତା'ର ଛୁଆମାନଙ୍କୁ ଆଶ୍ରୟ ଦେବା ସକାଶେ ଅଣ୍ଡିରା ସିମ୍ପାଞ୍ଜି କୌଣସି ଏକ ଗଛ ଉପରେ ଏଣୁତେଣୁ କରି ଗୋଟିଏ ବସା ମଧ୍ୟ ତିଆରି କରି ଦେଇଥାଏ । ପୁଣି, ଶିକାର ଖୋଜି ବୁଲୁଥିବା ଚିତାବାଘର କବଳରୁ ଆପଣାର ପରିବାରଟିକୁ ରକ୍ଷା କରିବା ଲାଗି ସିଏ ପହରା ମଧ୍ୟ ଦେବାରେ ଲାଗିଥାଏ ।

'oaob.nitrkl.ac.in' images reprocessed

ଇତରପ୍ରାଣୀଙ୍କ ଜଗତରେ ରହୁଥିବା ଆମର ଜ୍ଞାତମାନେ ଯଦି ଆପଣାର ଛୁଆମାନଙ୍କୁ ଏତେ ସ୍ନେହ ଦେଖାଇ ପାରୁଛନ୍ତି ଓ ସେମାନଙ୍କର ରକ୍ଷା କରୁଛନ୍ତି, ସେତେବେଳେ ଏଥିରେ ଆଦୌ କୌଣସି ସନ୍ଦେହ ରହିବା ଉଚିତ ନୁହେଁ ଯେ ଅଧମ ଅବସ୍ଥାରେ ବାସ କରୁଥିବା ମନୁଷ୍ୟମାନେ ମଧ୍ୟ ଗୋଷ୍ଠୀ ବା ପରିବାର ତିଆରି କରି ସବୁଠାରେ ବାସ କରନ୍ତି । ସେଥିରେ ଜଣେ ପୁରୁଷ ଥାଏ, ଜଣେ ସ୍ତ୍ରୀଲୋକ ଥାଏ ଏବଂ ଛୁଆମାନେ ବି ଥାଆନ୍ତି ।

ଗୋଟିଏ ମାଆ ପକୃତରେ କେତେବେଳେ ତା'ର ଛୁଆମାନଙ୍କୁ ସ୍ନେହ କରିବାକୁ ଆରମ୍ଭ କରିଥାଏ ? ସେହି ଛୁଆ ଜନ୍ମ ହେବା ବେଳରୁହିଁ ସିଏ ତାହା କରିଥାଏ ।

ଗୋଟିଏ ଛୁଆ ବି ପ୍ରକୃତରେ କେତେବେଳ ଠାରୁ ତା'ର ମାଆକୁ ଭଲପାଇ ଶିଖେ ? ଠିକ୍ ଜନ୍ମ ହେବା ସମୟରୁ ନୁହେଁ; କାରଣ ତାକୁ ସର୍ବପ୍ରଥମେ ଅନୁଭବ କରି, ଚିନ୍ତା କରି ଓ ସେହି ଅନୁସାରେ କାର୍ଯ୍ୟ କରି ଶିଖିବାକୁ ହୁଏ । ଏବଂ ତା' ପରେ ଯାଇ ସିଏ ଆପଣାର ମାଆକୁ ଭଲପାଇ ଶିଖେ, ବାପକୁ ମଧ୍ୟ ଭଲପାଇ ଶିଖେ ।

ମାତ୍ର ସତରମାସର ଗୋଟିଏ ବାଳକର କଥା ଆମକୁ ଜଣାଅଛି, ଯିଏ କି ତା'ର ବାପ କେତେ ଦିନ ଅନୁପସ୍ଥିତ ରହିବା ପରେ ପୁନର୍ବାର ଘରକୁ ଫେରି ଆସିବା ସମୟରେ ତାଙ୍କ ପାଖକୁ ତରତର ହୋଇ ଦଉଡ଼ି ଯାଉଥିଲା, ତାଙ୍କର ମୁହଁ ଉପରେ ନିଜର ହାତକୁ ଆପଡ଼ାଇ ତାଙ୍କୁ ଚୁମ୍ବନ କରୁଥିଲା ଓ ଆପଣାର ସବୁଯାକ ଖେଳନାକୁ ନେଇ ତାଙ୍କୁ ଦେଇଦେଉଥିଲା ।

ଉପହାର ପାଇବାକୁ ସବୁମଣିଷଙ୍କୁ ଭଲ ଲାଗେ । ମୁସଲମାନମାନଙ୍କର ଇତିହାସରୁ ଆମେ ପାଠ କରିଥାଉ ଯେ ଖଲିଫା ମାମୁନ୍ ତାଙ୍କ ପତ୍ନୀଙ୍କୁ ଗୋଟିଏ ସୁନାତିଆରି ଗାଲିଚା ଉପହାର ଦେଇଥିଲେ ଓ ସେହି ଗାଲିଚା ଉପରେ କେତେ କେତେ ମୁକ୍ତା ନେଇ ଜମାକରି ଦେଇଥିଲେ । ଏବଂ, ସେହି ପତ୍ନୀଙ୍କର ଦାସୀମାନେ ପ୍ରତ୍ୟେକେ ଗୋଟିଏ ଗୋଟିଏ ମୁକ୍ତା ସେଥିରୁ ନେବା ପରେ ମଧ୍ୟ ସେହି ମୂଲ୍ୟବାନ୍ ମଣିମୁକ୍ତାର ଗୋଟିଏ ଗଦା ତଥାପି ଗାଲିଚା ଉପରେ ଚକ୍ ଚକ୍ କରୁଥିଲା ।

କିନ୍ତୁ ଜଣେ ମାଆ ତା'ର ଛୁଆକୁ ପ୍ରକୃତରେ କ'ଣ ଦେଇଥାଏ ? ସିଏ ତାକୁ ଉତ୍ତମ ସ୍ୱାସ୍ଥ୍ୟ ଦିଏ, ସୁସ୍ଥ ଅଙ୍ଗପ୍ରତ୍ୟଙ୍ଗ ଦିଏ, କଥା କହିବାର ଶକ୍ତି ଦିଏ, ଯାହାକିଛି ଭଲ, ତାହାକୁ ଭଲ ପାଇବାର ଶକ୍ତି ମଧ୍ୟ ଦିଏ ।

'oaob.nitrkl.ac.in' images reprocessed

କାରଣ, ଯଦି ମାଆ ତା'ର ଛୁଆର ପ୍ରତିପାଳନରେ ଅବହେଳା ଦେଖାଏ, ତେବେ ତାହା ଫଳରେ ଛୁଆର ସ୍ୱାସ୍ଥ୍ୟ ଖରାପ ହୁଏ, ତା'ର ଗୋଡ଼ ବଙ୍କା ବଙ୍କା ହୋଇଯାଏ, ତା' ନିଜ ଭଲ କରି କଥା କହିପାରେ ନାହିଁ ଏବଂ ଭଲ ଆଚରଣ ଓ ଭଲ ଭାବନା ମଧ୍ୟ ଆଦୌ ତାହା ଦ୍ୱାରା ସମ୍ଭବ ହୁଏ ନାହିଁ । ଏବଂ, ଗୋଟାଏ ସୁନାରୂପାର ଗାଦିଠାରୁ ଏବଂ ମଣିମୁକ୍ତା ଅପେକ୍ଷା ଏହିସବୁ ଦାନ ପ୍ରକୃତରେ ଅନନ୍ତ ଗୁଣରେ ଅଧିକ ମୂଲ୍ୟବାନ୍ ନୁହନ୍ତି କି ?

ଯେଉଁ ମାଆ ଆପଣାର ପିଲାକୁ ଏହିସବୁ ଅମୂଲ୍ୟ ପଦାର୍ଥ ଦେବାରେ ସମର୍ଥ ହୁଏ, ସିଏ ଆପଣାର ଜୀବନଟି ସତେଅବା ତା'ର ପୁଅ କି ଝିଅ ଭିତରେ ଯାଇ ରହିଛି ବୋଲି ଅନୁଭବ କରୁଥାଏ । ପିଲାଟି ଭଲ ଥିଲାବେଳେ ମାଆର ହୃଦୟରେ ଆନନ୍ଦ ଭରି ରହିଥାଏ ଏବଂ ପିଲାଟିର ଦେହ ଖରାପ ହେଲେ କିଂବା ସିଏ ଏହି ସଂସାରରୁ ବିଦାୟ ନେଇ ଚାଲିଗଲେ ସେମାନଙ୍କ ହୃଦୟ ଶୋକାଭିଭୂତ ହୋଇ-ପଡ଼େ । ଗୋଟିଏ ତାମିଲ ଗୀତ ଭିତରେ ଜଣେ ମାଆ କ'ଣ କହୁଛି ଶୁଣ :

ମୋ' ହୃଦୟର ଧନଟି କୁଆଡ଼େ ଗଲା ?
  ମୋ' ପିଲାଟି କୁଆଡ଼େ ଗଲା ?

ମୋ' ସୁନାପ୍ରତିମା କୁଆଡ଼େ ଗଲା
ତା' କଅଁଳ କଣ୍ଠରେ ସେ ମୋତେ ମାଆ ଡାକୁଥିଲା,
  ମୋ' ଧନ ସତେ କୁଆଡ଼େ ଗଲା ?

ତା'ର ସୁନ୍ଦର ମୁହଁ ପରି ମୁହଁ ମୁଁ କେଉଁଠି ଦେଖି ନାହିଁ,
  ମୋ'ଧନ ସତେ କୁଆଡେ ଗଲା ?

ମୋ'ର କୋଳରେ ସିଏ କେଡ଼େ ଆନନ୍ଦରେ ଖେଳୁଥିଲା,
  ମୋ' ଧନଟି କୁଆଡ଼େ ଚାଲିଗଲା
ତା'ର ବାପା ତାକୁ କେଡ଼େ ଖୁସିରେ ହାତରେ ଟେକି ନେଉଥିଲେ,
  ମୋ'ର ଧନ ସତେ କୁଆଡ଼େ ଗଲା ?

ତା' ଆଖିପତାରେ ସୌନ୍ଦର୍ଯ୍ୟର ରେଖା
   ଅଙ୍କା ହୋଇ ରହିଥିଲା,
  ହାୟ, ହାୟ, ମୋ' ପିଲାଟି କୁଆଡ଼େ ଗଲା ?

ତା'ଉପରେ କିଏ ଆସି ଦୃଷ୍ଟି ପକାଇଲା କେଜାଣି
  ହାୟ, ମୋ' ପିଲାଟି କାହିଁ ଚାଲିଗଲା ?

'oaob.nitrkl.ac.in' images reprocessed

ରହନ୍ତରେ ବାବୁ, ମୁଁ ବି ତୋ'ସାଙ୍ଗରେ ଯିବି,
ହାୟ, ମୋ'ପିଲାଟି କୁଆଡେ ଗଲା ?

ଫେରିଆରେ ବାବୁ, ମୋତେ ଏକା ଛାଡ଼ି ଯାଅନା,
ହାୟ, ମୋ'ର ଧନ କୁଆଡେ ଗଲା ?

ଜଣେ ଦୁଃଖିତ ବାପର ହୃଦୟ ବି ତା'ର ପିଲାଟିର ଜୀବନ ଭିତରେ ରହିଥାଏ ଓ ପିଲାଟି ସଂସାରରୁ ଚାଲିଗଲେ ସିଏ ଖୁବ ଆଘାତ ପାଏ ।

ଆପଣାର ସାନ ପୁଅଟି ଚାଲିଗଲା ପରେ ମହମ୍ମଦଙ୍କୁ କେତେ ମର୍ମମ ଯନ୍ତ୍ରଣା ଭୋଗିବାକୁ ହୋଇ ନଥିଲା ! ପ୍ରାଚୀନ ଗ୍ରନ୍ଥଗୁଡ଼ିକରେ ଲେଖା ହୋଇଛି ଯେ ପ୍ରାୟ ପନ୍ଦର କି ଷୋଳ ମାସ ହେଲା ବେଳକୁ ପିଲାଟି ସଂସାରରୁ ବିଦାୟ ନେଇ ଚାଲିଗଲା ।

ମାତ୍ର 'ହାସାନ ଓ ହୁସେନ' ବୋଲି ଗୋଟିଏ ଅତି ପ୍ରସିଦ୍ଧ ନାଟକରେ ଯାହା ଲେଖା ହୋଇଛି, ସେଥିରୁ ଆମକୁ ଇବ୍ରାହିମ୍‌ର ବୟସ ଆଉ ଟିକିଏ ବେଶୀ ହୋଇଥିଲା ବୋଲି ଜଣା ପଡ଼ୁଛି । ସେହି ନାଟକରେ ମୃତ୍ୟୁଲୋକରୁ ଆଜ୍ରାଏଲ୍ ନାମକ ଜଣେ ଦୂତ ମହମ୍ମଦଙ୍କର ଘରକୁ ଆସି ପୁଅଟିକୁ ନେଇଯିବ ବୋଲି କହୁଛି ।

ଗଭୀର ଦୁଃଖର ସହିତ ମହମ୍ମଦ ତାକୁ କହୁଛନ୍ତି, "ତାକୁ ମୋ' ପାଖରେ ତୁମେ ଆସନ୍ତା କାଲି ପର୍ଯ୍ୟନ୍ତ ଛାଡ଼ିଦେଇ ଯାଅ, ମୁଁ ତୁମକୁ ପ୍ରାର୍ଥନା କରି କହୁଛି !"

ତେଣୁ ଦୂତଟି ଆଉ କିଛିସମୟ ଅପେକ୍ଷା କଲା ।

ଏବଂ ଠିକ୍ ସେହି ସମୟରେ ମଦ୍ରାସାରେ ସେହି ବାଳକଟିର କଣ୍ଠ ଶୁଣିବାକୁ ମିଳିଲା । ସେତେବେଳେ ସେ କୋରାନ୍‌ରୁ ଏହି ଧାଡ଼ିଗୁଡ଼ିକ ପଢ଼ୁଥିଲା :

"ସଇତାନର କବଳରୁ ରକ୍ଷା ପାଇବା ସକାଶେ ମୁଁ ଆଲ୍ଲାଙ୍କ ପାଖକୁ ଉଡ଼ିଯିବ । ବିଶ୍ରାମ ନେଉଥିବା ହେ ଆତ୍ମା, ସର୍ବକୃପାମୟ ଆଲ୍ଲାଙ୍କ ନାମରେ ପ୍ରସନ୍ନ ମନରେ ପ୍ରସ୍ତୁତ ହୋଇ ତୁମେ ସେହି ଭଗବାନଙ୍କ ପାଖକୁହିଁ ଫେରିଚାଲ, ମୋର ଅନୁଗତମାନଙ୍କ ମଣ୍ଡଳୀରେ ପ୍ରବେଶ କର ଏବଂ ମୋର ସ୍ୱର୍ଗରାଜ୍ୟକୁ ଉପଭୋଗ କର ।"

ପିଲାଟିର ସେହି ମଧୁର କଣ୍ଠ ମହମ୍ମଦଙ୍କର କାନକୁ ପ୍ରକୃତରେ କେତେ ମଧୁର ଶୁଭିନଥିବ ?

ଆପଣାର ପାଠକୁ ଆବୃତ୍ତି କରୁଥିବା ପୁଅଝିଅମାନଙ୍କର କଣ୍ଠ ସେମାନଙ୍କର ବାପମାଆଙ୍କର କାନକୁ କେତେ ମିଠା ଶୁଣାଯାଉ ନଥିବ ! ଏଠାରେ ମୁଁ ଇବ୍ରାହିମ୍

'oaob.nitrkl.ac.in' images reprocessed

ସଂସାରରୁ ବିଦାୟ ନେଇଯିବାର ଅବଶିଷ୍ଟ ଦୃଶ୍ୟଟିକୁ ଆଦୌ ବର୍ଣ୍ଣନା କରିବାକୁ ଯାଉ ନାହିଁ । ମୁଁ କେବଳ ଏତିକି କହିବାକୁ ଇଚ୍ଛା କରୁଛି ଯେ ପିଲାଟିର ମାଆ ମେରୀ କେଡ଼େ ସ୍ନେହପୂର୍ଣ୍ଣ ଭାବରେ ସେହି ପିଲାଟି ପାଖରେ ବସି ରହିଥିଲେ, ପିଲାଟିର ଭଉଣୀ ଫାତିମା କେତେ ସ୍ନେହର ସହିତ ଇବ୍ରାହିମ୍ ସହିତ କଥା କହୁଥିଲେ ; ପୟଗମ୍ବରଙ୍କର ନାତି ହୁସେନ୍ ପିଲାଟିର ମୁଣ୍ଡଟିକୁ ନେଇ ନିଜର କୋଳ ଭିତରେ ରଖିଲା ଏବଂ ଇବ୍ରାହିମ୍‌ର ପ୍ରାଣବାୟୁ ଚାଲିଯିବା ସମୟରେ ତା'ର ବାପା ଅତ୍ୟନ୍ତ ବିକଳରେ କାନ୍ଦିଉଠିଲେ ।

*

ବାପାମାଆ କ'ଣ କେବଳ ବୁଦ୍ଧିମାନ୍ ଓ ପ୍ରତିଭାବାନ୍ ପିଲାଙ୍କୁ ଭଲ ପାଆନ୍ତି ? ନାହିଁ,—ସେମାନଙ୍କର ବାହୁପାଶ ଭିତରେ ସମସ୍ତଙ୍କ ସକାଶେ ସ୍ଥାନ ରହିଥାଏ ।

ଦିନେ ମୁଁ ଗାଆଁ ଭିତରେ ଥିବା ଗୋଟିଏ ଦୋକାନକୁ ଯାଇଥିଲି । ମୋଚି ଜାତିର ଜଣେ ବାପ ଗୋଟିଏ ପୁରୁଣା ଜୋତାରେ କଣ୍ଟା ବାଡ଼େଇ ତଳଟାକୁ ଠିକ୍ କରିଦେଉଥିଲା । ମାଆ ରୋଷେଇଘର ପରିଷ୍କାର କରୁଥିଲେ । ଆପଣାର ପିଲାଟି ବିଷୟରେ ମୋ' ସହିତ କଥାବାର୍ତ୍ତା କରିବାକୁ ସେମାନେ ସେମାନଙ୍କର କାମ ବନ୍ଦ କରିଦେଲେ । ଛବର୍ଷ ପିଲାଟିର ପାଟି ପ୍ରାୟ ଫିଟୁ ନଥିଲା । ତା'ର କୌଣସି କଥାକୁ ମୁଁ ମୋଟେ ବୁଝିପାରୁ ନଥିଲି, ମାତ୍ର ତା'ର ବାପମାଆ ସେ କରୁଥିବା ଅସ୍ପଷ୍ଟ ଶବ୍ଦଗୁଡ଼ିକର ଅର୍ଥକୁ ବେଶ୍ ବୁଝିପାରୁଥିଲେ । ପିଲାଟିର ମୁଣ୍ଡ ଏତେ କମ୍ କାମ କରୁଥିଲା ଯେ ସିଏ ନିଜେ ନିଜର ଲୁଗାପଟା ପିନ୍ଧିପାରୁ ନଥିଲା କି ଖାଇ ବି ପାରୁ ନଥିଲା । କାଳେ ସେ ନିଜେ କେଉଁଠି କ'ଣ ଆଘାତ ପାଇବ ଅଥବା ଅନ୍ୟ କୌଣସି ପିଲାମାନଙ୍କୁ କାଳେ କୌଣସି ଆଘାତ ପହଞ୍ଚାଇବ, ସେଥିଲାଗି ବାପାମାଆ ଦିନମାନ ତା'ଉପରେ ନଜର ରଖୁଥିଲେ । ଦୀର୍ଘ ସାତ ଆଠବର୍ଷ ହେଲା ସେମାନେ ତାହା କରିଆସିଥିଲେ ; ଏବଂ ଏହି ଯାବତୀୟ କଷ୍ଟ ଓ ଜଞ୍ଜାଳ ସତ୍ତ୍ୱେ ସେମାନେ ପିଲାଟିକୁ ଭଲ ପାଉଥିଲେ ।

ଜଣେ ବାପ କିପରି ତା'ର ସବୁ ପିଲାଙ୍କୁ ଭଲ ପାଏ, ରାମାୟଣରେ କବି ଆମକୁ ସେହି ବିଷୟରେ କହିଛନ୍ତି : "ଜଣେ ବାପାଙ୍କର ହୁଏତ ଅନେକ ପିଲା ଥାଆନ୍ତି, ସେମାନଙ୍କର ସ୍ୱଭାବ ଭିନ୍ନ, ଚରିତ୍ର ବି ଭିନ୍ନ । ଜଣେ ପାଠ ପଢ଼ୁଥାଏ, ଜଣେ ଗୁରୁ ହୋଇ ବ୍ରତ ପାଳନ କରୁଥାଏ, ଆଉଜଣେ ବୈଦ୍ୟ ହୋଇଥାଏ, ଜଣେ ସୈନ୍ୟ ହୋଇ ଯୁଦ୍ଧ କରୁଥାଏ, ଆଉଜଣେ କାରିଗର

'oaob.nitrkl.ac.in' images reprocessed

ହୋଇଥାଏ ତ ଜଣେ ସନ୍ନ୍ୟାସୀ ବି ହୋଇଥାଏ । ସେମାନଙ୍କ ସମସ୍ତଙ୍କ ପ୍ରତି ବାପାର ସମାନ ସ୍ନେହ ରହିଥାଏ । ଆଉଜଣେ ପୁଅ ହୁଏତ ପାଠ ପଢ଼ିବାରେ ଟିକିଏ ମାନ୍ଦା ଥାଏ, ମାତ୍ର ସେ କଥା, ଚିନ୍ତା ଓ କାର୍ଯ୍ୟରେ ବାପାଙ୍କର ଅନୁଗତ ହୋଇ ରହିଥାଏ; ଏବଂ ଏହି ପୁଅଟିକୁହିଁ ବାପା ତାଙ୍କ ଆପଣାର ଆତ୍ମା ସଦୃଶ ଭଲ ପାଉଥାନ୍ତି ।"

ଜଣେ ସ୍ନେହମୟୀ ମାଆର ଆଖିଦୁଇଟିକୁ ଆମେ ଅନ୍ୟ ସକଳ ଆଖି ଅପେକ୍ଷା ଅଧିକ ଗଭୀରକୁ ଦେଖିପାରୁଥିବାର ସମର୍ଥ ବୋଲି ଜାଣିବା । ଅନ୍ୟମାନେ ଆଦୌ କିଛି ଦେଖିପାରୁ ନଥିବା ବେଳେ ମଧ୍ୟ ସିଏ ଅନେକ ସମୟରେ ତା' ନିଜ ପିଲାଟିର ଗୁଣ ଓ ସାମର୍ଥ୍ୟଗୁଡ଼ିକୁ ଦେଖିପାରୁଥାଏ ।

ଠିକ ଏହିପରି ଭାବରେ ରାମଙ୍କର ଜନନୀ କୌଶଲ୍ୟାଙ୍କର ତାଙ୍କ ପୁତ୍ରର ଗୁଣ ଓ ଗୌରବ ବିଷୟରେ ଏକ ଗଭୀର ଦୃଷ୍ଟି ରହିଥିଲା । କାରଣ ଥରେ ସେ ତାଙ୍କ ଆଖିରେ ଏକାବେଳେକେ ଅଲଗା ପ୍ରକାରର ଦେଖିଲେ । ମୁହୂର୍ତ୍ତିକ ପୂର୍ବରୁ ସିଏ ସାନ ପିଲାଟିଏ ଥିଲେ; ଏବଂ ହଠାତ୍ ତାଙ୍କର ପ୍ରତ୍ୟେକ ରୋମମୂଳରେ ଦଶ-ହଜାର ତାରା ଝଟକି ଉଠିଥିଲେ, ତାଙ୍କ ଦେହର ଅଙ୍ଗପ୍ରତ୍ୟଙ୍ଗ ଉପରେ କେତେ କେତେ ସୂର୍ଯ୍ୟ ଓ ଚନ୍ଦ୍ର ଉଜ୍ଜ୍ୱଳ ହୋଇଉଠିଲେ । ଏବଂ, ତାଙ୍କର ଚତୁର୍ଦ୍ଦିଗରେ ସେ କେତେ କେତେ ଉଚ୍ଚ ପର୍ବତ, ନଦୀ, ସମୁଦ୍ର ଓ ଅନେକାନେକ ଦେଶ ଓ ମହାଦେଶ ଦେଖିବାକୁ ପାଇଲେ । ସେହି ଅପୂର୍ବ ଓ ଅସାମାନ୍ୟ ପିଲାଟି ଭିତରେ ପ୍ରକୃତିର ସକଳ ସାମର୍ଥ୍ୟ ଓ ଶକ୍ତି ପୁଞ୍ଜୀଭୂତ ହୋଇ ରହିଥିଲା ।

ରାଣୀଙ୍କର ମୁହଁରୁ କଥା ବାହାରିଲା ନାହିଁ । ସେ କୃତାଞ୍ଜଳିପୁଟ ହୋଇ କେବଳ ପ୍ରାର୍ଥନା କରିବାକୁ ଲାଗିଲେ । ତାଙ୍କର ଆଖି ବୁଜି ହୋଇଗଲା, ସେ ତାଙ୍କର ଗୋଡ଼ ପାଖରେ ଆଣ୍ଠୁ ମାଡ଼ି ବସିପଡ଼ିଲେ ଓ ସେ ପୁନର୍ବାର ଗୋଟିଏ ସାନପିଲାର ରୂପ ଧାରଣ କରିବା ପରେ ଯାଇ ଉଠିକରି ଠିଆହେଲେ ।

ଆମେ ଲକ୍ଷ୍ୟକରି ଦେଖିଛୁ ଯେ ପଶୁଜଗତ ମଧ୍ୟରେ ଛୁଆମାନଙ୍କ ପ୍ରତି ବାପମାଆଙ୍କର ଏହି ସ୍ନେହ ଅତ୍ୟନ୍ତ ସହଜ ଭାବରେ ରହିଥାଏ, ବାପମାଆ ଛୁଆଟି ଜନ୍ମ ହେବା ଦିନରୁହିଁ ତା'କୁ ଭଲ ପାଉଥାନ୍ତି । ସେ ସୁସ୍ଥ ଥାଉ ବା ଅସୁସ୍ଥ ଥାଉ, ବୁଦ୍ଧିମାନ୍ ହେଉ କିଂବା ମାନ୍ଦା ହୋଇଥାଉ । ଆମେ ଏକଥା ମଧ୍ୟ ଲକ୍ଷ୍ୟ କରିଛୁ ଯେ ମାଆଠାରେ ଏପରି ଏକ ବିଶେଷ ପ୍ରକାରର ଆଖି ରହିଥାଏ ଯାହାକି ପ୍ରକୃତରେ କେତେ ଗଭୀରକୁ ଭେଦ କରି ଚାଲିଯାଇପାରେ ଏବଂ ଛୁଆର ଆତ୍ମା ଭିତରେ ରହିଥିବା ଭଲ ଗୁଣଗୁଡ଼ିକୁ ସହଜରେ ବାରିନେଇପାରେ ।

'oaob.nitrkl.ac.in' images reprocessed

ପରିବାର ହେଉଛି ମନୁଷ୍ୟସମାଜର ଏକ ଅତ୍ୟନ୍ତ ମୂଲ୍ୟବାନ୍ ସମ୍ପଦ। ପରିବାରହିଁ ଯଥାର୍ଥ ଗୃହ। କାରଣ କାଠ, ପଥର, ଚମ୍ଭୂର କପଡ଼ା ବା କୌଣସି ରାଜପ୍ରାସାଦରେ ଲାଗିଥିବା ମର୍ମରପ୍ରସ୍ତର ଦ୍ୱାରା ଗୋଟିଏ ଗୃହ କଦାପି ଗଢ଼ାହୁଏ ନାହିଁ। ମାତ୍ର, ଯେଉଁ ଭଲ ପାଇବା ମାଈକୁକୁଡ଼ା ଆପଣାର ଡେଣା ତଳେ ଛୁଆ-ମାନଙ୍କୁ ଏକାଠି ସାଉଁଟି ଆଣିବା ପରି ସ୍ୱାମୀ ଓ ବଡ଼ ସମସ୍ତଙ୍କୁ ଗୋଟିଏ ପରିବାର ମଧ୍ୟରେ ଏକାଠି କରି ରଖିଥାଏ, ସେହି ଭଲ ପାଇବାହିଁ ଯେକୌଣସି ଗୃହକୁ ଏକ ଯଥାର୍ଥଗୃହରେ ପରିଣତ କରି ରଖିଥାଏ।

⁂

ଆପଣାର ସାଙ୍ଗସାଥୀମାନଙ୍କର ଗହଣକୁ ଯିବା ପୂର୍ବରୁ ଜଣେ ଧର୍ମପରାୟଣ ମୁସଲମାନ ପ୍ରତ୍ୟେକ ଦିନ ନିଜ ମାଆଙ୍କର ପାଦକୁ ଚୁମ୍ବନ କରି ଯାଉଥିଲେ।

ଦିନେ ସେଥିପାଇଁ ବିଳମ୍ବ ହେବାରୁ ସାଙ୍ଗସାଥୀମାନେ ତାଙ୍କୁ ତାହାର କାରଣ ପଚାରିଲେ।

ସିଏ ଉତ୍ତର ଦେଇ କହିଲେ, "ମୁଁ ମନଆନନ୍ଦରେ ସ୍ୱର୍ଗରାଜ୍ୟରେ ବିଚରଣ କରି ବୁଲୁଥିଲି। କାରଣ ମୁଁ ଶୁଣିଛି ଯେ ମାଆର ପାଦତଳେହିଁ ସ୍ୱର୍ଗରାଜ୍ୟ ରହିଛି।"

ଅଲ୍-ମୋସ୍ତାଟାଫ୍ ପୁସ୍ତକରେ ମଧ୍ୟ ଲେଖାହୋଇ ରହିଛି ଯେ, ଯେତେ-ବେଳେ ମୋଜେସ୍ ପରମେଶ୍ୱରଙ୍କ ସହିତ କଥାବାର୍ତ୍ତା କରିଥିଲେ, ସେତେବେଳେ ପରମେଶ୍ୱର ତାଙ୍କୁ ସାଢ଼େ ତିନିହଜାର ଶବ୍ଦରେ ସେସବୁ କଥା କହିଥିଲେ। କଥାବାର୍ତ୍ତା ଭିତରୁ ମୋଜେସ୍ କହିଲେ, "ମହାପ୍ରଭୁ, ମୋତେ ଆପଣ ଆଚରଣରେ ଗୋଟିଏ ବିଧାନ କହନ୍ତୁ।"

ପରମେଶ୍ୱର ଉତ୍ତର ଦେଇ କହିଲେ :

"ତୁମେ ନିଜ ଜନନୀ ପ୍ରତି ଉତ୍ତମ ଆଚରଣ କରିବ, ଏହା ମୋ'ର ଆଦେଶ।"

ସେ ସାତଥର ଲେଖି ସେହି ଶବ୍ଦଗୁଡ଼ିକର ପୁନରାବୃତ୍ତି କରିଥିଲେ ଏବଂ ସେଗୁଡ଼ିକୁ ସ୍ମରଣ ରଖିବେ ବୋଲି ମୋଜେସ ତାଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

ତା'ପରେ ପରମେଶ୍ୱର ପୁଣି କହିଲେ :

"ହଁ ମୋଜେସ୍, ତୁମର ଜନନୀ ତୁମ ପ୍ରତି ସନ୍ତୁଷ୍ଟ ରହିଲେ ମୁଁ ମଧ୍ୟ ତୁମପ୍ରତି ସନ୍ତୁଷ୍ଟ ରହିବି। ସିଏ ତୁମପ୍ରତି କ୍ରୋଧ କଲେ ମୁଁ ମଧ୍ୟ କ୍ରୋଧ ପ୍ରକାଶ କରିବି।"

'oaob.nitrkl.ac.in' images reprocessed

ମାଆ ଆଉ ବାପାଙ୍କର ଭଲ ପାଇବା ସେମାନଙ୍କର ପିଲା ପାଖରେ ମଧୁର ବାଣୀ ରୂପେହିଁ ଆପଣାକୁ ଅଭିବ୍ୟକ୍ତ କରିଥାଏ ।

ଆରବ ଦେଶର ଜଣେ ମହିଳା ଆପଣାର ପିଲାଟିକୁ ଆଲିଙ୍ଗନ କରି କହିଲେ "କୃପଣ ଯେପରି ତା'ର ଟଙ୍କାପଇସାକୁ ଭଲପାଏ, ମୁଁ ମୋ' ପିଲାଟିକୁ ଠିକ୍ ସେହିପରି ଭଲ ପାଏ ।"

ମାତ୍ର, ଯଦି ବାପମାଆଙ୍କର ଭଲ ପାଇବା ଆପଣାକୁ ପିଲାଟି ଲାଗି ପ୍ରେରିତ କରିପାରୁଛି, ତେବେ ପିଲାଟିର ଭଲପାଇବା କି କ'ଣ ଆପଣାକୁ ବାପମାଆଙ୍କ ଆଡ଼କୁ ପ୍ରେରିତ କରିପାରିବ ନାହିଁ ?

ଆମେ କ'ଣ ଭଲ ପାଇବାର ବିନିମୟରେ ଭଲ ପାଇବା ଦେଇପାରିବା ନାହିଁ ?

ଏହି ପୃଥିବୀରେ ଅଗଣିତ ସଂଖ୍ୟାରେ ପୁତ୍ର ଓ କନ୍ୟା ରହିଛନ୍ତି, ଯେଉଁମାନେ କି ଆପଣାର ପ୍ରିୟ ପିତାମାତାଙ୍କ ଉପରେ ଆପଣାର ଭଲ ପାଇବାକୁ ନେଇ ଜଣାଇ ଦେଉଛନ୍ତି; ସେମାନେ ସେମାନଙ୍କୁ ନାନା କାର୍ଯ୍ୟରେ ସହାୟତା କରୁଛନ୍ତି । ଭାରତବର୍ଷର କବିମାନେ ମୋଟ ଯେତେ ଗ୍ରନ୍ଥ ଲେଖି ଯାଇଛନ୍ତି, ନିଜର ବାପ ମାଆଙ୍କ ପ୍ରତି ପିଲାମାନେ ଦେଖାଉଥିବା ସବୁଯାକ ଭଲ ପାଇବାକୁ ବର୍ଣ୍ଣନା କରିବା ଲାଗି ତାହାଠାରୁ ଆହୁରି ବଡ଼ ଗ୍ରନ୍ଥଟିଏ ଦରକାର ହେବ ।

ଏହି ଅଗଣିତ ଦୃଷ୍ଟାନ୍ତଗୁଡ଼ିକ ଭିତରୁ ମୁଁ ତୁମମାନଙ୍କୁ କେବଳ ଗୋଟିକ ବିଷୟରେ କହିବି । ଏହି ଗପଟି ହେଉଛି ପୁରାତନ ଗ୍ରୀସ୍‌ର ଗପ ।

ବୃଦ୍ଧ ରାଜା ଓଡ଼ିପସ୍ ଅନ୍ଧ ହୋଇ ଯାଇଥିଲେ । ସିଏ ଦେବତାମାନଙ୍କୁ ଅପ୍ରସନ୍ନ କରି ପକାଇ ଥିଲେ ଏବଂ ଗ୍ରାମରୁ ଗ୍ରାମ ଓ ସହରରୁ ସହର ହୋଇ ଏକ ଭ୍ରାମ୍ୟମାଣ ଜୀବନ ଯାପନ କରିବାକୁ ବାଧ୍ୟ ହେଉଥିଲେ । ଦୟାଳୁ ଜନସାଧାରଣ ତାଙ୍କୁ ଖାଦ୍ୟ ଆଣି ଦେଉଥିଲେ, ଆଶ୍ରୟ ଯୋଗାଇ ଦେଉଥିଲେ । କିନ୍ତୁ ତା' ହୋଇ ତାଙ୍କର ଦୃଷ୍ଟିଶକ୍ତିକୁ କିଏ ଫେରାଇ ଆଣିଦେଇ ପାରିବ ? ଏବଂ ସ୍ଥାନରୁ ସ୍ଥାନାନ୍ତରକୁ ତାଙ୍କୁ କିଏ ବା ବାଟ ଦେଖାଇ ନେଇଯିବ ? ହଁ, ତାଙ୍କର ଝିଅ ଆଣ୍ଟିଗୋନ୍‌ହିଁ ସେକଥା କରିପାରିଲା । ସିଏ ତାଙ୍କର ହାତଧରି ତାଙ୍କୁ ରାସ୍ତା ଉପରେ ନେଇ ଯାଉଥିଲା; ବାଟରେ ଦେଖା ହେଉଥିବା ଅପରିଚିତ ଲୋକମାନଙ୍କୁ ତାଙ୍କ ଉପରେ ଅନୁଗ୍ରହ କରିବା ଲାଗି ସେ ଅନୁନୟ କରି କହୁଥିଲା । ସିଏ ତାଙ୍କର ସନ୍ଦେଶମାନ ଯଥା ସ୍ଥାନକୁ ବହନ କରି ନେଉଥିଲା । ଆଣ୍ଟିଗୋନ୍ ତାଙ୍କୁ ମୃତ୍ୟୁଶଯ୍ୟାରେ ଏକାକୀ କି ଛାଡ଼ିଦେଇ ଚାଲିଗଲେ ବୃଦ୍ଧ ଓଡ଼ିପସ୍ ଖୁବ୍ ଦୁଃଖିତ ହୋଇ-

'oaob.nitrkl.ac.in' images reprocessed

ପଡ଼ୁଥିଲେ । ସିଏ ଫେରି ଆସିଲେ ଖୁରି ଆନନ୍ଦିତ ହେଉଥିଲେ; ଏବଂ ଝିଅର ହସ୍ତକୁ ପୁନର୍ବାର ସ୍ପର୍ଶ କଲାବେଳେ ସେ କହୁଥିଲେ :

ମୋ' ଜୀବନରେ ଯାହାକିଛି ମୂଲ୍ୟବାନ୍,—
ସେହି ସବୁକିଛି ମୋ'ର ପାଖରେ ରହିଛି ।
ତୁ ଏଠାରେ ମୋ' ପାଖରେ ରହୁଥିବା ବେଳେ
ମୋତେ ଯଦି ମରିବାକୁ ବି ପଡ଼େ,
ତେବେ ମୋ'ର ସେଥିରେ କୌଣସି ଦୁଃଖ ହେବ ନାହିଁ ।

ଅବଶେଷରେ ଦେବତାମାନଙ୍କର ବି ରାଜାଙ୍କ ପ୍ରତି ଦୟା ଆସିଲା । ଆପଣାର ମୃତ୍ୟୁ ସମସ୍ତ ଅଛି ଉପସ୍ଥିତ ହୋଇଛି ବୋଲି ରାଜା ଅନୁଭବ କରିପାରିଲେ । ମାତ୍ର ମୃତ୍ୟୁ ପରେ ତ ତାଙ୍କର ଉଜ୍ଜ୍ୱଳ ଲୋକକୁ ଯିବା କଥା ! ଆଖିରେ କିଛି ଦେଖି ପାରୁ ନଥିବାରୁ ସିଏ ଏକୁଟିଆ ଉଚ୍ଚ ପର୍ବତ ଦ୍ୱାରା ଘେରା ହୋଇ ରହିଥିବା ଗୋଟିଏ ଉପତ୍ୟକାରେ ଯାଇ ପହଞ୍ଚିଲେ । ସେଠାରେ ସେ ସ୍ନାନ ସମାପ୍ତ କଲେ ଓ ଉତ୍ତମ ପରିଚ୍ଛଦ ପିନ୍ଧିଲେ । ସେତିକବେଳେ ଘଡ଼ଘଡ଼ିର ଶବ୍ଦ ଶୁଣାଗଲା । ଏବଂ ବୃଦ୍ଧ ଓଡ଼ିପସ ଦୃଷ୍ଟି ସମକ୍ଷରୁ ଅଦୃଶ୍ୟ ହୋଇଗଲେ । ସିଏ ଦେବଲୋକକୁ ପ୍ରସ୍ଥାନ କରିଥିଲେ । ତାଙ୍କର ଏହି ପ୍ରସ୍ଥାଣଟିରେ ଦୁଃଖ କରି ଆଣ୍ଟିଗୋନ୍ କାନ୍ଦିବାକୁ ଲାଗିଲା :

ତାଙ୍କ ସହିତ ଥିଲାବେଳେ ମୁଁ
ଦୁଃଖ ପ୍ରତି ବି ଆସକ୍ତ ହୋଇ ପଡ଼ିଥିଲି;
ସିଏ ମୋ' ପାଖରେ ରହି ଥିଲାବେଳେ
ଅତି କୁତ୍ସିତ ମଧ୍ୟ କେଡ଼େ ପ୍ରିୟ ହୋଇ ପଡ଼ୁଥିଲା ।

ରାଜା ଓଡ଼ିପସ୍ ପ୍ରକୃତରେ ଦୁଃଖରେହିଁ ଜୀବନ କଟାଇଥିଲେ । ମାତ୍ର ତାଙ୍କୁ ସାନ୍ତ୍ୱନା ଦେବା ଲାଗି ତାଙ୍କ ପାଖରେ ଯଦି ତାଙ୍କ ଝିଅର ଭଲ ପାଇବା ମହଜୁଦ ହୋଇ ରହିନଥାନ୍ତା, ତେବେ ତାଙ୍କୁ ଆହୁରି କେତେ ଅଧିକ କଷ୍ଟ ପାଇବାକୁ ହୋଇ ନଥାନ୍ତା !

*

ଆମେ ପିଲାଙ୍କ ପ୍ରତି ବାପାମାଆଙ୍କର ଭଲ ପାଇବା ଓ ବାପମାଆଙ୍କ ପ୍ରତି ପିଲାଙ୍କର ଭଲ ପାଇବା ବିଷୟରେ କହି ସାରିଛୁ । କ'ଣ ସବୁ ଥିଲେ ଗୋଟିଏ ପରିବାର ସମ୍ଭବ ହୁଏ ବୋଲି ଯଦି ତୁମମାନଙ୍କୁ କେହି ପଚାରେ, ତେବେ ତୁମେମାନେ ତାହାର କି ଉତ୍ତର ଦେବ ?

'oaob.nitrkl.ac.in' images reprocessed

ଥରେ ଗୋଟିଏ ପିଲାକୁ ମୁଁ ସେହି କଥା ପଚାରିଥିଲି । ସେ ମୋତେ "ଦୁଇ" ବୋଲି କହି ଉତ୍ତର ଦେଲା । ତା'ର ଅର୍ଥ ହେଉଛି, ସ୍ୱାମୀ ଆଉ ସ୍ତ୍ରୀ ।

ମୁଁ ଆଉ ଗୋଟିଏ ପିଲାକୁ ସେହି କଥା ପଚାରିଲି, ଏବଂ ସେ କହିଲା, "ତିନି" । ସିଏ ଭାବୁଥିଲା, "ବାପା, ମାଆ ଆଉ ପିଲା, ଏହି ତିନିଜଣଙ୍କୁ ନେଇ ପରିବାର ।"

ମାତ୍ର ଆମେ ତଥାପି ନିଶ୍ଚୟ ବୁଝିବାକୁ ସମର୍ଥ ହେବା ଯେ ଗୋଟିଏ ପରିବାର କହିଲେ ଅଧିକାଂଶ ସମୟରେ ତିନିଜଣରୁ ଅଧିକ ଲୋକଙ୍କୁ ବୁଝାଇଥାଏ । ଉଦାହରଣ ସ୍ୱରୂପ, ଧରାଯାଉ ଯେ ଗୋଟିଏ ଘରେ ଚାରିଜଣ ଅଛନ୍ତି : ଅର୍ଥାତ୍, ବାପା, ମାଆ ଓ ଦୁଇଟି ପିଲା ଅଛନ୍ତି । ସେହି ସ୍ଥଳରେ ଏକ ନୂତନ ଧାରଣା ଓ ନୂତନ ବନ୍ଧୁତ୍ୱ କାର୍ଯ୍ୟକାରୀ ହୋଇ ରହିଥାଏ, ଏହି ବନ୍ଧୁତ୍ୱ ହେଉଛି ଭାଇ ଓ ଭଉଣୀଙ୍କ ଭିତରେ ରହିଥିବା ବନ୍ଧୁତ୍ୱ । ସେହି ବନ୍ଧୁତ୍ୱଟିରେ, ବାପମାଆଙ୍କ ଆଡ଼କୁ ଅନାଇବା ସମୟରେ ଯେପରି ହୁଏ, କଦାପି ଉପରକୁ ଅନାଇବାକୁ ପଡ଼େ ନାହିଁ ଅଥବା, ପିଲାଟି ଆଡ଼କୁ ଅନାଇବା ସମୟରେ ଯେପରି ହୁଏ, ତଳକୁ ମଧ୍ୟ ଅନାଇବାକୁ ପଡ଼େ ନାହିଁ । ସେତେବେଳେ ଆମେ ଅଧିକତଃ ଆମର ସମାନ ସ୍ତରର ଆଉଜଣକ ସହିତ ବନ୍ଧୁ ହୋଇ ରହିଥାଉ । ସିଏ ଗୋଟିଏ ଦୃଷ୍ଟିରୁ ଦେଖିଲେ ଆମର ସମାସ୍କନ୍ଧ ହୋଇ ରହିଥାଏ, ଆମର ପ୍ରାୟ ସମବୟସୀ ହୋଇ ରହିଥାଏ । ଏହିପରି ଭାବରେ ଭାଇଭଉଣୀ ବା ଭାଇଭାଇ ମଝିରେ ରହିଥିବା ସ୍ନେହ ଗୃହର ସମ୍ପଦରେ ଆଉରି ଗୋଟିଏ ନୂତନ ମୂଲ୍ୟ ଆଣି ପ୍ରଦାନ କରି ରଖିଥାଏ ।

*

ଯେତେବେଳେ ରାମ ଆପଣାର ପତ୍ନୀ ପଦ୍ମଲୋଚନା ସୀତାଙ୍କ ସାଙ୍ଗରେ ଧରି ଅଯୋଧ୍ୟାକୁ ଫେରି ଆସିଲେ, ସେତେବେଳେ ତାଙ୍କ ଆନନ୍ଦରେ ଭାଗୀ ହେବା ଲାଗି ତାଙ୍କର ଭାଇ ଲକ୍ଷ୍ମଣ ତାଙ୍କ ସାଥିରେ ଉପସ୍ଥିତ ଥିଲେ । ମନୋରଞ୍ଜନ ଲାଗି କେତେତମ୍ବୁ ଖଟାଇ ଦିଆଗଲା । ରାସ୍ତାର ଦୁଇକଡ଼ରେ ଆମ୍ବ, ଗୁଆ ଓ କଦଳୀ ବୃକ୍ଷମାନ ପୋତି ସଜାଇ ଦିଆଗଲା । ବିପଣିଗୁଡ଼ିକ ଫୁଲ ଏବଂ ଚାନ୍ଦୁଆରେ କେଡ଼େ ଶୋଭା ପାଇଲେ । ପତାକାମାନ ଫରଫର ହୋଇ ଉଡିଲେ, ଦୁମ୍ ଦୁମ୍ ହୋଇ ଢୋଲ ବାଜିଲା । କେତେ ପ୍ରକାରର ସଙ୍ଗୀତରେ ଚାରିଆଡ଼ ମଧୁର ହୋଇ ରହିଲା । ଅଯୋଧ୍ୟାବାସୀ ଆନନ୍ଦରେ 'ରାମ, ରାମ' ବୋଲି ଧ୍ୱନି କରିବାକୁ ଲାଗିଲେ । ଏସବୁ ଦେଖି ରାମଙ୍କର ହୃଦୟ ମଧ୍ୟ ଉଲ୍ଲସିତ ହୋଇ ଉଠିଲା ।

ଲକ୍ଷ୍ମଣଙ୍କର ହୃଦୟ ମଧ୍ୟ ସମାନ ଭାବରେ ଉଲ୍ଲସିତ ହୋଇ ଉଠୁଥାଏ । ଜଣେ ଭାଇ ଆପଣା ଭାଇର ଆନନ୍ଦରେ ଅଂଶଗ୍ରହଣ କରିବାରେ ଲାଗିଥାଏ ।

'oaob.nitrkl.ac.in' images reprocessed

ତା'ପରେ, ଜୀବନରେ ଆଉ ଗୋଟିଏ ଦିନ ବି ଆସି ପହଞ୍ଚିଲା, ଯେଉଁଦିନ କି ଆକାଶଗୁଡ଼ାକ ମେଘାଚ୍ଛନ୍ନ ହୋଇଗଲା ଏବଂ ସେଦିନ ଆଉ କୌଣସି ସଙ୍ଗୀତ ଶୁଣିବାକୁ ମିଳିଲା ନାହିଁ । ବୃଦ୍ଧ ରାଜା ଦଶରଥଙ୍କର ଏହି ଆଦେଶଟି ଚତୁର୍ଦ୍ଦିଗରେ ଘୋଷିତ ହୋଇଗଲା ଯେ ରାମଚନ୍ଦ୍ରଙ୍କୁ ଚଉଦ ବର୍ଷ ପ୍ରକାଶେ ବନବାସ କରି ଯିବାକୁ ହେବ ।

ଏହି ନିଷ୍ଠୁର ଆଦେଶଟିକୁ ଶ୍ରବଣ କରିବା ମାତ୍ରକେ ଲକ୍ଷ୍ମଣଙ୍କର ଦେହ ଦୁଃଖାଭିଭୂତ ହୋଇ କମ୍ପିବାକୁ ଲାଗିଲା, ତାଙ୍କର ଚକ୍ଷୁ ଅଶ୍ରୁପୂର୍ଣ୍ଣ ହୋଇଉଠିଲା । ସିଏ ଦଉଡ଼ିଯାଇ ରାମଚନ୍ଦ୍ରଙ୍କର ଚରଣଦ୍ୱୟକୁ ଚୁମ୍ବନ କରିବାକୁ ଲାଗିଲେ ଓ କିନ୍ତୁ ସମସ୍ତ ପ୍ରକାଶେ ତାଙ୍କର ମୁଖରୁ କୌଣସି ବାକ୍ୟ ବି ସ୍ଫୁରି ନଥିଲା ।

ଉଦାରହୃଦୟ ରାମ କହିବାକୁ ଆରମ୍ଭ କଲେ, "ଭାଇ ଲକ୍ଷ୍ମଣ, ତୁମର ହୃଦୟ ଆଦୌ ବ୍ୟଥିତ ହୋଇ ପଡ଼ିବା ଉଚିତ ନୁହେଁ । ଶେଷରେ କେବଳ ଚଉଦଟି ବର୍ଷ ତ । ତୁମେ ମୋ' ସହିତ କଦାପି ଆସି ପାରିବ ନାହିଁ । ତୁମକୁ ଅଯୋଧ୍ୟାରେ ରହି ମୋ'ର ପିତା ଏବଂ ପ୍ରଜାମାନଙ୍କୁ ସାହାଯ୍ୟ କରିବାକୁ ହେବ ।"

ଲକ୍ଷ୍ମଣ ଉତ୍ତର ଦେଇ କହିଲେ, "ନାହିଁ ଭାଇ, ସେକଥା କଦାପି ହୋଇ ପାରିବ ନାହିଁ । ମୋ'ର ସକଳ ଅନୁରକ୍ତି କେବଳ ଆପଣଙ୍କ ଲାଗି । ମୁଁ ମୋ' ଅନ୍ତର ଭିତରୁ ଆପଣଙ୍କୁ ଏହି କଥାଟି ଜଣାଇ ଦେଉଛି ଯେ, ଆପଣ ଯୁଆଡ଼େ ଯିବେ, ମୁଁ ମଧ୍ୟ ସେହି ଆଡ଼କୁ ଯିବି । "

ଏକଥା ଶୁଣି ରାମ ଆପଣା ଭାଇକୁ ତଳୁ ଉଠାଇ ଆଣିଲେ ଓ ତାଙ୍କୁ ଆଲିଙ୍ଗନ କରି କହିଲେ :

"ତେବେ ବର୍ତ୍ତମାନ ଯାଅ ନିଜର ମାଆଙ୍କ ଠାରୁ ବିଦାୟ ନେଇ ଆସିବ । ତା'ପରେ ଯାଇ ମୋ'ସହିତ ଅରଣ୍ୟର ନିର୍ବାସନକୁ ସାଥି ହୋଇଯିବ ।"

ଏଥିରେ ଲକ୍ଷ୍ମଣ ଅତ୍ୟନ୍ତ ଆନନ୍ଦିତ ହୋଇଉଠିଲେ ।

ଭାଇ ଓ ଭଉଣୀ ପରସ୍ପରର ରକ୍ଷକ ରୂପେ କାର୍ଯ୍ୟ କରନ୍ତି ।

ଭ୍ରାତୃଦ୍ୱିତୀୟା ପର୍ବଦିନ ହିନ୍ଦୁ ପରିବାରର ଭଉଣୀମାନେ ଆପଣାର ଭାଇମାନଙ୍କର କପୋଳ ଉପରେ ଚନ୍ଦନଟିକା ଲଗାଇ ଦିଅନ୍ତି । ସେମାନଙ୍କୁ ମିଠାଇ ଖାଇବାକୁ ଦିଅନ୍ତି ଓ ସମ୍ଭବ ହେଲେ ନୂଆ ଲୁଗା ମଧ୍ୟ ପିନ୍ଧାଇ ଦିଅନ୍ତି । ଏପରି କରି ସେମାନେ ଭାଇକୁ ଯମଦ୍ୱାରରୁ ସୁରକ୍ଷିତ କରି ରଖିଲେ ବୋଲି ବିଶ୍ୱାସ କରନ୍ତି । ସେହି ଉପଲକ୍ଷ୍ୟରେ ସେମାନେ ଆବୃତ୍ତି କରି ଗାଆନ୍ତି :

'oaob.nitrkl.ac.in' images reprocessed

ମୋ'ଭାଇର କପୋଳରେ ମୁଁ ଚନ୍ଦନ ଲଗାଇଦେଲି,
ଯମଦୁଆରରେ କଣ୍ଟା ବାଡ଼େଇଲି ।

ଚନ୍ଦନଟିକା ଲଗାଇବା ଦ୍ୱାରା ନୁହେଁ, ପ୍ରେମ ଦ୍ୱାରାହିଁ ଏହି ସୁରକ୍ଷା ଓ ଏହି ଆଶୀର୍ବାଦଲାଭ ସମ୍ଭବ ହୁଏ; ଭାଇ ପାଇଁ ଭଉଣୀର ସ୍ନେହ ଓ ଭଉଣୀ ଲାଗି ଭାଇର ସ୍ନେହ ସବାଶେଷରେ ତାହା ସମ୍ଭବ ହୁଏ ।

*

ମାତ୍ର ଆମେ ପରିବାରର ଏହି ପରିଧିକୁ ଟିକିଏ ବଢ଼ାଇ ବି ଦେଇ ପାରିବା ଏବଂ ଏଥିରେ ଆମର ପ୍ରିୟ ଅଜା, ଆଈ, କକା, ଖୁଡ଼ି ଓ ସେମାନଙ୍କର ପିଲାମାନଙ୍କୁ ମଧ୍ୟ ସାମିଲ୍ କରିପାରିବା ।

ତାହାର ପରିଧିକୁ ଆମେ ତା'ଠାରୁ ବି ଆହୁରି ଅଧିକ ବଢ଼ାଇଦେଇ ପାରିବା ।

ଅର୍ଥାତ୍ ଯେଉଁମାନେ ଆମ ପରିବାରର ବ୍ୟକ୍ତିମାନଙ୍କ ପରି ସେହି ଗୋଟିଏ ରକ୍ତରୁ ଜାତ ହୋଇ ନାହାନ୍ତି, ମାତ୍ର ଯେଉଁମାନେ ଲୁଗାପଟା ଧୋଇ, ଘର ଓଳାଇ, ରନ୍ଧାବଢ଼ା କରିଦେଇ ବା ଆହୁରି ଅନେକ ପ୍ରକାରେ ଆମ ଘରକାମରେ ଆସି ସାହାଯ୍ୟ କରୁଛନ୍ତି,—ଯେଉଁମାନେ ଆମଘରେ ଭୃତ୍ୟ ଓ ପରିଚର ଭାବରେ ରହୁଛନ୍ତି, ଏଠାରେ ମୁଁ ସେହିମାନଙ୍କର କଥା କହୁଛି । ସେମାନେ ମଧ୍ୟ ଆମ ପରିବାରର ଜଣେ ଜଣେ ମଣିଷ । ପ୍ରାଚୀନ ରୋମ୍ ସାମ୍ରାଜ୍ୟରେ ଯେତେବେଳେ ଜଣେ ଗୃହପିତା ଆପଣାର ପରିବାର ବିଷୟରେ କିଛି କହୁଥିଲେ, ସେତେବେଳେ ସେ ନିଜର ସ୍ତ୍ରୀ ଓ ପିଲାମାନଙ୍କର କଥା ମୋଟେ ଧରୁ ନଥିଲେ, ସେ କେବଳ ତାଙ୍କ କ୍ରୀତଦାସମାନଙ୍କର କଥା ଭାବୁଥିଲେ ।

ବର୍ତ୍ତମାନ ତୁମମାନଙ୍କୁ ମୁଁ 'ହାସାନ୍ ଓ ହୁସେନ୍' ନାଟକଟିରୁ ଗୋଟିଏ ଦୃଶ୍ୟର କଥା କହିବି । ପାରସ୍ୟର ମୁସଲମାନମାନେ ଏଇଟିର ଖୁବ ପ୍ରଶଂସା କରିଆନ୍ତି ।

କେର୍ବେଲେନ୍‌ର କରବଲା ରଣକ୍ଷେତ୍ରରେ ଉଦାରମନା ହୁସେନ୍ ନିହତ ହୋଇଥିଲେ । ତା'ର ଅବ୍ୟବହିତ ପୂର୍ବରୁ ସେ ଆପଣା ଜୀବନର ସର୍ବଶେଷ ଯୁଦ୍ଧଟି ଲାଗି ପ୍ରସ୍ତୁତ ହେଉଥିଲେ । ସେତେବେଳେ ତାଙ୍କ ସମରବାହିନୀର ସବୁ ସାଥୀ ନିହତ ହୋଇ ସାରିଲେଣି । ବର୍ତ୍ତମାନ କେବଳ ସେଇ କୌଣସି ମରୁଦ୍ୱୀପର ସର୍ବଶେଷ ତାଳଗଛଟି ପରି ଏକୁଟିଆ ଠିଆ ହୋଇ ରହିଥିଲେ । ତାଙ୍କ ପରିବାରର ମହିଳାମାନେ ମୃତ ବ୍ୟକ୍ତିମାନଙ୍କ ଲାଗି ରୋଦନ କରିବାରେ ଲାଗିଆନ୍ତି; ଶତ୍ରୁ

'oaob.nitrkl.ac.in' images reprocessed

ହାତରେ ପ୍ରାୟ ସୁନିଶ୍ଚିତ ଭାବରେ ନିହତ ହେବାକୁ ଯାଉଥିବା ହୁସେନଙ୍କ ପାଇଁ ମଧ୍ୟ ସେମାନେ ରୋଦନ କରୁଥାନ୍ତି ।

ହୁସେନ୍ ଜଣଜଣ କରି ସମସ୍ତଙ୍କଠାରୁ ବିଦାୟ ମାଗି ଆସିଲେ; ତାଙ୍କର ପତ୍ନୀ ଉମ୍ ଲାଇଲା, ତାଙ୍କ ଭଉଣୀ ଜଇନାବ୍, ତାଙ୍କର ଆଉ ଗୋଟିଏ ଭଉଣୀ କୁଲ୍ସୁମ୍ ଓ ତାଙ୍କର ଝିଅ ସୁକଇନାଠାରୁ ବିଦାୟ ନେଇ ଆସିଲେ ।

ତାଙ୍କ ଘରେ କାର୍ଯ୍ୟ କରୁଥିବା ଜଣେ ବୁଢ଼ା ନିଗ୍ରୋ ପରିଚାରିକା ବୀର ସେନାପତିଙ୍କ ସମୀପକୁ ଆସି କହିଲା, "ଅଜ୍ଞା, ଆପଣଙ୍କୁ ମୁଁ ଆଉ ଦେଖିବାକୁ ପାଇବି ନାହିଁ ବୋଲି ଭାବିଲା ବେଳକୁ ମୋର ହୃଦୟ କ'ଣ ହୋଇ ଯାଉଛି; ମୁଁ ତ ଏବେ ବୁଢ଼ୀ ହୋଇଗଲିଣି ଓ ମୋ' ବଞ୍ଚିବା ଲାଗି ଏହି ସଂସାରରେ ଆଉ କି କାରଣ ରହିଛି ? ବର୍ତ୍ତମାନ ମୋ' ମନରେ କେବଳ ଗୋଟିଏ ମାତ୍ର ଅଭିଳାଷ ରହିଛି : ମୁଁ ଆପଣଙ୍କୁ ଏତିକି ଅଳି କରି କହୁଛି ଯେ ଆପଣ ମୁଁ କରିଥିବା ସକଳ ଦୋଷକୁ ମାର୍ଜନା କରିଦେବେ ।"

ଯୁଦ୍ଧର ପରିଚ୍ଛଦ ପିନ୍ଧିଥିବା ହୁସେନ୍ ଅବାକ୍ ହୋଇ ବୁଢ଼ୀ ପରିଚାରିକାଟି ଆଡ଼କୁ ଅନାଇଲେ । ଆଉ ମାତ୍ର କେତେ ଘଣ୍ଟାପରେ ସିଏ କର୍ବଲାର ରଣକ୍ଷେତ୍ରରେ ପ୍ରାଣ ବିସର୍ଜନ ଦେବାକୁ ଯାଉଥିଲେ । ହୁସେନ୍ କହିଥିଲେ :

"ହଁ ତୁମେ ଦୀର୍ଘ ଅନେକ ବର୍ଷ ହେଲା ଆମର ପରିଚର୍ଯ୍ୟା କରି ଆସିଛ । ମୋ'ମାଆଙ୍କର ଯାବତୀୟ ଗୃହକାର୍ଯ୍ୟରେ ତୁମେ ସାହାଯ୍ୟ କରି ଖଟି ଆସିଛ । ତୁମେ ଶସ୍ୟକୁ ବାଛେଇ ଶସ୍ୟ ଅମଳ କରିଛ । କେତେକେତେ ଦିନ ମୋତେ ତୁମେ କୋଳରେ ବସାଇ ଝୁଲାଇଛ ! ତୁମର ମୁହଁର ରଙ୍ଗ କୃଷ୍ଣବର୍ଣ୍ଣ ହୋଇଥିଲେ କ'ଣ ହେଲା, ତୁମର ହୃଦୟ ନିଶ୍ଚୟ ବିଶୁଦ୍ଧ ଶୁଭ୍ରବର୍ଣ୍ଣର ହୋଇଥିବ । ଆଜି ମୋତେ ତୁମକୁ ମଧ୍ୟ ଛାଡ଼ିକରି ଯିବାକୁ ହେବ । ତୁମ ପ୍ରତି ଯେତେ କୃତଜ୍ଞତା ଜଣାଇଲେ ମଧ୍ୟ ମୁଁ ତଥାପି ଋଣମୁକ୍ତ ହୋଇ ପାରିବି ନାହିଁ । ଯଦି ମୁଁ କେବେ-ହେଲେ ତୁମ ପ୍ରତି ନିର୍ଦ୍ଦୟ ଅଥବା ଅବିବେକୀ ଭାବରେ ଆଚରଣ କରିଥିବି, ତେବେ ତୁମେ ମୋତେ ସେଥିଲାଗି ନିଶ୍ଚୟ କ୍ଷମା କରିବ !"

*

ମାତ୍ର ଗୋଟିଏ ପରିବାରର ପରିଧି ପ୍ରକୃତରେ କେତେ ପ୍ରଶସ୍ତ ହୋଇ ପାରିବ, ଆମେ ଏପର୍ଯ୍ୟନ୍ତ ତାହା ଆବିଷ୍କାର କରି ନାହୁଁ । ଆମ ଘରେ କ'ଣ ଦ୍ୱିପଦ ଓ ଚତୁଷ୍ପଦ ଅନ୍ୟ ପରିଚାରକମାନେ ନାହାନ୍ତି, ଯେଉଁମାନଙ୍କର କି ପରିବାରର ସୁଖ ବଢ଼ାଇବାରେ ଅବଶ୍ୟ ଏକ ଅବଦାନ ରହିଛି ? ଆମ ଘରେ କ'ଣ ତଢ଼େଇ

'oaob.nitrkl.ac.in' images reprocessed

ବ ନାହାନ୍ତି, ଯେଉଁମାନେ କ ନଜର ସଙ୍ଗୀତ ଓ କୂଜନ ଦ୍ୱାରା ଆମର ଚତ୍ତ-ବନୋଦନ କରୁଛନ୍ତି ? ଆମ ଗୃହରେ ପାଳିତ ହେଉଥିବା ଅନ୍ୟ ପ୍ରାଣୀ ଓ ପଶୁମାନେ ନାହାନ୍ତି ଯେଉଁମାନେ କ ଆମର କ୍ଷେତରେ କାମ କରୁଛନ୍ତି । ପୋଷା ହୋଇଥିବା ଏହି ସହାୟକ ପ୍ରାଣୀମାନଙ୍କୁ କ'ଣ ଆମେ ଆମ ପରିବାରର ସଦସ୍ୟ ରୂପେ ଗଣନା କରି ପାରିବା ନାହିଁ ?

ପୃଥିବୀଯାକ ପ୍ରବୃତି ଏକଥା ଖୁବ୍ ଭଲ ଭାବରେ ଜଣା ଅଛି ଯେ ଭାରତ-ବର୍ଷର ଲୋକେ ସେମାନଙ୍କ ସହିତ ଗୋଟିଏ ଘରେ ବାସ କରୁଥିବା ପ୍ରାଣୀମାନଙ୍କ ପ୍ରତି ଭାରି ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ଦେଖାଇଥାନ୍ତି । କିନ୍ତୁ ଆମର ଭାଇ ସଦୃଶ ଏହି ପ୍ରାଣୀମାନଙ୍କ ପ୍ରତି କେବଳ ଭାରତବାସୀଙ୍କର ଯେ ସଦୟ ଭାବ ରହିଛି, ସେକଥା ଆଦୌ ନୁହେଁ । ପୃଥିବୀର ଉତ୍ତରାଞ୍ଚଳରେ, ଯେଉଁଠି ସମୁଦ୍ର ଅଣ୍ଡା ହେବାରୁ ବହଳ ବରଫ ହୋଇ ବସିଯାଏ ଏବଂ ମାଟି ଉପରଯାକ ପ୍ରାୟ ସବୁବେଳେ ବରଫରେ ଧଳା ହୋଇ ରହିଥାଏ, ସେଠାରେ ଏସ୍କିମୋ ବୋଲି ଗୋଟିଏ ଜାତି ବାସ କରନ୍ତି ।

ଏହି ମୁଲକରେ ଥରେ ଗୋଟିଏ ମେରୁଅଞ୍ଚଳୀୟ ଧଳା ଭାଲୁ ତନିଜଣ ମଣିଷଙ୍କର ଜୀବନରକ୍ଷା କରିପାରିଥିଲା । ଏହି ଲୋକମାନେ ସମୁଦ୍ର ଭିତରେ ପଡ଼ି ଯାଇଥିଲେ ଓ ବିକଳରେ ପହଁରି ଯାଉଥିବା ଗୋଟିଏ ଭାଲୁକୁ ଯାଇ ଧରି ପକାଇ-ଥିଲେ । ଭାଲୁ ସେମାନଙ୍କୁ ଅଶ୍ରୟ ଦେଇ କୂଳଯାଏ ପହଁରାଇ ଆଣିଥିଲା । ଲୋକମାନେ ଭାରି କୃତଜ୍ଞ ଭାବରେ ଭାଲୁଟିର ଋଣ ପରିଶୋଧ କରିବାକୁ ଇଚ୍ଛା କରିଥିଲେ ।

ଭାଲୁ ଉତ୍ତର ଦେଇ କହିଥିଲା, "ସେଥିପାଇଁ କରିବାର ଆଦୌ କୌଣସି ଆବଶ୍ୟକତା ନାହିଁ । ବର୍ତ୍ତମାନ ପାଇଁ ମୋ'ର ଆଦୌ କିଛି ଲୋଡ଼ା ନାହିଁ । ମାତ୍ର, ଯଦି ଭବିଷ୍ୟତରେ ତୁମେମାନେ କେବେ ଅନ୍ୟମାନଙ୍କ ସହିତ ଶିକାର କରି ଯାଇଥିବ ଓ ମୋତେ ଧରିବ, ତେବେ ମୋ' ଜୀବନଟିକୁ ରକ୍ଷା କରିବାଲାଗି ସେମାନଙ୍କୁ କହି ପାରିବ କି ? ମୋ'ର ଏହି ଚନ୍ଦା ମୁଣ୍ଡଟାକୁ ଦେଖି ତୁମେମାନେ ମୋତେ ନିଶ୍ଚୟ ଚହ୍ନି ପାରିବ ।"

ଏତକ କହି ଭାଲୁଟି ସମୁଦ୍ର ଭିତରକୁ ଡେଇଁ ପଡ଼ିଲା ଓ ପହଁରି ଚାଲିଗଲା ।

ତା' ପରବର୍ତ୍ତୀ ଶୀତକାଳରେ ସେହି ଗୋଷ୍ଠୀର ଏସ୍କିମୋମାନେ ଥରେ ବରଫ ଉପରେ ଗୋଟିଏ ଭାଲୁ ଯାଉଥିବାର ଦେଖିବାକୁ ପାଇଲେ । ତାହାକୁ ଧରିବା ଲାଗି ସେମାନେ ତା' ପଛେ ପଛେ ଗୋଡ଼ାଇଲେ । ଚନ୍ଦାମୁଣ୍ଡିଆ ଭାଲୁଟି

'oaob.nitrkl.ac.in' images reprocessed

ପରିବାର

ଏକଦା ଯେଉଁ ଛଅଜଣଙ୍କର ଜୀବନରକ୍ଷା କରିଥିଲା, ସେମାନେ ମଧ୍ୟ ଏହି ଦଳରେ ରହିଥିଲେ । ସେମାନେ ଏହି ଭାଲୁଟିକୁ ସେହି ଭାଲୁ ବୋଲି ଚିହ୍ନି ପାରିଲେ । ଭାଲୁଟିକୁ ଛାଡ଼ିଦେବାକୁ ସେମାନେ ଅନ୍ୟମାନଙ୍କୁ କେତେ ଅନୁନୟ କରି କହିଲେ । ଏବଂ, କେବଳ ସେତିକି ନୁହେଁ, ସେମାନେ ଭାଲୁ ସକାଶେ ବଢ଼ିଆ ଖାଦ୍ୟ ପ୍ରସ୍ତୁତ କରି ବରଫ ଉପରେ ବାଢ଼ିଦେଲେ । ଭାଲୁ ମନଆନନ୍ଦରେ ସେସବୁକୁ ଖାଇଲା ଓ ସେଇ ବରଫ ଉପରେ ଶୋଇ ପଡ଼ିଲା । ସିଏ ଶୋଇଥିବା ସମୟରେ ତାହାର କେହି କୌଣସି କ୍ଷତି କରି ନଥିଲେ ଓ ପିଲାମାନେ ନିର୍ଭୟରେ ତା' ଲୋମପ'ଟରେ ଘଷି ଖେଳିଥିଲେ । ବରଫ ଭାଙ୍ଗିଯିବା ପରେ ଭାଲୁଟି ଉଠି ସମୁଦ୍ର ଆଡ଼କୁ ଗଲା, ସମୁଦ୍ର ଭିତରକୁ ଡେଇଁ ପଡ଼ି ପହଁରି ଚାଲିଗଲା । ଏସ୍କିମୋମାନେ ତାକୁ ଆଉ ପୁନର୍ବାର ଦେଖିବାକୁ ପାଇ ନଥିଲେ ସତ ମାତ୍ର ସେମାନେ ତାକୁ ସର୍ବଦା ଆପଣାର ଜଣେ ବନ୍ଧୁ ରୂପେ ସ୍ମରଣ କରୁଥିଲେ ।

*

ତେଣୁ, ପରିବାର ବିଷୟରେ ଆମର କଳ୍ପନାଟି ମଧ୍ୟରେ ଆମେ ବାପା, ମାଆ, ପିଲା, ଭାଇ, ଭଉଣୀ, ଅଜା-ଆଈ, ସବୁ ଭୃତ୍ୟ ଓ ପରିକର ଏବଂ ମଣିଷର ସହାୟତା କରୁଥିବା ପ୍ରାଣୀ ସମସ୍ତଙ୍କୁ ସାମିଲ୍ କରି ରଖିବା ।

ଅବଶ୍ୟ ଏକଥା ସତ ଯେ ପୃଥିବୀସାରା ସବୁଦେଶରେ ପରିବାରଗୁଡ଼ିକର ଗଠନରୀତି ମୋଟେ ଏକା ଭଳି ନୁହେଁ । ଜାପାନ୍, ଚୀନ୍, ପାରସ୍ୟ, ମିଶର, ଇଉରୋପ ତଥା ଆମେରିକାରେ ପରିବାରମାନଙ୍କରେ ଜୀବନ ଭିନ୍ନ ଭିନ୍ନ ଚଳଣିମାନ ରହିଛି, ପରିବ୍ରାଜକମାନଙ୍କର ଭ୍ରମଣ କାହାଣୀରୁ ସେସବୁ ଶୁଣିଲେ, ବହିରେ ସେସବୁ କଥା ପଢ଼ିଲେ ଓ ତୁମ ଶିକ୍ଷକମାନଙ୍କଠାରୁ ତାହା ଶିକ୍ଷା କଲେ ତୁମକୁ ନିଶ୍ଚୟ ଭାରି କୌତୂହଳ ଲାଗିବ । ତୁମେ ଦେଶଦେଶରେ ଅନେକ ପାର୍ଥକ୍ୟ ଦେଖିବାକୁ ପାଇବ । ମାତ୍ର, ଯେଉଁ ଦେଶର ପରିବାର ହେଉ ପଛକେ, ତୁମେମାନେ ସେଠାରେ କେବଳ ପ୍ରେମହିଁ ଲୋକମାନଙ୍କର ହୃଦୟକୁ ଶାସନ କରୁଥିବାର ଓ ସ୍ନେହ ସର୍ବପ୍ରଧାନ ବିଧାନ ହୋଇ ରହିଥିବାର ଦେଖିବାକୁ ପାଇବ । ହୁଏତ ଏପରି ବି ଦେଖିବାକୁ ମିଳିବ ଯେ କୌଣସି ପରିବାରରେ ବାସ କରୁଥିବା ଲୋକମାନେ ପରସ୍ପରକୁ ମୋଟେ ଭଲପାଉ ନାହାନ୍ତି । ମାତ୍ର, ସେହି କ୍ଷେତ୍ରରେ ଆମେ ସେହି ପରିବାରକୁ ମୋଟେ ଏକ ପ୍ରକୃତ ପରିବାର ବୋଲି କହିବା ନାହିଁ ।

ଜଣେ ମନୁଷ୍ୟ ହୁଏତ ଅମାନୁଷିକ ଭାବରେ କୌଣସି କାର୍ଯ୍ୟ କରିପାରେ, ମାତ୍ର ସେହି ସ୍ଥଳରେ ଆମେ ତାହାକୁ କେବେହେଲେ ଜଣେ ପ୍ରକୃତ ମଣିଷ ବୋଲି ଆଦୌ କହିବା ନାହିଁ ।

*

'oaob.nitrkl.ac.in' images reprocessed

ରଙ୍ଗାନନ୍ଦ ଓ ରଙ୍ଗାନନ୍ଦଙ୍କର ବାପା

୧୮୩୧ ମସିହାରେ ବାରବର୍ଷ ବୟସର ଗୋଟିଏ ହିନ୍ଦୁଘରର ପିଲା ଚଣ୍ଡୁରର ଜିଲ୍ଲାଜଜ୍‌ଙ୍କ ଦୁଆର ପାଖରେ ଆସି ଖଡ଼୍‌ଖଡ଼୍ କରିବାକୁ ଲାଗିଲା । ସେ ଖଜଣା ଦେଇପାରି ନଥିବାରୁ ଜେଲ୍‌କୁ ଯାଇଥିବା ଗୋଟିଏ କୃଷକର ପୁଅ ଥିଲା । ଲୋକଟି ସରକାରଙ୍କଠାରୁ କିଛି ଜମି ନେଇ ଚାଷ କରୁଥିଲା । ମାତ୍ର ସେବର୍ଷ ଭଲ ଫସଲ ନହେବାରୁ ସେ ଖଜଣା ଦେଇପାରିଲା ନାହିଁ ଓ ତତ୍କାଳୀନ ଆଇନ୍ ଅନୁସାରେ ତାକୁ ଜେଲ ଯିବାକୁ ପଡ଼ିଲା ।

ବାପା ଜେଲ୍‌ରେ ଥିବାବେଳେ ଘରେ ତାଙ୍କର ଜନ୍ମଦିନ ପଡ଼ିଲା ଓ ବାପା ଘରେ ନାହିଁ ବୋଲି ତା'ର ମାଆ କାନ୍ଦିବାକୁ ଲାଗିଲା । ସେହି କାରଣରୁହିଁ ପୁଅ ରଙ୍ଗାନନ୍ଦ ଚଣ୍ଡୁର ପର୍ଯ୍ୟନ୍ତ ଦଉଡ଼ିଯାଇ ଜଜ୍‌ଙ୍କ କବାଟକୁ ଖଡ଼୍‌ଖଡ଼୍ କରୁଥିଲା ।

ପିଲାଟି ପାଖରୁ ସମସ୍ତ ବୃତ୍ତାନ୍ତ ଶୁଣି ଜଜ୍ କହିଲେ :

"କେହି ଆସି ମାଢ ନହେଲେ ମୁଁ ତୁମର ବାପାଙ୍କୁ କଦାପି ଛାଡ଼ିଦେଇ ପାରିବି ନାହିଁ । ମୋତେ ଉପରର ଜବାବ ଦେବାକୁ ହେବ ଯେ ତୁମର ବାପା ପୁନର୍ବାର ଫେରି ଆସିବେ ଓ ମିଆଦ ପୂରିବା ପର୍ଯ୍ୟନ୍ତ ଜେଲ୍‌ରେ ରହିବେ ।"

ପିଲାଟି ଉତ୍ତର ଦେଇ କହିଲେ, ଆମ ଘରେ ତ ମୋଟେ ପଇସା ନାହିଁ, କିନ୍ତୁ ମୁଁ ନିଜେ ଏଠାରେ ମାନ୍ଢ ହୋଇ ରହିବ ଏବଂ ବାପାଙ୍କ ପରିବର୍ତ୍ତେ ଜେଲ ଭିତରେ ବନ୍ଦୀ ହେବ ।"

ଏହି କଥାଟି ଜଜଙ୍କର ଅନ୍ତରକୁ ସ୍ପର୍ଶ କଲା । ବାପକୁ ଖଲାସ କରିବା ସକାଶେ ସିଏ ହୁକୁମନାମା ଲେଖିଦେଲେ । ରଙ୍ଗାନନ୍ଦ ଦ୍ରୁତବେଗରେ ଜେଲ୍‌ଖାନାକୁ ଦଉଡ଼ିଲା । ବାପ ଓ ପୁଅ ଏକାଠି ହୋଇ ମନ ଖୁସିରେ ଘରକୁ ଗଲେ ଓ ସେହିଦିନ ସୁଖରେ ଘରେ ପହଞ୍ଚିଲେ ।

ବାଳକ ରଙ୍ଗାନନ୍ଦ ବଡ଼ ହୋଇ ରଙ୍ଗାନନ୍ଦ ଶାସ୍ତ୍ରୀ ନାମରେ ପରିଚିତ ହେଲା । ସେତେବେଳେ ସିଏ ପନ୍ଦରଟି ଭାଷାରେ ବହି ପଢ଼ି ଓ କଥା କହି ଜାଣିଥିଲା ।

❋

ଧଳାହାତୀ (ଗୋଟିଏ ଗପ)

ହିମାଳୟର ଜଙ୍ଗଲ ଭିତରେ ଅଶୀ ହଜାର ହାତୀଙ୍କର ଗୋଟିଏ ଦଳ ବିଚରଣ କରୁଥିଲେ । ଗୋଟିଏ ଶକ୍ତିଶାଳୀ ଧଳା ହାତୀ ସେମାନଙ୍କ ଆଗେ ଆଗେ ଯାଉଥିଲା ଓ ସେମାନେ ସାର ଗର୍ବର ସହିତ ତାକୁ ଦଳର ରାଜା ବୋଲି ମାନୁଥିଲେ

'oaob.nitrkl.ac.in' images reprocessed

ତାଳ ସହିତ ପିଏ ଯେତେବେଳେ ଅରଣ୍ୟର ଦୂରଦୂରାନ୍ତର ଅଞ୍ଚଳକୁ ବୁଲି ବାହାରି ଯାଉଥିଲି, ସେତେବେଳେ ସେ ଖୁବ ମମତାର ସହିତ ନିଜର ମା'ଅଁଟି ବିଷୟରେ ଚିନ୍ତା କରୁଥିଲି ଓ ତା'ଲାଗି ଦୂତମାନଙ୍କ ହାତରେ ନାନା କିସମର ଫଳ ପଠାଉଥିଲି ।

ମାତ୍ର ଦୂତମାନେ ସେହି ଫଳକୁ ବାଟରେ ଖାଇ ଦେଉଥିଲେ ଏବଂ ଏତେ ସ୍ନେହରେ ପ୍ରେରିତ ଉପହାରମାନ କେବେହେଲେ ତା' ମା'ଅଙ୍କ ପାଖରେ ପହଞ୍ଚି ପାରୁ ନଥିଲି । ଏହି କଥାଟି ଜାଣିବା ପରେ ହାତୀରଜା ଏଣିକ ଦଳଟିକୁ ଛାଡିଦେଇ ନିଜେ ମାଆର ସେବା ଓ ରକ୍ଷା କରିବ ବୋଲି ମନେମନେ ସ୍ଥିର କଲି । ତେଣୁ ଚଣ୍ଡୋରଣ ପର୍ବତରେ ଥିବା ଗୋଟିଏ ଗୁମ୍ଫାକୁ ସେ ନିଜର ମାଆକୁ ଆସି ନେଇ ଯାଇଥିଲି । ସେଠାରେ ନିକଟରେ ଗୋଟିଏ ହ୍ରଦ ବି ରହିଥିଲି । ସେଠି ଦୁହେଁ ଯାକ ଶାନ୍ତିରେ ବାସ କରିବାକୁ ଲାଗିଲେ ।

ଦିନେ ବାରଣସୀର ଗୋଟିଏ ଲୋକ ଅରଣ୍ୟ ଭିତରେ ନିଜର ପଥ ଭୁଲିଗଲା ଏବଂ ସାତଦିନ ତାଳ ବାଉଳା ହୋଇ ଭୀଷଣ ଡରିଣ ମନରେ ବୁଲିବାକୁ ଲାଗିଲି ।

ହାତୀ-ରଜା ଗୋଡ଼ ବଙ୍କା କରି ବସି ବାଟ ଭୁଲି ଯାଇଥିବା ସେହି ଲୋକଟିକୁ ତା' ପିଠି ଉପରେ ବସିବାକୁ କହିଲି ଏବଂ ତା'ପରେ ସେ ତାକୁ ବାରଣସୀକୁ ଯାଇଥିବା ବାଟଯାଏ ବୋହି ନେଇଗଲି ଓ ବାଟ ଦେଖାଇଦେଲି ।

ମାତ୍ର ଲୋକଟା ଭିତରେ ଖୁବ ଖଳ ପ୍ରକୃତିର ଥିଲା । ସିଏ ବାରଣସୀର ରଜାଙ୍କୁ ଯାଇ ଖବର ଦେଲା ଯେ ଚଣ୍ଡୋରଣ ପର୍ବତର ଗୁମ୍ଫାରେ ଗୋଟିଏ ଅତି ସୁନ୍ଦର ଧଳା ହାତୀଟିଏ ବାସ କରୁଛି । ତା'ପରେ ସେହି ପାଟହାତୀକୁ ଧରିବା ସକାଶେ ରଜା ତାକୁ ଅନେକ ଲୋକ ଦେଇ ସେଠାକୁ ପଠାଇଲେ । ଲୋକମାନେ ହାତୀଟିକୁ ହ୍ରଦ କୂଳରେ ଠିଆ ହୋଇଥିବାର ଦେଖିବାକୁ ପାଇଲେ । ସେମାନେ ଯାଇ ହାତୀଟିକୁ ଧରିଲେ, ହାତୀ କୌଣସି ପ୍ରତିରୋଧ କଲି ନାହିଁ । ସେମାନେ ତାକୁ ବାନ୍ଧି ବାରଣସୀ ନେଇଗଲେ ।

ପୁଅ ଫେରି ନଆସିବାରୁ ଅନ୍ଧୁଣୀ ମାଆର ହୃଦୟ ଦୁଃଖରେ ଆକୁଳ ହୋଇ ଉଠିଲା ।

ସିଏ ଦୀର୍ଘନିଃଶ୍ୱାସ ତ୍ୟାଗ କରି କହିଲି, "ଝୁଣା ଗଛ, କୁଟଜ ଗଛ ଯେମିତି ଥିଲା ସେମିତି ଅଛି, ଘାସ, ଲଟା, ଫୁଲ ଫଳର ଗିଏ ଯେମିତି ଥିଲେ, ସେହିପରି ଅଛନ୍ତି, କିନ୍ତୁ ମୋ' ପୁଅ କୁଆଡ଼େ ଚାଲିଗଲା ?"

'oaob.nitrkl.ac.in' images reprocessed

ଧଳା ହାତୀଟି ଗୃହାଳ ଭିତରେ ଆସେ । ତା' ଦେହଟି କେତେ ଫୁଲରେ ଚକଚକ କରୁଥାଏ । ରାଜା ନିଜେ ତା'ଲାଗି ଚାରା ନେଇ ଗୃହାଳକୁ ଗଲେ । କିନ୍ତୁ ହାତୀ କିଛୁ ଖାଇଲା ନାହିଁ ।

ସେ କହିଲା, "ଏଠି ମୋ' ମାଆ ମୋ ସାଙ୍ଗରେ ନାହିଁ ।"

ବାରାଣସୀର ରାଜା ପୁଣି କହିଲେ, "ଆ, ତୁ ଖାଇବୁ ଆ, ଆମେ ଦୁହେଁ ଆଜିଠାରୁ ବନ୍ଧୁ ହୋଇ ରହିବା ।"

"କେଜାଣେ ମୋ' ଅନ୍ଧୁଣୀ ମାଆ ଚନ୍ଦୋରଣର ଗୁମ୍ଫା ଭିତରେ ବସି ମୋ' ଲାଗି ଝୁରି ହେଉଥିବ ।"

"ତୁ କାହା ପାଇଁ ଏତେ ଦୁଃଖ କରୁଛୁ ?"—ରାଜା ପଚାରିଲେ ।

"ମୋ' ମାଆ କେଜାଣେ ମୋ'ପାଇଁ ଝୁରି ହେଉଥିବ ।"

ତା'ପରେ ରାଜା ତାଙ୍କର ଲୋକମାନଙ୍କୁ ହାତୀଟିକୁ ଫିଟାଇ ଦେବାକୁ ଆଦେଶ ଦେଲେ । ହାତୀଟି ଖର ପଦକ୍ଷେପରେ ସହରରୁ ଜଙ୍ଗଲ ଭିତରକୁ ଚାଲିଗଲା । ଗୋଟିଏ ପୋଖରୀରୁ ପାଣି ନେଇ ଶୁଣ୍ଢରେ ଭରିଲା ଏବଂ ତା'ପରେ ଗୁମ୍ଫା ଭିତରକୁ ଯାଇ ନିଜ ଅନ୍ଧୁଣୀ ମାଆ ଉପରେ ସେହି ଶୀତଳ ଜଳର ବର୍ଷା କରିଦେଲା ।

ମାଆ ଚିତ୍କାର କରି କହିଲା, "ଏ'ଣ ବର୍ଷା ଆସି ହେଲାଣି ! ମୋ'ର ପୁଅ ଥିଲେ ସିନା ମୋ'ର ଯତ୍ନ ନେଇ ମୋତେ ରଖିଥାନ୍ତା !"

ପୁଅ-ହାତୀ କହିଲା, "ମାଆ, ମୁଁ ପରା, ତୋ' ପୁଅ ! ମୋତେ ରାଜା ପୁଣି ଘରକୁ ଛାଡ଼ି ଦେଲେ ।"

ତା'ପରେ ଦୁହେଁ ପୁଣି ସୁଖରେ ରହିଲେ ।

ମାଆ ହାତୀ ମରିଯିବା ପରେ ତା'ର ଶବକୁ ଦାହ କରା ଯାଇଥିଲା । ତା'ପରେ କାଳକ୍ରମେ ଧଳା ହାତୀଟି ମଧ୍ୟ ମଲା । ରାଜା ତା'ର ଗୋଟିଏ ପଥରମୂର୍ତ୍ତି ଗଢ଼ାଇ ରଖିଲେ । ଏବଂ, ଭାରତର ସବୁ ଅଞ୍ଚଳରୁ ଲୋକମାନେ ସେଠାକୁ ପ୍ରତିବର୍ଷ ଆସି ହସ୍ତୀ-ଉତ୍ସବ ଉପଲକ୍ଷେ ସେଠାରେ ରୁଣ୍ଡ ହେଉଥିଲେ ।

'oaob.nitrkl.ac.in' images reprocessed

ଷୋହଳ

ସହାନୁଭୂତି

କେତେବେଳେ ଦୁଃଖ ଲାଗି ଦୁଃଖ ପ୍ରକାଶିତ ହୋଇଥାଏ ?

ଯେତେବେଳେ ଗୋଟିଏ ହୃଦୟ ଦୁଃଖ ଅନୁଭବ କରୁଥାଏ ଏବଂ ଆମର ହୃଦୟ ମଧ୍ୟ ଯୁଗପତ୍ ଭାବରେ ସେହି ଦୁଃଖକୁ ଅନୁଭବ କରେ ।

କ୍ଷତ୍ରିୟ ଯୋଦ୍ଧା ଦୁର୍ଯୋଧନ କୁରୁକ୍ଷେତ୍ରର ଯୁଦ୍ଧଭୂମିରେ ନିହତ ହୋଇଥିଲେ ଏବଂ ସେଥିରେ ତାଙ୍କ ବନ୍ଧୁମାନଙ୍କର ହୃଦୟ ଏପରି ଦୁଃଖପୂର୍ଣ୍ଣ ହୋଇ ଉଠିଥିଲା ଯେ ଯେତେବେଳେ ସେ ଭୂତଳରେ ପଡି ଶେଷନିଃଶ୍ୱାସ ତ୍ୟାଗ କରୁଥିଲେ, ସେତେବେଳେ ସମସ୍ତ ପ୍ରକୃତି ଏକ ଘୋର ବିକ୍ଷୋଭ ମଧ୍ୟରେ ପଡିଥିଲା ପରି ବୋଧ ହୋଇଥିଲା । ଅନେକ ବାହୁ ଏବଂ ଅନେକ ପଦବିଶିଷ୍ଟ କବନ୍ଧ ପ୍ରାଣୀ-ଆକାରମାନ ଭୂମି ଉପରେ ଭୟଙ୍କର ନର୍ତ୍ତନ ଆରମ୍ଭ କରିଦେଲେ । ହ୍ରଦ ଏବଂ କୂପଗୁଡିକର ଜଳ ରକ୍ତମୟ ହୋଇଗଲା । ନଦୀଗୁଡିକ ତଳଆଡ଼କୁ ନବହି ଉପର ଆଡ଼କୁ ବହିବାକୁ ଆରମ୍ଭ କରିଦେଲେ । ନାରୀମାନେ ପୁରୁଷମାନଙ୍କ ପରି ଦେଖାଗଲେ ଏବଂ ପୁରୁଷମାନେ ନାରୀମାନଙ୍କ ପରି ଦେଖାଗଲେ ।

ଏଠାରେ କବି ଆମକୁ ଏହି କଥାଟି କହିବାକୁ ଚାହୁଁଛନ୍ତି ଯେ ଗୋଟିଏ ସତ୍ତ୍ୱ ଭୋଗ କରୁଥିବା ଦୁଃଖ ଏକ ଅତି ବୃହତ୍ ପୃଥିବୀର ଚାରିଆଡ଼କୁ ବ୍ୟାପ୍ତ ହୋଇଯାଏ । ନିହତ ହୋଇଥିବା ରାଜା ଏବଂ ହଜାର ହଜାର ପ୍ରାଣୀଙ୍କ ମଧ୍ୟରେ ସହାନୁଭୂତିର ଏକ ସୂତ୍ର ଲାଗି ରହିଥିବାରୁ ସେତେବେଳେ ଏପରି ହୋଇଥିଲା ।

ଏହି ସହାନୁଭୂତି କ'ଣ କେବଳ ଦୁଃଖ ସମୟରେହିଁ ଦେଖା ହୋଇଥାଏ ? ନା,—ତାହା ଆନନ୍ଦ ଓ ଦୁଃଖ ଉଭୟ ସମୟରେ ଦେଖା ହୋଇଥାଏ ।

ନାନ୍ଦୀସ୍ୱ ବୋଲି ଯେଉଁ ହରିଣ ଶାନ୍ତ ଓ ସନ୍ତୋଷ ଏବଂ ଅନ୍ଧକାର ଓ ଦୁର୍ଯୋଗ ଉଭୟ ସମୟରେ ତା'ର ପିତାମାତାଙ୍କ ପ୍ରତି ସହାନୁଭୂତିଶୀଳ ଓ ସଦୟ ହୋଇପାରିଥିଲା, ବର୍ତ୍ତମାନ ତୁମେମାନେ ତାହାର କଥା ଶୁଣ ।

କୋଶଳର ରାଜା ଅଧିକାଂଶ ସମୟରେ ଯେଉଁ ଅରଣ୍ୟରେ ଶିକାର କରୁଥିଲେ, ନାନ୍ଦୀସ୍ୱ ଆପଣାର ବାପମାଆଙ୍କ ସହିତ ସେହି ଅରଣ୍ୟରେ ଶାନ୍ତ ଓ ପାରସ୍ପରିକ ସ୍ନେହ ସହିତ ବାସ କରୁଥିଲା । ଶିକାର ସମୟରେ ରାଜା ଏକ ଘାଯାଏତ

'oaob.nitrkl.ac.in' images reprocessed

ଅଞ୍ଚଳ ମଧ୍ୟରେ ଘୋଡ଼ା ଚଢ଼ି ଯାଉଥିଲେ ଏବଂ କୋଶଳର ଅନେକ ପ୍ରଜାଙ୍କୁ ତାଙ୍କର ଅନୁଚର ଭାବରେ ତାଙ୍କ ସହିତ ଯିବାକୁ ପଡ଼ୁଥିଲା । ଏହା ଫଳରେ ଅନେକ ଲୋକଙ୍କୁ ଆପଣାର କାର୍ଯ୍ୟଗୁଡ଼ିକୁ ଛାଡ଼ିଦେଇ ଯିବାକୁ ପଡ଼ୁଥିଲା ଏବଂ ତଜ୍ଜନିତ କ୍ଷତି ସେମାନଙ୍କୁ ଖୁବ ଅସନ୍ତୋଷ ଆଣିଦେଉଥିଲା ।

ତେଣୁ ସେମାନେ ବାଡ଼ ବସାଇ ଓ ଫାଟକ ଲଗାଇ ଗୋଟିଏ ଉପବନ ତିଆରି କଲେ, ତା' ମଝିରେ ପୁଷ୍କରିଣୀଟିଏ ରଖିଲେ; ଏବଂ ଜଙ୍ଗଲ ଭିତରକୁ ଯାଇ ହରିଣମାନଙ୍କୁ ଅଡ଼ାଇ ଆଣି ସେହି ଉପବନଟି ମଧ୍ୟରେ ପୁରାଇଦେଲେ, ଯେପରିକି ରାଜାଙ୍କୁ ଗୋଟିଏ ଜାଗାରେହିଁ ସବୁ ଶିକାର ମିଳିଯିବ ଏବଂ ତେଣୁ ତାଙ୍କୁ ଆଉ ଏତେ ମଣିଷଙ୍କୁ ସାଙ୍ଗରେ ନେଇ ଏତେ ଆଡ଼େ ମୋଟେ ବୁଲିଯିବାକୁ ପଡ଼ିବ ନାହିଁ ।

ଲୋକମାନେ ହାତରେ ବାଡ଼ି ଧରି ଜଙ୍ଗଲ ଭିତରେ ପ୍ରବେଶ କଲେ । ଆପଣାର ବାପାମାଆଙ୍କ ସହିତ ଗୋଟିଏ କ୍ଷୁଦ୍ର ବନାଞ୍ଚଳରେ ଘାସ ଚରୁଥିବା ସମୟରେ ନାନ୍ଦୀୟ ସେମାନଙ୍କୁ ଦେଖିବାକୁ ପାଇଥିଲା ।

ସେ ବାପାମାଆଙ୍କୁ କହିଲା, "ଆପଣମାନେ ଏଇଠାରେ ଥାଆନ୍ତୁ । ମୁଁ ନିଜେ ଯାଇ ଏହି ଲୋକମାନଙ୍କ ସହିତ ସାକ୍ଷାତ୍ କରିବି ।"

ସିଏ ଏକୁଟିଆ ବଣ ଭିତରୁ ବାହାରକୁ ବାହାରି ଆସିଲା; ଏବଂ ଏହି ଗୋଟିକ ହରିଣ ଛଡ଼ା ସେଠାରେ ରହିଛନ୍ତି ଆଉ କୌଣସି ହରିଣ ନାହାନ୍ତି ବୋଲି ଅନୁମାନ କରି ଲୋକମାନେ କେବଳ ତାହାକୁହିଁ ସାଙ୍ଗରେ ନେଇ ଆଗକୁ ଚାଲିଗଲେ ।

ଏହା ଫଳରେ କେବଳ ସେହି ବୁଢ଼ା ଦୁଇଟି ହରିଣ ବଣ ଭିତରେ ରହିଗଲେ ଏବଂ ଆଉ ସବୁଯାକ ହରିଣକୁ ଆଣି ଉପବନ ଭିତରେ ଭର୍ତ୍ତି କରି ଦିଆଗଲା । ଏକଥା ଦେଖି ରାଜା ଖୁବ ଖୁସିଟାଏ ହୋଇଗଲେ । ତା'ପରେ ତାଙ୍କର ଯେତେବେଳେ ମନ ହେଉଥିଲା, ସିଏ ସେତେବେଳେ ସେଠାକୁ ଯାଇ ନିଜର ଧନୁଶର ଦେଇ ସେହି ପଲ ଭିତରୁ ଗୋଟାଏ ମାରି ଆଣୁଥିଲେ । ଅବଶ୍ୟ ଦୀର୍ଘ ଅନେକ ଦିନ ପର୍ଯ୍ୟନ୍ତ ନାନ୍ଦୀୟର ପାଳି ପଡ଼ି ନଥିଲା ।

ଶେଷରେ ଦିନେ ତା'ର ବି ପାଳି ପଡ଼ିଲା । ନାନ୍ଦୀୟ ରାଜାଙ୍କ ଆଗରେ ଥିର୍ ହୋଇ ଠିଆ ହୋଇଗଲା, ଦଉଡ଼ି ପଳାଇବାକୁ କୌଣସି ଚେଷ୍ଟା କଲା ନାହିଁ ।

ତା'ର ଏପରି ଅଦ୍ଭୁତ ଆଚରଣ ଦେଖି ରାଜା ଏତେବେଶୀ ବିସ୍ମିତ ହୋଇ ପଡ଼ିଲେ ଯେ ସିଏ ଆଉ ତାହାକୁ ଲକ୍ଷ୍ୟ କରି ବାଣ ମାରି ପାରିଲେ ନାହିଁ ।

'oaob.nitrkl.ac.in' images reprocessed

ଆପଣାର ଧନୁକୁ ତଳକୁ ନୁଆଁଇ ଆଣି ସେ ଅଟକ ରହିଲେ ।

ନାନ୍ଦୀସ୍ତ କହିଲା, "ଆପଣ ବାଣ ମାରନ୍ତୁ ।"

"ନା — ମୁଁ ମାର ପାରିବ ନାହିଁ । ତୋ'ଭିତରେ ଏକ ବିଶେଷ ଗୁଣ ରହିଛି । ମୁଁ ତୋତେ ଛାଡ଼ି ଦେଲି ।"

"କିନ୍ତୁ ଆପଣ ଏହି ଉପବନରେ ଥିବା ଅନ୍ୟ ମୃଗମାନଙ୍କୁ ବି କ'ଣ ମୁକ୍ତି ଦେବେ ନାହିଁ ।"

"ହଁ, ଦେବ ।"

"ଏବଂ, ଆକାଶରେ ବାସ କରୁଥିବା ଚଢ଼େଇ ଏବଂ ପାଣିରେ ବାସ କରୁଥିବା ମାଛମାନଙ୍କୁ ବି କ'ଣ ଆପଣ ଦୟା ଦେଖାଇବେ ନାହିଁ ?"

"ହଁ, ଦେଖାଇବ ।"

ପ୍ରଚଳିତ କାହାଣୀଟି ଅନୁସାରେ ଏହି ହରିଣ ଆଉ ଅନ୍ୟ କେହି ନଥିଲା; ସ୍ୱୟଂ ବୁଦ୍ଧହିଁ ସେହି ହରିଣ ହୋଇ ଜନ୍ମ ହୋଇଥିଲେ । ସିଏ ରାଜାଙ୍କ ସହିତ ଏହିପରି କଥୋପକଥନ କରି ତାଙ୍କୁ ସକଳ ପ୍ରାଣୀଙ୍କ ଲାଗି ଦୟା ରଖିବାର ବିଧାନ ବିଷୟରେ ଶିକ୍ଷା ଦେଇଥିଲେ । ଏବଂ ଏହାପରେ ରାଜା ନାଗରା ଦେଇ ଦୂତ ଦ୍ୱାରା ରାଜ୍ୟସାରା ଘୋଷଣା କରି ଦେଇଥିଲେ ଯେ ସିଏ ରାଜ୍ୟରେ ମୃଗମାନଙ୍କର, ପକ୍ଷୀମାନଙ୍କର ଏବଂ ମାଛମାନଙ୍କର ସତତ ରକ୍ଷା କରିବେ ।

ତୁମେମାନେ ନିଶ୍ଚିତ ଭାବରେ ଏକଥା ସ୍ୱୀକାର କରିବ ଯେ, ଆପଣାର ପିତାମାତାଙ୍କର ରକ୍ଷା କରି ନାନ୍ଦୀସ୍ତ ଆପଣାର ଉଚିତ କର୍ତ୍ତବ୍ୟହିଁ କରିଥିଲା । ନିଜର ଜଣେ ଭାଇ ବା ଭଉଣୀକୁ ରକ୍ଷା କରିବା ମଧ୍ୟ ସେହିପରି ଗୋଟିଏ ଉତ୍ତମ କାର୍ଯ୍ୟ । ମାତ୍ର ଏହାର ପରବର୍ତ୍ତୀ କାହାଣୀଟିରେ ତୁମେମାନେ ଦେଖିବାକୁ ପାଇବ ଯେ ଆରବ ଦେଶର ଜଣେ ଲୋକ ଆଉ ଜଣେ ଲୋକକୁ ନିଜର ଭାଇ ପରି ବ୍ୟବହାର କରିଥିଲା, ମାତ୍ର ପ୍ରକୃତରେ ସେହି ଲୋକଟି ତା'ର ଭାଇ ନଥିଲା ।

ଥରେ ଗୋଟିଏ ଭ୍ରମଣକାରୀ ଦଳ ମରୁଭୂମି ପାର ହୋଇ ଯାଉଥିଲେ । ଏତିକବେଳେ ସେମାନଙ୍କ ପାଖରେ ଥିବା ପାଣି ଶେଷ ହୋଇଗଲା । ତେଣୁ ସେହି ଆରବ ଯାତ୍ରୀମାନେ ମହଜୁଦ ଥିବା ପାଣିକୁ ପରସ୍ପର ମଧ୍ୟରେ ବାଣ୍ଟି ନେବାକୁ ବାଧ୍ୟ ହୋଇଥିଲେ, ଯାହା ଫଳରେ କି ପ୍ରତ୍ୟେକ ବ୍ୟକ୍ତି ଯେତେ ଅଳ୍ପ ହେଲେ ମଧ୍ୟ ସମାନ ପରିମାଣର ପାନୀୟ ଜଳ ପାଇ ପାରିବ ।

'oaob.nitrkl.ac.in' images reprocessed

ପାଣି ମାପିବା ଲାଗି ସେମାନେ ଗୋଟିଏ ଗିନା ବ୍ୟବହାର କରୁଥିଲେ । ଗିନା ଭିତରେ ଖଣ୍ଡେ ପଥର ରଖା ଯାଉଥିଲା । ପାଣି ମହଜୁଦ ରହୁଥିବା ଚମଡ଼ା ମୁଣିରୁ ସେମାନେ ଗିନା ଭିତରକୁ ପାଣି ଅଜାଡ଼ି ଆଣୁଥିଲେ । ଏବଂ, ଗିନାରେ ଥିବା ପଥରଟି ବୁଡ଼ିଯିବା ପର୍ଯ୍ୟନ୍ତ ଯେତକ ପାଣି ଧରୁଥିଲା, ସେତକ ଜଣେ ଲୋକର ଭାଗରେ ପଡ଼ୁଥିଲା ।

ଦଳଟି ଭିତରେ ଥିବା କେବଳ ପ୍ରଧାନ ପ୍ରଧାନ ଲୋକମାନଙ୍କ ଭାଗରେହିଁ କିଛି କିଛି ପାଣି ପଡ଼ୁଥିଲା ।

ଯେତେବେଳେ ଏହିପରି ପ୍ରଥମଥର ପାଇଁ ପାଣିକୁ ବାଣ୍ଟିକରି ଦେଇ ଦିଆଗଲା, କବ୍-ଇବ୍ନ୍-ମାମା ନିଜ ଭାଗରେ ପଡ଼ିଥିବା ପାଣିକୁ ଠିକ୍ ପିଇବାକୁ ଯାଉଥିବା ସମୟରେ ଦେଖିବାକୁ ପାଇଲେ ଯେ ନାମିର୍ ଫିର୍କାର ଜଣେ ଲୋକ ତୃଷ୍ଣାର୍ତ୍ତ ନୟନରେ ତାଙ୍କ ଆଡ଼କୁ ଅନାଇ ରହିଛି । ପାଣି ବାଣ୍ଟି ଦେଉଥିବା ବ୍ୟକ୍ତିକୁ ଡାକ ଦେଇ ସେ କହିଲେ, "ମୋ'ର ଏହି ଭାଇଟିକୁ ମୋ ଭାଗରେ ପଡ଼ିଥିବା ପାଣିତକ ଦେଇଦିଅ ।" ଏପରି କହି ସେ ନାମିର୍ ଫିର୍କାର ସେହି ଲୋକଟି ଆଡ଼କୁ ନିର୍ଦ୍ଦେଶ କରି ଦେଖାଇ ଦେଲେ ।

ସେହି ଲୋକଟି ବିକଳରେ ପାଣିତକ ପିଇ ପକାଇଲା । ଏବଂ କବ୍ ନିଜେ କୌଣସି ପାଣି ପିଇ ପାରିଲେ ନାହିଁ ।

ତହିଁ ଆରଦିନ ମଧ୍ୟ ସେହିପରି ପାଣି ବାଣ୍ଟିକରି ପିଇବାର ସମୟ ଆସି ପହଞ୍ଚିଲା ।

ନାମିର୍ ଫିର୍କାର ସେହି ଲୋକଟି ପୁଣି ସେହିପରି ତୃଷ୍ଣାର୍ତ୍ତ ନୟନରେ ଅନାଇ ରହିଥାଏ । ଏବଂ ଆହୁରି ଥରକ ସକାଶେ କବ୍ "ଭାଇ" ବୋଲି କହୁଥିବା ସେହି ଲୋକଟିକୁ ନିଜର ଭାଗରେ ପଡ଼ିଥିବା ପାଣିକୁ ଦାନ କରି ଦେଇଥିଲେ ।

ମାତ୍ର ଯେତେବେଳେ ଯାତ୍ରୀଶ୍ରେଣୀମାନେ ସେଠାରୁ ଅନ୍ୟତ୍ର ଯିବାକୁ ବାହାରିଲେ, ସେତେବେଳେ ନିଜ ଓଟଟି ଉପରେ ଯାଇ ବସିବାକୁ ମଧ୍ୟ କବ୍ଙ୍କର ଶରୀରରେ ଆଉ କୌଣସି ଶକ୍ତି ନଥିଲା ।

ସିଏ ସେହି ବାଲି ଉପରେ ନିସ୍ତେଜ ହୋଇ ପଡ଼ି ରହିଅନ୍ତି ।

ତୃଷ୍ଣାରେ ପୀଡ଼ିତ ହୋଇ ପ୍ରାଣ ହରାଇବାର ଭୟରେ ଅନ୍ୟମାନେ ସେଠାରେ ଆଉ ଅଧିକ ସମୟ ଅଟକି ରହିବାକୁ ସାହସ କରିପାରିଲେ ନାହିଁ । ପଶୁମାନେ ଯେପରି ତାଙ୍କର କୌଣସି କ୍ଷତି କରି ପାରିବେ ନାହିଁ, ସେଥିଲାଗି

'oaob.nitrkl.ac.in' images reprocessed

ସେମାନେ ତାଙ୍କ ଶରୀର ଉପରେ କମ୍ବଳ ଘୋଡ଼ାଇ ଦେଉଥିଲେ ଓ ତାଙ୍କୁ ସେହିଠାରେ ମୃତ୍ୟୁବରଣ କରିବା ଲାଗି ଛାଡ଼ିଦେଇ ଯାଉଥିଲେ ।

*

ତୁମେମାନେ ଅବଶ୍ୟ ଏହି କଥାଟିକୁ ଦେଖିବାକୁ ପାଉଥିବ ଯେ, ଯେତେବେଳେ ଦୁଃଖ ଅନୁଭୂତ ହୁଏ, ସେତେବେଳେ ଆତ୍ମୀୟ ଓ ନିକଟ ହୋଇ ରହିଥିବା ଆଉଜଣଙ୍କର ହୃଦୟରେ ମଧ୍ୟ ସେହି ଦୁଃଖ ଅନୁଭୂତ ହୋଇଥାଏ । ଯେତେବେଳେ ଦୁର୍ଯ୍ୟୋଧନ ମୃତ୍ୟୁମୁଖରେ ପଡ଼ିଲେ, ସେତେବେଳେ ସମଗ୍ର ପୃଥିବୀ ସେହି ଦୁଃଖରେ ସମଦୁଃଖୀ ହୋଇଥିଲା । ଯେତେବେଳେ ନିଜ ବାପମାଆଙ୍କ ଉପରେ ବିପଦ ଆସନ୍ନ ହୋଇ ଆସିଥିଲା, ସେତେବେଳେ ନାରୀଟି ସେମାନଙ୍କର ପ୍ରାଣରକ୍ଷା ଲାଗି ବାହାରି ଆସିଥିଲା । ଯେତେବେଳେ ନାମିର୍ ଫିର୍‌ଦାର ସେହି ତୃଷାର୍ତ୍ତ ବ୍ୟକ୍ତିଟି ବାଲିରେ ଅନାଇ ରହିଥିଲା, ସେତେବେଳେ ଉଦାରମନା ଆରବ-ମୁଣ୍ଡିଆ ତତ୍‌କ୍ଷଣାତ୍ ନିଜ ବ୍ୟାଗରେ ପଡ଼ିଥିବା ଜଳକୁ ତାଙ୍କୁ ପିଇବାକୁ ଦେଇଥିଲେ ।

ଦୁଃଖ କୌଣସି କାଳବିଳମ୍ବ ନକରି ଦୁଃଖର ଅନୁସରଣ କରେ ଓ ଆନନ୍ଦ ମଧ୍ୟ ଆନନ୍ଦର ପଛେପଛେ ରହିଥାଏ ।

ଯେଉଁ ସ୍ଥଳରେ ସହାନୁଭୂତି ଜାଗ୍ରତ ହେବାରେ ବିଳମ୍ବ ହୁଏ, ସେଠାରେ ଆମେ ସେହି ସହାନୁଭୂତିକୁ ଆଦୌ ସେପରି ଉଚ୍ଚ ମୂଲ୍ୟ ଦେଉ ନାହିଁ ।

ପ୍ରଖ୍ୟାତ କବି ଫିର୍‌ଦୌସୀ ପଦ୍ୟାକାରରେ ପାରସ୍ୟ ରାଜବଂଶର ଇତିହାସ ରଚନା କଲେ ଏବଂ ସୁଲତାନ ମାମୁଦଙ୍କର ସମ୍ମୁଖରେ ତାହାକୁ ଯାଇ ଆବୃତ୍ତି କଲେ । ଏଥିରେ ଅତ୍ୟନ୍ତ ପ୍ରସନ୍ନ ହୋଇ ସୁଲତାନ ବେଶ୍ କେତେଦିନ ଲାଗି କବିଙ୍କୁ ଅତ୍ୟନ୍ତ ଅନୁଗ୍ରହ ପ୍ରଦର୍ଶନ କରିଥିଲେ । ଶାହ୍-ନାମା କାବ୍ୟଟିର ରଚନା କରିବାକୁ ଦୀର୍ଘ ତିରିଶବର୍ଷ ସମୟ ଲାଗିଥିଲା ଏବଂ କାବ୍ୟଟି ସମ୍ପୂର୍ଣ୍ଣ ହେଲେ ସୁଲତାନ କବିଙ୍କୁ ଷାଠିଏ ହଜାର ସୁନାମୋହର ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ସୁଲତାନ ଦରବାର ଫିର୍‌ଦୌସୀଙ୍କୁ ମୋଟେ ଭଲ ପାଉ ନଥିଲେ । ସିଏ ସୁଲତାନଙ୍କ ପାଖରେ ଯାଇ ଫୁସୁଲାଇ କହିଲେ ଯେ ରାଜକୋଷ ପ୍ରାୟ ନିଃଶେଷିତ ହୋଇ ଗଲଣି ଏବଂ କବିଙ୍କୁ ସୁନା ମୋହର ବଦଳରେ ରୌପ୍ୟମୁଦ୍ରା ଦେଲେ ତାହା ଅଧିକ ଯୁକ୍ତିଯୁକ୍ତ ହେବ । ମାମୁଦ ବି ସେହି ଫୁସୁଲାଇବାରେ ଭୁଲିଗଲେ ଏବଂ କେତୋଟି ଥଳିରେ ଷାଠିଏ ହଜାର ରୌପ୍ୟମୁଦ୍ରା ଭର୍ତ୍ତି କରି ଫିର୍‌ଦୌସୀଙ୍କ ପାଖକୁ ପଠାଇଦେଲେ ।

'oaob.nitrkl.ac.in' images reprocessed

ଅଲଗୁଡ଼ିକ ଯାଇ ତାଙ୍କ ଘରେ ପହଞ୍ଚିବା ବେଳକୁ କବି ସ୍ନାନ କରୁଥିଲେ ସୁଲତାନଙ୍କର ଏହି କୌଶଳର ପରିଚୟ ପାଇ ସେ ଏତେବେଶୀ କ୍ରୁଦ୍ଧ ହୋଇ ପଡ଼ିଲେ ଯେ, ଉପହାରଟିକୁ ଗ୍ରହଣ କରିବାକୁ ବି ଆଦୌ ସମ୍ମତ ହେଲେ ନାହିଁ । ବରଂ, ସେହି ମୁଦ୍ରାଗୁଡ଼ିକୁ ଆଣିଥିବା ଦୂତଙ୍କୁ ସେ ସେଥିରୁ କୋଡ଼ିଏ ହଜାରଟି ମୁଦ୍ରା ଦେଲେ, ତାଙ୍କ ସ୍ନାନଗୃହର ତତ୍ତ୍ୱାବଧାରକଙ୍କୁ ଆଉ କୋଡ଼ିଏ ହଜାର ଦେଲେ ଏବଂ ସେଠାରେ ଦୈବକ୍ରମେ ଉପସ୍ଥିତ ଥିବା ସୁରା-ବିକେତାକୁ ବାକି କୋଡ଼ିଏ ହଜାର ଦାନ କରି ଦେଇଥିଲେ ।

ମାମୁଦ୍‌ଙ୍କର କାନରେ ମଧ୍ୟ ଏହି ଅପମାନର ସମ୍ବାଦଟି ଯାଇ ପହଞ୍ଚିଥିଲା ଏବଂ ସେ କବିଙ୍କୁ ହାତୀର ଗୋଡ଼ତଳେ ପକାଇ ହତ୍ୟା କରିବାକୁ ସଙ୍ଗେ ସଙ୍ଗେ ଆଦେଶ ଦେଲେ । ଏହି ସମ୍ବାଦଟି ପାଇ ଫିର୍‌ଦୌସୀ ସଙ୍ଗେ ସଙ୍ଗେ ଦୂରସ୍ଥ ଏକ ସହରକୁ ପଳାୟନ କଲେ । ଶେଷରେ ସେ ଆପଣାର ଜନ୍ମସ୍ଥାନ ତୁସ୍ ସହରରେ ଯାଇ ବାସ କରିବାକୁ ଲାଗିଲେ ।

ଏଣେ ସୁଲତାନ୍ ମଧ୍ୟ ଏପରି ଲଜ୍ଜାପୂର୍ଣ୍ଣ ଭାବରେ କବିଙ୍କ ସହିତ ବ୍ୟବହାର କରିଥିବାରୁ ଅଳ୍ପଦିନ ପରେ ଭାରି ଦୁଃଖିତ ହୋଇଥିଲେ ଏବଂ ପୁନର୍ବାର କବିଙ୍କର ସମ୍ମାନ ଲାଭ କରିବାକୁ ଇଚ୍ଛା ପୋଷଣ କଲେ । ସିଏ ତୁସ୍‌କୁ ଜଣେ ଦୂତଙ୍କୁ ପଠାଇଲେ, ତା'ସହିତ ଷାଠିଏ ହଜାର ସୁନାମୋହର ମଧ୍ୟ ପଠାଇଥିଲେ । ତଦ୍‌ବ୍ୟତୀତ ରେଶମ, ଜରି ଓ ମଖମଲ ପ୍ରଭୃତି ଆହୁରି ଅନେକ ଉପହାର ପ୍ରେରଣ କରିଥିଲେ ।

ମାତ୍ର ଉପହାରଗୁଡ଼ିକ ଯାଇ ପହଞ୍ଚିବାରେ ପ୍ରକୃତରେ ଭାରି ବିଳମ୍ବ ହୋଇ ଯାଇଥିଲା ।

ରାଜାଙ୍କର ଦୂତ ଉପହାରଗୁଡ଼ିକ ଲଦା ହୋଇଥିବା ଓଟମାନଙ୍କୁ ନେଇ ସେଠାରେ ସହରର ଗୋଟିଏ ଫାଟକ ଦେଇ ପ୍ରବେଶ କରୁଥିବା ସମୟରେ ଆଉ ଗୋଟିଏ ଫାଟକ ଦେଇ କବିଙ୍କର ମୃତଶରୀରକୁ ବହନ କରି ଗୋଟିଏ ଶବାଧାର ବାହାରି ଯାଉଥିଲା । ସେମାନେ ସେଇଟିକୁ ସମାଧିସ୍ଥଳକୁ ବୋହି ନେଇ ବାହାରକୁ ଯାଉଥିଲେ ।

*

ଚୀନର ଲୋକମାନେ ସବୁବେଳେ କହୁଥିଲେ, "ଆମ ସମ୍ରାଟ ଜଣେ ଭାରି ନ୍ୟାୟପରାୟଣ ବ୍ୟକ୍ତି । କାରଣ ଗରିବର ଗୁହାରି ଶୁଣିବାକୁ ସେ କେବେହେଲେ ପରାଙ୍‌ମୁଖ ହୁଅନ୍ତି ନାହିଁ ।"

'oaob.nitrkl.ac.in' images reprocessed

ମାତ୍ର, ପରେ ଏପରି ଗୋଟିଏ ସମୟ ଆସିଲା ଯେତେବେଳେ କି ସେହି ଗୁହାରି ଶୁଣିବାକୁ ସେ ପ୍ରକୃତରେ ଅସମର୍ଥ ହୋଇ ପଡ଼ିଲେ । ହଠାତ୍ ସମ୍ରାଟଙ୍କର ଶ୍ରବଣ ଶକ୍ତି ଲୁପ୍ତ ହୋଇଗଲା । ତା'ପରେ ଆଉ ସିଏ ଚଢ଼େଇମାନଙ୍କର ସଙ୍ଗୀତ ଶୁଣି ପାରିଲେ ନାହିଁ, ପବନର ମର୍ମର ଶୁଣି ପାରିଲେ ନାହିଁ ବା ଲୋକମାନଙ୍କର କଥା ମଧ୍ୟ ଶୁଣି ପାରିଲେ ନାହିଁ ।

ସମ୍ରାଟ ଖାଲି କାନ୍ଦିବାକୁ ଲାଗିଲେ, ଏବଂ ତାଙ୍କ ସଭାରେ ଥିବା ସାମନ୍ତ ଏବଂ ଉଚ୍ଚ କର୍ମଚାରୀମାନେ ତାଙ୍କୁ ଇସାରା ଦ୍ୱାରା ଓ କାଗଜ ଉପରେ ନାନା କଥା ଲେଖି ଅନେକ ସାନ୍ତ୍ୱନା ଦେଲେ ଏବଂ ଏତେବେଶୀ ଦୁଃଖିତ ହୋଇ ନପଡ଼ିବାକୁ ତାଙ୍କ ପାଖରେ ଅନୁନୟ କରିବାକୁ ଲାଗିଲେ ।

ସମ୍ରାଟ ସେମାନଙ୍କୁ କହିଲେ, "ଆପଣମାନେ ବୁଝନ୍ତୁ ନାହିଁ ଯେ ମୁଁ ନିଜ ପାଇଁ ଅଥବା ଏହି ଅସମର୍ଥତା ଦ୍ୱାରା ମୋର କୌଣସି କଷ୍ଟ ହେଉଛି ବୋଲି ମୁଁ ଏତେ ବେଶୀ ଦୁଃଖିତ ହେଉଛି, ଏଣିକି ଯେ ମୁଁ ଆଉ ଦୁଃଖୀମାନଙ୍କର କୌଣସି ଗୁହାରି ଶୁଣିବାକୁ ସମର୍ଥ ହେବି ନାହିଁ, ସେହି କଥାହିଁ ମୋତେ ଅତିଶୟ ଦୁଃଖ ଦେଉଛି ।"

ତା'ପରେ କେହି ଆଉ କିଛି କହିଲେ ନାହିଁ । ସମ୍ରାଟଙ୍କୁ କିପରି ସାନ୍ତ୍ୱନା ଦେବାକୁ ହେବ, ସେମାନେ ତାହାର କୌଣସି ଉପାୟ ବି ଖୋଜି ପାଇଲେ ନାହିଁ ।

ପରେ ସ୍ୱୟଂ ସମ୍ରାଟ ହଠାତ୍ କହିବାକୁ ଆରମ୍ଭ କଲେ, "ଏଥର ଗୋଟିଏ ଉପାୟ ଆସି ମିଳିଲା । ମୋର ପ୍ରଜାମାନଙ୍କୁ ଯାଇ କହିଦିଅ ଯେ ମୋର ସାହାଯ୍ୟ ଆବଶ୍ୟକ ନଥିବା ପର୍ଯ୍ୟନ୍ତ ସେମାନେ କେବେହେଲେ ନାଲିରଙ୍ଗର ପୋଷାକ ପିନ୍ଧିବେ ନାହିଁ । ତେଣୁ, କୌଣସି ସ୍ତ୍ରୀ ଅଥବା ପୁରୁଷଙ୍କୁ ନାଲି ପୋଷାକ ପିନ୍ଧି-ଥିବାର ଦେଖିଲେ ମୁଁ ସଙ୍ଗେ ସଙ୍ଗେ ଜାଣିପାରିବି ଯେ ସିଏ ମୋ ପାଖକୁ କିଛି ଗୁହାରି କରିବା ଲାଗି ଆସିଛି । ସେତେବେଳେ ମୋର ଏହି ବଧିର କାନଗୁଡ଼ାକ ସେହି ଗୁହାରିକୁ ନିଶ୍ଚୟ ଶୁଣିବେ ଏବଂ ଦୁଃଖରେ ପଡ଼ିଥିବା ବ୍ୟକ୍ତିକୁ ଯେପରି ଆବଶ୍ୟକ ସହାୟତା ଦିଆଯାଏ, ମୁଁ ସେକଥା ଅବଶ୍ୟ ଦେଖିବି ।"

ନିଜେ ବଧିର ହୋଇଯିବା ପରେ ମଧ୍ୟ ଦୟାଳୁ ସମ୍ରାଟ ତଥାପି ଆପଣାର କାର୍ଯ୍ୟ କରିବାକୁ ନିବୃତ୍ତ ହୋଇ ନଥିଲେ । ଦରିଦ୍ର ଓ ଅଭାବଗ୍ରସ୍ତ ଲୋକମାନଙ୍କର କାମରେ ଆସିବା ଲାଗି ସେ ସଙ୍ଗେ ସଙ୍ଗେ ଗୋଟିଏ ନୂତନ ଉପାୟ ବାହାର କରି ପାରିଥିଲେ । ହଁ, ସେମାନଙ୍କୁ ଚିହ୍ନି ସେମାନଙ୍କ କାମରେ ଆସିବା ଲାଗି,—କାରଣ, ଦୁଃଖରେ ପଡ଼ିଥିବା ବ୍ୟକ୍ତିମାନେ ତା'ପାଖକୁ ଆସିବା ପର୍ଯ୍ୟନ୍ତ ଜଣେ ଉଦାରମନା

'oaob.nitrkl.ac.in' images reprocessed

ଲୋକ କଦାପି ଅପେକ୍ଷା କରି ରହେ ନାହିଁ; ସିଏ ନିଜେ ଦୁଃଖୀ ଲୋକମାନଙ୍କୁ ଖୋଜି ସେମାନଙ୍କ ପାଖକୁ ଯାଏ ଓ ସେମାନଙ୍କର କାମରେ ଆସେ ।

❊

କେତେଗୁଡ଼ିଏ ଭଲ କାମ କରିବେ ବୋଲି କେତେଜଣ ହିନ୍ଦୁ ଦେବସମାଜ ନାମରେ ଗୋଟିଏ ଅନୁଷ୍ଠାନ ଗଠନ କଲେ । ସେମାନଙ୍କର୍ ମାସିକ ପତ୍ରିକାରେ ଏହିସବୁ କଥା ପ୍ରକାଶ ପାଉଥିଲ ।

ପେଶଓ୍ୱାରରୁ : ଦୁଇଜଣ ମହିଳା ଦିନକୁ ଦୁଇଘଣ୍ଟା କରି କେତେକ ସ୍ତ୍ରୀ ଲୋକ ଓ ପିଲାଙ୍କୁ ହିନ୍ଦୀ ପଢ଼ାଉଛନ୍ତି । ରୋଗୀମାନଙ୍କର ଘର କିଂବା ଡାକ୍ତର-ଖାନାକୁ ଯାଇ କେତେ ଲୋକ ସେମାନଙ୍କର ଶୁଶ୍ରୂଷା କରିଛନ୍ତି । ସେମାନେ ଗୋସେବା ମଧ କରିଛନ୍ତି ଓ ରାସ୍ତା ଉପରେ ପଡ଼ିଥିବା ଭଙ୍ଗା କାଚଖଣ୍ଡଗୁଡ଼ିକୁ ଉଠାଇ ଆଣିଛନ୍ତି ।

ମୋଗାରୁ : ଦୁଇଜଣ ମହିଳା ବାଳିକାମାନଙ୍କୁ ହିନ୍ଦୀ ପଢ଼ାଉଛନ୍ତି । ପୁରୁଷମାନେ ପଶୁମାନଙ୍କୁ ଖାଇବାକୁ ଦେଉଛନ୍ତି ଓ ବୃକ୍ଷରୋପଣ କରିଛନ୍ତି । ଅନୁଷ୍ଠାନର ଜଣେ ସଭ୍ୟ ଜଣେ ଶ୍ରମିକରମଣୀକୁ ମାଗଣାରେ ପାଠ ପଢ଼ାଉଛନ୍ତି ।

ଫିରୋଜ୍‌ପୁରରୁ : ଆଠଜଣ ମହିଳା ରୋଗୀସେବା କରିଛନ୍ତି; ବାଳକ-ମାନେ ବୁଢ଼ା ଏବଂ ଗୋଡ଼ ଖୋଟା ହୋଇ ଯାଇଥିବା ଗୋରୁମାନଙ୍କର ସେବା କରିଛନ୍ତି, ଅନ୍ଧମାନଙ୍କୁ ବାଟ ଦେଖାଇ ନେଇଛନ୍ତି, ଗଛମାନଙ୍କରେ ପାଣି ଦେଇଛନ୍ତି । ଆଉଜଣେ ସଭ୍ୟ ରାସ୍ତାଉପରେ ଜଣେ ବ୍ୟକ୍ତିକୁ ଅସହାୟ ଅବସ୍ଥାରେ ପଡ଼ିଥିବାର ଦେଖି ତାଙ୍କୁ ଏକ ଡାକ୍ତରଖାନାକୁ ନେଇ ତାଙ୍କର ଚିକିତ୍ସା କରାଇଛନ୍ତି । କୌଣସି ଗାଡ଼ି ଦୁର୍ଘଟନାରେ ସେ ସେଠାରେ ଆହତ ହୋଇ ପଡ଼ିଥିଲେ । ଆଉ ଜଣେ ସଦସ୍ୟ କେତେକ ଗାଆଁକୁ ଯାଇ କେତେକ ଅସବର୍ଣ୍ଣ ଦରିଦ୍ର ଲୋକଙ୍କୁ ପରିଷ୍କାର-ପରିଚ୍ଛନ୍ନତା ବିଷୟରେ ଶିକ୍ଷା ଦେଇଛନ୍ତି ।

ସିଆଲକୋଟ୍‌ରୁ : ଜଣେ ବିଧବା ଆପଣାର ଏକମାତ୍ର ପୁତ୍ରକୁ ହରାଇ-ଥିବା ଆଉଜଣେ ବିଧବାଙ୍କ ଘରକୁ ଯାଇଛନ୍ତି, ତାଙ୍କପାଖରେ ବସି କିଛି ପଢ଼ିଛନ୍ତି ଓ ତାଙ୍କୁ ସାନ୍ତ୍ୱନା ଦେଇ ତାଙ୍କ ସହିତ କଥାବାର୍ତ୍ତା କରିଛନ୍ତି ।

ତୁମେମାନେ ଦେଖି ପାରୁଥିବ ଯେ ଏଗୁଡ଼ିକ ମଧ୍ୟରୁ କେତେକ କ୍ଷେତ୍ରରେ ଦୟାଳୁତା ଆପଣାକୁ ଶିକ୍ଷାଦାନର ମଧ୍ୟଦେଇ ପ୍ରକାଶିତ କରିଛି । ଅଜ୍ଞାନ ଦେଖିଲେ ଜଣେ ଶିକ୍ଷକର ହୃଦୟ ସ୍ୱଭାବତଃ ବିଗଳିତ ହୋଇଯାଏ : ଆଉଜଣେ ବ୍ୟକ୍ତି ଲାଗି ଜ୍ଞାନର ଆବଶ୍ୟକତା ରହିଥାଏ ଏବଂ ସିଏ ସେହି ଜ୍ଞାନକୁ ଦେବା ଲାଗି ପ୍ରସ୍ତୁତ ହୋଇଯାଏ । ଏବଂ, ଅନ୍ନ, ଜଳ ବା ବସ୍ତ୍ର ପରି ଆମେ ଜ୍ଞାନକୁ ମଧ୍ୟ ଏପରି ଏକ

'oaob.nitrkl.ac.in' images reprocessed

ବସ୍ତୁର ଦାନ ବୋଲି ମନେକରି ପାରିବା, ଯାହାକି ଜଣେ ମଣିଷ ଦ୍ୱାରା ଆଉଜଣେ ମଣିଷକୁ ପ୍ରଦାନ କରା ଯାଇପାରେ ।

*

ମହାପ୍ରଭୁ ରାମଚନ୍ଦ୍ର ଅତ୍ୟନ୍ତ ଧୀରତ୍ୱ ଏବଂ ପାରଦର୍ଶିତା ସହିତ ଶିକାର କରି ପାରୁଥିଲେ । ଶିକ୍ଷା-ଦାନରେ ମଧ୍ୟ ତାଙ୍କର ସେହିପରି ଅମିତ ଶକ୍ତି ଓ ପାରଦର୍ଶିତା ରହିଥିଲା । ଶିକାର କରିବା ସକାଶେ ବନକୁ ଯାଉଥିବା ବେଳେ ସେ ଆପଣାର ଜଣେ ଭାଇକୁ ସାଙ୍ଗରେ ନେଇ ଯାଉଥିଲେ । ଯେତେବେଳେ ସେ ବିଶ୍ରାମ ନେଉ-ଥିଲେ ବା ଭୋଜନ କରୁଥିଲେ, ସେତେବେଳେ ତାଙ୍କର ସେହି ସାନଭାଇଟି ମଧ୍ୟ ତାଙ୍କ ପାଖରେ ବସି ଭୋଜନ କରୁଥିଲେ । ଯେତେବେଳେ ବୀର ରାମଚନ୍ଦ୍ର ଅଧ୍ୟୟନ ଲାଗି ଗୁରୁଗୃହକୁ ଯାଉଥିଲେ, ଅନ୍ୟମାନେ କୌଣସି ଖେଳକୁ ଖେଳିଶିଖିଲା ପରି କିଂବା କୌଣସି ଗୀତକୁ ଗାଇଶିଖିଲା ପରି ସେ ଗୁରୁବେଦର ଅଧ୍ୟୟନ କରୁଥିଲେ । ବେଦ ଓ ପୁରାଣରେ ପାରଦର୍ଶିତା ଲାଭକଲା ପରେ ସିଏ ସେହି ସବୁ ବାଣୀଗୁଡ଼ିକୁ ଆଉ କେବଳ ନିଜ ଭିତରେ ଗୁପ୍ତ କରି ରଖିବାକୁ ମୋଟେ ଇଚ୍ଛା କରୁ ନଥିଲେ । ସିଏ ସେଗୁଡ଼ିକୁ ପାଖରେ ଥିବା ଆପଣାର ଭାଇକୁ ମଧ୍ୟ ଶିକ୍ଷା ଦେଉଥିଲେ ।

ସ୍ୱୟଂ ବଂଶୀ ଆପଣାର ଜ୍ଞାନରେ ଆନ୍ଦୋଳିତ ଭାଗୀ କରାଉଥିଲା ପରି କୌଣସି ସୁସମ୍ବାଦରେ ମଧ୍ୟ ଆଉଜଣକୁ ଭାଗୀ କରାଇବା ଲାଗି ସିଏ ଅତ୍ୟନ୍ତ ଆନନ୍ଦ ପାଉଥାଏ । ଉଦାହରଣସ୍ୱରୂପ, ଅନ୍ୟମାନଙ୍କୁ ଆନନ୍ଦ ଆଣି ଦେବା ସମୟରେ ହନୁମାନ୍ ପ୍ରକୃତରେ କେତେ ଆନନ୍ଦ ଅନୁଭବ କରୁ ନଥିଲା ! ଶୁଣ ।

ପ୍ରଭୁ ରାମଙ୍କର ଭାଇ ଉଦାରମନା ଭରତ ରାମ ନିର୍ବାସିତ ହୋଇ ବନବାସ କରୁଥିବା ସମୟରେ ଅଯୋଧ୍ୟାରେ ଚଉଦବର୍ଷ କାଳ ଅପେକ୍ଷା କରି ରହିଥିଲେ । ସର୍ବସୌନ୍ଦର୍ଯ୍ୟମୟ ରାମ ଅରଣ୍ୟରେ ବୁଲିଲେ, ଯୁଦ୍ଧର ଭୟାବହତାକୁ ମଧ୍ୟ ଅଙ୍ଗେ ନିଭାଇଲେ । ମାତ୍ର ଭରତଙ୍କୁ ନିଜ ଭାଇଙ୍କର ଏହିସବୁ ଦୁର୍ଦ୍ଦଶା ବିଷୟରେ କିଛି ଜଣା ନଥିଲା । ଚଉଦ ବରଷର ସର୍ବଶେଷ ବର୍ଷଟି ପୂରି ଆସୁଥିବା ସମୟରେ ଅବେ ଭରତ ଆଉ କେବେହେଲେ ରାମଙ୍କର ମୁଖଦର୍ଶନ କରି ପାରିବେ ନାହିଁ ବୋଲି ଗଭୀର ଭାବରେ ଶୋକାକୁଳ ହୋଇ ରହିଥିଲେ । କାରଣ ସେ ରାମଚନ୍ଦ୍ରଙ୍କର କୌଣସି ସମ୍ବାଦ ପାଇ ନଥିଲେ ।

ଆଉ ଦିନକ ପରେ ଚଉଦ ବର୍ଷ ପୂରି ଯାଇଥାନ୍ତା ।

ଭରତ କୁଶାସନରେ ଉପବିଷ୍ଟ ଅଛନ୍ତି, ତାଙ୍କର ମୁଣ୍ଡର ବାଳ ଜଟା ପାଲଟି ଯାଇଛି, ଶରୀର କୃଶ ହୋଇ ପଡ଼ିଛି,— ଏବଂ ସେ ମନେ ମନେ ଦୀର୍ଘଶ୍ୱାସ ପକାଇ ଭାବୁଥିଲେ :

'oaob.nitrkl.ac.in' images reprocessed

"ହେ ରାମ, ହେ ରଘୁପତି।"

ସେତିକିବେଳେ ବାନରରାଜ ହନୁମାନ ଆସି ତାଙ୍କ ଆଗରେ ଦଣ୍ଡାୟମାନ ହେଲା। ଲଙ୍କାର ଯୁଦ୍ଧରେ ସେହି ହନୁମାନ୍ କେତେ ବିଶ୍ୱସ୍ତ ଓ ଅନୁରକ୍ତ ଭାବରେ ରାମଚନ୍ଦ୍ରଙ୍କର ସେବା କରିଥିଲା।

ହନୁମାନ୍ ଶୁଭସମ୍ବାଦ ନେଇ ଆସିଥିଲା ଏବଂ ସେହି ସମ୍ବାଦଟିକୁ ବହନ କରି ଆଣିବାରେ ସେ ଏତେ ଖୁସି ହୋଇ ରହିଥିଲା ଯେ ତା'ର ଆଖି ଲୁହରେ ଛଳଛଳ ହୋଇ ଉଠୁଥିଲା, ଏବଂ ଆପଣାର ହୃଦୟ ଭିତରେ ଭରତଙ୍କର ଦୁଃଖକୁ ଆନନ୍ଦରେ ରୂପାନ୍ତରିତ କରିଦେବାକୁ ଯାଉ ଥିବାରୁ ଭୁବନମୟ ଆନନ୍ଦ ଅନୁଭବ କରୁଥିଲା। ସେ ଭରତଙ୍କୁ କହିଲା:

"ଯାହାଙ୍କ ସକାଶେ ତୁମେ ବନବାସ ଶୋକାକୁଳ ହୋଇ ରହିଛ, ସିଏ ନିରାପଦରେ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ସେ ଯୁଦ୍ଧ କରି ଶତ୍ରୁ ଉପରେ ବିଜୟ ହାସଲ କରିଛନ୍ତି ଓ ସ୍ୱର୍ଗରୁ ଦେବତାମାନେ ତାଙ୍କର ସ୍ତୁତିଗାନ କରିବାର ମଧ୍ୟ ଶ୍ରବଣ କରିଛନ୍ତି। ଏବଂ ବର୍ତ୍ତମାନ ମହାପ୍ରଭୁ ସୀତା ଓ ଭାଇଙ୍କ ସହିତ ଗୃହକୁ ଫେରିଆସୁଛନ୍ତି।"

ଭରତ ଏକଥା ଶୁଣି ତାଙ୍କର ଅନ୍ତରର ଶୋକକୁ ଭୁଲିଯାଇଥିଲେ।

"ତୁମେ କିଏ, କିଏ ତୁମେ ମୋ' ଲାଗି ଏହି ଶୁଭସମ୍ବାଦଟି ନେଇ ଆସିଛ?"

"ମୁଁ ପବନକୁମାର ହନୁମାନ୍। ମୁଁ ଏକ ବାନର ହୋଇଥିଲେ ମଧ୍ୟ ରଘୁପତି ରାମଙ୍କର ଜଣେ ସେବକ।"

ଭରତ ହନୁମାନଙ୍କୁ ଆଲିଙ୍ଗନ କଲେ।

କହିଲେ, "ମୋତେ ତୁମେ ସବୁ ବୃତ୍ତାନ୍ତ କହ।"

ଏବଂ ହନୁମାନ୍ ତାଙ୍କୁ ସକଳ ବୃତ୍ତାନ୍ତ କହିଥିଲା। ଏହି ଶୁଭସମ୍ବାଦଟିକୁ ବହନ କରି ଆଣିଥିବାରୁ ସିଏ ଶତାଗୁଣିତ ଭାବରେ ଆନନ୍ଦ ଅନୁଭବ କରୁଥିଲା। ଏକଦା ଅତ୍ୟନ୍ତ ଦୁଃଖପୂର୍ଣ୍ଣ ହୋଇ ରହିଥିବା ଭରତଙ୍କର ବିଷଣ୍ଣ ମୁଖମଣ୍ଡଳରେ ପୁନର୍ବାର ଜୀବନର ସଞ୍ଚାର ହୋଇ ଆସିବା ଦେଖି ତା'ର ଅଉ ଆନନ୍ଦର ସୀମା ରହିଲା ନାହିଁ।

*

ମଣିଷର ହୃଦୟ କ'ଣ କେବଳ ମଣିଷ ପ୍ରତି ଦୟାପ୍ରଦର୍ଶନ କରିଥାଏ? ନାହିଁ,—କୌଣସି ଅନ୍ୟ ପ୍ରାଣୀର ଦୁଃଖରେ ମଧ୍ୟ ସେ ସମଦୁଃଖୀ ହୋଇଥାଏ ଏବଂ ତାହାର ଆନନ୍ଦରେ ଆନନ୍ଦ ପ୍ରକାଶ କରିଥାଏ।

ଥରେ ଲୋକମାନେ ଜଣେ ସ୍ତ୍ରୀଲୋକକୁ ଖୁବ ଘୃଣା କରୁଥିଲେ। ସେମାନେ ତାକୁ ପାପାଚାରିଣୀ ବୋଲି କହୁଥିଲେ।

'oaob.nitrkl.ac.in' images reprocessed

ସେହି ପାପାଗ୍ରଣୀ ଥରେ ଦେଖିଲା ଯେ ଗୋଟିଏ କୁକୁର ଭୟଙ୍କର ତୃଷାରେ ପୀଡ଼ିତ ହୋଇ ରହିଥିଲା, ତା'ର ଜିଭ ବାହାରକୁ ଝୁଲି ପଡ଼ିଥିଲା । ସିଏ ପ୍ରାୟ ମୁମୂର୍ଷୁ ହୋଇ ରହିଥିଲା । ଆଉ କୌଣସି ପ୍ରକାର ଶବ୍ଦ କରି ନପାରି ବିଚରା ପ୍ରାଣୀଟି କିଛି ପିଇବ ବୋଲି ଖୋଜି ବୁଲୁଥିଲା ।

ସେହି ପାପାଗ୍ରଣୀ ନିଜ ଗୋଡ଼ରୁ ଜୋତାଟିକୁ କାଢ଼ିଲା, ପାଖରେ ଥିବା ଗୋଟିଏ କୂଅରେ ନେଇ ସେଇଟିକୁ ବୁଡ଼ାଇଦେଲା ଓ ଏହିପରି ଭାବରେ ସେଥିରେ କିଛି ପାଣି ଆଣି କୁକୁରକୁ ପିଇବାକୁ ଦେଇଥିଲା । କୁକୁରର ଜୀବନରକ୍ଷା ହେଲା ।

ଏହାପରେ ସେହି ସ୍ତ୍ରୀଲୋକଟି ପ୍ରତି ଲୋକମାନଙ୍କର ମତ ବି ବଦଳି ଯାଇଥିଲା ।

ସେମାନେ କହିଲେ, "ଭଗବାନ ଏହି ସ୍ତ୍ରୀଲୋକଟିର ପାପକୁ କ୍ଷମା କରି ଦେଇଛନ୍ତି ।"

ସିଏ ହୁଏତ ପାପାଗ୍ରଣୀ ହୋଇଥାଇପାରେ, ମାତ୍ର ସିଏ ମାନବୀୟ ସଦୟହୃଦୟତାର ଅର୍ଥକୁ ଅବଶ୍ୟ ବୁଝିପାରୁଥିଲା ।

*

ଏବଂ ତା'ପରେ :

ଥରେ ଜଣେ ଲୋକ ପୟଗମ୍ବର ମହମ୍ମଦଙ୍କ ପାଖକୁ ଆସିଥିଲା ଏବଂ ଗୋଟିଏ ଗାମୁଛାରେ ଗୁଡ଼ିଆ ହୋଇ ରହିଥିବା ବସାଏ ଚଢ଼େଇଛୁଆ ଆଣି ତାଙ୍କୁ ଦେଖାଇଥିଲା ।

ସେ ପୟଗମ୍ବରଙ୍କୁ ଆସି କହିଲା, "ଜଙ୍ଗଲ ବାଟ ହୋଇ ଆସୁଆସୁ ମୁଁ ଏହି ଚଢ଼େଇଗୁଡ଼ିକୁ ପାଇଲି । ବସା ଭିତରେ ଏହି ଛୁଆଗୁଡ଼ିକ ଚେଁ ଚୁଁ କରୁଥିଲେ । ତାହା ଶୁଣି ମୁଁ ଗଛ ଉପରେ ଯାଇ ଖୋଜିଲି ଓ ଏହି ବସାଟିକୁ ପାଇଲି ।"

"ବସାଟିକୁ ତୁମେ ତଳେ ରଖିଦିଅ," —ପୟଗମ୍ବର କହିଲେ, ସଙ୍ଗେ ସଙ୍ଗେ ଚଢ଼େଇର ମା'ଟି କୁଆଡ଼ୁ ଉଡ଼ି ଆସି ବସାଟିର ମୁହଁ ପାଖରେ ଆସି ବସିଗଲା । ଆପଣାର ଛୁଆଗୁଡ଼ିକୁ ପୁଣି ଦେଖିବାକୁ ପାଇ ସେ ଖୁବ୍ ଖୁସି ହୋଇ ଯାଇଥିଲା ।

ମହମ୍ମଦ ଆଦେଶ ଦେଲେ, "ବସାଟି ଯେଉଁଠାରେ ଥିଲା, ତୁମେ ତାକୁ ପୁନର୍ବାର ସେହିଠାରେ ନେଇ ରଖିଦିଅ । ତା'ପରେ ସେ ପୁଣି କହିଲେ :

"ପ୍ରାଣୀମାନଙ୍କ ପ୍ରତି ଦୟା ରଖିବା ଉଚିତ । ତୁମକୁ ବୋହିନେବା ଲାଗି ସେମାନଙ୍କ ଭିତରେ ଯଥେଷ୍ଟ ଶକ୍ତି ରହିଥିବା ସମୟରେ ତୁମେ ସେମାନଙ୍କୁ ବାହନ

'oaob.nitrkl.ac.in' images reprocessed

ରୂପେ ବ୍ୟବହାର କରିପାରି । କିନ୍ତୁ ସେମାନେ କ୍ଳାନ୍ତ ହୋଇ ପଡ଼ିଲେ ସେମାନଙ୍କ ପିଠିରୁ ଓହ୍ଲାଇଯିବା ଉଚିତ । ସେମାନଙ୍କୁ ଶୋଷ କରୁଥିବା ସମୟରେ ପିଇବାକୁ ପାଣି ଆଣିଦେବା ବି ଉଚିତ ।"

ଇସଲାମ ଧର୍ମର ଗ୍ରନ୍ଥବିବରଣରେ ଗୋଟିଏ ସ୍ଥାନରେ କୁହାଯାଇଛି ଯେ ଥରେ ସ୍ୱର୍ଗର ଦୂତମାନେ ଭଗବାନଙ୍କୁ ଆସି କହିଲେ :

"ଭଗବାନ୍, ଜଗତରେ ପ୍ରସ୍ତରଠାରୁ ମଧ୍ୟ ଅଧିକ ଟାଣ ଜିନିଷ ଅଛି କି ?"

ଭଗବାନ୍ ଉତ୍ତର ଦେଇ କହିଲେ, "ହଁ, ଲୁହା ପଥରଠାରୁ ଅଧିକ ଟାଣ । କାରଣ ଲୁହା ପଥରକୁ ମଧ୍ୟ ଭାଙ୍ଗିଦିଏ ।"

"ଲୁହାଠାରୁ ବି ଆହୁରି ଅଧିକ ଟାଣ ଜିନିଷ କିଛି ଅଛି ?"

"ହଁ, ନିଆଁ ଲୁହାଠାରୁ ଅଧିକ ଟାଣ । ନିଆଁ ଲୁହାକୁ ତରଳାଇ ଦିଏ ।"

"ପୁଣି ନିଆଁଠାରୁ ବି ଅଧିକ ଶକ୍ତିଶାଳୀ ଜିନିଷ କିଛି ଅଛି ?"

"ହଁ, ପାଣି । ପାଣି ନିଆଁକୁ ଲିଭାଇଦିଏ ।"

"ପୁଣି ପାଣିଠାରୁ ଅଧିକ ଶକ୍ତିଶାଳୀ କିଏ ?"

"ପାଣିଠାରୁ ଅଧିକ ଶକ୍ତିଶାଳୀ ପବନ, କାରଣ ପବନ ପାଣି ଉପରେ ତରଙ୍ଗ ସୃଷ୍ଟି କରେ ।"

"ପୁଣି ପବନଠାରୁ ଅଧିକ ଶକ୍ତିଶାଳୀ କିଛି ଅଛି ?"

"ହଁ, ଯେଉଁ ଦୟାଶୀଳ ହୃଦୟ କୌଣସି ପ୍ରକାର ପ୍ରଚାର ନକରି ଭିକ୍ଷା-ଦାନ କରେ, ଡାହାଣ ହାତ କରୁଥିବା କାମକୁ ବାଆଁ ହାତକୁ ମଧ୍ୟ ଜାଣିବାକୁ ଦିଏ ନାହିଁ, ତାହା ଆହୁରି ଶକ୍ତିଶାଳୀ ।"

ଅବଶ୍ୟ ଏକଥା ଆଦୌ ଠିକ୍ ନୁହେଁ ଯେ ଭିକ୍ଷା ଦେବା ହେଉଛି ଆଜିକାଲି ଦୟାଶୀଳ ହେବାର ଏକ ପ୍ରଧାନ ଉପାୟ । ଏକଥା ଅବଶ୍ୟ ଠିକ୍ ଯେ ସଦୟ ହୋଇ ଆମେ ଆମର ପଡ଼ୋଶୀକୁ ନିଶ୍ଚୟ କୌଣସି ପଦାର୍ଥ ଦାନ କରି ପାରିବା ଓ ତାକୁ ସାହାଯ୍ୟ କରିପାରିବା । ମାତ୍ର, କଥାଟିରୁ ଏତିକି ଜଣାପଡ଼ୁଛି ଯେ, କୌଣସି ଗୋଟିଏ ଜିନିଷ ଦାନ କରି ଅଥବା ଅନ୍ୟ କୌଣସି ଉପାୟରେ ଆପଣାକୁ ଅଭିବ୍ୟକ୍ତ କରି ଦୟାଶୀଳତାର ଶକ୍ତି ଅନ୍ୟମାନଙ୍କର ସ୍ନେହ ଏବଂ ବନ୍ଧୁତା ଅର୍ଜନ କରିବା ଦିଗରେ ନିଶ୍ଚୟ ଏହି ପୃଥିବୀରେ ସର୍ବୋଚ୍ଚ ଶକ୍ତିରୂପେ ପ୍ରମାଣିତ ହୋଇପାରିବ ।

ଅନ୍ୟମାନଙ୍କର ଦୁଃଖ ଦୂଃଖକୁ ଜାଗ୍ରତ କରି ଆଣିଥାଏ, ସେମାନଙ୍କର ଆନନ୍ଦ ମଧ୍ୟ ଆନନ୍ଦର ଉଦ୍‌ବୋଧନ କରାଇଥାଏ ।

ସହାନୁଭୂତିର ଏହିସବୁ ମହିମାନ୍ୱିତ ପ୍ରକୃତି ବିଷୟରେ ଆମେ ଅବହିତ ହୋଇ ରହିବା ।

'oaob.nitrkl.ac.in' images reprocessed